# ଗୀତା-ନିବନ୍ଧମାଳା

## (ପ୍ରଥମ ଅନୁକ୍ରମ)

# ପ୍ରକାଶକଙ୍କ ଟିପ୍ପଣୀ

ଗୀତାର ମହତ୍ତ୍ୱ ଅନନ୍ୟ । ଶ୍ରୀଅରବିନ୍ଦଙ୍କ ଭାଷାରେ, ''ଆଧ୍ୟାତ୍ମିକ ଜୀବନ ନିମିତ୍ତ ପ୍ରୟୋଜନୀୟ ଯାବତୀୟ ଆଧ୍ୟାତ୍ମିକ-ସତ୍ୟ ଗୀତା ଗ୍ରନ୍ଥରୁ ମିଳିଥାଏ ।... ପୃଥିବୀର ପ୍ରଧାନ ଧର୍ମଶାସ୍ତ୍ରଗୁଡ଼ିକ ମଧ୍ୟରେ ଏହା ଅନ୍ୟତମ ଶାସ୍ତ୍ର ରୂପେ ଭାରତ ବାହାରେ ମଧ୍ୟ ସାର୍ବଜନୀନ ଭାବେ ସ୍ୱୀକୃତ ହୋଇଛି ।''

ଏଠାରେ ସୂଚନାଯୋଗ୍ୟ ଯେ ଶ୍ରୀଅରବିନ୍ଦଙ୍କ ରଚିତ "Essays on the Gita"ର ପ୍ରଥମ ପର୍ଯ୍ୟାୟ ଆର୍ଯ୍ୟ ପତ୍ରିକାରେ ଅଗଷ୍ଟ ୧୯୧୬ରୁ ଜୁଲାଇ ୧୯୧୮ ପର୍ଯ୍ୟନ୍ତ ଧାରାବାହିକ ରୂପେ ପ୍ରକାଶିତ ହେଉଥିଲା, ଯାହାର ସଂଶୋଧିତ କଳେବର ୧୯୨୨ ମସିହାରେ ପ୍ରଥମ କରି ପୁସ୍ତକ ରୂପେ ପ୍ରକାଶ ପାଇଲା ।

ଏହାର ଦ୍ୱିତୀୟ ପର୍ଯ୍ୟାୟ ଅଗଷ୍ଟ ୧୯୧୮ରୁ ଜୁଲାଇ ୧୯୨୦ ପର୍ଯ୍ୟନ୍ତ ପୁନର୍ବାର ଧାରାବାହିକ ରୂପେ ଆର୍ଯ୍ୟ ପତ୍ରିକାରେ ପ୍ରକାଶିତ ହୋଇ ୧୯୨୮ ମସିହାରେ ପୂର୍ବପ୍ରକାଶନର ବର୍ଦ୍ଧିତ ଓ ସଂଶୋଧିତ କଳେବର ରୂପେ ପୁସ୍ତକୀକୃତ ହେଲା ।

ଉଭୟ ପର୍ଯ୍ୟାୟର ଯୁଗ୍ମ କଳେବର ହେଉଛି ୧୯୭୦ ମସିହାରେ ପ୍ରକାଶିତ SABCLର ତ୍ରୟୋଦଶ ଖଣ୍ଡ; ଯାହାର ଓଡ଼ିଆ ଅନୁବାଦ ''ଗୀତା-ନିବନ୍ଧମାଳା'' ନବଜ୍ୟୋତି ପବ୍ଲିକେଶନ ତରଫରୁ ୧୯୭୨ ମସିହାରେ ପ୍ରକାଶିତ ହୋଇଥିଲା । ଅଧୁନା ପ୍ରକାଶିତ ଗ୍ରନ୍ଥଟି ପୂର୍ବ ପ୍ରକାଶିତ ଗ୍ରନ୍ଥର ପୁନର୍ମୁଦ୍ରଣ ମାତ୍ର ।



One sees it as a mystery or one speaks of it or hears of it as a mystery, but none knows it.

(Gita, II. 29)

କେହି ଆତ୍ମାଙ୍କୁ ଆଶ୍ଚର୍ଯ୍ୟବତ୍ ଦେଖନ୍ତି, କେହି ଏହାଙ୍କୁ ଆଶ୍ଚର୍ଯ୍ୟ ରୂପରେ ବର୍ଣ୍ଣନା କରନ୍ତି, ପୁଣି କେହି ଏହାଙ୍କୁ ଆଶ୍ଚର୍ଯ୍ୟବତ୍ ଶୁଣନ୍ତି; କିନ୍ତୁ କେହି ବି ଏହାଙ୍କୁ ଜାଣି ପାରନ୍ତି ନାହିଁ ।

(ଗୀତା ୨:୨୯)



When men seeks after the Immutable, the Indeterminable, the Unmanifest, the All-Pervading, the Unthinkable, the Summit Self, the Immobile, the Permanent,– equal in mind to all, intent on the good of all beings, it is to Me that they come.

(Gita, XII. 3, 4)

ଯେଉଁମାନେ ସମସ୍ତଙ୍କ ପ୍ରତି ସମବୁଦ୍ଧି ଏବଂ ସର୍ବପ୍ରାଣୀଙ୍କ ହିତସାଧନରେ ରତ ହୋଇ ଅକ୍ଷର, ଅନିର୍ଦ୍ଦେଶ୍ୟ, ଅବ୍ୟକ୍ତ, ସର୍ବବ୍ୟାପୀ, ଅଚିନ୍ତ୍ୟ, କୂଟସ୍ଥ, ସ୍ଥିର ଓ ଶାଶ୍ୱତଙ୍କର ଉପାସନା କରନ୍ତି, ସେମାନେ ଆମ୍ଭଙ୍କୁ ପ୍ରାପ୍ତ ହୁଅନ୍ତି ।

(ଗୀତା : ୧୨: ୩, ୪)

(ଗୀତାର ଏହି ଦୁଇଟି ଶ୍ଲୋକ ଶ୍ରୀଅରବିନ୍ଦଙ୍କ ଦ୍ୱାରା ଅନୂଦିତ ।)

# ସୂଚୀପତ୍ର
## ପ୍ରଥମ ଅନୁକ୍ରମ


| ବିଷୟ | ପୃଷ୍ଠା |
|---|---|
| ୧. ଗୀତାଠାରୁ ଆମେ କ'ଣ ଚାହୁଁ ଓ ଆମ ପାଇଁ ଗୀତାର ଉପଯୋଗିତା ... ... | ୧ |
| ୨. ଦିବ୍ୟଗୁରୁ ... ... ... | ୧୨ |
| ୩. ମାନବ ଶିଷ୍ୟ ... ... ... | ୨୨ |
| ୪. ଉପଦେଶର ସାରମର୍ମ ... ... ... | ୩୩ |
| ୫. କୁରୁକ୍ଷେତ୍ର ... ... ... | ୪୫ |
| ୬. ମାନବ ଓ ଜୀବନ-ସଂଗ୍ରାମ ... ... | ୫୫ |
| ୭. ଆର୍ଯ୍ୟ କ୍ଷତ୍ରିୟ ଧର୍ମ ... ... ... | ୬୫ |
| ୮. ସାଂଖ୍ୟ ଓ ଯୋଗ ... ... ... | ୭୭ |
| ୯. ସାଂଖ୍ୟ, ଯୋଗ ଏବଂ ବେଦାନ୍ତ ... ... | ୯୨ |
| ୧୦. ବୁଦ୍ଧି ଯୋଗ ... ... ... | ୧୦୬ |
| ୧୧. କର୍ମ ଓ ଯଜ୍ଞ ... ... ... | ୧୧୮ |
| ୧୨. ଯଜ୍ଞର ତାତ୍ପର୍ଯ୍ୟ ... ... ... | ୧୨୯ |
| ୧୩. ଯଜ୍ଞର ଅଧୀଶ୍ୱର ... ... ... | ୧୪୦ |
| ୧୪. ଦିବ୍ୟକର୍ମର ନୀତି ... ... ... | ୧୫୧ |
| ୧୫. ଅବତାରତ୍ୱର ସମ୍ଭାବନା ଓ ଉଦ୍ଦେଶ୍ୟ ... ... | ୧୬୫ |
| ୧୬. ଅବତାରତ୍ୱର ପ୍ରଣାଳୀ ... ... ... | ୧୮୦ |
| ୧୭. ଦିବ୍ୟଜନ୍ମ ଓ ଦିବ୍ୟକର୍ମ ... ... ... | ୧୯୨ |
| ୧୮. ଦିବ୍ୟ କର୍ମୀ ... ... ... | ୨୦୩ |
| ୧୯. ସମତା ... ... ... | ୨୧୭ |
| ୨୦. ସମତା ଓ ଜ୍ଞାନ ... ... ... | ୨୩୩ |
| ୨୧. ପ୍ରକୃତିର ନିୟନ୍ତୃତ୍ୱ ... ... ... | ୨୪୮ |
| ୨୨. ତ୍ରିଗୁଣାତୀତ ... ... ... | ୨୬୩ |
| ୨୩. ନିର୍ବାଣ ଓ ସଂସାରରେ କାର୍ଯ୍ୟ ... ... | ୨୭୫ |
| ୨୪. କର୍ମଯୋଗର ସାରତତ୍ତ୍ୱ ... ... ... | ୨୯୧ |

## ଦ୍ୱିତୀୟ ଅନୁକ୍ରମ
### ପ୍ରଥମ ଭାଗ


| ବିଷୟ | ପୃଷ୍ଠା |
|---|---|
| ୧. ଦୁଇ ପ୍ରକୃତି | ୩୦୯ |
| ୨. ଭକ୍ତି ଓ ଜ୍ଞାନର ସମନ୍ୱୟ | ୩୨୬ |
| ୩. ପରମ ଈଶ୍ୱର | ୩୩୯ |
| ୪. ଗୁହ୍ୟାତ୍ ଗୁହ୍ୟତରମ୍ | ୩୫୪ |
| ୫. ଦିବ୍ୟ ସତ୍ୟ ଓ ପଥ | ୩୬୭ |
| ୬. କର୍ମ, ଭକ୍ତି ଓ ଜ୍ଞାନ | ୩୮୧ |
| ୭. ଗୀତାର ପରମ ବାକ୍ୟ | ୪୦୦ |
| ୮. ବିଭୂତି ରୂପେ ଭଗବାନ୍ | ୪୨୧ |
| ୯. ବିଭୂତି ତତ୍ତ୍ୱ | ୪୩୩ |
| ୧୦. ବିଶ୍ୱମୟ ପୁରୁଷଙ୍କ ଦର୍ଶନ (ସଂହାରକ ମହାକାଳ) | ୪୪୭ |
| ୧୧. ବିଶ୍ୱମୟ ପୁରୁଷଙ୍କ ଦର୍ଶନ (ଦୁଇ ବିଭାବ) | ୪୬୩ |
| ୧୨. ପଥ ଓ ଭକ୍ତ | ୪୭୩ |


### ଦ୍ୱିତୀୟ ଭାଗ


| | |
|---|---|
| ୧୩. କ୍ଷେତ୍ର ଓ କ୍ଷେତ୍ରଜ୍ଞ | ୪୮୭ |
| ୧୪. ଗୁଣାତୀତ | ୫୦୧ |
| ୧୫. ପୁରୁଷତ୍ରୟ | ୫୧୭ |
| ୧୬. ଅଧ୍ୟାତ୍ମ କର୍ମର ପରିପୂର୍ଣ୍ଣତା | ୫୩୩ |
| ୧୭. ଦେବ ଓ ଅସୁର | ୫୪୯ |
| ୧୮. ଗୁଣତ୍ରୟ, ଶ୍ରଦ୍ଧା ଓ କର୍ମ | ୫୬୫ |
| ୧୯. ଗୁଣତ୍ରୟ, ମନ ଓ କର୍ମ | ୫୮୪ |
| ୨୦. ସ୍ୱଭାବ ଓ ସ୍ୱଧର୍ମ | ୬୦୦ |
| ୨୧. ପରମ ରହସ୍ୟ ଅଭିମୁଖେ | ୬୨୨ |
| ୨୨. ପରମ ରହସ୍ୟ | ୬୩୮ |
| ୨୩. ଗୀତାର ସାରମର୍ମ | ୬୬୫ |
| ୨୪. ଗୀତାର ବାଣୀ | ୬୭୮ |

# ୧

# ଗୀତାଠାରୁ ଆମେ କ'ଣ ଚାହୁଁ ଓ ଆମ ପାଇଁ ଗୀତାର ଉପଯୋଗିତା

ଜଗତରେ ବହୁ ଶାସ୍ତ୍ର, ପୁରାଣ, ଧର୍ମଗ୍ରନ୍ଥ ରହିଛି, କେତେକ ଆଧ୍ୟାତ୍ମିକ, କେତେକ ଲୌକିକ; ଏହି ଶାସ୍ତ୍ରଗୁଡ଼ିକ ନାନା ପ୍ରତ୍ୟାଦେଶ ଓ ଅର୍ଦ୍ଧ ପ୍ରତ୍ୟାଦେଶ, ନାନା ଧର୍ମ ଓ ଦର୍ଶନ, ନାନା ପନ୍ଥା, ମତବାଦ ଓ ସଂପ୍ରଦାୟର ଭାବଧାରାକୁ ବହନ କରୁଛନ୍ତି । ଅର୍ଦ୍ଧପକ୍ୱ ଜ୍ଞାନ ଓ ଅଜ୍ଞାନ ମନ ନେଇ ଅନେକ ବ୍ୟକ୍ତି ଗୋଟିଏ ଗୋଟିଏ ଶାସ୍ତ୍ରର ଅନ୍ଧ-ଅନୁଗାମୀ ହୋଇ ପଡ଼ନ୍ତି, ସଂକୀର୍ଣ୍ଣ ଅନୁରକ୍ତି ଓ ଭାବାବେଗ ନେଇ ଦାବି କରନ୍ତି ଯେ କେବଳ ଅମୁକ ଗ୍ରନ୍ଥହିଁ ଭଗବାନଙ୍କର ଶାଶ୍ୱତ ବାଣୀ ବହନ କରୁଛି, ବାକି ଗ୍ରନ୍ଥସବୁ ହୁଏତ ପୂରାପୂରି ପ୍ରମାଦପୂର୍ଣ୍ଣ ବା ଯଦି ବି ସେଗୁଡ଼ିକ ପଛରେ କିଛି ଭଗବଦ୍ ପ୍ରେରଣା ଥିବ ତେବେ ତାହା ଅପୂର୍ଣ୍ଣ ଓ ଆଂଶିକ ପ୍ରେରଣା ମାତ୍ର । ସେମାନେ କହନ୍ତି କେବଳ ଅମୁକ ଦର୍ଶନହିଁ ବିଚାର ଓ ଯୁକ୍ତିବୁଦ୍ଧିର ଶେଷକଥା, ବାକି ଦର୍ଶନ ସବୁ ହୁଏତ ସମ୍ପୂର୍ଣ୍ଣ ଭ୍ରାନ୍ତ ବା ଯଦି ବି ସେଥିରେ ସାମାନ୍ୟ କିଛି ଆଂଶିକ ସତ୍ୟ ଥିବ ତେବେ ସେଥିରୁ ଯେତିକି କେବଳ ତାଙ୍କ ଦର୍ଶନର ଅନୁଗାମୀ ସେତିକି ମାତ୍ର ସତ୍ୟ । ଏପରିକି ଜଡ଼ବିଜ୍ଞାନର ଆବିଷ୍କାରସବୁକୁ ମଧ୍ୟ ସାଂପ୍ରଦାୟିକତାର ରୂପ ଦିଆଯାଇଛି ଏବଂ ସେସବୁର ଦ୍ୱାହି ଦେଇ ଧର୍ମ ଓ ଆଧ୍ୟାତ୍ମିକତାକୁ ଅଜ୍ଞାନ କୁସଂସ୍କାର ବୋଲି କହି ଏବଂ ଦର୍ଶନକୁ ଅବାସ୍ତବ କଳ୍ପନା-ବିଳାସ ବୋଲି କହି ଉଡ଼ାଇ ଦିଆଯାଇଛି । ଏପରିକି ବହୁ ଜ୍ଞାନୀଲୋକ ମଧ୍ୟ ସ୍ୱ-ମତ ସମ୍ପର୍କରେ ଏହିସବୁ ଏକଚାଟିଆ ମନୋଭାବ ଓ ବଡ଼ିମା ପୋଷଣ କରି ବୃଥା ବାଗ୍‌ବିତଣ୍ଡା ହାତରେ ନିଜକୁ ବିପଥଗାମୀ ହେବାକୁ ଛାଡ଼ି ଦେଇଛନ୍ତି; ହୁଏତ ସେମାନଙ୍କର ଜ୍ଞାନର ଆଲୋକ ସହିତ ମିଶିଯାଇଛି କୌଣସି ଅନ୍ଧକାର ଶକ୍ତିର ଭ୍ରାନ୍ତ ପ୍ରେରଣା ଓ ସେହି ଆଲୋକ ଆଚ୍ଛାଦିତ ହୋଇଯାଇଛି ବୁଦ୍ଧିର ଅହଂକାର ଓ ଜ୍ଞାନର ଗର୍ବରୂପକ ମେଘ ଦ୍ୱାରା । ଆଜି ହୁଏତ ମନୁଷ୍ୟସମାଜ ଏସବୁ ବିଷୟରେ କିଛିଟା ଉଦାରତର ଓ ବିଜ୍ଞତର ମନୋଭାବ ନେବାକୁ ଆରମ୍ଭ କରିଛି; ଦିବ୍ୟସତ୍ୟର ନାମ ନେଇ ଆମେ ଆଉ ଅନ୍ୟମାନଙ୍କୁ ହତ୍ୟାକରୁ ନାହୁଁ । ସେମାନଙ୍କର ମନର ଗଠନ ଓ ଶିକ୍ଷା-ଦୀକ୍ଷା ଆମଠାରୁ ଭିନ୍ନ ବୋଲି ବା ଆମଠାରୁ ଭିନ୍ନ ମତ ପୋଷଣ କରୁଥିବା ଅପରାଧ ଯୋଗୁଁ ଆମ ପଡ଼ୋଶୀକୁ ଆଉ ଆମ ହାତରେ

ନିର୍ଯାତିତ ହେବାକୁ ପଡୁ ନାହିଁ । ଏପରିକି ଆମେ ସ୍ୱୀକାର କରିବାକୁ ପ୍ରସ୍ତୁତ ହେଲୁଣି ଯେ ସତ୍ୟ ସର୍ବତ୍ର ବିଦ୍ୟମାନ, ତାହା କେବଳ ଆମର ଏକ ଚାଟିଆ ଅଧିକାର ନୁହେଁ । ବରଂ ଅନ୍ୟ ଧର୍ମ ଓ ଦର୍ଶନକୁ କେବଳ ଭ୍ରାନ୍ତ ବୋଲି ସାବ୍ୟସ୍ତ କରିବା ପାଇଁ ବା ସେଗୁଡ଼ିକ ଭିତରେ ରହିଥିବା କେବଳ ଭୁଲ୍‌ଗୁଡ଼ିକୁ ସମାଲୋଚନା କରିବାକୁ ବାହାରି ନ ପଡ଼ି, ସେଗୁଡ଼ିକ ଭିତରେ କ'ଣ ସତ୍ୟ ରହିଛି ଓ ତାହା କିପରି ଭାବରେ ଆମକୁ ସାହାଯ୍ୟ କରିବ ତା'ର ସନ୍ଧାନ କରିବାକୁ ଆମେ ଆରମ୍ଭ କଲୁଣି । କିନ୍ତୁ ତଥାପି ଆମ ଭିତରେ ଏବେ ବି ଏପରି ମନୋବୃତ୍ତି ରହିଛି ଯେ କେବଳ ଆମରି ସତ୍ୟହିଁ ସର୍ବଶ୍ରେଷ୍ଠ ଜ୍ଞାନ ବହନ କରୁଛି ଯାହାକି ଅନ୍ୟ ଧର୍ମ ଓ ଦର୍ଶନସବୁ ଧରିପାରି ନାହାନ୍ତି ବା କେବଳ ଆଂଶିକ ଭାବରେ ଧରିଛନ୍ତି, ତେଣୁ ସେମାନେ ସତ୍ୟର କେବଳ ବାହ୍ୟ ଓ ଅଧସ୍ତନ ବିଭାବଟିକୁହିଁ ଜାଣନ୍ତି ବା ଆମେ ଏପରି ମଧ ଭାବୁ ଯେ ଆମେ ଯେଉଁ ଉଚ୍ଚତମ ସ୍ତରରେ ପହଞ୍ଚିଛୁ ସେହି ସ୍ତରକୁ ଉଠିବା ପାଇଁ ନିମ୍ନସ୍ତରରେ ଥିବା ବ୍ୟକ୍ତିମାନଙ୍କୁ କେବଳ ପ୍ରସ୍ତୁତ କରିବା ଦିଗରେ ଏହି ଧର୍ମ ଓ ଦର୍ଶନସବୁ ଯାହା ସାମାନ୍ୟ ସାହାଯ୍ୟ କରନ୍ତି ମାତ୍ର । ଏବେ ମଧ ଆମ ଭିତରେ ଏହି ଦୋଷ ରହିଛି ଯେ ଆମେ ଯେଉଁ ଶାସ୍ତ୍ର ବା ଉପଦେଶାବଳୀକୁ ଆଦର କରୁ ତାହାର ସମସ୍ତକିଛିକୁ ବ୍ରହ୍ମବାକ୍ୟ ବୋଲି ଆମ ନିଜ ଉପରେ ଓ ଅନ୍ୟମାନଙ୍କ ଉପରେ ଜବରଦସ୍ତି ଲଦି ଦେବାକୁ ଉତ୍ସୁକ ହେଉ ଓ ଜିଦ୍ କରୁ ଯେ ଏହାର ସମସ୍ତ ବିଷୟକୁ ଶାଶ୍ୱତ ସତ୍ୟ ବୋଲି ମାନି ନେବାକୁ ହେବ, ସେଥିରୁ ଏପାଖ ସେପାଖ ହେଲେ ଚଳିବ ନାହିଁ, ଟିକିଏ ବି ବାଦ୍ ଦେଲେ ଚଳିବ ନାହିଁ ।

ତେଣୁ ବେଦ, ଉପନିଷଦ୍ ବା ଗୀତା ପରି ପ୍ରାଚୀନ ଧର୍ମଗ୍ରନ୍ଥର ଅନୁଶୀଳନ କରିବାକୁ ହେଲେ ଆମେ ପ୍ରଥମେ ପରିଷ୍କାର ହୋଇଯିବା ଉଚିତ ଯେ ଠିକ୍ କେଉଁ ମନୋଭାବ ନେଇ ଆମେ ଏଥିରେ ପ୍ରବୃତ୍ତ ହେବାକୁ ଯାଉଛୁ ଏବଂ ମନୁଷ୍ୟ ଓ ତାହାର ଭବିଷ୍ୟତ୍ ପାଇଁ ଉପଯୋଗୀ ଠିକ୍ କେଉଁ ଜିନିଷ ଆମେ ଏଥିରୁ ପାଇବୁ ବୋଲି ଆଶା କରୁଛୁ । ପ୍ରଥମତଃ ନିଃସନ୍ଦେହ ରୂପେ ଆମେ ଏପରି ଏକ ସତ୍ୟ ଖୋଜୁଛୁ ଯାହା ଏକ, ଅଖଣ୍ଡ ଓ ଶାଶ୍ୱତ, ଯାହାକି ଅନ୍ୟସମସ୍ତ ସତ୍ୟର ମୂଳ-ଉତ୍ସ, ଯାହାର ଆଲୋକରେ ଅନ୍ୟ ସମସ୍ତ ସତ୍ୟ ଲାଭକରେ ନିଜ ନିଜର ଯଥାର୍ଥ ସ୍ଥାନ, ଅର୍ଥ ଓ ଜ୍ଞାନ ସହିତ ନିଜର ଯଥାର୍ଥ ସମ୍ବନ୍ଧ । କେବଳ ସେହି କାରଣରୁହିଁ ଏହି ସତ୍ୟକୁ କୌଣସି ଗୋଟିଏ ଧରାବନ୍ଧା ନିୟମ ବା ସୂତ୍ରରେ ଆବଦ୍ଧ କରାଯାଇପାରିବ ନାହିଁ । ଏହା ସମ୍ଭବ ନୁହେଁ ଯେ କୌଣସି ଗୋଟିଏ ଦର୍ଶନ ବା ଶାସ୍ତ୍ରରେ ଏହି ପରମ ସତ୍ୟର ପୂର୍ଣ୍ଣାଙ୍ଗ ରୂପ ଓ ତାହାର ସମଗ୍ର ତାତ୍ପର୍ଯ୍ୟର ପରିଚୟ ମିଳିପାରିବ ବା ଏହା ମଧ ସମ୍ଭବ ନୁହେଁ ଯେ କୌଣସି ଜଣେ ଗୁରୁ, ଜ୍ଞାନୀ, ମହାପୁରୁଷ ବା ଅବତାର ଏହି ସତ୍ୟକୁ ସମ୍ପୂର୍ଣ୍ଣ ଓ ସମଗ୍ର ଭାବରେ ଚିରଦିନ ନିମନ୍ତେ ବ୍ୟକ୍ତକରି

ଦେଇପାରିବେ । ଆମେମାନେ ମଧ୍ୟ ଏହି ସତ୍ୟର ସନ୍ଧାନ ପୂରାପୂରି ଭାବରେ ପାଇପାରିବୁ ନାହିଁ ଯଦି ଆମେ ଅନ୍ୟାନ୍ୟ ଦର୍ଶନ ବା ବିଚାରରେ ନିହିତ ସତ୍ୟସବୁକୁ ଅସହିଷ୍ଣୁ ଭାବରେ ବାଦ୍ ଦେଇ ଚାଲୁ, କାରଣ ଆମେ ଯେତେବେଳେ ଅନ୍ଧ ଆବେଗ ସହ କୌଣସି ମତକୁ ପ୍ରତ୍ୟାଖ୍ୟାନ କରୁ, ତା'ର ସହଜ ଅର୍ଥ ହେଉଛି, ବୁଝିବା ପାଇଁ ବା ବୁଝାଇବା ପାଇଁ ଆମର ସାମର୍ଥ୍ୟର ଅଭାବ, ଦ୍ୱିତୀୟତଃ ଏହି ସତ୍ୟ ଏକ ଏବଂ ଶାଶ୍ୱତ ହେଲେ ମଧ୍ୟ ତାହା କାଳ ଭିତରେ ଓ ମନୁଷ୍ୟର ମନବୁଦ୍ଧି ଭିତର ଦେଇ ନିଜକୁ ଅଭିବ୍ୟକ୍ତ କରେ । ତେଣୁ ପ୍ରତ୍ୟେକ ଶାସ୍ତ୍ରରେ ଦୁଇ ଧରଣର ଉପାଦାନ ରହିବା ଅନିବାର୍ଯ୍ୟ, ଗୋଟିଏ ହେଉଛି ଅସ୍ଥାୟୀ, ନଶ୍ୱର ଓ ଯେଉଁ ଯୁଗରେ ଓ ଯେଉଁ ଦେଶରେ ଏହା ରଚିତ ହୋଇଥାଏ କେବଳ ସେହିସବୁର ପ୍ରଚଳିତ ଧାରଣାବଳୀ ଅନୁଯାୟୀହିଁ ହୋଇଥାଏ; ଅନ୍ୟ ଉପାଦାନଟି ଶାଶ୍ୱତ, ଅବିନଶ୍ୱର ଏବଂ ତାହା ସବୁଯୁଗ ଓ ସବୁଦେଶ ପାଇଁ ପ୍ରଯୁଜ୍ୟ । ଅଧିକନ୍ତୁ ସତ୍ୟ ସମ୍ବନ୍ଧରେ ଯାହା କିଛି କୁହାଯାଏ, ଯେଉଁ ରୂପରେ ତାହା କୁହାଯାଏ, ଯେଉଁ ଧାରା ଓ ପ୍ରଣାଳୀରେ, ଯେଉଁ ଆଧ୍ୟାତ୍ମିକତା ଓ ବୁଦ୍ଧିଗତ ଛାଞ୍ଚରେ ତାହାକୁ ବ୍ୟକ୍ତ କରାଯାଏ, ସେଥିପାଇଁ ଯେଉଁ ବିଶେଷ ଭାଷା ବା ପ୍ରକାଶ ଭଙ୍ଗୀ ପ୍ରୟୋଗ କରାଯାଏ ତାହା ମୁଖ୍ୟତଃ ନିର୍ଭର କରେ ନିତ୍ୟ-ପରିବର୍ତ୍ତନଶୀଳ କାଳ ଓ ଆବେଷ୍ଟନୀ ଉପରେ, ତେଣୁ ସବୁ ସମୟ ପାଇଁ ତା'ର ଜୋର୍ ବା ଶକ୍ତି ସମାନ ନ ଥାଏ । କାରଣ ମନୁଷ୍ୟର ବୁଦ୍ଧି ଓ ଭାବନାପଦ୍ଧତି ସର୍ବଦା ବଦଳୁଛି, ଏହା ବିଭିନ୍ନ ତଥ୍ୟକୁ କ୍ରମାଗତ ଏକତ୍ରିତ ଓ ପୃଥକୀଭୂତ କରିବାବେଳେ ସେହିସବୁ ପୃଥକୀକରଣକୁ କ୍ରମାଗତ ବଦଳାଇବା ପାଇଁ ଓ ନିଜର ସମନ୍ୱୟକୁ ପୁନର୍ସଂଗଠିତ କରିବା ପାଇଁ ଏହା ବାଧ୍ୟ ହେଉଛି, ପ୍ରାଚୀନ ପ୍ରକାଶଭଙ୍ଗୀ ଓ ପ୍ରତୀକ ସ୍ଥଳରେ ନୂତନ ଅଭିବ୍ୟକ୍ତି ଓ ପ୍ରତୀକ ପ୍ରୟୋଗ କରୁଛି, ଯଦି ବି କେଉଁଠି ପ୍ରାଚୀନ ଅଭିବ୍ୟକ୍ତିକୁ ବ୍ୟବହାର କରାଯାଉଛି, ତା' ହେଲେ ତାହାର ପ୍ରକାଶ-ଭଙ୍ଗୀ, ଅର୍ଥ ଓ ତାତ୍ପର୍ଯ୍ୟକୁ ଏପରି ଭାବରେ ପରିବର୍ତ୍ତିତ କରାଯାଉଛି ଯେ ପ୍ରାଚୀନ କୌଣସି ଶାସ୍ତ୍ରକୁ ତତ୍କାଳୀନ ଲୋକେ ଯେଉଁ ଅର୍ଥରେ ଓ ଯେଉଁ ମର୍ମରେ ବୁଝୁଥିଲେ ଆମେ ଯେ ଠିକ୍ ସେହି ଅର୍ଥରେ ବୁଝୁଛୁ, ଏ ସମ୍ପର୍କରେ ଆମେ କେବେହେଲେ ନିଶ୍ଚିତ ହୋଇପାରିବୁ ନାହିଁ । ତେଣୁ କେବଳ ତାହାରହିଁ ଶାଶ୍ୱତ ମୂଲ୍ୟ ରହିଛି ଯାହା ସାର୍ବଜନୀନ ହେବା ସଙ୍ଗେ ସଙ୍ଗେ ଜୀବନ ଓ ଅନୁଭୂତିରେ ମଧ୍ୟ ସତ୍ୟ ହୋଇଛି ଏବଂ ବୁଦ୍ଧିର ଦୃଷ୍ଟି ଅପେକ୍ଷା ମହତ୍ତର ଏକ ଦୃଷ୍ଟି ଦ୍ୱାରା ଦେଖା ଯାଇଛି ।

ତେଣୁ ସେହି ସମୟର ଲୋକଙ୍କ ପାଇଁ ଗୀତାର ଦାର୍ଶନିକ ଅର୍ଥ ଠିକ୍ କ'ଣ ଥିଲା, ତାହା ଜାଣିବା ଉପରେ ମୁଁ ବିଶେଷ ଗୁରୁତ୍ୱ ଦେଉ ନାହିଁ, ଏପରିକି ଯଦି ବି ତାହା ସଠିକ୍ ଭାବରେ ଜାଣିବା ସମ୍ଭବପର ହୁଅନ୍ତା ତଥାପି ମଧ୍ୟ ନୁହେଁ । କିନ୍ତୁ ତାହା ଜାଣିବା ସମ୍ଭବପର ନୁହେଁ, ଗୀତା ଉପରେ ପ୍ରାଚୀନ ଓ ଆଧୁନିକ ଟୀକାକାରମାନଙ୍କର ମୌଳିକ ଭାଷ୍ୟମାନଙ୍କରେ

ଯେଉଁସବୁ ବିରୋଧ ପରିଲକ୍ଷିତ ହୁଏ ସେଥିରୁ ଏହା ପ୍ରମାଣିତ ହେଉଛି, ପ୍ରତ୍ୟେକଟି ଭାଷ୍ୟ ଅପର ସମସ୍ତ ଭାଷ୍ୟ ଠାରୁ ଭିନ୍ନ ମତ ପୋଷଣ କରିଛି, ପ୍ରତ୍ୟେକଟି ଭାଷ୍ୟ ଗୀତା ଭିତରୁ ନିଜ ନିଜର ବିଶିଷ୍ଟ ଦାର୍ଶନିକ ବିଚାର ଓ ଧର୍ମମତ ପାଇଁ ସମର୍ଥନ ପାଇବାକୁ ଚେଷ୍ଟା କରିଛି । ତେଣୁ ଏ ସମ୍ପର୍କରେ ଗବେଷଣା ଯେତେ କଷ୍ଟସାଧ ଓ ନିରପେକ୍ଷ ହେଉନା କାହିଁକି, ଭାରତୀୟ ଦର୍ଶନର ବିକାଶ-ଇତିହାସ ସମ୍ବନ୍ଧରେ ଯେତେ ପାଣ୍ଡିତ୍ୟପୂର୍ଣ୍ଣ ତତ୍ତ୍ୱ ବୟାନ କରାଯାଉନା କାହିଁକି, ତାହା ଆମକୁ ଏ ସମ୍ପର୍କରେ ଅନିବାର୍ଯ୍ୟ ଭୁଲ୍‌ଭ୍ରାନ୍ତିରୁ ରକ୍ଷା କରିପାରିବ ନାହିଁ । କିନ୍ତୁ ଆମେମାନେ ପ୍ରକୃତରେ ଲାଭବାନ୍ ହୋଇପାରିବା ଯଦି ଗୀତା ଭିତରୁ ତନ୍ମଧ୍ୟରେ ନିହିତ ଥିବା ବାସ୍ତବ ଜୀବନ୍ତ ସତ୍ୟସବୁକୁ ସେମାନଙ୍କ ଦାର୍ଶନିକ ବାହ୍ୟ-ରୂପକୁ ବାଦ୍ ଦେଇ ସନ୍ଧାନ କରିପାରିବା; ଯଦି ତା' ଭିତରୁ ଏପରିସବୁ ସତ୍ୟକୁ ବାହାର କରିପାରିବା ଯାହାକି ଆମକୁ ତଥା ପୃଥିବୀକୁ ସାହାଯ୍ୟ କରିପାରିବ ଏବଂ ଯଦି ସେଗୁଡ଼ିକୁ ଏପରି ସ୍ୱାଭାବିକ ଓ ଜୀବନ୍ତ ଭାଷା ଓ ପ୍ରକାଶଭଙ୍ଗୀର ମାଧ୍ୟମରେ ବ୍ୟକ୍ତ କରିପାରିବା ଯାହାକି ବର୍ତ୍ତମାନର ମାନବସମାଜର ମନୋଭାବର ଉପଯୋଗୀ ହୋଇପାରିବ ଓ ସେମାନଙ୍କର ଆଧ୍ୟାତ୍ମିକ ପ୍ରୟୋଜନୀୟତା ଦୃଷ୍ଟିରେ ସହାୟକ ହେବ । ଅବଶ୍ୟ ଆମେ ଏହି ପ୍ରକାର ଉଦ୍ୟମ କଲାବେଳେ ଆମର ନିଜର ବ୍ୟକ୍ତିଗତ ବୈଶିଷ୍ଟ୍ୟର ଓ ଆମ ଯୁଗର ରୀତିନୀତି ଓ ସଂସ୍କାରର ଅନେକ ଛାୟା ପଡ଼ି ଏଥିରେ ଅନେକ ଭୁଲ୍‌ଭ୍ରାନ୍ତି ମିଶିଯାଇପାରେ, ଆମର ବିଶିଷ୍ଟ ପୂର୍ବାଚାର୍ଯ୍ୟମାନେ ମଧ୍ୟ ଏପରି ଭୁଲରୁ ରକ୍ଷା ପାଇ ନାହାନ୍ତି । କିନ୍ତୁ ଆମେ ଯଦି ଏହି ମହାନ୍ ଗ୍ରନ୍ଥର ଭାବରେ ନିଜକୁ ଅନୁପ୍ରାଣିତ କରୁ ଏବଂ ସର୍ବୋପରି ଆମେ ଯଦି ସେହି ଭାବ ଅନୁସାରେ ନିଜର ଜୀବନକୁ ଗଢ଼ିବାକୁ ଚେଷ୍ଟାକରୁ ତା'ହେଲେ ଏହା ନିଶ୍ଚିତ ଯେ ଆମେ ଆମର ଗ୍ରହଣଶୀଳତା ଅନୁଯାୟୀ ଏଥିରୁ ବାସ୍ତବ ସତ୍ୟ ଆହରଣ କରିପାରିବୁ ଓ ବ୍ୟକ୍ତିଗତ ଭାବରେ ଏଥିରୁ ଆମକୁ ଯେତିକିତା ଆଧ୍ୟାତ୍ମିକ ପ୍ରଭାବ ଓ ସହାୟତା ମିଳିବା ପାଇଁ ନିର୍ଦ୍ଧାରିତ ହୋଇଛି ତାହା ପାଇପାରିବୁ । ତାହାହିଁ ଦେବା ତ' ହେଉଛି ଆଧ୍ୟାତ୍ମିକ ଶାସ୍ତ୍ର-ରଚନାର ମୂଳ ଉଦ୍ଦେଶ୍ୟ, ବାକି ଅନ୍ୟସବୁ ଖାଲି ପାଣ୍ଡିତ୍ୟପୂର୍ଣ୍ଣ ତର୍କ-ବିତର୍କ ଓ ଧର୍ମର ବାଦାନୁବାଦ । ଯେଉଁସବୁ ଶାସ୍ତ୍ର, ଧର୍ମ ଓ ଦର୍ଶନ ଏହିପରି ଭାବରେ ନିରନ୍ତର ପୁନରୁଜ୍ଜୀବିତ ହୋଇପାରେ, ଜୀବନରେ ସାର୍ଥକ ହୋଇପାରେ, ତହିଁରେ ରହିଥିବା ଶାଶ୍ୱତ ସତ୍ୟ ଏକ ବିକାଶଶୀଳ ମାନବସମାଜର ଅନ୍ତର୍ବିଚାର ଧାରା ଓ ଆଧ୍ୟାତ୍ମିକ ଅନୁଭୂତି ଭିତରେ ନିରନ୍ତର ନବ ରୂପାୟିତ ଓ ବିକଶିତ ହୋଇପାରେ, କେବଳ ସେହିସବୁରହିଁ ମାନବସମାଜ ପାଇଁ ଜୀବନ୍ତ ଗୁରୁତ୍ୱ ରହିଛି । ବାକିତକ କେବଳ ଅତୀତର ସ୍ମୃତି-ଚିହ୍ନ ହୋଇ ରହନ୍ତି କିନ୍ତୁ ଭବିଷ୍ୟତ୍ ପାଇଁ ସେଥିରେ କୌଣସି ଯଥାର୍ଥ ଶକ୍ତି ବା ପ୍ରେରଣା ନ ଥାଏ ।

ଗୀତାରେ ଏପରି ଖୁବ୍ ଅଳ୍ପ ବିଷୟ ଅଛି ଯାହା କୌଣସି ଦେଶକାଳର ସୀମାରେ

ଆବଦ୍ଧ, ଏହାର ମୂଳଭାବ ଏପରି ବ୍ୟାପକ, ଗଭୀର ଓ ସାର୍ବଜନୀନ ଯେ ସେଇ ଅଙ୍ଗତକକୁ ମଧ୍ୟ ସହଜରେ ସାର୍ବଜନୀନ ରୂପ ଦିଆଯାଇ ପାରିବ, ଅଥଚ ଗ୍ରନ୍ଥର ଭାବ ଓ ଶିକ୍ଷାରେ କୌଣସି ଆଞ୍ଚ ଆସିବ ନାହିଁ । ବରଂ ଦେଶ-କାଳରେ ସୀମିତ ସେହି ବିଷୟସବୁକୁ ବ୍ୟାପକତର ରୂପ ଦେବା ଫଳରେ ସେହି ଶିକ୍ଷା ଆହୁରି ଗଭୀରତର, ସତ୍ୟତର ଓ ଅଧିକ ଶକ୍ତିସମନ୍ୱିତ ହେବ । ଅନେକ ସ୍ଥଳରେ ସ୍ୱୟଂ ଗୀତାରେ ମଧ୍ୟ ଏହିପରି ଅନେକ ସୀମିତ ଭାବକୁ ବ୍ୟାପକତର ଅର୍ଥରେ ବୁଝିବା ପାଇଁ ଇଙ୍ଗିତ ଦିଆଯାଇଛି । ଯଜ୍ଞର ଦୃଷ୍ଟାନ୍ତ ନିଆଯାଉ । ପ୍ରାଚୀନ ଭାରତୀୟ ଧାରଣା ଅନୁସାରେ ଏହି ଯଜ୍ଞ ହେଉଛି ଦେବତା ଓ ମନୁଷ୍ୟମାନଙ୍କ ମଧ୍ୟରେ ଆଦାନ ପ୍ରଦାନର ଏକ ବିଧି । କିନ୍ତୁ ଯଜ୍ଞର ଏହି ଧାରଣା ଓ ବିଧି ସ୍ୱୟଂ ଭାରତବର୍ଷରେ ମଧ୍ୟ ବହୁଦିନରୁ ପ୍ରାୟ ଅଚଳନ୍ତି ହୋଇଗଲାଣି, ସାଧାରଣ ମନୁଷ୍ୟଙ୍କ ମନରେ ଏହାର କୌଣସି ବାସ୍ତବ ଅସ୍ତିତ୍ୱ ନାହିଁ । କିନ୍ତୁ ଗୀତାରେ ଏହି ଯଜ୍ଞ ଶବ୍ଦର ଏପରି ଗୋଟିଏ ସୂକ୍ଷ୍ମ, ସାଙ୍କେତିକ ଓ ପ୍ରତୀକ ଅର୍ଥ ଦିଆଯାଇଛି ଏବଂ ଦେବତାମାନଙ୍କୁ ମଧ୍ୟ ସେମାନଙ୍କର ସ୍ଥାନୀୟ ଓ ପୌରାଣିକ ରୂପ ବଦଳରେ ଏପରି ଏକ ବିଶ୍ୱଗତ ଦାର୍ଶନିକ ରୂପ ଦିଆଯାଇଛି ଯେ ଯଜ୍ଞ ଓ ଦେବତା ଉଭୟଙ୍କୁ ଅନ୍ତର୍ଜଗତ ଓ ସାଧାରଣ ପ୍ରାକୃତିକ ବିଧାନର ଏକ ବାସ୍ତବ ତଥ୍ୟର ଅଭିବ୍ୟକ୍ତି ରୂପେ ଗ୍ରହଣ କରାଯାଇପାରେ । ଆଧୁନିକ ଧାରଣାରେ ଜୀବନ ଜୀବନ ଭିତରେ, ପ୍ରାଣୀ ପ୍ରାଣୀ ଭିତରେ ଯେଉଁ ଅବିରାମ ଆଦାନପ୍ରଦାନ ଚାଲିଥିବା ବିଷୟ କୁହାଯାଏ ବା ଏକର ଉଦ୍ଦେଶ୍ୟରେ ଅପରର ଯେଉଁ ଉତ୍ସର୍ଗ ବା ଆତ୍ମଦାନର କଥା କୁହାଯାଏ ସେ ସମ୍ବନ୍ଧରେ ଗୀତାର ଏହି ଶିକ୍ଷାକୁ ମଧ୍ୟ ପ୍ରୟୋଗ କରାଯାଇପାରେ ଯାହା ଫଳରେ ସେହି ଧାରଣାସବୁ ଏକ ମହତ୍ତର ଓ ସୁଦୂରପ୍ରସାରୀ ଆଧ୍ୟାତ୍ମିକ ସତ୍ୟର ଆଲୋକରେ ଉଦ୍ଭାସିତ ହୋଇ ଆହୁରି ଗଭୀରତର ଓ ବ୍ୟାପକତର ଅର୍ଥ ଗ୍ରହଣ କରିବ । ସେହିପରି ଗୀତାରେ ଥିବା ଶାସ୍ତ୍ରାନୁମୋଦିତ କର୍ମର ବିଧାନ, ଚାତୁର୍ବର୍ଣ୍ଣ୍ୟର ବ୍ୟବସ୍ଥା, ଏହି ଚତୁର୍ବର୍ଣ୍ଣ ଭିତରେ ତାରତମ୍ୟ କିଂବା ଆଧ୍ୟାତ୍ମିକ ବିଷୟରେ ସ୍ତ୍ରୀ ଓ ଶୁଦ୍ରଙ୍କର କମ୍ ଅଧିକାର ଆଦି ବିଷୟ ପ୍ରଥମ ଦୃଷ୍ଟିରେ ଦେଶ ଓ କାଳ ବିଶେଷର ବିଧାନ ବୋଲି ମନେ ହେବ ଏବଂ ଯଦି ସେଗୁଡ଼ିକର କେବଳ ଆକ୍ଷରିକ ଅର୍ଥକୁ କିଛି ଅଧିକ ଦୂର ନିଆଯାଏ ତେବେ ଗୀତାରେ ଏହି ଶିକ୍ଷାଗୁଡ଼ିକ ନିତାନ୍ତ ସଂକୀର୍ଣ୍ଣ ବୋଧ ହେବ ଏବଂ ତାହାର ସାର୍ବଜନୀନତା ଓ ଆଧ୍ୟାତ୍ମିକ ଗଭୀରତା ହ୍ରାସ ହେବା ସଙ୍ଗେ ସଙ୍ଗେ ବ୍ୟାପକ ଭାବରେ ସମଗ୍ର ମାନବଜାତି ପାଇଁ ଏହାର ଉପଯୋଗିତା କ୍ଷୁଣ୍ଣ ହେବ । କିନ୍ତୁ ଆମେ ଯଦି ଏହି ଦେଶ ଓ କାଳ ବିଶେଷକ ବାହ୍ୟ ରୂପକୁ ନ ଦେଖି ତା’ ପଛରେ ରହିଥିବା ଗଭୀରତର ଭାବ ଓ ଅର୍ଥକୁ ଦେଖୁ ତା’ହେଲେ ଦେଖିବୁ ଯେ ଏଠାରେ ମଧ୍ୟ ସେଗୁଡ଼ିକର ଅନ୍ତର୍ନିହିତ ମର୍ମ କେତେ ଗଭୀରତର ଓ ସତ୍ୟତର ଏବଂ ଭାବ କେତେ

ଦାର୍ଶନିକ, ଆଧ୍ୟାତ୍ମିକ ଓ ସାର୍ବଜନୀନ । ଆମେ ଦେଖୁ ଗୀତା ଦୃଷ୍ଟିରେ ଶାସ୍ତ୍ର ଶବ୍ଦର ଅର୍ଥ ହେଉଛି ଏପରି ବିଧି-ବିଧାନ ଯାହା ମନୁଷ୍ୟସମାଜ ରଚନା କରିଛି ନିଜର ଜୀବନ ଆଦର୍ଶକୁ ଅସଂସ୍କୃତ, ଅହଂଭାବାପନ୍ନ କର୍ମ ଭିତରୁ ଉପରକୁ ଉଠାଇ ନେବା ପାଇଁ ଓ ବାସନା-କାମନାର ତୃପ୍ତି ଭିତରେ ଜୀବନର ଲକ୍ଷ୍ୟ ଓ ସାର୍ଥକତା ଖୋଜିବାର ପ୍ରବୃତ୍ତିକୁ ଆୟତ୍ତ କରିବା ପାଇଁ । ଆମେ ମଧ୍ୟ ଦେଖୁ ଯେ ଚାତୁର୍ବର୍ଣ୍ଣ୍ୟ ମଧ୍ୟ ସେହିପରି ଏକ ଆଧ୍ୟାତ୍ମିକ ସତ୍ୟର ସ୍ଥୂଳ ରୂପ, ଯେଉଁ ସତ୍ୟ କି ସ୍ୱୟଂ ସେହି ସ୍ଥୂଳ ରୂପ ଉପରେ ନିର୍ଭର କରେ ନାହିଁ । ଏହି ଚାତୁର୍ବର୍ଣ୍ଣ୍ୟ ଯେଉଁ ବିଚାର ଉପରେ ପ୍ରତିଷ୍ଠିତ ତା'ହେଲା ସେହି କର୍ମହିଁ ଯଥାର୍ଥ କର୍ମ ଯାହା ଦ୍ୱାରା କର୍ମ କରୁଥିବା ବ୍ୟକ୍ତିର ସ୍ୱଭାବର ଯଥାଯଥ ପ୍ରକାଶ ହୋଇଥାଏ ଏବଂ ତା'ର ସହଜାତ ଗୁଣ ଓ ତା'ର ଆତ୍ମପ୍ରକାଶମୂଳକ କର୍ମ ଅନୁସାରେ ସେହି ସ୍ୱଭାବ ତା'ର ଜୀବନର ଧାରା ଓ କ୍ଷେତ୍ର ନିର୍ଦ୍ଧାରିତ କରି ଦେଇଥାଏ । ତେଣୁ ଯେତେବେଳେ ଗୀତାରେ ଦେଶକାଳଗତ ଦୃଷ୍ଟାନ୍ତସବୁକୁ ମଧ୍ୟ ଏପରି ଗଭୀର ଭାବ ସହ ଉପସ୍ଥାପନ କରାଯାଇଛି, ଆମେ ବରାବର ଏହି ପନ୍ଥା ଅନୁସରଣ କରିବା ଉଚିତ ଓ ଆପାତ ଦୃଷ୍ଟିରେ ମାତ୍ର ସ୍ଥାନୀୟ ବା ସାମୟିକ ବୋଲି ପ୍ରତୀତ ହେଉଥିବା ଦୃଷ୍ଟାନ୍ତସବୁର ପଛରେ ଛପି ରହିଥିବା ଗଭୀର ସାର୍ବଜନୀନ ସତ୍ୟର ସନ୍ଧାନ କରିବା ଉଚିତ । କାରଣ ଆମେ ବରାବର ଦେଖୁ ଯେ ବାହାରେ ସ୍ପଷ୍ଟ ଭାଷାରେ ବ୍ୟକ୍ତ ନ ହେଲେ ମଧ୍ୟ ଗୀତାର ପ୍ରତ୍ୟେକଟି କଥା ପଛରେ ଏକ ଗଭୀରତର ସତ୍ୟ ଓ ତତ୍ତ୍ୱ ନିହିତ ଅଛି ।

ସେହିପରି, ଗୀତାରେ ତତ୍କାଳୀନ ଦାର୍ଶନିକ ପରିଭାଷା ଓ ଧର୍ମର ପ୍ରତୀକସବୁର ବ୍ୟବହାର ଯୋଗୁଁ ଯେଉଁ ଦାର୍ଶନିକ ସିଦ୍ଧାନ୍ତ ବା ଧାର୍ମିକ ମତବାଦର ଉପାଦାନସବୁ ଏଥିରେ ପ୍ରବେଶ କରିଛି ବା ଏହା ସହ କୌଣସି ସମ୍ବନ୍ଧ ସ୍ଥାପନ କରିଛି, ସେଗୁଡ଼ିକର ବିବେଚନା କଲାବେଳେ ମଧ୍ୟ ଆମେ ଉପରୋକ୍ତ ମନୋଭାବ ଗ୍ରହଣ କରିବୁ । ଗୀତା ଯେତେବେଳେ ସାଂଖ୍ୟ ଓ ଯୋଗ କଥା କହିଛି, ସେତେବେଳେ ଆମର ଯେତିକି କହିବା ଆବଶ୍ୟକ ତା' ଛଡ଼ା ଅଧିକ ଆଲୋଚନାରେ ବ୍ୟାପୃତ ହେବୁ ନାହିଁ, ଗୀତାର ସାଂଖ୍ୟ ସହିତ ପ୍ରାଚୀନ ସାଂଖ୍ୟର ବା ଗୀତାର ଯୋଗ ସହିତ ପତଞ୍ଜଳି ଯୋଗର କ'ଣ ସମ୍ପର୍କ ସେ ବିଷୟରେ ତୁଳନାତ୍ମକ ବିଚାର କରିବାକୁ ଯିବୁ ନାହିଁ । ଗୀତାର ସାଂଖ୍ୟରେ ପୁରୁଷ ଏକ ଏବଂ ଏହାର ସାଧାରଣ ଭାବ ବୈଦାନ୍ତିକ କିନ୍ତୁ ପ୍ରାଚୀନ ସାଂଖ୍ୟର ସାଧାରଣ ଭାବ ନିରୀଶ୍ୱରବାଦୀ ବା 'ନାସ୍ତିକ' ଏବଂ ସେଥିରେ ପ୍ରକୃତି ଏକ ଏବଂ ପୁରୁଷ ଅନେକ,– ସେହିପରି ଗୀତାର ଯୋଗ ବହୁମୁଖୀ, ସୂକ୍ଷ୍ମ, ସମୃଦ୍ଧ ଏବଂ ଈଶ୍ୱରବାଦ ପ୍ରତି ନମନୀୟ । କିନ୍ତୁ ପତଞ୍ଜଳି ଯୋଗ ଶାସ୍ତ୍ରୀୟ, ସୂତ୍ରବଦ୍ଧ ଓ କ୍ରମିକ ପଦ୍ଧତିରେ ଆବଦ୍ଧ । ଗୀତାରେ ସାଂଖ୍ୟ ଓ ଯୋଗ ହେଉଛି ସେହି ଏକ ବୈଦାନ୍ତିକ ସତ୍ୟର ଦୁଇଟି ଭାଗ ଯାହାକି ଗୋଟିଏ ସ୍ଥାନରେ ମିଶି ଏକ

ହୋଇଯାଇଛି ବା ଏମାନେ ହେଲେ ବୈଦାନ୍ତିକ ସତ୍ୟର ଉପଲବ୍ଧି ଦିଗରେ ଦୁଇଟି ପରସ୍ପର ପରିପୂରକ ମାର୍ଗ – ଗୋଟିଏ ଦାର୍ଶନିକ, ବୁଦ୍ଧିଗତ, ବିଶ୍ଳେଷଣାତ୍ମକ, ଅନ୍ୟଟି ଅନ୍ତଃସ୍ଫୁରିତ, ଭକ୍ତିମୂଳକ, ବ୍ୟବହାରିକ, ନୀତିଗତ ଓ ସମନ୍ୱୟାତ୍ମକ ଅନୁଭୂତି ଭିତର ଦେଇ ଜ୍ଞାନରେ ପହଞ୍ଚିଛି । ଗୀତା ଏ ଦୁଇଟିର ଶିକ୍ଷା ଭିତରେ କୌଣସି ପ୍ରକୃତ ପାର୍ଥକ୍ୟ ଦେଖେ ନାହିଁ । ଆଉ ମଧ୍ୟ ଯେଉଁମାନେ ଗୀତାକୁ କୌଣସି ବିଶିଷ୍ଟ ଧର୍ମ-ସଂପ୍ରଦାୟ ବା ପରମ୍ପରା-ବିଶେଷରୁ ଉଦ୍ଭୂତ ବୋଲି କହନ୍ତି ସେପରି ମତାମତ ଉପରେ ଆମର ଆଲୋଚନା କରିବାର ବିଶେଷ କୌଣସି ପ୍ରୟୋଜନ ନାହିଁ । କାରଣ ଏହାର ମୂଳ ଯାହା ହେଉନା କାହିଁକି ଏହାର ଶିକ୍ଷା ସାର୍ବଜନୀନ ।

ଗୀତାର ଦାର୍ଶନିକ ଧାରା, ତା'ର ସତ୍ୟର ବ୍ୟବସ୍ଥାପନ କ୍ରମ – ଏସବୁ ତାହାର ଶିକ୍ଷାର ସର୍ବାପେକ୍ଷା ମୁଖ୍ୟ, ଗଭୀର ଓ ଚିରସ୍ଥାୟୀ ଅଂଶ ନୁହେଁ, ତେବେ ଯେଉଁସବୁ ଉପାଦାନ ନେଇ ଏହି ଧାରା ଗଠିତ, ଯେଉଁ ଗଭୀର ଅର୍ଥସୂଚକ ଓ ଅନ୍ତର୍ଭେଦୀ ମୁଖ୍ୟ ଧାରଣାସବୁ ଏହାର ଜଟିଳ ସମନ୍ୱୟର ଅଙ୍ଗୀଭୂତ ସେଗୁଡ଼ିକର ମୂଲ୍ୟ ଚିରନ୍ତନ ଓ ଆମ ପାଇଁ ସର୍ବଦା ଗ୍ରହଣୀୟ । କାରଣ ସେଗୁଡ଼ିକ କୌଣସି ଦାର୍ଶନିକ ବୁଦ୍ଧିର ଦୀପ୍ତ ଧାରଣା ବା ଆଶ୍ଚର୍ଯ୍ୟ ଅନୁମାନ ନୁହେଁ ବରଂ ସେଗୁଡ଼ିକ ହେଲା ଆଧ୍ୟାତ୍ମିକ ଅନୁଭୂତିର ସ୍ଥାୟୀ ସତ୍ୟ, ଆମର ଉଚ୍ଚତମ ଆନ୍ତର ସମ୍ଭାବନାର ପ୍ରମାଣପୂର୍ଣ୍ଣ ତଥ୍ୟ, ଯାହାକୁ କି ଜୀବନର ରହସ୍ୟ ଉଦ୍‌ଘାଟନ କରିବାକୁ ଚାହୁଁଥିବା କୌଣସି ବ୍ୟକ୍ତି କେବେହେଲେ ଉପେକ୍ଷା କରି ନ ପାରେ । ଗୀତାର ଶିକ୍ଷାଧାରା ଆଉ ଯାହା ବି ହେଉନା କାହିଁକି ଏହାର ଭାଷ୍ୟକାରମାନେ ଯେପରି ପ୍ରମାଣିତ କରିବାକୁ ଚେଷ୍ଟା କରନ୍ତି, ଏହା କେବେହେଲେ ସେପରି କୌଣସି ଗୋଟିଏ ବିଶିଷ୍ଟ ଦାର୍ଶନିକ ମତବାଦକୁ ସମର୍ଥନ କରିବା ପାଇଁ ଉଦ୍ଦିଷ୍ଟ ବା ରଚିତ ହୋଇ ନାହିଁ । ଗୀତାର ଭାଷା, ଚିନ୍ତାଧାରାର ଗଠନ, ଭାବଧାରାର ସଂଯୋଗ ଓ ସଙ୍ଗତି ଏପରି ନୁହେଁ ଯେଉଁଥିରେ କୌଣସି ସାଂପ୍ରଦାୟିକ ଶିକ୍ଷାର ମନୋଭାବ ପ୍ରତିଫଳିତ ହୋଇଛି ବା ଏପରି କୌଣସି କଠୋର ବିଶ୍ଳେଷଣାତ୍ମକ ତର୍କବୁଦ୍ଧି ସ୍ଥାନ ପାଇଛି ଯାହାକି ସତ୍ୟର କେବଳ ଗୋଟିଏ ଦୃଷ୍ଟିଭଙ୍ଗୀକୁ ଗ୍ରହଣ କରି ବାକିସବୁକୁ କାଟି ଅଲଗା କରିଦେଇଛି । ବରଂ ଏହାର ଭାବଧାରା ଭିତରେ ଏପରି ଏକ ବ୍ୟାପକତା, ତରଙ୍ଗମୟ ବିସ୍ତାର ଓ ସର୍ବାଲିଙ୍ଗନକାରୀ ଉଦାରତାର ପରିଚୟ ମିଳେ ଯେ ଯାହାକି ଏକ ବିପୁଳ ସମନ୍ୱୟାତ୍ମକ ବୁଦ୍ଧି ଓ ସମୃଦ୍ଧ ସମନ୍ୱୟାତ୍ମକ ଅନୁଭୂତିରହିଁ ପ୍ରକାଶ । ଭାରତୀୟ ଆଧ୍ୟାତ୍ମିକତା ସୃଷ୍ଟିର ସମୃଦ୍ଧ ସମ୍ଭାର ନେଇ ଯେପରି ଗୋଟିଏ ଦିଗରେ ଜ୍ଞାନ ବା ଧର୍ମାନୁଭୂତିର ଅଧିକ ପ୍ରଗାଢ଼ତର ଓ ଏକମୁଖୀ ଗତିକୁ ରୂପ ଦେଇଛି, ଚରମ ଏକାଗ୍ରତାର ସହିତ ମାତ୍ର ଗୋଟିଏ ସୂତ୍ର, ଗୋଟିଏ ପଥକୁ ଧରି ତାହାକୁ ତା'ର ଚୂଡ଼ାନ୍ତକୁ ନେଇଯାଇଛି, ଅନ୍ୟ ଦିଗରେ ଏହା ସେହିପରି ମହାନ୍

ସମନ୍ୱୟସବୁକୁ ମଧ୍ୟ ରୂପ ଦେଇଛି, ଯାହାର ଅନ୍ୟତମ ସୃଷ୍ଟି ହେଲା ଗୀତା । ଏହା ଗୋଟିକଠାରୁ ଅନ୍ୟଟିକୁ ଅଲଗାକରି ଭାଗ ଭାଗ କରିଦିଏ ନାହିଁ ବରଂ ସବୁକୁ ମିଶାଇଦିଏ ଓ ଏକ କରିଦିଏ ।

ଗୀତାର ଭାବଧାରା ବିଶୁଦ୍ଧ ଅଦ୍ୱୈତବାଦ ନୁହେଁ, ଯଦିଓ ଏହା ଏକ ଅବିକାରୀ, ଶୁଦ୍ଧ ଶାଶ୍ୱତ ପରମାତ୍ମାଙ୍କୁ ସମଗ୍ର ସୃଷ୍ଟିର ଆଦିକାରଣ ଓ ଆଶ୍ରୟ ବୋଲି ଦେଖିଛି, ଏହା ମାୟାବାଦ ନୁହେଁ ଯଦିଓ ଏହା ସୃଷ୍ଟ ବିଶ୍ୱରେ ପ୍ରକୃତିର ତ୍ରିଗୁଣମୟୀ ମାୟା ସର୍ବତ୍ର ବିଦ୍ୟମାନ ବୋଲି କହିଛି, ଏହା ମଧ୍ୟ ବିଶିଷ୍ଟାଦ୍ୱୈତ ନୁହେଁ ଯଦିଓ ଏହା ସେହି ଏକମେବାଦ୍ୱିତୀୟ-ପରଂବ୍ରହ୍ମ ଭିତରେ ତାହାର ଜୀବଭୂତା ସନାତନୀ ପରା ପ୍ରକୃତିକୁ ସ୍ଥାନ ଦେଇଛି ଏବଂ ଯଦିଓ ଏହା ପରମଙ୍କ ଭିତରେ ବିଲୟ ନୁହେଁ, ନିବାସକୁହିଁ ଆଧ୍ୟାତ୍ମିକ ଚେତନାର ଚରମ ଅବସ୍ଥା ବୋଲି ଜୋର୍ ଦେଇଛି । ଗୀତାର ଶିକ୍ଷା ସାଂଖ୍ୟ ନୁହେଁ ଯଦିଓ ସୃଷ୍ଟ ଜଗତକୁ ବ୍ୟାଖ୍ୟା କରିବାକୁ ଯାଇ ଏହା ପୁରୁଷ ଓ ପ୍ରକୃତିର ତତ୍ତ୍ୱକୁ ଅବତାରଣା କରିଛି, ଏହା ମଧ୍ୟ ବୈଷ୍ଣବଧର୍ମର ଈଶ୍ୱରବାଦ ନୁହେଁ, ଯଦିଓ ପୁରାଣମତରେ ଯେ ବିଷ୍ଣୁଙ୍କର ଅବତାର ସେହି ଶ୍ରୀକୃଷ୍ଣଙ୍କୁ ଏହା ପରମ ଦେବାଧିଦେବ ରୂପେ ଉପସ୍ଥାପନ କରିଛି ଏବଂ ପ୍ରାଣୀମାନଙ୍କର ଈଶ୍ୱର, ଜଗତର ପ୍ରଭୁ ଓ ସର୍ବଜୀବଙ୍କର ବନ୍ଧୁ ଏହି ଶ୍ରୀକୃଷ୍ଣଙ୍କଠାରୁ ଅନିର୍ଦ୍ଦେଶ୍ୟ ନିର୍ବିଶେଷ ବ୍ରହ୍ମର କୌଣସି ଶ୍ରେଷ୍ଠତା ଅଛି ବୋଲି ବା ଉଭୟଙ୍କ ଭିତରେ କୌଣସି ମୌଳିକ ତାରତମ୍ୟ ଅଛି ବୋଲି ଏହା ସ୍ୱୀକାର କରି ନାହିଁ । ପୂର୍ବବର୍ତ୍ତୀ ଯୁଗର ଉପନିଷଦର ଆଧ୍ୟାତ୍ମିକ ସମନ୍ୱୟ ପରି ପରବର୍ତ୍ତୀ ଏହି ଗୀତାର ସମନ୍ୱୟ ଏକ ସଙ୍ଗରେ ଆଧ୍ୟାତ୍ମିକ ଓ ବୁଦ୍ଧିଗତ ଏବଂ ଏହା ଏପରି କୌଣସି କଠିନ ଅନୁଦାର ନିର୍ଦ୍ଧାରଣକୁ ପ୍ରଶ୍ରୟ ଦେଇ ନାହିଁ ଯାହାକି ତା'ର ସାର୍ବଜନୀନତାରେ ବାଧା ଆଣିବ । ନିଜ ମତ ପ୍ରତିଷ୍ଠା ପାଇଁ ତତ୍‌ପର ଏହାର ଭାଷ୍ୟକାରମାନେ ବେଦାନ୍ତର ସର୍ବୋଚ୍ଚ ଶାସ୍ତ୍ରତ୍ରୟ ଭିତରୁ ଅନ୍ୟତମ ଏହି ଗୀତାକୁ ନେଇ ଅନ୍ୟାନ୍ୟ ମତ ଓ ସଂପ୍ରଦାୟର ବିଚାରକୁ ଖଣ୍ଡନ କରିବା ପାଇଁ ଯେପରି ଏହାକୁ ଅସ୍ତ୍ରରୂପେ ବ୍ୟବହାର କରିବାକୁ ଚେଷ୍ଟା କରିଛନ୍ତି, ଗୀତାର ଉଦ୍ଦେଶ୍ୟ ପ୍ରକୃତରେ ତା'ର ଠିକ୍ ବିପରୀତ । ଗୀତା ତର୍କ-ବିତର୍କ ପାଇଁ ଯୁଦ୍ଧର ଏକ ଅସ୍ତ୍ର ନୁହେଁ, ଏହା ହେଉଛି ଆଧ୍ୟାତ୍ମିକ ସତ୍ୟ ଓ ଆଧ୍ୟାତ୍ମିକ ଅନୁଭୂତିର ରାଜ୍ୟରେ ପ୍ରବେଶର ଏପରି ଏକ ଉନ୍ମୁକ୍ତ ତୋରଣ ଯେ ଯାହା ଭିତର ଦେଇ ଆମର ଦୃଷ୍ଟି ସେଇ ପରମ ଦିବ୍ୟଧାମର ସମସ୍ତ ପ୍ରଦେଶକୁ ସ୍ପର୍ଶ କରେ । ଏହା ସେହି ରାଜ୍ୟସବୁର ମାନଚିତ୍ର ଆଙ୍କିଛି କିନ୍ତୁ ସେସବୁକୁ ଭାଗ ଭାଗ କରିଦେଇ ନାହିଁ ବା ସେସବୁର ମଝିରେ ଏପରି କୌଣସି ପ୍ରାଚୀର ବା ବାଡ଼ ଛିଡ଼ା କରି ନାହିଁ ଯାହା ଆମ ଦୃଷ୍ଟିକୁ ବାଧା ଦେବ ।

ଭାରତୀୟ ଚିନ୍ତାଧାରାର ଦୀର୍ଘ ଇତିହାସରେ ଅନ୍ୟାନ୍ୟ ଅନେକ ସମନ୍ୱୟ ମଧ୍ୟ

ରୂପ ନେଇଛନ୍ତି । ପ୍ରଥମ ହେଲା ବୈଦିକ ସମନ୍ୱୟ ଯେଉଁଥିରେ କି ଆମେ ଦେଖୁ ମନୋବୁଦ୍ଧିମୟ ମାନବସତ୍ତା ଦିବ୍ୟଜ୍ଞାନ, ଶକ୍ତି, ଆନନ୍ଦ, ଜୀବନ ଓ ଗୌରବର ମହିମା ନେଇ ଊର୍ଦ୍ଧ୍ୱରୁ ଊର୍ଦ୍ଧ୍ୱକୁ ଉଠିଚାଲିଛି ଓ ବିଶାଳତମ କ୍ଷେତ୍ରରେ ବିହାର କରି ଦେବତାମାନଙ୍କ ବିଶ୍ୱମୟ ଅସ୍ତିତ୍ୱ ସହ ସମନ୍ୱିତ ହୋଇଛି, ଜଡ଼ଜଗତରେ ଥିବା ଏହି ଦେବତାମାନଙ୍କର ପ୍ରତୀକକୁ ଅନୁସରଣ କରି ସେସବୁର ପଶ୍ଚାତରେ ଥିବା ଉଚ୍ଚତର ଲୋକସବୁର ସନ୍ଧାନ ପାଇଛି ଯାହାକି ସ୍ଥୂଳ ଇନ୍ଦ୍ରିୟାନୁଭୂତି ଓ ସ୍ଥୂଳ ମନବୁଦ୍ଧିର ଅନ୍ତଃସ୍ଥଳରେ ଲୁକ୍କାୟିତ ହୋଇ ରହିଛନ୍ତି । ଏହି ସମନ୍ୱୟର ଚରମ ଅବସ୍ଥା ହେଲା ବୈଦିକ ଋଷିମାନଙ୍କର ଋତଚିତ୍‌ର ଅନୁଭୂତି, ଏକ ଦିବ୍ୟ ବିଶ୍ୱାତୀତ ଆନନ୍ଦମୟ ପରମର ଅନୁଭୂତି, ଯାହାର ଏକତ୍ୱ ଭିତରେ ମନୁଷ୍ୟର କ୍ରମବର୍ଦ୍ଧମାନ ଆତ୍ମା ଏବଂ ବିଶ୍ୱଦେବତାମାନଙ୍କର ଚିରନ୍ତନ ଦିବ୍ୟପୂର୍ଣ୍ଣତା ପରସ୍ପର ସହ ପୂର୍ଣ୍ଣ ଭାବରେ ମିଳିତ ହୋଇ ସାର୍ଥକତା ଲାଭ କରିଛନ୍ତି । ଉପନିଷଦ୍ ପୂର୍ବତନ ଋଷିମାନଙ୍କର ଏହି ଚରମ ଅନୁଭୂତିକୁ ଗ୍ରହଣ କରି ଏହିଠାରୁ ଆରମ୍ଭ କରିଛି ଆଧ୍ୟାତ୍ମିକ ଜ୍ଞାନର ମହାନ୍ ଓ ଗଭୀର ସମନ୍ୱୟ ଦିଗରେ ତା'ର ଅଗ୍ରପଦକ୍ଷେପ; ସନାତନ ସତ୍ୟର ଜ୍ଞାତା ସେହି ପ୍ରତ୍ୟାଦିଷ୍ଟ ଓ ମୁକ୍ତ ଋଷିମାନେ ଆଧ୍ୟାତ୍ମିକ ସାଧନା ଓ ଅନ୍ୱେଷଣର ଏକ ମହାନ୍ ଓ ସାର୍ଥକ ଯୁଗବ୍ୟାପୀ ଯେଉଁସବୁ ଦିବ୍ୟଦର୍ଶନ ଓ ଅନୁଭୂତି ଲାଭ କରିଥିଲେ ଉପନିଷଦ୍ ସେସବୁକୁ ଏକତ୍ର କରିଥିଲା ଏକ ମହାନ୍ ସମନ୍ୱୟ ଭିତରେ । ଗୀତା ଏହି ବୈଦାନ୍ତିକ ସମନ୍ୱୟରୁ ଆରମ୍ଭ କରିଥିଲା ଏବଂ ଏହାର ମୂଳ ଚିନ୍ତାଧାରାକୁ ଭିତ୍ତି କରି ତା' ଉପରେ ଛିଡ଼ା କରାଇଲା ଭକ୍ତି, ଜ୍ଞାନ ଓ କର୍ମ ଏହି ତିନି ମହାନ୍ ସାଧନାର ଏକ ନୂତନ ସମନ୍ୱୟ ଯାହା ଭିତର ଦେଇ ମାନବ-ଆତ୍ମା ସିଧା ପରମ ଶାଶ୍ୱତଙ୍କ ଦିଗରେ ଆଗେଇ ଯାଇପାରିବ ଓ ତାହାଙ୍କୁ ଲାଭ କରିପାରିବ । ଏହାଛଡ଼ା ଆହୁରି ଏକ ସମନ୍ୱୟ ବିଷୟ କୁହାଯାଇପାରେ, ତାହାହେଲା ତାନ୍ତ୍ରିକ ସମନ୍ୱୟ ।* ସୂକ୍ଷ୍ମତା ଓ ଆଧ୍ୟାତ୍ମିକ ଗଭୀରତାରେ ଏହା ଗୀତାର ସମନ୍ୱୟଠାରୁ କିଛି ଊଣା ହେଲେ ମଧ୍ୟ ସାହସ ଓ ଶକ୍ତିରେ ଏହା ଗୀତାଠାରୁ ଅଧିକ, କାରଣ ଏହା ଏପରିକି ଆଧ୍ୟାତ୍ମିକ ଜୀବନର ବାଧାବିଘ୍ନସବୁକୁ ମଧ୍ୟ ଧରି ସେଗୁଡ଼ିକୁ ବାଧ୍ୟ କରିଛି ସମୃଦ୍ଧତର ଆଧ୍ୟାତ୍ମିକ ବିଜୟ ଦିଗରେ ସହାୟକରୂପେ କାମ କରିବା ପାଇଁ, ଏବଂ ଏହା ଆମ ଆଗରେ ସମଗ୍ର ଜୀବନକୁ ଭଗବାନଙ୍କ ଲୀଳାରୂପେ ଗ୍ରହଣ କରିବାର ଦିବ୍ୟ ସମ୍ଭାବନା ଆଣି ଦେଇଛି । କେତେକ ବିଷୟରେ ଏହା ଅପେକ୍ଷାକୃତ ଆଶୁ ଫଳପ୍ରଦ ଓ ସମୃଦ୍ଧ, କାରଣ ଦିବ୍ୟଜ୍ଞାନ, ଦିବ୍ୟକର୍ମ ଓ ଭକ୍ତିମୟ ଦିବ୍ୟପ୍ରେମ ସଙ୍ଗେ ସଙ୍ଗେ ଏହା ହଠଯୋଗ ଓ ରାଜଯୋଗର ଗୁହ୍ୟ ରହସ୍ୟସବୁକୁ ମଧ୍ୟ ନିଜ ସାଧନାର କ୍ଷେତ୍ର ଭିତରକୁ

* ଏହା ସ୍ମରଣ ରଖିବା ଉଚିତ ଯେ ସମସ୍ତ ପୌରାଣିକ ପରମ୍ପରା ତା'ର ଐଶ୍ୱର୍ଯ୍ୟ ଓ ସମୃଦ୍ଧି ଏହି ତନ୍ତ୍ରରୁହିଁ ଆହରଣ କରିଛି ।

ଆଣିଛି ଏବଂ ଦିବ୍ୟଜୀବନକୁ ତା'ର ସକଳ ଭୂମିରେ ଉନ୍ମୁକ୍ତ କରିବା ପାଇଁ ଶରୀର ଓ ମନର ସାଧନାକୁ କିପରି ଉପଯୋଗ କରାଯାଇ ପାରେ ତାହା ଦେଖାଇଛି । କିନ୍ତୁ ଗୀତାରେ ଏହି ବିଷୟକୁ ଅତ୍ୟନ୍ତ ମାମୁଲି ଓ ଯଥାତଥା ଭାବରେ ବିଚାର କରାଯାଇଛି । ଅଧିକନ୍ତୁ ତନ୍ତ୍ର ମନୁଷ୍ୟର ଦିବ୍ୟପୂର୍ଣ୍ଣତାର ଆଦର୍ଶକୁ ଧରି ପାରିଛି ଯାହାକି ବୈଦିକ ଋଷିମାନେ ଗ୍ରହଣ କରିଥିଲେ ଅଥଚ ପରବର୍ତ୍ତୀ ସମୟରେ ଏଥିପ୍ରତି ଆବଶ୍ୟକ ଗୁରୁତ୍ୱ ଦିଆଯାଇ ନ ଥିଲା । କିନ୍ତୁ ଭବିଷ୍ୟତରେ ମାନବର ବିଚାର, ଅନୁଭୂତି ଓ ଅଭୀପ୍ସା ପାଇଁ ଯେଉଁ ସମନ୍ୱୟ ଆସିବ ସେଥିରେ ଏହି ଦିବ୍ୟପୂର୍ଣ୍ଣତାର ଆଦର୍ଶ ଏକ ବିଶେଷ ସ୍ଥାନ ପାଇବା ଅବଧାରିତ ।

ଆଗାମୀ କାଳର ଆମେମାନେ ଆଜି ବିକାଶର ଏପରି ଏକ ନୂତନ ଯୁଗର ପୁରୋଭାଗରେ ଛିଡ଼ା ହୋଇଛୁ ଯାହାର ପରିଣତି ହେବ ଆହୁରି ନବତର ଓ ବୃହତ୍ତର ସମନ୍ୱୟ । ଆମର ଏହା କାମ ନୁହେଁ ଯେ ବେଦାନ୍ତର ପ୍ରଧାନ ତିନୋଟି ସମ୍ପ୍ରଦାୟରୁ କୌଣସି ଗୋଟିକୁ ଧରି ନିଷ୍ଠାପର ବେଦାନ୍ତବାଦୀ ହେବା ବା ତାନ୍ତ୍ରିକ ମତାବଲମ୍ବୀ ହେବା ବା ଅତୀତର କୌଣସି ଈଶ୍ୱରବାଦୀ ଧର୍ମର ଅନୁଗାମୀ ହେବା ବା ଗୀତାଶିକ୍ଷାର ଚଉହଦି ଭିତରେ ନିଜକୁ ଆବଦ୍ଧ ହେବାକୁ ଦେବା । ତା'ର ଅର୍ଥ ହେବ ନିଜକୁ ସୀମିତ କରିଦେବା ଏବଂ ଆମ ନିଜର ସତ୍ତା ଓ ନିଜର ସାମର୍ଥ୍ୟ ସମ୍ଭାବନା ପରିବର୍ତ୍ତେ ଅତୀତର ଅନ୍ୟମାନଙ୍କର ସତ୍ତା, ଜ୍ଞାନ ଓ ସ୍ୱଭାବ ଦେଇ ଆମର ଆଧ୍ୟାତ୍ମିକ ଜୀବନ ଗଢ଼ିବାକୁ ଚେଷ୍ଟା କରିବା । ଆମେ ଅତୀତ ଉଷାର ନୋହୁଁ, ଆମେ ହେଉଛୁ ଭବିଷ୍ୟତ୍ ମଧ୍ୟାହ୍ନର । ରାଶି ରାଶି ନୂତନ ଉପାଦାନ ଆମ ଭିତରକୁ ପ୍ରବାହିତ ହେଉଛି, ଆମମାନଙ୍କୁ ଯେ ଭାରତ ତଥା ପୃଥିବୀର କେବଳ ଈଶ୍ୱରବାଦୀ ଧର୍ମର ପ୍ରଭାବସବୁକୁ ଓ ବୌଦ୍ଧଧର୍ମର ନବ-ଆବିଷ୍କୃତ ମର୍ମସବୁକୁ ଆତ୍ମଗତ କରିବାକୁ ହେବ ଖାଲି ସେତିକି ନୁହେଁ, ଆମକୁ ଆଧୁନିକ ଜ୍ଞାନ ଓ ଅନ୍ୱେଷଣର ସୀମିତ ଅଥଚ ସମ୍ଭାବନାପୂର୍ଣ୍ଣ ଆବିଷ୍କାରସବୁର ମଧ୍ୟ ପୂର୍ଣ୍ଣ ସମୀକ୍ଷଣ କରିବାକୁ ହେବ । ଏହାଛଡ଼ା ସମ୍ପୂର୍ଣ୍ଣ ମୃତ ବୋଲି ମନେ ହୋଇଥିବା ସୁଦୂର ଅତୀତ ଆଜି ଆମ ପାଇଁ ଏପରିସବୁ ଜ୍ୟୋତିର୍ମୟ ବହୁ ରହସ୍ୟର ସମ୍ଭାର ନେଇ ଆସୁଛି ଯାହାକି ମନୁଷ୍ୟର ଚେତନା ପାଇଁ ଦୀର୍ଘ ଦିନ ଧରି ଲୁପ୍ତ ହୋଇ ଯାଇଥିଲା; ଆଜି ସେସବୁ ପୁଣି ଆବରଣର ପଶ୍ଚାତରୁ ନିଜକୁ ପ୍ରକାଶ କରୁଛି । ଏ ସମସ୍ତହିଁ ଇଙ୍ଗିତ କରୁଛି ନୂତନ, ସମୃଦ୍ଧ ଓ ଅତ୍ୟନ୍ତ ମହାନ୍ ଏକ ସମନ୍ୱୟ ଦିଗରେ, ଲାଭ ହୋଇଥିବା ଏହିସବୁ ସଂପଦର ଏକ ନୂତନ ଓ ଉଦାର ସଙ୍ଗତି ଓ ସମନ୍ୱୟ ସାଧନ ହେଉଛି ଭବିଷ୍ୟତର ଏକ ବୌଦ୍ଧିକ ତଥା ଆଧ୍ୟାତ୍ମିକ ପ୍ରୟୋଜନ । କିନ୍ତୁ ଠିକ୍ ଯେପରି ଅତୀତର ସମନ୍ୱୟଗୁଡ଼ିକୁ ସେମାନଙ୍କ ପୂର୍ବବର୍ତ୍ତୀ ସମନ୍ୱୟଠାରୁହିଁ ଆରମ୍ଭ କରାଯାଇଥିଲା, ସେହିପରି ଭବିଷ୍ୟତର ସମନ୍ୱୟଗୁଡ଼ିକୁ ମଧ୍ୟ ଦୃଢ଼ ଓ ସୁପ୍ରତିଷ୍ଠିତ ହେବା

ପାଇଁ ଅତୀତର ମହାନ୍ ଆଧ୍ୟାତ୍ମିକ ଚିନ୍ତା ଓ ଅନୁଭୂତିସବୁର ଭିତ୍ତିଭୂମି ଉପରୁ ଆରମ୍ଭ କରିବା ଉଚିତ । ଅତୀତର ଏହି ମହାନ୍ ସଂପଦସବୁରେ ଗୀତାର ସ୍ଥାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

ତା'ହେଲେ ଗୀତାର ଅଧ୍ୟୟନରେ ଆମମାନଙ୍କର ଲକ୍ଷ୍ୟ ହେବ ନାହିଁ ତାହାର ଚିନ୍ତାଧାରାର ଏକ ଯୁକ୍ତିବୁଦ୍ଧିଗତ ପାଣ୍ଡିତ୍ୟପୂର୍ଣ୍ଣ ପର୍ଯ୍ୟାଲୋଚନା ବା ଆଧ୍ୟାତ୍ମିକ ଗବେଷଣାର ଇତିହାସରେ ଏହାର ଦର୍ଶନର ସ୍ଥାନ-ନିର୍ଦ୍ଦେଶ ବା ନୈୟାୟିକର ଢଙ୍ଗରେ ତର୍କସିଦ୍ଧ ବିଶ୍ଳେଷଣ । ଆମେ ଏହି ଗ୍ରନ୍ଥର ଶରଣାପନ୍ନ ହେବୁ ଆଲୋକ ଓ ସାହାଯ୍ୟ ପାଇଁ, ଆମର ଲକ୍ଷ୍ୟ ହେବ ଏହାର ମୂଳ, ଜୀବନ୍ତ ସନ୍ଦେଶର ସନ୍ଧାନ କରିବା, ଏହାର ସେହି ତାତ୍ପର୍ଯ୍ୟକୁ ଖୋଜିବା ଯାହାକୁ ଧରି ମନୁଷ୍ୟସମାଜ ତା'ର ପୂର୍ଣ୍ଣତା ଓ ସର୍ବୋତ୍ତମ ଆଧ୍ୟାତ୍ମିକ କଲ୍ୟାଣ ଦିଗରେ ଆଗେଇଯାଇ ପାରିବ ।

# ୨

# ଦିବ୍ୟଗୁରୁ

ପୃଥିବୀର ବିଶିଷ୍ଟ ଧର୍ମଗ୍ରନ୍ଥମାନଙ୍କ ମଧ୍ୟରେ ଗୀତାର ବିଶେଷତ୍ୱ ହେଉଛି ଏହା ସ୍ୱତଃ ଏପରି ଏକ ସ୍ୱତନ୍ତ୍ର ଧର୍ମଗ୍ରନ୍ଥ ନୁହେଁ, ଯାହାର ରଚନା ମୂଳରେ ରହିଛି ଖ୍ରୀଷ୍ଟ, ମହମ୍ମଦ ବା ବୁଦ୍ଧଙ୍କ ପରି କୌଣସି ମହାପୁରୁଷଙ୍କର ଆଧ୍ୟାତ୍ମିକ ଜୀବନ, କିଂବା ବେଦ, ଉପନିଷଦର ଯୁଗ ପରି କୌଣସି ବିଶୁଦ୍ଧ ଆଧ୍ୟାତ୍ମିକ ଅନୁସନ୍ଧାନ । ଏହା ଏପରି ଏକ ଐତିହାସିକ ମହାକାବ୍ୟର ଉପାଖ୍ୟାନ ଯେଉଁଥିରେ ବିଭିନ୍ନ ଜାତି ଓ ସେମାନଙ୍କ ଭିତରେ ଲାଗିଥିବା ଘୋର ଯୁଦ୍ଧ ବିଷୟରେ ତଥା ମନୁଷ୍ୟ ଓ ସେମାନଙ୍କର ପରାକ୍ରମ ବିଷୟରେ ବର୍ଣ୍ଣନା ହୋଇଛି, ଗୀତାର ପ୍ରସଙ୍ଗ ଆରମ୍ଭ ହୋଇଛି ଏହି ମହାକାବ୍ୟର ଜଣେ ମୁଖ୍ୟ ନାୟକଙ୍କର ଆତ୍ମାର ଏକ ସଙ୍କଟମୟ ମୁହୂର୍ତ୍ତରୁ ଯେତେବେଳେ କି ସେ ତାଙ୍କ ଜୀବନର ଚରମ କର୍ମର ସମ୍ମୁଖୀନ ହୋଇଛନ୍ତି, ଅତ୍ୟନ୍ତ ଭୟଙ୍କର ଉଗ୍ର ଓ ରକ୍ତପାତରେ ପୂର୍ଣ୍ଣ ସେହି କର୍ମ । ଏପରି ଏକ ସଙ୍ଗୀନ ଅବସ୍ଥାରେ ସେ ଆସି ପହଞ୍ଚିଛନ୍ତି ଯେ ତାଙ୍କୁ ହୁଏତ ସେହି କର୍ମରୁ ସଂପୂର୍ଣ୍ଣ ରୂପେ ଅପସରି ଯିବାକୁ ହେବ କିଂବା ତାହାକୁ ତା'ର ଅବଶ୍ୟମ୍ଭାବୀ ନିର୍ମମ ପରିଣତି ପର୍ଯ୍ୟନ୍ତ ଘେନି ଯିବାକୁ ହେବ । କେତେକ ଆଧୁନିକ ସମାଲୋଚକମାନଙ୍କ ମତ ଯେ ଗୀତା ମହାଭାରତର ପରବର୍ତ୍ତୀ କାଳର ରଚନା କିନ୍ତୁ ଏହାର ରଚୟିତା ମହାଭାରତ ପରି ଏକ ଜାତୀୟ ମହାକାବ୍ୟର ଲୋକପ୍ରିୟତା ଓ ପ୍ରାମାଣିକତା ଲାଭ କରିବା ଲକ୍ଷ୍ୟରେ ପରେ ତାହା ସହିତ ଗୀତାକୁ ଯୋଡ଼ି ଦେଇଛନ୍ତି । ଏହି ମତ ଠିକ୍ ହେଉ ବା ଭୁଲ୍ ହେଉ ସେଥିରେ ବିଶେଷ କିଛି ଯାଏ ଆସେ ନାହିଁ, ତେବେ ମୋ ବିଚାରରେ ଏହି ପ୍ରକାର ଅନୁମାନ ବିପକ୍ଷରେ ଅନେକ ଯୁକ୍ତି ରହିଛି ଏବଂ ଏହାର ସପକ୍ଷରେ ଭିତର ବାହାର ଯାହା କିଛି ପ୍ରମାଣ ଅଛି ତାହା ନିତାନ୍ତ ସାମାନ୍ୟ । କିନ୍ତୁ ଯଦି ବି ଏଥିପାଇଁ ପ୍ରଣିଧାନଯୋଗ୍ୟ ପ୍ରମାଣ ଥାଆନ୍ତା ତା'ହେଲେ ମଧ୍ୟ ଏହା ଲକ୍ଷ୍ୟ କରିବା କଥା ଯେ ଗୀତାର ରଚୟିତା ନିଜର ରଚନାକୁ ମହାଭାରତର ମହାନ୍ ବୟନ ସଙ୍ଗରେ ଅବିକଳ ଖାପ୍ ଖୁଆଇ ଅତ୍ୟନ୍ତ ସୁନ୍ଦର ରୂପେ ବୁଣି ମିଶାଇ ଦେଇ ପାରିଛନ୍ତି, ଖାଲି ସେତିକି ନୁହେଁ ସେ ମଧ୍ୟ ଆମକୁ ବାରଂବାର ସ୍ମରଣ କରାଇ ଦେଇଛନ୍ତି ଯେ କେଉଁ ପରିସ୍ଥିତି ଓ ପରିବେଷ୍ଟନୀରେ ଏହି ଗୀତୋପଦେଶ ଦିଆଯାଇଛି; ସେ ବରାବର ଏହି ପ୍ରସଙ୍ଗକୁ ଫେରି ଆସିଛନ୍ତି କେବଳ ଉପସଂହାରବେଳେ ନୁହେଁ, ଗଭୀର ତତ୍ତ୍ୱ ଓ ଦର୍ଶନର ବ୍ୟାଖ୍ୟା ମଝିରେ ମଧ୍ୟ ସେ ଆମକୁ

ଏହା ସ୍ମରଣ କରାଇଦେବାକୁ ଭୁଲି ନାହାନ୍ତି । ଆମକୁ ଗ୍ରନ୍ଥକାରଙ୍କର ଏହି ନିର୍ଦ୍ଦେଶକୁ ଗ୍ରହଣ କରିବାକୁ ହେବ ଏବଂ ଗୁରୁ ଶିଷ୍ୟଙ୍କର କଥୋପକଥନରେ ଏ ସମ୍ପର୍କରେ ଯେଉଁସବୁ ଇଙ୍ଗିତ ରହିଛି ତା' ଉପରେ ପୂର୍ଣ୍ଣ ଗୁରୁତ୍ୱ ଦେବାକୁ ହେବ । ତେଣୁ ଗୀତାର ଶିକ୍ଷାକୁ ଏକ ସାଧାରଣ ଆଧ୍ୟାତ୍ମିକ ଦର୍ଶନ ବା ଏକ ନୀତିଶାସ୍ତ୍ରର ବିଚାର ବୋଲି ଗ୍ରହଣ କଲେ ଚଳିବ ନାହିଁ, ମାନବଜୀବନ-କ୍ଷେତ୍ରରେ ଆଧ୍ୟାତ୍ମିକତା ଓ ନୈତିକତାର ପ୍ରୟୋଗ ସମ୍ପର୍କରେ ଉପୁଜିଥିବା ଏକ ବାସ୍ତବ ସଙ୍କଟକୁ ସ୍ମରଣ ରଖି ଏହି ଗ୍ରନ୍ଥର ବିଚାର କରିବାକୁ ହେବ । ସେହି ସଙ୍କଟର ମର୍ମ କ'ଣ, କୁରୁକ୍ଷେତ୍ର ଯୁଦ୍ଧର ତାତ୍ପର୍ଯ୍ୟ କ'ଣ, ଅର୍ଜୁନଙ୍କ ଅନ୍ତଃସତ୍ତା ଉପରେ ତା'ର ପ୍ରଭାବ କ'ଣ – ଏ ସବୁକୁହିଁ ଆମକୁ ପ୍ରଥମେ ନିର୍ଦ୍ଧାରଣ କରିବାକୁ ହେବ ଯଦି ଆମେ ଗୀତାଶିକ୍ଷାର ମୂଳ କେନ୍ଦ୍ରୀୟ ଧାରାଟିକୁ ଧରି ପାରିବାକୁ ଚାହୁଁ ।

ଏହା ଅତି ସ୍ପଷ୍ଟ ଯେ ଗଭୀରତମ ଶିକ୍ଷା ଓ ଉପଦେଶର ଏକ ମହାନ୍ ସୃଷ୍ଟି କେବେହେଲେ ଏପରି କୌଣସି ସାମାନ୍ୟ ଘଟନାକୁ ଅବଲମ୍ବନ କରି ହୋଇ ନ ଥାଏ ଯାହାର ବାହ୍ୟରୂପ ଓ ବିଭାବ ପଛରେ କୌଣସି ଗଭୀର ସୂଚନା ଓ ଦୁରୂହ ସଙ୍କଟର ପ୍ରଶ୍ନ ନାହିଁ ବା ଯାହାର ସମାଧାନ ଆମର ସାଧାରଣ ନିତ୍ୟ ନୈମିତ୍ତିକ କର୍ମ ଓ ଭାବନାର ଆଦର୍ଶରେ ସହଜରେ ହୋଇ ପାରିବ । ଗୀତାରେ ବସ୍ତୁତଃ ତିନୋଟି ବିଷୟ ଅଛି ଯାହା ଆଧ୍ୟାତ୍ମିକ ଦୃଷ୍ଟିରୁ ଗଭୀର ତାତ୍ପର୍ଯ୍ୟପୂର୍ଣ୍ଣ ଓ ପ୍ରାୟ ପ୍ରତୀକ ସ୍ୱରୂପ, ଏବଂ ଯେଉଁଥିରେ ଆଧ୍ୟାତ୍ମିକ ଜୀବନ ଓ ମାନବ-ଅସ୍ତିତ୍ୱର ମୂଳ ଗଭୀର ସମ୍ବନ୍ଧ ଓ ସମସ୍ୟାଗୁଡ଼ିକ ପରିସ୍ଫୁଟ ହୋଇଛି; ଏହି ତିନୋଟି ହେଲା ଦିବ୍ୟଗୁରୁଙ୍କର ଭାଗବତ ବ୍ୟକ୍ତିତ୍ୱ, ଶିଷ୍ୟଙ୍କ ସହିତ ତାଙ୍କର ବିଶିଷ୍ଟ ଧରଣର ସମ୍ବନ୍ଧ, ଏବଂ ତାଙ୍କର ଶିକ୍ଷାଦାନର ପ୍ରସଙ୍ଗ ଓ ଉପଲକ୍ଷ୍ୟ । ଗୁରୁ ହେଲେ ସ୍ୱୟଂ ଭଗବାନ୍ ଯେ ମାନବସମାଜରେ ଅବତୀର୍ଣ୍ଣ ହୋଇଛନ୍ତି, ଶିଷ୍ୟ ହେଲେ ସେହି ଯୁଗର ଶ୍ରେଷ୍ଠ ବ୍ୟକ୍ତି, ଆଧୁନିକ ଭାଷାରେ କହିଲେ ସମସାମୟିକ ମାନବସମାଜର ଶ୍ରେଷ୍ଠ ପ୍ରତିନିଧି, ଅବତାରଙ୍କର ଅନ୍ତରଙ୍ଗ ସଖା ଓ ନିର୍ବାଚିତ ଯନ୍ତ୍ର, ଏପରି ଏକ ମହାନ୍ କର୍ମ ଓ ସଂଗ୍ରାମରେ ତାଙ୍କର ସହଚର ଯାହାର ନିଗୂଢ଼ ଉଦ୍ଦେଶ୍ୟ ସେଥିରେ ଅଂଶ ଗ୍ରହଣକାରୀମାନଙ୍କୁ ମଧ୍ୟ ଅଜ୍ଞାତ, ଜ୍ଞାତ କେବଳ ସେହି ଅବତାର ଭଗବାନଙ୍କୁ ଯେ ନିଜର ଅଗାଧ ଜ୍ଞାନର ଉହାଡ଼ରୁ ସମସ୍ତ କିଛିକୁ ପରିଚାଳିତ କରୁଛନ୍ତି; ପ୍ରସଙ୍ଗ ହେଲା ସେହି କର୍ମ ଓ ସଂଗ୍ରାମର ଏକ ପ୍ରଚଣ୍ଡ ସଂକଟର ମୁହୂର୍ତ୍ତ ଯେତେବେଳେ ସେହି ସଂଗ୍ରାମର ବାହ୍ୟରୂପର ବେଦନା, ନୈତିକ ସମସ୍ୟା ଓ ଅନ୍ଧ ଜିଘାଂସାର ଛବି ମାନବ ପ୍ରତିନିଧିଙ୍କ ମନରେ ଫୁଟିଉଠି ତାଙ୍କୁ ହତବୁଦ୍ଧି କରି ପକାଇଛି ଓ ତାଙ୍କ ମନରେ ଜାଗିଉଠିଛି ଏହି ସମସ୍ତ ପ୍ରଶ୍ନ ଯେ ଭଗବାନଙ୍କର ଏ ପୃଥିବୀ ସହିତ ସମ୍ବନ୍ଧ କ'ଣ, ଏ ସବୁର ଲକ୍ଷ୍ୟ କ'ଣ, ଏସବୁ କୁଆଡ଼େ ଚାଲିଛନ୍ତି, ମଣିଷ ଜୀବନ ଓ କର୍ମର କ'ଣ ଲକ୍ଷ୍ୟ, କ'ଣ ବା ମର୍ମ ।

ଭାରତବର୍ଷ ପ୍ରାଚୀନ କାଳରୁ ଅବତାରତ୍ୱର ସତ୍ୟକୁ, ଭଗବାନଙ୍କର ମାନବ ରୂପ ପରିଗ୍ରହଣ ଓ ମାନବସମାଜରେ ତାଙ୍କର ପ୍ରକାଶର ସତ୍ୟକୁ ଦୃଢ଼ଭାବରେ ବିଶ୍ୱାସ କରି ଆସୁଛି । ପାଶ୍ଚାତ୍ୟରେ ଏହି ବିଶ୍ୱାସ ଲୋକମାନଙ୍କ ମନରେ ଯଥାର୍ଥ କୌଣସି ଛାପ ରଖି ପାରି ନାହିଁ, କାରଣ ସେଠାରେ ଏହା ଲୌକିକ ଖ୍ରୀଷ୍ଟଧର୍ମ ଦ୍ୱାରା ଏକ ଅବଶ୍ୟ ସ୍ୱୀକାର୍ଯ୍ୟ ଧାର୍ମିକ ମତବାଦ ରୂପେ ଉପସ୍ଥାପିତ କରାଯାଇଛି ଯାହାର କି ମନୁଷ୍ୟର ଯୁକ୍ତିବୁଦ୍ଧି, ସାଧାରଣ ଚେତନା ଓ ଜୀବନ ପ୍ରତି ଆଭିମୁଖ୍ୟର କ୍ଷେତ୍ରରେ କୌଣସି ଦୃଢ଼ଭିତ୍ତି ନାହିଁ । କିନ୍ତୁ ଭାରତରେ ଏହା ଜୀବନ ସମ୍ପର୍କରେ ବୈଦାନ୍ତିକ ଦୃଷ୍ଟିକୋଣର ଯୁକ୍ତିଯୁକ୍ତ ପରିଣତିରୂପେ ବଢ଼ି ଉଠିଛି ଏବଂ ଜାତିର ଚେତନାରେ ବଦ୍ଧମୂଳ ହୋଇଛି । ସମଗ୍ର ସୃଷ୍ଟି ହେଉଛି ଭଗବାନଙ୍କରହିଁ ଏକ ଅଭିବ୍ୟକ୍ତି, କାରଣ ସେହିଁ ହେଉଛନ୍ତି ଏକମାତ୍ର ସତ୍ୟ ଏବଂ ସେହି ଏକ ସତ୍ୟର ବାସ୍ତବରୂପ ବା କଳ୍ପନା ଛଡ଼ା ଅନ୍ୟ କିଛିର ଅସ୍ତିତ୍ୱ ସମ୍ଭବ ନୁହେଁ । ତେଣୁ ପ୍ରତ୍ୟେକ ସଚେତ ସତ୍ତା ଅଂଶତଃ ବା କୌଣସି ନା କୌଣସି ପ୍ରକାରେ ନାମ ଓ ରୂପର ଆପାତ ସୀମା ଭିତରକୁ ଅସୀମଙ୍କରହିଁ ଅବତରଣ । କିନ୍ତୁ ଏହା ଏକ ପରଦାବୃତ ପ୍ରକାଶ; ଏବଂ ଭଗବାନଙ୍କର ଯେଉଁ ପରା ଭାବ ଓ ପୂର୍ଣ୍ଣତଃ ବା ଅଂଶତଃ ଅଜ୍ଞାନାଚ୍ଛନ୍ନ ଏହି ଯେଉଁ ସୀମିତ ଜୀବଚେତନା — ଏହି ଦୁଇଟି ଭିତରେ ଏକ କ୍ରମିକ ସ୍ତର-ବିନ୍ୟାସ ରହିଛି । ଚେତନାଶୀଳ ଦେହୀ ଅର୍ଥାତ୍ ଦେହ ଗ୍ରହଣ କରିଥିବା ସଚେତ ଆତ୍ମା ହେଉଛି ଦିବ୍ୟ-ଅଗ୍ନିର ଏକ ସ୍ଫୁଲିଙ୍ଗ, ଏବଂ ମନୁଷ୍ୟର ଏହି ଆତ୍ମା ଯେତିକି ଯେତିକି ଆତ୍ମବିଷୟକ ଅଜ୍ଞାନତାରୁ ନିଜର ଆତ୍ମସତ୍ତା ଦିଗରେ ବିକଶିତ ହେଉଥାଏ, ସେହି ଅନୁସାରେ ଏହା ଆତ୍ମଜ୍ଞାନ ଦିଗରେ ଉନ୍ମୋଚିତ ହେଉଥାଏ । ଏବଂ ଭଗବାନ୍ ମଧ୍ୟ ଜଗତର ରୂପସମୂହ ଭିତରେ ନିଜକୁ ଢାଳିଦେଇ ସାଧାରଣତଃ ପ୍ରକଟ ହୁଅନ୍ତି ଏହାର ଶକ୍ତି, ସାମର୍ଥ୍ୟ, ଜ୍ଞାନ, ପ୍ରେମ, ଆନନ୍ଦ ଓ ବିଭୂତିର ବିକାଶରେ ନିଜ ଦିବ୍ୟତାର ନାନା ଭାବ ଓ ନାନା ମୂର୍ତ୍ତି ନେଇ । କିନ୍ତୁ ଯେତେବେଳେ ଭାଗବତ ଚେତନା ଓ ଶକ୍ତି ମନୁଷ୍ୟର ମୂର୍ତ୍ତି ଓ ମନୁଷ୍ୟର କ୍ରିୟାଧାରାକୁ ଗ୍ରହଣ କରି ତାକୁ ଅଧିକାର କରେ, କେବଳ ନିଜର ଶକ୍ତି, ସାମର୍ଥ୍ୟ, କାଳ ଓ ବାହ୍ୟଭାବ ଦ୍ୱାରା ନୁହେଁ ନିଜର ଶାଶ୍ୱତ ଜ୍ଞାନ ଦ୍ୱାରା, ଯେତେବେଳେ ଅଜନ୍ମା ଭାଗବତ ପୁରୁଷ ଆପଣାକୁ ଜାଣନ୍ତି ଓ କାର୍ଯ୍ୟ କରନ୍ତି ମନୋମୟ ସତ୍ତାର ଆକାର ଗ୍ରହଣ କରି, ମାନବ-ଜନ୍ମର ରୂପ ପିନ୍ଧି ତାହାହିଁ ହେଉଛି ଦେଶକାଳ ଭିତରେ ଭଗବାନଙ୍କ ଅଭିବ୍ୟକ୍ତିର ଚୂଡ଼ାନ୍ତରୂପ, ତାହାହିଁ ହେଉଛି ଭଗବାନଙ୍କର ପୂର୍ଣ୍ଣ ଓ ସଚେତ ଅବତରଣ, ଏହାହିଁ ହେଲା ଅବତାର ।

ବେଦାନ୍ତବାଦର ବୈଷ୍ଣବ ସମ୍ପ୍ରଦାୟ ଏହି ସିଦ୍ଧାନ୍ତ ଉପରେ ସମଧିକ ଜୋର୍ ଦେଇଛି ଏବଂ ମନୁଷ୍ୟ ଭିତରେ ଭଗବାନ୍ ଓ ଭଗବାନ୍ ଭିତରେ ମନୁଷ୍ୟ ଏହି ଉଭୟର ସମ୍ବନ୍ଧକୁ ନରନାରାୟଣଙ୍କର ଦ୍ୱୟୀ ମୂର୍ତ୍ତି ଭିତରେ ପ୍ରକାଶ କରିଛି । ଐତିହାସିକ ଭାବରେ ଏହି ମୂର୍ତ୍ତି

ଏପରି ଏକ ଧର୍ମମତର ପ୍ରବର୍ତ୍ତନ ସଙ୍ଗେ ଜଡ଼ିତ ଯେଉଁ ମତର ଗୀତା-ଶିକ୍ଷା ସହିତ ଅନେକ ସାଦୃଶ୍ୟ ରହିଛି । ନର ହେଉଛନ୍ତି ସେହି ମାନବ-ଆତ୍ମା, ଭଗବାନଙ୍କର ଚିରନ୍ତନ ସଖା ଯେ ନିଜ ସ୍ୱରୂପକୁ କେବଳ ସେତିକିବେଳେ ଲାଭ କରନ୍ତି ଯେତେବେଳେ ସେ ଭଗବାନଙ୍କ ସହ ସେହି ସଖା ଭାବରେ ଜାଗ୍ରତ୍ ହୁଅନ୍ତି ଏବଂ ଗୀତାର ଭାଷାରେ ଭଗବାନଙ୍କ ମଧ୍ୟରେ ବାସ କରିବାକୁ ଆରମ୍ଭ କରନ୍ତି । ନାରାୟଣ ହେଉଛନ୍ତି ସେହି ଭାଗବତ ଆତ୍ମା ଯେ ମାନବ ଭିତରେ ନିତ୍ୟ ଉପସ୍ଥିତ ରହିଛନ୍ତି, ମନୁଷ୍ୟର ନିଗୂଢ଼ ଗୁରୁ, ସଖା ଓ ସହାୟକ, ଗୀତାର ଭାଷାରେ "ଈଶ୍ୱରଃ ସର୍ବଭୂତାନାଂ ହୃଦ୍ଦେଶେ... ତିଷ୍ଠତି" । ମନୁଷ୍ୟ ଭିତରେ ଯେତେବେଳେ ସେହି ଗୋପନ ମନ୍ଦିରର ପରଦା ଅପସାରିତ ହୁଏ ଏବଂ ମନୁଷ୍ୟ ଭଗବାନଙ୍କର ସାକ୍ଷାତ୍ ଦର୍ଶନ ପାଇ ତାଙ୍କ ସଙ୍ଗେ ପ୍ରତ୍ୟକ୍ଷଭାବେ କଥାବାର୍ତ୍ତା କରେ, ତାଙ୍କର ଦିବ୍ୟ କଣ୍ଠସ୍ୱର ଶୁଣେ, ତାଙ୍କର ଦିବ୍ୟଜ୍ୟୋତିଃ ଗ୍ରହଣ କରେ, ତାଙ୍କର ଦିବ୍ୟଶକ୍ତିରେ କାର୍ଯ୍ୟକରେ, ସେତେବେଳେ ଦେହଧାରୀ ସଚେତ ମାନବ ଅସ୍ତିତ୍ୱର ସେହି ଅଜ ଶାଶ୍ୱତ ସତ୍ତାରେ ପରମ ଉତ୍ତରଣ ସମ୍ଭବପର ହୁଏ । ସେତେବେଳେ ଭଗବାନଙ୍କ ମଧ୍ୟରେ ବାସ କରିବାକୁ ଏବଂ ତାହାର ସମଗ୍ର ଚେତନାକୁ ଭଗବାନଙ୍କୁ ସମର୍ପଣ କରିବାକୁ ସମର୍ଥ ହୁଏ, ଯାହାକୁ ଗୀତା ସବୁଠାରୁ ଉଚ୍ଚତମ ଓ ସର୍ବୋତ୍ତମ ରହସ୍ୟ "ଉତ୍ତମମ୍ ରହସ୍ୟମ୍" ବୋଲି କହିଛି । ଯେତେବେଳେ ପ୍ରତ୍ୟେକ ମାନବ-ସତ୍ତାରେ ନିତ୍ୟ ବିରାଜମାନ ଏହି ଶାଶ୍ୱତ ଦିବ୍ୟ ଚେତନା, ନର ମଧ୍ୟରେ ବିଦ୍ୟମାନ ଏହି ନାରାୟଣ ମନୁଷ୍ୟ ଚେତନାକୁ ଆଂଶିକ ଭାବରେ* ବା ପୂର୍ଣ୍ଣଭାବରେ ଅଧିକାର କରନ୍ତି ଏବଂ ପ୍ରକଟ ମାନବ ରୂପରେ ପୃଥିବୀର ଗୁରୁ, ଚାଳକ ଓ ନେତା ହୁଅନ୍ତି, ସେତେବେଳେହିଁ ଅବତାର ପ୍ରକଟ ହୁଅନ୍ତି ବୋଲି କୁହାଯିବ । ଏହା ସେହିସବୁ ମାନବଙ୍କ ପରି ନୁହେଁ ଯେଉଁମାନେ କି ନିଜର ମାନବତା ମଧ୍ୟରେ ବାସକରନ୍ତି ତଥାପି ଦିବ୍ୟ ବିଜ୍ଞାନମୟ ଚେତନାର ଶକ୍ତି, ଜ୍ୟୋତିଃ ଓ ପ୍ରେମକୁ କେତେକାଂଶରେ ଅନୁଭବ କରନ୍ତି ଓ ତଦ୍ୱାରା ପରିଚାଳିତ ହୁଅନ୍ତି । କିନ୍ତୁ ଅବତାରଙ୍କ କ୍ଷେତ୍ରରେ ଏହା ସେପରି ନୁହେଁ, ଏହା ହେଉଛି ସେହି ଦିବ୍ୟ ବିଜ୍ଞାନମୟ ଚେତନାର ସାକ୍ଷାତ୍ କେନ୍ଦ୍ରୀୟ ଶକ୍ତି ଓ ଐଶ୍ୱର୍ଯ୍ୟ ଭିତରୁ ଅବତାରତ୍ୱର ପ୍ରକାଶ । ଅନ୍ତରସ୍ଥ ଭଗବାନହିଁ ହେଉଛନ୍ତି ମନୁଷ୍ୟ ଭିତରେ ଭଗବାନଙ୍କର ଚିରନ୍ତନ ଅବତାର, ମାନବ-ମୂର୍ତ୍ତିରେ ଏହାଙ୍କର ଅଭିବ୍ୟକ୍ତି ହେଉଛି ବାହ୍ୟ ଜଗତରେ ଏହାଙ୍କର ଅଭିବ୍ୟକ୍ତିର ଚିହ୍ନ ଓ ବିକାଶର ଧାରା ।

ଆମେ ଯେତେବେଳେ ଏହିପରି ଭାବରେ ଅବତାର-ତତ୍ତ୍ୱକୁ ବୁଝିପାରୁ, ସେତେବେଳେ ଆମେ ଦେଖୁ ଯେ ଆମର ବର୍ତ୍ତମାନର ବିଷୟବସ୍ତୁ ଗୀତାର ମୂଳ ତତ୍ତ୍ୱ

---

* ନଦୀୟାର ଅବତାର ଶ୍ରୀ ଚୈତନ୍ୟ ଏହିପରି ଆଂଶିକ ଭାବରେ ସମୟ ସମୟରେ ଭଗବତ୍ ଚେତନା ଓ ଶକ୍ତି ଦ୍ୱାରା ଅଧିକୃତ ହୋଇ ଯାଉଥିଲେ ବୋଲି କୁହାଯାଏ ।

ବୁଝିବା ପାଇଁ ହେଉ ବା ସାଧାରଣ ଭାବରେ ଆଧ୍ୟାତ୍ମିକ ଜୀବନକୁ ବୁଝିବା ପାଇଁ ହେଉ, ବାହ୍ୟ ବିଭାବର ତାତ୍ପର୍ଯ୍ୟ କେବଳ ଗୌଣ । ଖ୍ରୀଷ୍ଟଙ୍କ ଐତିହାସିକତା ନେଇ ଇଉରୋପରେ ଯେଉଁ ଭୀଷଣ ବାଦାନୁବାଦ ଚାଲେ, ତାହା ଆଧ୍ୟାତ୍ମିକ ମନୋଭାବସମ୍ପନ୍ନ ଜଣେ ଭାରତୀୟର ବିଚାରରେ କେବଳ ଅଯଥା ସମୟ ନଷ୍ଟ । ସେ ଏହିସବୁ ବାଦାନୁବାଦର ଇତିହାସ ଦୃଷ୍ଟିରୁ କିଛିଟା ମୂଲ୍ୟ ଅଛି ବୋଲି ହୁଏତ ସ୍ୱୀକାର କରିବ କିନ୍ତୁ ଧର୍ମ ଦିଗରୁ ଏହାର କୌଣସି ମୂଲ୍ୟ ଅଛି ବୋଲି ସେ ଆଦୌ ଗ୍ରହଣ କରିବ ନାହିଁ । କାରଣ ବଢ଼େଇ ଯୋଶେଫ୍‌ଙ୍କର ଯିଶୁ ବୋଲି ଜଣେ ପୁତ୍ର ନାଜାରେଥ୍ ବା ବେଥଲ୍‌ହାମ୍‌ରେ ଜନ୍ମଗ୍ରହଣ କରିଥିଲେ କି ନାହିଁ ବା ସେହି ଯିଶୁ ଧର୍ମ ପ୍ରଚାର କରି ଶେଷରେ ସତ୍ୟ ବା ମିଥ୍ୟା ରାଜଦ୍ରୋହ ଅପରାଧରେ ପ୍ରାଣଦଣ୍ଡ ପାଇଥିଲେ କି ନାହିଁ, ଏସବୁ କଥାର ଶେଷପର୍ଯ୍ୟନ୍ତ ବିଶେଷ କ'ଣ ମୂଲ୍ୟ ଅଛି, ଯଦି ଆମେ ଆଧ୍ୟାତ୍ମିକ ଅନୁଭୂତି ଦ୍ୱାରା ଅନ୍ତରସ୍ଥ ଖ୍ରୀଷ୍ଟଙ୍କୁ ଜାଣିପାରୁ, ତାଙ୍କର ଶିକ୍ଷାର ଆଲୋକରେ ନିଜର ଜୀବନକୁ ଊର୍ଦ୍ଧ୍ୱାୟିତ କରିପାରୁ ଏବଂ ପ୍ରାକୃତ ବିଧାନର ଦାସତ୍ୱରୁ ମୁକ୍ତ ହୋଇପାରୁ ଭଗବତ୍ ପ୍ରୀତ୍ୟାର୍ଥେ ନିଜର ଚିତ୍ତକୁ ସେହି ପ୍ରାୟଶ୍ଚିତ୍ତ ଦ୍ୱାରା ବିଶୋଧନ କରି, ଯାହାର ପ୍ରତୀକ ହେଲା କ୍ରୁଶ ଉପରେ ଖ୍ରୀଷ୍ଟଙ୍କ ପ୍ରାଣତ୍ୟାଗ । ଯଦି ମନୁଷ୍ୟ ରୂପ ଗ୍ରହଣ କରିଥିବା ସେହି ଈଶ୍ୱର ଖ୍ରୀଷ୍ଟ ଆମର ଆଧ୍ୟାତ୍ମିକ ସତ୍ତା ଭିତରେ ନିତ୍ୟ ବାସ କରନ୍ତି ତା'ହେଲେ ମେରୀଙ୍କର ପୁତ୍ରରୂପେ ସେ କୁଡ଼ିଆରେ ପ୍ରକୃତରେ ଶରୀର ଧାରଣ କରି ବଞ୍ଚିଥିଲେ କି ନାହିଁ, ବେଦନା ଓ ମୃତ୍ୟୁ ବରଣ କରିଥିଲେ କି ନାହିଁ, ସେଥିରେ ବିଶେଷ କ'ଣ ଯାଏ ଆସେ ? ସେହିପରି ଯେଉଁ କୃଷ୍ଣ ଆମର ପ୍ରଣିଧାନର ବିଷୟ, ସେ ହେଉଛନ୍ତି ଭଗବାନଙ୍କ ଶାଶ୍ୱତ ଅବତାର, ଇତିହାସ ଅନ୍ତର୍ଗତ କୌଣସି ଗୁରୁ ବା ମନୁଷ୍ୟମାନଙ୍କର ନେତା ନୁହନ୍ତି ।

ତେଣୁ ଗୀତାଶିକ୍ଷାର ସାରତତ୍ତ୍ୱ ଖୋଜିଲାବେଳେ, ଆମର ଏକମାତ୍ର ପ୍ରଣିଧାନର ବିଷୟ ହେଉଛି ମହାଭାରତର ମାନବ-ରୂପୀ ଭଗବାନ୍ ଶ୍ରୀକୃଷ୍ଣଙ୍କର ଆଧ୍ୟାତ୍ମିକ ମହତ୍ତ୍ୱ ଯାହାଙ୍କୁ ଆମ ଆଗରେ କୁରୁକ୍ଷେତ୍ରର ରଣାଙ୍ଗନରେ ଅର୍ଜୁନଙ୍କର ଗୁରୁରୂପେ ରଖାଯାଇଛି । ଏହା ଅବଶ୍ୟ ନିଃସନ୍ଦେହ ଯେ ଇତିହାସର କୃଷ୍ଣ ମଧ୍ୟ ଥିଲେ । ଏହି ନାମଟି ଆମେ ପ୍ରଥମେ ଛାନ୍ଦୋଗ୍ୟ ଉପନିଷଦ୍‌ରେ ଦେଖୁ, ଯେଉଁଥିରେ ତାଙ୍କ ସମ୍ପର୍କରେ କେବଳ ଏତିକିମାତ୍ର ଉଲ୍ଲେଖ ପାଉ ଯେ ଆଧ୍ୟାତ୍ମିକ ପରମ୍ପରାରେ ସେ ବ୍ରହ୍ମଜ୍ଞାନୀରୂପେ ବିଖ୍ୟାତ ଥିଲେ, ତାଙ୍କର ବ୍ୟକ୍ତିତ୍ୱ ଓ ତାଙ୍କ ଜୀବନର ଘଟଣାବଳୀ ଏପରି ସୁବିଦିତ ଥିଲା ଯେ କେବଳ ତାଙ୍କର ମାତାଙ୍କର ନାମ ଉଲ୍ଲେଖ କରି ଦେବକୀନନ୍ଦନ କୃଷ୍ଣ କହିଲେହିଁ ସମସ୍ତେ ବୁଝୁଥିଲେ କାହା ବିଷୟରେ କୁହାଯାଉଛି । ସେହି ଉପନିଷଦ୍‌ରେ ଆମେ ମଧ୍ୟ ବିଚିତ୍ରବୀର୍ଯ୍ୟଙ୍କ ପୁତ୍ର ରାଜା ଧୃତରାଷ୍ଟ୍ର ନାମର ଉଲ୍ଲେଖ ପାଉ, ଏବଂ ପରମ୍ପରାରେ ଏ ଦୁଇଟି ନାମ ଘନିଷ୍ଠ

ଭାବରେ ସମ୍ପୃକ୍ତ ଓ ମହାଭାରତର କାହାଣୀରେ କୃଷ୍ଣ ଓ ଧୃତରାଷ୍ଟ୍ର ଉଭୟେ ମୁଖ୍ୟ ବ୍ୟକ୍ତିତ୍ୱ ରୂପେ ସ୍ଥାନ ପାଇଛନ୍ତି । ଏଥିରୁ ଆମେ ସହଜରେ ଏହି ସିଦ୍ଧାନ୍ତରେ ପହଞ୍ଚିପାରୁ ଯେ ପ୍ରକୃତରେ ଏ ଦୁଇଜଣ ସମସାମୟିକ ଥିଲେ ଏବଂ ଏହି ମହାକାବ୍ୟ ବହୁଳାଂଶରେ ଐତିହାସିକ ବ୍ୟକ୍ତିମାନଙ୍କ ବିଷୟରେହିଁ ବର୍ଣ୍ଣନା କରିଛି ଓ କୁରୁକ୍ଷେତ୍ରର ଯୁଦ୍ଧ ଏପରି ଏକ ଐତିହାସିକ ଘଟନାକୁ ସୂଚିତ କରେ ଯାହାକି ଜାତିର ସ୍ମୃତିପଟରେ ଗଭୀର ଛାପ ରଖିଯାଇଛି । ଆମେ ମଧ୍ୟ ଜାଣୁ ଖ୍ରୀଷ୍ଟପୂର୍ବ ଯୁଗରେ ବହୁ ଶତାବ୍ଦୀଧରି ଶ୍ରୀକୃଷ୍ଣ ଓ ଅର୍ଜୁନଙ୍କୁ ଦେବତାରୂପେ ପୂଜା କରାଯାଉଥିଲା ଏବଂ ଏପରି ଭାବିବାର କାରଣ ରହିଛି ଯେ ଏହି ପୂଜା ସଙ୍ଗେ ଏପରି କୌଣସି ଧାର୍ମିକ ଓ ଆଧ୍ୟାତ୍ମିକ ପରମ୍ପରା ସଂଶ୍ଲିଷ୍ଟ ଥିଲା ଯେଉଁଥିରୁ କି ଗୀତା ହୁଏତ ନିଜର ବହୁ ଉପାଦାନ ଏପରିକି ଜ୍ଞାନ, କର୍ମ ଓ ଭକ୍ତିର ସମନ୍ୱୟର ଭିତ୍ତିକୁ ମଧ୍ୟ ଆହରଣ କରିଛି ଏବଂ ଏହା ମଧ୍ୟ ହୋଇପାରେ ଯେ ହୁଏତ ମାନବ କୃଷ୍ଣ ଏହି ପରମ୍ପରାର ପ୍ରତିଷ୍ଠାତା, ପୁନର୍ସଂସ୍ଥାପକ ବା ଅତି କମ୍‌ରେ ପ୍ରଥମ ପ୍ରବର୍ତ୍ତକମାନଙ୍କ ମଧ୍ୟରୁ ଅନ୍ୟତମ । ଗୀତାର ପରବର୍ତ୍ତୀ ରୂପ ଯାହାବି ହେଉ ନା କାହିଁକି ଏହା ଭାରତୀୟ ଚିନ୍ତାଧାରାରେ ଶ୍ରୀକୃଷ୍ଣଙ୍କ ଶିକ୍ଷାର ଧାରାକୁ ପ୍ରତିନିଧିତ୍ୱ କରି ଥାଇପାରେ ଏବଂ ସେହି ଶିକ୍ଷା ସହିତ ଐତିହାସିକ କୃଷ୍ଣ, ଅର୍ଜୁନ ଓ କୁରୁକ୍ଷେତ୍ର ଯୁଦ୍ଧର ସମ୍ପର୍କ କେବଳ ନାଟକୀୟ କବିକଳ୍ପନା ନ ହୋଇ ଅଧିକ ବାସ୍ତବ କିଛି ହୋଇପାରେ । ମହାଭାରତରେ ଶ୍ରୀକୃଷ୍ଣଙ୍କୁ ଉଭୟ ଐତିହାସିକ ଚରିତ୍ର ଓ ଅବତାର ରୂପେ ଦେଖାହୋଇଛି; ତେଣୁ ତାଙ୍କର ଉପାସନା ଓ ଅବତାରତ୍ୱ ସେତେବେଳକୁ ବେଶ୍ ପ୍ରତିଷ୍ଠିତ ହୋଇସାରିଥିଲା – ସମ୍ଭବତଃ ଏହା ଖ୍ରୀଷ୍ଟପୂର୍ବ ପଞ୍ଚମ ଶତାବ୍ଦୀଠାରୁ ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀ ଭିତରେ ହୋଇଥିବ ଯେତେବେଳେ କି ମହାଭାରତର ପ୍ରାଚୀନ କାହାଣୀ, କବିତା ଓ କାବ୍ୟ ପରମ୍ପରା ତା'ର ବର୍ତ୍ତମାନର ରୂପ ଗ୍ରହଣ କରିଥିବ । ଏହି କାବ୍ୟ ଭିତରେ ମଧ୍ୟ ଅବତାରଙ୍କର ବୃନ୍ଦାବନରେ ପ୍ରାରମ୍ଭିକ ଜୀବନ ବିଷୟରେ କିଛିଟା ସୂଚନା ରହିଛି ଏବଂ ଏହି ବୃନ୍ଦାବନ ଲୀଳା ପୁରାଣମାନଙ୍କରେ ଏକ ଗଭୀର ଓ ଶକ୍ତିଶାଳୀ ଅଧ୍ୟାତ୍ମପ୍ରତୀକ ରୂପେ ସ୍ଥାନ ପାଇଛି ଓ ଭାରତର ଧାର୍ମିକ ପରମ୍ପରା ଉପରେ ଏତେ ପ୍ରଭାବ ପକାଇଛି । ଆମେ ମଧ୍ୟ ହରିବଂଶରେ ଶ୍ରୀକୃଷ୍ଣଙ୍କ ଜୀବନର ଏକ ବର୍ଣ୍ଣନା ପାଉ ଯାହାକି ନାନା କଳ୍ପନା ଓ ଆଖ୍ୟାୟିକାରେ ପୂର୍ଣ୍ଣ ଏବଂ ହୁଏତ ପରବର୍ତ୍ତୀ ସମୟରେ ପୁରାଣର କାହାଣୀଗୁଡ଼ିକ ଏହିଥିରୁହିଁ ଉଦ୍ଭୂତ ହୋଇଛି ।

କିନ୍ତୁ ଏସବୁ ବିଷୟର ଯଥେଷ୍ଟ ଐତିହାସିକ ଗୁରୁତ୍ୱ ଥିଲେ ମଧ୍ୟ ଆମର ବର୍ତ୍ତମାନର ଉଦ୍ଦେଶ୍ୟ ସହିତ ଏସବୁର କିଛି ସମ୍ପର୍କ ନାହିଁ । ଆମର ଏଠାରେ କେବଳ ପ୍ରଣିଧାନର ବିଷୟ ହେଲା ଦିବ୍ୟଗୁରୁଙ୍କର ସେହି ରୂପ ଯାହା ଗୀତା ଆମ ଆଗରେ ରଖିଛି ଓ ସେହି ଦିବ୍ୟଶକ୍ତି ଯାହାକୁ ସେ ଆଣିଛନ୍ତି ମାନବ ସତ୍ୟର ଆଧ୍ୟାତ୍ମିକ ଆଲୋକ ପ୍ରାପ୍ତି ନିମନ୍ତେ ।

ଗୀତା ମାନବରୂପରେ ଭଗବାନଙ୍କ ଅବତାରର ତତ୍ତ୍ୱକୁ ଗ୍ରହଣ କରିଛି କାରଣ ଗୀତାରେ ଭଗବାନ୍ ମାନବରୂପରେ ଯୁଗେ ଯୁଗେ ବାରଂବାର ଜନ୍ମ ଗ୍ରଣ କରିଥିବା ବିଷୟ କହିଛନ୍ତି ।* ‘‘ମୋର ଓ ତୋର ବହୁତ ଜନ୍ମ ଗତ ହୋଇଯାଇଛି, ମୁଁ ସେସବୁ ଜନ୍ମର କଥା ଜାଣେ, ତୁ ଜାଣୁ ନାହିଁ, ହେ ପରନ୍ତପ, ମୋର ଜନ୍ମ ନାହିଁ, ମୃତ୍ୟୁ ନାହିଁ, ମୁଁ ସର୍ବଭୂତର ଈଶ୍ୱର, ତଥାପି ନିଜର ମାୟାକୁ ଆଶ୍ରୟ କରି ଯୁଗେ ଯୁଗେ ଜନ୍ମ ଗ୍ରହଣ କରେ ।’’ ଏହା ଘଟିଥାଏ ଯେତେବେଳେ ସେହି ଅଜନ୍ମା ଶାଶ୍ୱତ ପୁରୁଷ ନିଜର ମାୟାବଳରେ, ନିଜର ଅସୀମ ଚିତ୍ ଶକ୍ତି ବଳରେ ଅପାତ ସସୀମ ରୂପର ପରିଧାନ ପିନ୍ଧି ସମ୍ଭୂତିର ସେହି ଅବସ୍ଥାକୁ ଗ୍ରହଣ କରନ୍ତି ଯାହାକୁ ଆମେ ଜନ୍ମ ବୋଲି କହୁ । କିନ୍ତୁ ଗୀତାରେ ଭଗବାନଙ୍କର ଏହି ରୂପ ଉପରେ ଜୋର୍ ଦିଆଯାଇ ନାହିଁ – ଜୋର୍ ଦିଆଯାଇଛି ବିଶ୍ୱାତୀତ, ବିଶ୍ୱମୟ ଆନ୍ତର ଭଗବାନଙ୍କ ଉପରେ, ସବୁକିଛିର ଆଦି କାରଣ, ସମସ୍ତଙ୍କର ପ୍ରଭୁ ଓ ମନୁଷ୍ୟର ହୃଦୟରେ ନିଗୂଢ଼ ଭାବରେ ବିରାଜିତ ଭଗବାନଙ୍କ ଉପରେ । ଗୀତା ଏହି ଅନ୍ତରସ୍ଥ ଭଗବାନଙ୍କୁହିଁ ନିର୍ଦ୍ଦେଶ କରିଛି ଯେତେବେଳେ ଏହା କହିଛି ଯେ ଘୋର ଆସୁରିକ ତପଶ୍ଚର୍ଯ୍ୟ ଦ୍ୱାରା ଅନ୍ତରସ୍ଥ ଭଗବାନଙ୍କୁହିଁ ପୀଡ଼ା ଦିଆଯାଏ, ବା ଯେତେବେଳେ କହିଛି ମନୁଷ୍ୟ ତନୁକୁ ଆଶ୍ରୟ କରିଥିବା ଭଗବାନଙ୍କୁ ଯେ ଅବଜ୍ଞାକରେ ସେ ମୂଢ଼, ବା ଯେତେବେଳେ କହିଛି ଅନ୍ତରସ୍ଥ ଈଶ୍ୱର ଜ୍ଞାନାଲୋକର ଜ୍ୟୋତିଃରେ ଆମମାନଙ୍କର ଅଜ୍ଞାନ ନାଶ କରନ୍ତି । ଏହି ଶାଶ୍ୱତ ଅବତାର, ମାନବ ଭିତରେ ଏହି ଭଗବାନ୍, ମନୁଷ୍ୟ ମଧ୍ୟରେ ସଦା ଅଧିଷ୍ଠିତ ଏହି ଦିବ୍ୟ ଚେତନାହିଁ ପ୍ରତ୍ୟକ୍ଷରୂପେ ପ୍ରକଟ ହୋଇ ଗୀତାରେ ମାନବ ଆତ୍ମା ସଙ୍ଗେ କଥା କହୁଛନ୍ତି, ତା’ ଆଗରେ ଜୀବନର ଗୂଢ଼ ଅର୍ଥ ଓ ଦିବ୍ୟ କର୍ମର ରହସ୍ୟ ପ୍ରକାଶ କରୁଛନ୍ତି, ତାକୁ ଦିବ୍ୟଜ୍ଞାନ ଓ ଦିବ୍ୟଚାଳନାର ଦୀପ୍ତି ଦେଉଛନ୍ତି ଓ ସର୍ବଭୂତର ଈଶ୍ୱରଙ୍କର ଶକ୍ତିଦାୟକ ପରମ ଆଶ୍ୱାସବାଣୀ ଶୁଣାଉଛନ୍ତି ଯେତେବେଳେ ସେହି ମାନବାତ୍ମା ବିଶ୍ୱର ବେଦନାମୟ ରହସ୍ୟର ସମ୍ମୁଖୀନ ହୋଇଛି । ଏହି ବିଷୟକୁହିଁ ଭାରତର ଧର୍ମ ଚେତନା ନିଜର ସମୀପବର୍ତ୍ତୀ

* ବହୂନି ମେ ବ୍ୟତୀତାନି ଜନ୍ମାନି ତବ ଚାର୍ଜୁନ ।
ତାନ୍ୟହଂ ବେଦ ସର୍ବାଣି ନ ତ୍ୱଂ ବେତ୍ଥ ପରନ୍ତପ ॥
ଅଜୋଽପି ସନ୍ନବ୍ୟୟାତ୍ମା ଭୂତାନାମୀଶ୍ୱରୋଽପି ସନ୍ ।
ପ୍ରକୃତିଂ ସ୍ୱାମଧିଷ୍ଠାୟ ସଂଭବାମ୍ୟାତ୍ମମାୟୟା ॥
ଯଦା ଯଦା ହି ଧର୍ମସ୍ୟ ଗ୍ଳାନିର୍ଭବତି ଭାରତ ।
ଅଭ୍ୟୁତ୍‌ଥାନମଧର୍ମସ୍ୟ ତଦାତ୍ମାନଂ ସୃଜାମ୍ୟହମ୍ ॥
ପରିତ୍ରାଣାୟ ସାଧୂନାଂ ବିନାଶାୟ ଚ ଦୁଷ୍କୃତାମ୍ ।
ଧର୍ମସଂସ୍ଥାପନାର୍ଥାୟ ସଂଭବାମି ଯୁଗେ ଯୁଗେ ॥

(୪–୫,୬,୭,୮)

କରିବାକୁ ଚାହିଁଛି, ସେ ଯେଉଁ ରୂପରେ ହେଉନା କାହିଁକି, ତାହା ମନ୍ଦିରରେ ସ୍ଥାପିତ ପ୍ରତୀକ ମୂର୍ତ୍ତି ରୂପରେ ହେଉ ବା ଅବତାରଙ୍କ ପୂଜା ରୂପରେ ହେଉ ବା ସେହି ମାନବଗୁରୁଙ୍କୁ ଭକ୍ତି ରୂପରେ ହେଉ ଯାହାଙ୍କ ମଧ୍ୟ ଦେଇ ସେହି ଏକ ଜଗଦ୍‌ଗୁରୁଙ୍କର ବାଣୀହିଁ ଶୁଣାଯାଏ । ଏହିସବୁ ଭିତର ଦେଇ ଏହା ଚେଷ୍ଟା କରିଛି ସେହି ଆନ୍ତରବାଣୀ ପ୍ରତି ଜାଗ୍ରତ୍ ହେବାକୁ, ସେହି ଅରୂପର ରୂପକୁ ଅନାବୃତ କରିବା ପାଇଁ, ଏବଂ ସେହି ପ୍ରକଟ ଭାଗବତ ଶକ୍ତି, ପ୍ରେମ ଓ ଜ୍ଞାନ ଆଗରେ ମୁହାଁମୁହିଁ ଛିଡ଼ା ହେବା ପାଇଁ ।

ଦ୍ୱିତୀୟତଃ ମାନବ-ଶ୍ରୀକୃଷ୍ଣଙ୍କର ମଧ୍ୟ ଏକ ବିଶେଷ ତାତ୍ପର୍ଯ୍ୟ, ଏକ ନିଗୂଢ଼ ମର୍ମ ରହିଛି, ସେହିଁ ମହାଭାରତର ମହାନ୍ କର୍ମ ପଛରେ ଛିଡ଼ା ହୋଇଛନ୍ତି, ତା'ର ନାୟକ ରୂପେ ନୁହେଁ, ତା'ର ଗୂଢ଼କେନ୍ଦ୍ର ଓ ପ୍ରଚ୍ଛନ୍ନ ଚାଳକ ରୂପରେ । ଏହି କର୍ମ ଏକ ବିରାଟ କର୍ମ ଯେଉଁଥିରେ ଅଗଣିତ ମନୁଷ୍ୟ ଓ ଅସଂଖ୍ୟ ଜାତି ଅଂଶଗ୍ରହଣ କରିଛନ୍ତି, କେତେକ ଆସିଛନ୍ତି କେବଳ ଏହି ପ୍ରଚେଷ୍ଟା ଓ ପରିଣତିକୁ ସାହାଯ୍ୟ କରିବା ପାଇଁ, ଯେଉଁଥିରେ ସେମାନଙ୍କର ବ୍ୟକ୍ତିଗତ ଲାଭର କୌଣସି ପ୍ରଶ୍ନ ନାହିଁ, ସେମାନଙ୍କ ପାଇଁ ଶ୍ରୀକୃଷ୍ଣ ହେଲେ ନେତା, ପୁଣି କେତେକ ଆସିଛନ୍ତି ଏହି କର୍ମର ବିରୋଧୀ ରୂପେ, ସେମାନଙ୍କ ପାଇଁ ଶ୍ରୀକୃଷ୍ଣ ହେଲେ ଶତ୍ରୁ, ଯେ କି ସେମାନଙ୍କର ସମସ୍ତ ଚକ୍ରାନ୍ତକୁ ପଣ୍ଡ କରି ଦେଉଛନ୍ତି ଓ ସେମାନଙ୍କ ସଂହାରର ପଥ ପ୍ରଶସ୍ତ କରୁଛନ୍ତି । ଏପରିକି ସେମାନଙ୍କ ଭିତରୁ କେତେକଙ୍କ ପାଇଁ ଶ୍ରୀକୃଷ୍ଣହିଁ ସମସ୍ତ ଅନର୍ଥର ମୂଳ ଓ ସେମାନଙ୍କର ପ୍ରାଚୀନ ବ୍ୟବସ୍ଥା, ପରିଚିତ ଜଗତ୍ ଓ ସମସ୍ତ ପୁଣ୍ୟ-ବିଧାନର ଧ୍ୱଂସକର୍ତ୍ତା; ଆଉ କେତେକ ହେଉଛନ୍ତି ସିଦ୍ଧ ହେବାକୁ ଯାଉଥିବା ସେହି କର୍ମର ପ୍ରତିନିଧି, ସେମାନଙ୍କ ପାଇଁ ଶ୍ରୀକୃଷ୍ଣ ହେଲେ ଉପଦେଷ୍ଟା, ସହାୟକ ଓ ସଖା । ଯେଉଁଠି ଏହି କର୍ମ ତା' ସ୍ୱାଭାବିକ ଗତିପଥରେ ଚାଲୁଛି ବା କର୍ମ କରୁଥିବା ଲୋକମାନଙ୍କୁ ସେମାନଙ୍କ ଶତ୍ରୁମାନଙ୍କ ହାତରେ ନିର୍ଯାତନା ସହିବାକୁ ପଡୁଛି ବା ଏପରି ସବୁ ପରୀକ୍ଷା ଭିତର ଦେଇ ଯିବାକୁ ପଡୁଛି ଯାହାକି ସେମାନଙ୍କୁ ଦକ୍ଷତା ହାସଲ କରିବା ଦିଗରେ ପ୍ରସ୍ତୁତ କରୁଛି, ସେସବୁ କ୍ଷେତ୍ରରେ ଅବତାର ଦେଖାଦେଉ ନାହାନ୍ତି ବା ସାମୟିକ ଆଶ୍ୱାସନା ଓ ସାହାଯ୍ୟ ପାଇଁ କେତେବେଳେ ଆସୁଛନ୍ତି । କିନ୍ତୁ ପ୍ରତ୍ୟେକଟି ସଙ୍କଟର ମୁହୂର୍ତ୍ତରେ ତାଙ୍କର ସହାୟକ ହସ୍ତ ଅନୁଭୂତ ହେଉଛି, ତଥାପି ତାହା ଏପରି ସୂକ୍ଷ୍ମ ଭାବରେ ଯେ କର୍ମକର୍ତ୍ତାମାନେ ମନେ କରନ୍ତି ସ୍ୱୟଂ ସେହିମାନେହିଁ ସବୁକିଛିର କର୍ତ୍ତା । ଏପରିକି ତାଙ୍କର ଅନ୍ତରଙ୍ଗ ବନ୍ଧୁ ଓ ତାଙ୍କର ପ୍ରଧାନ ଯନ୍ତ୍ର ଅର୍ଜୁନ ମଧ୍ୟ ବୁଝି ପାରନ୍ତି ନାହିଁ ଯେ ସେ କେବଳ ଯନ୍ତ୍ରମାତ୍ର ଓ ଶେଷରେ ତାଙ୍କୁ ସ୍ୱୀକାର କରିବାକୁ ପଡ଼େ ଯେ ସେ କେବେହେଲେ ପ୍ରକୃତରେ ତାଙ୍କର ଭଗବତ୍ ବନ୍ଧୁଙ୍କର ଦିବ୍ୟ ପରିଚୟ ପାଇ ନ ଥିଲେ । ଅର୍ଜୁନ ଏହି ଦିବ୍ୟ ବନ୍ଧୁଙ୍କ ଜ୍ଞାନରୁ ପରାମର୍ଶ ପାଇଛନ୍ତି, ତାଙ୍କ ଶକ୍ତିରୁ ସହାୟତା ପାଇଛନ୍ତି, ତାଙ୍କୁ ଭଲ ପାଇଛନ୍ତି ଓ ତାଙ୍କର

ଭଲପାଇବା ମଧ ପାଇଛନ୍ତି, ତାଙ୍କ ଦିବ୍ୟସ୍ୱରୂପକୁ ନ ବୁଝି ଏପରିକି ତାଙ୍କୁ ପୂଜା ମଧ କରିଛନ୍ତି, କିନ୍ତୁ ଅନ୍ୟ ସମସ୍ତଙ୍କ ପରି ସେ ନିଜର ଅହଂ ଜରିଆରେହିଁ ପରିଚାଳିତ ହୋଇଛନ୍ତି ଏବଂ ସମସ୍ତ ପରାମର୍ଶ, ସାହାଯ୍ୟ ଓ ନିର୍ଦ୍ଦେଶ ତାଙ୍କୁ ଦିଆଯାଇଛି ଅଜ୍ଞାନର ଭାଷା ଜରିଆରେ ଓ ସେ ତାହା ଗ୍ରହଣ କରିଛନ୍ତି ମଧ ଅଜ୍ଞାନର ବିଚାର ଜରିଆରେ । ସେହି ଚରମ ମୁହୂର୍ତ୍ତ ନ ଆସିବା ପର୍ଯ୍ୟନ୍ତ ଯେତେବେଳେ କି ସବୁକିଛିକୁ କୁରୁକ୍ଷେତ୍ରର ଭୀଷଣ ସଂଗ୍ରାମଭୂମି ମଧକୁ ଠେଲି ଦିଆଯାଇଛି ଓ ଶେଷରେ ସ୍ୱୟଂ ଅବତାର ଆସି ଛିଡ଼ା ହୋଇଛନ୍ତି, ତଥାପି ମଧ ଯୋଦ୍ଧା ରୂପରେ ନୁହେଁ, ଯୁଦ୍ଧର ନିୟତି ବହନ କରୁଥିବା ରଥର ସାରଥି ରୂପରେ, ସେପର୍ଯ୍ୟନ୍ତ ସେ ନିଜର ଦିବ୍ୟସ୍ୱରୂପକୁ କାହା ଆଗରେ ପ୍ରକାଶ କରି ନାହାନ୍ତି, ଏପରିକି ନିଜର ନିର୍ବାଚିତ ବ୍ୟକ୍ତିମାନଙ୍କ ପାଖରେ ବି ନୁହେଁ ।

ଏହିପରି ଭାବରେ ଶ୍ରୀକୃଷ୍ଣ ହୋଇଉଠିଛନ୍ତି ମାନବ ସଙ୍ଗେ ଭଗବାନଙ୍କର ଆଚରଣର ପ୍ରତୀକ । ଅହଂ ଓ ଅଜ୍ଞାନ ଦ୍ୱାରା ଚାଳିତ ହୋଇ ଆମେ ଭାବୁ ଆମେହିଁ ହେଉଛୁ କର୍ମର କର୍ତ୍ତା, ଯେଉଁ ଫଳ ହୁଏ ଆମେହିଁ ତା'ର ମୁଖ୍ୟ କାରଣ ବୋଲି ଭାବି ଗର୍ବ କରୁ, ମାତ୍ର ପ୍ରକୃତରେ ଯେ ଆମମାନଙ୍କୁ ଚଳାନ୍ତି ଆମେ ମଝିରେ ମଝିରେ ତାଙ୍କୁ ଜ୍ଞାନ, ଅଭୀପ୍ସା ଓ ଶକ୍ତିର କେବଳ ଏକ ଅସ୍ପଷ୍ଟ ଉତ୍ସ ବା ଏପରିକି ମାନବିକ ଓ ପାର୍ଥିବ ଉତ୍ସ ବୋଲି ଭାବୁ ବା ତାଙ୍କୁ କୌଣସି ତତ୍ତ୍ୱ ବା ଆଲୋକ ବା ସାମର୍ଥ୍ୟ ହିସାବରେ ଗ୍ରହଣ କରୁ ଏବଂ ତାଙ୍କର ପ୍ରକୃତ ସ୍ୱରୂପ ନ ଜାଣି ପୂଜାକରୁ ଯେପର୍ଯ୍ୟନ୍ତ ଏପରି କିଛି ଘଟି ନ ଥାଏ ଯାହାକି ବଳପୂର୍ବକ ଆମକୁ ସେହି ରହସ୍ୟ ସମ୍ମୁଖରେ ଆଣି ଛିଡ଼ା କରାଇଦିଏ । ମାନବଜୀବନର ସମଗ୍ର ବ୍ୟାପକ କର୍ମ ଭିତରେ ଏହି ଦିବ୍ୟମୂର୍ତ୍ତି କ୍ରିୟାଶୀଳ, କେବଳ ଅନ୍ତର୍ଜୀବନରେ ନୁହେଁ, ଜଗତର ଅସ୍ପଷ୍ଟ ଗତିବୃତ୍ତି ଭିତରେ ମଧ, ଯାହାର ବିଚାର ଆମେ କରୁ କେବଳ ଆମର ଯୁକ୍ତିବୁଦ୍ଧିର ଅର୍ଦ୍ଧଦୀପ୍ତ ଆଲୋକ ନେଇ ଯେତେବେଳେ ଆମର ଅନିଶ୍ଚିତ ଯାତ୍ରାପଥର ସମ୍ମୁଖସ୍ଥ ସାମାନ୍ୟ ଭୂମି ମାତ୍ର ଏହାର କ୍ଷୀଣ ଆଲୋକରେ ଅସ୍ପଷ୍ଟ ହୋଇ ଦେଖାଯାଏ । ଏହା ହେଉଛି ଗୀତାର ବିଶେଷତ୍ୱ ଯେ ଏଥିରେ ଆମେ ଏପରି ଏକ କର୍ମର ଚୂଡ଼ାନ୍ତ ଅବସ୍ଥା ଦେଖୁ ଯାହାକି ଏହାର ଶିକ୍ଷାର ମୂଳରେ ରହିଛି ଏବଂ ଯାହା ଏହାର କର୍ମର ଉପଦେଶ ଓ ତତ୍ତ୍ୱକୁ ଏତେ ମହତ୍ତ୍ୱ ଦେଇଛି ଓ ଏତେ ସଜୋର ସୁସ୍ପଷ୍ଟ ଭାବରେ ଫୁଟାଇ ପାରିଛି; ଭାରତର ଅନ୍ୟ କୌଣସି ଧର୍ମଗ୍ରନ୍ଥରେ ଏପରି ଦେଖିବାକୁ ମିଳେ ନାହିଁ । କେବଳ ଗୀତାରେ ନୁହେଁ, ମହାଭାରତର ଅନ୍ୟାନ୍ୟ ସ୍ଥାନରେ ମଧ ଶ୍ରୀକୃଷ୍ଣ କର୍ମର ଆବଶ୍ୟକତା ଉପରେ ବିଶେଷ ଜୋର୍ ଦେଇ କହିଥିବାର ଦେଖୁ । କିନ୍ତୁ କେବଳ ଗୀତାରେହିଁ ସେ କର୍ମର ଗୋପନ ରହସ୍ୟକୁ ଓ ତାହା ପଶ୍ଚାତରେ ରହିଥିବା ଭଗବତ୍ ସତ୍ତାକୁ ପ୍ରକାଶ କରି ଦେଇଛନ୍ତି ।

ପ୍ରତୀକ ଭାବରେ ଅର୍ଜୁନ ଓ ଶ୍ରୀକୃଷ୍ଣଙ୍କ ସଖ୍ୟ, ଅର୍ଥାତ୍ ମାନବ ଆତ୍ମା ଓ ଭଗବତ୍ ଆତ୍ମାର ସଖ୍ୟର ରୂପକ ଭାରତର ଅନ୍ୟାନ୍ୟ ଗ୍ରନ୍ଥରେ ମଧ୍ୟ ବର୍ଣ୍ଣିତ ହୋଇଛି । ଯଥା – ଗୋଟିଏ ରଥରେ ବସି ଇନ୍ଦ୍ର ଓ କୁତ୍ସଙ୍କର ସ୍ୱର୍ଗଯାତ୍ରା, ଉପନିଷଦରେ ବର୍ଣ୍ଣିତ ଗୋଟିଏ ବୃକ୍ଷରେ ବସିଥିବା ଦୁଇଟି ପକ୍ଷୀ ବା ଜ୍ଞାନଲାଭ ନିମନ୍ତେ ଦୁଇ ଋଷି ନର ଓ ନାରାୟଣଙ୍କର ଏକତ୍ର ତପସ୍ୟା । କିନ୍ତୁ ଏହି ତିନିଟିଯାକ ରୂପକରେ ଦିବ୍ୟଜ୍ଞାନକୁହିଁ ଆଗରେ ରଖାଯାଇଛି, ଗୀତାର ଭାଷାରେ ଯେଉଁ ଜ୍ଞାନରେ ସମସ୍ତ କର୍ମ ପରିସମାପ୍ତ ହୁଏ, କିନ୍ତୁ ଗୀତାରେ କର୍ମକୁହିଁ ଆଗରେ ରଖାଯାଇଛି, ଯେଉଁ କର୍ମ ସେହି ଜ୍ଞାନ ଦିଗରେ ନେଇଯାଏ ଏବଂ ଯେଉଁ କର୍ମରେ ସ୍ୱୟଂ ଦିବ୍ୟଜ୍ଞାତାହିଁ ଭାଗ ନିଅନ୍ତି । ଅର୍ଜୁନ ଓ ଶ୍ରୀକୃଷ୍ଣ, ମନୁଷ୍ୟ ଓ ଭଗବାନ୍ ଏଠାରେ ଏକ ସଙ୍ଗରେ ଉପସ୍ଥିତ ହୋଇଛନ୍ତି କୌଣସି ଶାନ୍ତିମୟ ଆଶ୍ରମରେ ଧ୍ୟାନନିରତ ମୁନିଋଷି ରୂପରେ ନୁହେଁ, ରଣକ୍ଷେତ୍ରର ତୁମୁଳ କୋଳାହଳ ଓ ବାଣବର୍ଷଣର ମଝିରେ, ଯୁଦ୍ଧରଥ ଉପରେ ବିରାଜମାନ ହୋଇଛନ୍ତି ରଥୀ ଓ ସାରଥି ରୂପରେ । ତେଣୁ ଗୀତାର ଗୁରୁ କେବଳ ମନୁଷ୍ୟର ଅନ୍ତରସ୍ଥ ସେହି ଭଗବାନ୍ ନୁହନ୍ତି ଯେ କେବଳ ଜ୍ଞାନର ଜଗତରେ ନିଜକୁ ପ୍ରକଟ କରନ୍ତି, ସେ ହେଉଛନ୍ତି ମାନବ-ଅନ୍ତରସ୍ଥ ସେହି ଭଗବାନ୍ ଯେ ଆମ ସମଗ୍ର କର୍ମଜଗତର ଚାଳକ, ଯାହାଙ୍କ ଦ୍ୱାରା ଓ ଯାହାଙ୍କ ନିମନ୍ତେ ଆମ ସମଗ୍ର ମାନବଜାତି ବଞ୍ଚି ରହିଛି, ଶ୍ରମ କରୁଛି, ସଂଗ୍ରାମ କରୁଛି, ଯାହାଙ୍କ ଅଭିମୁଖରେ ସମଗ୍ର ମାନବଜୀବନ ଯାତ୍ରା କରୁଛି ଓ ଅଗ୍ରସର ହେଉଛି, ସମସ୍ତ କର୍ମ ଓ ଯଜ୍ଞର ସେହିଁ ହେଉଛନ୍ତି ଗୋପନ ପ୍ରଭୁ ଏବଂ ମାନବମାନଙ୍କର ପରମ ସଖା ।

# ୩

# ମାନବ ଶିଷ୍ୟ

ତା'ହେଲେ ଏହି ହେଉଛନ୍ତି ଗୀତାର ଦିବ୍ୟଗୁରୁ, ଶାଶ୍ୱତ ଅବତାର, ସ୍ୱୟଂ ଭଗବାନ୍ ଯେ ମାନବ-ଚେତନା ଭିତରେ ଅବତୀର୍ଣ୍ଣ ହୋଇଛନ୍ତି, ସମସ୍ତ ଜୀବଙ୍କର ହୃଦୟରେ ଅଧିଷ୍ଠିତ ପରମ ପ୍ରଭୁ, ଯେକି ପରଦାର ଉହାଡ଼ରୁ ଆମର ସମସ୍ତ ଚିନ୍ତା, ସମସ୍ତ କର୍ମ ଓ ହୃଦୟର ସମସ୍ତ ଆବେଗକୁ ପରିଚାଳିତ କରୁଛନ୍ତି — ଯେପରିକି ସେ ମଧ୍ୟ ଦୃଶ୍ୟମାନ ଓ ଇନ୍ଦ୍ରିୟଗ୍ରାହ୍ୟ ସମସ୍ତ ରୂପ, ଶକ୍ତି ଓ ପ୍ରବୃତ୍ତିର ପରଦା ଆଢୁଆଳରେ ରହି ନିଜେ ନିଜର ସତ୍ତା ଭିତରେ ଅଭିବ୍ୟକ୍ତ କରିଥିବା ଏହି ଜଗତର ବିରାଟ ବିଶ୍ୱକର୍ମକୁ ପରିଚାଳିତ କରୁଛନ୍ତି । ଆମର ଊର୍ଦ୍ଧ୍ୱମୁଖୀ ପ୍ରୟାସ ଓ ସନ୍ଧାନର ସମସ୍ତ ଦ୍ୱନ୍ଦ୍ୱ ତା'ର ଚରମ ପରିଣତି ଲାଭକରେ ଓ ଏକ ତୃପ୍ତିମୟ ସାର୍ଥକତାରେ ପ୍ରଶମିତ ହୁଏ ଯେତେବେଳେ ଆମେ ଏହି ପରଦାକୁ ଛିନ୍ନ କରୁ ଓ ଆମର ବାହ୍ୟ ସତ୍ତାର ପଶ୍ଚାତରେ ଅବସ୍ଥିତ ଏହି ପରମ ବାସ୍ତବ ସତ୍ତାରେ ପହଞ୍ଚୁ ଓ ଆମ ସତ୍ତାର ଏହି ପରମ ପ୍ରଭୁଙ୍କ ଭିତରେ ଆମର ସମଗ୍ର ସତ୍ତାକୁ ଉପଲବ୍ଧି କରୁ ଏବଂ ଏହି ଏକ ବାସ୍ତବ ପରମପୁରୁଷଙ୍କ ଉଦ୍ଦେଶ୍ୟରେ ତାଙ୍କ ଭିତରେ ଆମର ବ୍ୟକ୍ତିତ୍ୱକୁ ସମ୍ପୂର୍ଣ୍ଣ ଉତ୍ସର୍ଗ କରିଦେଉ, ତାଙ୍କର ପୂର୍ଣ୍ଣ ଜ୍ୟୋତିଃ ଭିତରେ ଆମର ସଦାବିକ୍ଷିପ୍ତ ଓ ସଦାକେନ୍ଦ୍ରଚ୍ୟୁତ ମାନସିକ କ୍ରିୟାକୁ ଲୀନ କରିଦେଉ, ତାଙ୍କର ବିପୁଳ, ଜ୍ୟୋତିର୍ମୟ ଓ ଅଖଣ୍ଡ ଦିବ୍ୟସଂକଳ୍ପ ନିକଟରେ ଆମର ବିଭ୍ରାନ୍ତ ଓ ଦ୍ୱନ୍ଦ୍ୱମୟ ସଂକଳ୍ପ ଓ ଶକ୍ତିକୁ ଅର୍ପଣ କରିଦେଉ ଏବଂ ଆମର ସମସ୍ତ ବହିର୍ମୁଖୀ ବିକ୍ଷିପ୍ତ କାମନା-ବାସନା ଓ ଆବେଗ ଆଦିର ଯୁଗପତ୍ ତ୍ୟାଗ ଓ ସନ୍ତୋଷବିଧାନ କରୁ ତାଙ୍କର ସ୍ୱୟମ୍ଭୂ ଆନନ୍ଦର ପୂର୍ଣ୍ଣତା ଭିତରେ । ଏହି ହେଉଛନ୍ତି ସେହି ଜଗତ୍‌ଗୁରୁ, ଅନ୍ୟାନ୍ୟ ସମସ୍ତ ସର୍ବୋଚ୍ଚ ଜ୍ଞାନ ଓ ଶିକ୍ଷା ତାଙ୍କରି ଶାଶ୍ୱତ ଜ୍ଞାନର ପ୍ରତିବିମ୍ବ ଓ ଆଂଶିକ ଅଭିବ୍ୟକ୍ତି ମାତ୍ର, ଏହି ହେଉଛି ସେହି ବାଣୀ ଯାହାକୁ ଶୁଣିବା ନିମନ୍ତେ ଆମର ଆତ୍ମାକୁ ଜାଗ୍ରତ୍ ହେବାକୁ ହେବ ।

ଶିଷ୍ୟ ଅର୍ଜୁନ ଯେକି ଯୁଦ୍ଧ କ୍ଷେତ୍ରରେହିଁ ଦୀକ୍ଷା ଗ୍ରହଣ କଲେ, ସେ ଏହି ପରିକଳ୍ପନାର ପରିପୂରକ, ସେ ସେହି ସଂଗ୍ରାମରତ ମାନବାତ୍ମାର ନମୁନା ଯେ ଆଜି ପର୍ଯ୍ୟନ୍ତ ଜ୍ଞାନଲାଭ କରି ନାହିଁ କିନ୍ତୁ ମାନବ ଭିତରେ ବିଦ୍ୟମାନ ସେହି ଉଚ୍ଚତର ଭାଗବତ ଆତ୍ମାର ଘନିଷ୍ଠ ସଖ୍ୟ ଓ ନିତ୍ୟ ଅଧିକ ସାନ୍ନିଧ୍ୟରେ ରହି ପୃଥିବୀରେ କର୍ମ କରି ସେହି ଜ୍ଞାନଲାଭର ଯୋଗ୍ୟପାତ୍ର ହୋଇଉଠିଛି । ଗୀତାକୁ ବ୍ୟାଖ୍ୟା କରିବାର ଏକ ପଦ୍ଧତି ଅଛି ଯେଉଁଥିରେ

କେବଳ ଏହି ଉପାଖ୍ୟାନଟି ନୁହେଁ ପରନ୍ତୁ ସମଗ୍ର ମହାଭାରତ କାବ୍ୟଟି ଆନ୍ତର ଜୀବନର ଏକ ପ୍ରତୀକ ହୋଇଉଠେ ଏବଂ ମନେହୁଏ ବାହ୍ୟ ମାନବ-ଜୀବନ ଓ କର୍ମ ସହ ଏହାର କିଛି ସମ୍ବନ୍ଧ ନାହିଁ, ଏହାର ସମ୍ବନ୍ଧ କେବଳ ଆତ୍ମାର ସଂଗ୍ରାମ ସହ, ଆମ ଭିତରେ ନିଜର ଅଧିକାର ସାବ୍ୟସ୍ତ ପାଇଁ ବିଭିନ୍ନ ଶକ୍ତିର ଯେଉଁ ସଂଗ୍ରାମ ଚାଲେ ଏହା କେବଳ ସେହି ବିଷୟରେ ବ୍ୟାପୃତ । କିନ୍ତୁ ଏହି ପ୍ରକାର ବିଚାର ପାଇଁ ମହାକାବ୍ୟର ସାଧାରଣ ଚରିତ୍ର ଓ ଭାଷାରୁ କୌଣସି ସମର୍ଥନ ମିଳେ ନାହିଁ ବରଂ ଯଦି ଏହି ବିଚାର ଉପରେ ଅଧିକ ଜୋର୍ ଦିଆଯାଏ ତେବେ ଗୀତାର ସିଧାସଳଖ ଦାର୍ଶନିକ ଭାଷା ପରିଣତ ହେବ ମୂଳରୁ ଶେଷଯାଏ ଏକ ଶ୍ରମସାଧ୍ୟ, ଦୁର୍ବୋଧ୍ୟ ଓ ରହସ୍ୟାବୃତ ରଚନାରେ । ବେଦ ତଥା ପୁରାଣର କେତେକ ଅଂଶର ଭାଷା ସ୍ପଷ୍ଟତଃ ପ୍ରତୀକାତ୍ମକ, ଅନ୍ତରାଳର ବିଷୟବସ୍ତୁ ସମ୍ବନ୍ଧରେ ସାଙ୍କେତିକ ବର୍ଣ୍ଣନାରେ ପୂର୍ଣ୍ଣ । କିନ୍ତୁ ଗୀତାର ବକ୍ତବ୍ୟ ସ୍ପଷ୍ଟ ଓ ପ୍ରାଞ୍ଜଳ ଭାଷାରେ କୁହାଯାଇଛି, ତାହାର ଉଦ୍ଦେଶ୍ୟ ହେଲା ମନୁଷ୍ୟର ଜୀବନ ଯେଉଁସବୁ ପ୍ରଧାନ ନୈତିକ ଓ ଆଧ୍ୟାତ୍ମିକ ସମସ୍ୟାମାନ ଉଠାଇଛି ତା'ର ଏକ ସମାଧାନ ଆଣିଦେବା; ତେଣୁ ଏହାର ସ୍ପଷ୍ଟ ସରଳ ଭାଷା ଓ ଶିକ୍ଷାର ପଛକୁ ଯାଇ ଆମର ଖିଆଲ ଓ କଳ୍ପନାନୁଯାୟୀ ସେଗୁଡ଼ିକର ମନଇଚ୍ଛା ଅର୍ଥ କରିବା ଉଚିତ ହେବ ନାହିଁ । ତେବେ ଏହି ବିଚାରରେ ଏତିକିମାତ୍ର ସତ୍ୟ ଅଛି ଯେ ଗୀତା-ଶିକ୍ଷାକୁ ଯେପରି ଭାବରେ ଓ ଯେଉଁ ପରିବେଶରେ ରଖାଯାଇଛି ତାହା ପ୍ରତୀକାତ୍ମକ ନ ହେଲେ ମଧ୍ୟ ତାହା ନିଶ୍ଚିତରୂପେ ବିଶିଷ୍ଟ ଧରଣର ବୋଲି କୁହାଯିବ । ବାସ୍ତବରେ ଗୀତାଭଳି ଶିକ୍ଷାକୁ ଏହି ଭାବରେ ଓ ଏହି ପରିବେଶରେହିଁ ରଖାଯିବା ଉଚିତ; ତା' ନ ହେଲେ ଏହା ଯେଉଁ ମୂଳ ବିଷୟରେ କହିବାକୁ ଯାଉଛି, ତା' ସହିତ ଏହାର ଯଥାର୍ଥ ସମ୍ପର୍କ ରହିବ ନାହିଁ । ଆମେ ଦେଖୁ ଯେ ଅର୍ଜୁନ ଏଠାରେ ଏକ ମହାନ୍ ବିଶ୍ୱସଂଗ୍ରାମରେ ଜାତି ଓ ମନୁଷ୍ୟମାନଙ୍କର ଭଗବତ୍ ପରିଚାଳିତ କର୍ମ କରୁଥିବା ଏକ ପ୍ରତିନିଧି ପୁରୁଷ; ଗୀତାରେ ସେ ସେହି କର୍ମନିଷ୍ଠ ମାନବାତ୍ମାର ଦୃଷ୍ଟାନ୍ତ ଯେକି ନିଜ କର୍ମ ଦ୍ୱାରା ସେହି କର୍ମର ସବୁଠୁ ଉତ୍କଟ ଓ ଭୟଙ୍କର ସଙ୍କଟ ଭିତରେ ଏକ ମହାନ୍ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି, ସେ ସମସ୍ୟାଟି ହେଲା ମନୁଷ୍ୟ ଜୀବନର ସମସ୍ୟା ଏବଂ ଆଧ୍ୟାତ୍ମିକ ଅବସ୍ଥା ସହ ବା ଏପରିକି ପୂର୍ଣ୍ଣତାର ଏକ ନୈତିକ ଆଦର୍ଶ ସହ ମାନବଜୀବନ ଓ କର୍ମର ଆପାତ ଅସଙ୍ଗତିର ସମସ୍ୟା ।

ଅର୍ଜୁନ ହେଉଛନ୍ତି ରଥାରୂଢ଼ ଯୋଦ୍ଧା, ଏବଂ ଭଗବାନ୍ କୃଷ୍ଣ ତାଙ୍କ ରଥର ସାରଥି । ବେଦରେ ମଧ୍ୟ ଆମେ ଏହିପରି ରୂପକ ପାଉ ଯେ ମାନବାତ୍ମା ଓ ଦେବତାତ୍ମା ଏକ ରଥରେ ଆରୂଢ଼ ହୋଇ ଏକ ବିରାଟ ଯୁଦ୍ଧ ଭିତରେ କୌଣସି ମହାନ୍ ଲକ୍ଷ୍ୟ ଲାଭ ଉଦ୍ଦେଶ୍ୟରେ ଅଗ୍ରସର ହେଉଛନ୍ତି । କିନ୍ତୁ ସେଠାରେ ଏହା ପୂରାପୂରି ଏକ ରୂପକ ଓ

ପ୍ରତୀକ । ସେଠାରେ ଦେବତା ହେଲେ ଇନ୍ଦ୍ର, ଜ୍ୟୋତିର୍ଲୋକ ଓ ଅମୃତର ଅଧୀଶ୍ୱର, ଦିବ୍ୟଜ୍ଞାନର ଶକ୍ତି ଯାହା ଅବତୀର୍ଣ୍ଣ ହୋଇଥାଏ ମିଥ୍ୟା, ଅନ୍ଧକାର, ସୀମା ଓ ମୃତ୍ୟୁର ସନ୍ତାନମାନଙ୍କ ସଙ୍ଗେ ଯୁଦ୍ଧ କରୁଥିବା ମାନବ-ସାଧକକୁ ସାହାଯ୍ୟ କରିବା ପାଇଁ, ଯୁଦ୍ଧ ହେଉଛି ଆଧ୍ୟାତ୍ମିକ ଶତ୍ରୁମାନଙ୍କ ସଙ୍ଗେ ଯେଉଁମାନେ ଆମ ସତ୍ତାର ଉଚ୍ଚତର ଜଗତକୁ ଯିବାର ପଥରୋଧ କରି ଛିଡ଼ା ହୋଇଛନ୍ତି; ଗନ୍ତବ୍ୟ ଲକ୍ଷ୍ୟ ହେଉଛି ବିରାଟ ସତ୍ତାର ସେହି କ୍ଷେତ୍ର ଯାହା ପରମ ସତ୍ୟର ଆଲୋକରେ ଉଦ୍ଭାସିତ ଏବଂ ପୂର୍ଣ୍ଣ ପରିଣତ ଆତ୍ମାର ସଚେତ ଅମୃତତ୍ୱରେ ଊର୍ଦ୍ଧ୍ୱାୟିତ, ସେହି ଭୂମିର ଅଧୀଶ୍ୱର ହେଲେ ଇନ୍ଦ୍ର । ମାନବାତ୍ମା ହେଲେ କୁତ୍ସ ଯେକି ନିରନ୍ତର ଦ୍ରଷ୍ଟାଜ୍ଞାନର ସନ୍ଧାନୀ, ଏହାହିଁ କୁତ୍ସ ନାମର ଅର୍ଥ, ସେ ହେଲେ ଅର୍ଜ୍ଜୁନଙ୍କ ପୁତ୍ର ବା ଆର୍ଜ୍ଜୁନି, ସ୍ୱୟଂ ଶ୍ୱେତ, ଶ୍ୱେତବର୍ଣ୍ଣଜନନୀ ଶ୍ୱିତ୍ରାଙ୍କ ସନ୍ତାନ ଅର୍ଥାତ୍ ସେ ହେଲେ ସାତ୍ତ୍ୱିକ ବା ଶୁଦ୍ଧ ଜ୍ୟୋତିର୍ମୟ ଆତ୍ମା ଯେ ଦିବ୍ୟଜ୍ଞାନର ଅଖଣ୍ଡ ମହିମା ପ୍ରତି ଉନ୍ମୀଳିତ । ଯେତେବେଳେ ଯାତ୍ରା ଶେଷରେ ରଥ ନିଜର ଗନ୍ତବ୍ୟସ୍ଥଳ ଇନ୍ଦ୍ରଙ୍କ ନିଜ ଆଳୟରେ ପହଞ୍ଚୁଛି ସେତେବେଳେ ମାନବ କୁତ୍ସ ତାଙ୍କର ଦିବ୍ୟ ସହଯାତ୍ରୀଙ୍କ ସଙ୍ଗେ ଏପରି ସାଦୃଶ୍ୟ ଲାଭ କରିଛନ୍ତି ଯେ କିଏ ଇନ୍ଦ୍ର ଓ କିଏ କୁତ୍ସ ତାହା କେବଳ ଇନ୍ଦ୍ରଙ୍କ ପତ୍ନୀ ଶଚୀହିଁ ଚିହ୍ନିପାରନ୍ତି, କାରଣ ସେ ହେଉଛନ୍ତି, 'ଋତ-ପ୍ରଜ୍ଞା', ଏହି ରୂପକଟି ସ୍ପଷ୍ଟତଃ ମନୁଷ୍ୟର ଅନ୍ତର୍ଜୀବନର, ଏହାର ତାତ୍ପର୍ଯ୍ୟ ହେଲା ଜ୍ଞାନର ନିତ୍ୟବର୍ଦ୍ଧମାନ ପ୍ରକାଶ ଦ୍ୱାରା ମନୁଷ୍ୟ ଶାଶ୍ୱତ ଭଗବାନଙ୍କ ସ୍ୱରୂପରେ ବଢ଼ିଉଠୁଛି । କିନ୍ତୁ ଗୀତାର ସୂତ୍ରପାତ ହୋଇଛି କର୍ମରୁ, ଅର୍ଜ୍ଜୁନ ହେଲେ କର୍ମୀ, ଜ୍ଞାନୀ ନୁହନ୍ତି, ସେ ହେଲେ ଯୋଦ୍ଧା, ଦ୍ରଷ୍ଟା ବା ଭାବୁକ ନୁହନ୍ତି ।

ଗୀତାର ଆରମ୍ଭରୁ ଶିଷ୍ୟଙ୍କର ଏହି ବିଶେଷ ମନୋବୃତ୍ତି ଓ ସ୍ୱଭାବ ସ୍ପଷ୍ଟରୂପେ ସୂଚିତ ହୋଇଛି ଓ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଏହାର ରକ୍ଷା କରାଯାଇଛି । ପ୍ରଥମେ ଅର୍ଜ୍ଜୁନ ଯେଉଁଭଳି ଭାବରେ ନିଜ କାର୍ଯ୍ୟ ସମ୍ପର୍କରେ ସଚେତ ହୋଇଉଠିଲେ ଅର୍ଥାତ୍ ସେ ନିଜେ ଯେଉଁ ଭୀଷଣ ସଂହାରର କାର୍ଯ୍ୟରେ ମୁଖ୍ୟ ଯନ୍ତ୍ର ହେବାକୁ ଯାଉଛନ୍ତି ସେ ସମ୍ପର୍କରେ ଯେଭଳି ସଚେତନ ହୋଇଉଠିଲେ, ସଙ୍ଗେ ସଙ୍ଗେ ତାଙ୍କ ମନରେ ଯେଉଁସବୁ ଚିନ୍ତା ଉଦିତ ହେଲା, ଯେଉଁ ଦୃଷ୍ଟିକୋଣ ଓ ମାନସିକ ଭାବ ନେଇ ସେ ଏହି ଆସନ୍ନ ଭୟଙ୍କର ବ୍ୟାପାରରୁ ପଶ୍ଚାତ୍‌ପଦ ହେବାକୁ ଆରମ୍ଭ କଲେ – ଏ ସବୁଥିରୁହିଁ ତାଙ୍କର ସ୍ୱଭାବ ସହଜରେ ଅନୁମିତ ହୁଏ । ସେହିସବୁ ବିଚାର, ଦୃଷ୍ଟିକୋଣ ଓ ମନୋଭାବ ସେହି ଧରଣର ସମସ୍ୟାର ସମ୍ମୁଖୀନ ହୋଇଥିବା କୌଣସି ଦାର୍ଶନିକର ବା ଗଭୀର ଭାବୁକ ବା ଆଧ୍ୟାତ୍ମିକ ବ୍ୟକ୍ତିର ନୁହେଁ । ସେଗୁଡ଼ିକ ହେଉଛି ବ୍ୟବହାରିକ ବା କର୍ମକୁଶଳ ଲୋକର ଭାବ, ନୀତିପରାୟଣ ଆବେଗ ଅନୁଭୂତିପ୍ରବଣ ଓ ବୁଦ୍ଧିମାନ୍ ମନୁଷ୍ୟର ଭାବ ଯେକି କୌଣସି ଗଭୀର ଓ ମୌଳିକ ଚିନ୍ତାରେ ଅଭ୍ୟସ୍ତ ନୁହେଁ ବା ଖୁବ୍ ଗଭୀରକୁ ଯାଇ ଦେଖିବାରେ

ଅଭ୍ୟସ୍ତ ନୁହେଁ, ବରଂ ଯେ ଚିନ୍ତା ଓ କାର୍ଯ୍ୟରେ ଖୁବ୍ ଉଚ୍ଚ ଅଥଚ ଧରାବନ୍ଧା ଆଦର୍ଶକୁ ଅନୁସରଣ କରି ପୂର୍ଣ୍ଣ ଆତ୍ମବିଶ୍ୱାସ ସହ ବାଧାବିଘ୍ନ ଓ ବିପଦ-ଆପଦ ଭିତରେ ଅଗ୍ରସର ହେବାରେ ଅଭ୍ୟସ୍ତ; କିନ୍ତୁ ବର୍ତ୍ତମାନ ସେ ଦେଖୁଛି ଯେ ତା'ର ବିଚାର ବିବେକର ସମସ୍ତ ମାନ ଏଠି ବ୍ୟର୍ଥ ହେଉଛି, ଏବଂ ନିଜ ଉପରେ ଓ ନିଜ ଜୀବନ ଉପରେ ଯେଉଁ ବିଶ୍ୱାସ ନେଇ ସେ ଛିଡ଼ା ହୋଇଥିଲା ତାହା ମାତ୍ର ଗୋଟିଏ ଧକ୍କାରେ ତା'ପାଦ ତଳୁ ଖସିଯାଉଛି । ଅର୍ଜୁନଙ୍କ ପାଇଁ ଏହି ଧରଣର ଏକ ସଙ୍କଟ ଆସି ଉପସ୍ଥିତ ହୋଇଥିଲା ।

ଗୀତାର ଭାଷାରେ ଅର୍ଜୁନ ପ୍ରକୃତିର ତ୍ରିଗୁଣର ଅଧୀନ ଏବଂ ସାଧାରଣ ଅନ୍ୟ ସମସ୍ତଙ୍କ ପରି ସେ ମଧ୍ୟ ଏହି ତ୍ରିଗୁଣମୟ କ୍ଷେତ୍ରରେ ଏପର୍ଯ୍ୟନ୍ତ ନିଶ୍ଚିନ୍ତ ହୋଇ ଚାଲିବାରେ ଅଭ୍ୟସ୍ତ । ନିଜ ନାମ ଅର୍ଜୁନକୁ ସେ ଏତିକି ପର୍ଯ୍ୟନ୍ତ ସାର୍ଥକ କରିଛନ୍ତି ଯେ ଏପର୍ଯ୍ୟନ୍ତ ସେ ଶୁଦ୍ଧ ଓ ସାତ୍ତ୍ୱିକ ଭାବରେ ନିଜ ଜୀବନକୁ ଉଚ୍ଚତର ସ୍ପଷ୍ଟ ନୀତି ଓ ପ୍ରେରଣା ଦ୍ୱାରା ଚାଳିତ କରିଛନ୍ତି ଏବଂ ନିଜର ନିମ୍ନତର ପ୍ରକୃତିକୁ ସେ ଜାଣିଥିବା ସବୁଠାରୁ ମହତ୍ ଧର୍ମ ଦ୍ୱାରା ସଂଯତ କରିଛନ୍ତି । ସେ ଉଦ୍ଦଣ୍ଡ ଆସୁରିକ ପ୍ରକୃତିର ଲୋକ ନୁହନ୍ତି, ନିଜ ରିପୁମାନଙ୍କର ଦାସ ନୁହନ୍ତି, ସର୍ବଦା ସ୍ଥିର, ସଂଯତ, କର୍ତ୍ତବ୍ୟନିଷ୍ଠ ଏବଂ ଯେଉଁ ସମାଜ ଓ ଯୁଗରେ ସେ ବାସ କରିଛନ୍ତି ଓ ଯେଉଁ ଧର୍ମ ଓ ନୈତିକତା ଭିତରେ ସେ ବଢ଼ିଛନ୍ତି ସେସବୁର ଶ୍ରେଷ୍ଠ ନୀତି, ନିୟମ ଓ ଆଚାର-ମର୍ଯ୍ୟାଦା ପ୍ରତି ତାଙ୍କର ଦୃଢ଼ ଆନୁଗତ୍ୟ ରହିଛି । ଅନ୍ୟ ଲୋକମାନଙ୍କ ପରି ତାଙ୍କର ମଧ୍ୟ ଅହଂ ରହିଛି, କିନ୍ତୁ ତାହା ଶୁଦ୍ଧ ସାତ୍ତ୍ୱିକ ଅହଂ ଯାହା କେବଳ ନିଜର ସ୍ୱାର୍ଥ ଓ କାମନା-ବାସନା ଆବେଗ ଆଦିରେ ବ୍ୟସ୍ତ ନ ରହି ସମାଜର ଭଲମନ୍ଦ ନୀତି-ନିୟମ ଓ ଅନ୍ୟମାନଙ୍କର ମଙ୍ଗଳ ଓ ଅମଙ୍ଗଳ ପ୍ରତି ମଧ୍ୟ ଧ୍ୟାନ ରଖେ । ସେ ନିଜକୁ ନୈତିକ ଓ ସାମାଜିକ ବିଧାନ ଓ ଶାସ୍ତ୍ର ଦ୍ୱାରା ପରିଚାଳିତ କରିଛନ୍ତି । ତାଙ୍କ ମନରେ ଯେଉଁ ବିଷୟ ପ୍ରତି ସେ ସବୁଠୁ ଅଧିକ ଗୁରୁତ୍ୱ ଦେଇଛନ୍ତି, ଯେଉଁ ବିଧାନ ଦ୍ୱାରା ସେ ନିଜକୁ ପରିଚାଳିତ କରିଛନ୍ତି ତା' ହେଲା ଧର୍ମ, ଯାହା ହେଉଛି ଧାର୍ମିକ, ସାମାଜିକ ଓ ନୈତିକ ଆଚରଣର ବିଧାନ ସମ୍ପର୍କରେ ସାମୂହିକ ଭାରତୀୟ ଧାରଣା । ବିଶେଷ କରି ସେ ଯେଉଁ କ୍ଷତ୍ରିୟଜାତିର ଅନ୍ତର୍ଗତ ଯେଉଁମାନେ କି ଉଚ୍ଚମନା, ସ୍ୱାଧୀନଚେତା, ବୀର ରାଜପୁତ୍ର ଯୋଦ୍ଧା ଓ ଆର୍ଯ୍ୟମାନଙ୍କ ନେତା ସେହି କ୍ଷାତ୍ର ଧର୍ମ ପ୍ରତି ତାଙ୍କର ଦୃଢ଼ ନିଷ୍ଠା ଓ ଆନୁଗତ୍ୟ ରହିଛି । ନ୍ୟାୟ ଓ ନୀତି ସମ୍ପର୍କରେ ସଚେତ ରହି ଏହି କ୍ଷାତ୍ରଧର୍ମକୁ ଅନୁସରଣ କରି ସେ ଏତେଦୂର ପର୍ଯ୍ୟନ୍ତ ଆସିଛନ୍ତି, ବର୍ତ୍ତମାନ ହଠାତ୍ ଦେଖୁଛନ୍ତି ଯେ ଏହା ତାଙ୍କୁ ଆଣି ଏକ ଅତି ଭୟଙ୍କର ଅଦୃଷ୍ଟପୂର୍ବ ଯୁଦ୍ଧ ଓ ନରହତ୍ୟାର ମୁଖ୍ୟ ନାୟକ ରୂପେ ଛିଡ଼ା କରାଇଛି, ଏହା ଏପରି ଏକ ଭୟାବହ ଗୃହଯୁଦ୍ଧ, ଯେଉଁଥିରେ ସମସ୍ତ ସଭ୍ୟ ଆର୍ଯ୍ୟଜାତି ମିଳିତ ହୋଇଛନ୍ତି ଓ ଯାହାର ପରିଣତି ହେଉଛି ଏହି ସଭ୍ୟଜାତିର ସମସ୍ତ ଶ୍ରେଷ୍ଠ ବୀର

ଓ ମୁକୁଟମଣି ବିନାଶଲାଭ କରିବେ ଓ ହୁଏତ ଏହି ବ୍ୟବସ୍ଥିତ ପୂରା ସଭ୍ୟତାହିଁ ଅରାଜକତା ଭିତରେ ଉଚ୍ଛନ୍ନ ଓ ଧ୍ୱଂସ ହୋଇଯିବ ।

ଅର୍ଜୁନଙ୍କର କର୍ମପ୍ରଧାନ ସ୍ୱଭାବ ପୁଣି ସ୍ପଷ୍ଟ ହୋଇଛି ଯେତେବେଳେ ସେ ନିଜର ସଂବେଦନ ବା ଇନ୍ଦ୍ରିୟାନୁଭୂତି ଭିତର ଦେଇହିଁ ନିଜ କର୍ମର ଅର୍ଥ ସମ୍ପର୍କରେ ସଚେତ ହୋଇଛନ୍ତି । ଅର୍ଜୁନ ତାଙ୍କର ସଖା ଓ ସାରଥିଙ୍କୁ ତାଙ୍କ ରଥକୁ ଉଭୟ ସେନାନୀର ମଝିରେ ନେଇ ରଖିବାକୁ କହିଲେ; କୌଣସି ଗଭୀରତର ଭାବନେଇ ସେ ଏହା କହି ନ ଥିଲେ, ସେ ଦର୍ପର ସହିତ ଚାହିଁଥିଲେ ଅଧର୍ମର ପକ୍ଷ ନେଇ ଲଢ଼ିବାକୁ ଆସିଥିବା ଏହିସବୁ ଅଗଣିତ ଯୋଦ୍ଧାମାନଙ୍କୁ ଥରେ ମୁହାଁମୁହିଁ ଦେଖି ନେବାକୁ, ଯେଉଁମାନଙ୍କୁ ତାଙ୍କୁ ସମ୍ମୁଖୀନ ହେବାକୁ ହେବ ଏହି ଘୋର ଯୁଦ୍ଧରେ ନିହତ କରିବାକୁ ହେବ ଯେପରିକି ଧର୍ମର ବିଜୟ ହୁଏ । କିନ୍ତୁ ସେ ଏହି ଦୃଶ୍ୟ ଦେଖୁଥିବା ସମୟରେହିଁ ଏହି ଭ୍ରାତୃବିବାଦ ଓ ଗୃହଯୁଦ୍ଧର ପ୍ରକୃତ ଅର୍ଥ ତାଙ୍କ ମନରେ ସ୍ପଷ୍ଟ ହେବାକୁ ଲାଗିଲା, ସେ ଦେଖିଲେ ଯେ ଏହା ଏପରି ଏକ ଯୁଦ୍ଧ ଯେଉଁଥିରେ ଏକ ଦେଶର ବା ଏକ ଜାତିର ବା ଏକ ବଂଶର ଲୋକ ଖାଲି ନୁହନ୍ତି, ଏକ ପରିବାରର, ଏକ ଘରର ଲୋକେ ମଧ୍ୟ ପରସ୍ପରର ବିପକ୍ଷରେ ଯୁଦ୍ଧ କରିବାକୁ ଛିଡ଼ା ହୋଇଛନ୍ତି । ସାମାଜିକ ମନୁଷ୍ୟ ଯେଉଁମାନଙ୍କୁ ନିଜର ପରମପ୍ରିୟ ଓ ପୂଜ୍ୟ ମନେ କରେ, ସେହିପରି ଲୋକମାନଙ୍କୁ ତାଙ୍କୁ ଶତ୍ରୁ ହିସାବରେ ସାମନା କରିବାକୁ ହେବ ଓ ହତ୍ୟା କରିବାକୁ ହେବ – ପୂଜ୍ୟ ଗୁରୁ, ଆଚାର୍ଯ୍ୟ, ପୁରାତନ ବନ୍ଧୁ, ସାଥୀ, ମିତ୍ର, ପିତାମହ, ମାତୁଳ, ଯେଉଁମାନଙ୍କ ସଙ୍ଗେ ତାଙ୍କର ସମ୍ପର୍କ ହେଉଛି ପିତାସମାନ, ପୁତ୍ର ଓ ପୌତ୍ର ସମାନ, ଯେଉଁମାନଙ୍କ ସହ ସେ ରକ୍ତ ସମ୍ପର୍କ ଦ୍ୱାରା ସଂବନ୍ଧିତ – ଏ ସମସ୍ତ ସାମାଜିକ ବନ୍ଧନକୁ ତାଙ୍କୁ ତରବାରି ଦ୍ୱାରା ଛିନ୍ନ କରିବାକୁ ହେବ । ଏସବୁ ବିଷୟ ଯେ ଅର୍ଜୁନ ପୂର୍ବରୁ ଜାଣି ନ ଥିଲେ ତାହା ନୁହେଁ କିନ୍ତୁ ଏହାର ପ୍ରକୃତ ଅର୍ଥ ଅନୁଭବ କରିପାରି ନ ଥିଲେ । ନିଜର ଯଥାର୍ଥ ଦାବି, ନିଜ ଉପରେ ହୋଇଥିବା ଅନ୍ୟାୟ, ନିଜ ଜୀବନର ନୀତି, ନ୍ୟାୟ ପାଇଁ ସଂଗ୍ରାମ, ନ୍ୟାୟ ଓ ଧର୍ମରକ୍ଷା ନିମନ୍ତେ ଯୁଦ୍ଧ କରି ଅନ୍ୟାୟ, ଅତ୍ୟାଚାର ଓ ଅଧର୍ମକୁ ଦମନ କରିବା ଦିଗରେ କ୍ଷତ୍ରିୟର କର୍ତ୍ତବ୍ୟ ଆଦି କଥାରେ ସେ ଏତେଦୂର ଅଭିଭୂତ ରହିଥିଲେ ଯେ ସେ ଏହି ଯୁଦ୍ଧର ପ୍ରକୃତ ତାତ୍ପର୍ଯ୍ୟ ବିଷୟରେ ଗଭୀର ଭାବରେ ଚିନ୍ତାକରି ନ ଥିଲେ ବା ହୃଦୟରେ, ପ୍ରାଣର ମର୍ମ ସ୍ଥଳରେ ଅନୁଭବ କରି ନ ଥିଲେ । ବର୍ତ୍ତମାନ ଦିବ୍ୟସାରଥି ଏସବୁକୁ ତାଙ୍କର ଦୃଷ୍ଟିପଥକୁ ଆଣିଲେ, ତାଙ୍କର ଚକ୍ଷୁ ଆଗରେ, ସ୍ଥୂଳ ଇନ୍ଦ୍ରିୟାନୁଭୂତି ଆଗରେ ଏସବୁକୁ ଆଣି ଉପସ୍ଥାପିତ କରାଇଲେ, ଫଳରେ ତାଙ୍କର ସଂବେଦନାତ୍ମକ, ଆବେଗମୟ ଓ ପ୍ରାଣମୟ ସତ୍ତାର ମର୍ମସ୍ଥଳରେ ଯେପରି ଏକ ବିରାଟ ଧକ୍କାର ଆଘାତ ଲାଗିଲା ।

ଏହାର ପ୍ରଥମ ପରିଣାମ ହେଲା ତାଙ୍କର ସମସ୍ତ ଶରୀର ଓ ଇନ୍ଦ୍ରିୟାନୁଭୂତି ପାଇଁ ଏକ ଭୟାନକ ସଙ୍କଟ ଯାହାକି ତାଙ୍କ ମନରେ କର୍ମ ପ୍ରତି, ତାହାର ବୈଷୟିକ ଉଦ୍ଦେଶ୍ୟ ପ୍ରତି ଏବଂ ସାରାଜୀବନ ପ୍ରତି ଏକ ବିତୃଷ୍ଣା ଆଣି ଦେଲା । ଅହଂଗତ ମାନବ ନିଜର ଆନନ୍ଦ ଓ ଉପଭୋଗର ଯେଉଁ ପ୍ରାଣିକ ଲକ୍ଷ୍ୟକୁ ଅନୁସରଣ କରି କର୍ମକରେ, ସେ ତାହାକୁ ପ୍ରତ୍ୟାଖ୍ୟାନ କଲେ, କ୍ଷତ୍ରିୟର ଯେଉଁ ପ୍ରାଣିକ ଲକ୍ଷ୍ୟ – ବିଜୟ, ରାଜ୍ୟ, କ୍ଷମତା ଓ ଲୋକମାନଙ୍କ ଉପରେ ଶାସନ, ସେ ତାହା ମଧ୍ୟ ପ୍ରତ୍ୟାଖ୍ୟାନ କଲେ । ତାଙ୍କ ମନରେ ଏହିସବୁ ପ୍ରଶ୍ନ ଆଲୋଡ଼ିତ ହେଲା ଯେ ଶେଷରେ ଏ ଧର୍ମଯୁଦ୍ଧର ପ୍ରକୃତ ମୂଲ୍ୟ କ'ଣ; ବାସ୍ତବ ଦୃଷ୍ଟି ନେଇ ଦେଖିଲେ ତ ଦେଖାଯିବ ଯେ ଏହି ଯୁଦ୍ଧ ତ କେବଳ ନିଜର ସ୍ୱାର୍ଥ ନିମନ୍ତେ, ନିଜ ଭାଇ, ନିଜ ଦଳର ସ୍ୱାର୍ଥ ନିମନ୍ତେ ଅଧିକାର, ଭୋଗ ଓ ରାଜ୍ୟ ଶାସନ ନିମନ୍ତେ ? କିନ୍ତୁ ଏଥିପାଇଁ ଯେଉଁ ଭୟଙ୍କର ମୂଲ୍ୟ ଦେବାକୁ ପଡ଼ିବ, ସେ ଦୃଷ୍ଟିରୁ ଏଥିରେ ଲାଭ କ'ଣ ? କାରଣ ଏଗୁଡ଼ିକର ତ ନିଜସ୍ୱ ମୂଲ୍ୟ କିଛି ନାହିଁ, କେବଳ ସାମାଜିକ ଜୀବନ ଓ ଜାତୀୟ ଜୀବନର ଯଥାର୍ଥ ସଂରକ୍ଷଣ ଉଦ୍ଦେଶ୍ୟରେ ଏଗୁଡ଼ିକ ତ ଉପାୟ ମାତ୍ର, କିନ୍ତୁ ନିଜର ପରିବାର ଓ ଜାତିର ବୀରମାନଙ୍କୁ ଧ୍ୱଂସ କରିବା ଦ୍ୱାରା ସେହି ଉଦ୍ଦେଶ୍ୟ ତ ନଷ୍ଟ ହୋଇଯିବ । ତା'ପରେ ଆସିଲା ମମତା ଓ ଭାବାବେଗର ଡାକ – ଯେଉଁମାନଙ୍କ ସକାଶେ, ଜୀବନ ରାଜ୍ୟ ଓ ସୁଖଭୋଗର ଆକାଙ୍କ୍ଷା ସେଇ 'ନିଜର ଲୋକ'ମାନେ ତ ସମ୍ମୁଖରେ ଉପସ୍ଥିତ । ସାରା ପୃଥିବୀ ବା ସମଗ୍ର ତ୍ରିଲୋକର ରାଜ୍ୟ ମିଳିଲେ ମଧ୍ୟ ଏମାନଙ୍କୁ ହତ୍ୟା କରିବା ପାଇଁ କିଏ ସମ୍ମତ ହେବ ? ଏହି ପ୍ରକାର ଏକ ଭୟାବହ କର୍ମ ପରେ ଆଉ ଜୀବନର କି ସୁଖ, କି ଆନନ୍ଦ, କି ତୃପ୍ତି ରହିପାରେ ? ସମୁଦାୟ ବିଷୟଟାହିଁ ତ ଏକ ଭୟାନକ ପାପ – ବର୍ତ୍ତମାନ ଅର୍ଜୁନଙ୍କ ମନରେ ନୈତିକତାର ବୋଧ, ସଂବେଦନ ଓ ଆବେଗ ଆଦିର ବିଦ୍ରୋହକୁ ସମର୍ଥନ କରି ଜାଗିଉଠିଲା । ଏହା ଏକ ପାପ, ଏହି ପାରସ୍ପରିକ ହତ୍ୟା ପଛରେ କୌଣସି ନ୍ୟାୟ, କୌଣସି ଧର୍ମ ରହି ନ ପାରେ; ବିଶେଷ କରି ସେହିମାନଙ୍କୁ ହତ୍ୟା କରିବାକୁ ହେବ, ଯେଉଁମାନେ ସ୍ନେହ ଓ ଭକ୍ତିର ସ୍ୱାଭାବିକ ପାତ୍ର, ଯେଉଁମାନଙ୍କ ବିନା ବଞ୍ଚି ରହିବାକୁ ବି ଇଚ୍ଛା ହୁଏ ନାହିଁ, ଏହି ପବିତ୍ର ଭାବକୁ ଲଘଂନ କରିବାରେ କି ପୁଣ୍ୟ ଥାଇପାରେ; ଏହା ଏକ ମହାପାପ ଛଡ଼ା ଆଉ କିଛି ହୋଇପାରେ ନା । ଧରି ନିଆଯାଉ ଯେ ସମସ୍ତ ଅପରାଧ ଓ ଆକ୍ରମଣ ପ୍ରଥମେ ଅପର ପକ୍ଷରୁହିଁ ଆରମ୍ଭ ହୋଇଛି, ପ୍ରଥମ ପାପ ସେଇମାନଙ୍କର; ଯେଉଁ ଲୋଭ ଓ ସ୍ୱାର୍ଥପର ଲାଳସା ଏହି ଅନର୍ଥର ମୂଳ କାରଣ, ତାହା ମଧ୍ୟ ଅପର ପକ୍ଷରୁ ହୋଇଛି, ତଥାପି ଏହି ପରିସ୍ଥିତିରେ ସେମାନଙ୍କ ଅନ୍ୟାୟ ବିରୋଧରେ ଅସ୍ତ୍ର ଧରିବା ପାପ ହେବ, ଏପରିକି ସେମାନଙ୍କ ଅପରାଧକୁ ମଧ୍ୟ ଏହା ବଳିପଡ଼ିବ, କାରଣ ସେମାନେ ଲୋଭରେ ଅନ୍ଧ ହୋଇଯାଇଛନ୍ତି, ସେମାନଙ୍କର

ଦୋଷାଦୋଷ ଜ୍ଞାନ ଲୋପ ପାଇଯାଇଛି, କିନ୍ତୁ ଏ ପକ୍ଷରେ ଆମେ ସବୁ ଜାଣିଶୁଣି ଅପରାଧର ସ୍ୱରୂପକୁ ସ୍ପଷ୍ଟରୂପେ ବୁଝି ଏହି ପାପ କରିବାକୁ ଯିବୁ । କିନ୍ତୁ କେଉଁଥିପାଇଁ ? କୁଳ-ଧର୍ମ, ସାମାଜିକ ବିଧାନ ଓ ରାଷ୍ଟ୍ରୀୟ ବିଧାନକୁ ରକ୍ଷା କରିବା ପାଇଁ ? କିନ୍ତୁ ଏହି ସମସ୍ତ ଆଦର୍ଶ ତ ଏହି ଗୃହଯୁଦ୍ଧରେ ନଷ୍ଟ ହୋଇଯିବ, ପରିବାର ଉଚ୍ଛନ୍ନ ଓ ଧ୍ୱଂସ ହୋଇଯିବ, କୁଳର ନୀତି ଭ୍ରଷ୍ଟ ହେବ, ଜାତିର ଶୁଦ୍ଧତା ବିପନ୍ନ ହେବ, ଜାତି-ଧର୍ମ ଓ କୁଳ-ଧର୍ମର ସନାତନ ବିଧାନସବୁ ଲୋପ ପାଇଯିବ । ଜାତିର ଧ୍ୱଂସ, ତା'ର ଉଚ୍ଚ ଆଦର୍ଶର ଅଧଃପତନ, ନୈତିକ ଅବନତି ଓ ଏହିସବୁ ଅପରାଧର କର୍ତ୍ତାମାନଙ୍କ ପାଇଁ ନରକବାସ — ଏହାହିଁ ହେବ ଏହି ଭୟଙ୍କର ଗୃହଯୁଦ୍ଧର ଏକମାତ୍ର ବାସ୍ତବ ପରିଣତି । ଅର୍ଜୁନ ଏହିସବୁ କଥା ବିଚାର କରି, ତାଙ୍କୁ ଏହି ମହାନ୍ ଯୁଦ୍ଧରେ ବ୍ୟବହାର କରିବା ପାଇଁ ଦେବତାମାନେ ଦେଇଥିବା ଗାଣ୍ଡୀବ ଧନୁ ଓ ଅକ୍ଷୟ ତୂଣୀରକୁ ତଳେ ଥୋଇଦେଇ ଚିତ୍କାର କରି ଉଠିଲେ, "ଏହା ମୋ ପାଇଁ ଯଥେଷ୍ଟ ମଙ୍ଗଳକର ହେବ ଯଦି ଧୃତରାଷ୍ଟ୍ରଙ୍କ ପୁତ୍ରମାନେ ମୋତେ ଏହିପରି ଶସ୍ତ୍ରହୀନ ଓ ପ୍ରତିରୋଧହୀନ ଅବସ୍ଥାରେ ହତ୍ୟା କରନ୍ତି, ମୁଁ ଯୁଦ୍ଧ କରିବି ନାହିଁ ।"

ତେଣୁ ଅର୍ଜୁନଙ୍କର ଏହି ଆନ୍ତର ସଙ୍କଟର ସ୍ୱରୂପ ନୁହେଁ ଜିଜ୍ଞାସୁ ମନରେ ଉଠିଥିବା କୌଣସି ପ୍ରଶ୍ନ, ବା ଜୀବନର ବାହ୍ୟରୂପ ପ୍ରତି ବିମୁଖ ହୋଇ ସତ୍ୟର ସନ୍ଧାନ ପାଇଁ ଓ ଜୀବନର ଯଥାର୍ଥ ମର୍ମ ଜାଣିବା ପାଇଁ ବା ଜଗତର ଅନ୍ଧକାରମୟ ରହସ୍ୟରୁ ମୁକ୍ତି ପାଇଁ ବା ତା'ର ଏକ ସମାଧାନ ପାଇଁ ଦୃଷ୍ଟି ଓ ଚେତନାକୁ ଅନ୍ତର୍ମୁଖୀ କରିବା । ଏହା ହେଉଛି ଏପରି ଜଣେ ବ୍ୟକ୍ତିଙ୍କର ଇନ୍ଦ୍ରିୟ ଭାବାବେଗ ଓ ନୀତିଜ୍ଞାନର ବିଦ୍ରୋହ, ଯେ ଏତେଦିନ ଧରି କର୍ମ ଓ ତା'ର ପ୍ରଚଳିତ ଆଦର୍ଶ ନେଇ ସନ୍ତୁଷ୍ଟ ରହିଥିଲେ, କିନ୍ତୁ ତାହା ଆଜି ତାଙ୍କୁ ଏପରି ଏକ ଭୟାନକ ଅରାଜକତା ଭିତରେ ଆଣି ପକାଇଛି ଯେଉଁଠି ସେହି କର୍ମ ଓ ତା'ର ଆଦର୍ଶସବୁର ନିଜ ଭିତରେ ଓ ପରସ୍ପର ଭିତରେ ଭୀଷଣ ସଂଘାତ ସୃଷ୍ଟି ହୋଇଯାଇଛି ଏବଂ ନୈତିକତାର ଆଉ ଏପରି କୌଣସି ଭୂମି ନାହିଁ ଯାହା ଉପରେ ସେ ଛିଡ଼ା ହୋଇପାରିବେ, ଏପରି କୌଣସି ଆଦର୍ଶ ନାହିଁ ଯାହାକୁ ଧରି ସେ ଚାଲି ପାରିବେ, କୌଣସି ଅବଲମ୍ବନ, କୌଣସି ଧର୍ମ ନାହିଁ* । ମନୋମୟ ମାନବର କର୍ମପ୍ରବଣ ଆତ୍ମା ପାଇଁ ଏହା ସବୁଠୁ ବଡ଼ ସଙ୍କଟ, ସବୁଠୁ ବଡ଼ ବ୍ୟର୍ଥତା ଓ ପରାଜୟ । ଏହି ବିଦ୍ରୋହର ସ୍ୱରୂପ ଅତି ସହଜ ଓ ସରଳ — ଇନ୍ଦ୍ରିୟାନୁଭୂତି ଦିଗରୁ ଭୟ, ଦୟା ଓ ବିତୃଷ୍ଣାର ଭାବ ଦେଖାଦେଇଛି, ପ୍ରାଣର ଦିଗରୁ କର୍ମ ଓ ଜୀବନର ଲକ୍ଷ୍ୟରେ ଯେଉଁସବୁ ସ୍ୱୀକୃତି ଓ ପରିଚିତ ଆଦର୍ଶ ଥିଲା, ସେସବୁର ଉପରୁ ସମସ୍ତ ବିଶ୍ୱାସ ଓ ସମସ୍ତ ଆକର୍ଷଣ ଚାଲିଯାଇଛି,

* ଧର୍ମର ଆକ୍ଷରିକ ଅର୍ଥ ହେଉଛି ଯାହାକୁ ଧାରଣ କରାଯାଏ ଓ ଯେ ବିଧି, ଆଦର୍ଶ, ସ୍ୱଭାବର ନିୟମ, କର୍ମ ଓ ଜୀବନକୁ ଏକତ୍ର ଧାରଣ କରେ ।

ଆବେଗ ଦିଗରୁ ସାମାଜିକ ମନୁଷ୍ୟର ସାଧାରଣ ଅନୁଭୂତିସବୁ – ସ୍ନେହ, ଶ୍ରଦ୍ଧା, ଭକ୍ତି ଓ ସାଧାରଣ ସୁଖ-ସନ୍ତୋଷ ନିମନ୍ତେ ଇଚ୍ଛା ଆଦି ଉପରେ ନିର୍ମମ କର୍ତ୍ତବ୍ୟବୋଧର ଏକ ପ୍ରଚଣ୍ଡ ଆଘାତ ଆସିଛି, ନୈତିକତା ଦିଗରୁ ପାପ ଓ ନରକର ଏକ ମୌଳିକ ବୋଧ ଓ 'ରୁଧିରପ୍ରଦିଗ୍ଧ' ଭୋଗ ପ୍ରତି ଏକ ପ୍ରତ୍ୟାଖ୍ୟାନର ଭାବ ଆସିଛି, ବ୍ୟବହାରିକ ଦିଗରୁ ଏପରି ଏକ ଧାରଣା ଆସିଛି ଯେ କର୍ମର ଆଦର୍ଶ ଏପରି ଏକ ପରିଣତି ଆଡ଼କୁ ନେଇଯାଉଛି ଯେଉଁଥିରେ କର୍ମର ପ୍ରକୃତ ଉଦ୍ଦେଶ୍ୟହିଁ ନଷ୍ଟ ହୋଇଯିବ । ଏସବୁର ପରିଣାମ ହେଲା ଅନ୍ତରର ଏପରି ଏକ ସର୍ବତୋମୁଖୀ ଦୈନ୍ୟ ଯାହାକି ଅର୍ଜୁନ ଏହି ଭାବରେ ବ୍ୟକ୍ତ କରୁଛନ୍ତି ଯେ ତାଙ୍କର ସମଗ୍ର ଚେତନ ସତ୍ତା, କେବଳ ଚିନ୍ତା ନୁହେଁ, ତାଙ୍କର ପ୍ରାଣ, ହୃଦୟାବେଗ, କାମନାବାସନା ଆଦି ସବୁକିଛି ଦିଗରୁ ସେ ଏକେବାରେ ହତବୁଦ୍ଧି ହୋଇପଡ଼ିଛନ୍ତି ଓ ଧର୍ମର ନିର୍ଦ୍ଦେଶ କ'ଣ, କର୍ମର ଯଥାର୍ଥ ବିଧାନ କ'ଣ, ତାହା ସେ କେଉଁଠୁ ଖୋଜି ପାଇ ନାହାନ୍ତି । କେବଳ ଏଇଥିପାଇଁ ସେ ଶିଷ୍ୟ ଭାବରେ ଶ୍ରୀକୃଷ୍ଣଙ୍କର ଶରଣାପନ୍ନ ହୋଇଛନ୍ତି, ବାସ୍ତବରେ ସେ ପ୍ରାର୍ଥନା କରୁଛନ୍ତି, "ମୁଁ ଯାହା ହରାଇଛି ମୋତେ ତାହା ଦିଅ, ଏକ ସତ୍ୟତର ବିଧାନ, କର୍ମର ଏକ ସ୍ପଷ୍ଟ ବିଧାନ ମୋତେ ଦିଅ, ଏକ ମାର୍ଗ ଦେଖାଇ ଦିଅ, ଯାହାକୁ ଧରି ମୁଁ ପୁଣି ପ୍ରତ୍ୟୟ ଓ ବିଶ୍ୱାସର ସହିତ ଆଗେଇ ଯାଇପାରିବି ।" ଅର୍ଜୁନ ଜୀବନର ବା ସଂସାରର ରହସ୍ୟ ଜାଣିବାକୁ ଚାହୁଁ ନାହାନ୍ତି, ସେ ଚାହୁଁଛନ୍ତି କେବଳ 'ଧର୍ମ' ।

ତଥାପି ଠିକ୍ ଏହି ରହସ୍ୟକୁ – ଯାହା ଜାଣିବା ପାଇଁ ଅର୍ଜୁନ କୌଣସି ଇଚ୍ଛା ପ୍ରକାଶ କରି ନାହାନ୍ତି – ଭଗବାନ୍ ତାଙ୍କୁ ଜଣାଇବାକୁ ଚାହାନ୍ତି, ଅନ୍ତତଃପକ୍ଷେ ଏକ ଉଚ୍ଚତର ଜୀବନ ଦିଗରେ ନେଇଯିବା ପାଇଁ ସେହି ରହସ୍ୟର ଯେତିକି ଜ୍ଞାନ ଆବଶ୍ୟକ ସେତିକି ଜ୍ଞାନ ତାଙ୍କୁ ଦେବାକୁ ହେବ । କାରଣ ଭଗବାନ୍ ଚାହାନ୍ତି ଅର୍ଜୁନ ସମସ୍ତ ଧର୍ମ ଛାଡ଼ିଦେଇ କେବଳ ଗୋଟିଏ ମାତ୍ର ବ୍ୟାପକ ଓ ବୃହତ୍ ଧର୍ମକୁ ଗ୍ରହଣ କରନ୍ତୁ, ତା' ହେଉଛି ସଚେତନ ଭାବରେ ଭଗବାନଙ୍କ ଭିତରେ ବାସ କରିବା ଓ ସେହି ଚେତନାରେ ରହି ସମସ୍ତ କର୍ମ କରିବା । ତେଣୁ ସାଧାରଣ ଆଦର୍ଶ ଦିଗରୁ ଅର୍ଜୁନଙ୍କର ବିଦ୍ରୋହର ପୂର୍ଣ୍ଣତାକୁ ପରୀକ୍ଷା କରି ଭଗବାନ୍ ତାଙ୍କୁ ଆତ୍ମାର ଅବସ୍ଥା ସମ୍ବନ୍ଧୀୟ ବିଭିନ୍ନ ବିଷୟରେ ଉପଦେଶ ଦେବାକୁ ଆରମ୍ଭ କଲେ, କିନ୍ତୁ କର୍ମର ବାହ୍ୟ ବିଧାନ ସମ୍ପର୍କରେ କିଛି କହିଲେ ନାହିଁ । ସେ ବୁଝାଇଲେ ଯେ ଅର୍ଜୁନଙ୍କୁ ଆତ୍ମାର ସମତା ଲାଭ କରିବାକୁ ହେବ, କର୍ମଫଳର ସମସ୍ତ ବାସନା ତ୍ୟାଗ କରିବାକୁ ହେବ, ପାପ-ପୁଣ୍ୟର ବୁଦ୍ଧିଗତ ଧାରଣାର ଊର୍ଦ୍ଧ୍ୱକୁ ଉଠିଯିବାକୁ ହେବ, ମନକୁ ସମାହିତ କରି ଯୋଗଯୁକ୍ତ ହୋଇ ଅର୍ଥାତ୍ କେବଳ ଭଗବାନଙ୍କଠାରେ ମନକୁ ଦୃଢ଼ ପ୍ରତିଷ୍ଠ କରି ରହିବାକୁ ହେବ ଓ କର୍ମ କରିବାକୁ ହେବ । ଅର୍ଜୁନ ଏତିକିରେ ସନ୍ତୁଷ୍ଟ ହେଲେ ନାହିଁ, ସେ ଜାଣିବାକୁ ଚାହିଁଲେ ଆନ୍ତର ଅବସ୍ଥାରେ ଏହି ପରିବର୍ତ୍ତନ

ମନୁଷ୍ୟର ବାହ୍ୟ କର୍ମକୁ କିପରି ଭାବରେ ପ୍ରଭାବିତ କରିବ; ତାହାର କଥାବାର୍ତ୍ତା, ତା'ର ଗତିବିଧି ଓ ଅବସ୍ଥା ଉପରେ ଏହାର ପରିଣାମ କ'ଣ ହେବ; ଏହି କର୍ମରତ ଜୀବନ୍ତ ମାନବ ସତ୍ତାରେ ଏହା କି ପାର୍ଥକ୍ୟ ଆଣି ଦେବ* । ଶ୍ରୀକୃଷ୍ଣ ଏପର୍ଯ୍ୟନ୍ତ ଯାହା କହିଥିଲେ କେବଳ ସେହି କଥାକୁ, ଅର୍ଥାତ୍ କର୍ମ ଉପରେ ନୁହେଁ, କର୍ମ ପଛରେ ରହିଥିବା ଆତ୍ମାର ଅବସ୍ଥା ଉପରେ ଗୁରୁତ୍ୱ ଦେବା ବିଷୟକୁହିଁ ଆଉ ଟିକିଏ ବିଶଦ ଭାବରେ ବୁଝାଇବାକୁ ଲାଗିଲେ । ସେ ବୁଝାଇଲେ ଯେ ଏକମାତ୍ର ଯାହା ଆବଶ୍ୟକ ତା' ହେଉଛି ଏକ ନିଷ୍କାମ ସମତାର ଅବସ୍ଥାରେ ମନକୁ ଦୃଢ଼ ଭାବରେ ନିବଦ୍ଧ କରିବା । ଅର୍ଜୁନ ଅଧୀର ଭାବରେ କହି ଉଠିଲେ – ସେ ଯେଉଁ ଧର୍ମର ବିଧାନ ଚାହିଁଥିଲେ ଏଥିରେ ତ ତାହା ନାହିଁ, ବରଂ ଏହା ତ ପୂରା କର୍ମହୀନତା ବୋଲି ମନେ ହେଉଛି । ଅର୍ଜୁନ ବ୍ୟଗ୍ର ଭାବରେ ପଚାରିଲେ – "ଯଦି ଆପଣ ବୁଦ୍ଧିକୁ କର୍ମଠାରୁ ଶ୍ରେଷ୍ଠ ବୋଲି ମନେ କରୁଥା'ନ୍ତି, ତା'ହେଲେ ଆପଣ ମୋତେ କାହିଁକି ଏହି ଘୋର କର୍ମରେ ନିଯୁକ୍ତ କରୁଛନ୍ତି ? ଆପଣ ଦୁଇ ଆଡ଼କୁ ଧରି ମିଶ୍ରିତ କଥା କହି ମୋର ବୁଦ୍ଧିକୁ ବିମୂଢ଼ କରି ଦେଉଛନ୍ତି, ମୋତେ ନିଶ୍ଚିତ କରି ଗୋଟିଏ କଥା କୁହନ୍ତୁ, ଯେଉଁଥିରେ ମୁଁ ଯାହା ସବୁଠାରୁ ଶ୍ରେୟ ତାହା ଲାଭ କରିପାରିବି ।" କର୍ମପରାୟଣ ଲୋକ ଆଧ୍ୟାତ୍ମିକ ବିଚାରକୁ ବା ଆନ୍ତରଜୀବନକୁ କେବେ ମୂଲ୍ୟ ଦିଏ ନାହିଁ, ଯଦି ତାହା ସେ ଖୋଜୁଥିବା ଧର୍ମକୁ ପାଇବା ଦିଗରେ କିଛି ସାହାଯ୍ୟ ନ କରେ । ସେ ଖୋଜୁଥାଏ ଏକ ଧର୍ମ, ସଂସାରରେ ରହି କର୍ମ କରିବା ପାଇଁ ଜୀବନର ଏକ ବିଧାନ ବା ଏପରିକି ଆବଶ୍ୟକ ହେଲେ ସଂସାରକୁ ଛାଡ଼ିଯିବା ପାଇଁ ମଧ୍ୟ ଏକ ବିଧାନ, କାରଣ ତାହା ମଧ୍ୟ ଏକ ନିଷ୍ପତ୍ତିମୂଳକ କର୍ମ ଯାହାକୁ ସେ ବୁଝିପାରେ । କିନ୍ତୁ ସଂସାରରେ ରହି କର୍ମ କରିବ ଅଥଚ ତାହାର ଊର୍ଦ୍ଧ୍ୱରେ ରହିବ, ଏହି 'ବ୍ୟାମିଶ୍ର' ଓ ଗୋଳମାଳିଆ କଥାର ଅର୍ଥକୁ ବୁଝିବା ଭଳି ଧୈର୍ଯ୍ୟ ତାହାର ନାହିଁ ।

ଅର୍ଜୁନଙ୍କର ବାକି ସମସ୍ତ ପ୍ରଶ୍ନ ଓ କଥାର ମୂଳରେ ସେହି ଏକ ସ୍ୱଭାବ ଓ ଚରିତ୍ର ରହିଛି । ଯେତେବେଳେ ତାଙ୍କୁ କୁହାଗଲା ଯେ ଆତ୍ମସ୍ଥିତର ଅବସ୍ଥା ଥରେ ନିଶ୍ଚିତରୂପେ ଲାଭ ହେଲେ ତେଣିକି କର୍ମର ବାହ୍ୟ ପରିବର୍ତ୍ତନର କୌଣସି ଆବଶ୍ୟକତା ନାହିଁ, ନିଜ ସ୍ୱଭାବର ଧର୍ମ ଅନୁସାରେହିଁ କର୍ମ କରିବାକୁ ହେବ, ଏପରିକି ଅନ୍ୟର ସ୍ୱଭାବ ଅନୁଯାୟୀ କର୍ମ ତୁଳନାରେ ସେ କର୍ମ ନିକୃଷ୍ଟ ଓ ତ୍ରୁଟିପୂର୍ଣ୍ଣ ହେଲେ ମଧ୍ୟ ସେଥିରେ କିଛି ଯାଏ ଆସେ ନାହିଁ । ଅର୍ଜୁନ କିନ୍ତୁ ଏଥିରେ ବିଚଳିତ ହେଲେ । ସ୍ୱଭାବ ଅନୁସାରେ କର୍ମ ! ତା'ହେଲେ ତାଙ୍କର ଏହି କର୍ମ ସମ୍ପର୍କରେ ଯେଉଁ ପାପବୋଧ ଆସୁଛି ତାହାର ହେତୁ କ'ଣ ? ଠିକ୍ ଏହି ସ୍ୱଭାବହିଁ କ'ଣ ମନୁଷ୍ୟକୁ ବଳପୂର୍ବକ ଏପରିକି ତା'ର ଇଚ୍ଛା ବିରୋଧରେ ପାପ ଓ

* ସ୍ଥିତପ୍ରଜ୍ଞସ୍ୟ କା...

ଅପରାଧ ପଥରେ ଚଳାଏ ନାହିଁକି ? ଅର୍ଜୁନଙ୍କର ବ୍ୟବହାରିକ ବୁଦ୍ଧି ଆହୁରି ବିମୂଢ଼ ହୋଇପଡ଼ିଲା ଯେତେବେଳେ ଶ୍ରୀକୃଷ୍ଣ କହିଲେ ଯେ ସେ ଏହି ଯୋଗ ପୂରା କାଳରେ ବିବସ୍ୱାନଙ୍କୁ କହିଥିଲେ କିନ୍ତୁ କାଳର ଗତିରେ ତାହା ଲୁପ୍ତ ହୋଇ ଯାଇଥିଲା, ବର୍ତ୍ତମାନ ପୁଣି ଥରେ ସେ ଅର୍ଜୁନଙ୍କ ଆଗରେ ସେହି ଯୋଗ ପ୍ରକାଶ କରୁଛନ୍ତି । କିନ୍ତୁ ଅର୍ଜୁନ କିଛି ବୁଝି ନ ପାରି ଏହା କିପରି ସମ୍ଭବ ବୋଲି ପ୍ରଶ୍ନ କରି ଏହାର ଅର୍ଥ ବୁଝାଇ ଦେବାକୁ ଦାବି କରିବାରୁ ଏହାର ଉତ୍ତରରେ ଶ୍ରୀକୃଷ୍ଣ ଅବତାର-ତତ୍ତ୍ୱ ଓ ପୃଥିବୀ ପାଇଁ ତା'ର ପ୍ରୟୋଜନୀୟତା ଓ ଉଦ୍ଦେଶ୍ୟ ସମ୍ପର୍କରେ ସେହି ବିଖ୍ୟାତ ବାଣୀ କହିଲେ ଯାହାକୁ ପୁନଃ ପୁନଃ ସ୍ମରଣ କରାଯାଏ* । ପୁଣି ଯେତେବେଳେ ଶ୍ରୀକୃଷ୍ଣ କର୍ମ ଓ କର୍ମ-ସନ୍ନ୍ୟାସ, ଏ ଦୁଇଟିର ସମନ୍ୱୟ ବିଷୟରେ କହିଲେ ଅର୍ଜୁନ ବ୍ୟସ୍ତ ହୋଇ ପୁଣି ଥରେ ଶ୍ରୀକୃଷ୍ଣଙ୍କୁ ଅନୁରୋଧ କଲେ ଯେ ଏପରି 'ବ୍ୟାମିଶ୍ର' କଥା ନ କହି ଏକ ନିଶ୍ଚିତ ନିଷ୍ପତ୍ତିମୂଳକ କଥା କହନ୍ତୁ ଯାହାକି ତାଙ୍କ ପାଇଁ ସର୍ବୋତ୍ତମ ଓ ଶ୍ରେୟସ୍କର ହେବ । ତାଙ୍କୁ ଯେଉଁ ଯୋଗ କରିବାକୁ କୁହାଯାଉଛି ଯେତେବେଳେ ଅର୍ଜୁନ ସେହି ଯୋଗର ପ୍ରକୃତ ସ୍ୱରୂପ ବୁଝିପାରିଲେ, ସେତେବେଳେ ତାଙ୍କର କର୍ମପରାୟଣ ସ୍ୱଭାବ, ଯାହାକି ମନର ସଂକଳ୍ପ, ପସନ୍ଦ ଓ କାମନା-ବାସନା ଆଦିର ପ୍ରେରଣାରେ କର୍ମ କରିବାରେ ଅଭ୍ୟସ୍ତ, ତାହା ଏହି ଯୋଗ ବହୁତ କଠିନ ଜାଣି ଶଙ୍କିତ ହୋଇପଡ଼ିଲା ଏବଂ ସେ ପଚାରିଲେ ଯେଉଁ ବ୍ୟକ୍ତି ଏହି ଯୋଗରେ ଆଗେଇ ଯିବା ପାଇଁ ଚେଷ୍ଟା କରିବ ଅଥଚ ସଫଳ ହୋଇପାରିବ ନାହିଁ, ତା'ର ଅବସ୍ଥା କ'ଣ ହେବ । ସେ କ'ଣ ମାନବୀୟ କର୍ମ, ଚିନ୍ତା ଓ ଭାବାବେଗର ଜୀବନ ଯାହାକୁ ବହୁତ ପଛରେ ଛାଡ଼ି ଆସିଛି ତାହାକୁ ହରାଇବ ଏବଂ ତା' ସଙ୍ଗେ ସଙ୍ଗେ ଏହି ଯେଉଁ ବ୍ରାହ୍ମୀ ସ୍ଥିତି ଲାଭ କରିବାକୁ ଚାହୁଁଛି ତାହାକୁ ମଧ୍ୟ ହରାଇବ ନାହିଁ କି ? ଏବଂ ଏ ଉଭୟରୁ ବିଭ୍ରଷ୍ଟ ହୋଇ ମିଳାଇ ଯାଉଥିବା ଛିନ୍ନ ମେଘ ପରି ସେ ଲୋପ ପାଇଯିବ ନାହିଁ କି ?

ଯେତେବେଳେ ଅର୍ଜୁନଙ୍କର ସମସ୍ତ ସଂଶୟ ଓ ଦ୍ୱନ୍ଦ୍ୱର ସମାଧାନ ହେଲା ଏବଂ ସେ ଜାଣିଲେ ଯେ ଭଗବାନହିଁ ହେବେ ତାଙ୍କର ସମସ୍ତ ଧର୍ମ, କର୍ମ ଓ ବିଧାନ, ସେତେବେଳେ ମଧ୍ୟ ବାରଂବାର ସେ ଏକ ସ୍ପଷ୍ଟ ନିଷ୍ପତ୍ତିମୂଳକ ଜ୍ଞାନ ଚାହିଁଛନ୍ତି ଯାହା ତାଙ୍କୁ ବାସ୍ତବତଃ ଏହି ମୂଳ ଉତ୍ସ ଓ ତାଙ୍କର ଭବିଷ୍ୟତ୍ କର୍ମର ବିଧାନ ଦିଗରେ ଆଗେଇ ନେଇଯିବ । ସତ୍ତାର ବିଭିନ୍ନ ଅବସ୍ଥା ସମ୍ପର୍କରେ ଆମର ଯେଉଁ ସାଧାରଣ ଅନୁଭୂତି ଅଛି ତା' ଭିତରୁ ଆମେ କେଉଁଟିକି ବ୍ରାହ୍ମୀ ସ୍ଥିତି ବା ଭଗବାନ୍ ବୋଲି ଜାଣିବୁ ? ସଂସାରରେ ଏହି ବ୍ରହ୍ମର ଆତ୍ମଶକ୍ତିର କ'ଣ ସବୁ ମହାନ୍ ଅଭିବ୍ୟକ୍ତି ଯାହା ଭିତର ଦେଇ ଧ୍ୟାନ ଦ୍ୱାରା ଏହାକୁ ଚିହ୍ନି ହେବ ଓ ଉପଲବ୍ଧି କରିହେବ ? ସେ ବର୍ତ୍ତମାନ ବି କ'ଣ ଭଗବାନଙ୍କର ସେହି ଦିବ୍ୟ ବିଶ୍ୱରୂପ

---

* ଯଦା ଯଦା ହି ଧର୍ମସ୍ୟ

ଦେଖିପାରିବେ ନାହିଁ, ଯେକି ପ୍ରକୃତରେ ମାନବର ଦେହ-ମନର ଆବରଣ ଭିତର ଦେଇ ତାଙ୍କ ସଙ୍ଗେ କଥା କହୁଛନ୍ତି ? ତାଙ୍କର ଶେଷ ପ୍ରଶ୍ନଗୁଡ଼ିକରେ ସେ ଜାଣିବାକୁ ଚାହିଁଛନ୍ତି କର୍ମସନ୍ନ୍ୟାସ ଓ ତାଙ୍କୁ ସୂକ୍ଷ୍ମ ଭାବରେ ଯେଉଁ ତ୍ୟାଗ କରିବାକୁ କୁହାଯାଉଛି ତା' ଭିତରେ ପ୍ରଭେଦର ସ୍ପଷ୍ଟ ରୂପ କ'ଣ ? ପୁରୁଷ ଓ ପ୍ରକୃତି ଭିତରେ କ୍ଷେତ୍ର ଓ କ୍ଷେତ୍ରଜ୍ଞ ଭିତରେ ପ୍ରକୃତ ପାର୍ଥକ୍ୟ କ'ଣ, ଯାହା ଜାଣିବା ଭାଗବତ ସଂକଳ୍ପ ଦ୍ୱାରା ପ୍ରେରିତ ହୋଇ ନିଷ୍କାମ କର୍ମ ସାଧନ ପାଇଁ ନିତାନ୍ତ ପ୍ରୟୋଜନୀୟ । ଏବଂ ଶେଷରେ ସେ ସ୍ପଷ୍ଟରୂପେ ଜାଣିବାକୁ ଚାହୁଁଛନ୍ତି ପ୍ରକୃତିର ଗୁଣତ୍ରୟର ବାସ୍ତବ କ୍ରିୟା ଓ ତା'ର ପରିଣାମ ସମ୍ପର୍କରେ, ଯାହାକୁ ଅତିକ୍ରମ କରିବାକୁ ତାଙ୍କୁ କୁହାଯାଉଛି ।

ଏହିପରି ଜଣେ ଶିଷ୍ୟଙ୍କୁ ଗୀତାର ଗୁରୁ ତାଙ୍କର ଦିବ୍ୟ ଉପଦେଶ ଦେଉଛନ୍ତି । ଅହଂଭାବ ସହ କର୍ମ କରୁ କରୁ ଶିଷ୍ୟ ଏପରି ଏକ ମାନସିକ ଅବସ୍ଥାରେ ପହଞ୍ଚିଛନ୍ତି ଯେତେବେଳେ ମନୁଷ୍ୟର ସାଧାରଣ ଅହଂଗତ ଓ ସାମାଜିକ ଜୀବନର ସମସ୍ତ ମାନସିକ, ନୈତିକ ଓ ଭାବଗତ ମୂଲ୍ୟବୋଧ ସବୁ ତାଙ୍କ ଆଗରେ ହଠାତ୍ ଅର୍ଥହୀନ ହୋଇପଡ଼ିଛି; ଏପରି ଏକ ମୁହୂର୍ତ୍ତରେ ଦିବ୍ୟଗୁରୁ ତାଙ୍କୁ ଧରିଛନ୍ତି ଏବଂ ତାଙ୍କୁ ଏହି ନିମ୍ନତର ଜୀବନରୁ ଏକ ଉଚ୍ଚତର ଚେତନାକୁ ଉଠାଇ ନେବାକୁ ଚାହୁଁଛନ୍ତି, କର୍ମ ପ୍ରତି ଏକ ଅଜ୍ଞାନମୟ ଆସକ୍ତିରୁ ଏପରି ଏକ ଅବସ୍ଥାକୁ ଉଠାଇନେବାକୁ ଚାହୁଁଛନ୍ତି ଯାହା କର୍ମର ଊର୍ଦ୍ଧ୍ୱରେ ଅଥଚ ଯାହା ସମସ୍ତ କର୍ମକୁ ଜନ୍ମଦିଏ ଓ ନିୟମିତ କରେ, ସେ ଚାହୁଁଛନ୍ତି ତାଙ୍କୁ ଉଠାଇ ନେବାକୁ ଅହଂ ଭିତରୁ ଆତ୍ମା ଭିତରକୁ; ମନ, ପ୍ରାଣ ଓ ଦେହଗତ ଜୀବନ ଭିତରୁ ମନର ଊର୍ଦ୍ଧ୍ୱରେ ଥିବା ଉଚ୍ଚତର ପ୍ରକୃତି ଭିତରକୁ, ଯାହାକି ଭାଗବତ ସ୍ଥିତି ବା ବ୍ରାହ୍ମୀ ସ୍ଥିତି । ତା' ସଙ୍ଗେ ସଙ୍ଗେ ମଧ୍ୟ ଶିଷ୍ୟଙ୍କୁ ସେ ସେହି ଉପଦେଶ ଦେଉଛନ୍ତି, ଯାହା ଶିଷ୍ୟ ଖୋଜିଥିଲେ ନିଜର ଅନ୍ତରସ୍ଥ ଚାଳନା ଦ୍ୱାରା ଅନୁପ୍ରାଣିତ ହୋଇ – ତାହା ହେଲା ଜୀବନ ଓ କର୍ମ ନିମନ୍ତେ ଏକ ନୂତନ ବିଧାନ ଯାହାକି ଅନ୍ତହୀନ ବିରୋଧ, ସଂଘର୍ଷ, ବିମୂଢ଼ତା ଓ ଅନିଶ୍ଚିତତାରେ ପରିପୂର୍ଣ୍ଣ ସାଧାରଣ ମାନବଜୀବନର ସୀମିତ ବିଧାନର ବହୁ ଊର୍ଦ୍ଧ୍ୱରେ, ତାହା ଏପରି ଏକ ଉଚ୍ଚତର ବିଧାନ ଯାହା ଦ୍ୱାରା ଆତ୍ମା କର୍ମବନ୍ଧନରୁ ମୁକ୍ତ ହେବ ଅଥଚ ନିଜ ଦିବ୍ୟ ସତ୍ତାର ବିପୁଳ ମୁକ୍ତିରେ ରହି ଶକ୍ତି ଓ ସାମର୍ଥ୍ୟର ସହିତ କର୍ମ କରିପାରିବ ଓ ବିଜୟଲାଭ କରିପାରିବ । କାରଣ କର୍ମ କରିବାକୁହିଁ ହେବ, ବିଶ୍ୱଜଗତକୁ ତା'ର ଗତିଚକ୍ର ପୂର୍ଣ୍ଣ କରିବାକୁହିଁ ହେବ, ତେଣୁ ମାନବ ଆତ୍ମା ଯେଉଁ କର୍ମ କରିବାକୁ ଏଠାକୁ ଆସିଛି ଅଜ୍ଞାନବଶତଃ ସେଥିପ୍ରତି ପୃଷ୍ଠ-ପ୍ରଦର୍ଶନ କଲେ ଚଳିବ ନାହିଁ । ଗୀତାର ସମସ୍ତ ଶିକ୍ଷା ତା'ର ବ୍ୟାପକ ପରିକ୍ରମାରେ ମଧ୍ୟ ଏହି ତିନୋଟି ଉଦ୍ଦେଶ୍ୟ ପୂରଣ ଦିଗରେ ନିର୍ଦ୍ଧାରିତ ଓ ପରିଚାଳିତ ।

# ୪

# ଉପଦେଶର ସାରମର୍ମ

ଗୀତାର ଦିବ୍ୟ ଗୁରୁଙ୍କୁ ଜାଣିଲୁ, ମାନବ-ଶିଷ୍ୟଙ୍କୁ ଦେଖିଲୁ, ବର୍ତ୍ତମାନ ବାକି ରହିଛି ଗୀତା-ଶିକ୍ଷା ସମ୍ପର୍କରେ ଏକ ସ୍ପଷ୍ଟ ଧାରଣା କରିବା । ଏକ ସ୍ପଷ୍ଟ ଧାରଣା ଆବଶ୍ୟକ, ଯାହାକି ମୂଳ-ଶିକ୍ଷା ଉପରେ, ଶିକ୍ଷାର ସାରମର୍ମ ଉପରେ ପ୍ରତିଷ୍ଠିତ ହୋଇଥିବ, କାରଣ ଗୀତାର ସମୃଦ୍ଧ ଓ ବହୁମୁଖୀ ଚିନ୍ତାଧାରା, ଆଧ୍ୟାତ୍ମିକ ଜୀବନର ନାନା ବିଭାବ ଉପରେ ଏହାର ସମନ୍ୱୟକାରୀ ଦୃଷ୍ଟି ଏବଂ ଏହାର ଯୁକ୍ତିର ବେଗମୟ ଚକ୍ରାକାର ଗତି ଯୋଗୁଁ ଅନେକ ସମୟରେ ଲୋକେ ପକ୍ଷପାତ ବୁଦ୍ଧି ନେଇ ଏହାର ଶିକ୍ଷାକୁ ଅନ୍ୟାନ୍ୟ ଶାସ୍ତ୍ରଠାରୁ ମଧ୍ୟ ଅଧିକ ଭାବରେ ଭ୍ରାନ୍ତ, ଏକପକ୍ଷୀୟ ବ୍ୟାଖ୍ୟା କରନ୍ତି । ଅଜ୍ଞାନ ବା ଅର୍ଦ୍ଧଜ୍ଞାନ ସହ କୌଣସି ତଥ୍ୟ, ଶବ୍ଦ ବା ଧାରଣାକୁ ତା'ର ପ୍ରକୃତ ଅଭିପ୍ରେତ ତାତ୍ପର୍ଯ୍ୟରୁ ଅଲଗା କରି ନେଇ ତାହାକୁ ନିଜର ପୂର୍ବକଳ୍ପିତ ଧାରଣା, ମତାମତ ବା ପସନ୍ଦ ଅନୁଯାୟୀ କୌଣସି ସିଦ୍ଧାନ୍ତ ସହ ଖାପ ଖୁଆଇବାକୁ ଚେଷ୍ଟା କରିବା ବିଭ୍ରାନ୍ତିର ଏକ ପ୍ରଧାନ ଉତ୍ସ ବୋଲି ଭାରତର ନୈୟାୟିକମାନେ ମନେ କରୁଥିଲେ । ଏହା ଏପରି ଏକ ବିଭ୍ରାନ୍ତି ଯାହା କବଳରୁ ନିଜକୁ ରକ୍ଷା କରିବା ସବୁଠାରୁ ସାବଧାନୀ ଭାବୁକ ପାଇଁ ମଧ୍ୟ କଷ୍ଟକର ହୋଇଥାଏ । କାରଣ ମଣିଷର ଯୁକ୍ତି-ବୁଦ୍ଧି ଏ ସମ୍ପର୍କରେ ନିଜ ଉପରେ ସର୍ବଦା ସତର୍କ ଦୃଷ୍ଟି ରଖିବାକୁ ଅସମର୍ଥ ହୋଇଥାଏ; ଏହାର ସ୍ୱଭାବ ହେଲା କୌଣସି ଏକତରଫା ସିଦ୍ଧାନ୍ତ, ଧାରଣା ବା ନୀତିକୁ ଗ୍ରହଣ କରି ତା'ର ପକ୍ଷ ସମର୍ଥନ କରିବା ଏବଂ ତାକୁହିଁ ସମସ୍ତ ସତ୍ୟର ଚାବିକାଠି ବୋଲି ପ୍ରତିପନ୍ନ କରିବା ଏବଂ ଏହି ପ୍ରବଞ୍ଚନାକୁ ପରିବର୍ଦ୍ଧିତ କରିବା ପାଇଁ ଏହାର ଏପରି ଅପାର ଶକ୍ତି ରହିଛି ଯେ ନିଜର କ୍ରିୟା ଭିତରେ ତା'ର ଏହି ପ୍ରିୟ ଓ ପ୍ରୟୋଜନୀୟ ଦୁର୍ବଳତାଟିକୁ ଲୁଚାଇବା ଦିଗରେ ସେ ବେଶ୍ ସଫଳ ହୋଇପାରେ । ଗୀତା ସମ୍ପର୍କରେ ଏହି ପ୍ରକାର ଭୁଲ୍ ହେବା ଅତି ସହଜ, କାରଣ ଏହାର କୌଣସି ଗୋଟିଏ ଦିଗକୁ ନେଇ ତା' ଉପରେ ଅତ୍ୟଧିକ ଜୋର୍ ଦେଇ ବା ଏହାର କୌଣସି ବିଶିଷ୍ଟ ଓ ବଳିଷ୍ଠ ଅଂଶକୁ ନେଇ କେବଳ ତାହାକୁ ପ୍ରାଧାନ୍ୟ ଦେଇ, ଅଷ୍ଟାଦଶ ଅଧ୍ୟାୟର ବାକି ସମସ୍ତ ଅଂଶକୁ ପଛକୁ ଠେଲି ଦେବା ବା ସେଗୁଡ଼ିକୁ ଗୌଣ ବା ମାତ୍ର ସହକାରୀ ସ୍ଥାନ ଦେଇ ଗୀତାକୁ ଆମ ନିଜର ସିଦ୍ଧାନ୍ତ ବା ମତବାଦର ପରିପୋଷକ ରୂପେ ପ୍ରତିପନ୍ନ କରିବା ବେଶ୍ ସହଜ ।

ଦୃଷ୍ଟାନ୍ତସ୍ୱରୂପ ଏପରି ଲୋକ ଅଛନ୍ତି ଯେଉଁମାନେ ପ୍ରତିପନ୍ନ କରିବାକୁ ଚାହାନ୍ତି

ଯେ ଗୀତା ଆଦୌ କର୍ମର ଶିକ୍ଷାଦିଏ ନାହିଁ, ବରଂ ଶିକ୍ଷାଦିଏ ଜୀବନ ଓ କର୍ମକୁ ତ୍ୟାଗ କରିବା ଦିଗରେ ପ୍ରସ୍ତୁତିର ଏକ ସାଧନା ବିଷୟରେ; ଶାସ୍ତ୍ରନିର୍ଦ୍ଦିଷ୍ଟ କୌଣସି କର୍ମ ବା ହାତ ପାଖରେ ଯେଉଁ କାମ ପଡ଼ିଲା ତାହାକୁ ଉଦାସୀନ ଭାବରେ ସମ୍ପନ୍ନ କରିବା ହେଉଛି ଏ ଦିଗରେ ସାଧନାର ପ୍ରଣାଳୀ କିନ୍ତୁ ଏକମାତ୍ର ଯଥାର୍ଥ ଲକ୍ଷ୍ୟ ହେଲା ଜୀବନ ଓ କର୍ମର ସନ୍ନ୍ୟାସ । ଗୀତାରୁ ବାଛି ବାଛି ଶ୍ଳୋକ ଉଦ୍ଧୃତକରି ନିଜର ଯୁକ୍ତି ସମର୍ଥନରେ କେତେକ ସ୍ଥାନ ଉପରେ ଅଧିକ ଜୋର୍ ଦେଇ ଏହି ପ୍ରକାର ପ୍ରତିପନ୍ନ କରିବା ବେଶ୍ ସହଜ, ବିଶେଷ କରି ଯଦି ଆମେ ଗୀତାରେ ସନ୍ନ୍ୟାସ ଶବ୍ଦ ଯେଉଁ ବିଶିଷ୍ଟ ରୀତିରେ ପ୍ରୟୋଗ କରାଯାଇଛି ସେଥିପ୍ରତି ଆଖିବୁଜି ଦେଉ । କିନ୍ତୁ ଏପରି ମତକୁ କେବେହେଲେ ସମର୍ଥନ କରିହେବ ନାହିଁ ଯଦି ନିରପେକ୍ଷ ଭାବରେ ଆମେ ଦେଖୁ ଯେ ଗୀତା ଶେଷ ପର୍ଯ୍ୟନ୍ତ ବାରଂବାର କହୁଛି ଯେ କର୍ମହୀନତା ଅପେକ୍ଷା କର୍ମହିଁ ଶ୍ରେଷ୍ଠ ଏବଂ ସର୍ବୋତ୍ତମ ଯାହା କରଣୀୟ ତା' ହେଲା ସମତା ଦ୍ୱାରା ବାସନାର ଆନ୍ତର ପରିହାର ଏବଂ ସମସ୍ତ କର୍ମ ପରମ ପୁରୁଷଙ୍କୁ ଅର୍ପଣ ।

ଆହୁରି କେତେକେ କହନ୍ତି ଯେ ଭକ୍ତି-ତତ୍ତ୍ୱହିଁ ହେଲା ଗୀତାର ସମଗ୍ର ଶିକ୍ଷା; ସେମାନେ ଗୀତାର ଅଦ୍ୱୈତ ଉପାଦାନକୁ ଗ୍ରହଣ କରନ୍ତି ନାହିଁ ଏବଂ ସର୍ବଭୂତର ଏକ ଅଖଣ୍ଡ ଆତ୍ମାରେ ଶାନ୍ତ ଭାବରେ ନିବାସ କରିବାକୁ ଗୀତାରେ ଯେଉଁ ଉଚ୍ଚ ସ୍ଥାନ ଦିଆଯାଇଛି ତାହାକୁ ପଛକୁ ପକାଇ ଦିଅନ୍ତି । ଅବଶ୍ୟ ଏହା ନିଃସନ୍ଦେହ ଯେ ଗୀତା ଭକ୍ତି ଉପରେ ଯେଉଁ ଜୋର୍ ଦେଇଛି, ଭଗବାନଙ୍କର ଈଶ୍ୱର ଓ ପୁରୁଷ ବିଭାବ ଉପରେ ଯେଉଁ ଗୁରୁତ୍ୱ ଦେଇଛି, ଏବଂ ଏହାର ପୁରୁଷୋତ୍ତମ ତତ୍ତ୍ୱ ଯେଉଁଥିରେ କି ଏହା ଭଗବାନଙ୍କୁ କ୍ଷର ଓ ଅକ୍ଷର ଉଭୟଙ୍କଠାରୁ ଶ୍ରେଷ୍ଠ ପରମ ପୁରୁଷ ବୋଲି ଓ ଜଗତ୍ ସହ ତାଙ୍କର ବିଶେଷ ସମ୍ପର୍କ ଦ୍ୱାରା ଈଶ୍ୱରରୂପେ ବିଦିତ ବୋଲି ଯେପରି ବ୍ୟାଖ୍ୟା କରିଛି – ଏହିଗୁଡ଼ିକହିଁ ହେଲା ଗୀତାର ସବୁଠୁ ତାତ୍ପର୍ଯ୍ୟପୂର୍ଣ୍ଣ ଅଂଶ ଓ ଏହାର ସବୁଠୁ ଗୁରୁତ୍ୱପୂର୍ଣ୍ଣ ଉପାଦାନ । ତଥାପି ଏହି ଈଶ୍ୱର ହେଉଛନ୍ତି ସେହି ଆତ୍ମା ଯାହାଙ୍କ ଭିତରେ ସମସ୍ତ ଜ୍ଞାନର ପରିସମାପ୍ତି ହୁଏ, ସେହିଁ ଯଜ୍ଞର ଈଶ୍ୱର, ସମସ୍ତ କର୍ମ ଯାହାଙ୍କ ଅଭିମୁଖରେ ପ୍ରଧାବିତ, ସେହିଁ ପ୍ରେମର ପ୍ରଭୁ ଯାହାଙ୍କ ସତ୍ତା ମଧ୍ୟରେ ଭକ୍ତ ହୃଦୟର ଅଧିଷ୍ଠାନ – ଗୀତା ଏହିସବୁ ଭାବର ମଧ୍ୟରେ ପୂର୍ଣ୍ଣ ସାମଞ୍ଜସ୍ୟ ରକ୍ଷା କରିଛି, କେତେବେଳେ ଜ୍ଞାନ ଉପରେ ଜୋର୍ ଦେଇଛି ତ କେତେବେଳେ କର୍ମ ଉପରେ, କେତେବେଳେ ପୁଣି ଭକ୍ତି ଉପରେ, କିନ୍ତୁ ଏହା କରିଛି ଉପସ୍ଥିତ ପ୍ରସଙ୍ଗ ବା ଚିନ୍ତାଧାରାକୁ ସ୍ପଷ୍ଟ କରିବା ଉଦ୍ଦେଶ୍ୟରେ, ଗୋଟିକଠାରୁ ଅନ୍ୟଟିର ଶ୍ରେଷ୍ଠତା ବା ନ୍ୟୂନତା ଦେଖାଇବା ପାଇଁ ନୁହେଁ । ଯେଉଁ ଭଗବାନଙ୍କ ଭିତରେ ଜ୍ଞାନ, କର୍ମ, ଭକ୍ତି ଏହି ତିନୋଟିଯାକର ଲକ୍ଷ୍ୟ ମିଳି ଏକ ହୋଇଯାଇଛି ସେହିଁ ପରମପୁରୁଷ, ପୁରୁଷୋତ୍ତମ ।

କିନ୍ତୁ ବର୍ତ୍ତମାନ ସମୟରେ ଯେବେଠାରୁ ଆଧୁନିକ ମନ ଗୀତାକୁ ସ୍ୱୀକାର କରିବାକୁ

ଓ ତାହା ସମ୍ପର୍କରେ ଆଲୋଚନା କରିବାକୁ ଆରମ୍ଭ କଲା, ସେହି ସମୟରୁ ଜ୍ଞାନ ଓ ଭକ୍ତିର ଉପାଦାନକୁ ଗୌଣ ସ୍ଥାନ ଦେଇ କର୍ମ ଉପରେ ଗୀତାର ଗୁରୁତ୍ୱକୁ ଅବଲମ୍ବନ କରି ଏହାକୁ କେବଳ କର୍ମଯୋଗର ଏକ ଶାସ୍ତ୍ର ବୋଲି, କର୍ମପଥରେ ବାଟ କଢ଼ାଇ ନେଉଥିବା ଏକ ଆଲୋକ ଓ କର୍ମର ଏକ ଉପଦେଶ ବୋଲି ପ୍ରତିପନ୍ନ କରିବାକୁ ଏକ ଝୁଙ୍କ ଦେଖାଗଲା । ଅବଶ୍ୟ ଏହା ନିଃସନ୍ଦେହ ଯେ ଗୀତା ନିଶ୍ଚିତରୂପେ କର୍ମର ଏକ ଉପଦେଶ କିନ୍ତୁ ତାହା ଏପରି କର୍ମ ଯାହା ଜ୍ଞାନରେ ଅର୍ଥାତ୍ ଆଧ୍ୟାତ୍ମିକ ଉପଲବ୍ଧି ଓ ନୀରବ ପ୍ରଶାନ୍ତିରେହିଁ ସାର୍ଥକ ହୁଏ, ତାହା ଏପରି ଏକ କର୍ମ ଯାହା ଭକ୍ତି ଦ୍ୱାରା ପ୍ରଣୋଦିତ, ଯେଉଁଥିରେ ବ୍ୟକ୍ତି ନିଜର ସମଗ୍ର ସତ୍ତାକୁ ପ୍ରଥମେ ପରମଙ୍କ ହସ୍ତରେ ସଚେତ ଭାବରେ ସମର୍ପଣ କରେ ଓ ପରେ ତାଙ୍କ ସତ୍ତା ମଧ୍ୟରେ ପ୍ରବିଷ୍ଟ ହୁଏ । ଆଧୁନିକ ମନ କର୍ମ କହିଲେ ଯାହା ବୁଝେ ଏହା ସେହି କର୍ମର ଉପଦେଶ ନୁହେଁ, ଏହା ସେହିସବୁ କର୍ମ ନୁହେଁ ଯେଉଁ କର୍ମ ପଛରେ ଅହଂଗତ ଭାବ, ପରୋପକାର ଭାବର ପ୍ରେରଣା ରହିଛି; ବ୍ୟକ୍ତିଗତ, ସାମାଜିକ ବା ମାନସିକ ନାନା ନୀତି ଓ ଆଦର୍ଶର ପ୍ରେରଣା ରହିଛି, ଅଥଚ ଆଧୁନିକ ବ୍ୟାଖ୍ୟାକାରମାନେ ଗୀତାର ଏହି ବ୍ୟାଖ୍ୟାହିଁ କରନ୍ତି । ଅନେକ ବିଶିଷ୍ଟ ବ୍ୟକ୍ତି କ୍ରମାଗତ ଭାବରେ କହି ଆସୁଛନ୍ତି ଯେ ଭାରତୀୟ ଚିନ୍ତାଧାରା ଓ ଆଧ୍ୟାତ୍ମିକତାରେ ସାଧାରଣତଃ ଯେଉଁ ବୈରାଗ୍ୟ ଓ ନିବୃତ୍ତିମୟ ଶାନ୍ତିମାର୍ଗର ଧାରା ରହିଥିଲା, ଗୀତା ତାହାର ବିରୋଧ କରି ସ୍ପଷ୍ଟଭାବରେ ଜଗତରେ କର୍ମର ଶ୍ରେଷ୍ଠତ୍ୱ ଘୋଷଣା କରୁଛି, ନିଃସ୍ୱାର୍ଥ ସାମାଜିକ କର୍ତ୍ତବ୍ୟସାଧନର ଆଦର୍ଶ ଉପରେ ଏପରିକି ପୂରାପୂରି ଆଧୁନିକ ସମାଜସେବାର ଆଦର୍ଶ ଉପରେ ଜୋର୍ ଦେଇଛି । ଏସବୁ ସମ୍ପର୍କରେ ମୁଁ କେବଳ ଏହି ଉତ୍ତର ଦେଇପାରେ ଯେ ଗୀତା ଏପରି ଶିକ୍ଷା ଦେଉ ନାହିଁ, ଏହା ଅତି ସ୍ପଷ୍ଟ, ଏପରିକି ଗଭୀରକୁ ନଯାଇ କେବଳ ଉପର ଅର୍ଥ ଦୃଷ୍ଟିରୁ ଦେଖିଲେ ମଧ୍ୟ ଗୀତାର ଅର୍ଥ ଏହା ନୁହେଁ । ଏହା କେବଳ ଏକ ଆଧୁନିକ ମନର ବୁଝିବାର ଭୁଲ୍, ଇଉରୋପୀୟ ବା ପାଶ୍ଚାତ୍ୟଭାବସମ୍ପନ୍ନ ଏକ ଆଧୁନିକ ବୁଦ୍ଧି ନେଇ ଗୀତାପରି ଏକ ଅତି ପ୍ରାଚୀନ, ପୂରାପୂରି ଏକ ପ୍ରାଚ୍ୟ ଓ ଭାରତୀୟ ଗ୍ରନ୍ଥକୁ ବୁଝିବା ପାଇଁ ଏହା ଏକ ବ୍ୟର୍ଥ ଚେଷ୍ଟା । ଗୀତା ଯାହା ଶିକ୍ଷା ଦିଏ ତାହା ମାନୁଷୀ କର୍ମ ନୁହେଁ ଦିବ୍ୟକର୍ମ, ସାମାଜିକ କର୍ତ୍ତବ୍ୟ ପାଳନ ନୁହେଁ, କର୍ତ୍ତବ୍ୟ ଓ ଆଚରଣର ଅନ୍ୟ ସମସ୍ତ ଆଦର୍ଶ ତ୍ୟାଗ କରି ଆମ ପ୍ରକୃତି ମଧ୍ୟଦେଇ କ୍ରିୟା କରୁଥିବା ଭଗବତ୍ ଇଚ୍ଛାର ନିଃସ୍ୱାର୍ଥ ସମ୍ପାଦନ, ସମାଜସେବାର କର୍ମ ନୁହେଁ, ସବୁଠାରୁ ଶ୍ରେଷ୍ଠ, ଈଶ୍ୱରନିଷ୍ଠ ମହାମାନବ ଦ୍ୱାରା ଆଚରିତ କର୍ମ ଯାହା ନୈର୍ବ୍ୟକ୍ତିକ ଭାବରେ ସାରା ପୃଥିବୀ ପାଇଁ କରାଯାଇ ଥାଏ ଓ ମନୁଷ୍ୟ ତଥା ପ୍ରକୃତିର ପଶ୍ଚାତରେ ସର୍ବଦା ବିଦ୍ୟମାନ ପରମଙ୍କ ଉଦ୍ଦେଶ୍ୟରେ ଯଜ୍ଞରୂପେ ଉତ୍ସର୍ଗୀକୃତ ହୋଇଥାଏ ।

ଅନ୍ୟ କଥାରେ କହିଲେ ଗୀତା ବ୍ୟବହାରିକ ନୀତିଶାସ୍ତ୍ର ବା ଆଚାର-ଶାସ୍ତ୍ରର ଏକ

ଗ୍ରନ୍ଥ ନୁହେଁ, ଏହା ଆଧ୍ୟାତ୍ମିକ ଜୀବନର ଏକ ଗ୍ରନ୍ଥ । ଆଧୁନିକ ମନ କହିଲେ ବର୍ତ୍ତମାନ ଇଉରୋପୀୟ ମନ ବୋଲିହିଁ ବୁଝିବାକୁ ହେବ, ଯାହାକି ନିଜର ମୂଳ ଗ୍ରୀସ୍-ରୋମୀୟ ସଂସ୍କୃତିର ଉଚ୍ଚତମ ଆଦର୍ଶବାଦକୁ ଯେ ଛାଡ଼ି ଦେଇଛି ଖାଲି ସେତିକି ନୁହେଁ, ମଧ୍ୟଯୁଗୀୟ ଖ୍ରୀଷ୍ଟିଆନ ଭକ୍ତିବାଦକୁ ବି ଏହା ପରିତ୍ୟାଗ କରିଛି । ଏସବୁର ସ୍ଥାନରେ ଏହା ଆଣିଦେଇଛି ଏକ ବ୍ୟବହାରିକ ଆଦର୍ଶବାଦ ଓ ସମାଜସେବା, ଦେଶସେବା ଓ ମାନବ-ସେବାର ଏକ ନିଷ୍ଠା । ଏହା ଭଗବାନଙ୍କୁ ପୂରା ଛାଡ଼ିଦେଇଛି ବା କେବଳ ରବିବାର ଛୁଟିରେ ଗିର୍ଜା ଯିବା ଭିତରେହିଁ ରଖିଛି ଏବଂ ଭଗବାନଙ୍କ ଆସନରେ ଏହା ମାନବକୁ ବସାଇଛି ଦେବତା ରୂପରେ ଏବଂ ସମାଜକୁ କରିଛି ତାହାର ପୂଜାର ବିଗ୍ରହ । ଅତିବେଶୀରେ ଏହା ଏକ ବାସ୍ତବବାଦୀ, ନୈତିକ, ସାମାଜିକ, ବ୍ୟବହାରିକ ପରୋପକାରୀ ଓ ଜନହିତକାରୀ ଆଦର୍ଶ । ଏଗୁଡ଼ିକ ଖୁବ୍ ଭଲ, ବିଶେଷ କରି ବର୍ତ୍ତମାନ ଯୁଗରେ ଏକାନ୍ତ ଆବଶ୍ୟକ, ଭଗବତ୍ ଇଚ୍ଛାର ଏହା ଏକ ଅଂଶ, ତା' ନହେଲେ ମାନବସମାଜରେ ଏହା ଏତେ ବିସ୍ତାର ଲାଭ କରି ନ ଥା'ନ୍ତା । ଆଉ ମଧ୍ୟ ଏପରି କୌଣସି କାରଣ ନାହିଁ ଯେ ଦିବ୍ୟମାନବ, ଯେଉଁ ମାନବ ବ୍ରହ୍ମଚେତନାରେ ଓ ଭଗବତ୍ ସତ୍ତାରେ ନିତ୍ୟ ବାସ କରୁଛନ୍ତି, ତାଙ୍କର କର୍ମରେ ଏସବୁ ବିଷୟର ପ୍ରଶ୍ନ ଉଠିବ ନାହିଁ । ତାଙ୍କ କର୍ମରେ ନିଶ୍ଚୟ ଏସବୁ ସ୍ଥାନ ପାଇବ ଯଦି ତାହାହିଁ ସେ ଯୁଗର ଶ୍ରେଷ୍ଠ ଧର୍ମ, ଯୁଗଧର୍ମ ହୋଇଥାଏ, ଏହା ଅପେକ୍ଷା ଯଦି ଆଉ ଶ୍ରେଷ୍ଠତର କିଛି ଆଦର୍ଶ ପ୍ରତିଷ୍ଠିତ ହେବାକୁ ନ ଥାଏ ବା କୌଣସି ଆମୂଳ ରୂପାନ୍ତରର ପ୍ରଶ୍ନ ନ ଥାଏ । କାରଣ ସେହି ବ୍ୟକ୍ତିହିଁ ଶ୍ରେଷ୍ଠ ଯାହାଙ୍କର ଆଦର୍ଶ ଓ ଆଚରଣକୁ ଅନ୍ୟମାନେ ଅନୁସରଣ କରନ୍ତି, ଦିବ୍ୟଗୁରୁ ଅର୍ଜୁନଙ୍କୁ ଏହାହିଁ ବୁଝାଇଥିଲେ ଏବଂ ବସ୍ତୁତଃ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ତାଙ୍କ ଯୁଗର ଶ୍ରେଷ୍ଠତମ ଆଦର୍ଶ ଓ ଯୁଗର ସଂସ୍କୃତି ଅନୁସାରେ ଚଳିବା ପାଇଁ ଓ ଆଚରଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ, କିନ୍ତୁ କହିଥିଲେ ସେ ଯେପରି ତାହା କରନ୍ତି ଜ୍ଞାନର ସହିତ, ତାହା ପଶ୍ଚାତରେ ରହିଥିବା ସତ୍ୟର ବୋଧ ସହିତ, ସାଧାରଣ ଲୋକଙ୍କ ପରି ନୁହେଁ ଯେଉଁମାନେ କେବଳ ବାହ୍ୟ ଧର୍ମ ଓ ବିଧାନ ଅନୁସରଣ କରନ୍ତି ।

କିନ୍ତୁ ଏଠାରେ ପ୍ରଣିଧାନର ବିଷୟ ହେଉଛି ଏହି ଯେ ଆଧୁନିକ ମନ ଏହାର ବାସ୍ତବ ପ୍ରେରଣାରୁ ଦୁଇଟି ପ୍ରଧାନ ବିଷୟକୁ ଅର୍ଥାତ୍ ଭଗବାନ୍ ବା ଶାଶ୍ୱତଙ୍କୁ ଏବଂ ଆଧ୍ୟାତ୍ମିକତା ବା ଦିବ୍ୟ ଆତ୍ମସ୍ଥିତିକୁ ବାଦ୍ ଦେଇ ଦେଇଛି, କିନ୍ତୁ ଏହାହିଁ ହେଲା ଗୀତାର ମୁଖ୍ୟ ତତ୍ତ୍ୱ । ଏହି ଆଧୁନିକ ମନ କେବଳ ମାନବତା ମଧ୍ୟରେହିଁ ବାସକରେ କିନ୍ତୁ ଗୀତା ଚାହେଁ ଆମେ ଯେପରି ବାସ କରୁ ଭଗବାନଙ୍କ ମଧ୍ୟରେ ଯଦିଓ ଜଗତ୍ ପାଇଁହିଁ ଭଗବାନଙ୍କ ମଧ୍ୟରେ, ଆଧୁନିକ ମଣିଷ ବାସକରେ ନିଜ ପ୍ରାଣରେ, ହୃଦୟ ଓ ବୁଦ୍ଧିରେ କିନ୍ତୁ ଗୀତା ଚାହେଁ ଆମେ ଯେପରି ବାସକରୁ ଆତ୍ମାରେ, ଆଧୁନିକ ମଣିଷ ବାସକରେ କ୍ଷରପୁରୁଷରେ

ଯେ ସର୍ବଭୂତ ହୋଇଛନ୍ତି, କିନ୍ତୁ ଗୀତା ଚାହେଁ ଆମେ ଯେପରି ଅକ୍ଷର ଓ ପରମ ପୁରୁଷଙ୍କ ମଧ୍ୟରେ ବି ବାସ କରୁ, ଆଧୁନିକ ମନ ପରିବର୍ତ୍ତନଶୀଳ କାଳର ପ୍ରବାହରେ ବାସ କରେ କିନ୍ତୁ ଗୀତା ଚାହେଁ ଆମେ ଯେପରି ବାସ କରୁ ଚିରନ୍ତନ ଶାଶ୍ୱତରେ । ଯଦିବା ଗୀତାର ଏହିସବୁ ଊର୍ଦ୍ଧ୍ୱତର ବିଷୟ ଆଧୁନିକ ମନରେ ଅସ୍ପଷ୍ଟ ଭାବରେ କିଛି କିଛି ଆସିବାକୁ ଆରମ୍ଭ କରେ ତେବେ ଆମେ ତାହାକୁ ମୁଖ୍ୟତଃ ମାନବ ଓ ମାନବସମାଜର ସେବାରେ ଲଗାଇବାକୁ ଉଦ୍ୟତ ହୋଇପଡୁ । କିନ୍ତୁ ଭଗବାନ୍ ଓ ଆଧ୍ୟାତ୍ମିକତା ତାହାର ନିଜସ୍ୱ ସତ୍ୟରେ ବିରାଜମାନ, ସେ କାହାର ବଶବର୍ତ୍ତୀ ନୁହନ୍ତି । କାର୍ଯ୍ୟତଃ ଆମର ଅଧସ୍ତନ ସତ୍ତାକୁ ଉଚ୍ଚତର ସତ୍ତା ନିମନ୍ତେ ରହିବା ପାଇଁ ଶିଖିବାକୁ ହେବ, ଯାହା ଫଳରେ ଊର୍ଦ୍ଧ୍ୱତର ସତ୍ତା ମଧ୍ୟ ସଚେତ ଭାବରେ ନିମ୍ନତର ସତ୍ତା ପାଇଁ ବିଦ୍ୟମାନ ରହେ, ତାହାକୁ ଅଧିକରୁ ଅଧିକ ନିଜର ଉଚ୍ଚତା ଆଡ଼କୁ ଉଠେଇ ନେବା ପାଇଁ ।

ତେଣୁ ଆଜିର ମନୋବୃତ୍ତି ନେଇ ଗୀତାର ବ୍ୟାଖ୍ୟା କରିବା ଏବଂ ନିଃସ୍ୱାର୍ଥ କର୍ତ୍ତବ୍ୟପାଳନହିଁ ଗୀତାର ଚରମ ଓ ସମ୍ପୂର୍ଣ୍ଣ ବିଧାନ ଓ ଶିକ୍ଷା ବୋଲି ଜୋର୍ ଜବରଦସ୍ତି ପ୍ରତିପନ୍ନ କରିବାକୁ ଚେଷ୍ଟା କରିବା ନିହାତି ଭୁଲ୍ । ଯେଉଁ ପରିସ୍ଥିତି ଓ ପ୍ରସଙ୍ଗ ବିଷୟରେ ଗୀତା ଆଲୋଚନା କରିଛି ସେ ସମ୍ପର୍କରେ ସାମାନ୍ୟ ବିଚାର କଲେ ବି ବୁଝାଯିବ ଯେ ଏହା କେବେହେଲେ ଗୀତାର ଅର୍ଥ ହୋଇ ନ ପାରେ । କାରଣ ଗୀତା ଶିକ୍ଷାର ସମଗ୍ର ବିଷୟ, ଏହାର ସମଗ୍ର ଉପଲକ୍ଷ୍ୟ ଓ ଯେଉଁଥିରୁ ଏହାର ଉଦ୍ଭବ, ଯାହା ଶିଷ୍ୟଙ୍କୁ ଦିବ୍ୟଗୁରୁଙ୍କ ଶରଣାପନ୍ନ ହେବା ପାଇଁ ବାଧ୍ୟ କରିଛି, ସେସବୁ ହେଉଛି କର୍ତ୍ତବ୍ୟ ସମ୍ପର୍କରେ ବିଭିନ୍ନ ଧାରଣାର ଏକ ଜଟିଳ ସଂଘର୍ଷ ଓ ପାରସ୍ପରିକ ବିରୋଧ, ଯାହାକି ଶେଷରେ ଏପରି ଏକ ଅବସ୍ଥାକୁ ନେଇଯାଉଛି ଯେଉଁଠି କି ମଣିଷର ମନ ଛିଡ଼ା କରାଇଥିବା ସମସ୍ତ ବୌଦ୍ଧିକ ଓ ନୈତିକ ସୌଧ ଭାଙ୍ଗି ଧୂଳିସାତ୍ ହୋଇଯାଉଛି । ମଣିଷ ଜୀବନରେ ଅନେକ ସମୟରେ ନାନା ଧରଣର ସଂଘର୍ଷ ଦେଖାଦିଏ, ଉଦାହରଣସ୍ୱରୂପ ଗାର୍ହସ୍ଥ୍ୟ କର୍ତ୍ତବ୍ୟ ସହିତ ଦେଶପ୍ରେମର ଆହ୍ୱାନର ସଂଘର୍ଷ ବା ଦେଶର ଦାବି ସହିତ ମାନବସମାଜର କଲ୍ୟାଣ ବା କୌଣସି ବୃହତ୍ତର ନୈତିକ ଓ ଧାର୍ମିକ କର୍ତ୍ତବ୍ୟର ସଂଘର୍ଷ । ଏକ ଆନ୍ତର ସମସ୍ୟା ମଧ୍ୟ ଉଠିପାରେ, ବୁଦ୍ଧଙ୍କ କ୍ଷେତ୍ରରେ ଯେପରି ହୋଇଥିଲା, ଯେତେବେଳେ କି ଅନ୍ତରର ଦିବ୍ୟ ଆହ୍ୱାନକୁ ଅନୁସରଣ କରିବା ପାଇଁ ଅନ୍ୟ ସମସ୍ତ ପ୍ରକାର କର୍ତ୍ତବ୍ୟକୁ ପରିତ୍ୟାଗ କରିବାକୁ ପଡ଼ିପାରେ, ସେସବୁକୁ ପଦଦଳିତ କରି ଫିଙ୍ଗି ଫୋପାଡ଼ି ଦେବା ଆବଶ୍ୟକ ହୋଇପାରେ । ମୁଁ କେବେ ଭାବି ପାରିବି ନାହିଁ ଯେ ଗୀତା ଏପରି ଏକ ଆନ୍ତର ପରିସ୍ଥିତିର ସମାଧାନ କରିବା ପାଇଁ ବୁଦ୍ଧଙ୍କୁ କହିବ ତାଙ୍କର ପତ୍ନୀ ଓ ପିତାଙ୍କ ପାଖକୁ ଫେରିଯାଇ ଶାକ୍ୟ ରାଜ୍ୟର ସିଂହାସନରେ ବସିବା ପାଇଁ ବା ରାମକୃଷ୍ଣଙ୍କୁ କହିବ କୌଣସି ଏକ ଗ୍ରାମ ବିଦ୍ୟାଳୟର

ପଣ୍ଡିତ ହୋଇ ଅନାସକ୍ତ ଭାବରେ ଛୋଟ ଛୋଟ ପିଲାମାନଙ୍କୁ ପାଠ ପଢ଼ାଇବା ପାଇଁ ବା ବିବେକାନନ୍ଦଙ୍କୁ କହିବ ତାଙ୍କ ପରିବାର ପ୍ରତିପୋଷଣ ପାଇଁ ଅନାସକ୍ତ ଭାବରେ ଡାକ୍ତରୀ ଓ ଓକିଲାତି ବା ସାଂବାଦିକତା କରିବା ପାଇଁ । ଗୀତା ନିଃସ୍ୱାର୍ଥ କର୍ତ୍ତବ୍ୟ ପାଳନର ଶିକ୍ଷା ଦିଏ ନାହିଁ, ଗୀତା ଶିକ୍ଷା ଦିଏ ଦିବ୍ୟ ଜୀବନ ଗ୍ରହଣ କରିବା ପାଇଁ, ସମସ୍ତ ଧର୍ମ ପରିତ୍ୟାଗ କରି (ସର୍ବଧର୍ମାନ୍ ପରିତ୍ୟଜ୍ୟ) ଏକ ମାତ୍ର ଭଗବାନଙ୍କ ଶରଣ ନେବା ପାଇଁ, ଆଉ ବୁଦ୍ଧ, ରାମକୃଷ୍ଣ ଓ ବିବେକାନନ୍ଦଙ୍କର ଦିବ୍ୟ କର୍ମାବଳୀ ଗୀତାର ଏହି ଉପଦେଶ ସହିତ ସମ୍ପୂର୍ଣ୍ଣ ସାମଞ୍ଜସ୍ୟ ରଖିଛି । ଯଦିଓ ଗୀତା ଅକର୍ମଠାରୁ କର୍ମକୁ ଶ୍ରେଷ୍ଠ ବୋଲି କହିଛି ତଥାପି କର୍ମ-ସନ୍ନ୍ୟାସକୁ ଏହା ନିଷେଧ କରି ନାହିଁ ବରଂ ଭଗବାନଙ୍କ ଦିଗରେ ଏହାକୁ ଏକ ପଥରୂପେ ସ୍ୱୀକାର କରିଛି । ଯଦି କର୍ମ, ଜୀବନ ଓ ସମସ୍ତ କର୍ତ୍ତବ୍ୟ ତ୍ୟାଗ କରିବା ଦ୍ୱାରାହିଁ କେବଳ ଭଗବାନଙ୍କୁ ଲାଭ କରାଯାଇପାରିବ ଓ ଯଦି ଆମ ଭିତରେ ଏଥିପାଇଁ ଦୃଢ଼ ଆହ୍ୱାନ ଆସିଥାଏ, ତା'ହେଲେ ସେସବୁକୁ ନିଶ୍ଚୟହିଁ ତ୍ୟାଗ କରିବାକୁ ହେବ, ଅନ୍ୟ ଉପାୟ ନାହିଁ, ସବୁ କର୍ମ ଚୁଲିକୁ ଯାଉ ସେଥିରେ କିଛି ଯାଏ ଆସେ ନାହିଁ । ଭଗବାନଙ୍କର ଆହ୍ୱାନହିଁ ଅଲଂଘ୍ୟ, ଅବଶ୍ୟ ପାଳନୀୟ, ତା' ଆଗରେ ଅନ୍ୟ କୌଣସି କିଛିର ସ୍ଥାନ ନାହିଁ ।

କିନ୍ତୁ ଏଠାରେ ଆଉ ଏକ ସମସ୍ୟା ଦେଖା ଦେଉଛି, ତା'ହେଲେ ଅର୍ଜୁନଙ୍କୁ ଯେଉଁ କର୍ମ କରିବାକୁ ହେବ ତାହା ଏପରି ଏକ କର୍ମ ଯାହା କରିବାକୁ ତାଙ୍କର ନୈତିକବୋଧ ପଶ୍ଚାତ୍‌ପଦ ହେଉଛି । ତୁମେ କହିବ ଯୁଦ୍ଧ କରିବା ତାଙ୍କର କର୍ତ୍ତବ୍ୟ, କିନ୍ତୁ ବର୍ତ୍ତମାନ ତାଙ୍କ ମନ ପାଇଁ ସେହି କର୍ତ୍ତବ୍ୟ ଏକ ଭୟଙ୍କର ପାପ ବୋଲି ବୋଧହେଉଛି । ନିଃସ୍ୱାର୍ଥପର ଭାବରେ ବୀତରାଗ ହୋଇ ସେ କେବଳ ତାଙ୍କର କର୍ତ୍ତବ୍ୟ କରିଯାଆନ୍ତୁ ବୋଲି ତାଙ୍କୁ ଉପଦେଶ ଦେବା କିପରି ଭାବେ ତାଙ୍କୁ ସାହାଯ୍ୟ କରିବ ବା ତାଙ୍କ ସମସ୍ୟାର ସମାଧାନ କରିବ ? ସେ ଜାଣିବାକୁ ଚାହିଁବେ କ'ଣ ତାଙ୍କର କର୍ତ୍ତବ୍ୟ ବା ଏକ ରକ୍ତାକ୍ତ ହତ୍ୟାଲୀଳାରେ ନିଜର ଜାତି, ସ୍ୱଜନ ଓ ଦେଶକୁ ଧ୍ୱଂସ ଦିଗରେ ନେଇଯିବା କିପରି ଏକ କର୍ତ୍ତବ୍ୟ ହୋଇପାରେ ? ତାଙ୍କୁ କୁହାଯାଉଛି ଯେ ନ୍ୟାୟ ତାଙ୍କ ପକ୍ଷରେ କିନ୍ତୁ ତାହା ତାଙ୍କୁ ସନ୍ତୁଷ୍ଟ କରୁ ନାହିଁ କି କରିପାରିବ ନାହିଁ, କାରଣ ତାଙ୍କ ବକ୍ତବ୍ୟର ପ୍ରଧାନ କଥା ହେଲା ତାଙ୍କର ଦାବି ନ୍ୟାୟସଙ୍ଗତ ହେଲେ ମଧ୍ୟ ସେହି ଦାବି ପୂରଣ ପାଇଁ ସମଗ୍ର ଜାତିର ଭବିଷ୍ୟତକୁ ଧ୍ୱଂସ କରୁଥିବା ନିର୍ମମ ହତ୍ୟା ଓ ରକ୍ତପାତର ଆଶ୍ରୟ ନେବା ଆଦୌ ବିହିତ ନୁହେଁ । ତା'ହେଲେ କ'ଣ ଏହି ଭାବ ନେଇ ତାଙ୍କୁ ନିର୍ବିକାର ଭାବରେ କର୍ମ କରିବାକୁ ହେବ ଯେ ଯେପର୍ଯ୍ୟନ୍ତ ଜଣେ ବୀର ଯୋଦ୍ଧା ହିସାବରେ ସେ ତାଙ୍କର ଯୁଦ୍ଧର କର୍ତ୍ତବ୍ୟ କରିଯାଉଥିବେ ସେପର୍ଯ୍ୟନ୍ତ ତାହା ପାପ କି ପୁଣ୍ୟ ବା ତାହାର ପରିଣତି କ'ଣ ହେଉଛି ସେ ନେଇ ତାଙ୍କର ଭାବିବାର କିଛି ପ୍ରୟୋଜନ ନାହିଁ । ଏପରି ଶିକ୍ଷା କୌଣସି ରାଷ୍ଟ୍ରର ହୋଇପାରେ,

ରାଜନୀତିଜ୍ଞମାନେ, ଆଇନଜ୍ଞମାନେ ବା ନୀତିଶାସ୍ତ୍ରର ତାର୍କିକମାନେ ଏପରି ଶିକ୍ଷା ଦେଇପାରନ୍ତି, କିନ୍ତୁ କୌଣସି ମହାନ୍ ଆଧ୍ୟାତ୍ମିକ ଓ ଦାର୍ଶନିକ ଗ୍ରନ୍ଥ, ଯାହାର ଲକ୍ଷ୍ୟ ହେଲା ଜୀବନ ଓ କର୍ମର ସମସ୍ୟାକୁ ଆମୂଳ ସମାଧାନ କରିବା, ସେ କେବେହେଲେ ଏପରି ଶିକ୍ଷା ଦେଇପାରେନା । କିନ୍ତୁ ତଥାପି ଯଦି ଏକ ବିଷମ ନୈତିକ ଏବଂ ଆଧ୍ୟାତ୍ମିକ ସଙ୍କଟ ଓ ସମସ୍ୟା ଉପରେ ଏହାହିଁ ହୁଏ ଗୀତାର ଶିକ୍ଷା, ତେବେ ଆମକୁ ପୃଥିବୀର ମହାନ୍ ଧର୍ମଗ୍ରନ୍ଥର ତାଲିକା ଭିତରୁ ଗୀତାକୁ ବାହାର କରିନେଇ ତାହାକୁ ରାଜନୈତିକ ବିଜ୍ଞାନ ଓ ନୈତିକ ଆଚାରଶାସ୍ତ୍ରର ପୁସ୍ତକାଳୟରେ ସ୍ଥାନ ଦେବାକୁ ପଡ଼ିବ ।

ନିଶ୍ଚିତ ଭାବରେ ଉପନିଷଦ୍ ପରି ଗୀତା ମଧ୍ୟ ସମତାର ଶିକ୍ଷା ଦିଏ ଯାହାକି ପାପ-ପୁଣ୍ୟ, ଭଲ-ମନ୍ଦର ଊର୍ଦ୍ଧ୍ୱରେ କିନ୍ତୁ ସେହି ସମତା କେବଳ ବ୍ରହ୍ମଚେତନାର ଅଂଶ ଓ ସେହି ଲୋକ ପାଇଁ ପ୍ରଯୁଜ୍ୟ ଯେ ଯୋଗର ପଥ ଗ୍ରହଣ କରିଛି ଓ ପଥରେ ଏତେ ଦୂର ଅଗ୍ରସର ହୋଇଛି ଯେତେବେଳେ ସେ ଏହି ପରମ ବିଧାନକୁ କାର୍ଯ୍ୟକାରୀ କରିପାରିବ । ଏହା ସାଧାରଣ ଲୋକର ଜୀବନକ୍ଷେତ୍ରରେ ଭଲମନ୍ଦ ପ୍ରତି ଉଦାସୀନ ରହିବାକୁ ଶିକ୍ଷା ଦେଇ ନାହିଁ; ତା' ହୋଇଥିଲେ ଏହି ଶିକ୍ଷାର ପରିଣାମ ବିଷମୟ ହୁଅନ୍ତା, ଓଲଟି ଗୀତା ବରଂ କହୁଛି ମନ୍ଦକାର୍ଯ୍ୟ କରୁଥିବା ଦୁଷ୍କୃତମାନେ ଭଗବାନଙ୍କୁ ପାଇପାରିବେ ନାହିଁ । ତେଣୁ ଅର୍ଜୁନ ଯଦି ମନୁଷ୍ୟଜୀବନର ସାଧାରଣ ଧର୍ମକୁ ସର୍ବୋତ୍ତମଭାବରେ ପୂରଣ କରିବାକୁ ଚାହାନ୍ତି ତା'ହେଲେ ସେ ଯାହାକୁ ଏକ ପାପ ବୋଲି, ଏକ ନାରକୀୟ କୃତ୍ୟ ବୋଲି ବିଚାରୁଛନ୍ତି ନିଃସ୍ୱାର୍ଥଭାବରେ ସେହି କର୍ମ କରିବା ଦ୍ୱାରା ତାଙ୍କର କିଛି ଲାଭ ହେବ ନାହିଁ, ଯଦିଓ ସେହି କର୍ମ କରିବା ସୈନିକ ହିସାବରେ ତାଙ୍କର କର୍ତ୍ତବ୍ୟ ହୋଇପାରେ । ନିଜର ବିବେକ ଯାହାକୁ ଘୃଣା କରେ ସେପରି କର୍ମରୁ ସର୍ବଦା ବିରତ ରହିବା ଉଚିତ, ଯଦିଓ ତା'ଫଳରେ ତାଙ୍କର ହଜାର କର୍ତ୍ତବ୍ୟ-କର୍ମ ଭାଙ୍ଗି ଚୁରମାର ହୋଇଯାଏ ।

ଆମର ମନେ ରଖିବା ଉଚିତ ଯେ କର୍ତ୍ତବ୍ୟବୋଧ କାର୍ଯ୍ୟତଃ ସାମାଜିକ ଧାରଣା ଉପରେ ପ୍ରତିଷ୍ଠିତ । ଆମେ ଏହି ଶବ୍ଦର ଭାବକୁ ତା'ର ମୂଳ ଅର୍ଥ ଅପେକ୍ଷା ଆଉ ଟିକିଏ ପ୍ରସାର କରି ନିଜ ପ୍ରତି କର୍ତ୍ତବ୍ୟ କଥା କହିପାରୁ ବା ଆହୁରି ଆଗକୁ ଯାଇ କହିପାରୁ ଯେ ସବୁକିଛି ପରିତ୍ୟାଗ କରିବା ବୁଦ୍ଧଦେବଙ୍କର କର୍ତ୍ତବ୍ୟ ଥିଲା ବା ଗୁହା ଭିତରେ ସ୍ଥିର ନିଶ୍ଚଳ ହୋଇ ଉପବେଶନ କରିବା ସନ୍ନ୍ୟାସୀର କର୍ତ୍ତବ୍ୟ ! କିନ୍ତୁ ବାସ୍ତବରେ ଏହା ''ଶବ୍ଦ'' ସହିତ ଖେଳିବା ଛଡ଼ା ଅଧିକ କିଛି ନୁହେଁ । କର୍ତ୍ତବ୍ୟ ଏକ ଆପେକ୍ଷିକ ଶବ୍ଦ ଏବଂ ଅନ୍ୟ ସହିତ ସମ୍ବନ୍ଧ ଉପରେ ଏହାର ଅର୍ଥ ନିର୍ଭର କରେ । ପିତା ହିସାବରେ ପିତାର କର୍ତ୍ତବ୍ୟ ହେଉଛି ତା'ର ସନ୍ତାନମାନଙ୍କ ପାଇଁ ପାଳନପୋଷଣ ଓ ଶିକ୍ଷାଦାନର ବ୍ୟବସ୍ଥା କରିବା, ଓକିଲର କର୍ତ୍ତବ୍ୟ ହେଉଛି ତାହାର ମହକିଲକୁ ରକ୍ଷା କରିବା ପାଇଁ ଆପ୍ରାଣ ଚେଷ୍ଟା କରିବା ଏପରିକି

ଯଦି ବି ତା'ର ମହକିଲ ପ୍ରକୃତରେ ଦୋଷୀ ହୋଇଥାଏ ବା ତାହାର ଜବାବ-ସୁଆଲ ସମ୍ପୂର୍ଣ୍ଣ ମିଥ୍ୟା ହୋଇଥାଏ, ସେହିପରି ସୈନିକର କର୍ତ୍ତବ୍ୟ ହେଲା ଯୁଦ୍ଧ କରିବା ଏବଂ ଆଦେଶ ପାଇଲେ ଗୁଳିଚଳାଇବା, ସେଥିରେ ତା'ର ଆତ୍ମୀୟ ସ୍ୱଜନ ବା ଦେଶବାସୀ ମଲେ ମଧ କିଛି ଯାଏ ଆସେ ନାହିଁ, ଜଣେ ବିଚାରପତିର କର୍ତ୍ତବ୍ୟ ହେଲା ଅପରାଧୀକୁ କାରାଦଣ୍ଡ ଦେବା, ଖୁଣିକୁ ଫାଶିଦଣ୍ଡ ଦେବା । ଯେପର୍ଯ୍ୟନ୍ତ ଏହିସବୁ କର୍ତ୍ତବ୍ୟାକର୍ତ୍ତବ୍ୟ ଓ ବ୍ୟବସ୍ଥାକୁ ଜଣେ ଗ୍ରହଣ କରୁଥିବ ସେପର୍ଯ୍ୟନ୍ତ ତା'ପାଇଁ କର୍ତ୍ତବ୍ୟ ଅତି ସ୍ପଷ୍ଟ, ଯଦି ବି ଏଥିରେ କୌଣସି ମାନସମ୍ମାନ ବା ସ୍ନେହ-ଶ୍ରଦ୍ଧାର ପ୍ରଶ୍ନ ଉଠେ ନାହିଁ ତଥାପି ମଧ ଏହି କର୍ତ୍ତବ୍ୟପାଳନ ଏକ ସାଧାରଣ ବ୍ୟବହାର-ବିଧି ଏବଂ ସାଧାରଣ ଧର୍ମ ଓ ନୀତିର ବିଧାନର ଊର୍ଦ୍ଧ୍ୱରେ । କିନ୍ତୁ ମୂଳରୁ ଯଦି ଆନ୍ତର ଦୃଷ୍ଟିହିଁ ବଦଳି ଯାଏ, ଯଦି ଓକିଲ ଭିତରେ ଏହି ବିଚାର ଆସେ ଯେ ମିଥ୍ୟା ମାତ୍ରେହିଁ ସର୍ବଦା ପାପ ବା ବିଚାରପତିଙ୍କର ଦୃଢ଼ ଧାରଣା ହୁଏ ଯେ ଫାଶିଦଣ୍ଡ ମାନବିକତା ବିରୋଧରେ ଏକ ଅପରାଧ, ବା ଯୁଦ୍ଧ କ୍ଷେତ୍ରକୁ ଡକା ହୋଇଥିବା ସୈନିକ ଆଧୁନିକ ଯୁଦ୍ଧବିରୋଧୀ ଶାନ୍ତିବାଦୀଙ୍କ ପରି ବା ଟଲ୍‌ଷ୍ଟୟଙ୍କ ପରି ଅନୁଭବ କରେ ଯେ ଯେକୌଣସି ଅବସ୍ଥାରେ ମଧ ମନୁଷ୍ୟର ପ୍ରାଣନାଶ କରିବା ନରମାଂସ ଭକ୍ଷଣ ପରି ଏକ ଗର୍ହିତ କାର୍ଯ୍ୟ, ତା'ହେଲେ କ'ଣ ହେବ ? ଏହା ସ୍ପଷ୍ଟ ଯେ ଏଠାରେ ଅନ୍ୟାନ୍ୟ ଆପେକ୍ଷିକ କର୍ତ୍ତବ୍ୟ ଅପେକ୍ଷା ନୈତିକ ବିଧାନହିଁ ପ୍ରାଧାନ୍ୟ ବିସ୍ତାର କରିବ, ଏବଂ ଏହି ବିଧାନ କୌଣସି ସାମାଜିକ ସମ୍ପର୍କ ବା କର୍ତ୍ତବ୍ୟବୋଧ ଉପରେ ନିର୍ଭର କରେ ନାହିଁ, ଏହା ନିର୍ଭର କରେ ନୈତିକ ଜୀବ ମନୁଷ୍ୟର ଜାଗ୍ରତ୍ ଆନ୍ତରବୋଧ ଓ ପ୍ରତୀତି ଉପରେ ।

ସଂସାରରେ ବସ୍ତୁତଃ ଦୁଇ ପ୍ରକାରର ବ୍ୟବହାର-ବିଧି ରହିଛି, ପ୍ରତ୍ୟେକଟି ତା'ର ନିଜର ଭୂମିରେ ସମୁଚିତ ଓ ଯଥାର୍ଥ, ଗୋଟିଏ ହେଉଛି ସେହିସବୁ ଆଚରଣ-ବିଧି ଯାହାକି ପ୍ରଧାନତଃ ବାହ୍ୟ ସ୍ଥିତି ଉପରେ ନିର୍ଭର କରେ, ଅନ୍ୟଟି ହେଉଛି ସେହିସବୁ ବିଧି ଯାହା ବାହ୍ୟସ୍ଥିତି ଉପରେ ନିର୍ଭର ନ କରି ବରଂ ତାହା ନିର୍ଭର କରେ ନିଜର ଚିନ୍ତା ଓ ବିବେକ ଉପରେ । ଗୀତା ଆମମାନଙ୍କୁ ଶିଖାଏ ନାହିଁ ଊର୍ଦ୍ଧ୍ୱତନ ଭୂମିକୁ ନିମ୍ନତର ଭୂମିର ଅଧୀନ କରିବା ପାଇଁ, ଏହା ଜାଗ୍ରତ୍ ନୈତିକ ଚେତନାକୁ କହେ ନାହିଁ କର୍ତ୍ତବ୍ୟର ବେଦୀ ଉପରେ ନିଜକୁ ବଳି ଦେବା ପାଇଁ ଓ ସାମାଜିକ ବିଧିବ୍ୟବସ୍ଥାର ଶିକାର ହେବା ପାଇଁ । ଏହା ଆମମାନଙ୍କୁ ଊର୍ଦ୍ଧ୍ୱକୁ ଉଠିବା ପାଇଁ ଆହ୍ୱାନ କରୁଛି, ନିମ୍ନକୁ ଖସିବା ପାଇଁ ନୁହେଁ; ଏହି ଦୁଇ ଭୂମିର ଦ୍ୱନ୍ଦ୍ୱର ଆହୁରି ଊର୍ଦ୍ଧ୍ୱକୁ ଉଠିଯାଇ, ନୈତିକ ଓ ବ୍ୟବହାରିକ ସମସ୍ତ ଆଦର୍ଶ ଓ ବିଧିବିଧାନକୁ ଅତିକ୍ରମ କରି ଊର୍ଦ୍ଧ୍ୱରେ ବ୍ରାହ୍ମୀସ୍ଥିତିରେ ପ୍ରତିଷ୍ଠିତ ହେବା ପାଇଁ ଏହା ଆମମାନଙ୍କୁ ଆହ୍ୱାନ କରୁଛି । ଏହା ସାମାଜିକ କର୍ତ୍ତବ୍ୟ ସ୍ଥାନରେ ଆଣିଦେଇଛି ଭଗବାନଙ୍କ ପ୍ରତି କର୍ତ୍ତବ୍ୟ । ବାହ୍ୟ ବିଧାନର ଅଧୀନତା ବଦଳରେ କର୍ମର ଏପରି ଏକ ଆନ୍ତର ଆତ୍ମ-ନିର୍ଦ୍ଧାରଣ ନୀତି

ଆଣିଛି ଯାହାକି ଜଟିଳ କର୍ମବିଧିରୁ ମୁକ୍ତ ଆତ୍ମାର ସ୍ୱାଧୀନତା ଉପରେହିଁ ପ୍ରତିଷ୍ଠିତ । ଏବଂ ଆମେ ପରେ କ୍ରମଶଃ ଦେଖିବୁ, ଏହି ବ୍ରାହ୍ମୀସ୍ଥିତି, କର୍ମବନ୍ଧନରୁ ଆତ୍ମାର ମୁକ୍ତି, ଅନ୍ତରରେ ତଥା ଉର୍ଦ୍ଧ୍ୱରେ ରହିଥିବା ଭଗବାନଙ୍କ ଦ୍ୱାରା ଆମ ପ୍ରକୃତିରେ କର୍ମର ନିର୍ଦ୍ଧାରଣ – ଏହି ସବୁହିଁ ହେଲା କର୍ମ ସମ୍ବନ୍ଧରେ ଗୀତା-ଶିକ୍ଷାର ସାରମର୍ମ ।

ଏହି ଧରଣର ଅନ୍ୟାନ୍ୟ ମହାନ୍ ଗ୍ରନ୍ଥ ପରି ଗୀତାକୁ ବୁଝିବାକୁ ହେଲେ ଏହାକୁ ସମଗ୍ରଭାବରେ ଓ କ୍ରମବିକାଶଶୀଳ ଯୁକ୍ତି-ସମନ୍ୱିତ ଏକ ଶାସ୍ତ୍ର ହିସାବରେ ଅଧ୍ୟୟନ କରିବାକୁ ହେବ । କିନ୍ତୁ ବିଖ୍ୟାତ ଲେଖକ ବଙ୍କିମଚନ୍ଦ୍ର ଯେକି ସର୍ବପ୍ରଥମେ ଗୀତାକୁ କର୍ତ୍ତବ୍ୟପାଳନର ଏକ ଶାସ୍ତ୍ରରୂପରେ ପ୍ରତିପାଦନ କରିବାକୁ ଚେଷ୍ଟା କରିଥିଲେ, ତାଙ୍କଠାରୁ ଆରମ୍ଭକରି ଅନେକ ଆଧୁନିକ ବ୍ୟାଖ୍ୟାକାର କେବଳ ପ୍ରଥମ ତିନି, ଚାରି ଅଧ୍ୟାୟ ଉପରେହିଁ ସମସ୍ତ ଜୋର୍ ଦେଇଥା'ନ୍ତି । ବିଶେଷତଃ ସେମାନେ ଜୋର୍ ଦିଅନ୍ତି 'ସମତା' ଉପରେ ଥିବା ଅଂଶଗୁଡ଼ିକ ଉପରେ, 'କର୍ତ୍ତବ୍ୟମ୍ କର୍ମ' ଉପରେ – ଯାହାର ଅର୍ଥ କି ସେମାନେ ଆଧୁନିକ କର୍ତ୍ତବ୍ୟ ଅର୍ଥରେହିଁ ବ୍ୟାଖ୍ୟା କରନ୍ତି;– ଏବଂ 'କର୍ମଣ୍ୟେବାଧିକାରସ୍ତେ ମା ଫଳେଷୁ କଦାଚନ' – କର୍ମରେହିଁ ତୋର ଅଧିକାର ଅଛି ଫଳରେ ନାହିଁ; ଏହି ବାକ୍ୟ ଉପରେ ଯାହାକି ଆଜିକାଲି ଗୀତାର ମହାବାକ୍ୟ ବୋଲି ସର୍ବତ୍ର ଉଦ୍ଧୃତ ହେଉଛି । ଅଷ୍ଟାଦଶ ଅଧ୍ୟାୟର ବାକୀ ଅଂଶକୁ ତାହାର ସମସ୍ତ ଉଚ୍ଚକୋଟୀର ଦର୍ଶନ ଓ ତତ୍ତ୍ୱଜ୍ଞାନ ସହ ଗୌଣ ସ୍ଥାନ ଦିଆ ଯାଇଥାଏ ଅବଶ୍ୟ ଏକାଦଶ ଅଧ୍ୟାୟର ବିଶ୍ୱରୂପ ଦର୍ଶନକୁ ଛାଡ଼ି । ଆଧୁନିକ ମନ ପକ୍ଷେ ଏହା ଖୁବ୍ ସ୍ୱାଭାବିକ କାରଣ ଏହି ମନ ସୂକ୍ଷ୍ମ ଦାର୍ଶନିକ ତତ୍ତ୍ୱ ବା ସୁଦୂର ଆଧ୍ୟାତ୍ମିକ ଅନ୍ୱେଷଣ ସମ୍ପର୍କରେ ବରାବର ଧୈର୍ଯ୍ୟହୀନତା ପ୍ରକାଶ କରିଆସିଛି, ଏହି ଗତକାଲି ପର୍ଯ୍ୟନ୍ତ ବି ଏହାର ଭାବ ସେହିପରି ରହିଛି; ଏହି ଆଧୁନିକ ମନ ସର୍ବଦା କର୍ମରେ ପ୍ରବୃତ୍ତ ହେବାକୁ ଉତ୍ସୁକ ଏବଂ ଅର୍ଜୁନଙ୍କ ପରି ସେହି କର୍ମ ନିମନ୍ତେ ଏକ କାର୍ଯ୍ୟକାରୀ ବିଧାନ, ଏକ ଧର୍ମ ଖୋଜିବାରେହିଁ ବ୍ୟସ୍ତ । କିନ୍ତୁ ଗୀତା ଆଲୋଚନା ପାଇଁ ଏହା ଏକ ଭ୍ରାନ୍ତ ମାର୍ଗ ।

ଗୀତା ଯେଉଁ ସମତା ବିଷୟରେ କହିଛି ତାହା ନିଃସ୍ୱାର୍ଥ ଉଦାସୀନତା ନୁହେଁ – କାରଣ ଗୀତା ଶିକ୍ଷାର ଭିତ୍ତି ସ୍ଥାପିତ ହୋଇ ତା'ର ଗଠନର ପ୍ରଧାନ କାର୍ଯ୍ୟ ଶେଷ ହେଲା ପରେ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହୁଛନ୍ତି, "ଉଠ, ଶତ୍ରୁଙ୍କୁ ସଂହାର କର, ସମୃଦ୍ଧ ରାଜ୍ୟ ଭୋଗ କର ।" ଏହି ଆଦେଶରେ କେଉଁଠି ନିରୋଳା ପରୋପକାର ଓ ମାନବସେବାର କଥା ବା ଶୁଭ୍ର ବିକାରରହିତ ତ୍ୟାଗର କଥା ଶୁଣାଯାଉ ନାହିଁ; ଗୀତାର ସମତା ହେଉଛି ଏକ ଆନ୍ତର ସ୍ଥିତି, ଏକ ପ୍ରସାରତା ଯାହାକି ଆଧ୍ୟାତ୍ମିକ ସ୍ୱାଧୀନତାର ଭିତ୍ତି । ସେହି ସମତା ନେଇ, ସେହି ସ୍ୱାଧୀନତାର ଅବସ୍ଥାରେ ଆମକୁ କରଣୀୟ କର୍ମ, ଗୀତାର ଭାଷାରେ 'କାର୍ଯ୍ୟକ୍ରମ' କରିବାକୁ ହେବ । ଗୀତା ଯେଉଁ 'କାର୍ଯ୍ୟ କର୍ମ ସମାଚର' କଥା କହିଛି ତାହା ଅତ୍ୟନ୍ତ

ବ୍ୟାପକ ଅର୍ଥରେ କହିଛି, ଏଥିରେ ସମସ୍ତ କର୍ମ, 'ସର୍ବକର୍ମାଣି', ଅନ୍ତର୍ଭୁକ୍ତ ଏବଂ ସାମାଜିକ କର୍ତ୍ତବ୍ୟ ଓ ନୈତିକ କର୍ତ୍ତବ୍ୟ ଏହାର ଅନ୍ତର୍ଭୁକ୍ତ ହେଲେ ମଧ୍ୟ ଏହା ସେସବୁକୁ ଅତିକ୍ରମକରି ଅନେକ ଦୂର ପ୍ରସାରିତ । କେଉଁକାମ କରିବାକୁ ହେବ ତାହା ବ୍ୟକ୍ତିର ପସନ୍ଦ ଦ୍ୱାରା ନିର୍ଦ୍ଧାରିତ ହେବ ନାହିଁ, ବା କର୍ମରେ ଅଧିକାର ଓ କର୍ମଫଳର ତ୍ୟାଗ ଗୀତାର ମହାବାକ୍ୟ ନୁହେଁ, ଏହା କେବଳ ପ୍ରାଥମିକ ଉପଦେଶ, ଯୋଗର ଶିଖରକୁ ଆରୋହଣ କରିବାକୁ ଆରମ୍ଭ କଲାବେଳେ ଶିଷ୍ୟଙ୍କ ପ୍ରାଥମିକ ଅବସ୍ଥା ପ୍ରତିହିଁ ପ୍ରଯୁଜ୍ୟ । ବାସ୍ତବରେ ପରବର୍ତ୍ତୀ ଅବସ୍ଥାରେ ଏହି ଉପଦେଶକୁ ଅତିକ୍ରମ କରାଯାଇଛି କାରଣ ଗୀତା ସେତେବେଳେ ଜୋର୍ ଦେଇ କହୁଛି ଯେ ମନୁଷ୍ୟ ତା'ର କର୍ମର କର୍ତ୍ତା ନୁହେଁ, ପ୍ରକୃତିହିଁ ସମସ୍ତ କର୍ମର କର୍ତ୍ତ୍ରୀ, ସେହି ବିଶାଳ ଶକ୍ତି ତାହାର ତ୍ରିଗୁଣ ସହ ମନୁଷ୍ୟ ଭିତର ଦେଇ କର୍ମ କରୁଛି ଏବଂ ଶିଷ୍ୟଙ୍କର ଏହା ସ୍ପଷ୍ଟଭାବରେ ଦେଖିବା ଉଚିତ ଯେ ସେ କୌଣସି କର୍ମର କର୍ତ୍ତା ନୁହନ୍ତି । ତେଣୁ କର୍ମରେ ଅଧିକାର କଥାଟା କେବଳ ସେହି ପର୍ଯ୍ୟନ୍ତ ପ୍ରଯୁଜ୍ୟ ଯେପର୍ଯ୍ୟନ୍ତ କର୍ମର କର୍ତ୍ତା ବୋଲି ଆମର ଭ୍ରାନ୍ତି ରହିଛି । କର୍ମଫଳର ଦାବି ପରି ଏହି କର୍ମରେ ଅଧିକାର କଥାଟା ମଧ୍ୟ ଆମ ମନରୁ ସମ୍ପୂର୍ଣ୍ଣ ଦୂର ହୋଇଯିବ ଯେତେବେଳେ ଆମେ ଆଉ ଆମ କର୍ମର କର୍ତ୍ତା ବୋଲି କୌଣସି ଚେତନା ବା କର୍ତ୍ତୃତ୍ୱାଭିମାନ ରହିବ ନାହିଁ । ସେତେବେଳେ କର୍ମ ସମ୍ପର୍କୀୟ ସମସ୍ତ ଅହଂଭାବ, ତାହା କର୍ମଫଳର ଦାବି ସହ ହେଉ ବା କର୍ମରେ ଅଧିକାର ନିମିତ୍ତ ହେଉ, ସବୁର ସମାପ୍ତି ହୋଇଯାଏ ।

କିନ୍ତୁ ପ୍ରକୃତିର ନିୟନ୍ତ୍ରଣ ଗୀତାର ଶେଷ କଥା ନୁହେଁ । ଇଚ୍ଛାର ସମତା ଓ କର୍ମଫଳ-ତ୍ୟାଗ କେବଳ ଉପାୟ ମାତ୍ର ଯାହା ଦ୍ୱାରା ମନ, ହୃଦୟ ଓ ବୁଦ୍ଧି ସହ ଭାଗବତ ଚେତନାରେ ପ୍ରବେଶ କରାଯାଏ ଓ ତହିଁରେ ବାସ କରାଯାଏ । ଗୀତା ସ୍ପଷ୍ଟରୂପେ ଏହା ମଧ୍ୟ କହିଛି ଯେ ଏହି ଉପାୟଗୁଡ଼ିକୁ କେବଳ ସେହି ପର୍ଯ୍ୟନ୍ତ ଅବଲମ୍ବନ କରିବାକୁ ହେବ ଯେପର୍ଯ୍ୟନ୍ତ ସାଧକ ଏହି ଚେତନାରେ ବାସ କରିବାକୁ ବା ଅଭ୍ୟାସ ଦ୍ୱାରା କ୍ରମଶଃ ଏହି ଉଚ୍ଚତର ଅବସ୍ଥା ଲାଭ କରିବାକୁ ଅସମର୍ଥ ହେଉଛି । ଆଉ ଶ୍ରୀକୃଷ୍ଣ ନିଜକୁ ଯେଉଁ ଭଗବାନ୍ ବୋଲି ଘୋଷଣା କରୁଛନ୍ତି, ସେ ଭଗବାନଙ୍କର ସ୍ୱରୂପ କ'ଣ ? ସେ ହେଉଛନ୍ତି ପୁରୁଷୋତ୍ତମ, ନିଷ୍କ୍ରିୟ ପୁରୁଷ ଓ ସକ୍ରିୟ ପ୍ରକୃତି ଉଭୟର ଊର୍ଦ୍ଧ୍ୱରେ ଗୋଟିକର ଭିତ୍ତି ଓ ଅପରଟିର ପ୍ରଭୁ, ସବୁକିଛିହିଁ ସେହି ଈଶ୍ୱରଙ୍କର ଅଭିବ୍ୟକ୍ତି, ଯେ ଆମମାନଙ୍କର ବର୍ତ୍ତମାନର ମାୟାବଶ ଅବସ୍ଥାରେ ମଧ୍ୟ ନିଜର ଜୀବମାନଙ୍କର ହୃଦୟରେ ବିରାଜମାନ କରି ପ୍ରକୃତିର କ୍ରିୟାବଳୀକୁ ନିୟମିତ କରୁଛନ୍ତି, ଯାହାଙ୍କ ଦ୍ୱାରା କୁରୁକ୍ଷେତ୍ରର ସୈନ୍ୟମାନେ ବାହାରକୁ ଜୀବିତ ରହିଥିଲେ ସୁଦ୍ଧା ପୂର୍ବରୁ ନିହତ ହୋଇ ସାରିଲେଣି, ଏହି ଭୀଷଣ ସଂହାର-କର୍ମରେ ସେ ଅର୍ଜୁନଙ୍କୁ କେବଳ ନିଜର ଯନ୍ତ୍ର ବା ନିମିତ୍ତ ମାତ୍ର କରି ରଖିଛନ୍ତି । ପ୍ରକୃତି କେବଳ ତାଙ୍କର କାର୍ଯ୍ୟକାରିଣୀ

ଶକ୍ତି । ସାଧକକୁ ଏହି ଶକ୍ତି ଓ ଏହାର ତ୍ରିଗୁଣର ଊର୍ଦ୍ଧ୍ୱକୁ ଉଠିଯିବାକୁ ହେବ, ତାହାକୁ ତ୍ରିଗୁଣାତୀତ ହେବାକୁ ହେବ । ତା'ର କର୍ମକୁ ଏହି ପ୍ରକୃତି ନିକଟରେ ସମର୍ପଣ କରିବାକୁ ହେବ ନାହିଁ, କାରଣ କର୍ମ ଉପରେ ତା'ର ଆଉ କୌଣସି ଅଧିକାର ବା ଦାବି ନାହିଁ, ପରମ ପୁରୁଷଙ୍କର ସତ୍ତାରେହିଁ ଏହି କର୍ମ ସମର୍ପଣ କରିବାକୁ ହେବ । ଭଗବାନଙ୍କ ସତ୍ତାରେ ନିଜର ମନ, ବୁଦ୍ଧି, ହୃଦୟ ଓ ସଂକଳ୍ପକୁ ନିବିଷ୍ଟ କରି, ଆତ୍ମଜ୍ଞାନ ସହ, ବ୍ରହ୍ମଜ୍ଞାନ ସହ, ବିଶ୍ୱଜ୍ଞାନ ସହ, ପୂର୍ଣ୍ଣ ସମତା, ପୂର୍ଣ୍ଣ ଭକ୍ତି ଓ ପୂର୍ଣ୍ଣ ଆତ୍ମସମର୍ପଣ ସହ ସାଧକକୁ କର୍ମ କରିବାକୁ ହେବ ସେହି ପ୍ରଭୁଙ୍କ ପାଖରେ ଉତ୍ସର୍ଗ ରୂପେ ଯେକି ସମସ୍ତ ଆତ୍ମଶକ୍ତିର ଓ ସମସ୍ତ ଯଜ୍ଞର ଅଧୀଶ୍ୱର । ତାଙ୍କର ସଂକଳ୍ପ ସହ ନିଜ ସଂକଳ୍ପକୁ ଏକ କରିଦେବାକୁ ହେବ, ତାଙ୍କର ଚେତନାରେହିଁ ସଚେତ ହେବାକୁ ହେବ, ସେହିଁ ସମସ୍ତ କର୍ମର ନିର୍ଦ୍ଧାରଣ ଓ ପ୍ରବର୍ତ୍ତନ କରିବେ । ଦିବ୍ୟଗୁରୁ ଶିଷ୍ୟଙ୍କ ନିକଟରେ ଏହି ସମାଧାନହିଁ ଆଣି ଦେଲେ ।

ପ୍ରକୃତରେ ଗୀତାର ପରମ ବାଣୀ କ'ଣ, ଏହାର ମହାବାକ୍ୟ କ'ଣ, ତାହା ଆମକୁ ଖୋଜି ବାହାର କରିବାକୁ ପଡ଼ିବ ନାହିଁ, ଗୀତା ସ୍ୱୟଂ ତାହାର ଶେଷ ଉକ୍ତିରେ, ତାହାର ଦିବ୍ୟ ସଙ୍ଗୀତର ପରମ ସୁରରେ ସେହି ବାଣୀ ପ୍ରକଟ କରିଛି; ''ସର୍ବଭାବରେ ନିଜର ହୃଦୟସ୍ଥ ଭଗବାନଙ୍କର ଶରଣ ନିଅ, ତାଙ୍କର ପ୍ରସାଦରେହିଁ ତୁ ପରମ ଶାନ୍ତି ଓ ଶାଶ୍ୱତ ପଦ ଲାଭ କରିବୁ । ଏହି ଭାବରେ ଯେଉଁ ଜ୍ଞାନ ଗୁହ୍ୟରୁ ଆହୁରି ଗୁହ୍ୟତର ମୁଁ ତୋତେ ତାହା ବୁଝାଇଲି । ପୁଣି ବର୍ତ୍ତମାନ ମୁଁ ତୋତେ ସର୍ବାପେକ୍ଷା ଗୁହ୍ୟତମ ଯେଉଁ ପରମ ବାଣୀ କହିବି ତାହା ଶୁଣ । ତୋର ମନକୁ କେବଳ ମୋର ଭାବରେ ପୂର୍ଣ୍ଣକର, ମୋର ଭକ୍ତ ହୁଅ, ମୋ ଉଦ୍ଦେଶ୍ୟରେହିଁ ଯଜ୍ଞ କର, ମୋତେ ଆରାଧନା କର, ତୁ ନିଶ୍ଚୟହିଁ ମୋତେ ଲାଭ କରିବୁ, କାରଣ ତୁ ମୋର ପ୍ରିୟ । ସମସ୍ତ ଧର୍ମ ପରିତ୍ୟାଗ କରି ଏକମାତ୍ର ମୋର ଶରଣାପନ୍ନ ହୁଅ, ମୁଁ ତୋତେ ସମସ୍ତ ପାପରୁ ମୁକ୍ତ କରିବି, ଶୋଚନା କର ନାହିଁ''* ।

---

* ତମେବ ଶରଣଂ ଗଚ୍ଛ ସର୍ବଭାବେନ ଭାରତ ।
ତତ୍ପ୍ରସାଦାତ୍ ପରାଂ ଶାନ୍ତିଂ ସ୍ଥାନଂ ପ୍ରାପ୍ସ୍ୟସି ଶାଶ୍ୱତମ୍ ॥
ଇତି ତେ ଜ୍ଞାନମାଖ୍ୟାତଂ ଗୁହ୍ୟାଦ୍ ଗୁହ୍ୟତରଂ ମୟା । ...
ସର୍ବଗୁହ୍ୟତମଂ ଭୂୟଃ ଶୃଣୁ ମେ ପରମଂ ବଚଃ । ...
ମନ୍ମନା ଭବ ମଦ୍‌ଭକ୍ତୋ ମଦ୍ୟାଜି ମାଂ ନମସ୍କୁରୁ ।
ମାମେବୈଷ୍ୟସି ସତ୍ୟଂ ତେ ପ୍ରତିଜାନେ ପ୍ରିୟୋଽସି ମେ ॥
ସର୍ବଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ ।
ଅହଂ ତ୍ୱା ସର୍ବପାପେଭ୍ୟୋ ମୋକ୍ଷୟିଷ୍ୟାମି ମା ଶୁଚଃ ॥
(୧୮ – ୬୨, ୬୩, ୬୪, ୬୫, ୬୬)

ଗୀତାର ଯୁକ୍ତି ଓ ପ୍ରତିପାଦନର ତିନିଟି ପାବଚ୍ଛ ଦେଖାଯାଏ, ଯାହା ଉପର ଦେଇ କର୍ମ ମାନୁଷୀ ଭୂମିରୁ ଉଠିଯାଏ ଦିବ୍ୟଭୂମିରେ, ଅଧସ୍ତନ ବିଧାନର ବନ୍ଧନରୁ ଉଠିଯାଏ ଊର୍ଦ୍ଧ୍ୱତର ବିଧାନର ମୁକ୍ତିରେ । ପ୍ରଥମେ କାମନା-ବାସନା ପରିତ୍ୟାଗପୂର୍ବକ ପୂର୍ଣ୍ଣ ସମତା ସହ ମାନବ ନିଜେ କର୍ତ୍ତା ଭାବରେ କର୍ମ କରିବ ଯଜ୍ଞ ରୂପରେ ଓ ଏହି ଯଜ୍ଞକୁ ଉତ୍ସର୍ଗ କରିବ ପରମାତ୍ମାଙ୍କ ଉଦ୍ଦେଶ୍ୟରେ, ଯଦିଓ ଏପର୍ଯ୍ୟନ୍ତ ସେ ନିଜ ସତ୍ତାରେ ତାଙ୍କୁ ଉପଲବ୍ଧି କରି ନାହିଁ । ଏହା ହେଉଛି ପ୍ରଥମ ସୋପାନ । ଦ୍ୱିତୀୟତଃ କେବଳ ଫଳର ବାସନା ନୁହେଁ, କର୍ତ୍ତୃତ୍ୱାଭିମାନ ବି ତ୍ୟାଗ କରିବାକୁ ପଡ଼ିବ; ଉଭୟକୁହିଁ ତ୍ୟାଗ କରିବାକୁ ହେବ ଏହି ଉପଲବ୍ଧିରେ ଯେ ଆତ୍ମା ହେଉଛି ସମ, ନିଷ୍କ୍ରିୟ, ଅକ୍ଷର ଏବଂ ସମସ୍ତ କର୍ମାବଳୀ ହେଉଛି ବିଶ୍ୱଶକ୍ତି ଓ ପ୍ରକୃତିର କ୍ରିୟା, ଯେ କି ଅସମ, ସକ୍ରିୟ ଓ କ୍ଷର ଶକ୍ତି । ଶେଷରେ ପରମ ଆତ୍ମାଙ୍କୁ ପୁରୁଷୋତ୍ତମ ବୋଲି ଉପଲବ୍ଧି କରିବାକୁ ହେବ ଯେକି ଏହି ପ୍ରକୃତିର ନିୟନ୍ତା, ପ୍ରକୃତିରେ ବ୍ୟକ୍ତ ଆତ୍ମା ଯାହାଙ୍କର ଆଂଶିକ ପ୍ରକାଶ, ଯେ ନିଜର ପୂର୍ଣ୍ଣ ପରାତ୍ପର ସ୍ୱରୂପରେ ରହି ମଧ୍ୟ ପ୍ରକୃତି ଦ୍ୱାରା ସମସ୍ତ କର୍ମକୁ ପରିଚାଳିତ କରୁଛନ୍ତି । ତାଙ୍କୁହିଁ ଅର୍ପଣ କରିବାକୁ ହେବ ସମସ୍ତ ପ୍ରେମ, ଭକ୍ତି ଓ କର୍ମର ସମସ୍ତ ଯଜ୍ଞ, ସମଗ୍ର ସତ୍ତାକୁ ତାଙ୍କ ନିକଟରେ ସମର୍ପଣ କରିବାକୁ ହେବ, ଏବଂ ସମଗ୍ର ଚେତନାକୁ ଏହି ଦିବ୍ୟ ଚେତନାରେ ଉଠାଇ ନେବାକୁ ହେବ, ଯାହା ଫଳରେ ମାନବାତ୍ମା ପ୍ରକୃତିର ଅତୀତ ତାଙ୍କର ଦିବ୍ୟ ପରାତ୍ପରତ୍ୱ ଓ ତାଙ୍କର କର୍ମରେ ଅଂଶ ଗ୍ରହଣ କରି ଏକ ପୂର୍ଣ୍ଣ ଆଧାତ୍ମିକ ମୁକ୍ତି ସହିତ କର୍ମ କରି ପାରିବ । ପ୍ରଥମ ସୋପାନ ହେଲା କର୍ମଯୋଗ, ନିଷ୍କାମ କର୍ମର ଯଜ୍ଞ, ଏଠାରେ ଗୀତାର ସମସ୍ତ ଜୋର୍ କର୍ମ ଉପରେ । ଦ୍ୱିତୀୟ ସୋପାନ ହେଉଛି ଜ୍ଞାନଯୋଗ, ଆତ୍ମୋପଲବ୍ଧି ଏବଂ ଆତ୍ମା ତଥା ଜଗତର ଯଥାର୍ଥ ସ୍ୱରୂପ ସମ୍ବନ୍ଧରେ ଜ୍ଞାନ, ଏଠାରେ ଜୋର୍ ଦିଆଯାଇଛି ଜ୍ଞାନ ଉପରେ; କିନ୍ତୁ କର୍ମର ଯଜ୍ଞ ମଧ୍ୟ ଚାଲିଥିବ ଏବଂ ଏଠାରେ କର୍ମର ମାର୍ଗ ଜ୍ଞାନର ମାର୍ଗ ସହିତ ଏକ ହୋଇଯିବ କିନ୍ତୁ ତା' ଭିତରେ ନିଜର ଅସ୍ତିତ୍ୱ ହରାଇବ ନାହିଁ, ସର୍ବଶେଷ ସୋପାନ ହେଲା ଭକ୍ତିଯୋଗ, ଭଗବାନ୍ ରୂପରେ ପରମାତ୍ମାର ସନ୍ଧାନ ଓ ଉପାସନା, ଏଠାରେ ଭକ୍ତି ଉପରେ ଜୋର୍ ଦିଆଯାଇଛି କିନ୍ତୁ ଜ୍ଞାନକୁ କୌଣସି ନିମ୍ନସ୍ଥାନ ଦିଆଯାଇ ନାହିଁ ବରଂ ଯାହା ଆହୁରି ଉନ୍ନତ, ପ୍ରାଣବନ୍ତ ଓ ସାର୍ଥକ ହୋଇଛି, ତଥାପି କର୍ମର ଯଜ୍ଞ ବଳବତ୍ତର ରହିଛି ଓ ଦ୍ୱୟୀ ମାର୍ଗ ପରିଣତ ହୋଇଛି ଜ୍ଞାନ, କର୍ମ ଓ ଭକ୍ତି ଏହି ତ୍ରୟୀମାର୍ଗରେ । ଯଜ୍ଞର ଫଳ, ଯେଉଁ ଏକମାତ୍ର ଫଳକୁ ସାଧକ ଆଗରେ ଧେୟରୂପେ ରଖାଯାଇଛି, ଯାହା ସେ ଲାଭ କରୁଛି, ତାହା ହେଲା ଭଗବାନଙ୍କ ସଙ୍ଗେ ମିଳନ ଓ ପରମ ଭାଗବତ ପ୍ରକୃତି ସଙ୍ଗେ ଏକତ୍ୱ ।

# ୫

# କୁରୁକ୍ଷେତ୍ର

ଗୀତାର ଗୁରୁଙ୍କ ବିରାଟ ପଦକ୍ଷେପକୁ ଅନୁସରଣ କରି ଆମକୁ ଦେଖିବାକୁ ହେବ ମାନବର ଏହି ତ୍ରୟୀମାର୍ଗକୁ ସେ କେଉଁ ଭାବରେ ଅଙ୍କିତ ଓ ଚିହ୍ନିତ କରିଛନ୍ତି – ଏହି ମାର୍ଗ ହେଲା ମାନବର ସଂକଳ୍ପ, ହୃଦୟାବେଗ ଓ ଚିନ୍ତାର ସର୍ବୋତ୍ତମ ଅବଧି ଊର୍ଦ୍ଧ୍ୱାୟନର ମାର୍ଗ ଯେତେବେଳେ କି ଏହା ସେହି ପରମ ସତ୍ତାରେ ସନ୍ନିବିଷ୍ଟ ହୁଏ, ଯାହା ସମସ୍ତ କର୍ମ ଓ ଭକ୍ତିଜ୍ଞାନର ପରମ ଧ୍ୟେୟ । କିନ୍ତୁ ତା' ପୂର୍ବରୁ ଆମକୁ ପୁଣିଥରେ ସେହି ପରିସ୍ଥିତିର ବିଚାର କରିବାକୁ ହେବ ଯାହା ମଧ୍ୟରୁ ଗୀତାର ଉଦ୍ଭବ, କିନ୍ତୁ ଏହି ବିଚାର ବର୍ତ୍ତମାନ ଏକ ବ୍ୟାପକ ଦୃଷ୍ଟିରୁ କରିବାକୁ ହେବ ଏବଂ ସେହି ପରିସ୍ଥିତିକୁ ସମଗ୍ର ମାନବ-ଜୀବନର ଏପରିକି ସମଗ୍ର ବିଶ୍ୱଜୀବନର ଏକ ପ୍ରତୀକ ହିସାବରେ ଦେଖିବାକୁ ହେବ । ଯଦିଓ ଅର୍ଜୁନ କେବଳ ତାଙ୍କ ନିଜର ପରିସ୍ଥିତି ସହ, ନିଜର ଆନ୍ତର ଦ୍ୱନ୍ଦ୍ୱ ସହ ସମ୍ପୃକ୍ତ ଓ ନିଜେ କେଉଁ କର୍ମ-ବିଧାନ ଅନୁସରଣ କରିବେ ତା' ସହିତ ସମ୍ପୃକ୍ତ ତଥାପି ଆମେ ଦେଖୁ ଯେ ସେ ଯେଉଁ ବିଶେଷ ପ୍ରଶ୍ନ ଉଠାଇଛନ୍ତି ଓ ଯେଉଁ ଢଙ୍ଗରେ ତାହା ଉଠାଇଛନ୍ତି ତାହା ଫଳରେ ସମଗ୍ର ମାନବ-ଜୀବନ ଓ ମାନବ କର୍ମର ପ୍ରଶ୍ନ ଆସି ଉପସ୍ଥିତ ହୋଇଛି । ଏ ସଂସାର ପ୍ରକୃତରେ କ'ଣ, ଏହା କାହିଁକି ଏପରି ହୋଇଛି ଏବଂ ଏହିପରି ଏକ ସଂସାରରେ ପାର୍ଥିବ ଜୀବନ ସହିତ ଆଧ୍ୟାତ୍ମିକ ଜୀବନର କୌଣସି ସାମଞ୍ଜସ୍ୟ ବିଧାନ ଆଦୌ ସମ୍ଭବପର କି ନୁହେଁ – ଏହିସବୁ ପ୍ରଶ୍ନ ଆସିଯାଇଛି । ଏବଂ ଦିବ୍ୟଗୁରୁ ଏହି ସମସ୍ତ ଜଟିଳ ଓ ଗଭୀର ସମସ୍ୟାକୁ ସମାଧାନ କରିବାକୁ କୃତସଂକଳ୍ପ ହୋଇଛନ୍ତି, କାରଣ ସେହି ସମାଧାନକୁ ଭିତ୍ତିକରିହିଁ ସେ ଏପରି କର୍ମର ଆଦେଶ ଦେବେ ଯାହାକି ସତ୍ତାର ଏକ ନୂତନ ସ୍ଥିତି ମଧ୍ୟରୁ ଏକ ମୁକ୍ତିପ୍ରଦ ଜ୍ଞାନର ଆଲୋକରେ ଅନୁଷ୍ଠିତ ହେବ ।

କିନ୍ତୁ ତାହାହେଲେ ଯେଉଁ ମନୁଷ୍ୟ ଜଗତର ବର୍ତ୍ତମାନ ଅବସ୍ଥାକୁ ଗ୍ରହଣ କରିନେଇ ତହିଁରେ କର୍ମ କରିବା ସଙ୍ଗେ ସଙ୍ଗେ ଅନ୍ତରରେ ବାସକରି ଆଧ୍ୟାତ୍ମିକ ଜୀବନଯାପନ କରିବାକୁ ଚାହିଁବ ତାହା ପାଇଁ ବାଧା ଓ ଅନ୍ତରାୟ ସୃଷ୍ଟି କରିବା ମୂଳରେ କ'ଣ ସବୁ ରହିଛି ? ସଂସାରର ସେହିସବୁ ବିଭାବ କ'ଣ ଯାହାକି ମନୁଷ୍ୟର ଜାଗ୍ରତ୍ ମନକୁ ସଂତ୍ରସ୍ତ କରିଦିଏ ଓ ତା' ପାଇଁ ଏପରି ଅବସ୍ଥା ଆଣିଦିଏ ଯାହା ଗୀତାର ପ୍ରଥମ ଅଧ୍ୟାୟର ଅର୍ଥପୂର୍ଣ୍ଣ ନାମକରଣ 'ଅର୍ଜୁନ ବିଷଦ ଯୋଗ'ରୁ ସୂଚିତ ହୋଇଛି । ଏହି ବିଷାଦ ଓ ଉତ୍ସାହ ଭଙ୍ଗ

ମନୁଷ୍ୟ ଅନୁଭବ କରେ ସେତିକିବେଳେ ଯେତେବେଳେ ନିଜ ଭିତରେ କୌଣସି ଉଚ୍ଚତର ସମାଧାନ ପାଇବା ପୂର୍ବରୁ ତା' ଆଖି ଉପରୁ ନୈତିକତା ଓ ନ୍ୟାୟ-ଆଚରଣ ଆଦି ଭ୍ରାନ୍ତିର ପରଦା ଅପସାରିତ ହୋଇଯାଇ ସେ ସଂସାରର ଦୃଶ୍ୟକୁ ତା'ର ପ୍ରକୃତ ସ୍ୱରୂପରେ ଦେଖିବାକୁ ଆରମ୍ଭ କରିଛି । ଏହା ହେଉଛି ସେହି ବିଭାବ ଯାହା ପ୍ରକଟ ହୋଇଛି ବାହ୍ୟତଃ କୁରୁକ୍ଷେତ୍ରର ନରହତ୍ୟା ଓ ସଂହାରଲୀଳା ରୂପରେ ଏବଂ ଆଧାତ୍ମିକଭାବରେ ସର୍ବଭୂତର ପ୍ରଭୁଙ୍କର କାଳରୂପୀ ଦର୍ଶନରେ ଯେକି ନିଜ ସୃଷ୍ଟ ପ୍ରାଣୀକୁଳକୁ ଧ୍ୱଂସ ଓ ସଂହାର କରିବାରେ ପ୍ରବୃତ୍ତ ହୋଇଛନ୍ତି । ଏହାହିଁ ହେଉଛି ଜଗତ୍‌ପ୍ରଭୁଙ୍କର ବିଶ୍ୱସ୍ରଷ୍ଟା ତଥା ବିଶ୍ୱବିଧ୍ୱଂସୀ ରୂପ ଯାହା ସମ୍ପର୍କରେ ପ୍ରାଚୀନ ଶାସ୍ତ୍ର ଏକ ନିର୍ମମ ଚିତ୍ର ଦେଇଛି "ଋଷିକୁଳ ଓ ବୀରଗଣ ହେଉଛନ୍ତି ଏହାଙ୍କର ଖାଦ୍ୟ ଏବଂ ମୃତ୍ୟୁ ହେଉଛି ତାଙ୍କ ଭୋଜିର ସାମଗ୍ରୀ" । ଏହା ହେଉଛି ସେହି ଏକହିଁ ସତ୍ୟର ରୂପ ଯାହା ପ୍ରଥମେ ଜୀବନର ଘଟନାବଳୀରେ ଅସ୍ପଷ୍ଟ ଓ ପରୋକ୍ଷଭାବରେ ଦେଖାଯାଏ ଏବଂ ପରେ ଆତ୍ମାର ସୂକ୍ଷ୍ମ ଦର୍ଶନରେ ସ୍ପଷ୍ଟ ଓ ପ୍ରତ୍ୟକ୍ଷ ଭାବରେ ସେହି ସତ୍ୟରୂପରେ ଦେଖାଯାଏ ଯାହା ନିଜକୁ ଜୀବନରେ ବ୍ୟକ୍ତ କରିଥାଏ । ଏହାର ବାହ୍ୟ ରୂପେ ହେଲା ପାର୍ଥିବ ଜୀବନ ଓ ମାନବଜୀବନ ଯାହା ସଂଘର୍ଷ ଓ ହତ୍ୟା ଭିତର ଦେଇ ଅଗ୍ରସର ହେଉଛି, ଆନ୍ତର ରୂପ ହେଲା ବିଶ୍ୱପୁରୁଷ ଯେ ବିପୁଳ ସୃଷ୍ଟି ଓ ବିପୁଳ ଧ୍ୱଂସ ଭିତର ଦେଇ ନିଜକୁ ପୂର୍ଣ୍ଣ କରି ଚାଲିଛନ୍ତି । ଜୀବନ ହେଉଛି ଏକ ସଂଗ୍ରାମ, ମରଣର ଏକ କ୍ଷେତ୍ର, ଏହାହିଁ କୁରୁକ୍ଷେତ୍ର, ଭଗବାନଙ୍କର ମୂର୍ତ୍ତି, ଭୟାବହ ରୁଦ୍ର ମୂର୍ତ୍ତି — ଅର୍ଜୁନ ସେହି ହତ୍ୟା ପ୍ରାଙ୍ଗଣ, ସମର ଭୂମିରେ ଏହାହିଁ ଦର୍ଶନ କରିଥିଲେ ।

ହେରାକ୍ଲିଟସ୍ କହିଛନ୍ତି ଯୁଦ୍ଧହିଁ ସବୁକିଛିର ଜନକ, ଯୁଦ୍ଧହିଁ ସମସ୍ତଙ୍କର ରାଜା, ଏହି ସୂତ୍ରଟି ଗ୍ରୀସ୍ ଭାବୁକମାନଙ୍କର ଅନ୍ୟାନ୍ୟ ସମସ୍ତ ସୂତ୍ର ପରି ଏକ ଗଭୀର ସତ୍ୟର ଆଭାସ ଦେଉଛି । ମନେହୁଏ ଯେପରିକି ସ୍ୱୟଂ ଜଗତ୍ ନ ହେଲେ ମଧ, ଜଗତର ସବୁକିଛି ଜଡ଼ଶକ୍ତିର ବା ଅନ୍ୟାନ୍ୟ ଶକ୍ତିର ସଂଘର୍ଷ ଭିତରୁହିଁ ଜନ୍ମ ହୋଇଛି ନାନା ଧରଣର ଶକ୍ତି, ପ୍ରବୃତ୍ତି, ନୀତି ଓ ଜୀବମାନଙ୍କର ସଂଘର୍ଷ ଭିତର ଦେଇ ଏହା ଆଗେଇ ଚାଲିଛି, ଅବିରାମ ନୂତନକୁ ସୃଷ୍ଟିକରି ଓ ପୁରାତନକୁ ଧ୍ୱଂସ କରି ଏହା ଆଗେଇ ଚାଲିଛି, କିନ୍ତୁ କେଉଁଆଡ଼େ ଯେ ଚାଲିଛି ତାହା କେହି ଠିକ୍ କହି ପାରିବେ ନାହିଁ; କେତେକଙ୍କ ମତରେ ସମ୍ପୂର୍ଣ୍ଣ ଆତ୍ମବିନାଶ ଦିଗରେହିଁ ଏହି ଗତି, ଆଉ କେତେକେ କହନ୍ତି ଅନ୍ତହୀନ ଓ ଅର୍ଥହୀନ ପୁନରାବୃତ୍ତିହିଁ ହେଲା ଏହି ଗତିର ସ୍ୱରୂପ, ଏ ବିଷୟରେ ସବୁଠାରୁ ଆଶାବାଦୀ ସିଦ୍ଧାନ୍ତ ହେଉଛି ଏକ କ୍ରମବିକାଶଶୀଳ ଆବର୍ତ୍ତନ ଓ ଗତି ନେଇ — ପଥ ମଧ୍ୟରେ ଯାହା ବାଧାବିଘ୍ନ ବା ଆପାତ ବିଭ୍ରାନ୍ତି ଆସୁନା କାହିଁକି — ଏହା ଆଗେଇ ଚାଲିଛି ଏକ ଦିବ୍ୟ ଅଭୀଷ୍ଟ ସିଦ୍ଧିର ଅଧିକରୁ ଅଧିକ ସମୀପବର୍ତ୍ତୀ ହେବାର ପଥରେ । ସେ ଯାହା ହେଉ ପଛେ ଏହା ନିଶ୍ଚିତ ଯେ

ଏଠାରେ ଧ୍ୱଂସ ବିନା କୌଣସି ସୃଷ୍ଟି ସମ୍ଭବ ନୁହେଁ, ସଂଗ୍ରାମରତ ନାନା ଶକ୍ତିର ବାସ୍ତବ ଓ ସମ୍ଭାବ୍ୟ ନାନା ସଂଘର୍ଷ ବିନା କୌଣସି ସଙ୍ଗତି ଓ ସମନ୍ୱୟ ସମ୍ଭବ ନୁହେଁ, ଖାଲି ସେତିକି ନୁହେଁ ଏହି ଯେଉଁ ଜୀବନଧାରା ନିରବଚ୍ଛିନ୍ନ ଭାବରେ ଚାଲିଛି ତାହା ମଧ୍ୟ ସମ୍ଭବ ନୁହେଁ ଯଦି ଜୀବକୁଳ ଅବିରାମ ଆତ୍ମଗ୍ରାସ ଓ ପରସ୍ପର ଜୀବନ ଭକ୍ଷଣରେ ବ୍ୟାପୃତ ନ ରହନ୍ତି । ଆମର ଏହି ଦୈହିକ ଜୀବନ ମଧ୍ୟ ମରିବା ଓ ମରି ପୁଣି ଜନ୍ମ ହେବାର ଏକ ନିରନ୍ତର ଧାରା; ସ୍ୱୟଂ ଶରୀର ହେଉଛି ଯେପରି ଏକ ଅବରୁଦ୍ଧ ନଗରୀ, ଶତ୍ରୁଶକ୍ତି ଦ୍ୱାରା ସର୍ବଦା ଆକ୍ରାନ୍ତ ହୋଇଛି ଓ ରକ୍ଷାକାରୀ ଶକ୍ତି ଦ୍ୱାରା ରକ୍ଷିତ ହେଉଛି ଏବଂ ଏହି ଉଭୟ ଶକ୍ତିର କାର୍ଯ୍ୟ ହେଲା ପରସ୍ପରକୁ ଧ୍ୱଂସ ଓ ଭକ୍ଷଣ କରିବା, ଆମର ସମଗ୍ର ଅସ୍ତିତ୍ୱର ଏହା ଏକ ଦୃଷ୍ଟାନ୍ତ । ମନେହୁଏ ଯେପରି ସୃଷ୍ଟିର ଆରମ୍ଭରୁହିଁ ଏହି ଆଦେଶ ଜାରି ହୋଇଛି, "ତୁ ନିଜର ସ୍ୱଜନ ଓ ପରିବେଷ୍ଟନୀ ସଙ୍ଗେ ଯୁଦ୍ଧ ନ କରି କେବେହେଲେ ବିଜୟଲାଭ କରିପାରିବୁ ନାହିଁ, ଏପରିକି ଦ୍ୱନ୍ଦ୍ୱ ଓ ସଂଘର୍ଷ ବିନା, ଅନ୍ୟର ଜୀବନକୁ ଗ୍ରାସ କରିବା ବିନା ତୁ ଜୀବନଧାରଣ ମଧ୍ୟ କରିପାରିବୁ ନାହିଁ । ମୁଁ ଏହି ଯେଉଁ ଜଗତ୍ ନିର୍ମାଣ କରିଛି ତା'ର ମୂଳ ନିୟମ ହେଲା – ସୃଷ୍ଟି ଓ ସଂରକ୍ଷଣ ସମ୍ଭବପର କେବଳ ଧ୍ୱଂସ ଦ୍ୱାରା" ।

ପ୍ରାଚୀନ ମନୀଷୀଗଣ ବିଶ୍ୱକୁ ସୂକ୍ଷ୍ମ ଭାବରେ ନିରୀକ୍ଷଣ କରି ଯେତେଦୂର ପର୍ଯ୍ୟନ୍ତ ଦେଖି ପାରିଥିଲେ, ତା'ର ଫଳ ସ୍ୱରୂପ ସେମାନେ ଏହି ସତ୍ୟରୁହିଁ ସେମାନଙ୍କର ଗବେଷଣା ଆରମ୍ଭ କରିଥିଲେ । ପ୍ରାଚୀନ ଉପନିଷଦ୍ ଏହାକୁ ଅତି ସ୍ପଷ୍ଟ ଭାବରେ ଦେଖି ପାରିଥିଲା ଏବଂ ନିଃସଙ୍କୋଚ ଅଭ୍ରାନ୍ତ ଭାଷାରେ ଏହାର ବର୍ଣ୍ଣନା କରିଥିଲା; ସେହି ବର୍ଣ୍ଣନାରେ ସତ୍ୟ ସମ୍ପର୍କରେ କୌଣସି ମିଷ୍ଟ ଭାଷା ବା ଅକାରଣ ଆଶାବାଦକୁ ପ୍ରଶ୍ରୟ ଦିଆଯାଇ ନାହିଁ । ସେମାନେ କହିଥିଲେ ଯେ କ୍ଷୁଧାରୂପୀ ମୃତ୍ୟୁହିଁ ଏହି ବିଶ୍ୱର ସ୍ରଷ୍ଟା ଓ ପ୍ରଭୁ ଏବଂ ସେମାନେ ପ୍ରାଣମୟ ଜୀବନକୁ ଯଜ୍ଞର ଅଶ୍ୱରୂପେ କଳ୍ପନା କରିଥିଲେ । ଜଡ଼ ପଦାର୍ଥକୁ ସେମାନେ ଏପରି ଏକ ନାମ ଦେଇଥିଲେ ଯାହାର ସାଧାରଣ ଅର୍ଥ ହେଉଛି ଖାଦ୍ୟ, ଏବଂ ସେମାନେ କହିଥିଲେ ଯେ ଆମେ ଏହାକୁ ଅନ୍ନ ନାମ ଦେଇଛୁ କାରଣ ଏହା ନିଜେ ଭକ୍ଷିତ ହୁଏ ଓ ଜୀବଙ୍କୁ ମଧ୍ୟ ଭକ୍ଷଣ କରେ । ଭକ୍ଷକ ଭକ୍ଷଣ କରି ଭକ୍ଷିତ ହେଉଛି, ଜଡ଼ ଜଗତର ଏହାହିଁ ହେଉଛି ସୂତ୍ର; ପରେ ଡାରଉଇନ୍‌ବାଦୀମାନେ ଏହି ସୂତ୍ରକୁହିଁ ପୁନରାବିଷ୍କାର କରିଛନ୍ତି ଯେତେବେଳେ ସେମାନେ କହିଲେ ଯେ ଜୀବନ ପାଇଁ ସଂଗ୍ରାମହିଁ ହେଉଛି ବିବର୍ତ୍ତନଶୀଳ ସୃଷ୍ଟିର ବିଧାନ । ଆଧୁନିକ ବିଜ୍ଞାନ କେବଳ ସେହି ପୁରାତନ ସତ୍ୟକୁ ନୂତନ ଶବ୍ଦରେ ବ୍ୟକ୍ତ କରିଛି ଯାହା ହେରାକ୍ଲିଟସ୍‌ଙ୍କ ବଚନ ବା ଉପନିଷଦ୍‌ର ରୂପକରେ ଆହୁରି ଅଧିକ ଶକ୍ତିଶାଳୀ, ବ୍ୟାପକ ଓ ଅଭ୍ରାନ୍ତ ଭାଷାରେ ବ୍ୟକ୍ତ ହୋଇଥିଲା ।

ନିତ୍‌ସେ ଖୁବ୍ ଜୋର୍ ଦେଇ କହୁଥିଲେ ଯେ ଯୁଦ୍ଧ ଜୀବନର ଏକ ବିଭାବ ଏବଂ

ଯୋଦ୍ଧାହିଁ ଆଦର୍ଶ ମାନବ – ସେ ପ୍ରଥମରୁ ଉଷ୍ଟ୍ର-ମାନବ ହୋଇପାରେ ଓ ପରେ ଶିଶୁମାନବ ହୋଇପାରେ କିନ୍ତୁ ମଧ୍ୟବର୍ତ୍ତୀ ଅବସ୍ଥାରେ ତାକୁ ସିଂହମାନବ ହେବାକୁହିଁ ହେବ, ଯଦି ସେ ନିଜର ପୂର୍ଣ୍ଣତା ଲାଭ କରିବାକୁ ଚାହେଁ । ନିତ୍‌ସେଙ୍କର ଏହିସବୁ ମତବାଦ ଆଜି ବହୁ ନିନ୍ଦିତ ହେଲେ ମଧ୍ୟ ଏଥିରୁ ସେ ଯେଉଁ ନୈତିକ ଓ ବ୍ୟବହାରିକ ସିଦ୍ଧାନ୍ତ ସବୁରେ ପହଞ୍ଚିଛନ୍ତି ତା' ସହିତ ଆମର ଯେତେ ମତଭେଦ ଥିଲେ ସୁଦ୍ଧା ଏହା ଅସ୍ୱୀକାର କରିହେବ ନାହିଁ ଯେ ସେସବୁର କିଛିଟା ଯାଥାର୍ଥ୍ୟ ଅଛି ଏବଂ ଏହାକୁ ଆମକୁ ଏପରି ଏକ ଅପ୍ରିୟ ସତ୍ୟର ସ୍ମରଣ କରାଇଦିଏ ଯେ ଯାହା ସମ୍ପର୍କରେ ଆମେ ଆଖିବୁଜି ଦେବାକୁ ପସନ୍ଦ କରିଥାଉ । କିନ୍ତୁ ଏହି ସତ୍ୟ ବିଷୟରେ ଅବହିତ ରହିବା ଆମ ପାଇଁ ନିଶ୍ଚୟ ଶ୍ରେୟସ୍କର, କାରଣ ପ୍ରଥମତଃ ପ୍ରତ୍ୟେକ ଶକ୍ତିମାନ୍ ଆତ୍ମା ପାଇଁ ଏହି ସତ୍ୟକୁ ଦେଖିବାର ଏକ ଶକ୍ତିପ୍ରଦ ପ୍ରଭାବ ରହିଛି; ଏହା ଆମକୁ ସେହିସବୁ ଅତ୍ୟନ୍ତ ମଧୁର ଦାର୍ଶନିକ, ଧାର୍ମିକ ଓ ନୈତିକ ଭାବପ୍ରବଣତା ଦ୍ୱାରା ଉତ୍ପନ୍ନ କୋମଳ ସୁପ୍ତି ଓ ଆରାମର ହାତରୁ ରକ୍ଷା କରେ । ଏହା ଏପରି ଏକ ଭାବପ୍ରବଣତା ଯାହାକି ପ୍ରକୃତିର କେବଳ ପ୍ରେମମୟ, ପ୍ରାଣମୟ, ସୌନ୍ଦର୍ଯ୍ୟମୟ ଓ ମଙ୍ଗଳମୟ ରୂପକୁ ଦେଖିବାକୁ ଭଲପାଏ କିନ୍ତୁ ତାହାର କରାଳ ମୃତ୍ୟୁ-ରୂପରୁ ଦୃଷ୍ଟି ଫେରାଇ ନିଏ, ଈଶ୍ୱରଙ୍କୁ ଶିବ ରୂପରେ ପୂଜା କରେ କିନ୍ତୁ ତାଙ୍କର ରୁଦ୍ର ରୂପକୁ ପୂଜା କରିବାକୁ ପଶ୍ଚାତ୍‌ପଦ ହୁଏ । ଦ୍ୱିତୀୟତଃ ଜୀବନକୁ ତା'ର ପ୍ରକୃତ ସ୍ୱରୂପରେ ସିଧା ମୁହାଁମୁହିଁ ଦେଖିବାକୁ ଯଦି ଆମର ସାହସ ଓ ସଚ୍ଚୋଟତା ନଥାଏ ତା'ହେଲେ ଆମେ କେବେହେଲେ ଏଥିରେ ରହିଥିବା ଦ୍ୱନ୍ଦ୍ୱ, ବିଷମତା ଓ ପରସ୍ପର ବିରୋଧିତାର ସଫଳ ସମାଧାନ ଆଣିପାରିବୁ ନାହିଁ । ଆମକୁ ପ୍ରଥମେ ଦେଖିବାକୁ ହେବ ଏହି ଜୀବନ ଓ ସଂସାର ପ୍ରକୃତରେ କ'ଣ ଏବଂ ବର୍ତ୍ତମାନ କେଉଁ ଅବସ୍ଥାରେ ଅଛି; ତା'ହେଲେ ଯାଇ ଆମେ ତାହା ଯେପରି ହେବା ଉଚିତ ସେହି ଦିଗରେ ତାହାର ରୂପାନ୍ତର ପାଇଁ ପ୍ରକୃତ ବାଟ ପାଇବାରେ ଅଧିକ ସଫଳ ହେବୁ । ଯଦି ସୃଷ୍ଟିର ଏହି ଅପ୍ରୀତିକର ବିଭାବ ଭିତରେ ତା'ର ଚରମ ସଙ୍ଗତିର କୌଣସି ରହସ୍ୟ ରହିଥାଏ, ତେବେ ଏହି ବିଭାବକୁ ଅବଜ୍ଞା କଲେ ବା ଏହାର ତାତ୍ପର୍ଯ୍ୟକୁ ଛୋଟ କରି ଦେଖିଲେ ଆମେ ସେହି ରହସ୍ୟକୁ ପାଇପାରିବୁ ନାହିଁ ଏବଂ ସମାଧାନ ପାଇଁ ଆମର ସମସ୍ତ ଚେଷ୍ଟା ବ୍ୟର୍ଥ ଓ ବିଫଳ ହୋଇଯିବ ଆମ ନିଜ ସମସ୍ୟାଟିର ପ୍ରକୃତ ଉପାଦାନଗୁଡ଼ିକୁ ଆମ ନିଜ ଖିଆଲ ଖୁସିରେ ଉପେକ୍ଷା କରିବା ଫଳରେ । ଅନ୍ୟ ପକ୍ଷରେ ଯଦି ଏହା ଏକ ଶତ୍ରୁ ହୁଏ ଯାହାକୁ ପରାଜିତ କରିବାକୁ ହେବ ତା'ହେଲେ ମଧ୍ୟ ତାହାର ଶକ୍ତିକୁ ଓ ଜୀବନ ଉପରେ ତା'ର ପ୍ରଭାବକୁ ଛୋଟ କରି ଦେଖିଲେ ଚଳିବ ନାହିଁ ବା ଅତୀତରେ ବର୍ତ୍ତମାନର ଜୀବନର ପ୍ରକୃତ କାର୍ଯ୍ୟକାରିଣୀ ଶକ୍ତିସବୁ ଭିତରେ ତାହା କେତେଦୂର ବଦ୍ଧମୂଳ ହୋଇରହିଛି ତାହାକୁ ଦେଖିବାକୁ ଅସ୍ୱୀକାର କଲେ କିଛି ଲାଭ ହେବ ନାହିଁ ।

ଯୁଦ୍ଧ ଓ ଧ୍ୱଂସ ଆମର ଇହ ଜୀବନର କେବଳ ସ୍ଥୂଳ ଓ ଦୈହିକ ଦିଗଟି ପାଇଁ ନୁହେଁ, ଆମର ମାନସିକ ଓ ନୈତିକ ଜୀବନ ପାଇଁ ମଧ୍ୟ ଏକ ସାର୍ବଜନୀନ ନୀତି । ଏହା ସ୍ୱତଃସିଦ୍ଧ ଯେ ମଣିଷର ବାସ୍ତବ ଜୀବନରେ ବୁଦ୍ଧିଗତ, ସାମାଜିକ, ରାଜନୈତିକ ଓ ନୈତିକ ଜୀବନରେ ଆମେ ବିନା ସଂଘର୍ଷରେ ଅର୍ଥାତ୍ ଯାହା ଅଛି ଓ ଯାହା ହେବାକୁ ଯାଉଛି, ଏ ଦୁଇଟି ଭିତରେ ତଥା ଏ ଦୁଇଟିର ପଛରେ ଯାହା ଯାହା ରହିଛି ସେସବୁ ଭିତରେ ସଂଘର୍ଷ ବିନା ଆମେ ଏକ ପାଦ ମଧ୍ୟ ଅଗ୍ରସର ହୋଇ ପାରିବା ନାହିଁ । ବର୍ତ୍ତମାନ ଅନ୍ତତଃ ମନୁଷ୍ୟ ଓ ସଂସାରର ଯାହା ଅବସ୍ଥା ସେଥିରେ କୌଣସି ପ୍ରକାର ଅଗ୍ରଗତି, ବୃଦ୍ଧି ଓ ସାର୍ଥକତା ସମ୍ପୂର୍ଣ୍ଣ ଅସମ୍ଭବ ଯଦି ଆମେ ଯଥାର୍ଥ ଓ ପୂର୍ଣ୍ଣ ଭାବରେ ଅହିଂସା ନୀତି ଅବଲମ୍ବନ କରୁ ଯେଉଁ ନୀତି ଆମ ଆଗରେ ଆଚରଣର ସର୍ବୋଚ୍ଚ ଓ ସର୍ବୋତ୍ତମ ବିଧାନ ବୋଲି ରଖାଯାଇଛି । ଧରାଯାଉ ଆମେ କେବଳ ଆତ୍ମାର ଶକ୍ତି ପ୍ରୟୋଗ କରିବୁ, ଯୁଦ୍ଧ ଦ୍ୱାରା ବିନାଶର ବା ଏପରିକି ଆତ୍ମରକ୍ଷା ପାଇଁ ମଧ୍ୟ କୌଣସି ଭୌତିକ ବଳ ପ୍ରୟୋଗର ଆଶ୍ରୟ ନେବୁ ନାହିଁ । ଭଲକଥା, ଯଦିଓ ଯେପର୍ଯ୍ୟନ୍ତ ଆତ୍ମଶକ୍ତି ଅମୋଘ ଭାବରେ କାର୍ଯ୍ୟକାରୀ ହୋଇ ନାହିଁ ସେପର୍ଯ୍ୟନ୍ତ ମନୁଷ୍ୟ ଓ ରାଷ୍ଟ୍ର ଭିତରେ ଯେଉଁସବୁ ଅସୁର ଶକ୍ତି ଅଛି ସେମାନେ ମନଇଚ୍ଛା ପଦଦଳିତ କରିବେ, ଚୂର୍ଣ୍ଣବିଚୂର୍ଣ୍ଣ କରିବେ, ହତ୍ୟା କରିବେ, ସବୁପୋଡ଼ି ଛାରଖାର କରିବେ, ନଷ୍ଟଭ୍ରଷ୍ଟ ଓ କଳୁଷିତ କରିବେ – ଯେପରି ଆଜି ଆମ ଆଖି ଆଗରେ କରୁଛନ୍ତି କିନ୍ତୁ ସେତେବେଳେ ଆହୁରି ଅବାଧ ଓ ମନଇଚ୍ଛାରେ କରିବେ – ଆଉ ତୁମେ ମଧ୍ୟ ବୋଧହୁଏ ନିଜର ଅହିଂସା ଦ୍ୱାରା ସେତିକି ଧ୍ୱଂସ ଓ ପ୍ରାଣହାନିର କାରଣ ହୋଇଛ, ଅନ୍ୟମାନେ ଯେତିକି ପ୍ରାଣହାନି ଘଟାଇଛନ୍ତି; ତଥାପି ତୁମେ ଏପରି ଏକ ଆଦର୍ଶ ରଖିଛ ଯାହାର ସୁଫଳ ଦିନେ ଫଳିବ ବା ଅନ୍ତତଃ ଫଳିବା ଉଚିତ । କିନ୍ତୁ ସେହି ଆତ୍ମାର ଶକ୍ତି ମଧ୍ୟ ଯେତେବେଳେ କାର୍ଯ୍ୟକାରୀ ହୁଏ ତାହା ମଧ୍ୟ ଧ୍ୱଂସ ଘଟାଏ । ଯେଉଁମାନେ ଆଖି ଖୋଲି ଏହି ଶକ୍ତିର ପ୍ରୟୋଗ କରିଛନ୍ତି ସେମାନେ ଜାଣନ୍ତି ଏହି ଶକ୍ତି ତରବାରି ଓ ତୋପଠାରୁ କେତେ ଅଧିକ ଭୟଙ୍କର ଓ ବିଧ୍ୱଂସୀ ହୋଇପାରେ ଏବଂ ଯେଉଁମାନେ କେବଳ କାର୍ଯ୍ୟ ଓ ତା'ର ଆଶୁଫଳ ଉପରେ ନିଜର ଦୃଷ୍ଟି ଆବଦ୍ଧ ରଖନ୍ତି ନାହିଁ ସେମାନେ ଦେଖିପାରନ୍ତି ଏହାର ପରିଣାମ କେତେ ପ୍ରଚଣ୍ଡ ହୋଇପାରେ, ଶେଷପର୍ଯ୍ୟନ୍ତ କେତେ କ'ଣ ବିନାଶ ହୋଇଯାଏ, ସେହି ବିନାଶ ଫଳରେ ତାହା ଉପରେ ନିର୍ଭର କରୁଥିବା ଓ ତା' ଦ୍ୱାରା ପୁଷ୍ଟ ହେଉଥିବା ସମସ୍ତ ଜୀବନ ମଧ୍ୟ ବିନଷ୍ଟ ହୁଏ । ମନ୍ଦର ଯେତେବେଳେ ବିନାଶ ହୁଏ ସେତେବେଳେ ତାହା ଦ୍ୱାରା ପୁଷ୍ଟ ହେଉଥିବା ବହୁତ କିଛି ମଧ୍ୟ ବିନଷ୍ଟ ହୁଏ । ଏହି ଆତ୍ମଶକ୍ତି ଦ୍ୱାରା ଧ୍ୱଂସର କ୍ଷେତ୍ରରେ ଆମେ ବ୍ୟକ୍ତିଗତ ଭାବରେ ସ୍ଥୂଳ ଲୋମହର୍ଷଣକାରୀ ହିଂସା କର୍ମର ବେଦନାରୁ ନିଜକୁ ରକ୍ଷା କଲେ ମଧ୍ୟ ଧ୍ୱଂସ ସବୁବେଳେ ଧ୍ୱଂସହିଁ ରହେ ।

ଅଧିକନ୍ତୁ ଆମେ ଯେବେ ଯେବେ ଆତ୍ମାର ଶକ୍ତି ପ୍ରୟୋଗ କରୁ ପ୍ରତ୍ୟେକ ଥରହିଁ ଆମର ବିପକ୍ଷ ବିରୋଧରେ ଏକ ପ୍ରଚଣ୍ଡ କର୍ମଶକ୍ତି ଉତ୍ଥିତ ହୁଏ, ଯାହାର ପରବର୍ତ୍ତୀ ପରିଣାମକୁ ଆୟତ୍ତ କରିବା ଆମ କ୍ଷମତାର ବାହାରେ । ବିଶ୍ୱାମିତ୍ରଙ୍କ ସାମରିକ ବଳପ୍ରୟୋଗ ବିରୋଧରେ ବଶିଷ୍ଠ ଆତ୍ମାର ଶକ୍ତିକୁ ପ୍ରୟୋଗ କଲେ ଓ ତା'ର ଫଳସ୍ୱରୂପ ଅଗଣିତ ହୁନ, ଶକ ଓ ପଲ୍ଲବ ସେନା ବିଶ୍ୱାମିତ୍ରଙ୍କୁ ଆକ୍ରମଣ କଲେ । ହିଂସା ଓ ଆକ୍ରମଣ ସମ୍ମୁଖରେ ଆଧ୍ୟାତ୍ମିକ ମାନବର ଶାନ୍ତ ନୀରବତା ଓ ନିଷ୍କ୍ରିୟତାହିଁ ସେହି ହିଂସାର ପ୍ରତିକାର ପାଇଁ ପୃଥିବୀର ପ୍ରଚଣ୍ଡ ଶକ୍ତି ଉଠାଇଦିଏ ଏବଂ ବୋଧହୁଏ ଦୁଷ୍କୃତକାରୀମାନଙ୍କୁ ବଳପ୍ରୟୋଗ ଦ୍ୱାରା ପ୍ରତିରୋଧ କରିବା ସେମାନଙ୍କ ପ୍ରତି ଅଧିକ କୃପା ପ୍ରଦର୍ଶନ, କାରଣ ଯଦି ସେମାନଙ୍କୁ ସେମାନଙ୍କର ମନ୍ଦ କାମରେ ସେହିପରି ଆଗେଇଯିବାକୁ ଛାଡ଼ି ଦିଆଯାଏ ତେବେ ସେମାନେ ନିଜ ଉପରେ ଏପରି ଭୟଙ୍କର ଧ୍ୱଂସ ଡାକି ଆଣନ୍ତି ଯାହା ଆମେ କେବେହେଲେ କଳ୍ପନା କରି ନ ଥା'ନ୍ତୁ । ଯୁଦ୍ଧ ଓ ବିନାଶର କାର୍ଯ୍ୟରୁ ଆମେ ନିଜର ହାତ ପରିଷ୍କାର ରଖିଲେ ବା ଆମର ଆତ୍ମା ନିଷ୍କଳଙ୍କ ରଖିଲେ ଜଗତରୁ ସେହିସବୁ ଧ୍ୱଂସ ଓ ବିନାଶର କାର୍ଯ୍ୟ ଲୋପ ହୋଇଯିବ ନାହିଁ, ସେଥିପାଇଁ ପ୍ରଥମେ ମାନବଜାତିରୁ ତାହାର ମୂଳକୁହିଁ ଉତ୍ପାଟିତ କରିବାକୁ ପଡ଼ିବ । କେବଳ ଆଳସ୍ୟ ଓ ଜଡ଼ତାବଶରେ ମନ୍ଦ ବିରୋଧରେ କୌଣସି ପ୍ରତିରୋଧ ପାଇଁ ଅସମର୍ଥ ବା ଅନିଚ୍ଛୁକ ହେବା ଦ୍ୱାରା ସେହି ବିଧାନର କୌଣସି ବ୍ୟତିକ୍ରମ ହେବ ନାହିଁ । ଜଡ଼ତା ଓ ତାମସିକତା, ରାଜସିକତା ଅପେକ୍ଷା ଅନେକ ଅଧିକ କ୍ଷତିକରେ, କାରଣ ସଂଘର୍ଷର ରାଜସିକ ନୀତି ଯେତିକି ଧ୍ୱଂସ କରେ ଅନ୍ତତଃ ତା' ଅପେକ୍ଷା ଅଧିକ ସୃଷ୍ଟି କରେ । ତେଣୁ ବ୍ୟକ୍ତିକ କର୍ମ ଦୃଷ୍ଟିରୁ ବିଚାର କଲେ ଏହା ନିଶ୍ଚିତ ଯେ ସଂଘର୍ଷ ଓ ତା'ର ଅନିବାର୍ଯ୍ୟ ଭୌତିକ ସ୍ଥୂଳରୂପ ଧ୍ୱଂସ ଓ ବିନାଶ ପ୍ରତି ବିମୁଖତା ଓ ତହିଁରୁ ବିରତି ହୁଏତ ବ୍ୟକ୍ତିର ନୈତିକ ସତ୍ତାର ସହାୟକ ହୋଇପାରେ, କିନ୍ତୁ ତାହା ପ୍ରାଣୀମାନଙ୍କର ସଂହାରକର୍ତ୍ତା ମହାକାଳର ବିଧାନକୁ ପରିବର୍ତ୍ତିତ କରିପାରିବ ନାହିଁ ।

ଏ ବିଷୟରେ ଅଧିକ କିଛି କହିବାର ନାହିଁ । ବସ୍ତୁତଃ ମାନବଜାତିର ସମଗ୍ର ଇତିହାସ ସାକ୍ଷ୍ୟ ଦେଇଆସିଛି ଯେ ପୃଥିବୀରେ ଏହି ସଂଘର୍ଷ ଓ ବିନାଶତତ୍ତ୍ୱର ପ୍ରାଣଶକ୍ତି ଅତ୍ୟନ୍ତ ଦୁର୍ବାର ଓ ଏହାର ଆଧିପତ୍ୟ ଅବ୍ୟାହତ । ତେଣୁ ଏହାର ଉଗ୍ରତାକୁ କମ୍ କରି ଦେଖିବା ଓ ଜୀବନର ଅନ୍ୟାନ୍ୟ ବିଭାବ ଉପରେ ଜୋର୍ ଦେବାକୁ ଚେଷ୍ଟା କରିବା ସ୍ୱାଭାବିକ । କେବଳ ସଂଘର୍ଷ ଓ ଧ୍ୱଂସହିଁ ସବୁକିଛି ନୁହେଁ, ସଂସାରରେ ଯେପରି ସଂଘର୍ଷ ଓ ପାରସ୍ପରିକ ବିବାଦର ଶକ୍ତି ରହିଛି, ସେହିପରି ସମବାୟ ଓ ପାରସ୍ପରିକ ସହଯୋଗର ନୀତି ମଧ୍ୟ ରହିଛି; ଦର୍ପଦମ୍ଭ ଓ ଅହଂକାରର ଶକ୍ତି ଯେପରି ଅଛି, ସେହିପରି ପ୍ରେମର ଶକ୍ତି ମଧ୍ୟ ରହିଛି; ଆମ ନିଜର ସ୍ୱାର୍ଥ ପାଇଁ ଅନ୍ୟକୁ ବଳିଦେବାର ପ୍ରବୃତ୍ତି ଯେପରି ରହିଛି, ସେହିପରି

ଅନ୍ୟର ସ୍ୱାର୍ଥ ପାଇଁ ଆମ ନିଜକୁ ବଳିଦେବାର ପ୍ରବୃତ୍ତି ମଧ୍ୟ ରହିଛି । କିନ୍ତୁ ଆମେ ଯେତେବେଳେ ଏଗୁଡ଼ିକ ପ୍ରକୃତରେ କିପରି ଭାବରେ କାର୍ଯ୍ୟ କରୁଛନ୍ତି ତାହା ଦେଖୁ, ସେତେବେଳେ ଏସବୁର ବିପରୀତ ଶକ୍ତିଗୁଡ଼ିକୁ ମଧ୍ୟ ଉପେକ୍ଷା ବା ଅସ୍ୱୀକାର କରିବାକୁ ଚାହିଁବୁ ନାହିଁ । ସଂଘ ଓ ସହଯୋଗର ଶକ୍ତି କାର୍ଯ୍ୟକାରୀ ହୋଇଛି, କେବଳ ପରସ୍ପରକୁ ସାହାଯ୍ୟ କରିଯିବା ପାଇଁ ନୁହେଁ, ତା' ସଙ୍ଗେ ସଙ୍ଗେ ଆତ୍ମରକ୍ଷା ପାଇଁ ଓ ଅନ୍ୟକୁ ଆକ୍ରମଣ କରିଯିବା ପାଇଁ ମଧ୍ୟ; ଜୀବନ ସଂଗ୍ରାମରେ ଯେଉଁମାନେ ଆମକୁ ଆକ୍ରମଣ ଓ ପ୍ରତିରୋଧ କରନ୍ତି ସେମାନଙ୍କ ବିରୋଧରେ ନିଜକୁ ଶକ୍ତିଶାଳୀ କରିବା ପାଇଁ ମଧ୍ୟ ଏ ଶକ୍ତିକୁ ଉପଯୋଗ କରାଯାଇଛି; ସ୍ୱୟଂ ଏହି ସଂଘ ଓ ସହଯୋଗର ଶକ୍ତିକୁ ଯୁଦ୍ଧ ଓ ଅହଂକାରର ଦାସରୂପେ ଓ ଜୀବନ ବିରୋଧରେ ଜୀବନର ଆତ୍ମ-ସାବ୍ୟସ୍ତତାର ଅନୁଚରରୂପେ ନିଯୁକ୍ତ କରାଯାଇଛି । ସ୍ୱୟଂ ପ୍ରେମ ମଧ୍ୟ ମୃତ୍ୟୁର ଏକ ଶକ୍ତିରୂପେ କାର୍ଯ୍ୟ କରିଛି । ବିଶେଷ କରି ଶୁଭ ଓ ଈଶ୍ୱରଙ୍କ ପ୍ରତି ପ୍ରେମକୁ ମାନବର ଅହଂ ଯେପରି ଭାବରେ ଗ୍ରହଣ କରିଛି ତା' କେତେ ସଂଘର୍ଷ, ହତ୍ୟା ଓ ଧ୍ୱଂସର କାରଣ ହୋଇଛି ତା'ର ଇୟତ୍ତା ନାହିଁ । ଆତ୍ମୋତ୍ସର୍ଗ ଏକ ମହାନ୍ ଓ ଉଦାର କାର୍ଯ୍ୟ, କିନ୍ତୁ ଏହାର ଉଚ୍ଚତମ ସ୍ୱରୂପରେ ମଧ୍ୟ ଏହା ହେଉଛି ମୃତ୍ୟୁ ଦ୍ୱାରା ଜୀବନର ସ୍ୱୀକୃତି ଏବଂ ଏହାର ଅର୍ଥ ହେଉଛି କୌଣସି ଶକ୍ତିର ପୂଜାବେଦୀରେ ନିଜକୁ ବଳିରୂପେ ଉତ୍ସର୍ଗ କରିବା, ଯେଉଁ ଶକ୍ତି ନିଜର କାର୍ଯ୍ୟସିଦ୍ଧି ନିମନ୍ତେ ଏହିପରି ଆତ୍ମବଳି ଚାହୁଁଥାଏ । ନିମ୍ନତର ଓ ଉଚ୍ଚତର ଜୀବନର ବିଭିନ୍ନ କ୍ଷେତ୍ରରେ ଆମେ ଦେଖୁ ଯେ ମା' ଚଢ଼େଇ ତା'ର ଛୁଆଙ୍କୁ ରକ୍ଷା କରିବା ପାଇଁ ହିଂସ୍ରପଶୁର ଶିକାର ହେଉଛି, ମାତୃଭୂମିର ସ୍ୱାଧୀନତା ପାଇଁ ଦେଶଭକ୍ତ ମୃତ୍ୟୁବରଣ କରୁଛି, ଧର୍ମ ଓ ଆଦର୍ଶ ନିମନ୍ତେ ବ୍ୟକ୍ତି ତା'ର ପ୍ରାଣ ବିସର୍ଜନ କରୁଛି – ଆତ୍ମବଳିର ଏହିସବୁ ସର୍ବୋତ୍ତମ ଦୃଷ୍ଟାନ୍ତ ସ୍ପଷ୍ଟରୂପେ ଦେଖାଇଦିଏ ଯେ ଏହାର ପ୍ରକୃତ ମର୍ମ କ'ଣ ।

କିନ୍ତୁ ଆମେ ଯଦି ଏସବୁର ପରବର୍ତ୍ତୀ ପରିଣାମକୁ ଲକ୍ଷ୍ୟ କରୁ ତା'ହେଲେ ଏକ ସହଜ ଆଶାବାଦୀ ଦୃଷ୍ଟିକୋଣ ଆହୁରି ଅସମ୍ଭବ ଓ ଦୁର୍ଲଭ । ଦୃଷ୍ଟାନ୍ତ ନିଅ, ଦେଶପ୍ରେମୀ ତାଙ୍କ ଦେଶର ମୁକ୍ତି ପାଇଁ ପ୍ରାଣ ଦେଇଛନ୍ତି, କର୍ମର ପ୍ରଭୁ ସେହି ସମସ୍ତ ରକ୍ତଦାନ ଓ ଯନ୍ତ୍ରଣାର ମୂଲ୍ୟ ଦେଇସାରିବା ପରେ, ଦେଶ ସ୍ୱାଧୀନ ହେବାର କେତେବର୍ଷ ପରେ ଯଦି ସେହି ଦେଶର ଅବସ୍ଥା କ'ଣ ହୋଇଛି ଦେଖିବାକୁ ଚାହଁ ତା'ହେଲେ ଦେଖିପାରିବ ସେହି ଦେଶ ପରିଣତ ହୋଇଛି ଏକ ଅତ୍ୟାଚାରୀ ଓ ଶୋଷକ ଦେଶରେ ଏବଂ ଉପନିବେଶସବୁକୁ ଲୁଣ୍ଠନ ଓ ଗ୍ରାସ କରୁଛି ଯେପରିକି ନିଜେ ପୁଷ୍ଟ ହେବ ଏବଂ ଯୁଦ୍ଧ ଓ ଆକ୍ରମଣ ଦ୍ୱାରା ସାଫଲ୍ୟ ପଥରେ ଆଗେଇ ଯିବ । ସେହିପରି ହଜାର ହଜାର ସଂଖ୍ୟାରେ ଖ୍ରୀଷ୍ଟିଆନ ସହିଦ ପ୍ରାଣବଳି ଦେଲେ, ସାମ୍ରାଜ୍ୟ-ଶକ୍ତି ବିରୋଧରେ ସେମାନଙ୍କର ଆତ୍ମଶକ୍ତିକୁ ପ୍ରୟୋଗ

କଲେ ଯେପରି ଖ୍ରୀଷ୍ଟଙ୍କର ଜୟ ହୁଏ, ଖ୍ରୀଷ୍ଟଧର୍ମ ପ୍ରତିଷ୍ଠିତ ହୁଏ । ଆତ୍ମଶକ୍ତିର ବିଜୟ ହେଲା, ଖ୍ରୀଷ୍ଟିଆନ ଧର୍ମର ପ୍ରତିଷ୍ଠା ହେଲା, କିନ୍ତୁ ଖ୍ରୀଷ୍ଟଙ୍କର ବିଜୟ ହେଲା ନାହିଁ, ବିଜୟୀ ଖ୍ରୀଷ୍ଟିଆନ ଧର୍ମ ଏକ ଯୁଦ୍ଧଖୋର ଦାମ୍ଭିକ କ୍ଷମତାନ୍ଧ ସମ୍ପ୍ରଦାୟରେ ପରିଣତ ହେଲା ଏବଂ ଯେଉଁ ସମ୍ପ୍ରଦାୟ ଓ ସାମ୍ରାଜ୍ୟକୁ ଏହା ପଦଚ୍ୟୁତ କରିଥିଲା, ତା'ଠାରୁ ମଧ୍ୟ ଅଧିକ ମତାନ୍ଧ ଓ ନିର୍ମମ ଅତ୍ୟାଚାରୀ ହୋଇଉଠିଲା । ଧର୍ମଗୁଡ଼ିକ ମଧ୍ୟ ବରାବର ନିଜକୁ ସଙ୍ଗଠିତ କରନ୍ତି ପାରସ୍ପରିକ ସଂଘର୍ଷର ଶକ୍ତିରୂପେ ଓ ନିଜେ ତିଷ୍ଠି ରହିବାକୁ, ନିଜର ଶକ୍ତି ଓ ଅଧିକାର ବଢ଼ାଇବାକୁ ନିଜ ନିଜ ଭିତରେ ଭୟଙ୍କର ସଂଗ୍ରାମରେ ଜଡ଼ିତ ହୁଅନ୍ତି ।

ଏ ସମସ୍ତ ବିଷୟରୁ ଏହା ସ୍ପଷ୍ଟ ହେଉଛି ଯେ ଏହି ଜଗତ୍ ଓ ଜୀବନରେ ଏପରି ଏକ ଉପାଦାନ ରହିଛି ହୁଏତ ମୁଖ୍ୟ ଉପାଦାନ – ଯାହା ଉପରେ ବିଜୟ ହାସଲ କରିବାର ଉପାୟ ଆମକୁ ଜଣା ନାହିଁ, ହୁଏତ ଏହା ଅଜେୟ କିଂବା ଆମେ ଏହାକୁ ଏପରି ଏକ ନିରପେକ୍ଷ ଓ ସମର୍ଥ ଦୃଷ୍ଟି ନେଇ ଦେଖି ନାହୁଁ ଯାହା ଦ୍ୱାରା କି ଆମେ ସ୍ଥିର ଓ ନିରପେକ୍ଷ ଭାବରେ ଏହାକୁ ଚିହ୍ନି ପାରନ୍ତୁ ଓ ଏହାର ପ୍ରକୃତ ସ୍ୱରୂପକୁ ଜାଣି ପାରନ୍ତୁ । ଏହି ଜଗତ୍ ଓ ଜୀବନକୁ ଆମକୁ ସିଧା ମୁହାଁମୁହିଁ ଚାହିଁବାକୁ ହେବ ଯଦି ଏକ ଯଥାର୍ଥ ସମାଧାନରେ ପହଞ୍ଚିବା ଆମର ଲକ୍ଷ୍ୟ ହୁଏ, ସେ ସମାଧାନ ଯାହା ହେଉନା କାହିଁକି । ଜଗତ୍ ଓ ଜୀବନକୁ ସିଧା ଚାହିଁବା ଅର୍ଥ ଭଗବାନଙ୍କୁ ସିଧା ଚାହିଁବା, କାରଣ ଏ ଦୁହିଁଙ୍କୁ ପୃଥକ୍ କରାଯାଇପାରିବ ନାହିଁ, ବିଶ୍ୱଜୀବନର ସମସ୍ତ ବିଧାନର ଦାୟିତ୍ୱକୁ ତା'ର ସ୍ରଷ୍ଟା ବିଶ୍ୱସ୍ରଷ୍ଟାଙ୍କର କାନ୍ଧରୁ ଖସାଇ ଦେଇ ହେବ ନାହିଁ ବା ଯାହାକୁ ନେଇ ସେହି ବିଧାନସବୁ ଗଠିତ ତା'ଠାରୁ ସେସବୁକୁ ପୃଥକ୍ କରିହେବ ନାହିଁ । ତଥାପି ମଧ୍ୟ ଆମେ ଏଠାରେ ଏକ ଭ୍ରମାତ୍ମକ ମଧୁର ରୂପଦେଇ ସବୁକିଛି ଦେଖିବାକୁ ପସନ୍ଦ କରୁ । ଆମେ ଏପରି ଏକ ଭଗବାନଙ୍କୁ ଛିଡ଼ାକରୁ ଯେ ପ୍ରେମମୟ ଓ କରୁଣାମୟ, ଯେ ମଙ୍ଗଳମୟ; ନ୍ୟାୟ, ପୁଣ୍ୟ ଓ ସତ୍‌ଗୁଣ ସମ୍ପର୍କରେ ଆମର ନୈତିକ ଧାରଣା ଅନୁଯାୟୀ ତାଙ୍କୁ ଦେଖୁ ନ୍ୟାୟ, ପୁଣ୍ୟ ଓ ସଦ୍‌ଗୁଣର ମୂର୍ତ୍ତି ବୋଲି ଏବଂ ବାକି ଅନ୍ୟସବୁକୁ ଆମେ କହୁ ସେସବୁ ଭଗବାନ୍ ନୁହେଁ ବା ଭଗବାନଙ୍କ ଦ୍ୱାରା ସୃଷ୍ଟ ନୁହେଁ, ସେସବୁ କୌଣସି ଆସୁରି ଶକ୍ତିର ସୃଷ୍ଟି, ହୁଏତ କୌଣସି କାରଣରୁ ଭଗବାନ୍ ତା'ର ସେହି ଦୁଷ୍ଟ ଇଚ୍ଛାକୁ କାର୍ଯ୍ୟକାରୀ ହେବାକୁ ଛାଡ଼ି ଦେଉଛନ୍ତି ବା ଆମେ ଭାବୁ ସେସବୁ କୌଣସି ଅନ୍ଧକାର ଶକ୍ତି, ଅହିମାନର କାର୍ଯ୍ୟ ଯେକି ମଙ୍ଗଳମୟ ଅର୍ମୁଜଦ୍‌ଙ୍କର ଚିରବିରୋଧୀ କିଂବା ଏପରିକି ଆମେ ଏହା ମଧ୍ୟ ଭାବୁ ଯେ ସେସବୁ ହେଉଛି ସ୍ୱାର୍ଥପର ପାପଗ୍ରସ୍ତ ମଣିଷରହିଁ ଦୋଷ ଯେ ଭଗବାନଙ୍କର ମୂଳ ନିର୍ଦ୍ଦୋଷ ସୃଷ୍ଟିକୁ ନଷ୍ଟ କରିଦେଇଛି । ସତେ ଯେପରି ମଣିଷହିଁ ସୃଷ୍ଟି କରିଥିଲା ପ୍ରାଣୀ ଜଗତର ମୃତ୍ୟୁ ଓ ପରସ୍ପରକୁ ଭକ୍ଷଣର ସେହି ବିଧାନ ବା ପ୍ରକୃତିର ସେହି ବିଶାଳ ପ୍ରକ୍ରିୟା ଯେଉଁଥିରେ ପ୍ରକୃତି ସୃଷ୍ଟି କରେ ଓ

ପାଳନ କରେ କିନ୍ତୁ ଠିକ୍ ସେଇ ଭାବରେ ଓ ସେହି ଗହନ କର୍ମ ଦ୍ୱାରା ସଂହାର କରେ ଓ ଧ୍ୱଂସ କରେ । ପୃଥିବୀର ଖୁବ୍ ଅଳ୍ପ କେଇଟି ଧର୍ମ ଭାରତୀୟ ଧର୍ମ ପରି କୌଣସି କୁଣ୍ଠା ନ ରଖି ସାହାସର ସହିତ କହିଛି ଯେ ଏହି ରହସ୍ୟମୟୀ ବିଶ୍ୱଶକ୍ତି ସେହି ଏକହିଁ ଦେବତା, ଏକହିଁ ତ୍ରିମୂର୍ତ୍ତି; ପୃଥିବୀରେ ଏହି ଯେଉଁ ଶକ୍ତି କାର୍ଯ୍ୟ କରୁଛି ସେ କେବଳ ଦୁର୍ଗତିହାରିଣୀ ସର୍ବୋପକାରିଣୀ ଦୁର୍ଗା ନୁହନ୍ତି, ସେ ମଧ୍ୟ ରକ୍ତାକ୍ତ-ସଂହାରରେ ନୃତ୍ୟରତା ରଣରଙ୍ଗିନୀ ଭୟଙ୍କରୀ କାଳୀ ଏବଂ "ଏ ମଧ୍ୟ ସେହି ଦିବ୍ୟଜନନୀ, ଏହାଙ୍କୁହିଁ ଭଗବାନ୍ ବୋଲି ଜାଣ ଏବଂ ତୁମର ସାମର୍ଥ୍ୟ ଅଛି ତ ଏହାଙ୍କୁ ମଧ୍ୟ ପୂଜା କର ।" ଏହା ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ ଯେ ଯେଉଁ ଧର୍ମର ଏହି ଧରଣର ଅଚଳ ସତ୍ୟନିଷ୍ଠା ଓ ପ୍ରଚଣ୍ଡ ସାହସ ଅଛି ସେହିଁ କେବଳ ଏପରି ଏକ ଗଭୀର ଓ ବ୍ୟାପକ ଆଧ୍ୟାତ୍ମିକତା ସୃଷ୍ଟି କରିବାକୁ ସମର୍ଥ ଯାହାର କୌଣସି ତୁଳନା ନାହିଁ । କାରଣ ଯଥାର୍ଥ ଆଧ୍ୟାତ୍ମିକତାର ଭିତ୍ତି ହେଲା ସତ୍ୟ ଓ ତା'ର ଆତ୍ମା ହେଲା ସାହସ । 'ତସ୍ୟୈ ସତ୍ୟମାୟତନମ୍' ।

ଏସବୁ କହିବାର ଅର୍ଥ ଏହା ନୁହେଁ ଯେ ସଂଘର୍ଷ ଓ ଧ୍ୱଂସହିଁ ହେଉଛି ଜୀବନର ପ୍ରଥମ ଓ ଶେଷ କଥା, ବା ଯୁଦ୍ଧ ଅପେକ୍ଷା ମୈତ୍ରୀ ବଡ଼ ନୁହେଁ, ମୃତ୍ୟୁ ଅପେକ୍ଷା ପ୍ରେମ ଭଗବାନଙ୍କର ଦିବ୍ୟତର ଅଭିବ୍ୟକ୍ତି ନୁହେଁ ବା ଆମେ ସେହି ଲକ୍ଷ୍ୟ ଦିଗରେ ଆଗେଇ ଯିବା ଉଚିତ ନୁହେଁ ଯେଉଁଠି ଦେହବଳ ସ୍ଥାନରେ ଆତ୍ମାର ବଳ, ଯୁଦ୍ଧ ସ୍ଥାନରେ ଶାନ୍ତି, ସଂଘର୍ଷ ସ୍ଥାନରେ ଐକ୍ୟ, ଭକ୍ଷଣ ସ୍ଥାନରେ ପ୍ରେମ, ଅହଂ ସ୍ଥାନରେ ବିଶ୍ୱଭାବ ଓ ମୃତ୍ୟୁ ସ୍ଥାନରେ ଅମର ଜୀବନ ପ୍ରତିଷ୍ଠିତ ହେବ । ଭଗବାନ୍ କେବଳ ସଂହାରକର୍ତ୍ତା ନୁହନ୍ତି, ସେ ମଧ୍ୟ ପ୍ରାଣୀମାନଙ୍କର ସୁହୃଦ, ସେ କେବଳ ବିଶ୍ୱର ତ୍ରିଦେବ ନୁହନ୍ତି ସେ ମଧ୍ୟ ବିଶ୍ୱାତୀତ ପରାତ୍ପର, ଭୟଙ୍କରୀ କାଳୀ ମଧ୍ୟ ପ୍ରେମମୟୀ କରୁଣାମୟୀ ଜନନୀ, କୁରୁକ୍ଷେତ୍ରର ଈଶ୍ୱରହିଁ ଦିବ୍ୟସଖା ଓ ସାରଥି, ଜୀବମାନଙ୍କର ଚିତ୍ତହାରୀ ଅବତାର ଶ୍ରୀକୃଷ୍ଣ । ସମସ୍ତ ବିରୋଧ, ସଂଘର୍ଷ ଓ ବିଶୃଙ୍ଖଳା ଭିତରେ ସେ ଯେଉଁ ଦିଗରେ ଚାଳନା କରି ନେଇଯାଆନ୍ତୁ ନା କାହିଁକି ଯେଉଁ ଲକ୍ଷ୍ୟ ବା ଯେଉଁ ଦେବତାଙ୍କ ଦିଗରେ ସେ ଆକର୍ଷଣ କରିନେଇ ଯାଆନ୍ତୁ ନା କାହିଁକି, ଏହା ନିଃସନ୍ଦେହ ଯେ ଏତେ ଦୃଢ଼ ଭାବରେ ଜୋର୍ ଦେଇ ଆସୁଥିବା ଏହିସବୁ ବିଭାବର ସମ୍ପୂର୍ଣ୍ଣ ଊର୍ଦ୍ଧ୍ୱରେ ଥିବା ଏକ ଦିବ୍ୟ ଲକ୍ଷ୍ୟ ଦିଗରେହିଁ ସେ ନେଇଯାଉଛନ୍ତି । କିନ୍ତୁ କେଉଁଠିକି, କେଉଁ ଭାବରେ ଓ କେଉଁ ପ୍ରକାରର ଊର୍ଦ୍ଧ୍ୱଭୂମିକୁ କେଉଁ ପରିସ୍ଥିତି ଭିତରେ ସେ ଆମକୁ ନେଇଯାଉଛନ୍ତି ତାହା ଖୋଜି ବାହାର କରିବାକୁ ହେବ । ଆଉ ଏଥିପାଇଁ ପ୍ରଥମ ଆବଶ୍ୟକତା ହେଉଛି ବିଶ୍ୱକୁ ତାହାର ବର୍ତ୍ତମାନ ଅବସ୍ଥାରେ ଦେଖିବା ଏବଂ ଭଗବାନଙ୍କର କ୍ରିୟାବଳୀ ଆରମ୍ଭରେ ତଥା ବର୍ତ୍ତମାନ ଯେପରି ଭାବରେ ନିଜକୁ ପ୍ରକାଶ କରିଛି ତାହାକୁ ଯଥାଯଥ ନିରୀକ୍ଷଣ କରିବା ଓ ତାହାର ମୂଲ୍ୟ ନିର୍ଦ୍ଧାରଣ କରିବା; ଏହା ପରେ ପଥ ଓ

ଲକ୍ଷ୍ୟ ଆହୁରି ସ୍ପଷ୍ଟ ହୋଇଯିବ । ଆମକୁ କୁରୁକ୍ଷେତ୍ରକୁ ସ୍ୱୀକାର କରିବାକୁହିଁ ହେବ, ଅମର ଜୀବନର ପଥ ଖୋଜି ବାହାର କରିବା ପୂର୍ବରୁ ମୃତ୍ୟୁ ମଧ୍ୟ ଦେଇ ଜୀବନର ଯେଉଁ ବିଧାନ ରହିଛି ତାହାକୁ ସ୍ୱୀକାର କରିବାକୁ ହେବ; ଚକ୍ଷୁ ଖୋଲି ଅର୍ଜୁନଙ୍କ ଅପେକ୍ଷା କମ୍ ତ୍ରସ୍ତ ଦୃଷ୍ଟିରେ ଭଗବାନଙ୍କର ମହାକାଳ ଓ ମୃତ୍ୟୁ ରୂପକୁ ଦେଖିବାକୁ ହେବ ଏବଂ ବିଶ୍ୱ-ସଂହାରର ରୂପକୁ ଅସ୍ୱୀକାର କଲେ ବା ତାହାପ୍ରତି ବିମୁଖ ହେଲେ ବା ତାହାକୁ ଭୟ କରି ତହିଁରୁ ଅପସରି ଆସିଲେ ଚଳିବ ନାହିଁ ।

## ୬

# ମାନବ ଓ ଜୀବନ-ସଂଗ୍ରାମ

ଅତଏବ, ଯଦି ଗୀତାର ଶିକ୍ଷାକୁ ଆମେମାନେ ଉଦାରଭାବେ ବୁଝିପାରୁ, ତାହାହେଲେ ବୁଦ୍ଧି ଦ୍ୱାରା ତାହାର ଦୃଷ୍ଟିଭଙ୍ଗୀକୁ ଏବଂ ବ୍ୟକ୍ତ ବିଶ୍ୱର ସ୍ୱରୂପ ଓ ଧାରା ସମ୍ବନ୍ଧେ ତାହାର ନିର୍ଭୀକ ବିଚାରକୁ ଗ୍ରହଣ କରିବାକୁହିଁ ହେବ । କୁରୁକ୍ଷେତ୍ରର ଦିବ୍ୟ ସାରଥି ନିଜକୁ ଏକ ଦିଗରେ ବିଶ୍ୱସମୂହର ପ୍ରଭୁ, ଏବଂ ପ୍ରାଣୀକୁଳର ବନ୍ଧୁ, ଏବଂ ସର୍ବଜ୍ଞ ଚାଳକରୂପେ ଏବଂ ଅନ୍ୟ ଦିଗରେ ଲୋକସଂହାର ନିମିତ୍ତ ଜାଗ୍ରତ୍ 'ଲୋକକ୍ଷୟକୃତ୍' ମହାକାଳରୂପେ ବ୍ୟକ୍ତ କରୁଛନ୍ତି । ଉଦାର ହିନ୍ଦୁ ଧର୍ମର ଦୃଷ୍ଟିକୁ ଅନୁସରଣ କରି ଗୀତା କହୁଅଛି, ''ଏ ମଧ୍ୟ ଭଗବାନ୍'', କିନ୍ତୁ ବିଶ୍ୱ-ସମସ୍ୟାକୁ ବାଦ୍‌ଦେଇ ପଛଦ୍ୱାର ଦେଇ ପଳାଇବାକୁ ଚାହୁଁ ନାହିଁ । ବସ୍ତୁତଃ ଯଦି ଆମେମାନେ ପାର୍ଥିବ ଜୀବନକୁ କେବଳ ଗୋଟାଏ ପାଶବ, ନିର୍ଦ୍ଦୟ ଜଡ଼ ଶକ୍ତିର ଯାନ୍ତ୍ରିକ ଖେଳା ବୋଲି ନ ଭାବୁ, ଅଥବା ଅନ୍ୟ ପକ୍ଷରେ ତାହା ଏକ ମୂଳ ଅସତ୍ ମଧ୍ୟରୁ ଉତ୍ଥିତ ନିଷ୍କ୍ରିୟ ବ୍ରହ୍ମରେ ପ୍ରତିବିମ୍ବିତ କଳ୍ପନା ଓ ସାମର୍ଥ୍ୟରେ ସେହିପରି ଯାନ୍ତ୍ରିକ କ୍ରିୟାବଳି ବୋଲି ମନେ ନ କରୁ, ଅଥବା ଏକ ନିର୍ମମ, ନିର୍ବିକାର, ପରାତ୍ପର ତତ୍ତ୍ୱର ବାହ୍ୟ ଚେତନାର ମଧ୍ୟରେ ଗୋଟିଏ ଦୁଃସ୍ୱପ୍ନର ପରିଣତି ବୋଲି ନ ଭାବୁ (ଯେଉଁ ତତ୍ତ୍ୱ ସେହି ସ୍ୱପ୍ନ ସଙ୍ଗେ କୌଣସି ପ୍ରକାରେ ଜଡ଼ିତ ନୁହେଁ), ଯଦି ଆମେମାନେ ଗୀତାର ଅନୁସରଣ କରି ଭଗବାନଙ୍କ ଅସ୍ତିତ୍ୱକୁ ସ୍ୱୀକାର କରୁ, ଅର୍ଥାତ୍ ଯେଉଁ ଭଗବାନ୍ ବିଶ୍ୱରେ ସର୍ବବ୍ୟାପୀ ସର୍ବଜ୍ଞ, ସର୍ବଶକ୍ତିମାନ୍ ହେଲେ ମଧ୍ୟ ସର୍ବଦା ବିଶ୍ୱାତୀତ ତତ୍ତ୍ୱ, ଯେ ବିଶ୍ୱକୁ ଓ ବିଶ୍ୱ ମଧ୍ୟରେ ନିଜକୁ ପ୍ରକଟ କରନ୍ତି, ଅଥଚ ଯେ ନିଜର ମାୟା ବା ପ୍ରକୃତି ବା ସୃଜନଶକ୍ତିର ଦାସ ନୁହନ୍ତି, ବରଂ ପ୍ରଭୁ, ଯାହାଙ୍କର ବିଶ୍ୱଲୀଳା ବା ବିଶ୍ୱଚୈତନ୍ୟ କୌଣସି ପ୍ରକାରେ ପ୍ରାଣୀ ବା ମାନବ ବା ଦାନବ ଦ୍ୱାରା ବ୍ୟାହତ ବା କ୍ଷୁଣ୍ଣ ନୁହେଁ, ସୃଷ୍ଟି ସଂକ୍ରାନ୍ତୀୟ ନିଜ ଦାୟିତ୍ୱର କୌଣସି ଅଂଶକୁ ସୃଷ୍ଟ ଜୀବର ସ୍କନ୍ଧରେ ଲଦିବାର ଯାହାଙ୍କର ଟିକିଏ ମାତ୍ର ପ୍ରୟୋଜନ ନାହିଁ – ତାହାହେଲେ ମନୁଷ୍ୟକୁ ଆରମ୍ଭ କରିବାକୁ ହେବ ଗୋଟାଏ ଅଟଳ ଓ ମହାନ୍ ବିଶ୍ୱାସ ସହ । ଚତୁର୍ଦ୍ଦିଗରେ ବିଶାଳ ଦୁର୍ବୋଧ ଶକ୍ତିରାଜିର ଖେଳା, ଜୀବନ ଗତି କରୁଅଛି ଅବିରାମ ପରିବର୍ତ୍ତନ ଓ ମୃତ୍ୟୁର ମଧ୍ୟ ଦେଇ, ସର୍ବତ୍ର ବେଦନା, ଅମଙ୍ଗଳ, ବିଧ୍ୱଂସ ଭୀତିର ସଞ୍ଚାର କରୁଅଛି, ଏହି ସମସ୍ତ ମଧ୍ୟରେ ମନୁଷ୍ୟକୁ ଦେଖିବାକୁ ହେବ ସର୍ବବ୍ୟାପୀ ଭଗବାନଙ୍କୁ; ସେ ଜାଣେ ଯେ ଏହି ସମସ୍ୟାର ଗୋଟିଏ ଅର୍ଥ ନିଶ୍ଚୟହିଁ ଅଛି,

ଯେଉଁ ଅଜ୍ଞାନର ମଝିରେ ସେ ବାସକରେ, ତାହାର ଊର୍ଦ୍ଧ୍ୱରେ ଗୋଟାଏ ସମାଧାନକାରୀ ଜ୍ଞାନ ନିଶ୍ଚୟହିଁ ଅଛି, ଶ୍ରଦ୍ଧାପୂର୍ବକ ମନୁଷ୍ୟକୁ କହିବାକୁ ହେବ, ''ଯଦି ମୋତେ ତୁମେ ହତ୍ୟାକର, ତଥାପି ମୁଁ ତୁମକୁ ବିଶ୍ୱାସ କରିବି'' । ମନୁଷ୍ୟର ଯେଉଁସବୁ ସଚଳ ଓ ସକ୍ରିୟ ଚିନ୍ତା ଓ ଧର୍ମ-ବିଶ୍ୱାସ ଅଛି – ତାହା ଈଶ୍ୱରବାଦୀ ହେଉ ବା ନାସ୍ତିକବାଦୀ ହେଉ – ତାହା ମଧ୍ୟରେ ସ୍ପଷ୍ଟରୂପେ ବା ପୂର୍ଣ୍ଣରୂପେ ସର୍ବଦା ଏହି ଭାବ ଅଳ୍ପ ବହୁତ ବିଦ୍ୟମାନ । ତାହା ସ୍ୱୀକାର କରେ ଏବଂ ବିଶ୍ୱାସ ମଧ୍ୟ କରେ : ସ୍ୱୀକାର କରେ ଜଗତର ବାଦ-ବିସମ୍ବାଦକୁ, ଏବଂ ବିଶ୍ୱାସ କରେ ଭଗବାନଙ୍କୁ, ବିଶ୍ୱପୁରୁଷଙ୍କୁ ବା ପ୍ରକୃତିର ଏପରି ଗୋଟିଏ ଉଚ୍ଚତମ ତତ୍ତ୍ୱକୁ ଯାହା ଆମକୁ ସମର୍ଥ କରାଏ ଏହି ବିରୋଧ ଓ ଅସଙ୍ଗତିକୁ ପରାଭୂତ ବା ଅତିକ୍ରମ ଅଥବା ସୁସଙ୍ଗତ କରିବାକୁ, ହୁଏତ ଏକ ସଙ୍ଗେ ଏହି ତିନୋଟିଯାକ କରିବାକୁ – ଅର୍ଥାତ୍ ପରାଭବ ଓ ଅତିକ୍ରମ ଦ୍ୱାରା ସଙ୍ଗତି ସ୍ଥାପନ କରିବା ।

ସୁତରାଂ, ବାସ୍ତବ ମନୁଷ୍ୟ ଜୀବନରେ ତାହାର ବିରୋଧ ଓ ସଂଗ୍ରାମର ଭାବକୁ, କୁରୁକ୍ଷେତ୍ର ତୁଲ୍ୟ ଏକ ଚରମ ବିଷମ ସଙ୍କଟକୁ ମାନି ନେବାକୁହିଁ ହେବ । ଆମେମାନେ ଦେଖିଛୁ ଯେ ଗୀତା ଏପରି ଗୋଟିଏ ପରିବର୍ତ୍ତନ ଓ ସଙ୍କଟର ସନ୍ଧିକ୍ଷଣକୁ ପରିବେଷ୍ଟନୀ ରୂପେ ଗ୍ରହଣ କରିଅଛି ଯାହା ଯୁଗେ ଯୁଗେ ମନୁଷ୍ୟ-ଇତିହାସରେ ଦେଖାଦିଏ, ଯେତେବେଳେ ସମାଜ, ସୁନୀତି, ଧର୍ମ ଓ ରାଷ୍ଟ୍ର-ବ୍ୟାପାରରେ ଧ୍ୱଂସ ଓ ନବସୃଷ୍ଟି ନିମିତ୍ତ ବିରାଟ ଶକ୍ତିସମୂହର ସଂଘର୍ଷ ଉପସ୍ଥିତ ହୁଏ, ଆଉ ମାନବ-ଜୀବନର କ୍ରମପରିଣତିରେ ସାମାଜିକ ଓ ମାନସିକ ପରିବର୍ତ୍ତନ ଭୀଷଣ ଯୁଦ୍ଧ ବିଗ୍ରହ ଓ ବିପ୍ଳବ ମଧ୍ୟ ଦେଇ ସାଧାରଣତଃ ଘଟିଥାଏ । ଗୀତା ମାନିନେଇଛି ଯେ ଏହିସବୁ ଭୀଷଣ ସଂଘର୍ଷ ଅନିବାର୍ଯ୍ୟ – ଧର୍ମ ଓ ଅଧର୍ମର ସଂଘାତ, ମଙ୍ଗଳ ଓ ଅମଙ୍ଗଳ ଶକ୍ତିରାଜିର ସଂଘାତ, କେବଳ ଯେ ସୁନୀତିର ଦିଗରୁ ସ୍ୱୀକାର କରିନେଇଛି ତାହା ନୁହେଁ, ତାହାର ସ୍ଥୂଳ ବାସ୍ତବ ଦିଗକୁ ମଧ୍ୟ ଗ୍ରହଣ କରିଛି, ଧର୍ମପକ୍ଷୀୟ ଓ ଅଧର୍ମପକ୍ଷୀୟ ମାନବ ମଧ୍ୟରେ ରକ୍ତାକ୍ତ ସଂଗ୍ରାମକୁ ମଧ୍ୟ ପ୍ରତ୍ୟାଖ୍ୟାନ କରି ନାହିଁ । ଆମମାନଙ୍କୁ ମନେ ରଖିବାକୁ ହେବ ଯେ ଗୀତା-ରଚନାର ଯୁଗରେ ଯୁଦ୍ଧ-ବିଗ୍ରହ ବର୍ତ୍ତମାନ କାଳ ଅପେକ୍ଷା ଅଧିକ ଅପରିହାର୍ଯ୍ୟ ଥିଲା, ସେହି ଯୁଗରେ ଯୁଦ୍ଧହୀନ ଜୀବନଧାରା ଗୋଟିଏ ଅଳୀକ ସ୍ୱପ୍ନବତ୍ ବିବେଚିତ ହେଉଥିଲା । ବିଶ୍ୱବ୍ୟାପୀ ଶାନ୍ତି ଓ ମୈତ୍ରୀ – ବିଶ୍ୱବ୍ୟାପୀ ଏଥିନିମିତ୍ତ ଯେ ସାର୍ବଭୌମ ପୂର୍ଣ୍ଣ ମୈତ୍ରୀ ଛଡ଼ା ଯଥାର୍ଥ ଓ ସ୍ଥାୟୀ ଶାନ୍ତି ଅସମ୍ଭବ – ତାହା ଐତିହାସିକ ଯୁଗରେ କଦାପି ଏକ ମୁହୂର୍ତ୍ତକ ସକାଶେ ମଧ୍ୟ ସ୍ଥାପିତ ହୋଇପାରି ନ ଥିଲା, କାରଣ ମନୁଷ୍ୟଜାତି ନୈତିକ, ସାମାଜିକ ଓ ଆଧ୍ୟାତ୍ମିକ ଦୃଷ୍ଟିରୁ ଏଥିପାଇଁ ପ୍ରସ୍ତୁତ ହୋଇ ନ ଥିଲା, ଏବଂ କ୍ରମ-ବିକାଶର ପଥରେ ପ୍ରାକୃତିକ ଆବେଷ୍ଟନ ଏପରି ଊର୍ଦ୍ଧ୍ୱାୟନର ଅନୁକୂଳ ହୋଇ ନ ଥିଲା । ଆଜି ମଧ୍ୟ ଆମେମାନେ

ବିରୋଧୀ ସ୍ୱାର୍ଥରାଜିର ମଝିରେ ଗୋଟିଏ ତାଳି ପକାଇ ମେଣ୍ଟମାଣ୍ଟ ବ୍ୟବସ୍ଥାର ଊର୍ଦ୍ଧ୍ୱରେ ଉଠିପାରି ନାହୁଁ, ଯେଉଁ ତାଳି ପକାଇବା ଦ୍ୱାରା ଚକ୍ରାନ୍ତ ଯୁଦ୍ଧ ବିଗ୍ରହର ପୁନରାବୃତ୍ତି କିଛି ଅଟକାଇ ଦିଆଯାଏ ମାତ୍ର । ଆଉ ଏହି ଚରମ ଉଦ୍ଦେଶ୍ୟ ସିଦ୍ଧି ନିମିତ୍ତ ଯେଉଁ ପଥ ଅବଲମ୍ବନ କରିବାକୁ ମନୁଷ୍ୟ ନିଜ ପ୍ରକୃତି-ଦୋଷରୁ ବାଧ ହୋଇଛି, ତାହା ଅଭୂତପୂର୍ବ ହତ୍ୟାକାଣ୍ଡ, ବିଶ୍ୱବ୍ୟାପୀ ଶାନ୍ତି ସ୍ଥାପନ ନିମିତ୍ତ ମନୁଷ୍ୟ ଯେଉଁ ଅବ୍ୟର୍ଥ ଉପାୟ ଓ ସରଳ ପଥ ନେଇଛି ତାହା ବିଶ୍ୱବ୍ୟାପୀ ଯୁଦ୍ଧ, ପରସ୍ପର ପ୍ରତି ଦୁର୍ବାର ଘୃଣା ଓ ଦୁରପନେୟ ବୈରଭାବ । ପୁନଶ୍ଚ ଏହିପ୍ରକାର ପରିଣତି, ମନୁଷ୍ୟ ପ୍ରକୃତିର କୌଣସି ମୂଳଗତ ପରିବର୍ତ୍ତନ ଉପରେ ପର୍ଯ୍ୟବସିତ ନୁହେଁ, ବରଂ ବୁଦ୍ଧିଗତ ଧାରଣା, ଆର୍ଥନୀତିକ ସୁବିଧା, ପ୍ରାଣହାନି ନିମିତ୍ତ ମାନସିକ ଓ ଆବେଗମୟ ବିତୃଷ୍ଣା, ଯୁଦ୍ଧର ବିପଦ ଓ ବିଭୀଷିକା, ଏହି ସମସ୍ତକୁ ବିଚାର କରି ରାଜନୈତିକ ବନ୍ଦୋବସ୍ତ ଦ୍ୱାରା ଶାନ୍ତି ସ୍ଥାପନ କରିବାର ଯେଉଁ ବ୍ୟବସ୍ଥା ରହିଛି ତାହାର ଭିତ୍ତି ଖୁବ୍ ଦୃଢ଼ ନୁହେଁ ଅଥବା ତାହା ବେଶୀଦିନ ସ୍ଥାୟୀ ହୋଇ ରହିପାରିବ ନାହିଁ । ଏପରିଦିନ ଆସିବ ଏବଂ ଏହି ଦିନ ନିଶ୍ଚୟ ଆସିବ ଯେଉଁଦିନ ମନୁଷ୍ୟଜାତିର ଆଧ୍ୟାତ୍ମିକ, ନୈତିକ ଓ ସାମାଜିକ ଅବସ୍ଥା ସର୍ବବ୍ୟାପୀ ଶାନ୍ତିର ରାଜତ୍ୱ ନିମିତ୍ତ ଅନୁକୂଳ ହେବ । କିନ୍ତୁ ଯେତେଦିନ ପର୍ଯ୍ୟନ୍ତ ତାହା ନ ହୋଇପାରିଛି, ସେତେଦିନ ପର୍ଯ୍ୟନ୍ତ ଯୁଦ୍ଧ ଏବଂ ଯୋଦ୍ଧାରୂପେ ମନୁଷ୍ୟର ପ୍ରକୃତି ଓ କର୍ମକୁ ଯେକୌଣସି ବ୍ୟବହାରିକ ଦର୍ଶନଶାସ୍ତ୍ର ଓ ଧର୍ମକୁ ଅବଶ୍ୟ ଗ୍ରହଣ ଓ ଅନୁମୋଦନ କରିବାକୁ ପଡ଼ିବ । ସୁଦୂର ଭବିଷ୍ୟତରେ ମନୁଷ୍ୟ ଜୀବନର ରୂପରେଖ କ'ଣ ହେବ ସେ ବିଷୟ ପ୍ରତି ଦୃଷ୍ଟି ନ ଦେଇ ବର୍ତ୍ତମାନ ମନୁଷ୍ୟର ବାସ୍ତବ ଜୀବନ ଯାହା, ଗୀତା ତାହାକୁ ଗ୍ରହଣ କରି ପ୍ରଶ୍ନ କରିଛି ଯେ ଜୀବନର ଏହି ଦିଗଟି ସହିତ, ଯାହା ସାଧାରଣ ମାନବିକ କ୍ରିୟାବଳିର ଏକ ବାସ୍ତବ ଅଙ୍ଗ ଅର୍ଥାତ୍ ଯୁଦ୍ଧ ସହିତ ଆଧ୍ୟାତ୍ମିକ ଜୀବନର କିପରି ସାମଞ୍ଜସ୍ୟ ସ୍ଥାପନ କରାଯାଇପାରିବ ।

ସେଥିପାଇଁ ଗୀତାର ଉପଦେଶ ଜଣେ କ୍ଷତ୍ରିୟଙ୍କ ସମ୍ମୁଖରେ, ଜନୈକ କର୍ମପ୍ରବଣ ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ବ୍ୟକ୍ତ କରାଯାଇଛି, ଯାହାଙ୍କ ଜୀବନର ଧର୍ମ ହେଲା ଯୁଦ୍ଧ ଏବଂ ଦେଶରକ୍ଷା କରିବା । ସମାଜର ଅନ୍ୟ କାର୍ଯ୍ୟ କରିବାକୁ ହୁଏ ବୋଲି ଯେଉଁମାନେ ନିଜକୁ ରକ୍ଷା କରିପାରନ୍ତି ନାହିଁ, ସେମାନଙ୍କୁ ପ୍ରବଳ ଏବଂ ପରାକ୍ରମଶାଳୀ ହିଂସ୍ରକମାନଙ୍କଠାରୁ ରକ୍ଷା କରିବା ନିମିତ୍ତ କ୍ଷତ୍ରିୟଙ୍କୁ ଯୁଦ୍ଧ କରିବାକୁ ହୁଏ । ଦ୍ୱିତୀୟତଃ ଯେଉଁମାନେ ଦୁର୍ବଳ ଏବଂ ନିର୍ଯ୍ୟାତିତ ସେମାନଙ୍କୁ ରକ୍ଷା କରିବା ନିମିତ୍ତ ଏକ ନୈତିକ ଦୃଷ୍ଟିକୋଣରୁ ଏବଂ ଜଗତରେ ନ୍ୟାୟ ଓ ଧର୍ମକୁ ସୁପ୍ରତିଷ୍ଠିତ କରିବା ନିମିତ୍ତ କ୍ଷତ୍ରିୟଙ୍କୁ ମଧ୍ୟ ଯୁଦ୍ଧ କରିବାକୁ ହୁଏ । ଏଥିନିମିତ୍ତ ଭାରତବର୍ଷରେ କ୍ଷତ୍ରିୟର ଅର୍ଥ ଯେ ସମାଜ, ରାଷ୍ଟ୍ର ଓ ନୀତିର ରକ୍ଷକ, ଯେ ନିଜର କର୍ମାନୁସାରେ ବୀର, ଯୋଦ୍ଧା ଏବଂ ଶାସକ ଏବଂ ଯେ ନିଜ ସ୍ୱଭାବରେ

ସୈନିକ ଏବଂ ରାଜା । ଯଦିଓ ଗୀତାର ସାର୍ବଜନୀନ ସାଧାରଣ ଭାବ ଓ ବାଣୀଗୁଡ଼ିକ ଆମମାନଙ୍କ ପକ୍ଷରେ ଅତି ମୂଲ୍ୟବାନ୍ ତଥାପି ଯେଉଁ ବିଶିଷ୍ଟ ଭାରତୀୟ ସମାଜ ଓ ସଭ୍ୟତା ମଧ୍ୟରେ ଏହାର ଉତ୍ପତ୍ତି ତାହା ବିଚାରକୁ ଆଣିବା ଆମର କର୍ତ୍ତବ୍ୟ । ସେତେବେଳର ସମାଜ ବର୍ତ୍ତମାନ ସମାଜତନ୍ତ୍ରଠାରୁ ଭିନ୍ନ ଥିଲା । ଆଧୁନିକ ବିଚାରାନୁସାରେ ମନୁଷ୍ୟ ଏକାଧାରରେ ଭାବୁକ, କର୍ମୀ ଅଥବା ଉତ୍ପାଦନକାରୀ ଏବଂ ଯୋଦ୍ଧା ଏବଂ ବର୍ତ୍ତମାନର ସାମାଜିକ ବିଧାନ ହେଲା ପ୍ରତ୍ୟେକ ବ୍ୟକ୍ତିଠାରେ ଏକ ଧାରାରେ ଏସବୁ କର୍ମକୁ ଏକତ୍ର ଲଦିଦେବା ଏବଂ ଏକ ସଙ୍ଗରେ ତାହାଠାରୁ ସମାଜର ବୌଦ୍ଧିକ, ଆର୍ଥନୀତିକ ଏବଂ ସୈନ୍ୟ ବିଭାଗୀୟ କର୍ତ୍ତବ୍ୟ ଦାବି କରିବା; ଏହା ଦ୍ୱାରା ଆମେମାନେ ବ୍ୟକ୍ତିର ସ୍ୱଭାବ, ପ୍ରବୃତ୍ତି ଓ ମନୋଭାବ ପ୍ରତି କୌଣସି ଦୃଷ୍ଟି ଦେଉ ନାହିଁ । କିନ୍ତୁ ପ୍ରାଚୀନ ଭାରତୀୟ ସଂସ୍କୃତି ବ୍ୟକ୍ତିର ସ୍ୱଭାବ, ପ୍ରବୃତ୍ତି, ମନୋଭାବର ବୈଶିଷ୍ଟ୍ୟ ଉପରେ ଜୋର୍ ଦେଉଥିଲା, ତଦନୁସାରେ ସମାଜରେ ତାହାର ସ୍ଥାନ, କର୍ତ୍ତବ୍ୟ ନିର୍ଦ୍ଧାରଣ କରି ଦେଉଥିଲା । କେବଳ ସାମାଜିକ କର୍ତ୍ତବ୍ୟ ପାଳନ ସେତେବେଳେ ମନୁଷ୍ୟ ଜୀବନର ଶ୍ରେଷ୍ଠ ଆଦର୍ଶ ବୋଲି ପରିଗଣିତ ହେଉ ନ ଥିଲା । ସମାଜରେ କର୍ତ୍ତବ୍ୟ ପାଳନ କରି ଆଧ୍ୟାତ୍ମିକ ଜୀବନରେ ଉନ୍ନତି କରିବା, ସେତେବେଳେ ଥିଲା ଶ୍ରେଷ୍ଠ ଆଦର୍ଶ । ବିଚାର ଓ ଜ୍ଞାନ, ଯୁଦ୍ଧ ଓ ରାଜ୍ୟ-ଶାସନ, ଉତ୍ପାଦନ ଓ ବଣ୍ଟନ, ଶ୍ରମ ଓ ସେବା – ସମାଜର କର୍ତ୍ତବ୍ୟ ଏହି ଚାରି ଭାଗରେ ସ୍ପଷ୍ଟ ଭାବରେ ବିଭକ୍ତ ଥିଲା । ପ୍ରତ୍ୟେକର ସ୍ୱଭାବ ଓ ପ୍ରକୃତି ଅନୁଯାୟୀ କର୍ମ ନ୍ୟସ୍ତ କରା ହେଉଥିଲା, ଏବଂ ଯେଉଁ ପ୍ରକାର କର୍ମରେ ବ୍ୟକ୍ତିଗତ ଆଧ୍ୟାତ୍ମିକ କ୍ରମୋନ୍ନତି ଓ ଆତ୍ମ-ପୂର୍ଣ୍ଣତା ଲାଭ ହେବ, ସେହିପରି କର୍ମରେ ତାହାକୁ ନିଯୁକ୍ତ କରାହେଉଥିଲା ।

ଆଧୁନିକ ଚିନ୍ତାଧାରାନୁସାରେ ସମାଜର ସର୍ବବିଧ ମୁଖ୍ୟ କର୍ମ ନିମିତ୍ତ ପ୍ରତ୍ୟେକ ମନୁଷ୍ୟର ସାଧାରଣ ଭାବେ ଦାୟିତ୍ୱ ରହିଛି, ଏହି ଆଦର୍ଶର କେତେକ ସୁବିଧା ଅଛି । ଏହି ବ୍ୟବସ୍ଥା ଫଳରେ ସାମାଜିକ ଜୀବନରେ ଅଧିକତର ଦୃଢ଼ତା, ଐକ୍ୟ ଓ ପୂର୍ଣ୍ଣତା ଦେଖାଦେଇଛି । ଅନ୍ୟ ଦିଗରେ ପ୍ରାଚୀନ ପ୍ରଥା ଅନୁସାରେ କର୍ମ ଅନୁରୂପ ଜାତି ବିଭାଗ କରାଯିବାରୁ ଘଟନାଚକ୍ରରେ ଭାରତରେ ଅସଂଖ୍ୟ ଜାତି ସୃଷ୍ଟି ହୋଇଅଛି, ସାମାଜିକ ଜୀବନର ସଂକୀର୍ଣ୍ଣତା, ଅନୈକ୍ୟ ଆସିଛି, ଜାତିଗତ ବ୍ୟବସ୍ଥାକୁ ଗ୍ରହଣ କରିବାକୁ ଯାଇ ଅତି କଦର୍ଯ୍ୟ, ଦୁର୍ଭାଗ୍ୟଜନକ ମିଥ୍ୟା ପରିଣାମକୁ ଗ୍ରହଣ କରିବାକୁ ହୋଇଛି । ଆଧୁନିକ ଯୁଦ୍ଧର ସ୍ୱରୂପ ଚିନ୍ତାକଲେ ଏକଥା ବେଶ୍ ବୁଝାଯାଏ । ଏହି ପ୍ରଥାନୁଯାୟୀ ସ୍ୱଦେଶର ରକ୍ଷା ଓ ଜାତୀୟ କଲ୍ୟାଣ ନିମିତ୍ତ ଯୁଦ୍ଧ କରିବାକୁ ପ୍ରତ୍ୟେକ ବ୍ୟକ୍ତି ସାଧାରଣଭାବେ ବାଧ୍ୟ । ଏହାର ଫଳସ୍ୱରୂପ କୌଣସିଠାରେ ଯୁଦ୍ଧ ଆରମ୍ଭ ହେଲେ ସମଗ୍ର ଜାତିର ମନୁଷ୍ୟତ୍ୱକୁ ଏକ ରକ୍ତାକ୍ତ ଖାତ ଭିତରକୁ ଫିଙ୍ଗି ଦିଆହୁଏ, ହୁଏତ, ଅନ୍ୟକୁ ହତ୍ୟା କରିବେ ବା ନିଜେ ନିହତ ହେବେ;

ପଣ୍ଡିତ, କବି, ଦାର୍ଶନିକ, ପୁରୋହିତ, ବ୍ୟବସାୟୀ, ଶିଳ୍ପୀ ପ୍ରଭୃତିଙ୍କୁ ନିଜ ନିଜ ସ୍ୱାଭାବିକ କର୍ମରୁ ଘୋଷାଡ଼ି ଅଣାହୁଏ, ସମଗ୍ର ସାମାଜିକ ଜୀବନ ବିପର୍ଯ୍ୟସ୍ତ ହୁଏ, ବିଚାର ଓ ବିବେକକୁ ବଳି ଦିଆହୁଏ; ଏପରିକି ଯେଉଁ ଧର୍ମଯାଜକ ଶାନ୍ତି ଓ ପ୍ରେମର ପ୍ରଚାର କରିବା ନିମିତ୍ତ ଭତ୍ତାପାଇ ରାଷ୍ଟ୍ର ଦ୍ୱାରା ନିଯୁକ୍ତ ହୋଇଥିଲେ ଅଥବା ନିଜ କର୍ତ୍ତବ୍ୟ ଅନୁରୋଧରେ ତାହା କରୁଥିଲେ, ତାଙ୍କୁ ବାଧ ହୋଇ ଧର୍ମ ପରିତ୍ୟାଗ କରିବାକୁ ହୁଏ ଏବଂ କଂସେଇ ପରି ନିଜ ଭାଇ-ବନ୍ଧୁଙ୍କୁ ହତ୍ୟା କରିବାକୁ ହୁଏ । ଏହିପରି ସାମାଜିକ ରାଷ୍ଟ୍ରର ମନମୁଖି ଆଦେଶ ଦ୍ୱାରା କେବଳ ଯେ ମନୁଷ୍ୟର ବିବେକ ଓ ସ୍ୱଧର୍ମକୁ ବଳି ଦିଆହୁଏ ତାହା ନୁହେଁ, ବରଂ ରାଷ୍ଟ୍ର-ରକ୍ଷାର ଅତ୍ୟଧିକ ପାଗଳାମି ଯୋଗୁଁ ଜାତୀୟ ଆତ୍ମହତ୍ୟାର ପଥ ସ୍ୱଚ୍ଛନ୍ଦରେ ପରିଷ୍କାର କରି ଦିଆହୁଏ ।

ଅନ୍ୟ ପକ୍ଷରେ ଭାରତୀୟ ସଭ୍ୟତାର ଗୋଟିଏ ପ୍ରଧାନ ଲକ୍ଷ୍ୟ ଥିଲା, ଯେତେଦୂର ସମ୍ଭବ ଯୁଦ୍ଧର ଉତ୍ପାତ ଓ ଅନର୍ଥକୁ କମ୍ କରିଦେବା । ଏହି ଉଦ୍ଦେଶ୍ୟରେ ଯୁଦ୍ଧ କରିବାର ଭାର ଗୋଟିଏ ଶ୍ରେଣୀର ଲୋକଙ୍କ ଉପରେ ନ୍ୟସ୍ତ କରା ହୋଇଥିଲା । ଏହି ଶ୍ରେଣୀର ଲୋକ ଜନ୍ମ, ସ୍ୱଭାବ ଓ ବଂଶ-ଗୌରବ ଯୋଗୁଁ ଏହି କାର୍ଯ୍ୟରେ ପ୍ରକୃତ ଭାବେ ଉପଯୁକ୍ତ ବୋଲି ପରିଗଣିତ ହେଉଥିଲେ । ଯୁଦ୍ଧକାର୍ଯ୍ୟ ଦ୍ୱାରା ସ୍ୱାଭାବିକ ଭାବରେ ସେମାନଙ୍କର ଆଧ୍ୟାତ୍ମିକ ଉନ୍ନତି ହେଉଥିଲା । ଗୋଟାଏ ଉଚ୍ଚ ଆଦର୍ଶର ଅନୁବର୍ତ୍ତୀ ହୋଇ ସେମାନେ ଯୋଦ୍ଧାର ଜୀବନଯାପନ କରୁଥିଲେ, ସେମାନଙ୍କର ସାହସ, ଶକ୍ତି ଓ ନିୟମାନୁବର୍ତ୍ତିତା, ସହଯୋଗିତା, ଶୌର୍ଯ୍ୟ ପ୍ରଭୃତି ବିବିଧ ସଦ୍‌ଗୁଣର ବିକାଶ ହୋଇ ସେମାନଙ୍କର ଆତ୍ମାର ଉନ୍ନତି ନିମିତ୍ତ ବିଶେଷ ସୁବିଧା ଓ ସୁଯୋଗ ମିଳୁଥିଲା । ସମାଜର ଅନ୍ୟ ଶ୍ରେଣୀର ବ୍ୟକ୍ତିଗଣ ପୂର୍ଣ୍ଣରୂପେ ଉକ୍ତ କ୍ଷତ୍ରିୟମାନଙ୍କ ଦ୍ୱାରା ବିପଦ ଓ ଅତ୍ୟାଚାରରୁ ସୁରକ୍ଷିତ ହୋଇ ନିଶ୍ଚିତ ମନରେ ନିଜ ନିଜର କର୍ମ ସମ୍ପାଦନ କରୁଥିଲେ । ନିଜ ନିଜ କାର୍ଯ୍ୟ ବା ବ୍ୟବସାୟରେ କ୍ଷତିକରି ସେମାନଙ୍କୁ ଯୁଦ୍ଧ କରିବାକୁ ଯିବାକୁ ହେଉ ନ ଥିଲା । ଯୁଦ୍ଧ ଅଳ୍ପ ଲୋକଙ୍କ ମଧ୍ୟରେ ଆବଦ୍ଧ ହେବା ଫଳରେ ସମାଜର ସାଧାରଣ ଜୀବନ ଖୁବ୍ କମ୍ କ୍ଷତିଗ୍ରସ୍ତ ହେଉଥିଲା । ଆଉ ଉଚ୍ଚ ନୈତିକତା, ସକଳ ପ୍ରକାର ମାନବିକତା ଓ ବୀରତ୍ୱ ଆଦର୍ଶ ଦ୍ୱାରା ଅନୁପ୍ରାଣିତ ହୋଇ ଯେଉଁମାନେ ଯୁଦ୍ଧ କରୁଥିଲେ ସେମାନେ ନିଷ୍ଠୁର ଓ ପଶୁତୁଲ୍ୟ ହେବା ଅପେକ୍ଷା ଉନ୍ନତ ଓ ଉଦାର ହେଉଥିଲେ । ଏକଥା ଅବଶ୍ୟ ସ୍ମରଣ ରଖିବାକୁ ହେବ ଯେ ଗୀତା ଯେଉଁ ଯୁଦ୍ଧର ବିଷୟ କହୁଛି ତାହା ଏହିପରି ଏବଂ ଉପର୍ଯ୍ୟୁକ୍ତ ସର୍ତ୍ତର ଅଧୀନ; ଏହି ପ୍ରକାର ଯୁଦ୍ଧ ଜୀବନର ଏକ ଅପରିହାର୍ଯ୍ୟ ଅଙ୍ଗ, କିନ୍ତୁ ଏହାକୁ ଏପରି ଶୃଙ୍ଖଳିତ ଓ ସଂଯତ କରାଯାଇଥିଲା ଯେ, ଜୀବନର ଅନ୍ୟାନ୍ୟ କର୍ମତୁଲ୍ୟ, ଏହା ମଧ୍ୟ ମନୁଷ୍ୟର ନୈତିକ ଓ ଆଧ୍ୟାତ୍ମିକ ଉନ୍ନତିରେ ସହାୟକ ହେଉଥିଲା ଯାହା ସେତେବେଳେ ଜୀବନର

ସମଗ୍ର ଓ ଯଥାର୍ଥ ଲକ୍ଷ୍ୟ ବୋଲି ପରିଗଣିତ ହେଉଥିଲା । ଏପରି ସୁନିୟନ୍ତ୍ରିତ ଓ ସୀମାବଦ୍ଧ ଯୁଦ୍ଧ ଦ୍ୱାରା ବ୍ୟକ୍ତିଗତ ଭାବେ ମନୁଷ୍ୟର ଶରୀର ଧ୍ୱଂସ ହେଉଥିଲା ସତ୍ୟ, କିନ୍ତୁ ସେମାନଙ୍କର ଅନ୍ତରାତ୍ମିକ ଜୀବନ ଏବଂ ଜାତିର ନୈତିକ ଜୀବନ ସୁଗଠିତ ହେଉଥିଲା । ଏହିପରି ଉଚ୍ଚ ଆଦର୍ଶ ଦ୍ୱାରା ଅନୁପ୍ରାଣିତ ହୋଇ ପ୍ରାଚୀନ କାଳରେ ଯୁଦ୍ଧ ଯେ ବୀରତ୍ୱ ଓ ଶୌର୍ଯ୍ୟର ବିକାଶରେ ବିଶେଷ ସହାୟତା କରିଛି, ୟୁରୋପରେ ନାଇଟ୍, ଭାରତରେ କ୍ଷତ୍ରିୟ ଏବଂ ଜାପାନରେ ସାମୁରାଇ ଜାତି ଏହାର ପ୍ରକୃଷ୍ଟ ଉଦାହରଣ – କେବଳ ଅତିରିକ୍ତ ମାତ୍ରାରେ ଉତ୍ସାହୋନ୍ମତ୍ତ ଶାନ୍ତିବାଦୀମାନେ ଏହି କଥା ଅସ୍ୱୀକାର କରିପାରନ୍ତି । ଯୁଦ୍ଧ ଦ୍ୱାରା ମାନବଜାତିର ଯେଉଁ କଲ୍ୟାଣ ସାଧିତ ହେବାର ପ୍ରକ୍ରିୟା ଯେତେବେଳେ ସମାପ୍ତ ହୋଇଯିବ, ସେତେବେଳେ ଆଉ ଯୁଦ୍ଧର ଆବଶ୍ୟକତା ରହିବ ନାହିଁ । ଯୁଦ୍ଧର ଉପଯୋଗିତା ଶେଷ ହେବା ପରେ ବି ଯଦି ତାହା ଲାଗିରହେ, ତେବେ ଏହା ହେବ ଏକ ଆଦର୍ଶହୀନ ଧ୍ୱଂସମୂଳକ ନିଷ୍ଠୁର ହିଂସାତ୍ମକ ହତ୍ୟାକାଣ୍ଡ ମାତ୍ର ଏବଂ ମାନବସମାଜର ପ୍ରଗତିଶୀଳ ମନ ଏହିପରି ଯୁଦ୍ଧକୁ ପ୍ରତ୍ୟାଖ୍ୟାନ କରିବ । କିନ୍ତୁ ମାନବଜାତିର ବିବର୍ତ୍ତନ-ଧାରାର ଯଦି ଯଥାର୍ଥ ବିଚାର କରାଯାଏ, ତେବେ ଅତୀତରେ ଯୁଦ୍ଧ ଦ୍ୱାରା ଯେ ମାନବଜାତିର କଲ୍ୟାଣ ସାଧିତ ହୋଇଛି ତାହା ଅସ୍ୱୀକାର କରି ହେବ ନାହିଁ ।

ତେବେ ସେ ଯାହା ହେଉ ଯୁଦ୍ଧର ଭୌତିକ ଦିଗଟି ଜୀବନର ଏକ ସାଧାରଣ ନୀତିର ଏକ ବିଶେଷ ବାହ୍ୟ ଅଭିବ୍ୟକ୍ତି ମାତ୍ର । ମାନବଜାତିକୁ ପୂର୍ଣ୍ଣତାଲାଭ କରିବାକୁ ହେଲେ ଯେଉଁ ସମସ୍ତ ସାଧାରଣ ଗୁଣାବଳୀ ଆବଶ୍ୟକ, କ୍ଷତ୍ରିୟ-ଧର୍ମ ତାହାର ଗୋଟିଏ ବାହ୍ୟ ନିଦର୍ଶନ ମାତ୍ର । ଆମର ସମଗ୍ର ଜୀବନରେ ଉଭୟ ବାହ୍ୟ ଓ ଆଭ୍ୟନ୍ତରୀଣ କ୍ଷେତ୍ରରେ ଯେଉଁ ଦ୍ୱନ୍ଦ୍ୱ ଓ ସଂଘର୍ଷର ଦିଗଟି ଅଛି, ଯୁଦ୍ଧ ତାହାର ବାସ୍ତବ, ବାହ୍ୟିକ ଦୃଷ୍ଟାନ୍ତ ଓ ପ୍ରକାଶ ମାତ୍ର । ଏହି ଜଗତର ଧାରାରେ ଶକ୍ତିସକଳର ମିଳନ, ସଂଘର୍ଷ ଏବଂ ପରସ୍ପର ଧ୍ୱଂସ ଦ୍ୱାରା, ନିରବଚ୍ଛିନ୍ନ ପରିବର୍ତ୍ତନଶୀଳ ମେଣ୍ଟମାଣ୍ଟ ଦ୍ୱାରା ଆଶା ହୁଏ ଯେ ଦିନେ ସକଳ ବିରୋଧର ଅବସାନ ହେବ, ପୂର୍ଣ୍ଣ ସମନ୍ୱୟ ଏବଂ ସାମଞ୍ଜସ୍ୟର ପ୍ରତିଷ୍ଠା ହେବ, କିନ୍ତୁ କେଉଁ ଅଜ୍ଞାତ ସାମଞ୍ଜସ୍ୟର ଉପରେ ଏହି ଏକତ୍ୱ ପ୍ରତିଷ୍ଠିତ ହେବ ଏପର୍ଯ୍ୟନ୍ତ ତାହା ବୁଝି ହେଉ ନାହିଁ । ମନୁଷ୍ୟ ମଧ୍ୟରେ ଯେଉଁ ଯୋଦ୍ଧା ରହିଛି, କ୍ଷତ୍ରିୟହିଁ ତାହାର ଚିହ୍ନ ଓ ମୂର୍ତ୍ତି, ଯେ ଏହି ନୀତିକୁ ଜୀବନରେ ଗ୍ରହଣ କରେ ଏବଂ ଏକ ଯୋଦ୍ଧାରୂପେ ଏହାର ସମ୍ମୁଖୀନ ହୁଏ । ଶରୀର ବା ବାହ୍ୟରୂପକୁ ଧ୍ୱଂସ କରିବା ନିମିତ୍ତ ସେ କୁଣ୍ଠିତ ହୁଏ ନାହିଁ, କିନ୍ତୁ ଏହିସବୁ ଦ୍ୱନ୍ଦ୍ୱର ଭିତର ଦେଇ ଏପରି ଏକ ନ୍ୟାୟ, ସତ୍ୟ ଓ ଧର୍ମ ପ୍ରତିଷ୍ଠିତ ହେବ, ଯାହାକୁ ଅବଲମ୍ବନ କରି ସେହି ଚରମ ସାମଞ୍ଜସ୍ୟ ପ୍ରତିଷ୍ଠିତ ହେବ ଏବଂ ତହିଁରେ ସଂଘର୍ଷ ରହିବ ନାହିଁ । ଗୀତା ବିଶ୍ୱଶକ୍ତିର ଏହି ଦିଗଟିକୁ ଏବଂ ଏହାର ବାହ୍ୟ ନିଦର୍ଶନ ଜାଗତିକ

ଯୁଦ୍ଧକୁ ସ୍ୱୀକାର କରୁଛି ଏବଂ ଏହାର ଶିକ୍ଷା ଜଣେ କର୍ମପ୍ରବଣ, ଉଦ୍ୟମୀ, ଯୋଦ୍ଧା ଓ କ୍ଷତ୍ରିୟ ହସ୍ତରେ ଦାନ କରିଛି । ଶାନ୍ତି ଲାଭ ନିମିତ୍ତ ଅନ୍ତରରେ ଉଚ୍ଚ ଅଭୀପ୍ସା ଏବଂ ବାହାରରେ ଅହିଂସା, ଏହାର ସମ୍ପୂର୍ଣ୍ଣ ବିରୋଧୀ ହେଲା ଯୁଦ୍ଧ । ଯୋଦ୍ଧା ଏବଂ କ୍ଷତ୍ରିୟର ଦ୍ୱନ୍ଦ୍ୱ-କୋଳାହଳମୟ ଜୀବନ ନୀରବ ଆତ୍ମଜୟ ଏବଂ ଶାନ୍ତିପୂର୍ଣ୍ଣ ଆଦର୍ଶ ଜୀବନର ସମ୍ପୂର୍ଣ୍ଣ ବିରୋଧୀ ବୋଲି ମନେ ହୁଏ । ଏହି ବିରୋଧ ମଧ୍ୟରେ କେଉଁଠାରେ ସାମଞ୍ଜସ୍ୟର ସୂତ୍ର ନିହିତ ଅଛି ଗୀତା ତାହାହିଁ ଖୋଜି ବାହାର କରିବାକୁ ଚାହେଁ, ସେହି ସୂତ୍ର ଅବଲମ୍ବନ କରି ସକଳ ଦ୍ୱନ୍ଦ୍ୱ-ବିରୋଧର ଅତୀତ ଶେଷ ସାମଞ୍ଜସ୍ୟ ପ୍ରତିଷ୍ଠିତ ହୋଇପାରିବ ।

ମନୁଷ୍ୟ-ପ୍ରକୃତି ମଧ୍ୟରେ ଯେଉଁ ଗୁଣର ପ୍ରଭାବ ଅଧିକ ସେହି ଗୁଣ ଅନୁଯାୟୀ ସେ ଜୀବନଯୁଦ୍ଧର ସମ୍ମୁଖୀନ ହୁଏ । ସାଂଖ୍ୟ ଦର୍ଶନାନୁସାରେ, ଯାହାକୁ ଗୀତା ମଧ୍ୟ ଗ୍ରହଣ କରିଛି, ପାର୍ଥିବ ପ୍ରକୃତି ପ୍ରଧାନତଃ ତିନୋଟି ଗୁଣ ଦ୍ୱାରା ଗଠିତ । ସେହିପରି ପ୍ରତ୍ୟେକ ମନୁଷ୍ୟର ପ୍ରକୃତି ମଧ୍ୟ ତିନୋଟି ଗୁଣ ଦ୍ୱାରା ଗଠିତ । ସତ୍ତ୍ୱଗୁଣ ହେଲା ସମତା, ଜ୍ଞାନ ଓ ସନ୍ତୋଷ; ରଜୋଗୁଣ ହେଲା ତୃଷ୍ଣା, କର୍ମ ଓ ସଂଘର୍ଷଶୀଳ ସ୍ୱଭାବ; ଅଜ୍ଞାନତା ଓ ଆଳସ୍ୟ ହେଲା ତମୋଗୁଣର ଲକ୍ଷଣ । ଯେଉଁମାନଙ୍କର ପ୍ରକୃତିରେ ତମୋଗୁଣର ପ୍ରାଧାନ୍ୟ ଥାଏ, ସେମାନେ ପାର୍ଥିବ-ପ୍ରକୃତିର ବିଭିନ୍ନ ଶକ୍ତି ଦ୍ୱାରା ଆକ୍ରାନ୍ତ ହେଲେ ସୁଦ୍ଧା ତାହା ବିରୋଧରେ ଯୁଦ୍ଧ କରିପାରନ୍ତି ନାହିଁ, ସହଜରେ ଅଭିଭୂତ, ନିପୀଡ଼ିତ ଓ ଅଧୀନସ୍ଥ ହୋଇପଡ଼ନ୍ତି । ତାମସିକ ବ୍ୟକ୍ତିଗଣ ଅନ୍ୟଗୁଣର ସହାୟତା ଲାଭ କଲେ, କିଛିଦିନ କୌଣସି ପ୍ରକାରେ ବଞ୍ଚି ରହି ସମୟ କଟାନ୍ତି, ଗତାନୁଗତିକ ବିଧିନିଷେଧ ମଧ୍ୟରେ ଆବଦ୍ଧ ରହି ଜୀବନ-ଯୁଦ୍ଧ ମଧ୍ୟରେ ରହିବାକୁ ନିରାପଦ ମନେ କରନ୍ତି । କୌଣସି ଉଚ୍ଚ ଆଦର୍ଶର ଆହ୍ୱାନ ଶୁଣି ଜୀବନ ଯୁଦ୍ଧରେ ଜୟଲାଭ କରିବାର କୌଣସି ପ୍ରୟୋଜନ ବୋଧ କରନ୍ତି ନାହିଁ । ଯାହାଙ୍କ ପ୍ରକୃତିରେ ଥାଏ ରଜୋଗୁଣର ପ୍ରାଧାନ୍ୟ, ସେମାନେ ଉତ୍ସାହର ସହିତ ଜୀବନ ଯୁଦ୍ଧରେ ଡେଇଁ ପଡ଼ନ୍ତି ଏବଂ ଜଗତର ଶକ୍ତିସମୂହର ଦ୍ୱନ୍ଦ୍ୱକୁ ନିଜ ସ୍ୱାର୍ଥରେ ଲଗାଇବାକୁ ଚାହାନ୍ତି ଜୟ କରିବାକୁ, ଭୋଗ କରିବାକୁ ଓ ପ୍ରଭୁତ୍ୱ ହାସଲ କରିବାକୁ । ରାଜସିକ ବ୍ୟକ୍ତିଗଣ ଯଦି କିଛି ପରିମାଣରେ ସତ୍ତ୍ୱଗୁଣର ସାହାଯ୍ୟ ଲାଭ କରନ୍ତି, ତାହାହେଲେ ସେମାନେ ଏହି ଦ୍ୱନ୍ଦ୍ୱ ମଧ୍ୟରେ ଆନ୍ତର ରିପୁଗଣକୁ ଜୟ କରିବାକୁ ଚାହାନ୍ତି, ଶକ୍ତି, ଆନନ୍ଦ ଓ ପ୍ରଭୁତ୍ୱ ଲାଭ କରିବାକୁ ଚାହାନ୍ତି । ଜୀବନ-ଯୁଦ୍ଧକୁ ସେମାନେ ଖୁବ୍ ଭଲ ପାଆନ୍ତି, ଏହା ସେମାନଙ୍କ ପକ୍ଷରେ ଗୋଟିଏ ନିଶାତୁଲ୍ୟ ହୁଏ, କାରଣ ପ୍ରଥମତଃ ଜୀବନ-ଯୁଦ୍ଧରେ ସେମାନେ କର୍ମପ୍ରବଣତାର ଆନନ୍ଦ, ସାମର୍ଥ୍ୟ ବା ବଳର ସନ୍ତୋଷ ଉପଭୋଗ କରିବାକୁ ସୁଯୋଗ ଲାଭ କରନ୍ତି; ଦ୍ୱିତୀୟତଃ ଏହା ଦ୍ୱାରା ସେମାନଙ୍କର ଉନ୍ନତି, ସ୍ୱାଭାବିକ ଆତ୍ମ-ବିକାଶର ସୁବିଧା ହୁଏ । ଯେଉଁମାନଙ୍କ ମଧ୍ୟରେ ସତ୍ତ୍ୱଗୁଣର ପ୍ରଭାବ ଅଧିକ ସେମାନେ ଏହି ଦ୍ୱନ୍ଦ୍ୱ

ମଧ୍ୟରେ ବି ଧର୍ମ, ନୀତି, ସାମଞ୍ଜସ୍ୟ, ଶାନ୍ତି ଓ ସୁଖର ସନ୍ଧାନ କରନ୍ତି । ଯେଉଁମାନେ ଏକେବାରେ ସାତ୍ତ୍ୱିକ ସେମାନେ ମଧ୍ୟ ଏହି ଶାନ୍ତି ଅନ୍ତରରେ ଅନୁସନ୍ଧାନ କରନ୍ତି । ସେମାନେ ଏକ ଆନ୍ତର ଅନାସକ୍ତ ଭାବ ଦ୍ୱାରା ବା ସକ୍ରିୟ ବିଶ୍ୱ-ଶକ୍ତିରାଜିର ଦ୍ୱନ୍ଦ୍ୱଠାରୁ ଦୂରେଇଯାଇ ଏହି ଶାନ୍ତି ନିଜ ନିମିତ୍ତ ଚାହାନ୍ତି ବା ଅନ୍ୟକୁ ପ୍ରଦାନ କରିବାକୁ ଚାହାନ୍ତି । କିନ୍ତୁ ସାତ୍ତ୍ୱିକ ପ୍ରକୃତି ଯଦି କିଛି ପରିମାଣରେ ଏହି ରାଜସିକ ପ୍ରବୃତ୍ତିକୁ ଗ୍ରହଣ କରେ, ତେବେ ସାତ୍ତ୍ୱିକ ପ୍ରକୃତି ତା'ର ଶାନ୍ତି ଓ ସାମଞ୍ଜସ୍ୟ, ରଜୋଗୁଣର ସଂଘର୍ଷ, ଆପାତ ଦ୍ୱନ୍ଦ୍ୱ ଉପରେ ଲଦିଦିଏ ଏବଂ ଯୁଦ୍ଧ, ବିରୋଧ ଓ ଦ୍ୱନ୍ଦ୍ୱକୁ ପରାଜିତ କରି ଜଗତରେ ଶାନ୍ତି, ପ୍ରେମ ଓ ସମତାର ରାଜତ୍ୱ ସ୍ଥାପନ କରିବାକୁ ଚାହେଁ । ଜୀବନ-ସମସ୍ୟାର ସମ୍ମୁଖୀନ ହେବା ନିମିତ୍ତ ମନୁଷ୍ୟର ବିଭିନ୍ନ ମନୋଭାବଗୁଡ଼ିକ କୌଣସି ନା କୌଣସି ଏକ ଗୁଣର ପ୍ରାଧାନ୍ୟ ବା ପରସ୍ପର ମଧ୍ୟରେ ସମତା ଓ ସମନ୍ୱୟରୁ ଉତ୍ପନ୍ନ ହୋଇଥାଏ ।

କିନ୍ତୁ ଜୀବନରେ ଏପରି ଏକ ଅବସ୍ଥା ଆସେ ଯେତେବେଳେ ମନୁଷ୍ୟ ଏହି ସମସ୍ୟାର ସମାଧାନକୁ ଗ୍ରହଣ କରିପାରେ ନାହିଁ, ପ୍ରକୃତିର ତ୍ରୈଗୁଣ୍ୟମୟୀ ସମାଧାନରେ ସନ୍ତୁଷ୍ଟ ହୋଇପାରେ ନାହିଁ – ସେ ଚାହେଁ ତାହାକୁ ଛାଡ଼ି ଅନ୍ୟକିଛି, ଅଥବା ତାହାର ଊର୍ଦ୍ଧ୍ୱରେ ଅନ୍ୟକିଛି ସମାଧାନ । ଏହା ଏହି ଅବସ୍ଥାରୁ ପଳାୟନ ପାଇଁ ଏପରି ଏକ ସ୍ଥାନ ଖୋଜେ ଯାହା ଏହି ତ୍ରିଗୁଣର ବାହାରେ ଅଥବା ଏକ ଶୂନ୍ୟତା, ଯାହାଫଳରେ ସକଳ କର୍ମରୁ କ୍ଷାନ୍ତ ହେବା, ଅଥବା ତାହା ଏପରି କିଛି ମଧ୍ୟକୁ ପଳାୟନ କରେ ଯାହା ତ୍ରିଗୁଣଠାରୁ ମହତ୍ତର ତଥା ସେମାନଙ୍କର ପ୍ରଭୁ, ଯାହାଫଳରେ ଏକ ସଙ୍ଗେ କର୍ମସାମର୍ଥ୍ୟ ଥିବ ଅଥଚ ତ୍ରିଗୁଣର କ୍ରିୟା ଦ୍ୱାରା ଆକ୍ରାନ୍ତ ବା ଅବଦମିତ ହେଉ ନ ଥିବ, ଏହି ଅବସ୍ଥାକୁ ନିର୍ଗୁଣ ବା ତ୍ରିଗୁଣାତୀତ ବୋଲି କୁହାଯାଏ । ଏହି ଅବସ୍ଥାରେ ମନୁଷ୍ୟ ଚାହେଁ ଅଖଣ୍ଡ ଶାନ୍ତି ଏବଂ ପରମ ସଦ୍‌ବସ୍ତୁ, ଅଥବା ଏକ ସମଧିକ ସ୍ଥିରତା ଏବଂ ମହତ୍ତର ସ୍ଥିତି । ପୂର୍ବୋକ୍ତ ମନୋଭାବର ସ୍ୱାଭାବିକ ଗତି ହେଲା ପୃଥିବୀକୁ ବର୍ଜନ କରି ସନ୍ନ୍ୟାସ ଦିଗରେ,– ଅନ୍ୟ ଭାବଟି ହେଲା ନିମ୍ନ ପ୍ରକୃତିର ଦାବି, ତା'ର କ୍ରିୟା-ପ୍ରତିକ୍ରିୟାର ଘୂର୍ଣ୍ଣି ଉପରେ ପ୍ରଭୁତ୍ୱ ସ୍ଥାପନ; ଏହାର ମୂଳନୀତି ହେଲା ସମତା ଲାଭ ଏବଂ ଆସକ୍ତି ଓ କାମନାକୁ ଅନ୍ତରରୁ ପ୍ରତ୍ୟାଖ୍ୟାନ । ଅର୍ଜୁନଙ୍କର ପ୍ରଥମ ମନୋଭାବ ଥିଲା ସନ୍ନ୍ୟାସ; କୁରୁକ୍ଷେତ୍ରର ପ୍ରଳୟଙ୍କରୀ ଯୁଦ୍ଧ ଓ ହତ୍ୟାକାଣ୍ଡ ମଧ୍ୟରେ ତାଙ୍କର ବୀରୋଚିତ କର୍ମର ଭୟାବହ ପରିଣତିରୁ ପଳାୟନ । ଅତୀତ ଜୀବନର ସକଳ କର୍ମ-ପ୍ରବଣ ବିଧାନକୁ ଛାଡ଼ି ନିଷ୍କ୍ରିୟତା, ଜୀବନ-ବର୍ଜନ ଏବଂ ତାହାର ଦାବିର ପ୍ରତ୍ୟାଖ୍ୟାନହିଁ ଏକମାତ୍ର ସମାଧାନ ବୋଲି ସେ ବିଚାରୁଥିଲେ । କିନ୍ତୁ ସଂସାର, ଜୀବନ ଓ କର୍ମର ବାହ୍ୟ ପ୍ରତ୍ୟାଖ୍ୟାନ ନୁହେଁ ବରଂ ଅନ୍ତରରେ ଏକ ଉଚ୍ଚତର ଅବସ୍ଥା ପ୍ରାପ୍ତି ଦ୍ୱାରାହିଁ ସମସ୍ୟାର ସମାଧାନ ହେବ ବୋଲି ଭଗବାନ୍ ଉପଦେଶ ଦେଇଛନ୍ତି ।

ଅର୍ଜୁନ ହେଲେ କ୍ଷତ୍ରିୟ, ରାଜସିକ ମନୁଷ୍ୟ, ତାଙ୍କର ରାଜସିକ କର୍ମକୁ ସେ ସାତ୍ତ୍ୱିକ ଆଦର୍ଶାନୁଯାୟୀ ନିୟନ୍ତ୍ରଣ କରନ୍ତି । ଯୁଦ୍ଧରେ ଆନନ୍ଦ ମିଳେ ଏହି ସତ୍ୟକୁ ପୂର୍ଣ୍ଣଭାବେ ସ୍ୱୀକାର କରି, ସେ ଅସୀମ ଉଲ୍ଲାସ ସହ କରୁକ୍ଷେତ୍ରର ବିରାଟ ଯୁଦ୍ଧରେ ଅଗ୍ରସର ହେଲେ । କିନ୍ତୁ ସେ ଧର୍ମ ଓ ନ୍ୟାୟର ସପକ୍ଷରେ ଯୁଦ୍ଧ କରୁଛନ୍ତି – ଏହି ଗୌରବରେ ତାଙ୍କ ହୃଦୟ ପୂର୍ଣ୍ଣ । ତାଙ୍କର ଦ୍ରୁତଗାମୀ ରଥରେ ସେ ଶଙ୍ଖ ନିନାଦରେ ଶତ୍ରୁଗଣଙ୍କ ହୃଦୟ ବିଦୀର୍ଣ୍ଣ କରି ଅଗ୍ରସର ହେଉଛନ୍ତି । ସେ ଅବଲୋକନ କରୁଛନ୍ତି କେଉଁମାନେ ଦୁର୍ବୁଦ୍ଧି ଦୁର୍ଯ୍ୟୋଧନ ପକ୍ଷ ସମର୍ଥନ କରି ଧର୍ମ, ନ୍ୟାୟ, ସତ୍ୟ ପରିବର୍ତ୍ତେ, ସ୍ୱାର୍ଥପରତା ଓ ଅହଂକାରର ପ୍ରତିଷ୍ଠା କରିବା ନିମିତ୍ତ ଆସିଛନ୍ତି ଓ କେଉଁମାନଙ୍କ ସଙ୍ଗେ ଯୁଦ୍ଧ କରି ପୁନର୍ବାର ତାଙ୍କୁ ଧର୍ମ, ନ୍ୟାୟ ଓ ସତ୍ୟକୁ ପ୍ରତିଷ୍ଠା କରିବାକୁ ହେବ । କିନ୍ତୁ ତାଙ୍କ ଭିତରେ ଯେତେବେଳେ ଏହି ଆତ୍ମ-ବିଶ୍ୱାସ ଚୂର୍ଣ୍ଣ ହୋଇଗଲା, ତାଙ୍କ ସୁ-ଅଭ୍ୟସ୍ତ କ୍ଷତ୍ରିୟଧର୍ମ ତାଙ୍କୁ ମହାପାପ ମଧ୍ୟରେ ଟାଣି ଆଣୁଛି ବୋଲି ଯେତେବେଳେ ତାଙ୍କର ଧାରଣା ହେଲା, ସେତେବେଳେ ତମୋଗୁଣର ଉଦ୍‌ଗୀରଣ ଫଳରେ ତାଙ୍କପରି ରାଜସିକ ମନୁଷ୍ୟ ଢାଙ୍କି ହୋଇପଡ଼ିଲା – ବିସ୍ମୟ, ଶୋକ, ଭୟ, ଅବସାଦ ଓ ମୋହରେ ସେ ଅଭିଭୂତ ହୋଇ ପଡ଼ିଲେ, ତାଙ୍କର ବୁଦ୍ଧି ବିଭ୍ରମ ହେଲା, ସେ ଅଜ୍ଞାନ ଓ ଅପ୍ରବୃତ୍ତିର ବଶୀଭୂତ ହେଲେ । ପରିଣାମରେ ସେ ସନ୍ନ୍ୟାସ ଆଡ଼କୁ ଢଳିଛନ୍ତି । ଏହି କ୍ଷତ୍ରିୟ ଧର୍ମ ଅପେକ୍ଷା ଭିକ୍ଷା କରି ଜୀବିକା ନିର୍ବାହ କରିବା ବରଂ ଶ୍ରେୟସ୍କର । ଏହି ଯୁଦ୍ଧ ଏବଂ ଘୋର କର୍ମ, ଯାହାର ଚରମ ପରିଣତି ଏକ ଅନ୍ଧ ହତ୍ୟାକାଣ୍ଡ, ଏହି ପ୍ରଭୁତ୍ୱ, ମହିମା, ଏବଂ ସାମର୍ଥ୍ୟର ନୀତିରକ୍ଷା ଯାହାର ଅର୍ଥ ରକ୍ତପାତ ଓ ଧ୍ୱଂସ, ଏହି ରୁଧିରାକ୍ତ ଭୋଗଦୃପ୍ତ ବିଜୟ, ଏହି ନୀତି ଓ ନିୟମର ପ୍ରତିଷ୍ଠା ଏପରି ଏକ ଉପାୟରେ ଯାହା ସକଳ ସଦ୍‌ବୃତ୍ତିର ମୂଳରେ କୁଠାରାଘାତ କରେ, ଏବଂ ଏହି ଯୁଦ୍ଧ ଦ୍ୱାରା ଏକ ସାମାଜିକ ବିଧାନର ପ୍ରତିଷ୍ଠା ଯାହାର ଅର୍ଥ ସକଳ ସାମାଜିକ ମୂଳତତ୍ତ୍ୱର ଧ୍ୱଂସ ସାଧନ ଏହିସବୁ ଅପେକ୍ଷା ସନ୍ନ୍ୟାସୀ ତୁଲ୍ୟ ଭିକ୍ଷାକରି ଜୀବନଯାପନ କରିବା ବରଂ ଶ୍ରେୟସ୍କର ।

ସନ୍ନ୍ୟାସ ହେଲା ଜୀବନ, କର୍ମ ଓ ପ୍ରକୃତିର ତ୍ରିଗୁଣର ବର୍ଜନ, କିନ୍ତୁ ଏହି ସନ୍ନ୍ୟାସ ଅବସ୍ଥାରେ ପହଞ୍ଚିବାକୁ ହେଲେ ପ୍ରକୃତିର କୌଣସି ଗୋଟିଏ ଗୁଣ ମଧ୍ୟ ଦେଇ ଯିବାକୁ ହୁଏ । ତାମସିକତା ଯୋଗୁଁ ମନୁଷ୍ୟ ସନ୍ନ୍ୟାସ ଗ୍ରହଣ କରିପାରେ, ସଂସାର ପ୍ରତି ତା'ର ଘୃଣା ଓ ବିତୃଷ୍ଣା ଆସିପାରେ, ଅକ୍ଷମତା ଓ ଭୟରେ ଅଭିଭୂତ ହୋଇ ସଂସାରରୁ ପଳାୟନକରିବାକୁ ଇଚ୍ଛା ହୋଇପାରେ । ଅଥବା ରଜୋଗୁଣ, ତମୋଗୁଣ ଆଡ଼କୁ ଯାଇପାରେ, ସେତେବେଳେ ମନୁଷ୍ୟ ସଂସାରର ଶୋକ, ଦୁଃଖ, ନିରାଶାର ଦ୍ୱନ୍ଦ୍ୱରେ ପଡ଼ି ପରିଶ୍ରାନ୍ତ ହୋଇ କର୍ମ-କୋଳାହଳ ମଧ୍ୟରେ ଜୀବନ-ଯନ୍ତ୍ରଣା ଭୋଗ କରିବାକୁ ଚାହେଁ ନାହିଁ, ସତ୍ତ୍ୱମୁଖୀ ରଜୋଗୁଣ ବଶରେ ମନୁଷ୍ୟ ସନ୍ନ୍ୟାସ ଗ୍ରହଣ କରିପାରେ – ସଂସାରରୁ

ଯାହା ପାଇଥାଆନ୍ତା, ତାହାଠାରୁ କିଛି ଉଚ୍ଚତର ପାଇବାକୁ ଇଚ୍ଛା କରେ । ଆଉ ମଧ୍ୟ ସତ୍ତ୍ୱଗୁଣ ବଶରେ ମନୁଷ୍ୟ-ବୁଦ୍ଧିହିଁ ସଂସାରର ଅସତ୍ୟତା ଉପଲବ୍ଧି କରି ସନ୍ନ୍ୟାସ ଦିଗରେ ଆକୃଷ୍ଟ ହୋଇପାରେ – ଅଥବା କାଳାତୀତ, ଅନନ୍ତ, ନୀରବ, ନାମରୂପହୀନ ଶାନ୍ତିର ଅନୁଭୂତି ଲାଭ କରି ମନୁଷ୍ୟ ସଂସାର ବର୍ଜନ କରିବାକୁ ଇଚ୍ଛା କରିପାରେ । ଅର୍ଜୁନଙ୍କର ସଂସାର ପ୍ରତି ଯେଉଁ ବୈରାଗ୍ୟ ଜନ୍ମିଥିଲା ତାହା ଥିଲା ସତ୍ତ୍ୱରାଜସିକ ମନୁଷ୍ୟର ତାମସିକ ବୈରାଗ୍ୟ । ଭଗବାନ୍ ଗୁରୁରୂପେ ଅର୍ଜୁନଙ୍କୁ ଏହି ଅନ୍ଧକାର ପଥ ଦେଇ ସନ୍ନ୍ୟାସ ଜୀବନର ଶାନ୍ତି ଓ ପବିତ୍ରତା ଆଡ଼କୁ ନେଇଯାଇ ପାରିଥାଆନ୍ତେ, ଅଥବା ତତ୍‌କ୍ଷଣାତ୍, ଅର୍ଜୁନଙ୍କର ତାମସିକ ବୈରାଗ୍ୟକୁ ପବିତ୍ର କରି ସାତ୍ତ୍ୱିକ ସନ୍ନ୍ୟାସର ଅସାଧାରଣ ଉଚ୍ଚ ଅବସ୍ଥାକୁ ନେଇଯାଇ ପାରିଥାଆନ୍ତେ । କିନ୍ତୁ ଭଗବାନ୍ ଶ୍ରୀକୃଷ୍ଣ ଏହି ଦୁଇଟି ମାର୍ଗ ମଧ୍ୟରୁ କୌଣସିଟିକୁ ଗ୍ରହଣ କଲେ ନାହିଁ । ତାମସିକ ବୈରାଗ୍ୟ ଓ ସନ୍ନ୍ୟାସ ପ୍ରତି ଝୁଙ୍କିବାକୁ ସେ ନିନ୍ଦା କଲେ ଏବଂ ଅର୍ଜୁନଙ୍କୁ କର୍ମ କରିବାକୁ ଏପରି କି ସେହି ଭୀଷଣ, ନୃଶଂସ ଯୁଦ୍ଧ କରିବାକୁ ଉପଦେଶ ଦେଲେ । ସେ ତାଙ୍କର ଶିଷ୍ୟଙ୍କୁ ଆଉ ଏକ ପ୍ରକାର ସନ୍ନ୍ୟାସ, ଆଭ୍ୟନ୍ତରୀଣ ତ୍ୟାଗର ପଥ ଦେଖାଇଦେଲେ । ଅର୍ଜୁନଙ୍କ ସମସ୍ୟାର ଏହାହିଁ ଯଥାର୍ଥ ସମାଧାନ । ଏହିପରି ଭାବରେ ବିଶ୍ୱଶକ୍ତି ଉପରେ ଅନ୍ତରାତ୍ମା ପ୍ରାଧାନ୍ୟ ଲାଭ କରିବ ଅଥଚ ସଂସାରରେ ଶାନ୍ତ ଓ ସ୍ୱନିୟନ୍ତ୍ରିତ କର୍ମ ମଧ୍ୟ କରିପାରିବ । ବାହ୍ୟ ସନ୍ନ୍ୟାସ ନୁହେଁ, ଆଭ୍ୟନ୍ତରୀଣ ତ୍ୟାଗ, କାମନା, ବାସନା ଓ ଆସକ୍ତିର ତ୍ୟାଗହିଁ ଗୀତାର ଶିକ୍ଷା ।

# ୬

# ଆର୍ଯ୍ୟ କ୍ଷତ୍ରିୟ ଧର୍ମ

ବିଷାଦ, ଦୁଃଖ ଓ ଆତ୍ମ-ଜିଜ୍ଞାସାରେ ରତ ଅର୍ଜୁନ, ଶୋକ, ଦୁଃଖ ଓ ସନ୍ଦେହରେ ଅଭିଭୂତ ହୋଇ ଯେତେବେଳେ ସଂସାରକୁ ଅସାର ବୋଧ କଲେ, ଏବଂ ହତ୍ୟାକାଣ୍ଡରୁ ନିବୃତ୍ତ ହେବାକୁ ଇଚ୍ଛା କଲେ, ପାପକର୍ମର ପରିଣାମ ପାପ ବୋଲି କହିବାକୁ ଲାଗିଲେ, ସେତେବେଳେ ତାହାର ଉତ୍ତର ରୂପେ ଭଗବାନ୍ ତାଙ୍କୁ ତୀବ୍ରଭାବେ ଭର୍ତ୍ସନା କରିବାକୁ ଲାଗିଲେ । ଭଗବାନ୍ ଉତ୍ତର ଦେଲେ ଯେ ଅର୍ଜୁନର ଏହି ଭାବ, ବୁଦ୍ଧି ଗୋଳମାଳ ଏବଂ ଭ୍ରମରୁ ଜାତ – ଏହା ହୃଦୟ ଦୌର୍ବଲ୍ୟ ଏବଂ କ୍ଲୈବ୍ୟ – କ୍ଷତ୍ରିୟୋଚିତ ଏବଂ ବୀରୋଚିତ ଧର୍ମର ଅଧଃପତନ । ପୃଥାପୁତ୍ରଙ୍କୁ ଏହା ଶୋଭା ପାଏ ନାହିଁ ଅଥବା ଧର୍ମ ଓ ପୁଣ୍ୟ କାର୍ଯ୍ୟର ଜଣେ ପ୍ରଧାନ ସମର୍ଥକ ଓ ନେତା ଏହିପ୍ରକାର ଏକ ସଙ୍କଟ ସମୟରେ ତାହାକୁ ଏହିପରି ପରିତ୍ୟାଗ କରିବା, ଅଥବା ହୃଦୟ ଓ ଇନ୍ଦ୍ରିୟର ଏହିପରି ଆଶ୍ଚର୍ଯ୍ୟଜନକ ଦୁର୍ବଳତା ପ୍ରକାଶ ପାଇବା, ଅଥବା ବୁଦ୍ଧିଭ୍ରଂଶ ହେତୁ ଭଗବତ୍ ନିର୍ଦ୍ଦିଷ୍ଟ କର୍ମ ବର୍ଜନ କରିବା, ବା ଦିବ୍ୟ ଅସ୍ତ୍ର ଗାଣ୍ଡୀବ ପରିତ୍ୟାଗ କରିବା ମଧ୍ୟ ଉଚିତ ନୁହେଁ – ଏ ଭାବ ସ୍ୱର୍ଗର ନୁହେଁ, ଏପଥ ଦ୍ୱାରା ମଧ୍ୟ ସ୍ୱର୍ଗ ପ୍ରାପ୍ତି ହେବ ନାହିଁ । ଇହଜଗତରେ ମହତ୍ କର୍ମ ଓ ବୀରତ୍ୱ ଦ୍ୱାରା ଯେଉଁ କୀର୍ତ୍ତି ଅର୍ଜନ କରାଯାଏ, ଏହିପରି ମନୋଭାବ ଦ୍ୱାରା ତାହା ସମ୍ପୂର୍ଣ୍ଣ ବିନଷ୍ଟ ହୁଏ । ଅର୍ଜୁନ ଏହି କ୍ଷୁଦ୍ର ହୃଦୟ ଦୌର୍ବଲ୍ୟ, କାର୍ପଣ୍ୟ ପରିତ୍ୟାଗ କରନ୍ତୁ, ଜାଗ୍ରତ୍ ହୋଇ ଶତ୍ରୁଗଣଙ୍କର ବିନାଶ ସାଧନ କରନ୍ତୁ ।

କିନ୍ତୁ ଏହା କ'ଣ ଜଣେ ଧର୍ମୋପଦେଷ୍ଟା ଦିବ୍ୟ-ଗୁରୁଙ୍କର ଯଥାର୍ଥ ଉତ୍ତର ହେଲା ? ଜଣେ କ୍ଷତ୍ରିୟବୀର ଆଉ ଜଣେ କ୍ଷତ୍ରିୟବୀରଙ୍କୁ ଏହିପରି ଉତ୍ତର ଦେଇପାରେ, କିନ୍ତୁ ଧର୍ମଗୁରୁଙ୍କଠାରୁ ଆମେମାନେ କ'ଣ ସାଧାରଣତଃ ଚାହୁଁ ନାହିଁ ଯେ ସେ କୋମଳତା, ସାଧୁତା ଓ ଆତ୍ମତ୍ୟାଗର ଉପଦେଶ ଦେବେ ? ସଂସାରର ଆଦର୍ଶ ସାଂସାରିକ ଜୀବନ-ଧାରାକୁ ବର୍ଜନ କରିବାକୁ ଉପଦେଶ ଦେବେ ? ଗୀତା ମୁକ୍ତ କଣ୍ଠରେ ଘୋଷଣା କରୁଛି ଯେ ଅର୍ଜୁନ ବୀରର ଅନୁଚିତ କ୍ଳୀବତ୍ୱ ମଧ୍ୟରେ ବୁଡି ଯାଇଛନ୍ତି, ତାଙ୍କର ଚକ୍ଷୁ ଅଶ୍ରୁପୂର୍ଣ୍ଣ, ଏବଂ ସେ ବିଷାଦଗ୍ରସ୍ତ କାରଣ ସେ "କୃପୟାବିଷ୍ଟ" । ତେବେ ଏହା କ'ଣ ଦେବୋଚିତ ଦୁର୍ବଳତା ନୁହେଁ ? କୃପା କ'ଣ ଏକ ଦେବୋଚିତ ଭାବ ନୁହେଁ ଯେ ଏହାକୁ ଏପରି ତିରସ୍କାର କରି ନିରୁତ୍ସାହିତ କରିବାକୁ ହେବ ? ଅଥବା ଆମେମାନେ କେବଳ କ'ଣ

ଜର୍ମାନ ଦାର୍ଶନିକ ନିତ୍‌ଶେଙ୍କ ତୁଲ୍ୟ ବୀରତ୍ୱ ଅଥବା ଯୁଦ୍ଧନୀତିର ପ୍ରଚାର କରୁଛୁ ଅଥବା ହିବ୍ରୁ ଏବଂ ନିଉଟନ୍‌ମାନେ ଦୟାମାୟାକୁ ଯେପରି ବୀର ହୃଦୟର ଦୁର୍ବଳତା ବୋଲି କହିଥିଲେ, ତାହା ଭାବୁଛୁ, ଅଥବା ନରୱେର ସେହି ବୀର ଯେ ଈଶ୍ୱରଙ୍କୁ ଧନ୍ୟବାଦ ଦେଇଥିଲେ ଯେ ଭଗବାନ୍ ତାଙ୍କୁ ଏକ କଠୋର ହୃଦୟ ପ୍ରଦାନ କରିଛନ୍ତି, ତାଙ୍କ ପରି ବ୍ୟବହାର କରୁଛୁ । କିନ୍ତୁ ଗୀତାର ବାଣୀ ଭାରତୀୟ ପରମ୍ପରା ମଧ୍ୟରୁ ଉତ୍ପନ୍ନ, ଏବଂ କରୁଣା ଭାରତୀୟ ଚିତ୍ତରେ ସର୍ବଦାହିଁ ଦେବୋଚିତ ପ୍ରକୃତିର ଏକ ମହାନ୍ ବିଭାବ ରୂପେ ସ୍ୱୀକୃତ ହୋଇଛି । ପରବର୍ତ୍ତୀ ଅଧ୍ୟାୟରେ ସ୍ୱୟଂ ଭଗବାନ୍ ମାନବ ମଧ୍ୟରେ ଦୈବୀ ପ୍ରକୃତିର ସମ୍ପଦକୁ ବର୍ଣ୍ଣନା କରି ପ୍ରାଣୀମାନଙ୍କ ପ୍ରତି ଦୟା, କୋମଳତା, ଅକ୍ରୋଧ ଓ ଅହିଂସାଦି ଗୁଣକୁ ଅଭୟ, ବୀର୍ଯ୍ୟ ଓ ତେଜ ପ୍ରଭୃତି ଗୁଣ ସହ ସମାନଭାବେ ଆବଶ୍ୟକ ବୋଲି କହିଛନ୍ତି । କ୍ରୂରତା ଏବଂ କଠୋରତା ଏବଂ ଭୟାନକତା ଏବଂ ଶତ୍ରୁମାନଙ୍କୁ ବଧ କରିବାରେ ହର୍ଷ, ଧନସଞ୍ଚୟ ଓ ଅନ୍ୟାୟୋଚିତ ଭୋଗ ଆସୁରିକ ଗୁଣ,– ଏସବୁର ଉତ୍ପତ୍ତି ପ୍ରଚଣ୍ଡ ଆସୁରିକ ପ୍ରକୃତି ମଧ୍ୟରୁ – ଯେଉଁମାନେ ମନୁଷ୍ୟ ଭିତରେ ଏବଂ ପୃଥିବୀରେ ଭଗବାନଙ୍କ ସତ୍ତାକୁ ଅସ୍ୱୀକାର କରନ୍ତି ଏବଂ କାମନାକୁହିଁ ନିଜର ଏକମାତ୍ର ଆରାଧ୍ୟ ଦେବତା ବୋଲି ପୂଜା କରନ୍ତି । ସୁତରାଂ ଏହିସବୁକୁ କୌଣସି ଦୃଷ୍ଟିକୋଣରୁ ବି ଅର୍ଜୁନଙ୍କ ଦୁର୍ବଳତା ବୋଲି ମଧ୍ୟ ଭର୍ତ୍ସନା କରାଯାଇ ପାରିବ ନାହିଁ ।

ଏହି ବିଷାଦ, ଏହି କଳଙ୍କ ଏବଂ ଆତ୍ମାର ଅନ୍ଧକାର ଏହି ସଙ୍କଟ ଓ ବିପଦକାଳରେ କେଉଁଠାରୁ ଆସିଲା ? ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ପ୍ରଶ୍ନକଲେ । ପ୍ରଶ୍ନର ଯଥାର୍ଥ ଇଙ୍ଗିତ ଅର୍ଜୁନଙ୍କର ନିଜ ବୀର-ସ୍ୱଭାବରୁ ସ୍ଖଳନ । ଏକ ଦିବ୍ୟ କରୁଣା ଅଛି ଯାହା ଆମମାନଙ୍କ ଉପରେ ଊର୍ଦ୍ଧ୍ୱରୁ ଅବତରଣ କରେ ଏବଂ ଯେଉଁ ମନୁଷ୍ୟର ପ୍ରକୃତି ମଧ୍ୟରେ ଏହି କୃପା ନାହିଁ, ଯାହାର ଚରିତ୍ର ଏହି ଦୟାର ଛାଞ୍ଚରେ ଢଳାଇ ହୋଇ ନାହିଁ, ସେ ଯଦି ନିଜକୁ ନିଜେ ଶ୍ରେଷ୍ଠ ମନୁଷ୍ୟ ବା ସିଦ୍ଧ ପୁରୁଷ ବା ଅତିମାନବ ବୋଲି ମନେ କରେ, ତେବେ ତାହା ମୂର୍ଖତା ବା ଧୃଷ୍ଟତା ମାତ୍ର, କାରଣ ସେହି କେବଳ ଅତିମାନବ ଯେ ମାନବଜାତି ମଧ୍ୟରେ, ଭଗବାନଙ୍କ ଉଚ୍ଚତମ ପ୍ରକୃତିକୁ ବ୍ୟକ୍ତକରେ । ଏହି କରୁଣା ଯୁଦ୍ଧ ଓ ସଂଘର୍ଷ, ମନୁଷ୍ୟର ସାମର୍ଥ୍ୟ ଓ ଦୁର୍ବଳତା, ପାପ ଓ ପୁଣ୍ୟ, ସୁଖ ଓ ଦୁଃଖ, ଜ୍ଞାନ ଓ ଅଜ୍ଞାନ, ତାହାର ବୁଦ୍ଧିମତ୍ତା ଓ ମୂର୍ଖତା, ତାହାର ଅଭୀପ୍ସା ଏବଂ ବିଫଳତା – ଏହି ସକଳ ଦ୍ୱନ୍ଦ୍ୱକୁ ପ୍ରେମ, ଜ୍ଞାନ ଓ ଧୀର ସାମର୍ଥ୍ୟ-ଦୃଷ୍ଟିରେ ଦେଖେ ଏବଂ ଏହିସବୁ ପ୍ରତ୍ୟେକ ମଧ୍ୟରେ ପ୍ରବେଶ କରି ତାହାକୁ ସହାୟତା କରେ ଏବଂ ତାହାର କ୍ଲେଶ ଦୂର କରେ । ସାଧୁପୁରୁଷ ଏବଂ ପରୋପକାରୀଙ୍କ ଅନ୍ତରରେ ପ୍ରବେଶ କରି ଏହା ପ୍ରେମର ପ୍ରାଚୁର୍ଯ୍ୟ ଏବଂ ଦାକ୍ଷିଣ୍ୟରୂପେ ମୂର୍ତ୍ତ ହୁଏ, ମନୀଷୀ ଏବଂ ବୀରଙ୍କ ମଧ୍ୟରେ ଏହା ସହାୟତାକାରୀ ଜ୍ଞାନ ଏବଂ ବିଶାଳ ସାମର୍ଥ୍ୟ ଓ ଶକ୍ତିରୂପ

ଧାରଣ କରେ । ଦିବ୍ୟ ଯୋଦ୍ଧା ମଧ୍ୟରେ ଏହି କରୁଣାହିଁ ତାହାର ଶୌର୍ଯ୍ୟର ପ୍ରାଣ ଅଟେ, ଯାହା ପ୍ରାଣଶୂନ୍ୟ ବ୍ୟକ୍ତିକୁ ଆଘାତ କରେ ନାହିଁ, ବରଂ ଦୁର୍ବଳ, ଦଳିତ, ପତିତ ଏବଂ ଆହତକୁ ସହାୟତା କରେ ଏବଂ ରକ୍ଷାକରେ । ଏବଂ ଏହା ମଧ୍ୟ ସେହି ଦିବ୍ୟକରୁଣା, ଯାହା ବଳଶାଳୀ, ଧୃଷ୍ଟ ଅତ୍ୟାଚାରୀକୁ ବଧ କରେ, ଘୃଣା ଓ କ୍ରୋଧପରବଶ ହୋଇ ନୁହେଁ କାରଣ କ୍ରୋଧ ବା ଘୃଣା ଉଚ୍ଚତମା ଦୈବୀଗୁଣ ନୁହେଁ, ଯେପରି ପାପୀମାନଙ୍କ ବିରୋଧରେ ଭଗବାନଙ୍କ କ୍ରୋଧ, ଦୁଷ୍ଟମାନଙ୍କ ପ୍ରତି ଭଗବାନଙ୍କ ଘୃଣା ପ୍ରଭୃତି କାହାଣୀ ଅର୍ଦ୍ଧ-ଆଲୋକିତ ସମ୍ପ୍ରଦାୟର ମିଥ୍ୟା କାହାଣୀ, ସେହିପରି ନରକରେ ଚିରନ୍ତନ ପତନ ଏବଂ ଯନ୍ତ୍ରଣା-ଭୋଗ ପ୍ରଭୃତି ମିଥ୍ୟା କାହାଣୀ ସେହିମାନେହିଁ ଆବିଷ୍କାର କରିଥିଲେ । କାରଣ ପ୍ରାଚୀନ ଆଧ୍ୟାତ୍ମିକ ପରମ୍ପରା ସ୍ପଷ୍ଟରୂପେ ଦେଖାଇ ଦେଇଛି ଯେ ବଳଶାଳୀ ମଦମତ୍ତ ଦୈତ୍ୟକୁ ତା'ର ପାପ ଯୋଗୁଁ ହତ୍ୟା କରିବାରେ ଦିବ୍ୟ କରୁଣାର ଯେତିକି ଅନୁକମ୍ପା ଓ ପ୍ରେମ ନିହିତ ସେହି ଦୈତ୍ୟର ଅତ୍ୟାଚାର ଓ ଅନ୍ୟାୟରୁ ଦୁଃଖୀ ଓ ପୀଡ଼ିତଙ୍କୁ ରକ୍ଷା କରିବାରେ ମଧ୍ୟ ସେତିକି ଅନୁକମ୍ପା ଓ ପ୍ରେମ ବିଦ୍ୟମାନ ।

କିନ୍ତୁ ଏହା ସେହି ଦିବ୍ୟ କରୁଣା ନୁହେଁ ଯାହା ଅର୍ଜୁନଙ୍କୁ ନିଜର କର୍ମ ଓ ଜୀବନର ଲକ୍ଷ୍ୟ ପ୍ରତ୍ୟାଖ୍ୟାନ କରିବା ନିମିତ୍ତ ପ୍ରେରଣା ଦେଉଛି । ଏହା କରୁଣା ନୁହେଁ ବରଂ ଆତ୍ମ-ଗ୍ଳାନି-ପୂର୍ଣ୍ଣ ଦୁର୍ବଳତା, ନପୁଂସକତା ତାଙ୍କର ଉପସ୍ଥିତ କର୍ମର ମାନସିକ ଯନ୍ତ୍ରଣାରୁ ପଳାୟନ । ସେ କହୁଛନ୍ତି, ''ମୋ ଇନ୍ଦ୍ରିୟକୁ ଯେଉଁ ଶୋକ ଶୁଖାଇ ଦେଉଛି, ତାକୁ ଦୂର କରିବି କିପରି, ଏହା ମୁଁ ବୁଝିପାରୁ ନାହିଁ ।'' ଏହି ଆତ୍ମ-ଦୟା ଅତି ତୁଚ୍ଛ ଏବଂ ଅନାର୍ଯ୍ୟୋଚିତ କର୍ମ । ଅନ୍ୟମାନଙ୍କ ପ୍ରତି ଏହି ପ୍ରକାର କୃପା ଗୋଟାଏ ପ୍ରକାର ଆତ୍ମ-ତୁଷ୍ଟି, ଏହା ସ୍ନାୟବିକ ଦୁର୍ବଳତା-ଜନିତ ଭୟଯୋଗୁଁ ହତ୍ୟାକାଣ୍ଡରୁ ପଛଘୁଞ୍ଚା, ଧାର୍ତ୍ତରାଷ୍ଟ୍ରଗଣଙ୍କୁ ସଂହାର କାର୍ଯ୍ୟରୁ ଚିତ୍ତବୃତ୍ତିର ଅହମାତ୍ମକ ଓ ଭୋଗଜନିତ ସଙ୍କୋଚ, କାରଣ ସେମାନେ ନିଜର ଆତ୍ମୀୟ ସ୍ୱଜନ; ଏବଂ ସେମାନଙ୍କ ବ୍ୟତୀତ ଜୀବନ ଶୂନ୍ୟ ହୋଇଯିବ । ଏହି ପ୍ରକାର ଆତ୍ମ-ଦୟା ଇନ୍ଦ୍ରିୟ ଓ ମନର ଗୋଟାଏ ପ୍ରକାର ଦୁର୍ବଳତା । ଏହି ପ୍ରକାର ଦୁର୍ବଳତା ନିମ୍ନସ୍ତରର, ଅନୁନ୍ନତ ମନୁଷ୍ୟ ପକ୍ଷେ ଉପକାରୀ ହୋଇପାରେ କାରଣ ଏହା ନ ହେଲେ, ସେମାନେ ଅଧିକ କଠୋର ଏବଂ କ୍ରୂର ହୋଇଉଠିବେ, ଏହାଙ୍କ ପ୍ରକୃତିର କ୍ରୂରତା ଏହି ପ୍ରକାର କୋମଳ ସଂବେଦନମୂଳକ ଅହଂଭାଗ ଦ୍ୱାରା ଦୂର କରାଯାଇପାରେ, ଏହାଙ୍କ ପ୍ରକୃତିର ରାଜସିକ ପ୍ରାଦୁର୍ଭାବ ଏବଂ ବଳକୁ ଶାନ୍ତ କରିବା ନିମିତ୍ତ ଆଳସ୍ୟମୟ ତମୋଗୁଣକୁ ଆବାହନ କରାଯାଇପାରେ । କିନ୍ତୁ ଏହି ମାର୍ଗ ସେହି ଉନ୍ନତ ଆର୍ଯ୍ୟ ପୁରୁଷଙ୍କ ନିମିତ୍ତ ନୁହେଁ; ଯେ ଦୁର୍ବଳତା ଦ୍ୱାରା ଅଗ୍ରଗତି କରନ୍ତି ନାହିଁ ବରଂ ଅଧିକରୁ ଅଧିକ ବଳବାନ୍ ହୋଇ ଊର୍ଦ୍ଧ୍ୱସ୍ତରକୁ ଉଠନ୍ତି । ପ୍ରସ୍ତୁତି-ପଥରେ ଅର୍ଜୁନ ହେଲେ ଦେବ-ମାନବ, ନରଶ୍ରେଷ୍ଠ ଏବଂ ଏଥିନିମିତ୍ତ

ସେ ଦେବଗଣଙ୍କ ଦ୍ୱାରା ନିର୍ବାଚିତ ହୋଇଛନ୍ତି, ତାଙ୍କୁ ଏକ ଦିବ୍ୟକର୍ମ ଅର୍ପଣ କରାଯାଇଛି, ତାଙ୍କ ସମୀପରେ ଅର୍ଥାତ୍ ତାଙ୍କ ରଥରେ ସ୍ୱୟଂ ଭଗବାନ୍ ବିଦ୍ୟମାନ; ତାଙ୍କ ହସ୍ତରେ ଦିବ୍ୟ ଗାଣ୍ଡୀବ ଧନୁ ରହିଛି, ତାଙ୍କ ସମ୍ମୁଖରେ ଅଧର୍ମର ପୋଷଣକାରୀ ଏବଂ ସଂସାରରେ ଭଗବାନଙ୍କ ନେତୃତ୍ୱର ବିରୋଧୀଗଣ ଉପସ୍ଥିତ । ତାଙ୍କର ଏ ଅଧିକାର ନାହିଁ ଯେ ତାଙ୍କ ନିଜ ଆବେଗ ଓ ପ୍ରବେଗ ଦ୍ୱାରା ନିଜେ କ'ଣ କରିବେ ଏବଂ ନ କରିବେ, ତାହା ସ୍ଥିର କରିବେ ଅଥବା ନିଜର ଅହଂପୂର୍ଣ୍ଣ ହୃଦୟ ଓ ବିଚାର ଦ୍ୱାରା ଏକ ଆବଶ୍ୟକ ଧ୍ୱଂସଲୀଳାରୁ ପଛଘୁଞ୍ଚା ଦେଇପାରିବେ ଅଥବା ନିର୍ଦ୍ଧାରିତ କର୍ମରୁ ବିଚ୍ୟୁତ ହେବେ, କାରଣ ଏହା ଦ୍ୱାରା ତାଙ୍କ ଜୀବନ ଦୁଃଖ ଓ ଶୂନ୍ୟତାରେ ଭରିଯିବ ଅଥବା ତାଙ୍କ ପାଖରେ ଏହାର ପାର୍ଥିବ ମୂଲ୍ୟ କିଛି ନାହିଁ, ଯେହେତୁ ଏହି ଯୁଦ୍ଧରେ ହଜାର ହଜାର ପ୍ରାଣୀଙ୍କର ବିୟୋଗ ଓ ବିନାଶ ଘଟିବ । ଏହା ତାଙ୍କର ଉଚ୍ଚତର ପ୍ରକୃତିର ଦୁର୍ବଳତା ଯୋଗୁଁ ଅଧଃପତନ । ତାଙ୍କର ଅଧିକାର ହେଲା ତାଙ୍କ 'କର୍ତ୍ତବ୍ୟ କର୍ମ' କ'ଣ ବୁଝିବା ଏବଂ ତାହାକୁ ସାଧନ କରିବା, ତାଙ୍କର ଉଚିତ ହେଲା ଯାହା ତାହାଙ୍କ କ୍ଷାତ୍ର ସ୍ୱଭାବ ମଧ୍ୟରେ ପ୍ରଦତ୍ତ ହୋଇଛି, ସେହି ଦିବ୍ୟ ଆଦେଶ ପ୍ରତି କର୍ଣ୍ଣପାତ କରିବା, ପୃଥିବୀ ଏବଂ ମାନବଜାତିର ଭାଗ୍ୟ ବିଷୟରେ ସହୃଦୟ ବିଚାର କରିବା, କାରଣ ସେହିହିଁ ହେଲେ ଭଗବତ୍ ପ୍ରେରିତ ଦେବମାନବ ଯେ ପୃଥିବୀର ଅଗ୍ରଗତିରେ ସହାୟକ ହେବେ ଏବଂ ତା'ର ପଥରୋଧକ ଅନ୍ଧକାରର ସୈନ୍ୟଗଣଙ୍କୁ ନିପାତ କରିବେ ।

ଅର୍ଜୁନ ଶ୍ରୀକୃଷ୍ଣଙ୍କୁ ଉତ୍ତର ଦେଲାବେଳେ ଏହି ଭର୍ତ୍ସନାକୁ ସ୍ୱୀକାର କଲେ, କିନ୍ତୁ ତାଙ୍କ ଆଦେଶ ବିରୋଧରେ ଗଲେ ଏବଂ ତାହା ପାଳନ କରିବାକୁ ଅସ୍ୱୀକାର କଲେ । ସେ ତାଙ୍କର ଦୁର୍ବଳତା ବୁଝିପାରିଛନ୍ତି ତଥାପି ତାହାର ବଶ୍ୟତା ସ୍ୱୀକାର କରୁଛନ୍ତି । ଏହା ତାଙ୍କର ହୃଦୟ-ଦୌର୍ବଲ୍ୟ, ସେଥିରେ ସେ ବୁଡି ଯାଇଛନ୍ତି, ଏହାହିଁ ତାଙ୍କର ବୀରୋଚିତ ସ୍ୱଭାବକୁ ପରାଭୂତ କରିଛି । ତାଙ୍କର ସମଗ୍ର ଚେତନା ଧର୍ମ-ସଂମୂଢ଼ ହୋଇଯାଇଛି ଏବଂ ସେ ତାଙ୍କର ଦିବ୍ୟସଖାଙ୍କୁ ଗୁରୁରୂପେ ବରଣ କରିଛନ୍ତି କିନ୍ତୁ ତାଙ୍କ ପାପପୁଣ୍ୟର ଯେଉଁ ଭାବଗତ ଏବଂ ବୁଦ୍ଧିଗତ ସମର୍ଥନ ଥିଲା ତାହା ସମୂଳେ ନଷ୍ଟ ହୋଇଯାଇଛି ତେଣୁ ସେ ଏପରି ଆଦେଶକୁ ଗ୍ରହଣ କରିପାରିବେ ନାହିଁ ଯାହା ତାଙ୍କର ପୁରୁଣା ମନୋଭାବକୁ କେବଳ ସୁହାଉଛି, କିନ୍ତୁ ତାଙ୍କ କର୍ମର କୌଣସି ନୂତନ ଆଧାରର ସନ୍ଧାନ ଦେଉ ନାହିଁ । ଅର୍ଜୁନ ଉପସ୍ଥିତ କର୍ମକୁ ପ୍ରତ୍ୟାଖ୍ୟାନ କରି ତାହା ସପକ୍ଷରେ ଯୁକ୍ତି କରିବାକୁ ଚେଷ୍ଟା କରିଛନ୍ତି, ତାଙ୍କର ସ୍ନାୟବୀୟ ଓ ସଂବେଦନଶୀଳ ସତ୍ତାର ଦାବିକୁ ଉପସ୍ଥାପିତ କରିଛନ୍ତି, ଯାହା ହତ୍ୟାକାଣ୍ଡର ପରିଣାମ ଓ ରକ୍ତ-ଜର୍ଜରିତ ଭୋଗକୁ ଦେଖି କମ୍ପିତ ହେଉଛି । ତାଙ୍କ ହୃଦୟର ଦାବିକୁ ଉପସ୍ଥାପିତ କରିଛନ୍ତି ଯାହା ଏତାଦୃଶ କର୍ମର ପରିଣାମରେ ଜୀବନ

କିପରି ଶୂନ୍ୟ ଏବଂ ଦୁଃଖପୂର୍ଣ୍ଣ ହୋଇଉଠିବ ଏହା ଦେଖି ପଛଘୁଞ୍ଚା ଦେଇଛି, ତାଙ୍କର ପ୍ରଚଳିତ ନୈତିକ ବିଚାରର ଦାବିକୁ ଉପସ୍ଥାପିତ କରିଛନ୍ତି ଯାହା ଭୀଷ୍ମ, ଦ୍ରୋଣ ଆଦି ଗୁରୁଙ୍କୁ ହତ୍ୟା କରିବା ପ୍ରୟୋଜନରୁ ଭୟଭୀତ ହୋଇପଡ଼ିଛି, ତାଙ୍କ ବୁଦ୍ଧିର ଦାବିକୁ ଉପସ୍ଥାପିତ କରିଛନ୍ତି ଯାହା କେବଳ ଅମଙ୍ଗଳ ଛଡ଼ା ଏପରି ଏକ ଘୋର ହିଂସାତ୍ମକ କର୍ମରେ କୌଣସି ପ୍ରକାର ମଙ୍ଗଳ ଦେଖିପାରି ନାହିଁ । ସେ ପ୍ରତିଜ୍ଞା କଲେ ଯେ ସେ ଆଉ ସେହି ପୁରାତନ ମନୋଭାବ ଓ ପ୍ରେରଣାରୁ ଯୁଦ୍ଧ କରିବେ ନାହିଁ, ଏବଂ ଏହି ଆପତ୍ତିଗୁଡ଼ିକର ଉତ୍ତର ପାଇବା ପାଇଁ ନୀରବରେ ଅପେକ୍ଷା କଲେ । ସେ ହୁଏତ ଭାବିଲେ ଏସବୁ ଆପତ୍ତିର ଆଉ କୌଣସି ଉତ୍ତର ନାହିଁ । ଶ୍ରୀକୃଷ୍ଣ ଅର୍ଜୁନଙ୍କର ଏହିସବୁ ଅହଂମୂଳକ ସତ୍ତାର ଦାବିଗୁଡ଼ିକୁ ପ୍ରଥମେ ଭାଙ୍ଗି ଦେବାକୁ ଚେଷ୍ଟା କଲେ, ଯଦ୍ଦ୍ୱାରା କର୍ମର ଅହଂପ୍ରେରିତ ବିଧାନକୁ ଅତିକ୍ରମ କରି ଅନ୍ୟ ଏକ ଉଚ୍ଚତର ବିଧାନ ପ୍ରତିଷ୍ଠିତ ହେବା ନିମିତ୍ତ ପଥ ପରିଷ୍କାର ହୋଇପାରିବ ।

ଶ୍ରୀକୃଷ୍ଣଙ୍କ ଉତ୍ତର ଦୁଇଟି ଭିନ୍ନ ଧାରାରେ ଗତିକରିଛି – ପ୍ରଥମତଃ ଏକ ସଂକ୍ଷିପ୍ତ ଉତ୍ତର ଯାହା ଆର୍ଯ୍ୟ-ସଂସ୍କୃତିର ଉଚ୍ଚତମ ଆଦର୍ଶ ଓ ଆଧାର ଉପରେ ପ୍ରତିଷ୍ଠିତ, ଯେଉଁ ଆଦର୍ଶ ଦ୍ୱାରା ଅର୍ଜୁନ ପରିପାଳିତ, ଦ୍ୱିତୀୟତଃ ଅନ୍ୟ ଏକ ଉତ୍ତର ଯାହା ଏକ ବିଶାଳ ଅନ୍ତରଙ୍ଗ ଜ୍ଞାନ ଏବଂ ଯାହା ଆମ ସତ୍ତାର ଗଭୀରତମ ସତ୍ୟ ଦିଗରେ ଉନ୍ମୁକ୍ତ ଏବଂ ଏହାହିଁ ଯଥାର୍ଥରେ ଗୀତୋକ୍ତ ଶିକ୍ଷାର ଆରମ୍ଭ । ପ୍ରଥମ ଉତ୍ତର ବେଦାନ୍ତ ଦର୍ଶନର ଦାର୍ଶନିକ ଏବଂ ନୈତିକ ଆଦର୍ଶ ଏବଂ ସାମାଜିକ ଧାରଣାନୁଯାୟୀ କର୍ତ୍ତବ୍ୟବୋଧ ଓ ଆତ୍ମ-ସମ୍ମାନ ଉପରେ ଆଧାରିତ, ଯାହାକି ଆର୍ଯ୍ୟ-ସମାଜର ନୈତିକ ଭିତ୍ତି ଥିଲା । ଅର୍ଜୁନ ଏହି ନୈତିକ ଏବଂ ବୁଦ୍ଧିଗତ କାରଣରୁ ଯୁଦ୍ଧକୁ ଅସ୍ୱୀକାର କରି ଯୁକ୍ତି ବାଢ଼ିଛନ୍ତି, କିନ୍ତୁ ପ୍ରକୃତରେ ତାଙ୍କର ଅଶୁଦ୍ଧ ଏବଂ ଅଜ୍ଞାନ ଚିତ୍ତବୃତ୍ତିର ବିଦ୍ରୋହକୁ ସେ ଏକ ଆପାତ ଶବ୍ଦଜାଲରେ ଢାଙ୍କି ଦେଇଛନ୍ତି । ସେ ଭୌତିକ ଜୀବନ ଏବଂ ଶରୀରର ମୃତ୍ୟୁ ବିଷୟ ବ୍ୟାଖ୍ୟାନ କରିଛନ୍ତି, ଯେପରି ସେହି ସବୁହିଁ ମୂଳ ସଦ୍‌ବସ୍ତୁ । କିନ୍ତୁ ଜ୍ଞାନୀ ଓ ପଣ୍ଡିତମାନଙ୍କ ଦୃଷ୍ଟିରେ ଏହିସବୁର କୌଣସି ତାତ୍ତ୍ୱିକ ମୂଲ୍ୟ ନାହିଁ । ନିଜର ବନ୍ଧୁ ଓ ଆତ୍ମୀୟ ସ୍ୱଜନମାନଙ୍କର ଦେହାନ୍ତରେ ଶୋକ କରିବା ଜୀବନ ସମ୍ବନ୍ଧରେ ଯଥାର୍ଥ ଜ୍ଞାନ ଓ ସତ୍-ଦୃଷ୍ଟିର ପରିଚାୟକ ନୁହେଁ । ଉନ୍ନତ ଜ୍ଞାନ-ସମ୍ପନ୍ନ ବ୍ୟକ୍ତି ଜନ୍ମ ବା ମୃତ୍ୟୁରେ ଶୋକ କରନ୍ତି ନାହିଁ, କାରଣ ସେ ଜାଣନ୍ତି ଯେ ଦୁଃଖ ବା ମୃତ୍ୟୁ ଆତ୍ମାର ଇତିବୃତ୍ତିରେ ସାମାନ୍ୟ ଘଟଣାମାତ୍ର । ଆତ୍ମାହିଁ ଯଥାର୍ଥ ସଦ୍‌ବସ୍ତୁ, ଶରୀର ନୁହେଁ । ଏହି ଯେଉଁ ରାଜନ୍ୟବର୍ଗଙ୍କୁ ମୃତ୍ୟୁ ସମୀପସ୍ଥ ଦେଖି ଅର୍ଜୁନ ଶୋକ କରୁଛନ୍ତି ସେମାନେ ପୂର୍ବେ ଜୀବିତ ଥିଲେ, ସେମାନେ ପୁନରାୟ ମନୁଷ୍ୟ ଶରୀରରେ ଜନ୍ମଗ୍ରହଣ କରିବେ, କାରଣ ଆତ୍ମା ଯେପରି ଶିଶୁ, କୌମାର୍ଯ୍ୟ, ବାର୍ଦ୍ଧକ୍ୟ ଅବସ୍ଥା ପ୍ରାପ୍ତ ହୋଇ ଅଗ୍ରସର ହୁଏ, ସେହିପରି ଏହା ଶରୀର ପରିବର୍ତ୍ତନ କରି ମଧ୍ୟ ଅଗ୍ରସର ହୁଏ । ଅଚଞ୍ଚଳ ଏବଂ ପ୍ରଶାନ୍ତ ବୁଦ୍ଧି-ସମ୍ପନ୍ନ,

ଧୀରସ୍ଥିର ଜ୍ଞାନୀଗଣ ଯେଉଁମାନେ ଜୀବନକୁ ସମଦୃଷ୍ଟିରେ ଦେଖନ୍ତି ସେମାନେ ନିଜ ସଂବେଦନ ବା ଭାବାବେଗ ଦ୍ୱାରା ବିକ୍ଷୁବ୍ଧ ବା ଅନ୍ଧ ହୋଇଯାଆନ୍ତି ନାହିଁ, ସେମାନେ ବାହ୍ୟ ଦୃଶ୍ୟରାଜି ଦ୍ୱାରା ଠକି ହୋଇଯାଆନ୍ତି ନାହିଁ, ସେମାନେ ନିଜ ବିଚାରକୁ ରକ୍ତ, ସ୍ନାୟୁ ବା ହୃଦୟର କୋଳାହଳ ଦ୍ୱାରା ମେଘାଚ୍ଛନ୍ନ ବା ଜ୍ଞାନଦୃଷ୍ଟିରୁ ବିରୋଧ କରିବାକୁ ଦିଅନ୍ତି ନାହିଁ, ସେ ଶରୀର ବା ଇନ୍ଦ୍ରିୟଗତ ଜୀବନର ଦୃଶ୍ୟମାନ ଘଟନାବଳିର ଊର୍ଦ୍ଧ୍ୱରେ ଥିବା ସତ୍ତାର ଯଥାର୍ଥ ସତ୍ୟ ପ୍ରତି ଦୃଷ୍ଟିନିବଦ୍ଧ କରନ୍ତି ଏବଂ ଅନ୍ଧ ପ୍ରକୃତିର ଭୌତିକ ଏବଂ ଆବେଗମୟ କାମନା-ବାସନାର ଊର୍ଦ୍ଧ୍ୱକୁ ଉଠିଯାଆନ୍ତି ଏବଂ ଜୀବନର ଏକମାତ୍ର ଓ ଯଥାର୍ଥ ଲକ୍ଷ୍ୟରେ ପହଞ୍ଚି ଯାଆନ୍ତି ।

ପ୍ରକୃତ ଘଟନା ବା ତଥ୍ୟ କ'ଣ ? ସେହି ପରମ ଲକ୍ଷ୍ୟ କ'ଣ ? ଏହି ଘଟନା, ଜଗତର ମହାନ୍ ଆବର୍ତ୍ତ ମଧ୍ୟରେ ମନୁଷ୍ୟ ଜୀବନ-ମରଣର ଯେଉଁ ସତତପ୍ରବାହ ଚାଲୁଛି, ତାହା ଦୀର୍ଘକାଳବ୍ୟାପୀ ଏକ ଅଗ୍ରଗତି ଅଟେ, ଯାହା ଦ୍ୱାରା ମନୁଷ୍ୟ ଅମୃତତ୍ୱର ପ୍ରାପ୍ତି ନିମିତ୍ତ ନିଜକୁ ପ୍ରସ୍ତୁତ କରେ । ଏବଂ କେଉଁ ମନୁଷ୍ୟ ଏଥିନିମିତ୍ତ ପ୍ରସ୍ତୁତ ? କ'ଣ ସେହି ମନୁଷ୍ୟ ଯେ ନିଜକୁ ପ୍ରାଣ ଓ ଶରୀରଠାରୁ ଅଧିକ କିଛି ବୋଲି ମନେକରେ, ଯେ ଭୌତିକ, ସମ୍ବେଦନମୂଳକ ସ୍ପର୍ଶଗୁଡ଼ିକୁ କୌଣସି ବିଶେଷ ମୂଲ୍ୟ ଦିଏ ନାହିଁ, ଯେ ନିଜକୁ ଏବଂ ଅନ୍ୟମାନଙ୍କୁ ଆତ୍ମା ବୋଲି ସ୍ୱୀକାର କରେ, ଯେ ଶରୀରରେ ବାସ ନ କରି ନିଜ ଆତ୍ମା ମଧ୍ୟରେ ବାସ କରେ ଏବଂ ଅନ୍ୟମାନଙ୍କୁ ଭୌତିକ-ପ୍ରାଣୀଭାବରେ ନୁହେଁ, ବରଂ ଆତ୍ମବତ୍ ବ୍ୟବହାର କରେ । କାରଣ ଅମୃତତ୍ୱର ଅର୍ଥ ମୃତ୍ୟୁପରେ କେବଳ ବଞ୍ଚି ରହିବା ନୁହେଁ — କାରଣ ଏହି ଅବସ୍ଥା ପ୍ରତ୍ୟେକ ମନୋମୟ ପ୍ରାଣୀ ଲାଭ କରେ — ବରଂ ଅମୃତତ୍ୱର ଅର୍ଥ ଜୀବନ ଏବଂ ମୃତ୍ୟୁର ଊର୍ଦ୍ଧ୍ୱରେ ଉଠିଯିବା । ଏହାର ଅର୍ଥ ସେହି ଊର୍ଦ୍ଧ୍ୱଗତି ଯାହାଫଳରେ ମନୁଷ୍ୟ ଆଉ ଏକ ମନ-ବିଧୃତ-ଶରୀର ରୂପରେ ନ ରହି ଆତ୍ମାରୂପରେ ଏବଂ ଆତ୍ମା ମଧ୍ୟରେ ବାସ କରେ । ଯେଉଁ ବ୍ୟକ୍ତି ଶୋକ ଓ ଦୁଃଖରେ ବଶୀଭୂତ, ଇନ୍ଦ୍ରିୟାନୁଭବ ଓ ଆବେଗର ଦାସ, ଯେ କ୍ଷଣଭଙ୍ଗୁର ଏବଂ ଅନିତ୍ୟ ବସ୍ତୁର ମାତ୍ରାସ୍ପର୍ଶରେ ଲିପ୍ତ, ସେ ଅମୃତତ୍ୱର ଅଧିକାରୀ ହୋଇ ନ ପାରେ । ଏହିସବୁକୁ ସେପର୍ଯ୍ୟନ୍ତ ସହିବାକୁ ହେବ ଯେପର୍ଯ୍ୟନ୍ତ ତାକୁ ଜୟ କରାଯାଇ ନାହିଁ, ଯେପର୍ଯ୍ୟନ୍ତ ସେହି ମୁକ୍ତ ପୁରୁଷର ଅବସ୍ଥା ନ ଆସିଛି ଯେତେବେଳେକି ଏହା ଆଉ କୌଣସି ଯନ୍ତ୍ରଣା ଦେଇପାରେ ନାହିଁ, ଯେପର୍ଯ୍ୟନ୍ତ ଜଗତର ଘଟନାବଳିକୁ — ଦୁଃଖଦାୟକ ବା ସୁଖଦାୟକ ହେଉ ସେହି ଜ୍ଞାନଯୁକ୍ତ ସ୍ଥିର ସମତାପୂର୍ଣ୍ଣ ଦୃଷ୍ଟିରେ ଗ୍ରହଣ ନ କରାଯାଇ ପାରିଛି, ଯେପରି ଆମମାନଙ୍କ ମଧ୍ୟରେ ଥିବା ଶାନ୍ତ, ସନାତନ, ଗୂଢ଼, ଆତ୍ମା ଏହିସବୁକୁ ଗ୍ରହଣ କରେ । ଶୋକ ଓ ଭୟରେ ବିଚଳିତ ହେବା, ଯେପରି ଅର୍ଜୁନ ବିଚଳିତ ହୋଇଛନ୍ତି, ଏବଂ ନିଜ ଗନ୍ତବ୍ୟ ମାର୍ଗରୁ ବିଚ୍ୟୁତ ହେବା,

ଆତ୍ମ-ଦୟା ଓ ଦୁଃଖକୁ ସହି ନ ପାରି, ଶାରୀରିକ ମୃତ୍ୟୁର ଅନିବାର୍ଯ୍ୟତା ଓ ସାମାନ୍ୟ ଘଟନାରୁ ପଛକୁ ହଟିଯିବା – ଏହିସବୁ ବିଷୟ ଅନାର୍ଯ୍ୟଦୁଷ୍ଟ ଅଜ୍ଞାନତା । ଏହା ଆର୍ଯ୍ୟମାନଙ୍କର ମାର୍ଗ ନୁହେଁ, ଯେଉଁମାନେ ଅମର ଜୀବନ ପ୍ରାପ୍ତି ନିମିତ୍ତ ସ୍ଥିର ସାମର୍ଥ୍ୟ ସହ ଆରୋହଣ କରନ୍ତି ।

ମୃତ୍ୟୁ ବୋଲି କୌଣସି ବସ୍ତୁ ନାହିଁ, ଶରୀରରହିଁ ଅବସାନ ଘଟେ, କିନ୍ତୁ ଶରୀର ମନୁଷ୍ୟ ନୁହେଁ । ଯଥାର୍ଥରେ ଯାହା ସତ୍ ତାହା କଦାପି ନଷ୍ଟ ହୁଏ ନାହିଁ ଯଦିଓ ଏହାର ରୂପ ଓ ମାଧ୍ୟମ ପରିବର୍ତ୍ତିତ ହୋଇପାରେ । ସେପରି ଯାହା ସଦ୍‌ବସ୍ତୁ ନୁହେଁ, ତାହା କଦାପି ରହିପାରେ ନାହିଁ । ଆତ୍ମାହିଁ ସଦ୍‌ବସ୍ତୁ ଏବଂ ଏହା କଦାପି ନଷ୍ଟ ହୁଏ ନାହିଁ । ଏହି ସତ୍ ଏବଂ ଅସତ୍ ମଧ୍ୟରେ ଯେଉଁ ଦ୍ୱନ୍ଦ୍ୱ, ସଂଭୂତି ଓ ଅସଂଭୂତି ମଧ୍ୟରେ ଯେଉଁ ଭାରସାମ୍ୟ ତାହା ମନର-ଦୃଷ୍ଟି ଏବଂ ବିଚାର । କିନ୍ତୁ ପରିଶେଷରେ ଆତ୍ମୋପଲବ୍ଧି ଦ୍ୱାରା ବୁଝାଯାଏ ଯେ ଏହି ବିଶ୍ୱହିଁ ଏକ ଅବିନାଶୀ ପୁରୁଷଙ୍କ ସଂପ୍ରସାରଣ । ଭୌତିକ ଶରୀର ସୀମିତ, କିନ୍ତୁ ଯେ ଏହି ଶରୀରକୁ ଅଧିକାର କରିଛି ଏବଂ ବ୍ୟବହାର କରୁଛି, ସେ ଅନନ୍ତ, ଅସୀମ, ସନାତନ ଏବଂ ଅବିନାଶୀ । ଏହା ଜୀର୍ଣ୍ଣଶୀର୍ଣ୍ଣ ଶରୀରକୁ ପରିତ୍ୟାଗ କରି ନୂତନ ଶରୀର ଗ୍ରହଣ କରେ, ଯେଉଁପରି ମନୁଷ୍ୟ ନିଜର ପୁରୁଣା ବସ୍ତ୍ର ପରିତ୍ୟାଗ କରି ନୂତନ ବସ୍ତ୍ର ଧାରଣ କରେ । ଏଥିରେ ଶୋକ କରିବା, ପଛଘୁଞ୍ଚା ଦେବା ଏବଂ ସଙ୍କୋଚବୋଧ କରିବାରେ କ'ଣ ଅଛି ? ଏହା ଅଜନ୍ମ, ଅମର ଏହା ଏପରି ବସ୍ତୁ ନୁହେଁ ଯାହା ଦେଖାଦିଏ ଏବଂ ପୁନର୍ବାର ଲୋପ ପାଇଯାଏ । ଏହା ଅଜ, ଅନାଦି, ଶାଶ୍ୱତ, ଏହା ଶରୀରର ହତ୍ୟା ଦ୍ୱାରା ମୃତ ହୁଏ ନାହିଁ – କିଏ ବା ଏହି ଅଜ-ଅମର ସନାତନ ଆତ୍ମାକୁ ହତ୍ୟା କରିପାରେ ? ଶସ୍ତ୍ର ଏହାକୁ ଛେଦ କରିପାରେ ନାହିଁ, ଅଗ୍ନି ଏହାକୁ ଦହନ କରିପାରେ ନାହିଁ, ଜଳ ଏହାକୁ ଓଦା କରିପାରେ ନାହିଁ, ବାୟୁ ଏହାକୁ ଶୁଷ୍କ କରିପାରେ ନାହିଁ । ଏହା ସନାତନ, ଅବ୍ୟୟ, ଅଚଞ୍ଚଳ, ସର୍ବବ୍ୟାପୀ – ଏହା ସର୍ବକାଳରେ ସ୍ଥିତ, ସର୍ବ କାଳରେ ରହିବ । ଶରୀର ତୁଲ୍ୟ ଏହା ବ୍ୟକ୍ତ ନୁହେଁ, କିନ୍ତୁ ସକଳ ବ୍ୟକ୍ତ ବସ୍ତୁଠାରୁ ମହତ୍ତର, ମନ ଦ୍ୱାରା ବିଶ୍ଳେଷଣ କରାଯାଇପାରିବ ନାହିଁ, କିନ୍ତୁ ସକଳ ମନଠାରୁ ବୃହତ୍ତର, ପ୍ରାଣଶକ୍ତି ଏବଂ ତା'ର କରଣୋପକରଣ ଓ ବିଷୟ ତୁଲ୍ୟ ଏହାର ବିକାର ଓ ପରିବର୍ତ୍ତନ ହୁଏ ନାହିଁ, ବରଂ ଏହା ମନ, ପ୍ରାଣ, ଶରୀରର ପରିବର୍ତ୍ତନର ଉର୍ଦ୍ଧ୍ୱରେ, ଏହାହିଁ ସେହି ସଦ୍‌ବସ୍ତୁ, ଯାହାକୁ ମନ-ପ୍ରାଣ-ଶରୀର ମୂର୍ତ୍ତ କରୁଅଛି ।

ଯଦିଓ ଆତ୍ମାର ସତ୍ୟ ଏତେ ମହାନ୍, ଏତେ ବିଶାଳ, ଆଉ ଜୀବନ ଓ ମରଣର ଉର୍ଦ୍ଧ୍ୱରେ ନୁହେଁ, ଯଦିଓ ଆତ୍ମା ଚିରନ୍ତନହିଁ ଜନ୍ମ-ମୃତ୍ୟୁର ଅଧୀନ, ତଥାପି ପ୍ରାଣୀମାନଙ୍କର ମୃତ୍ୟୁ ଶୋକର କାରଣ ନ ହେବା ଉଚିତ । କାରଣ ଜୀବର ଆତ୍ମ-ଅଭିବ୍ୟକ୍ତି ନିମିତ୍ତ ମୃତ୍ୟୁ ଏକ ଅନିବାର୍ଯ୍ୟ ଅବସ୍ଥା । ଏହାର ଉତ୍ପତ୍ତି ଏପରି ଏକ ସ୍ଥିତି ମଧ୍ୟରୁ ଯାହା ସତ୍, କିନ୍ତୁ

ପାର୍ଥିବ ଇନ୍ଦ୍ରିୟରାଜି ପକ୍ଷରେ ଏହା ଅପ୍ରକଟ ଏବଂ ଏହାର ମୃତ୍ୟୁର ଅର୍ଥ ସେହି ଅପ୍ରକଟ ଜଗତ୍ ମଧ୍ୟକୁ ଫେରିଯିବା ଏବଂ ପୁନର୍ବାର ସେହି ଅବସ୍ଥାରୁ ଏହି ଭୌତିକ ଅଭିବ୍ୟକ୍ତି ମଧ୍ୟରେ ଆତ୍ମ-ପ୍ରକାଶ କରିବା । ରୋଗ-ଶଯ୍ୟାରେ, ଯୁଦ୍ଧ-କ୍ଷେତ୍ରରେ ସଂଘଟିତ ମୃତ୍ୟୁ ଓ ସେହି ଭୟ ସମ୍ବନ୍ଧେ ଭୌତିକ ମନ ଏବଂ ଇନ୍ଦ୍ରିୟରାଜି ଯେଉଁ ପାଟିତୁଣ୍ଡ କରନ୍ତି, ତାହା ସବୁଠାରୁ ଅଧିକ ଅଜ୍ଞାନମୟ ସ୍ନାୟବିକ କୋଳାହଳ ମାତ୍ର । ମୃତ୍ୟୁ-ଜନିତ ଶୋକ ଏକ ଅଜ୍ଞାନଭରା ଦୁଃଖ, ସେହିମାନଙ୍କ ନିମିତ୍ତ, ଯେଉଁମାନଙ୍କ ନିମିତ୍ତ ଦୁଃଖ କରିବାର କୌଣସି କାରଣ ନାହିଁ, କାରଣ ସେମାନଙ୍କର ଅସ୍ତିତ୍ୱର ବିଲୋପ ଘଟି ନାହିଁ ବା ସେମାନଙ୍କ ଅବସ୍ଥାରେ କୌଣସି ଦୁଃଖଦାୟକ ବା ଭୟଙ୍କର ପରିବର୍ତ୍ତନ ଘଟିନାହିଁ, କାରଣ ତାଙ୍କର ସତ୍ତା ବଞ୍ଚିଥିବାବେଳେ ଯେପରି ମୃତ୍ୟୁରେ ମଧ୍ୟ ସେହିପରି ଊର୍ଦ୍ଧ୍ୱରେ ରହିଛି । ସେଥିପାଇଁ ଜୀବନକାଳ ମଧ୍ୟରେ ଯେତେ ଦୁଃଖ ହୁଏ, ତାହା ଅପେକ୍ଷା ମୃତ୍ୟୁରେ ଅଧିକ ଦୁଃଖ ହୁଏ ନାହିଁ । କିନ୍ତୁ ବାସ୍ତବରେ ଉଚ୍ଚତର ସତ୍ୟହିଁ ଯଥାର୍ଥ ସତ୍ୟ, ସବୁକିଛିହିଁ ସେହି ଆତ୍ମା, ସେହି 'ଏକ' ସେହି ପରମାତ୍ମା, ଯାହାଙ୍କୁ ଆମେମାନେ ସେହି 'ଅବାଙ୍ମାନସଗୋଚର' ଓ ଅଭୂତପୂର୍ବ ବୋଲି ଜାଣୁ, କହୁ ଏବଂ ଶୁଣୁ । କାରଣ ଆମର ଅନୁସନ୍ଧାନ, ଘୋଷଣା ଏବଂ ଜ୍ଞାନୀମାନଙ୍କଠାରୁ ଯେଉଁ ଶିକ୍ଷା ଆମେମାନେ ପାଇଛୁ ସେହି ସବୁକିଛିହିଁ କହୁଛି ଯେ ଏହି ପରାତ୍ପର ତତ୍ତ୍ୱକୁ କେହି ମନ ଦ୍ୱାରା ଜାଣିପାରିବେ ନାହିଁ, ସେହି ପରାତ୍ପର ତତ୍ତ୍ୱ ଏ ଜଗତ୍ ଦ୍ୱାରା ଆଚ୍ଛାଦିତ, ଏହି ଶରୀରର ପ୍ରଭୁ, ସମଗ୍ର ଜୀବନହିଁ ତାହାର ଛାୟା, ଏହି ଭୌତିକ ଅଭିବ୍ୟକ୍ତି ମଧ୍ୟରେ ଆତ୍ମାର ଜନ୍ମଗ୍ରହଣ ଏବଂ ମୃତ୍ୟୁରେ ତହିଁ ମଧ୍ୟରୁ ଅନ୍ତର୍ଦ୍ଧାନ ଏହାର ଏକ ସାମାନ୍ୟ ଗତିବୃତ୍ତି ମାତ୍ର । ଯେତେବେଳେ ଆମେମାନେ ନିଜକୁ ଏହି ଦୃଷ୍ଟିରେ ଦେଖିପାରୁଛୁ, ସେତେବେଳେ ଆମେମାନେ ନିଜକୁ ହତ୍ୟାକାରୀ ବୋଲି ଭାବିବା ବା ଆମମାନଙ୍କୁ କେହି ହତ୍ୟା କରୁଛି ବୋଲି ବିଚାରିବା ନିରର୍ଥକ । ଏକମାତ୍ର ସତ୍ୟ ଯାହା ମଧ୍ୟରେ ଆମମାନଙ୍କୁ ବାସ କରିବାକୁ ହେବ, ତାହାହେଲା – ସେହି ପରମ ଶାଶ୍ୱତହିଁ ଆତ୍ମା ରୂପରେ ପ୍ରକଟିତ ହୁଅନ୍ତି ଏବଂ ଆତ୍ମାର ଏହି ତୀର୍ଥଯାତ୍ରାର ଚକ୍ରରେ ଜନ୍ମମୃତ୍ୟୁ ମାଇଲଖୁଣ୍ଟ ମାତ୍ର, ପରଲୋକସକଳ ତା'ର ବିଶ୍ରାମର ସ୍ଥଳ, ଜୀବନର ଘଟନାବଳୀ, ଉଭୟ ସୁଖଦାୟକ ଏବଂ ଦୁଃଖଦାୟକ ତା'ର ପ୍ରଗତି, ଯୁଦ୍ଧ ଏବଂ ବିଜୟର ଉପାୟ ଏବଂ ଅମରତ୍ୱହିଁ ଆମର ଏକମାତ୍ର ଧାମ ଯାହା ନିମିତ୍ତ ଆତ୍ମା ଯାତ୍ରା କରୁଅଛି ।

ସେଥିପାଇଁ ଗୁରୁଦେବ କହୁଅଛନ୍ତି, 'ହେ ଭାରତ ଏହି ବୃଥାଶୋକ ଏବଂ ହୃଦୟ-ଦୌର୍ବଲ୍ୟକୁ ଦୂର କର, ଏବଂ ଯୁଦ୍ଧ କର । କିନ୍ତୁ ଏହିପରି ଉପସଂହାରରେ ଆମେମାନେ କିପରି ଉପନୀତ ହେଲୁ ? ମନ ଏବଂ ଆତ୍ମାର ଏହି ଉଚ୍ଚ ଏବଂ ମହାନ୍ ଜ୍ଞାନ, ଏହି କଠୋର ଆତ୍ମ-ନିୟନ୍ତ୍ରଣ, ଯଦ୍ଦ୍ୱାରା ତାହା ଭାବାବେଗର କୋଳାହଳ ଊର୍ଦ୍ଧ୍ୱରେ ଉଠିଯିବ

ଏବଂ ଇନ୍ଦ୍ରିୟରାଜିର ପ୍ରବଞ୍ଚନାରୁ ଆତ୍ମ-ଜ୍ଞାନ ଆଡ଼କୁ ଅଗ୍ରସର ହେବ — ଏହାହିଁ ଆମମାନଙ୍କୁ ଶୋକ ଏବଂ ମୋହରୁ ମୁକ୍ତ କରିପାରେ ଏବଂ ଆମର ମୃତ୍ୟୁ-ଭୟ ଏବଂ ମୃତବ୍ୟକ୍ତି ନିମିତ୍ତ ଶୋକକୁ ଦୂର କରିପାରେ, ଏଥିରୁ ଏହି ବୋଧ ମଧ୍ୟ ଆସିପାରେ ଯେ ଯାହାଙ୍କୁ ଆମେମାନେ ମୃତ ବୋଲି କହୁଛୁ, ପ୍ରକୃତରେ ସେମାନେ କେବେବି ମୃତ ନୁହନ୍ତି, ଆଉ ସେମାନଙ୍କ ପ୍ରତି ଦୁଃଖ କରିବା ଏକେବାରେ ଅନାବଶ୍ୟକ, କାରଣ ସେମାନେ କେବଳ ପରଲୋକକୁ ଗମନ କରିଛନ୍ତି । ଏଥିସଙ୍ଗେ ସଙ୍ଗେ ଏହା ଆମମାନଙ୍କୁ ଏହି ଶିକ୍ଷା ଦେଉଛି ଯେ, ଜୀବନ ଉପରେ ଭୟଙ୍କର ଘାତ-ପ୍ରତିଘାତରେ ଅବିଚଳିତ ରହିବାକୁ ହେବ ଏବଂ ଶରୀର ଅବସାନକୁ ଏକ ମାମୁଲି ଘଟଣା ବୋଲି ମନେ କରିବାକୁ ହେବ । ଏହି ଶିକ୍ଷା ଆମମାନଙ୍କୁ ଏପରି ଉଚ୍ଚ ଅବସ୍ଥାକୁ ନେଇ ଯାଇପାରେ, ଯାହାଦ୍ୱାରା ଆମେମାନେ ଉପଲବ୍ଧି କରିପାରୁ ଯେ ଏହି ଜୀବନ ସେହି ଏକଙ୍କର ଅଭିବ୍ୟକ୍ତି ଏବଂ ବାହ୍ୟରୂପାବଳୀର ଊର୍ଦ୍ଧ୍ୱରେ ଉଠିଯିବା ନିମିତ୍ତ ଏକ ଉପାୟ ମାତ୍ର । ଆମର ଏହି ଊର୍ଦ୍ଧ୍ୱଗାମୀ ବିବର୍ତ୍ତନଧାରା ସେତେଦିନ ପର୍ଯ୍ୟନ୍ତ ଚାଲିବ ଯେତେଦିନ ପର୍ଯ୍ୟନ୍ତ ଆମେ ଆମକୁ ଅମର ଆତ୍ମା ବୋଲି ନ ଜାଣିଛୁ, କିନ୍ତୁ ଏହା ଦ୍ୱାରା ଅର୍ଜୁନଙ୍କଠାରୁ ଦାବି କରାଯାଉଥିବା କର୍ମକୁ ଓ କୁରୁକ୍ଷେତ୍ରର ହତ୍ୟାକାଣ୍ଡକୁ କିପରି ଯଥାର୍ଥ ବୋଲି କୁହାଯିବ ? ଏହାର ଉତ୍ତର ଏହି ଯେ ଅର୍ଜୁନଙ୍କୁ ଯେଉଁମାର୍ଗରେ ଚାଲିବାକୁ ହେବ, ସେହି ମାର୍ଗରେ ଏହି କର୍ମ ସାଧନ ଯଥାର୍ଥ; ଏହା ଅବଶ୍ୟମ୍ଭାବୀରୂପେ ତାଙ୍କର ସ୍ୱଧର୍ମ, ତାଙ୍କର ସାମାଜିକ କର୍ତ୍ତବ୍ୟ, ତାଙ୍କ ଜୀବନ ଧର୍ମ ଓ ତାଙ୍କ ସତ୍ତାର ଧର୍ମ । ଏହି ଜାଗତିକ ବିଶ୍ୱରେ ଆତ୍ମାର ଅଭିବ୍ୟକ୍ତି କେବଳ ଯେ ଆନ୍ତରବିକାଶର ଏକ ଚକ୍ର ତାହା ନୁହେଁ, ବରଂ ଏପରି ଏକ କ୍ଷେତ୍ର ଯହିଁରେ ଜୀବନର ବାହ୍ୟ ଘଟଣାବଳି ଏହି ଆନ୍ତରବିକାଶ ନିମିତ୍ତ ଏକ ପରିବେଶ ବା ପରିସ୍ଥିତିରୂପେ ଗ୍ରହଣ କରାଯାଇପାରେ । ଏହି ସଂସାର ହେଲା ପରସ୍ପର ସଂଘର୍ଷ ଏବଂ ସହାୟତାର କ୍ଷେତ୍ର, ଏଠାରେ ସହଜ, ସୁଖମୟ, ଶାନ୍ତିପୂର୍ଣ୍ଣ ଉପାୟରେ ପ୍ରଗତି ସମ୍ଭବ ନୁହେଁ, ପ୍ରତ୍ୟେକ ପାବଚ୍ଛର ଅଗ୍ରଗତି ବୀରୋଚିତ ଉଦ୍ୟମ ଓ ପରସ୍ପର ବିରୋଧୀ ଶକ୍ତିରାଜିର ମାଧ୍ୟମରେ ଲାଭ କରିବାକୁ ହେବ । ଯେଉଁମାନେ ଏହି ବାହ୍ୟ ଏବଂ ଆନ୍ତର ସଂଘର୍ଷକୁ ଏବଂ ସେହି ସଂଘର୍ଷର ଭୌତିକରୂପ ଯୁଦ୍ଧକୁ ଗ୍ରହଣ କରନ୍ତି ସେମାନେ ହେଲେ କ୍ଷତ୍ରିୟ — ପରାକ୍ରମଶାଳୀ ପୁରୁଷ । ସେମାନଙ୍କର ସ୍ୱଭାବ ହେଲା ଯୁଦ୍ଧ, ସାମର୍ଥ୍ୟ, ଉଦାରତା ଏବଂ ସାହସ । ଧର୍ମ-ସଂରକ୍ଷଣ ଏବଂ ଯୁଦ୍ଧର ଆହ୍ୱାନରେ ତହିଁରେ ଉତ୍ସାହ ସହ ଲମ୍ଫପ୍ରଦାନ, କ୍ଷତ୍ରିୟର ଗୁଣ ଏବଂ କର୍ତ୍ତବ୍ୟ । ଧର୍ମ ଓ ଅଧର୍ମ, ନ୍ୟାୟ ଓ ଅନ୍ୟାୟ, ସଂରକ୍ଷଣକାରିଣୀଶକ୍ତି ଏବଂ ଅତ୍ୟାଚାରୀ ଏବଂ ଉତ୍ପୀଡ଼ନକାରିଣୀ ଶକ୍ତି ଉଭୟ ମଧ୍ୟରେ ସର୍ବଦା ସଂଘର୍ଷ ଲାଗି ରହିଛି ଏବଂ ଯେତେବେଳେ ଏହି ସଂଘର୍ଷ ଏକ ଭୌତିକ ଯୁଦ୍ଧର ରୂପ ଧାରଣ କରେ ସେତେବେଳେ ଧର୍ମର ସଂରକ୍ଷଣକର୍ତ୍ତା ଏବଂ ପତାକାଧାରୀ ଏହି

ଘୋର କର୍ମ ଓ ହିଂସାକାଣ୍ଡ ଦେଖି କମ୍ପିତ ହେଲେ ଚଳିବ ନାହିଁ । ହିଂସାତ୍ମକ କ୍ରୁରକାଣ୍ଡ ପ୍ରତି ଏହି ଦୁର୍ବଳ ଆତ୍ମ-ଦୟାଯୋଗୁଁ ଏବଂ ବିଧିନିର୍ଦ୍ଦିଷ୍ଟ ଏହି ବିଶାଳ ଧ୍ୱଂସର ଭୌତିକ ଭୟାବହତା ଯୋଗୁଁ ସେ ତାଙ୍କର ଅନୁଚରବର୍ଗ ଓ ସହକର୍ମୀମାନଙ୍କୁ ପରିତ୍ୟାଗ କରିବା ଉଚିତ ନୁହେଁ, ତାଙ୍କ ଆଦର୍ଶ ପ୍ରତି ବିଶ୍ୱାସଘାତକତା କରି ସତ୍ୟ ଓ ନ୍ୟାୟର ପତାକାକୁ ଧୂଳିସାତ୍ ହେବାକୁ ଦେବା ଅଥବା ଅତ୍ୟାଚାରୀର ରକ୍ତରଞ୍ଜିତ ପାଦତଳେ ଥିବା ପଙ୍କରେ ଦଳି ହେବାକୁ ଦେବା ମଧ୍ୟ ଠିକ୍ ନୁହେଁ – ତାଙ୍କ ଜୀବନରେ ଧର୍ମ ଓ କର୍ତ୍ତବ୍ୟ ଯୁଦ୍ଧ କରିବା, ଯୁଦ୍ଧ ବର୍ଜନ କରିବା ନୁହେଁ । ଏଠାରେ ହତ୍ୟା କରିବା ନୁହେଁ, ବରଂ ହତ୍ୟା ନ କରିବାହିଁ ପାପ ହେବ ।

ତାହାପରେ ଗୁରୁଦେବ କିଛିକ୍ଷଣ ପାଇଁ ଅନ୍ୟ ଦିଗ ପ୍ରତି ଦୃଷ୍ଟିଦେଇ ଅର୍ଜୁନଙ୍କ ବିଳାପର ଅନ୍ୟ ଏକ ଉତ୍ତର ଦେବାକୁ ପ୍ରସ୍ତୁତ ହେଲେ । ଅର୍ଜୁନଙ୍କ ବିଳାପର କାରଣ ହେଲା, ତାଙ୍କ ଆତ୍ମୀୟ ସ୍ୱଜନଙ୍କ ମୃତ୍ୟୁ, ଯେଉଁଥିରେ ତାଙ୍କ ଜୀବନ ଶୂନ୍ୟ ହୋଇଯିବ ଏବଂ ଜୀବନର ଉଦ୍ଦେଶ୍ୟ ବ୍ୟର୍ଥ ହେବ । କ୍ଷତ୍ରିୟ ଜୀବନର ଯଥାର୍ଥ ଉଦ୍ଦେଶ୍ୟ ଏବଂ ଯଥାର୍ଥ ସୁଖ କ'ଣ ? ଆତ୍ମ-ତୃପ୍ତିଦାୟକ ପାରିବାରିକ ଆନନ୍ଦ ନୁହେଁ, ବନ୍ଧୁ ଓ ଆତ୍ମୀୟବର୍ଗଙ୍କ ସହ ବିଳାସପୂର୍ଣ୍ଣ ଶାନ୍ତିମୟ ଜୀବନଯାପନ ନୁହେଁ, ବରଂ ନ୍ୟାୟ ଓ ଧର୍ମ ନିମିତ୍ତ ଯୁଦ୍ଧ କରିବାହିଁ କ୍ଷତ୍ରିୟ ଜୀବନର ଯଥାର୍ଥ ଉଦ୍ଦେଶ୍ୟ ଅଥବା ଏପରି ଏକ ଆଦର୍ଶ ଆବିଷ୍କାର କରିବା, ଯାହା ନିମିତ୍ତ ସେ ଜୀବନ ଉତ୍ସର୍ଗ କରିପାରିବ, ଅଥବା ବିଜୟ ଦ୍ୱାରା ବୀରତ୍ୱର ଗୌରବ ଏବଂ ମୁକୁଟ ଲାଭ କରିପାରିବ । ଏହାହିଁ କ୍ଷତ୍ରିୟ ଜୀବନର ଆନନ୍ଦ । "କ୍ଷତ୍ରିୟ ନିମିତ୍ତ ଧର୍ମଯୁଦ୍ଧଠାରୁ ବଳି ଅଧିକ ଶ୍ରେୟ କିଛି ନାହିଁ, ଏବଂ ଯେତେବେଳେ ଏପରି ଏକ ଯୁଦ୍ଧ, ସ୍ୱର୍ଗର ଦ୍ୱାର ଖୋଲାଥିଲା ପରି ଆପେ ଆପେ ଆସି ପହଞ୍ଚିଯାଏ – ସେତେବେଳେ ସେମାନେ ଖୁବ୍ ସନ୍ତୁଷ୍ଟ । ଯଦି ତୁମେ ନ୍ୟାୟ ଓ ଧର୍ମ ନିମିତ୍ତ ଯୁଦ୍ଧ କରିବ ନାହିଁ, ତା'ହେଲେ ତୁମେ ତୁମ କର୍ତ୍ତବ୍ୟ, ପୁଣ୍ୟ ଓ ଗୌରବକୁ ପ୍ରତ୍ୟାଖ୍ୟାନ କରି ପାପରେହିଁ ଭାଗୀଦାର ହେବ ।" ଯଦି ଏହିପରି ଏକ ସୁଯୋଗରେ ସେ ଯୁଦ୍ଧ କରିବାକୁ ମନା କରିଦିଏ, ତେବେ ସେ ଅପମାନିତ ହେବ, ଲୋକମାନେ ତାକୁ ନିନ୍ଦା କରିବେ ଏବଂ ଦୁର୍ବଳ ବୋଲି କହିବେ । ଏବଂ ତାହାର କ୍ଷତ୍ରିୟ ନାମର ମର୍ଯ୍ୟାଦା ନଷ୍ଟ ହେବ । କ୍ଷତ୍ରିୟଙ୍କ ନିମିତ୍ତ ସବୁଠାରୁ ବଡ଼ ଶୋକ କ'ଣ ? ସମ୍ମାନ ଓ ନାମ ଯଶରେ ହାନି, ଶୌର୍ଯ୍ୟଶାଳୀ ସୁରବୀର, ସାହସୀମାନଙ୍କ ମଧ୍ୟରେ ତା' ନାମର ବିଚ୍ୟୁତି,– ଏହିସବୁ ହେଲା କ୍ଷତ୍ରିୟର ଚରମ ଶୋକ – ମୃତ୍ୟୁଠାରୁ ବଳି ଅଧିକ ଦୁଃଖଦାୟକ । ସଂଗ୍ରାମ, ଶକ୍ତି, ବୀରୋଚିତ ସମ୍ମାନ, ଯୁଦ୍ଧରେ ବୀରତ୍ୱପୂର୍ଣ୍ଣ ଗତି – ଏହାହିଁ ଯୋଦ୍ଧାର ଆଦର୍ଶ । ଏହି ଆଦର୍ଶକୁ ତଳେ ପକାଇଦେବା, ଏବଂ ସେହି ନାମଯଶ ଉପରେ କଳଙ୍କ ଲଗାଇ ଦେବା, ବୀରମାନଙ୍କ ମଧ୍ୟରେ ବୀର ବୋଲି ଗଣ୍ୟ ହେଉଥିବା ବ୍ୟକ୍ତି ନିଜ କର୍ମ ସମ୍ପର୍କରେ ଏହିପରି ଏକ ଦୁର୍ବଳତା ଓ କାପୁରୁଷତାର ଦୃଷ୍ଟାନ୍ତ ରଖିଯିବ । ଏବଂ

ଏହିପରି ଭାବେ ମାନବଜାତିର ନୈତିକ ମାନଦଣ୍ଡକୁ ନିମ୍ନଗାମୀ କରାଇବା ଠିକ୍ ନୁହେଁ । ଏହା ଦ୍ୱାରା ବ୍ୟକ୍ତି ନିଜ ପ୍ରତି ମିଥ୍ୟା ଆଚରଣ କରେ ଏବଂ ପୃଥିବୀ ତା'ର ନେତା ଓ ରାଜାମାନଙ୍କଠାରୁ ଯାହା ଦାବି କରୁଛି ତାହା ପ୍ରତି ମଧ୍ୟ ମିଥ୍ୟା ଆଚରଣ କରେ । ଯୁଦ୍ଧରେ ନିହତ ହେଲେ ସ୍ୱର୍ଗଲାଭ, ବିଜୟଲାଭ କଲେ ପୃଥିବୀଭୋଗ, ସୁତରାଂ ହେ କୁନ୍ତୀ ପୁତ୍ର, ଜାଗ୍ରତ୍ ହୁଅ, ଯୁଦ୍ଧ ନିମିତ୍ତ କୃତସଂକଳ୍ପ ହୁଅ ।

ଏହି ବୀରୋଚିତ ଆବେଦନ, ଏହା ପୂର୍ବରୁ ବର୍ଣ୍ଣିତ ଷ୍ଟୋଇକ୍ (ସମତାଯୁକ୍ତ) ଆଧ୍ୟାତ୍ମିକତା ଏବଂ ପରେ ବର୍ଣ୍ଣିତ ଗଭୀରତର ଆଧ୍ୟାତ୍ମିକତାଠାରୁ ନିମ୍ନସ୍ତରର ବୋଲି ମନେ ହୋଇପାରେ, କାରଣ ପରବର୍ତ୍ତୀ ଶ୍ଳୋକରେ ଲାଭାଲାଭ, ସୁଖ, ଦୁଃଖ, ଜୟ-ପରାଜୟ ପ୍ରତି ସମାନ ଦୃଷ୍ଟି ରଖି ଯୁଦ୍ଧ କରିବାକୁ ଗୁରୁଦେବ ଉପଦେଶ ଦେଇଛନ୍ତି । ଏହାହିଁ ଗୀତାର ଯଥାର୍ଥ ବାଣୀ । କିନ୍ତୁ ଭାରତୀୟ ନୀତିଶାସ୍ତ୍ର ମନୁଷ୍ୟର ନୈତିକ ଏବଂ ଆଧ୍ୟାତ୍ମିକ ବିକାଶ ନିମିତ୍ତ ବ୍ୟବହାରିକ ଦୃଷ୍ଟିରୁ କ୍ରମବର୍ଦ୍ଧମାନ ଆଦର୍ଶର ଆବଶ୍ୟକତା ସର୍ବଦା ଉପଲବ୍ଧି କରିଛି । ଏଠାରେ କ୍ଷତ୍ରିୟର ଆଦର୍ଶ ଚାତୁର୍ବର୍ଣ୍ଣ୍ୟ ଅନୁଯାୟୀ ସାମାଜିକ ଦୃଷ୍ଟିରୁ ରଖାଯାଇଛି କିନ୍ତୁ ଏହାର ଆଧ୍ୟାତ୍ମିକ ଦୃଷ୍ଟିଭଙ୍ଗୀ ପରେ ସ୍ପଷ୍ଟ ହୋଇଛି । ସେହି ଦୃଷ୍ଟି ପ୍ରଥମେ ରଖାଯାଇ ନାହିଁ । ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ବାସ୍ତବରେ ଏହି କଥା କହିଥିଲେ ଏହାହିଁ ମୋର ଉତ୍ତର ଯଦି ତୁ ସୁଖ ଏବଂ ଦୁଃଖ ଓ କର୍ମର ପରିଣାମକୁ କର୍ମର ଉତ୍ସ ବୋଲି ମନେ କରୁ, ଏବଂ ତାହା ଉପରେ ଜୋର୍ ଦେଉ । ମୁଁ ତୋତେ ପ୍ରଥମରୁ କହିଦେଇଛି ଆତ୍ମା ଓ ଜଗତର ଉଚ୍ଚତମ ଜ୍ଞାନ ଦୃଷ୍ଟିରୁ ତୋର କର୍ତ୍ତବ୍ୟ କ'ଣ ହେବା ଉଚିତ; ବର୍ତ୍ତମାନ ସାମାଜିକ କର୍ତ୍ତବ୍ୟ ଓ ନୈତିକ ଆଦର୍ଶ ତୋତେ ଯେଉଁ ପଥର ନିର୍ଦ୍ଦେଶ ଦେଉଛି, ତାହା କହୁଛି – "ସ୍ୱଧର୍ମ ଅପି ଚାବେକ୍ଷ୍ୟ" । ତୁ ଯାହାବି ବିଚାର କର ଫଳାଫଳ ଏକ ହେବ । କିନ୍ତୁ ଯଦି ତୁ ସାମାଜିକ କର୍ତ୍ତବ୍ୟ ଏବଂ ବର୍ଣ୍ଣଧର୍ମରେ ସନ୍ତୁଷ୍ଟ ନୋହୁ, ଯଦି ତୁ ଭାବୁ ଯେ ଏହା ଦ୍ୱାରା ତୁ ଦୁଃଖ ଏବଂ ପାପରେ ଭାଗୀ ହେବୁ, ତେବେ ମୁଁ ତୋତେ ଉପଦେଶ ଦେଉଛି, ତୁ ଏହାଠାରୁ କୌଣସି ଏକ ଉଚ୍ଚତର ଆଦର୍ଶରେ ଉଠିଯାଅ, ନିମ୍ନତର ଆଦର୍ଶରେ ଖସିପଡ଼ ନାହିଁ । ନିଜଠାରୁ ସକଳ ଅହଂକାର ଦୂର କର, ସୁଖ-ଦୁଃଖକୁ ଖାତିର କର ନାହିଁ, ଲାଭାଲାଭ ଏବଂ ପାର୍ଥିବ ପରିଣାମ ପ୍ରତି ନଜର ଦିଅ ନାହିଁ, ଦିବ୍ୟ ଆଦେଶରେ ଯେଉଁ ଆଦର୍ଶର ସିଦ୍ଧିଲାଭ କରିବାକୁ ହେବ, ଯେଉଁ କର୍ମ ସମ୍ପନ୍ନ କରିବାକୁ ହେବ, ସେଥିପ୍ରତି ଦୃଷ୍ଟି ଦିଅ, ଏହା ଦ୍ୱାରା ତୁ ପାପରେ ଭାଗୀ ହେବୁ ନାହିଁ,– "ନୈବଂ ପାପମବାପ୍ସ୍ୟସି" । ଅର୍ଜୁନଙ୍କର ଏହି ଯେଉଁସବୁ ଅଭିଯୋଗ ଥିଲା – "ଦୁଃଖରେ ପଡ଼ିବା, ହତ୍ୟାକାଣ୍ଡରୁ ନିବୃତ୍ତ ହେବା, ପାପରେ ଭାଗୀ ହେବା, ମନ୍ଦ କର୍ମର ପରିଣାମ ଭୋଗ କରିବା,– ଏହି ସବୁର ଉତ୍ତର ତତ୍କାଳୀନ ସମାଜ ଓ ଯୁଗର ଉଚ୍ଚତମ ଜ୍ଞାନ ଓ ଶ୍ରେଷ୍ଠ ନୈତିକ ଆଦର୍ଶରୁ ଦିଆଯାଇଛି ।

ଆର୍ଯ୍ୟ ଯୋଦ୍ଧାଙ୍କର ଏହାହିଁ ଧର୍ମ ଆଉ ସେହି ଧର୍ମର ନିର୍ଦ୍ଦେଶ ଏହି ଯେ ''ଈଶ୍ୱରଙ୍କୁ ଜାଣ, ନିଜକୁ ଜାଣ, ମନୁଷ୍ୟକୁ ସାହାଯ୍ୟ କର, ଧର୍ମ ରକ୍ଷାକର, ଭୟ ଏବଂ ଦ୍ୱିଧା ପରିତ୍ୟାଗ କରି ସଂସାରରେ ଯୁଦ୍ଧ-କର୍ମ କର । ତୁହିଁ ଶାଶ୍ୱତ ଏବଂ ଅବିନାଶୀ ଆତ୍ମା, ତୋ ଆତ୍ମା ଊର୍ଦ୍ଧ୍ୱାୟନ ପଥରେ ଅମରତ୍ୱ ଦିଗରେ ଗତି କରୁଛି, ଜୀବନ ଓ ମୃତ୍ୟୁ କିଛି ବି ନୁହେଁ, ଶୋକ, ଯନ୍ତ୍ରଣା ଓ କଷ୍ଟ କିଛି ବି ନୁହେଁ, ଏହିସବୁକୁ ଜୟ କରିବାକୁ ଓ ଅତିକ୍ରମ କରିବାକୁ ହେବ । ନିଜର ସୁଖ, ଲାଭ ଓ ସୁବିଧା ନିମିତ୍ତ ଦୃଷ୍ଟି ଦିଅ ନାହିଁ – କିନ୍ତୁ ଦୃଷ୍ଟି ଦିଅ ଉପରକୁ ଓ ଚାରିପାଖକୁ – ସେହି ଉପର ଆଡ଼କୁ ଯାହାର ପ୍ରକାଶମୟ ଶିଖରରେ ତୁ ଚଢୁଅଛୁ, ଆଉ ଚାରି ପାଖକୁ ଅର୍ଥାତ୍ ଏହି ସଂଗ୍ରାମମୟ ଓ ସଙ୍କଟପୂର୍ଣ୍ଣ ଜଗତ୍ ପ୍ରତି ଦୃଷ୍ଟି ଦିଅ ଯେଉଁଠାରେ ଶୁଭ ଓ ଅଶୁଭ, ଅଗ୍ରଗତି ଓ ପଶ୍ଚାତ୍‌ଗତି ମଧ୍ୟରେ ଘୋର ସଂଘର୍ଷ ଚାଲୁଅଛି । ଲୋକମାନେ ତୋତେ ସହାୟତା ନିମିତ୍ତ ଡାକୁଛନ୍ତି, ତୁ ସେମାନଙ୍କର ବିକ୍ରମଶାଳୀ ପୁରୁଷ, ସହାୟତା ନିମିତ୍ତ ପୁରୁଷସିଂହ, ସହାୟତା କର, ଯୁଦ୍ଧ କର । ଧ୍ୱଂସ କର, ଯେଉଁ ଧ୍ୱଂସ ଦ୍ୱାରା ପୃଥିବୀ ଅଗ୍ରଗତି କରିବ; କିନ୍ତୁ ଯାହାକୁ ଧ୍ୱଂସ କରିବୁ ତାକୁ ଘୃଣା କର ନାହିଁ, କିଂବା ଯେଉଁମାନେ ମୃତ୍ୟୁ ମୁଖରେ ପଡୁଛନ୍ତି ସେମାନଙ୍କ ନିମିତ୍ତ ଶୋକ କର ନାହିଁ । ସର୍ବତ୍ର ସେହି ଏକହିଁ ଆତ୍ମାଙ୍କୁ ଜାଣ, ସମସ୍ତ ପ୍ରାଣୀ ସେହି ଅମର ଆତ୍ମା ବୋଲି ଜାଣ, କିନ୍ତୁ ଶରୀରକୁ ଧୂଳି ବୋଲି ଜାଣ । ତୋର କର୍ମ ଶାନ୍ତ, ଦୃଢ଼ ଓ ସମ ଭାବରେ କର, ଯୁଦ୍ଧ କର ବା ନିହତ ହୁଅ ମହତ୍ ଭାବେ, ଅଥବା ବିଜୟ ହାସଲ କର ବିଶାଳ ରୂପେ । କାରଣ ଭଗବାନ୍ ଏବଂ ତୋର ସ୍ୱଭାବ ତୋତେ ଏହି କର୍ମ-ସାଧନ କରିବା ନିମିତ୍ତ ଦେଇଛନ୍ତି ।''

# ୮

# ସାଂଖ୍ୟ ଓ ଯୋଗ

ଅର୍ଜୁନଙ୍କ ସମସ୍ୟା ସମ୍ପର୍କରେ ଦିବ୍ୟଗୁରୁ ତାଙ୍କର ପ୍ରଥମ ସଂକ୍ଷିପ୍ତ ଉତ୍ତର ଦେଇ ସାରି ତା'ପରେ ଯେଉଁ ବିଷୟରେ ନିଜର ବକ୍ତବ୍ୟ ଆରମ୍ଭ କରିଛନ୍ତି ତା'ର ପ୍ରଥମ କଥା ଗୁଡ଼ିକରେହିଁ ଏକ ଆଧ୍ୟାତ୍ମିକ ସମାଧାନର ମୂଳ ସୂତ୍ର ରହିଛି । ଏଥିରେ ଦିବ୍ୟଗୁରୁ ସାଂଖ୍ୟ ଓ ଯୋଗ ଭିତରେ ପାର୍ଥକ୍ୟକୁ ସ୍ପଷ୍ଟ କରିଛନ୍ତି ଏବଂ ଗୀତା ବୁଝିବା ପାଇଁ ଏହି ପାର୍ଥକ୍ୟକୁ ବୁଝିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଭଗବାନ୍ କହିଲେ, ''ଏହି ବୁଦ୍ଧି (ବସ୍ତୁ ଓ ଇଚ୍ଛାଶକ୍ତି ସମ୍ପର୍କରେ ବୁଦ୍ଧିଗତ ଜ୍ଞାନ) ତୁମକୁ ସାଂଖ୍ୟରେ କୁହାଯାଇଛି, ବର୍ତ୍ତମାନ ଯୋଗରେ ଏହି ବୁଦ୍ଧିର ସ୍ୱରୂପ କ'ଣ ତାହା ଶୁଣ । ହେ ପାର୍ଥ, ଏହି ବୁଦ୍ଧି ସହ ତୁମେ ଯଦି ଯୋଗରେ ସ୍ଥିତ ରୁହ ତା'ହେଲେ ତୁମେ କର୍ମ-ବନ୍ଧନକୁ ତ୍ୟାଗ କରିପାରିବ ।'' ଗୀତା ଯେଉଁ ଭାଷାରେ ଏହି ପାର୍ଥକ୍ୟକୁ ସୂଚିତ କରିଛି, ଏହାହିଁ ହେଉଛି ତା'ର ଆକ୍ଷରିକ ଅନୁବାଦ ।

ଗୀତା ମୂଳତଃ ଏକ ବୈଦାନ୍ତିକ ଗ୍ରନ୍ଥ; ବୈଦାନ୍ତିକ ଶିକ୍ଷାର ଯେଉଁ ତିନିଟି ଗ୍ରନ୍ଥ ପ୍ରାମାଣ୍ୟ ବୋଲି ସର୍ବସ୍ୱୀକୃତ, ଗୀତା ତା' ମଧ୍ୟରୁ ଅନ୍ୟତମ । ଯଦିଓ ଏହାକୁ ଏକ ଶ୍ରୁତି ରୂପେ ଗଣ୍ୟ କରାଯାଇ ନାହିଁ, ଅର୍ଥାତ୍ ଯଦିଓ ଏହା ମୁଖ୍ୟତଃ ଏକ ବୁଦ୍ଧିଗତ, ବିଚାରମୂଳକ ଓ ଦାର୍ଶନିକ ପଦ୍ଧତି ଗ୍ରହଣ କରିଛି ତଥାପି ଏହା ଦିବ୍ୟସତ୍ୟର ଭିତ୍ତି ଉପରେ ପ୍ରତିଷ୍ଠିତ । ଅବଶ୍ୟ ଏହା ସେହିସବୁ ପ୍ରତ୍ୟାଦେଶ, ଶ୍ରୁତି ବା ମନ୍ତ୍ରଦର୍ଶନ ପରି ନୁହେଁ ଯାହାକି ଦିବ୍ୟଦ୍ରଷ୍ଟା ଋଷିମାନଙ୍କ ଯୋଗଦୃଷ୍ଟି ଆଗରେ ପ୍ରତ୍ୟକ୍ଷ ଭାବରେ ପ୍ରତିଭାତ ହୋଇଥାଏ, ତଥାପି ଏହା ଏତେ ଗଭୀର ଶ୍ରଦ୍ଧା ଓ ଉଚ୍ଚ ଆସନ ଲାଭ କରିଛି ଯେ ଏହାକୁ ପ୍ରାୟ ତ୍ରୟୋଦଶ ଉପନିଷଦ୍ ହିସାବରେ ଗଣ୍ୟ କରାଯାଏ । କିନ୍ତୁ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଏହାର ବୈଦାନ୍ତିକ ବିଚାର ସବୁ ପୂରାପୂରି ସାଂଖ୍ୟ ଓ ଯୋଗର ଚିନ୍ତାଧାରା ଓ ଭାବରେ ରଞ୍ଜିତ ହୋଇଛି ଏବଂ ଏହି ରଙ୍ଗ ଲାଗିଥିବା ଯୋଗୁଁହିଁ ଏହାର ଦର୍ଶନ ଏହିପରି ବିଶେଷ ସମନ୍ୱୟମୂଳକ ଚରିତ୍ର ଗ୍ରହଣ କରିଛି । ବାସ୍ତବରେ ଏହା ମୂଳତଃ ଏକ ଯୋଗଶାସ୍ତ୍ର ଯେଉଁଥିରେକି ଏହା ଶିକ୍ଷା ଦେଉଥିବା ଯୋଗର ବ୍ୟବହାରିକ ପଦ୍ଧତି ବିଷୟରେହିଁ କୁହାଯାଇଛି ଏବଂ ଏଥିରେ ଯେଉଁ ତାତ୍ତ୍ୱିକ ବିଷୟର ଅବତାରଣା କରା ହୋଇଛି ତାହା ସେହି ବ୍ୟବହାରିକ ପଦ୍ଧତିର ବ୍ୟାଖ୍ୟା ରୂପରେହିଁ ହୋଇଛି । ଏହା ଖାଲି ବୈଦାନ୍ତିକ ଜ୍ଞାନର ପ୍ରଚାର କରି ନାହିଁ, ଏହା ଜ୍ଞାନ ଓ ଭକ୍ତିକୁ କର୍ମର ଭିତ୍ତି ଉପରେ ଛିଡ଼ା କରାଇଛି ଏବଂ କର୍ମକୁ ତା'ର ଚୂଡ଼ାନ୍ତ ପର୍ଯ୍ୟାୟରେ ଜ୍ଞାନ

ଭିତରକୁ ଉଠାଇ ନେଇଛି ଏବଂ ଭକ୍ତିକୁହିଁ ସେହି କର୍ମର ପ୍ରାଣ ଓ ଆତ୍ମା ବୋଲି କହିଛି । ଏହାର ଯୋଗ ସାଂଖ୍ୟର ବିଶ୍ଳେଷଣାତ୍ମକ ଦର୍ଶନ ଉପରେ ପ୍ରତିଷ୍ଠିତ, ସେହିଠାରୁହିଁ ଏହା ଆରମ୍ଭ କରିଛି ଏବଂ ନିଜର ଶିକ୍ଷା ଓ ପଦ୍ଧତିରେ ବରାବର ସାଂଖ୍ୟକୁ ଏକ ବଡ଼ ସ୍ଥାନ ଦେଇଛି । ତଥାପି ଏହା ସାଂଖ୍ୟକୁ ଅତିକ୍ରମ କରି ତା'ଠାରୁ ବହୁତ ଦୂରକୁ ଅଗ୍ରସର ହୋଇଛି, ଏପରିକି ସାଂଖ୍ୟର କେତେକ ବିଶିଷ୍ଟ ବିଷୟକୁ ମଧ୍ୟ ଅସ୍ୱୀକାର କରିଛି ଏବଂ ସାଂଖ୍ୟର ନିମ୍ନତର ବିଶ୍ଳେଷଣାତ୍ମକ ଜ୍ଞାନ ସହିତ ଉଚ୍ଚତର ସମନ୍ୱୟାତ୍ମକ ଓ ବୈଦାନ୍ତିକ ସତ୍ୟର ମିଳନ ଘଟାଇଛି ।

ତା'ହେଲେ ଗୀତା ଯେଉଁ ସାଂଖ୍ୟ ଓ ଯୋଗ ବିଷୟରେ କହିଛି ତାହା କ'ଣ ? ଏହା ନିଶ୍ଚିତ ଯେ ଈଶ୍ୱରକୃଷ୍ଣଙ୍କ 'ସାଂଖ୍ୟକାରିକା'ରୁ ଓ ପତଞ୍ଜଳିଙ୍କ 'ଯୋଗସୂତ୍ର'ରୁ ଯଥାକ୍ରମେ ସାଂଖ୍ୟ ଓ ଯୋଗର ଆମେ ଯେଉଁ ପରିଚୟ ପାଉ ତାହା ଏହା ନୁହେଁ । ସାଂଖ୍ୟକାରିକାରେ ଯେଉଁ ସାଂଖ୍ୟ ବିଷୟ କୁହାଯାଇଛି ଅନ୍ତତଃ ଆମେ ସାଧାରଣତଃ ତାହା ଯେପରି ବୁଝୁ ତାହାଠାରୁ ଗୀତାର ସାଂଖ୍ୟ ସମ୍ପୂର୍ଣ୍ଣ ଭିନ୍ନ । କାରଣ ଗୀତା କେଉଁଠି ହେଲେ ମୁହୂର୍ତ୍ତକ ପାଇଁ ମୃତ୍ୟୁର ମୂଳ ସତ୍ୟ ରୂପେ ବହୁପୁରୁଷର ତତ୍ତ୍ୱକୁ ସ୍ୱୀକାର କରି ନାହିଁ, ଏବଂ ପାରମ୍ପରିକ ସାଂଖ୍ୟ ଯାହା ଦୃଢ଼ ଭାବରେ ଅସ୍ୱୀକାର କରିଛି ଗୀତା ଠିକ୍ ତାହାହିଁ ଦୃଢ଼ଭାବରେ ଘୋଷଣା କରିଛି ଯେ ସେହି 'ଏକ'ହିଁ ହେଉଛନ୍ତି ଆତ୍ମା ଓ ପୁରୁଷ, ସେହି 'ଏକ'ହିଁ ହେଉଛନ୍ତି ପରମ ପ୍ରଭୁ, ଈଶ୍ୱର ଓ ପୁରୁଷୋତ୍ତମ ଏବଂ ଈଶ୍ୱରହିଁ ହେଉଛନ୍ତି ଜଗତର ଆଦି କାରଣ । ଆଧୁନିକ ଭାଷାରେ କହିଲେ ପାରମ୍ପରିକ ସାଂଖ୍ୟ ନିରୀଶ୍ୱରବାଦୀ କିନ୍ତୁ ଗୀତାର ସାଂଖ୍ୟ ସୃଷ୍ଟି ସମ୍ପର୍କରେ ଈଶ୍ୱରବାଦ, ବିଶ୍ୱବ୍ରହ୍ମବାଦ ଓ ଅଦ୍ୱୈତବାଦକୁ ସ୍ୱୀକାର କରିଛି ଓ ସେଗୁଡ଼ିକ ଭିତରେ ଏକ ସୂକ୍ଷ୍ମ ସମନ୍ୱୟ ସାଧନ କରିଛି ।

ସେହିପରି ଗୀତାର ଯୋଗ ମଧ୍ୟ ପାତଞ୍ଜଳ ଯୋଗ ନୁହେଁ କାରଣ ପାତଞ୍ଜଳ ଯୋଗରେ ଆମେ ଯାହା ପାଉ ତା'ହେଲା ଖାଣ୍ଟି ରାଜଯୋଗର ଏକ ଆନ୍ତର ପଦ୍ଧତି, ଏକ ଆଭ୍ୟନ୍ତରୀଣ ସାଧନପ୍ରଣାଳୀ, ସୀମିତ ଓ ସୁନିର୍ଦ୍ଦିଷ୍ଟ ଏବଂ କଠୋର ବୈଜ୍ଞାନିକ ରୀତିରେ ପର୍ଯ୍ୟାୟିତ ଏକ ସାଧନସୂତ୍ର, ଯାହା ଦ୍ୱାରା ମନ ଓ ଚିତ୍ତବୃତ୍ତିକୁ କ୍ରମଶଃ ନୀରବ ଓ ସ୍ତବ୍ଧ କରିଦେଇ ସମାଧି ଅବସ୍ଥା ଲାଭ କରାଯାଏ ଏବଂ ଆମେ ଏହି ଆତ୍ମ-ଅତିକ୍ରମଣ ଦ୍ୱାରା ଉଭୟ ଐହିକ ଓ ଶାଶ୍ୱତ ଫଳ ଲାଭକରୁ; ଐହିକ ଫଳ ହେଲା ଜୀବର ଜ୍ଞାନ ଓ ଶକ୍ତିର ଏକ ମହାନ୍ ପ୍ରସାର ଏବଂ ଶାଶ୍ୱତ ଫଳ ହେଲା ଭଗବାନଙ୍କ ସହ ମିଳନ । କିନ୍ତୁ ଗୀତାର ଯୋଗ ଉଦାର, ନମନୀୟ ଓ ବହୁମୁଖୀ, ଯେଉଁଥିରେ ବହୁ ବିଭିନ୍ନ ଉପାଦାନର ସମାବେଶ ହୋଇଛି ଏବଂ ସ୍ୱାଭାବିକ ଓ ଜୀବନ୍ତ ଭାବରେ ସବୁଗୁଡ଼ିକର ସଫଳ ସମନ୍ୱୟ କରାଯାଇଛି; ଏହିସବୁ ଉପାଦାନ ଭିତରୁ ରାଜଯୋଗ ମାତ୍ର ଗୋଟିଏ ଉପାଦାନ ଓ ତାହା ମଧ୍ୟ ସବୁଠାରୁ

ଗୁରୁତ୍ୱପୂର୍ଣ୍ଣ ବା ପ୍ରଧାନ ଉପାଦାନ ନୁହେଁ । ଗୀତାର ଯୋଗରେ ପ୍ରଣାଳୀର କୌଣସି ଧରାବନ୍ଧା ବା କଡ଼ାକଡ଼ି ପର୍ଯ୍ୟାୟକ୍ରମ ନାହିଁ, ଏହା ସ୍ୱାଭାବିକ ଆତ୍ମ-ବିକାଶମୂଳକ ଏକ ପ୍ରଣାଳୀର । ଏହା ଚାହିଁଛି ଆନ୍ତର ଅବସ୍ଥା ଓ କର୍ମ ସମ୍ପର୍କରେ କେତେକ ନୀତିକୁ ଅନୁସରଣ କରି ସମଗ୍ର ସତ୍ତାର ଏକ ନୂତନ ଅବସ୍ଥାନ୍ତର ଆଣିଦେବା ଏବଂ ନିମ୍ନତର ପ୍ରକୃତି ଭିତରୁ ମୁକ୍ତହୋଇ ଦିବ୍ୟପ୍ରକୃତି ପ୍ରତିଷ୍ଠିତ ହେବା ଦିଗରେ ଏକ ପ୍ରକାର ପରିବର୍ତ୍ତନ, ଊର୍ଦ୍ଧ୍ୱାୟନ ବା ନବଜନ୍ମ ଆଣିଦେବା । ସେହି ଅନୁଯାୟୀ ସମାଧି ସମ୍ପର୍କରେ ଗୀତାର ଧାରଣା ଯୋଗ-ସମାଧି ସମ୍ପର୍କରେ ସାଧାରଣ ଧାରଣାଠାରୁ ସମ୍ପୂର୍ଣ୍ଣ ଭିନ୍ନ । ପତଞ୍ଜଳିଙ୍କ ଯୋଗରେ କେବଳ ପ୍ରଥମାବସ୍ଥାରେ ଚିତ୍ତଶୁଦ୍ଧି ଓ ଏକାଗ୍ରତା ଲାଭ ପାଇଁ କର୍ମର ପ୍ରୟୋଜନୀୟତାକୁ ଗ୍ରହଣ କରାଯାଇଛି, କିନ୍ତୁ ଗୀତା ଏତେଦୂର ପର୍ଯ୍ୟନ୍ତ ଯାଇଛି ଯେ ଏହା କର୍ମକୁ ଯୋଗର ଏକ ବିଶେଷ ଚରିତ୍ର ରୂପେ ଗ୍ରହଣ କରିଛି । ପତଞ୍ଜଳିଙ୍କ ପାଇଁ କର୍ମ କେବଳ ଏକ ପ୍ରାରମ୍ଭିକ ସାଧନମାତ୍ର, କିନ୍ତୁ ଗୀତାରେ କର୍ମ ହେଉଛି ଯୋଗର ଏକ ସ୍ଥାୟୀ ଭିତ୍ତି । ରାଜଯୋଗରେ ଲକ୍ଷ୍ୟ ଲାଭ ପରେ କର୍ମକୁ ବସ୍ତୁତଃ ଛାଡ଼ିଦେବାକୁ ହୁଏ ବା ଅନ୍ତତଃପକ୍ଷେ ଯୋଗ-ସାଧନର ଏକ ଉପାୟ ରୂପେ ଏହାର କୌଣସି ପ୍ରୟୋଜନୀୟତା ରହେ ନାହିଁ, କିନ୍ତୁ ଗୀତାରେ ଏହା ସର୍ବୋଚ୍ଚ ଅବସ୍ଥାକୁ ଆରୋହଣ କରିବାର ଏକ ଉପାୟ ଏପରିକି ଆତ୍ମାର ସମ୍ପୂର୍ଣ୍ଣ ମୁକ୍ତିପରେ ମଧ୍ୟ କର୍ମର ଏହି ତାତ୍ପର୍ଯ୍ୟ ଅକ୍ଷୁଣ୍ଣ ରହେ ।

ଏଠାରେ ଏହା କହିଦେବା ଆବଶ୍ୟକ ଏଇଥିପାଇଁ ଯେ ଏହିସବୁ ପରିଚିତ ଶବ୍ଦକୁ ତା'ର ପ୍ରଚଳିତ ପାରିଭାଷିକ ଅର୍ଥରେ ବ୍ୟବହାର ନ କରି ଅଧିକ ବ୍ୟାପକ ଅର୍ଥରେ ପ୍ରୟୋଗ କଲାବେଳେ ଯେପରି ତାହା ବୁଝିବାରେ କୌଣସି ବିଭ୍ରାଟ ନ ହୁଏ । ତଥାପି ସାଂଖ୍ୟ ଓ ଯୋଗଦର୍ଶନର ଯାହା ସାରବସ୍ତୁ, ସେଥିରେ ଯାହାକିଛି ଉଦାର, ବ୍ୟାପକ ଓ ସାର୍ବଜନୀନ ସତ୍ୟ ରହିଛି, ଗୀତାରେ ସେସବୁ ଗୃହୀତ ହୋଇଛି, ଯଦିଓ ଗୀତା ଏହି ପରସ୍ପର ବିରୋଧୀ ମତବାଦ ଭିତରେ ନିଜକୁ ଆବଦ୍ଧ କରି ନାହିଁ । ଗୀତାର ସାଂଖ୍ୟ ହେଉଛି ଉଦାର ବୈଦାନ୍ତିକ ସାଂଖ୍ୟ, ଯାହାର ପ୍ରଥମ ତତ୍ତ୍ୱ ଓ ଉପାଦାନ ଆମେ ପାଉ ଉପନିଷଦର ମହାନ୍ ବୈଦାନ୍ତିକ ସମନ୍ୱୟରେ ଓ ପରବର୍ତ୍ତୀ ପୁରାଣମାନଙ୍କରେ । ଗୀତାର ଯୋଗ ମଧ୍ୟ ପ୍ରଧାନତଃ ସେହିସବୁ ବ୍ୟାପକ ଆନ୍ତର ସାଧନା ଓ ଆଭ୍ୟନ୍ତରୀଣ ପରିବର୍ତ୍ତନ ବିଷୟରେ କହିଛି ଯାହା ଆତ୍ମାର ଉପଲବ୍ଧି ପାଇଁ ଓ ଭଗବାନଙ୍କ ସହ ମିଳନ ପାଇଁ ପ୍ରୟୋଜନ, ରାଜଯୋଗ ଗୀତାର ଏହି ବ୍ୟାପକ ସାଧନାର ଏକ ବିଶେଷ ପ୍ରୟୋଗ ମାତ୍ର । ଗୀତା ବରାବର ଜୋର୍ ଦେଇଛି ଯେ ସାଂଖ୍ୟ ଓ ଯୋଗ ଦୁଇଟି ସମ୍ପୂର୍ଣ୍ଣ ପୃଥକ୍, ସାମଞ୍ଜସ୍ୟହୀନ ଓ ପରସ୍ପର ବିରୋଧୀ ମତବାଦ ନୁହେଁ । ବରଂ ଉଭୟର ମୂଳନୀତି ଓ ଲକ୍ଷ୍ୟ ଏକ, କେବଳ ପଦ୍ଧତି ଓ ଆରମ୍ଭରେ ସେମାନଙ୍କ ଭିତରେ ଯାହାକିଛି ଭିନ୍ନତା

ରହିଛି । ସାଂଖ୍ୟ ମଧ୍ୟ ଏକ ଯୋଗ, କିନ୍ତୁ ଏହା କେବଳ ଜ୍ଞାନ ଭିତରଦେଇହିଁ ଅଗ୍ରସର ହୁଏ, ଆମ ସତ୍ତାର ତତ୍ତ୍ୱସମୂହ ସମ୍ପର୍କରେ ବୁଦ୍ଧିଗତ ବିଚାର ଓ ବିଶ୍ଳେଷଣରେ ଏହାର ଆରମ୍ଭ ଏବଂ ଶେଷରେ ସତ୍ୟର ଦର୍ଶନ ଓ ସତ୍ୟଲାଭରେ ଏହା ନିଜ ଲକ୍ଷ୍ୟରେ ପହଞ୍ଚେ । ଅନ୍ୟପକ୍ଷରେ ଯୋଗ କର୍ମ ଭିତର ଦେଇ ଅଗ୍ରସର ହୁଏ, ଏହା ମୂଳତଃ କର୍ମଯୋଗ; କିନ୍ତୁ ଗୀତାର ସମଗ୍ର ଶିକ୍ଷାରେ ଓ ପରେ କର୍ମ ଶବ୍ଦର ଯେଉଁ ସଂଜ୍ଞା ଦିଆଯାଇଛି ସେଥିରୁ ଏହା ସ୍ପଷ୍ଟ ହୁଏ ଯେ କର୍ମ ଶବ୍ଦଟି ଖୁବ୍ ବ୍ୟାପକ ଅର୍ଥରେହିଁ ବ୍ୟବହୃତ ହୋଇଛି ଏବଂ ଯୋଗ ଶବ୍ଦ ଯେଉଁ ଅର୍ଥରେ ବ୍ୟବହୃତ ହୋଇଛି ତା' ହେଲା ଆମ ଭିତର ଓ ବାହାରର ସମସ୍ତ କର୍ମକୁ ସର୍ବକର୍ମର ପ୍ରଭୁଙ୍କ ନିକଟରେ ଯଜ୍ଞରୂପେ ନିଃସ୍ୱାର୍ଥ ଭାବରେ ଉତ୍ସର୍ଗ କରିବା ଓ ସେହି ଶାଶ୍ୱତଙ୍କୁ ତାହା ଅର୍ପଣ କରିବା ଯେ ଆତ୍ମାର ସମସ୍ତ ଶକ୍ତି ଓ ତପସ୍ୟାର ପ୍ରଭୁ । ଯୋଗ ହେଉଛି ସେହି ସତ୍ୟର ସାଧନା ଯାହା ଆମେ ଜ୍ଞାନ ଦ୍ୱାରା ଦର୍ଶନ କରୁ ଏବଂ ଏହି ସାଧନାର ଚାଳକଶକ୍ତି ହେଉଛି ଏକ ଜ୍ଞାନଦୀପ୍ତ ଭକ୍ତି ଓ ଶାନ୍ତ ବା ଆବେଗମୟ ଆତ୍ମ-ସମର୍ପଣର ଭାବ, ସେହି ପରମଙ୍କ ଉଦ୍ଦେଶ୍ୟରେ ଯାହାଙ୍କୁ ଜ୍ଞାନ ସର୍ବଶ୍ରେଷ୍ଠ ଓ ସର୍ବୋତ୍ତମ ବୋଲି ଜାଣିଥାଏ ।

କିନ୍ତୁ ସାଂଖ୍ୟର ସତ୍ୟ କ'ଣ ? ଏହି ଦର୍ଶନର ନାମ ସାଂଖ୍ୟ ହୋଇଛି, ଏହା ତତ୍ତ୍ୱସମୂହର ବିଶ୍ଳେଷଣ ଓ ସଂଖ୍ୟାକରଣ କରିଛି ବୋଲି । ଏହା ଆମ ସତ୍ତାର ତତ୍ତ୍ୱସମୂହକୁ ବିଶ୍ଳେଷଣ, ସଂଖ୍ୟାକରଣ ଓ ବିଭାଜନର ପଦ୍ଧତି ଦ୍ୱାରା ଉପସ୍ଥାପିତ କରିଛି, କିନ୍ତୁ ସାଧାରଣ ମନ ଏସବୁକୁ କେବଳ ନାନା ସଂଯୋଗ ବା ସଂଯୋଗର ଫଳରୂପେ ଦେଖେ । ସାଂଖ୍ୟ କୌଣସି ସମନ୍ୱୟ ପାଇଁ ଚେଷ୍ଟା କରି ନାହିଁ । ଏହାର ମୂଳ ସିଦ୍ଧାନ୍ତ ବସ୍ତୁତଃ ଦ୍ୱୈତବାଦୀ, ଏହା ଦ୍ୱୈତବାଦ ନାମରେ ପରିଚିତ ସେହିସବୁ ବେଦାନ୍ତବାଦୀଙ୍କର ଆପେକ୍ଷିକ ଦ୍ୱୈତବାଦ ନୁହେଁ, ଏହାର ମତ ସମ୍ପୂର୍ଣ୍ଣ ଓ ବିଶୁଦ୍ଧ ଦ୍ୱୈତବାଦ । କାରଣ ସୃଷ୍ଟି ସମ୍ପର୍କରେ ଏହା ବ୍ୟାଖ୍ୟା କରିବାକୁ ଯାଇ ସୃଷ୍ଟିର କାରଣ ହିସାବରେ ଗୋଟିଏ ନୁହେଁ ଦୁଇଟି ମୂଳତତ୍ତ୍ୱକୁ ଗ୍ରହଣ କରିଛି – ନିଷ୍କ୍ରିୟ ପୁରୁଷ ଓ ସକ୍ରିୟା ପ୍ରକୃତି ଓ ଏହି ଦୁଇଟିର ସଂଯୋଗହିଁ ବିଶ୍ୱସୃଷ୍ଟିର କାରଣ ବୋଲି କହିଛି । ପୁରୁଷ ହେଉଛି ଆତ୍ମା, ଆତ୍ମା କହିଲେ ସାଧାରଣତଃ ଜୀବ ବୋଲି ଯାହା ବୁଝାଏ ଏହା ତାହା ନୁହେଁ, ଏହି ଆତ୍ମା ବା ପୁରୁଷ ହେଉଛି ଶୁଦ୍ଧ ଚୈତନ୍ୟମୟ ସତ୍ତା, ଅଚଳ, ଅବିକାରୀ ଓ ସ୍ୱପ୍ରକାଶ । ପ୍ରକୃତି ହେଉଛି ଏହାର ଶକ୍ତି ଓ ପ୍ରକ୍ରିୟା । ପୁରୁଷ ସ୍ୱୟଂ କିଛି କରେ ନାହିଁ, ସେହି କର୍ତ୍ତୃଶକ୍ତି ଓ ତାହାର କ୍ରିୟାକୁ ପ୍ରତିଫଳିତ କରେ; ପ୍ରକୃତି ସ୍ୱୟଂ ଅଚେତନ ଓ ଯନ୍ତ୍ରବତ୍ ହେଲେ ମଧ୍ୟ ପୁରୁଷରେ ପ୍ରତିଫଳିତ ହେବାରୁ ଏହା ନିଜ କ୍ରିୟାରେ ସଚେତନ ବୋଲି ମନେ ହୁଏ । ଏହି ଭାବରେ ସୃଷ୍ଟି, ସ୍ଥିତି, ଲୟ, ଜନ୍ମ, ଜୀବନ ଓ ମୃତ୍ୟୁ, ଚେତନା ଓ ଅଚେତନା, ଇନ୍ଦ୍ରିୟଗତ ଜ୍ଞାନ, ବୁଦ୍ଧିଗତ ଜ୍ଞାନ ଓ ଅଜ୍ଞାନ, କର୍ମ ଓ

ଅକର୍ମ, ସୁଖ ଓ ଦୁଃଖ ଆଦିର ଉଦ୍ଭବ ହୁଏ, ଏବଂ ପ୍ରକୃତିର ପ୍ରଭାବ ଅଧୀନରେ ଥିବାରୁ ପୁରୁଷ ଏହିସବୁକୁ ନିଜର ବୋଲି ମନେକରେ; କିନ୍ତୁ ବାସ୍ତବରେ ଏଗୁଡ଼ିକ ଆଦୌ ପୁରୁଷର ନୁହେଁ, ଏଗୁଡ଼ିକ କେବଳ ପ୍ରକୃତିରହିଁ କ୍ରିୟା ଓ ଗତିବୃତ୍ତି ।

କାରଣ ପ୍ରକୃତି ତ୍ରିଗୁଣମୟୀ, ଶକ୍ତିର ତିନୋଟି ମୂଳରୂପ ନେଇ ଗଠିତ – ସତ୍ତ୍ୱ, ରଜଃ, ତମଃ; ସତ୍ତ୍ୱ ହେଉଛି ଜ୍ଞାନର ବୀଜ ଏବଂ ଏହା ଶକ୍ତିର କ୍ରିୟାର ସ୍ଥିତି ରଖେ, ରଜଃ ହେଉଛି ତେଜ ଓ କର୍ମର ବୀଜ, ଏହା ଶକ୍ତିର କ୍ରିୟାକୁ ସୃଷ୍ଟି କରେ ଏବଂ ତମଃ ହେଉଛି ଜଡ଼ତା ଓ ଅଜ୍ଞାନର ବୀଜ, ଏହା ସତ୍ତ୍ୱ ଓ ରଜଃର ବିରୋଧୀ, ରଜଃ ଓ ସତ୍ତ୍ୱ ସୃଷ୍ଟି ଓ ସ୍ଥିତି ଦିଗରେ ଯାହା କରିଥାଆନ୍ତି ତମଃ ତାହାକୁ ବିଲୟ ଦିଗରେ ନେଇଯାଏ । ପ୍ରକୃତିର ଏହି ତିନିଟିଗୁଣ ଯେତେବେଳେ ଏକ ସମ୍ପୂର୍ଣ୍ଣ ସାମ୍ୟ ଅବସ୍ଥାରେ ରହିଥାଆନ୍ତି ସେତେବେଳେ ସବୁକିଛି ସ୍ଥିର ଓ ନିଷ୍ପନ୍ଦ, କୌଣସି ଗତି, କ୍ରିୟା ବା ସୃଷ୍ଟି ନ ଥାଏ, ତେଣୁ ସେତେବେଳେ ଚେତନ ଆତ୍ମାର ଅକ୍ଷର ଜ୍ୟୋତିର୍ମୟ ସତ୍ତାରେ ପ୍ରତିଫଳିତ ବା ଆଭାସିତ ହେବାର କିଛି ନ ଥାଏ । କିନ୍ତୁ ଯେତେବେଳେ ଏହି ସାମ୍ୟାବସ୍ଥା ବିକ୍ଷୁବ୍ଧ ହୁଏ, ସେତେବେଳେ ଏହି ତିନିଗୁଣ ଭିତରେ ଏକ ବୈଷମ୍ୟ ଅବସ୍ଥା ଦେଖାଦିଏ ଏବଂ ପରସ୍ପର ପରସ୍ପର ସହିତ ସଂଘର୍ଷ କରନ୍ତି ଏବଂ ପ୍ରତ୍ୟେକେ ଅନ୍ୟ ଉପରେ ପ୍ରଭାବ ବିସ୍ତାର କରିବାକୁ ଚେଷ୍ଟା କରନ୍ତି, ଫଳସ୍ୱରୂପ ସମଗ୍ର ସୃଷ୍ଟି, ସ୍ଥିତି ଓ ବିଲୟର ଦୁସ୍ତର, ଅବିରାମ କ୍ରିୟା ଚାଲିବାକୁ ଆରମ୍ଭ କରେ ଓ ବିଶ୍ୱଜଗତ ପ୍ରକଟ ହୁଏ । ଏହି କ୍ରିୟା ସେହି ପର୍ଯ୍ୟନ୍ତ ଚାଲିଥାଏ ଯେପର୍ଯ୍ୟନ୍ତ ପୁରୁଷ ନିଜ ଭିତରେ ଏହିସବୁ ବିଷୟକୁ ପ୍ରତିଭାସିତ ହେବାକୁ ଛାଡ଼ିଦିଏ ଯାହା ତା'ର ଶାଶ୍ୱତ ସ୍ୱରୂପକୁ ଢାଙ୍କିଦିଏ ଓ ତା' ଉପରେ ପ୍ରକୃତିର ସ୍ୱରୂପକୁ ଆରୋପିତ କରେ । କିନ୍ତୁ ଯେତେବେଳେ ପୁରୁଷ ନିଜର ସମ୍ମତିକୁ ପ୍ରତ୍ୟାହାର କରିନିଏ, ଗୁଣମାନେ ପୁଣି ସାମ୍ୟାବସ୍ଥା ଲାଭକରନ୍ତି ଏବଂ ଆତ୍ମା ତା'ର ଶାଶ୍ୱତ, ଅବିକାରୀ, ନିଶ୍ଚଳ ଅବସ୍ଥାକୁ ଫେରିଆସେ; ଏହା ବିଶ୍ୱପ୍ରପଞ୍ଚରୁ ମୁକ୍ତ ହୁଏ । ପ୍ରକୃତିର ଖେଳାକୁ ନିଜ ଭିତରେ ଏହିପରି ପ୍ରତିଫଳିତ ହେବାକୁ ଦେବା ଓ ଏହିପରି ଅନୁମତି ଦେବା ଓ ଅନୁମତିକୁ ପ୍ରତ୍ୟାହାର କରିଆଣିବା – ପୁରୁଷର କ୍ଷମତା କେବଳ ଏତିକି ବୋଲି ମନେହୁଏ । ନିଜଠାରେ ପ୍ରକୃତିକୁ ପ୍ରତିଫଳିତ ହେବାକୁ ଦେବା ହେତୁ ସେ ସାକ୍ଷୀ ଓ ଅନୁମତି ଦେବା ହେତୁ ଅନୁମନ୍ତା, ଗୀତାର ସାକ୍ଷୀ ଓ ଅନୁମନ୍ତା କିନ୍ତୁ କର୍ତ୍ତା ରୂପରେ ଈଶ୍ୱର ନୁହେଁ । ଏପରିକି ତା'ର ଏହି ଅନୁମତି ଦେବା କାର୍ଯ୍ୟ ମଧ୍ୟ ନିଷ୍କ୍ରିୟତାମୂଳକ ଓ ଅନୁମତି ପ୍ରତ୍ୟାହାର ମଧ୍ୟ ଅନ୍ୟ ଏକ ପ୍ରକାର ନିଷ୍କ୍ରିୟତାମୂଳକ କାର୍ଯ୍ୟ । କର୍ମ ମାତ୍ରେହିଁ ତାହା ବାହ୍ୟ ହେଉ ବା ଆଭ୍ୟନ୍ତରୀଣ ହେଉ ପୁରୁଷର ଧର୍ମ ନୁହେଁ, ପୁରୁଷର କୌଣସି ସକ୍ରିୟ ଇଚ୍ଛା ବା କୌଣସି ସକ୍ରିୟ ବୁଦ୍ଧି ନାହିଁ । ତେଣୁ ଏହା ଏକାକୀ କେବେହେଲେ ବିଶ୍ୱସୃଷ୍ଟିର କାରଣ ହୋଇ ପାରେ ନା । ଅନ୍ୟ ଏକ ଦ୍ୱିତୀୟ କାରଣ

ରହିବା ଆବଶ୍ୟକ । କେବଳ ପୁରୁଷ ଏକାକୀ ନିଜର ସଚେତନ ଜ୍ଞାନ, ସଂକଳ୍ପ ଓ ଆନନ୍ଦର ସ୍ୱଭାବ ସହ ଜଗତ୍-ସୃଷ୍ଟିର କାରଣ ନୁହେଁ, ପୁରୁଷ ଓ ପ୍ରକୃତି, ନିଷ୍କ୍ରିୟ ଚେତନା ଓ ଏକ ସକ୍ରିୟା ଶକ୍ତି – ଏହି ଯୁଗ୍ମକାରଣ ସୃଷ୍ଟିର ପଛରେ ରହିଛି । ଜଗତର ଅସ୍ତିତ୍ୱ ସମ୍ପର୍କରେ ଏହାହିଁ ସାଂଖ୍ୟର ବ୍ୟାଖ୍ୟା ।

କିନ୍ତୁ ଏହି ସଚେତନ ବୁଦ୍ଧି ଓ ସଚେତନ ଇଚ୍ଛା, ଯାହାକୁ ଆମେ ନିଜ ସତ୍ତାର ଏତେବଡ଼ ଅଙ୍ଗ ବୋଲି ଅନୁଭବ କରୁଛୁ ଏବଂ ଯାହାକୁ ଆମେ ସାଧାରଣତଃ ଏକ ସହଜାତ ଭାବ ସହ ପ୍ରକୃତିର ବୋଲି ନ ଭାବି ପୁରୁଷର ବୋଲି ଭାବୁଛୁ – ତାହା ଆସିଲା କେଉଁଠୁ ? ସାଂଖ୍ୟ ମତରେ ଏହି ବୁଦ୍ଧି ଓ ଇଚ୍ଛା ପୂରାପୂରି ପ୍ରକୃତିର ଜଡ଼ ଶକ୍ତିର ଅଙ୍ଗ, ଏହା ଆତ୍ମାର ଗୁଣଧର୍ମ ନୁହେଁ । ଏହା ହେଉଛି ବୁଦ୍ଧିର ତତ୍ତ୍ୱ, ଜଗତର ଚବିଶ ତତ୍ତ୍ୱ ଭିତରୁ ଗୋଟିଏ ତତ୍ତ୍ୱ । ଜଗତର ଏହି କ୍ରମପରିଣାମରେ ପ୍ରକୃତି ନିଜର ତ୍ରିଗୁଣ ସହ ଏହି ସୃଷ୍ଟିର ମୂଳ ଉପାଦାନ ରୂପେ ଅବ୍ୟକ୍ତ, ଅଚେତନ ଅବସ୍ଥାରେ ରହିଥାଏ । ଏହାରି ଭିତରୁହିଁ କ୍ରମାନ୍ୱୟ ଭାବରେ ଶକ୍ତି ବା ବସ୍ତୁର (ସାଂଖ୍ୟ ମତରେ ଶକ୍ତି ଓ ବସ୍ତୁ ସମାନ) ପାଞ୍ଚଟି ମୂଳ ଉପାଦାନ ଜନ୍ମ ନିଏ । ପ୍ରାଚୀନ ଶାସ୍ତ୍ରରେ ଏହାକୁ ପଞ୍ଚମହାଭୂତ ବୋଲି କୁହାଯାଇଛି, ଏଗୁଡ଼ିକ ହେଲେ ଆକାଶ, ବାୟୁ, ଅଗ୍ନି, ଜଳ ଓ ପୃଥିବୀ । ତେବେ ଏଠାରେ ମନେ ରଖିବାକୁ ହେବ ଯେ ଆଧୁନିକ ଜଡ଼ ବିଜ୍ଞାନରେ ମୂଳ ଉପାଦାନ କହିଲେ ଯାହା ବୁଝାଏ, ଏହି ପଞ୍ଚଭୂତ ସେପରି ଉପାଦାନ ନୁହନ୍ତି, ଏଗୁଡ଼ିକ ହେଉଛନ୍ତି ଜଡ଼-ଶକ୍ତିର ପାଞ୍ଚଟି ସୂକ୍ଷ୍ମ ଅବସ୍ଥା ଏବଂ ଏହି ସ୍ଥୂଳ ଜଡ଼ଜଗତରେ ଏଗୁଡ଼ିକର ବିଶୁଦ୍ଧରୂପ କେଉଁଠି ମଧ ମିଳିବ ନାହିଁ । ଜଗତର ସମସ୍ତ ବସ୍ତୁ ଏହି ପାଞ୍ଚଟି ସୂକ୍ଷ୍ମ ଅବସ୍ଥା ବା ଉପାଦାନର ସମ୍ମିଶ୍ରଣରେ ଗଠିତ । ପୁଣି ଏହି ପଞ୍ଚମହାଭୂତରୁ ପ୍ରତ୍ୟେକଟି ଜଡ଼ଶକ୍ତିର ଗୋଟିଏ ଲେଖାଏଁ ସୂକ୍ଷ୍ମ ଗୁଣର ଆଧାର ରହିଛି, ଶାସ୍ତ୍ରରେ ତନ୍ମାତ୍ର ବୋଲି କଥିତ ଏଗୁଡ଼ିକ ହେଲେ ଶବ୍ଦ, ସ୍ପର୍ଶ, ରୂପ, ରସ, ଗନ୍ଧ – ଏଗୁଡ଼ିକ ଦ୍ୱାରାହିଁ ଜ୍ଞାନେନ୍ଦ୍ରିୟର ବସ୍ତୁ ସମ୍ପର୍କରେ ଜ୍ଞାନ ହୁଏ । ଏହିପରି ମୂଳ ପ୍ରକୃତିରୁ ଉତ୍ପନ୍ନ ଏହି ପଞ୍ଚମହାଭୂତ ଓ ଏହାର ପଞ୍ଚତନ୍ମାତ୍ର ବା ଇନ୍ଦ୍ରିୟଗ୍ରାହ୍ୟ ଅବସ୍ଥା ଯାହାଦ୍ୱାରା ବସ୍ତୁ ସମ୍ପର୍କରେ ଆମର ବୋଧ ଆସେ – ଏହିସବୁ ଭିତରୁହିଁ ବାହ୍ୟ ଜଗତ୍ ଉଦ୍ଭୂତ ହୋଇଛି ।

ଅନ୍ୟ ତ୍ରୟୋଦଶଟି ତତ୍ତ୍ୱ ଦ୍ୱାରା ବିଶ୍ୱ ପ୍ରକୃତିର ଅନ୍ତର୍ଜଗତ୍ ଗଠିତ – ସେଗୁଡ଼ିକ ହେଲେ ବୁଦ୍ଧି ବା ମହତ୍, ଅହଙ୍କାର, ମନ ଓ ତାହାର ଦଶ ଇନ୍ଦ୍ରିୟ (ପଞ୍ଚ ଜ୍ଞାନେନ୍ଦ୍ରିୟ ଓ ପଞ୍ଚ କର୍ମେନ୍ଦ୍ରିୟ) । ମନ ହେଉଛି ମୂଳ ଇନ୍ଦ୍ରିୟ ଯେ ସମସ୍ତ ବାହ୍ୟବସ୍ତୁକୁ ପ୍ରତ୍ୟକ୍ଷ କରେ ଓ ସେମାନଙ୍କ ଉପରେ କାର୍ଯ୍ୟକରେ, କାରଣ ଏହାର ଏକ ସଙ୍ଗରେ ଅନ୍ତର୍ମୁଖୀ ଓ ବହିର୍ମୁଖୀ – ଏହି ଦୁଇ ଧରଣର କ୍ରିୟା ରହିଛି । ଏହା ପ୍ରତ୍ୟକ୍ଷ ଦ୍ୱାରା ବସ୍ତୁର ଅର୍ଥ ଗ୍ରହଣ କରେ ଗୀତା ଯାହାକୁ ବାହ୍ୟସ୍ପର୍ଶ ବୋଲି କହିଛି ଏବଂ ଜଗତ୍ ସମ୍ବନ୍ଧରେ ଜ୍ଞାନଲାଭ କରେ

ଏବଂ ପ୍ରାଣଶକ୍ତି ଦ୍ୱାରା ଜଗତ୍ ଉପରେ କ୍ରିୟା କରେ । କିନ୍ତୁ ଏହା ନିଜର ସାଧାରଣ ପ୍ରତ୍ୟକ୍ଷ ବା ଗ୍ରହଣ କ୍ରିୟାକୁ ବିଶେଷ ବିଶେଷ ଜ୍ଞାନେନ୍ଦ୍ରିୟ ସାହାଯ୍ୟରେ ବିଶେଷ ବିଶେଷ ରୂପ ଦିଏ ଓ ଏହିପରି ଭାବରେ ଏହା ପଞ୍ଚଜ୍ଞାନେନ୍ଦ୍ରିୟ ଦ୍ୱାରା ଶବ୍ଦ, ସ୍ପର୍ଶ, ରୂପ, ରସ ଓ ଗନ୍ଧକୁ ଗ୍ରହଣ କରେ । ସେହିପରି ମଧ୍ୟ ପଞ୍ଚକର୍ମେନ୍ଦ୍ରିୟର ସାହାଯ୍ୟରେ ପ୍ରାଣର ଆବଶ୍ୟକ ପ୍ରକ୍ରିୟାକୁ ମଧ୍ୟ ଏହା ବିଶେଷ ବିଶେଷ ରୂପ ଦିଏ, ଏଗୁଡ଼ିକ ହେଲା ବାଣୀ, ଗମନ, ବସ୍ତୁର ଧାରଣ, ତ୍ୟାଗ ଓ ଉତ୍ପାଦନ ଆଦି ପ୍ରକ୍ରିୟା । ବୁଦ୍ଧି ହେଉଛି ବିଚାରତତ୍ତ୍ୱ, ଯାହା ଏକ ସଙ୍ଗରେ ବୋଧଶକ୍ତି ଓ ଇଚ୍ଛାଶକ୍ତି ଏବଂ ଏହା ପ୍ରକୃତିର ସେହି ଶକ୍ତି ଯାହା ବିଚାର କରେ ଓ ବସ୍ତୁସବୁ ଭିତରେ ପାର୍ଥକ୍ୟ ଓ ସାମଞ୍ଜସ୍ୟ ନିର୍ଣ୍ଣୟ କରେ । ଅହଙ୍କାର ହେଉଛି 'ମୁଁ' ଭାବ, ଏହା ବୁଦ୍ଧିର ସେହି ଆନ୍ତର ତତ୍ତ୍ୱ ଯାହା ଦ୍ୱାରା ପୁରୁଷ ନିଜକୁ ପ୍ରକୃତି ସହିତ ଏକ ବୋଲି ଭାବେ ଓ ପ୍ରକୃତିର କାର୍ଯ୍ୟାବଳିକୁ ନିଜର କାର୍ଯ୍ୟାବଳି ବୋଲି ଭାବେ । କିନ୍ତୁ ଏହି ଆନ୍ତର ତତ୍ତ୍ୱସବୁ (ମନ, ବୁଦ୍ଧି, ଅହଂକାର) ମଧ୍ୟ ନିଜେ ଜଡ଼ବତ୍ ଓ ନିଶ୍ଚେତନ ଜଡ଼ଶକ୍ତିର ଅନ୍ତର୍ଗତ, ପ୍ରକୃତିର ବାହ୍ୟକ୍ରିୟା ଯେତିକି ଜଡ଼ ଓ ଅଚେତନ ଶକ୍ତିର ଅନ୍ତର୍ଗତ ଏଗୁଡ଼ିକ ମଧ୍ୟ ତା'ଠାରୁ କିଛି କମ୍ ଜଡ଼ ନୁହନ୍ତି । ଆମ ପକ୍ଷେ ଯଦି ଏହା ବୁଝିବା କଷ୍ଟକର ହୁଏ ଯେ ବୁଦ୍ଧି ଓ ଇଚ୍ଛାଶକ୍ତି କିପରି ଜଡ଼ ନିଶ୍ଚେତନ ଶକ୍ତିର ଅନ୍ତର୍ଗତ ହେଲେ ବା ନିଜେ କିପରି ଜଡ଼ ହେଲେ ତେବେ ଆମକୁ ସ୍ମରଣ ରଖିବାକୁ ହେବ ଯେ ଆଧୁନିକ ବିଜ୍ଞାନ ମଧ୍ୟ ସ୍ୱୟଂ ସେହି ସିଦ୍ଧାନ୍ତରେ ଉପନୀତ ହୋଇଛି । ଏପରିକି ପରମାଣୁର ଜଡ଼ କ୍ରିୟାରେ ଏପରି ଏକ ଶକ୍ତି ରହିଛି, ଯାହାକୁ ନିଶ୍ଚେତନ ଇଚ୍ଛାଶକ୍ତି ବୋଲି କୁହାଯାଇପାରେ, ଏବଂ ପ୍ରକୃତିର ସମସ୍ତ କ୍ରିୟାବଳୀରେ ସେହି ସର୍ବବ୍ୟାପୀ ଇଚ୍ଛାଶକ୍ତି ଅଚେତନ ଭାବରେ ବୁଦ୍ଧିର କାର୍ଯ୍ୟକୁହିଁ କରୁଅଛି । ଆମେ ଯାହାକୁ ମାନସିକ ବୁଦ୍ଧି ବୋଲି କହୁ ତାହା ଓ ଯାହା ଦ୍ୱାରା ଜଡ଼ପ୍ରକୃତିର ସମସ୍ତ କ୍ରିୟାବଳୀରେ ଭେଦାଭେଦ ନିର୍ଣ୍ଣୟ ଓ ସଙ୍ଗତି ବିଧାନର କାର୍ଯ୍ୟ ଅବଚେତନ ଭାବରେ ଚାଲୁଥାଏ ତାହା – ଉଭୟେ ମୂଳତଃ ଏକହିଁ ବସ୍ତୁ । ବର୍ତ୍ତମାନ ପାଶ୍ଚାତ୍ୟ ବିଜ୍ଞାନ ଏହା ମଧ୍ୟ ପ୍ରମାଣ କରିବାକୁ ଚେଷ୍ଟା କରୁଛି ଯେ ସଚେତନ ମନ ସ୍ୱୟଂ ହେଉଛି ଅଚେତନ ଜଡ଼କ୍ରିୟାରହିଁ ଫଳ ଓ ପ୍ରତିଲିପି । କିନ୍ତୁ ଏହି ଜଡ଼ ଅଚେତନ କିପରି ଚେତନାର ରୂପ ଗ୍ରହଣ କରେ ତାହା ଆଧୁନିକ ବିଜ୍ଞାନ ବ୍ୟାଖ୍ୟା କରି ନାହିଁ ଅଥଚ ସାଂଖ୍ୟ ତାହା ବ୍ୟାଖ୍ୟା କରିଛି । ସାଂଖ୍ୟ ଅନୁସାରେ ପୁରୁଷ ଭିତରେ ପ୍ରକୃତି ପ୍ରତିବିମ୍ବିତ ହେବା ଫଳରେହିଁ ଏହା ଏପରି ହେଉଛି । ଆତ୍ମାର ଚେତନାର ଆଲୋକ ଜଡ଼ପ୍ରକୃତିର କର୍ମ ଉପରେ ଆରୋପିତ ହୁଏ ଏବଂ ଏହିପରି ପୁରୁଷ ସାକ୍ଷୀ ଭାବରେ ପ୍ରକୃତିକୁ ଦେଖେ ଓ ନିଜକୁ ଭୁଲିଯାଏ, ପ୍ରକୃତିର ଭାବରେ ବିମୋହିତ ହୋଇ ଭାବେ ଯେ ଯେପରି କି ସେ ନିଜେ ଚିନ୍ତା କରୁଛି, ଅନୁଭବ କରୁଛି, ଇଚ୍ଛା କରୁଛି ଓ କର୍ମ କରୁଛି କିନ୍ତୁ ଯଥାର୍ଥରେ ଏହି ଚିନ୍ତା, ଅନୁଭୂତି,

ଇଚ୍ଛା ଓ କର୍ମ ଆଦି ସମସ୍ତ ବିଷୟ ସର୍ବଦା ପ୍ରକୃତି ଓ ତାହାର ତିନିଗୁଣ ଦ୍ୱାରାହିଁ ସମ୍ପନ୍ନ ହେଉଥାଏ, କେବେହେଲେ ପୁରୁଷ ଦ୍ୱାରା ନୁହେଁ । ଏହି ଭ୍ରମରୁ ମୁକ୍ତ ହେବାହିଁ ପ୍ରକୃତି ଓ ତା'ର କାର୍ଯ୍ୟ ଭିତରୁ ଆତ୍ମାର ମୁକ୍ତିଲାଭ ଦିଗରେ ପ୍ରଥମ ସୋପାନ ।

ଅବଶ୍ୟ ଜଗତରେ ଏପରି ଅନେକ ଜିନିଷ ରହିଛି ଯାହାକୁ ସାଂଖ୍ୟ ଆଦୌ ବ୍ୟାଖ୍ୟା କରି ନାହିଁ ବା ସନ୍ତୋଷଜନକ ଭାବେ ବ୍ୟାଖ୍ୟା କରି ନାହିଁ । କିନ୍ତୁ ଆମେ ଯଦି ସୃଷ୍ଟି-ପ୍ରକ୍ରିୟାର ଏପରି ଏକ ବୁଦ୍ଧିଗତ ଓ ଯୁକ୍ତିସମ୍ମତ ବ୍ୟାଖ୍ୟା ଚାହୁଁ ଯାହାକୁ ଭିତ୍ତିରୂପେ ଗ୍ରହଣ କରି ବିଶ୍ୱପ୍ରକୃତିର ବନ୍ଧନରୁ ଆତ୍ମାର ମୁକ୍ତିଲାଭ ଦିଗରେ ଆଗେଇ ଯାଇହେବ, ଯାହାକି ସମସ୍ତ ପ୍ରାଚୀନ ଦର୍ଶନର ପ୍ରଧାନ ଲକ୍ଷ୍ୟ ଥିଲା, ତା'ହେଲେ ସାଂଖ୍ୟ ସୃଷ୍ଟିର ଯେଉଁ ବ୍ୟାଖ୍ୟା ଦେଇଛି ଓ ମୁକ୍ତିର ଯେଉଁ ପଥ ନିର୍ଣ୍ଣୟ କରିଛି ତାହା ଯଥାର୍ଥତା ଓ ଫଳପ୍ରଦତା ଦୃଷ୍ଟିରୁ ଅନ୍ୟ କାହାଠାରୁ କୌଣସି ଗୁଣରେ କମ୍ ନୁହେଁ । ଆମେ ଯେଉଁ ଜିନିଷଟା ପ୍ରଥମେ ବୁଝିପାରୁ ନାହିଁ ତା'ହେଲା ଏହା କାହିଁକି ଏକ ପ୍ରକୃତି ଓ ଅନେକ ପୁରୁଷର ତତ୍ତ୍ୱକୁ ଗ୍ରହଣ କରି ନିଜର ଦ୍ୱୈତବାଦୀ ସିଦ୍ଧାନ୍ତ ଭିତରକୁ ଏହି ବହୁତ୍ୱବାଦର ଉପାଦାନକୁ ଆଣିଲା । ମନେହେବ ଏକ ପୁରୁଷ ଓ ଏକ ପ୍ରକୃତିର ତତ୍ତ୍ୱକୁ ଧରିଲେ ତାହାହିଁ ତ ବିଶ୍ୱର ସୃଷ୍ଟି ଓ ପ୍ରକ୍ରିୟାକୁ ବ୍ୟାଖ୍ୟା କରିବାକୁ ଯଥେଷ୍ଟ । କିନ୍ତୁ ବସ୍ତୁର ମୂଳତତ୍ତ୍ୱ ନିରୀକ୍ଷଣ କରିବାକୁ ଯାଇ ସାଂଖ୍ୟ ଯେଉଁ କଠୋର ବିଶ୍ଳେଷଣାତ୍ମକ ପଦ୍ଧତିର ଆଶ୍ରୟ ନେଇଛି ସେଥିରେ ବହୁ ପୁରୁଷବାଦର ତତ୍ତ୍ୱକୁ ଗ୍ରହଣ କରିବା ତା' ପାଇଁ ଅନିବାର୍ଯ୍ୟ ଥିଲା । ପ୍ରଥମତଃ ଆମେ ପ୍ରକୃତରେ ଦେଖୁ ଯେ ଜଗତରେ ଅନେକ ସଚେତ ସତ୍ତା ରହିଛନ୍ତି ଏବଂ ସେମାନେ ପ୍ରତ୍ୟେକେ ନିଜ ନିଜର ସ୍ୱତନ୍ତ୍ର ଢଙ୍ଗରେ ସେହି ଏକ ପୃଥିବୀକୁ ଭିନ୍ନ ଭିନ୍ନ ଭାବରେ ଦେଖୁଛନ୍ତି ଓ ଜଗତର ବାହ୍ୟ ଓ ଆନ୍ତର ବିଷୟ ସମ୍ପର୍କରେ ପ୍ରତ୍ୟେକର ସ୍ୱତନ୍ତ୍ର ଅନୁଭୂତି ରହିଛି ଓ ଜଗତକୁ ପ୍ରତ୍ୟକ୍ଷ କରିବାର ଓ ତା' ଉପରେ କ୍ରିୟା କରିବାର ସେହି ଏକ ପଦ୍ଧତି ସମ୍ପର୍କରେ ମଧ୍ୟ ପ୍ରତ୍ୟେକେ ନିଜ ନିଜର ସ୍ୱତନ୍ତ୍ର ଧାରା ଅନୁସରଣ କରନ୍ତି । ଯଦି ପୁରୁଷ ମାତ୍ର ଗୋଟିଏ ହୋଇଥାଆନ୍ତା ତା'ହେଲେ ଏହି କେନ୍ଦ୍ରୀୟ ସ୍ୱାତନ୍ତ୍ର୍ୟ ଓ ପାର୍ଥକ୍ୟ ନ ଥା'ନ୍ତା ଓ ସମସ୍ତେ ଜଗତକୁ ଏକ ପ୍ରକାରରେହିଁ ଦେଖନ୍ତେ ଓ ସମସ୍ତଙ୍କ ନିକଟରେ ଅନ୍ତର୍ଜଗତ୍ ଓ ବହିର୍ଜଗତ୍ ଏକହିଁ ରୂପରେ ପ୍ରତିଭାତ ହୁଅନ୍ତା ଓ ଜଗତ୍ ସମ୍ପର୍କରେ ସମସ୍ତଙ୍କର ଆନ୍ତର ପ୍ରକ୍ରିୟା ଓ ବାହ୍ୟପ୍ରକ୍ରିୟା ସମାନ ହୁଅନ୍ତା । କାରଣ ପ୍ରକୃତି ଏକ, ସମସ୍ତେ ସେହି ଏକ ଜଗତକୁହିଁ ଦେଖନ୍ତି, ସର୍ବତ୍ର ତା'ର ତତ୍ତ୍ୱ ସମାନ, ଯେଉଁସବୁ ସାଧାରଣ ତତ୍ତ୍ୱ ଦ୍ୱାରା ଅନ୍ତର୍ଜଗତ୍ ଓ ବହିର୍ଜଗତ୍ ଗଠିତ ତାହା ସମସ୍ତଙ୍କ ପାଇଁ ସମାନ । କିନ୍ତୁ ଜଗତ୍ ସମ୍ବନ୍ଧରେ ଲୋକମାନଙ୍କର ଦୃଷ୍ଟିଭଙ୍ଗୀ, ବିଚାର, ମନୋଭାବ, କର୍ମ ଓ ଅନୁଭୂତି ତଥା ଅନୁଭୂତିର

ଅପସାରଣ ଆଦି ବିଷୟରେ ଯେଉଁ ପାର୍ଥକ୍ୟ ଦେଖାଯାଏ ତାହା ଅସଂଖ୍ୟ । ଏହି ପାର୍ଥକ୍ୟ ଓ ବିଭିନ୍ନତା ପ୍ରାକୃତିକ କ୍ରିୟାବଳିରେ ନ ଥାଏ କାରଣ ତାହା ସମାନ, ଏହି ପାର୍ଥକ୍ୟ ରହିଥାଏ ଦ୍ରଷ୍ଟା-ଚେତନାରେ । ତେଣୁ ଏହି ପାର୍ଥକ୍ୟ ଓ ବିଭିନ୍ନତାକୁ ବ୍ୟାଖ୍ୟା କରିବା ସମ୍ପୂର୍ଣ୍ଣ ଅସମ୍ଭବ, ଯଦି ବହୁ ଦ୍ରଷ୍ଟା ବା ବହୁପୁରୁଷର ତତ୍ତ୍ୱକୁ ଗ୍ରହଣ କରାଯାଏ । ଆମେ କହିପାରୁ ଯେ ପୃଥକୀଭୂତ ଅହଂବୋଧହିଁ ଏହି ପ୍ରକାର ପାର୍ଥକ୍ୟର କାରଣ ଓ ଏହାହିଁ ଏହିସବୁ ଭେଦ ଓ ବିଭିନ୍ନତାକୁ ବ୍ୟାଖ୍ୟା କରିବା ପାଇଁ ଯଥେଷ୍ଟ । କିନ୍ତୁ ଏହି ଅହଂ ଚେତନା ପ୍ରକୃତିରହିଁ ଏକ ସାଧାରଣ ତତ୍ତ୍ୱ ଯାହା ସମସ୍ତଙ୍କ ପାଇଁ ସମାନ, ସେଥିରେ ପାର୍ଥକ୍ୟ ଓ ବିଭିନ୍ନତାର କୌଣସି ଆବଶ୍ୟକତା ନାହିଁ, କାରଣ ଏହାର ଏକମାତ୍ର କାର୍ଯ୍ୟ ହେଲା ପୁରୁଷକୁ ପ୍ରକୃତି ସହିତ ଏକ ବୋଲି ଭାବିବା ପାଇଁ ପ୍ରବୃତ୍ତ କରାଇବା । ତେଣୁ ଯଦି ମାତ୍ର ଗୋଟିଏ ପୁରୁଷ ଥାଆନ୍ତା ତା'ହେଲେ ସମସ୍ତ ଜୀବ ଏକ ହୋଇଥାଆନ୍ତେ ଓ ସେମାନଙ୍କର ଅହଂଭାବମୟ ଚେତନାରେ ସମସ୍ତେ ଯୁକ୍ତ ଓ ସମଭାବସମ୍ପନ୍ନ ହୋଇଥାଆନ୍ତେ । ଖାଲି ବାହ୍ୟ ଆକାର-ପ୍ରକାରରେ ଓ ପ୍ରାକୃତିକ ଅଙ୍ଗବିନ୍ୟାସରେ ସେମାନଙ୍କ ଭିତରେ ଯେତେ ପାର୍ଥକ୍ୟ ଥିଲେ ମଧ୍ୟ ସେମାନଙ୍କ ଆତ୍ମାର ଦୃଷ୍ଟିରେ ଓ ଆତ୍ମାର ଅନୁଭୂତିରେ କୌଣସି ପାର୍ଥକ୍ୟ ରହନ୍ତା ନାହିଁ । ପ୍ରକୃତିରେ ଯେତେ ବିଭିନ୍ନତା ଥିଲେ ମଧ୍ୟ ଯଦି ସାକ୍ଷୀପୁରୁଷ ଗୋଟିଏ ହୋଇଥାଆନ୍ତା ତା'ହେଲେ ତା' ଭିତରେ ଏହିସବୁ କେନ୍ଦ୍ରୀୟ ପାର୍ଥକ୍ୟ, ଦୃଷ୍ଟିକୋଣର ଏହି ବିଭିନ୍ନତା ଏବଂ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଅନୁଭୂତିର ଏହି ପାର୍ଥକ୍ୟ ସମ୍ଭବପର ହୁଅନ୍ତା ନାହିଁ । ତେଣୁ ପ୍ରାଚୀନ ବୈଦାନ୍ତିକ ଜ୍ଞାନରୁ ଜନ୍ମ ନେଇଥିବା ଓ ପରେ ସେଥିରୁ ବିଚ୍ୟୁତ ହୋଇଥିବା ବିଶୁଦ୍ଧ ସାଂଖ୍ୟ ପାଇଁ ବହୁପୁରୁଷବାଦ ଏକ ନ୍ୟାୟସଙ୍ଗତ ପ୍ରୟୋଜନୀୟତା । ଜଗତ୍ ଓ ତାହାର ପ୍ରକ୍ରିୟାକୁ ଏକ ପୁରୁଷ ଓ ଏକ ପ୍ରକୃତି ଭିତରେ ସଂଯୋଗର ଫଳ ବୋଲି ବ୍ୟାଖ୍ୟା କରାଯାଇପାରେ କିନ୍ତୁ ଏହା ଦ୍ୱାରା ଜଗତର ସଚେତନ ଜୀବମାନଙ୍କର ଏହି ବହୁତ୍ୱ ଓ ବିଭିନ୍ନତାକୁ ବ୍ୟାଖ୍ୟା କରାଯାଇ ପାରିବ ନାହିଁ ।

ଏ ସମ୍ପର୍କରେ ଏହି ଧରଣର ଆଉ ଏକ କଠିନ ସମସ୍ୟା ରହିଛି । ଅନ୍ୟାନ୍ୟ ଦର୍ଶନ ପରି ଏହି ଦର୍ଶନ ମଧ୍ୟ ମୁକ୍ତିକୁ ନିଜର ଲକ୍ଷ୍ୟ ରୂପେ ଗ୍ରହଣ କରିଛି । ଆମେ କହିଛୁ ଯେ ଏହି ମୁକ୍ତିଲାଭ କରାଯାଏ ପ୍ରକୃତିର କର୍ମାବଳୀରୁ ପୁରୁଷ ନିଜର ଅନୁମତି ପ୍ରତ୍ୟାହାର କରି ଆଣିବା ଦ୍ୱାରା, ଯେଉଁ କର୍ମକୁ ପ୍ରକୃତି କେବଳ ପୁରୁଷର ଆନନ୍ଦ ପାଇଁ କରୁଥାଏ । କିନ୍ତୁ ପ୍ରକୃତରେ ଏହା କେବଳ କଥା କହିବାର ଏକ ଢଙ୍ଗ ମାତ୍ର । କାରଣ ପୁରୁଷ ସ୍ୱୟଂ ନିଷ୍କ୍ରିୟ, ଅନୁମତି ଦେବା ବା ପ୍ରତ୍ୟାହାର କରିବାର କ୍ରିୟା ଯଥାର୍ଥରେ ତା'ର ହୋଇ ନ ପାରେ, ଏହା ବାସ୍ତବରେ ପ୍ରକୃତିରହିଁ କ୍ରିୟା । ଆମେ ଯଦି ବିବେଚନା କରୁ ତା'ହେଲେ ଦେଖି

ପାରିବୁ ଯେ ଏହି ଅନୁମତି ଦେବା ବା ପ୍ରତ୍ୟାହାର କରିବା ବୁଦ୍ଧିରହିଁ ଏକ କ୍ରିୟା । ପ୍ରତ୍ୟକ୍ଷ କରିବାର କାର୍ଯ୍ୟରେ ମନକୁ ସାହାଯ୍ୟ କରିବା ପାଇଁ ବୁଦ୍ଧି ଆଗେଇ ଆସେ, ବୁଦ୍ଧିହିଁ ବିଶ୍ୱପ୍ରକୃତିର କ୍ରିୟାବଳୀ ଭିତରେ ଭେଦ ଓ ସାମଞ୍ଜସ୍ୟ ବିଧାନ ପରେ, ଏବଂ ଅହଂକାରର ସାହାଯ୍ୟ ନେଇ ପ୍ରକୃତିର ଚିନ୍ତା, ବୋଧ ଓ କର୍ମ ଆଦି କ୍ରିୟା ସହିତ ଦ୍ରଷ୍ଟାକୁ ଏକ କରାଇ ଦିଏ । ପୁଣି ଭେଦ ବିଚାରର ପ୍ରକ୍ରିୟାକୁ ଆଶ୍ରୟ କରି ବୁଦ୍ଧି ଏହି ବିଘଟନାତ୍ମକ ଉପଲବ୍ଧିରେ ପହଞ୍ଚେ ଯେ ପୁରୁଷ ଓ ପ୍ରକୃତିର ଏହି ଏକତ୍ୱ ଏକ ଭ୍ରମ, ଏବଂ ଶେଷରେ ପ୍ରକୃତିଠାରୁ ପୁରୁଷକୁ ପୃଥକ୍ କରିଦିଏ ଓ ପ୍ରତ୍ୟକ୍ଷ କରେ ଯେ ଏହି ସମସ୍ତ ବିଶ୍ୱଜଗତର ସମସ୍ତ କ୍ରିୟା କେବଳ ଗୁଣସବୁର ସାମ୍ୟାବସ୍ଥାର ବିକ୍ଷୋଭ ମାତ୍ର । ସେତେବେଳେ ବୁଦ୍ଧି – ଯେ କି ଏକ ସଙ୍ଗରେ ବୁଦ୍ଧି ତଥା ସଙ୍କଳ୍ପଶକ୍ତି – ଏପର୍ଯ୍ୟନ୍ତ ପୋଷଣ କରୁଥିବା ଏହି ଭ୍ରମ ଓ ମିଥ୍ୟାରୁ ନିଜକୁ ହଟାଇ ଆଣେ ଏବଂ ପୁରୁଷ ବନ୍ଧନମୁକ୍ତ ହୋଇ ଜାଗତିକ ଖେଳାରେ ମନର ଆଗ୍ରହ ସହ ଆଉ ନିଜକୁ ଯୁକ୍ତ କରେ ନାହିଁ । ଏହାର ଅନ୍ତିମ ଫଳ ଏହା ହେବ ଯେ ପ୍ରକୃତି ନିଜକୁ ପୁରୁଷ ଭିତରେ ପ୍ରତିବିମ୍ବିତ କରିବାର ଶକ୍ତି ହରାଇବ, କାରଣ ଅହଂକାରର ପ୍ରଭାବ ବର୍ତ୍ତମାନ ନଷ୍ଟ ହୋଇଯାଇଛି ଓ ବୁଦ୍ଧି ଉଦାସୀନ ହୋଇଯିବା ଫଳରେ ପ୍ରକୃତିର କାର୍ଯ୍ୟରେ ଅନୁମତି ଦେବାର ଯନ୍ତ୍ର ହିସାବରେ ତାହା ଆଉ କୌଣସି କ୍ରିୟା କରୁ ନାହିଁ; ତେଣୁ ପ୍ରକୃତିର ଗୁଣତ୍ରୟ ଏକ ସାମ୍ୟାବସ୍ଥାରେ ପତିତ ହେବାକୁ ବାଧ୍ୟ ହେବେ, ବିଶ୍ୱଲୀଳା ବନ୍ଦ ହୋଇଯିବ ଓ ପୁରୁଷ ତା'ର ନିଶ୍ଚଳ ପ୍ରଶାନ୍ତିକୁ ଫେରିଯିବ । କିନ୍ତୁ ପୁରୁଷ ଯଦି ଗୋଟିଏ ହୋଇଥା'ନ୍ତା ଏବଂ ବୁଦ୍ଧିତତ୍ତ୍ୱ ନିଜର ଭ୍ରମ ବୁଝିପାରି ସେଥିରୁ ନିବୃତ୍ତ ହୁଅନ୍ତା ତା'ହେଲେ ସେଇଠି ସମସ୍ତ ଜଗତ ଶେଷ ହୋଇଯାଆନ୍ତା । କିନ୍ତୁ ଆମେ ଦେଖୁଛୁ ସେ ଧରଣର କିଛି ତ ଘଟୁ ନାହିଁ । କୋଟି କୋଟି ଅସଂଖ୍ୟ ଜୀବମାନଙ୍କ ଭିତରୁ ମାତ୍ର କେଇଜଣ ମୁକ୍ତିଲାଭ କରୁଛନ୍ତି ବା ମୁକ୍ତିଲାଭର ପଥରେ ଅଗ୍ରସର ହେଉଛନ୍ତି, କିନ୍ତୁ ତା' ଫଳରେ ଅବଶିଷ୍ଟ ଜୀବମାନଙ୍କର ତ କିଛି ବ୍ୟତିକ୍ରମ ହେଉ ନାହିଁ, ସେମାନଙ୍କ ସହିତ ବିଶ୍ୱପ୍ରକୃତିର ଯେଉଁ ଲୀଳା ଚାଲୁଥିଲା ସେଥିରେ ଏହି ମୁକ୍ତି ଦ୍ୱାରା ବିନ୍ଦୁମାତ୍ର ଅସୁବିଧା ହେଉ ନାହିଁ, ଏହି ଧରଣର ପ୍ରତ୍ୟାଖ୍ୟାନ ଦ୍ୱାରା ବିଶ୍ୱପ୍ରକୃତିର ସମସ୍ତ ଲୀଳା ବନ୍ଦ ହୋଇଯିବା କଥା । ବହୁ ସ୍ୱତନ୍ତ୍ର ପୁରୁଷ ତତ୍ତ୍ୱ ଗ୍ରହଣ ନ କଲେ ଏହାକୁ ବ୍ୟାଖ୍ୟା କରାଯାଇ ପାରିବ ନାହିଁ । ବୈଦାନ୍ତିକ ଅଦ୍ୱୈତବାଦ ଅନୁସାରେ ଯଦି ଏହାର କୌଣସି ଯୁକ୍ତିଯୁକ୍ତ ବ୍ୟାଖ୍ୟା ଥାଏ ତା' ହେଉଛି ମାୟାବାଦ – କିନ୍ତୁ ସେହି ମତ ଅନୁସାରେ ସବୁକିଛି କେବଳ ସ୍ୱପ୍ନ, ବନ୍ଧନ ଓ ମୁକ୍ତି ଉଭୟେ ଅବାସ୍ତବ, ମିଥ୍ୟାର ଏକ ଅବସ୍ଥା, ମାୟାର ଏକ ବ୍ୟବହାରିକ ଭ୍ରମ, ବାସ୍ତବରେ କେହି ବଦ୍ଧ ନୁହନ୍ତି ବା କେହି ମୁକ୍ତ ନୁହନ୍ତି । ସାଂଖ୍ୟର ଅଧିକ ବାସ୍ତବବାଦୀ ଦୃଷ୍ଟିଭଙ୍ଗୀ ଏହି ସିଦ୍ଧାନ୍ତକୁ ଗ୍ରହଣ କରି ନାହିଁ ଯେ ଏ ସମସ୍ତ ସୃଷ୍ଟି ଅଳୀକ ଓ ଦୃଷ୍ଟିଭ୍ରମ ମାତ୍ର, ତେଣୁ ସାଂଖ୍ୟ

ଏହି ସମାଧାନକୁ ମଧ୍ୟ ଗ୍ରହଣ କରି ନାହିଁ । ଏଠାରେ ମଧ୍ୟ ଆମେ ଦେଖୁ ଯେ ସାଂଖ୍ୟ ଯେଉଁ ଭାବରେ ସୃଷ୍ଟିକୁ ବିଶ୍ଳେଷଣ କରିଛି, ସେଥିରେ ବହୁ ପୁରୁଷ-ତତ୍ତ୍ୱକୁ ଗ୍ରହଣ କରିବା ତା' ପାଇଁ ଅନିବାର୍ଯ୍ୟ ।

ଗୀତା ସାଂଖ୍ୟର ଏହି ବିଶ୍ଳେଷଣରୁହିଁ ନିଜର ବକ୍ତବ୍ୟ ଆରମ୍ଭ କରିଛି ଓ ଯେଉଁଠି ଏହା ଯୋଗ ବିଷୟରେ ଆଲୋଚନା କରିଛି ପ୍ରଥମରୁ ମନେହେବ ଏହା ଯେପରି ପ୍ରାୟ ସମ୍ପୂର୍ଣ୍ଣ ଭାବେ ସାଂଖ୍ୟକୁ ଗ୍ରହଣ କରିଛି । ଏହା ପ୍ରକୃତି ଓ ତା'ର ତିନିଗୁଣ ଓ ଚବିଶ ତତ୍ତ୍ୱକୁ ଗ୍ରହଣ କରିଛି, ସମସ୍ତ କର୍ମ ପ୍ରକୃତିର ଓ ପୁରୁଷ କେବଳ ନିଷ୍କ୍ରିୟ – ଏହି ତତ୍ତ୍ୱକୁ ମଧ୍ୟ ଗ୍ରହଣ କରିଛି, ଜଗତରେ ବହୁ ସଚେତନ ସତ୍ତାର ଅସ୍ତିତ୍ୱକୁ ଗ୍ରହଣ କରିଛି ଓ ଗୀତା ଏହା ମଧ୍ୟ ଗ୍ରହଣ କରିଛି ଯେ ଅହଂକାରର ବିନାଶ, ବୁଦ୍ଧିର ଭେଦକ୍ରିୟା ଓ ଗୁଣତ୍ରୟର ଊର୍ଦ୍ଧ୍ୱକୁ ଉଠିଯିବାହିଁ ମୁକ୍ତିର ଉପାୟ । ଆରମ୍ଭରୁ ଅର୍ଜୁନଙ୍କୁ ଯେଉଁ ଯୋଗ ଅଭ୍ୟାସ କରିବାକୁ କୁହାଯାଇଛି, ତା' ହେଉଛି ବୁଦ୍ଧିଯୋଗ । କିନ୍ତୁ ଗୋଟିଏ ବିଷୟରେ ଏହା ସାଂଖ୍ୟଠାରୁ ଭିନ୍ନ ମତ ପୋଷଣ କରିଛି ଯାହାକି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, ତା' ହେଲା ଗୀତାର ସିଦ୍ଧାନ୍ତ ଅନୁସାରେ ପୁରୁଷ ଏକ, ବହୁ ନୁହେଁ । କାରଣ ଗୀତାର ମୁକ୍ତ, ଅଶରୀରୀ, ଅଚଳ, ସନାତନ ଓ ଅକ୍ଷର ଆତ୍ମାକୁ କେବଳ ଗୋଟିଏ ବିଷୟ ଛାଡ଼ି ଦେଲେ ସାଂଖ୍ୟର ସନାତନ, ନିଷ୍କ୍ରିୟ, ଅଚଳ ଓ ଅକ୍ଷର ପୁରୁଷର ବୈଦାନ୍ତିକ ବର୍ଣ୍ଣନା ବୋଲି କୁହାଯାଇପାରେ । କିନ୍ତୁ ଏହି ପ୍ରଧାନ ପାର୍ଥକ୍ୟଟି ହେଉଛି ଗୀତାରେ ପୁରୁଷ ଏକ, ବହୁ ନୁହେଁ । ସାଂଖ୍ୟ ବହୁ ପୁରୁଷବାଦକୁ ଗ୍ରହଣ କରି ଯେଉଁ ସମସ୍ୟାକୁ ଆଡ଼େଇ ଦେଇଥିଲା, ଏହା ପୁଣି ସେହି ସମସ୍ତ ସମସ୍ୟାକୁ ଉଠାଇଛି, ଯାହା ପାଇଁ ସମ୍ପୂର୍ଣ୍ଣ ଏକ ନୂତନ ସମାଧାନର ପ୍ରୟୋଜନ । ଗୀତା ସେହି ସମାଧାନ କରିଛି ନିଜର ବୈଦାନ୍ତିକ ସାଂଖ୍ୟ ଭିତରକୁ ବୈଦାନ୍ତିକ ଯୋଗର ସିଦ୍ଧାନ୍ତ ଓ ତତ୍ତ୍ୱସବୁକୁ ଆଣି ମିଶାଇବା ଦ୍ୱାରା ।

ପ୍ରଥମେ ଆମେ ଏଠାରେ ଯେଉଁ ଗୁରୁତ୍ୱପୂର୍ଣ୍ଣ ନୂତନ ଉପାଦାନ ପାଉ ତା'ହେଲା ସ୍ୱୟଂ ପୁରୁଷ ସମ୍ବନ୍ଧରେ ଧାରଣାରେ ନୂତନତ୍ୱ । ପ୍ରକୃତି କାର୍ଯ୍ୟ କରୁଛି ପୁରୁଷର ଆନନ୍ଦ ପାଇଁ; କିନ୍ତୁ ସେହି ଆନନ୍ଦ ନିର୍ଦ୍ଧାରିତ ହେଉଛି କିପରି ? ବିଶୁଦ୍ଧ ସାଂଖ୍ୟ ବିଶ୍ଳେଷଣ ଅନୁସାରେ ଏହା ନିର୍ଦ୍ଧାରିତ ହୁଏ ନୀରବ ସାକ୍ଷୀ ପୁରୁଷର ନିଷ୍କ୍ରିୟ ଅନୁମତି ଦ୍ୱାରା । ନିଷ୍କ୍ରିୟ, ଉଦାସୀନଭାବରେ ସାକ୍ଷୀ ବୁଦ୍ଧି ଓ ଅହଂକାରର କ୍ରିୟାରେ ସମ୍ମତି ଦିଏ ପୁଣି ସେହିପରି ନିଷ୍କ୍ରିୟ ଉଦାସୀନଭାବରେହିଁ ଅହଂକାରଠାରୁ ବୁଦ୍ଧିର ପ୍ରତ୍ୟାହାରକୁ ମଧ୍ୟ ସମ୍ମତି ଦିଏ । ସେ ଦ୍ରଷ୍ଟା, ଅନୁମତିର ମୂଳ ଉତ୍ସ, ପ୍ରତିଫଳନ ଦ୍ୱାରା ପ୍ରକୃତିର କାର୍ଯ୍ୟକୁ ଧାରଣ କରେ – ସାକ୍ଷୀ, ଅନୁମନ୍ତା ଓ ଭର୍ତ୍ତା, କିନ୍ତୁ ତା' ଅପେକ୍ଷା ଅଧିକ କିଛି ନୁହେଁ । କିନ୍ତୁ ଗୀତାର ପୁରୁଷ ପ୍ରକୃତିର ପ୍ରଭୁ ମଧ୍ୟ, ସେ ଈଶ୍ୱର । ଯଦିବି ବୁଦ୍ଧିର କ୍ରିୟା ପ୍ରକୃତିର ହୁଏ, ତା'ହେଲେ ସେହି

ବୁଦ୍ଧିର ଉତ୍ପତ୍ତି ଓ ଶକ୍ତିର ମୂଳରେ ରହିଛନ୍ତି ସଚେତନ ପୁରୁଷ, ସେ ହେଉଛନ୍ତି ପ୍ରକୃତିର ପ୍ରଭୁ । ଯଦିବି ସଙ୍କଳ୍ପଶକ୍ତିର ବୁଦ୍ଧିର କ୍ରିୟା ପ୍ରକୃତିର କ୍ରିୟା ହୁଏ ତେବେ ବି ସେହି ବୁଦ୍ଧିର ଉତ୍ସ ଓ ଆଲୋକକୁ ପୁରୁଷହିଁ ସକ୍ରିୟଭାବରେ ରୂପ ଦିଅନ୍ତି । ସେ କେବଳ ସାକ୍ଷୀ ନୁହନ୍ତି, ସେ ଜ୍ଞାତା ଓ ଈଶ୍ୱର, ସେ ଜ୍ଞାନ ଓ ଇଚ୍ଛାର ପ୍ରଭୁ । ପ୍ରକୃତିର କର୍ମର ସେହିଁ ହେଉଛନ୍ତି ପରମ କାରଣ, ପୁଣି କର୍ମରୁ ପ୍ରକୃତିର ନିବୃତ୍ତିରହିଁ ସେ ହେଉଛନ୍ତି ପରମ କାରଣ । ସାଂଖ୍ୟର ବିଶ୍ଳେଷଣରେ ପୁରୁଷ ଓ ପ୍ରକୃତି ହେଉଛନ୍ତି ବିଶ୍ୱର ଦୁଇଟି କାରଣ, କିନ୍ତୁ ଗୀତାର ସମନ୍ୱୟାତ୍ମକ ସାଂଖ୍ୟ ଅନୁସାରେ ପୁରୁଷହିଁ ନିଜର ପ୍ରକୃତି ସମନ୍ୱିତ ହୋଇ ବିଶ୍ୱର ଏକମାତ୍ର କାରଣ । ଆମେ ଏଠାରେ ସ୍ପଷ୍ଟ ଦେଖିପାରୁ ଯେ ପାରମ୍ପରିକ ସାଂଖ୍ୟର ରକ୍ଷଣଶୀଳ ବିଶ୍ଳେଷଣ ପଦ୍ଧତିରୁ ଗୀତାରେ ଆମେ କେତେ ଅଧିକ ଦୂର ଆଗେଇ ଆସିଛୁ ।

କିନ୍ତୁ ଗୀତା ଯେଉଁ ଅକ୍ଷର, ନିଶ୍ଚଳ ଓ ଚିରମୁକ୍ତ ଏକ ଅଦ୍ୱିତୀୟ ଆତ୍ମାର କଥା କହିଥିଲା, ତା' ସମ୍ବନ୍ଧରେ କ'ଣ ବ୍ୟାଖ୍ୟା ? ତାହା ଅବିକାରୀ, ଅଜ, ଅବ୍ୟକ୍ତ ବ୍ରହ୍ମ, ତଥାପି ତାହା ଦ୍ୱାରାହିଁ ଏସବୁ କିଛି ବ୍ୟାପ୍ତ ହୋଇ ରହିଛି । ତେଣୁ ମନେ ହେବ ଯେ ଈଶ୍ୱର-ତତ୍ତ୍ୱ ଏହାର ସତ୍ତାରେ ମଧ୍ୟ ରହିଛି; ଯଦିବି ଏହା ନିଶ୍ଚଳ ତଥାପି ଏହା ସମସ୍ତ କର୍ମ ଓ ଗତିର କାରଣ ଓ ପ୍ରଭୁ । କିନ୍ତୁ ଏହା କିପରି ? ଏବଂ ଜଗତରେ ଯେଉଁ ବହୁ ସଚେତ ଜୀବ ରହିଛନ୍ତି ସେହି ବହୁତ୍ୱର ବ୍ୟାଖ୍ୟା କ'ଣ ? ସେମାନେ ଈଶ୍ୱର ବୋଲି ମନେ ହୁଅନ୍ତି ନାହିଁ ବରଂ ସେମାନେ ବେଶୀ ଭାବରେ ଅନିଶ ବୋଲିହିଁ ଅର୍ଥାତ୍ ଈଶ୍ୱର ନୁହନ୍ତି ବୋଲି ମନେହୁଅନ୍ତି, କାରଣ ସେମାନେ ତ୍ରିଗୁଣର କ୍ରିୟା ଓ ଅହଂବୋଧମୂଳକ ଭ୍ରମର ଅଧୀନ । ଯଦି ଗୀତା କହିଥିବାର ମନେହୁଏ ସେମାନେ ସେହି ଏକ ଆତ୍ମା ତେବେ ଏହି ବନ୍ଧନ, ଦାସତ୍ୱ ଓ ଭ୍ରମ ଆସିଲା କେଉଁଠୁ, ଏବଂ ପୁରୁଷର ସମ୍ପୂର୍ଣ୍ଣ ନିଷ୍କ୍ରିୟ ଉଦାସୀନତା ଛଡ଼ା ଏହାକୁ ବ୍ୟାଖ୍ୟା କରାଯିବ କିପରି ? ପୁଣି ଏହି ବହୁତ୍ୱ ବି ଆସିଲା କେଉଁଠୁ ? ଏବଂ ଏହା ମଧ୍ୟ କିପରି ସମ୍ଭବ ହେଉଛି ଯେ ଗୋଟିଏ ଶରୀର ଓ ମନରେ ଏକ ଆତ୍ମା ମୁକ୍ତିଲାଭ କରୁଛି ଅଥଚ ଅନ୍ୟ ଶରୀର ଓ ମନ ଭିତରେ ସେହି ଏକ ଆତ୍ମା ବନ୍ଧନରେ ଭ୍ରମ ଭିତରେ ରହୁଛି ? ଏହି ସମସ୍ତ ସମସ୍ୟାର କୌଣସି ସମାଧାନ ନ ଦେଇ ଏହାକୁ ଏଡ଼ାଇ ଦେଲେ ଚଳିବ ନାହିଁ ।

ପରବର୍ତ୍ତୀ ଅଧ୍ୟାୟମାନଙ୍କରେ ଗୀତା ଏହିସବୁ ପ୍ରଶ୍ନମାନଙ୍କର ସମାଧାନ କରିଛି ପୁରୁଷ ଓ ପ୍ରକୃତିର ସମ୍ବନ୍ଧକୁ ବିଶ୍ଳେଷଣ କରି । ଏହି ବଶ୍ଳେଷଣରେ ଏପରି ସବୁ ନୂତନ ଉପାଦାନ ଆସି ପହଞ୍ଚିଛି ଯାହାକି ବୈଦାନ୍ତିକ ଯୋଗର ବିଷୟ କିନ୍ତୁ ପାରମ୍ପରିକ ସାଂଖ୍ୟଠାରୁ ବହୁ ଦୂରରେ । ଏହା ତିନିଟି ପୁରୁଷ ବା ପୁରୁଷର ତିନିଟି ଅବସ୍ଥା ବିଷୟରେ କହିଛି । ଉପନିଷଦ୍ ସାଂଖ୍ୟ ତତ୍ତ୍ୱ ସମ୍ବନ୍ଧରେ କହିବାକୁ ଯାଇ କେବଳ ଦୁଇଟି ପୁରୁଷ କଥା କହିଛି

ବୋଲି ମନେହୁଏ । ଉପନିଷଦର ଏକ ଶ୍ଳୋକରେ ବର୍ଣ୍ଣନା ଅଛି ଯେ ତ୍ରିବର୍ଣ୍ଣର ଏକ ଅଜ ପୁରୁଷ ରହିଛି, ଏହା ହେଉଛି ପ୍ରକୃତିର ତ୍ରିଗୁଣମୟୀ ସନାତନୀ ସ୍ତ୍ରୀ-ତତ୍ତ୍ୱର ବର୍ଣ୍ଣନା, ଯେ ସତତ ସୃଷ୍ଟି କରିଚାଲିଛି; ଆଉ ଦୁଇଜଣ ଅଜ ପୁରୁଷ ରହିଛନ୍ତି, ଜଣେ ପ୍ରକୃତି ସହିତ ଲିପ୍ତ ଅଛି ଓ ତାହାକୁ ଭୋଗ କରୁଛି ଏବଂ ଅନ୍ୟଜଣେ ତାହାକୁ ପରିତ୍ୟାଗ କରିଛି କାରଣ ସେ ତାହାର ସମସ୍ତ ଭୋଗକୁ ଭୋଗ କରି ସାରିଛି । ଅନ୍ୟ ଏକ ଶ୍ଳୋକରେ ଏପରି ବର୍ଣ୍ଣନା ଅଛି ଯେ ଗୋଟିଏ ବୃକ୍ଷରେ ଦୁଇଟି ପକ୍ଷୀ ରହିଛନ୍ତି, ଉଭୟେ ପରସ୍ପର ସହିତ ଯୁକ୍ତ ଚିରସଙ୍ଗୀ, ସେମାନଙ୍କ ଭିତରୁ ଗୋଟିଏ ପକ୍ଷୀ ଏହି ବୃକ୍ଷର ଫଳ ଖାଉଛି, ଏ ହେଉଛି ପ୍ରକୃତିମଧ୍ୟସ୍ଥ ପୁରୁଷ ଯେକି ସୃଷ୍ଟିଲୀଳାକୁ ଉପଭୋଗ କରୁଛି – ଅନ୍ୟ ପକ୍ଷୀଟି କିଛି ଖାଉ ନାହିଁ କିନ୍ତୁ ତା'ର ସଙ୍ଗୀକୁ କେବଳ ଦେଖୁଛି – ଏ ହେଉଛି ନୀରବ ସାକ୍ଷୀପୁରୁଷ ଯେ କି ଭୋଗରୁ ସଦା ନିବୃତ୍ତ । ପ୍ରଥମଟି ଯେତେବେଳେ ଦ୍ୱିତୀୟଟିକୁ ଦେଖେ ଓ ଜାଣେ ଯେ ଏସମସ୍ତ ମହିମା ତାହାରହିଁ ମହିମା, ସେତେବେଳେ ସେ ଦୁଃଖରୁ ମୁକ୍ତ ହୋଇଯାଏ । ଶ୍ଳୋକ ଦୁଇଟିର ଦୃଷ୍ଟିକୋଣ ବିଭିନ୍ନ ହେଲେ ମଧ୍ୟ ସେମାନଙ୍କ ମଧ୍ୟରେ ଏକ ସାଧାରଣ ତାତ୍ପର୍ଯ୍ୟ ନିହିତ ଅଛି । ପକ୍ଷୀମାନଙ୍କ ଭିତରୁ ଗୋଟିଏ ହେଉଛି ଚିରନ୍ତନ ନୀରବ, ନିଷ୍କଳ ମୁକ୍ତ ଆତ୍ମା ବା ପୁରୁଷ ଯାହାଦ୍ୱାରା ଏ ସମଗ୍ର ବିଶ୍ୱଜଗତ ବ୍ୟାପ୍ତ ହୋଇ ରହିଛି ଏବଂ ସେ ନିଜ ଦ୍ୱାରା ପ୍ରସାରିତ ଏହି ଜଗତକୁ ଦେଖୁଛି କିନ୍ତୁ ସେଥିରୁ ନିର୍ଲିପ୍ତ ଓ ଉଦାସୀନ ରହିଛି, ଅନ୍ୟଟି ହେଲା ପ୍ରକୃତିରେ ଲିପ୍ତ ହୋଇଥିବା ପୁରୁଷ । ପ୍ରଥମ ଶ୍ଳୋକ ସୂଚାଏ ଯେ ଦୁଇଟି ପୁରୁଷ ଯଥାର୍ଥରେ ଗୋଟିଏ ପୁରୁଷ ଓ ସେହି ଏକ ସଚେତନ ସତ୍ତାର ଏହା ଦୁଇଟି ବିଭିନ୍ନ ଅବସ୍ଥା – ବଦ୍ଧ ଅବସ୍ଥା ଓ ମୁକ୍ତ ଅବସ୍ଥା, କାରଣ ଦ୍ୱିତୀୟ ଅଜପୁରୁଷ ପ୍ରକୃତିର ଭୋଗ ମଧ୍ୟକୁ ଓତରି ଆସି ତାହାକୁ ଭୋଗ କରିସାରି ସେଥିରୁ ନିବୃତ୍ତ ହୋଇଛି । ଦ୍ୱିତୀୟ ଶ୍ଳୋକଟିରେ ଯାହା କୁହାଯାଇଛି, ତାହା ପ୍ରଥମ ଶ୍ଳୋକରେ ମିଳେ ନାହିଁ, ଦ୍ୱିତୀୟଟିର ବକ୍ତବ୍ୟ ହେଲା ସେହି ଏକହିଁ ଆତ୍ମା ତା'ର ଏକତ୍ୱର ଉଚ୍ଚତର ଅବସ୍ଥାରେ ସଦା ମୁକ୍ତ, ନିଷ୍କ୍ରିୟ, ଅନାସକ୍ତ, କିନ୍ତୁ ଏହା ନିଜର ନିମ୍ନ ଅବସ୍ଥାରେ ପ୍ରକୃତିର ବହୁଜୀବତ୍ୱ ଭିତରକୁ ଓହ୍ଲାଇ ଆସେ ଏବଂ କୌଣସି ବ୍ୟକ୍ତିଜୀବ ଭିତରେ ଏହା ପୁଣି ଏକ ଓଲଟ ପ୍ରକ୍ରିୟା ଦ୍ୱାରା ପ୍ରକୃତି ଭିତରୁ ନିଜକୁ ପ୍ରତ୍ୟାହାର କରି ପୁଣି ନିଜର ଉଚ୍ଚ ଅବସ୍ଥାକୁ ଫେରିଯାଏ । ସେହି ଏକ ସଚେତନ ଆତ୍ମାର ଦ୍ୱିବିଧ ଅବସ୍ଥାରେ ଏହି ସିଦ୍ଧାନ୍ତ ସମାଧାନର ଗୋଟିଏ ବାଟ ଫିଟାଉଛି ନିଶ୍ଚୟ କିନ୍ତୁ ଏକ କିପରି ବହୁ ହେଲା ତାହା ଏ ପର୍ଯ୍ୟନ୍ତ ବୁଝାଯାଉ ନାହିଁ ।

ଗୀତା ଏହି ଦୁଇପୁରୁଷ ସହିତ ଉପନିଷଦ୍‌ର* ଅନ୍ୟାନ୍ୟ ଶ୍ଳୋକର ମର୍ମ ଗ୍ରହଣ

---

* 'ପୁରୁଷଃ...ଅକ୍ଷରାତ୍... ପରାତ୍ପରଃ' ଯଦିଓ ଅକ୍ଷର ହେଉଛି ପରମ ପୁରୁଷ ତଥାପି ଉପନିଷଦ୍‌ରେ କୁହାଯାଇଛି ଯେ ତା' ଅପେକ୍ଷା ମଧ୍ୟ ଉତ୍ତମ ଓ ଶ୍ରେଷ୍ଠ ପୁରୁଷ ରହିଛନ୍ତି ।

କରି ଆଉ ଏକ ପୁରୁଷ ଯୋଗ କରୁଛି, ଯେ ହେଉଛନ୍ତି ପରମ ପୁରୁଷ, ପୁରୁଷୋତ୍ତମ, ସର୍ବଶ୍ରେଷ୍ଠ ପୁରୁଷ; ଏସମସ୍ତ ସୃଷ୍ଟି ହେଉଛି ଯାହାଙ୍କର ମହିମା । ଏହିପରି ଭାବରେ ପୁରୁଷ ହେଲେ ତିନିଟି – କ୍ଷର, ଅକ୍ଷର ଓ ଉତ୍ତମ । କ୍ଷର ହେଉଛି ସଚଳ, ପରିଣାମୀ ପ୍ରକୃତି ଓ ସ୍ୱଭାବ, ଏହାହିଁ ଜୀବର ବହୁବିଧ ସମ୍ଭୂତି, ଏଠାରେ ପୁରୁଷ ହେଉଛି ଭାଗବତ ସତ୍ତାର ବହୁତ୍ୱାବସ୍ଥା, ଏଠାରେ ପୁରୁଷ ପ୍ରକୃତିଠାରୁ ସ୍ୱତନ୍ତ୍ର ନୁହେଁ, ପ୍ରକୃତି ଭିତରେହିଁ ବହୁତ୍ୱର ରୂପ ନେଇଛି । ଅକ୍ଷର ହେଉଛି ଅଚଳ, ଅପରିଣାମୀ, ନୀରବ ନିଶ୍ଚଳ ନିଷ୍କ୍ରିୟ ଆତ୍ମା, ଏହା ହେଉଛି ଭାଗବତ ସତ୍ତାର ଏକତ୍ୱାବସ୍ଥା, ଏହା ପ୍ରକୃତିର ସାକ୍ଷୀ, କିନ୍ତୁ ତାହାର କାର୍ଯ୍ୟରେ ଜଡ଼ିତ ନୁହେଁ, ପ୍ରକୃତି ଓ ତା'ର କାର୍ଯ୍ୟରୁ ମୁକ୍ତ ଏହା ହେଉଛି ନିଷ୍କ୍ରିୟ ପୁରୁଷ । ଉତ୍ତମ ପୁରୁଷ ହେଉଛନ୍ତି ପରମେଶ୍ୱର ପରମବ୍ରହ୍ମ, ପରମାତ୍ମା ଯେ କି ଅକ୍ଷରରେ ଏକତ୍ୱ ଓ କ୍ଷରର ବହୁତ୍ୱ ଉଭୟକୁ ଧାରଣ କରିଛନ୍ତି । ସେ ନିଜ ପ୍ରକୃତିର ଏକ ବିଶାଳ କ୍ରିୟା ଓ ଗତିଶୀଳତା ଦ୍ୱାରା, ନିଜର ଦିବ୍ୟଶକ୍ତି, ଦିବ୍ୟ-ସାମର୍ଥ୍ୟ ଓ ସଙ୍କଳ୍ପ ଦ୍ୱାରା ନିଜକୁ ସଂସାରରେ ବ୍ୟକ୍ତ କରିଛନ୍ତି ଓ ନିଜ ସତ୍ତାର ଏକ ଅଧିକତର ନିସ୍ତବ୍ଧତା ଓ ନିଶ୍ଚଳତା ଦ୍ୱାରା ସେ ଏଥିରୁ ସ୍ୱତନ୍ତ୍ର ଓ ନିର୍ଲିପ୍ତ ରହିଛନ୍ତି । ତଥାପି ସେ ନିଜର ପୁରୁଷୋତ୍ତମ ରୂପରେ, ପ୍ରକୃତିଠାରୁ ଏହି ନିର୍ଲିପ୍ତତା ଓ ପ୍ରକୃତିଠାରୁ ଏହି ଆସକ୍ତି – ଏହି ଉଭୟର ଊର୍ଦ୍ଧ୍ୱରେ । ଏହି ପୁରୁଷୋତ୍ତମ ତତ୍ତ୍ୱ, ଉପନିଷଦରେ ବରାବର ସୂଚିତ ହେଲେ ମଧ୍ୟ ପ୍ରଥମେ ଗୀତାରେହିଁ ଏହା ସ୍ପଷ୍ଟ ଭାବରେ ବର୍ଣ୍ଣିତ ହୋଇଛି ଓ ଭାରତର ଧର୍ମ-ଚେତନାର ପରବର୍ତ୍ତୀ ବିକାଶ ଉପରେ ଏକ ଶକ୍ତିଶାଳୀ ପ୍ରଭାବ ବିସ୍ତାର କରିଛି । ସର୍ବୋତ୍ତମ ଭକ୍ତିଯୋଗ ଯାହାକି ଅଦ୍ୱୈତବାଦର କଠିନ ନିଗଡ଼କୁ ଅତିକ୍ରମ କରିଯିବାର ଦାବି ରଖେ, ଏହା ସେହି ଭକ୍ତିଯୋଗର ଭିତ୍ତିସ୍ୱରୂପ ହୋଇଛି ଏବଂ ଭକ୍ତିପ୍ରଧାନ ପୁରାଣମାନଙ୍କର ଦର୍ଶନ ମୂଳରେ ଏହି ପୁରୁଷୋତ୍ତମବାଦହିଁ ରହିଛି ।

ଗୀତା ପ୍ରକୃତି ସମ୍ପର୍କରେ ସାଂଖ୍ୟର ବିଶ୍ଳେଷଣ ଭିତରେ ଆବଦ୍ଧ ରହିବାକୁ ଚାହିଁ ନାହିଁ, କାରଣ ଏହି ବିଶ୍ଳେଷଣ ଅନୁସାରେ ପ୍ରକୃତି ଭିତରେ ଅହଂବୋଧର ସ୍ଥାନ ଅଛି କିନ୍ତୁ ବହୁ ପୁରୁଷର ସ୍ଥାନ ନାହିଁ, ସାଂଖ୍ୟରେ ଏହି ପୁରୁଷ ପ୍ରକୃତିର ଅନ୍ତର୍ଗତ ନୁହେଁ, ତା'ଠାରୁ ସ୍ୱତନ୍ତ୍ର । କିନ୍ତୁ ବିପରୀତ ପକ୍ଷେ ଗୀତା କହେ ଯେ ଈଶ୍ୱର ସ୍ୱୀୟ ପ୍ରକୃତି ଦ୍ୱାରା ଜୀବ ହୋଇଛନ୍ତି । ଏହା କିପରି ସମ୍ଭବ, ଯେତେବେଳେ ବିଶ୍ୱପ୍ରକୃତିରେ ତତ୍ତ୍ୱର ସଂଖ୍ୟା ମାତ୍ର ଚବିଶଟି, ଆଉ ଅଧିକ ନୁହେଁ ? ଏହାର ଉତ୍ତରରେ ଦିବ୍ୟଗୁରୁ କହିଛନ୍ତି – ହଁ । ତ୍ରିଗୁଣାତ୍ମିକା ପ୍ରକୃତିର ବାହ୍ୟ କାର୍ଯ୍ୟାବଳୀ ସମ୍ପର୍କରେ ସାଂଖ୍ୟର ଏହି ବିବରଣୀ ସମ୍ପୂର୍ଣ୍ଣ ନିର୍ଭୁଲ ଏବଂ ସେ କ୍ଷେତ୍ରରେ ପୁରୁଷ ଓ ପ୍ରକୃତିର ଯେଉଁ ସମ୍ବନ୍ଧ ନିର୍ଣ୍ଣୟ କରାଯାଇଛି ତାହା ମଧ୍ୟ ଠିକ୍ ଏବଂ ପ୍ରବୃତ୍ତି ଓ ନିବୃତ୍ତିର କ୍ରିୟାରେ ଏହାର ଖୁବ୍ ବ୍ୟବହାରିକ ଉପଯୋଗିତା ମଧ୍ୟ ଅଛି ।

କିନ୍ତୁ ଏହା କେବଳ ନିମ୍ନତର ଅପରା ପ୍ରକୃତି, ଯାହା ତ୍ରିଗୁଣମୟୀ, ନିଶ୍ଚେତନ ଓ ବାହ୍ୟ; ଏହାର ଊର୍ଦ୍ଧ୍ୱରେ ଏକ ପରାପ୍ରକୃତି ରହିଛି ଯାହାକି ପରମା, ଚୈତନ୍ୟମୟୀ ଏକ ଦିବ୍ୟ ପ୍ରକୃତି ଏବଂ ଏହି ଦିବ୍ୟ ପ୍ରକୃତିହିଁ ବ୍ୟଷ୍ଟି-ଆତ୍ମା ଅର୍ଥାତ୍ ଜୀବ ହୋଇଛି । ନିମ୍ନ ଅପରା ପ୍ରକୃତିରେ ପ୍ରତ୍ୟେକ ଜୀବ ଅହଂ ରୂପରେ ବ୍ୟକ୍ତ କିନ୍ତୁ ଊର୍ଦ୍ଧ୍ୱର ପରାପ୍ରକୃତିରେ ପ୍ରତ୍ୟେକ ଜୀବ ବ୍ୟଷ୍ଟିପୁରୁଷ । ଅନ୍ୟ କଥାରେ ସେଠି ବହୁତ୍ୱ ସେହି ଏକରହିଁ ଆଧ୍ୟାତ୍ମିକ ପ୍ରକୃତିର ଅନ୍ତର୍ଗତ । ଭଗବାନ୍ କହିଲେ – ଏହି ବ୍ୟଷ୍ଟି-ଆତ୍ମା ସ୍ୱୟଂ ମୁଁ, ସୃଷ୍ଟିରେ ଏହା ମୋର ଆଂଶିକ ଅଭିବ୍ୟକ୍ତି, 'ମମୈବାଂଶଃ', ଏଥିରେ ମୋର ସମସ୍ତ ଶକ୍ତି ରହିଛି, ଏ ହିଁ ସାକ୍ଷୀ, ଅନୁମନ୍ତା, ଭର୍ତ୍ତା, ଜ୍ଞାତା ଓ ଈଶ୍ୱର । ଏହା ନିମ୍ନ ପ୍ରକୃତି ଭିତରକୁ ଓହ୍ଲାଇ ଆସେ ଓ ଭାବେ ଯେ କର୍ମ ଦ୍ୱାରା ଆବଦ୍ଧ, ଏହି ଭାବରେ ନିମ୍ନ ସତ୍ତାକୁ ଭୋଗ କରିବାକୁ ଚାହେଁ । ଏହା ଏଥିରୁ ନିବୃତ୍ତ ହୋଇପାରେ ଓ ନିଜକୁ ସମସ୍ତ କର୍ମରୁ ମୁକ୍ତ ନିଷ୍କ୍ରିୟ ପୁରୁଷ ବୋଲି ଜାଣିପାରେ । ଏହା ତ୍ରିଗୁଣର ଊର୍ଦ୍ଧ୍ୱକୁ ଉଠିଯାଇପାରେ ଓ କର୍ମର ବନ୍ଧନରୁ ମୁକ୍ତହୋଇ ମଧ୍ୟ କର୍ମ କରିପାରେ, (ମୁଁ ମଧ୍ୟ ଏହିପରି କର୍ମ କରିଥାଏ ବୋଲି ଭଗବାନ୍ କହିଲେ) ଏବଂ ପୁରୁଷୋତ୍ତମଙ୍କୁ ପୂଜା ଓ ଭକ୍ତି କରି ଏବଂ ତାଙ୍କ ସଙ୍ଗରେ ଯୁକ୍ତ ହୋଇ ତାଙ୍କର ଦିବ୍ୟ ପ୍ରକୃତିକୁ ପୂର୍ଣ୍ଣ ଭାବରେ ଉପଭୋଗ କରିପାରେ ।

ଏହାହିଁ ହେଉଛି ଗୀତାର ବିଶ୍ଳେଷଣ । ଏହା କେବଳ ବାହ୍ୟ ସୃଷ୍ଟିକ୍ରମ ଭିତରେ ନିଜକୁ ଆବଦ୍ଧ ନ ରଖି ଅଚେତନମୟୀ ପରା ପ୍ରକୃତିର ଗୂଢ଼ରହସ୍ୟ 'ଉତ୍ତମମ୍ ରହସ୍ୟମ୍' ଭିତରେ ପ୍ରବେଶ କରି ବେଦାନ୍ତ, ସାଂଖ୍ୟ ଓ ଯୋଗର ସମନ୍ୱୟ ତଥା ଜ୍ଞାନ, କର୍ମ ଓ ଭକ୍ତିର ସମନ୍ୱୟ ପ୍ରତିଷ୍ଠା କରିଛି । କେବଳ ବିଶୁଦ୍ଧ ସାଂଖ୍ୟ ଦ୍ୱାରା କର୍ମ ଓ ମୁକ୍ତିକୁ ଯୁକ୍ତ କରିବା ପରସ୍ପର ବିରୋଧୀ ଓ ସଂପୂର୍ଣ୍ଣ ଅସମ୍ଭବ, କେବଳ ବିଶୁଦ୍ଧ ଅଦ୍ୱୈତବାଦକୁ ଧରିଲେ ଯୋଗର ଅଙ୍ଗ ହିସାବରେ ସ୍ଥାୟୀ ଭାବରେ କର୍ମ କରି ଚାଲିବା ଓ ପୂର୍ଣ୍ଣ ଜ୍ଞାନ ଲାଭ ପରେ ତଥା ମୁକ୍ତି ଓ ଭଗବତ୍ ସାଯୁଜ୍ୟ ଲାଭ ପରେ ଭକ୍ତିରେ ଲିପ୍ତ ରହିବା ସମ୍ପୂର୍ଣ୍ଣ ଅସମ୍ଭବ ବା ଅନ୍ତତଃ ପକ୍ଷେ ଅଯୌକ୍ତିକ ଓ ଅବାନ୍ତର । ଗୀତାର ସାଂଖ୍ୟ ଜ୍ଞାନ ଏହିସବୁ ବାଧାକୁ ଦୂର କରୁଛି ଓ ଗୀତାର ଯୋଗମାର୍ଗ ଏହି ବାଧାସବୁ ଉପରେ ଜୟଲାଭ କରୁଛି ।

# ୯

# ସାଂଖ୍ୟ, ଯୋଗ ଏବଂ ବେଦାନ୍ତ

ଗୀତାର ପ୍ରଥମ ଛ' ଅଧ୍ୟାୟର ସମଗ୍ର ଉଦ୍ଦେଶ୍ୟ ହେଲା ସାଂଖ୍ୟ ଏବଂ ଯୋଗ ଏହି ଦୁଇମାର୍ଗକୁ ଯାହାକୁ କି ସାଧାରଣ ଦୃଷ୍ଟିରେ ପରସ୍ପରଠାରୁ ଭିନ୍ନ ଏବଂ ବିରୋଧୀ ବୋଲି ଧରି ନିଆଯାଇଥାଏ, ସେ ଦୁହିଁଙ୍କୁ ବୈଦାନ୍ତିକ ସତ୍ୟର ବିପୁଳ ଆୟତନ ମଧ୍ୟରେ ସମନ୍ୱିତ କରିବା । ସାଂଖ୍ୟରୁହିଁ ଆରମ୍ଭ କରାଯାଇଛି ଓ ତାହାକୁ ମଧ୍ୟ ଭିତ୍ତି ରୂପେ ଗ୍ରହଣ କରି ନିଆଯାଇଛି, କିନ୍ତୁ ଆରମ୍ଭରୁହିଁ କ୍ରମଶଃ ଉତ୍ତରୋତ୍ତର ଦୃଢ଼ତା ସହ ଏହା ମଧ୍ୟରେ ଯୋଗର ଚିନ୍ତାଧାରା ଓ ପଦ୍ଧତିକୁ ପ୍ରବେଶ କରାଯାଇଛି ଓ ଏହାକୁ ଯୋଗର ଭାବ ଦେଇ ଏକ ନୂତନ ଛାଞ୍ଚରେ ଢଳାଯାଇଛି । ସେ ସମୟର ଲୋକମାନଙ୍କର ଧର୍ମବୁଦ୍ଧି ସାଂଖ୍ୟ ଓ ଯୋଗ ଭିତରେ ଯେଉଁ ବାସ୍ତବ ପ୍ରଭେଦ ଦେଖୁଥିଲା ତା' ହେଉଛି ପ୍ରଥମତଃ ସାଂଖ୍ୟର ସାଧନ ଚାଲେ ଜ୍ଞାନ ତଥା ବୁଦ୍ଧିଯୋଗ ଦ୍ୱାରା କିନ୍ତୁ ଯୋଗର ସାଧନ ଚାଲେ କର୍ମ ତଥା ସକ୍ରିୟ ଚେତନାର ରୂପାନ୍ତର ଦ୍ୱାରା; ଦ୍ୱିତୀୟ ପ୍ରଭେଦଟି ଏହି ପ୍ରଥମ ପ୍ରଭେଦରୁହିଁ ନିଷ୍ପନ୍ନ, ଏହା ହେଉଛି ସାଂଖ୍ୟ ପୂର୍ଣ୍ଣ ନିଷ୍କ୍ରିୟତା ଏବଂ ସନ୍ନ୍ୟାସ ପଥରେ ନେଇଯାଏ କିନ୍ତୁ ଯୋଗ ଯାହା ଉପରେ ଜୋର୍‌ଦିଏ ତାହା ହେଉଛି କାମନାର ଆନ୍ତରିକ ତ୍ୟାଗ, କର୍ମକୁ ରୂପ ଦେଉଥିବା ଆନ୍ତର ତତ୍ତ୍ୱର ପବିତ୍ରୀକରଣ ଓ ସମସ୍ତ କର୍ମକୁ ଭଗବାନଙ୍କ ଦିଗରେ ତଥା ଦିବ୍ୟଜୀବନ ଏବଂ ମୁକ୍ତିର ଲକ୍ଷ୍ୟ ଦିଗରେ ପରିଚାଳନ । ତଥାପି ମଧ୍ୟ ସାଂଖ୍ୟ ଓ ଯୋଗ ଉଭୟର ଲକ୍ଷ୍ୟ ହେଉଛି ଏକ ଅର୍ଥାତ୍ ଜନ୍ମ ଏବଂ ଏହି ପାର୍ଥିବ ଜୀବନର ଊର୍ଦ୍ଧ୍ୱକୁ ଉଠିଯିବା ଓ ପରମଙ୍କ ସଙ୍ଗେ ମାନବ ଆତ୍ମାର ମିଳନ କରାଇବା । ସାଂଖ୍ୟ ଓ ଯୋଗ ମଧ୍ୟରେ ଏହି ପ୍ରଭେଦହିଁ ଗୀତାରେ କୁହାଯାଇଛି ।

ପରସ୍ପର ବିରୋଧୀ ଏହି ଦୁଇ ପଦ୍ଧତି ମଧ୍ୟରେ କୌଣସି ସମନ୍ୱୟ ଯେ ସମ୍ଭବପର ଏହା ବୁଝିବା ଅର୍ଜୁନଙ୍କ ପକ୍ଷରେ ଯେଉଁଭଳି କଷ୍ଟସାଧ୍ୟ ହୋଇଥିଲା, ତହିଁରୁ ସୂଚିତ ହୁଏ ଯେ ସେ ସମୟର ଲୋକମାନଙ୍କ ସାଧାରଣ ଧାରଣାରେ ଏହି ଦୁଇପଦ୍ଧତି ଭିତରେ କେତେ ବିରାଟ ପାର୍ଥକ୍ୟ ରହିଥିଲା । ଗୁରୁ କର୍ମ ଏବଂ ବୁଦ୍ଧିଯୋଗର ମିଳନ ଘଟାଇ ନିଜର କଥନ ଆରମ୍ଭ କରିଛନ୍ତି, ସେ କହିଛନ୍ତି ଖାଲି କର୍ମ ଅପେକ୍ଷା ବୁଦ୍ଧିଯୋଗ ବହୁ ଅଧିକ ଭାବରେ ଶ୍ରେଷ୍ଠ । ବୁଦ୍ଧିଯୋଗ ଦ୍ୱାରା, ଜ୍ଞାନ ଦ୍ୱାରା ମନୁଷ୍ୟ ଯେତେବେଳେ ନିଜ ଅସଂସ୍କୃତ ପ୍ରାକୃତ ମନୋବୁଦ୍ଧି ଏବଂ ତା'ର କାମନାର ଊର୍ଦ୍ଧ୍ୱକୁ ଯାଇ ସର୍ବକାମନାରହିତ ବ୍ରାହ୍ମୀସ୍ଥିତିର ପବିତ୍ରତା

ଏବଂ ସମତା ଲାଭକରେ ସେତେବେଳେ କର୍ମ ଗ୍ରହଣୀୟ ହୋଇପାରେ । କର୍ମ ମୁକ୍ତିର ଉପାୟ ହୋଇପାରେ, କିନ୍ତୁ ଯେଉଁ କର୍ମ ଜ୍ଞାନ ଦ୍ୱାରା ଏହିପରି ଭାବରେ ବିଶୁଦ୍ଧ ହୋଇଥାଏ । ସେ ସମୟର ପ୍ରଚଳିତ ସଂସ୍କୃତି ଏବଂ ବିଚାର ଅର୍ଜୁନଙ୍କ ମଧରେ ପୂର୍ଣ୍ଣ ହୋଇ ରହିଥିଲା, ପୁଣି ଗୁରୁ ଯେତେବେଳେ ଏହି ବୈଦାନ୍ତିକ ସାଂଖ୍ୟ-ସୁଲଭ ବିଷୟସବୁ ଉପରେ ଜୋର୍ ଦେଇଥିଲେ, ଯଥା : ଇନ୍ଦ୍ରିୟମାନଙ୍କ ଉପରେ ବିଜୟ ହାସଲ, ମନରୁ ଅପସରି ଯାଇ ଆତ୍ମା ମଧରେ ନିବାସ, ବ୍ରାହ୍ମୀ ସ୍ଥିତିକୁ ଆରୋହଣ, ନିଜର ନିମ୍ନ ବ୍ୟକ୍ତିତ୍ୱକୁ ନିର୍ବାଣର ନୈର୍ବ୍ୟକ୍ତିକ ସତ୍ତା ମଧରେ ଲୟ ଆଦି – ଏ ପର୍ଯ୍ୟନ୍ତ ଯୋଗର ନିଜସ୍ୱ ମୁଖ୍ୟ ବିଚାରସବୁକୁ କୁହାଯାଇ ନାହିଁ ବା ଅତ୍ୟନ୍ତ ଗୌଣ ଭାବରେ କୁହାଯାଇଛି,– ସେତେବେଳେ ଏସବୁ ଶୁଣି ଅର୍ଜୁନ କିଂକର୍ତ୍ତବ୍ୟବିମୂଢ଼ ହୋଇ ପଚାରିଥିଲେ, ''ଆପଣଙ୍କ ମତରେ ଯଦି କର୍ମ ଅପେକ୍ଷା ବୁଦ୍ଧିଯୋଗ ଶ୍ରେଷ୍ଠ ତା'ହେଲେ ଏହି ଭୟଙ୍କର କର୍ମ ସାଧନରେ ମୋତେ କାହିଁକି ନିଯୁକ୍ତ କରିଛନ୍ତି ? ଆପଣଙ୍କର ଏହି ମିଶ୍ରିତ ବାକ୍ୟରେ ମୋ ବୁଦ୍ଧିକୁ ମୋହିତ କରିଦେଉଛନ୍ତି, ନିଶ୍ଚିତ ଭାବରେ ଗୋଟିଏ କଥା କୁହନ୍ତୁ ଯାହା ମୋ ଆତ୍ମାର ଶ୍ରେୟସ୍କର ପଥ ଦର୍ଶାଇ ଦେବ ।''

ଏହାର ଉତ୍ତରରେ ଭଗବାନ୍ କହୁଛନ୍ତି ଯେ ସାଂଖ୍ୟ ହେଲା ଜ୍ଞାନ ଏବଂ ସନ୍ନ୍ୟାସର ମାର୍ଗ ଏବଂ ଯୋଗ ହେଲା କର୍ମର ମାର୍ଗ, ପରନ୍ତୁ ଯୋଗ ବିନା, ଯଜ୍ଞାର୍ଥ ନିଷ୍କାମ କର୍ମ ବିନା ଓ ଆତ୍ମା ନୁହେଁ ପ୍ରକୃତିହିଁ ସକଳ କର୍ମର କର୍ତ୍ତ୍ରୀ – ଏ ଚିନ୍ତା ବିନା ପ୍ରକୃତ ସନ୍ନ୍ୟାସ ଅସମ୍ଭବ; କିନ୍ତୁ ଏହା କହିବା ପରେ ପରେ ତତ୍‌କ୍ଷଣାତ୍ ଭଗବାନ୍ କହିଛନ୍ତି ଜ୍ଞାନଯଜ୍ଞହିଁ ସର୍ବଶ୍ରେଷ୍ଠ ଯଜ୍ଞ, ସକଳ କର୍ମର ପରିସମାପ୍ତି ଜ୍ଞାନ ମଧରେ, ଜ୍ଞାନାଗ୍ନିରେ ସକଳ କର୍ମ ଦଗ୍ଧ ହୋଇଯାଏ, ତେଣୁ ଯେ ନିଜ ଆତ୍ମାକୁ ଉପଲବ୍ଧି କରେ, ଯୋଗ ଦ୍ୱାରା ଯେ ସକଳ କର୍ମ ତ୍ୟାଗ କରେ ତା' ପାଇଁ କର୍ମବନ୍ଧନ ରହେ ନାହିଁ । ଅର୍ଜୁନ ପୁଣି ବିଷମ ସମସ୍ୟାର ସମ୍ମୁଖୀନ ହେଲେ, କାରଣ ଏଠାରେ ନିଷ୍କାମ କର୍ମ କଥା କୁହାଯାଉଛି ଯାହାକି ଯୋଗର ସିଦ୍ଧାନ୍ତ, କର୍ମସନ୍ନ୍ୟାସ ବିଷୟ କୁହାଯାଉଛି ଯାହାକି ସାଂଖ୍ୟର ସିଦ୍ଧାନ୍ତ ପୁଣି ଏହି ଦୁଇ ସିଦ୍ଧାନ୍ତକୁ ଏପରି ଭାବରେ ଏକତ୍ର ପାଖାପାଖି କରି ରଖାଯାଇଛି, ମନେ ହେଉଛି ଯେପରିକି ଦୁଇଟିଯାକ ଏକ କ୍ରିୟାରହିଁ ଅଂଶ, ଅଥଚ ଏ ଦୁଇଟି ମଧରେ ସ୍ପଷ୍ଟଭାବରେ କୌଣସି ସମନ୍ୱୟ ସ୍ଥାପିତ କରାଯାଇ ନାହିଁ । କାରଣ ଭଗବାନ୍ ପୂର୍ବରୁ ଯେଉଁ ପ୍ରକାର ସମନ୍ୱୟ ବିଷୟରେ କହିଛନ୍ତି ଅର୍ଥାତ୍ ବାହ୍ୟ ଅକର୍ମ ମଧରେ ବି କର୍ମ ଚାଲୁଥିବାର ଦେଖିବା ଏବଂ ଆପାତ ବାହ୍ୟ କର୍ମ ମଧରେ ଅକର୍ମ ଦେଖିବା – ଯେହେତୁ ପୁରୁଷ ଆଉ କର୍ମର କର୍ତ୍ତା ନୁହେଁ ତା'ର ସମସ୍ତ କର୍ମ ଯଜ୍ଞର ପ୍ରଭୁଙ୍କୁ ସମର୍ପିତ – ଏହି ସମନ୍ୱୟ ଅର୍ଜୁନଙ୍କ ବ୍ୟବହାରିକ ବୁଦ୍ଧି ପାଇଁ ଏତେ ସଂକ୍ଷିପ୍ତ, ଏତେ ସୂକ୍ଷ୍ମ ଓ ଏପରି ପ୍ରହେଳିକାମୟ ଭାଷାରେ କୁହାଯାଇଥିଲା ଯେ ଅର୍ଜୁନ

ତା'ର ମର୍ମ ବୁଝିପାରି ନ ଥିଲେ କି ତା'ର ଯଥାର୍ଥ ଭାବ ଓ ସତ୍ୟ ଭିତରକୁ ପ୍ରବେଶ କରିପାରି ନ ଥିଲେ । ତେଣୁ ସେ ପୁଣି ଜିଜ୍ଞାସା କରିଥିଲେ, ''ହେ କୃଷ୍ଣ, ଆପଣ ମୋତେ କର୍ମସନ୍ନ୍ୟାସ ବୁଝାଉଛନ୍ତି, ପୁଣି କହୁଛନ୍ତି ଯୋଗକର, ତେଣୁ ଏହି ଦୁଇ ମାର୍ଗ ମଧ୍ୟରୁ କିଏ ଉତ୍ତମ ତାହା ମୋତେ ସ୍ପଷ୍ଟ ଓ ନିଶ୍ଚିତିମୂଳକ ଭାବରେ କହି ଦିଅନ୍ତୁ ।''

ଏହାର ଉତ୍ତର ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ, କାରଣ ଏହା ଯୋଗ ଏବଂ ସାଂଖ୍ୟର ପ୍ରଭେଦ ସ୍ପଷ୍ଟଭାବେ ବୁଝାଇ ଦେଇଛି ଏବଂ ସେମାନଙ୍କ ଭିତରେ ସମନ୍ୱୟର ଏକ ସୂଚନା ଦେଇଛି, ଯଦିଓ ସେହି ସମନ୍ୱୟର ଧାରାକୁ ଏଠାରେ ପୂର୍ଣ୍ଣ ଭାବରେ ସ୍ପଷ୍ଟ କରାଯାଇ ନାହିଁ । ''ସନ୍ନ୍ୟାସ ଏବଂ କର୍ମଯୋଗ ଉଭୟହିଁ ଜୀବକୁ ମୁକ୍ତ କରିପାରନ୍ତି କିନ୍ତୁ ଦୁହିଁଙ୍କ ମଧ୍ୟରେ କର୍ମସନ୍ନ୍ୟାସ ଅପେକ୍ଷା କର୍ମଯୋଗହିଁ ଶ୍ରେଷ୍ଠ । ସେହିଁ ନିତ୍ୟ ସନ୍ନ୍ୟାସୀ (ଏପରିକି ସେ କର୍ମ କରୁଥିବା ସମୟରେ ମଧ୍ୟ) ଯେ ଦ୍ୱେଷ କରେ ନାହିଁ ବା ଆକାଙ୍କ୍ଷା କରେ ନାହିଁ କାରଣ ନିର୍ଦ୍ୱନ୍ଦ୍ୱ ହୋଇ ସେ ଅନାୟାସରେ ଓ ଆନନ୍ଦରେ ସକଳ ବନ୍ଧନରୁ ମୁକ୍ତ । ଜ୍ଞାନୀ ନୁହେଁ ଅପରିପକ୍ୱ ବାଳକହିଁ ସାଂଖ୍ୟ ଏବଂ ଯୋଗକୁ ଗୋଟିକଠାରୁ ଅନ୍ୟଟିକୁ ପୃଥକ୍ ବୋଲି କହିବ । ଯଦି କୌଣସି ବ୍ୟକ୍ତି ନିଷ୍ଠା ସହକାରେ ଗୋଟିକୁ ପାଳନ କରେ, ତେବେ ସେ ଉଭୟର ଫଳ ପାଏ, କାରଣ ପରସ୍ପର ପରିପୂର୍ଣ୍ଣତା ମଧ୍ୟରେ ଉଭୟେ ଉଭୟଙ୍କୁ ଧାରଣ କରିଛନ୍ତି । ''ସାଂଖ୍ୟ ଦ୍ୱାରା ଯେଉଁ ଅବସ୍ଥା ଲାଭ କରିହେବ, ଯୋଗ ଦ୍ୱାରା ମଧ୍ୟ ସେହି ଅବସ୍ଥା ପ୍ରାପ୍ତ କରିହେବ । ସାଂଖ୍ୟ ଏବଂ ଯୋଗକୁ ଯେ ଏକ ବୋଲି ଦେଖେ, ସେହିଁ ଠିକ୍ ଦେଖିଥାଏ । କିନ୍ତୁ ଯୋଗ ବିନା ସନ୍ନ୍ୟାସ ଲାଭ କଠିନ, ଯେଉଁ ମୁନି ଯୋଗ କରନ୍ତି ସେ ଶୀଘ୍ର ବ୍ରହ୍ମଙ୍କୁ ପାଆନ୍ତି, ତାଙ୍କ ଆତ୍ମା ସାରା ସୃଷ୍ଟିର ଆତ୍ମା ହୋଇଯାଏ, 'ସର୍ବଭୂତାତ୍ମଭୂତାତ୍ମା' ଏବଂ ସେ କର୍ମ କଲେ ମଧ୍ୟ କର୍ମରେ ଲିପ୍ତ ହୁଅନ୍ତି ନାହିଁ ।'' ସେ ଜାଣନ୍ତି କର୍ମର କର୍ତ୍ତା ସେ ନୁହନ୍ତି ପ୍ରକୃତିହିଁ କର୍ମର କର୍ତ୍ତା ଏବଂ ଏହି ଜ୍ଞାନ ଦ୍ୱାରା ସେ ମୁକ୍ତ, ସେ କର୍ମ ପରିତ୍ୟାଗ କରିଛନ୍ତି, ସେ କୌଣସି କର୍ମ କରୁ ନାହାନ୍ତି ଯଦିଓ ତାଙ୍କ ଦ୍ୱାରା କର୍ମ କରାଯାଉଛି । ସେ ହୋଇ ଯାଇଛନ୍ତି ଆତ୍ମା, ''ବ୍ରହ୍ମଭୂତ'' ସମଗ୍ର ସୃଷ୍ଟିକୁ ସେ ଏକ ସ୍ୱତଃସିଦ୍ଧ ସତ୍ତାର ବ୍ୟକ୍ତରୂପ 'ଭୂତାନି' ଭାବେ ଦେଖନ୍ତି ଏବଂ ସେ ନିଜେ ସେହି ସକଳ ବ୍ୟକ୍ତରୂପ ମଧ୍ୟରୁ ଏକ ରୂପ ମାତ୍ର, ସେମାନଙ୍କର ସମସ୍ତ କର୍ମ କେବଳ ବିଶ୍ୱ-ପ୍ରକୃତିର ବିକାଶ ମାତ୍ର ଯାହା ସେମାନଙ୍କ ବ୍ୟଷ୍ଟିଗତ ସ୍ୱଭାବ ମଧ୍ୟଦେଇ ନିଜର କାର୍ଯ୍ୟ କରି ଚାଲିଛି ଏବଂ ତାଙ୍କର ନିଜ ବ୍ୟକ୍ତିଗତ କର୍ମ ମଧ୍ୟ ସେହି ବିଶ୍ୱ-ପ୍ରକୃତିର ବିକାଶ ମାତ୍ର ଯାହା ସେମାନଙ୍କ ବ୍ୟଷ୍ଟିଗତ ସ୍ୱଭାବ ମଧ୍ୟଦେଇ ନିଜର କାର୍ଯ୍ୟ କରି ଚାଲିଛି ଏବଂ ତାଙ୍କର ନିଜ ବ୍ୟକ୍ତିଗତ କର୍ମ ମଧ୍ୟ ସେହି ବିଶ୍ୱକ୍ରିୟାର ଏକ ଅଂଶମାତ୍ର । ଏହା ଗୀତାର ସମ୍ପୂର୍ଣ୍ଣ ଶିକ୍ଷା ନୁହେଁ, କାରଣ ଅଦ୍ୟାବଧି କେବଳ ଅପରିବର୍ତ୍ତନୀୟ ଆତ୍ମା ବା ପୁରୁଷ ଅର୍ଥାତ୍ ଅକ୍ଷର ବ୍ରହ୍ମ ଏବଂ ତାଙ୍କର ସେହି

ପ୍ରକୃତିର ବର୍ଣ୍ଣନା କରାଯାଇଛି ଯେ ବିଶ୍ୱ-ସର୍ଜନାର କାରଣ, କିନ୍ତୁ ଏ ପର୍ଯ୍ୟନ୍ତ ଈଶ୍ୱର କିଂବା ପୁରୁଷୋତ୍ତମଙ୍କ ବିଷୟରେ ପରିଷ୍କାର ଭାବରେ କିଛି କୁହାଯାଇ ନାହିଁ । ଏପର୍ଯ୍ୟନ୍ତ କେବଳ ଜ୍ଞାନ ଓ କର୍ମର ସମନ୍ୱୟ କରାଯାଇଛି କିନ୍ତୁ ସାଙ୍କେତିକ ଭାବେ କୁହାଗଲେ ମଧ୍ୟ ଭକ୍ତିର ପରମତତ୍ତ୍ୱ ବିସ୍ତୃତଭାବେ ବର୍ଣ୍ଣିତ ହୋଇ ନାହିଁ, ଯାହାକି ପରେ ଖୁବ୍ ମହତ୍ତ୍ୱପୂର୍ଣ୍ଣ ସ୍ଥାନ ଗ୍ରହଣ କରିଛି, ଏପର୍ଯ୍ୟନ୍ତ କେବଳ ଅକର୍ତ୍ତା ପୁରୁଷ ଏବଂ ଅପରା ପ୍ରକୃତିଙ୍କ କଥା କୁହାଯାଇଛି, ତ୍ରିବିଧ ପୁରୁଷ କିଂବା ଦ୍ୱିବିଧ ପ୍ରକୃତିଙ୍କ ବିଷୟରେ ସ୍ପଷ୍ଟ ଧାରଣା ଦିଆଯାଇ ନାହିଁ । ଅବଶ୍ୟ ଏହା ନିଶ୍ଚିତ ଯେ ଈଶ୍ୱରଙ୍କ ବିଷୟରେ କିଛି କୁହାଯାଇଛି କିନ୍ତୁ ଆତ୍ମା ଏବଂ ପ୍ରକୃତି ସହ ତାଙ୍କର ସମ୍ପର୍କ ବିଷୟରେ ସ୍ପଷ୍ଟ ଭାବରେ କିଛି କୁହାଯାଇ ନାହିଁ । ଏହିସବୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସତ୍ୟର ସ୍ପଷ୍ଟ ବ୍ୟାଖ୍ୟା ବା ନିଷ୍ପତ୍ତିମୂଳକ ପ୍ରବେଶ ବିନା ଯେତିକି ସମନ୍ୱୟ ସମ୍ଭବପର ପ୍ରଥମ ଛ' ଅଧ୍ୟାୟରେ ସେତିକିଦୂର ପର୍ଯ୍ୟନ୍ତ ସମନ୍ୱୟ ସାଧିତ ହୋଇଛି । ପୁଣି ଯେତେବେଳେ ଏହି ସତ୍ୟଗୁଡ଼ିକ ବିବୃତ ହେବ ସେତେବେଳେ ଏହି ପୂର୍ବସାଧିତ ସମନ୍ୱୟକୁ ନିଶ୍ଚିତରୂପେ ଅଧିକ ବିସ୍ତୃତ ଓ ସଂଶୋଧିତ କରାଯିବ, ଯଦିଓ ତାହାକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରାଯିବାର କୌଣସି ଆବଶ୍ୟକତା ନାହିଁ ।

ଶ୍ରୀକୃଷ୍ଣ କହିଲେ ଯେ ପୁରୁଷର ନିଷ୍ଠା ଦୁଇପ୍ରକାର ଯାହାଦ୍ୱାରା ତାକୁ ବ୍ରାହ୍ମୀ ସ୍ଥିତି ମିଳେ, ''ସାଂଖ୍ୟର ଜ୍ଞାନଯୋଗ ଦ୍ୱାରା ଏବଂ ଯୋଗୀମାନଙ୍କର କର୍ମ ଯୋଗ ଦ୍ୱାରା'' । ଏଠାରେ ସାଂଖ୍ୟ ସହିତ ଜ୍ଞାନଯୋଗକୁ ଓ ଯୋଗ ସହିତ କର୍ମଯୋଗକୁ ଯେପରି ଏକ କରି ଦେଖାଯାଇଛି ତାହା ଲକ୍ଷ୍ୟକରିବା କଥା । କାରଣ ଏହାଦ୍ୱାରା ଜଣାଯାଏ ଯେ ଆଜି ଯେଉଁ ବିଚାରଧାରା ପ୍ରଚଳିତ ତାହା ସେତେବେଳର ପଦ୍ଧତିଠାରୁ ସର୍ବଥା ଭିନ୍ନ, ଏହାର କାରଣ ହେଉଛି, ଗୀତା-ରଚନା ପରେ ଭାରତୀୟ ବୈଦାନ୍ତିକ ବିଚାରଧାରାରେ ଏପରି ଏକ ମହାନ୍ ବିକାଶ ହୋଇଥିଲା ଯାହା ଫଳରେ ଅନ୍ୟାନ୍ୟ ବୈଦିକ ଦର୍ଶନଗୁଡ଼ିକୁ ଆଉ ମୋକ୍ଷଲାଭର ବ୍ୟବହାରିକ ସାଧନମାର୍ଗ ରୂପେ ହିସାବକୁ ଅଣାଗଲା ନାହିଁ । ଗୀତାର ବାଣୀକୁ ଯଥାର୍ଥ ବୋଲି ମାନିଲେ ଏହା ଗ୍ରହଣ କରିବାକୁ ପଡ଼ିବ ଯେ ସେ କାଳରେ ଯେଉଁମାନେ ଜ୍ଞାନର ପଥ ଅନୁସରଣ କରୁଥିଲେ, ସେମାନେ ସାଧାରଣତଃ ସାଂଖ୍ୟ ମାର୍ଗକୁ ଗ୍ରହଣ କରୁଥିଲେ* । ପରେ ଯେତେବେଳେ ବୌଦ୍ଧଧର୍ମର ପ୍ରଚାର ହେଲା ସେତେବେଳେ ସାଂଖ୍ୟର ଜ୍ଞାନମାର୍ଗ ହୁଏତ ବୌଦ୍ଧ ସିଦ୍ଧାନ୍ତ ଦ୍ୱାରା ଆଚ୍ଛନ୍ନ ହୋଇଗଲା । ସାଂଖ୍ୟପରି ଅନୀଶ୍ୱରବାଦୀ ଏବଂ ଅଦ୍ୱୈତବିରୋଧୀ ବୌଦ୍ଧମତରେ ମଧ୍ୟ ବିଶ୍ୱଶକ୍ତିର କାର୍ଯ୍ୟର ଅନିତ୍ୟତା ପରେ ପ୍ରଧାନ ଜୋର୍ ଦିଆଯାଇଛି । ବୌଦ୍ଧ ସିଦ୍ଧାନ୍ତ ବିଶ୍ୱଶକ୍ତିକୁ ପ୍ରକୃତି ନ କହି କହେ

---

* ପୁରାଣ ଓ ତନ୍ତ୍ରସବୁ ସାଂଖ୍ୟର ବିଚାରରେ ପରିପୂର୍ଣ୍ଣ, ଯଦିଓ ବୈଦାନ୍ତିକ ବିଚାରର ପ୍ରାଧାନ୍ୟ ମଧ୍ୟ ରହିଛି ଓ ଅନ୍ୟ ବିଚାର ସବୁ ମିଶ୍ରିତ ହୋଇଛି ।

କର୍ମ, କାରଣ ବୌଦ୍ଧମାନେ ବେଦାନ୍ତପ୍ରତିପାଦ୍ୟ ବ୍ରହ୍ମକୁ ସ୍ୱୀକାର କରୁ ନ ଥିଲେ ବା ସାଂଖ୍ୟର ଅକର୍ତ୍ତାପୁରୁଷଙ୍କୁ ମଧ୍ୟ ସ୍ୱୀକାର କରୁ ନ ଥିଲେ, ତେଣୁ ବିବେକ ବୁଦ୍ଧି ଦ୍ୱାରା ଏହି ଅନିତ୍ୟତାର ଉପଲବ୍ଧିକୁହିଁ ସେମାନେ ମୋକ୍ଷ-ସାଧନର ଉପାୟ ରୂପେ ଗ୍ରହଣ କରିନେଇଥିଲେ । ଯେତେବେଳେ ବୌଦ୍ଧଧର୍ମ ବିରୋଧରେ ପ୍ରତିକ୍ରିୟା ଦେଖାଦେଲା, ସେତେବେଳେ ତାହା ସେହି ପୁରୁଣା ସାଂଖ୍ୟ-ସଂସ୍କାର ରୂପରେ ଆସି ନ ଥିଲା, ବରଂ ତାହା ଶଙ୍କରପ୍ରତିପାଦିତ ବେଦାନ୍ତର ରୂପ ଧାରଣ କରିଥିଲା । ଶଙ୍କର ବୌଦ୍ଧମାନଙ୍କର ଅନିତ୍ୟତା ସ୍ଥାନରେ ସମାନ ଧରଣର ମାୟାବାଦର ସ୍ଥାପନା କଲେ, ବୌଦ୍ଧଙ୍କର ଅସତ୍, ଅନିର୍ବଚନୀୟ ନିର୍ବାଣ ଏବଂ ଅଭାବାତ୍ମକ 'କେବଲ' ସ୍ଥାନରେ ସେ ତଦ୍‌ବିରୁଦ୍ଧ ଅଥଚ ତଜ୍ଜାତୀୟ ଅବର୍ଣ୍ଣନୀୟ ସତ୍, ବ୍ରହ୍ମ ଏବଂ ସେହି ଅନିର୍ବଚନୀୟ ଭାବାତ୍ମକ 'କେବଲ'କୁ ସ୍ଥାପନା କଲେ, ଯାହା ମଧ୍ୟରେ ଆଉ କୌଣସି ନାମରୂପ ଏବଂ କର୍ମ ରହେ ନାହିଁ କାରଣ ସେଥିରେ ଏହିସବୁ ନାମରୂପ କେବେ ବି ନ ଥିଲା, ତାଙ୍କ ମତରେ ଏହା ଥିଲା ମନର ଭ୍ରମ ମାତ୍ର । ଆଜି ଯେତେବେଳେ ଜ୍ଞାନମାର୍ଗ ବିଷୟରେ କୁହାଯାଏ ସେତେବେଳେ ସାଧାରଣତଃ ଆମ ମନରେ ଆସେ ଶଙ୍କରଙ୍କ ପଦ୍ଧତି, ଯାହା କି ଏହି ଧାରଣା ଉପରେ ପ୍ରତିଷ୍ଠିତ ଯେ ଜୀବନ ତ୍ୟାଗ କରିବାକୁ ହେବ କାରଣ ତାହା ମାୟା, ତାହା ଭ୍ରମ । କିନ୍ତୁ ଗୀତା ସମୟରେ 'ମାୟା'କୁ ବେଦାନ୍ତ-ଦର୍ଶନର ସବୁଠାରୁ ମହତ୍ତମ ଶବ୍ଦରେ ପରିଣତ କରାଯାଇ ନ ଥିଲା ଏବଂ ଏହି ଶବ୍ଦର ସ୍ପଷ୍ଟତଃ ସେହି ଅର୍ଥ କରାଯାଇ ନ ଥିଲା ଆଚାର୍ଯ୍ୟ ଶଙ୍କର ଏତେ ପରିଷ୍କାର ଓ ଶକ୍ତିଶାଳୀ ଭାଷାରେ ଏହାର ଯେଉଁ ଅର୍ଥ ଦେଇଛନ୍ତି । କାରଣ ଗୀତାରେ ମାୟାର ଚର୍ଚ୍ଚା ବହୁତ କମ୍ ହୋଇଛି, ଏଠାରେ ପ୍ରକୃତିରହିଁ ଅଧିକତର ଚର୍ଚ୍ଚା ହୋଇଛି ଏବଂ ଯେଉଁଠାରେ ମାୟା ଶବ୍ଦର ପ୍ରୟୋଗ ହୋଇଛି, ତାହା କେବଳ ପ୍ରକୃତି ଅର୍ଥରେ ଏବଂ ଏହା ମଧ୍ୟ ପ୍ରକୃତିର ନିମ୍ନତର ଅବସ୍ଥାକୁ ସୂଚିତ କରି । ତ୍ରିଗୁଣାତ୍ମିକା ଅପରା ପ୍ରକୃତିକୁହିଁ କୁହାଯାଇଛି ମାୟା 'ତ୍ରୈଗୁଣ୍ୟମୟୀ ମାୟା' । ଗୀତା ଶିକ୍ଷାରେ ଭ୍ରମାତ୍ମକ ମାୟାକୁ ନୁହେଁ ପ୍ରକୃତିହିଁ ସୃଷ୍ଟିରେ କାରଣ ରୂପେ ଗ୍ରହଣ କରାଯାଇଛି ।

ଆଧ୍ୟାତ୍ମିକ ସିଦ୍ଧାନ୍ତରେ ଯେତେ ଯାହା ସୂକ୍ଷ୍ମ ବୈଶିଷ୍ଟ୍ୟ ରହୁନା କାହିଁକି, ତଥାପି ଗୀତାରେ ସାଂଖ୍ୟ ଏବଂ ଯୋଗର ଯେଉଁ ବ୍ୟବହାରିକ ପ୍ରଭେଦ ଦିଆଯାଇଛି, ତାହା ବର୍ତ୍ତମାନ ଯୁଗରେ ବେଦାନ୍ତର ଜ୍ଞାନଯୋଗ ଓ କର୍ମଯୋଗ ଭିତରେ ରହିଥିବା ପାର୍ଥକ୍ୟ ସଙ୍ଗେ ସମାନ ଏବଂ ଏ ଦୁଇଟିର ବାସ୍ତବ ଫଳାଫଳ ଭିତରେ ଯେଉଁ ପ୍ରଭେଦ ରହିଛି ତାହା ମଧ୍ୟ ଅନୁରୂପ । ସାଂଖ୍ୟରେ ବେଦାନ୍ତର ଜ୍ଞାନମାର୍ଗ ପରି ବୁଦ୍ଧିରୁ ଆରମ୍ଭ କରାଯାଇଛି ଏବଂ ବିଚାର ଦ୍ୱାରା ଏହା ବିବେକରେ ଉପନୀତ ହୋଇ ପୁରୁଷର ସତ୍ୟସ୍ୱଭାବକୁ ଦେଖିପାରିଛି ଏବଂ ଏହା ମଧ୍ୟ ଦେଖିପାରିଛି ଯେ ଆସକ୍ତି ଏବଂ ତାଦାତ୍ମ୍ୟ ଦ୍ୱାରା ପ୍ରକୃତି ନିଜ କର୍ମକୁ

ପୁରୁଷଙ୍କ ଉପରେ ଆରୋପ କରେ । ଠିକ୍ ସେହିପର ବୈଦାନ୍ତିକ ପଦ୍ଧତି ମଧ୍ୟ ଏହି ପ୍ରକାର ସାଧନ ଦ୍ୱାରା ଆତ୍ମାର ସତ୍ୟସ୍ୱଭାବ ସମ୍ପର୍କରେ ଯଥାର୍ଥ ବିବେକ ଲାଭ କରିପାରିଛି ଏବଂ କହିଛି ଯେ ଆତ୍ମା ଉପରେ ଜଗତ୍ ଦୃଶ୍ୟର ଏହି ଯେଉଁ ଆଭାସ ପଡୁଛି ତାହା ମନର ଭ୍ରମଯୋଗୁଁ ଏବଂ ଏହାହିଁ ଅହଂଭାବାତ୍ମକ ତାଦାତ୍ମ୍ୟ ଏବଂ ଆସକ୍ତି ଉତ୍ପନ୍ନ କରେ । ବୈଦାନ୍ତିକ ପଦ୍ଧତି ଅନୁସାରେ ଆତ୍ମା ଯେତେବେଳେ ତା'ର ନିତ୍ୟ ସନାତନ ଅଦ୍ୱୈତ ବ୍ରହ୍ମସ୍ୱରୂପକୁ ଫେରି ଆସେ, ସେତେବେଳେ ତାହା ପାଇଁ ମାୟା ଲୋପ ପାଏ ଏବଂ ବିଶ୍ୱକ୍ରିୟା ତିରୋହିତ ହୋଇଯାଏ, ସାଂଖ୍ୟ-ପ୍ରଣାଳୀ ଅନୁଯାୟୀ ଜୀବ ଯେତେବେଳେ ନିଜର ନିତ୍ୟସନାତନ ନିଷ୍କ୍ରିୟ ପୁରୁଷ ଅବସ୍ଥାକୁ ଆସେ ସେତେବେଳେ ଗୁଣର କ୍ରିୟା ବନ୍ଦ ହୋଇଯାଏ ଏବଂ ବିଶ୍ୱକ୍ରିୟାର ପରିସମାପ୍ତି ଘଟେ । ମାୟାବାଦୀମାନଙ୍କର ବ୍ରହ୍ମ ଶାନ୍ତ, ଅକ୍ଷର ଏବଂ ନିଷ୍କ୍ରିୟ; ସାଂଖ୍ୟର ପୁରୁଷ ମଧ୍ୟ ଏହିପରି, ସେଥିପାଇଁ ଉଭୟଙ୍କ କ୍ଷେତ୍ରରେ ଜୀବନ ଓ କର୍ମର ସନ୍ନ୍ୟାସ ହେଉଛି ମୋକ୍ଷଲାଭ ନିମନ୍ତେ ଅପରିହାର୍ଯ୍ୟ ସାଧନ ମାର୍ଗ । କିନ୍ତୁ ଗୀତାର ଯୋଗରେ ବୈଦାନ୍ତିକ କର୍ମଯୋଗ କରି କର୍ମ କେବଳ ଆଧାରକୁ ପ୍ରସ୍ତୁତ କରିବା ପାଇଁ ସାଧନାର ଉପାୟ ମାତ୍ର ନୁହେଁ, ବରଂ ମୋକ୍ଷ ଲାଭ ପାଇଁ କର୍ମ ସ୍ୱୟଂ ଏକ ଉପାୟ ଓ ସାଧନ ହୋଇପାରେ । ଏବଂ ଏହି ସିଦ୍ଧାନ୍ତର ସତ୍ୟକୁ ଗୀତା ଅନବଦମିତ ଉତ୍ସାହ ଓ ଶକ୍ତିର ସହିତ ପ୍ରତିଷ୍ଠିତ କରିବାକୁ ଚାହିଁଥିଲା । ଦୁର୍ଭାଗ୍ୟବଶତଃ ତାହା ବୌଦ୍ଧମତର* ପ୍ରଚଣ୍ଡ ପ୍ଲାବନ ଆଗରେ ଭାରତରେ ଆଧିପତ୍ୟ ବିସ୍ତାର କରିପାରିଲା ନାହିଁ ଏବଂ ପରେ ସନ୍ନ୍ୟାସ ସମ୍ପ୍ରଦାୟର ମାୟାବାଦ ତଥା ସଂସାରତ୍ୟାଗୀ ତପସ୍ୱୀ ଏବଂ ଭକ୍ତଙ୍କ ତୀବ୍ରତା ଫଳରେ ବାଧାପ୍ରାପ୍ତ ହେଲା । କେବଳ ବର୍ତ୍ତମାନ ଭାରତବାସୀଙ୍କ ମନରେ ଏହାର ବାସ୍ତବ ଓ ହିତକର ପ୍ରଭାବ ପଡ଼ିବା ଆରମ୍ଭ ହୋଇଛି । ସନ୍ନ୍ୟାସ ଅପରିହାର୍ଯ୍ୟ କିନ୍ତୁ ପ୍ରକୃତ ସନ୍ନ୍ୟାସ ହୁଏ ଅନ୍ତରରେ କାମନା ଓ ଅହଂର ବର୍ଜନ ଦ୍ୱାରା । ଏହି ଆନ୍ତର ତ୍ୟାଗ ବିନା ବାହ୍ୟ ଭୌତିକ ତ୍ୟାଗର କୌଣସି ପ୍ରୟୋଜନ ନାହିଁ, ଯଦ୍ୟପି ଏହାକୁ ବାରଣ କରାଯାଇ ନାହିଁ । ଜ୍ଞାନ ହେଲା ମୁଖ୍ୟ, ମୁକ୍ତି ପାଇଁ ଏହାଠାରୁ ବଡ଼ କୌଣସି ଶକ୍ତି ନାହିଁ, କିନ୍ତୁ କର୍ମଯୁକ୍ତ ଜ୍ଞାନର ମଧ୍ୟ ଆବଶ୍ୟକତା ରହିଛି, ଜ୍ଞାନ ଏବଂ କର୍ମର ଏକତ୍ୱ ଫଳରେ ଆତ୍ମା ସମ୍ପୂର୍ଣ୍ଣଭାବେ ବ୍ରାହ୍ମୀ

---

* ଏହା ସଙ୍ଗେ ସଙ୍ଗେ ଗୀତା ବୌଦ୍ଧଧର୍ମର ମହାଯାନ ସମ୍ପ୍ରଦାୟକୁ ବିଶେଷ ପ୍ରଭାବିତ କରିଥିଲା ପରି ମନେ ହୁଏ । ବୌଦ୍ଧଶାସ୍ତ୍ର ଭିତରକୁ ଗୀତାର କେତେକ ଶ୍ଳୋକ ପୂରାପୂରି ଉଠାଇ ନିଆଯାଇଛି । ଏଥିରୁ ମନେହୁଏ ଯେ ଏହା ଫଳରେହିଁ ବୌଦ୍ଧଧର୍ମ ଆରମ୍ଭରୁ ଯେପରି ଶାନ୍ତ ଓ ସଂବୁଦ୍ଧ ସନ୍ନ୍ୟାସୀମାନଙ୍କର ଏକ ପ୍ରଧାନ ମାର୍ଗ ଥିଲା, ସେଥିରୁ ପରିବର୍ତ୍ତିତ ହୋଇ ଧ୍ୟାନମୂଳକ ଭକ୍ତି ଓ କରୁଣାତ୍ମକ କର୍ମର ଏକ ଶକ୍ତିଶାଳୀ ଧର୍ମ ହୋଇ ଉଠିଲା ଯାହାକି ଏତେ ଜୋର୍‌ରେ ଏସିଆର ସଂସ୍କୃତିକୁ ପ୍ରଭାବିତ କରିଥିଲା ।

ସ୍ଥିତିରେ ଅବସ୍ଥାନ କରେ, କେବଳ ବିଶ୍ରାମ ଏବଂ ନିଷ୍କ୍ରିୟ ଶକ୍ତିର ଅବସ୍ଥାରେ ନୁହେଁ ବରଂ କର୍ମର ଭୀଷଣ ଘାତ-ପ୍ରତିଘାତ ଭିତରେ ମଧ୍ୟ । ଭକ୍ତି ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ କିନ୍ତୁ କର୍ମଯୁକ୍ତ ଭକ୍ତି ମଧ୍ୟ ସେହିପରି ମହତ୍ତ୍ୱପୂର୍ଣ୍ଣ; ଜ୍ଞାନ, ଭକ୍ତି ଏବଂ କର୍ମର ସଂଯୋଗ ଫଳରେ ଜୀବକୁ ଈଶ୍ୱରଙ୍କର ଶ୍ରେଷ୍ଠ ପରମପଦ ପ୍ରାପ୍ତ ହୁଏ ଏବଂ ସେଠାରେ ସେ ସେହି ପୁରୁଷୋତ୍ତମଙ୍କ ମଧ୍ୟରେ ବାସ କରେ ଯେ ହେଉଛନ୍ତି ଏକ ସଙ୍ଗରେ ଶାଶ୍ୱତ ଆଧ୍ୟାତ୍ମିକ ଶାନ୍ତି ଏବଂ ଶାଶ୍ୱତ ବିଶ୍ୱକର୍ମ ଉଭୟଙ୍କର ପ୍ରଭୁ – ଏହାହିଁ ହେଲା ଗୀତାର ସମନ୍ୱୟ ।

କିନ୍ତୁ ସାଂଖ୍ୟର ଜ୍ଞାନମାର୍ଗ ଏବଂ ଯୋଗର କର୍ମମାର୍ଗ ମଧ୍ୟରେ ଯେଉଁ ପ୍ରଭେଦ ରହିଛି ତାହାଛଡ଼ା ସ୍ୱୟଂ ବେଦାନ୍ତରେ ମଧ୍ୟ ସେହି ଧରଣର ଅନ୍ୟ ଏକ ବିରୋଧ ରହିଛି; ଗୀତାକୁ ଏହା ମଧ୍ୟ ବିଚାରକୁ ନେବାକୁ ପଡ଼ିଥିଲା, ଯେପରିକି ଏହାକୁ ସମ୍ପୂର୍ଣ୍ଣ ତ୍ରୁଟିହୀନ କରି ଆର୍ଯ୍ୟ ଆଧ୍ୟାତ୍ମିକ ସଂସ୍କୃତି ସମ୍ପର୍କରେ ନିଜର ବିଶାଳ ନବୀନ ବ୍ୟାଖ୍ୟା ସହ ମିଳାଇ ଦିଆଯାଇ ପାରିବ । ଏହି ବିରୋଧ ରହିଥିଲା ଜ୍ଞାନକାଣ୍ଡ ଏବଂ କର୍ମକାଣ୍ଡ ଭିତରେ ଏବଂ ସେହି ମୂଳ ବିଚାର ଦୁଇଟି ଭିତରେ ଯାହାକି ଏକ ପକ୍ଷରେ ପୂର୍ବ-ମୀମାଂସା ଦର୍ଶନର ବେଦଭାବ ଏବଂ ଅନ୍ୟପକ୍ଷରେ ଉତ୍ତର-ମୀମାଂସା ଦର୍ଶନର ବ୍ରହ୍ମଭାବକୁ* ରୂପ ଦେଇଥିଲା । ଏହି ପ୍ରଭେଦ ମଧ୍ୟ ସେହି ଦୁଇ ସମ୍ପ୍ରଦାୟ ମୂଳରେ ଥିଲା ଯାହା ମଧ୍ୟରୁ ଗୋଟିଏ ବୈଦିକ ମନ୍ତ୍ର ଓ ବୈଦିକ ଯଜ୍ଞ ଆଦିର ଆଚାର ଓ ପରମ୍ପରା ଉପରେ ଜୋର୍ ଦେଉଥିଲା ଏବଂ ଅପରଟି ଏହାକୁ ତଳସ୍ତରର ଜ୍ଞାନ ବୋଲି କହି ଉପେକ୍ଷା କରୁଥିଲା ଏବଂ ଉପନିଷଦରୁ ନିଃସୃତ ଉଚ୍ଚତର ଆଧ୍ୟାତ୍ମିକ ଜ୍ଞାନ ଉପରେ ଜୋର୍ ଦେଉଥିଲା । ବେଦବାଦୀଙ୍କର କର୍ମପ୍ରଧାନ ବୁଦ୍ଧି ଋଷିମାନଙ୍କର ଆର୍ଯ୍ୟଧର୍ମକୁ ଏହି ଭାବରେ ବୁଝୁଥିଲା ଯେ ବୈଦିକ ଯଜ୍ଞ ବିଧିପୂର୍ବକ ସମ୍ପନ୍ନ କରିବା ଦ୍ୱାରା ତଥା ପବିତ୍ର ବୈଦିକ ମନ୍ତ୍ରର ବିଶୁଦ୍ଧ ପ୍ରୟୋଗ ଦ୍ୱାରା ଇହଲୋକରେ ସମ୍ପତ୍ତି, ସନ୍ତାନସନ୍ତତି, ବିଜୟ ତଥା ସର୍ବପ୍ରକାର ସୌଭାଗ୍ୟ ଆଦି ମନୁଷ୍ୟର କାମ୍ୟବସ୍ତୁ ପ୍ରାପ୍ତ କରାଯାଇ ପାରିବ ଏବଂ ପରଲୋକରେ ମଧ୍ୟ ଅମରତ୍ୱର ଆନନ୍ଦ ମିଳିପାରିବ । କିନ୍ତୁ ବ୍ରହ୍ମବାଦୀଙ୍କର ଆଦର୍ଶ ଅନୁସାରେ ଏହା କେବଳ ପ୍ରାରମ୍ଭିକ ପ୍ରସ୍ତୁତି ମାତ୍ର, ସେମାନଙ୍କ ମତରେ ମନୁଷ୍ୟର ପ୍ରକୃତ ପୁରୁଷାର୍ଥ ବ୍ରହ୍ମଜ୍ଞାନ ପ୍ରତି ଉନ୍ମୀଳିତ ହେବାଠାରୁହିଁ ଆରମ୍ଭ ଏବଂ ଏହି ବ୍ରହ୍ମଜ୍ଞାନହିଁ ମନୁଷ୍ୟକୁ ସେହି ଅନିର୍ବଚନୀୟ ଆଧ୍ୟାତ୍ମିକ ଆନନ୍ଦ ଓ ପ୍ରକୃତ ଅମରତ୍ୱ ଦେଇପାରିବ ଯାହା ଏହି ଜଗତର କ୍ଷୁଦ୍ର ସୁଖ ଏବଂ ଯେକୌଣସି ନିମ୍ନସ୍ତରର ସ୍ୱର୍ଗଲୋକଠାରୁ

* ମୋକ୍ଷ ସମ୍ପର୍କରେ ଜୈମିନୀୟ ସିଦ୍ଧାନ୍ତ ହେଉଛି ଏହା ଯେ ସେହି ଶାଶ୍ୱତ ବ୍ରହ୍ମଲୋକ ପ୍ରାପ୍ତିହିଁ ହେଉଛି ମୁକ୍ତି ଯେଉଁଠି ଜୀବ ବ୍ରହ୍ମଜ୍ଞାନ ଲାଭକରିବା ପରେ ମଧ୍ୟ ଦିବ୍ୟଦେହ ଓ ଦିବ୍ୟଭୋଗ ପ୍ରାପ୍ତ ହୁଏ । ଗୀତା ପାଇଁ ବ୍ରହ୍ମଲୋକ ମୁକ୍ତି ନୁହେଁ, ମୁମୁକ୍ଷୁ ଜୀବକୁ ଏହାକୁ ମଧ୍ୟ ଅତିକ୍ରମ କରି ବିଶ୍ୱାତୀତ ପଦ ଲାଭ କରିବାକୁ ହେବ ।

ଅନେକ ଊର୍ଦ୍ଧ୍ୱରେ । ବେଦର ମୂଳ ଏବଂ ବାସ୍ତବ ଅଭିପ୍ରାୟ ଯାହାବି ହେଉନା କାହିଁକି ତଥାପି ଏହି ପାର୍ଥକ୍ୟ ଗୀତାର ବହୁ ଆଗରୁ ନିଜକୁ ଉପସ୍ଥାପିତ କରିଥିଲା, ତେଣୁ ଗୀତାକୁ ଏହାର ମୀମାଂସା କରିବାକୁ ହୋଇଥିଲା ।

କର୍ମ ଏବଂ ଜ୍ଞାନର ସମନ୍ୱୟ କରିବାକୁ ଯାଇ ଭଗବାନ୍ ପ୍ରଥମ ଶବ୍ଦରେହିଁ ଖୁବ୍ ଜୋର୍ ଦେଇ ଅତ୍ୟନ୍ତ ତୀବ୍ର ଭାଷାରେ ବେଦବାଦର ନିନ୍ଦା ଓ ଭର୍ତ୍ସନା କରିଛନ୍ତି । ସେ କହିଛନ୍ତି, ''ଏପରି ଅଳଙ୍କାରପୂର୍ଣ୍ଣ ବାକ୍ୟ ସେହିମାନେ କହନ୍ତି ଯେଉଁମାନଙ୍କର ଯଥାର୍ଥ ବିଚାର-ଜ୍ଞାନ ନାହିଁ, ଯେଉଁମାନେ ବେଦବାଦର ଭକ୍ତ ଓ ତାହାଛଡ଼ା ଆଉ କିଛି ନାହିଁ ବୋଲି ମତପୋଷଣ କରନ୍ତି, ସେମାନେ କେବଳ କାମନାତ୍ମା, ସ୍ୱର୍ଗାଭିଳାଷୀ ଓ ସେହିମାନେହିଁ ସେହିସବୁ ବାଣୀ କହନ୍ତି ଯାହାକି ଜନ୍ମକର୍ମଫଳ ଦାନ କରେ, ବିବିଧ ବିଧିସଙ୍କୁଳ କର୍ମ ବିଧାନ କରେ ଏବଂ ଭୋଗ ଓ ଐଶ୍ୱର୍ଯ୍ୟ ପଥରେ ନେଇଯାଏ ।'' ଗୀତା ସ୍ୱୟଂ ବେଦ ଉପରେ ଆକ୍ରମଣ କଲାପରି ପ୍ରତୀତ ହୁଏ; ଯଦିଓ ବେଦ ବର୍ତ୍ତମାନ କାର୍ଯ୍ୟତଃ ପରିତ୍ୟକ୍ତ ହୋଇଛି ତଥାପି ଭାରତୀୟ ଭାବନାରେ ବେଦ ହେଉଛି ଅଲଙ୍ଘ୍ୟ, ଅନନୁଭବନୀୟ ଅତ୍ୟନ୍ତ ପବିତ୍ର ଏବଂ ସମସ୍ତ ଦର୍ଶନ ଶାସ୍ତ୍ରର ଓ ଧର୍ମର ପ୍ରାମାଣ୍ୟ ଏବଂ ଉତ୍ସ । ''ତ୍ରିଗୁଣାତ୍ମକ କର୍ମ ହେଉଛି ବେଦର ବିଷୟ କିନ୍ତୁ ହେ ଅର୍ଜୁନ, ତୁମେ ତ୍ରିଗୁଣମୁକ୍ତ ହୁଅ[୧] ।'' ଗୀତା କହିଛି ବେଦସବୁ ସେହି ଲୋକ ପାଇଁ ନିଷ୍ପ୍ରୟୋଜନ ଯେ ପ୍ରକୃତ ଜ୍ଞାନ ଲାଭ କରିଛି । 'ସର୍ବେଷୁ ବେଦେଷୁ' ସର୍ବବେଦ କହିଲେ ଏହା ମଧ୍ୟରେ ଉପନିଷଦକୁ ମଧ୍ୟ ଅନ୍ତର୍ଭୁକ୍ତ କରାଯାଇଥିବାର ମନେ ହୁଏ, କାରଣ ବ୍ୟାପକ ଅର୍ଥ ବୁଝାଉଥିବା ଶବ୍ଦ 'ଶ୍ରୁତି' କେବଳ ପରେ ପ୍ରୟୋଗ କରାଯାଇଛି । ଗୀତା କହିଛି ''ଚତୁର୍ଦ୍ଦିଗ ଜଳରେ ପ୍ଲାବିତ ହୋଇଗଲେ ସେଠାରେ କୂପ ଆଦିର ଯେତିକି ପ୍ରୟୋଜନ ଜ୍ଞାନ ଲାଭ କରିଥିବା ବ୍ରାହ୍ମଣ ଲାଗି ସମସ୍ତ ବେଦର ସେତିକି ପ୍ରୟୋଜନ[୨] ।'' ଖାଲି ଏତିକି ନୁହେଁ ଶାସ୍ତ୍ରବଚନ ବରଂ ବାଧାସ୍ୱରୂପ ହୁଏ । କାରଣ ଶାସ୍ତ୍ରର ବିଭିନ୍ନ ବାକ୍ୟ ମଧ୍ୟରେ ପରସ୍ପର ଯେଉଁ ବିରୋଧ ରହିଛି, ଭିନ୍ନ ଭିନ୍ନ ଅର୍ଥ ଏବଂ ପରସ୍ପର ବିରୋଧୀ ଯେଉଁସବୁ ବ୍ୟାଖ୍ୟା ଓ ଭାଷ୍ୟ ରହିଛି ତାହା ବୁଦ୍ଧିକୁ ବିଭ୍ରମ କରିଦିଏ । କେବଳ ଭିତରର ଅନ୍ତର୍ଜ୍ୟୋତି ସାହାଯ୍ୟରେହିଁ ବୁଦ୍ଧିର ନିଶ୍ଚିତତା ଓ ଏକାଗ୍ରତା ଲାଭ କରାଯାଇପାରେ । ଭଗବାନ୍ କହିଲେ, ''ଯେତେବେଳେ ତୋର ବୁଦ୍ଧି ମୋହ ରୂପକ ଗହନ ଦୁର୍ଗ ଅତିକ୍ରମ କରିଯିବ, ସେତେବେଳେ ତୁ ଶୁଣିଥିବା ବା ଭବିଷ୍ୟତରେ ଶୁଣିବାକୁ ଥିବା ସକଳ ଶାସ୍ତ୍ର-ବଚନ ପ୍ରତି ଉଦାସୀନ ହୋଇଯିବୁ । 'ତଦାଗନ୍ତାସି ନିର୍ବେଦଂ ଶ୍ରୋତବ୍ୟସ୍ୟ ଶ୍ରୁତସ୍ୟ ଚ' ।

---

୧ ତ୍ରୈଗୁଣ୍ୟବିଷୟା ବେଦା ନିସ୍ତ୍ରୈଗୁଣ୍ୟୋ ଭବାର୍ଜୁନ । (୨/୪୫)

୨ ଯାବାନର୍ଥ ଉଦପାନେ ସର୍ବତଃ ସଂପ୍ଲୁତୋଦକେ ।
ତାବାନ୍ ସର୍ବେଷୁ ବେଦେଷୁ ବ୍ରାହ୍ମଣସ୍ୟ ବିଜାନତଃ ॥ (୨/୪୬)

ଯେତେବେଳେ ତୋ' ବୁଦ୍ଧି ଯାହା ଶ୍ରୁତି ଦ୍ୱାରା ବିହ୍ୱଳ 'ଶ୍ରୁତି-ବିପ୍ରତିପନ୍ନା', ତାହା ଯେତେବେଳେ ସମାଧି ମଧ୍ୟରେ ସ୍ଥିର, ନିଶ୍ଚଳ ହେବ ସେତେବେଳେ ତୋତେ ଯୋଗ ପ୍ରାପ୍ତ ହେବ ।'' କିନ୍ତୁ ପରମ୍ପରାଗତ ଧାର୍ମିକ ଭାବନା ଲାଗି ଏହା ଏତେ ଅପ୍ରିୟ ଯେ ନିଜ ସୁବିଧାନୁସାରେ ଅର୍ଥକୁ ବଦଳାଇବାରେ ପଟୁ ମାନବ ବୁଦ୍ଧି ଦ୍ୱାରା ଗୀତାର କେତେକ ଶ୍ଳୋକକୁ ଏପାଖ ସେପାଖ କରି ଭିନ୍ନ ଅର୍ଥ କରିବା ପାଇଁ ଚେଷ୍ଟା କରାଯାଇଛି, କିନ୍ତୁ ଏସବୁ ଶ୍ଳୋକର ଅର୍ଥ ସ୍ପଷ୍ଟ ଏବଂ ଆଦିରୁ ଅନ୍ତ ପର୍ଯ୍ୟନ୍ତ ସୁସମ୍ବନ୍ଧ । ପରବର୍ତ୍ତୀ ଶ୍ଳୋକରେ ଏହି ଭାବକୁ ଆହୁରି ସ୍ପଷ୍ଟ କରାଯାଇଛି ଓ ଜୋର୍ ଦିଆଯାଇଛି, ଯେଉଁଠି କୁହାଯାଇଛି ଜ୍ଞାନର ଜ୍ଞାନ ଶବ୍ଦ ବ୍ରହ୍ମ ଅର୍ଥାତ୍ ବେଦ ଉପନିଷଦ୍ ଅତିକ୍ରମ କରିଯାଇଛି 'ଶବ୍ଦବ୍ରହ୍ମାତିବର୍ତ୍ତତେ' ।

ଯାହାହେଉ ବର୍ତ୍ତମାନ ଦେଖିବା ଏହାର ପ୍ରକୃତ ଅର୍ଥ କ'ଣ; କାରଣ ଏହା ନିଶ୍ଚିତ ଯେ ଗୀତାପରି ସମନ୍ୱୟକାରୀ ଓ ଉଦାର ଶାସ୍ତ୍ର ଆର୍ଯ୍ୟ ସଂସ୍କୃତିର ଏହି ମହତ୍ତ୍ୱପୂର୍ଣ୍ଣ ଅଂଶକୁ ବିଚାର କଲାବେଳେ କେବଳ ଅସ୍ୱୀକାର ବା ଖଣ୍ଡନ କରିବାର ଭାବ ନେଇ ପାରେ ନା । ଗୀତାକୁ କର୍ମ ଦ୍ୱାରା ମୁକ୍ତି ପ୍ରତିପାଦନ କରୁଥିବା ଯୋଗମାର୍ଗ ଏବଂ ଜ୍ଞାନ ଦ୍ୱାରା ମୁକ୍ତି ପ୍ରତିପାଦନ କରୁଥିବା ସାଂଖ୍ୟମାର୍ଗର ସମନ୍ୱୟ ସାଧନ କରି ଜ୍ଞାନ ଓ କର୍ମ ଦୁହିଁଙ୍କୁ ମିଳାଇ ଏକ କରିବାକୁ ହୋଇଛି । ତାହା ସଙ୍ଗେ ସଙ୍ଗେ ସାଂଖ୍ୟ ଓ ଯୋଗର ସାର୍ବଜନୀନ ପୁରୁଷ ଓ ପ୍ରକୃତି ସିଦ୍ଧାନ୍ତକୁ ପ୍ରଚଳିତ ବେଦାନ୍ତର ସେହି ବ୍ରହ୍ମବାଦ ସହ ସମନ୍ୱିତ କରିବାକୁ ହୋଇଛି, ଯେଉଁଥିରେ କି ଉପନିଷଦର ପୁରୁଷ, ଦେବ, ଈଶ୍ୱର – ଏହି ସମସ୍ତ ତତ୍ତ୍ୱକୁ ଏକ ଅକ୍ଷର ବ୍ରହ୍ମର ସର୍ବଗ୍ରାହୀ ତତ୍ତ୍ୱ ମଧ୍ୟରେ ଏକ କରି ଦିଆଯାଇଛି । ଆହୁରି ମଧ୍ୟ ଗୀତାକୁ ଯୋଗର ଈଶ୍ୱର, ପରମେଶ୍ୱର ସମ୍ବନ୍ଧୀୟ ତତ୍ତ୍ୱକୁ ତାହା ଉପରେ ପଡ଼ିଥିବା ବ୍ରହ୍ମବାଦର ଆଚ୍ଛାଦନ ମଧ୍ୟରୁ ବାହାର କରି ଆଣି ତା'ର ପ୍ରକୃତ ସ୍ୱରୂପ ଦେଖାଇବାକୁ ହୋଇଛି ଅଥଚ ସେହି ବୈଦାନ୍ତିକ ବ୍ରହ୍ମବାଦକୁ ଅସ୍ୱୀକାର ନ କରି ତାକୁ ତା' ଭିତରେ ସମନ୍ୱିତ କରିବାକୁ ହୋଇଛି । ଏହା ସଙ୍ଗରେ ଯୋଗ କରିବା ପାଇଁ ଗୀତାର ନିଜର ଦୀପ୍ତିମାନ ବିଚାରଧାରା ସବୁ ମଧ୍ୟ ରହିଛି, ଯାହାକି ତା'ର ସମନ୍ୱୟ ସାଧନାର ପରାକାଷ୍ଠା; ତା'ହେଲା ପୁରୁଷୋତ୍ତମ ତତ୍ତ୍ୱ ଓ ପୁରୁଷ ତ୍ରିବିଧ ହେବାର ତତ୍ତ୍ୱ । ଯଦିଓ ଏହା ଉପନିଷଦରେ ବୀଜ ରୂପରେ ରହିଛି, କିନ୍ତୁ ତା'ର କୌଣସି ସ୍ପଷ୍ଟ, ସୁନିଶ୍ଚିତ, ନିର୍ବିବାଦ ପ୍ରମାଣ ଉପନିଷଦର ମନ୍ତ୍ରମାଳା ମଧ୍ୟରେ ଅନାୟାସରେ ମିଳେ ନାହିଁ । ବରଂ ଗୀତାର ଏହି ତତ୍ତ୍ୱ ପ୍ରଥମ ଦୃଷ୍ଟିରେ ଶ୍ରୁତିର ସେହି ମନ୍ତ୍ରର ବିରୁଦ୍ଧାଚରଣ କରୁଛି ବୋଲି ପ୍ରତୀତ ହୁଏ, ଯେଉଁଠି କେବଳ ଦ୍ୱିବିଧ ପୁରୁଷର ବର୍ଣ୍ଣନା ଦିଆଯାଇଛି । ଆହୁରି ମଧ୍ୟ ଗୀତାକୁ କର୍ମ ଏବଂ ଜ୍ଞାନର ସମନ୍ୱୟ କରିବାବେଳେ ଯୋଗ ଓ ସାଂଖ୍ୟର ବିରୋଧକୁ ନୁହେଁ, ସ୍ୱୟଂ ବେଦାନ୍ତ ଭିତରେ ଥିବା କର୍ମ ଓ ଜ୍ଞାନର

ବିରୋଧକୁ ମଧ୍ୟ ହିସାବକୁ ନେବାକୁ ହୋଇଛି, କାରଣ ବେଦାନ୍ତରେ ଏହି କର୍ମ ଓ ଜ୍ଞାନ ଦୁଇ ଶବ୍ଦର ସଂଯୋଜନା ଓ ଅର୍ଥ ତଥା ଉଭୟଙ୍କ ଭିତରେ ଥିବା ବିରୋଧ ସାଂଖ୍ୟ ଓ ଯୋଗର ବିରୋଧଠାରୁ ଭିନ୍ନ । ତେଣୁ ସାଧାରଣ ଭାବରେ ଜଣେ କହିପାରେ ଯେ ବେଦ ଏବଂ ଉପନିଷଦ୍‌କୁ ଭିତ୍ତିରୂପେ ଗ୍ରହଣ କରୁଥିବା ଏହିସବୁ ନାନାବିଧ ଦାର୍ଶନିକ ସମ୍ପ୍ରଦାୟ ମଧ୍ୟରେ ଯେତେବେଳେ ଏତେ ବିରୋଧ, ସେତେବେଳେ ଗୀତା ଯଦି କହେ, ଶ୍ରୁତି ଦ୍ୱାରା ଏ ଦିଗ ସେ ଦିଗ ବିଭିନ୍ନ ଦିଗରେ ଚାଳିତ ହୋଇ ବୁଦ୍ଧିର ବିଭ୍ରମ ହେଉଛି, ସେଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ । ଆଜି ମଧ୍ୟ ଭାରତୀୟ ଦାର୍ଶନିକ ଏବଂ ପଣ୍ଡିତମାନଙ୍କ ମଧ୍ୟରେ ପ୍ରାଚୀନ ବଚନମାନଙ୍କର ଅର୍ଥ ସମ୍ବନ୍ଧରେ କେତେ ବଡ଼ ବଡ଼ ଶାସ୍ତ୍ରାର୍ଥ ଏବଂ ବିବାଦ ଲାଗି ନ ଯାଉଛି ଏବଂ ସେମାନେ କେତେ ପ୍ରକାର ବିଭିନ୍ନ ସିଦ୍ଧାନ୍ତରେ ଉପନୀତ ନ ହେଉଛନ୍ତି ? ଏଥିରେ ବୁଦ୍ଧି ବିରକ୍ତ ଏବଂ ଉଦାସୀନ ହୋଇ ''ଗନ୍ତାସି ନିର୍ବେଦଂ'', କୌଣସି ନୂତନ ବା ପୁରାତନ ଶାସ୍ତ୍ର-ବଚନ 'ଶ୍ରୋତବ୍ୟସ୍ୟ ଶ୍ରୁତସ୍ୟ ଚ' ଶୁଣିବାକୁ ନାସ୍ତିବାଣୀ ଶୁଣାଇ ନିଜେ ଗୂଢ଼ତର ଆନ୍ତର ଏବଂ ପ୍ରତ୍ୟକ୍ଷ ଅନୁଭୂତି ସାହାଯ୍ୟରେ ସତ୍ୟର ଅନ୍ୱେଷଣ ଲାଗି ନିଜ ଭିତରେ ପ୍ରବେଶ କରିବା ନିଶ୍ଚିତ ଅଧିକ ସଙ୍ଗତ ।

ପ୍ରଥମ ଛ'ଟି ଅଧ୍ୟାୟରେ ଗୀତା କର୍ମ ଓ ଜ୍ଞାନର ସମନ୍ୱୟ ଏବଂ ସାଂଖ୍ୟ, ଯୋଗ ଓ ବେଦାନ୍ତର ସମନ୍ୱୟର ଏକ ବିଶାଳ ଭିତ୍ତି ସ୍ଥାପନ କରିଛି । କିନ୍ତୁ ପ୍ରାରମ୍ଭରେ ଗୀତା ଦେଖିଛି ବେଦାନ୍ତ ଭାଷାରେ କର୍ମ ଶବ୍ଦର ଏକ ନିଜସ୍ୱ ଅର୍ଥ ରହିଛି, ସେଠାରେ କର୍ମର ଅର୍ଥ ବୈଦିକ ଯଜ୍ଞ ଓ ଆଚାର ଅନୁଷ୍ଠାନ ଅଥବା ସେହି କର୍ମ ସଙ୍ଗରେ ଗୃହ୍ୟ ସୂତ୍ର ଅନୁସାରେ ସଂସାର ଧର୍ମ ପାଳନ ଯେଉଁଥିରେ କି ଏହିସବୁ ଆଚାର-ଅନୁଷ୍ଠାନକୁହିଁ ତାହାର ସବୁଠୁ ଗୁରୁତ୍ୱପୂର୍ଣ୍ଣ ଅଂଶ ଏବଂ ଧର୍ମଜୀବନର ପ୍ରାଣ ବୋଲି ଗ୍ରହଣ କରାଯାଇଛି । କର୍ମ କହିଲେ ବୈଦାନ୍ତିକମାନେ ଏହିସବୁ ଧର୍ମାନୁଷ୍ଠାନକୁ, ଏହିସବୁ ଯାଗଯଜ୍ଞକୁହିଁ ବୁଝନ୍ତି ଯାହା 'ବିଧି' ସହକାରେ କରାଯାଏ ଏବଂ ଯାହାର କ୍ରିୟା କଠୋର ଜଟିଳ ନିୟମରେ ବନ୍ଧା ''କ୍ରିୟାବିଶେଷବହୁଲାମ୍'' । କିନ୍ତୁ ଯୋଗରେ କର୍ମର ଅର୍ଥ ଏହା ଅପେକ୍ଷା ଅନେକ ବେଶୀ ବ୍ୟାପକ ଏବଂ ଏହି ବ୍ୟାପକତର ଅର୍ଥ ଉପରେହିଁ ଗୀତା ଜୋର୍ ଦେଇଛି । ଆଧ୍ୟାତ୍ମିକ କର୍ମ କହିଲେ ଆମକୁ ଏହି ଶବ୍ଦ ମଧ୍ୟରେ ସମସ୍ତ କର୍ମକୁ 'ସର୍ବକର୍ମାଣି' ଅନ୍ତର୍ଭୁକ୍ତ କରିବାକୁ ହେବ । ଏହା ସଙ୍ଗେ ସଙ୍ଗେ ବୌଦ୍ଧମତ ପରି ଗୀତା ଯଜ୍ଞର ନିଷେଧ କରି ନାହିଁ, ବରଂ ତାହାକୁ ସମୁନ୍ନତ ଏବଂ ବ୍ୟାପକତର କରିବାକୁ ଚାହିଁଛି । ବସ୍ତୁତଃ ଗୀତା ଏହା କରିବାକୁ ଚାହେଁ ଯେ ଯଜ୍ଞ କେବଳ ଜୀବନର ସର୍ବଶ୍ରେଷ୍ଠ ମହତ୍ତ୍ୱପୂର୍ଣ୍ଣ ଅଙ୍ଗ ନୁହେଁ ବରଂ ସମଗ୍ର ଜୀବନ ଏବଂ ସକଳ କର୍ମ ଯଜ୍ଞ ହେବା ଦରକାର, ଯଦିଓ ଅଜ୍ଞାନୀମାନେ କୌଣସି ଉଚ୍ଚତର ଜ୍ଞାନ ବିନା ଏବଂ ମହାମୂଢ଼ମାନେ 'ଅବିଧି' ପୂର୍ବକ ମଧ୍ୟ ଯଜ୍ଞ କରନ୍ତି । ଯଜ୍ଞ ହେଲା

ଜୀବନର ମୂଳ ସର୍ତ୍ତ, ପ୍ରଜାପତି ପ୍ରଜାମାନଙ୍କୁ ଯଜ୍ଞ ସହ 'ସହ ଯଜ୍ଞାଃ' ସୃଷ୍ଟି କରିଛନ୍ତି, ଯଜ୍ଞକୁ ସେମାନଙ୍କର ଚିରସଙ୍ଗୀ କରି ଦେଇଛନ୍ତି । କିନ୍ତୁ ବେଦବାଦୀମାନଙ୍କ ଯଜ୍ଞ କାମନାମୂଳକ, ବୈଷୟିକ, ତାଙ୍କର ଏହି କାମନାଯୁକ୍ତ କର୍ମ ଫଳପ୍ରାପ୍ତି ନିମନ୍ତେ; ସେମାନେ ସ୍ୱର୍ଗ ଲାଭକରି ଅଧିକତର ଭୋଗ ଚାହାନ୍ତି, ଏବଂ ଏହାକୁହିଁ ସେମାନେ ଅମୃତତ୍ୱ ଏବଂ ଶ୍ରେଷ୍ଠତମ ମୁକ୍ତି ବୋଲି ଜାଣନ୍ତି । ଗୀତା ନିଜ ସାଧନ-ପ୍ରଣାଳୀ ଭିତରେ ଏହାକୁ କେବେହେଲେ ଅନୁମୋଦନ କରିପାରେନା । ପ୍ରାରମ୍ଭରୁହିଁ ଗୀତା କହୁଛି ବାସନା ତ୍ୟାଗ କର, ଏହାକୁ ଆତ୍ମାର ଶତ୍ରୁ ମନେ କରି ତ୍ୟାଗ କର, ବିନାଶ କର । ବୈଦିକ ଯାଗଯଜ୍ଞର ସାର୍ଥକତାକୁ ମଧ୍ୟ ଗୀତା ଅସ୍ୱୀକାର କରୁ ନାହିଁ, ଗୀତା ତାହାକୁ ମଧ୍ୟ ସ୍ୱୀକାର କରି କହୁଛି ଏ ସାଧନା ଦ୍ୱାରା ଇହଲୋକରେ ଐଶ୍ୱର୍ଯ୍ୟ ଏବଂ ପରଲୋକରେ ସ୍ୱର୍ଗପ୍ରାପ୍ତି ହୁଏ । ଭଗବାନ୍ ଗୁରୁ କହୁଛନ୍ତି 'ମୁଁ'ହିଁ ସେହିସବୁ ଯଜ୍ଞ ଗ୍ରହଣ କରେ, ଲୋକେ ଭିନ୍ନ ଭିନ୍ନ ଦେବତାଙ୍କର ଉଦ୍ଦେଶ୍ୟରେ ଯେଉଁ ଯଜ୍ଞ ଅର୍ପଣ କରନ୍ତି ମୁଁହିଁ ସେହି ଦେବତାଙ୍କ ରୂପରେ ସେହି ଯଜ୍ଞାର୍ପଣ ଗ୍ରହଣ କରେ ଓ ଯଜ୍ଞର ଫଳ ପ୍ରଦାନ କରେ କାରଣ ସେହି ଲୋକମାନେ ସେହି ରୂପରେହିଁ ମୋତେ ଉପାସନା କରିବାକୁ ପସନ୍ଦ କରିଥିଲେ । କିନ୍ତୁ ଏହା ପ୍ରକୃତ ପଥ ନୁହେଁ ବା ସ୍ୱର୍ଗ ସୁଖ ଭୋଗ ମନୁଷ୍ୟ ଖୋଜୁଥିବା ସେହି ମୁକ୍ତି ବା ପୂର୍ଣ୍ଣତା ନୁହେଁ । ଅଜ୍ଞାନୀମାନେ ଦେବତାଙ୍କୁ ପୂଜା କରନ୍ତି, ସେମାନେ ଜାଣନ୍ତି ନାହିଁ ଯେ ଏହିସବୁ ଦେବତାଙ୍କ ରୂପରେ ଅଜ୍ଞାନ ଭାବରେ ସେମାନେ କାହାକୁ ପୂଜା କରୁଛନ୍ତି । ଅଜ୍ଞାନ ଭାବରେ ହେଲେ ମଧ୍ୟ ସେମାନେ ପୂଜା କରୁଛନ୍ତି ସେହି 'ଏକ'ଙ୍କୁ, ସେହି ପରମ ଈଶ୍ୱରଙ୍କୁ, ସେହି ଏକମାତ୍ର ଦେବଙ୍କୁ ଏବଂ ସେହିଁ ତାଙ୍କର ପୂଜା ଓ ଦ୍ରବ୍ୟ ଗ୍ରହଣ କରୁଛନ୍ତି । ସେହି ଈଶ୍ୱରଙ୍କ ଉଦ୍ଦେଶ୍ୟରେହିଁ ସମସ୍ତ ଯଜ୍ଞ ଅର୍ପଣ କରିବାକୁ ହେବ, ଜୀବନର ସମସ୍ତ ଶକ୍ତି ଏବଂ କର୍ମର ସେହି ପ୍ରକୃତ ଯଜ୍ଞ ଭକ୍ତି ସହକାରେ, ନିଷ୍କାମ ହୋଇ ତାଙ୍କୁ ଉତ୍ସର୍ଗ କରି ତାଙ୍କରି ଉଦ୍ଦେଶ୍ୟରେ ଓ ଲୋକମାନଙ୍କର କଲ୍ୟାଣ ଉଦ୍ଦେଶ୍ୟରେ କରିବାକୁ ହେବ । ବେଦବାଦ ଏହି ସତ୍ୟକୁ ଆଚ୍ଛାଦିତ କରି ନିଜର ବିଧିବିଧାନର ଗଣ୍ଡି ଦେଇ ମନୁଷ୍ୟକୁ ତ୍ରିଗୁଣ କର୍ମ ମଧ୍ୟରେ ବାନ୍ଧି ଦେବାକୁ ଚାହେଁ, ସେଥିପାଇଁ ବେଦବାଦକୁ ଏତେ ତୀବ୍ର ଭାବରେ ଭର୍ତ୍ସନା କରାଯାଇଛି ଏବଂ ଏତେ ଦୃଢ଼ ଭାବରେ ତାକୁ ପରିତ୍ୟାଗ କରାଯାଇଛି କିନ୍ତୁ ତା'ର ମୂଳ କଥାକୁ ନଷ୍ଟ କରାଯାଇ ନାହିଁ, ତାହାକୁ ରୂପାନ୍ତରିତ ଏବଂ ସମୁନ୍ନତ କରାଯାଇ ପ୍ରକୃତ ଆଧ୍ୟାତ୍ମିକ ଅନୁଭୂତି ଏବଂ ମୋକ୍ଷ-ସାଧନ ମାର୍ଗର ଏକ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଅଙ୍ଗରେ ପରିଣତ କରାଯାଇଛି ।

ଜ୍ଞାନ ସମ୍ବନ୍ଧରେ ବେଦାନ୍ତର ସିଦ୍ଧାନ୍ତରେ କିନ୍ତୁ ଏହି ଧରଣର ଅସୁବିଧା କିଛି ନାହିଁ । ଗୀତା ଏ ସିଦ୍ଧାନ୍ତକୁ ତୁରନ୍ତ ଏବଂ ପୂର୍ଣ୍ଣ ଭାବରେ ଗ୍ରହଣ କରି ନେଇଛି ଏବଂ ପ୍ରଥମ ଛ'ଟି ଅଧ୍ୟାୟରେ ସାଂଖ୍ୟର ଅଚଳ, ଅକ୍ଷର କିନ୍ତୁ ବହୁ ପୁରୁଷ ସ୍ଥାନରେ ବେଦାନ୍ତର ଅକ୍ଷର,

ଏକମେବାଦ୍ୱିତୀୟ ବିଶ୍ୱବ୍ୟାପୀ ବ୍ରହ୍ମଙ୍କୁ ଉପସ୍ଥାପିତ କରିଛି । ଏ ଅଧ୍ୟାୟମାନଙ୍କରେ ସର୍ବତ୍ର ନିଷ୍କାମ କର୍ମକୁ ଜ୍ଞାନର ଅତ୍ୟାବଶ୍ୟକ ଅଙ୍ଗ ବୋଲି କୁହାଯାଇଥିଲେ ମଧ୍ୟ ଜ୍ଞାନ ଏବଂ ବ୍ରହ୍ମାନୁଭୂତିକୁ ମୋକ୍ଷର ସର୍ବପ୍ରଧାନ ଏବଂ ଅପରିହାର୍ଯ୍ୟ ଉପାୟ ବୋଲି ଗ୍ରହଣ କରାଯାଇଛି । ସେହିପରି ଅକ୍ଷର ନୈର୍ବ୍ୟକ୍ତିକ ବ୍ରହ୍ମଙ୍କର ଅନନ୍ତ ସମତା ମଧ୍ୟରେ ଅହଂର ନିର୍ବାଣକୁ ମୋକ୍ଷ ସାଧନ ପାଇଁ ନିତାନ୍ତ ଆବଶ୍ୟକ ବୋଲି ମଧ୍ୟ ଗୀତା ସମାନ ଜୋର୍ ଦେଇ କହିଛି । ଅହଂର ଏ ଭାବରେ ନିର୍ବାଣ ଏବଂ ସାଂଖ୍ୟର ଅକର୍ତ୍ତା ଅକ୍ଷର ପୁରୁଷଙ୍କର ପ୍ରକୃତିର କର୍ମ ମଧ୍ୟରୁ ନିଜର ସ୍ୱରୂପକୁ ପ୍ରତ୍ୟାବର୍ତ୍ତନ – ଏ ଦୁଇଟିକୁ ଗୀତା କାର୍ଯ୍ୟତଃ ଏକ କରି ଦେଇଛି । ଗୀତା ମଧ୍ୟ ବେଦାନ୍ତ ଓ ସାଂଖ୍ୟର କଥାକୁ ମିଶାଇ ଏକ କରି ଦେଇଛି, ପ୍ରଥମେ ଯେପରି କେତେକ ଉପନିଷଦରେ[୧] କରାଯାଇଥିଲା । ତଥାପି ବୈଦାନ୍ତିକ ସିଦ୍ଧାନ୍ତରେ ଏକ ତ୍ରୁଟି ରହିଛି ଯାହାକୁ ଅତିକ୍ରମ କରିବା ଆବଶ୍ୟକ ବୋଲି ଗୀତା ମନେ କରିଛି । ଆମେ ହୁଏତ ଏପରି ଅନୁମାନ କରିପାରୁ ଯେ ସେ ସମୟ ପର୍ଯ୍ୟନ୍ତ ବେଦାନ୍ତ ତା'ର ପରବର୍ତ୍ତୀ ସମୟର ଈଶ୍ୱରବାଦୀ ବିଚାରଧାରାକୁ ବିକଶିତ କରି ନାହିଁ, ଯଦିଓ ଉପନିଷଦରେ ଏହାର ଉପାଦାନ ଆରମ୍ଭରୁହିଁ ରହିଥିଲା । କିନ୍ତୁ ସେଠାରେ ତାହାକୁ ସେହି ଧରଣର ପ୍ରାଧାନ୍ୟ ଦିଆଯାଇ ନାହିଁ ଯେଉଁ ଧରଣର ପ୍ରାଧାନ୍ୟ ପରବର୍ତ୍ତୀ ଯୁଗର ବୈଷ୍ଣବ ଶାସ୍ତ୍ରରେ ଦେଖିବାକୁ ମିଳେ, ଯେଉଁଠିକି ଏହି ଈଶ୍ୱର-ଭକ୍ତିକୁ କେବଳ ପ୍ରଧାନ ନୁହେଁ ସର୍ବପ୍ରଧାନ ଆସନ ଦିଆଯାଇଛି । ଆମେ ଏହା ଧରିନେଇପାରୁ ଯେ ନିଜର ପ୍ରଧାନ ବୃତ୍ତିଚୟ ଦୃଷ୍ଟିରୁ ରକ୍ଷଣଶୀଳ ବେଦାନ୍ତ ନିଜକୁ ଭିତ୍ତି କରିଥିଲା ବିଶ୍ୱବ୍ରହ୍ମବାଦ[୨] ଉପରେ ଏବଂ ତାହାର ଶିଖର ଥିଲା ଅଦ୍ୱୈତବାଦ । ଏହା ଏକମେବାଦ୍ୱିତୀୟଙ୍କୁ ବ୍ରହ୍ମ ବୋଲି ଜାଣିଥିଲା, ବିଷ୍ଣୁ, ଶିବ, ବ୍ରହ୍ମା ଆଦି ଦେବତାଙ୍କୁ ମଧ୍ୟ ଜାଣିଥିଲା ଓ ସେମାନଙ୍କୁ ବ୍ରହ୍ମର ଅନ୍ତର୍ଗତ ରୂପେ ସ୍ଥାନ ଦେଇଥିଲା କିନ୍ତୁ ସେହି ଏକ ପରମବ୍ରହ୍ମଙ୍କୁ ଏକ ଈଶ୍ୱର, ପୁରୁଷ ଓ ଦେବ ବୋଲି ଧାରଣା କରିବାର ତତ୍ତ୍ୱ ତା'ର ପୂର୍ବର ଉଚ୍ଚ ଆସନରୁ ତଳକୁ ଖସି ଆସିଥିଲା[୩] । ଈଶ୍ୱର, ପୁରୁଷ, ଦେବ – ଏହିସବୁ ଶବ୍ଦ ଉପନିଷଦରେ ବ୍ରହ୍ମ ଶବ୍ଦର ସୂଚକ ରୂପେ ବ୍ୟବହୃତ ହେଉଥିଲା ଏବଂ ଯଥାଯଥ ଭାବେ

---

[୧] ବିଶେଷ କରି ଶ୍ୱେତାଶ୍ୱତର ଉପନିଷଦ୍‌ରେ ।

[୨] ବିଶ୍ୱ-ବ୍ରହ୍ମବାଦୀମାନଙ୍କର ମୂଳ ସୂତ୍ର ହେଲା ବିଶ୍ୱ ଏବଂ ବ୍ରହ୍ମ ଏକ । ଅଦ୍ୱୈତବାଦୀମାନେ ଏହା ସହ ଯୋଗ କରିଛନ୍ତି କେବଳ ବ୍ରହ୍ମଙ୍କରହିଁ ଅସ୍ତିତ୍ୱ ରହିଛି ଏବଂ ବିଶ୍ୱ କେବଳ ଏକ ମିଥ୍ୟା ଆଭାସ ମାତ୍ର, କିଂବା ଏହା ଏକ ବାସ୍ତବ କିନ୍ତୁ ଆଂଶିକ ଅଭିବ୍ୟକ୍ତି ।

[୩] ଏହା ସନ୍ଦେହଜନକ, କିନ୍ତୁ ଅନ୍ତତଃ ପକ୍ଷେ ଏହା କୁହାଯାଇ ପାରେ ଯେ ଏ ପ୍ରକାର ଏକ ଶକ୍ତିଶାଳୀ ବିଚାର ଧାରା ଏବଂ ଆଚାର୍ଯ୍ୟ ଶଙ୍କରଙ୍କ ସିଦ୍ଧାନ୍ତରେ ଏହା ତା'ର ଚୂଡ଼ାନ୍ତ ଅବସ୍ଥାରେ ପହଞ୍ଚିଥିଲା ।

ମଧ୍ୟ ବ୍ୟବହୃତ ହେଉଥିଲା, ସେଠାରେ ତାହା ସାଂଖ୍ୟ ଏବଂ ଈଶ୍ୱରବାଦୀ ଧାରଣାକୁ ମଧ୍ୟ ଅତିକ୍ରମ କରି ଆହୁରି ଆଗକୁ ଯାଇଥିଲା । କିନ୍ତୁ ବିଶୁଦ୍ଧ ତର୍କସମ୍ମତ ବ୍ରହ୍ମବାଦରେ ଏସବୁ ଶବ୍ଦ ବ୍ରହ୍ମ ଭାବର କେବଳ ଗୌଣ ବା ନିମ୍ନତର ପର୍ଯ୍ୟାୟ ପାଇଁହିଁ ପ୍ରଯୁଜ୍ୟ ହୋଇପାରେ । କିନ୍ତୁ ଗୀତା ଏହିସବୁ ନାମକୁ ଓ ତା'ର ଅର୍ଥ ତଥା ଭାବରେ ବ୍ରହ୍ମ ସହିତ ଯେଉଁ ମୂଳ ସମତା ରହିଛି ତାହାକୁ ତା'ର ନିଜ ସ୍ଥାନରେ ଯେ ପୁନଃସ୍ଥାପନ କରିଛି ଖାଲି ସେତିକି ନୁହେଁ, ତା'ଠାରୁ ମଧ୍ୟ ଆହୁରି ଏକପାଦ ଆଗେଇ ଯିବାକୁ ଚାହିଁଛି । ଗୀତା ବ୍ରହ୍ମକୁ ତା'ର ନିମ୍ନ ଭାବରେହିଁ ନୁହେଁ ତା'ର ପରମ ଭାବରେହିଁ ପୁରୁଷ ରୂପରେ ଉପସ୍ଥାପନ କରିଛି, ଏବଂ ଅପରା ପ୍ରକୃତିକୁ ତା'ର ମାୟା ରୂପରେ ଦେଖାଇ ବେଦାନ୍ତ ଏବଂ ସାଂଖ୍ୟର ପୂର୍ଣ୍ଣ ସମନ୍ୱୟ କରିଛି ଓ ତାକୁ ଈଶ୍ୱର ରୂପରେ ଦେଖାଇ ବେଦାନ୍ତ ଏବଂ ସାଂଖ୍ୟକୁ ଯୋଗ ସହ ସମ୍ପୂର୍ଣ୍ଣ ସମନ୍ୱୟ କରିଛି । ଖାଲି ସେତିକି ନୁହେଁ, ଗୀତା ଈଶ୍ୱର ଅର୍ଥାତ୍ ପୁରୁଷୋତ୍ତମଙ୍କୁ ଅଚଳ ଅକ୍ଷର ବ୍ରହ୍ମଠାରୁ ମଧ୍ୟ ଶ୍ରେଷ୍ଠ ବୋଲି ଦେଖାଇବାକୁ ଚାହେଁ; ଏବଂ ନୈର୍ବ୍ୟକ୍ତିକ ବ୍ରହ୍ମ ମଧ୍ୟରେ ଅହଂର ବିଲୟକୁ କେବଳ ପ୍ରାରମ୍ଭିକ ଅବସ୍ଥାର ବିଷୟ ବୋଲି ଓ ପୁରୁଷୋତ୍ତମଙ୍କ ସହ ଏକତ୍ୱ ଲାଭ ପଥରେ ସାଧନାର କେବଳ ଏକ ପ୍ରାଥମିକ ଏବଂ ଆବଶ୍ୟକ ସୋପାନ ମାତ୍ର ବୋଲି ଗୀତା ଦେଖାଇବାକୁ ଚାହେଁ । କାରଣ ପୁରୁଷୋତ୍ତମହିଁ ପରମବ୍ରହ୍ମ ସେଥିପାଇଁ ବେଦ, ଉପନିଷଦର ସର୍ବୋତ୍ତମ ବ୍ୟାଖ୍ୟାକାରଙ୍କ ଦ୍ୱାରା ଉପଦିଷ୍ଟ ଶିକ୍ଷାକୁ ଗୀତା ସାହସର ସହିତ ଅତିକ୍ରମ କରି ଏହିସବୁ ଗ୍ରନ୍ଥ ସମ୍ବନ୍ଧରେ ନିଜର ଏକ ଶିକ୍ଷା ଘୋଷଣା କରିଛି ଯାହା ସେ ଏହି ଗ୍ରନ୍ଥମାନଙ୍କରୁହିଁ ନେଇଛି । ବୈଦାନ୍ତିକମାନେ ସେସବୁ ଗ୍ରନ୍ଥର ସାଧାରଣତଃ ଯେଉଁ ବ୍ୟାଖ୍ୟା ଦିଅନ୍ତି, ସେହି ଅର୍ଥର ଚତୁଃସୀମା ମଧ୍ୟରେ ଗୀତାର ଏ ଅର୍ଥ ହୁଏତ ସ୍ଥାନ ପାଇପାରିବ ନାହିଁ କିନ୍ତୁ ଶାସ୍ତ୍ରୀୟ ବାକ୍ୟର ଏହିପରି ଏକ ସ୍ୱାଧୀନ ଏବଂ ସମନ୍ୱୟକାରୀ ବ୍ୟାଖ୍ୟା ନ ଦେଲେ ତତ୍କାଳୀନ ନାନାବିଧ ସମ୍ପ୍ରଦାୟ ମଧ୍ୟରେ ଯେଉଁ ମତଭେଦ ଥିଲା ଏବଂ ବୈଦିକ ବ୍ୟାଖ୍ୟାର ତତ୍କାଳୀନ ପ୍ରଚଳିତ ଯେଉଁ ପଦ୍ଧତି ଥିଲା ସେସବୁର ଏକ ସମନ୍ୱୟ ସାଧନ ଅସମ୍ଭବ ହୋଇଥା'ନ୍ତା ।

ଗୀତାର ପରବର୍ତ୍ତୀ ଅଧ୍ୟାୟମାନଙ୍କରେ ବେଦ ଓ ଉପନିଷଦକୁ ଖୁବ୍ ଉଚ୍ଚ ସ୍ଥାନ ଦିଆଯାଇଛି । କୁହାଯାଇଛି ଯେ ଏହା ଭାଗବତ ଶାସ୍ତ୍ର ଓ ଭଗବାନଙ୍କ ବାଣୀ, ସ୍ୱୟଂ ଭଗବାନହିଁ ବେଦର ଜ୍ଞାତା ଏବଂ ବେଦାନ୍ତର ପ୍ରଣେତା "ବେଦାନ୍ତବିଦ୍ ବେଦାନ୍ତକୃତ୍" । ଭଗବାନହିଁ ସକଳ ବେଦର ଏକମାତ୍ର ଜ୍ଞାତବ୍ୟ ବିଷୟ, "ସର୍ବୈଃବେଦୈଃ ଅହମେବ ବେଦ୍ୟଃ", ଏହି ଭାଷାରୁ ବୁଝାଯାଏ ଯେ ବେଦ ଶବ୍ଦର ଅର୍ଥ ଜ୍ଞାନର ଗ୍ରନ୍ଥ ଏବଂ ଏହିସବୁ ଗ୍ରନ୍ଥ ନିଜ ନାମକୁ ସାର୍ଥକ କରିଛନ୍ତି । ସ୍ୱୟଂ ପୁରୁଷୋତ୍ତମ ଅକ୍ଷର ଏବଂ କ୍ଷର ପୁରୁଷଙ୍କଠାରୁ ଉଚ୍ଚତର, ତାଙ୍କର ପରମାବସ୍ଥାରୁ ସେ ନିଜକୁ ଏ ଜଗତ୍ ଏବଂ ବେଦ ଭିତରେ ବ୍ୟାପ୍ତ

କରିଅଛନ୍ତି । ତଥାପି ଶାସ୍ତ୍ରର ଶବ୍ଦ ଅନେକ ସମୟରେ ବନ୍ଧନକାରକ ଓ ବିଭ୍ରାନ୍ତିକର ମଧ୍ୟ ହୋଇପାରେ । ଯେପରି ଖ୍ରୀଷ୍ଟଧର୍ମର ପ୍ରଚାରକ ନିଜ ଶିଷ୍ୟମାନଙ୍କୁ କହିଥିଲେ ''ଶବ୍ଦ ହତ୍ୟାକରେ ଆଉ ଭାବ ରକ୍ଷା କରେ'' ଶାସ୍ତ୍ରର ଉପଯୋଗିତାର ମଧ୍ୟ ଏକ ସୀମା ଅଛି ଏବଂ ସେ ସୀମା ପାର ହୋଇଗଲେ ତା'ର ଉପଯୋଗିତା ଆଉ ରହେ ନାହିଁ । ଜ୍ଞାନର ପ୍ରକୃତ ଉତ୍ସ ହେଲେ ଅନ୍ତରସ୍ଥିତ ଈଶ୍ୱର, ଗୀତା ଅନୁସାରେ ''ମୁଁ ପ୍ରତ୍ୟେକ ହୃଦୟ ମଧ୍ୟରେ ବିରାଜିତ ଏବଂ ମୋ'ଠାରୁହିଁ ସମସ୍ତ ଜ୍ଞାନ ନିଃସୃତ ହେଉଛି* ।'' ଶାସ୍ତ୍ର ସେହି ଆନ୍ତର ବେଦର, ସେହି ସ୍ୱୟଂ ପ୍ରକାଶ ସଦ୍‌ବସ୍ତୁର କେବଳ ବାଙ୍‌ମୟ ରୂପ, ଏହା ଶବ୍ଦବ୍ରହ୍ମ । ବେଦ କହେ ମନ୍ତ୍ର ହୃଦୟ ମଧ୍ୟରୁ ନିଃସୃତ, ଯେଉଁ ଗୁହ୍ୟସ୍ଥାନ ସତ୍ୟର ଧର୍ମ, ''ସଦନାତ୍ ଋତସ୍ୟ ଗୁହାୟାମ୍''; ଏହି ଉତ୍ସହିଁ ଏହାର ପ୍ରାମାଣ୍ୟ ଏବଂ ସ୍ୱୀକୃତି କିନ୍ତୁ ଅନନ୍ତ ସତ୍ୟ ନିଜର ଶବ୍ଦ ଅପେକ୍ଷା ମହାନ୍ । କୌଣସି ସଦ୍‌ଗ୍ରନ୍ଥ ବିଷୟରେ ଏହା କୁହାଯାଇ ପାରିବ ନାହିଁ ଯେ ଏହାହିଁ ଯଥେଷ୍ଟ, ଏହାଛଡ଼ା ଅଧିକ କିଛିର ଆବଶ୍ୟକତା ନାହିଁ, ବେଦ ସମ୍ବନ୍ଧରେ ବେଦବାଦୀମାନେ କହିଥାଆନ୍ତି ''ନାନ୍ୟଦସ୍ତୀତିବାଦିନଃ'', ଏହା ଏକ ମୁକ୍ତିପ୍ରଦାନକାରୀ ବାକ୍ୟ ଏବଂ ଜଗତର ସବୁ ଧର୍ମଶାସ୍ତ୍ର ପ୍ରତି ଏହା ପ୍ରଯୁଜ୍ୟ ହୋଇପାରେ । ବାଇବେଲ୍, କୋରାଣ, ଚୀନ୍‌ର ଧର୍ମଗ୍ରନ୍ଥ, ବେଦ, ଉପନିଷଦ୍, ପୁରାଣ, ତନ୍ତ୍ରଶାସ୍ତ୍ର ଏବଂ ସ୍ୱୟଂ ଗୀତା ଆଦି ସଦ୍‌ଗ୍ରନ୍ଥ ଯାହାସବୁ ବର୍ତ୍ତମାନ ଅଛି ଏବଂ ପୂର୍ବରୁ ରହିଆସିଛି, ସେସବୁ ମଧ୍ୟରେ ଯେଉଁ ସତ୍ୟ ରହିଛି ତଥା ତତ୍ତ୍ୱବେତ୍ତା, ସାଧୁସନ୍ଥ, ଈଶ୍ୱରଦୂତ ଏବଂ ଅବତାରମାନଙ୍କର ଯେଉଁ ବାଣୀ ରହିଛି ସେସବୁକୁ ଏକତ୍ର କଲେ ମଧ୍ୟ ଏହା କୁହାଯାଇ ପାରିବ ନାହିଁ ଯେ ଏହାହିଁ ଯଥେଷ୍ଟ, ଏହାଛଡ଼ା ଆଉ ଅଧିକ କିଛି ନାହିଁ ବା ତୁମର ବୁଦ୍ଧି ଏହା ଭିତରେ ଯେଉଁ ସତ୍ୟକୁ ଦେଖିପାରୁ ନାହିଁ ତାହା ସତ୍ୟ ନୁହେଁ, କାରଣ ତୁମେ ତାହାକୁ ଏଥି ଭିତରେ ଦେଖିପାରୁ ନାହଁ । ଏହା ସଂକୀର୍ଣ୍ଣ, ଗୋଷ୍ଠୀଗତ ବୁଦ୍ଧି ବା ଧର୍ମସବୁରୁ ବାଛି ବାଛି ବିଚାର ସଂଗ୍ରହ କରୁଥିବା ଧାର୍ମିକ ମନର ମିଶ୍ରିତ ବୁଦ୍ଧି, ସ୍ୱାଧୀନ ଏବଂ ପ୍ରଦୀପ୍ତ ମନର ଓ ଈଶ୍ୱରାନୁଭୂତି ପ୍ରାପ୍ତ ଜୀବର ଅବ୍ୟାହତ ସତ୍ୟାନ୍ୱେଷଣ ନୁହେଁ । ପୂର୍ବରୁ ଶ୍ରୁତ ହେଉ ବା ଅଶ୍ରୁତ ହେଉ, ତାହାହିଁ ସଦା ସର୍ବଦା ସତ୍ୟ, ଯାହାକୁ ମନୁଷ୍ୟ ନିଜ ହୃଦୟର ଜ୍ୟୋତିର୍ମୟ ଗଭୀର ଗୁହା ମଧ୍ୟରେ ଦେଖେ ବା ଅଖିଳ ଜ୍ଞାନର ସ୍ୱାମୀ ସନାତନ ବେଦବିଦ୍ ସର୍ବଜ୍ଞ ପରମେଶ୍ୱରଙ୍କଠାରୁ ନିଜ ହୃଦୟରେ ଶ୍ରବଣ କରେ ।

---

* ''ସର୍ବସ୍ୟ ଚାହଂ ହୃଦି ସନ୍ନିବିଷ୍ଟୋ ମତ୍ତଃ ସ୍ମୃତିର୍ଜ୍ଞାନମ୍ –'' (୧୫/୧୫)

# ୧୦

# ବୁଦ୍ଧି ଯୋଗ

ପୂର୍ବ ବର୍ଣ୍ଣିତ ଦୁଇ ଅଧ୍ୟାୟରେ ମୁଁ ମୁଖ୍ୟ ବିଷୟରୁ ଅପସରିଯାଇ ପାଠକମାନଙ୍କୁ ଗୂଢ଼ ଦାର୍ଶନିକ ମତବାଦର ଶୁଷ୍କ ନିରସ କ୍ଷେତ୍ରକୁ ଟାଣିନେଇ ଯାଇଥିଲି; ଯଦିଓ ସେହି ଦାର୍ଶନିକ ଚର୍ଚ୍ଚା ତରତରିଆ, ଅପର୍ଯ୍ୟାପ୍ତ ଏବଂ ବାହ୍ୟତଃ କରାଯାଇଛି । ଏହାଦ୍ୱାରା ଆମେମାନେ ବୁଝିପାରିବା ଗୀତା ନିଜର ଯେଉଁ ବିଶିଷ୍ଟ ଶୈଳୀ ପ୍ରତିପାଦନ କରିଛି ତାକୁ କାହିଁକି ଶେଷ ପର୍ଯ୍ୟନ୍ତ ଅନୁସରଣ କରିଛି । ଏହି ଶୈଳୀରେ ଗୀତା ପ୍ରଥମେ ଆଂଶିକ ସତ୍ୟର ସଙ୍କେତ ଦେଇ କିଛି ବାଟ ଆଗେଇଯାଇ ପୁଣି ସେହି ସଙ୍କେତକୁ ଫେରି ଆସି ତା'ର ଗଭୀର ମର୍ମ ବୁଝାଇ ଦେଇଛି । ଏହିପରି କରିଛି ତା'ର ଅନ୍ତିମ ମହାନ୍ ସୂଚନା ଓ ଚରମ ରହସ୍ୟରେ ପହଞ୍ଚିବା ପର୍ଯ୍ୟନ୍ତ ଯେଉଁ ରହସ୍ୟକୁ ଏହା କେବେ ବି ସ୍ପଷ୍ଟଭାବେ ଖୋଲିଦେଇ ନାହିଁ ବରଂ ଜୀବନରେ ଉପଲବ୍ଧି କରିବା ନିମିତ୍ତ ଛାଡ଼ି ଦେଇଛି, ଯେପରି ଭାରତୀୟ ଆଧ୍ୟାତ୍ମିକତା ଉତ୍ତର ଯୁଗରେ ପ୍ରେମ, ଆତ୍ମ-ସମର୍ପଣ, ଏବଂ ଆନନ୍ଦର ମହାନ୍ ଧାରାରେ ଏହାକୁ ଉପଲବ୍ଧି କରିବାର ପ୍ରୟାସ କରିଛି । ଗୀତାର ଦୃଷ୍ଟି ସଦାସର୍ବଦା ସମନ୍ୱୟ ଉପରେ ନିବଦ୍ଧ ଏବଂ ମାନବ-ମନକୁ କ୍ରମଶଃ ପରମ ଅନ୍ତିମ ବାକ୍ୟ ନିମିତ୍ତ ପ୍ରସ୍ତୁତ କରିବା ସକାଶେ ଏହା ବିଭିନ୍ନ ବିଚାର ଧାରା ଉପସ୍ଥାପିତ କରିଛି ।

ଭଗବାନ୍ ଅର୍ଜୁନଙ୍କୁ କହୁଛନ୍ତି ଯେ ସାଂଖ୍ୟର ମୋକ୍ଷପ୍ରଦାୟିନୀ ବୁଦ୍ଧିର ଯେଉଁ ସାମ୍ୟାବସ୍ଥା ମୁଁ ତୋତେ କହିଛି । ବର୍ତ୍ତମାନ ଯୋଗର ଅନ୍ୟ ଏକ ସାମ୍ୟାବସ୍ଥା କଥା ତୋତେ କହିବି । ତୁ ନିଜ କର୍ମଫଳ ପାଇଁ ଭୟ କରୁଛୁ; ତୁ ଅନ୍ୟ କୌଣସି ଫଳ ଚାହୁଁଛୁ, ଏବଂ ତୋ ନିଜ ଜୀବନର ବାସ୍ତବ କର୍ମପଥରୁ ଦୂରେଇ ଯାଉଛୁ କାରଣ ଏ ପଥ ତୋତେ ତୋ ବାଞ୍ଛିତ ଫଳ ଦେଇ ପାରିବ ନାହିଁ । ବରଂ କର୍ମ ଏବଂ ତାହାର ଫଳାଫଳର ଏହିପରି ଧାରଣା କରିବା – ଫଳ ଲାଭକୁ କର୍ମର ପ୍ରେରଣା କରିବା, କାମନା ବାସନାର ତୃଷ୍ଟି ନିମିତ୍ତ କର୍ମ ଏକ ଉପାୟ ବୋଲି ବିଚାରିବା, ସେମାନଙ୍କ ନିମିତ୍ତ ଅଜ୍ଞାନର ବନ୍ଧନ ଅଟେ ଯେଉଁମାନେ ଜାଣନ୍ତି ନାହିଁ କର୍ମର ସ୍ୱରୂପ କ'ଣ ଅଥବା ତାହାର ଯଥାର୍ଥ ଉତ୍ସ କେଉଁଠି; ଅଥବା ତାହା ବାସ୍ତବରେ କିପରି ସଂଘଟିତ ହୁଏ ଅଥବା ତାହାର ଶ୍ରେଷ୍ଠ ଉପଯୋଗ କ'ଣ ? ମୋ ଯୋଗ ତୋତେ ଏହି କର୍ମ ବନ୍ଧନରୁ ମୁକ୍ତ କରିଦେବ, ''କର୍ମବନ୍ଧଂ ପ୍ରହାସ୍ୟସି'' – ତୁ ବହୁତ ବିଷୟକୁ ଭୟ କରୁଛୁ, ପାପର ଭୟ, ଦୁଃଖର ଭୟ, ନରକ

ଓ ଦଣ୍ଡର ଭୟ, ଈଶ୍ୱରଙ୍କ ଭୟ, ଏବଂ ଏହି ପୃଥିବୀର ଭୟ, ପରଲୋକର ଭୟ ଏବଂ ପରିଶେଷରେ ନିଜର ଭୟ । ହେ ଆର୍ଯ୍ୟବୀର, ପୃଥିବୀର ବୀର ଶିରୋମଣି ବର୍ତ୍ତମାନ ତୁ କେଉଁ ବିଷୟକୁ ଭୟ କରୁ ନାହୁଁ ? ବରଂ ଏହି ଭୟ ସମଗ୍ର ମାନବଜାତିକୁ ଅଧିକାର କରିଛି । ଇହଲୋକ ଓ ପରଲୋକରେ ପାପ ଓ ଦୁଃଖର ଭୟ, ସଂସାର ପ୍ରତି ଭୟ ଯାହାର ଯଥାର୍ଥ ସ୍ୱରୂପ ସମ୍ବନ୍ଧେ ସେ କିଛି ବି ଜାଣେ ନାହିଁ, ଈଶ୍ୱରଙ୍କ ପ୍ରତି ଭୟ ଯାହାଙ୍କ ସତ୍ୟ ସତ୍ତା ସେ ଦେଖି ନାହିଁ ବା ତାଙ୍କ ବିଶ୍ୱଲୀଳାର ଅଭିପ୍ରାୟ ବୁଝି ନାହିଁ – ମୋ ଯୋଗ ତୋତେ ଏହି ମହାଭୟରୁ ଉଦ୍ଧାର କରିବ ଏବଂ ଏହି ଯୋଗର ସ୍ୱଳ୍ପ ସାଧନାହିଁ ତୋତେ ମୁକ୍ତି ଦେବ । ଯେତେବେଳେ ତୁ ଥରେ ଏହି ଯୋଗମାର୍ଗରେ ଯାତ୍ରାରମ୍ଭ କରିବୁ ସେତେବେଳେ ତୁ ଅନୁଭବ କରିବୁ ତୋ'ର ଗୋଟିଏ ପଦକ୍ଷେପ ବୃଥାରେ ଯାଇ ନାହିଁ, ତୋର ଅତି ସାମାନ୍ୟ ଅଗ୍ରଗତିରେ ବି ତୁ କିଛି ଲାଭକରିଛୁ । ତୋ ପ୍ରଗତି ପଥରେ ଏପରି କିଛି ଦେଖିବାକୁ ପାଇବୁ ନାହିଁ ଯାହା ତୋତେ ବାଧା ଦେଇ ପାରିବ । କେତେ ନିର୍ଭୀକ ଏବଂ ନିରପେକ୍ଷ ପ୍ରତିଜ୍ଞା ! କିନ୍ତୁ ସର୍ବଦା ବିଘ୍ନ ପରିବ୍ୟାପ୍ତ ଚଞ୍ଚଳ ଭୟଭୀତ ଶଙ୍କିତ ମନ ସହସା ଏହା ଉପରେ ପୂର୍ଣ୍ଣ ଭରସା କରିପାରୁନି । ଏ ପ୍ରତିଜ୍ଞାର ବ୍ୟାପକ ଏବଂ ପୂର୍ଣ୍ଣସତ୍ୟ ହୃଦୟଙ୍ଗମ ହେବ ନାହିଁ ଯେପର୍ଯ୍ୟନ୍ତ ଗୀତାର ପ୍ରାରମ୍ଭିକ ବଚନ ସହ ଏହି ଅନ୍ତିମ ବଚନ ମିଳାଇ ପଢ଼ା ନ ଯାଇଛି ।

''ସର୍ବଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ ।
ଅହଂ ତ୍ୱା ସର୍ବପାପେଭ୍ୟୋ ମୋକ୍ଷୟିଷ୍ୟାମି ମା ଶୁଚଃ ।।'' (୧୮/୬୬)

''ସକଳ ଧର୍ମ ପରିତ୍ୟାଗ କରି କେବଳ ମୋ ଶରଣ ନେ, ମୁଁ ତୋତେ ସମସ୍ତ ପାପରୁ ମୁକ୍ତ କରିବି, ଦୁଃଖ କର ନାହିଁ ।''

କିନ୍ତୁ ଭଗବାନ୍ ମନୁଷ୍ୟକୁ କହିଥିବା ଏହି ଗମ୍ଭୀର ଏବଂ ହୃଦୟସ୍ପର୍ଶୀ ବାଣୀ ସହ ଗୀତାର ଉପଦେଶ ଆରମ୍ଭ ହୋଇ ନାହିଁ ବରଂ ପ୍ରାରମ୍ଭରେ ଏହି ପଥରେ ଚାଲିବା ପାଇଁ ଆବଶ୍ୟକ ଆଲୋକପାତ କରାଯାଇଛି ଯାହା ଅନ୍ତରାତ୍ମା ନିମିତ୍ତ ଉଦ୍ଦିଷ୍ଟ ନୁହେଁ ବରଂ ବୁଦ୍ଧି ନିମିତ୍ତ । ପ୍ରାରମ୍ଭରେ ଭଗବାନ୍ ସୁହୃଦ୍ ଏବଂ ପ୍ରିୟତମଭାବେ କହି ନାହାନ୍ତି ବରଂ ଉପଦେଶ ଦେଇଛନ୍ତି ଦିଶାରୀ ଏବଂ ଆଚାର୍ଯ୍ୟ ରୂପେ, ଯେ ଶିଷ୍ୟର ଆତ୍ମାର ଯଥାର୍ଥ ସ୍ୱରୂପ ସମ୍ବନ୍ଧେ ଏବଂ ପୃଥିବୀର ସ୍ୱଭାବ ଏବଂ କର୍ମର ଉତ୍ସ ସମ୍ବନ୍ଧେ ଥିବା ଅଜ୍ଞାନତାକୁ ଦୂର କରିବେ । ଯେହେତୁ ସେ ଏହିସବୁ ବିଷୟରେ ଅଜ୍ଞାନଭାବେ କାର୍ଯ୍ୟ କରେ, ଭୁଲ୍ ବୁଦ୍ଧି ଏବଂ ସେଥିପାଇଁ ଭୁଲ୍ ସଂକଳ୍ପ ସହ, ସେଥିପାଇଁ ମନୁଷ୍ୟ ତା'ର କର୍ମ ଦ୍ୱାରା ଆବଦ୍ଧ ହୋଇପଡ଼େ ବା ଆବଦ୍ଧ ହେଲାପରି ମନେହୁଏ, ନ ହେଲେ ମୁକ୍ତ ଆତ୍ମା ପକ୍ଷରେ କର୍ମ ବନ୍ଧନର କାରଣ

ହୁଅନ୍ତା ନାହିଁ । କେବଳ ଏହି ଭ୍ରାନ୍ତ ବୁଦ୍ଧି ନିମିତ୍ତ, ମନୁଷ୍ୟର ଯେତେ ଆଶା, ଭୟ, କ୍ରୋଧ, ଶୋକ ଏବଂ କ୍ଷଣିକ ସୁଖ; ଅନ୍ୟଥା ସେ ପୂର୍ଣ୍ଣ ଶାନ୍ତି ଏବଂ ସ୍ୱତନ୍ତ୍ରତା ସହ କର୍ମ କରିପାରିବ । ସେଥିପାଇଁ ଅର୍ଜୁନଙ୍କୁ ସର୍ବପ୍ରଥମେ ବୁଦ୍ଧିଯୋଗ ଦର୍ଶାଇ ଦିଆଯାଇଛି, ଯଥାର୍ଥ ବୁଦ୍ଧି ଏବଂ ଫଳତଃ ଶୁଦ୍ଧ ସଙ୍କଳ୍ପ ସହ ଏକ ପରମାତ୍ମାଙ୍କଠାରେ ଲୟ ରଖିବା, ସର୍ବଜୀବରେ ସେହି ଏକାତ୍ମାଙ୍କୁ ଚିହ୍ନିପାରିବା; ଶାନ୍ତ ଚିତ୍ତରେ ମନକୁ ସହସ୍ର ଉତ୍ତେଜନା ଓ ଇତସ୍ତତଃ ଭ୍ରମଣରୁ ବିରତ କରି କର୍ମ କରିବା ହେଲା ବୁଦ୍ଧିଯୋଗ ।

ଗୀତା କହୁଛି ମନୁଷ୍ୟ ମଧ୍ୟରେ ଦୁଇପ୍ରକାରର ବୁଦ୍ଧି ବିଦ୍ୟମାନ । ଗୋଟିଏ ବୁଦ୍ଧିହେଲା ଏକାଗ୍ର, ସମତୁଲ, ଏକ, ସମରସବିଶିଷ୍ଟ ଏବଂ କେବଳ ଦିବ୍ୟସତ୍ୟ ଦିଗରେ ପରିଚାଳିତ, ଏକତ୍ୱ ଏହାର ବୈଶିଷ୍ଟ୍ୟ ଓ ଏକାଗ୍ର ସ୍ଥିରତା ହେଲା ଏହାର ପ୍ରାଣ । ଦ୍ୱିତୀୟ ବୁଦ୍ଧିର କୌଣସି ସ୍ଥିର ସଂକଳ୍ପ ନାହିଁ, କୌଣସି ନିଶ୍ଚୟତା ନାହିଁ, ଏହା ମଧ୍ୟରେ ରହିଛି ଶାଖା-ପଲ୍ଲବ-ଯୁକ୍ତ ଅସଂଖ୍ୟ ବିଚାର, ଜୀବନ ଏବଂ ପରିସ୍ଥିତି ପ୍ରଦତ୍ତ କାମନା-ବାସନା ପଶ୍ଚାତରେ ଏହା ସର୍ବଦା ଇତସ୍ତତଃ ଧାବିତ । ଯେଉଁ ବୁଦ୍ଧି-ଶବ୍ଦକୁ ଏଠାରେ ପ୍ରୟୋଗ କରାଯାଇଛି, ତାହାର ପ୍ରକୃତ ଅର୍ଥ ହେଲା ଏକ ମାନସିକ ଶକ୍ତି । ଯାହା ସମସ୍ତ ବିଷୟ ବୁଝିପାରେ । କିନ୍ତୁ ଗୀତାରେ ଏକ ବ୍ୟାପକ ଦାର୍ଶନିକ ଅର୍ଥରେ ବୁଦ୍ଧି-ଶବ୍ଦକୁ ପ୍ରୟୋଗ କରାଯାଇଛି । ଏଠାରେ ବୁଦ୍ଧି ମନର ସମସ୍ତ ବିବେକମୂଳ ଓ ନିର୍ଣ୍ଣୟକାରୀ କ୍ରିୟା ଶକ୍ତି ନିମିତ୍ତ ଅଭିପ୍ରେତ – ଯାହା ଆମ ଚିନ୍ତା, କ୍ରିୟାର ଦିଗ ଓ ଉପଯୋଗ ନିର୍ଣ୍ଣୟ କରେ । ଚିନ୍ତା, ବିଚାର, ସିଦ୍ଧାନ୍ତ, ମାନସିକ ପସନ୍ଦ ଏବଂ ଲକ୍ଷ୍ୟ ଏଗୁଡ଼ିକ ବୁଦ୍ଧିର ଅନ୍ତର୍ଗତ । ଏକନିଷ୍ଠ ମନର ଲକ୍ଷଣ କେବଳ ମନର ସେହି ଏକାଗ୍ରତା ନୁହେଁ ଯାହା ଜାଣିପାରେ, ବରଂ ମନର ସେହି ଏକାଗ୍ରତା ଯାହା ନିଷ୍ପତ୍ତି କରିପାରେ ଏବଂ ସେହି ନିଷ୍ପତ୍ତିରେ ଅଟଳ ରହିପାରେ – ''ବ୍ୟବସାୟ'', ଅନ୍ୟ ପକ୍ଷରେ ବିକ୍ଷିପ୍ତ ବୁଦ୍ଧିର ଲକ୍ଷଣ ହେଲା, ନାନା ଭାବନା ଓ ଇନ୍ଦ୍ରିୟାନୁଭବ ପଛରେ ଯେତେଟା ଏଣେତେଣେ ଧାଇଁବା ନୁହେଁ, ସେତେଟା ନାନା ଲକ୍ଷ୍ୟ ଏବଂ ଇଚ୍ଛା ଅର୍ଥାତ୍ ସଙ୍କଳ୍ପ ପଛରେ ଏଣେ ତେଣେ ବିକ୍ଷିପ୍ତ ଭାବରେ ଧାଇଁବା । ବୁଦ୍ଧିର ଦୁଇଟି କ୍ରିୟା ହେଲା ସଙ୍କଳ୍ପ ଓ ଜ୍ଞାନ । ଏକନିଷ୍ଠ ବୁଦ୍ଧି ଜ୍ଞାନଦୀପ୍ତ ଆତ୍ମା ମଧ୍ୟରେ ସ୍ଥିର ହୁଏ, ଆନ୍ତର ଆତ୍ମଜ୍ଞାନ ଉପରେ ଏକାଗ୍ର ହୁଏ, ଏବଂ ଏହାର ବିପରୀତ ବହୁଶାଖାବିଶିଷ୍ଟ ବୁଦ୍ଧି, ବହୁ କାର୍ଯ୍ୟରେ ରତ, କିନ୍ତୁ ନିଜର ଏକମାତ୍ର ପରମାବଶ୍ୟକ କର୍ମକୁ ଉପେକ୍ଷା କରିଚାଲେ, ମନର ଚଞ୍ଚଳ ତଥା ସଦା-ପ୍ରଧାବିତ କ୍ରିୟାବଳିର ଅଧୀନ ରହେ ଏବଂ ବାହ୍ୟ ଜୀବନ, କର୍ମ ଏବଂ ତାହାର ଫଳାଫଳ ମଧ୍ୟରେ ବିକ୍ଷିପ୍ତ ହୋଇ ରହେ । ଭଗବାନ୍ କହିଛନ୍ତି, ''ବୁଦ୍ଧିଯୋଗ ଅପେକ୍ଷା କର୍ମ ନିମ୍ନତର ତେଣୁ ବରଂ ବୁଦ୍ଧିଯୋଗର ଆଶ୍ରୟ ନିଅ । ଯେଉଁମାନେ କର୍ମଫଳକୁ ନିଜ ବିଚାର ଏବଂ କାର୍ଯ୍ୟର ଲକ୍ଷ୍ୟ ବୋଲି ଗ୍ରହଣ କରନ୍ତି ସେମାନେ ମୂର୍ଖ ଓ ଅଧମ ।''

ସାଂଖ୍ୟର ଯେଉଁ ମନସ୍ତାତ୍ତ୍ୱିକ କ୍ରମବ୍ୟବସ୍ଥାକୁ ଗୀତା ଗ୍ରହଣ କରିଛି ତାହା ଆମକୁ ମନେ ରଖିବାକୁ ହେବ । ଏହାର ଏକ ଦିଗରେ ପୁରୁଷ ଯେ ସ୍ଥିର, ଅକର୍ତ୍ତା, ଅକ୍ଷର, ଏକ ଏବଂ ଯାହାଙ୍କର ବିକାଶ ନାହିଁ, ଏବଂ ଏହାର ଅନ୍ୟଦିଗରେ ପ୍ରକୃତି ଯେ ସଚେତନ ପୁରୁଷଙ୍କ ବିନା ସ୍ୱୟଂ ଜଡ଼, ସେ କ୍ରିୟାଶୀଳା କିନ୍ତୁ କେବଳ ପୁରୁଷ ଚେତନାର ସାନ୍ନିଧ୍ୟରେ ଓ ସମ୍ପର୍କରେ ଆସିଲେହିଁ କ୍ରିୟାଶୀଳା, କୁହାଯାଇ ପାରେ ଯେ ଆରମ୍ଭରେ ସେ ପୁରୁଷ-ଚେତନା ସହ ଏକ ହୋଇଯାଏ ନାହିଁ ବରଂ ଅନିଶ୍ଚିତ ରୂପରେ ତାହା ସମ୍ପର୍କରେ ଆସେ, ଯେଉଁ ରୂପରେ ସେ ତ୍ରିଗୁଣାତ୍ମିକା ଓ ବିବର୍ତ୍ତନ ଏବଂ ନିବର୍ତ୍ତନ ପାଇଁ ସମର୍ଥା । ପୁରୁଷ ଏବଂ ପ୍ରକୃତିର ସମ୍ପର୍କ ଫଳରେହିଁ ସେହିସବୁ ଅନ୍ତରଙ୍ଗ ଓ ବହିରଙ୍ଗ କ୍ରୀଡ଼ା ଚାଲେ ଯାହାକି ଆମ ସତ୍ତାରେ ଅନୁଭବ କରିଥାଉ । ଯାହା ଆମର ଅନ୍ତରଙ୍ଗ, ତାହାହିଁ ପ୍ରଥମେ ବିକଶିତ ହୁଏ, କାରଣ ପୁରୁଷ-ଚେତନାହିଁ ପ୍ରଥମ କାରଣ, ଅଚେତନ ପ୍ରକୃତିଶକ୍ତି କେବଳ ଦ୍ୱିତୀୟ କାରଣ ଓ ତାହା ପ୍ରଥମ ଉପରେ ଆଶ୍ରିତ । କିନ୍ତୁ ତଥାପି ଆମ ଅନ୍ତଃକରଣର ବୃତ୍ତି ବା କାରଣଗୁଡ଼ିକର ଉତ୍ପତ୍ତି ପ୍ରକୃତିଠାରୁ, ପୁରୁଷଠାରୁ ନୁହେଁ । ଏହି କ୍ରମରେ ପ୍ରକୃତି ଶକ୍ତିରୁ ବିବର୍ତ୍ତିତ ହୋଇ ପ୍ରଥମେ ଆସେ ବୁଦ୍ଧି ଯାହାକି ବିବେକ ଓ ନିଶ୍ଚୟକାରିଣୀ ଶକ୍ତି ଏବଂ ଆସେ ଏହାର ଅଧୀନସ୍ଥ ଅହଂକାର ଯାହାକି ଅନ୍ୟଠାରୁ ନିଜକୁ ପୃଥକ୍ କରିବାର ଶକ୍ତି । ଏହି କ୍ରମର ଦ୍ୱିତୀୟ ବିକାଶରୂପେ ଆସେ ମନ ଯାହାକି ବୁଦ୍ଧି ଓ ଅହଙ୍କାର ଭିତରୁ ଉତ୍ପନ୍ନ ହୋଇଥାଏ ଏବଂ ଏହା ହେଉଛି ବିଷୟସବୁକୁ ପୃଥକ୍ ପୃଥକ୍ କରି ଜାଣିବାର ଶକ୍ତି । ଏହି କ୍ରମବ୍ୟବସ୍ଥାର ତୃତୀୟ ପର୍ଯ୍ୟାୟରେ ମନ ମଧ୍ୟରୁ ପାଞ୍ଚଟି ଜ୍ଞାନେନ୍ଦ୍ରିୟ ଏବଂ ପାଞ୍ଚଟି କର୍ମେନ୍ଦ୍ରିୟର ଉତ୍ପତ୍ତି ହୁଏ, ତାହାପରେ ଜ୍ଞାନେନ୍ଦ୍ରିୟର ଶକ୍ତି ଶବ୍ଦ, ସ୍ପର୍ଶ, ରୂପ, ରସ, ଗନ୍ଧ ଉତ୍ପନ୍ନ ହୁଏ, ଯେଉଁମାନେ ଆମ ମନ ପାଇଁ ସ୍ଥୂଳ ବସ୍ତୁର ମୂଲ୍ୟ ନିର୍ଦ୍ଧାରଣ କରନ୍ତି ଏବଂ ଆମ ଅନ୍ତରଙ୍ଗତାରେ ପଦାର୍ଥର ଯେଉଁ ପ୍ରତୀତି ହୁଏ, ତାହା ଏହିମାନଙ୍କ ଦ୍ୱାରାହିଁ ହୁଏ । ଏହି ପଞ୍ଚ ବିଷୟର ଉପାଦାନ ସ୍ୱରୂପ ପଞ୍ଚ ମହାଭୂତ ଉତ୍ପନ୍ନ ହୁଅନ୍ତି ଯେଉଁମାନଙ୍କର ବିଭିନ୍ନ ମିଶ୍ରଣରେ ବାହ୍ୟ ଜଗତର ପଦାର୍ଥ ସୃଷ୍ଟ ହୁଅନ୍ତି ।

ପ୍ରକୃତିଶକ୍ତିର ଏହିସବୁ କ୍ରମ ଏବଂ ଶକ୍ତି ପୁରୁଷଙ୍କର ବିଶୁଦ୍ଧ ଚୈତନ୍ୟ ମଧ୍ୟରେ ପ୍ରତିଭାସିତ ହୋଇ ଆମର ଅଶୁଦ୍ଧ ଅନ୍ତଃକରଣର ଉପାଦାନ ହୁଏ – ଅଶୁଦ୍ଧ, କାରଣ ଏହାର କାର୍ଯ୍ୟ ବାହ୍ୟ ଜଗତର ଅନୁଭବ ତଥା ଅନ୍ତଃକରଣ ଉପରେ ସେମାନଙ୍କର ପ୍ରତିକ୍ରିୟା ଉପରେ ନିର୍ଭର କରେ । ଏହି ବୁଦ୍ଧି, ଯାହା କେବଳ ଏକ ନିର୍ଣ୍ଣୟକାରୀ ଶକ୍ତି ଏବଂ ଯେ ନିଜର ଅନିଶ୍ଚିତ ଅଚେତନ ଶକ୍ତିରେ ସବୁକିଛିକୁ ଜଡ଼ବତ୍ ନିର୍ଣ୍ଣୟ କରୁଥାଏ, ତାହା ଆମ ଭିତରେ ମେଧା ଓ ସଙ୍କଳ୍ପର ରୂପ ଧାରଣ କରେ । ମନ, ଯାହା ଏକ ଅଚେତନ ଶକ୍ତି, ଯାହା ପ୍ରକୃତିର ଭେଦକୁ ବହିରଙ୍ଗ କ୍ରିୟା ପ୍ରତିକ୍ରିୟା ଦ୍ୱାରା ଗ୍ରହଣ କରେ ଓ ଆକର୍ଷଣ

ଦ୍ୱାରା ତାହାର ସଂଲଗ୍ନ ହୁଏ, ସେହି ମନ ପରିଣତ ହୁଏ ଇନ୍ଦ୍ରିୟାନୁଭବ ଏବଂ କାମନାରେ, ଯାହାକି ବୁଦ୍ଧି ଓ ସଙ୍କଳ୍ପର ଦୁଇଟି ଅସଂସ୍କୃତ ଓ ବିକୃତରୂପ । ଏହି ମନ ସମ୍ବେଦନ ଶକ୍ତି, ଭାବାବେଗ ଶକ୍ତି ଓ ଇଚ୍ଛା ଶକ୍ତି ଆକାରରେ ଇନ୍ଦ୍ରିୟଗତ ମନର ରୂପ ନିଏ,— ସମ୍ବେଦନ, ଭାବାବେଗ ଓ ଇଚ୍ଛା ଆଦି ଏଠାରେ ନିମ୍ନକୋଟୀର ଇଚ୍ଛା, ଆଶା, କାମନାମୟ ଆବେଶ ଓ ପ୍ରାଣମୟ ଆବେଗ ଆଦି ରୂପରେ ସଙ୍କଳ୍ପରହିଁ ବିକାର । ଇନ୍ଦ୍ରିୟସବୁ ଏହି ଇନ୍ଦ୍ରିୟଗତ ମନର ଉପକରଣ ହୁଅନ୍ତି, ଯେଉଁଥିରେ କି ପଞ୍ଚଜ୍ଞାନେନ୍ଦ୍ରିୟ ଓ ପଞ୍ଚକର୍ମେନ୍ଦ୍ରିୟ ଅନ୍ତରଙ୍ଗ ଜଗତ୍ ଓ ବହିରଙ୍ଗ ଜଗତ୍ ଭିତରେ ମଧ୍ୟସ୍ଥତାର କାର୍ଯ୍ୟ କରନ୍ତି; ବାକି ଯାହାକିଛି ଅଛି ସେସବୁ ଇନ୍ଦ୍ରିୟର ବିଷୟ ।

ସ୍ଥୂଳ ଜଗତର ଯେଉଁ କ୍ରମବିକାଶ ଆମେ ଦେଖୁଛୁ ଏ କ୍ରମ ତା'ର ବିପରୀତ ବୋଲି ମନେହୁଏ । କିନ୍ତୁ ଆମେ ଯଦି ସ୍ମରଣ ରଖୁ ଯେ ସ୍ୱୟଂ ବୁଦ୍ଧି ମଧ୍ୟ ନିଜେ ଜଡ଼ ପ୍ରକୃତିର ଏକ ଜଡ଼ କ୍ରିୟା ଏବଂ ଏହି ଅର୍ଥରେ ପରମାଣୁ ମଧ୍ୟରେ ବି ଏକ ଅଚେତନ ସଙ୍କଳ୍ପ ଏବଂ ବୋଧ ରହିଛି, ପୃଥକକାରୀ ଏବଂ ନିଶ୍ଚୟକାରୀ ଗୁଣର କ୍ରିୟା ଚାଲିଛି, ଯଦି ଆମେ ଦେଖୁ ଯେ ଉଦ୍ଭିଦ ଜଗତରେ ଓ ଅନ୍ୟାନ୍ୟ ଅବଚେତନ ଅସ୍ତିତ୍ୱ ଭିତରେ ମଧ୍ୟ ସମ୍ବେଦନ, ଭାବାବେଗ ଓ ସ୍ମୃତି ଏବଂ ଅନ୍ୟାନ୍ୟ ଆବେଗସବୁର ସ୍ଥୂଳ ଅଚେତନ ଉପାଦାନ ପୂରି ରହିଛି ଏବଂ ଯଦି ଏହା ମଧ୍ୟ ଦେଖୁ ଯେ ପ୍ରକୃତିର ଶକ୍ତିରାଜି କିପରି ବିଭିନ୍ନ ଜୀବ ଓ ମନୁଷ୍ୟମାନଙ୍କର କ୍ରମବିକାଶରେ ଅନ୍ତଃକରଣର ରୂପଧାରଣ କରିଛି, ତା'ହେଲେ ଆମେ ବୁଝିପାରିବା ଯେ ଆଧୁନିକ ବିଜ୍ଞାନ ଜଡ଼ ପ୍ରକୃତିକୁ ନିରୀକ୍ଷଣ କରି ଯେଉଁ ତଥ୍ୟ ପାଇଛି, ତା' ସହିତ ସାଂଖ୍ୟ ପ୍ରଣାଳୀ ଅନେକ ପରିମାଣରେ ମିଳିଯାଉଛି । ପ୍ରକୃତିରୁ ପୁରୁଷ ସ୍ୱରୂପକୁ ଫେରିଆସିବା ପାଇଁ ଜୀବର ଯେଉଁ ବିବର୍ତ୍ତନ ହୁଏ ସେଥିରେ ପ୍ରକୃତି-ବିକାଶର ମୂଳ-କ୍ରମର ବିପରୀତ କ୍ରମ ଗ୍ରହଣ କରିବାକୁ ପଡ଼େ । ଉପନିଷଦ୍ ଏବଂ ଉପନିଷଦସବୁକୁ ଅନୁସରଣ କରି, ପ୍ରାୟ ଉପନିଷଦର ବଚନ ଉଦ୍ଧୃତ କରି ଗୀତା ଆମ ଅନ୍ତଃକରଣର ଶକ୍ତିମାନଙ୍କର ଆରୋହକ୍ରମର ଏହିପରି ବର୍ଣ୍ଣନା କରିଛି, ''ବିଷୟମାନଙ୍କ ଉପରେ ଇନ୍ଦ୍ରିୟ ଶ୍ରେଷ୍ଠ, ଇନ୍ଦ୍ରିୟମାନଙ୍କ ଉପରେ ମନ ଶ୍ରେଷ୍ଠ, ମନ ଉପରେ ବୁଦ୍ଧି ଶ୍ରେଷ୍ଠ, ଏବଂ ବୁଦ୍ଧିର ଉପରେ ଶ୍ରେଷ୍ଠ ହେଉଛନ୍ତି 'ସେ' '', ସେ ହିଁ ଚିଦାତ୍ମା ଚୈତନ୍ୟପୁରୁଷ, ସେଥିପାଇଁ ଗୀତା କହିଛି, ଏହି ପୁରୁଷଙ୍କୁ, ଆମର ଅନ୍ତର୍ଜୀବନର ଏହି ପରମ କାରଣଙ୍କୁ ବୁଦ୍ଧି ଦ୍ୱାରା ବୁଝିବାକୁ ହେବ, ଜାଣିବାକୁ ହେବ ଏବଂ ତାଙ୍କଠାରେ ଆମ ସଙ୍କଳ୍ପ ନିବଦ୍ଧ କରିବାକୁ ହେବ । ଆମ ପ୍ରକୃତିର ନିମ୍ନତର ସ୍ୱକଳ୍ପିତ ପୁରୁଷଙ୍କୁ ଏହି ମହତ୍ତର ଚେତନମୟ ପୁରୁଷଙ୍କ ସହାୟତାରେ ସ୍ଥିର ଏବଂ ନିସ୍ତବ୍ଧ କରି ଆମ ଶାନ୍ତି ଏବଂ ଆତ୍ମକର୍ତ୍ତୃତ୍ୱର ଶତ୍ରୁ ମନର ଚିରଚଞ୍ଚଳ ଏବଂ ଅଶାନ୍ତ କାମନା-ବାସନାକୁ ବିନାଶ କରିବାକୁ ହେବ ।

କାରଣ, ଏହା ସ୍ପଷ୍ଟ ଯେ ବୁଦ୍ଧିକ୍ରିୟାର ଦୁଇପ୍ରକାର ସମ୍ଭାବନା ରହିଛି, ହୁଏତ ଏହା ନିମ୍ନଗାମୀ ଏବଂ ବହିର୍ମୁଖୀ ହୋଇ ପ୍ରକୃତିର ତ୍ରିଗୁଣ ଲୀଳା ମଧ୍ୟରେ ଇନ୍ଦ୍ରିୟାନୁଭବ ଏବଂ ସଙ୍କଳ୍ପର ବିଚ୍ଛୁରିତ କ୍ରିୟା ମଧ୍ୟରେ ଜଡ଼ିତ ହୋଇଯାଏ ଅଥବା ଏହା ଊର୍ଦ୍ଧ୍ୱଗାମୀ ଏବଂ ଅନ୍ତର୍ମୁଖୀ ହୋଇ, ପ୍ରକୃତି-ଜଞ୍ଜାଳରୁ ମୁକ୍ତିପାଇ, ପ୍ରଶାନ୍ତ ଚିଦାତ୍ମାଙ୍କର ସ୍ଥିରତା ଏବଂ ସନାତନ ବିଶୁଦ୍ଧତା ମଧ୍ୟରେ ଚିରଶାନ୍ତି ଓ ସମତା ଲାଭ କରେ । ପ୍ରଥମ କ୍ଷେତ୍ରରେ ଅନ୍ତରଙ୍ଗ ସତ୍ତା ଇନ୍ଦ୍ରିୟର ବିଷୟମାନଙ୍କର ଅଧୀନରେ ରହେ, ଏବଂ ବସ୍ତୁର ବାହ୍ୟ ସମ୍ପର୍କ ମଧ୍ୟରେ ନିବାସ କରେ । ସେହି ଜୀବନ ହେଲା କାମନା-ବାସନାର ଜୀବନ । ଏହାଦ୍ୱାରା ଇନ୍ଦ୍ରିୟଗଣ ବିଷୟ ଦ୍ୱାରା ଉତ୍ତେଜିତ ହୋଇ ବହୁ ଅଶାନ୍ତି ଓ ଭୀଷଣ ବିକ୍ଷୋଭ ସୃଷ୍ଟି କରନ୍ତି, ଏବଂ ସେହି ବିଷୟସବୁକୁ ଉପଭୋଗ ଓ ଅଧିକାର କରିବା ଲାଗି ବାହ୍ୟ ଦିଗରେ ଉଦ୍ଦାମ ଭାବରେ ଦୌଡ଼ିବାକୁ ଆରମ୍ଭ କରନ୍ତି ଏବଂ ଇନ୍ଦ୍ରିୟଗତ ମନକୁ ମଧ୍ୟ ନିଜ ସଙ୍ଗରେ ଭସେଇ ନେଇ ଚାଲନ୍ତି ଠିକ୍ ଯେପରି ବାୟୁ ସମୁଦ୍ରରେ ନୌକାକୁ ଭସାଇ ନିଏ । ପୁଣି ଇନ୍ଦ୍ରିୟମାନଙ୍କର ଏହି ଉପଦ୍ରବ ଓ ବହିର୍ମୁଖୀ ଗତି ଦ୍ୱାରା ସୃଷ୍ଟ ଆବେଗ, ଉଦ୍‌ବେଗ, ଲାଳସା ଓ କାମନାର ଅଧୀନ ହୋଇ ମନ ବୁଦ୍ଧିକୁ ମଧ୍ୟ ନିଜ ସଙ୍ଗରେ ନେଇଯାଏ । ତେଣୁ ବୁଦ୍ଧି ମଧ୍ୟ ନିଜ ସ୍ଥିର ବିବେକ ଏବଂ ପ୍ରଭୁତ୍ୱ ହରାଇ ବସେ । ବୁଦ୍ଧିର ଏହିପରି ନିମ୍ନଗତି ଫଳରେ ଆତ୍ମା ପ୍ରକୃତିର ତ୍ରିଗୁଣଲୀଳାର ଅଧୀନ ହୋଇପଡ଼େ, ଅଜ୍ଞାନମୟ ହୋଇଯାଏ, ତା'ର ଜୀବନ ମିଥ୍ୟାପୂର୍ଣ୍ଣ, ଇନ୍ଦ୍ରିୟପରାୟଣ ଏବଂ ବହିର୍ମୁଖୀ ହୋଇପଡ଼େ; ସେ ଶୋକ, କ୍ରୋଧ, ଆସକ୍ତି ଏବଂ ଆବେଗର ଦାସ ହୋଇଯାଏ; ଏହାହିଁ ହେଲା ସାଧାରଣ ଅଜ୍ଞାନୀ, ଅସଂଯମୀ ମଣିଷର ଜୀବନ । ଯେଉଁମାନେ ବେଦବାଦୀମାନଙ୍କ ପରି ଇନ୍ଦ୍ରିୟଭୋଗକୁହିଁ କର୍ମର ଲକ୍ଷ୍ୟ ଏବଂ ତା'ର ପରିପୂର୍ଣ୍ଣତାକୁ ଜୀବର ପରମଧ୍ୟେୟ କରନ୍ତି, ସେମାନେ ମନୁଷ୍ୟକୁ ଭ୍ରାନ୍ତ ପଥ ଦେଖାନ୍ତି । ଅନ୍ତଃସ୍ଥ ନିର୍ବିଷୟ ଆତ୍ମାନନ୍ଦହିଁ ଆମର ପ୍ରକୃତ ଲକ୍ଷ୍ୟ, ଏହାହିଁ ଆମର ଶାନ୍ତି, ମୁକ୍ତିର ଉଚ୍ଚ ଏବଂ ବ୍ୟାପକ ସାମ୍ୟାବସ୍ଥା ।

ତେଣୁ ବୁଦ୍ଧିର ଊର୍ଦ୍ଧ୍ୱମୁଖୀ ଓ ଅନ୍ତର୍ମୁଖୀ ଗତି ପାଇଁ ଆମକୁ ସ୍ଥିର ସଙ୍କଳ୍ପ, ଏକାଗ୍ରତା ଓ ଅଧ୍ୟବସାୟ ସହିତ ଲାଗିପଡ଼ିବାକୁ ହେବ, ତାହାହିଁ ଆମର 'ବ୍ୟବସାୟ' ହେବା ଉଚିତ; ବୁଦ୍ଧିକୁ ଦୃଢ଼ଭାବରେ ପୁରୁଷର ଶାନ୍ତ ଆତ୍ମଜ୍ଞାନରେ ଏକାଗ୍ରତା ରଖିବାକୁ ହେବ । ଏଥିପାଇଁ ସର୍ବପ୍ରଥମ କାର୍ଯ୍ୟ ହେଲା କାମନାରୁ ମୁକ୍ତହେବା, କାରଣ ତାହାହିଁ ସମସ୍ତ ଅଶୁଭ ଓ ଦୁଃଖର ମୂଳ । କାମନାରୁ ମୁକ୍ତି ପାଇବାକୁ ହେଲେ କାମନାର କାରଣକୁ ମଧ୍ୟ ବିନାଶ କରିବାକୁ ହେବ, ବାହ୍ୟ ବସ୍ତୁସବୁକୁ ଧରିବା ପାଇଁ ଓ ଭୋଗ କରିବା ପାଇଁ ଇନ୍ଦ୍ରିୟମାନଙ୍କର ଯେଉଁ ଦୌଡ଼ ଚାଲିଥାଏ ତାହାକୁ ବନ୍ଦ କରିବାକୁ ହେବ । ଇନ୍ଦ୍ରିୟମାନେ ଯେତେବେଳେ ଏହିପରି ବାହ୍ୟ ଦିଗରେ ଧାବିତ ହେବାକୁ ଉଦ୍ୟତ ହୋଇଥାଆନ୍ତି ସେତେବେଳେ ସେମାନଙ୍କୁ

ପଛକୁ ଫେରାଇବାକୁ ହେବ, ସେମାନଙ୍କର ବିଷୟରୁ ସେମାନଙ୍କୁ ହଟାଇ ଆଣିବାକୁ ପଡ଼ିବ – କଚ୍ଛପ ଯେପରି ନିଜର ଅଙ୍ଗଗୁଡ଼ିକୁ ବାହାରୁ ସଙ୍କୁଚିତ କରିଆଣି ନିଜ ଖୋଳପା ଭିତରେ ରଖେ, ସେହିପରି ଇନ୍ଦ୍ରିୟମାନଙ୍କୁ ସେମାନଙ୍କ ମୂଳ ଉପାଦାନ ମନ ମଧ୍ୟକୁ ଫେରାଇ ନେଇ ଶାନ୍ତ କରିବାକୁ ହେବ ଏବଂ ମନକୁ ବୁଦ୍ଧି ମଧ୍ୟରେ, ବୁଦ୍ଧିକୁ ଆତ୍ମା ଓ ଆତ୍ମଜ୍ଞାନ ମଧ୍ୟକୁ ଫେରାଇ ନେଇ ଶାନ୍ତ କରିବାକୁ ହେବ । ସେ ଆତ୍ମା, ସେହି ପୁରୁଷ ପ୍ରକୃତିର କର୍ମକୁ ଦେଖୁଛନ୍ତି କିନ୍ତୁ ସେଥିସହ ନିଜେ ଜଡ଼ିତ ନୁହନ୍ତି, କାରଣ କୌଣସି ବାହ୍ୟ ବସ୍ତୁରେ ତାଙ୍କର ପ୍ରୟୋଜନ ନାହିଁ ।

ଏଠାରେ ଶ୍ରୀକୃଷ୍ଣ ସନ୍ନ୍ୟାସର ଉପଦେଶ ଦେଉଛନ୍ତି ବୋଲି କେହି ହୁଏତ ଭୁଲ୍ ବୁଝିପାରେ, ତେଣୁ ସେ ଭୁଲ୍-ବୁଝାମଣାକୁ ଦୂର କରିବା ପାଇଁ ସେ ତତ୍କ୍ଷଣାତ୍ କହିଛନ୍ତି ମୁଁ କୌଣସି ବାହ୍ୟ ବୈରାଗ୍ୟ ବା ବିଷୟର ଭୌତିକ ତ୍ୟାଗ କଥା କହୁ ନାହିଁ । ସାଂଖ୍ୟର ସନ୍ନ୍ୟାସ ବା କଠୋର ବୈରାଗୀ ତପସ୍ୱୀମାନଙ୍କର ଉପବାସାଦି ତପ, କାୟକ୍ଳେଶ ବା ତ୍ୟାଗ ଆଦି ବିଷୟ କହିବା ମୋର ଅଭିପ୍ରାୟ ନୁହେଁ । ଆନ୍ତର ବୈରାଗ୍ୟ ଏବଂ କାମନା ପରିତ୍ୟାଗ କରିବା କଥାହିଁ ମୁଁ କହୁଛି । ଯେତେଦିନ ପର୍ଯ୍ୟନ୍ତ ଦେହୀର ଦେହ ରହିଛି ସେତେଦିନ ପର୍ଯ୍ୟନ୍ତ ଦେହକୁ ତା'ର ନିତ୍ୟ ଦୈହିକ କର୍ମ କରିବା ପାଇଁ ସକ୍ଷମ ରଖିବା ଲାଗି ଆହାର ଦେବାକୁ ହେବ, ନିରାହାର ଫଳରେ ଦେହ ବିଷୟଠାରୁ ନିଜର ଦୈହିକ ସମ୍ପର୍କର ବିଚ୍ଛେଦ କରିପାରେ କିନ୍ତୁ ଏହା ଫଳରେ ତା'ର ସେ ଆନ୍ତର ସମ୍ବନ୍ଧ ତୁଟିଯାଏ ନାହିଁ, ଯାହା ତା'ର ଦୁଃଖର କାରଣ । ଏଥିରେ ବିଷୟରସ – ଅନୁରାଗ ଏବଂ ବିରାଗ ରସର ଏ ଦୁଇଦିଗ ସେହିପରି ରହିଥାଏ । ଏହାର ବିପରୀତରେ ଦେହୀକୁ ଏପରି ସାମର୍ଥ୍ୟ ଲାଭ କରିବାକୁ ହେବ ଯେପରିକି ସେ ରାଗ-ଦ୍ୱେଷ-ଶୂନ୍ୟ ହୋଇ ସମସ୍ତ ବାହ୍ୟ ସ୍ପର୍ଶକୁ ନିର୍ଲିପ୍ତ ଭାବରେ ସହ୍ୟ କରିପାରେ । ଅନ୍ୟଥା ବିଷୟର ନିବୃତ୍ତି ହୋଇଯାଏ, 'ବିଷୟା ବିନିବର୍ତ୍ତନ୍ତେ' କିନ୍ତୁ ଆନ୍ତରିକ ନିବୃତ୍ତି ହୁଏ ନାହିଁ, ମନର ନିବୃତ୍ତି ହୁଏ ନାହିଁ, ଏବଂ ଇନ୍ଦ୍ରିୟମାନେ ହେଉଛନ୍ତି ମନର ଅନ୍ତର୍ଗତ ଓ ଅନ୍ତରଙ୍ଗ । ସେଥିପାଇଁ ରସର ଆନ୍ତର ନିବୃତ୍ତିହିଁ ପ୍ରଭୁତ୍ୱର ଏକମାତ୍ର ବାସ୍ତବ ଲକ୍ଷଣ । କିନ୍ତୁ ବିଷୟ ସହିତ ଏ ପ୍ରକାର ନିଷ୍କାମ ସମ୍ପର୍କ, ଇନ୍ଦ୍ରିୟମାନଙ୍କର ଏ ପ୍ରକାର ନିର୍ଲିପ୍ତ ଉପଯୋଗ କିପରି ସମ୍ଭବପର ହେବ ? ଏହା ସମ୍ଭବ ହେବ ପରମଙ୍କ ଦର୍ଶନରେ "ପରଂଦୃଷ୍ଟ୍ୱା" ପରମ ପୁରୁଷଙ୍କ ଦର୍ଶନ ଏବଂ ବୁଦ୍ଧିଯୋଗ ଦ୍ୱାରା ଏହାଙ୍କ ସହ ସର୍ବାନ୍ତଃକରଣରେ ଯୁକ୍ତହେବା ଦ୍ୱାରା, ଏକତ୍ୱ ପ୍ରାପ୍ତି ଦ୍ୱାରା, କାରଣ ସେହି 'ଏକ' ଆତ୍ମା ଶାନ୍ତ, ସ୍ୱ-ଆନନ୍ଦରେ ସନ୍ତୁଷ୍ଟ ଏବଂ ଥରେ ମାତ୍ର ଯଦି ଆମେ ଆମ ଅନ୍ତରସ୍ଥ ପରମ ପୁରୁଷଙ୍କୁ ଦର୍ଶନ କରିବା, ନିଜ ମନ ଏବଂ ସଙ୍କଳ୍ପ ତାଙ୍କରିଠାରେ ରଖିପାରିବା ତା'ହେଲେ ଆତ୍ମାର ସେହି ଦ୍ୱନ୍ଦ୍ୱଶୂନ୍ୟ ଆନନ୍ଦ ଲାଭ କରିପାରିବା ଓ ତାହା ଇନ୍ଦ୍ରିୟମାନଙ୍କ ବିଷୟରୁ ଜନ୍ମିତ ମାନସିକ ସୁଖ-ଦୁଃଖର ସ୍ଥାନ ଅଧିକାର କରିବ । ଏହାହିଁ ହେଲା ମୁକ୍ତିର ପଥ ।

ଏହା ନିଶ୍ଚିତ ଯେ ଆତ୍ମସଂଯମ ଏବଂ ଆତ୍ମ-ନିୟନ୍ତ୍ରଣ ସହଜସାଧ୍ୟ ନୁହେଁ । ସବୁ ବୁଦ୍ଧିମାନ୍ ବ୍ୟକ୍ତି ଏକଥା ଜାଣନ୍ତି ଯେ ଅଳ୍ପ ବହୁତ ସଂଯମ କରିବା ଆବଶ୍ୟକ, ନିଜକୁ ନିଜ ଆୟତ୍ତରେ ରଖିବା ଦରକାର ଏବଂ ଇନ୍ଦ୍ରିୟମାନଙ୍କୁ ସଂଯତ କରିବା ନିମିତ୍ତ ଉପଦେଶ ପ୍ରାୟ ସମସ୍ତେ ଦେଇଥା'ନ୍ତି । କିନ୍ତୁ ସାଧାରଣତଃ ଏ ଉପଦେଶ ଅପୂର୍ଣ୍ଣଭାବେ ଦିଆଯାଏ ଏବଂ ଏହାର ପାଳନ ମଧ୍ୟ ଅପୂର୍ଣ୍ଣ ଏବଂ ବହୁ ସୀମିତ ମାତ୍ରାରେ କରାଯାଏ । ଯଥାର୍ଥ ଆତ୍ମପ୍ରଭୁତ୍ୱ ପ୍ରାପ୍ତି ପାଇଁ ପରିଶ୍ରମ କରୁଥିବା ଜ୍ଞାନୀ, ସ୍ୱଷ୍ଟଦ୍ରଷ୍ଟା, ବୁଦ୍ଧିମାନ୍ ଏବଂ ବିବେକୀ ବ୍ୟକ୍ତିମାନେ ମଧ୍ୟ ଅନୁଭବ କରନ୍ତି ଯେ ଇନ୍ଦ୍ରିୟଗଣ ସେମାନଙ୍କୁ ହଠାତ୍ ଟାଣି ନେଇ ଯାଆନ୍ତି । ଏହାର କାରଣ ହେଲା ମନ ସ୍ୱଭାବତଃ ଇନ୍ଦ୍ରିୟାସକ୍ତ । ସେ ବିଷୟ ପ୍ରତି ଆକୃଷ୍ଟ ହୋଇ ତା'ର ବୁଦ୍ଧି, ବିଚାର ଓ ସଙ୍କଳ୍ପକୁ ମଧ୍ୟ ବିଷୟାଭିମୁଖୀ କରିଦିଏ । ଏଥିରୁ ଉତ୍ପତ୍ତି ହୁଏ ଆସକ୍ତି, ଆସକ୍ତିରୁ କାମନା, କାମନା ପରିପୂର୍ଣ୍ଣ ନ ହେଲେ ବା ବିଫଳ ହେଲେ ଆସେ ସନ୍ତାପ, କ୍ଷୋଭମୟ ଆବେଗ ଏବଂ କ୍ରୋଧ । ଏଥିରୁ ଉତ୍ପନ୍ନ ହୁଏ ମୋହ । ସେତେବେଳେ ବୁଦ୍ଧିର ବୋଧି ଏବଂ ସଙ୍କଳ୍ପ ଦୁହେଁ ସ୍ଥିର ସାକ୍ଷୀ ପୁରୁଷଙ୍କୁ ଦେଖିବାକୁ ଓ ତାଙ୍କ ମଧ୍ୟରେ ସ୍ଥିତ ହେବାକୁ ଭୁଲିଯାଆନ୍ତି, ନିଜ ସଦାତ୍ମାର ସ୍ମୃତିରୁ ପତନ ହୁଏ ଏବଂ ଏହି ପତନ ଫଳରେ ବୁଦ୍ଧି ଆଚ୍ଛାଦିତ ହୋଇଯାଏ, ଏପରିକି ନଷ୍ଟ ହୋଇଯାଏ । କିଛି ସମୟ ପାଇଁ ତାହା ଆମ ସ୍ମୃତିପଟରୁ ଲୋପ ହୋଇଯାଏ ଏବଂ ମୋହର ବାଦଲ ମଧ୍ୟରେ ଲୁଚିଯାଏ ଏବଂ ଆମେ ସ୍ୱୟଂ ମୋହ, କ୍ରୋଧ ଏବଂ ଶୋକ ହୋଇଯାଉ, ଆତ୍ମା, ବୁଦ୍ଧି ଏବଂ ସଙ୍କଳ୍ପର ଚିହ୍ନ ଲୁପ୍ତ ହୋଇଯାଏ । ତେଣୁ ଏପରି ହେବାକୁ ଛାଡ଼ି ଦେବା ଅନୁଚିତ ଏବଂ ଇନ୍ଦ୍ରିୟମାନଙ୍କୁ ଉତ୍ତମ ରୂପେ ନିଜ ବଶରେ ରଖିବା ଦରକାର, କାରଣ ପୂର୍ଣ୍ଣ ଇନ୍ଦ୍ରିୟସଂଯମ ଫଳରେ ପ୍ରଜ୍ଞା ଏବଂ ସ୍ଥିର ବୁଦ୍ଧି ନିଜ ସ୍ଥାନରେ ଦୃଢ଼ତା ପୂର୍ବକ ପ୍ରତିଷ୍ଠିତ ହୋଇପାରେ ।

ବୁଦ୍ଧିର ପ୍ରଯତ୍ନ ଦ୍ୱାରା ବା ଖାଲି ମାନସିକ ସଂଯମ ଦ୍ୱାରା ଏ କାର୍ଯ୍ୟ ପରିପୂର୍ଣ୍ଣ ରୂପେ ସଂପନ୍ନ ହୁଏ ନାହିଁ, ଏହା କେବଳ ସାଧିତ ହୋଇପାରେ ଏପରି କିଛି ବସ୍ତୁ ସହିତ ଯୋଗ ଦ୍ୱାରା ଯାହା ବୁଦ୍ଧିଠାରୁ ଉଚ୍ଚତର; ସ୍ଥିରତା ତଥା ଆତ୍ମପ୍ରଭୁତ୍ୱ ଯାହାର ସ୍ୱଭାବ ଏବଂ ସିଦ୍ଧ ଗୁଣ । ଏବଂ ଏହି ଯୋଗ ସଫଳ ହୁଏ ଭଗବାନଙ୍କ ନିକଟରେ ନିଜର ସମଗ୍ର ସତ୍ତାକୁ ସମ୍ପୂର୍ଣ୍ଣରୂପେ ଉତ୍ସର୍ଗୀକୃତ ଓ ସମର୍ପିତ କରିବା ଦ୍ୱାରା । ଶ୍ରୀକୃଷ୍ଣଙ୍କ କହିବାନୁସାରେ, ''ମୋତେ ଭକ୍ତି କର, ମୋଠାରେ ଲୟ ରଖ, ମୋତେ ସବୁ ସମର୍ପଣ କର ।'' କାରଣ ମୁକ୍ତିଦାତା ଭଗବାନ୍ ଅଛନ୍ତି ଆମ ଅନ୍ତର ମଧ୍ୟରେ । ଆମ ମନ, ଆମ ବୁଦ୍ଧି, ଆମ ଇଚ୍ଛାସମୂହ ଭଗବତ୍ ସତ୍ତା ନୁହନ୍ତି, ସେମାନେ ଉପକରଣ ମାତ୍ର । ଗୀତାର ଶେଷରେ ଯେପରି କୁହାଯାଇଛି ଆମକୁ ସର୍ବତୋଭାବରେ ଈଶ୍ୱରଙ୍କର ଶରଣ ନେବାକୁ ହେବ ଏବଂ ସେଥିଲାଗି ପ୍ରଥମେ ତାଙ୍କୁ ନିଜ ସତ୍ତାର ଧେୟ କରି ତାଙ୍କ ସହ ଆତ୍ମିକ ସମ୍ବନ୍ଧ ରଖିବାକୁ ହେବ ।

''ସର୍ବଥା ମତ୍‌ପରାୟଣ ହୋଇ ମୋ ସହ ଯୋଗଯୁକ୍ତ ହୋଇ ସ୍ଥିର ରହ ।'' ଏହାହିଁ ଏହାର ଅଭିପ୍ରାୟ । ତେବେ ଗୀତାର ଧରଣ ଅନୁରୂପ ଏହା କେବଳ ସଙ୍କେତ ରୂପେହିଁ ଅଛି । ''ଯୁକ୍ତ ଆସୀତ ମତ୍‌ପରଃ'' ଏହି ତିନି ଶବ୍ଦ ମଧ୍ୟରେ ପରମ ରହସ୍ୟର ବୀଜ ନିହିତ ଅଛି ଯାହାର ବିସ୍ତାର ପରେ ହେବ ।

ଯଦି ଏହା ସାଧିତ ହୁଏ ତେବେ ବିଷୟ ମଧ୍ୟରେ ବିଚରଣ କରିବା ସମ୍ଭବ – ତାହା ସହ ସମ୍ପର୍କ ରଖିବା, ତାହା ଉପରେ କ୍ରିୟା କରିବା ସମ୍ଭବ, କିନ୍ତୁ ଇନ୍ଦ୍ରିୟଗଣଙ୍କୁ ପୂରାପୂରି ଅନ୍ତରାତ୍ମାର ଅଧୀନରେ ରଖି ଏବଂ ବିଷୟ ବସ୍ତୁର ଘାତ ପ୍ରତିଘାତ ଦ୍ୱାରା ଆକ୍ରାନ୍ତ ନ ହୋଇ । ଏହି ଅନ୍ତରାତ୍ମା ପରମ ପୁରୁଷଙ୍କର ଆଜ୍ଞାନୁବର୍ତ୍ତୀ ହୁଏ । ସେତେବେଳେ ସକଳ ପ୍ରତିକ୍ରିୟାରୁ ମୁକ୍ତହୋଇ ଇନ୍ଦ୍ରିୟମାନେ ବୀତରାଗ-ଦ୍ୱେଷ ହୋଇ କାମକ୍ରୋଧରୁ ମୁକ୍ତ ହୁଅନ୍ତି ଏବଂ ଆତ୍ମପ୍ରସାଦ ଅର୍ଥାତ୍ ଆତ୍ମାର ସ୍ଥିରତା, ଶାନ୍ତି, ବିଶୁଦ୍ଧତା ଏବଂ ସନ୍ତୋଷ ପ୍ରାପ୍ତ ହୁଅନ୍ତି । ଏହି ଆତ୍ମପ୍ରସାଦ ଜୀବର ପରମ ସୁଖର କାରଣ, ଏହାର ଉପସ୍ଥିତିରେ କୌଣସି ଦୁଃଖ ଏହି ଶାନ୍ତ ପୁରୁଷଙ୍କୁ ସ୍ପର୍ଶ କରିପାରେ ନାହିଁ, ତା'ର ବୁଦ୍ଧି ଶୀଘ୍ର ଆତ୍ମାର ଶାନ୍ତିରେ ସ୍ଥିର ହୋଇଯାଏ, ଦୁଃଖ ଦୂର ହୋଇଯାଏ । ଏହି ଆତ୍ମାବସ୍ଥା ଏବଂ ଆତ୍ମଜ୍ଞାନରେ ସ୍ଥିର, ନିଷ୍କାମ, ଦୁଃଖରହିତ ବୁଦ୍ଧିର ଧୃତିକୁ ଗୀତା କହିଛି ସମାଧି ।

ସମାଧିସ୍ଥ ମନୁଷ୍ୟର ଲକ୍ଷଣ ଏହା ନୁହେଁ ଯେ ବିଷୟ ଏବଂ ପରିସ୍ଥିତି ସମ୍ପର୍କରେ, ନିଜର ମନୋମୟ ଓ ଅନ୍ନମୟ ପୁରୁଷ ସମ୍ପର୍କରେ ତା'ର ଚେତନା ଲୁପ୍ତ ହୁଏ ଏବଂ ତା' ଶରୀରକୁ ଜଳାଇଲେ ବା ପୀଡ଼ନ କଲେ ସେ ତା' ଚେତନାକୁ ଫେରି ଆସିପାରେ ନାହିଁ । ସାଧାରଣ ଲୋକେ ସମାଧିର ଅର୍ଥ ଏହାହିଁ ବୁଝନ୍ତି । ଏ ପ୍ରକାରର ସମାଧି ଚେତନାର ଏକ ବିଶିଷ୍ଟ ପ୍ରକାରର ପ୍ରଗାଢ଼ତା, ଏହା ସମାଧିର ମୂଳ ଲକ୍ଷଣ ନୁହେଁ । ସମାଧିର କଷଟି ପଥର ହେଲା ସମସ୍ତ କାମନାର ବହିଷ୍କାର, କୌଣସି କାମନାକୁ ମନପର୍ଯ୍ୟନ୍ତ ପହଞ୍ଚିବାକୁ ନ ଦେବା ଏବଂ ଏହା ସେହି ଆନ୍ତର ଅବସ୍ଥା ଯାହା ମଧ୍ୟରେ ଏହି ସ୍ୱାଧୀନତା ଉତ୍ପନ୍ନ ହୁଏ, ଆତ୍ମାନନ୍ଦ ନିଜେହିଁ କ୍ଷରିତ ହୁଏ । ମନ ସମ, ସ୍ଥିର ତଥା ଊର୍ଦ୍ଧ୍ୱ ଭୂମିରେ ଅବସ୍ଥିତ ରହି ଆକର୍ଷଣ ଏବଂ ବିକର୍ଷଣ ଦ୍ୱାରା ତଥା ବାହ୍ୟ ଜୀବନରେ ମୁହୂର୍ତ୍ତକୁ ମୁହୂର୍ତ୍ତ ବଦଳୁଥିବା ଆଲୋକ-ଅନ୍ଧକାର ଏବଂ ଝଡ଼ଝଞ୍ଜା ଓ ଜଞ୍ଜାଳ ପ୍ରତି ନିର୍ଲିପ୍ତ ରହେ । ସେ ବାହ୍ୟକର୍ମ କରି ମଧ୍ୟ ଅନ୍ତର୍ମୁଖୀ ରହେ, ବାହ୍ୟ ପଦାର୍ଥଙ୍କୁ ଦେଖି ମଧ୍ୟ ଆତ୍ମାରେ ଏକାଗ୍ର ହୁଏ, ଅନ୍ୟମାନଙ୍କ ଦୃଷ୍ଟିରେ ସାଂସାରିକ କର୍ମରେ ବ୍ୟସ୍ତ ବୋଲି ପ୍ରତୀତ ହେଲେ ମଧ୍ୟ ସର୍ବଥା ଭଗବାନଙ୍କ ସହ ଯୁକ୍ତ ହୋଇ ରହିଥାଏ । ସାଧାରଣ ମଣିଷ ମନରେ ଉଠୁଥିବା ପ୍ରଶ୍ନ ନେଇ ଅର୍ଜୁନ ପଚାରିଛନ୍ତି, ଏହି ମହାନ୍ ସମାଧିର ଲକ୍ଷଣ କ'ଣ ଯାହାକୁ ବାହ୍ୟ, ଶାରୀରିକ ଏବଂ ବ୍ୟବହାରିକ ରୂପରେ ଦେଖି ହେବ ? ସମାଧିସ୍ଥ ମନୁଷ୍ୟ କାହାକୁ କହନ୍ତି, ସେ

କିପରି କଥାବାର୍ତ୍ତା କରନ୍ତି, କିପରି ବସନ୍ତି, କିପରି ଚାଲନ୍ତି ? ଏପରି କୌଣସି ବାହ୍ୟ ଲକ୍ଷଣ କୁହାଯାଇ ପାରିବ ନାହିଁ କି ଗୁରୁ ବା ଭଗବାନ୍ ମଧ ତାହା କହିବାକୁ ଚେଷ୍ଟା କରି ନାହାନ୍ତି, କାରଣ ସମାଧିର କଷଟି ଆନ୍ତରିକ ଏବଂ ଏହାକୁ କଷି ଦେଖିବା ପାଇଁ ବହୁ ବିରୋଧୀ ଶକ୍ତି ରହିଛନ୍ତି ଏବଂ ସେମାନେ ମଧ ମନୋଗତ । ମୁକ୍ତ ପୁରୁଷଙ୍କୁ ଚିହ୍ନିବାର ମହାନ୍ ଲକ୍ଷଣ ହେଲା ସମତା ଯାହା ଅତି ସ୍ପଷ୍ଟ ଚିହ୍ନ ଏବଂ ଏହା ମଧ ଆନ୍ତରିକ । ଦୁଃଖରେ ଯାହାର ମନ ଉଦ୍‌ବିଗ୍ନ ହୁଏ ନାହିଁ, ସୁଖ ପ୍ରତି ଯାହାର ସ୍ପୃହା ନାହିଁ, ଯେ ଆସକ୍ତି, ଭୟ ଓ କ୍ରୋଧଶୂନ୍ୟ ସେହି ମୁନିହିଁ ସ୍ଥିତପ୍ରଜ୍ଞ[୧] । ସେ ନିସ୍ତ୍ରୈଗୁଣ୍ୟ, ନିର୍ଦ୍ୱନ୍ଦ୍ୱ, ସର୍ବଥା ସ୍ୱୀୟ ସତ୍ୟ ସତ୍ତାରେ ପ୍ରତିଷ୍ଠିତ, ‘‘ନିର୍ଯୋଗକ୍ଷେମ ଆତ୍ମବାନ୍’’ ହୁଏ । ମୁକ୍ତ ପୁରୁଷଙ୍କର ଯୋଗକ୍ଷେମ କ’ଣ ? ଥରେ ଆମେମାନେ ଆତ୍ମାର ଅଧିକାରୀ ହେଲେ ସକଳ ବସ୍ତୁର ଅଧିକାରୀ ହେଉ ।

ତଥାପି ମଧ ଆତ୍ମସ୍ଥ ପୁରୁଷ କର୍ମରୁ ବିରତ ହୁଅନ୍ତି ନାହିଁ । ଏହାହିଁ ଗୀତାର ମୌଳିକତା ଓ ଶକ୍ତି । ପୁରୁଷର ଏହି ସ୍ଥିତିଶୀଳ ଅବସ୍ଥା ପ୍ରତିପାଳନ କରି ମଧ, ପ୍ରକୃତିଠାରୁ ପୁରୁଷ ଶ୍ରେଷ୍ଠ ହୋଇ ମଧ, ମୁକ୍ତ ପୁରୁଷଙ୍କ ପାଇଁ ପ୍ରକୃତିର ସାଧାରଣ କ୍ରିୟାର ନିଃସାରତା ଦେଖାଇ ମଧ ଗୀତା କର୍ମ କରିବାକୁ ଉପଦେଶ ଦେଇଛି ଏବଂ ଏହାହିଁ କରିବା ଯୋଗୁଁ ଗୀତା ଏକ ଗୁରୁତର ଦୋଷରୁ ରକ୍ଷା ପାଇଛି, ଯାହା କେବଳ ଶାନ୍ତିକାମୀ ଏବଂ ବୈରାଗୀ ସନ୍ନ୍ୟାସୀମାନଙ୍କ ମତରେ ଦେଖାଯାଏ, ଯେଉଁ ଦୋଷରୁ ମୁକ୍ତ ହେବା ପାଇଁ ସେମାନେ ଚେଷ୍ଟିତ । ‘‘କର୍ମରେ ତୋର ଅଧିକାର, କେବଳ କର୍ମରେ, କର୍ମଫଳରେ ନୁହେଁ, ତେଣୁ କର୍ମର ଫଳ ଇଚ୍ଛା କରି ତୁ କର୍ମ କର ନାହିଁ, ଏବଂ ଅକର୍ମରେ ମଧ ତୋର ଆସକ୍ତି ନ ରହୁ[୨] ।’’ ଏହି ବାକ୍ୟରୁ ସ୍ପଷ୍ଟ ହୁଏ ଯେ ବେଦବାଦୀମାନେ କାମନାର ସହିତ ଯେଉଁ କର୍ମ କରନ୍ତି ଏହା ସେ କର୍ମ ନୁହେଁ, ସର୍ବଦା କର୍ମ କରିବା ପାଇଁ ବ୍ୟାକୁଳ, ଅସ୍ଥିର ଓ ରଜୋଗୁଣସମ୍ପନ୍ନ ବ୍ୟକ୍ତି ଯେଉଁ ଭାବରେ କର୍ମକରି ତୃପ୍ତି ପାଆନ୍ତି ଏହା ମଧ ସେ ପ୍ରକାର କର୍ମ ନୁହେଁ । ‘‘ଯୋଗସ୍ଥ ହୋଇ କର୍ମକର, ସଙ୍ଗତ୍ୟାଗ କର, ସିଦ୍ଧି ଅସିଦ୍ଧିରେ ସମଭାବାପନ୍ନ ହୁଅ, ସମତ୍ୱର ନାମହିଁ ଯୋଗ[୩] ।’’ ପ୍ରଶ୍ନ ଉଠିପାରେ ଯେ କେଉଁଟା ଅପେକ୍ଷାକୃତ ଭଲ

---

[୧] ଦୁଃଖେଷ୍ୱନୁଦ୍‌ବିଗ୍ନମନାଃ ସୁଖେଷୁ ବିଗତସ୍ପୃହଃ ।
ବୀତରାଗଭୟକ୍ରୋଧଃ ସ୍ଥିତଧୀର୍ମୁନିରୁଚ୍ୟତେ ।। (୨/୫୬)

[୨] କର୍ମଣ୍ୟେବାଧିକାରସ୍ତେ ମା ଫଳେଷୁ କଦାଚନ ।
ମା କର୍ମଫଳହେତୁର୍ଭୂର୍ମା ତେ ସଙ୍ଗୋଽସ୍ତ୍ୱକର୍ମଣି ।। (୨/୪୭)

[୩] ଯୋଗସ୍ଥଃ କୁରୁ କର୍ମାଣି ସଙ୍ଗଂ ତ୍ୟକ୍ତ୍ୱା ଧନଞ୍ଜୟ ।
ସିଦ୍ଧ୍ୟସିଦ୍ଧ୍ୟୋଃ ସମୋ ଭୂତ୍ୱା ସମତ୍ୱଂ ଯୋଗ ଉଚ୍ୟତେ ।। (୨/୪୮)

ବା ମନ୍ଦ ତାହା ବିଚାର କରି କାର୍ଯ୍ୟ କରିବାକୁ ହେଲେ, ପାପର ଭୟ ରହିଲେ ଓ ପୁଣ୍ୟ ପାଇଁ କଠିନ ପ୍ରୟାସ କରିବାକୁ ହେଲେ, କର୍ମ ଦୁଃଖଦାୟକ ହୋଇ ଉଠିବ ନାହିଁ କି ? କିନ୍ତୁ ଯେଉଁ ମୁକ୍ତ ପୁରୁଷ, ନିଜ ବୁଦ୍ଧି ଏବଂ ସଙ୍କଳ୍ପ ଭଗବାନଙ୍କ ସହ ଏକ କରି ଦେଇଛନ୍ତି ସେ ଏହି ଦ୍ୱନ୍ଦ୍ୱମୟ ସଂସାରରେ ମଧ୍ୟ ଶୁଭ ଏବଂ ଅଶୁଭ କର୍ମଦ୍ୱୟଙ୍କୁ ପରିତ୍ୟାଗ କରିଛନ୍ତି, କାରଣ ଶୁଭାଶୁଭର ଊର୍ଦ୍ଧ୍ୱରେ ଯେଉଁ ଧର୍ମ ରହିଛି, ଯାହାର ପ୍ରତିଷ୍ଠା ଆତ୍ମଜ୍ଞାନର ସ୍ୱତନ୍ତ୍ରତା ମଧ୍ୟରେ, ସେ ତାହା ଉପରକୁ ଉଠିଯାଆନ୍ତି । ପ୍ରଶ୍ନ ଉଠିପାରେ ଯେ ଏପରି ନିଷ୍କାମ କର୍ମରେ କୌଣସି ନିଶ୍ଚିତତା, ଅମୋଘତା, କୌଣସି ଲାଭଦାୟକ ପ୍ରେରକ-ଭାବ, କୌଣସି ବିଶାଳ ସୃଜନସାମର୍ଥ୍ୟ ତ ନାହିଁ ? କିନ୍ତୁ ଏହା ଠିକ୍ ନୁହେଁ । ଯୋଗସ୍ଥ ହୋଇ ଯେଉଁ କର୍ମ କରାଯାଏ ତାହା ଖାଲି ଉଚ୍ଚତମ ନୁହେଁ, ତାହା ବିଜ୍ଞତମ ମଧ୍ୟ; ସାଂସାରିକ ବିଷୟ ଦୃଷ୍ଟିରୁ ମଧ୍ୟ ତାହା ଅତ୍ୟନ୍ତ ଶକ୍ତିଶାଳୀ ଏବଂ ଅମୋଘ, ଯୋଗ ହେଲା କର୍ମର କୁଶଳତା, ‘‘ଯୋଗଃ କର୍ମସୁ କୌଶଲମ୍ ।’’ କିନ୍ତୁ ଜୀବନ ଲାଗି କରାଯାଉଥିବା କର୍ମ, ଯୋଗୀକୁ ତା’ର ଚରମ ଧ୍ୟେୟଠାରୁ ଦୂରକୁ ନେଇଯାଏ ନାହିଁ ତ ? କାରଣ ଏ କଥା ତ ସର୍ବସମ୍ମତ ଯେ ଯୋଗୀର ଧ୍ୟେୟ ଏହି ଦୁଃଖ-ଶୋକମୟ ମାନବର ଜନ୍ମ-ବନ୍ଧନରୁ ମୁକ୍ତି ପାଇବା । ନାଁ, ଏପରି ମଧ୍ୟ ନୁହେଁ, ଯେଉଁ ଜ୍ଞାନୀମାନେ କର୍ମଫଳର କାମନା ପରିତ୍ୟାଗ କରି, ଭଗବାନଙ୍କ ସହ ଯୋଗରେ ସ୍ଥିର ହୋଇ କର୍ମ କରନ୍ତି ସେମାନେ ଜନ୍ମ-ବନ୍ଧନରୁ ମୁକ୍ତ ହୁଅନ୍ତି ଏବଂ ସେହି ପରମ ପଦ ପାଆନ୍ତି ଯେଉଁଠାରେ ଶୋକ-ଦୁଃଖମୟ ମାନବ-ଜୀବନର ମନ ଏବଂ ପ୍ରାଣ ସନ୍ତାପକାରୀ କୌଣସି ବ୍ୟାଧି ପହଞ୍ଚିପାରେ ନାହିଁ । ସେ ଯୋଗୀ ଯେଉଁ ପଦ ପାଆନ୍ତି ତାହା ବ୍ରାହ୍ମୀ ସ୍ଥିତି, ସେ ବ୍ରହ୍ମଙ୍କ ମଧ୍ୟରେ ଦୃଢ଼ପ୍ରତିଷ୍ଠ ହୋଇଯାଆନ୍ତି । ସଂସାରରେ ଆବଦ୍ଧ ପ୍ରାଣୀମାନଙ୍କର ଯେଉଁ ଦୃଷ୍ଟି, ଅନୁଭୂତି, ଜ୍ଞାନ, ମୂଲ୍ୟାଙ୍କନ ତାହା ଏହି ନୂତନ ସ୍ଥିତିରେ ସମ୍ପୂର୍ଣ୍ଣ ଓଲଟି ଯାଏ । ଏହି ଦ୍ୱନ୍ଦ୍ୱମୟ ଜୀବନ ଯାହା ଏହି ବଦ୍ଧ ପ୍ରାଣୀମାନଙ୍କ ପାଇଁ ଦିବସ ସ୍ୱରୂପ, ଯାହା ସେମାନଙ୍କର ଜାଗ୍ରତାବସ୍ଥା, ସେମାନଙ୍କର ଚେତନା ଓ ଜ୍ଞାନ ତଥା କର୍ମ ପାଇଁ ଉଜ୍ଜ୍ୱଳ ଅବସ୍ଥା, ଯୋଗୀଙ୍କ ପାଇଁ ତାହା ରାତ୍ରି, ଦୁଃଖମୟ ନିଦ୍ରା ଏବଂ ଆତ୍ମାର ଅନ୍ଧକାର ଏବଂ ଯାହା ଏହି ବଦ୍ଧ ପ୍ରାଣୀଙ୍କ ନିମିତ୍ତ ରାତ୍ରି, ଯାହା ମଧ୍ୟରେ ସେମାନଙ୍କର ସମସ୍ତ ଜ୍ଞାନ ଏବଂ କର୍ମସଙ୍କଳ୍ପ ଲୋପ ପାଇଯାଏ ତାହା ସେହି ସଂଯମୀ ପୁରୁଷଙ୍କ ପାଇଁ ଜାଗ୍ରତାବସ୍ଥା, ସତ୍ୟସତ୍ତା, ଜ୍ଞାନ ଏବଂ ଶକ୍ତିର ପ୍ରକାଶମୟ ଦିବସ ।* ଏହି ବଦ୍ଧ ପ୍ରାଣୀ ହେଉଛି ଚଞ୍ଚଳ ପଙ୍କିଳ ଜଳାଶୟ ସଦୃଶ ଯାହା କାମନାର ସ୍ୱଳ୍ପ ଧକ୍କାରେ ଚହଲିଯାଏ, କିନ୍ତୁ ଯୋଗୀ ହେଉଛି ସେହି ବିଶାଳ ସତ୍ତା ଏବଂ ଚେତନାର ସେହି ସମୁଦ୍ର ଯେ ସର୍ବଦା

---

* ଯା ନିଶା ସର୍ବଭୂତାନାଂ ତସ୍ୟାଂ ଜାଗର୍ତି ସଂଯମୀ ।
ଯସ୍ୟାଂ ଜାଗ୍ରତି ଭୂତାନି ସା ନିଶା ପଶ୍ୟତୋ ମୁନେଃ ॥ (୨/୬୯)

ପୂର୍ଣ୍ଣ ହେଲେ ମଧ୍ୟ ନିଜ ଆତ୍ମାର ବିଶାଳ ସମସ୍ଥିତିରେ ସଦା ଅଚଳ । ଯେପରି ସବୁ ନଦୀ ସମୁଦ୍ରକୁ ଯାଆନ୍ତି ସେହିପରି ସଂସାରର ସକଳ କାମନା ତାଙ୍କ ମଧ୍ୟରେ ପ୍ରବିଷ୍ଟ ହୁଏ, ତଥାପି ତାଙ୍କର କୌଣସି କାମନା ନ ଥାଏ, କୌଣସି ଚାଞ୍ଚଲ୍ୟ ନ ଥାଏ । ବଦ୍ଧ ପ୍ରାଣୀଙ୍କଠାରେ ଭରିରହିଛି ଅହଙ୍କାର ''ମୋର-ତୋର'' ଆଦି ଦୁଃଖଦାୟକ ଭାବ କିନ୍ତୁ ଯୋଗୀ ସମସ୍ତଙ୍କ ଭିତରେ ଥିବା ସେହି ଏକ ଅଖିଳାନ୍ତରାତ୍ମାଙ୍କ ସହ ଏକ ହୋଇଯାଏ, ସେଠାରେ 'ମୁଁ' ବା 'ମୋର' ଭାବ ନାହିଁ । ସେ କର୍ମ କରେ ଠିକ୍ ଅନ୍ୟମାନଙ୍କ ପରି କିନ୍ତୁ ସମସ୍ତ କାମନା ଏବଂ ଲାଳସାକୁ ବାଦ୍ ଦେଇଥାଏ । ଏହିପରି ଯୋଗୀ ମହାନ୍ ଶାନ୍ତି ପ୍ରାପ୍ତ ହୁଅନ୍ତି ଏବଂ ବାହ୍ୟ ଦୃଶ୍ୟରେ ବିଚଳିତ ହୁଅନ୍ତି ନାହିଁ, ସେ ନିଜର ବ୍ୟଷ୍ଟିଗତ ଅହଂକାରକୁ ଏକ ଅଖିଳାନ୍ତରାତ୍ମା ମଧ୍ୟରେ ନିର୍ବାପିତ କରି ଦେଇଛନ୍ତି, ସେହି ଏକତ୍ୱ ମଧ୍ୟରେ ସେ ବାସ କରନ୍ତି ଓ ଅନ୍ତିମ କାଳରେ ସେହି ଚେତନାରେ ସ୍ଥିତ ରହି ବ୍ରହ୍ମନିର୍ବାଣ ଲାଭ କରନ୍ତି । ଏହି ବ୍ରହ୍ମନିର୍ବାଣ ବୌଦ୍ଧମାନଙ୍କର ନେତିବାଚକ ବିଲୋପ ନୁହେଁ ବରଂ ଏହା ହେଉଛି ଅନନ୍ତ ନୈର୍ବ୍ୟକ୍ତିକ ବିରାଟ ସତ୍ୟରେ ପୃଥକୀଭୂତ ବ୍ୟକ୍ତିଗତ ଆତ୍ମାର ମହା ନିମଜ୍ଜନ ।

ଏପରି ଭାବରେ ସାଂଖ୍ୟ, ଯୋଗ ଏବଂ ବେଦାନ୍ତର ଏହି ସୂକ୍ଷ୍ମ ଏକୀକରଣହିଁ ଗୀତା-ଶିକ୍ଷାର ପ୍ରଥମ ମୂଳଦୁଆ । ଏହା ସବୁକିଛି ନୁହେଁ, କିନ୍ତୁ ଏହା ହେଉଛି ଜ୍ଞାନ ଓ କର୍ମ ମଧ୍ୟରେ ପ୍ରଥମ ଅପରିହାର୍ଯ୍ୟ ବାସ୍ତବ ଏକତ୍ୱ ଏବଂ ଆତ୍ମାର ପୂର୍ଣ୍ଣତା ପାଇଁ ସର୍ବୋଚ୍ଚ ଓ ଗଭୀରତମ ଯେଉଁ ତୃତୀୟ ଉପାଦାନ ସେହି ଭଗବତ୍ ପ୍ରେମ ଓ ଭକ୍ତିର ଏଥିରେ ସଙ୍କେତ ଦିଆଯାଇଛି ।

# ୧୧

# କର୍ମ ଓ ଯଜ୍ଞ

ଗୀତାର ଦ୍ୱିତୀୟ ଅଧ୍ୟାୟର ଶେଷ ଭାଗରେ ଏହି ଯେଉଁ ବୁଦ୍ଧିଯୋଗ ଓ ତାହାର ଚୂଡ଼ାନ୍ତ ପରିଣତି ବ୍ରାହ୍ମୀ ସ୍ଥିତି ବିଷୟ ଆଲୋଚନା କରାଯାଇଛି ତହିଁରେ ଗୀତାର ଅଧିକାଂଶ ଶିକ୍ଷାହିଁ ବୀଜ ରୂପରେ ରହିଛି – ଗୀତାର ନିଷ୍କାମ କର୍ମ, ସମତା, ବାହ୍ୟ ସନ୍ନ୍ୟାସର ବର୍ଜନ, ଭଗବତ୍ ଭକ୍ତି ଆଦି ସମସ୍ତ ବିଷୟହିଁ ଏଠାରେ ରହିଛି କିନ୍ତୁ ସାମାନ୍ୟ ଓ ଅସ୍ପଷ୍ଟ ଭାବରେ । ଏପର୍ଯ୍ୟନ୍ତ ଯେଉଁ ବିଷୟ ଉପରେ ସର୍ବାପେକ୍ଷା ଅଧିକ ଜୋର୍ ଦିଆଯାଇଛି ତା' ହେଉଛି – ମନୁଷ୍ୟ ସାଧାରଣତଃ ଯେପରି କାମନା ଦ୍ୱାରା ପରିଚାଳିତ ହୋଇ କର୍ମ କରେ, ସେହି କାମନାରୁ ତା'ର ଇଚ୍ଛାକୁ ଫେରାଇ ଆଣିବାକୁ ହେବ; ନିଜର ଅଜ୍ଞତା ଓ ଆବେଗ ନେଇ ଇନ୍ଦ୍ରିୟସୁଖ ପଛରେ ଦଉଡୁଥିବା ନାନା ଚିନ୍ତା ଓ ଇଚ୍ଛାସବୁରେ ଗଠିତ ମଣିଷର ସାଧାରଣ ସ୍ୱଭାବରୁ ମୁକ୍ତ ହେବାକୁ ହେବ ଓ ସହସ୍ର ଶାଖା ମେଲିଥିବା ସନ୍ତାପକାରୀ ନାନା ବିଚାର ଓ ବାସନାର ଚିରାଚରିତ ଅଭ୍ୟାସରୁ ମଧ ମୁକ୍ତ ହେବାକୁ ପଡ଼ିବ ଏବଂ ନିଜର ସଙ୍କଳ୍ପକୁ ଏସବୁଥିରୁ ମୁକ୍ତ କରି ବ୍ରାହ୍ମୀ ସ୍ଥିତିର ନିଷ୍କାମ ସ୍ଥିର ଐକ୍ୟ ଓ ନିରୁଦ୍‌ବିଗ୍ନ ପ୍ରଶାନ୍ତିରେ ପ୍ରତିଷ୍ଠା କରିବାକୁ ହେବ । ଅର୍ଜୁନ ଏତିକି ପର୍ଯ୍ୟନ୍ତ ବୁଝିପାରିଲେ – ଏସବୁ ବିଷୟ ତାଙ୍କ ପାଇଁ ସମ୍ପୂର୍ଣ୍ଣ ନୂଆ କଥା ନ ଥିଲା । ଏହାହିଁ ଥିଲା ତତ୍‌କାଳୀନ ପ୍ରଚଳିତ ଶିକ୍ଷାର ସାରମର୍ମ ଯାହାକି ମନୁଷ୍ୟକୁ ଜ୍ଞାନର ମାର୍ଗ ପ୍ରଦର୍ଶନ କରି ଜୀବନ ଓ କର୍ମର ତ୍ୟାଗହିଁ ସିଦ୍ଧିଲାଭର ପଥ ବୋଲି ନିର୍ଦ୍ଦେଶ କରେ । ବୁଦ୍ଧିକୁ ଇନ୍ଦ୍ରିୟମାନଙ୍କଠାରୁ ତଥା ବାସନା-କାମନା ଓ ମାନବୀୟ କର୍ମଠାରୁ ଫେରାଇ ତାହାକୁ ସେହି ପରମଙ୍କ ଅଭିମୁଖୀ କରାଇବା, ସେହି ଏକ ନିଷ୍କ୍ରିୟ ପୁରୁଷ ଅଚଳ, ନିରାକାରବ୍ରହ୍ମଙ୍କ ଅଭିମୁଖୀ କରାଇବା ନିଶ୍ଚିତ ରୂପେ ଜ୍ଞାନର ସନାତନ ବୀଜ । ଏଠାରେ କର୍ମର ସ୍ଥାନ ନାହିଁ କାରଣ କର୍ମ ଅଜ୍ଞାନର ଅନ୍ତର୍ଗତ, କର୍ମ ହେଉଛି ଜ୍ଞାନର ସମ୍ପୂର୍ଣ୍ଣ ବିପରୀତ, କାମନାହିଁ ହେଲା ଏହାର ବୀଜ ଏବଂ ବନ୍ଧନ ହେଲା ଏହାର ପରିଣତି । ଏହାହିଁ ଥିଲା ତତ୍‌କାଳୀନ ପ୍ରଚଳିତ ରକ୍ଷଣଶୀଳ ଦାର୍ଶନିକ ମତବାଦ ଏବଂ କୃଷ୍ଣ ଯେତେବେଳେ କହିଲେ ଯେ ବୁଦ୍ଧିଯୋଗଠାରୁ କର୍ମ ଅନେକ ନିକୃଷ୍ଟ, ସେତେବେଳେ ସେ ମଧ ଏହି ମତକୁ ପ୍ରାୟ ଗ୍ରହଣ କରିଗଲେ ବୋଲି ମନେହୁଏ । ଅଥଚ ଯୋଗର ଅଙ୍ଗ ରୂପେ କର୍ମ ଉପରେ ପୁଣି ବିଶେଷ ଜୋର୍ ଦିଆଯାଇଛି, ତେଣୁ ଏହି

ଶିକ୍ଷାରେ ଏକ ମୌଳିକ ଅସଙ୍ଗତି ଓ ସ୍ୱବିରୋଧ ରହିଥିଲା ପରି ମନେହୁଏ । କେବଳ ସେତିକି ନୁହେଁ, ଜ୍ଞାନାବସ୍ଥାରେ କିଛି କାଳ ପାଇଁ ଅତି ସାମାନ୍ୟ, ଅତି ନିର୍ଦୋଷ କିଛି କର୍ମ ମଧ୍ୟ କରାଯାଇପାରେ, କିନ୍ତୁ ଏଠାରେ ଅର୍ଜୁନଙ୍କ ଆଗରେ ଯେଉଁ କର୍ମ ରଖାଯାଇଛି ତାହା ଜ୍ଞାନର ସୌମ୍ୟତାର ସମ୍ପୂର୍ଣ୍ଣ ବିରୋଧୀ ଓ ସ୍ୱୟଂପ୍ରତିଷ୍ଠ ଆନନ୍ଦରେ ପୂର୍ଣ୍ଣ ଆତ୍ମାର ନିଶ୍ଚଳ ପ୍ରଶାନ୍ତିର ସଂପୂର୍ଣ୍ଣ ବିରୋଧୀ – ଏ କର୍ମ ଭୀଷଣ, ଏପରିକି ପୈଶାଚିକ, ଏକ ନିଷ୍ଠୁର ରକ୍ତପାତ, ଏକ ଭୟାନକ ଯୁଦ୍ଧ, ଏକ ବ୍ୟାପକ ହତ୍ୟାକାଣ୍ଡ । ତଥାପି ଏହି ଭୀଷଣ କର୍ମରହିଁ ବିଧାନ କରାଯାଇଛି, ଆନ୍ତର ଶାନ୍ତି, ନିଷ୍କାମ ସମତା ଓ ବ୍ରାହ୍ମୀ ସ୍ଥିତିବିଷୟକ ଶିକ୍ଷା ଦ୍ୱାରା ଏହି କର୍ମରହିଁ ସମର୍ଥନ କରାଯାଇଛି । ଏଠାରେ ପୁଣି ଏକ ପରସ୍ପର ବିରୋଧୀ ବିଷୟ କୁହାଯାଇଛି ଯାହାର କୌଣସି ସାମଞ୍ଜସ୍ୟ ବିଧାନ କରାଯାଇ ନାହିଁ । ଅର୍ଜୁନ ଅଭିଯୋଗ କରିଛନ୍ତି ଯେ ତାଙ୍କୁ ଏପରି ଏକ ଶିକ୍ଷା ଦିଆଯାଉଛି ଯାହାକି ପରସ୍ପର ବିରୋଧୀ ବିଭ୍ରାନ୍ତକାରୀ ସିଦ୍ଧାନ୍ତରେ ପୂର୍ଣ୍ଣ, ଏହା ମନୁଷ୍ୟ ଆଗରେ କୌଣସି ସ୍ପଷ୍ଟ ଓ ନିଶ୍ଚିତ ମାର୍ଗ ଖୋଲି ଦେଉ ନାହିଁ ଯାହାକୁ ଆଶ୍ରୟ କରି ତାହାର ବୁଦ୍ଧି ସିଧା ଓ ସହଜ ଭାବରେ ବିନା ଦ୍ୱିଧାରେ ପରମ କଲ୍ୟାଣ ଦିଗରେ ଅଗ୍ରସର ହୁଅନ୍ତା । ଏହି ଅଭିଯୋଗର ଉତ୍ତର ଦେଇ ଗୀତା କର୍ମ ସମ୍ବନ୍ଧୀୟ ନିଜର ନିଶ୍ଚିତ ଦ୍ୱିଧାହୀନ ନୀତିକୁ ଆହୁରି ସ୍ପଷ୍ଟ ଭାବରେ ବୁଝାଇବା ପାଇଁ ତତ୍ପର ହୋଇଛି ।

ଦିବ୍ୟଗୁରୁ ପ୍ରଥମେ ମୁକ୍ତିଲାଭର ଦୁଇଟି ପନ୍ଥା ଭିତରେ ପାର୍ଥକ୍ୟ ଦେଖାଇଛନ୍ତି, ଯାହାକୁ ଆଶ୍ରୟ କରି ପୃଥିବୀର ଲୋକମାନେ ଦୁଇ ବିଭିନ୍ନ ମାର୍ଗରେ ଅଗ୍ରସର ହୋଇ ପାରିବେ – ଗୋଟିଏ ହେଉଛି ଜ୍ଞାନଯୋଗ, ଅନ୍ୟଟି କର୍ମଯୋଗ । ସାଧାରଣତଃ ଏହିପରି ଧାରଣା କରାଯାଇଥାଏ ଯେ ଜ୍ଞାନଯୋଗରେ କର୍ମକୁ ମୁକ୍ତିର ପ୍ରତିବନ୍ଧକ ବୋଲି ତ୍ୟାଗ କରାଯାଇଥାଏ କିନ୍ତୁ କର୍ମ ଯୋଗରେ କର୍ମ ମୁକ୍ତିର ସହାୟକ ବୋଲି ଗ୍ରହଣ କରାଯାଇଥାଏ । ଦିବ୍ୟଗୁରୁ ବର୍ତ୍ତମାନ ଏ ଦୁଇଟିର କୌଣସି ମିଶ୍ରଣ ଉପରେ ବା ଏହି ଦୁଇଟିର ବିଭାଜନ ଆଣୁଥିବା ବିଚାରଧାରାରେ ଆପୋଷ ଆଣିବା ଉପରେ ବିଶେଷ କୌଣସି ଜୋର୍ ଦେଉ ନାହାନ୍ତି, କେବଳ ଏତିକି ଦେଖାଇ ଆରମ୍ଭ କରିଛନ୍ତି ଯେ ସାଂଖ୍ୟମାନଙ୍କର ତ୍ୟାଗ, ସ୍ଥୂଳ ତ୍ୟାଗ ସନ୍ନ୍ୟାସର ମାର୍ଗ କେବଳ ଏକମାତ୍ର ମାର୍ଗ ନୁହେଁ ବା ଅନ୍ୟଟିଠାରୁ ଉତ୍କୃଷ୍ଟତର ମଧ୍ୟ ନୁହେଁ । ଅବଶ୍ୟ ଆତ୍ମାକୁ, ପୁରୁଷକୁ ଏକ 'ନୈଷ୍କର୍ମ୍ୟ' ଶାନ୍ତ, କର୍ମରହିତ ଶୂନ୍ୟତାର ଭାବ ଲାଭ କରିବାକୁ ହେବ, କାରଣ ପ୍ରକୃତିହିଁ କର୍ମ କରେ ଏବଂ ପୁରୁଷକୁ ସତ୍ତାର ଏହି କର୍ମସ୍ରୋତରେ ଲିପ୍ତ ହେବାର ଅବସ୍ଥାରୁ ଉର୍ଦ୍ଧ୍ୱକୁ ଉଠିବାକୁ ହେବ ଏବଂ ଏପରି ଏକ ମୁକ୍ତି ଓ ଶାନ୍ତିର ସଂସ୍ଥିତିରେ ପହଞ୍ଚିବାକୁ ହେବ ଯେଉଁଠିକି ଏହା ପ୍ରକୃତିର କର୍ମକୁ କେବଳ ସାକ୍ଷୀ ଭାବରେ ଅବଲୋକନ କରିବ କିନ୍ତୁ ତଦ୍ୱାରା ପ୍ରଭାବିତ ହେବ ନାହିଁ । ପୁରୁଷର ନୈଷ୍କର୍ମ୍ୟ

କହିଲେ ବସ୍ତୁତଃ ଏହାହିଁ ବୁଝାଏ, ପ୍ରକୃତିର କର୍ମ ବନ୍ଦ ହୋଇଯିବା ନୁହେଁ । ତେଣୁ ଏପରି ଭାବିବା ଭୁଲ୍ ଯେ କୌଣସି ପ୍ରକାର କର୍ମ ନ କରିବା ଦ୍ୱାରା ଏହି ନୈଷ୍କର୍ମ୍ୟ ଅବସ୍ଥା ଲାଭ ହୁଏ ଓ ଭୋଗ କରାଯାଏ । କେବଳ କର୍ମ ପରିତ୍ୟାଗହିଁ ଯଥେଷ୍ଟ ନୁହେଁ, ଏପରିକି ମୁକ୍ତିଲାଭର ତାହା ଠିକ୍ ବାଟ ମଧ୍ୟ ନୁହେଁ । ''କର୍ମରୁ କେବଳ ବିରତ ହେଲେ ମନୁଷ୍ୟ ନୈଷ୍କର୍ମ୍ୟ ଭୋଗ କରେ ନାହିଁ ବା କେବଳ କର୍ମ-ସନ୍ନ୍ୟାସ ଦ୍ୱାରା ତାହାର ସେହି ସିଦ୍ଧିଲାଭ କରିପାରେ ନାହିଁ[୧] ଯାହାକି ତା'ର ଯୋଗ ସାଧନାର ଚରମ ଲକ୍ଷ୍ୟ ।

କିନ୍ତୁ ଅତିକମ୍‌ରେ ଏହା ମୁକ୍ତିଲାଭ ପାଇଁ ଏକ ଆବଶ୍ୟକ, ଅପରିହାର୍ଯ୍ୟ ଓ ଅଲଂଘନୀୟ ଉପାୟ ନୁହେଁ କି ? କାରଣ ପ୍ରକୃତିର କର୍ମ ଯଦି ସେହିପରି ଚାଲୁଥିବ ତେବେ ତା' ଭିତରେ ବନ୍ଧନ ହୋଇ ପୁରୁଷର ଅନ୍ୟ ଉପାୟ ଆଉ କ'ଣ ରହିବ ? ମୁଁ କିପରି ଭାବରେ ଯୁଦ୍ଧ କରିବି ଅଥଚ ମୋର ଆତ୍ମା ଭାବିବ ନାହିଁ ବା ଅନୁଭବ କରିବ ନାହିଁ ଯେ ମୁଁ ଅମୁକ ବ୍ୟକ୍ତି ଯୁଦ୍ଧ କରୁଛି ? ଯୁଦ୍ଧରେ ବିଜୟ ପାଇଁ ଆକାଙ୍‌କ୍ଷା କରିବି ନାହିଁ ବା ପରାଜୟ ମୋର ଅନ୍ତରକୁ ସ୍ପର୍ଶ କରିବ ନାହିଁ, ଏହା କିପରି ସମ୍ଭବପର ? ସାଂଖ୍ୟର ଶିକ୍ଷା ହେଉଛି ଏହା ଯେ ଯେଉଁ ବ୍ୟକ୍ତି ପ୍ରକୃତିର କର୍ମରେ ନିଯୁକ୍ତ ହୁଏ ତା'ର ବୁଦ୍ଧି ଅହଂ, ଅଜ୍ଞାନ ଓ କାମନାରେ ବଦ୍ଧ ହୁଏ, ତେଣୁ କର୍ମ ପ୍ରତି ଆକୃଷ୍ଟ ହୁଏ । କିନ୍ତୁ ବୁଦ୍ଧି ଯଦି ପ୍ରତ୍ୟାହୃତ ହୁଏ ତେବେ କାମନା ଓ ଅଜ୍ଞାନର ଶେଷ ହେବା ସଙ୍ଗେ ସଙ୍ଗେ କର୍ମମଧ୍ୟ ଶେଷ ହୋଇଯାଏ । ତେଣୁ ସଂସାର ଓ କର୍ମର ପରିତ୍ୟାଗ ମୁକ୍ତିଲାଭ ପାଇଁ ସାଧନାର ଏକ ନିତାନ୍ତ ଆବଶ୍ୟକ ଅଙ୍ଗ, ଏକ ଅନିବାର୍ଯ୍ୟ ଅବସ୍ଥା ଓ ଅପରିହାର୍ଯ୍ୟ ଅନ୍ତିମ ଉପାୟ । ଅର୍ଜୁନ ପ୍ରକାଶ ନ କରିଲେ ମଧ୍ୟ ତତ୍‌କାଳୀନ ପ୍ରଚଳିତ ଏହି ଯୁକ୍ତି ତାଙ୍କ ମନରେ ଉଠିଥିଲା ଯାହାକି ପରବର୍ତ୍ତୀ ତାଙ୍କ କଥା ଭିତରୁ ବେଶ୍ ସ୍ପଷ୍ଟ ହୁଏ । ଦିବ୍ୟଗୁରୁ ଏହା ସଙ୍ଗେ ସଙ୍ଗେ ବୁଝିପାରିଲେ ଓ ଉତ୍ତର ଦେଲେ ଯେ ନା, ଏହି ଧରଣର ତ୍ୟାଗ ଅପରିହାର୍ଯ୍ୟ ହେବା ତ ଦୂରର କଥା ଏପରିକି ସମ୍ଭବ ମଧ୍ୟ ନୁହେଁ । ''କୌଣସି ବ୍ୟକ୍ତି କର୍ମ ନ କରି ମୁହୂର୍ତ୍ତକ ପାଇଁ ମଧ୍ୟ ରହିପାରିବ ନାହିଁ, ପ୍ରକୃତିଜାତ ଗୁଣସମୂହ ଦ୍ୱାରା ଚାଳିତ ହୋଇ ପ୍ରତ୍ୟେକ ଲୋକକୁ ଅସହାୟ ଭାବରେ କର୍ମ କରିବାକୁ ପଡ଼ିବହିଁ ପଡ଼ିବ[୨] ।'' ବିଶ୍ୱବ୍ୟାପୀ ଏହି ଯେଉଁ ବିପୁଳ କର୍ମ ଓ ବିଶ୍ୱଶକ୍ତିର ଏହି ଯେଉଁ ଚିରନ୍ତନ କର୍ମଲୀଳା ଓ ଶକ୍ତିର ଖେଳ ଚାଲିଛି ତାହାର

---

[୧] ନ କର୍ମଣାମନାରମ୍ଭାନ୍ନୈଷ୍କର୍ମ୍ୟଂ ପୁରୁଷୋଽଶ୍ନୁତେ ।
ନ ଚ ସଂନ୍ୟସନାଦେବ ସିଦ୍ଧିଂ ସମଧିଗଚ୍ଛତି ।। ୩/୪

[୨] ନ ହି କଶ୍ଚିତ୍ କ୍ଷଣମପି ଜାତୁ ତିଷ୍ଠତ୍ୟକର୍ମକୃତ୍ ।
କାର୍ଯତେ ହ୍ୟବଶଃ କର୍ମ ସର୍ବଃ ପ୍ରକୃତିଜୈର୍ଗୁଣୈଃ ।। ୩/୫

ଏପରି ଗଭୀର ଅନୁଭବ ଗୀତାର ଏକ ଉଲ୍ଲେଖଯୋଗ୍ୟ ବୈଶିଷ୍ଟ୍ୟ । ଏହା ଉପରେ ପରବର୍ତ୍ତୀ କାଳରେ ତାନ୍ତ୍ରିକ ଶାକ୍ତମାନେ ଅନେକ ଜୋର୍ ଦେଇଥିଲେ, ଏପରିକି ପ୍ରକୃତି ବା ଶକ୍ତିକୁ ପୁରୁଷଠାରୁ ମଧ୍ୟ ଉଚ୍ଚତର ସ୍ଥାନ ଦେଇଥିଲେ । ଯଦିଓ ଗୀତାରେ ଏହାର ସୂଚନା ମାତ୍ର ଦିଆଯାଇଛି ତଥାପି ଗୀତାର ଈଶ୍ୱରବାଦ ଓ ଭକ୍ତିବାଦର ତତ୍ତ୍ୱ ସହ ମିଳିତ ହୋଇ ଏହା ଯଥେଷ୍ଟ ଶକ୍ତିଶାଳୀ ହୋଇ ଉଠିଛି ଓ ପ୍ରାଚୀନ ବେଦାନ୍ତ ଦର୍ଶନର ଶାନ୍ତିକାମୀ ନିବୃତ୍ତି ମାର୍ଗର ସଂଶୋଧନ କରି ତା' ସ୍ଥାନରେ ନିଜର ଯୋଗତତ୍ତ୍ୱରେ କର୍ମର ମହିମାକୁ ପ୍ରତିଷ୍ଠିତ କରିବା ଦିଗରେ ସମର୍ଥ ହୋଇ ପାରିଛି । ପ୍ରାକୃତିକ ଜଗତରେ ଦେହଧାରୀ ମାନବ ମୁହୂର୍ତ୍ତକ ପାଇଁ ମଧ୍ୟ, କ୍ଷଣକ ପାଇଁ ମଧ୍ୟ କର୍ମ ବନ୍ଦ କରିପାରେ ନାହିଁ, ଏଠାରେ ତା'ର ଅସ୍ତିତ୍ୱହିଁ ଏକ କର୍ମ, ସମଗ୍ର ବିଶ୍ୱହିଁ ଭଗବାନଙ୍କର ଏକ କର୍ମ, ମନୁଷ୍ୟର କେବଳ ବଞ୍ଚି ରହିବାହିଁ ତାଙ୍କର ଏକ କ୍ରିୟା ।

ଆମର ଶାରୀରିକ ଜୀବନ, ତାହାର ପାଳନ, ତାହାର ବଞ୍ଚିରହିବା – ଏହା ଏକ ଯାତ୍ରାପରି, ଶରୀରର ଏହା ଏକ ଯାତ୍ରା 'ଶରୀରଯାତ୍ରା', ଯାହାକି କର୍ମବିନା ସମ୍ପନ୍ନ କରିବା ଅସମ୍ଭବ । କିନ୍ତୁ ଏପରିକି ଯଦି କୌଣସି ବ୍ୟକ୍ତି ନିଜ ଶରୀରର ପାଳନ ପୋଷଣ ନ କରେ, ତାହାକୁ ସେହିପରି ରହିବାକୁ ଛାଡ଼ିଦିଏ, ଯଦି ସେ ସର୍ବଦା ବୃକ୍ଷପରି ସ୍ଥାଣୁ ହୋଇ ଛିଡ଼ାହୋଇ ରହେ ବା ପ୍ରସ୍ତରଖଣ୍ଡ ପରି ଜଡ଼ହୋଇ ବସିରହେ, 'ତିଷ୍ଠତି', ତଥାପି ତାହାର ସେହି ବୃକ୍ଷସୁଲଭ ବା ପ୍ରସ୍ତରସୁଲଭ ନିଶ୍ଚଳତା ତାକୁ ପ୍ରକୃତି ହାତରୁ ରକ୍ଷା କରିପାରିବ ନାହିଁ, ସେ ପ୍ରକୃତିର କ୍ରିୟା ଭିତରୁ ନିସ୍ତାର ବା ମୁକ୍ତି ପାଇପାରିବ ନାହିଁ । କାରଣ କର୍ମ କହିଲେ କେବଳ ଆମର ଶାରୀରିକ କ୍ରିୟା ବା ଚଲାବୁଲାକୁ ବୁଝାଏ ନାହିଁ, ଆମର ମାନସିକ ଜୀବନ ମଧ୍ୟ ଏକ ବିରାଟ ଜଟିଳ କର୍ମ, ଏପରିକି ସଚଞ୍ଚଳ ଶକ୍ତିର ଏହାହିଁ ବୃହତ୍ତର ଓ ଅଧିକତର ଗୁରୁତ୍ୱପୂର୍ଣ୍ଣ କର୍ମ – ଏହାହିଁ ସ୍ଥୂଳ ଶାରୀରିକ କର୍ମର ଆନ୍ତର କାରଣ ଓ ନିୟାମକ । ଯଦି ଆମେ ଆନ୍ତର-କାରଣର କ୍ରିୟାସବୁକୁ ବଜାୟ ରଖି କିନ୍ତୁ ତାହାର ଫଳ ବାହ୍ୟସ୍ଥୂଳ କର୍ମକୁ ନିଗ୍ରହ କରୁ ସେଥିରେ କୌଣସି ଲାଭ ହେବ ନାହିଁ । ଇନ୍ଦ୍ରିୟ ବିଷୟଗୁଡ଼ିକ ଆମ ବନ୍ଧନର କେବଳ ଉପଲକ୍ଷ୍ୟ ମାତ୍ର, ସେସବୁକୁ ଗ୍ରହଣ କରିବା ପାଇଁ ମନର ଆଗ୍ରହ ଓ ଝୁଙ୍କହିଁ ହେଉଛି ପ୍ରକୃତ କାର୍ଯ୍ୟକାରୀ କାରଣ । ମନୁଷ୍ୟ ତା'ର କର୍ମେନ୍ଦ୍ରିୟଗୁଡ଼ିକୁ ଆୟତ୍ତ କରିପାରେ, ସେଗୁଡ଼ିକର ସ୍ୱାଭାବିକ କ୍ରିୟାସବୁକୁ ବନ୍ଦ କରି ଦେଇପାରେ, କିନ୍ତୁ ତାହାର ମନ ଯଦି ବରାବର ସେହି ଇନ୍ଦ୍ରିୟର ବିଷୟସବୁକୁହିଁ ସ୍ମରଣ ଓ ଚିନ୍ତନ କରୁଥାଏ ତା'ହେଲେ ତାହାର କୌଣସି ଲାଭ ହେଲା ନାହିଁ । ଏପରି ବ୍ୟକ୍ତି ଆତ୍ମସଂଯମ ସମ୍ପର୍କରେ ଭୁଲ୍ ଧାରଣା ନେଇ ନିଜକୁ ବିଭ୍ରାନ୍ତ କରିଛି, ସେ ଏହାର ପ୍ରକୃତ ଉଦ୍ଦେଶ୍ୟ ବା ସତ୍ୟକୁ ଠିକ୍ ରୂପେ ବୁଝି ନାହିଁ, ନିଜର ଆନ୍ତର ଜୀବନର ମୂଳତତ୍ତ୍ୱକୁ ମଧ୍ୟ ବୁଝି ନାହିଁ, ତେଣୁ ତାହାର

ଆତ୍ମ-ସଂଯମର ସମସ୍ତ ପଦ୍ଧତିଟାହିଁ ଭୁଲ୍ ଏବଂ ବ୍ୟର୍ଥ* । କେବଳ ଶରୀରର କର୍ମ, ଏପରିକି କେବଳ ମନର କର୍ମ ମଧ୍ୟ ସ୍ୱୟଂ କିଛି ନୁହେଁ, ତାହା ବନ୍ଧନ ନୁହେଁ ବା ବନ୍ଧନର ମୂଳକାରଣ ନୁହେଁ । ମୁଖ୍ୟ କଥା ହେଉଛି ପ୍ରକୃତିର ମହାଶକ୍ତି ଯାହାକି ମନ, ପ୍ରାଣ ଓ ଶରୀର ରୂପକ ବିରାଟ କ୍ଷେତ୍ରରେ ତାହାର ନିଜ ଭାବରେ କ୍ରୀଡ଼ା କରିଯାଏ, ତା' ଭିତରେ ବିପଜ୍ଜନକ ବିଷୟ ହେଉଛି ତା'ର ତ୍ରିଗୁଣର ସେହି ଶକ୍ତି ଯାହାକି ବୁଦ୍ଧିକୁ ବିଭ୍ରାନ୍ତ ଓ ମୋହଗ୍ରସ୍ତ କରେ, ଏବଂ ଏହିପରି ଭାବରେ ଆଚ୍ଛାଦିତ କରେ । ଆମେ ପରେ ଦେଖିବା ଯେ ଏହାରି ଭିତରେହିଁ କର୍ମ ଓ ମୁକ୍ତି ସମ୍ବନ୍ଧରେ ଗୀତାର ସମସ୍ତ ରହସ୍ୟ ରହିଛି । ଗୁଣତ୍ରୟର ବିଭ୍ରାନ୍ତି ଓ ମୋହ ଭିତରୁ ମୁକ୍ତ ହୁଅ, ତେଣିକି କର୍ମ ରହିପାରେ କାରଣ ଏହା ଅବଶ୍ୟହିଁ ରହିବ, ଏପରିକି ବୃହତ୍ତମ, ସମୃଦ୍ଧତମ ଏବଂ ସବୁଠୁ ବିପୁଳ ଓ ଭୀଷଣ କର୍ମ ମଧ୍ୟ ଚାଲିପାରେ, ସେଥିରେ କିଛି ଯାଏ ଆସେ ନାହିଁ । କାରଣ ତେଣିକି ପୁରୁଷକୁ କିଛି ମଧ୍ୟ ସ୍ପର୍ଶ କରିବ ନାହିଁ, ସେତେବେଳେ ଆତ୍ମା ନୈଷ୍କର୍ମ୍ୟ ଲାଭ କରି ସାରିଛି ।

କିନ୍ତୁ ଗୀତା ବର୍ତ୍ତମାନ ପାଇଁ ଏହି ବୃହତ୍ତର ବିଷୟକୁ ଯାଉ ନାହିଁ । ଯେହେତୁ ମନ ହେଉଛି ଯାନ୍ତ୍ରିକ-କାରଣ, ଯେହେତୁ କର୍ମହୀନତା ଅସମ୍ଭବ, ତେଣୁ ଯାହା ଆବଶ୍ୟକ, ଯୁକ୍ତିଯୁକ୍ତ ଓ ଯଥାର୍ଥ ତାହା ହେଲା ବାହ୍ୟ ଓ ଆନ୍ତର ଇନ୍ଦ୍ରିୟର କ୍ରିୟାକୁ ସଂଯତ ଓ ନିୟମିତ କରିବା । ବୁଦ୍ଧିର ଯନ୍ତ୍ର ହିସାବରେ କ୍ରିୟା କରି ମନ ଇନ୍ଦ୍ରିୟମାନଙ୍କୁ ନିଜ ବଶରେ ଆଣିବା ଉଚିତ ଏବଂ କର୍ମେନ୍ଦ୍ରିୟଗୁଡ଼ିକ ସେମାନଙ୍କର ପ୍ରକୃତ କର୍ତ୍ତବ୍ୟ କର୍ମରେ ନିଯୁକ୍ତ ରହି ଏହି କର୍ମକୁ ଯୋଗରୂପେ କରିବା ଉଚିତ । କିନ୍ତୁ ଏହି ଆତ୍ମସଂଯମର ସାରତତ୍ତ୍ୱ କ'ଣ ? ଯୋଗରୂପେ କର୍ମ କରିବା ବା କର୍ମଯୋଗର ଅର୍ଥ କ'ଣ ? ଏହା ହେଉଛି ଅନାସକ୍ତି; ଇନ୍ଦ୍ରିୟର ବିଷୟ ଓ କର୍ମର ଫଳରେ ମନକୁ ନିର୍ଲିପ୍ତ ରଖି କର୍ମ କରିବାକୁ ହେବ । ସମ୍ପୂର୍ଣ୍ଣ କର୍ମହୀନତା ଏକ ଭ୍ରମ, ମୋହ, ଆତ୍ମପ୍ରବଞ୍ଚନା ଓ ସମ୍ପୂର୍ଣ୍ଣ ଅସମ୍ଭବ – ଆମକୁ କର୍ମ କରିବାକୁ ହେବ ପୂର୍ଣ୍ଣ ଓ ସ୍ୱାଧୀନ ଭାବରେ ଇନ୍ଦ୍ରିୟ ଓ ଆବେଗ ଆଦିର ଅଧୀନ ନ ହୋଇ, ନିରାସକ୍ତ ଓ କାମନାଶୂନ୍ୟ ହୋଇ; ଏହାହିଁ ସିଦ୍ଧିର ଗୂଢ଼ ରହସ୍ୟ । ଶ୍ରୀକୃଷ୍ଣ କହିଲେ

---

* କର୍ମେନ୍ଦ୍ରିୟାଣି ସଂଯମ୍ୟ ୟ ଆସ୍ତେ ମନସା ସ୍ମରନ୍ ।
ଇନ୍ଦ୍ରିୟାର୍ଥାନ୍ ବିମୂଢାତ୍ମା ମିଥ୍ୟାଚାରଃ ସ ଉଚ୍ୟତେ ।। ୩/୬
ଏଠାରେ 'ମିଥ୍ୟାଚାର' ଶବ୍ଦର ଅର୍ଥ କପଟାଚାର ବୋଲି ମୋର ମନେହୁଏ ନାହିଁ । ଯେଉଁ ଲୋକ ନିଜ ଉପରେ ଏତେ କଠୋର କ୍ଲେଶ ଓ ନିଗ୍ରହ ଆଣେ ସେ କିପରି କପଟାଚାରୀ ହୋଇ ପାରିବ ? ସେ ଭ୍ରମରେ ପଡ଼ିଛି, ବିମୂଢାତ୍ମା, ଏବଂ ତାହାର 'ଆଚାର' ତାହାର ଆତ୍ମସଂଯମ ପଦ୍ଧତି ଏକ ଭୁଲ୍ ଓ ବ୍ୟର୍ଥ ପଦ୍ଧତି – ଏଠାରେ ଏତିକି ମାତ୍ର ଅର୍ଥହିଁ ଗୀତାର ଅଭିପ୍ରାୟ ।

ଏହିପରି ଭାବରେ ଆତ୍ମସଂଯମ ସହିତ କର୍ମ କର, 'ନିୟତଂ କୁରୁ କର୍ମ ତ୍ୱମ୍', ମୁଁ କହିଛି ଜ୍ଞାନ ବା ବୁଦ୍ଧି କର୍ମଠାରୁ ବଡ଼, 'ଜ୍ୟାୟସୀ କର୍ମଣୋ ବୁଦ୍ଧିଃ', କିନ୍ତୁ ମୁଁ ଏକଥା କହି ନାହିଁ ଯେ କର୍ମଶୂନ୍ୟତା କର୍ମଠାରୁ ବଡ଼, ବରଂ ବିପରୀତଟାହିଁ ସତ୍ୟ, 'କର୍ମ ଜ୍ୟାୟଃ ହ୍ୟକର୍ମଣଃ'। କାରଣ ଜ୍ଞାନର ଅର୍ଥ କର୍ମତ୍ୟାଗ ନୁହେଁ, ଏହାର ଅର୍ଥ ହେଉଛି ସମତା, ଏବଂ ବାସନା ଓ ଇନ୍ଦ୍ରିୟର ବିଷୟ ପ୍ରତି ଅନାସକ୍ତି। ଏହାର ଅର୍ଥ ହେଉଛି ବୁଦ୍ଧି ପ୍ରକୃତିର ନିମ୍ନତର କ୍ରିୟାରୁ ମୁକ୍ତହୋଇ, ଊର୍ଦ୍ଧ୍ୱାୟିତ ହୋଇ ଆତ୍ମାରେ ପ୍ରତିଷ୍ଠିତ ହେବା, ଏବଂ ଆତ୍ମଜ୍ଞାନ ଶକ୍ତିରେ ତଥା ଅଧ୍ୟାତ୍ମସିଦ୍ଧିର ଶୁଦ୍ଧ ବିଷୟଶୂନ୍ୟ ଆତ୍ମାନନ୍ଦରେ ମନ ଓ ଇନ୍ଦ୍ରିୟର କ୍ରିୟାକୁ ସଂଯତ ଓ ନିୟମିତ କରିବା – ନିୟତମ୍ କର୍ମ*। ବୁଦ୍ଧିଯୋଗ କର୍ମଯୋଗ ଦ୍ୱାରା ସମ୍ପୂର୍ଣ୍ଣ ହୁଏ, ଆତ୍ମମୁକ୍ତିଦାୟକ ବୁଦ୍ଧିଯୋଗ ନିଷ୍କାମ କର୍ମଯୋଗ ଦ୍ୱାରା ସାର୍ଥକ ହୁଏ। ଏହିପରି ଭାବରେ ଗୀତା ନିଷ୍କାମ କର୍ମର ପ୍ରୟୋଜନୀୟତା ସମ୍ପର୍କରେ ନିଜ ଶିକ୍ଷାର ଭିତ୍ତି ସ୍ଥାପନ କରିଛି ଏବଂ ସାଂଖ୍ୟର ବାହ୍ୟିକ ସ୍ଥୂଳବିଧିକୁ ପରିତ୍ୟାଗ କରି ତାହାର ଆଭ୍ୟନ୍ତରୀଣ ଜ୍ଞାନର ସାଧନା ସହିତ ଯୋଗର ସାଧନାକୁ ଯୁକ୍ତ କରିଛି।

କିନ୍ତୁ ତଥାପି ଏ ପର୍ଯ୍ୟନ୍ତ ଏକ ମୂଳ ସମସ୍ୟାର ସମାଧାନ ହୋଇ ନାହିଁ। ସମସ୍ତ ମାନବୀୟ କର୍ମ ପାଇଁ ସାଧାରଣତଃ କାମନାହିଁ ପ୍ରେରଣା ଯୋଗାଇଥାଏ। ଅନ୍ତର ଯଦି କାମନାରୁ ମୁକ୍ତ ହୋଇଯାଏ ତା'ହେଲେ କର୍ମ ପାଇଁ ତ ଆଉ କୌଣସି ପ୍ରୟୋଜନୀୟତା ରହିବ ନାହିଁ। ଆମେ ହୁଏତ ଶରୀର ଧାରଣ ପାଇଁ କେତେକ କାମ କରିବାକୁ ବାଧ୍ୟ ହୋଇପାରୁ, କିନ୍ତୁ ତାହା ମଧ୍ୟ ଶରୀରର କାମନାର ଅଧୀନତା ସ୍ୱୀକାର କରିବା। ସିଦ୍ଧିଲାଭ କରିବାକୁ ହେଲେ ଆମକୁ ଏଥିରୁ ମଧ୍ୟ ମୁକ୍ତ ହେବାକୁ ହେବ। ଯଦି ଧରି ନିଆଯାଏ ଯେ ଏହା ସମ୍ଭବ ନୁହେଁ, ତେବେ ଏକମାତ୍ର ବାଟ ହେଲା ଆମ ଭିତରର କୌଣସି ଅଂଶ ଦ୍ୱାରା

* ନିୟତମ୍ କର୍ମର ସାଧାରଣତଃ ଯେଉଁ ଅର୍ଥ କରାଯାଇଥାଏ ଯେ ଏହା ହେଉଛି ନିର୍ଦ୍ଦିଷ୍ଟ ସ୍ଥିରୀକୃତ ନିତ୍ୟନୈମିତ୍ତିକ କର୍ମ ଓ ଏହା ସନ୍ଧ୍ୟା, ଉପାସନା, ଯଜ୍ଞ ଆଦି ବେଦୋକ୍ତ ନିତ୍ୟକର୍ମ ସଙ୍ଗେ ସମାନ ବୋଲି, ମୁଁ ସେହି ଅର୍ଥକୁ ଗ୍ରହଣ କରିପାରୁ ନାହିଁ। ନିଶ୍ଚିତରୂପେ ଏହି 'ନିୟତ' ଶବ୍ଦରେ ପୂର୍ବ ଶ୍ଳୋକର 'ନିୟମ୍ୟ'କୁ ନିଆଯାଇଛି। ଶ୍ରୀକୃଷ୍ଣ ଏକ ତଥ୍ୟ ବିବୃତ କରି କହିଲେ ଯେ 'ଯେଉଁ ବ୍ୟକ୍ତି ମନ ଦ୍ୱାରା ଇନ୍ଦ୍ରିୟମାନଙ୍କୁ ସଂଯତ କରି କର୍ମେନ୍ଦ୍ରିୟମାନଙ୍କୁ କର୍ମଯୋଗରେ ନିଯୁକ୍ତ କରେ ସେହି ବ୍ୟକ୍ତିହିଁ ଶ୍ରେଷ୍ଠ, 'ମନସା ନିୟମ୍ୟ ଆରଭତେ କର୍ମଯୋଗମ୍' ଏବଂ ଏହାପରେ ସଙ୍ଗେ ସଙ୍ଗେ ଏହି ବିଷୟର ସାରକଥାକୁ ନେଇ ଏକ ବିଧାନ ଓ ଉପଦେଶ ଦେଲେ ଯେ 'ତୁମେ ନିୟତ କର୍ମ କର' ''ନିୟତଂ କୁରୁ କର୍ମ ତ୍ୱମ୍''। ଏଠାରେ ନିୟତମ୍ ଶବ୍ଦରେ ନିୟମ୍ୟକୁ ନିଆଯାଇଛି ଏବଂ ଆରଭତେ କର୍ମଯୋଗରୁ 'କୁରୁ କର୍ମ'ର ବିଧାନ ନିଆଯାଇଛି। ବାହ୍ୟବିଧି ଦ୍ୱାରା ନିର୍ଦ୍ଦିଷ୍ଟ ନିତ୍ୟନୈମିତ୍ତିକ କର୍ମ ନୁହେଁ, ମୁକ୍ତ ବୁଦ୍ଧି ଦ୍ୱାରା ନିୟତ କାମନାଶୂନ୍ୟ କର୍ମହିଁ ଗୀତାର ଶିକ୍ଷା।

ପ୍ରଣୋଦିତ ନ ହୋଇ, କର୍ତ୍ତୃଭାବ ନ ରଖି, କର୍ମର କେବଳ ବାହ୍ୟବିଧି ମାନି ଚଳିବା । ଏହି ଭାବରେ ବେଦର ନିତ୍ୟକର୍ମ, ଯଜ୍ଞାନୁଷ୍ଠାନ, ଅନ୍ୟାନ୍ୟ ଦୈନନ୍ଦିନ କାର୍ଯ୍ୟକଳାପ ଓ ସାମାଜିକ କର୍ତ୍ତବ୍ୟ ଆଦି କର୍ମକୁ ମୁକ୍ତି ଚାହୁଁଥିବା ଲୋକ କରିପାରେ, କିନ୍ତୁ ଏହା ସେ କରିଯିବ ସେସବୁ କର୍ମ ପ୍ରତି କୌଣସି ଆଗ୍ରହ ପାଇଁ ନୁହେଁ ବା କୌଣସି ବ୍ୟକ୍ତିଗତ ଉଦ୍ଦେଶ୍ୟ ସାଧନ ପାଇଁ ନୁହେଁ । ଏହି ସମସ୍ତ କର୍ମ ପ୍ରତି ସମ୍ପୂର୍ଣ୍ଣ ଉଦାସୀନ ରହି ଶାସ୍ତ୍ରର ବ୍ୟବସ୍ଥାନୁସାରେ ସେ ଏଗୁଡ଼ିକ କରିଯିବ । ତା'ର ପ୍ରକୃତି ଦ୍ୱାରା ବାଧ୍ୟହୋଇ ଯେ ସେ ଏପରି କରିବ ତାହା ନୁହେଁ, ଶାସ୍ତ୍ରରେ ମୁକ୍ତିକାମୀମାନଙ୍କ ପାଇଁ କର୍ମର ଏହି ବିଧି ଅଛି ବୋଲି ସେ ତାହା କରିବ । କିନ୍ତୁ କର୍ମର ଏହି ନୀତି ଯଦି ଏହିପରି ପ୍ରକୃତିର ବାହାର ବିଷୟ ନ ହୋଇ ଭିତରର ବିଷୟ ହୁଏ ଏପରିକି ଯଦି ମୁକ୍ତ ପୁରୁଷ ଓ ଜ୍ଞାନୀମାନଙ୍କର କର୍ମ ମଧ୍ୟ ସେମାନଙ୍କର ସ୍ୱଭାବ ଦ୍ୱାରା ନିର୍ଦ୍ଧାରିତ ଓ ନିୟନ୍ତ୍ରିତ ହୁଏ, 'ସ୍ୱଭାବ-ନିୟତମ୍' ତା'ହେଲେ କାମନାହିଁ କର୍ମର ଏକମାତ୍ର ଆଭ୍ୟନ୍ତରୀଣ ନୀତି ବୋଲି ବୁଝିବାକୁ ହେବ, ସେ କାମନାର ସ୍ୱରୂପ ଯା' ହେଉନା କାହିଁକି, ତାହା ପଛରେ ଦୈହିକ ଭୋଗର ଲିପ୍‌ସା ଥାଉ ବା ହୃଦୟର ଆବେଗ ଥାଉ ବା ମନର କୌଣସି ମହତ୍ ଲକ୍ଷ୍ୟ ଥାଉ, ଏସବୁ ଗୁଡ଼ିକହିଁ ପ୍ରକୃତିର ଗୁଣର ଅଧୀନ । ବର୍ତ୍ତମାନ ତା'ହେଲେ ଗୀତାର 'ନିୟତକର୍ମ'କୁ ବେଦର 'ନିତ୍ୟକର୍ମ' ବୋଲି ବା ସାମାଜିକ କର୍ତ୍ତବ୍ୟର ଆର୍ଯ୍ୟବିଧିରୂପେ ଯେଉଁ କର୍ମ କରାଯିବା ଉଚିତ ସେହି 'କର୍ତ୍ତବ୍ୟ କର୍ମ' ବୋଲି ଯେଉଁ ବ୍ୟାଖ୍ୟା କରାଯାଏ ତାହା ବିଚାରକୁ ନିଆଯାଉ । ଆଉ ମଧ୍ୟ ଗୀତାର ଯଜ୍ଞାର୍ଥେ କର୍ମକୁ ଏହି ବେଦୋକ୍ତ ଯଜ୍ଞ ବୋଲି ଓ ବ୍ୟକ୍ତିଗତ କାମନା ଓ ସ୍ୱାର୍ଥଶୂନ୍ୟ ହୋଇ ନିର୍ଦ୍ଧାରିତ ସାମାଜିକ କର୍ତ୍ତବ୍ୟ ସମ୍ପନ୍ନ କରିବା ବୋଲି ଅର୍ଥ କରାଯାଏ । ଗୀତାର ନିଷ୍କାମ କର୍ମକୁ ଅନେକେ ଏହି ଭାବରେ ବ୍ୟାଖ୍ୟା କରନ୍ତି । କିନ୍ତୁ ମୋର ମନେହୁଏ ଗୀତାର ଶିକ୍ଷା ଏପରି ସ୍ଥୂଳ ଓ ସହଜ ନୁହେଁ, ଏପରି ସଂକୀର୍ଣ୍ଣ ଓ ଦେଶକାଳ ଭିତରେ ସୀମିତ ନୁହେଁ । ଗୀତାର ଶିକ୍ଷା ଅନେକ ଉଦାର, ବ୍ୟାପକ, ମୁକ୍ତ, ସୂକ୍ଷ୍ମ ଓ ଗଭୀର, ଏହା ସବୁ ଯୁଗର ସବୁ ମନୁଷ୍ୟଙ୍କ ପାଇଁ ଉପଯୋଗୀ, କୌଣସି ବିଶେଷ ଯୁଗ ବା କୌଣସି ବିଶେଷ ଦେଶ ପାଇଁ ନୁହେଁ । ଗୀତାର ବିଶେଷତ୍ୱ ହେଉଛି ଏହା ସର୍ବଦା ବାହ୍ୟ ଆକାର, ତଥ୍ୟ ତଥା ସାମ୍ପ୍ରଦାୟିକ ଧାରଣାମାନଙ୍କର ବନ୍ଧନକୁ ଭାଙ୍ଗି ଦେଇ ମୂଳ ସିଦ୍ଧାନ୍ତ ଏବଂ ଆମର ସ୍ୱଭାବ ତଥା ଆମ ସତ୍ତାର ମହାନ୍ ସତ୍ୟଗୁଡ଼ିକୁ ଉଜ୍ଜୀବିତ କରିଥାଏ । ଗୀତା ବ୍ୟାପକ ଦାର୍ଶନିକ ସତ୍ୟ ଏବଂ ଆଧ୍ୟାତ୍ମିକ ପ୍ରାୟୋଗିକତାର ଗ୍ରନ୍ଥ ଅଟେ, ଅନୁଦାର ସାମ୍ପ୍ରଦାୟିକ ତଥା ଦାର୍ଶନିକ ସୂତ୍ରାବଳୀ ଏବଂ ଗତାନୁଗତିକ ମନଗଢ଼ା ଧାର୍ମିକ ମତବାଦ ସମୂହର କୃତି ନୁହେଁ ।

ସମସ୍ୟାଟି ହେଉଛି ଏହା ଯେ ଆମର ପ୍ରକୃତି ଯେତେବେଳେ ଏହିପରି ଏବଂ ଯେତେବେଳେ କାମନାହିଁ ହେଉଛି ତା'ର ସାଧାରଣ କର୍ମର ନୀତି, ସେତେବେଳେ ଯଥାର୍ଥ

ନିଷ୍କାମ କର୍ମ କରିବା କ'ଣ ସମ୍ଭବପର ? କାରଣ ଆମେ ସାଧାରଣତଃ ଯେଉଁସବୁ କର୍ମକୁ ନିଃସ୍ୱାର୍ଥ କର୍ମ ବୋଲି କହୁ ତାହା ପ୍ରକୃତରେ ନିଷ୍କାମ କର୍ମ ନୁହେଁ, କେବଳ କେତେକ କ୍ଷୁଦ୍ରତର ବ୍ୟକ୍ତିଗତ ସ୍ୱାର୍ଥ ପରିବର୍ତ୍ତେ ଅନ୍ୟାନ୍ୟ ବୃହତ୍ତର ସ୍ୱାର୍ଥକୁହିଁ ଗ୍ରହଣ କରାଯାଏ । ଯଥା ପୁଣ୍ୟ ସଞ୍ଚୟ ବା ଦେଶ ଓ ମାନବଜାତିର ସେବା ଆଦି ପାଇଁ ଯେଉଁ କର୍ମ କରାହୁଏ, ଯେଉଁଗୁଡ଼ିକର ବାହ୍ୟ ଚେହେରା ନୈର୍ବ୍ୟକ୍ତିକ ବୋଲି ମନେହୁଏ । ଅଧିକନ୍ତୁ ଶ୍ରୀକୃଷ୍ଣ ବାରଂବାର ଜୋର୍ ଦେଇଛନ୍ତି ଯେ ସମସ୍ତ କର୍ମ ଆମର ପ୍ରକୃତି ଦ୍ୱାରା, ପ୍ରକୃତିର ଗୁଣ ଦ୍ୱାରାହିଁ ସମ୍ପନ୍ନ ହୁଏ । ଶାସ୍ତ୍ରାନୁଯାୟୀ କର୍ମ କରିଲାବେଳେ ମଧ୍ୟ ଆମେ ନିଜନିଜର ପ୍ରକୃତି ଅନୁସାରେହିଁ କର୍ମ କରୁ । ସାଧାରଣତଃ ଏହିସବୁ ଶାସ୍ତ୍ରାନୁମୋଦିତ କର୍ମ କେବଳ ଆମର କାମନାବାସନା, ମତାନ୍ଧତା, ଆବେଗ, ଅହଙ୍କାର ଓ ଆମର ବ୍ୟକ୍ତିଗତ, ଜାତିଗତ ଓ ଗୋଷ୍ଠୀଗତ ଅଭିମାନ, ମତାମତ ଓ ପସନ୍ଦ ଆଦି ପାଇଁ ଏକ ଆବରଣ ମାତ୍ର ହୋଇଥାଏ । କିନ୍ତୁ ଯଦିବି ତାହା ସେପରି ନ ହୋଇ ଅନ୍ୟପ୍ରକାର ହୋଇଥାଏ, ଯଦିବି ଅତ୍ୟନ୍ତ ବିଶୁଦ୍ଧ ଭାବ ନେଇ ଆମେ ସେହିସବୁ ଶାସ୍ତ୍ରୋକ୍ତ କର୍ମ କରିବୁ ବୋଲି ଧରି ନିଆଯାଏ, ତା'ହେଲେ ମଧ୍ୟ ଆମେ ଆମର ପ୍ରକୃତି ଅନୁସାରେହିଁ କର୍ମ କରିବୁ, ଯଦି ଆମର ପ୍ରକୃତି ଭିନ୍ନ ପ୍ରକାର ହୋଇ ଥାଆନ୍ତା, ଯଦି ଆମର ବୁଦ୍ଧି ଓ ସଙ୍କଳ୍ପ ଉପରେ ଗୁଣସବୁର କ୍ରିୟା ଭିନ୍ନ ପ୍ରକାରର ହୁଅନ୍ତା, ତା'ହେଲେ ଆମେ ଆଦୌ ଶାସ୍ତ୍ରକୁ ଗ୍ରହଣ କରନ୍ତୁ ନାହିଁ, ହୁଏତ ସମସ୍ତ ଶାସ୍ତ୍ରବିଧି ପରିତ୍ୟାଗ କରି ନିଜର ଆନନ୍ଦ ପାଇଁ ନିଜର ଖୁସି ଅନୁସାରେ ବା ନିଜର ବୁଦ୍ଧିଗତଧାରଣା ଅନୁସାରେ ଚଳନ୍ତୁ ବା ସାମାଜିକ ନିୟମର ବନ୍ଧନକୁ ଛିନ୍ନ କରିଦେଇ ଏକାନ୍ତ ବାସ କରନ୍ତୁ ବା ବୈରାଗୀ ଓ ସନ୍ନ୍ୟାସୀର ଜୀବନଯାପନ କରନ୍ତୁ । ଆମେ ଆମର ବାହାରର କୌଣସି ବିଧାନକୁ ମାନି ଚଳିବା ଦ୍ୱାରା କେବେହେଲେ ନୈର୍ବ୍ୟକ୍ତିକ ହୋଇପାରିବୁ ନାହିଁ, କାରଣ ଏହି ଭାବରେ ଆମେ ଆମର ବାହାରକୁ ଯାଇପାରିବୁ ନାହିଁ । କେବଳ ଆମ ନିଜ ଭିତରେ ରହିଥିବା ସର୍ବୋଚ୍ଚ ସତ୍ତାରେ ଉଠିବା ଦ୍ୱାରା, ଆମର ସେହି ନିତ୍ୟମୁକ୍ତ ଆତ୍ମା ଯାହାକି ସମସ୍ତଙ୍କ ଭିତରେ ଏକ ଏବଂ ସମାନ, ତେଣୁ ସମସ୍ତ ପ୍ରକାର ବ୍ୟକ୍ତିଗତ ସ୍ୱାର୍ଥରୁ ମୁକ୍ତ, ସେହି ଆତ୍ମାରେ ପହଞ୍ଚିବା ଦ୍ୱାରା ଓ ଆମ ସତ୍ତାରେ ଯେଉଁ ଭଗବାନ୍ ରହିଛନ୍ତି ଯେ କି ନିଜ ବିଶ୍ୱାତୀତ ମହିମାରେ ନିତ୍ୟପ୍ରତିଷ୍ଠ, ତେଣୁ ନିଜର ବିଶ୍ୱକର୍ମ ବା ନିଜର ବ୍ୟକ୍ତିଗତ କ୍ରିୟାରେ ଆବଦ୍ଧ ନୁହନ୍ତି, ତାଙ୍କୁ ଲାଭ କରିବା ଦ୍ୱାରା ଆମେ ପ୍ରକୃତ ଭାବରେ ନୈର୍ବ୍ୟକ୍ତିକ ହୋଇ ପାରିବୁ । ଗୀତା ଏହାହିଁ ଶିକ୍ଷାଦିଏ ଓ କାମନାଶୂନ୍ୟତା ଏହି ଲକ୍ଷ୍ୟରେ ପହଞ୍ଚିବା ପାଇଁ ଏକ ଉପାୟ ମାତ୍ର, ସ୍ୱୟଂ ଲକ୍ଷ୍ୟ ନୁହେଁ । ବେଶ୍ କଥା କିନ୍ତୁ ଏହା ସମ୍ଭବ ହେବ କିପରି ? ଦିବ୍ୟଗୁରୁଙ୍କର ଉତ୍ତର ହେଲା ଯଜ୍ଞକୁହିଁ ଏକମାତ୍ର ଲକ୍ଷ୍ୟରଖି କର୍ମ କରିବା ଦ୍ୱାରା ଏହା ହେବ । ''ଯଜ୍ଞାର୍ଥେ କର୍ମକରିବା ବ୍ୟତୀତ ଅନ୍ୟ କର୍ମ କଲେ, ଲୋକ କର୍ମରେ ବଦ୍ଧ ହୁଏ ।

ତେଣୁ ହେ କୌନ୍ତେୟ, ଆସକ୍ତିଶୂନ୍ୟ ହୋଇ ଯଜ୍ଞାର୍ଥେ କର୍ମ କର''* । ଏହା ସ୍ପଷ୍ଟ ଯେ କେବଳ ଯାଗଯଜ୍ଞ ଓ ସାମାଜିକ କର୍ତ୍ତବ୍ୟ ନୁହେଁ, ସମସ୍ତ କର୍ମହିଁ ଏହି ଭାବନେଇ କରାଯାଇପାରେ, ପ୍ରତ୍ୟେକ କର୍ମହିଁ ସଂକୀର୍ଣ୍ଣ ବା ବର୍ଦ୍ଧିତ ଅହଂଭାବ ସହ କରାଯାଇପାରେ ବା ଈଶ୍ୱରଙ୍କ ଉଦ୍ଦେଶ୍ୟରେ କରାଯାଇପାରେ । ପ୍ରକୃତିର ସମସ୍ତ ସତ୍ତା ଓ ସମସ୍ତ କର୍ମ କେବଳ ଭଗବାନଙ୍କ ପାଇଁହିଁ ରହିଛି, ଭଗବାନଙ୍କଠାରୁହିଁ ତାହାର ଉଦ୍ଭବ, ତାଙ୍କରି ଦ୍ୱାରାହିଁ ତାହା ରକ୍ଷିତ ଓ ତାଙ୍କରି ଦିଗରେହିଁ ତାହାର ଗତି । କିନ୍ତୁ ଯେପର୍ଯ୍ୟନ୍ତ ଆମେ ଅହଂଭାବର ଅଧୀନ ହୋଇଥାଉ ସେପର୍ଯ୍ୟନ୍ତ ଆମେ ଏହି ସତ୍ୟକୁ ଉପଲବ୍ଧି କରିପାରୁ ନାହିଁ, ବା ଏହି ସତ୍ୟର ଭାବ ସହ କର୍ମ କରିପାରୁ ନାହିଁ, ଯଜ୍ଞାର୍ଥେ କର୍ମ ନ କରି ଆମେ ଆମର ଅହଂର ସନ୍ତୋଷ ପାଇଁ, ଅହଂର ଭାବ ନେଇ କର୍ମ କରୁ । ଅହଂହିଁ ସକଳ ବନ୍ଧନର ଗ୍ରନ୍ଥି । ଅହଂ ସମ୍ପର୍କରେ କୌଣସି ଚିନ୍ତା ନ କରି ଭଗବତ୍ ଅଭିମୁଖୀ ହୋଇ କର୍ମ କରିବା ଦ୍ୱାରା ଆମେ ଏହି ଗ୍ରନ୍ଥିକୁ ଶିଥିଳ କରିଦେଉ ଏବଂ ଶେଷରେ ମୁକ୍ତିଲାଭ କରିବାକୁ ସମର୍ଥ ହେଉ ।

ସେ ଯାହାହେଉ ଗୀତା ପ୍ରଥମେ ଯଜ୍ଞ ସଂପର୍କରେ ବେଦୋକ୍ତ ଭାବକୁ ନେଇଛି ଏବଂ ତତ୍କାଳୀନ ପ୍ରଚଳିତ ଭାଷାରେ ଯଜ୍ଞର ବିଧାନକୁ ଉଲ୍ଲେଖ କରିଛି । ଏକ ବିଶେଷ ଉଦ୍ଦେଶ୍ୟ ରଖିହିଁ ଗୀତା ଏପରି କରିଛି । ଆମେ ଦେଖିଛୁ ଯେ ସନ୍ନ୍ୟାସ ଓ କର୍ମ ଭିତରେ ବିବାଦର ଦୁଇଟି ରୂପ ରହିଛି । ଗୋଟିଏ ହେଉଛି ସାଂଖ୍ୟ ଓ ଯୋଗ ମଧ୍ୟରେ ବିରୋଧ, ତତ୍ତ୍ୱତଃ ଏହି ବିରୋଧର ସମାଧାନ ଇତିପୂର୍ବେ କରାଯାଇ ସାରିଛି, ଦ୍ୱିତୀୟତଃ ବେଦବାଦ ଓ ବେଦାନ୍ତବାଦ ମଧ୍ୟରେ ବିରୋଧ, ଦିବ୍ୟଗୁରୁଙ୍କ ଦ୍ୱାରା ଯାହାର ସମାଧାନ ହେବା ପାଇଁ ଏପର୍ଯ୍ୟନ୍ତ ବାକି ରହିଛି । ପ୍ରଥମଟିରେ ଏହି ବିରୋଧକୁ ସାଧାରଣ ଭାବରେ ବ୍ୟକ୍ତ କରାଯାଇଛି ଓ କର୍ମକୁ ଏକ ସାଧାରଣ ଏବଂ ବ୍ୟାପକ ଅର୍ଥରେ ଗ୍ରହଣ କରାଯାଇଛି । ସାଂଖ୍ୟର ଆରମ୍ଭ ଏହି ସିଦ୍ଧାନ୍ତକୁ ନେଇ ଯେ ଯଥାର୍ଥ ଦିବ୍ୟସ୍ଥିତି ହେଉଛି ଅକ୍ଷର ଓ ଅକର୍ତ୍ତା ପୁରୁଷଭାବ ଏବଂ ବାସ୍ତବ ସ୍ୱରୂପରେ ପ୍ରତ୍ୟେକ ଜୀବହିଁ ଏହି ପୁରୁଷ । ଏହା ସଙ୍ଗେ ସଙ୍ଗେ ସାଂଖ୍ୟରେ ପୁରୁଷର ନିଷ୍କ୍ରିୟତା ଓ ପ୍ରକୃତିର ସକ୍ରିୟତା ଭିତରେ ଏକ ବିରୋଧ ଛିଡ଼ା କରାଯାଇଛି; ତେଣୁ ଏହାର ଏକମାତ୍ର ଯୁକ୍ତିଯୁକ୍ତ ପରିଣତି ହେଉଛି ସମସ୍ତ କର୍ମର ପରିତ୍ୟାଗ । ଯୋଗର ଆରମ୍ଭ ଏହି ସିଦ୍ଧାନ୍ତକୁ ନେଇ ଯେ ଭଗବାନ୍ ହେଉଛନ୍ତି ଈଶ୍ୱର, ସେ ପ୍ରକୃତିର କାର୍ଯ୍ୟାବଳୀର ପ୍ରଭୁ, ତେଣୁ ତାହାର ଊର୍ଦ୍ଧ୍ୱରେ, ସୁତରାଂ ଏହାର ଯୁକ୍ତିଯୁକ୍ତ ପରିଣତି ହେଉଛି କର୍ମର ତ୍ୟାଗ ନୁହେଁ କର୍ମ ଉପରେ ଆତ୍ମାର ଶ୍ରେଷ୍ଠତ୍ୱ, ସମସ୍ତ କର୍ମ କରି ମଧ୍ୟ ମୁକ୍ତ ରହିବାହିଁ ହେଲା ଲକ୍ଷ୍ୟ । ବେଦବାଦ ଓ ବେଦାନ୍ତବାଦ ଭିତରେ ଯେଉଁ ବିରୋଧ

* ଯଜ୍ଞାର୍ଥାତ୍ କର୍ମଣୋଽନ୍ୟତ୍ର ଲୋକୋଽୟଂ କର୍ମବନ୍ଧନଃ ।
ତଦର୍ଥଂ କର୍ମ କୌନ୍ତେୟ ମୁକ୍ତସଙ୍ଗଃ ସମାଚର ।। ୩/୯

ସେଥିରେ କର୍ମର ଅର୍ଥ କେବଳ ବୈଦିକ କର୍ମ ଭିତରେ ଏପରିକି କେବଳ ବୈଦିକ ଯଜ୍ଞ ଓ କର୍ମକାଣ୍ଡ ଭିତରେହିଁ ପରିସୀମିତ, ଅନ୍ୟ ସମସ୍ତ କର୍ମକୁ ମୁକ୍ତି ପାଇଁ ଅନୁପଯୋଗୀ ବୋଲି କହି ବାଦ୍ ଦିଆଯାଇଛି । ମୀମାଂସକମାନଙ୍କର ବେଦବାଦ ଏହି ସମସ୍ତ କର୍ମକୁ ମୁକ୍ତିର ଉପାୟ ହିସାବରେ ଗ୍ରହଣ କରିବାକୁ ଜୋର୍ ଦେଇଛି, କିନ୍ତୁ ଉପନିଷଦ୍ ଉପରେ ଆଧାରିତ ବେଦାନ୍ତବାଦ ମତରେ କେବଳ ଅଜ୍ଞାନ ଅବସ୍ଥାରେ ପ୍ରାଥମିକ ପ୍ରକ୍ରିୟାରୂପେ କର୍ମର ଉପଯୋଗିତା ରହିଛି କିନ୍ତୁ ଶେଷରେ ସମସ୍ତ କର୍ମକୁ ଅତିକ୍ରମ କରିବାକୁ ଓ ପରିତ୍ୟାଗ କରିବାକୁ ହେବ କାରଣ ତାହା ମୁକ୍ତିର ପ୍ରତିବନ୍ଧକ । ବେଦବାଦ ଯଜ୍ଞ ଦ୍ୱାରା ଦେବତାମାନଙ୍କର ପୂଜା କରୁଥିଲା ଓ ବିଶ୍ୱାସ କରୁଥିଲା ଯେ ସେମାନେ ଆମର ମୁକ୍ତି ଦିଗରେ ସହାୟତା କରୁଥିବା ଶକ୍ତି । ବେଦାନ୍ତବାଦ ସେହି ଦେବତାସବୁଙ୍କୁ ମାନସିକ ଭୌତିକ ଜଗତର ଶକ୍ତିବୋଲି ଓ ଆମ ମୁକ୍ତିର ବିରୋଧୀ ବୋଲି ମନେ କରୁଥିଲା, (ଉପନିଷଦରେ କୁହାଯାଇଛି ଯେ ମନୁଷ୍ୟମାନେ ହେଉଛନ୍ତି ଦେବତାମାନଙ୍କର ଗୋଧନ ସ୍ୱରୂପ ଓ ସେମାନେ ଚାହାନ୍ତି ନାହିଁ ମନୁଷ୍ୟ ଜ୍ଞାନ ଲାଭ କରୁ ବା ମୁକ୍ତହେଉ); ଏହି ମତ ଅନୁସାରେ ଭଗବାନ୍ ହେଉଛନ୍ତି ଅକ୍ଷର ବ୍ରହ୍ମ, ଓ ତାହାଙ୍କୁ କୌଣସି ଯଜ୍ଞ ଓ ପୂଜା ଆଦି କର୍ମ ଦ୍ୱାରା ପାଇ ହେବ ନାହିଁ, ପାଇ ହେବ କେବଳ ଜ୍ଞାନ ଦ୍ୱାରା । କର୍ମ ଦ୍ୱାରା ଐହିକ ଫଳ ଓ ଏକ ନିମ୍ନତର ସ୍ୱର୍ଗ ଲାଭ କରାଯାଏ, ତେଣୁ କର୍ମ ପରିତ୍ୟାଗ କରିବାକୁ ହେବ ।

ଗୀତା ଏହି ବିରୋଧର ମୀମାଂସା କରିଛି, ଏହି ସିଦ୍ଧାନ୍ତ ଉପରେ ଜୋର୍ ଦେଇ ଯେ ଦେବତାମାନେ ହେଉଛନ୍ତି ଏକ ଦେବ ଈଶ୍ୱରଙ୍କର ବିଭିନ୍ନ ରୂପମାତ୍ର, ଈଶ୍ୱରହିଁ ହେଉଛନ୍ତି ସମସ୍ତ ଯୋଗ, ପୂଜା, ଯଜ୍ଞ ଓ ତପସ୍ୟାର ପ୍ରଭୁ । ଯଦି ଏହା ସତ୍ୟ ହୁଏ ଯେ ଦେବତାମାନଙ୍କ ଉଦ୍ଦେଶ୍ୟରେ କରାଯାଉଥିବା ଯଜ୍ଞ ଐହିକ ଫଳ ଓ ସ୍ୱର୍ଗଲାଭ ଆଣିଦିଏ, ତା'ହେଲେ ଏହା ମଧ୍ୟ ସତ୍ୟ ଯେ ଈଶ୍ୱରଙ୍କ ଉଦ୍ଦେଶ୍ୟରେ କରାଯାଉଥିବା ଯଜ୍ଞ ଏସବୁର ଊର୍ଦ୍ଧ୍ୱରେ ପରମ ମୁକ୍ତି ଆଣିଦିଏ । କାରଣ ଈଶ୍ୱର ଓ ଅକ୍ଷର ବ୍ରହ୍ମ ଦୁଇଟି ପୃଥକ୍ ସତ୍ତା ନୁହନ୍ତି ଉଭୟେ ଏକ, ଉଭୟଙ୍କ ମଧ୍ୟରୁ ଯାହାଙ୍କୁ ବି ପାଇବାକୁ ଲକ୍ଷ୍ୟ ରଖିବା ଅର୍ଥ ସେହି ଏକହିଁ ଭଗବତ୍ ସତ୍ତାଙ୍କ ଅଭିମୁଖୀ ହେବା । ସମସ୍ତ କର୍ମ ସାମଗ୍ରିକ ଭାବରେ ସେମାନଙ୍କର ପରିଣତି ଓ ପୂର୍ଣ୍ଣତା ଲାଭ କରନ୍ତି ଜ୍ଞାନରେ, 'ସର୍ବମ୍ କର୍ମ ଖିଳମ୍ ପାର୍ଥ ଜ୍ଞାନେ ପରିସମାପ୍ୟତେ' । କର୍ମ ପ୍ରତିବନ୍ଧକ ନୁହେଁ ବରଂ ତାହା ପରମ ଜ୍ଞାନ ଲାଭର ପଥ । ଏହିପରି ଭାବରେ ଯଜ୍ଞ ଶବ୍ଦର ଏକ ବ୍ୟାପକ ଓ ଉଦାରତର ଅର୍ଥ କରାଯାଇ ଏହି ବିରୋଧର ଏକ ସମାଧାନ ଅଣାଗଲା । ପ୍ରକୃତରେ ଏହି ବିରୋଧ ଯୋଗ ଓ ସାଂଖ୍ୟ ଭିତରେ ଥିବା ବୃହତ୍ତର ବିରୋଧର ଏକ ସୀମିତ ରୂପ । ବେଦବାଦ ହେଉଛି ଯୋଗର ଏକ ସଂକୀର୍ଣ୍ଣ ଓ ବିଶେଷଧରଣର ରୂପ, ବେଦାନ୍ତବାଦର ମୂଳନୀତି ସାଂଖ୍ୟର ମୂଳନୀତି ସହିତ ସମାନ, କାରଣ ଉଭୟଙ୍କର

ମତରେ ମୁକ୍ତିର ସାଧନା ପାଇଁ ପଥ ହେଉଛି ବୁଦ୍ଧିକୁ ପ୍ରକୃତିର ଭେଦାତ୍ମକ ଶକ୍ତିସବୁରୁ, ଅହଂକାର, ମନ ଓ ଇନ୍ଦ୍ରିୟସବୁରୁ ଏବଂ ଅନ୍ତର ତଥା ବାହ୍ୟବୃତ୍ତି ସବୁରୁ ନିବୃତ୍ତ କରି ନିର୍ବିଶେଷ ଅକ୍ଷର ବ୍ରହ୍ମ ଦିଗରେ ଫେରାଇ ଆଣିବା । ବିଭିନ୍ନ ମତ ଭିତରେ ସମନ୍ୱୟର ଏହି ଉଦ୍ଦେଶ୍ୟକୁ ମନରେ ରଖିହିଁ ଦିବ୍ୟଗୁରୁ ପ୍ରଥମେ ଯଜ୍ଞ ବିଷୟରେ ନିଜର ତତ୍ତ୍ୱ ବ୍ୟାଖ୍ୟାନ କଲେ, କିନ୍ତୁ ବରାବର ଏପରିକି ଆରମ୍ଭରୁ ମଧ ତାଙ୍କର ଦୃଷ୍ଟି ଯଜ୍ଞ ଓ କର୍ମର ସଂକୀର୍ଣ୍ଣ ବେଦୋକ୍ତ ଅର୍ଥରେ ଆବଦ୍ଧ ନ ରଖି ତାହାର ବ୍ୟାପକ ସାର୍ବଜନୀନ ପ୍ରୟୋଗ ଉପରେହିଁ ନିବଦ୍ଧ କରିଥିଲେ । ଏହିପରି ଭାବରେ ଗୀତାର ବିଶିଷ୍ଟ ପ୍ରଣାଳୀ ହେଉଛି ସଂକୀର୍ଣ୍ଣ ଆନୁଷ୍ଠାନିକ ଧାରଣାଗୁଡ଼ିକୁ ଏପରି ବିସ୍ତୃତ କରିଦେବା ଯେପରିକି ସେଥିରେ ସୀମିତ ରୂପରେ ରହିଥିବା ମହାନ୍ ସାଧାରଣ ସତ୍ୟସବୁ ସେମାନଙ୍କ ଯଥାର୍ଥ ସ୍ୱରୂପରେ ପ୍ରକଟିତ ହେବେ ।

# ୧୨

# ଯଜ୍ଞର ତାତ୍ପର୍ଯ୍ୟ

ଯଜ୍ଞ ସଂପର୍କରେ ଗୀତାର ତତ୍ତ୍ୱ, ଦୁଇଟି ପୃଥକ୍ ସ୍ଥାନରେ ବିବୃତ କରାଯାଇଛି, ଗୋଟିଏ ତୃତୀୟ ଅଧ୍ୟାୟରେ, ଅନ୍ୟଟି ଚତୁର୍ଥ ଅଧ୍ୟାୟରେ । ପ୍ରଥମଟି ଏପରି ଭାଷାରେ କୁହାଯାଇଛି ଯେ ଯଦି କେବଳ ତାହାକୁ ଧରାଯାଏ ତେବେ ମନେହେବ ଯେପରି ଗୀତା କେବଳ ଆନୁଷ୍ଠାନିକ ଯଜ୍ଞ ବିଷୟରେହିଁ କହିଛି, ଦ୍ୱିତୀୟ ବ୍ୟାଖ୍ୟାରେ ଯଜ୍ଞକୁ ଏକ ବୃହତ୍ତର ଦାର୍ଶନିକ ଓ ଆଧ୍ୟାତ୍ମିକ ସତ୍ୟର ରୂପକ ବୋଲି କୁହାଯାଇଛି ଏବଂ ଏହି ଭାବରେ ଯଜ୍ଞର ସମଗ୍ର ତାତ୍ପର୍ଯ୍ୟକୁ ବଦଳାଇ ଦେଇ ତାହାକୁ ଉଚ୍ଚ ମନସ୍ତାତ୍ତ୍ୱିକ ଓ ଆଧ୍ୟାତ୍ମିକ ସ୍ତରକୁ ଉନ୍ନୀତ କରାହୋଇଛି । ''ପ୍ରଥମେ ପ୍ରଜାପତି ବ୍ରହ୍ମା ଯଜ୍ଞ ସହିତ ପ୍ରଜାସକଳ ସୃଷ୍ଟିକରି କହିଲେ, ଏହାରି ଦ୍ୱାରାହିଁ ତୁମେ ଉତ୍ତରୋତ୍ତର ଅଭିବୃଦ୍ଧି ଲାଭକର, ଏହି ଯଜ୍ଞହିଁ ତୁମକୁ ମନୋବାଞ୍ଛିତ ଫଳ ପ୍ରଦାନ କରୁ । ଏହାରି ଦ୍ୱାରାହିଁ ତୁମେ ଦେବତାମାନଙ୍କୁ ସଂବର୍ଦ୍ଧନା କର ଓ ଦେବଗଣ ତୁମକୁ ସଂବର୍ଦ୍ଧିତ କରନ୍ତୁ, ଏହିପରି ଭାବରେ ତୁମେ ପରସ୍ପରକୁ ସଂବର୍ଦ୍ଧିତ କରି ପରମ ଶ୍ରେୟ ଲାଭ କରିବ । ଯଜ୍ଞ ଦ୍ୱାରା ସଂବର୍ଦ୍ଧିତ ହୋଇ ଦେବତାମାନେ ତୁମକୁ ତୁମର ଅଭୀଷ୍ଟ ଭୋଗ ପ୍ରଦାନ କରିବେ, ଏହି ଦେବଦତ୍ତ ଭୋଗ ଲାଭ କରି ଯେଉଁ ବ୍ୟକ୍ତି ଦେବତାମାନଙ୍କୁ ପ୍ରଦାନ ନ କରି କେବଳ ନିଜେହିଁ ଭୋଗକରେ ସେ ଚୋର । ଯେଉଁମାନେ ଯଜ୍ଞାବଶେଷ ଅନ୍ନ ଭୋଜନ କରନ୍ତି ସେମାନେ ସମସ୍ତ ପାପରୁ ମୁକ୍ତ ହୁଅନ୍ତି, କିନ୍ତୁ ଯେଉଁମାନେ କେବଳ ନିଜ ପାଇଁ ଅନ୍ନପାକ କରନ୍ତି, ସେମାନେ ପାପୀ ଓ ସେମାନେ ପାପହିଁ ଭୋଜନ କରନ୍ତି । ଜୀବଗଣ ଅନ୍ନରୁ ଉତ୍ପନ୍ନ ହୁଅନ୍ତି, ଅନ୍ନ ବୃଷ୍ଟିରୁ ଉତ୍ପନ୍ନ ହୁଏ, ବୃଷ୍ଟି ଯଜ୍ଞରୁ ଉତ୍ପନ୍ନ ହୁଏ, ଯଜ୍ଞ କର୍ମରୁ ଉତ୍ପନ୍ନ ହୁଏ, କର୍ମ ବ୍ରହ୍ମରୁ ଉତ୍ପନ୍ନ ହୁଏ ବୋଲି ଜାଣିରଖ ଏବଂ ଏହି ବ୍ରହ୍ମର ଉତ୍ପତ୍ତି ଅକ୍ଷର ଭିତରୁ । ଏଇଥିପାଇଁ ସର୍ବଗତ ବ୍ରହ୍ମ ଯଜ୍ଞରେ ପ୍ରତିଷ୍ଠିତ ଅଛନ୍ତି । ଇହଲୋକରେ ଏହିପରି ଭାବରେ ପ୍ରବର୍ତ୍ତିତ ଚକ୍ରର ଯେ ଅନୁସରଣ କରେ ନାହିଁ, ହେ ପାର୍ଥ ତାହାର ଜୀବନ ପାପମୟ, ସେ ଇନ୍ଦ୍ରିୟାସକ୍ତ, ଏବଂ କେବଳ ବୃଥାରେହିଁ ଜୀବନ ଧାରଣ କରେ ।'' ଏଠାରେ ଯଜ୍ଞର ଯେଉଁ ବର୍ଣ୍ଣନା ହୋଇଛି ତାହା ପ୍ରଥମ ଦୃଷ୍ଟିରେ କର୍ମକାଣ୍ଡମୂଳକ, ପରମ୍ପରାଗତ ଯଜ୍ଞାନୁଷ୍ଠାନର ଆବଶ୍ୟକତାକୁ ବୁଝାଇଲା ପରି ମନେ ହେଉଥିଲେ ମଧ୍ୟ, ତାହାର ପ୍ରକୃତ ଅର୍ଥ କ'ଣ ତାହା ଆମେ ପରେ ଦେଖିବା । ଶ୍ରୀକୃଷ୍ଣ ଏଠାରେ ଯଜ୍ଞର ଆବଶ୍ୟକତା ବିଷୟ ବୁଝାଇ କର୍ମ ଅପେକ୍ଷା ଆଧ୍ୟାତ୍ମିକ ମାନବର ଶ୍ରେଷ୍ଠତ୍ୱକୁ ବୁଝାଇବା

ପାଇଁ ଅଗ୍ରସର ହେଲେ; ''କେବଳ ଆତ୍ମାରେହିଁ ଯାହାର ରତି ଓ ଆନନ୍ଦ, ଯେ ଆତ୍ମାରେହିଁ ତୃପ୍ତ ଏବଂ ଆତ୍ମାରେହିଁ ସନ୍ତୁଷ୍ଟ, ତାହା ପାଇଁ ଏପରି କୌଣସି କର୍ମ ନାହିଁ ଯାହା ସେ କରିବା ଆବଶ୍ୟକ । ଏଠାରେ କର୍ମକରିବା ଦ୍ୱାରା ତାହାର ଲାଭ କରିବାର କିଛି ନାହିଁ ବା କର୍ମ ନ କରିବା ଦ୍ୱାରା ମଧ୍ୟ ଲାଭ କରିବାର କିଛି ନାହିଁ, କୌଣସି ଈପ୍ସିତ ବସ୍ତୁ ଲାଭକରିବା ପାଇଁ ତାହାକୁ ଏ ସର୍ବଭୂତ ମଧ୍ୟରେ କାହା ଉପରେ ନିର୍ଭର କରିବାକୁ ହୁଏ ନାହିଁ ।''

ତା'ହେଲେ ଏଠାରେ ଦୁଇଟି ବିଭିନ୍ନ ଆଦର୍ଶ ରଖାଯାଇଛି ଓ ଦୁହେଁ ଦୁହିଁଙ୍କ ବିରୋଧରେ ନିଜର ସମସ୍ତ ମୌଳିକ ପାର୍ଥକ୍ୟ ଓ ବିରୋଧ ନେଇ ଛିଡ଼ା ହୋଇଛନ୍ତି । ଗୋଟିଏ ହେଉଛି ବୈଦିକ ଆଦର୍ଶ ଓ ଅପରଟି ବୈଦାନ୍ତିକ ଆଦର୍ଶ । ଗୋଟିଏ ପାର୍ଶ୍ୱରେ ଯଜ୍ଞ ଦ୍ୱାରା ଏବଂ ମନୁଷ୍ୟ ଓ ଦେବତାମାନଙ୍କ ଭିତରେ ପାରସ୍ପରିକ ନିର୍ଭରତା ଦ୍ୱାରା ଇହଲୋକରେ ଭୋଗ, ସୁଖ ଓ ପରକାଳରେ ପରମାର୍ଥଲାଭର ସକ୍ରିୟ ଆଦର୍ଶ ଓ ଏହାର ମୁଖାମୁଖୀ ହୋଇ, ଅନ୍ୟପାର୍ଶ୍ୱରେ ମୁକ୍ତପୁରୁଷର କଠୋରତର ଜୀବନର ଆଦର୍ଶ, ସେ ଆତ୍ମସତ୍ତାରେ ସ୍ୱାଧୀନ, କର୍ମ ବା ଭୋଗ ସହିତ ବା ନରଲୋକ ବା ଦେବଲୋକ ସହିତ ତାଙ୍କର କୌଣସି ସମ୍ପର୍କ ନାହିଁ, ସେ ପରମାତ୍ମାର ଶାନ୍ତି ଭିତରେ ବାସ କରନ୍ତି, ବ୍ରହ୍ମର ଅବିଚଳ ଆନନ୍ଦରେ ସେ ଆନନ୍ଦ ଲାଭ କରନ୍ତି । ପରବର୍ତ୍ତୀ କେତେକ ଶ୍ଳୋକରେ ଏହି ଦୁଇଟି ଚରମ ଆଦର୍ଶ ଭିତରେ ସମନ୍ୱୟ ଆଣିବା ପାଇଁ କ୍ଷେତ୍ର ପ୍ରସ୍ତୁତ କରାଯାଇଛି, କୁହାଯାଇଛି, ଉଚ୍ଚତର ସତ୍ୟର ଅଭିମୁଖୀ ହେଲେ ଯେ କର୍ମତ୍ୟାଗ କରିବାକୁ ହେବ ଏପରି ନୁହେଁ, ସେହି ସତ୍ୟଲାଭର ପୂର୍ବରୁ ଓ ପରେ ନିଷ୍କାମ କର୍ମସାଧନହିଁ ପ୍ରକୃତ ଗୂଢ଼ ରହସ୍ୟ । ମୁକ୍ତ ପୁରୁଷର କର୍ମ ଦ୍ୱାରା ଲାଭ କରିବାର କିଛି ନାହିଁ, ଅକର୍ମ ଦ୍ୱାରା ମଧ୍ୟ ଲାଭ କରିବାର କିଛି ନାହିଁ, ଏବଂ କୌଣସି ବ୍ୟକ୍ତିଗତ ଲାଭକ୍ଷତି ଦୃଷ୍ଟିରୁ ସେ କର୍ମକରିବ ବା କର୍ମ ନ କରିବାକୁ ସ୍ଥିର କରେ ନାହିଁ । ''ତେଣୁ ଯେଉଁ କର୍ମ କରିବାକୁ ଅଛି (ଜଗତ ପାଇଁ, ଲୋକ ସଂଗ୍ରହ ପାଇଁ ଏହି କର୍ମ ବିଷୟ ପରେ ସ୍ପଷ୍ଟ କରାଯାଇଛି) ସତତ ଅନାସକ୍ତ ହୋଇ ତାହା କର । ଅନାସକ୍ତ ଭାବରେ କର୍ମ କରିବା ଦ୍ୱାରାହିଁ ମନୁଷ୍ୟ ପରମଗତି ଲାଭ କରେ । କର୍ମ ଦ୍ୱାରାହିଁ ଜନକ ପ୍ରଭୃତି ମହାତ୍ମାମାନେ ସିଦ୍ଧି ଲାଭ କରିଛନ୍ତି ।'' ଏହା ସତ୍ୟ ଯେ କର୍ମ ଓ ଯଜ୍ଞ ପରମ ଶ୍ରେୟ ଲାଭର ଉପାୟ, 'ଶ୍ରେୟଃ ପରମ୍ ଅବାପ୍ସ୍ୟଥ' । କିନ୍ତୁ କର୍ମ ତିନିପ୍ରକାରର ହୋଇପାରେ, ଗୋଟିଏ ହେଉଛି ଯେଉଁସବୁ କର୍ମ ଯଜ୍ଞ ବିନା କେବଳ ବ୍ୟକ୍ତିଗତ ସୁଖଭୋଗ ଲାଗି କରାଯାଏ, ଏହି କର୍ମ ପୂରାପୂରି ସ୍ୱାର୍ଥପରତା ଓ ଅହଂଭାବରେ ପୂର୍ଣ୍ଣ, ଜୀବନର ଯଥାର୍ଥ ବିଧାନ, ଲକ୍ଷ୍ୟ ଓ ଉପଯୋଗରୁ ଏହା ବହୁଦୂରରେ, ''ମୋଘଂ ପାର୍ଥ ସ ଜୀବତି'' । ଦ୍ୱିତୀୟରେ ସେହିସବୁ କର୍ମ ଯାହାକି ସକାମ ହେଲେ ମଧ୍ୟ ଯଜ୍ଞର ସହିତ କରାଯାଏ ଏବଂ ଏହି କର୍ମରୁ ମିଳୁଥିବା ଭୋଗ, ସୁଖ କେବଳ ଯଜ୍ଞର ଫଳସ୍ୱରୂପହିଁ

ମିଳେ ଏବଂ ସେହି ପରିମାଣରେହିଁ ଏହା ଉତ୍ସର୍ଗୀକୃତ ଓ ବିଶୁଦ୍ଧ । ତୃତୀୟରେ ସେହିସବୁ କର୍ମ ଯାହା ନିଷ୍କାମ ଭାବରେ କୌଣସି ଆସକ୍ତି ନ ରଖି କରାଯାଏ । ଏହି ଶେଷୋକ୍ତ କର୍ମ ଦ୍ୱାରାହିଁ ମନୁଷ୍ୟ ପରମଗତି ଲାଭ କରେ, ''ପରମାପ୍ନୋତି ପୂରୁଷଃ'' ।

ଯଜ୍ଞ, କର୍ମ ଓ ବ୍ରହ୍ମ,– ଏହି ଶବ୍ଦଗୁଡ଼ିକୁ ଆମେ ଯେପରି ଭାବରେ ଅର୍ଥକରିବୁ ତାହାରି ଉପରେ ଏହି ଶିକ୍ଷାର ସମଗ୍ର ଅର୍ଥ ଓ ତାତ୍ପର୍ଯ୍ୟ ନିର୍ଭର କରୁଛି । ଯଜ୍ଞ କହିଲେ ଆମେ ଯଦି ବୈଦିକ ଆନୁଷ୍ଠାନିକ ଯଜ୍ଞ ବୋଲି ବୁଝୁ, ଯେଉଁକର୍ମରୁ ଏହାର ଉଦ୍ଭବ ତାହା ଯଦି ବେଦୋକ୍ତ କର୍ମବିଧି ହୁଏ, ଏବଂ ଯେଉଁ ବ୍ରହ୍ମ ଭିତରୁ ସମସ୍ତକର୍ମର ଉଦ୍ଭବ ତାହାକୁ ଯଦି କେବଳ ବେଦର ଶବ୍ଦ ଅର୍ଥରେ ଶବ୍ଦବ୍ରହ୍ମ ବୋଲି ବୁଝୁ ତା'ହେଲେ ବେଦବାଦୀମାନଙ୍କର ସମସ୍ତ ମତକୁ ସ୍ୱୀକାର କରି ନିଆଯିବ, ତା'ଛଡ଼ା ଅଧିକ ଆଉ କିଛି ରହିବ ନାହିଁ । ଏହି ମତାନୁସାରେ ଆନୁଷ୍ଠାନିକ ଯଜ୍ଞ ହେଉଛି ସନ୍ତାନ, ଧନ ଓ ଭୋଗଲାଭର ଯଥାର୍ଥ ଉପାୟ । ଆନୁଷ୍ଠାନିକ ଯଜ୍ଞ ଦ୍ୱାରାହିଁ ସ୍ୱର୍ଗରୁ ବୃଷ୍ଟି ଆନୟନ କରାଯାଏ ଏବଂ ପ୍ରଜାମାନଙ୍କର ସମୃଦ୍ଧି ଓ ବଂଶବିସ୍ତାର ହୋଇଥାଏ; ସମସ୍ତ ଜୀବନହିଁ ହେଉଛି ମନୁଷ୍ୟ ଓ ଦେବତାମାନଙ୍କ ଭିତରେ ଆଦାନ-ପ୍ରଦାନର ଏକ ଚିରନ୍ତନ ବ୍ୟାପାର, ଯେଉଁଥିରେ ମନୁଷ୍ୟ ଦେବତାମାନଙ୍କର ପ୍ରଦତ୍ତ ଭୋଗ୍ୟ ବସ୍ତୁ ଦ୍ୱାରା ଯଜ୍ଞାହୁତି ଦେଇ ଦେବତାମାନଙ୍କୁ ଅଂଶ ପ୍ରଦାନ କରେ ଓ ତାହା ବଦଳରେ ନିଜେ ସଂପଦଶାଳୀ ହୁଏ, ରକ୍ଷିତ ଓ ସଂବର୍ଦ୍ଧିତ ହୁଏ । ଅତଏବ ସମସ୍ତ ମାନବ-କର୍ମକୁହିଁ ଆନୁଷ୍ଠାନିକ ଯଜ୍ଞ ରୂପରେ ବିଧିବଦ୍ଧ ପୂଜା ସହିତ କରିବାକୁ ହେବ । ଯେଉଁ କର୍ମ ଏହିପରି ଭାବରେ ଦେବତାମାନଙ୍କୁ ଅର୍ପିତ ହୋଇ କରାହୋଇ ନ ଥାଏ ତାହା ଅଭିଶପ୍ତ, ପ୍ରଥମେ ଆନୁଷ୍ଠାନିକ ଯଜ୍ଞ ନ କରାଯାଇ ଓ ବିଧିପୂର୍ବକ ଅର୍ପଣ କରା ନ ଯାଇ ଯେଉଁ ଭୋଗ କରାଯାଏ ତାହା ପାପ । ଏପରିକି ମୋକ୍ଷ ମଧ, ପରମଶ୍ରେୟ ମଧ ଏହି ଆନୁଷ୍ଠାନିକ ଯଜ୍ଞ ଦ୍ୱାରା ଲାଭ କରାଯାଏ । ଏହାକୁ କେବେହେଲେ ପରିତ୍ୟାଗ କରିବାକୁ ହେବ ନାହିଁ । ଏପରିକି ମୁକ୍ତିକାମୀ ବ୍ୟକ୍ତିକୁ ମଧ ଅନାସକ୍ତ ଭାବରେ ଆନୁଷ୍ଠାନିକ ଯଜ୍ଞ ସଂପାଦନ କରିବାକୁ ହେବ । ଏହିପରି ଆନୁଷ୍ଠାନିକ ଯଜ୍ଞ ଓ ଶାସ୍ତ୍ରୋକ୍ତ କର୍ମକୁ ଅନାସକ୍ତ ଭାବରେ ସଂପାଦନ କରି ଜନକାଦି ମହାତ୍ମାମାନେ ଆଧାତ୍ମିକ ସିଦ୍ଧି ଓ ମୁକ୍ତି ଲାଭ କରିଥିଲେ ।

କିନ୍ତୁ ଗୀତାର ଅର୍ଥ ଯେ ଏହିପରି ହୋଇପାରେ ନା, ଏହା ସ୍ପଷ୍ଟ । କାରଣ ଗୀତାର ବାକୀ ଅନ୍ୟାନ୍ୟ ଅଂଶରେ ଯାହା କୁହାଯାଇଛି, ତାହା ଏହାର ସଂପୂର୍ଣ୍ଣ ବିପରୀତ । ଏପରିକି ଏହି ସ୍ଥାନରେ ମଧ ଯାହା କିଛି କୁହାଯାଇଛି, ଚତୁର୍ଥ ଅଧାୟରେ ଏ ସଂପର୍କରେ ଦିଆଯାଇଥିବା ପ୍ରାଞ୍ଜଳ ବ୍ୟାଖ୍ୟାକୁ ନ ଧରିଲେ ମଧ, ଆମେ ସେଇଥିରୁହିଁ ଯଜ୍ଞର ଏକ ବ୍ୟାପକ ଅର୍ଥ ପାଉ; କାରଣ ଏଠାରେ କୁହାଯାଇଛି ଯେ ''ଯଜ୍ଞ କର୍ମରୁ ଉତ୍ପନ୍ନ ଏବଂ କର୍ମ ବ୍ରହ୍ମରୁ ଉତ୍ପନ୍ନ ଏବଂ ବ୍ରହ୍ମ ଅକ୍ଷରରୁ ଉତ୍ପନ୍ନ, ଅତଏବ ସର୍ବଗତ ବ୍ରହ୍ମ ସର୍ବଦା ଯଜ୍ଞରେ

ପ୍ରତିଷ୍ଠିତ ଅଛନ୍ତି ।'' ଏଠାରେ ଏହି 'ଅତଏବ' ଶବ୍ଦର ପୂର୍ବାପର ସଂପର୍କ ସହିତ ବ୍ୟବହାର ଏବଂ 'ବ୍ରହ୍ମ' ଶବ୍ଦର ପୁନରୁକ୍ତି ପ୍ରଣିଧାନଯୋଗ୍ୟ, କାରଣ ଏଇଥିରୁହିଁ ସ୍ପଷ୍ଟ ବୁଝାଯାଉଛି ସମସ୍ତକର୍ମ ବ୍ରହ୍ମରୁ ଉତ୍ପନ୍ନ ବୋଲି କହିଲାବେଳେ କେଉଁ ଅର୍ଥରେ ବ୍ରହ୍ମ ଶବ୍ଦର ବ୍ୟବହାର କରାଯାଇଛି । ଏଠାରେ 'ବ୍ରହ୍ମ' ବେଦବାଦୀମାନଙ୍କର ପ୍ରଚଳିତ ଶବ୍ଦବ୍ରହ୍ମ ବା ବେଦ ଅର୍ଥରେ ବ୍ୟବହାର କରାଯାଇ ନାହିଁ, ଏଠାରେ ବ୍ରହ୍ମର ଅର୍ଥ ହେଉଛି ସେହି ସୃଜନକାରୀ ଶବ୍ଦ ଯାହାକି ସର୍ବଗତ ବ୍ରହ୍ମ ସଙ୍ଗରେ, ଶାଶ୍ୱତ ସନାତନ ସଙ୍ଗରେ, ସର୍ବ ଭୂତରେ ଓ ସର୍ବ କର୍ମରେ ଅବସ୍ଥିତ ସେହି ଏକ ଆତ୍ମା ସଙ୍ଗରେ ଏକ ଓ ଅଭିନ୍ନ । ଭଗବାନଙ୍କ ବିଷୟରେ ଓ ଶାଶ୍ୱତ ବିଷୟରେ ଜ୍ଞାନହିଁ ହେଉଛି ବେଦ, ପରବର୍ତ୍ତୀ ଏକ ଅଧ୍ୟାୟରେ ଶ୍ରୀକୃଷ୍ଣ କହିଛନ୍ତି, ''ବେଦମାନଙ୍କ ଦ୍ୱାରା ମୁଁହିଁ ହେଉଛି ବେଦ୍ୟ ଅର୍ଥାତ୍ ଜ୍ଞାତବ୍ୟ ବିଷୟ, 'ବେଦୈଶ୍ଚ ବେଦ୍ୟଃ'; କିନ୍ତୁ ପ୍ରକୃତିର କ୍ରିୟା ମଧ୍ୟରେ, ତ୍ରିଗୁଣର କ୍ରିୟା ମଧ୍ୟରେ ତାଙ୍କର ଯେଉଁ ସ୍ୱରୂପ, ବେଦରେ ତାହାଙ୍କ ସମ୍ବନ୍ଧରେ କେବଳ ସେହି ଜ୍ଞାନହିଁ ମିଳେ 'ତ୍ରୈଗୁଣ୍ୟବିଷୟା ବେଦାଃ' । ପ୍ରକୃତିର କ୍ରିୟା ଭିତରେ ଏହି ଯେଉଁ ବ୍ରହ୍ମ ବା ଭଗବାନ୍ ତାହା ଅକ୍ଷର ବ୍ରହ୍ମ ବା ଅକ୍ଷର ପୁରୁଷ ଭିତରୁ ଉତ୍ପନ୍ନ ବୋଲି କୁହାଯାଇପାରେ, ଏହି ଅକ୍ଷର ପୁରୁଷ ପ୍ରକୃତିର ସମସ୍ତ ଗୁଣ କ୍ରିୟାର ଊର୍ଦ୍ଧ୍ୱରେ, ନିସ୍ତ୍ରୈଗୁଣ୍ୟ । ବ୍ରହ୍ମ ଏକ କିନ୍ତୁ ଏହାର ଆତ୍ମପ୍ରକାଶର ସ୍ୱରୂପ ଦୁଇପ୍ରକାର, ଗୋଟିଏ ହେଉଛି ଅକ୍ଷର ସତ୍ତା ଓ ଅନ୍ୟଟି ହେଉଛି କ୍ଷର, ଜଗତର ସକଳ କର୍ମର ସ୍ରଷ୍ଟା ଓ ପ୍ରବର୍ତ୍ତକ, ଆତ୍ମା, ସର୍ବଭୂତାନି । ଏହା ହେଉଛି ବସ୍ତୁସକଳରେ ସ୍ଥିତ ଅଚଳ ସର୍ବବ୍ୟାପୀ ଆତ୍ମା ଓ ଏହା ମଧ୍ୟ ବସ୍ତୁସକଳର ସମସ୍ତ ଗତିଶୀଳ କର୍ମର ଆଧ୍ୟାତ୍ମିକ ତତ୍ତ୍ୱ, ଆତ୍ମସ୍ଥିତ ନିଷ୍କ୍ରିୟ ପୁରୁଷ ଏବଂ ପ୍ରକୃତିରେ କ୍ରିୟାଶୀଳ ପୁରୁଷ — ଏହାହିଁ ବ୍ରହ୍ମର ଦୁଇଟି ଭାବ ଅକ୍ଷର ଓ କ୍ଷର । ଏହି ଉଭୟ ସ୍ୱରୂପରେ ଭଗବାନ୍ 'ପୁରୁଷୋତ୍ତମ' ବିଶ୍ୱରେ ନିଜକୁ ଅଭିବ୍ୟକ୍ତ କରନ୍ତି; ସର୍ବଗୁଣର ଅତୀତ ଅକ୍ଷରହିଁ ତାଙ୍କର ଶାନ୍ତି, ଆତ୍ମସ୍ଥତା ଓ ସମତା ଅବସ୍ଥା, 'ସମମ୍ ବ୍ରହ୍ମ'; ସେଇଥିରୁହିଁ ପ୍ରକୃତିର ଗୁଣଭିତରେ ଓ ସେହି ଗୁଣମାନଙ୍କର ବିଶ୍ୱକର୍ମଧାରା ଭିତରେ ତାଙ୍କର ପ୍ରାକଟ୍ୟର ଲୀଳା ଚାଲୁଅଛି । ପ୍ରକୃତି ମଧ୍ୟରେ ସ୍ଥିତ ପୁରୁଷ ଭିତରୁ ଓ ଏହି ସଗୁଣ ବ୍ରହ୍ମ ଭିତରୁ ବିଶ୍ୱଶକ୍ତିର ସମସ୍ତ କର୍ମର ଉତ୍ପତ୍ତି*, ଏହି କର୍ମରୁ ଯଜ୍ଞର ତତ୍ତ୍ୱ ଉଦ୍ଭୂତ । ଏପରିକି ଦେବତା

---

* ଏହି ବ୍ୟାଖ୍ୟା ଯେ ସମୀଚୀନ ତାହା ଅଷ୍ଟମ ଅଧ୍ୟାୟର ପ୍ରଥମ ଭାଗରୁହିଁ ବୁଝାଯାଏ, ସେଠାରେ ନିମ୍ନଲିଖିତ ବିଶ୍ୱତତ୍ତ୍ୱଗୁଡ଼ିକ ବର୍ଣ୍ଣିତ ହୋଇଛି, ଅକ୍ଷର (ବ୍ରହ୍ମ), ସ୍ୱଭାବ, କର୍ମ, କ୍ଷରଭାବ, ପୁରୁଷ, ଅଧିଯଜ୍ଞ । ଅକ୍ଷର ହେଉଛି ଅକ୍ଷର ବ୍ରହ୍ମ ବା ଆତ୍ମା, ସ୍ୱଭାବ ହେଉଛି ଆତ୍ମାର ତତ୍ତ୍ୱ, ଅଧ୍ୟାତ୍ମ, ଏହା ସତ୍ତାର ମୂଳ ପ୍ରକୃତି ରୂପେ, ବିବର୍ତ୍ତନର ନିଜସ୍ୱ ଧାରାରୂପେ କର୍ମକରେ ଏବଂ ଏହା ଆତ୍ମାଭିତରୁ ଓ ଅକ୍ଷର ଭିତରୁ ଉତ୍ପନ୍ନ । ସେହି ସ୍ୱଭାବ ଭିତରୁ କର୍ମର ଉତ୍ପତ୍ତି ଏବଂ ସେହି କର୍ମହିଁ ସୃଷ୍ଟିର ଧାରା, ବିସର୍ଗ, ଏହାରି ଦ୍ୱାରା ସମସ୍ତ ପ୍ରାକୃତ ସତ୍ତା

ଓ ମନୁଷ୍ୟମାନଙ୍କ ଭିତରେ ଦ୍ରବ୍ୟାଦିର ଯେଉଁ ଆଦାନ-ପ୍ରଦାନ, ତାହା ମଧ୍ୟ ଏହି ତତ୍ତ୍ୱକୁ ଅନୁସରଣ କରି ହେଉଥାଏ; ଯେପରି ବୃଷ୍ଟି ଓ ତହିଁରୁ ଉତ୍ପନ୍ନ ହେଉଥିବା ଅନ୍ନ ଏହି କ୍ରିୟା ଉପରେ ନିର୍ଭରକରେ ଏବଂ ଜୀବଗଣଙ୍କର ଶାରୀରିକ ଜନ୍ମ ଏହି ଅନ୍ନ ଉପରେ ନିର୍ଭର କରେ । ପ୍ରକୃତିର ସମସ୍ତ କ୍ରିୟା ହେଉଛି ପ୍ରକୃତରେ ଏକ ଯଜ୍ଞ ଏବଂ ଭଗବାନହିଁ ହେଉଛନ୍ତି ସମସ୍ତ ତପ, କର୍ମ ଓ ଯଜ୍ଞର ଭୋକ୍ତା ଏବଂ ସର୍ବଭୂତର ମହେଶ୍ୱର – ଭୋକ୍ତାରଂ ଯଜ୍ଞତପସାଂ ସର୍ବଭୂତମହେଶ୍ୱରମ୍ । ଏବଂ ସର୍ବଗତ ତଥା ଯଜ୍ଞରେ ନିତ୍ୟ ପ୍ରତିଷ୍ଠିତ, 'ସର୍ବଗତଂ ଯଜ୍ଞେ ପ୍ରତିଷ୍ଠିତମ୍' – ଏହି ଭଗବାନଙ୍କୁ ଜାଣିବାହିଁ ସତ୍ୟ ଜ୍ଞାନ, ବୈଦିକ ଜ୍ଞାନ ।

କିନ୍ତୁ ଦେବଗଣଙ୍କ ଭିତର ଦେଇ ଭଗବାନଙ୍କର ଯେଉଁ ନ୍ୟୂନତର କ୍ରିୟା ଚାଲିଥାଏ, ଆମେ ତାହା ଭିତରେ ମଧ୍ୟ ତାଙ୍କୁ ଜାଣିପାରୁ । ଦେବଗଣ ହେଉଛନ୍ତି ପ୍ରକୃତି ଭିତରେ ଭଗବାନଙ୍କର ଶକ୍ତି; ଏହିସବୁ ଶକ୍ତି ଅର୍ଥାତ୍ ଦେବଗଣ ଏବଂ ମନୁଷ୍ୟ ଭିତରେ ପରସ୍ପର ଯେଉଁ ଆଦାନ ପ୍ରଦାନ ଚାଲିଛି ଏବଂ ପରସ୍ପର ଭିତରେ ସାହାଯ୍ୟ ସଂବର୍ଦ୍ଧନର ଓ ପରସ୍ପରର କର୍ମ ଓ ସନ୍ତୋଷକୁ ଉନ୍ନୀତ କରିବାର ଏହି ଯେଉଁ ସବୁକାର୍ଯ୍ୟ ଚାଲିଛି ତାହାକୁ ଅନୁସରଣ କରି ମନୁଷ୍ୟ କ୍ରମଶଃ ପରମ ଶ୍ରେୟଲାଭର ପାତ୍ର ହୋଇଉଠେ । ସେ ବୁଝିପାରେ ଯେ ପ୍ରକୃତି ଭିତରେ ଭଗବାନଙ୍କର ଏହି ଯେଉଁ କର୍ମଧାରା ଚାଲିଛି, ତା'ର ନିଜର ଜୀବନ ତାହାରହିଁ ଏକ ଅଂଶ, ତା'ଠାରୁ ସ୍ୱତନ୍ତ୍ର ନୁହେଁ ବା ଏପରି ଏକ ବସ୍ତୁ ନୁହେଁ ଯାହାକୁ କେବଳ ନିଜ ପାଇଁ ଧାରଣ କରାଯିବ । ତା'ର ସମସ୍ତ ଭୋଗ ଓ କାମନା-ବାସନାର ତୃପ୍ତିକୁ ସେ ଯଜ୍ଞର ଫଳ ବୋଲି ଓ ଦିବ୍ୟ ବିଶ୍ୱକ୍ରିୟାରେ ରତ ଦେବତାମାନଙ୍କର ଦାନ ବୋଲିହିଁ ଗ୍ରହଣ କରେ । ସେ ଆଉ ସେସବୁ ଭୋଗ ଓ କାମନା-ବାସନା ପଛରେ ପାପମୟ ସ୍ୱାର୍ଥପରତା ଓ ଅହଂର ମିଥ୍ୟା ଓ ମନ୍ଦ ଭାବ ନେଇ ଦଉଡ଼େ ନାହିଁ ଓ ଆଉ ଏପରି ଭାବେ ନାହିଁ ଯେ ସେହି କାମ୍ୟ ବସ୍ତୁସବୁକୁ ସେ ନିଜର ଶକ୍ତିବଳରେ ସଂସାରରୁ ଅଧିକାର କରି ନେଇଯିବ ଓ ତାହା ଲାଭ କରିବାକୁ କୌଣସି ପ୍ରତିଦାନର ବା କୌଣସି କୃତଜ୍ଞତାର ପ୍ରୟୋଜନ ନାହିଁ । ତା'ର ନିଜ ଭିତରେ ଏହି ଭାବ ଯେତିକି ବର୍ଦ୍ଧିତ ହୁଏ, କାମନା-ବାସନା ଉପରେ ତା'ର ସେତିକି ପ୍ରଭୁତ୍ୱ ଆସେ, ଯଜ୍ଞକୁହିଁ ଜୀବନ ଓ କର୍ମର ନୀତି ରୂପେ

---

ଏବଂ ସତ୍ତାର ସମସ୍ତ ପରିବର୍ତ୍ତନଶୀଳ ଆନ୍ତର ଓ ବାହ୍ୟରୂପ ଉଦ୍ଭୂତ ହୁଏ । ତେଣୁ ଏହି ସମସ୍ତ ପରିବର୍ତ୍ତନଶୀଳ ଜଗତସବୁହିଁ କର୍ମର ଫଳ, ମୂଳ ସ୍ୱଭାବରୁହିଁ ଉତ୍ପନ୍ନହୋଇ ପ୍ରକୃତିର ଏହିସବୁ ବୈଚିତ୍ର୍ୟ, ସ୍ୱଭାବରୁ ଉତ୍ପନ୍ନ କ୍ଷର ଭାବ । ପୁରୁଷହିଁ ଅନ୍ତରାତ୍ମା, ଏହି କ୍ଷର ଜଗତରେ ତାହାହିଁ ଭଗବାନଙ୍କର ଅଂଶ, ଅଧିଦୈବତ, ତାହାଙ୍କର ଅବସ୍ଥାନ ହେତୁ କର୍ମସକଳ ଅନ୍ତରସ୍ଥ ଭଗବାନଙ୍କ ଉଦ୍ଦେଶ୍ୟରେ ଯଜ୍ଞସ୍ୱରୂପ ହୋଇଥାଏ, ଏହି ଯେ ଗୁହାଶୟସ୍ଥିତ ଭଗବାନ୍ ଯଜ୍ଞ ଗ୍ରହଣ କରନ୍ତ ସେଇହିଁ ଅଧିଯଜ୍ଞ ।

ଗ୍ରହଣ କରି ସନ୍ତୁଷ୍ଟ ହୁଏ, ଯଜ୍ଞାବଶେଷ ଯାହା ପାଏ ସେତିକିରେ ପରିତୃପ୍ତ ହୁଏ, ବାକୀ ସବୁକିଛିକୁ ସେ ଅକୁଣ୍ଠିତ ଭାବରେ ନିଜ ଜୀବନ ଓ ବିଶ୍ୱଜୀବନ ଭିତରେ କଲ୍ୟାଣକର ମହାନ୍ ଆଦାନପ୍ରଦାନର ଅର୍ଘ୍ୟରୂପେ ପ୍ରଦାନ କରେ । ଯେ କର୍ମର ଏହି ନୀତିର ବିରୁଦ୍ଧାଚରଣ କରେ, ଏବଂ ନିଜର ସ୍ୱତନ୍ତ୍ର ବ୍ୟକ୍ତିଗତ ସ୍ୱାର୍ଥ ପାଇଁ କର୍ମ ଓ ଭୋଗର ଅନୁସରଣ କରେ ତାହାର ଜୀବନ ବୃଥା । ସେ ଜୀବନର ପ୍ରକୃତ ଅର୍ଥ, ଲକ୍ଷ୍ୟ ଓ ଉପଯୋଗିତା ଧରିପାରେ ନାହିଁ ଓ ଆତ୍ମୋନ୍ନତିମୂଳକ ବିକାଶରୁ ବଞ୍ଚିତ ହୁଏ, ଯେଉଁ ମାର୍ଗରେ ଗଲେ ପରମଶ୍ରେୟଃ ଲାଭ ହୁଅନ୍ତା ସେ ସେପଥର ପଥିକ ନୁହେଁ । କିନ୍ତୁ ଯଥାର୍ଥରେ ପରମଶ୍ରେୟଃ ଲାଭ ହୁଅନ୍ତା ସେ ସେପଥର ପଥିକ ନୁହେଁ । କିନ୍ତୁ ଯଥାର୍ଥରେ ପରମଶ୍ରେୟଃ କେବଳ ସେତିକିବେଳେ ଲାଭହୁଏ, ଯେତେବେଳେ ଯଜ୍ଞ ଆଉ କେବଳ ଦେବଗଣଙ୍କ ଉଦ୍ଦେଶ୍ୟରେ କରା ନ ହୋଇ ହୁଏ ଯଜ୍ଞରେ ପ୍ରତିଷ୍ଠିତ ସେଇ ଏକ ସର୍ବଗତ ପରମେଶ୍ୱରଙ୍କ ଉଦ୍ଦେଶ୍ୟରେ, ଦେବଗଣ ଯାହାଙ୍କର ନିମ୍ନତର ରୂପ ଓ ଶକ୍ତି । ପରମଶ୍ରେୟଃ କେବଳ ସେତିକିବେଳେ ଲାଭ ହୁଏ ଯେତେବେଳେ ମନୁଷ୍ୟ ତା'ର କାମନା-ବାସନା ଓ ଭୋଗପରାୟଣ ଅଧମାତ୍ମାକୁ ପରିତ୍ୟାଗ କରେ ଓ ବ୍ୟକ୍ତିଗତ ଭାବରେ ନିଜେ ସବୁ କରୁଛି ବୋଲି ଏହି କର୍ତ୍ତୃଭାବ ପରିତ୍ୟାଗ କରି ପ୍ରକୃତିକୁହିଁ ସକଳକର୍ମର କର୍ତ୍ତ୍ରୀ ବୋଲି ମନେକରେ ଏବଂ ନିଜକୁ ଭୋକ୍ତାବୋଲି ମନେ ନ କରି ବିଶ୍ୱାତ୍ମା ପରମ ପୁରୁଷଙ୍କୁ ପ୍ରକୃତିର ସକଳ କାର୍ଯ୍ୟର ଭୋକ୍ତା ବୋଲି ଉପଲବ୍ଧି କରେ । ନିଜର କୌଣସି ବ୍ୟକ୍ତିଗତ ଭୋଗରେ ନୁହେଁ, ସେହି ପରମାତ୍ମାରେହିଁ ସେ ତା'ର ଏକମାତ୍ର ତୃପ୍ତି, ପୂର୍ଣ୍ଣ ସନ୍ତୋଷ ଓ ବିମଳ ଆନନ୍ଦ ଲାଭକରେ । ସେତେବେଳେ କର୍ମରୁ ବା କର୍ମହୀନତାରୁ ତା'ର କୌଣସି ଲାଭାଲାଭ ନ ଥାଏ, କୌଣସି କିଛି ପାଇଁ ତାହାକୁ ଦେବତା ବା ମନୁଷ୍ୟ କାହା ଉପରେ ନିର୍ଭର କରିବାକୁ ହୁଏ ନାହିଁ, କାହାଠାରୁ କୌଣସି ଲାଭର ପ୍ରତ୍ୟାଶା ରଖେ ନାହିଁ, ଆତ୍ମାନନ୍ଦରେହିଁ ତାହାର ସଂପୂର୍ଣ୍ଣ ତୃପ୍ତି, କିନ୍ତୁ କେବଳ ଭଗବାନଙ୍କ ଉଦ୍ଦେଶ୍ୟରେ ଯଜ୍ଞରୂପେ ଆସକ୍ତି ଓ କାମନାଶୂନ୍ୟ ହୋଇ କର୍ମ କରେ । ଏହି ଭାବରେ ସେ ସମତା ଲାଭ କରେ ଏବଂ ପ୍ରକୃତିର ଗୁଣରୁ ମୁକ୍ତିଲାଭ କରେ, ନିସ୍ତ୍ରୈଗୁଣ୍ୟ ହୁଏ । ତାହାର ଆତ୍ମା ପ୍ରକୃତିର ଅନିଶ୍ଚିତତା ମଧ୍ୟରେ ନୁହେଁ, ଅକ୍ଷରବ୍ରହ୍ମର ଶାନ୍ତିରେହିଁ ପ୍ରତିଷ୍ଠିତ ହୁଏ, ଏପରିକି ଯେତେବେଳେ ପ୍ରକୃତିର କର୍ମଧାରା ଭିତରେ ତା'ର କର୍ମଚାଲୁଥାଏ ସେତେବେଳେ ମଧ୍ୟ । ଏହିପରି ଭାବରେ ଯଜ୍ଞହିଁ ହୁଏ ତା'ର ପରମ ଶ୍ରେୟଃଲାଭର ପଥ ।

ଯଜ୍ଞ ସମ୍ବନ୍ଧରେ ଗୀତାର ଏହି ଅଂଶର ଉପରୋକ୍ତ ବ୍ୟାଖ୍ୟା ଯେ ଯଥାର୍ଥ ତାହା ଗୀତାର ପରବର୍ତ୍ତୀ ଅଂଶଗୁଡ଼ିକରେ ସ୍ପଷ୍ଟ ହୋଇଛି । ପରେ କୁହାଯାଇଛି ଯେ 'ଲୋକ ସଂଗ୍ରହ'ହିଁ କର୍ମର ଉଦ୍ଦେଶ୍ୟ, ଏକମାତ୍ର ପ୍ରକୃତିହିଁ ସମସ୍ତ କର୍ମ କରେ ଓ ଭାଗବତ ପୁରୁଷ

ଏହିସବୁ କର୍ମର ସମାନ ଭର୍ତ୍ତା, ଏବଂ ସମସ୍ତ କର୍ମ, ଏପରିକି କର୍ମ କରାଯାଉଥିବା ସମୟରେ ମଧ୍ୟ ତାହାଙ୍କୁହିଁ ଅର୍ପଣ କରିବାକୁ ହେବ; କର୍ମର ଆନ୍ତରତ୍ୟାଗ ଓ ଅର୍ପଣ ସଙ୍ଗେ ସଙ୍ଗେ ସ୍ଥୂଳ ବାହ୍ୟରେ ସେଗୁଡ଼ିକୁ ଆଚରଣ କରିବା – ଏହାହିଁ ଯଜ୍ଞର ପରିଣତି । ଏହି ଭାବରେ ସମତାର ସହିତ ବାସନାଶୂନ୍ୟ ହୋଇ ଯଜ୍ଞରୂପେ କର୍ମ କରିବା ଦ୍ୱାରାହିଁ କର୍ମବଂଧନରୁ ମୁକ୍ତିଲାଭ ହୁଏ । "ଯାହା ମିଳେ ସେତିକିରେ ଯେ ସନ୍ତୁଷ୍ଟ, କର୍ମର ସଫଳତା ଓ ବିଫଳତାରେ ଯେ ସମଭାବ ରକ୍ଷାକରି ରହେ, ସେ କର୍ମ କରି ମଧ୍ୟ ସେଥିରେ ଆବଦ୍ଧ ହୁଏ ନାହିଁ । ଯେତେବେଳେ କୌଣସି ଅନାସକ୍ତ ମୁକ୍ତ ପୁରୁଷ ଯଜ୍ଞ ହିସାବରେ କର୍ମ କରନ୍ତି, ସେତେବେଳେ ତାଙ୍କର ସମସ୍ତ କର୍ମ ଲୟପ୍ରାପ୍ତ ହୁଏ"* । ଅର୍ଥାତ୍ ତାଙ୍କର ମୁକ୍ତ, ଶୁଦ୍ଧ, ସିଦ୍ଧ ଓ ସମ ଆତ୍ମା ଉପରେ ସେହି କର୍ମର କୌଣସି ବନ୍ଧନକାରୀ ପରିଣାମ ବା କୌଣସି ଦାଗ ରହେ ନାହିଁ । ଏହି ଶ୍ଳୋକଗୁଡ଼ିକ ଉପରେ ଆମେ ପୁଣି ପରେ ଆଲୋଚନା କରିବା । ଏହି ଶ୍ଳୋକଗୁଡ଼ିକ ପରେ ଯଜ୍ଞର ଯେଉଁ ବିଶଦ ବ୍ୟାଖ୍ୟା କରାଯାଇଛି, ଯେଉଁ ଭାଷା ପ୍ରୟୋଗ କରାଯାଇଛି, ସେଥିରୁ ନିଃସନ୍ଦେହ ରୂପେ ବୁଝାଯାଏ ଯେ ଯଜ୍ଞସମ୍ପର୍କୀୟ ଏହିସବୁ କଥା ରୂପକଭାବରେହିଁ ବ୍ୟବହୃତ ହୋଇଛି ଓ ଗୀତାରେ ଯେଉଁ ଯଜ୍ଞ ବିଷୟରେ କୁହାଯାଇଛି ତାହା ବାହ୍ୟ କର୍ମ ନୁହେଁ, ଆନ୍ତର କର୍ମ । ପ୍ରାଚୀନ ବୈଦିକ ପଦ୍ଧତିରେ ସର୍ବଦା ଦୁଇପ୍ରକାର ଅର୍ଥ ରହୁଥିଲା – ଦୈହିକ ଓ ମନସ୍ତାତ୍ତ୍ୱିକ, ବାହ୍ୟିକ ଓ ରୂପକାତ୍ମକ, ଯଜ୍ଞର ବାହ୍ୟାନୁଷ୍ଠାନ ଓ ତାହାର ନାନା ବିଧିବିଧାନର ଗୂଢ଼ ଆନ୍ତର ଅର୍ଥ । କିନ୍ତୁ ପ୍ରାଚୀନ ବୈଦିକ ଋଷିମାନଙ୍କର ସେହି ଗୂଢ଼ ରୂପକାତ୍ମକ ଭାଷା, ଯାହା ବରାବର ଯଥାଯଥ, ଅପୂର୍ବ, ରହସ୍ୟମୟ, କବିତ୍ୱପୂର୍ଣ୍ଣ ଓ ମନସ୍ତାତ୍ତ୍ୱିକ ଥିଲା ତାହାକୁ ଲୋକମାନେ ବହୁଦିନ ଧରି ଭୁଲିଯାଇଥିଲେ ଏବଂ ତା ସ୍ଥାନରେ ଗୀତାରେ ବେଦାନ୍ତ ଓ ପରବର୍ତ୍ତୀ ଯୋଗର ଭାବାନୁସାରେ ଯଜ୍ଞର ଏକ ବ୍ୟାପକ, ସାଧାରଣ ଓ ଦାର୍ଶନିକ ବ୍ୟାଖ୍ୟା ଦିଆଯାଇଥିଲା । ଯଜ୍ଞର ଅଗ୍ନି ସ୍ଥୂଳ ଅଗ୍ନି ନୁହେଁ, ଏହା ବ୍ରହ୍ମାଗ୍ନି, ବା ଏହା ବ୍ରହ୍ମମୁଖୀ ଊର୍ଦ୍ଧ୍ୱଗାମୀ ଶକ୍ତି, ଆନ୍ତର ଅଗ୍ନି, ଏହି ଅଗ୍ନି ଯଜ୍ଞର ପୁରୋହିତ ସ୍ୱରୂପ, ଯାହାଙ୍କ ଉଦ୍ଦେଶ୍ୟରେ ସବୁ ଅର୍ପଣ କରାଯାଏ । ପୁଣି ଆତ୍ମସଂଯମହିଁ ଅଗ୍ନି, ବା ଶୁଦ୍ଧ ଇନ୍ଦ୍ରିୟ-କ୍ରିୟାହିଁ ଅଗ୍ନି ବା ରାଜଯୋଗ ଓ ହଠଯୋଗରେ ପ୍ରାଣାୟାମ ସାଧନ ଦ୍ୱାରା ନିୟମିତ ପ୍ରାଣଶକ୍ତିହିଁ ଅଗ୍ନି, ବା ଆତ୍ମଜ୍ଞାନହିଁ ଅଗ୍ନି, ପରମ ଯଜ୍ଞର ଅଗ୍ନିଶିଖା । ଯଜ୍ଞର ଅବଶିଷ୍ଟ ଯାହା ଭକ୍ଷଣ କରାଯାଏ ତାହାକୁ ଅମୃତ କୁହାଯାଇଛି ଯାହା ଭକ୍ଷଣ

---

* ଯଦୃଚ୍ଛାଲାଭସନ୍ତୁଷ୍ଟୋ ଦ୍ୱନ୍ଦ୍ୱାତୀତୋ ବିମତ୍ସରଃ ।
ସମଃ ସିଦ୍ଧାବସିଦ୍ଧୌ ଚ କୃତ୍ୱାପି ନ ନିବଧ୍ୟତେ ॥
ଗତସଙ୍ଗସ୍ୟ ମୁକ୍ତସ୍ୟ ଜ୍ଞାନାବସ୍ଥିତଚେତସଃ ।
ଯଜ୍ଞାୟାଚରତଃ କର୍ମ ସମଗ୍ରଂ ପ୍ରବିଲୀୟତେ ॥ (୪/୨୨, ୨୩)

କଲେ ଅମରତ୍ୱ ଲାଭ କରାଯାଏ, ଏହାହିଁ ହୁତଶେଷ ଅମୃତ । ଏଠାରେ ଆମେ ଦେଖୁ ପ୍ରାଚୀନ ବୈଦିକ ରୂପକର ଭାଷା କିଛି କିଛି ରହିଛି ଯେଉଁଠି ସୋମରସକୁ ଅମୃତର ସ୍ଥୂଳ ପ୍ରତୀକ ବୋଲି କୁହାଯାଇଛି,– ଅମୃତ ହେଉଛି ଅମରତ୍ୱ-ପ୍ରଦାୟିନୀ ସେହି ଦିବ୍ୟ ଆନନ୍ଦ ଯାହା ଯଜ୍ଞ ଦ୍ୱାରା ଲାଭ କରାଯାଏ ଓ ଯାହା ଦେବଗଣଙ୍କୁ ଅର୍ପିତ ହୁଏ ଓ ମନୁଷ୍ୟମାନେ ପାନ କରନ୍ତି । ଏଠାରେ ଅର୍ପଣର ଅର୍ଥ ହେଉଛି ମନୁଷ୍ୟର ଶାରୀରିକ ବା ମାନସିକ ଶକ୍ତିର କ୍ରିୟାର ଉତ୍ସର୍ଗ : ଯେତେବେଳେ ସେ ଶରୀର ବା ମନ ଦ୍ୱାରା କୌଣସି କର୍ମକୁ ଉତ୍ସର୍ଗ କରେ ଦେବତାମାନଙ୍କ ଉଦ୍ଦେଶ୍ୟରେ ବା ଭଗବାନଙ୍କ ଉଦ୍ଦେଶ୍ୟରେ, ଆତ୍ମା ଉଦ୍ଦେଶ୍ୟରେ ବା ବିଶ୍ୱଶକ୍ତି ଉଦ୍ଦେଶ୍ୟରେ ବା ନିଜର ଊର୍ଦ୍ଧ୍ୱତନ ଆତ୍ମା ବା ମାନବଜାତି ଓ ସର୍ବଭୂତର ଆତ୍ମା ଉଦ୍ଦେଶ୍ୟରେ ।

ଯଜ୍ଞର ଏହି ବିଶଦ ବ୍ୟାଖ୍ୟାର ଉପକ୍ରମ ହୋଇଛି ଏକ ବ୍ୟାପକ ଓ ବିଶାଳ ସଂଜ୍ଞା ନେଇ ଯେଉଁଠି ଘୋଷଣା କରାଯାଇଛି ଯଜ୍ଞର କ୍ରିୟା, ଯଜ୍ଞର ଅଗ୍ନି, ଯଜ୍ଞର ହବି, ଯଜ୍ଞର ହୋତା ଓ ଯଜ୍ଞର ଭୋକ୍ତା, ଯଜ୍ଞର ଲକ୍ଷ୍ୟ ଓ ଯଜ୍ଞର ଉଦ୍ଦେଶ୍ୟ ସବୁହିଁ ସେହି ଏକ ବ୍ରହ୍ମ । ''ଅର୍ପଣ ବ୍ରହ୍ମ, ଉତ୍ସର୍ଗର ଦ୍ରବ୍ୟ ବ୍ରହ୍ମ, ବ୍ରହ୍ମ ଦ୍ୱାରାହିଁ ଏହା ବ୍ରହ୍ମାଗ୍ନିରେ ଅର୍ପିତ; ବ୍ରହ୍ମକର୍ମରେ ସମାଧି ଦ୍ୱାରା ବ୍ରହ୍ମଙ୍କୁହିଁ ଲାଭ କରିବାକୁ ହେବ''* । ତାହେଲେ ଏହାହିଁ ହେଉଛି ସେହି ଜ୍ଞାନ, ଯେଉଁଥିରେ ଯୁକ୍ତହୋଇ ମୁକ୍ତ ପୁରୁଷ ଯଜ୍ଞକର୍ମ କରିବେ । 'ସୋଽହମ୍', 'ସର୍ବଂ ଖଲ୍ୱିଦଂ ବ୍ରହ୍ମ' ଏହି ଆତ୍ମାହିଁ ବ୍ରହ୍ମ, 'ବ୍ରହ୍ମ ଏବ ପୁରୁଷଃ' । ଏହିସବୁ ମହାନ୍ ବେଦାନ୍ତ ବାକ୍ୟରେ ଏହି ଜ୍ଞାନହିଁ ଘୋଷିତ ହୋଇଛି । ଏହାହିଁ ସମଗ୍ର ଏକତ୍ୱର ଜ୍ଞାନ, ସେହି ପରମ ଏକହିଁ କର୍ତ୍ତା, କର୍ମ ଓ କର୍ମର ଲକ୍ଷ୍ୟ ରୂପେ, ଜ୍ଞାତା, ଜ୍ଞାନ ଏବଂ ଜ୍ଞେୟରୂପେ ଅଭିବ୍ୟକ୍ତ ହୋଇଛନ୍ତି । ଯେଉଁ ବିଶ୍ୱଶକ୍ତିରେ କର୍ମର ଆହୁତି ଦିଆଯାଉଛି ସେ ଭଗବାନ୍, ଆହୁତିଦାନର ଏହି ଉତ୍ସର୍ଗୀକୃତ କ୍ରିୟା ମଧ୍ୟ ଭଗବାନ୍, ଯାହା ଅର୍ପଣ କରାଯାଉଛି ତାହା ମଧ୍ୟ ଭଗବାନଙ୍କର କୌଣସି ନା କୌଣସି ଏକ ରୂପ, ଯେ ଅର୍ପଣ କରୁଛନ୍ତି ସେ ମଧ୍ୟ ମନୁଷ୍ୟ ମଧ୍ୟରେ ସ୍ୱୟଂ ଭଗବାନ୍; କ୍ରିୟା, କର୍ମ, ଯଜ୍ଞ ସବୁହିଁ ଗତି ରୂପେ ଓ କର୍ମରୂପେ ସେହି ଭଗବାନ୍, ଯଜ୍ଞ ଦ୍ୱାରା ଯେଉଁ ଲକ୍ଷ୍ୟରେ ପହଞ୍ଚିବାକୁ ହେବ ସେ ମଧ୍ୟ ଭଗବାନ୍ । ଯେଉଁ ମନୁଷ୍ୟର ଏହି ଜ୍ଞାନ ଅଛି, ଯେ ଏହି ଜ୍ଞାନରେ ରହେ ଓ କର୍ମ କରେ ତା'ପାଇଁ ବନ୍ଧନ ହେଲାପରି କୌଣସି କର୍ମ ନାହିଁ, ତା'ର ବ୍ୟକ୍ତିଗତ ବା ଅହଂଭାବପ୍ରଣୋଦିତ କୌଣସି କର୍ମ ନାହିଁ; କେବଳ ଭାଗବତ ପୁରୁଷହିଁ ତାଙ୍କ ନିଜ ସତ୍ତାର ଭାଗବତ ପ୍ରକୃତି ଦ୍ୱାରା କର୍ମ କରନ୍ତି ଓ ନିଜର ସବୁକିଛିକୁ ଆତ୍ମ ସଚେତନ ବିଶ୍ୱଶକ୍ତିରୂପେ ଅଗ୍ନିରେ ଅର୍ପଣ କରନ୍ତି । ଭଗବନ୍ମୁଖୀ

* ବ୍ରହ୍ମାର୍ପଣଂ ବ୍ରହ୍ମ ହବିର୍ବ୍ରହ୍ମାଗ୍ନୌ ବ୍ରହ୍ମଣା ହୁତମ୍ ।
ବ୍ରହ୍ମୈବ ତେନ ଗନ୍ତବ୍ୟଂ ବ୍ରହ୍ମକର୍ମସମାଧିନା ।। (୪/୨୪)

ଏହିସବୁ ଗତିବୃତ୍ତି ଓ କର୍ମର ଲକ୍ଷ୍ୟ ହେଉଛି ଭଗବାନଙ୍କ ସହିତ ଯୁକ୍ତ ହୋଇ ଜୀବର ଭାଗବତ ଜ୍ଞାନ, ଭାଗବତ ଜୀବନ ଓ ଭାଗବତ ଚେତନା ଲାଭ । ଏହା ଜାଣିବା ଓ ଏହି ଏକତ୍ୱକାରୀ ଚେତନାରେ ବାସକରିବା ଓ କର୍ମ କରିବାହିଁ ମୁକ୍ତ ହେବା ।

କିନ୍ତୁ ଯୋଗୀମାନଙ୍କ ମଧ୍ୟରେ ବି ସମସ୍ତେ ଏହି ଜ୍ଞାନ ଲାଭ କରି ପାରି ନାହାନ୍ତି । ''କେତେକ ଯୋଗୀ ଦେବତାମାନଙ୍କ ଉଦ୍ଦେଶ୍ୟରେ ଯଜ୍ଞାନୁଷ୍ଠାନ କରନ୍ତି, ଅନ୍ୟ କେତେକ ଯୋଗୀ ବ୍ରହ୍ମରୂପ ଅଗ୍ନିରେ ଯଜ୍ଞ ଦ୍ୱାରାହିଁ ଯଜ୍ଞାର୍ପଣ କରନ୍ତି ।'' ପ୍ରଥମୋକ୍ତ ବ୍ୟକ୍ତିମାନେ ଭଗବାନଙ୍କୁ ବିଭିନ୍ନ ରୂପରେ, ବିଭିନ୍ନ ଶକ୍ତିରେ କଳ୍ପନା କରନ୍ତି ଏବଂ ବିଭିନ୍ନ ସାଧନ, ଅନୁଷ୍ଠାନ ଓ ବିଭିନ୍ନ ଧର୍ମ ଦ୍ୱାରା, କର୍ମ ସମ୍ବନ୍ଧୀୟ ନାନା ସୁନିଶ୍ଚିତ ବିଧିବିଧାନ, ଆତ୍ମସଂଯମ ଓ ଉତ୍ସର୍ଗୀକୃତ କର୍ମ ଆଦି ଦ୍ୱାରା ତାହାଙ୍କୁ ଲାଭ କରିବାକୁ ଚାହାନ୍ତି । ଶେଷୋକ୍ତ ବ୍ୟକ୍ତିମାନେ ଯେଉଁମାନେକି ଜ୍ଞାନଲାଭ କରିସାରିଛନ୍ତି, ସେମାନେ ଯେଉଁ କର୍ମ କରନ୍ତୁ ନା କାହିଁକି ସେସବୁ ଭଗବାନଙ୍କୁ ଅର୍ପଣ କରିବା, ଏକୀଭୂତ ଭାଗବତ ଚୈତନ୍ୟ ଓ ଶକ୍ତି ମଧ୍ୟରେ ସେମାନଙ୍କର ସମସ୍ତ କର୍ମକୁ ନିକ୍ଷେପ କରିବା – କେବଳ ଏହି ଯଜ୍ଞହିଁ ହୁଏ ସେମାନଙ୍କର ଏକମାତ୍ର ସାଧନ, ଏକମାତ୍ର ଧର୍ମ । ଯଜ୍ଞର ସାଧନ ବିବିଧ, ଅର୍ପଣ ମଧ୍ୟ ନାନା ପ୍ରକାରର । ଆତ୍ମସଂଯମ ଓ ଆତ୍ମକର୍ତ୍ତୃତ୍ୱର ଯେଉଁ ଆନ୍ତର ଯଜ୍ଞ, ତାହା ଉଚ୍ଚତର ଆତ୍ମଜୟ ଓ ଆତ୍ମଜ୍ଞାନ ଦିଗରେ ଆଗେଇ ନିଏ । ''କେହି କେହି ଇନ୍ଦ୍ରିୟସଂଯମରୂପକ ଅଗ୍ନିରେ ଇନ୍ଦ୍ରିୟଗଣଙ୍କୁ ହୋମ କରନ୍ତି, ଅନ୍ୟ କେହି କେହି ଇନ୍ଦ୍ରିୟ ରୂପକ ଅଗ୍ନିରେ ଇନ୍ଦ୍ରିୟର ବିଷୟସବୁକୁ ଅର୍ପଣ କରନ୍ତି, ଅନ୍ୟ କେତେକ ଜ୍ଞାନଦୀପ୍ତ ଆତ୍ମସଂଯମରୂପକ ଯୋଗାଗ୍ନିରେ ସେମାନଙ୍କର ସମସ୍ତ ଇନ୍ଦ୍ରିୟକର୍ମ ଓ ପ୍ରାଣକର୍ମକୁ ହୋମ କରନ୍ତି । ଏକ ଧରଣର ସାଧନା ରହିଛି ଯେଉଁଥିରେ ଇନ୍ଦ୍ରିୟମାନଙ୍କର ବିଷୟସମୂହକୁ ଗ୍ରହଣ କରାହୁଏ କିନ୍ତୁ ସେହି ଇନ୍ଦ୍ରିୟକ୍ରିୟା ଦ୍ୱାରା ମନକୁ କୌଣସ ଭାବରେ ବିକ୍ଷୁବ୍ଧ ହେବାକୁ ବା ମନ ଉପରେ ସେମାନଙ୍କର କୌଣସି ଦାଗ ରଖିବାକୁ ଛାଡ଼ି ଦିଆଯାଏ ନାହିଁ, ସ୍ୱୟଂ ଇନ୍ଦ୍ରିୟମାନେହିଁ ଯଜ୍ଞର ପବିତ୍ର ଅଗ୍ନିସ୍ୱରୂପ ହୋଇଉଠନ୍ତି । ଆଉ ଏକ ଧରଣର ସାଧନା ରହିଛି, ଯେଉଁଥିରେ ଇନ୍ଦ୍ରିୟମାନଙ୍କୁ ପୂରାପୂରି ସ୍ତବ୍ଧ କରିଦିଆଯାଏ ଯାହା ଫଳରେ ମନକ୍ରିୟାର ପରଦା ଅନ୍ତରାଳରୁ ସ୍ଥିର ଓ ପ୍ରଶାନ୍ତ ଆତ୍ମା ନିଜର ବିଶୁଦ୍ଧତା ସହିତ ପ୍ରକଟିତ ହୁଏ । ଆଉଏକ ଧରଣର ସାଧନା ଅଛି ଯେଉଁଥିରେ କି ଆତ୍ମାର ସ୍ୱରୂପ ପରିଜ୍ଞାତ ହେଲା ପରେ, ସମସ୍ତ ଇନ୍ଦ୍ରିୟ କର୍ମ ଓ ସମସ୍ତ ପ୍ରାଣକର୍ମ ସେହି ସ୍ଥିର ଓ ଶାନ୍ତ ଆତ୍ମା ମଧ୍ୟରେ ଗୃହୀତ ହୁଏ । ସିଦ୍ଧି ପାଇଁ ପ୍ରଯତ୍ନ କରୁଥିବା ସାଧକ ଏହିପରି ଯେଉଁ ଯଜ୍ଞ କରନ୍ତି ସେଥିରେ ଆହୁତିସ୍ୱରୂପ ଭୌତିକ ସ୍ଥୂଳ ଦ୍ରବ୍ୟସବୁକୁ ଅର୍ପଣ କରାଯାଇପାରେ, ତାହା ହେଲା ଦ୍ରବ୍ୟଯଜ୍ଞ, ଭକ୍ତଲୋକମାନେ ସେମାନଙ୍କର ଆରାଧ୍ୟ ଦେବତାମାନଙ୍କୁ ନୈବେଦ୍ୟ ଆଦି ଦେଇ ଏହି ଧରଣର ଦ୍ରବ୍ୟଯଜ୍ଞ କରିଥାଆନ୍ତି । କିଂବା

ଏହା ମଧ୍ୟ ତପୋଯଜ୍ଞ ହୋଇପାରେ ଯେଉଁଥିରେ କି ଆତ୍ମସଂଯମର କଠୋର ତପସ୍ୟା ଆଚରଣ କରାଯାଏ ଓ କୌଣସି ମହତ୍ତର ଲକ୍ଷ୍ୟସାଧନ ଦିଗରେ ଆତ୍ମଶକ୍ତି ନିୟୋଗ କରାହୁଏ । ଅଥବା ଏହା ମଧ୍ୟ ରାଜଯୋଗୀ ଓ ହଠଯୋଗୀମାନଙ୍କର ପ୍ରାଣାୟାମ-ସାଧନ ବା ଅନ୍ୟ କୌଣସି ଯୋଗପରି ଯୋଗଯଜ୍ଞ ମଧ୍ୟ ହୋଇପାରେ । ଏ ସମସ୍ତହିଁ ସତ୍ତାର ଶୁଦ୍ଧି ଦିଗରେ ସହାୟତା କରେ; ସମସ୍ତ ଯଜ୍ଞହିଁ ପରମପଦଲାଭର ପନ୍ଥାସ୍ୱରୂପ ।

ଏହିସବୁ ବିଭିନ୍ନତା ଭିତରେ ଯାହା ମୁଖ୍ୟବସ୍ତୁ ଓ ମୂଳନୀତିରୂପେ ସବୁଗୁଡ଼ିକ ଭିତରେ ରହିଛି, ତାହାହେଲା ନିମ୍ନତର ପ୍ରକୃତିର କ୍ରିୟାଗୁଡ଼ିକୁ ନିଜର କର୍ତ୍ତୃତ୍ୱାଧୀନ କରିବା, କାମନାର ଆଧିପତ୍ୟକୁ ଖର୍ବ କରି ତା' ସ୍ଥାନରେ ଉଚ୍ଚତର ଶକ୍ତିର ପ୍ରତିଷ୍ଠା କରିବା ଓ ଅହମାତ୍ମକ ଭୋଗକୁ ପରିତ୍ୟାଗ କରି ତା' ସ୍ଥାନରେ ସେହି ଦିବ୍ୟ ଆନନ୍ଦର ଆସ୍ୱାଦନ କରିବା ଯାହା ଯଜ୍ଞ ଦ୍ୱାରା, ଆତ୍ମୋତ୍ସର୍ଗ ଦ୍ୱାରା, ଆତ୍ମଜୟ ଦ୍ୱାରା ଏବଂ ଉଚ୍ଚତର ଓ ମହତ୍ତର ଆଦର୍ଶ ପାଇଁ ନୀଚ ପ୍ରବୃତ୍ତିଗୁଡ଼ିକୁ ତ୍ୟାଗ କରିବା ଦ୍ୱାରା ଲାଭ କରାଯାଏ । ''ଯେଉଁମାନେ ଯଜ୍ଞାବଶିଷ୍ଟ ଅମୃତ ଭୋଜନ କରନ୍ତି ସେମାନେ ସନାତନ ବ୍ରହ୍ମଙ୍କୁ ଲାଭ କରନ୍ତି (ଯଜ୍ଞଶିଷ୍ଟାମୃତଭୁଜୋ ଯାନ୍ତି ବ୍ରହ୍ମ ସନାତନମ୍) । ଯଜ୍ଞହିଁ ବିଶ୍ୱର ବିଧାନ, ଯଜ୍ଞ ବିନା କିଛି ବି ଲାଭ କରାଯାଇ ପାରିବ ନାହିଁ, ନା ଇହ ଲୋକରେ ପ୍ରଭୁତ୍ୱ ନା ପରଲୋକରେ ସ୍ୱର୍ଗ ନା ପରମପଦ କିଛି ବି ପ୍ରାପ୍ତ ହେବ ନାହିଁ । ''ଯେ ଯଜ୍ଞ କରେ ନାହିଁ ତା ପାଇଁ ଇହଲୋକ ବି ନାହିଁ, ପରଲୋକ ତ ଦୂରର କଥା । ଅତଏବ ଏହି ସମସ୍ତ ଯଜ୍ଞ ଓ ଅନ୍ୟାନ୍ୟ ଅନେକ ପ୍ରକାର ଯଜ୍ଞ ବ୍ରହ୍ମର ମୁଖରେ ବିସ୍ତୃତ ହୋଇ ରହିଛି, ସେହି ଅଗ୍ନିର ମୁଖରେ ବିସ୍ତୃତ ହୋଇଛି, ଯେକି ସମସ୍ତ ପ୍ରକାର ଦ୍ରବ୍ୟ ଗ୍ରହଣ କରନ୍ତି । ଏହି ସମସ୍ତହିଁ ହେଉଛି କର୍ମରେ ପ୍ରବୃତ୍ତ ସେହି ଏକ ମହାନ୍ ସତ୍ତାର ବିଭିନ୍ନ ସାଧନ, ବିଭିନ୍ନ ରୂପ, ଏହିସବୁ ସାଧନ ଦ୍ୱାରା ମନୁଷ୍ୟର କର୍ମ ସେହି ପରମସତ୍ତାଙ୍କୁ ଅର୍ପଣ କରାଯାଏ । ମନୁଷ୍ୟର ବାହ୍ୟ ଜୀବନ ସେହି ପରମସତ୍ତାର ଅଂଶ ଏବଂ ନିଜର ଅନ୍ତରତମ ସତ୍ତାରେ ସେ ସେହି ସତ୍ତା ସହିତ ଏକ । ଏ ସମସ୍ତ ଯଜ୍ଞ କର୍ମ ଭିତରୁ ଉତ୍ପନ୍ନ, ଈଶ୍ୱରଙ୍କ ଯେଉଁ ବିରାଟ ଶକ୍ତି ବିଶ୍ୱବ୍ୟାପୀ କର୍ମରେ ଆବିର୍ଭୂତ ଓ ବିଶ୍ୱର ସକଳ କର୍ମକୁ ସେହି ଏକ ପରମାତ୍ମା ପରମେଶ୍ୱରଙ୍କ ଉଦ୍ଦେଶ୍ୟରେ କ୍ରମଶଃ ଅଧିକରୁ ଅଧିକ ନୈବେଦ୍ୟ ରୂପେ ଅର୍ପଣ କରୁଛି, ସମସ୍ତ ଯଜ୍ଞହିଁ ସେହିଥିରୁ ଉଦ୍ଭୂତ ଏବଂ ମନୁଷ୍ୟ ପକ୍ଷରେ ଏହାର ଚରମ ପରିଣତି ହେଉଛି ଆତ୍ମଜ୍ଞାନ ଏବଂ ଭାଗବତ ଚେତନା ବା ବ୍ରାହ୍ମୀ ଚେତନା ଲାଭ କରିବା । ଏହା ଜାଣି ତୁମେ ମୁକ୍ତ ହେବ ''ଏବଂ ଜ୍ଞାତ୍ୱା ବିମୋକ୍ଷ୍ୟସେ'' ।

କିନ୍ତୁ ଏହି ସମସ୍ତ ବିଭିନ୍ନ ପ୍ରକାର ଯଜ୍ଞର ବିଭିନ୍ନ ସ୍ତର ଅଛି, ଦ୍ରବ୍ୟ-ଯଜ୍ଞ ହେଉଛି ସବୁଠାରୁ ନିମ୍ନସ୍ତରର ଓ ଜ୍ଞାନଯଜ୍ଞ ହେଉଛି ସବୁଠାରୁ ଉଚ୍ଚସ୍ତରର । ଜ୍ଞାନରେହିଁ ଏହି ସମସ୍ତ

କର୍ମର ପରିସମାପ୍ତି ହୁଏ; ଏହା କୌଣସି ନିମ୍ନସ୍ତରର ଜ୍ଞାନ ନୁହେଁ, ଏହା ଉଚ୍ଚତମ ଆତ୍ମଜ୍ଞାନ ଓ ଭଗବତ୍ ଜ୍ଞାନ । ଏହି ଜ୍ଞାନ ଆମେ କେବଳ ସେହିମାନଙ୍କଠାରୁ ପାଇପାରିବା ଯେଉଁମାନେ ସୃଷ୍ଟିର ମୂଳତତ୍ତ୍ୱ ସମ୍ପର୍କରେ ଜ୍ଞାନଲାଭ କରିଛନ୍ତି । ଏହି ଜ୍ଞାନଲାଭ କଲେ ଆମେ ଆଉ ମନର ଅଜ୍ଞାନତାର ମୋହରେ ପତିତ ହେବୁ ନାହିଁ ଓ କେବଳ ଇନ୍ଦ୍ରିୟଲବ୍ଧ ଜ୍ଞାନ ଏବଂ କାମନା ଓ ଆବେଗର ନିମ୍ନତର କ୍ରିୟାରେ ଆବଦ୍ଧ ହେବୁ ନାହିଁ । ଯେଉଁ ଜ୍ଞାନରେ ସବୁକିଛିର ପରିସମାପ୍ତି ହୁଏ ସେହି ଜ୍ଞାନ ଦ୍ୱାରା ''ତୁମେ ସମସ୍ତ ଭୂତଙ୍କୁ ଆତ୍ମା ମଧ୍ୟରେ ଏବଂ ପରେ ମୋ ମଧ୍ୟରେ ଦେଖିବ ।'' କାରଣ ଆତ୍ମା ହେଉଛି ସେହି ଏକ, ଅକ୍ଷର, ସର୍ବଗତ, ସର୍ବାଧାର, ସ୍ୱପ୍ରତିଷ୍ଠ ସତ୍ୟ ଓ ବ୍ରହ୍ମ ଯାହା ଆମ ମାନସ ସତ୍ତାର ପଶ୍ଚାତରେ ଲୁକ୍କାୟିତ ହୋଇ ରହିଛି ଓ ଆମର ଚେତନା ଯେତେବେଳେ ଅହଙ୍କାର ଭିତରୁ ମୁକ୍ତ ହୁଏ ସେତେବେଳେ ତାହା ବିସ୍ତୃତ ହୋଇ ଏହାକୁହିଁ ପ୍ରାପ୍ତ ହୁଏ । ଆମେ ସବୁକିଛିକୁ ସେହି ଏକ ସୁପ୍ରତିଷ୍ଠ ସତ୍ୟ ଭିତରେ ଭୂତ ରୂପେ ଦେଖିବାକୁ ପାଉ ।

କିନ୍ତୁ ଏହି ଯେଉଁ ଆତ୍ମା ବା ଅକ୍ଷର ବ୍ରହ୍ମ ତାହା ମଧ୍ୟ ଆମର ମୂଳ ଆନ୍ତର ଚେତନା ସମ୍ମୁଖରେ ସେହି ପରମ ପୁରୁଷଙ୍କର ଆତ୍ମ-ଅଭିବ୍ୟକ୍ତି, ଯେ ଆମର ସତ୍ତାର ଉତ୍ସ, ଏବଂ କ୍ଷର ଓ ଅକ୍ଷର ସବୁକିଛିହିଁ ଯାହାଙ୍କର ପ୍ରକାଶ । ସେ ଈଶ୍ୱର, ଭଗବାନ୍, ପୁରୁଷୋତ୍ତମ । ତାଙ୍କୁହିଁ ଆମେ ସବୁକିଛିକୁ ଯଜ୍ଞ ରୂପେ ଅର୍ପଣ କରୁ, ତାଙ୍କରି ହାତରେହିଁ ଆମର ସମସ୍ତ କର୍ମ ସମର୍ପଣ କରୁ, ତାଙ୍କରି ସତ୍ତା ଭିତରେହିଁ ଆମେ ଜୀବନ ଧାରଣକରୁ ଓ ଚଳପ୍ରଚଳ ହେଉ; ଆମ ପ୍ରକୃତିରେ ତାଙ୍କ ସହିତ ଯୁକ୍ତ ହୋଇ ଓ ତାଙ୍କ ଭିତରେ ଅବସ୍ଥିତ ସମଗ୍ର ସୃଷ୍ଟି ସହ ଯୁକ୍ତହୋଇ ଆମେ ତାଙ୍କ ସହିତ ଓ ସର୍ବଭୂତ ସହିତ ଆତ୍ମସତ୍ତା ଓ ଶକ୍ତିରେ ଏକ ହୋଇଯାଉ; ତାଙ୍କର ପରମସତ୍ତା ସହ ଆମର ଆତ୍ମସତ୍ତାକୁ ଏକ କରିଦେଉ, ଯୁକ୍ତ କରିଦେଉ । ବାସନା ବର୍ଜନ କରି ଯଜ୍ଞାର୍ଥେ କର୍ମ କରିବା ଦ୍ୱାରା ଆମେ ଜ୍ଞାନଲାଭ କରୁ ଓ ଆତ୍ମା ନିଜକୁ ଫେରିପାଏ । ଆତ୍ମଜ୍ଞାନ ଓ ଭଗବତ୍ ଜ୍ଞାନରେ ରହି କର୍ମ କରିବା ଦ୍ୱାରା ଆମେ ଭଗବତ୍ ସତ୍ତାର ଐକ୍ୟ, ଶାନ୍ତି ଓ ଆନନ୍ଦ ଭିତରେ ମୁକ୍ତି ଲାଭକରୁ ।

# ୧୩

# ଯଜ୍ଞର ଅଧୀଶ୍ୱର

ଆମେ ଆଉ ଅଧିକ ଅଗ୍ରସର ହେବା ପୂର୍ବରୁ ଏପର୍ଯ୍ୟନ୍ତ ଯାହା କୁହାଯାଇଛି ସଂକ୍ଷେପରେ ତାହାର ମୂଳନୀତିଗୁଡ଼ିକୁ ସ୍ମରଣ କରିନେବା ଉଚିତ । କର୍ମ ସମ୍ପର୍କରେ ଗୀତାର ସମସ୍ତ ଶିକ୍ଷା ଯଜ୍ଞର ତତ୍ତ୍ୱ ଉପରେହିଁ ପ୍ରତିଷ୍ଠିତ; ଏବଂ ବାସ୍ତବରେ ଏହା ଈଶ୍ୱର, ଜଗତ୍ ଓ କର୍ମ ଭିତରେ ଥିବା ଶାଶ୍ୱତ ସଂଯୋଗକାରୀ ସତ୍ୟକୁ ଗ୍ରହଣ କରିଛି । ସାଧରଣତଃ ମନୁଷ୍ୟର ମନ ଜଗତର ବହୁମୁଖୀ ଶାଶ୍ୱତ ସତ୍ୟ ସଂପର୍କରେ କେବଳ ଆଂଶିକ ଧାରଣା ଓ ଦୃଷ୍ଟିକୋଣକୁ ଧରିଥାଏ ଏବଂ ତାହା ଉପରେ ଜୀବନ, ନୈତିକତା, ଧର୍ମ ଆଦି ସମ୍ପର୍କରେ ନିଜର ବିଭିନ୍ନ ସିଦ୍ଧାନ୍ତ ଗଠନ କରିଥାଏ – କେତେବେଳେ ଗୋଟିଏ ଲକ୍ଷଣ ବା ରୂପ ଉପରେ, କେତେବେଳେ ଅନ୍ୟ ଗୋଟିକ ଉପରେ ଜୋର୍ ଦେଇଥାଏ, କିନ୍ତୁ ଯେତେବେଳେ ଏକ ବ୍ୟାପକ ପ୍ରକାଶର ଯୁଗରେ ଏହା ନିଜର ଜଗତ୍-ଜ୍ଞାନ ସହିତ ନିଜର ଈଶ୍ୱର-ଜ୍ଞାନର ଏକ ପୂର୍ଣ୍ଣ ସମନ୍ୱୟ ସାଧନ ପ୍ରତି ଦୃଷ୍ଟି ଫେରାଏ ସେତେବେଳେ ସତ୍ୟର ସମଗ୍ର ଓ ଅଖଣ୍ଡ ସ୍ୱରୂପ ଦିଗରେ ଏହାର ପୁନର୍ଜାଗରଣ ଅନିବାର୍ଯ୍ୟ । ଗୀତାର ଶିକ୍ଷା ବେଦାନ୍ତର ଏହି ମୂଳସତ୍ୟ ଉପରେ ପ୍ରତିଷ୍ଠିତ ଯେ ସମସ୍ତ ସତ୍ତା ହେଉଛି ଏକ ବ୍ରହ୍ମ, ସମଗ୍ର ଜଗତ୍ ହେଉଛି ସେହି ବ୍ରହ୍ମରହିଁ ଚକ୍ର, ଏକ ଦିବ୍ୟ ଭଗବତ୍ ଲୀଳା ଯାହା ଭଗବାନଙ୍କଠାରୁ ପ୍ରକାଶିତ ହୋଇ ପୁଣି ସେହି ଭଗବାନଙ୍କ ଦିଗରେ ଫେରିଯାଉଛି । ସବୁକିଛି ହେଲା ପ୍ରକୃତିର ପ୍ରକଟନ ଲୀଳା, ଏବଂ ପ୍ରକୃତି ହେଉଛି ଭଗବାନଙ୍କର ଏକ ଶକ୍ତି ଯାହାକି ତାହାର କର୍ମର ପ୍ରଭୁ ଓ ତାହାର ରୂପସକଳର ଅଧିବାସୀ ଭାଗବତ ପୁରୁଷଙ୍କ ଇଚ୍ଛା ସମ୍ପାଦନ କରୁଛି । ତାଙ୍କରି ସନ୍ତୋଷ-ବିଧାନ ଲାଗିହିଁ ପ୍ରକୃତି ନାମ ଓ ରୂପର ଲୀଳାରେ ଏବଂ ପ୍ରାଣ ଓ ମନର କର୍ମରେ ଅବତୀର୍ଣ୍ଣ ହୋଇଛି ଏବଂ ପୁଣି ମନ ଓ ଆତ୍ମ-ଜ୍ଞାନର ଭିତର ଦେଇ ଫେରିଯାଉଛି ନିଜର ଅନ୍ତରରେ ବାସକରୁଥିବା ସେହି ଆତ୍ମପୁରୁଷଙ୍କୁ ସଚେତନ ଭାବରେ ଲାଭ କରିବା ପାଇଁ । ପ୍ରଥମେ ଆତ୍ମା ନିଜର ସମସ୍ତ ସ୍ୱରୂପ ଓ ତାତ୍ପର୍ଯ୍ୟ ସହ ପ୍ରକୃତିର ବିବର୍ତ୍ତନ ଭିତରେ ନିହିତ ବା ନିବର୍ତ୍ତିତ ହୋଇ ରହିଥାଏ । ପରେ ଆତ୍ମାର ବିକାଶ ବା ବିବର୍ତ୍ତନ ଭିତରେ ତାହାର ସମସ୍ତ ସ୍ୱରୂପ ଓ ତାତ୍ପର୍ଯ୍ୟ ପ୍ରକାଶିତ ହୋଇପଡ଼େ, ଯାହାକିଛି ଏପର୍ଯ୍ୟନ୍ତ ଗୁପ୍ତ ହୋଇଥାଏ ଅଥଚ ନାମରୂପର ସୃଷ୍ଟି ଯାହାକୁ ସୂଚିତ କରୁଥାଏ ସେସମସ୍ତ ପ୍ରକଟିତ ହୁଏ । ପ୍ରକୃତିର ଏହି ଯେଉଁ ବିବର୍ତ୍ତନଚକ୍ର ତାହା କେବେବି ସମ୍ଭବ ହୁଅନ୍ତା ନାହିଁ ଯଦି ପୁରୁଷ ଏକ ସଙ୍ଗରେ

ତାହାର ତିନୋଟି ଶାଶ୍ୱତ ଅବସ୍ଥାକୁ ଧାରଣ ଓ ରକ୍ଷାକରି ରହି ନ ଥା'ନ୍ତା, କାରଣ ଏଥି ମଧ୍ୟରୁ ପ୍ରତ୍ୟେକଟିହିଁ କ୍ରିୟାର ସମଗ୍ରତା ପାଇଁ ଅପରିହାର୍ଯ୍ୟ । ଏହି ପୁରୁଷ ନିଜକୁ କ୍ଷର ରୂପରେ ପ୍ରକଟ କରେ ଏବଂ ସେତେବେଳେ ଆମେ ଏହାକୁ ସସୀମ, ବହୁ, 'ସର୍ବଭୂତାନି' ରୂପରେ ଦେଖୁ । ଆମ ଆଗରେ ଏହା ପୃଥିବୀର ଅନନ୍ତ ବୈଚିତ୍ର୍ୟ ଓ ଅସଂଖ୍ୟ ସମ୍ପର୍କ ଧରି ରହିଥିବା ଲକ୍ଷ ଲକ୍ଷ ଜୀବଙ୍କ ସସୀମ ବ୍ୟକ୍ତିତ୍ୱ ରୂପେ ଓ ସେସମସ୍ତଙ୍କ ପଶ୍ଚାତରେ ଥିବା ଅଧିଷ୍ଠାତା ଦେବତାଙ୍କ କ୍ରିୟାର ଶକ୍ତି ଓ ଆତ୍ମାରୂପେ ଦେଖାଦିଏ; ଏହା ହେଲା ଭଗବାନଙ୍କର ସେହି ସବୁ ବିଶ୍ୱଶକ୍ତି ଓ ଗୁଣ ଯାହାକି ଜଗତର ଜୀବନ କ୍ରିୟାକୁ ପରିଚାଳନା କରୁଥାଏ ଏବଂ ଆମ ଆଗରେ ଏକ ପରମ ଅସ୍ତିତ୍ୱର ଜାଗତିକ ବିଭିନ୍ନ ରୂପ ଆକାରରେ ଦେଖାଦିଏ ବା କୁହାଯାଇପାରେ ଯେ ଏହା ହେଉଛି ସେହି ଏକ ପରମପୁରୁଷଙ୍କ ବ୍ୟକ୍ତିତ୍ୱର ବିଭିନ୍ନ ଆତ୍ମପ୍ରକାଶ । ପୁଣି ଆମେ ଦେଖୁ ଯେ ସମସ୍ତ ରୂପ ଓ ଅସ୍ତିତ୍ୱର ଅନ୍ତରରେ ଓ ପଶ୍ଚାତରେ ଗୁପ୍ତଭାବରେ ରହିଛି ଏକ ଅକ୍ଷର, ଅନନ୍ତ, କାଳାତୀତ ନୈର୍ବ୍ୟକ୍ତିକ ସତ୍ତା, ଅସ୍ତିତ୍ୱର ଏକ ଅପରିବର୍ତ୍ତନଶୀଳ ଆତ୍ମା, ସବୁକିଛିର ଏକ ଅଖଣ୍ଡ ଆତ୍ମା ଯେଉଁଥିରେକି ଏହି ସକଳ ବହୁ ନିଜକୁ ବସ୍ତୁତଃ ଏକ ବୋଲି ଦେଖି ପାରନ୍ତି । ତେଣୁ ସେହିଠାକୁ ଫେରିଯାଇ ବ୍ୟକ୍ତିର ସକ୍ରିୟ ସସୀମ ସତ୍ତା ଆବିଷ୍କାର କରେ ଯେ ସେ ବିଶ୍ୱର ଏକ ନୀରବ ବ୍ୟାପ୍ତି ଭିତରେ, ଏହି ଅଖଣ୍ଡ ଅନନ୍ତ ଭିତରୁ ଯାହାକିଛି ନିଃସୃତ ହୋଇଛି ଏବଂ ଏହାଦ୍ୱାରା ଯାହାକିଛି ବିଧୃତ ହୋଇଛି ସେସମସ୍ତ ସହିତ ଏକ ଅକ୍ଷର ଓ ଅନାସକ୍ତ ଐକ୍ୟର ଶାନ୍ତି ଏବଂ ପ୍ରତିଷ୍ଠା ଭିତରେ ନିଜକୁ ମୁକ୍ତ କରି ଦେଇପାରେ । କିଂବା ଏପରିକି ଏହା ବ୍ୟକ୍ତିଗତ ଅସ୍ତିତ୍ୱରୁ ବାହାରି ଯାଇ ଏହା ମଧ୍ୟରେ ନିଜକୁ ବିଲୀନ କରିଦେଇପାରେ । କିନ୍ତୁ ଶ୍ରେଷ୍ଠତମ ଗୁହ୍ୟ ରହସ୍ୟ 'ଉତ୍ତମମ୍ ରହସ୍ୟମ୍' ହେଉଛନ୍ତି ପୁରୁଷୋତ୍ତମ । ଏ ହେଉଛନ୍ତି ପରମ ଈଶ୍ୱର, ଭଗବାନ୍, ଯେ କି ଅନନ୍ତ ଓ ସାନ୍ତ ଉଭୟକୁ ଧାରଣ କରିଛନ୍ତି ଏବଂ ଯାହାଙ୍କ ମଧ୍ୟରେ ବ୍ୟକ୍ତି ଓ ନୈର୍ବ୍ୟକ୍ତିକ, ଏକ ଆତ୍ମା ଓ ବହୁଭୂତ, ସତ୍ତା ଓ ସମ୍ଭୂତି, ଜାଗତିକ କ୍ରିୟା ଏବଂ ବିଶ୍ୱାତୀତ ଶାନ୍ତି, ପ୍ରବୃତ୍ତି ଓ ନିବୃତ୍ତି ସବୁ ପରସ୍ପର ସହ ମିଳିତ ହୋଇଛନ୍ତି, ଯୁକ୍ତ ହୋଇଛନ୍ତି ଏବଂ ଏକତ୍ର ତଥା ପରସ୍ପର ମଧ୍ୟରେ ସ୍ଥାନ ପାଇଛନ୍ତି । ଭଗବାନଙ୍କ ମଧ୍ୟରେହିଁ ସମସ୍ତ ବସ୍ତୁ ସେମାନଙ୍କର ଗୋପନ ସତ୍ୟ ଓ ପୂର୍ଣ୍ଣତମ ସମନ୍ୱୟ ଲାଭ କରନ୍ତି ।

କର୍ମର ସମସ୍ତ ସତ୍ୟ ସତ୍ତାର ସତ୍ୟ ଉପରେହିଁ ନିର୍ଭର କରେ । ସମସ୍ତ ସକ୍ରିୟ ଜୀବନ ନିଜର ଅନ୍ତରତମ ସତ୍ୟରେ ପୁରୁଷ ଉଦ୍ଦେଶ୍ୟରେ ଅର୍ପିତ ପ୍ରକୃତିର କର୍ମଯଜ୍ଞ । ପ୍ରକୃତି ନିଜ ମଧ୍ୟରେ ଥିବା ସାନ୍ତ ବହୁ ପୁରୁଷର କାମନାକୁ ସେହି ଅନନ୍ତ ଓ ପରମ ପୁରୁଷଙ୍କ ଉଦ୍ଦେଶ୍ୟରେ ନୈବେଦ୍ୟରୂପେ ଅର୍ପଣ କରୁଛି । ଜୀବନ ହେଉଛି ଏକ ଯଜ୍ଞବେଦୀ ଯାହା ନିକଟକୁ ପ୍ରକୃତି ତା'ର ସମସ୍ତ କର୍ମ ଓ କର୍ମର ସମସ୍ତ ଫଳ ନେଇଆସେ ଏବଂ ନିଜ

ଭିତରର ଚୈତନ୍ୟ ଭଗବାନଙ୍କର ଯେଉଁ ଭାବଟିରେ ଉପନୀତ ହୋଇଥାଏ ତାହା ସମ୍ମୁଖରେ ସେସବୁକୁ ଅର୍ପଣ କରେ, ଜୀବ ନିଜର ଉପସ୍ଥିତ କଲ୍ୟାଣ ବା ପରମ ଶ୍ରେୟ ବୋଲି ଯେଉଁ ଫଳ କାମନା କରେ ସେହି ଉଦ୍ଦେଶ୍ୟରେହିଁ ଏସବୁ ଯଜ୍ଞରୂପେ ଅର୍ପିତ ହୁଏ । ପ୍ରକୃତି ମଧ୍ୟରେ ଚେତନା ଓ ସତ୍ତାର ଯେଉଁ ସ୍ତରରେ ଆତ୍ମା ପହଞ୍ଚିଥାଏ ସେହି ଅନୁଯାୟୀ ସେ ଦେବତାଙ୍କର ପୂଜାକରେ, ସେହି ଅନୁଯାୟୀ ଆନନ୍ଦର ସନ୍ଧାନ କରେ ଓ ସେହି ଅନୁଯାୟୀ ଫଳ କାମନା କରି ଯଜ୍ଞକରେ । ଏବଂ ପ୍ରକୃତିରେ କ୍ଷରପୁରୁଷଙ୍କ ଗତିବୃତ୍ତିରେ ସବୁକିଛି ହେଲା ଆଦାନ-ପ୍ରଦାନର ବିଷୟ କାରଣ ସମଗ୍ର ଅସ୍ତିତ୍ୱ ହେଉଛି ଏକ, ତେଣୁ ଏହାର ବିଭାଜନସବୁ ପାରସ୍ପରିକ ନିର୍ଭରତାର କୌଣସି ବିଧାନ ଉପରେହିଁ ପ୍ରତିଷ୍ଠିତ ହେବ ଯେଉଁଠିକି ବିଭାଗସବୁ ପ୍ରତ୍ୟେକେ ପ୍ରତ୍ୟେକର ସହାୟତାରେ ବଢ଼ିଉଠିବେ ଓ ସମଗ୍ରର ସହାୟତାରେ ବଞ୍ଚି ରହିବେ । ଯେଉଁଠି ସ୍ୱେଚ୍ଛାକୃତ ଭାବେ ଯଜ୍ଞର ଭାଗ କେହି ଦିଏ ନାହିଁ, ସେଠାରେ ପ୍ରକୃତି ତାହା ଜୋର୍ କରି ଆଦାୟ କରି ନିଏ, ସେ ତା'ର ଜୀବନର ବିଧାନକୁ ରକ୍ଷାକରେ । ପାରସ୍ପରିକ ଆଦାନ-ପ୍ରଦାନ ହେଉଛି ଜୀବନର ନିୟମ ଯାହା ବ୍ୟତୀତ ଏହା ମୁହୂର୍ତ୍ତକ ପାଇଁ ମଧ୍ୟ ତିଷ୍ଠି ପାରିବ ନାହିଁ, ଏହି ସତ୍ୟହିଁ ଯେଉଁ ଜଗତକୁ ସେ ନିଜ ସତ୍ତାରେ ପ୍ରକଟ କରିଛନ୍ତି ତାହା ଉପରେ ଭଗବଦ୍ ସୃଜନୀ ଇଚ୍ଛାର ନିଜ ନିଦର୍ଶନ ଓ ଛାପ, ଏହାହିଁ ହେଉଛି ପ୍ରମାଣ ଯେ ଯଜ୍ଞକୁ ସେମାନଙ୍କର ଚିରସାଥୀ କରି ଏହି ଜୀବକୁଳ ଓ ସମଗ୍ର ଜଗତକୁ ଭଗବାନ୍ ସୃଷ୍ଟି କରିଛନ୍ତି । ଯଜ୍ଞର ଏହି ଯେଉଁ ବିଶ୍ୱ-ବିଧାନ, ତାହାହିଁ ସୂଚିତ କରେ ଯେ ଜଗତ୍ ହେଉଛି ଭଗବାନଙ୍କର, ଭଗବାନଙ୍କରହିଁ ତା' ଉପରେ ଅଧିକାର ଏବଂ ଜୀବନ ହେଉଛି ତାଙ୍କର ରାଜ୍ୟ ଓ ପୂଜାର ମନ୍ଦିର, ତାହା କୌଣସି ସ୍ୱତନ୍ତ୍ର ଅହଂର ଆତ୍ମତୃପ୍ତିର କ୍ଷେତ୍ର ନୁହେଁ; ଜୀବନର ଲକ୍ଷ୍ୟ ଅହଂର ତୃପ୍ତି-ସାଧନ ନୁହେଁ,— ଏହା କେବଳ ସ୍ଥୂଳ ଅଜ୍ଞାନ ଆରମ୍ଭ ମାତ୍ର, ଭଗବାନଙ୍କୁ ଲାଭ କରିବାହିଁ ଏହାର ଉଦ୍ଦେଶ୍ୟ । ଏକ ନିରନ୍ତର ପ୍ରସାରିତ ଯଜ୍ଞ ଭିତର ଦେଇ ହୁଏ ଭଗବାନଙ୍କର ଉପାସନା, ଅନନ୍ତଙ୍କର ସନ୍ଧାନ ଓ ପୂଜା, ଯେଉଁ ଯଜ୍ଞ କି ପୂର୍ଣ୍ଣତମ ଆତ୍ମଜ୍ଞାନ ଉପରେ ପ୍ରତିଷ୍ଠିତ ପୂର୍ଣ୍ଣତମ ଆତ୍ମଦାନରେ ପରିଣତି ଲାଭ କରେ – ଶେଷରେ ଏହି ଚରମ ଲକ୍ଷ୍ୟ ଦିଗରେହିଁ ଜୀବନର ସକଳ ଅଭିଜ୍ଞତା ଆମକୁ ଆଗେଇ ନିଏ ।

କିନ୍ତୁ ବ୍ୟକ୍ତିସତ୍ତା ଅଜ୍ଞାନତା ନେଇ ଆରମ୍ଭ ହୋଇଥାଏ ଏବଂ ବହୁଦିନ ପର୍ଯ୍ୟନ୍ତ ଅଜ୍ଞାନତା ମଧ୍ୟରେ ରହେ । ନିଜ ସମ୍ପର୍କରେ ତୀବ୍ରଭାବରେ ଆସକ୍ତ ହୋଇ ସେ ଦେଖେ ଯେ ଭଗବାନ୍ ନୁହନ୍ତି, ନିଜର ଅହଂହିଁ ଜୀବନର ସମସ୍ତ ଅର୍ଥ ଓ କାରଣ । ସେ ନିଜକୁ କର୍ମର କର୍ତ୍ତା ବୋଲି ମନେକରେ ଏବଂ ବୁଝିପାରେ ନାହିଁ ଯେ ସଂସାରରେ ଯାହାକିଛି ଘଟୁଛି ତାହାର ନିଜ ଭିତର ଓ ବାହାରର ସମସ୍ତ କର୍ମ, ଏକ ବିଶ୍ୱ-ପ୍ରକୃତିର କର୍ମ ବ୍ୟତୀତ

ଆଉ କିଛି ନୁହେଁ । ସେ ନିଜକୁ କର୍ମର ଭୋକ୍ତା ବୋଲି ମନେକରେ ଏବଂ ଭାବେ ଯେ ସବୁକିଛି କେବଳ ତାହାରି ପାଇଁ ରହିଛି ଏବଂ ପ୍ରକୃତିର କାମ ହେଲା ତାକୁହିଁ ସନ୍ତୁଷ୍ଟ କରିବା ଏବଂ ତା'ର ବ୍ୟକ୍ତିଗତ ଇଚ୍ଛାକୁ ପାଳନ କରିବା । ସେ ଦେଖିପାରେ ନାହିଁ ଯେ ତା'ର ସନ୍ତୋଷବିଧାନ କରିବା ବା ତା'ର ଇଚ୍ଛା ପାଳନ କରିବା ସଙ୍ଗରେ ପ୍ରକୃତିର ଆଦୌ ସମ୍ପର୍କ ନାହିଁ, ପ୍ରକୃତି ଏକ ଉଚ୍ଚତର ବିଶ୍ୱ-ସଂକଳ୍ପକୁ ମାନି ଚଳେ ଏବଂ ନିଜର ଅତୀତ ତଥା ନିଜ କର୍ମ ଓ ସୃଷ୍ଟିର ଅତୀତ ଏକ ଦେବତାଙ୍କର ସନ୍ତୋଷ-ବିଧାନ କରିବାକୁ ଚାହେଁ । ବ୍ୟକ୍ତିର ସସୀମ ସତ୍ତା, ତାହାର ସଙ୍କଳ୍ପ ଓ ତାହାର ସନ୍ତୋଷ ତାହାର ନିଜର ନୁହେଁ, ତାହା ପ୍ରକୃତିର; ଏ ସମସ୍ତକୁ ପ୍ରକୃତି ପ୍ରତିମୁହୂର୍ତ୍ତରେ ଭଗବାନଙ୍କ ନିକଟରେ ଯଜ୍ଞରୂପରେ ଅର୍ପଣକରେ ଏବଂ ଅଲକ୍ଷ୍ୟରେ ଏସମସ୍ତକୁ ନିଜ ଭିତରେ ଭଗବାନଙ୍କର ଇଚ୍ଛା ପୂରଣର ଯନ୍ତ୍ରରୂପେ ବ୍ୟବହାର କରେ । ଏହି ଅଜ୍ଞତା ହେତୁ – ଯାହାର ଚିହ୍ନ ହେଲା ଅହଂଭାବ – ଜୀବ ଯଜ୍ଞ-ବିଧାନକୁ ଅଗ୍ରାହ୍ୟ କରିବାକୁ ଏବଂ ଯେତେଟା ପାରେ ନିଜେ ନିଜ ପାଇଁହିଁ ଗ୍ରହଣ କରିବାକୁ ଚାହେଁ, ଏବଂ ପ୍ରକୃତିକୁ କେବଳ ସେତିକି ମାତ୍ର ଦିଏ ଯାହାକୁ ପ୍ରକୃତି ଆଭ୍ୟନ୍ତରୀଣ ଓ ବାହ୍ୟ ଚାପ ଦ୍ୱାରା ତା' ଠାରୁ ଆଦାୟ କରିନିଏ । ବାସ୍ତବରେ ପ୍ରକୃତି ତାକୁ ତା'ର ଅଂଶ ହିସାବରେ ଯେତିକିଟା ଗ୍ରହଣ କରିବାକୁ ଛାଡ଼ିଦିଏ, ଅର୍ଥାତ୍ ପ୍ରକୃତିମଧ୍ୟସ୍ଥ ଦିବ୍ୟଶକ୍ତିସବୁ ତା'ର ଯେତିକି କାମନା ପୂରଣ କରିବାକୁ ରାଜି ହୁଅନ୍ତି, ଜୀବ ତାହାଠାରୁ ଅଧିକ କିଛି ନେଇପାରିବ ନାହିଁ । ଯଜ୍ଞର ଜଗତରେ ଅହଂ-ସର୍ବସ୍ୱ ବ୍ୟକ୍ତି ହେଉଛି ଏକ ଚୋର ବା ଦସ୍ୟୁ ପରି ଯେକି ଏହି ଶକ୍ତିସବୁ ତା' ପାଇଁ ଯାହା ଆଣିଦିଅନ୍ତି ତାହା ଗ୍ରହଣ କରେ କିନ୍ତୁ ପ୍ରତିଦାନରେ କିଛି ଦେବାକୁ ଚାହେଁ ନାହିଁ । ସେ ଜୀବନର ଯଥାର୍ଥ ଅର୍ଥ ବୁଝିବାକୁ ଅସମର୍ଥ ହୁଏ, ଏବଂ ଯେହେତୁ ସେ ଯଜ୍ଞ ଦ୍ୱାରା ନିଜ ସତ୍ତାର ପ୍ରସାର ଓ ଉନ୍ନତି ପାଇଁ ଜୀବନ ଓ କର୍ମର ଉପଯୋଗ କରିପାରେ ନାହିଁ, ତେଣୁ ତା'ର ଜୀବନ ବୃଥାରେ ଅତିବାହିତ ହୁଏ ବୋଲି କହିବାକୁ ହେବ ।

ଯେତେବେଳେ ବ୍ୟକ୍ତି ନିଜ କର୍ମରେ ନିଜ ଅହଂର ଶକ୍ତି ବା ପ୍ରୟୋଜନୀୟତା ଆଦିକୁ ବୁଝିବା ସଙ୍ଗେ ସଙ୍ଗେ ଅନ୍ୟ ବ୍ୟକ୍ତିର ଆତ୍ମାର ମୂଲ୍ୟକୁ ସମାନଭାବରେ ଅନୁଭବ ଓ ସ୍ୱୀକାର କରିବାକୁ ଆରମ୍ଭକରେ, ଯେତେବେଳେ ନିଜ କର୍ମ ପଛରେ ବିଶ୍ୱ-ପ୍ରକୃତିକୁ ଉପଲବ୍ଧି କରିବାକୁ ଓ ବିଶ୍ୱଦେବତାଙ୍କ ଭିତର ଦେଇ ସେହି ପରମ ଏକ ଓ ଅନନ୍ତଙ୍କର ଝଲକ ପାଇବାକୁ ଆରମ୍ଭକରେ, କେବଳ ସେତିକିବେଳେ ସେ ନିଜ ଅହଂର ସୀମା ଅତିକ୍ରମ କରି ଆତ୍ମାର ଆବିଷ୍କାର ପଥରେ ପଥିକ ହୁଏ । ସେତେବେଳେ ସେ ତା'ର କାମନା-ବାସନାର ବିଧାନଠାରୁ ଭିନ୍ନ ଏକ ବିଧାନ ଆବିଷ୍କାର କରେ ଓ ଉପଲବ୍ଧି କରେ ଯେ ତା'ର କାମନା-ବାସନାକୁ ଅଧିକରୁ ଅଧିକ ଏହି ବିଧାନର ଅଧୀନ ଓ ଅନୁଗତ ହେବାକୁ ହେବ,

ସେ ନିଜର ସମ୍ପୂର୍ଣ୍ଣ ଅହଂଗତ ସତ୍ତାର ସ୍ଥାନରେ ଏକ ବିଚାରସମ୍ପନ୍ନ ନୈତିକ ସତ୍ତାର ବିକାଶ କରାଏ । ସେ ନିଜ ଅହଂର ଦାବି ଅପେକ୍ଷା ଅନ୍ୟ ମଧ୍ୟରେ ଥିବା ଆତ୍ମାର ଦାବିକୁ ଅଧିକ ମୂଲ୍ୟ ଦିଏ, ସେ ସ୍ୱାର୍ଥପରତା ଓ ପରାର୍ଥପରତାର ବିରୋଧକୁ ସ୍ୱୀକାର କରେ ଓ ପରାର୍ଥପର ପ୍ରକୃତିଗୁଡ଼ିକର ବିକାଶ ସାଧନ କରି ନିଜ ଚେତନା ଓ ସତ୍ତାର ପ୍ରସାରଣ ପଥ ପରିଷ୍କାର କରେ । ପ୍ରକୃତି ଓ ପ୍ରକୃତି ମଧ୍ୟରେ ଥିବା ଦେବଶକ୍ତିସବୁକୁ ସେ ଉପଲବ୍ଧି କରିବାକୁ ଆରମ୍ଭ କରେ ଏବଂ ସେ ବୁଝିପାରେ ଯେ ସେହିମାନଙ୍କ ଉଦ୍ଦେଶ୍ୟରେହିଁ ତା'ର ଯଜ୍ଞ, ପୂଜା ଓ ଆନୁଗତ୍ୟ, କାରଣ ସେହି ଦେବଶକ୍ତିମାନଙ୍କ ଦ୍ୱାରା ଓ ସେମାନଙ୍କ ବିଧାନ ଦ୍ୱାରା ମାନସିକ ତଥା ଭୌତିକ ଜଗତ୍ ଉଭୟ ନିୟନ୍ତ୍ରିତ ହେଉଛି ଏବଂ ସେ ଶିଖେ ଯେ ତା'ର ଚିନ୍ତା, ସଙ୍କଳ୍ପ ଓ ଜୀବନରେ ଏହିସବୁ ଶକ୍ତିର ଉପସ୍ଥିତି ଓ ମହତ୍ତ୍ୱକୁ ବର୍ଦ୍ଧିତ କରିବା ଦ୍ୱାରାହିଁ ସେ ନିଜର ଶକ୍ତି, ଜ୍ଞାନ, ଯଥାର୍ଥ କର୍ମ ଏବଂ ଏସବୁଥିରୁ ମିଳୁଥିବା ସନ୍ତୋଷକୁ ବୃଦ୍ଧି କରିପାରିବ । ଏହିଭାବେ ସେ ଜୀବନର ଜଡ଼ଗତ ଓ ଅହଂଗତ ଭାବ ସହ ଧାର୍ମିକ ଓ ଅତିଭୌତିକ ଭାବକୁ ଯୋଗକରେ ଏବଂ ସସୀମର ମଧ୍ୟଦେଇ ଅସୀମ ମଧ୍ୟକୁ ଯିବା ପାଇଁ ନିଜକୁ ପ୍ରସ୍ତୁତ କରେ ।

କିନ୍ତୁ ଏହା ଏକ ଦୀର୍ଘ ମଧ୍ୟବର୍ତ୍ତୀ ଅବସ୍ଥା । ଏହି ଅବସ୍ଥାରେ ତଥାପି ବାସନାର ବିଧାନ ବଳବତ୍ତର ରହିଥାଏ, ସବୁକିଛିର କେନ୍ଦ୍ର ହୋଇଥାଏ ଅହଂର ଧାରଣା ଓ ପ୍ରୟୋଜନ, ତା'ର କର୍ମ ଓ ଜୀବନ ପ୍ରକୃତିର ନିୟନ୍ତ୍ରଣର ଅଧୀନ ହୋଇ ରହିଥାଏ ଯଦିଓ ଏଠାରେ ବାସନା ସଂଯତ ଓ ନିୟନ୍ତ୍ରିତ, ଅହଂ ଅନେକ ପରିମାର୍ଜିତ ଏବଂ ପ୍ରକୃତି ଅନେକ ପରିମାଣରେ ସର୍ବୋଚ୍ଚ ଗୁଣ ସାତ୍ତ୍ୱିକ ଭାବ ଦ୍ୱାରା ଅଧିକରୁ ଅଧିକ ସୂକ୍ଷ୍ମୀଭୂତ ଓ ମହତ୍‌ଭାବାପନ୍ନ ହୋଇଥାଏ । ଏସମସ୍ତ ତଥାପି ମଧ୍ୟ କ୍ଷର, ସସୀମ ଓ ବ୍ୟକ୍ତିର ଇଲାକା ଭିତରେହିଁ ଆବଦ୍ଧ ଯଦିଓ ଏହି ଇଲାକା ଅନେକ ପ୍ରସାରିତ । ପ୍ରକୃତ ଆତ୍ମଜ୍ଞାନ ଓ ତାହାର ପରିଣାମସ୍ୱରୂପ କର୍ମର ଯଥାର୍ଥ ନୀତି ରହିଛି ଏହାର ଊର୍ଦ୍ଧ୍ୱରେ, କାରଣ ଜ୍ଞାନର ସହିତ ଯେଉଁ ଯଜ୍ଞ କରାଯାଏ, ତାହାହିଁ ଶ୍ରେଷ୍ଠ ଯଜ୍ଞ, ତାହାହିଁ ଆଣିଦିଏ କର୍ମରେ ପୂର୍ଣ୍ଣତା । ଏ ଅବସ୍ଥା ସେତିକିବେଳେ ଆସିବ ଯେତେବେଳେ ମନୁଷ୍ୟ ଉପଲବ୍ଧି କରିବ ଯେ ତା' ନିଜ ଭିତରେ ଯେଉଁ ଆତ୍ମା ରହିଛି ଏବଂ ଅନ୍ୟ ଭିତରେ ଯେଉଁ ଆତ୍ମା ରହିଛି, ତାହା ଏକହିଁ ସତ୍ତା ଏବଂ ଏହି ଆତ୍ମା ହେଉଛି ଅହଂ ଅପେକ୍ଷା ଉଚ୍ଚତର ବିଷୟ, ଏକ ଅନନ୍ତ ନୈର୍ବ୍ୟକ୍ତିକ ଓ ବିଶ୍ୱସତ୍ତା ଯେଉଁଥିରେ ସମସ୍ତେ ବିଚରଣ କରନ୍ତି ଓ ଯାହା ଭିତରେ ସମସ୍ତଙ୍କ ସତ୍ତା ବିରାଜମାନ । ସେତେବେଳେ ସେ ଉପଲବ୍ଧି କରେ ଯେ ଯେଉଁସମସ୍ତ ବିଶ୍ୱଦେବତାଙ୍କ ଉଦ୍ଦେଶ୍ୟରେ ସେ ଯଜ୍ଞ ଅର୍ପଣ କରେ ସେମାନେ ସମସ୍ତେ ସେହି ଏକ ଅନନ୍ତ ଭଗବାନଙ୍କର ବିଭିନ୍ନ ରୂପ ଏବଂ ସେତେବେଳେ ସେ ସେହି ଅନନ୍ତ ଭଗବାନଙ୍କ ସମ୍ପର୍କରେ ନିଜର ସୀମିତ ଓ

ସୀମାରୋପକାରୀ ଧାରଣାସବୁ ପରିତ୍ୟାଗ କରି ଦେଖିବ ଯେ ସେ ହେଉଛନ୍ତି ଅନିର୍ବଚନୀୟ ପରମ ଈଶ୍ୱର ଯେକି ଏକ ସଙ୍ଗରେ ଅସୀମ ଏବଂ ସସୀମ, ଏକ ଏବଂ ବହୁ, ପ୍ରକୃତିର ଅତୀତ ହୋଇ ମଧ୍ୟ ଯେ ନିଜକୁ ପ୍ରକୃତି ଭିତରେ ଅଭିବ୍ୟକ୍ତ କରୁଛନ୍ତି, ଗୁଣର ଅତୀତ ହୋଇ ମଧ୍ୟ ନିଜ ସତ୍ତାର ଶକ୍ତିକୁ ଅନନ୍ତ ଗୁଣ ଭିତରେ ପ୍ରକାଶ କରୁଛନ୍ତି । ଏହିଁ ହେଉଛନ୍ତି ପୁରୁଷୋତ୍ତମ ଯାହାଙ୍କୁ ଆମର ଯଜ୍ଞ ଅର୍ପଣ କରିବାକୁ ହେବ – କର୍ମର କୌଣସି କ୍ଷଣସ୍ଥାୟୀ ବ୍ୟକ୍ତିଗତ ଫଳ ପାଇଁ ନୁହେଁ, କିନ୍ତୁ କରିବାକୁ ହେବ ଭଗବାନଙ୍କୁ ଲାଭ କରିବା ପାଇଁ, ଭଗବାନଙ୍କ ସହିତ ଐକ୍ୟ ଓ ସମନ୍ୱୟର ଏକ ଜୀବନ-ଯାପନ ପାଇଁ ।

ଅନ୍ୟ କଥାରେ କହିଲେ ଏକ କ୍ରମବର୍ଦ୍ଧମାନ ନୈର୍ବ୍ୟକ୍ତିକତା ମଧ୍ୟ ଦେଇହିଁ ମନୁଷ୍ୟର ମୁକ୍ତି ଓ ସିଦ୍ଧିର ପଥ ଗତି କରିଛି । ଏହାହିଁ ହେଉଛି ମନୁଷ୍ୟର ପ୍ରାଚୀନ ଓ ନିରନ୍ତର ଅଭିଜ୍ଞତା ଯେ ନୈର୍ବ୍ୟକ୍ତିକ ଓ ଅନନ୍ତ ସତ୍ୟ ଦିଗରେ ସେ ନିଜକୁ ଯେତିକି ଯେତିକି ଅଧିକ ଖୋଲି ଧରିବ,– ସେହି ସତ୍ୟ, ଯାହା ସକଳ ବସ୍ତୁ ଓ ସତ୍ତା ମଧ୍ୟରେ ଶୁଦ୍ଧ, ସମୁଚ୍ଚ, ଏକ ଏବଂ ସମ; ପ୍ରକୃତି ଭିତରେ, ଜୀବନ ଭିତରେ ଓ ତା'ର ନିଜର ଆନ୍ତର ଚେତନା ଭିତରେ ମଧ୍ୟ ଯାହା ନୈର୍ବ୍ୟକ୍ତିକ ଓ ଅନନ୍ତ – ସେହି ଅନୁପାତରେହିଁ ତାହାର ଅହଂର ବନ୍ଧନ ଓ ସୀମାର ବନ୍ଧନ କମିଯିବ, ଏବଂ ସେହି ଅନୁପାତରେହିଁ ବିଶାଳତା, ଶାନ୍ତି ଓ ବିଶୁଦ୍ଧ ଆନନ୍ଦର ଅନୁଭୂତି ଲାଭ କରିବ । ଯାହା ଅନନ୍ତ ନୁହେଁ, ତାହା ଯେଉଁ ସୁଖ, ଆନନ୍ଦ ବା ସନ୍ତୋଷ ଦେଇଥାଏ ବା ଅହଂ ନିଜର ଅଧିକାର ବଳରେ ଯେଉଁ ସୁଖ, ଆନନ୍ଦ ଲାଭ କରିଥାଏ ତାହା କ୍ଷଣିକ, ସାମାନ୍ୟ ଏବଂ ଅନିଶ୍ଚିତ । ପୂରାପୂରି କେବଳ ଅହଂଭାବ ଓ ତା'ର ସୀମିତ ଧାରଣା, ଶକ୍ତି ଓ ସନ୍ତୋଷ ଭିତରେ ବାସ କରିବା ଅର୍ଥ ଏହି ପୃଥିବୀକୁ ସର୍ବଦା ଅସ୍ଥାୟୀ ଓ ଦୁଃଖପୂର୍ଣ୍ଣ 'ଅନିତ୍ୟମ୍ ଅସୁଖମ୍' ରୂପେ ଦେଖିବା । ସସୀମ ଜୀବନ ସବୁବେଳେ ଏକ ପ୍ରକାର ନିରର୍ଥକତାର ଭାବ ଦ୍ୱାରା ବ୍ୟଥିତ ହେଉଥାଏ, ତାହାର ମୂଳ କାରଣ ହେଉଛି ସସୀମତା; ସସୀମତା କେବେହେଲେ ଜୀବନର ସମଗ୍ର ବା ଚୂଡ଼ାନ୍ତ ସତ୍ୟ ନୁହେଁ । ଅସୀମ ବା ଅନନ୍ତର ଭାବ ଦିଗରେ ଉନ୍ମୁକ୍ତ ନ ହେଲା ଯାଏ ଜୀବନ ସମ୍ପୂର୍ଣ୍ଣ ରୂପେ ସତ୍ୟ ବା ବାସ୍ତବ ପଦବାଚ୍ୟ ନୁହେଁ । ଏହି କାରଣରୁହିଁ ଗୀତା କର୍ମଯୋଗ-ଶିକ୍ଷାର ଆରମ୍ଭରୁ ବ୍ରହ୍ମଚେତନା ଓ ନୈର୍ବ୍ୟକ୍ତିକ ଜୀବନ ଉପରେ ଏତେ ଜୋର୍ ଦେଇଛି, ଯାହାକି ପ୍ରାଚୀନ ମୁନି-ଋଷିମାନଙ୍କ ସାଧନାର ପ୍ରଧାନ ଲକ୍ଷ୍ୟ ଥିଲା । କାରଣ ସେହି ନୈର୍ବ୍ୟକ୍ତିକ, ଅନନ୍ତ ଓ ପରମ ଏକ, ଯାହା ଭିତରେ ଜଗତର ସମସ୍ତ ସ୍ଥାୟୀ, ସଚଳ ଓ ବହୁମୁଖୀ କର୍ମଧାରା ନିଜର ଊର୍ଦ୍ଧ୍ୱରେ ସ୍ଥାୟିତ୍ୱ, ନିରାପତ୍ତା ଓ ଶାନ୍ତିର ଭିତ୍ତି ପା'ନ୍ତି, ତାହାହିଁ ହେଉଛି ନିଶ୍ଚଳ ଆତ୍ମା, ଅକ୍ଷର ଏବଂ ବ୍ରହ୍ମ । ଯଦି ଆମେ ଏହା ଦେଖୁ, ତା'ହେଲେ ଆମେ ଦେଖି ପାରିବୁ ଯେ ସର୍ବପ୍ରଥମ ଆଧ୍ୟାତ୍ମିକ ପ୍ରୟୋଜନୀୟତା ହେଉଛି ଆମର ଚେତନାକୁ, ଆମ

ସତ୍ତାର ପ୍ରତିଷ୍ଠାକୁ ଆମ ସୀମିତ ବ୍ୟକ୍ତିତ୍ୱ ଭିତରୁ ଏହି ଅନନ୍ତ ଓ ନୈର୍ବ୍ୟକ୍ତିକ ବ୍ରହ୍ମ ଭିତରକୁ ଉଠାଇ ନେବା । ଏହି ଏକ ଆତ୍ମା ଭିତରେ ସମସ୍ତ ସତ୍ତାଙ୍କୁ ଦେଖିବା ହେଉଛି ସେହି ଜ୍ଞାନ ଯାହାକି ଜୀବକୁ ଅହଂଭାବର ଅଜ୍ଞାନ ଭିତରୁ, ତା'ର କର୍ମ ଓ କର୍ମଫଳ ଭିତରୁ ଉର୍ଦ୍ଧ୍ୱକୁ ଉଠାଇ ନିଏ ଏବଂ ଏହି ଜ୍ଞାନରେ ବାସ କରିବା ଅର୍ଥ ହେଉଛି ପରମ ଶାନ୍ତି ଓ ଦୃଢ଼ ଆଧ୍ୟାତ୍ମିକ ପ୍ରତିଷ୍ଠା ଲାଭ କରିବା ।

ଏହି ମହାନ୍ ରୂପାନ୍ତର ଆଣିବା ପାଇଁ ମାର୍ଗ ହେଉଛି ଦୁଇଟି : ଗୋଟିଏ ହେଉଛି ଜ୍ଞାନର ମାର୍ଗ ଓ ଅନ୍ୟଟି ହେଉଛି କର୍ମର ମାର୍ଗ, ଗୀତା ଏ ଦୁଇଟି ମାର୍ଗକୁ ଏକ ଦୃଢ଼ ସମନ୍ୱୟ ଭିତରେ ଯୁକ୍ତ କରିଛି । ଜ୍ଞାନର ମାର୍ଗ ହେଉଛି ବୁଦ୍ଧି ଓ ବିଚାରକୁ ମନ ଓ ଇନ୍ଦ୍ରିୟର କ୍ରିୟାରେ ଜଡ଼ିତ ନିମ୍ନମୁଖୀ ଗତିବୃତ୍ତିରୁ ଫେରାଇ ତାହାକୁ ଆତ୍ମା, ପୁରୁଷ ଓ ବ୍ରହ୍ମ ଦିଗରେ ଉର୍ଦ୍ଧ୍ୱମୁଖୀ କରାଇବା ଏବଂ ତାହାକୁ ନାନା ଶାଖାପ୍ରଶାଖା ମେଲିଥିବା ମନର ଧାରଣାସବୁରେ ବା କାମନା-ବାସନାର ନାନା ପ୍ରବାହ ଭିତରେ ବିକ୍ଷିପ୍ତ ହେବାକୁ ଛାଡ଼ି ନ ଦେଇ ଏକ ଆତ୍ମାର ଏକ ଭାବରେ ନିବିଷ୍ଟ କରାଇବା । ଅନ୍ୟ କିଛିକୁ ବିଚାରକୁ ନ ଆଣି କେବଳ ଏହି ମାର୍ଗକୁ ଦେଖିଲେ ମନେହେବ ଯେପରିକି ସମ୍ପୂର୍ଣ୍ଣ କର୍ମତ୍ୟାଗ, ନିଶ୍ଚଳ ନିଶ୍ଚେଷ୍ଟତା ଓ ପୁରୁଷକୁ ପ୍ରକୃତିଠାରୁ ବିଛିନ୍ନ କରାଇବାହିଁ ଏହି ମାର୍ଗର ଲକ୍ଷ୍ୟ । କିନ୍ତୁ ପ୍ରକୃତରେ ଏପରି ସମ୍ପୂର୍ଣ୍ଣ କର୍ମତ୍ୟାଗ, ନିଶ୍ଚେଷ୍ଟତା ଏବଂ ପ୍ରକୃତି ଓ ପୁରୁଷର ଏପରି ବିଚ୍ଛିନ୍ନତା ସମ୍ଭବପର ନୁହେଁ । ପୁରୁଷ ଓ ପ୍ରକୃତି ହେଉଛନ୍ତି ସତ୍ତାର ଯୁଗଳ ତତ୍ତ୍ୱ ଯାହାକୁ ବିଚ୍ଛିନ୍ନ କରାଯାଇ ନ ପାରେ ଏବଂ ଆମେ ଯେତେଦିନ ପର୍ଯ୍ୟନ୍ତ ପ୍ରକୃତି ମଧ୍ୟରେ ରହିଛୁ, ପ୍ରକୃତି ଭିତରେ ଆମର କର୍ମ ଚାଲିବାକୁ ବାଧ୍ୟ, ଯଦିଓ ଅଜ୍ଞାନୀ ଲୋକର କର୍ମଠାରୁ ଜ୍ଞାନୀ ଲୋକର କର୍ମ ଭିନ୍ନ ରୂପ ବା ଭିନ୍ନ ଭାବ ଗ୍ରହଣ କରିପାରେ । ସନ୍ନ୍ୟାସ ଗ୍ରହଣ କରିବାକୁ ହେବ କିନ୍ତୁ ଯଥାର୍ଥ ସନ୍ନ୍ୟାସର ଅର୍ଥ କର୍ମରୁ ପଳାୟନ ନୁହେଁ, ଅହଂ ଓ କାମନା-ବାସନାର ନିଧନହିଁ ପ୍ରକୃତ ସନ୍ନ୍ୟାସ । ଏଥିପାଇଁ ଯେଉଁ ପଥ ଗ୍ରହଣ କରିବା ଆବଶ୍ୟକ ତା' ହେଉଛି କର୍ମ କରି ମଧ୍ୟ ତା'ର ଫଳ ପ୍ରତି ସମସ୍ତ ଆସକ୍ତି ପରିତ୍ୟାଗ କରିବାକୁ ହେବ ଏବଂ ବୁଝିବାକୁ ହେବ ଯେ ପ୍ରକୃତି ହେଉଛି କର୍ମର ପ୍ରକୃତ କର୍ତ୍ତ୍ରୀ ଏବଂ ତାକୁ ତା'ର କର୍ମ କରିବାକୁ ଛାଡ଼ିଦେଇ ଆମକୁ ଦ୍ରଷ୍ଟା ଓ ଭର୍ତ୍ତାରୂପେ ଆତ୍ମାରେ ବାସ କରିବାକୁ ହେବ, ପ୍ରକୃତିକୁ ଦେଖିବାକୁ ହେବ, ତାକୁ ଧାରଣ କରିବାକୁ ହେବ, କିନ୍ତୁ ପ୍ରକୃତିର କର୍ମ ବା ତା'ର ଫଳାଫଳରେ କୌଣସି ଆସକ୍ତି ରଖିବାକୁ ହେବ ନାହିଁ । ସେତେବେଳେହିଁ ସୀମିତ ଓ ବିକ୍ଷୁବ୍ଧ ବ୍ୟକ୍ତିତ୍ୱ ଓ ଅହଂ ଶାନ୍ତ ହୋଇଯାଏ ଏବଂ ଏକ ନୈର୍ବ୍ୟକ୍ତିକ ଆତ୍ମାର ଚେତନାରେ ଲୀନ ହୋଇଯାଏ । ସେତେବେଳେ ଆମ ଦୃଷ୍ଟି ଆଗରେ ସମସ୍ତ ଜୀବ ଓ ବସ୍ତୁଙ୍କ ଭିତରେ ପ୍ରକୃତିର କ୍ରିୟା ଚାଲୁଥିବାର ଦେଖାଯାଏ ଓ ଆମେ ଦେଖୁ ଯେ ଏମାନେ ସମ୍ପୂର୍ଣ୍ଣ ରୂପେ ପ୍ରକୃତି ଦ୍ୱାରା

ଚାଳିତ ହୋଇ ସେହି ଏକ ଅନନ୍ତ ସତ୍ତା ମଧ୍ୟରେହିଁ ବାସ କରୁଛନ୍ତି, କର୍ମ କରୁଛନ୍ତି ଓ ବିଚରଣ କରୁଛନ୍ତି । ସେତେବେଳେ ଆମେ ଦେଖୁ ଓ ଅନୁଭବ କରୁ ଯେ ଆମର ସସୀମ ସତ୍ତା ଏହିମାନଙ୍କ ଭିତରୁ ଗୋଟିଏ ଏବଂ ଆମର ସମସ୍ତ କର୍ମ ହେଉଛି ପ୍ରକୃତିର, ତାହା ଆମର ପ୍ରକୃତ ଆତ୍ମାର କର୍ମ ନୁହେଁ, କାରଣ ଏହି ଆତ୍ମା ହେଉଛି ଏକ ନୀରବ, ନୈର୍ବ୍ୟକ୍ତିକ ଏକତ୍ୱ । ଅହଂହିଁ ଏସବୁକୁ ତା'ର ନିଜର କର୍ମ ବୋଲି ଦାବି କରୁଥିଲା, ତେଣୁ ଆମେ ସେଗୁଡ଼ିକୁ ଆମ ନିଜର ବୋଲି ଭାବୁଥିଲୁ । କିନ୍ତୁ ବର୍ତ୍ତମାନ ଅହଂର ମୃତ୍ୟୁପରେ ସେଗୁଡ଼ିକ ଆଉ ଆମର ନୁହନ୍ତି, ସେଗୁଡ଼ିକ ହେଉଛନ୍ତି ପ୍ରକୃତିର । ଅହଂକୁ ନିହତ କରି ଆମର ସତ୍ତା ଓ ଚେତନାରେ ଆମେ ନୈର୍ବ୍ୟକ୍ତିକତା ଲାଭ କରିଛୁ, କାମନାକୁ ତ୍ୟାଗ କରି ଆମ ପ୍ରକୃତିର କର୍ମରେ ନୈର୍ବ୍ୟକ୍ତିକତା ଲାଗି କରିଛୁ । କେବଳ କର୍ମହୀନତା ମଧ୍ୟରେ ନୁହେଁ, କର୍ମରେ ମଧ୍ୟ ଆମେ ମୁକ୍ତ, ଆମର ମୁକ୍ତି ଆଉ ଶରୀର ଓ ମନର ଏକ ନିଶ୍ଚଳତା ଓ ଶୂନ୍ୟତା ଉପରେ ନିର୍ଭର କରୁ ନାହିଁ ଓ କର୍ମ କରିବାମାତ୍ରକେ ଆମେ ମୁକ୍ତିରୁ ଆଉ ବିଚ୍ୟୁତ ହେଉ ନାହୁଁ । ଏପରିକି ସ୍ୱାଭାବିକ କର୍ମର ସ୍ରୋତ ପୂର୍ଣ୍ଣଗତିରେ ଚାଲିଥିଲାବେଳେ ବି ଆମ ଭିତରର ନୈର୍ବ୍ୟକ୍ତିକ ଆତ୍ମା ଶାନ୍ତ, ସ୍ଥିର ଓ ମୁକ୍ତ ରହେ ।

ଏହି ପୂର୍ଣ୍ଣ ନୈର୍ବ୍ୟକ୍ତିକତା ଦ୍ୱାରା ଯେଉଁ ମୁକ୍ତି ଲାଭ ହୁଏ ତାହା ବାସ୍ତବ, ପୂର୍ଣ୍ଣ ଏବଂ ଅପରିହାର୍ଯ୍ୟ । କିନ୍ତୁ ଏହାହିଁ କ'ଣ ଶେଷ କଥା, ସବୁକିଛିର ସମାପ୍ତି କ'ଣ ଏଇଠି ? ଆମେ ପୂର୍ବରୁ କହିଛୁ ସମସ୍ତ ଜୀବନ, ସମସ୍ତ ବିଶ୍ୱ-ଅସ୍ତିତ୍ୱ ହେଉଛି ପୁରୁଷଙ୍କ ନିକଟରେ ପ୍ରକୃତି ଦ୍ୱାରା ଅର୍ପିତ ଏକ ଯଜ୍ଞ; ଏହି ପୁରୁଷ ହେଉଛନ୍ତି ପ୍ରକୃତି ମଧ୍ୟରେ ଏକ ଏବଂ ନିଗୂଢ଼ ଆତ୍ମା, ଏହାଙ୍କ ମଧ୍ୟରେହିଁ ପ୍ରକୃତିର ସମସ୍ତ କର୍ମ ଚାଲିଛି; କିନ୍ତୁ ଆମ ନିକଟରେ ଏହାର ପ୍ରକୃତ ମର୍ମ ଆଚ୍ଛାଦିତ ହୋଇଥାଏ ଅହଂ ଦ୍ୱାରା, କାମନା-ବାସନା ଦ୍ୱାରା ଓ ଆମର ସୀମିତ ସକ୍ରିୟ ବହୁମୁଖୀ ବ୍ୟକ୍ତିତ୍ୱ ଦ୍ୱାରା । ଆମେ ଅହଂ, କାମନା-ବାସନା ଓ ସୀମିତ ବ୍ୟକ୍ତିତ୍ୱ ଭିତରୁ ଯେତେବେଳେ ଉଠିଆସିଛୁ ସେତେବେଳେ ଏହାର ପ୍ରଧାନ ପ୍ରତିଷେଧକ ନୈର୍ବ୍ୟକ୍ତିକତା ଦ୍ୱାରା ନୈର୍ବ୍ୟକ୍ତିକ ଭଗବତ୍ ସତ୍ତାର ସନ୍ଧାନ ପାଇଛୁ, ଯେଉଁ ଏକ ଆତ୍ମା ଓ ବ୍ରହ୍ମ ଭିତରେ ସବୁକିଛି ଅବସ୍ଥାନ କରୁଛନ୍ତି, ଆମେ ତା' ସହିତ ଆମ ସତ୍ତାର ଏକତ୍ୱ ଉପଲବ୍ଧି କରିଛୁ । କର୍ମର ଯଜ୍ଞ ଅବ୍ୟାହତ ଭାବେ ଚାଲିଛି କିନ୍ତୁ ଆଉ ଆମ ଦ୍ୱାରା ନୁହେଁ, ତାହା ପ୍ରକୃତି ଦ୍ୱାରାହିଁ ପରିଚାଳିତ ହେଉଛି – ପ୍ରକୃତି ଆମ ସତ୍ତାର ସସୀମ ଅଂଶ; ମନ, ଇନ୍ଦ୍ରିୟ ଓ ଶରୀର ଭିତର ଦେଇ କ୍ରିୟା କରୁଥିଲେହେଁ ଏହି ସବୁକିଛି ଚାଲିଛି ଆମର ଅନନ୍ତ ସତ୍ତା ମଧ୍ୟରେ । ତା'ହେଲେ ଏ ଯଜ୍ଞ କାହାକୁ ଓ କେଉଁ ଉଦ୍ଦେଶ୍ୟରେ ଅର୍ପଣ କରାହେଉଛି ? କାରଣ ନୈର୍ବ୍ୟକ୍ତିକ ସତ୍ତାର ତ' କୌଣସି କର୍ମ ନାହିଁ, କୌଣସି ବାସନା ନାହିଁ, ଲାଭ କରିବା ଭଳି କୌଣସି ଲକ୍ଷ୍ୟ ନାହିଁ, କୌଣସି କିଛି ପାଇଁ ଏହା ସଂସାରର କୌଣସି ଜୀବ

ଉପରେ ନିର୍ଭର କରୁ ନାହିଁ, ଏହା ନିଜ ପାଇଁହିଁ ନିଜର ଆତ୍ମାନନ୍ଦରେ ନିଜର ଅକ୍ଷର ଅନନ୍ତ ସତ୍ତାରେ ଅବସ୍ଥାନ କରୁଛି । ଏହି ନୈର୍ବ୍ୟକ୍ତିକ ଆତ୍ମ-ପ୍ରତିଷ୍ଠା ଓ ଆତ୍ମାନନ୍ଦରେ ପହଞ୍ଚିବାର ଏକ ଉପାୟସ୍ୱରୂପ ଆମକୁ ବାସନାରହିତ ହୋଇ କର୍ମ କରିବାକୁ ହୋଇପାରେ କିନ୍ତୁ ସେହି କ୍ରିୟା ଦ୍ୱାରା ଉକ୍ତ ଅବସ୍ଥାରେ ପହଞ୍ଚିଗଲା ପରେ କର୍ମର ଉଦ୍ଦେଶ୍ୟ ଶେଷ ହୋଇଗଲା, ଯଜ୍ଞର ଆଉ କୌଣସି ପ୍ରୟୋଜନ ରହିଲା ନାହିଁ । ତା'ପରେ ମଧ୍ୟ କର୍ମ ଚାଲିପାରେ; କାରଣ ପ୍ରକୃତି ରହିଛି, ତେଣୁ ତା'ର କ୍ରିୟା ମଧ୍ୟ ଚାଲିଛି, କିନ୍ତୁ ଏହି କର୍ମର ଆଉ କୌଣସି ଉଦ୍ଦେଶ୍ୟ ନାହିଁ । ମୁକ୍ତି ପରେ ଆମେ କର୍ମ କରିଚାଲିବାର ଏକମାତ୍ର କାରଣ ହେଉଛି ନେତିବାଚକ, ଅର୍ଥାତ୍ ଆମ ସତ୍ତାର ସସୀମ ଅଂଶ ମନ ଓ ଦେହକୁ ପ୍ରକୃତି ବାଧ କରାଇ କର୍ମ କରାଏ । କିନ୍ତୁ ତାହାହିଁ ଯଦି ସବୁ ହୋଇଥା'ନ୍ତା ତା'ହେଲେ ପ୍ରଥମେ କର୍ମକୁ ଯେତେଦୂର ସମ୍ଭବ କମାଇ କେବଳ ଯେତିକି ସର୍ବନିମ୍ନ ଆବଶ୍ୟକ ସେତିକି ରଖିଲେ ଚଳନ୍ତା ବା ପ୍ରକୃତି ଆମର ଶରୀର ଦ୍ୱାରା ବାଧତାମୂଳକ ଭାବେ ଯେତିକି କର୍ମ କରାଇନେବ ସେତିକି ରଖିଲେ ଚଳନ୍ତା; ଦ୍ୱିତୀୟତଃ ଯଦିଓ କର୍ମକୁ ସର୍ବନିମ୍ନ ଆବଶ୍ୟକତାର ପରିମାଣକୁ କମାଇ ଦିଆ ନ ଯାଏ – କାରଣ କର୍ମ କଲେ କିଛି ଯାଏ ଆସେ ନାହିଁ ଏବଂ କର୍ମହୀନତା ମଧ୍ୟ ଲକ୍ଷ୍ୟ ନୁହେଁ – ତେଣୁ ଯେଉଁ ପ୍ରକାରର କର୍ମ ହେଲା ତା' ସଙ୍ଗେ କିଛି ଯାଏ ଆସେ ନାହିଁ । ଅର୍ଜୁନ ଥରେ ଜ୍ଞାନଲାଭ କରି ସାରିବା ପରେ ତାଙ୍କର ପୁରୁଣା କ୍ଷତ୍ରିୟ ସ୍ୱଭାବ ଅନୁସରଣ କରି କୁରୁକ୍ଷେତ୍ର ଯୁଦ୍ଧରେ ଅଂଶଗ୍ରହଣ କରିପାରନ୍ତି ବା ଯୁଦ୍ଧ ପରିତ୍ୟାଗ କରି ତାଙ୍କ ସ୍ୱଭାବରେ ନୂଆ ଦେଖାଦେଇଥିବା ଶାନ୍ତିର ପ୍ରେରଣାକୁ ଅନୁସରଣ କରି ସନ୍ନ୍ୟାସୀର ଜୀବନ ଯାପନ କରିପାରନ୍ତି । ଏହା ଭିତରୁ ସେ କେଉଁଟି କରିବେ ସେଥିରେ କିଛି ଯାଏ ଆସେ ନାହିଁ ବରଂ ଦ୍ୱିତୀୟଟି ଉତ୍ତମ । କାରଣ ଅତୀତ ସଂସ୍କାର ଫଳରେ ପ୍ରକୃତିର ଯେଉଁ ପ୍ରବୃତ୍ତିଗୁଡ଼ିକର ଏପର୍ଯ୍ୟନ୍ତ ତାଙ୍କର ମନ ଉପରେ ଯାହାକିଛି ପ୍ରଭାବ ଥିବ ସେଗୁଡ଼ିକୁ ଦ୍ରୁତଭାବେ କଟାଇବା ପାଇଁ ଏହାହିଁ ପ୍ରକୃଷ୍ଟ ଉପାୟ; ଏବଂ ଯେତେବେଳେ ସେ ଶରୀର ତ୍ୟାଗ କରିବେ ସେତେବେଳେ ସେ ନିଶ୍ଚିତ ଭାବରେ ସେହି ଅନନ୍ତ ଓ ନୈର୍ବ୍ୟକ୍ତିକ ସତ୍ତା ଭିତରକୁ ପ୍ରୟାଣ କରିବେ ଓ ଏହି 'ଅନିତ୍ୟମ୍ ଅସୁଖମ୍ ଇମମ୍ ଲୋକମ୍'– ଏହି ଅନିତ୍ୟ ଦୁଃଖମୟ ସଂସାରର ଜଞ୍ଜାଳ ଓ ଉନ୍ମାଦନା ଭିତରକୁ ତାଙ୍କୁ ଆଉ ଫେରି ଆସିବାକୁ ହେବ ନାହିଁ ।

ଯଦି ଏହାହିଁ ହୋଇଥା'ନ୍ତା ତେବେ ଗୀତାର ସମସ୍ତ ଶିକ୍ଷାହିଁ ଅର୍ଥହୀନ ହୋଇଥା'ନ୍ତା, କାରଣ ତା'ହେଲେ ଗୀତାର ଯାହା ପ୍ରଥମ ଓ ମୂଳ ଉଦ୍ଦେଶ୍ୟ ତାହା ବ୍ୟର୍ଥ ହୋଇଯାଇଥା'ନ୍ତା । କିନ୍ତୁ ଗୀତା ଏହା ଉପରେ ଜୋର୍ ଦେଇଛି ଯେ କର୍ମର ସ୍ୱରୂପର ଏକ ବିଶେଷ ତାତ୍ପର୍ଯ୍ୟ ଅଛି ଏବଂ କର୍ମ ଚଳାଇ ରଖିବା ପାଇଁ ଏକ ସ୍ପଷ୍ଟ ନିର୍ଦ୍ଦେଶ ମଧ୍ୟ ରହିଛି,

ଖାଲି ପ୍ରକୃତିର ତାଡ଼ନା ଓ ଉଦ୍ଦେଶ୍ୟହୀନ ବାଧ୍ୟବାଧକତା ଯୋଗୁଁ ଯେ କର୍ମ କରିବାକୁ ହେବ, କର୍ମ ପାଇଁ କେବଳ ଏହି ଯାନ୍ତ୍ରିକ ନେତିବାଚକ କାରଣକୁ ଗୀତା ଗ୍ରହଣ କରି ନାହିଁ । ଅହଂକୁ ଜୟ କରିସାରିବା ପରେ ଯଜ୍ଞର ଭୋକ୍ତା ଈଶ୍ୱର ରହିଛନ୍ତି – 'ଭୋକ୍ତାରମ୍ ଯଜ୍ଞ-ତପସାମ୍' ଏବଂ ସେତେବେଳେ ମଧ୍ୟ ଯଜ୍ଞର ଏକ ଉଦ୍ଦେଶ୍ୟ ରହିଛି । ନୈର୍ବ୍ୟକ୍ତିକ ବ୍ରହ୍ମ ଏକେବାରେ ଶେଷ କଥା ନୁହେଁ, ଆମ ସତ୍ତାର ତାହା ସର୍ବଶ୍ରେଷ୍ଠ ଚୂଡ଼ାନ୍ତ ରହସ୍ୟ ନୁହେଁ । କାରଣ ନୈର୍ବ୍ୟକ୍ତିକ ଓ ବ୍ୟକ୍ତି, ସସୀମ ଓ ଅସୀମ ହେଉଛନ୍ତି ଏକହିଁ ଭଗବତ୍ ସତ୍ତାର ଦୁଇଟି ବିପରୀତ ଅଥଚ ସହବର୍ତ୍ତୀ ବିଭାବ ମାତ୍ର ଏବଂ ସେହି ଭଗବତ୍ ସତ୍ତା ଏହି ପାର୍ଥକ୍ୟ ଦ୍ୱାରା ସୀମାବଦ୍ଧ ନୁହନ୍ତି, ସେ ଏକ ସଙ୍ଗରେ ଏହି ଦୁଇଟିଯାକ । ଭଗବାନ୍ ହେଉଛନ୍ତି ଚିର ଅବ୍ୟକ୍ତ, ଅନନ୍ତ, ସର୍ବଦା ସ୍ୱତଃପ୍ରଣୋଦିତ ଭାବରେ ସାନ୍ତ ଭିତରେ ନିଜକୁ ବ୍ୟକ୍ତ କରିଚାଲିଛନ୍ତି; ସେ ହେଉଛନ୍ତି ସେହି ମହାନ୍ ନୈର୍ବ୍ୟକ୍ତିକ ସତ୍ତା, ସକଳ ବ୍ୟକ୍ତି ହେଉଛନ୍ତି ଯାହାଙ୍କର ଆଂଶିକ ରୂପମାତ୍ର, ସେ ହେଉଛନ୍ତି ସେହି ଭଗବାନ୍ ଯେ ମାନବ-ସତ୍ତା ମଧ୍ୟରେ ନିଜକୁ ପ୍ରକାଶ କରନ୍ତି, ସେ ହେଉଛନ୍ତି ମନୁଷ୍ୟର ହୃଦୟରେ ଅଧିଷ୍ଠିତ ଈଶ୍ୱର । ଜ୍ଞାନ ଆମକୁ ଶିକ୍ଷା ଦିଏ ଏକ ନୈର୍ବ୍ୟକ୍ତିକ ଆତ୍ମାଭିତରେ ସମସ୍ତ ପ୍ରାଣୀଙ୍କୁ ଦେଖିବା ପାଇଁ, କାରଣ ଏହି ଭାବରେହିଁ ଆମେ ଭେଦାତ୍ମକ ଅହଂଭାବ ଭିତରୁ ମୁକ୍ତ ହୋଇ ଏବଂ ଏହାପରେ ସେହି ମୁକ୍ତିପ୍ରଦାୟୀ ନୈର୍ବ୍ୟକ୍ତିକତା ଭିତର ଦେଇ ସେ ସମସ୍ତଙ୍କୁ ସେହି ଭଗବାନଙ୍କ ଭିତରେ ଦେଖୁ 'ଆତ୍ମନି ଅଥୋ ମୟି', 'ଆତ୍ମାରେ ଏବଂ ପରେ ମୋ ମଧ୍ୟରେ' । ଆମର ଅହଂ, ଆମର ସୀମିତ ବ୍ୟକ୍ତିତ୍ୱହିଁ ଆମକୁ ଭଗବାନଙ୍କୁ ଚିହ୍ନିବା ପଥରେ ପ୍ରତିବନ୍ଧକ ହୁଏ, ଯେଉଁ ଭଗବାନ୍ କି ସମସ୍ତଙ୍କ ମଧ୍ୟରେ ରହିଛନ୍ତି ଓ ସମସ୍ତେ ଯାହାଙ୍କ ମଧ୍ୟରେ ରହିଛନ୍ତି, କାରଣ ବ୍ୟକ୍ତିଭାବର ଅଧୀନ ହୋଇଥିବାରୁ ବସ୍ତୁସବୁର ସୀମିତ ରୂପ ଆମକୁ ଯେତିକିଟି ଦେଖାଏ, ଆମେ ଭଗବାନଙ୍କର ସେହି ଖଣ୍ଡ ବିଭାବସବୁକୁହିଁ ଦେଖୁ । ଆମକୁ ଭଗବାନଙ୍କ ନିକଟରେ ପହଞ୍ଚିବାକୁ ହେବ ଆମର ନିମ୍ନ ବ୍ୟକ୍ତିଭାବ ଭିତର ଦେଇ ନୁହେଁ, ଆମ ସତ୍ତାର ଉଚ୍ଚତର ଅନନ୍ତ ଓ ନୈର୍ବ୍ୟକ୍ତିକ ବିଭାବ ଭିତର ଦେଇ ଏବଂ ସେଥିପାଇଁ ଆମକୁ ସେହି ଆତ୍ମା ହୋଇଯିବାକୁ ପଡ଼ିବ ଯେ ସର୍ବଭୂତରେ ଏକରୂପେ ବିଦ୍ୟମାନ ଏବଂ ଯାହାର ସତ୍ତାରେ ସମଗ୍ର ବିଶ୍ୱ ଅବସ୍ଥାନ କରୁଛି । ଏହି ଅସୀମ ସତ୍ତା ଯେ କି ସମସ୍ତ ସସୀମ ରୂପକୁ ନିଜ ଭିତରେ ସ୍ଥାନ ଦେଇଛି, କାହାକୁ ବାଦ୍ ଦେଇ ନାହିଁ, ଏହି ନୈର୍ବ୍ୟକ୍ତିକ ସତ୍ତା ଯାହାକି ସମସ୍ତ ବ୍ୟକ୍ତିକତା ଓ ବ୍ୟଷ୍ଟିଭାବକୁ ଗ୍ରହଣ କରିଛି ତାହା କାହାକୁ ପ୍ରତ୍ୟାଖ୍ୟାନ କରି ନାହିଁ,ଏହି ଅଚଳ ସତ୍ତା ଯେକି ପ୍ରକୃତିର ସମସ୍ତ ସଚଳ କ୍ରିୟା ଓ ଗତିବୃତ୍ତିକୁ ଧାରଣ କରିଛି, ପୋଷଣ ଓ ଆଚ୍ଛନ୍ନ କରି ରହିଛି ସେଥିରୁ ନିଜକୁ ପୃଥକ୍ କରି ନେଇ ନାହିଁ – ଏହାହିଁ ହେଉଛି ସେହି ନିର୍ମଳ ଦର୍ପଣ ଯେଉଁଥିରେ କି ଭଗବାନ୍ ତାଙ୍କର

ସତ୍ତାକୁ ପ୍ରକଟିତ କରିବେ । ତେଣୁ ଆମକୁ ପ୍ରଥମେ ଏହି ନୈର୍ବ୍ୟକ୍ତିକତାକୁହିଁ ଲାଭ କରିବାକୁ ପଡ଼ିବ । କେବଳ ବିଶ୍ୱ-ଦେବତାମାନଙ୍କ ଭିତର ଦେଇ ଓ କେବଳ ସସୀମ ବିଭାବସବୁର ଭିତର ଦେଇ ଭଗବାନଙ୍କ ସମ୍ପର୍କରେ ପୂର୍ଣ୍ଣଜ୍ଞାନ ପୂରାପୂରି ଲାଭ କରି ହେବ ନାହିଁ । କିନ୍ତୁ ଅନ୍ୟ ପକ୍ଷରେ ନୈର୍ବ୍ୟକ୍ତିକ ଆତ୍ମାର ନୀରବ ନିଶ୍ଚଳତାକୁ ଯଦି ଧାରଣା କରାଯାଏ, ଯେହେତୁ ତାହା କେବଳ ନିଜ ଭିତରେ ଆବଦ୍ଧ ଓ ଯାହା ସବୁକୁ ଧାରଣ, ପୋଷଣ ଓ ବ୍ୟାପ୍ତ କରି ରହିଛି ସେସବୁଥିରୁ ବିଚ୍ଛିନ୍ନ, ତେବେ ତାହା ମଧ୍ୟ ଭଗବାନଙ୍କର ସର୍ବପ୍ରକାଶକାରୀ, ପୂର୍ଣ୍ଣ ସନ୍ତୋଷପ୍ରଦ ସମଗ୍ର ସତ୍ୟ ନୁହେଁ । ସେହି ସତ୍ୟ ଦେଖିବାକୁ ହେଲେ ଆମକୁ ଏହି ନୈର୍ବ୍ୟକ୍ତିକ ସତ୍ତାର ନୀରବତା ଭିତର ଦେଇ ସେହି ପୁରୁଷୋତ୍ତମଙ୍କୁ ଦେଖିବାକୁ ହେବ ଯେ ତାଙ୍କର ଦିବ୍ୟ ମହିମାରେ କ୍ଷର ଓ ଅକ୍ଷର ଉଭୟଙ୍କୁ ଧାରଣ କରିଛନ୍ତି, ସେ ନିଶ୍ଚଳତାରେ ଆସୀନ କିନ୍ତୁ ବିଶ୍ୱ-ପ୍ରକୃତିର ସମସ୍ତ କ୍ରିୟା, ସମସ୍ତ ଗତିବୃତ୍ତି ଭିତରେ ନିଜକୁ ପ୍ରକାଶ କରୁଛନ୍ତି, ତାଙ୍କରି ଉଦ୍ଦେଶ୍ୟରେହିଁ ମୁକ୍ତି ପରେ ମଧ୍ୟ ପ୍ରକୃତି ଭିତରେ ହେଉଥିବା କର୍ମ ଯଜ୍ଞରୂପେ ଅର୍ପିତ ହେଉଥାଏ ।

ତେଣୁ ଯୋଗର ପ୍ରକୃତ ଲକ୍ଷ୍ୟ ହେଲା ଦିବ୍ୟ ପୁରୁଷୋତ୍ତମଙ୍କ ସହିତ ଏକ ଜୀବନ୍ତ ମିଳନ ଯାହା ଆତ୍ମପୂର୍ଣ୍ଣତା ଆଣିଦିଏ; ଏହା କେବଳ ନୈର୍ବ୍ୟକ୍ତିକ ସତ୍ତା ଭିତରେ ଆତ୍ମବିଲୋପକାରୀ ଲୟ ନୁହେଁ । ଆମର ସମଗ୍ର ଅସ୍ତିତ୍ୱ ଓ ଜୀବନକୁ ଭଗବତ୍ ସତ୍ତା ଦିଗରେ ଟେକି ଧରିବା, ତାଙ୍କରି ମଧ୍ୟରେ ବାସ କରିବା (ମୟ୍ୟେବ ନିବସିଷ୍ୟସି), ତାଙ୍କ ସହିତ ଏକ ହେବା, ତାଙ୍କର ଚେତନା ସହ ଆମର ଚେତନାକୁ ମିଳାଇ ଦେବା, ଆମର ଖଣ୍ଡ ପ୍ରକୃତିକୁ ତାଙ୍କ ପୂର୍ଣ୍ଣ ପ୍ରକୃତିର ଏକ ପ୍ରତିବିମ୍ବରେ ପରିଣତ କରିବା, ଆମର ଚିନ୍ତା ଓ ଇନ୍ଦ୍ରିୟାନୁଭୂତିକୁ ଦିବ୍ୟଜ୍ଞାନ ଦ୍ୱାରା ଅନୁପ୍ରାଣିତ କରିବା, ଆମର କର୍ମ ଓ ସଙ୍କଳ୍ପରେ ନିର୍ଦ୍ଦୋଷ ଓ ସମ୍ପୂର୍ଣ୍ଣ ଭାବରେ ଭଗବତ୍ ସଙ୍କଳ୍ପ ଦ୍ୱାରା ଚାଳିତ ହେବା, ତାଙ୍କର ପ୍ରେମ ଓ ଆନନ୍ଦ ଭିତରେ ନିଜର ବାସନା-କାମନାକୁ ଭୁଲିଯିବା – ଏହାହିଁ ହେଉଛି ମନୁଷ୍ୟର ପୂର୍ଣ୍ଣତା, ଏହାକୁହିଁ ଗୀତା ପରମ ରହସ୍ୟ ବୋଲି କହିଛି । ଏହାହିଁ ହେଉଛି ମାନବଜୀବନର ଯଥାର୍ଥ ଲକ୍ଷ୍ୟ ଓ ଚରମ ସାର୍ଥକତା, କ୍ରମ-ବିକାଶମାନ କର୍ମଯଜ୍ଞର ଏହାହିଁ ହେଉଛି ସର୍ବୋଚ୍ଚ ସୋପାନ । କାରଣ ଶେଷ ପର୍ଯ୍ୟନ୍ତ ସେହିଁ ରହନ୍ତି କର୍ମର ପ୍ରଭୁ ଓ ଯଜ୍ଞର ଆତ୍ମାରୂପେ ।

# ୧୪

# ଦିବ୍ୟକର୍ମର ନୀତି

ତା'ହେଲେ ଏହାହିଁ ହେଉଛି ଗୀତାର ଯଜ୍ଞବିଷୟକ ଶିକ୍ଷାର ପ୍ରକୃତ ମର୍ମ । ଏହାର ପୂର୍ଣ୍ଣ ତାତ୍ପର୍ଯ୍ୟ ନିର୍ଭର କରୁଛି ପୁରୁଷୋତ୍ତମ ତତ୍ତ୍ୱ ଉପରେ, ଯାହାକି ଏପର୍ଯ୍ୟନ୍ତ ବିଶଦ ଭାବରେ ବ୍ୟାଖ୍ୟା କରାଯାଇ ନାହିଁ – ଆମେ କେବଳ ଅନେକ ପରେ ଗୀତାର ଶେଷ ଆଡ଼କୁ ଅଷ୍ଟାଦଶ ଅଧ୍ୟାୟରେ ଏହି ତତ୍ତ୍ୱର ପରିଷ୍କାର ବ୍ୟାଖ୍ୟାନ ପାଉ – ତେଣୁ ଗୀତାର କ୍ରମପ୍ରକାଶମୂଳକ ପଦ୍ଧତିର ବିରୁଦ୍ଧାଚାର ହେଲେ ମଧ୍ୟ ଆମକୁ ପ୍ରଥମେ ଏହି କେନ୍ଦ୍ରୀୟ ଶିକ୍ଷା ବିଷୟରେ ଆଲୋଚନା କରିବାକୁ ପଡ଼ିବ । ବର୍ତ୍ତମାନ ପର୍ଯ୍ୟନ୍ତ ଦିବ୍ୟଗୁରୁ କେବଳ ପୁରୁଷୋତ୍ତମଙ୍କ ସମ୍ପର୍କରେ ଇଙ୍ଗିତ ମାତ୍ର ଦେଇଛନ୍ତି, ପୁରୁଷୋତ୍ତମଙ୍କର ଏହି ପରମ ଉପସ୍ଥିତି ସମ୍ପର୍କରେ ଓ ବ୍ରାହ୍ମୀ ସ୍ଥିତି ଲାଭ କରି ଯେଉଁ ନିଶ୍ଚଳ ଆତ୍ମା ଭିତରେ ପୂର୍ଣ୍ଣ ଶାନ୍ତି ଓ ସମତା ଲାଭ କରିବା ଆମର ପ୍ରଥମ କାମ ଓ ଜରୁରୀ ଆଧ୍ୟାତ୍ମିକ ପ୍ରୟୋଜନ ସେହି ନିଶ୍ଚଳ ଆତ୍ମା ସହିତ ପୁରୁଷୋତ୍ତମଙ୍କର ସମ୍ବନ୍ଧ ସମ୍ପର୍କରେ ନିର୍ଦ୍ଦେଶ ମାତ୍ର କରିଛନ୍ତି । ସେ ଏପର୍ଯ୍ୟନ୍ତ ପୁରୁଷୋତ୍ତମ ଭାବ ସମ୍ପର୍କରେ ଆଦୌ ସ୍ପଷ୍ଟ ଭାଷାରେ କିଛି କହି ନାହାନ୍ତି – କେବଳ 'ମୁଁ', କୃଷ୍ଣ, ନାରାୟଣ, ଅବତାର, ମାନବ ଅନ୍ତରସ୍ଥ ଭଗବାନ୍ ଯେ ବିଶ୍ୱର ପ୍ରଭୁ ଓ କୁରୁକ୍ଷେତ୍ରରେ ଦିବ୍ୟ ସାରଥିରୂପେ ଅବତୀର୍ଣ୍ଣ – ଏହି ଭାବରେହିଁ ନିଜର ପରିଚୟ ଦେଇଛନ୍ତି । "ପ୍ରଥମେ ଆତ୍ମାରେ, ପରେ ମୋ ଭିତରେ (ଆତ୍ମନି ଅଥୋ ମୟି)" ଏହି ସୂତ୍ର ସେ ଦେଇଛନ୍ତି, ଯାହାର ତାତ୍ପର୍ଯ୍ୟ ହେଉଛି ବ୍ୟଷ୍ଟିଗତ ବ୍ୟକ୍ତିସତ୍ତାକୁ ନୈର୍ବ୍ୟକ୍ତିକ ସ୍ୱପ୍ରତିଷ୍ଠ ପରମ ସତ୍ତାରେ ଏକ ସମ୍ଭୂତି (becoming) ବୋଲି ଜାଣି ବ୍ୟକ୍ତିଭାବକୁ ଅତିକ୍ରମ କରିଯିବା ଏବଂ ତାହା ହେଉଛି ସେହି ମହାନ୍ ଗୁହ୍ୟତମ ନୈର୍ବ୍ୟକ୍ତିକ ପରମ ବ୍ୟକ୍ତିତ୍ୱରେ ପହଞ୍ଚିବାର ଏକ ଉପାୟ ମାତ୍ର । ସେହି ପରମ ବ୍ୟକ୍ତିତ୍ୱ ନୈର୍ବ୍ୟକ୍ତିକ ସତ୍ତାରେ ନୀରବ, ନିଶ୍ଚଳ, ସ୍ଥିର ଓ ପ୍ରକୃତିର ଊର୍ଦ୍ଧ୍ୱରେ ଅବସ୍ଥିତ, ପୁଣି ତହିଁ ସଙ୍ଗେ ସଙ୍ଗେ ମଧ୍ୟ ପ୍ରକୃତି ଭିତରେ ଏହି ଲକ୍ଷ ଲକ୍ଷ ଭୂତ ମଧ୍ୟରେ ବିଦ୍ୟମାନ ଓ କ୍ରିୟାଶୀଳ । ଦିବ୍ୟ ନୈର୍ବ୍ୟକ୍ତିକ ସତ୍ତା ଭିତରେ ଆମର ନିମ୍ନତର ବ୍ୟକ୍ତିସତ୍ତାର ବିଲୟ କରିଦେଇ ପରିଶେଷରେ ଆମେ ସେହି ପରମ ବ୍ୟକ୍ତିତ୍ୱଙ୍କ ସଙ୍ଗରେ ମିଳିତ ହେଉ ଯେକି ସ୍ୱତନ୍ତ୍ର ଓ ବ୍ୟଷ୍ଟିଗତ ନୁହନ୍ତି ଅଥଚ ସମସ୍ତ ବ୍ୟଷ୍ଟିଗତ ରୂପକୁ ଧାରଣ କରିଛନ୍ତି । ତ୍ରିଗୁଣାତ୍ମିକା ନିମ୍ନ ଅପରା ପ୍ରକୃତିକୁ ଅତିକ୍ରମ କରି ଏବଂ ତ୍ରିଗୁଣର ଅତୀତ ନିଶ୍ଚୟ ପୁରୁଷରେ ଆତ୍ମାକୁ ପ୍ରତିଷ୍ଠିତ କରି ଆମେ ପରିଶେଷରେ

ଅନନ୍ତ ପରମେଶ୍ୱରଙ୍କର ସେହି ପରା ପ୍ରକୃତିକୁ ଉଠିଯାଇପାରୁ ଯାହା ପ୍ରକୃତି ଭିତର ଦେଇ କର୍ମ କଲେ ମଧ୍ୟ ତ୍ରିଗୁଣ ଦ୍ୱାରା ଆବଦ୍ଧ ନୁହେଁ । ନୀରବ ନିଶ୍ଚଳ ପୁରୁଷର ଆନ୍ତର ନୈଷ୍କର୍ମ୍ୟ ଲାଭ କରି ଓ ପ୍ରକୃତିକୁ ନିଜର କର୍ମ କରିବାକୁ ଛାଡ଼ିଦେଇ ଆମେ ସେହି ପରମପଦ, ସେହି ଦିବ୍ୟ ପ୍ରଭୁତ୍ୱ ଲାଭ କରିପାରୁ ଯେଉଁ ଅବସ୍ଥାରେ କି ସମସ୍ତ କର୍ମ କରାଯାଇପାରେ କିନ୍ତୁ କୌଣସି କର୍ମ ଦ୍ୱାରା ଆବଦ୍ଧ ହେବାକୁ ହୁଏ ନାହିଁ । ଆମେ ଏଠାରେ ଅବତୀର୍ଣ୍ଣ ନାରାୟଣରୂପେ, କୃଷ୍ଣରୂପେ ଦେଖୁଥିବା ସେହି ପୁରୁଷୋତ୍ତମ ତତ୍ତ୍ୱହିଁ ଏହାର ଚାବିକାଠି । ଏହା ବ୍ୟତୀତ ବ୍ରାହ୍ମୀ ସ୍ଥିତି ଲାଭ ନିମନ୍ତେ ନିମ୍ନତର ପ୍ରକୃତିରୁ ପ୍ରତ୍ୟାହାର ଆମକୁ ନିଶ୍ଚିତରୂପେ ମୁକ୍ତ ପୁରୁଷର ନିଷ୍କ୍ରିୟତା ଓ ସଂସାରର କର୍ମ ପ୍ରତି ଉଦାସୀନତା ଦିଗରେ ଘେନିଯିବ । କିନ୍ତୁ ପୁରୁଷୋତ୍ତମରେ ପହଞ୍ଚିପାରିଲେ ଏହି ପ୍ରତ୍ୟାହାରହିଁ ଏପରି ଏକ ସୋପାନ ହୁଏ ଯାହା ଦ୍ୱାରା କି ସଂସାରର କର୍ମ ଆତ୍ମାରେ ଗୃହୀତ ହୁଏ ଓ ଭଗବତ୍ ପ୍ରକୃତି ଏବଂ ଭଗବତ୍ ମୁକ୍ତି ମଧ୍ୟରେ ସମନ୍ୱ ହୁଏ । ନୀରବ ନିଶ୍ଚଳ ବ୍ରହ୍ମକୁ ଯଦି ଲକ୍ଷ୍ୟରୂପେ ଗ୍ରହଣ କର ତେବେ ସଂସାର ଓ ତା'ର ସମସ୍ତ କର୍ମକୁ ପରିତ୍ୟାଗ କରିବାକୁ ହୁଏ; ଭଗବାନ୍, ପରମେଶ୍ୱର ଓ ପୁରୁଷୋତ୍ତମଙ୍କୁ ଯଦି ଲକ୍ଷ୍ୟରୂପେ ଗ୍ରହଣ କର, ଯଦି ତାହାଙ୍କୁ କର୍ମର ଉର୍ଦ୍ଧ୍ୱରେ ତଥାପି କର୍ମର ଆନ୍ତର ଆଧ୍ୟାତ୍ମିକ କାରଣ, ଉଦ୍ଦେଶ୍ୟ ଓ ମୂଳ ସଙ୍କଳ୍ପରୂପେ ଦେଖ ତେବେ ଏକ ଦିବ୍ୟ ବିଶ୍ୱୋତ୍ତୀର୍ଣ୍ଣ ଭାବ ନେଇ ସଂସାର ଓ ସଂସାରର ସମସ୍ତ କର୍ମକୁ ଜୟ କରାଯାଏ ଓ ଅଧିକାର କରାଯାଏ । ତା'ହେଲେ ସଂସାର ଆଉ ଏକ କାରାଗାର ନ ହୋଇ ହୋଇଉଠେ ଏକ ସମୃଦ୍ଧିଶାଳୀ ରାଜ୍ୟ 'ରାଜ୍ୟମ୍ ସମୃଦ୍ଧମ୍', ଯାହାକୁ ଆମେ ଆଧ୍ୟାତ୍ମିକ ଜୀବନ ପାଇଁ ଜୟ କରିଛୁ ଦୁର୍ଦ୍ଧାନ୍ତ ଅହଂର ସୀମାକୁ ଧ୍ୱଂସ କରି, ଆମର ବନ୍ଧନର କାରଣ କାମନାସକଳକୁ ଜୟ କରି ଏବଂ ଆମର ବ୍ୟକ୍ତିଗତ ଭୋଗ ଓ ଐଶ୍ୱର୍ଯ୍ୟର କାରାଗାର ଭଗ୍ନ କରି । ସେତେବେଳେହିଁ ମୁକ୍ତ ବିଶ୍ୱାତ୍ମଭୂତ ଆତ୍ମା ସ୍ୱରାଟ୍ ଓ ସମ୍ରାଟ୍ ହୋଇଉଠେ ।

ଏହିପରି ଭାବରେ ଯଜ୍ଞର କର୍ମକୁ ମୁକ୍ତି ଓ ପୂର୍ଣ୍ଣ ଆଧ୍ୟାତ୍ମିକ ସିଦ୍ଧି, ସଂସିଦ୍ଧି ଲାଭର ଉପାୟ ବୋଲି ଦେଖାଯାଇଛି । ମହାନ୍ ପ୍ରାଚୀନ ଯୋଗର ଜନକ ଓ ଅନ୍ୟାନ୍ୟ ଶ୍ରେଷ୍ଠ କର୍ମଯୋଗୀଗଣ ଅହଂଭାବ ଓ ଆସକ୍ତିକୁ ପରିତ୍ୟାଗ କରି ବାସନାଶୂନ୍ୟ ଓ ସମଭାବାପନ୍ନ ହୋଇ ଯଜ୍ଞରୂପେ କର୍ମ କରି ସିଦ୍ଧିଲାଭ କରିଥିଲେ; 'କର୍ମଣୈବ ହି ସଂସିଦ୍ଧିମାସ୍ଥିତା ଜନକାଦୟଃ ।' ସେହିପରି ଭାବରେ ସେହି ବାସନାଶୂନ୍ୟତା ସହ ମୁକ୍ତି ଓ ସିଦ୍ଧି ପରେ ମଧ୍ୟ କର୍ମ କରାଯାଇପାରେ ଓ କରିବାକୁ ହେବ – ସେତେବେଳେ ତାହା କରିବାକୁ ହେବ ଏକ ବିଶାଳ ଭାଗବତ ଭାବ ଓ ଆଧ୍ୟାତ୍ମିକ ପ୍ରଭୁତ୍ୱର ଶାନ୍ତ ଉଚ୍ଚତର ପ୍ରକୃତି ସହ । ''ଲୋକ ସଂଗ୍ରହ ଉଦ୍ଦେଶ୍ୟରେ ଅର୍ଥାତ୍ ଲୋକଙ୍କୁ ଏକତ୍ର ରଖିବା ପାଇଁ ମଧ୍ୟ ତୁମର କର୍ମ କରିବା କର୍ତ୍ତବ୍ୟ । ଶ୍ରେଷ୍ଠ ବ୍ୟକ୍ତିମାନେ ଯେଉଁପରି ଆଚରଣ କରନ୍ତି, ନିମ୍ନତର ଶ୍ରେଣୀର ଲୋକମାନେ

ତାହାହିଁ କରନ୍ତି, ଶ୍ରେଷ୍ଠମାନେ କର୍ମର ଯେଉଁ ଆଦର୍ଶ ଗଠନ କରନ୍ତି, ସାଧାରଣ ଲୋକେ ତାହାରହିଁ ଅନୁସରଣ କରନ୍ତି । ହେ ପାର୍ଥ, ଏହି ତ୍ରିଲୋକରେ ଏପରି କୌଣସି କର୍ମ ନାହିଁ, ଯାହାକି ମୋ ପାଇଁ ଆବଶ୍ୟକ, ଏପରି କିଛି ଜିନିଷ ନାହିଁ, ଯାହାକି ମୁଁ ଲାଭ କରି ନାହିଁ ଓ ଯାହା ମୋତେ ଲାଭ କରିବାକୁ ହେବ, ତଥାପି ମୁଁ କର୍ମ କରିଚାଲିଛି ।''[୧] 'ବର୍ତ୍ତ ଏବ ଚ କର୍ମଣି' – ଏଠାରେ 'ଏବ' ଶବ୍ଦ ଦ୍ୱାରା ଭଗବାନ୍ କହିବାକୁ ଚାହୁଁଛନ୍ତି ଯେ ସେ କର୍ମ କରିଚାଲିଛନ୍ତି, ସନ୍ନ୍ୟାସୀମାନେ ଯେପରି ମନେ କରନ୍ତି ଯେ ସେମାନେ କର୍ମ ତ୍ୟାଗ କରିବାକୁ ବାଧ୍ୟ, ସେ ସେପରି ଭାବରେ କର୍ମ ତ୍ୟାଗ କରି ନାହାନ୍ତି । ''କାରଣ ଯଦି ମୁଁ ଅତନ୍ଦ୍ର ଭାବରେ କର୍ମରେ ଲାଗି ନ ରହିବି, ଲୋକମାନେ ସର୍ବତୋଭାବରେ ମୋର ପଥ ଅନୁସରଣ କରିବେ, ମୁଁ ଯଦି କର୍ମ ନ କରିବି ତେବେ ଏହି ଲୋକମାନେ ଧ୍ୱଂସ ପଥରେ ବୁଡ଼ିଯିବେ ଏବଂ ମୁଁ ଏହି ବିଶୃଙ୍ଖଳାର ସ୍ରଷ୍ଟା ହେବି ଏବଂ ଏହି ପ୍ରଜାମାନଙ୍କ ବିନାଶର କାରଣ ହେବି । ଅଜ୍ଞ ବ୍ୟକ୍ତିମାନେ କର୍ମ ପ୍ରତି ଆସକ୍ତି ସହ ଯେପରି କର୍ମ କରନ୍ତି, ଜ୍ଞାନୀ ବ୍ୟକ୍ତିମାନେ ସେପରି କୌଣସି ଆସକ୍ତି ନ ରଖି ଲୋକସଂଗ୍ରହ ଉଦ୍ଦେଶ୍ୟରେ କର୍ମ କରିଯିବା ଉଚିତ । ଯେଉଁ ଅଜ୍ଞ ବ୍ୟକ୍ତିମାନେ କର୍ମରେ ଆସକ୍ତ, ସେମାନଙ୍କ ଭିତରେ ଜ୍ଞାନୀ ବ୍ୟକ୍ତିମାନେ ବୁଦ୍ଧିଭେଦ ଆଣିଦେବା ଅନୁଚିତ । ସେ ଜ୍ଞାନଯୁକ୍ତ ଓ ଯୋଗସ୍ଥ ହୋଇ ସ୍ୱୟଂ ସମସ୍ତ କର୍ମ କରି ସେହି ସମସ୍ତ ଅଜ୍ଞ ବ୍ୟକ୍ତିମାନଙ୍କୁ କର୍ମରେ ନିଯୁକ୍ତ ରଖିବା ଉଚିତ ।''[୨] ଏହି ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ସାତଟି ଶ୍ଳୋକ ଅପେକ୍ଷା ଅଧିକ ମୂଲ୍ୟବାନ୍ ଶ୍ଳୋକ ଗୀତାରେ ଆଉ କ୍ୱଚିତ୍ ରହିଛି ।

---

୧ ... ଲୋକସଂଗ୍ରହମେବାପି ସଂପଶ୍ୟନ୍ କର୍ତ୍ତୁମର୍ହସି ॥
ଯଦ୍ ଯଦାଚରତି ଶ୍ରେଷ୍ଠସ୍ତତ୍ତଦେବେତରୋ ଜନଃ ।
ସ ଯତ୍ ପ୍ରମାଣଂ କୁରୁତେ ଲୋକସ୍ତଦନୁବର୍ତ୍ତତେ ॥
ନ ମେ ପାର୍ଥାସ୍ତି କର୍ତ୍ତବ୍ୟଂ ତ୍ରିଷୁ ଲୋକେଷୁ କିଞ୍ଚନ ।
ନାନବାପ୍ତମବାପ୍ତବ୍ୟଂ ବର୍ତ୍ତ ଏବ ଚ କର୍ମଣି ॥ (୩/୨୦-୨୧-୨୨)

୨ ଯଦି ହ୍ୟହଂ ନ ବର୍ତ୍ତେୟଂ ଜାତୁ କର୍ମଣ୍ୟତନ୍ଦ୍ରିତଃ ।
ମମ ବର୍ତ୍ମାନୁବର୍ତ୍ତନ୍ତେ ମନୁଷ୍ୟାଃ ପାର୍ଥ ସର୍ବଶଃ ॥
ଉତ୍ସୀଦେୟୁରିମେ ଲୋକା ନ କୁର୍ୟ୍ୟାଂ କର୍ମ ଚେଦହମ୍ ।
ସଙ୍କରସ୍ୟ ଚ କର୍ତ୍ତା ସ୍ୟାମୁପହନ୍ୟାମିମାଃ ପ୍ରଜାଃ ॥
ସକ୍ତାଃ କର୍ମଣ୍ୟବିଦ୍ୱାଂସୋ ଯଥା କୁର୍ବନ୍ତି ଭାରତ ।
କୁର୍ୟ୍ୟାଦ୍ ବିଦ୍ୱାଂସ୍ତଥାସକ୍ତଶ୍ଚିକୀର୍ଷୁର୍ଲୋକସଂଗ୍ରହମ୍ ॥
ନ ବୁଦ୍ଧିଭେଦଂ ଜନୟେଦଜ୍ଞାନାଂ କର୍ମସଙ୍ଗିନାମ୍ ।
ଜୋଷୟେତ୍ ସର୍ବକର୍ମାଣି ବିଦ୍ୱାନ୍ ଯୁକ୍ତଃ ସମାଚରନ୍ ॥ (୩/୨୩ ରୁ ୨୬)

କିନ୍ତୁ ଆମର ସ୍ପଷ୍ଟ ବୁଝିବା ଦରକାର ଯେ ଏହି ଶ୍ଳୋକଗୁଡ଼ିକୁ ଆଧୁନିକ କର୍ମପ୍ରବଣ ମନ ଯେପରି ବ୍ୟାଖ୍ୟା କରିବାକୁ ଚାହେଁ ସେପରି କଲେ ଚଳିବ ନାହିଁ, କାରଣ ଆଧୁନିକ ମନୋଭାବ କୌଣସି ଉଚ୍ଚତର ଓ ଦୂରସ୍ଥ ଆଧ୍ୟାତ୍ମିକ ସମ୍ଭାବନା ଅପେକ୍ଷା ଜଗତର ବର୍ତ୍ତମାନ ବିଷୟବସ୍ତୁ ନେଇ ଅଧିକ ବ୍ୟସ୍ତ ଓ ସମାଜସେବା, ଦେଶସେବା, ଜଗତ୍ ଓ ମାନବସମାଜର କଲ୍ୟାଣ ଏବଂ ଅନ୍ୟ ଯେଉଁସବୁ ଶହ ଶହ ସାମାଜିକ ପରିକଳ୍ପନା ଓ ସ୍ୱପ୍ନ ଆଧୁନିକ ମନକୁ ଆକର୍ଷଣ କରୁଛି, ସେହି ସବୁଥିପାଇଁ ଏହି ଶ୍ଳୋକସବୁକୁ ଦାର୍ଶନିକ ଓ ଧାର୍ମିକ ସମର୍ଥନରୂପେ ବ୍ୟାଖ୍ୟା କଲେ ଚଳିବ ନାହିଁ । ଏହି ଶ୍ଳୋକଗୁଡ଼ିକରେ କୌଣସି ବ୍ୟାପକ ନୈତିକ ଓ ବୁଦ୍ଧିଗତ ପରୋପକାରର ନୀତି-ନିୟମ ବିଷୟରେ କୁହାଯାଇ ନାହିଁ, ଏଠାରେ ଭଗବାନଙ୍କ ସହିତ ଓ ତାଙ୍କ ଭିତରେ ଯେଉଁ ସମଗ୍ର ଜୀବକୁଳ ବାସ କରୁଛନ୍ତି ଓ ସେ ଯେଉଁମାନଙ୍କ ଭିତରେ ବାସ କରୁଛନ୍ତି ବିଶ୍ୱର ସେହି ଜୀବକୁଳଙ୍କ ସହିତ ଆଧ୍ୟାତ୍ମିକ ଐକ୍ୟ ବିଷୟରେହିଁ କୁହାଯାଇଛି । ଏଠାରେ ବ୍ୟକ୍ତିକୁ ସମାଜ ଓ ମାନବିକତାର ଅଧୀନତା ସ୍ୱୀକାର କରିବାକୁ ବା ମାନବିକ ସମଷ୍ଟିର ଯୂପକାଠରେ ଅହଂକୁ ବଳିଦେବା ପାଇଁ ଆଦେଶ ଦିଆଯାଇ ନାହିଁ, ଏଠାରେ ଭଗବାନଙ୍କ ମଧ୍ୟରେ ବ୍ୟକ୍ତିକୁ ସାର୍ଥକ ଓ ପୂର୍ଣ୍ଣ କରିବା ପାଇଁ ଏବଂ ସର୍ବଗ୍ରାହୀ ଭଗବତ୍ ସତ୍ତାର ଏକମାତ୍ର ସତ୍ୟର ପୂଜାବେଦୀରେ ଅହଂକୁ ବଳିଦେବା ପାଇଁ ଉପଦେଶ ଦିଆଯାଇଛି । ଆଧୁନିକ ମନ ଯେଉଁସବୁ ଭାବ, ଅନୁଭୂତିର ସ୍ତରରେ ରହିଛି ଗୀତା ତା' ଅପେକ୍ଷା ଏକ ଉଚ୍ଚ ସ୍ତରରେ ବିଚରଣ କରୁଛି । ଆଧୁନିକ ମନ ଅବଶ୍ୟ ବର୍ତ୍ତମାନ ଅହଂର ଶୃଙ୍ଖଳରୁ ମୁକ୍ତ ହେବା ପାଇଁ ଚେଷ୍ଟା କରିବାର ସ୍ତରରେ ରହିଛି ତଥାପି ତାହାର ଦୃଷ୍ଟି ଐହିକତା ଦିଗରେ ଏବଂ ସେ ମତିଗତିରେ ଆଧ୍ୟାତ୍ମିକ ଅପେକ୍ଷା ଅଧିକ ବୁଦ୍ଧିଗତ ଓ ନୈତିକ । ଦେଶପ୍ରେମ, ବିଶ୍ୱପ୍ରେମ, ସମାଜସେବା, ସମଷ୍ଟିବାଦ, ମାନବସେବା, ମାନବଧର୍ମର ଆଦର୍ଶ – ଏହିଗୁଡ଼ିକ ନିଃସନ୍ଦେହ ଭାବରେ ପ୍ରଶଂସନୀୟ ସହାୟକ ଯାହା ସାହାଯ୍ୟରେ କି ଆମେ ବ୍ୟକ୍ତି, ପରିବାର, ସମାଜ ଓ ଜାତୀୟତା ଆଦିର ଅହଂରେ ପରିପୂର୍ଣ୍ଣ ଆମର ପ୍ରାଥମିକ ଅବସ୍ଥାରୁ ମୁକ୍ତ ହୋଇ ତାହାର ପରବର୍ତ୍ତୀ ଦ୍ୱିତୀୟ ସ୍ତରରେ ପହଞ୍ଚୁ । ଏହି ଦ୍ୱିତୀୟ ସ୍ତରରେ ବ୍ୟକ୍ତି ଯେତେଦୂର ସମ୍ଭବ ଅନ୍ୟାନ୍ୟ ଜୀବନ ଓ ଅସ୍ତିତ୍ୱ ସହ ନିଜ ଜୀବନର ଏକତ୍ୱ ଉପଲବ୍ଧି କରେ, ଯଦିଓ ସେ ଏହାକୁ ପୂର୍ଣ୍ଣରୂପେ, ଯଥାର୍ଥ ଓ ସର୍ବାଙ୍ଗସୁନ୍ଦର ଭାବରେ, ନିଜ ସତ୍ତାର ପୂର୍ଣ୍ଣ ସତ୍ୟ ଅନୁସାରେ ଉପଲବ୍ଧି କରିପାରେ ନାହିଁ । କିନ୍ତୁ ଗୀତାର ବିଚାର ଏହାର ଅତୀତକୁ ଯାଇ ଆମର ବିକଶମାନ ଆତ୍ମ-ଚୈତନ୍ୟର ଆଉ ଏକ ତୃତୀୟ ସ୍ତରକୁ ନିର୍ଦ୍ଦେଶ କରିଛି ଯେଉଁଠି ପହଞ୍ଚିବା ଦିଗରେ ଏହି ଦ୍ୱିତୀୟ ଅବସ୍ଥାଟି ଅଗ୍ରଗତିର ଏକ ଆଂଶିକ ଧାପ ମାତ୍ର ।

ଭାରତର ସାମାଜିକ ରୀତିନୀତି ବ୍ୟକ୍ତିକୁ ସମାଜର ଅଧୀନ କରିବାର ପକ୍ଷପାତୀ

ହୋଇଆସିଛି, କିନ୍ତୁ ଭାରତର ଧର୍ମ-ବିଚାର ଓ ଆଧ୍ୟାତ୍ମିକ ସାଧନା ସବୁସମୟରେ ନିଜ ଲକ୍ଷ୍ୟରେ ବ୍ୟକ୍ତିକୁହିଁ ପ୍ରଧାନ ଆସନ ଦେଇଆସିଛି । ତେଣୁ ଏହା ଅବଶ୍ୟମ୍ଭାବୀ ଯେ ଗୀତା ପରି ଏକ ଭାରତୀୟ ଶାସ୍ତ୍ରରେ ବ୍ୟକ୍ତିର ବିକାଶ, ତା'ର ସର୍ବୋତ୍ତମ ପ୍ରୟୋଜନ, ତା'ର ବିପୁଳତମ ଅଧ୍ୟାତ୍ମମୁକ୍ତି, ମହାନତା, ଐଶ୍ୱର୍ଯ୍ୟ ଓ ପ୍ରଭୁତ୍ୱକୁ ଆବିଷ୍କାର ଓ ଉପଯୋଗ କରିବା ପାଇଁ ତା'ର ଅଧିକାରକୁହିଁ ପ୍ରଥମ ଓ ପ୍ରଧାନ ସ୍ଥାନ ଦିଆଯାଇଛି । ଆଧ୍ୟାତ୍ମିକ ଅର୍ଥରେ ଯାହାକୁ ଦ୍ରଷ୍ଟା ଓ ରାଜା କୁହାଯାଏ, ସେହିପରି ମହାନ୍ ଦ୍ରଷ୍ଟା ଓ ରାଜା ହୋଇଉଠିବା ପାଇଁ ତା'ର ଲକ୍ଷ୍ୟକୁହିଁ ପ୍ରଧାନ ସ୍ଥାନ ଦିଆଯାଇଛି । ଏହାହିଁ ଥିଲା ଆଦର୍ଶ ମାନବତ୍ୱ ସମ୍ପର୍କରେ ପ୍ରାଚୀନ ବୈଦିକ ଋଷିମାନଙ୍କର ପ୍ରଥମ ମହାନ୍ ସନନ୍ଦ । ବ୍ୟକ୍ତି ପାଇଁ ସେମାନେ ଯେଉଁ ଲକ୍ଷ୍ୟ ସ୍ଥାପନ କରିଥିଲେ ତା' ହେଲା ନିଜକୁ ଅତିକ୍ରମ କରିଯିବା, କିନ୍ତୁ ଏକ ସଂଗଠିତ ମାନବସମାଜର ଲକ୍ଷ୍ୟ ଭିତରେ ନିଜର ଲକ୍ଷ୍ୟକୁ ହରାଇ ଦେଇ ନୁହେଁ ବରଂ ନିଜକୁ ପ୍ରସାରିତ କରି, ଉଚ୍ଚ କରି, ଭଗବତ୍ ଚୈତନ୍ୟ ଲାଭ ଦିଗରେ ଆଗେଇ ଯିବାହିଁ ଥିଲା ଲକ୍ଷ୍ୟ । ଗୀତା ଏଠାରେ ଯେଉଁ ବିଧାନ ଉପସ୍ଥାପନ କରିଛି, ତାହା ଶ୍ରେଷ୍ଠ ମାନବ ପାଇଁ, ଅତିମାନବ ପାଇଁ, ଦେବମାନବ ଓ ଯେ ସର୍ବୋତ୍ତମ, ଶ୍ରେଷ୍ଠ, ତାହା ପାଇଁ । କିନ୍ତୁ ଗୀତାର ଅତିମାନବ ନିତ୍‌ଶେଙ୍କ (Nietzche) କଥିତ ଅତିମାନବ ନୁହେଁ, ଏହା କୌଣସି ଏକାଙ୍ଗୀ ବା ଅସମ ଭାବରେ ଆତ୍ୟନ୍ତିକ ବିକାଶ ଲାଭ କରିଥିବା ଅତିମାନବତା ନୁହେଁ, କୌଣସି ଅଲମ୍ପିଆନ୍, ଆପୋଲୋନିଆନ୍ ବା ଡାଇଓନିସିଆନ୍ ବା କିନ୍ନର ବା କୌଣସି ଦାନବସୁଲଭ ଅତିମାନବ ନୁହେଁ । ଗୀତାର ଅତିମାନବ ହେଉଛି ସେହି ମାନବ, ଯାହାର ସମସ୍ତ ବ୍ୟକ୍ତିତ୍ୱ ସେହି ଏକ ସର୍ବାତୀତ ଓ ବିଶ୍ୱମୟ ପରମ ଭାଗବତ ପୁରୁଷଙ୍କର ସତ୍ତା, ପ୍ରକୃତି ଓ ଚୈତନ୍ୟ ନିକଟରେ ଉତ୍ସର୍ଗ କରାହୋଇଛି ଏବଂ ଯେ ନିଜର କ୍ଷୁଦ୍ର ସତ୍ତାକୁ ହରାଇ ନିଜର ମହତ୍ତର ସତ୍ତା ଓ ନିଜର ଦିବ୍ୟସ୍ୱରୂପକୁ ଲାଭ କରିଛି ।

ନିମ୍ନର ଅପୂର୍ଣ୍ଣ ପ୍ରକୃତି ଭିତରୁ, ତ୍ରିଗୁଣମୟୀ ମାୟା ଭିତରୁ ନିଜକୁ ଉଠାଇ ଭଗବାନଙ୍କର ସତ୍ତା, ଚେତନା ଓ ପ୍ରକୃତି* ସହିତ ଏକ ହୋଇଯିବା 'ମଦ୍‌ଭାବମାଗତାଃ', ଏହାହିଁ ହେଉଛି ଯୋଗର ଲକ୍ଷ୍ୟ । କିନ୍ତୁ ଯେତେବେଳେ ଏହି ଉଦ୍ଦେଶ୍ୟ ସିଦ୍ଧ ହୁଏ, ଯେତେବେଳେ ମଣିଷ ବ୍ରାହ୍ମୀ ସ୍ଥିତି ଲାଭ କରି ନିଜକୁ ଓ ଜଗତକୁ ଆଉ ମିଥ୍ୟା ଅହଂର ଦୃଷ୍ଟିରେ ଦେଖେ ନାହିଁ ବରଂ ସର୍ବଭୂତଙ୍କୁ ଆତ୍ମା ଭିତରେ, ଭଗବାନଙ୍କ ଭିତରେ ଦେଖେ ଓ ଆତ୍ମାକୁ, ଭଗବାନଙ୍କୁ ମଧ୍ୟ ସର୍ବଭୂତରେ ଦେଖେ, ସେତେବେଳେ ତା' ପାଇଁ କର୍ମର ସ୍ୱରୂପ କ'ଣ ହେବ – କାରଣ ସେତେବେଳେ ବି କର୍ମ ରହିଛି – ଯାହାକି ସେହି ବ୍ରାହ୍ମୀ-

* ସାୟୁଜ୍ୟ, ସାଲୋକ୍ୟ ଓ ସାଦୃଶ୍ୟ ବା ସାଧର୍ମ୍ୟ । ସାଧର୍ମ୍ୟ ହେଉଛି ଭଗବାନଙ୍କ ସହିତ ସତ୍ତା ଓ କର୍ମରେ ଏକ ହୋଇଯିବା ।

ସ୍ଥିତିଲବ୍ଧ ଦୃଷ୍ଟିରୁ ଉଦ୍ଭୂତ ହୋଇଥାଏ, ସେତେବେଳେ ତା'ର ସମସ୍ତ କର୍ମର ବିଶ୍ୱଗତ ଓ ବ୍ୟକ୍ତିଗତ ହେତୁ କ'ଣ ହେବ ? ଏହାହିଁ ଥିଲା ଅର୍ଜୁନଙ୍କର ପ୍ରଶ୍ନ ''କିଂ ପ୍ରଭାଷେତ କିମାସୀତ ବ୍ରଜେତ କିମ୍'', ସ୍ଥିତଧୀ ବ୍ୟକ୍ତି କିପରି ଭାବରେ କଥା କହନ୍ତି ? କିପରି ରହନ୍ତି ? କିପରି ଚଳନ୍ତି ? – କିନ୍ତୁ ଅର୍ଜୁନ ଯେଉଁ ଦୃଷ୍ଟିକୋଣରୁ ଏହି ପ୍ରଶ୍ନ କରିଥିଲେ ଭଗବାନ୍ ତା'ର ଉତ୍ତର ଦେଲେ ଭିନ୍ନ ଏକ ଦୃଷ୍ଟିକୋଣରୁ । ମାନସିକ, ବୁଦ୍ଧି, ନୈତିକତା ବା ହୃଦୟାବେଗସ୍ତରରେ ଯେଉଁ ବ୍ୟକ୍ତିଗତ କାମନା-ବାସନା ଥାଏ ତାହା କେବେହେଲେ ଏହି କର୍ମର ହେତୁ ହୋଇପାରିବ ନାହିଁ, କାରଣ ତାହାକୁ ପରିତ୍ୟାଗ କରାଯାଇଛି – ଏପରିକି ନୈତିକ ହେତୁକୁ ମଧ୍ୟ ପରିତ୍ୟାଗ କରାଯାଇଛି, କାରଣ ମୁକ୍ତ ପୁରୁଷ ପାପ-ପୁଣ୍ୟର ନିମ୍ନତର ଭେଦକୁ ଅତିକ୍ରମ କରିଯାଇ ଭଲମନ୍ଦର ଊର୍ଦ୍ଧ୍ୱରେ ଏକ ମହିମାନ୍ୱିତ ପବିତ୍ରତା ଭିତରେ ବାସ କରୁଛି । ନିଃସ୍ୱାର୍ଥ କର୍ମ ଦ୍ୱାରା ପୂର୍ଣ୍ଣ ଆତ୍ମବିକାଶ ପାଇଁ ଯେଉଁ ଆଧ୍ୟାତ୍ମିକ ଆହ୍ୱାନ ତାହା ମଧ୍ୟ ତା' କର୍ମର ହେତୁ ହୋଇପାରିବ ନାହିଁ, କାରଣ ସେ ଏ ଆହ୍ୱାନର ଉତ୍ତର ଦେଇସାରିଛି ଓ ତା'ର ଆତ୍ମବିକାଶ ପୂର୍ଣ୍ଣ ଓ ସିଦ୍ଧ ହୋଇସାରିଛି । ତା'ର କର୍ମର ଏକମାତ୍ର ହେତୁ ହୋଇପାରେ ଲୋକସଂଗ୍ରହ, 'ଚିକୀର୍ଷୁର୍ଲୋକସଂଗ୍ରହମ୍' । ଏକ ସୁଦୂର ଭାଗବତ ଲକ୍ଷ୍ୟ ଦିଗରେ ମାନବମାନଙ୍କର ଏହି ଯେଉଁ ମହାନ୍ ଯାତ୍ରା ଆରମ୍ଭ ହୋଇଛି ତାକୁ ଅକ୍ଷୁଣ୍ଣ ଭାବରେ ଏକତ୍ର ରଖିବାକୁ ହେବ; ମୋହ, ବିଭ୍ରାନ୍ତି ଓ ବୁଦ୍ଧିଭ୍ରଂଶ ଭିତରେ ପତନର ହାତରୁ ଏମାନଙ୍କୁ ରକ୍ଷା କରିବାକୁ ହେବ । ନଚେତ୍ ଏହି ଲୋକମାନେ ଉଚ୍ଛନ୍ନ ଓ ନଷ୍ଟଭ୍ରଷ୍ଟ ହୋଇଯିବେ ଏବଂ ପୃଥିବୀ ଅଜ୍ଞାନର ଯେଉଁ ରାତ୍ରି ଓ ଅନ୍ଧକାରମୟ ସାୟାହ୍ନ ଭିତର ଦେଇ ଗତି କରୁଛି ତାହା ସହଜରେ ଧ୍ୱଂସ ଅଭିମୁଖରେ ଆଗେଇଯିବ, ଯଦି ଶ୍ରେଷ୍ଠ ବ୍ୟକ୍ତିମାନଙ୍କର ଜ୍ଞାନାଲୋକ, ସାମର୍ଥ୍ୟ, ଆଚରଣ, ଦୃଷ୍ଟାନ୍ତ ଓ ମାନଦଣ୍ଡ ଏବଂ ଅଦୃଶ୍ୟ ପ୍ରଭାବ ଦ୍ୱାରା ଏହାକୁ ଏକତ୍ର ଧରି ରଖା ନ ଯାଏ ଓ ଯେଉଁ ମାର୍ଗରେ ଗତି କରିବାହିଁ ମନୁଷ୍ୟସମାଜ ପାଇଁ ସବୁଠୁ କଲ୍ୟାଣକର ସେହି ମହାନ୍ ମାର୍ଗରେ ସେମାନଙ୍କୁ ଚାଳିତ କରା ନ ଯାଏ । ଯେଉଁମାନେ ଶ୍ରେଷ୍ଠ, ଅର୍ଥାତ୍ ଯେଉଁ ବ୍ୟକ୍ତିମାନେ ସାଧାରଣଙ୍କ ଅପେକ୍ଷା ଅଗ୍ରଗାମୀ, ସମଷ୍ଟିର ସାଧାରଣ ସ୍ତରର ଊର୍ଦ୍ଧ୍ୱରେ, ସେହିମାନେହିଁ ମାନବସମାଜର ସ୍ୱାଭାବିକ ନେତା, କାରଣ ସେହିମାନେହିଁ ମାନବଜାତିକୁ ଦେଖାଇଦେଇ ପାରିବେ ସେ କେଉଁ ମାର୍ଗ ଅନୁସରଣ କରିବା ଉଚିତ ଓ ନିଜ ଆଗରେ କେଉଁ ଲକ୍ଷ୍ୟ ଓ କେଉଁ ଆଦର୍ଶ ରଖିବା ଉଚିତ । କିନ୍ତୁ ଦିବ୍ୟ ଭାଗବତଭାବାପନ୍ନ ମାନବ କେବଳ ସାଧାରଣ ଅର୍ଥରେ ଶ୍ରେଷ୍ଠ ନୁହେଁ, ତାହାର ପ୍ରଭାବ, ତାହାର ଦୃଷ୍ଟାନ୍ତର ଏପରି ଶକ୍ତି ରହିବ ଯାହାକି ସାଧାରଣ ଶ୍ରେଷ୍ଠ ମନୁଷ୍ୟର ରହିପାରେ ନା । ତା' ହେଲେ ସେ କେଉଁ ପ୍ରକାରର ଦୃଷ୍ଟାନ୍ତ ରଖିବ, ସେ କେଉଁ ଧରଣର ବିଧାନ ଓ ଆଦର୍ଶକୁ ସମ୍ମୁଖରେ ଧରି ରଖିବ ?

ନିଜର ବକ୍ତବ୍ୟକୁ ଆହୁରି ପୂର୍ଣ୍ଣ ଭାବରେ ସ୍ପଷ୍ଟ କରିବାକୁ ଯାଇ ଦିବ୍ୟଗୁରୁ, ଅବତାର ନିଜର ଦୃଷ୍ଟାନ୍ତ, ନିଜର ଆଦର୍ଶକୁ ଅର୍ଜୁନଙ୍କ ଆଗରେ ରଖିଲେ । ସେ ଯେପରି କହିଲେ, "ମୁଁ କର୍ମପଥରେହିଁ ଚାଲିଛି, ଏହି ପଥକୁହିଁ ସମସ୍ତ ମନୁଷ୍ୟ ଅନୁସରଣ କରନ୍ତି, ତୁମକୁ ମଧ୍ୟ କର୍ମ କରିବାକୁ ହେବ । ମୁଁ ଯେଉଁ ଭାବରେ କର୍ମ କରେ ସେହି ଭାବରେ ତୁମକୁ ମଧ୍ୟ କର୍ମ କରିବାକୁ ହେବ । ମୁଁ କର୍ମର ଆବଶ୍ୟକତାର ଊର୍ଦ୍ଧ୍ୱରେ, କର୍ମ ଦ୍ୱାରା ଲାଭ କରିଲା ଭଳି ମୋ ପାଇଁ କୌଣସି ଜିନିଷ ନାହିଁ; ମୁଁ ଭଗବାନ୍, ସଂସାରର ସମସ୍ତ ବସ୍ତୁ, ସମସ୍ତ ଜୀବନହିଁ ମୋର ଅଧିକାରର ଅନ୍ତର୍ଗତ, ମୁଁ ନିଜେ ସଂସାରର ଅତୀତ ଓ ତହିଁ ସଙ୍ଗେ ସଙ୍ଗେ ସଂସାର ଭିତରେ ମଧ୍ୟ ରହିଛି ଏବଂ କୌଣସି ବସ୍ତୁ ପାଇଁ ମୋତେ ତ୍ରିଭୁବନରେ କୌଣସି ପଦାର୍ଥ ବା କୌଣସି ବ୍ୟକ୍ତି ଉପରେ ନିର୍ଭର କରିବାକୁ ପଡ଼େ ନାହିଁ; ତଥାପି ମୁଁ କର୍ମ କରୁଛି । କର୍ମରେ ତୁମେ ଏହି ଭାବ ଓ ଏହି ରୀତିକୁହିଁ ଗ୍ରହଣ କରିବା ଉଚିତ । ମୁଁ ଭଗବାନ୍, ମୁଁ ବିଧାନ, ମୁହିଁ ଆଦର୍ଶ, ମନୁଷ୍ୟ ଯେଉଁ ପଥରେ ଚାଲିବ ତାହା ମୁହିଁ ପ୍ରସ୍ତୁତ କରେ । ମୁହିଁ ପଥ ଏବଂ ମୁହିଁ ଲକ୍ଷ୍ୟ କିନ୍ତୁ ମୁଁ ଏ ସମସ୍ତ କିଛିକୁ ବ୍ୟାପକ ଭାବରେ, ବିଶ୍ୱଗତ ଭାବରେ କରେ, ଆଂଶିକ ଭାବରେ ଦୃଶ୍ୟତଃ କରେ, କିନ୍ତୁ ଅନେକ ବେଶୀ ଭାଗ ଅଦୃଶ୍ୟ ଭାବରେହିଁ କରେ ଏବଂ ଲୋକମାନେ କେହି ପ୍ରକୃତରେ ମୋର କର୍ମର ରୀତିକୁ ବୁଝିପାରନ୍ତି ନାହିଁ । ତୁମେ ଯେତେବେଳେ ସବୁ ଜାଣିବ ଓ ଦେଖିବ, ତୁମେ ଯେତେବେଳେ ଦିବ୍ୟମାନବ ହେବ, ତୁମେ ସେତେବେଳେ ଭଗବାନଙ୍କର ଏକ ବ୍ୟକ୍ତିଗତ ଶକ୍ତିରେ ପରିଣତ ହେବ, ମନୁଷ୍ୟ ହୋଇ ମଧ୍ୟ ଏକ ଦିବ୍ୟ ଦୃଷ୍ଟାନ୍ତରେ ପରିଣତ ହେବ, ଯେପରି ଭାବରେ ମୁଁ ମୋର ଅବତାରମାନଙ୍କ ଭିତରେ ରୂପ ନିଏ । ଅଧିକାଂଶ ମନୁଷ୍ୟ ଅଜ୍ଞାନତାରେ ବାସ କରନ୍ତି, ଭଗବଦ୍‌ଦ୍ରଷ୍ଟା ଜ୍ଞାନରେ ବାସ କରେ, କିନ୍ତୁ ସେ ଯେପରି ନିଜର ଶ୍ରେଷ୍ଠତ୍ୱବୋଧରେ ସଂସାରର କର୍ମକୁ ପରିତ୍ୟାଗ କରିବାର କୌଣସି ବିପଜ୍ଜନକ ଦୃଷ୍ଟାନ୍ତ ଦେଖାଇ ଲୋକମାନଙ୍କ ମନରେ ସଂଶୟ ନ ଆଣେ, ସେ ଯେପରି କର୍ମର ସୂତ୍ରକୁ ତାହାର ସମୟ ହେବା ପୂର୍ବରୁ ଛିନ୍ନ ନ କରେ, ମୁଁ ଯେଉଁ ପଥ ନିର୍ମାଣ କରିଛି ଓ ତହିଁରେ ଯେଉଁ ସ୍ତର ଓ କ୍ରମ ଆଦିର ନିର୍ଦ୍ଧାରଣ କରିଛି ସେ ଯେପରି ତହିଁରେ କୌଣସି ବିଭ୍ରାନ୍ତି ଓ ବିଘ୍ନ ନ ଘଟାଏ । ମାନବୀୟ କର୍ମର ସମୁଦାୟ ବ୍ୟବସ୍ଥାକୁ ମୁଁ ଏହି ବିଷୟ ପ୍ରତି ଦୃଷ୍ଟି ରଖି ନିର୍ଦ୍ଧାରଣ କରିଛି, ଯେପରିକି ସେ ନିମ୍ନରୁ ଉଚ୍ଚତର ପ୍ରକୃତି ଦିଗରେ ଆପାତ ଅଦିବ୍ୟତାରୁ ସଚେତନ ଦିବ୍ୟତା ଦିଗରେ ଆଗେଇ ଯାଇପାରେ । ଭଗବଦ୍ ଜ୍ଞାନୀ ମାନବୀୟ କର୍ମର ସମୁଦାୟ ପରିସର ଭିତରେ ବିଚରଣ କରିପାରେ । ସମସ୍ତ ବ୍ୟକ୍ତିଗତ ଓ ସାମାଜିକ କର୍ମ, ବୁଦ୍ଧି, ହୃଦୟ ଓ ଶରୀରର ସମସ୍ତ କର୍ମ ସେ କରିବ କିନ୍ତୁ ତାହା ଆଉ ତା'ର ନିଜର ସ୍ୱତନ୍ତ୍ର ସତ୍ତା ପାଇଁ ନୁହେଁ, ତାହା ହେବ ସେହି ଭଗବାନଙ୍କ ଉଦ୍ଦେଶ୍ୟରେ ଯେକି ସଂସାର ଭିତରେ

ଓ ସମସ୍ତ ପ୍ରାଣୀମାନଙ୍କ ଭିତରେ ବିଦ୍ୟମାନ ରହିଛନ୍ତି; ତା'ର ଉଦ୍ଦେଶ୍ୟ ହେବ, ସେ ନିଜେ ଯେପରି କର୍ମର ପଥ ଅନୁସରଣ କରି ନିଜ ମଧ୍ୟରେ ଭଗବାନଙ୍କୁ ଲାଭ କରିଛି, ଅନ୍ୟ ସମସ୍ତେ ମଧ୍ୟ ସେହି ଭାବରେ କର୍ମପଥରେ ଆଗେଇଯାଇ ଭଗବାନଙ୍କୁ ଲାଭ କରନ୍ତୁ । ବାହ୍ୟତଃ ତା'ର କର୍ମ ସେମାନଙ୍କ କର୍ମଠାରୁ ମୂଳତଃ ପୃଥକ୍ ବୋଲି ଜଣାଯାଇ ନ ପାରେ, ଯୁଦ୍ଧ ଓ ରାଜ୍ୟଶାସନଠାରୁ ଆରମ୍ଭ କରି ଶିକ୍ଷାଦାନ ଓ ଜ୍ଞାନଚର୍ଚ୍ଚା ପର୍ଯ୍ୟନ୍ତ ମନୁଷ୍ୟ ସହିତ ମନୁଷ୍ୟର ଯେତେ ପ୍ରକାର ଆଦାନପ୍ରଦାନ ରହିଛି ସବୁକିଛି ତା'ର କର୍ମର ପରିସର ଭିତରକୁ ଆସିପାରେ, କିନ୍ତୁ ସେ ଯେଉଁ ଭାବନେଇ ଉକ୍ତ କର୍ମକୁ କରିବ ତାହା ସମ୍ପୂର୍ଣ୍ଣ ଭିନ୍ନ । ସେହି ଭାବହିଁ ତା'ର ପ୍ରଭାବ ଦ୍ୱାରା ସେ ନିଜେ ଲାଭ କରିଥିବା ଉଚ୍ଚତର ସ୍ତର ଦିଗରେ ମନୁଷ୍ୟମାନଙ୍କୁ ଉର୍ଦ୍ଧ୍ୱକୁ ଆକର୍ଷଣ କରିବାର ଏକ ପ୍ରଧାନ ଶକ୍ତି ହେବ ଏବଂ ମାନବସମାଜକୁ ସେମାନଙ୍କ ଆରୋହଣ ପଥରେ ଆହୁରି ଉର୍ଦ୍ଧ୍ୱକୁ ଉଠାଇ ନେବା ପାଇଁ ଏକ ମହାନ୍ ଉତ୍ତୋଳକ ସ୍ୱରୂପ ହେବ ।''

ଏଠାରେ ମୁକ୍ତ ପୁରୁଷ ପାଇଁ ଭଗବାନ୍ ସ୍ୱୟଂ ନିଜର ଯେଉଁ ଦୃଷ୍ଟାନ୍ତ ରଖିଲେ ତାହା ଗଭୀର ଭାବରେ ତାତ୍ପର୍ଯ୍ୟପୂର୍ଣ୍ଣ । କାରଣ ଏହା ଦିବ୍ୟକର୍ମ ସମ୍ପର୍କରେ ଗୀତାଦର୍ଶନର ସମୁଦାୟ ଭିତ୍ତିକୁ ପ୍ରକାଶ କରୁଛି । ମୁକ୍ତପୁରୁଷ ହେଉଛନ୍ତି ସେହି ବ୍ୟକ୍ତି ଯେ ନିଜକୁ ଭଗବତ୍ ପ୍ରକୃତିରେ ଉନ୍ନୀତ କରିଛନ୍ତି ଏବଂ ତାଙ୍କର ସମସ୍ତ କର୍ମ ଏହି ଭାଗବତ ପ୍ରକୃତି ଅନୁସାରେହିଁ ହେଉଛି । କିନ୍ତୁ ଭଗବତ୍ ପ୍ରକୃତିର ଅର୍ଥ କ'ଣ ? ଏହା କେବଳ ଅକ୍ଷରର ପ୍ରକୃତି ନୁହେଁ, ଯେକି ନିଶ୍ଚଳ, ନିଷ୍କ୍ରିୟ ଓ ନୈର୍ବ୍ୟକ୍ତିକ, କାରଣ କେବଳ ଏହି ଭାବ ମୁକ୍ତ ପୁରୁଷକୁ ନିଷ୍କ୍ରିୟ ନିଶ୍ଚଳତା ଦିଗରେ ଆଗେଇ ନେବ; ଏହା ମଧ୍ୟ କ୍ଷର ପ୍ରକୃତି ନୁହେଁ ଯାହାକି ବିବିଧ, ବ୍ୟଷ୍ଟିଗତ ଓ ଯେଉଁଠି ପୁରୁଷ ପ୍ରକୃତିର ଅଧୀନ, କାରଣ ସେପରି ହେଲେ ତାହା ମୁକ୍ତପୁରୁଷକୁ ପୁଣି ନିଜର ବ୍ୟକ୍ତିତ୍ୱର ତଥା ନିମ୍ନପ୍ରକୃତି ଓ ତା'ର ଗୁଣର ଅଧୀନତା ଆଡ଼କୁ ଫେରାଇନେବ । ଏହା ହେଉଛି ପୁରୁଷୋତ୍ତମଙ୍କର ପ୍ରକୃତି ଯେ ଅକ୍ଷର ଓ କ୍ଷର ଏ ଦୁଇଟିକୁ ଏକ ସଙ୍ଗରେ ଧାରଣ କରିଛନ୍ତି ଏବଂ ନିଜର ପରମ ଦିବ୍ୟତାରେ ଏକ ଦିବ୍ୟ ସମନ୍ୱୟ ଭିତରେ ସେମାନଙ୍କର ସମନ୍ୱୟ ସାଧନ କରୁଛନ୍ତି, ଏହାହିଁ ହେଉଛି ତାଙ୍କର ସତ୍ତାର ପରମ ରହସ୍ୟ, ''ରହସ୍ୟମ୍ ହ୍ୟେତଦୁତ୍ତମମ୍'' । ପ୍ରକୃତିରେ ବଦ୍ଧ ଆମେମାନେ ଯେପରି ବ୍ୟକ୍ତିଗତ ଭାବରେ କର୍ମ କରୁ ସେ ସେପରି ଭାବରେ କର୍ମ କରନ୍ତି ନାହିଁ; କାରଣ ଭଗବାନ୍ ତାଙ୍କର ଶକ୍ତି, ମାୟା, ପ୍ରକୃତି ଭିତର ଦେଇ କାର୍ଯ୍ୟ କରନ୍ତି, କିନ୍ତୁ ଏହାର ଉର୍ଦ୍ଧ୍ୱରେ ଥାଆନ୍ତି, ଏଥିରେ ଆବଦ୍ଧ ହୋଇ ବା ଏହାର ଅଧୀନ ହୋଇ ନ ଥା'ନ୍ତି । ଏହି ପ୍ରକୃତି କର୍ମର ଯେଉଁ ନିୟମ, ଧାରା ଓ ସଂସ୍କାର ସୃଷ୍ଟିକରେ ସେ ନିଜକୁ ତା'ର ଉପରକୁ ଉଠାଇ ନେବାକୁ ଅକ୍ଷମ ନୁହନ୍ତି, ସେଗୁଡ଼ିକ ଦ୍ୱାରା ବିଚଳିତ ବା ଆବଦ୍ଧ ନୁହନ୍ତି ବା ଆମେମାନେ ଯେପରି ପ୍ରାଣ, ମନ ଓ

ଦେହର କର୍ମ ଭିତରୁ ନିଜକୁ ପୃଥକ୍ କରିବାକୁ ଅକ୍ଷମ, ସେ ସେପରି ଅକ୍ଷମ ନୁହନ୍ତି । ସେ କର୍ମର କର୍ତ୍ତା ହୋଇ ମଧ୍ୟ କର୍ମ କରନ୍ତି ନାହିଁ, 'କର୍ତ୍ତାରମ୍ ଅକର୍ତ୍ତାରମ୍' । କୃଷ୍ଣ କହୁଛନ୍ତି ''ମୋତେ ଏହାର (ଚାତୁର୍ବର୍ଣ୍ଣ୍ୟର) କର୍ତ୍ତା ବୋଲି ଅଥଚ ଅବିନାଶୀ ଅକର୍ତ୍ତା ବୋଲି ମଧ୍ୟ ଜାଣ । କର୍ମସବୁ ମୋଠାରେ ଲିପ୍ତ ହୁଏ ନାହିଁ (ନ ଲିମ୍ପନ୍ତି) ବା କର୍ମ ଫଳରେ ମୋର କୌଣସି ସ୍ପୃହା ନାହିଁ ।[୧] କିନ୍ତୁ ପୁଣି ସେ ନିଷ୍କ୍ରିୟ, ନିଶ୍ଚଳ, ଅକ୍ଷମ ସାକ୍ଷୀ ମାତ୍ର ନୁହନ୍ତି, କାରଣ ତାଙ୍କ ଶକ୍ତିର ପଦକ୍ଷେପ ଓ କ୍ରିୟା ଭିତରେ ସେହିଁ କର୍ମ କରନ୍ତି । ଏହି ଶକ୍ତିର ପ୍ରତ୍ୟେକଟି ଗତିବୃତ୍ତି, ଏହା ଦ୍ୱାରା ସୃଷ୍ଟ ଜୀବଜଗତର ପ୍ରତ୍ୟେକଟି ଅଣୁପରମାଣୁ ତାଙ୍କର ଉପସ୍ଥିତିରେ ଅନୁପ୍ରାଣିତ, ତାଙ୍କରି ଚେତନାରେହିଁ ପୂର୍ଣ୍ଣ, ତାଙ୍କର ସଙ୍କଳ୍ପରେହିଁ ପରିଚାଳିତ ଓ ତାଙ୍କରି ଜ୍ଞାନରେହିଁ ରୂପାୟିତ ।

ତା'ଛଡ଼ା, ସେ ହେଉଛନ୍ତି ସେହି ପରମ ପୁରୁଷ ଯେ ଗୁଣଶୂନ୍ୟ ହୋଇ ମଧ୍ୟ ସକଳଗୁଣର ଅଧିକାରୀ, 'ନିର୍ଗୁଣୋ ଗୁଣୀ'[୨] । ସେ ପ୍ରକୃତିର କୌଣସି ଗୁଣ ବା କର୍ମ ଦ୍ୱାରା ବଦ୍ଧ ନୁହନ୍ତି କିଂବା ଆମର ବ୍ୟକ୍ତିତ୍ୱ ପରି ସେ ପ୍ରକୃତିର ଗୁଣଧର୍ମ ସମୂହର ସମଷ୍ଟି ମାତ୍ର ନୁହନ୍ତି ବା ମାନସିକ, ନୈତିକ, ଭାବମୟ, ପ୍ରାଣିକ ଓ ଦୈହିକ ସତ୍ତାର ସ୍ୱଭାବସୁଲଭ କ୍ରିୟାସମୂହର ସମଷ୍ଟି ମାତ୍ର ନୁହନ୍ତି । ସେ ହେଉଛନ୍ତି ସମସ୍ତ ଗୁଣ ଓ ଧର୍ମର ମୂଳ ଉତ୍ସ, ଯାହାକୁ ଯେପରି ଭାବରେ ବା ଯେଉଁ ପରିମାଣରେ ବିକାଶ କରାଇବାକୁ ଇଚ୍ଛା କରିବେ ତାହାକୁ ସେହି ଭାବରେ ବିକଶିତ କରାଇବାକୁ ସେ ସକ୍ଷମ । ସେ ହେଉଛନ୍ତି ଅନନ୍ତ ସତ୍ତା, ଏଗୁଡ଼ିକ ହେଉଛି ତାଙ୍କ ସମ୍ଭୂତିର ବିଭିନ୍ନ ଧାରା ମାତ୍ର, ସେ ହେଉଛନ୍ତି ଅପରିମେୟ, ଅସୀମ, ଅନିର୍ବଚନୀୟ ସତ୍ତା ଯାହାଙ୍କର ଏଗୁଡ଼ିକ ହେଉଛନ୍ତି ପରିମାଣ, ସଂଖ୍ୟା ଓ ପ୍ରତୀକସବୁ; ବିଶ୍ୱର ମାନ ଅନୁଯାୟୀ, ଛନ୍ଦ ଓ ସଂଖ୍ୟା ମଧ୍ୟ ଦେଇ ତାଙ୍କୁହିଁ ପ୍ରକାଶ କରୁଛନ୍ତି । ତଥାପି ସେ କେବଳ ଏକ ନୈର୍ବ୍ୟକ୍ତିକ ଅନିର୍ଦ୍ଦେଶ୍ୟ ସତ୍ତା ନୁହନ୍ତି ବା ଏପରି ଚୈତନ୍ୟମୟ ଅସ୍ତିତ୍ୱ ମାତ୍ର ନୁହନ୍ତି ଯାହା ଭିତରୁ ସମସ୍ତ ନାମରୂପ ଓ ବ୍ୟଷ୍ଟିଭାବ ନିଜ ଗଠନର ଉପାଦାନ ସଂଗ୍ରହ କରେ, ସେ ହେଉଛନ୍ତି ପରମପୁରୁଷ, ଅଦ୍ୱିତୀୟ ମୂଳ ଚୈତନ୍ୟମୟ ସତ୍ତା, ପୂର୍ଣ୍ଣତମ ବ୍ୟକ୍ତି, ସେ ସବୁପ୍ରକାର ସମ୍ବନ୍ଧସ୍ଥାପନ, ଏପରିକି ମନୁଷ୍ୟୋଚିତ ସ୍ଥୂଳ ଅନ୍ତରଙ୍ଗ ସମ୍ବନ୍ଧସ୍ଥାପନ ପାଇଁ ମଧ୍ୟ ସକ୍ଷମ, କାରଣ ସେ ହେଉଛନ୍ତି ବନ୍ଧୁ, ସଖା, ପ୍ରେମିକ, ଖେଳର ସାଥୀ, ପଥପ୍ରଦର୍ଶକ, ଗୁରୁ, ପ୍ରଭୁ, ଜ୍ଞାନଦାତା ଓ ଆନନ୍ଦଦାତା ଅଥଚ ସମସ୍ତ ସମ୍ବନ୍ଧ ଭିତରେ ବି ମୁକ୍ତ, ଅଲିପ୍ତ ଓ ଅଖଣ୍ଡ ସତ୍ତା । ଭାଗବତ

---

[୧] ...ତସ୍ୟ କର୍ତ୍ତାରମପି ମାଂ ବିଦ୍ଧ୍ୟକର୍ତ୍ତାରମବ୍ୟୟମ୍ ॥
ନ ମାଂ କର୍ମାଣି ଲିମ୍ପନ୍ତି ନ ମେ କର୍ମଫଳେ ସ୍ପୃହା । ୪।୧୩, ୧୪

[୨] ଉପନିଷଦ୍ ।

ପ୍ରକୃତିପ୍ରାପ୍ତ ମାନବ ମଧ୍ୟ ନିଜର ସିଦ୍ଧି ଓ ସାଫଲ୍ୟ ଅନୁସାରେ ଏହିପରି ହୋଇପାରେ, ବ୍ୟକ୍ତି ହୋଇ ମଧ୍ୟ ନୈର୍ବ୍ୟକ୍ତିକ ହୋଇପାରେ, ମନୁଷ୍ୟମାନଙ୍କ ସହିତ ନିବିଡ଼ତମ ବ୍ୟକ୍ତିଗତ ସମ୍ବନ୍ଧ ରଖି ମଧ୍ୟ ଗୁଣ ଓ କର୍ମ ଦ୍ୱାରା ଆବଦ୍ଧ ହୁଏ ନାହିଁ, ବାହ୍ୟତଃ ଏ ଧର୍ମ ବା ସେ ଧର୍ମ ଆଚରଣ କରୁଥିଲେ ମଧ୍ୟ କୌଣସି ଧର୍ମ ଦ୍ୱାରା ସେ ଆବଦ୍ଧ ହୁଏ ନାହିଁ । କର୍ମପ୍ରଧାନ ମନୁଷ୍ୟର କର୍ମବେଗ ନୁହେଁ ବା ବୈରାଗୀ ଶାନ୍ତ ସନ୍ନ୍ୟାସୀର ନିଷ୍କ୍ରିୟ ଜ୍ଞାନ ନୁହେଁ, କର୍ମପ୍ରବଣ ମନୁଷ୍ୟର ଉଦ୍ଦାମ ବ୍ୟକ୍ତିତ୍ୱ ନୁହେଁ ବା ଦାର୍ଶନିକ ଜ୍ଞାନୀର ଉଦାସୀନ ନୈର୍ବ୍ୟକ୍ତିକତା ନୁହେଁ – କୌଣସିଟା ବି ସମ୍ପୂର୍ଣ୍ଣ ଭାଗବତ ଆଦର୍ଶ ନୁହେଁ । ସଂସାରୀ ମାନବ ଓ ସଂସାରତ୍ୟାଗୀ ସନ୍ନ୍ୟାସୀ ବା ଶାନ୍ତ ଦାର୍ଶନିକ – ଏ ଦୁହିଁଙ୍କର ଆଦର୍ଶ ପରସ୍ପର ବିରୋଧୀ । ଏହାଙ୍କ ଭିତରୁ ଜଣେ କ୍ଷରର କର୍ମ ଭିତରେ ନିମଗ୍ନ ଓ ଅନ୍ୟଜଣକ ଅକ୍ଷରର ଶାନ୍ତି ଭିତରେ ସମ୍ପୂର୍ଣ୍ଣରୂପେ ବାସ କରିବା ପାଇଁ ଯତ୍ନବାନ୍; କିନ୍ତୁ ପୂର୍ଣ୍ଣ ଭାଗବତ ଆଦର୍ଶ ଆସେ ପୁରୁଷୋତ୍ତମଙ୍କ ପ୍ରକୃତି ଭିତରୁ, ତାହା ଏହି ବିରୋଧର ଊର୍ଦ୍ଧ୍ୱରେ ଏବଂ ତାହା ଭିତରେ ସମସ୍ତ ଦିବ୍ୟ ସମ୍ଭାବନାର ସମନ୍ୱୟ ହୋଇଥାଏ ।

ସାଧାରଣ କର୍ମପ୍ରବଣ ମାନବ ଏପରି କୌଣସି ଆଦର୍ଶରେ ସନ୍ତୁଷ୍ଟ ହୋଇପାରିବ ନାହିଁ ଯାହା ଏହି ବିଶ୍ୱପ୍ରକୃତିର ପୂର୍ଣ୍ଣତା ଉପରେ ସେହି ପ୍ରକୃତିର ତ୍ରିଗୁଣର ଏହି ଖେଳା ଏବଂ ମନ, ହୃଦୟ ଓ ଶରୀରର ଏହି ମାନବୀୟ କ୍ରିୟାର ପୂର୍ଣ୍ଣତା ଉପରେ ପ୍ରତିଷ୍ଠିତ ନୁହେଁ । ସେ କହିବ ଯେ ମୋ ବିଚାରରେ ଯାହା ମନୁଷ୍ୟର ପୂର୍ଣ୍ଣତା ଓ ମନୁଷ୍ୟ ଭିତରେ ଯେଉଁ ଦିବ୍ୟ ସମ୍ଭାବନା ରହିଛି ତାହାର ପୂର୍ଣ୍ଣତା, ତାହାହିଁ ଏସବୁ ଗତିବୃତ୍ତିର ଚୂଡ଼ାନ୍ତ ପୂର୍ଣ୍ଣତା । ମନୁଷ୍ୟ କେବଳ ସେହି ଆଦର୍ଶରେ ସନ୍ତୁଷ୍ଟ ହୁଏ, ଯାହା ତା'ର ବୁଦ୍ଧିକୁ, ହୃଦୟକୁ ଓ ତା'ର ନୈତିକବୋଧକୁ ସନ୍ତୁଷ୍ଟ କରିପାରେ ଓ ଯେଉଁ ଆଦର୍ଶକୁ ତା'ର କର୍ମରତ ମାନବ-ପ୍ରକୃତି ଆଗରେ ରଖାଯାଇପାରେ । ସେ ଏପରିକିଛି ଆଦର୍ଶ ଚାହେଁ ଯାହାକୁ ସେ ତା'ର ମନ, ପ୍ରାଣ ଓ ଦେହର କ୍ରିୟା ଭିତରେ ଅନୁସରଣ କରିପାରିବ । କାରଣ ତାହାହିଁ ତା'ର ପ୍ରକୃତି, ତା'ର ଧର୍ମ । ତା'ର ପ୍ରକୃତିର ବହିର୍ଭୂତ କିଛିରେ ସେ କିପରି ପୂର୍ଣ୍ଣତା ଲାଭ କରିପାରିବ ? କାରଣ ପ୍ରତ୍ୟେକ ଜୀବ ତା'ର ପ୍ରକୃତି ଭିତରେ ବନ୍ଧା ଏବଂ ତାହାରି ଭିତରେହିଁ ତାକୁ ନିଜର ପୂର୍ଣ୍ଣତା ଖୋଜିବାକୁ ହେବ । ଆମର ମାନବୀୟ ପ୍ରକୃତି ଅନୁଯାୟୀହିଁ ହେବ ଆମର ମାନବୀୟ ପୂର୍ଣ୍ଣତା ଏବଂ ପ୍ରତ୍ୟେକ ମନୁଷ୍ୟ ନିଜ ବ୍ୟକ୍ତିତ୍ୱର ଧାରା ଅନୁଯାୟୀ, ନିଜର ସ୍ୱଧର୍ମ ଅନୁଯାୟୀ ଏଥିପାଇଁ ଯତ୍ନ କରିବେ, କିନ୍ତୁ ନିଜ ଜୀବନ ଓ କର୍ମର ଭିତରେ, ଜୀବନ ଓ କର୍ମର ବାହାରେ ନୁହେଁ । ଏକଥାର ଉତ୍ତରରେ ଗୀତା କହେ, ହଁ, ଏହା ମଧ୍ୟରେ ବି ଏକ ସତ୍ୟ ରହିଛି – ମନୁଷ୍ୟ ମଧ୍ୟରେ ଭଗବାନଙ୍କର ପୂର୍ଣ୍ଣ ଅଭିବ୍ୟକ୍ତି, ଜୀବନ ଭିତରେ ଭଗବାନଙ୍କର ଲୀଳା ନିଶ୍ଚୟ ଆଦର୍ଶ ପୂର୍ଣ୍ଣତାର ଏକ ଅଂଶ । କିନ୍ତୁ ତୁମେ ଯଦି କେବଳ

ବାହାରେ, ଜୀବନ ଭିତରେ ଓ କର୍ମର ନୀତି ଭିତରେ ଏହାର ସନ୍ଧାନ କର ତେବେ ଏହାକୁ କେବେହେଲେ ପାଇବ ନାହିଁ, ତା'ହେଲେ ତୁମେ ଯେ କେବଳ ନିଜର ପ୍ରକୃତି ଅନୁସାରେ କାମ କରିବ – ଯାହାକି ପୂର୍ଣ୍ଣତାରହିଁ ଏକ ନୀତି – ତାହା ନୁହେଁ, କିନ୍ତୁ ତୁମେ ଚିରଦିନ ପ୍ରକୃତିର ଗୁଣର ଅଧୀନ, ଏହାର ରାଗ-ଦ୍ୱେଷ, ସୁଖ-ଦୁଃଖ ଆଦି ଦ୍ୱନ୍ଦ୍ୱ, ବିଶେଷ କରି ଏହାର କାମନାମୟ କ୍ରୋଧଶୋକ-ବାସନାସଙ୍କୁଳ ରଜୋଗୁଣର ଅଧୀନ ହୋଇ ରହିବ – ଯାହା ହେଉଛି ଅପୂର୍ଣ୍ଣତାର ଏକ ନୀତି । ଏହି ଅସ୍ଥିର ସର୍ବଗ୍ରାସୀ ଚିର-ଅତୃପ୍ତ କାମନାର ଅଗ୍ନି ତୁମର ସମସ୍ତ ସଂସାର-କର୍ମକୁ ଘେରି ରହିଛି, ଏହାହିଁ ହେଉଛି ଜ୍ଞାନର ଚିର ଶତ୍ରୁ ଏବଂ ଧୂମ ଅଗ୍ନିକୁ ବା ଧୂଳି ଦର୍ପଣକୁ ଆଚ୍ଛାଦିତ କଲା ଭଳି ଏହା ତୁମ ପ୍ରକୃତି ଭିତରେ ଜ୍ଞାନକୁ ଆବୃତ କରି ରଖିଛି । ଆତ୍ମାର ଶାନ୍ତ, ନିର୍ମଳ, ଜ୍ୟୋତିର୍ମୟ ସତ୍ୟରେ ବାସ କରିବାକୁ ହେଲେ ତୁମକୁ ଏହି କାମନାକୁ ହତ୍ୟା କରିବାକୁ ହେବ* । ଇନ୍ଦ୍ରିୟ, ମନ ଓ ବୁଦ୍ଧି ହେଉଛନ୍ତି ଅପୂର୍ଣ୍ଣତାର ଏହି ଅନାଦି କାରଣ କାମର ଅଧିଷ୍ଠାନ ଭୂମି ଅଥଚ ତୁମେ ଏହି ଇନ୍ଦ୍ରିୟ ମନ ଓ ବୁଦ୍ଧି ଭିତରେ, ନିମ୍ନ ପ୍ରକୃତିର ଏହି ଖେଳା ଭିତରେ, ତୁମ ପୂର୍ଣ୍ଣତାର ସନ୍ଧାନକୁ ସୀମିତ କରିବାକୁ ଚାହୁଁଛ ! ଏହି ପ୍ରୟାସ ବୃଥା । ତୁମ ପ୍ରକୃତିର କର୍ମପ୍ରବଣ ଦିଗକୁ ପ୍ରଥମେ ଶାନ୍ତିର ସନ୍ଧାନ କରିବାକୁ ହେବ, ତୁମକୁ ଏହି ନିମ୍ନ ପ୍ରକୃତି ଭିତରୁ ନିଜକୁ ଉଠାଇ ନେବାକୁ ହେବ ସେହି ପ୍ରକୃତି ଭିତରକୁ ଯାହା ଏହି ତ୍ରିଗୁଣର ଊର୍ଦ୍ଧ୍ୱରେ ସର୍ବୋଚ୍ଚ ପରମ ତତ୍ତ୍ୱରେ, ଆତ୍ମାରେ ପ୍ରତିଷ୍ଠିତ । ଯେତେବେଳେ ତୁମେ କେବଳ ଆତ୍ମାର ଶାନ୍ତି ଲାଭ କରିବ, ସେତେବେଳେହିଁ ତୁମେ ମୁକ୍ତ ଦିବ୍ୟ କର୍ମ ପାଇଁ ସକ୍ଷମ ହୋଇପାରିବ ।

ଅନ୍ୟପକ୍ଷରେ ନିବୃତ୍ତିମାର୍ଗର ଶାନ୍ତିଧର୍ମୀ ସନ୍ନ୍ୟାସୀମାନେ ଯେଉଁଠି ଜୀବନ ଓ କର୍ମର ପ୍ରବେଶ ଦେଖନ୍ତି, ସେଠାରେ ପୂର୍ଣ୍ଣତାର କୌଣସି ସମ୍ଭାବନା ଦେଖିପାରନ୍ତି ନାହିଁ । କାରଣ ସେମାନେ କହନ୍ତି, ଏହି ଜୀବନ ଓ କର୍ମ କ'ଣ ବନ୍ଧନ ଓ ଅପୂର୍ଣ୍ଣତାର ମୂଳ ନୁହେଁ ? ନିଆଁ ମାତ୍ରେହିଁ ଧୂଆଁ ସୃଷ୍ଟି କଲାପରି ସମସ୍ତ କର୍ମର ସ୍ୱଭାବ କ'ଣ ଅପୂର୍ଣ୍ଣତା ନୁହେଁ ? ସ୍ୱୟଂ କର୍ମର ନୀତି ବା ଧର୍ମ କ'ଣ ରାଜସିକ ନୁହେଁ, ଯାହାକି କାମନାର ଜନ୍ମଦାତା, ଯାହାକି ଜ୍ଞାନକୁ ଆବୃତ କରେ ଏବଂ କାମନା, ସଫଳତା ଓ ବିଫଳତାର ଚକ୍ରରେ ଘୂରୁଥାଏ ଏବଂ

---

* କାମ ଏଷ କ୍ରୋଧ ଏଷ ରଜୋଗୁଣସମୁଦ୍ଭବଃ ।
ମହାଶନୋ ମହାପାପ୍ମା ବିଦ୍ଧ୍ୟେନମିହ ବୈରିଣମ୍ ॥
ଧୂମେନାବ୍ରିୟତେ ବହ୍ନିର୍ୟଥାଦର୍ଶୋ ମଲେନ ଚ ।
ୟଥୋଲ୍ବେନାବୃତୋ ଗର୍ଭସ୍ତଥା ତେନେଦମାବୃତମ୍ ॥
ଆବୃତଂ ଜ୍ଞାନମେତେନ ଜ୍ଞାନିନୋ ନିତ୍ୟବୈରିଣା ।
କାମରୂପେଣ କୌନ୍ତେୟ ଦୁଷ୍ପୂରେଣାନଲେନ ଚ ॥ (୩।୩୭ ରୁ ୩୯)

ସୁଖ-ଦୁଃଖ, ପାପ-ପୁଣ୍ୟର ଦ୍ୱନ୍ଦ୍ୱ ଭିତରେ ସବୁବେଳେ ଦୋଦୁଲ୍ୟମାନ ହେଉଥାଏ ? ଭଗବାନ୍ ସଂସାର ମଧ୍ୟରେ ରହିଥାଇ ପାରନ୍ତି, କିନ୍ତୁ ସେ ସଂସାରର ନୁହନ୍ତି, ସେ ହେଉଛନ୍ତି ତ୍ୟାଗର ଭଗବାନ୍ – ଆମ କର୍ମର ପ୍ରଭୁ ବା କାରଣ ନୁହନ୍ତି । ଆମ କର୍ମର ପ୍ରଭୁ ହେଲା କାମନା-ବାସନା ଏବଂ ଅଜ୍ଞାନହିଁ ହେଲା ଆମ କର୍ମର କାରଣ । ଯଦିବି ସଂସାରକୁ, କ୍ଷରକୁ ଗୋଟାଏ ଅର୍ଥରେ ଭଗବାନଙ୍କର ପ୍ରକାଶ ବା ଲୀଳାବୋଲି କୁହାଯାଏ, ତଥାପି ଏହା ପ୍ରକୃତିର ଅଜ୍ଞାନତା ନେଇ ଏକ ଅପୂର୍ଣ୍ଣ ଖେଳା, ପ୍ରକାଶ ନକରି ବରଂ ଏହା ଭଗବାନଙ୍କୁ ଆବୃତ କରେ । ଜଗତର ପ୍ରକୃତି ଦିଗରେ ଆମର ପ୍ରଥମ ଦୃଷ୍ଟିପାତରେହିଁ ଏହା ସ୍ପଷ୍ଟ ବୁଝାଯାଏ ଏବଂ ଜଗତ୍ ସମ୍ପର୍କରେ ପୂର୍ଣ୍ଣତମ ଅନୁଭୂତି କ'ଣ ଏହା ଶିକ୍ଷା ଦିଏ ନାହିଁ ? ଏହା କ'ଣ ଏକ ଅଜ୍ଞାନର ଚକ୍ର ନୁହେଁ, ଯାହାକି କାମନା ଓ କର୍ମର ପ୍ରବୃତ୍ତି ଦ୍ୱାରା ଜୀବକୁ ପୁନଃ ପୁନଃ ଜନ୍ମଗ୍ରହଣ କରିବାକୁ ବାଧ କରୁଛି ଏବଂ ଶେଷରେ ଏହି ପ୍ରବୃତ୍ତି କ୍ଷୟ ବା ପରିତ୍ୟକ୍ତ ନହେଲା ପର୍ଯ୍ୟନ୍ତ ଏହି ଚକ୍ର ବରାବର ସେହିପରି ଚାଲି ନାହିଁ କି ? ତେଣୁ କେବଳ କାମନା ନୁହେଁ କର୍ମକୁ ମଧ୍ୟ ପରିତ୍ୟାଗ କରିବାକୁ ହେବ, ତା'ହେଲେ ନୀରବ ଆତ୍ମାରେ ପ୍ରତିଷ୍ଠିତ ହୋଇ ଜୀବ ନିଶ୍ଚଳ, ନିଷ୍କ୍ରିୟ, ଅବିକ୍ଷୁବ୍ଧ, ଅଖଣ୍ଡ ବ୍ରହ୍ମ ଭିତରକୁ ଚାଲିଯିବ । ନୈର୍ବ୍ୟକ୍ତିକ ଶାନ୍ତିବାଦୀ ସନ୍ନ୍ୟାସୀମାନଙ୍କ ଏହି ଆପତ୍ତିର ଉତ୍ତର ଦେବାକୁ ଯାଇ ଗୀତା ସଂସାରୀ ଓ କର୍ମପ୍ରବଣ ବ୍ୟକ୍ତିମାନଙ୍କ ଆପତ୍ତିର ଉତ୍ତର ଦେବା ଅପେକ୍ଷା ଅଧିକ ଶ୍ରମ ଓ ଯତ୍ନ କରିଛି । କାରଣ ଏହି ଶାନ୍ତ ସନ୍ନ୍ୟାସ ମାର୍ଗ ଏକ ଉଚ୍ଚତର ଓ ଅଧିକ ଶକ୍ତିଶାଳୀ ସତ୍ୟକୁ ଗ୍ରହଣ କରିଛି ଅଥଚ ଏହା ସମ୍ପୂର୍ଣ୍ଣ ବା ଶ୍ରେଷ୍ଠ ସତ୍ୟ ନୁହେଁ । ତେଣୁ ମନୁଷ୍ୟଜୀବନ ସମ୍ପର୍କରେ ଏକ ସାର୍ବଜନୀନ ପୂର୍ଣ୍ଣ ଓ ଉଚ୍ଚତମ ଆଦର୍ଶରୂପେ ଯଦି ଏହା ପ୍ରସାରଲାଭ କରେ ତେବେ ମାନବଜାତିର ନିଜ ଲକ୍ଷ୍ୟ ଦିଗରେ ଅଗ୍ରଗତି ପାଇଁ ଏହାର ପରିଣାମ ଏକଦିଗଦର୍ଶୀ କର୍ମବାଦର ଭ୍ରାନ୍ତି ଅପେକ୍ଷା ଅଧିକ ବିଭ୍ରାନ୍ତିକର ଓ ଅନିଷ୍ଟକର ହେବ । ଏହି ଶକ୍ତିଶାଳୀ ଏକଦିଗଦର୍ଶୀ ସତ୍ୟକୁ ଯେତେବେଳେ ପୂର୍ଣ୍ଣ ସତ୍ୟ ରୂପେ ଉପସ୍ଥାପନ କରାଯାଏ, ସେତେବେଳେ ଏହା ଯେତିକି ଶକ୍ତିଶାଳୀ ଆଲୋକ ସୃଷ୍ଟି କରେ ସେତିକି ଭୟଙ୍କର ଶକ୍ତିଶାଳୀ ବିଭ୍ରାନ୍ତି ମଧ୍ୟ ସୃଷ୍ଟି କରେ, କାରଣ ଏହା ଭିତରେ ସତ୍ୟର ଯେଉଁ ଉପାଦାନ ରହିଥାଏ ତାହାର ଶକ୍ତି ଓ ତୀବ୍ରତା ଏହା ଭିତରେ ରହିଥିବା ପ୍ରମାଦ ବା ଭ୍ରାନ୍ତିର ଉପାଦାନକୁ ମଧ୍ୟ ତୀବ୍ର ଓ ଶକ୍ତିଶାଳୀ କରିଦିଏ । କର୍ମବାଦର ଆଦର୍ଶରେ ଯେଉଁ ଭୁଲ୍ ରହିଛି ତାହା କେବଳ ଅଜ୍ଞାନର ପରମାୟୁ ବଢ଼ାଇଦିଏ, ମନୁଷ୍ୟର ଅଗ୍ରଗତିକୁ ବ୍ୟାହତ କରେ, କାରଣ ଯେଉଁ ପଥରେ କେବେହେଲେ ପୂର୍ଣ୍ଣତା ମିଳିପାରିବ ନାହିଁ ଏହା ସେଇ ପଥରେ ପୂର୍ଣ୍ଣତାର ସନ୍ଧାନ ପାଇଁ ମନୁଷ୍ୟକୁ ପ୍ରବୃତ୍ତ କରେ । କିନ୍ତୁ ସନ୍ନ୍ୟାସୀର ନିବୃତ୍ତି-ମାର୍ଗର ଆଦର୍ଶରେ ଯେଉଁ ଭ୍ରାନ୍ତି ରହିଛି ସେଥିରେ ସଂସାର-ବିନାଶର ବୀଜ ନିହିତ ଅଛି ।

ଶ୍ରୀକୃଷ୍ଣ କହିଲେ, ଯଦି ମୁଁ ଏହି ଆଦର୍ଶ ଅନୁସାରେ କାର୍ଯ୍ୟ କରେ, ତେବେ ମୁଁ ସମସ୍ତ ପ୍ରାଣୀଙ୍କର ବିନାଶର କାରଣ ହେବି ଓ ବ୍ୟାପକ ବିଭ୍ରାନ୍ତି, ବିଶୃଙ୍ଖଳାର କର୍ତ୍ତା ହେବି । ଏବଂ କୌଣସି ଜଣେ ମାନବର ଭୁଲ୍ ଫଳରେ – ସେ ପାଖାପାଖି ଦିବ୍ୟମାନବ ହେଉପଛେ – ଯଦିଓ ସମଗ୍ର ମାନବଜାତି ଧ୍ୱଂସ ହୋଇଯିବ ନାହିଁ, ତଥାପି ଏହା ଏପରି ଏକ ବ୍ୟାପକ ବିଭ୍ରାନ୍ତି ସୃଷ୍ଟି କରିପାରେ ଯାହା ମାନବଜୀବନର ମୂଳ ନୀତିକୁ ଧ୍ୱଂସ କରି ଦେଇପାରେ ଓ ତାହାର ଅଗ୍ରଗତି ଏବଂ ବିକାଶର ନିର୍ଦ୍ଦିଷ୍ଟ ଧାରାକୁ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ କରିଦେଇପାରେ ।

ତେଣୁ ମନୁଷ୍ୟ ଭିତରେ ନିବୃତ୍ତିମୂଳକ ଶାନ୍ତିର ଯେଉଁ ପ୍ରବୃତ୍ତି ରହିଛି, ତାହା ନିଜର ଅପୂର୍ଣ୍ଣତାକୁ ବୁଝିବା ଉଚିତ ଏବଂ ସ୍ୱୀକାର କରିବା ଉଚିତ ଯେ କର୍ମପ୍ରବଣତାର ପ୍ରବୃତ୍ତି ପଛରେ ମଧ୍ୟ ସମାନ ଧରଣର ଏକ ସତ୍ୟ ରହିଛି – ସେ ସତ୍ୟ ହେଲା ମନୁଷ୍ୟ ମଧ୍ୟରେ ଭଗବାନଙ୍କ ପୂର୍ଣ୍ଣତାର ଏବଂ ମାନବଜାତିର ସମସ୍ତ କର୍ମ ଭିତରେ ଭଗବାନଙ୍କର ଉପସ୍ଥିତିର ସତ୍ୟ । ଭଗବାନ୍ କେବଳ ନୀରବତା ମଧ୍ୟରେ ନାହାନ୍ତି, ସେ କର୍ମ ଭିତରେ ମଧ୍ୟ ରହିଛନ୍ତି । ପ୍ରକୃତିର ପ୍ରଭାବରୁ ମୁକ୍ତ ନିଷ୍କ୍ରିୟ ଆତ୍ମାର ନିବୃତ୍ତିମୟ ଶାନ୍ତ ଭାବ ଏବଂ ମହାନ୍ ଜଗତ୍‌ଯଜ୍ଞ, ପୁରୁଷଯଜ୍ଞ ସମ୍ପନ୍ନ ହେବା ପାଇଁ ପ୍ରକୃତି ହାତରେ ନିଜକୁ ଛାଡ଼ି ଦେଇଥିବା ଆତ୍ମାର କର୍ମପ୍ରବଣତା – ଏ ଦୁଇଟି ପରସ୍ପର ବିରୋଧରେ ସଂଗ୍ରାମରତ ଏପରି ଦୁଇଟି ବିଷୟ ନୁହନ୍ତି ଯାହା ଭିତରୁ ଗୋଟିଏ ସତ୍ୟ ଓ ଅନ୍ୟଟି ମିଥ୍ୟା ବା ଏଥି ଭିତରୁ ଗୋଟିଏ ଉତ୍କୃଷ୍ଟ ଏବଂ ଅନ୍ୟଟି ନିକୃଷ୍ଟ ବା ଏପରି ମଧ୍ୟ ନୁହେଁ ଯେ ଉଭୟେ ପରସ୍ପରର ବିନାଶକାରୀ ଦୁଇଟି ବିରୋଧୀ ସତ୍ୟ; ଏମାନେ ହେଉଛନ୍ତି ଭାଗବତ ଅଭିବ୍ୟକ୍ତିର ଦ୍ୱିବିଧ ବିଭାବ । କେବଳ ଅକ୍ଷରଭାବ ପରିପୂର୍ଣ୍ଣତାର ସମଗ୍ର ଚାବିକାଠି ବା ଶ୍ରେଷ୍ଠତମ ରହସ୍ୟ ନୁହେଁ । ଏହି ଦୁଇଟିର ପୂର୍ଣ୍ଣତା ଓ ସମନ୍ୱୟ ପୁରୁଷୋତ୍ତମ ତତ୍ତ୍ୱରେହିଁ ସନ୍ଧାନ କରିବାକୁ ହେବ; ଏଠାରେ ସେହି ତତ୍ତ୍ୱର ପ୍ରତିନିଧି ହେଲେ ଶ୍ରୀକୃଷ୍ଣ ଯେକି ଏକସଙ୍ଗରେ ପରମପୁରୁଷ, ଜଗତ୍‌ସମୂହର ପ୍ରଭୁ ଓ ଅବତାର । ଯେଉଁ ଦିବ୍ୟମାନବ ତାଙ୍କର ଭାଗବତ ପ୍ରକୃତି ଭିତରେ ପ୍ରବେଶ କରିଛି, ସେ ତାଙ୍କରି ପରିହିଁ କର୍ମ କରିବ, ସେ ନିଜକୁ ନୈଷ୍କର୍ମ୍ୟ ହାତରେ ଛାଡ଼ିଦେବ ନାହିଁ । ଅଜ୍ଞାନରେ ରହିଥିବା ମନୁଷ୍ୟ ଭିତରେ ଭଗବାନ୍ କାର୍ଯ୍ୟ କରୁଛନ୍ତି, ଜ୍ଞାନରେ ରହିଥିବା ମନୁଷ୍ୟ ଭିତରେ ମଧ୍ୟ ଭଗବାନ୍ କାର୍ଯ୍ୟ କରୁଛନ୍ତି । ତାଙ୍କୁ ଜାଣିବାରେହିଁ ଆମର ଆତ୍ମାର ସର୍ବୋତ୍ତମ କଲ୍ୟାଣ ଓ ତାହାହିଁ ତା'ର ପୂର୍ଣ୍ଣତାର ସର୍ତ୍ତ, କିନ୍ତୁ ତାଙ୍କୁ କେବଳ ବିଶ୍ୱାତୀତ ଶାନ୍ତି ଓ ନୀରବତା ରୂପରେ ଜାଣିବା ଓ ଉପଲବ୍ଧି କରିବା ସବୁକିଛି ନୁହେଁ, ଯେଉଁ ରହସ୍ୟ ଜାଣିବାକୁ ହେବ, ତା' ହେଉଛି ଏକସଙ୍ଗରେ ଅଜାତ ଓ ଶାଶ୍ୱତ ଭଗବାନଙ୍କର ରହସ୍ୟ, ପୁଣି ତାଙ୍କର ଦିବ୍ୟଜନ୍ମ ଓ କର୍ମର ରହସ୍ୟ, 'ଜନ୍ମ କର୍ମ ଚ ମେ ଦିବ୍ୟମ୍' । ଏହି ଜ୍ଞାନରୁ ଯେଉଁ କର୍ମ ନିଃସୃତ ହୁଏ ତାହା ସକଳ ବନ୍ଧନରୁ ମୁକ୍ତ, ଭଗବାନ୍ କହୁଛନ୍ତି,

''ମୋତେ ଯେ ଏହିପରି ଭାବରେ ଜାଣେ, ସେ କର୍ମ ଦ୍ୱାରା ବଦ୍ଧ ହୁଏ ନାହିଁ ।'' ଯଦି କର୍ମ ଓ ବାସନାର ବନ୍ଧନରୁ ଏବଂ ପୁନର୍ଜନ୍ମର ଚକ୍ରରୁ ମୁକ୍ତି ପାଇବା ଆମର ଲକ୍ଷ୍ୟ ଓ ଆଦର୍ଶ ହୁଏ, ତା'ହେଲେ ଏହି ଜ୍ଞାନକୁହିଁ ମୁକ୍ତିର ପ୍ରକୃତ ଓ ପ୍ରଶସ୍ତ ପଥ ବୋଲି ଜାଣିବାକୁ ହେବ । କାରଣ ଗୀତାରେ କୁହାଯାଇଛି, ''ହେ ଅର୍ଜୁନ, ଯେ ମୋର ଏହି ଦିବ୍ୟଜନ୍ମ ଓ ଦିବ୍ୟକର୍ମକୁ ଯଥାର୍ଥ ଭାବରେ ଜାଣିଛି, ସେ ଦେହତ୍ୟାଗ କଲା ପରେ ପୁନର୍ଜନ୍ମକୁ ପ୍ରାପ୍ତ ହୁଏ ନାହିଁ, ସେ ମୋତେହିଁ ପ୍ରାପ୍ତ ହୁଏ ।* ଦିବ୍ୟଜନ୍ମର ଜ୍ଞାନ ଓ ଅଧିକାର ଭିତର ଦେଇ ସେ ସର୍ବଭୂତର ଆତ୍ମା ଅଜ ଅବ୍ୟୟ ଭଗବାନ୍ (ଅଜୋ ଅବ୍ୟୟ ଆତ୍ମା)ଙ୍କୁ ଲାଭ କରେ; ଏବଂ ଦିବ୍ୟ କର୍ମର ଜ୍ଞାନ ଓ ଆଚରଣ ଭିତର ଦେଇ ସେ ସର୍ବକର୍ମର, ସର୍ବଭୂତର ଅଧୀଶ୍ୱର (ଭୂତାନାଂ ଈଶ୍ୱରଃ)ଙ୍କୁ ଲାଭ କରେ । ସେ ସେହି ଅଜ ଅବିନାଶୀ ସତ୍ତାରେ ବାସକରେ ଏବଂ ତାହାର କର୍ମ ହୁଏ ସେହି ସର୍ବଲୋକ-ମହେଶ୍ୱରଙ୍କ କର୍ମ ।

* ଜନ୍ମ କର୍ମ ଚ ମେ ଦିବ୍ୟମେବଂ ଯୋ ବେତ୍ତି ତତ୍ତ୍ୱତଃ ।
ତ୍ୟକ୍ତ୍ୱା ଦେହଂ ପୁନର୍ଜନ୍ମ ନୈତି ମାମେତି ସୋଽର୍ଜୁନ ।। ୪।୯

# ୧୫

# ଅବତାରତ୍ୱର ସମ୍ଭାବନା ଓ ଉଦ୍ଦେଶ୍ୟ

ଏହା ହେଉଛି ସେହି ଯୋଗ ଯେଉଁ ଯୋଗରେ କର୍ମ ଓ ଜ୍ଞାନ ଏକ ହୋଇଯାଏ, ଯେଉଁଥିରେ ଜ୍ଞାନର ସହିତ କର୍ମକୁ ଯଜ୍ଞରୂପେ ଅର୍ପଣ କରାଯାଏ, ଯେଉଁଥିରେ କର୍ମର ପରିପୂର୍ଣ୍ଣତା ଆସେ ଜ୍ଞାନରେ ଏବଂ ଜ୍ଞାନ କର୍ମକୁ ପୋଷଣ କରେ, ପରିବର୍ତ୍ତିତ କରେ ଏବଂ ଆଲୋକିତ କରେ ଏବଂ ଜ୍ଞାନ ଓ କର୍ମ ଉଭୟକୁହିଁ ସେହି ପରମ ଭଗବାନ୍ ପୁରୁଷୋତ୍ତମଙ୍କ ଉଦ୍ଦେଶ୍ୟରେ ଅର୍ପଣ କରାଯାଏ, ଯେ ଆମ ଭିତରେ ନାରାୟଣ ରୂପରେ ଆବିର୍ଭୂତ ହୁଅନ୍ତି, ଯେ ଆମ ସତ୍ତା ଓ କର୍ମର ଅଧୀଶ୍ୱର ରୂପେ ଆମ ହୃଦୟରେ ଗୋପନ ଭାବରେ ନିତ୍ୟ ବିରାଜିତ, ଯେ ମାନବ ଶରୀର ନେଇ ଅବତାର ରୂପେ ପ୍ରକଟ ହୁଅନ୍ତି ଓ ଦିବ୍ୟଜନ୍ମ ଗ୍ରହଣ କରି ଆମର ମାନବୀୟତାକୁ ଅଧିକାର କରନ୍ତି । ଏହି ଯୋଗସମ୍ପର୍କରେ କହିବାକୁ ଯାଇ ପ୍ରସଙ୍ଗକ୍ରମେ ଶ୍ରୀକୃଷ୍ଣ କହିଲେ, ଏହା ହେଉଛି ସେହି ସନାତନ ଆଦିଯୋଗ ଯାହାକୁ ସେ ସୂର୍ଯ୍ୟଦେବ ବିବସ୍ୱାନଙ୍କୁ ପ୍ରଦାନ କରିଥିଲେ, ବିବସ୍ୱାନ ମନୁଷ୍ୟମାନଙ୍କ ପିତା ମନୁଙ୍କୁ ଓ ମନୁ ସୂର୍ଯ୍ୟବଂଶର ଆଦି ପୁରୁଷ ଇକ୍ଷ୍ୱାକୁଙ୍କୁ ପ୍ରଦାନ କରିଥିଲେ ଏବଂ ଏହିପରି ଭାବରେ ରାଜର୍ଷିଙ୍କ ପରେ ରାଜର୍ଷିଙ୍କୁ ପରମ୍ପରାକ୍ରମେ ଏହା ପ୍ରାପ୍ତ ହେଉଥିଲା । କାଳବଶରେ ଏହା ନଷ୍ଟ ହୋଇଯାଇଥିଲା, କିନ୍ତୁ ଆଜି ତାହା ପୁଣି ଅର୍ଜୁନଙ୍କୁ କୁହାଯାଉଛି, କାରଣ ସେ ହେଉଛନ୍ତି ଅବତାରଙ୍କର ପ୍ରେମୀ ଓ ଭକ୍ତ, ସଖା ଓ ସାଥୀ । ଭଗବାନ୍ ଏହି ଯୋଗକୁ ପରମରହସ୍ୟ ବୋଲି କହି ଏହାକୁ ଅନ୍ୟାନ୍ୟ ଯୋଗଠାରୁ ଶ୍ରେଷ୍ଠ ବୋଲି କହିଲେ କାରଣ ଅନ୍ୟାନ୍ୟ ଯୋଗ ନୈର୍ବ୍ୟକ୍ତିକ ବ୍ରହ୍ମ ଅଥବା କୌଣସି ବ୍ୟକ୍ତିକ ଦେବତାଙ୍କୁ ପ୍ରାପ୍ତହେବା ଦିଗରେ ନେଇଯାଏ, କର୍ମହୀନ ଜ୍ଞାନର ମୁକ୍ତି ବା ଆନନ୍ଦରେ ନିମଜ୍ଜନର ମୁକ୍ତି ଦିଗରେ ନେଇଯାଏ, କିନ୍ତୁ ଏଠାରେ ଯେଉଁ ଯୋଗ କଥା କୁହାଯାଇଛି ସେଥିରେ ସର୍ବଶ୍ରେଷ୍ଠ ରହସ୍ୟ, ସମ୍ପୂର୍ଣ୍ଣ ରହସ୍ୟ ଲାଭହୁଏ । ଏହାଦ୍ୱାରା ଆମେ ଲାଭକରୁ ଦିବ୍ୟଶକ୍ତି ଓ ଦିବ୍ୟକର୍ମ; ପୂର୍ଣ୍ଣତମ ମୁକ୍ତିରେ ମିଳିତ ଦିବ୍ୟଜ୍ଞାନ, ଦିବ୍ୟକର୍ମ ଓ ଦିବ୍ୟ ଆନନ୍ଦର ଆମେ ଅଧିକାରୀ ହେଉ । ଏହା ନିଜ ଭିତରେ ସମସ୍ତ ଯୋଗମାର୍ଗକୁ ମିଳାଇ ଏକ କରିନିଏ ଠିକ୍ ଯେପରି ଭଗବାନ୍ ତାଙ୍କର ସର୍ବୋଚ୍ଚ ସତ୍ତା ଭିତରେ ନିଜର ବ୍ୟକ୍ତିସତ୍ତାର ଭିନ୍ନ ଭିନ୍ନ ଏପରିକି ପରସ୍ପର ବିରୋଧୀ ଶକ୍ତି ଓ ତତ୍ତ୍ୱସବୁର ସମନ୍ୱୟ ଆଣି ନିଜ ଭିତରେ ସେଗୁଡ଼ିକୁ ଏକ କରିନିଅନ୍ତି । ତେଣୁ ଗୀତାର ଏହି ଯୋଗ, କେତେକେ ଯେପରି କହନ୍ତି, ସେପରି କେବଳ କର୍ମଯୋଗ

ନୁହେଁ, ଯାହାକୁକି ସେମାନେ ତିନିଟି ପଥମଧ୍ୟରୁ ସର୍ବନିମ୍ନ ସ୍ଥାନ ଦିଅନ୍ତି; ବାସ୍ତବରେ ଏହା ହେଉଛି ପରମ ଶ୍ରେଷ୍ଠ ଯୋଗ, ସମନ୍ୱୟାତ୍ମକ ଏବଂ ସମ୍ପୂର୍ଣ୍ଣଯୋଗ ଯେଉଁଥିରେ ଆମ ସତ୍ତାର ସମସ୍ତ ଶକ୍ତିକୁ ଭଗବତ୍ ଅଭିମୁଖୀ କରାଯାଏ ।

ଏହି ଯୋଗକୁ ପରମ୍ପରାକ୍ରମେ ଦିଆଯିବା ବିଷୟରେ ଶ୍ରୀକୃଷ୍ଣ ଯାହା କହିଲେ ତାହା ଅର୍ଜୁନ ଅତ୍ୟନ୍ତ ସ୍ଥୂଳ ଅର୍ଥରେ ଗ୍ରହଣ କଲେ (ଏହାର ମଧ୍ୟ ଅନ୍ୟ ଧରଣର ଅର୍ଥ କରାଯାଇପାରେ) ଏବଂ ପଚାରିଲେ ସୂର୍ଯ୍ୟଦେବ ଯେକି ଅଗ୍ରଜନ୍ମାମାନଙ୍କ ମଧ୍ୟରେ ଅନ୍ୟତମ ଏବଂ ସୂର୍ଯ୍ୟବଂଶର ଆଦିପୁରୁଷ, ସେ କିପରି ମନୁଷ୍ୟ କୃଷ୍ଣ ଯେକି ଏବେମାତ୍ର ପୃଥିବୀରେ ଜନ୍ମଗ୍ରହଣ କରିଛନ୍ତି ତାଙ୍କଠାରୁ ଏହି ଯୋଗ ଶିକ୍ଷା କଲେ । ଏହି ପ୍ରଶ୍ନର ଉତ୍ତର ଶ୍ରୀକୃଷ୍ଣ ଏହିପରି ଭାବରେ ଦେଇ ପାରିଥା'ନ୍ତେ ଯେ ସେ ହେଉଛନ୍ତି ସମସ୍ତ ଜ୍ଞାନର ଉତ୍ସ ସ୍ୱୟଂ ଭଗବାନ୍ ତେଣୁ ସେ ଏହି ବାଣୀ ସୂର୍ଯ୍ୟଦେବଙ୍କୁ ପ୍ରଦାନ କଲେ, ଯେକି ତାଙ୍କରି ଜ୍ଞାନର ରୂପ ଓ ସମସ୍ତ ଆନ୍ତର ଏବଂ ବାହ୍ୟ ଜ୍ୟୋତିର ପ୍ରଦାତା, 'ଭର୍ଗଃସର୍ବତୁର୍ଦବସ୍ୟ ଯୋ ନଃ ଧିୟଃ ପ୍ରଚୋଦୟାତ୍' । କିନ୍ତୁ ସେ ଏପରି ଉତ୍ତର ଦେଲେ ନାହିଁ, ତା' ପରିବର୍ତ୍ତେ ଅର୍ଜୁନଙ୍କର ଏହି ପ୍ରଶ୍ନର ସୁଯୋଗ ଗ୍ରହଣକରି ନିଜର ଗୁପ୍ତ ଈଶ୍ୱରତ୍ୱର କଥା ପ୍ରକାଶ କଲେ । ଏଥିପାଇଁ ସେ ଏହାପୂର୍ବରୁ ଅର୍ଜୁନଙ୍କୁ ପ୍ରସ୍ତୁତ କରି ରଖିଥିଲେ ଯେତେବେଳେ ସେ ସମସ୍ତ କର୍ମ କରି ମଧ୍ୟ କର୍ମର ବନ୍ଧନରେ ଆବଦ୍ଧ ନ ରହିବା ପ୍ରସଙ୍ଗରେ ନିଜର ଭଗବତ୍ ଦୃଷ୍ଟାନ୍ତକୁ ଉପସ୍ଥାପନ କରିଥିଲେ, କିନ୍ତୁ ତଥାପି ସେପର୍ଯ୍ୟନ୍ତ ସେ ବିଷୟଟିକୁ ସମ୍ପୂର୍ଣ୍ଣ ପରିଷ୍କାର କରି ସ୍ପଷ୍ଟ ଭାବରେ କହି ନଥିଲେ । ବର୍ତ୍ତମାନ ସେ ସ୍ପଷ୍ଟଭାବରେ ଘୋଷଣା କଲେ ଯେ ସେ ହେଉଛନ୍ତି ଅବତାର, ଅବତୀର୍ଣ୍ଣ ସ୍ୱୟଂ ଭଗବାନ୍ ।

ଦିବ୍ୟଗୁରୁଙ୍କ ବିଷୟରେ କହିଲାବେଳେ ଏଥିପୂର୍ବରୁ ଆମେ ସଂକ୍ଷେପରେ ଅବତାରତତ୍ତ୍ୱ ବିଷୟରେ କହିଛୁ, ବେଦାନ୍ତର ଆଲୋକରେ ଏହି ତତ୍ତ୍ୱ ଯେପରି ବୁଝାଯାଏ ଆମେ ତାହାହିଁ କହିଛୁ, ଏବଂ ଗୀତା ମଧ୍ୟ ସେହି ଆଲୋକରେହିଁ ବିଷୟଟିକୁ ଆମ ଆଗରେ ଉପସ୍ଥାପନ କରିଛି । ବର୍ତ୍ତମାନ ଆମେ ଆଉଟିକେ ଗଭୀର ଭାବରେ ଏହି ଅବତାରତତ୍ତ୍ୱଟିକୁ ଦେଖିବା ଏବଂ ସେହି ଦିବ୍ୟଜନ୍ମର ପ୍ରକୃତ ତାତ୍ପର୍ଯ୍ୟଟିକୁ ଦେଖିବା, ଅବତାରତ୍ୱ ହେଉଛି ଯାହାର ବାହ୍ୟ ଅଭିବ୍ୟକ୍ତି । କାରଣ ଗୀତାର ପୂର୍ଣ୍ଣାଙ୍ଗ ଶିକ୍ଷାରେ ଏହାର ବେଶ୍ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ରହିଛି । ପ୍ରଥମେ ଗୀତାର ଦିବ୍ୟଗୁରୁ ସ୍ୱୟଂ ଯେଉଁ ଭାଷାରେ ଅବତାରତ୍ୱର ସ୍ୱରୂପ ଓ ଉଦ୍ଦେଶ୍ୟ ବିଷୟରେ ସଂକ୍ଷେପରେ କହିଛନ୍ତି ତାହାର ଉଲ୍ଲେଖ କରିବା ଏବଂ ଗୀତାର ଅନ୍ୟାନ୍ୟ ସ୍ଥାନରେ ଏହା ସହିତ ସମ୍ପର୍କ ଥିବା ଯେଉଁସବୁ କଥା କୁହାଯାଇଛି ବା ସୂଚିତ କରାଯାଇଛି ସେଗୁଡ଼ିକ ମଧ୍ୟ ସ୍ମରଣ କରିବା । ଭଗବାନ୍ ଶ୍ରୀକୃଷ୍ଣ କହିଲେ, ''ହେ ଅର୍ଜୁନ ମୋର ଓ ତୁମର ବହୁଜନ୍ମ ଅତୀତ ହୋଇଯାଇଛି, ମୁଁ ସେସମସ୍ତ ଜାଣେ, କିନ୍ତୁ ହେ

ପରନ୍ତପ ତୁମେ ତାହା ଜାଣ ନାହିଁ । ଯଦିଓ ମୁଁ ଜନ୍ମରହିତ, ଅଜ, ଯଦିଓ ମୁଁ ମୋର ସ୍ୱପ୍ରତିଷ୍ଠ ସତ୍ତାରେ ଅବିନଶ୍ୱର, ଯଦିଓ ମୁଁ ସମଗ୍ର ଭୂତର ଈଶ୍ୱର, ତଥାପି ମୁଁ ନିଜର ପ୍ରକୃତିରେ ଅଧିଷ୍ଠିତ ହୋଇ ମୋ ନିଜ ମାୟା ଦ୍ୱାରା ଜନ୍ମ ଗ୍ରହଣ କରେ । ହେ ଭାରତ, ଯେବେ ଯେବେ ଧର୍ମର ଗ୍ଲାନି ହୁଏ ଓ ଅଧର୍ମର ଅଭ୍ୟୁତ୍‌ଥାନ ହୁଏ, ତେବେ ତେବେ ମୁଁ ନିଜକୁ ସୃଷ୍ଟି କରେ । ସାଧୁମାନଙ୍କୁ ପରିତ୍ରାଣ କରିବା ପାଇଁ, ଦୁଷ୍କୃତମାନଙ୍କୁ ବିନାଶ କରିବା ପାଇଁ ଓ ଧର୍ମର ସ୍ଥାପନା ପାଇଁ ମୁଁ ଯୁଗେ ଯୁଗେ ଅବତୀର୍ଣ୍ଣ ହୁଏ । ହେ ଅର୍ଜୁନ, ଯେ ମୋର ଏହି ଦିବ୍ୟଜନ୍ମ ଓ ଦିବ୍ୟକର୍ମକୁ ଯଥାର୍ଥ ଭାବରେ ଜାଣେ ଦେହତ୍ୟାଗ ପରେ ସେ ଆଉ ପୁନର୍ଜନ୍ମ ପ୍ରାପ୍ତ ହୁଏ ନାହିଁ । ସେ ମୋତେହିଁ ପ୍ରାପ୍ତହୁଏ । ଆସକ୍ତି, ଭୟ ଓ କ୍ରୋଧରୁ ମୁକ୍ତ ହୋଇ, ମୋରି ଭାବରେ ପୂର୍ଣ୍ଣ ହୋଇ, ମୋରି ଆଶ୍ରୟ ଗ୍ରହଣ କରି, ଜ୍ଞାନର ତପସ୍ୟାରେ ଶୁଦ୍ଧ ହୋଇ ଅନେକେ ମୋରି ଭାବ (ପୁରୁଷୋତ୍ତମ ଭାବ)କୁ ଲାଭ କରନ୍ତି । ଯେ ଯେପରି ଭାବନେଇ ମୋ ଆଡ଼କୁ ଆସେ ମୁଁ ସେମାନଙ୍କୁ ମୋର ପ୍ରେମରେ ସେହି ଭାବରେହିଁ ଗ୍ରହଣ କରେ । ହେ ପାର୍ଥ, ମନୁଷ୍ୟମାନେ ସବୁ ଭାବରେ ମୋର ପଥକୁହିଁ ଅନୁସରଣ କରନ୍ତି ।*

କିନ୍ତୁ ଅଧିକାଂଶ ଲୋକେ ସେମାନଙ୍କ କର୍ମର ସିଦ୍ଧି କାମନା କରି ଦେବତାମାନଙ୍କ ଉଦ୍ଦେଶ୍ୟରେ, ସେହି ଏକ ଭଗବାନଙ୍କର ବିଭିନ୍ନରୂପ ଓ ବ୍ୟକ୍ତିତ୍ୱର ଉଦ୍ଦେଶ୍ୟରେ ଯଜ୍ଞ କରିଥାଆନ୍ତି, କାରଣ କର୍ମରୁ – ଜ୍ଞାନ ରହିତ କର୍ମରୁ – ଯେଉଁ ସିଦ୍ଧି ମିଳେ, ତାହା ମାନବ

---

* ବହୂନି ମେ ବ୍ୟତୀତାନି ଜନ୍ମାନି ତବ ଚାର୍ଜୁନ ।
ତାନ୍ୟହଂ ବେଦ ସର୍ବାଣି ନ ତ୍ୱଂ ବେତ୍ଥ ପରନ୍ତପ ॥
ଅଜୋଽପି ସନ୍ନବ୍ୟୟାତ୍ମା ଭୂତାନାମୀଶ୍ୱରୋଽପି ସନ୍ ।
ପ୍ରକୃତିଂ ସ୍ୱାମଧିଷ୍ଠାୟ ସମ୍ଭବାମ୍ୟାତ୍ମମାୟୟା ॥
ଯଦା ଯଦା ହି ଧର୍ମସ୍ୟ ଗ୍ଲାନିର୍ଭବତି ଭାରତ ।
ଅଭ୍ୟୁତ୍‌ଥାନମଧର୍ମସ୍ୟ ତଦାତ୍ମାନଂ ସୃଜାମ୍ୟହମ୍ ॥
ପରିତ୍ରାଣାୟ ସାଧୂନାଂ ବିନାଶାୟ ଚ ଦୁଷ୍କୃତାମ୍ ।
ଧର୍ମସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ ॥
ଜନ୍ମ କର୍ମ ଚ ମେ ଦିବ୍ୟମେବଂ ଯୋ ବେତ୍ତି ତତ୍ତ୍ୱତଃ ।
ତ୍ୟକ୍ତ୍ୱା ଦେହଂ ପୁନର୍ଜନ୍ମ ନୈତି ମାମେତି ସୋଽର୍ଜୁନ ॥
ବୀତରାଗଭୟକ୍ରୋଧା ମନ୍ମୟା ମାମୁପାଶ୍ରିତାଃ ।
ବହବୋ ଜ୍ଞାନତପସା ପୂତା ମଦ୍ଭାବମାଗତାଃ ॥
ଯେ ଯଥା ମାଂ ପ୍ରପଦ୍ୟନ୍ତେ ତାଂସ୍ତଥୈବ ଭଜାମ୍ୟହମ୍ ।
ମମ ବର୍ତ୍ମାନୁବର୍ତ୍ତନ୍ତେ ମନୁଷ୍ୟାଃ ପାର୍ଥ ସର୍ବଶଃ ॥ ୪।୫-୧୧ ॥

ଜଗତରେ ଖୁବ୍ ଶୀଘ୍ର ଓ ସହଜରେ ଲାଭ ହୁଏ, ବାସ୍ତବ ପକ୍ଷେ ଏହା କେବଳ ସେହି ଜଗତରହିଁ ଅନ୍ତର୍ଗତ । କିନ୍ତୁ ଅନ୍ୟ ସିଦ୍ଧି ଅର୍ଥାତ୍ ପରମେଶ୍ୱରଙ୍କ ଉଦ୍ଦେଶ୍ୟରେ ଜ୍ଞାନର ସହିତ ଯଜ୍ଞ ଫଳରେ ମନୁଷ୍ୟ ଭିତରେ ଯେଉଁ ଦିବ୍ୟ ଆତ୍ମ-ପୂର୍ଣ୍ଣତା ଲାଭ କରାଯାଏ, ତାହା ଅଧିକ କଷ୍ଟସାଧ, ଏହାର ଫଳ ଅସ୍ତିତ୍ୱର ଉଚ୍ଚତର ସ୍ତରର ଅନ୍ତର୍ଗତ ଏବଂ ଏହାକୁ ଧରିପାରିବା ସହଜ ନୁହେଁ । ତେଣୁ ମନୁଷ୍ୟମାନଙ୍କୁ ସେମାନଙ୍କର ଗୁଣକର୍ମର ବିଭାବ ଅନୁସାରେ ଚାତୁର୍ବର୍ଣ୍ୟ ନୀତିର ଅନୁସରଣ କରିବାକୁ ହୁଏ ଏବଂ ଏହି ସାଂସାରିକ ସ୍ତରରେ ସେମାନେ ଭଗବାନଙ୍କର ବିଭିନ୍ନ ଗୁଣ ଭିତର ଦେଇ ତାହାଙ୍କୁ ସନ୍ଧାନ କରନ୍ତି । କିନ୍ତୁ ଶ୍ରୀକୃଷ୍ଣ କହିଲେ, ''ଯଦିଓ ମୁଁ ଚାତୁର୍ବର୍ଣ୍ୟ ନୀତିର ସ୍ରଷ୍ଟା ତଥାପି ମୋତେ ଅକର୍ତ୍ତା, ଅବିନଶ୍ୱର ଅକ୍ଷର ଆତ୍ମା ବୋଲି ଜାଣିବାକୁ ହେବ । 'କର୍ମ ମୋତେ ଆସକ୍ତ କରେ ନାହିଁ ବା କର୍ମଫଳ ପ୍ରତି ମୋର କୌଣସି ସ୍ପୃହା ନାହିଁ ।'[୧] କାରଣ ଭଗବାନ୍ ନୈର୍ବ୍ୟକ୍ତିକ ସତ୍ତା ରୂପରେ ଏହିସବୁ ଅହଂମୂଳକ ବ୍ୟକ୍ତିକତା ଓ ପ୍ରକୃତିଜାତ ଗୁଣର ଏହିସବୁ ଦ୍ୱନ୍ଦ୍ୱର ଅତୀତ; ଏବଂ ପୁରୁଷୋତ୍ତମ ରୂପରେ, ନୈର୍ବ୍ୟକ୍ତିକ ବ୍ୟକ୍ତି ରୂପରେ ସେ କର୍ମ ଭିତରେ ମଧ୍ୟ ସମ୍ପୂର୍ଣ୍ଣ ଭାବରେ ମୁକ୍ତ, ତେଣୁ ଦିବ୍ୟକର୍ମର କର୍ମୀମାନଙ୍କୁ ଚାତୁର୍ବର୍ଣ୍ୟ ନୀତିର ଅନୁସରଣ କରିବା ସମୟରେ ମଧ୍ୟ ଉର୍ଦ୍ଧ୍ୱରେ ଯାହା ରହିଛି ତାହାକୁ ଜାଣିବାକୁ ହେବ ଏବଂ ତହିଁରେ ବାସ କରିବାକୁ ହେବ । ସେହି ନୈର୍ବ୍ୟକ୍ତିକ ଆତ୍ମା ଏବଂ ପରମ ଭଗବାନଙ୍କ ମଧ୍ୟରେ ବାସ କରିବାକୁ ହେବ । 'ମୋତେ ଏହି ଭାବରେ ଯେ ଜାଣେ ସେ ତାହାର କର୍ମ ଦ୍ୱାରା ଆବଦ୍ଧ ହୁଏ ନାହିଁ, ଏହିପରି ଜାଣି ପୁରାକାଳର ମୁମୁକ୍ଷୁମାନେ କର୍ମ କରୁଥିଲେ । ଅତଏବ ତୁମେ ମଧ୍ୟ ସେହି ପୂର୍ବତନ ମହାପୁରୁଷମାନଙ୍କ ଦ୍ୱାରା ଆଚରିତ ସେହି ପୂର୍ବତର କର୍ମର ଆଚରଣ କର' ।''[୨]

ଏଠାରେ ଗୀତାର ଯେଉଁ ଶ୍ଳୋକଗୁଡ଼ିକର ସାରାଂଶ ଦିଆଗଲା ତା'ର ଦ୍ୱିତୀୟ ଅଂଶ ଦିବ୍ୟକର୍ମର ସ୍ୱରୂପକୁ ବ୍ୟାଖ୍ୟା କରିଛି, ଯାହାର ନୀତି ସମ୍ପର୍କରେ ଆମେ ପୂର୍ବ ପ୍ରବନ୍ଧରେ ଆଲୋଚନା କରିଛୁ । ପ୍ରଥମ ଶ୍ଳୋକଗୁଡ଼ିକ ଯାହାର ପୂର୍ଣ୍ଣ ଅନୁବାଦ ଦିଆଯାଇଛି, ତାହା ଦିବ୍ୟଜନ୍ମ ଅର୍ଥାତ୍ ଅବତାରତତ୍ତ୍ୱକୁ ବ୍ୟାଖ୍ୟା କରିଛି । କିନ୍ତୁ ଆମକୁ ଏଠାରେ ଅତି ସାବଧାନତାର ସହିତ ବୁଝିବାକୁ ହେବ ଯେ ଜଗତରେ ଧର୍ମସଂସ୍ଥାପନା କରିବା ଭଗବାନଙ୍କର ଅବତାର-ଗ୍ରହଣର ଏକମାତ୍ର ଉଦ୍ଦେଶ୍ୟ ନୁହେଁ, ମାନବଜାତି ମଧ୍ୟରେ ଭଗବାନଙ୍କର ଆବିର୍ଭାବର ସେହି ପରମ ରହସ୍ୟ ଅବତାରତତ୍ତ୍ୱର ଏହା ଏକମାତ୍ର ଲକ୍ଷ୍ୟ ନୁହେଁ ।

---

[୧] ନ ମାଂ କର୍ମାଣି ଲିମ୍ପନ୍ତି ନ ମେ କର୍ମଫଳେ ସ୍ପୃହା ।
ଇତି ମାଂ ଯୋଽଭିଜାନାତି କର୍ମଭିର୍ନ ସ ବଧ୍ୟତେ ।। ୪।୧୪

[୨] ଏବଂ ଜ୍ଞାତ୍ୱା କୃତଂ କର୍ମ ପୂର୍ବୈରପି ମୁମୁକ୍ଷୁଭିଃ ।
କୁରୁ କର୍ମୈବ ତସ୍ମାତ୍ତ୍ୱଂ ପୂର୍ବୈଃ ପୂର୍ବତରଂ କୃତମ୍ ।। ୪।୧୫

ଧର୍ମସଂସ୍ଥାପନା ସ୍ୱୟଂ ଏପରି ଏକ ଯଥେଷ୍ଟ ବଡ଼ କାରଣ ନୁହେଁ, ବା ଏପରି ଏକ ସର୍ବୋଚ୍ଚ ମହାନ୍ ଲକ୍ଷ୍ୟ ନୁହେଁ, ଯେଉଁଥି ପାଇଁ ଜଣେ ଖ୍ରୀଷ୍ଟ, ଜଣେ କୃଷ୍ଣ ବା ଜଣେ ବୁଦ୍ଧଙ୍କୁ ଏଠାରେ ଅବତାର ଗ୍ରହଣ କରିବାକୁ ପଡ଼ନ୍ତା । ଆହୁରି ଉଚ୍ଚତର ଏକ ଲକ୍ଷ୍ୟ, ଆହୁରି ମହତ୍ତର ଏକ ଭଗବତ୍ ସଙ୍କଳ୍ପକୁ କାର୍ଯ୍ୟକାରୀ କରିବା ଦିଗରେ ଏହି ଧର୍ମସଂସ୍ଥାପନା ଏକ ସାଧାରଣ ଅବସ୍ଥା ମାତ୍ର । କାରଣ ଦିବ୍ୟଜନ୍ମର ଦୁଇଟି ବିଭାବ ରହିଛି । ଗୋଟିଏ ହେଉଛି ଅବତରଣ, ମାନବଜାତି ମଧ୍ୟରେ ଭଗବାନଙ୍କର ଜନ୍ମଗ୍ରହଣ, ମାନବର ଆକୃତି-ପ୍ରକୃତି ମଧ୍ୟରେ ଭଗବାନଙ୍କର ଆତ୍ମ-ପ୍ରକାଶ, ଏହାହିଁ ଚିରନ୍ତନ ଅବତାର । ଅନ୍ୟଟି ହେଲା ଆରୋହଣ, ଭଗବାନଙ୍କ ଭାବରେ ମାନବର ଜନ୍ମ, ଭଗବତ୍ ପ୍ରକୃତି ଓ ଚେତନା ଭିତରକୁ ମାନବର ଉତ୍ଥାନ, 'ମଦ୍‌ଭାବମାଗତାଃ', ଏହା ହେଉଛି ଆତ୍ମାର ଏକ ନବଜନ୍ମରେ ସତ୍ତାର ନୂତନ ଜନ୍ମଗ୍ରହଣ । ଭଗବାନଙ୍କ ଅବତାର-ଗ୍ରହଣ ଓ ଧର୍ମସଂସ୍ଥାପନା ଏହି ନବଜନ୍ମ ପାଇଁହିଁ ଉଦ୍ଦିଷ୍ଟ । ଗୀତାର ଅବତାରତତ୍ତ୍ୱର ଏହି ଯେଉଁ ଦୁଇଟି ବିଭାବ ରହିଛି ତାହା ଅସତର୍କ ପାଠକର ଦୃଷ୍ଟିରେ ପଡ଼ି ନପାରେ, ଯଦି ସେ ଗୀତାଶିକ୍ଷାର ଗଭୀର ଅର୍ଥ ଭିତରକୁ ନଯାଇ କେବଳ ବାହ୍ୟ ଅର୍ଥରେ ସନ୍ତୁଷ୍ଟ ରହିଯାଏ । ଅଧିକାଂଶ ପାଠକଙ୍କ କ୍ଷେତ୍ରରେ ସାଧାରଣତଃ ଏହାହିଁ ଘଟିଥାଏ । ଆଉ ମଧ୍ୟ ଗୀତାର ସେହିସବୁ ଟୀକାକାର ଯେଉଁମାନେ ନିଜର ବିଶେଷ ସାମ୍ପ୍ରଦାୟିକ ମତବାଦର ସଂକୀର୍ଣ୍ଣତାରେ ଅନ୍ଧ, ସେମାନେ ମଧ୍ୟ ଏହି ବିଷୟଟିକୁ ଧରିପାରନ୍ତି ନାହିଁ । କିନ୍ତୁ ଅବତାରତତ୍ତ୍ୱର ସମ୍ପୂର୍ଣ୍ଣ ଅର୍ଥ ବୁଝିବାକୁ ହେଲେ ତା'ର ଏହି ଦୁଇଟି ଦିଗକୁ ବୁଝିବା ନିଶ୍ଚିତରୂପେ ଆବଶ୍ୟକ । ତା' ନହେଲେ ଅବତାରତତ୍ତ୍ୱ ଏକ ଅନ୍ଧ ମତବାଦ, ଏକ ଲୌକିକ କୁସଂସ୍କାର ବା କଳ୍ପନା ଓ ରହସ୍ୟବାଦର ଆଶ୍ରୟ ନେଇ କୌଣସି ଐତିହାସିକ ବା ପୌରାଣିକ ଶ୍ରେଷ୍ଠ ମାନବଙ୍କୁ ଭଗବାନରୂପେ ବର୍ଣ୍ଣନା କରିବା ଛଡ଼ା ଅଧିକ କିଛି ହେବ ନାହିଁ । ଗୀତାର ଶିକ୍ଷା କିନ୍ତୁ ଏହା ନୁହେଁ; ଗୀତାର ସମସ୍ତ ଶିକ୍ଷା ପରି ଏହି ଅବତାରତତ୍ତ୍ୱ ମଧ୍ୟ ଏକ ଗଭୀର ଦାର୍ଶନିକ ଓ ଆଧ୍ୟାତ୍ମିକ ସତ୍ୟ ଏବଂ ସେହି ସର୍ବୋତ୍ତମ ପରମ ରହସ୍ୟ 'ରହସ୍ୟମ୍ ଉତ୍ତମମ୍'ର ଏହା ଏକ ଅତ୍ୟାବଶ୍ୟକ ଅଙ୍ଗ ଓ ସେ ଦିଗରେ ଏକ ପଦକ୍ଷେପ ।

ଯଦି ଭଗବତ୍ ସତ୍ତା ମଧ୍ୟକୁ ମନୁଷ୍ୟର ଏହି ଆରୋହଣକୁ ସାହାଯ୍ୟ କରିବାହିଁ ମାନବତା ମଧ୍ୟକୁ ଭଗବାନଙ୍କର ଅବତରଣର ଉଦ୍ଦେଶ୍ୟ ହୋଇ ନଥା'ନ୍ତା, ତେବେ କେବଳ ଧର୍ମସଂସ୍ଥାପନା ପାଇଁ ଭଗବାନଙ୍କର ଅବତାର ଗ୍ରହଣ ଏକ ନିରର୍ଥକ ବିଷୟ ହୁଅନ୍ତା । କାରଣ ଧର୍ମ, ନ୍ୟାୟ ଓ ସଦାଚାର ଆଦିକୁ ସୁରକ୍ଷିତ କରିବାର କାର୍ଯ୍ୟ ଭଗବାନଙ୍କ ସର୍ବଶକ୍ତିମତ୍ତା ନିଜର ସାଧାରଣ ଉପାୟସବୁର ସାହାଯ୍ୟରେ ସମ୍ପନ୍ନ କରିପାରନ୍ତା । ମହାପୁରୁଷ ବା ମହାନ୍ ଆନ୍ଦୋଳନସବୁର ଭିତରଦେଇ, ଋଷି, ରାଜା, ଧର୍ମଗୁରୁମାନଙ୍କ ଜୀବନ ଓ କର୍ମ ଭିତର ଦେଇ ଏହା ସମ୍ପନ୍ନ କରାଯାଇପାରନ୍ତା । ଏଥିପାଇଁ ଅବତାରଙ୍କର

କୌଣସି ଆବଶ୍ୟକତା ନାହିଁ । ଅବତାର ଆସନ୍ତି ମାନବ-ପ୍ରକୃତି ଭିତରେ ଭଗବତ୍-ପ୍ରକୃତି ପ୍ରକଟନ ପାଇଁ, ଖ୍ରୀଷ୍ଟତ୍ୱ, କୃଷ୍ଣତ୍ୱ ଓ ବୁଦ୍ଧତ୍ୱର ପ୍ରକଟନ ପାଇଁ, ଯାହା ଫଳରେ ମଣିଷର ପ୍ରକୃତି ନିଜର ନୀତି, ଚିନ୍ତା, ଭାବ ଓ ସତ୍ତାକୁ ଏହି ଖ୍ରୀଷ୍ଟତ୍ୱ, କୃଷ୍ଣତ୍ୱ ବା ବୁଦ୍ଧତ୍ୱର ଆଦର୍ଶରେ ଗଢ଼ି ନିଜକୁ ଭାଗବତ ପ୍ରକୃତିରେ ରୂପାନ୍ତରିତ କରିବ । ଅବତାର ଯେଉଁ ବିଧାନ, ଯେଉଁ ଧର୍ମ ସ୍ଥାପନ କରନ୍ତି ଏହାହିଁ ତା'ର ମୁଖ୍ୟ ଉଦ୍ଦେଶ୍ୟ, ଖ୍ରୀଷ୍ଟ, କୃଷ୍ଣ ବା ବୁଦ୍ଧ ଏହାର କେନ୍ଦ୍ରରେ ଦ୍ୱାର ସଦୃଶ । ସେମାନେ ନିଜ ଭିତର ଦେଇ ଯେଉଁ ପଥ କରାଇ ନେଇଥା'ନ୍ତି, ମନୁଷ୍ୟ ତାହାର ଅନୁସରଣ କରେ । ସେଇଥିପାଇଁ ପ୍ରତ୍ୟେକ ଅବତାର ମନୁଷ୍ୟ ସମ୍ମୁଖରେ ନିଜର ଦୃଷ୍ଟାନ୍ତ ରଖନ୍ତି ଓ ଘୋଷଣା କରନ୍ତି ଯେ ସେ ନିଜେ ହେଉଛନ୍ତି ମାର୍ଗ, ସେ ନିଜେହିଁ ପ୍ରବେଶର ଦ୍ୱାର, ସେ ନିଜର ମାନବତ୍ୱ ସହିତ ଭଗବତ୍ ସତ୍ତାର ଏକତ୍ୱ କଥା କହନ୍ତି, ଯିଶୁ ଯେପରି କହିଥିଲେ ଯେ ମାନବପୁତ୍ର ଏବଂ ଯେଉଁ ଊର୍ଦ୍ଧ୍ୱସ୍ଥ ପିତାଙ୍କଠାରୁ ସେ ଜନ୍ମଗ୍ରହଣ କରିଛନ୍ତି ଉଭୟେ ଏକ; ବା ଶ୍ରୀକୃଷ୍ଣ ଯେପରି କହିଥିଲେ ଯେ ମନୁଷ୍ୟଶରୀର ଗ୍ରହଣ କରିଥିବା କୃଷ୍ଣ 'ମାନୁଷୀମ୍ ତନୁମାଶ୍ରିତମ୍' ଏବଂ ସର୍ବଭୂତର ମୁଖ୍ୟ ଓ ପରମ ଈଶ୍ୱର କୃଷ୍ଣ, ଏ ଉଭୟ ସେହି ଏକ ପୁରୁଷୋତ୍ତମଙ୍କର ଦୁଇଟି ପ୍ରକାଶ – ସେଠାରେ ନିଜର ସତ୍ତା ଓ ସ୍ୱରୂପରେ ପ୍ରକଟିତ ଓ ଏଠାରେ ମାନବ ଆକାରରେ ପ୍ରକଟିତ ।

ଅବତାରତ୍ୱର ଏହି ଦ୍ୱିତୀୟ ଏବଂ ପ୍ରକୃତ ଉଦ୍ଦେଶ୍ୟହିଁ ଯେ ଗୀତାଶିକ୍ଷାର ମୂଳକଥା ତାହା ଗୀତାର ଏହି ଅଂଶଟିକୁ ଯଥାର୍ଥଭାବରେ ବିଚାର କଲେ ସ୍ପଷ୍ଟ ହୁଏ । କିନ୍ତୁ ଏହା ଆହୁରି ସ୍ପଷ୍ଟ ହୁଏ ଯଦି ଆମେ ସ୍ୱତନ୍ତ୍ର ଭାବରେ ଖାଲି ଏହି ଅଂଶଟିକୁ ବିଚାର ନକରି (ଗୀତାର ଶ୍ଳୋକଗୁଡ଼ିକୁ ଏପରି ଆଲୋଚନା କରିବା ଏକ ଭୁଲ୍ ପଦ୍ଧତି) ଅନ୍ୟାନ୍ୟ ଶ୍ଳୋକ ସହିତ ଏହାର ଘନିଷ୍ଠ ସମ୍ବନ୍ଧ ତଥା ଗୀତାର ସମଗ୍ର ଶିକ୍ଷା ସହିତ ଏହାର ସମ୍ପର୍କକୁ ମିଳାଇ ବିଚାର କରୁ । ଏଥିପାଇଁ ଆମକୁ ଗୀତାର ଏହି ସମ୍ପର୍କୀୟ ଶିକ୍ଷାଗୁଡ଼ିକୁ ସ୍ମରଣ ରଖି ଏକତ୍ର ବିଚାର କରିବାକୁ ହେବ । ଆମକୁ ସ୍ମରଣ ରଖିବାକୁ ହେବ ଯେ ଗୀତାର ଶିକ୍ଷା ହେଉଛି ସର୍ବଭୂତରେ ଏକହିଁ ଆତ୍ମା ରହିଛି, ପ୍ରତ୍ୟେକ ପ୍ରାଣୀର ହୃଦୟରେ ଈଶ୍ୱର ବିରାଜମାନ । ଏହା ସଙ୍ଗେ ସଙ୍ଗେ ସ୍ରଷ୍ଟା ଓ ସୃଷ୍ଟିର ସମ୍ପର୍କ ବିଷୟରେ ଗୀତାର ଶିକ୍ଷା ଓ ବିଭୂତି-ତତ୍ତ୍ୱ ସମ୍ପର୍କରେ ଗୀତାରେ ଯେପରି ଜୋର୍ ଦେଇ କୁହାଯାଇଛି ତାହା ମଧ୍ୟ ସ୍ମରଣ ରଖିବାକୁ ହେବ । ଲକ୍ଷ୍ୟ କରିବାକୁ ହେବ କିପରି ଭାଷାରେ ଗୀତାର ଦିବ୍ୟଗୁରୁ ନିଜ ନିଃସ୍ୱାର୍ଥ କର୍ମର ଦିବ୍ୟଦୃଷ୍ଟାନ୍ତ ଦେଇଛନ୍ତି, ଯାହାକି ମାନବଶରୀରଧାରୀ ଶ୍ରୀକୃଷ୍ଣ ତଥା ସମସ୍ତ ଜଗତର ଈଶ୍ୱର ଉଭୟଙ୍କ କ୍ଷେତ୍ରରେ ପ୍ରଯୋଜ୍ୟ । ସେହିସବୁ ଶ୍ଳୋକଗୁଡ଼ିକ ଉପରେ ଯଥାର୍ଥ ଗୁରୁତ୍ୱ ଦେବାକୁ ହେବ, ଯେପରି ନବମ ଅଧ୍ୟାୟର ଏହି ଶ୍ଳୋକ – ଯେଉଁଠି ଶ୍ରୀକୃଷ୍ଣ କହୁଛନ୍ତି, "ମୂଢ଼ବ୍ୟକ୍ତିମାନେ ମନୁଷ୍ୟ-ଦେହଧାରୀ ମୋତେ ଅବଜ୍ଞା କରନ୍ତି କାରଣ ସେମାନେ

ସର୍ବଭୂତର ମହାନ୍ ଈଶ୍ୱରରୂପୀ ମୋର ପରମ ଭାବକୁ ଜାଣନ୍ତି ନାହିଁ ।''* ଏବଂ ଏହିସବୁ ଭାବର ଆଲୋକରେହିଁ ଆମେ ଗୀତାର ସେହି ଘୋଷଣା ବୁଝିପାରିବା ଯେଉଁଠି କୁହାଯାଇଛି ଯେ ମନୁଷ୍ୟ ଭଗବାନଙ୍କର ଦିବ୍ୟଜନ୍ମ ଓ ଦିବ୍ୟକର୍ମ ସମ୍ପର୍କରେ ଜ୍ଞାନଲାଭ କରିବା ଦ୍ୱାରା ଭଗବାନଙ୍କୁ ପ୍ରାପ୍ତ ହୁଏ ଏବଂ ତାଙ୍କରି ଭାଗବତ ଭାବରେ ପୂର୍ଣ୍ଣହୋଇ, ତାଙ୍କରି ଆଶ୍ରୟ ନେଇ, ତାଙ୍କରି ଭାବକୁ ଲାଭ କରେ, 'ମଦ୍‌ଭାବମ୍' । ତା'ହେଲେ କେବଳ ଆମେ ଦିବ୍ୟଜନ୍ମ ଓ ତା'ର ଉଦ୍ଦେଶ୍ୟକୁ ଠିକ୍ ରୂପେ ବୁଝିପାରିବା, ଏବଂ ବୁଝିବା ଯେ ଏହା ଏକ ବିଚ୍ଛିନ୍ନ ଓ ଅଲୌକିକ ଘଟଣା ନୁହେଁ, ଜଗତ୍‌ପ୍ରକାଶର ସମଗ୍ର ଯୋଜନାରେ ଏହାର ଏକ ବିଶେଷ ସ୍ଥାନ ରହିଛି । ତା' ନହେଲେ ଆମେ ଏହି ଅବତାରତ୍ୱର ଦିବ୍ୟରହସ୍ୟକୁ ବୁଝିପାରିବା ନାହିଁ; ହୁଏତ ଏହାକୁ ପୂରାପୂରି ପ୍ରତ୍ୟାଖ୍ୟାନ କରିଦେବା ବା କୁସଂସ୍କାରଗ୍ରସ୍ତ ହୋଇ ଅନ୍ଧଭାବରେ ଗ୍ରହଣ କରିଯିବା କିଂବା ଏ ସମ୍ପର୍କରେ ଆଧୁନିକ ମନର ସେହିସବୁ କ୍ଷୁଦ୍ର ଓ ଅଗଭୀର ଧାରଣାର ବଶବର୍ତ୍ତୀ ହୋଇପଡ଼ିବା ଯେଉଁଥିରେ ଏହାର ସମସ୍ତ ଆନ୍ତର, ଗୂଢ଼ ଓ ସାହାଯ୍ୟପ୍ରଦ ଅର୍ଥ ତା'ର ମୂଲ୍ୟ ହରାଏ ।

କାରଣ ପ୍ରାଚ୍ୟରୁ ଯେଉଁସବୁ ଭାବଧାରା ମନୁଷ୍ୟର ଯୁକ୍ତି-ବୁଦ୍ଧି ଆଗରେ ଉପସ୍ଥାପିତ ହେଉଛି, ତାହା ଭିତରୁ ଏହି ଅବତାରତତ୍ତ୍ୱ ଆଧୁନିକ ମନ ପାଇଁ ବୁଝିବା ବା ଗ୍ରହଣ କରିବା ସବୁଠାରୁ କଠିନ । ଆଧୁନିକ ମନ ଏହାକୁ ଅତି ବେଶୀରେ ମାନବ ଶକ୍ତି, ଚରିତ୍ର ଓ ପ୍ରତିଭାର କୌଣସି ମହାନ୍ ଅଭିବ୍ୟକ୍ତି ବା ପୃଥିବୀ ପାଇଁ ଓ ପୃଥିବୀରେ କରାଯାଇଥିବା କୌଣସି ମହାନ୍ କାର୍ଯ୍ୟର ଏକ ରୂପକ ହିସାବରେହିଁ ଗ୍ରହଣ କରେ କିଂବା ଏହାକୁ ଏକ ଅନ୍ଧ କୁସଂସ୍କାର ମାତ୍ର କହି ଉଡ଼ାଇ ଦିଏ, ନାସ୍ତିକମାନଙ୍କ ପାଇଁ ଏହା ଏକ ନିର୍ବୋଧ ବିଚାର ଓ ବୁଦ୍ଧିବାଦୀମାନଙ୍କ ପାଇଁ ଏହା ବିଚାରର ପଥରୋଧକାରୀ ଏକ ପ୍ରତିବନ୍ଧକ । ଜଡ଼ବାଦୀମାନେ ତ ଏହାକୁ ଆଦୌ ବିଚାର ଭିତରକୁ ଆଣିବେ ନାହିଁ, କାରଣ ସେମାନେ ଭଗବାନଙ୍କ ଅସ୍ତିତ୍ୱରେ ବିଶ୍ୱାସ କରନ୍ତି ନାହିଁ, ଯୁକ୍ତିବାଦୀ ଓ ଭାଗବତ ପ୍ରାକଟ୍ୟକୁ ଗ୍ରହଣ ନ କରୁଥିବା ଈଶ୍ୱରବାଦୀମାନେ (Deist) ଏହାକୁ ଏକ ମୂର୍ଖତା ଓ ହାସ୍ୟାସ୍ପଦ ବିଷୟ ବୋଲି କହିବେ । ନୈଷ୍ଠିକ ଦ୍ୱୈତବାଦୀମାନେ ଯେଉଁମାନେ ମାନବ ପ୍ରକୃତି ଓ ଭାଗବତ ପ୍ରକୃତି ଭିତରେ ଏକ ଅଲଂଘ୍ୟ ବ୍ୟବଧାନ ଦେଖନ୍ତି ସେମାନଙ୍କ ପାଇଁ ଏହା ଈଶ୍ୱରଙ୍କୁ ନିନ୍ଦା କରିବା ସଙ୍ଗେ ସମାନ । ଯୁକ୍ତିବାଦୀଙ୍କର ଆପତ୍ତି ହେଉଛି, ଯଦି ଭଗବାନ୍ ଥାଆନ୍ତି ତେବେ ସେ ବିଶ୍ୱାତୀତ ବା ବିଶ୍ୱର ବାହାରେ ଏବଂ ସଂସାରର ଘଟନାବଳୀରେ କୌଣସି ପ୍ରକାର ହସ୍ତକ୍ଷେପ କରନ୍ତି ନାହିଁ, ଏବଂ ବନ୍ଧା ନିୟମ ଓ ଅନୁଶାସନର ଯନ୍ତ୍ରରେ ସଂସାରକୁ ପରିଚାଳିତ

* ଅବଜାନନ୍ତି ମାଂ ମୂଢା ମାନୁଷୀଂ ତନୁମାଶ୍ରିତମ୍ ।
ପରଂ ଭାବମଜାନନ୍ତୋ ମମ ଭୂତମହେଶ୍ୱରମ୍ ॥ ୯।୧୧

ହେବାକୁ ଛାଡ଼ି ଦିଅନ୍ତି । ସେମାନଙ୍କ ମତରେ ବସ୍ତୁତଃ ଭଗବାନ୍ ହେଉଛନ୍ତି ବିଶ୍ୱଠାରୁ ବହୁ ଦୂରରେ ରହୁଥିବା ଜଣେ ବୈଧାନିକ ସମ୍ରାଟ ବା ଜଣେ ଉଦାସୀ ଆଧ୍ୟାତ୍ମିକ ରାଜା ବା ଅତିବେଶୀରେ ପ୍ରକୃତିର କ୍ରିୟା ପଛରେ ରହିଥିବା ଉଦାସୀନ ନିଷ୍କ୍ରିୟ ଆତ୍ମା ମାତ୍ର, ସାଂଖ୍ୟର ବସ୍ତୁ ନିରପେକ୍ଷ ଅକର୍ତ୍ତା ସାକ୍ଷୀପୁରୁଷ ପରି । ସେ ହେଉଛନ୍ତି ଶୁଦ୍ଧ ଆତ୍ମା, ତାଙ୍କ ପକ୍ଷରେ ଶରୀର ଧାରଣ ସମ୍ଭବ ନୁହେଁ, ସେ ଅସୀମ, ଅନନ୍ତ, ମନୁଷ୍ୟ ପରି ସୀମିତ ହୋଇ ପାରିବେ ନାହିଁ; ସେ ଚିର ଅଜନ୍ମା ସ୍ରଷ୍ଟା, ସୃଷ୍ଟଜୀବଙ୍କ ପରି ପୃଥିବୀରେ ଜନ୍ମଗ୍ରହଣ କରିପାରିବେ ନାହିଁ – ଏପରିକି ତାଙ୍କର ଅଖଣ୍ଡ ସର୍ବଶକ୍ତିମତ୍ତା ପକ୍ଷେ ଏସବୁ ଜିନିଷ ସମ୍ଭବ ମଧ୍ୟ ନୁହେଁ । ଏହିସବୁ ଆପତ୍ତି ସହିତ ନୈଷ୍ଠିକ ଦ୍ୱୈତବାଦୀମାନେ ସେମାନଙ୍କର ଆପତ୍ତିକୁ ଯୋଡ଼ି କହିବେ ଯେ ଭଗବାନ୍ ନିଜର ସ୍ୱରୂପ, କର୍ମ ଓ ସ୍ୱଭାବରେ ମନୁଷ୍ୟଠାରୁ ସମ୍ପୂର୍ଣ୍ଣ ଭିନ୍ନ ଓ ପୃଥକ୍; ଯେ ପୂର୍ଣ୍ଣ ସେ କେବେ ମନୁଷ୍ୟର ଅପୂର୍ଣ୍ଣତାକୁ ଗ୍ରହଣ କରିବା ସମ୍ଭବ ନୁହେଁ, ଅଜାତ ଭାଗବତ ପୁରୁଷ କେବେହେଲେ ମାନବୀୟ ବ୍ୟକ୍ତିରୂପରେ ଜନ୍ମଗ୍ରହଣ କରିପାରିବ ନାହିଁ, ଯେ ଜଗତ୍ ସମୂହର ନିୟନ୍ତା ଓ ଅଧୀଶ୍ୱର ସେ କେବେହେଲେ ପ୍ରକୃତିର ଅଧୀନ ମାନବ କର୍ମ ଓ ମରଣଶୀଳ ମାନବଶରୀର ଭିତରେ ସୀମିତ ହୋଇ ପାରିବେ ନାହିଁ । ଏହି ଆପତ୍ତିସବୁ ଯାହାକି ପ୍ରଥମ ଦୃଷ୍ଟିରେ ବୁଦ୍ଧି ପାଇଁ ଖୁବ୍ ଅକାଟ୍ୟ ବୋଲି ମନେହୁଏ, ଗୀତାର ଦିବ୍ୟଗୁରୁଙ୍କ ମନରେ ମଧ୍ୟ ଏହି ଆପତ୍ତି ବିଷୟ ଉଠିଥିଲା ପରି ଜଣାଯାଏ, ସେ ତେଣୁ କହିଛନ୍ତି ଯଦିଓ ଭଗବାନ୍ ଜନ୍ମରହିତ, ନିଜର ଆତ୍ମସତ୍ତାରେ ଅବିନଶ୍ୱର ସର୍ବଭୂତର ଈଶ୍ୱର, ତଥାପି ସେ ନିଜ ପ୍ରକୃତିରେ ଅଧିଷ୍ଠିତ ହୋଇ ନିଜର ମାୟା ଦ୍ୱାରା ଜନ୍ମଗ୍ରହଣ କରିଥାଆନ୍ତି । ସେ ମନୁଷ୍ୟ ଶରୀର ଧାରଣ କରିଥିବାରୁ ମୂଢ଼ ବ୍ୟକ୍ତିମାନେ ତାଙ୍କୁ ଅବଜ୍ଞା କରିଥାଆନ୍ତି, କିନ୍ତୁ ଯଥାର୍ଥରେ ତାଙ୍କର ପରମସତ୍ତାରେ ସେ ହେଉଛନ୍ତି ସମଗ୍ର ଜଗତର ଈଶ୍ୱର; ନିଜର, ନିଜର ଭାଗବତ ଚୈତନ୍ୟର କ୍ରିୟାରେ ସେ ଚାତୁର୍ବର୍ଣ୍ଣ୍ୟର ସ୍ରଷ୍ଟା ଏବଂ ସଂସାରର ସମସ୍ତ କର୍ମର କର୍ତ୍ତା; ତଥାପି ତହିଁ ସଙ୍ଗେ ସଙ୍ଗେ ନିଜର ଭାଗବତ ଚୈତନ୍ୟର ନୀରବତାରେ ସେ ତାଙ୍କ ନିଜ ପ୍ରକୃତିର କର୍ମର ନିରପେକ୍ଷ ଦ୍ରଷ୍ଟା – କାରଣ ସେ ସର୍ବଦା ନୀରବତା ଓ କର୍ମ ଉଭୟର ଉର୍ଦ୍ଧ୍ୱରେ, ସେ ହେଉଛନ୍ତି ପରମ ପୁରୁଷୋତ୍ତମ । ଏହିପରି ଭାବରେ ଗୀତା ଅବତାରତତ୍ତ୍ୱ ସମ୍ପର୍କୀୟ ସମସ୍ତ ଆପତ୍ତିକୁ ଖଣ୍ଡନ କରିଛି ଓ ଏହିସବୁ ବିରୋଧର ସମନ୍ୱୟ କରିବାକୁ ସମର୍ଥ ହୋଇଛି । କାରଣ ଏହା ଈଶ୍ୱର ଓ ଜଗତ୍ ସମ୍ବନ୍ଧରେ ବୈଦାନ୍ତିକ ମତକୁହିଁ ଗ୍ରହଣ କରି ଅଗ୍ରସର ହୋଇଛି ।

କାରଣ ବୈଦାନ୍ତିକ ମତ ଅନୁସାରେ ଆପାତତଃ ଅକାଟ୍ୟ ମନେ ହେଉଥିବା ଏହିସବୁ ଆପତ୍ତି ମୂଳରୁହିଁ ଅର୍ଥହୀନ । ବେଦାନ୍ତର ବିଚାର ପାଇଁ ଅବତାରତତ୍ତ୍ୱ ଅପରିହାର୍ଯ୍ୟ ନୁହେଁ ତଥାପି ଏହା ଏକ ସମ୍ପୂର୍ଣ୍ଣ ଯୁକ୍ତିଯୁକ୍ତ ଓ ନ୍ୟାୟସଙ୍ଗତ ଧାରଣାରୂପେ ବେଦାନ୍ତମତ

ଏହା ମଧ୍ୟରେ ସହଜ ଓ ସ୍ୱାଭାବିକ ଭାବରେ ଆସିଯାଏ । କାରଣ ଏଠାରେ ସବୁକିଛିହିଁ ଭଗବାନ୍, ସବୁକିଛିହିଁ ଆତ୍ମା, ସ୍ୱପ୍ରତିଷ୍ଠ ସତ୍ତା, ବ୍ରହ୍ମ, ଏକମେବାଦ୍ୱିତୀୟମ୍, – ଏହା ଛଡ଼ା ଆଉ କିଛି ନାହିଁ, ଏହାଠାରୁ ଭିନ୍ନ ଓ ପୃଥକ୍ କିଛି ନାହିଁ, ରହି ମଧ୍ୟ ପାରେନା; ପ୍ରକୃତି ହେଉଛି ଭାଗବତ ଚୈତନ୍ୟରହିଁ ଏକ ଶକ୍ତି, ତା'ଛଡ଼ା ଅନ୍ୟକିଛି ହୋଇ ପାରେନା । ସମସ୍ତ ପ୍ରାଣୀ ଭଗବତ୍ ସତ୍ତାର ଆନ୍ତର ଓ ବାହ୍ୟ, ଆତ୍ମଭାବାପନ୍ନ ଓ ବସ୍ତୁ ଭାବାପନ୍ନ ଆତ୍ମରୂପ ଏବଂ ଶରୀରରୂପ, ଭାଗବତ ଚୈତନ୍ୟର ଶକ୍ତି ଭିତରୁହିଁ ସେମାନେ ଉତ୍ପନ୍ନ ଓ ତାହା ମଧ୍ୟରେ ଅବସ୍ଥିତ । ଅନନ୍ତ ପକ୍ଷରେ ସାନ୍ତ ଭାବ ଗ୍ରହଣ କରିବା ଅସମ୍ଭବ ବୋଲି ପ୍ରଶ୍ନ ଉଠିବା ତ ଦୂରର କଥା, ଏ ସମଗ୍ର ବିଶ୍ୱ ତା'ଛଡ଼ା ଅନ୍ୟ କିଛି ନୁହେଁ, ଆମର ଦୃଷ୍ଟି ଯେଉଁ ଆଡ଼େ ଯାଉ, ଆମେ ଯେଉଁ ଭାବରେ ଦେଖୁ, ଆମେ ବାସ କରୁଥିବା ଏହି ବିଶାଳ ଜଗତରେ ଏହାଛଡ଼ା ଆଉ କିଛି ନାହିଁ । ଆତ୍ମା ଆକାର ଗ୍ରହଣ କରିବାକୁ ଅସମର୍ଥ ବା ଦେହ ଓ ମନ ସହିତ ନିଜେ ସମ୍ବନ୍ଧଯୁକ୍ତ ହେବାକୁ ବା ଏକ ସୀମାବଦ୍ଧ ପ୍ରକୃତି ଓ ଶରୀର ଗ୍ରହଣ କରିବାକୁ ବିରକ୍ତ ଓ ଅସମ୍ମତ ହେବା ତ ଦୂରର କଥା ଏସମସ୍ତ ଜଗତ୍ କେବଳ ସେହି ସମ୍ବନ୍ଧ ଉପରେ, ଆତ୍ମାର ସେହି ଆକାର ଗ୍ରହଣ କରିବା ଉପରେହିଁ ତିଷ୍ଠି ରହିଛି । ଏହା ଆଦୌ ଠିକ୍ ନୁହେଁ ଯେ ଏହି ଜଗତ୍ କେବଳ ଯନ୍ତ୍ରବତ୍ ଅନ୍ଧ ନିୟମର ଏକ ଖେଳ ଯାହାର ଶକ୍ତିର ଗତି ଓ କ୍ରିୟାରେ ବା ଯାହାର ମନ ଓ ଶରୀର କର୍ମରେ ହସ୍ତକ୍ଷେପ କଲାଭଳି କୌଣସି ଆତ୍ମା ବା ଚୈତନ୍ୟ ନାହିଁ ଓ ଏହାର ଊର୍ଦ୍ଧ୍ୱରେ ବା ବାହାରେ କେଉଁଠି ଏକ ଉଦାସୀନ ଆତ୍ମା କେବଳ ନିଷ୍କ୍ରିୟ ଭାବରେହିଁ ରହିଛି – ଏହା ଆଦୌ ଠିକ୍ ନୁହେଁ, ବରଂ ବିପରୀତ ପକ୍ଷେ ସମଗ୍ର ଜଗତ୍ ଏବଂ ତା'ର ପ୍ରତିଟି ଅଣୁପରମାଣୁ ଭଗବତ୍ ଶକ୍ତିର କ୍ରିୟା ଛଡ଼ା ଅନ୍ୟ କିଛି ନୁହେଁ, ଏବଂ ସେହି ଭଗବତ୍ ଶକ୍ତିହିଁ ଜଗତର ପ୍ରତିଟି କ୍ରିୟା ଓ ଗତିବୃତ୍ତିକୁ ନିର୍ଦ୍ଧାରଣ ଓ ପରିଚାଳନା କରୁଛି, ଏହାର ପ୍ରତିଟି ରୂପ ଭିତରେ ବାସ କରୁଛି, ପ୍ରତ୍ୟେକ ଆତ୍ମା ଓ ମନକୁ ଅଧିକାର କରିଛି । ସବୁକିଛିହିଁ ରହିଛି ଭଗବାନଙ୍କ ମଧ୍ୟରେ, ସବୁକିଛିର ଗତି ଓ କର୍ମ ତାଙ୍କରି ଭିତରେ, ସବୁକିଛିର ଅସ୍ତିତ୍ୱ ଓ ସତ୍ତା ମଧ୍ୟ ତାଙ୍କରି ଭିତରେ ଓ ସବୁରି ଭିତରେ ସେ ରହିଛନ୍ତି, ସମସ୍ତଙ୍କ ଭିତରଦେଇ ସେହିଁ କର୍ମ କରୁଛନ୍ତି ଓ ନିଜର ସତ୍ତାକୁ ପ୍ରକଟ କରୁଛନ୍ତି, ପ୍ରତ୍ୟେକ ଜୀବ ହେଉଛନ୍ତି ଛଦ୍ମବେଶରେ ସ୍ୱୟଂ ନାରାୟଣ ।

ଅଜନ୍ମା ଭଗବାନଙ୍କ ପକ୍ଷେ ଜନ୍ମ ଗ୍ରହଣ ଅସମ୍ଭବ ହେବାତ ଦୂରର କଥା, ସମସ୍ତ ଜୀବହିଁ ବ୍ୟକ୍ତିଗତ ଭାବରେ ଅଜ ଆତ୍ମା, ସମସ୍ତେହିଁ ଆଦି-ଅନ୍ତହୀନ ସନାତନ, ଏବଂ ସେମାନଙ୍କର ମୂଳ ସତ୍ତା ଓ ବିଶ୍ୱବ୍ୟାପକତାରେ ସମସ୍ତେ ହେଉଛନ୍ତି ସେହି ଏକ ଅଜ ଆତ୍ମା ଯାହା ପାଇଁ ଜନ୍ମ ଓ ମୃତ୍ୟୁ ହେଉଛି ବାହ୍ୟିକ ଆକାର ପରିଗ୍ରହ ଓ ପରିବର୍ତ୍ତନର ଏକ ଘଟଣା ମାତ୍ର । ଯେ ପୂର୍ଣ୍ଣ, ସେ ଯେଉଁ ଅପୂର୍ଣ୍ଣତାର ରୂପ ଧାରଣ କରିଛନ୍ତି ତାହାହିଁ ବିଶ୍ୱର

ସମୁଦାୟ ରହସ୍ୟ, କିନ୍ତୁ ଧାରଣ କରାଯାଇଥିବା ମନ ଓ ଶରୀରର ରୂପ ଓ କର୍ମରେହିଁ ଏହି ଅପୂର୍ଣ୍ଣତା ଦୃଷ୍ଟ ହୁଏ, ଯେ ଏହାକୁ ଧାରଣ କରିଥାଏ ତାହାଠାରେ କୌଣସି ଅପୂର୍ଣ୍ଣତା ନାହିଁ । ଯେପରି ସୂର୍ଯ୍ୟ, ଯେ ସବୁକୁ ଆଲୋକିତ କରେ ତାହାଠାରେ ଆଲୋକ ବା ଦର୍ଶନର କୌଣସି ଦୋଷ ନାହିଁ, କିନ୍ତୁ ବ୍ୟକ୍ତିମାନଙ୍କର ଦର୍ଶନେନ୍ଦ୍ରିୟର କ୍ଷମତାରେହିଁ ଥାଏ ଦୋଷ ବା ଅପୂର୍ଣ୍ଣତା । ଭଗବାନ୍ କୌଣସି ସୁଦୂର ସ୍ୱର୍ଗରୁ ଯେ ଏହି ବିଶ୍ୱସଂସାରକୁ ପରିଚାଳନା କରୁଛନ୍ତି ତାହା ମଧ ନୁହେଁ, ସେ ତାଙ୍କର ସର୍ବବ୍ୟାପକତା ଦ୍ୱାରା ସର୍ବତ୍ର ନିବିଡ଼ ଭାବରେ ବିରାଜମାନ ରହି ଏହା ସମ୍ପନ୍ନ କରୁଛନ୍ତି । ଶକ୍ତିର ସମସ୍ତ ସସୀମ କ୍ରିୟା ଏକ ଅନନ୍ତ ଦିବ୍ୟଶକ୍ତିରହିଁ କ୍ରିୟା, ତାହା ଏପରି କୌଣସି ସୀମିତ ଓ ସ୍ୱତନ୍ତ୍ର ସ୍ୱପ୍ରତିଷ୍ଠ ଶକ୍ତିର କାର୍ଯ୍ୟ ନୁହେଁ ଯେକି ଅନ୍ୟ କେଉଁଠୁ ଶକ୍ତି ଆହରଣ ନକରି କେବଳ ନିଜର ସାମର୍ଥ୍ୟରେ କାର୍ଯ୍ୟ କରିଚାଲିଛି । ଇଚ୍ଛା ଓ ଜ୍ଞାନର ପ୍ରତ୍ୟେକଟି ସସୀମ କ୍ରିୟାରେ ଆମେ ଆବିଷ୍କାର କରିପାରିବା ଯେ ତାହାକୁ ଧରିରହିଛି ଏକ ଅନନ୍ତ ସର୍ବ-ଇଚ୍ଛା ଓ ସର୍ବଜ୍ଞାନର କ୍ରିୟା । ଭଗବାନଙ୍କର ଶାସନ କୌଣସି ଅନୁପସ୍ଥିତ ଶାସକର ବାହ୍ୟ ଓ ବିଦେଶୀ ଶାସନ ନୁହେଁ; ସେ ସବୁକିଛିର ଶାସନ ଓ ପରିଚାଳନା କରନ୍ତି କାରଣ ସେ ସବୁକିଛିର ଊର୍ଦ୍ଧ୍ୱରେ ରହିଛନ୍ତି, ଖାଲି ସେତିକି ନୁହେଁ ସେ ମଧ ପ୍ରତ୍ୟେକଟି କ୍ରିୟା ଓ ଗତିବୃତ୍ତି ଭିତରେ ସ୍ୱୟଂ ରହିଛନ୍ତି ଓ ସମସ୍ତ କ୍ରିୟାର ସେଇହିଁ ଏକମାତ୍ର ପ୍ରାଣ ଓ ଆତ୍ମା । ତେଣୁ ଆମର ଯୁକ୍ତି-ବୁଦ୍ଧି ଅବତାରତ୍ୱର ସମ୍ଭାବନା ବିରୋଧରେ ଯେଉଁସବୁ ଆପତ୍ତି ଉଠାଇଥାଏ, ସେଗୁଡ଼ିକ କେହି ତିଷ୍ଠି ପାରିବେ ନାହିଁ, କାରଣ ଆମର ଯୁକ୍ତି-ବୁଦ୍ଧିମୂଳକ ବିଚାର ଦ୍ୱାରା ଭେଦ ଓ ବିଭାଗର ଏହା ଏପରି ଏକ ବୃଥା ବିଚାର ଯାହାକି ଜଗତର ସମଗ୍ର ବାସ୍ତବତା ଦ୍ୱାରା ପ୍ରତି ମୁହୂର୍ତ୍ତରେ ଖଣ୍ଡିତ ଓ ଅପ୍ରମାଣିତ ହେଉଛି ।

କିନ୍ତୁ, ତଥାପି ଏହି ସମ୍ଭାବନାର ପ୍ରଶ୍ନ ଛାଡ଼ିଦେଲେ ଅନ୍ୟ ଏକ ପ୍ରଶ୍ନ ଉଠେ ଯେ ପ୍ରକୃତରେ କ'ଣ ଭଗବାନ୍ ଏହିପରି କାର୍ଯ୍ୟ କରନ୍ତି, ପ୍ରକୃତରେ କ'ଣ ଭଗବତ୍ ଚେତନା ପରଦାର ଅନ୍ତରାଳରୁ ବାହାରି ଆସି ଏହି ବାହ୍ୟ ଓ ସସୀମ ଜଗତ୍, ଏହି ମାନସିକ ଓ ଜଡ଼ଜଗତ୍, ଏହି ସୀମାବଦ୍ଧ ଓ ଅପୂର୍ଣ୍ଣ ଜଗତ୍ ଭିତରେ ସିଧାସଳଖ କାର୍ଯ୍ୟ କରନ୍ତି । ପ୍ରକୃତରେ ଏହି ସସୀମତା ଏକ ସଂଜ୍ଞା ଛଡ଼ା ଅଧିକ କିଛି ନୁହେଁ, ନିଜ ଚେତନାର ବିବିଧ ଭାବ ଆଗରେ ଅସୀମର ଆତ୍ମ-ଅଭିବ୍ୟକ୍ତିର ଗୋଟିଏ ଗୋଟିଏ ବାହ୍ୟ ରୂପ ହେଲା ଏହି ସସୀମ, ଏହା ତା'ର ବାହ୍ୟ ମୂଲ୍ୟ ମାତ୍ର । ବାସ୍ତବ ମୂଲ୍ୟ ଦୃଷ୍ଟିରୁ ପ୍ରତ୍ୟେକଟି ସସୀମ ନିଜର ସ୍ୱପ୍ରତିଷ୍ଠ ସତ୍ତାରେ ସେଇ ଅସୀମ ଅନନ୍ତ, ତାହାର ବାହ୍ୟ ପ୍ରକୃତିର କର୍ମରେ ବା ସଂସାରରେ ତାହାର ଆତ୍ମ-ଅଭିବ୍ୟକ୍ତିରେ ସେ ଯେପରି ଯାହାବି ହେଉନା କାହିଁକି । ମନୁଷ୍ୟକୁ ଯଦି ଆମେ ଖୁବ୍ ଘନିଷ୍ଠ ଭାବରେ ଦେଖୁ, ତେବେ ଦେଖିପାରିବୁ ଯେ ସେ

କେବଳ ନିଜେ ନିଜେ ଏକା ସମ୍ପୂର୍ଣ୍ଣ ପୃଥକ୍ ଏକ ସ୍ୱୟଂସ୍ଥିତ ବ୍ୟକ୍ତି ନୁହେଁ, ସେ ହେଉଛି ଏକ ମନ ଓ ଶରୀର-ବିଶେଷରେ ସ୍ୱୟଂ ମାନବଜାତି ଏବଂ ଏହି ମାନବଜାତି ମଧ୍ୟ ସମ୍ପୂର୍ଣ୍ଣରୂପେ ପୃଥକ୍ ଏକ ସ୍ୱୟଂସ୍ଥିତ ଜାତି ନୁହେଁ, ଏହା ହେଉଛି ସ୍ୱୟଂ ବିଶ୍ୱସତ୍ତା, ସ୍ୱୟଂ ବିଶ୍ୱେଶ୍ୱର ଯେକି ମାନବଜାତିର ରୂପ ଗ୍ରହଣ କରିଛନ୍ତି । ଏହି ରୂପ ଭିତରେ ସେ କେତେକ ସମ୍ଭାବନାକୁ କାର୍ଯ୍ୟକାରୀ କରିବାକୁ ଚାହାନ୍ତି । ଆମର ବର୍ତ୍ତମାନର ଭାଷାରେ କହିବାକୁ ଗଲେ ସେ ତାଙ୍କର ଅଭିବ୍ୟକ୍ତିର କେତେକ ଶକ୍ତିକୁ ଏହାରି ଭିତରେ ବିକଶିତ ଓ ବିବର୍ତ୍ତିତ କରିବାକୁ ଚାହାନ୍ତି । ସେ ଯାହା ବିବର୍ତ୍ତିତ କରନ୍ତି, ତାହା ସେ ନିଜେହିଁ, ତାହା ସ୍ୱୟଂ ଆତ୍ମା ।

କାରଣ ଆତ୍ମା କହିଲେ ଆମେ ବୁଝୁ ସେହି ସ୍ୱପ୍ରତିଷ୍ଠ ସତ୍ତାକୁ ଯାହାର ରହିଛି ଚେତନାର ଅନନ୍ତଶକ୍ତି ଏବଂ ନିଜର ସତ୍ତାରେ ଅନାପେକ୍ଷିକ ଅପାର ଆନନ୍ଦ । ଆତ୍ମାର ସ୍ୱରୂପ ହୁଏତ ଏହିପରି, ଯଦି ଏହିପରି ନ ହୋଇଥାଏ ତେବେ ଏହା କିଛି ମଧ୍ୟ ନୁହେଁ, ଅନ୍ତତଃ ମନୁଷ୍ୟ ଓ ଜଗତ୍ ସହିତ ଏହାର କୌଣସି ସମ୍ପର୍କ ନାହିଁ, ତେଣୁ ଜଗତ୍ ଓ ମନୁଷ୍ୟର ମଧ୍ୟ ଏହା ସହିତ କିଛି ସମ୍ପର୍କ ନାହିଁ । ଜଡ଼ ଓ ଶରୀର ହେଉଛି କେବଳ ସଚେତନ ସତ୍ତାର ଶକ୍ତିର ଏକ ପୁଞ୍ଜୀଭୂତ କ୍ରିୟା; ଚେତନା ନିଜର ଇନ୍ଦ୍ରିୟ-ଶକ୍ତିର ବିକାଶ ଭିତର ଦେଇ ନାନା ସମ୍ବନ୍ଧର ବିକାଶ ପାଇଁ ଏହି ଜଡ଼ ଓ ଦେହର ଉପଯୋଗ କରେ । ଜଡ଼ ମଧ୍ୟ ପ୍ରକୃତରେ ଚେତନାଶୂନ୍ୟ ନୁହେଁ, କାରଣ ପ୍ରତ୍ୟେକଟି ପରମାଣୁରେ, ପ୍ରତ୍ୟେକଟି କୋଷରେ ଏକ ଇଚ୍ଛାଶକ୍ତି, ଏକ ବୁଦ୍ଧିର କ୍ରିୟା ରହିଛି ବୋଲି ଆଜି ଆଧୁନିକ ବିଜ୍ଞାନ ମଧ୍ୟ ସ୍ୱୀକାର କରିବାକୁ ବାଧ୍ୟ ହୋଇଛି । କିନ୍ତୁ ପ୍ରକୃତରେ ସେହି ଶକ୍ତି ହେଉଛି ତା' ଭିତରେ ଅନ୍ତର୍ନିହିତ ଥିବା ଆତ୍ମାର ବା ଭଗବତ୍ ସ୍ୱରୂପର ସଙ୍କଳ୍ପ ଓ ବୁଦ୍ଧିର ଶକ୍ତି, ତାହା ଜଡ଼ ଅଣୁ ବା କୋଷର ନିଜସ୍ୱ ସ୍ୱତନ୍ତ୍ର ସଙ୍କଳ୍ପ ବା ବୁଦ୍ଧି ନୁହେଁ । ଏହି ଯେଉଁ ବିଶ୍ୱବ୍ୟାପୀ ଇଚ୍ଛାଶକ୍ତି ଓ ବୁଦ୍ଧି ସର୍ବତ୍ର ନିହିତ ଅଛି ଏହା ରୂପରୁ ରୂପ ଭିତରଦେଇ ନିଜର ଶକ୍ତିକୁ ବିକଶିତ କରାଇଚାଲିଛି, ଏବଂ ଅନ୍ତତଃ ପୃଥିବୀରେ ଏହା ମନୁଷ୍ୟ ମଧ୍ୟରେହିଁ ପୂର୍ଣ୍ଣ ଭଗବତ୍ତ୍ୱର ସବୁଠାରୁ ନିକଟବର୍ତ୍ତୀ ହୋଇଛି ଏବଂ ଏଠାରେ ଏହା ପ୍ରଥମେ ଏପରିକି ଆକାରଗତ ବାହ୍ୟ ବୁଦ୍ଧିରେ ମଧ୍ୟ ନିଜର ଦିବ୍ୟତା ସମ୍ପର୍କରେ ଅସ୍ପଷ୍ଟ ଭାବରେ ସଚେତ ହୋଇଛି । କିନ୍ତୁ ଏଠାରେ ମଧ୍ୟ ଏକ ସୀମା ରହିଛି, ଅଭିବ୍ୟକ୍ତିର ସେହି ଅପୂର୍ଣ୍ଣତା ରହିଛି ଯାହା ଫଳରେ ନିମ୍ନସ୍ତରର ଆଧାରସବୁ ଭଗବାନଙ୍କ ସହ ନିଜ ଏକାତ୍ମତାର ଜ୍ଞାନ ଉପଲବ୍ଧି କରିପାରନ୍ତି ନାହିଁ । କାରଣ ପ୍ରତ୍ୟେକଟି ସୀମିତ ସତ୍ତାରେ ବାହ୍ୟକର୍ମର ସୀମିତତା ସଙ୍ଗରେ ରହିଥାଏ ବାହ୍ୟ ଚେତନାର ମଧ୍ୟ ଏକ ସୀମିତତା ଏବଂ ଏହାହିଁ ଜୀବର ସ୍ୱଭାବକୁ ନିରୂପିତ କରେ ଓ ଏହାରି ଫଳରେହିଁ ଜୀବ ଜୀବ ଭିତରେ ବିଭିନ୍ନତା ଦେଖାଦିଏ । ଅବଶ୍ୟ ଭଗବାନ୍ ପଶ୍ଚାତରେ ରହି କାର୍ଯ୍ୟ କରନ୍ତି ଓ ନିଜର ବିଶେଷ ଅଭିବ୍ୟକ୍ତିକୁ ଏହି ବାହ୍ୟ ଓ ଅପୂର୍ଣ୍ଣ

ଚେତନା ଏବଂ ସଙ୍କଳ୍ପ ଭିତର ଦେଇ ନିୟନ୍ତ୍ରଣ କରନ୍ତି, କିନ୍ତୁ ସେ ନିଜେ ବେଦର ଭାଷାରେ 'ଗୁହାୟାମ୍', ଗୁହା ଭିତରେ ଲୁକ୍କାୟିତ ଅଥବା ଗୀତାରେ ଯେପରି କୁହାଯାଇଛି, ''ଈଶ୍ୱର ସର୍ବଭୂତର ହୃଦୟରେ ଅବସ୍ଥାନ କରି ସର୍ବଭୂତଙ୍କୁ ମାୟା ଦ୍ୱାରା ଯନ୍ତ୍ରାରୂଢ଼ବତ୍ ଚଳାଉଛନ୍ତି ।''[୧] ଭଗବାନ୍ ଯେପରି ଭାବରେ ଜୀବର ହୃଦୟରେ ଗୁପ୍ତରହି ଅଲକ୍ଷ୍ୟରେ ତାହାର ଅହଂମୂଳକ ପ୍ରାକୃତ ଚେତନା ଭିତରଦେଇ କର୍ମକରନ୍ତି, ଜୀବ ସହିତ ଭଗବାନଙ୍କର ଏହାହିଁ ସାର୍ବଜନୀନ କାର୍ଯ୍ୟପ୍ରଣାଳୀ । ତା'ହେଲେ ଆମେ କାହିଁକି ଭାବିବାକୁ ଯିବା ଯେ ଏକ ଅଧିକତର ପ୍ରତ୍ୟକ୍ଷ ଓ ସଚେତନ ଦିବ୍ୟକର୍ମ ସମ୍ପାଦନ ପାଇଁ ସେ କୌଣସି ରୂପରେ ହେଲେ ମଧ୍ୟ ଅନ୍ତରାଳରୁ ସମ୍ମୁଖକୁ ଓ ପ୍ରାକୃତ ଚେତନା ଭିତରକୁ ଆସନ୍ତି ବୋଲି ? ଯଦି ଏପରି ହୋଇଥାଏ ତେବେ ସ୍ପଷ୍ଟତଃ ଏହାର ଉଦ୍ଦେଶ୍ୟ ହେଉଛି ତାଙ୍କ ଭିତରେ ଓ ମଣିଷ ଭିତରେ ଯେଉଁ ପରଦା ରହିଛି, ତାହାକୁ ଅପସାରଣ କରିବା ପାଇଁହିଁ ସେ ଆସନ୍ତି, କାରଣ ନିଜ ପ୍ରକୃତିରେ ସୀମାବଦ୍ଧ ମନୁଷ୍ୟ ତାହା କରିବାକୁ ସମ୍ପୂର୍ଣ୍ଣ ଅସମର୍ଥ ।

ଗୀତା କହେ ଯେ ଜୀବ ସାଧାରଣତଃ ଯେଉଁ ଅପୂର୍ଣ୍ଣଭାବରେ କର୍ମକରେ ତା'ର କାରଣ ହେଉଛି ସେ ପ୍ରକୃତିର ଯାନ୍ତ୍ରିକ କ୍ରିୟାର ଅଧୀନ ଏବଂ ମାୟାର ରୂପରେ ଆବଦ୍ଧ । ପ୍ରକୃତି ଓ ମାୟା – ଏ ଦୁଇଟି ହେଉଛି ଭାଗବତ ଚେତନାର ସେହି ଏକହିଁ କାର୍ଯ୍ୟକାରିଣୀ ଶକ୍ତିର ଦୁଇଟି ପରିପୂରକ ବିଭାବ । ମାୟା ତା'ର ମୂଳ ସ୍ୱରୂପରେ ଭ୍ରମ ନୁହେଁ, କେବଳ ନିମ୍ନ ପ୍ରକୃତିର ଅଜ୍ଞାନତା ଫଳରେହିଁ ଏଥିରେ ଏହି ଭ୍ରମର ଆଭାସ ବା ଉପାଦାନ ଆସି ପହଞ୍ଚିଛି, ନିମ୍ନ ପ୍ରକୃତିର ତ୍ରିଗୁଣମୟୀ ମାୟାହିଁ ଏହାର ଉତ୍ସ – କିନ୍ତୁ ମାୟା ନିଜର ଯଥାର୍ଥ ସ୍ୱରୂପରେ ହେଉଛି ଭାଗବତ ଚେତନାର ସେହି ଶକ୍ତି ଯେଉଁଥିରେ ତାହାର ସତ୍ତାର ନାନାବିଧ ଆତ୍ମ-ଅଭିବ୍ୟକ୍ତିର କ୍ଷମତା ନିହିତ ରହିଛି ଏବଂ ପ୍ରକୃତି ହେଉଛି ସେହି ଚେତନାର କାର୍ଯ୍ୟକାରିଣୀ ଶକ୍ତି ଯାହାକି ଏହିସବୁ ବିଭିନ୍ନ ଆତ୍ମ-ଅଭିବ୍ୟକ୍ତିକୁ ପ୍ରତ୍ୟେକର ସ୍ୱଧର୍ମ ଓ ସ୍ୱଭାବ ଅନୁଯାୟୀ ସେମାନଙ୍କର ଗୁଣକର୍ମ ଅନୁଯାୟୀ ପ୍ରକଟ କରେ । ''ମୁଁ ମୋ ନିଜ ପ୍ରକୃତି ଉପରେ ଚାପ ଦେଇ ସେହି ପ୍ରକୃତିର ଶାସନରେ ଅବଶ୍ୟ ଏହିସବୁ ଭୂତ ଓ ଜୀବଗଣଙ୍କୁ ବାରଂବାର ସୃଷ୍ଟି କରୁଛି ।''[୨] ଯେଉଁମାନେ ମାନବ ଶରୀରରେ ବିରାଜିତ ଭଗବାନଙ୍କୁ ଜାଣନ୍ତି ନାହିଁ, ସେମାନେ ଏ ସମ୍ପର୍କରେ ଅଜ୍ଞ, କାରଣ ସେମାନେ ପ୍ରକୃତିର ଯନ୍ତ୍ରବତ୍ କ୍ରିୟାର ସମ୍ପୂର୍ଣ୍ଣ ଅଧୀନ, ତାହାର ମାନସିକ ଅଜ୍ଞାନତାର ଅସହାୟ ଦାସ, ତାହାକୁ

---

[୧] ଈଶ୍ୱରଃ ସର୍ବଭୂତାନାଂ ହୃଦ୍ଦେଶେଽର୍ଜୁନ ତିଷ୍ଠତି ।
ଭ୍ରାମୟନ୍ ସର୍ବଭୂତାନି ଯନ୍ତ୍ରାରୂଢ଼ାନି ମାୟୟା ।। ୧୮।୬୧

[୨] ପ୍ରକୃତିଂ ସ୍ୱାମବଷ୍ଟଭ୍ୟ ବିସୃଜାମି ପୁନଃ ପୁନଃ ।
ଭୂତଗ୍ରାମମିମଂ କୃତ୍ସ୍ନମବଶଂ ପ୍ରକୃତେର୍ବଶାତ୍ ।। ୯।୮

ମାନି ଚଳନ୍ତି ଏବଂ ଏପରି ଏକ ଆସୁରିକ ପ୍ରକୃତିରେ ବାସ କରନ୍ତି ଯାହାକି ସେମାନଙ୍କର ସଙ୍କଳ୍ପ ଓ ବୁଦ୍ଧିକୁ କାମନା ଓ ଅହଂ ଦ୍ୱାରା ମୋହିତ ଓ ବିଭ୍ରାନ୍ତ କରେ ''ମୋହିନୀଂ ପ୍ରକୃତିମ୍ ଆଶ୍ରିତାଃ ।'' କାରଣ ଅନ୍ତରସ୍ଥିତ ପୁରୁଷୋତ୍ତମ ସହଜରେ ସମସ୍ତଙ୍କ ନିକଟରେ ପ୍ରକଟିତ ହୁଅନ୍ତି ନାହିଁ, ସେ ନିଜକୁ ଘନ ଅନ୍ଧକାରର ମେଘରେ ବା ଉଜ୍ଜ୍ୱଳ ଆଲୋକର ମେଘ ଭିତରେ ଲୁଚାଇ ରଖନ୍ତି, ନିଜର ଯୋଗମାୟାରେ ନିଜକୁ ସମ୍ପୂର୍ଣ୍ଣ ରୂପେ ଆବୃତ କରି ରଖନ୍ତି ।[୧] ଗୀତା କହେ ''ଏ ସମସ୍ତ ଜଗତ୍ ପ୍ରକୃତିର ତ୍ରିଗୁଣମୟୀ ଭାବ ଦ୍ୱାରା ମୋହିତ ହୋଇଥିବାରୁ ମୋତେ ଜାଣିପାରୁ ନାହିଁ, କାରଣ ମୋର ଏହି ଗୁଣାତ୍ମିକା ଦିବ୍ୟମାୟାକୁ ଅତିକ୍ରମ କରିବା ଅତ୍ୟନ୍ତ ଦୁଃସାଧ, ଯେଉଁମାନେ ମୋର ଶରଣାପନ୍ନ ହୁଅନ୍ତି, ସେହିମାନେ କେବଳ ଏହି ମାୟାକୁ ଅତିକ୍ରମ କରନ୍ତି, କିନ୍ତୁ ଯେଉଁମାନେ ଆସୁରିକ ପ୍ରକୃତିରେ ବାସ କରନ୍ତି, ସେମାନଙ୍କର ଜ୍ଞାନ ମାୟା ଦ୍ୱାରା ଅପହୃତ ହୁଏ ।''[୨] ଅର୍ଥାତ୍, ସମସ୍ତଙ୍କ ଭିତରେ ଭାଗବତ ଚେତନା ଅନ୍ତର୍ନିହିତ ରହିଛି କାରଣ ସମସ୍ତଙ୍କ ଭିତରେ ଭଗବାନ୍ ରହିଛନ୍ତି, କିନ୍ତୁ ସେ ସେଠାରେ ନିଜ ମାୟା ଦ୍ୱାରା ଆବୃତ ହୋଇ ରହିଛନ୍ତି ଏବଂ ସେମାନଙ୍କର ମୂଳ ଆତ୍ମଜ୍ଞାନ ଅପହୃତ ହୋଇଛି ମାୟାର କ୍ରିୟା ଦ୍ୱାରା, ପ୍ରକୃତିର ଯନ୍ତ୍ରବତ୍ କ୍ରିୟା ଦ୍ୱାରା ତାହା ଅହଂର ଭ୍ରମରେ ପରିଣତ ହୋଇଛି । ତଥାପି ପ୍ରକୃତିର ଏହି ଯନ୍ତ୍ରବତ୍ କ୍ରିୟାରୁ ମଣିଷ ନିଜକୁ ପ୍ରତ୍ୟାହୃତ କରିଆଣି ପ୍ରକୃତିର ଅନ୍ତରସ୍ଥ ଗୋପନ ପ୍ରଭୁଙ୍କର ଅଭିମୁଖୀ ହେଲେ ସେ ଅନ୍ତର୍ଯ୍ୟାମୀ ଭଗବାନଙ୍କୁ ପ୍ରତ୍ୟକ୍ଷ ରୂପେ ଜାଣିପାରିବ ।

ବର୍ତ୍ତମାନ ଏହା ଲକ୍ଷ୍ୟ କରିବାର କଥା ଯେ ସାଧାରଣଜୀବଙ୍କୁ ଜନ୍ମ ଦେବାର କାର୍ଯ୍ୟ ଓ ନିଜେ ଅବତାର ରୂପେ ଜନ୍ମ ଗ୍ରହଣ କରିବାର କାର୍ଯ୍ୟ, ଭଗବାନଙ୍କର ଏହି ଉଭୟ କାର୍ଯ୍ୟ ବିଷୟରେ କହିବାବେଳେ ଗୀତା, ଭାଷାରେ ସାମାନ୍ୟ ଅଥଚ ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ ପାର୍ଥକ୍ୟ ରଖି ଉଭୟକୁ ପ୍ରାୟ ସମାନ ଭାବରେ ବର୍ଣ୍ଣନା କରିଛି । ''ମୋ ନିଜ ପ୍ରକୃତିକୁ ଆଶ୍ରୟ କରି, 'ପ୍ରକୃତିଂ ସ୍ୱାମ୍ ଅବଷ୍ଟଭ୍ୟ'; ପୁଣି ପରେ କୁହାଯାଇଛି, ଅସହାୟ ଭାବେ ପ୍ରକୃତିର ଅଧିନରେ ଅବଶ ହେବା ହେତୁ, 'ଅବଶଂ ପ୍ରକୃତେଃ ବଶାତ୍', ଏହି ଅସଂଖ୍ୟ ପ୍ରାଣୀବର୍ଗଙ୍କୁ ମୁଁ ମୋ ନିଜ ମଧ୍ୟରୁ ସୃଷ୍ଟି କରିଛି, 'ବିସୃଜାମି' ।'' ପୁଣି

---

[୧] ନାହଂ ପ୍ରକାଶଃ ସର୍ବସ୍ୟ ଯୋଗମାୟାସମାବୃତଃ । ୭।୨୫

[୨] ତ୍ରିଭିର୍ଗୁଣମୟୈର୍ଭାବୈରେଭିଃ ସର୍ବମିଦଂ ଜଗତ୍ ।
ମୋହିତଂ ନାଭିଜାନାତି ମାମେଭ୍ୟଃ ପରମବ୍ୟୟମ୍ ॥
ଦୈବୀ ହ୍ୟେଷା ଗୁଣମୟୀ ମମ ମାୟା ଦୁରତ୍ୟୟା ।
ମାମେବ ଯେ ପ୍ରପଦ୍ୟନ୍ତେ ମାୟାମେତାଂ ତରନ୍ତି ତେ ॥
ନ ମାଂ ଦୁଷ୍କୃତିନୋ ମୂଢ଼ାଃ ପ୍ରପଦ୍ୟନ୍ତେ ନରାଧମାଃ ।
ମାୟୟାପହୃତଜ୍ଞାନା ଆସୁରଂ ଭାବମାଶ୍ରିତାଃ ॥ ୭।୧୩,୧୪,୧୫

"ନିଜ ପ୍ରକୃତିରେ ଅଧିଷ୍ଠିତ ହୋଇ ମୁଁ ନିଜର ଆତ୍ମମାୟା ଦ୍ୱାରା ଜନ୍ମ ନିଏ, (ପ୍ରକୃତିଂ ସ୍ୱାମଧିଷ୍ଠାୟ...ଆତ୍ମମାୟୟା), ମୁଁ ନିଜକୁ ସୃଷ୍ଟିକରେ (ଆତ୍ମାନମ୍ ସୃଜାମି) ।" ଅବଷ୍ଟଭ୍ୟ ଶବ୍ଦ ଯେଉଁ ପ୍ରକ୍ରିୟା ବୁଝାଉଛି, ତା'ହେଲା ଉପରୁ ଏକ ଶକ୍ତିଶାଳୀ ଚାପ ପ୍ରୟୋଗ, ଯାହାଦ୍ୱାରା ଆୟତ୍ତ କରାଯାଉଥିବା ବସ୍ତୁଟି ସମ୍ପୂର୍ଣ୍ଣ ନିର୍ଜ୍ଜିତ, ନିପୀଡ଼ିତ ହୁଏ ଓ ତା'ର ଗତି ତଥା କ୍ରିୟାରେ ଆବଦ୍ଧ ଓ ସୀମିତ ହୁଏ ଏବଂ ଅସହାୟ ଭାବରେ ଆୟତ୍ତକାରୀ ଶକ୍ତିର ବଶ୍ୟତା ସ୍ୱୀକାର କରେ, 'ଅବଶମ୍ ବଶାତ୍' । ଏହି ପ୍ରକ୍ରିୟାରେ ପ୍ରକୃତି ଯନ୍ତ୍ରବତ୍ କାର୍ଯ୍ୟକରେ ଏବଂ ଏହାର ଅଧୀନରେ ଥିବା ପ୍ରାଣିସମୂହ ଏହି ଯନ୍ତ୍ର ଭିତରେ ଅସହାୟ ଭାବରେ ଚାଳିତ ହେଉଥା'ନ୍ତି, ସେମାନେ ନିଜ କର୍ମର ପ୍ରଭୁ ନୁହନ୍ତି । ଅନ୍ୟ ପକ୍ଷରେ 'ଅଧିଷ୍ଠାୟ' ଶବ୍ଦ ଯେଉଁ ପ୍ରକ୍ରିୟାକୁ ବୁଝାଏ, ତା' ହେଉଛି ପ୍ରକୃତିରେ ବାସ କରିବା ଅଥଚ ତହିଁ ସଙ୍ଗେ ସଙ୍ଗେ ତା' ଉପରେ ଓ ଊର୍ଦ୍ଧ୍ୱରେ ଛିଡ଼ା ହେବା; ଅନ୍ତରସ୍ଥ ଭଗବତ୍ ପୁରୁଷ 'ଅଧିଷ୍ଠାତ୍ରୀ ଦେବତା'ଙ୍କ ଦ୍ୱାରା ଏହା ଏକ ସଚେତ ନିୟନ୍ତ୍ରଣ ଓ ଶାସନ, ଯେଉଁଥିରେ ପୁରୁଷ ଅଜ୍ଞତା ବଶରେ ପ୍ରକୃତି ଦ୍ୱାରା ଅସହାୟ ଭାବରେ ଚାଳିତ ହେଉ ନାହିଁ ବରଂ ପ୍ରକୃତି ପୁରୁଷର ଆଲୋକ ଓ ସଙ୍କଳ୍ପରେ ପରିପୂର୍ଣ୍ଣ । ତେଣୁ ସାଧାରଣ ଜନ୍ମରେ ଯାହା ସୃଷ୍ଟିହୁଏ ତାହାହେଲା ଭୂତସକଳ, 'ଭୂତଗ୍ରାମମ୍', ଦିବ୍ୟଜନ୍ମରେ ଯାହାର ଆବିର୍ଭାବ ହୁଏ ତା' ହେଉଛି ସ୍ୱୟଂ-ସୃଷ୍ଟ, ଆତ୍ମସଚେତନ, ସ୍ୱପ୍ରତିଷ୍ଠ ସତ୍ତା, 'ଆତ୍ମାନଂ' । ବେଦାନ୍ତରେ ଆତ୍ମା ଓ 'ଭୂତାନି' ଭିତରେ ଯେଉଁ ପାର୍ଥକ୍ୟ ଦେଖା ହୋଇଛି, ପାଶ୍ଚାତ୍ୟ-ଦର୍ଶନ ଅନୁସାରେ ତା' ହେଉଛି ସତ୍ତା (being) ଓ ତା'ର ସମ୍ଭୂତି (becoming) ର ପାର୍ଥକ୍ୟ । ଉଭୟ କ୍ଷେତ୍ରରେ ମାୟା ହେଉଛି ସୃଷ୍ଟି ବା ଅଭିବ୍ୟକ୍ତିର ଉପାୟ ସ୍ୱରୂପ, କିନ୍ତୁ ଦିବ୍ୟଜନ୍ମ କ୍ଷେତ୍ରରେ ଏହା ହେଉଛି ଆତ୍ମ-ମାୟା 'ଆତ୍ମମାୟୟା', ଏହା ଅଜ୍ଞାନର ନିମ୍ନତର ମାୟାରେ ନିବର୍ତ୍ତନ ନୁହେଁ, ଏହା ହେଉଛି ନିଜ ଲକ୍ଷ୍ୟ ଓ କ୍ରିୟା ସମ୍ପର୍କରେ ସମ୍ପୂର୍ଣ୍ଣ ସଚେତ ସ୍ୱପ୍ରତିଷ୍ଠ ଭଗବତ୍ ପୁରୁଷଙ୍କର ଜାଗତିକ କ୍ଷେତ୍ରରେ ଆତ୍ମ-ଅଭିବ୍ୟକ୍ତିର ଏକ ସଚେତନ କର୍ମ, ଗୀତା ଅନ୍ୟତ୍ର ଏହାକୁହିଁ ଯୋଗମାୟା ବୋଲି କହିଛି । ସାଧାରଣ ଜନ୍ମର କ୍ଷେତ୍ରରେ ଭଗବାନ୍ ଯୋଗମାୟା ସାହାଯ୍ୟରେ ନିମ୍ନତର ଚେତନାରୁ ନିଜକୁ ଆବୃତ ଓ ଗୋପନ ରଖିଛନ୍ତି, ତେଣୁ ଏହା ଆମ ପାଇଁ ଅଜ୍ଞାନର କାରଣ ଓ ଅବିଦ୍ୟାମାୟାର ରୂପ ନିଏ; କିନ୍ତୁ ପୁଣି ସେହି ଯୋଗମାୟା ଦ୍ୱାରାହିଁ ଆତ୍ମଜ୍ଞାନର ପ୍ରକାଶ ଫଳରେ ଆମର ଚେତନା ଭଗବାନଙ୍କ ଅଭିମୁଖରେ ଫେରିବାକୁ ଆରମ୍ଭ କରେ, ସେତେବେଳେ ଏହା ଜ୍ଞାନର କାରଣ ଓ ବିଦ୍ୟାମାୟାର ରୂପ ନିଏ । ଦିବ୍ୟଜନ୍ମର କ୍ଷେତ୍ରରେ ଏହା ଏପରି କାର୍ଯ୍ୟ କରେ ଯେ ସାଧାରଣତଃ ଯେଉଁ କର୍ମ ଅଜ୍ଞାନ ଭିତରେ କରାହୁଏ, ଏହା ଜ୍ଞାନରୂପରେ ସେହିସବୁ କର୍ମକୁ ନିୟନ୍ତ୍ରିତ ଓ ଆଲୋକିତ କରେ ।

ତେଣୁ ଗୀତାର ଭାଷାରୁ ଏହା ସ୍ପଷ୍ଟ ହୁଏ ଯେ ଦିବ୍ୟଜନ୍ମ ହେଉଛି ମାନବତା

ଭିତରେ ଭଗବାନଙ୍କର ସଚେତ ଜନ୍ମଗ୍ରହଣ, ଏହା ମୂଳତଃ ସାଧାରଣ ଜନ୍ମର ଠିକ୍ ବିପରୀତ (ଯଦିଓ ଉଭୟ କ୍ଷେତ୍ରରେ ସେହି ଏକ ଧରଣର ଉପାୟ ଗ୍ରହଣ କରାଯାଏ) କାରଣ ଏହା ଅଜ୍ଞାନ ଭିତରେ ଜନ୍ମଗ୍ରହଣ ନୁହେଁ, ଏହା ହେଉଛି ଜ୍ଞାନର ଜନ୍ମ, ଏହା ଏକ ଶାରୀରିକ ଜନ୍ମ ନୁହେଁ, ଏହା ଆତ୍ମିକ ଜନ୍ମ । ଏହା ସ୍ୱପ୍ରତିଷ୍ଠ ସତ୍ତାରୂପେ ଆତ୍ମାର ଜନ୍ମଗ୍ରହଣ ଯେକି ନିଜର ଭୂତଭାବକୁ ସଚେତନ ଭାବରେ ନିୟମିତ କରେ, ଅଜ୍ଞାନର ମେଘଭିତରେ ନିଜର ଆତ୍ମଜ୍ଞାନ ହରାଏ ନାହିଁ । ଏହା ହେଉଛି ପ୍ରକୃତିର ପ୍ରଭୁରୂପେ ଶରୀରରେ ଆତ୍ମାର ଜନ୍ମଗ୍ରହଣ, ଯେଉଁଠି ଆତ୍ମା ଊର୍ଦ୍ଧ୍ୱରେ ରହି ସ୍ୱାଧୀନ ଭାବରେ ନିଜ ଇଚ୍ଛାନୁସାରେ ପ୍ରକୃତି ଭିତରେ କାର୍ଯ୍ୟ କରେ, ପ୍ରକୃତିଯନ୍ତ୍ରରେ ବଦ୍ଧହୋଇ ଅସହାୟ ଭାବରେ ବାରଂବାର ଘୂରୁ ନଥାଏ, କାରଣ ଏହା କର୍ମକରେ ଜ୍ଞାନରେ ରହି, ଅଧିକାଂଶଙ୍କ ପରି ଅଜ୍ଞାନରେ ରହି ନୁହେଁ । ଏହା ସମସ୍ତ ପ୍ରାଣୀଙ୍କ ଭିତରେ ରହିଥିବା ଗୋପନ ଆତ୍ମାର ଦିବ୍ୟଜନ୍ମ, ଯେଉଁ ଆତ୍ମା ସାଧାରଣ କ୍ଷେତ୍ରରେ ପରଦାର ଅନ୍ତରାଳରେ ରହି ସବୁକିଛିକୁ ଶାସନ କରୁଥାଏ, କିନ୍ତୁ ଏ କ୍ଷେତ୍ରରେ ସେ ପୂରା ସମ୍ମୁଖକୁ ଆସି ଏକ ମାନବରୂପ ନେଇ ଈଶ୍ୱର ଭାବରେ ଏହି ଜନ୍ମକୁ ସମ୍ପୂର୍ଣ୍ଣ ଅଧିକାର କରେ । ସାଧାରଣ ଜନ୍ମର କ୍ଷେତ୍ରରେ ଏହା ଈଶ୍ୱର ରୂପରେ ପରଦାର ଅନ୍ତରାଳରେ ରହି କ୍ରିୟା କରିଥାଏ, ଯେତେବେଳେ ପରଦାର ସମ୍ମୁଖଭାବରେ ଥିବା ବାହ୍ୟଚେତନା କୌଣସି କିଛିର ଅଧିକାରୀ ନହୋଇ ବରଂ ନିଜେ ଅଧିକୃତ ହୋଇଥାଏ, କାରଣ ସେଠାରେ ତାହା ଏକ ଆଂଶିକ ସଚେତନ ସତ୍ତା, ଆତ୍ମ-ବିସ୍ମୃତ ଜୀବ, ନିଜ କର୍ମରେ ପ୍ରକୃତିର ଅଧୀନତା ଦ୍ୱାରା ଆବଦ୍ଧ । ତେଣୁ ଏଠାରେ ଅବତାରର* ଅର୍ଥ ହେଉଛି ଭଗବତ୍ ଆତ୍ମା ଶ୍ରୀକୃଷ୍ଣଙ୍କ କର୍ତ୍ତୃକ ମାନବତା ଭିତରେ ସେହି ଦିବ୍ୟ ଭାଗବତ ଭାବର ପ୍ରତ୍ୟକ୍ଷ ପ୍ରକାଶ, ଯାହା ମଧ୍ୟକୁ ଉଠିଯିବା ପାଇଁ ମାନବସତ୍ତାର ଶ୍ରେଷ୍ଠ ପ୍ରତିନିଧି ମାନବ-ଆତ୍ମା ଅର୍ଜୁନଙ୍କୁ ଦିବ୍ୟଗୁରୁ ଆହ୍ୱାନ ଜଣାଇଲେ । କିନ୍ତୁ ସେ ଏହି ଅବସ୍ଥା ମଧ୍ୟକୁ ଉଠିବା ପାଇଁ କେବଳ ସମର୍ଥ ହୋଇପାରିବେ ଯଦି ସେ ନିଜର ସାଧାରଣ ମାନବତ୍ୱର ଅଜ୍ଞାନ ଓ ସୀମାକୁ ଅତିକ୍ରମ କରିପାରନ୍ତି । ଏହି ଅବତାରତ୍ୱ ହେଉଛି ଊର୍ଦ୍ଧ୍ୱରୁ ସେହି ତତ୍ତ୍ୱର ଅଭିବ୍ୟକ୍ତି ଯାହାକୁ ଆମକୁ ନିମ୍ନରୁ ବିକଶିତ କରିବାକୁ ହେବ; ମାନବସତ୍ତାର ଯେଉଁ ଦିବ୍ୟଜନ୍ମ ଭିତରକୁ ଆମଭଳି ମରଜଗତରେ ଜୀବମାନଙ୍କୁ ଉଠିଯିବାକୁ ହେବ, ତାହା ମଧ୍ୟକୁ ଭଗବାନଙ୍କର ଅବତରଣହିଁ ଅବତାର । ଆମ ମାନବିକ ଅସ୍ତିତ୍ୱର ଏକ ସର୍ବାଙ୍ଗସୁନ୍ଦର ନମୁନା ଓ ମାନବୀୟ ଆକାର-ପ୍ରକାର ଭିତରେ ଭଗବାନ୍ ମାନବ ସମ୍ମୁଖରେ ତାଙ୍କର ଯେଉଁ ଆକର୍ଷଣୀୟ ଦିବ୍ୟ ମନୋହର ଦୃଷ୍ଟାନ୍ତ ରଖିଯାଆନ୍ତି ତାହାହିଁ ଅବତାର ।

* ଅବତାର ଶବ୍ଦର ଅର୍ଥ ହେଉଛି ଅବତରଣ, ଯେଉଁ ରେଖା ଭଗବାନଙ୍କୁ ମାନବଜଗତ ବା ମାନବୀୟ ସ୍ତରଠାରୁ ପୃଥକ୍ କରିଥାଏ ସେହି ରେଖାର ତଳକୁ ଭଗବାନଙ୍କର ଅବତରଣ କରି ଆସିବାହିଁ ଅବତାର ।

# ୧୬

# ଅବତାରତ୍ୱର ପ୍ରଣାଳୀ

ଆମେ ଦେଖୁ ଯେ ମନୁଷ୍ୟ ମଧ୍ୟରେ ଭଗବାନଙ୍କ ଅବତାର ଗ୍ରହଣର ରହସ୍ୟ, ଭଗବାନଙ୍କର ମାନବ ରୂପ ଓ ମାନବ ସ୍ୱଭାବକୁ ଧାରଣ କରିବାର ରହସ୍ୟ ହେଉଛି ଗୀତାର ଦୃଷ୍ଟିରେ ମାନବ ଜନ୍ମର ଚିରନ୍ତନ ରହସ୍ୟର କେବଳ ଅନ୍ୟ ଏକ ଦିଗ । ବାହ୍ୟତଃ ନହେଲେ ମଧ୍ୟ ମନୁଷ୍ୟ ଜନ୍ମ ବରାବର ନିଜର ମୂଳ ସ୍ୱରୂପରେ ଭଗବାନଙ୍କର ରୂପ ଗ୍ରହଣର ଏକ ଆଶ୍ଚର୍ଯ୍ୟମୟ ବିଷୟ । ପ୍ରତ୍ୟେକ ମନୁଷ୍ୟର ଶାଶ୍ୱତ ଓ ବିଶ୍ୱଗତ ସତ୍ତା ହେଉଛି ଭଗବାନ୍, ଏପରିକି ତା'ର ବ୍ୟକ୍ତିଗତ ଆତ୍ମା ମଧ୍ୟ ଭଗବାନଙ୍କର ଅଂଶ, 'ମମୈବାଂଶଃ'; ଅବଶ୍ୟ ଏହା ଭଗବାନଙ୍କର କୌଣସି ଖଣ୍ଡ ବା ଭଗ୍ନାଂଶ ନୁହେଁ କାରଣ ଭଗବାନଙ୍କୁ କ୍ଷୁଦ୍ର ଖଣ୍ଡ ଖଣ୍ଡ ଅଂଶରେ ବିଭକ୍ତ ବୋଲି କଳ୍ପନା କରାଯାଇ ପାରେନା । ଏହା ହେଉଛି ସେହି ଏକ ଚୈତନ୍ୟର ଆଂଶିକ ଚୈତନ୍ୟ, ସେହି ଏକ ଶକ୍ତିର ଆଂଶିକ ଶକ୍ତି, ସେହି ଏକ ଭୂମାନନ୍ଦ ଦ୍ୱାରା ବିଶ୍ୱସତ୍ତାର ଆଂଶିକ ଆନନ୍ଦ ଉପଭୋଗ, ତେଣୁ ବିଶ୍ୱଲୀଳାରେ ବା ଆମେ ଯେପରି କହୁ, ପ୍ରକୃତି ଭିତରେ ଏହି ଜୀବ ହେଉଛି ସେହି ଅନନ୍ତ ଓ ଅସୀମ ସତ୍ତାରହିଁ ଏକ ସସୀମ ଓ ସାନ୍ତ ସତ୍ତା । ଏହି ସସୀମତାର ଚିହ୍ନ ହେଉଛି ଏକ ଅଜ୍ଞାନତା, ଯେଉଁ ଅଜ୍ଞାନତା ଫଳରେ ମନୁଷ୍ୟ ଯେଉଁ ଭଗବାନଙ୍କଠାରୁ ଆସିଛି ତାହାଙ୍କୁ ଯେ ଭୁଲିଯାଏ ଖାଲି ସେତିକି ନୁହେଁ, ସେ ତା' ନିଜ ଅନ୍ତରରେ ନିରନ୍ତର ଅଧିଷ୍ଠିତ ଭଗବାନଙ୍କୁ ମଧ୍ୟ ଭୁଲିଯାଏ, ଯେକି ତା' ପ୍ରକୃତିର ଗୋପନ ହୃଦୟରେ ନିତ୍ୟବିରାଜମାନ ଓ ତା'ର ନିଜ ମାନବଚେତନାର ମନ୍ଦିରର ଅନ୍ତର୍ବେଦୀରେ ପ୍ରଚ୍ଛନ୍ନ ଅଗ୍ନି ପରି ସର୍ବଦା ପ୍ରଜ୍ୱଳିତ ।

ମନୁଷ୍ୟ ଅଜ୍ଞ, କାରଣ ତା'ର ଅନ୍ତରାତ୍ମାର ଚକ୍ଷୁ ତଥା ଅନ୍ୟାନ୍ୟ ସମସ୍ତ ଇନ୍ଦ୍ରିୟ ଉପରେ ସେହି ପ୍ରକୃତିର, ସେହି ମାୟାର ଛାପ ଲାଗିଛି, ଯେଉଁ ମାୟା ଦ୍ୱାରା ସେ ଭଗବାନଙ୍କର ଶାଶ୍ୱତ ସତ୍ତାରୁ ସୃଷ୍ଟ ହୋଇ ଅଭିବ୍ୟକ୍ତିର ରାଜ୍ୟ ଭିତରକୁ ଆସିଥିଲା । ପ୍ରକୃତି ବା ମାୟା ତାହାକୁ ଭାଗବତ ଉପାଦାନର ଅମୂଲ୍ୟ ଧାତୁରେ ଏକ ମୁଦ୍ରା ପରି ଗଢ଼ିଛି, କିନ୍ତୁ ତା' ଉପରେ ନିଜର ପ୍ରାକୃତ ଗୁଣରୂପକ ଖାଦର ଏକ ଶକ୍ତ ଆବରଣ ବା ପୁଟ ଚଢ଼ାଇ ଦେଇଛି ଓ ତା' ଉପରେ ନିଜର ମୋହର ଛାପ ତଥା ପଶୁ-ମନୁଷ୍ୟର ଏକ ଗଭୀର ଛାପ ବସାଇ ଦେଇଛି । ଯଦିଓ ଏଠାରେ ଭାଗବତ ସତ୍ତାର ଗୋପନ ଚିହ୍ନସବୁ ରହିଛି କିନ୍ତୁ ଆରମ୍ଭରୁ ତାହା ସ୍ପଷ୍ଟ ବୁଝାପଡ଼େ ନାହିଁ ଓ ବୁଝିବା ମଧ୍ୟ ବହୁ କଷ୍ଟସାଧ୍ୟ ।

ଏହାର ଯଥାର୍ଥ ଆବିଷ୍କାର କେବେହେଲେ ସମ୍ଭବ ନୁହେଁ ଯେପର୍ଯ୍ୟନ୍ତ ଆମ ନିଜ ସତ୍ତାର ସେହି ଗଭୀର ରହସ୍ୟକୁ ବୁଝିବାର ଦୀକ୍ଷା ମିଳି ନାହିଁ, ଯାହାକି ଭଗବତ୍ ଅଭିମୁଖୀ ମାନବ ଓ ମର୍ତ୍ତ୍ୟମୁଖୀ ମାନବ ଭିତରେ ପାର୍ଥକ୍ୟକୁ ସ୍ପଷ୍ଟ କରିଦିଏ । ଅବତାରଙ୍କ ଭିତରେ ଦିବ୍ୟଜନ୍ମ ନେଇଥିବା ସେହି ମାନବଙ୍କ ଭିତରେ ଦିବ୍ୟ ଉପାଦାନର ପ୍ରକୃତ ଧାତୁଟି ଚଢ଼ାଯାଇଥିବା ପୁଟଭିତରୁ ମଧ୍ୟ ଦୀପ୍ତିମାନ୍ ହୋଇ ଝଟକୁଥାଏ, ପ୍ରକୃତିର ମୋହର ଛାପ ଥାଏ କେବଳ ବାହ୍ୟରୂପରେ, କିନ୍ତୁ ତାଙ୍କର ଦୃଷ୍ଟିହୁଏ ଅନ୍ତଃସ୍ଥିତ ଗୋପନ ଭଗବାନଙ୍କର ଦୃଷ୍ଟି, ତାଙ୍କର ଜୀବନଶକ୍ତି ହୁଏ ଅନ୍ତଃସ୍ଥିତ ଗୋପନ ଭଗବାନଙ୍କର ଶକ୍ତି ଏବଂ ଏହା ସେ ଧାରଣ କରିଥିବା ମାନବପ୍ରକୃତିର ଆବରଣ ଭେଦକରି ବାହାରକୁ ଫୁଟିପଡ଼େ । ଭଗବାନଙ୍କର ଚିହ୍ନ ଓ ଲକ୍ଷଣସବୁ ବାହ୍ୟ ବା ଭୌତିକ ଚିହ୍ନ ନୁହେଁ, ତାହା ଆନ୍ତର ଓ ଆତ୍ମିକ ଚିହ୍ନ; ଯେଉଁମାନେ ଦେଖିବାକୁ ଚାହାନ୍ତି ଓ ଦେଖିପାରନ୍ତି ତାହା ସେମାନଙ୍କ ନିକଟରେ ଅତ୍ୟନ୍ତ ସ୍ପଷ୍ଟ ଓ ବୋଧଗମ୍ୟ ହୋଇଉଠେ । ଆସୁରିକ ପ୍ରକୃତି ଏହିସବୁ ବିଷୟରେ ସମ୍ପୂର୍ଣ୍ଣ ଅନ୍ଧ, କିଛି ଦେଖିପାରେ ନାହିଁ, କାରଣ ସେ କେବଳ ଦେଖେ ଶରୀରକୁ, ଆତ୍ମାକୁ ନୁହେଁ; ସେ କେବଳ ଦେଖେ ବାହ୍ୟ-ସତ୍ତାକୁ, ଆନ୍ତରସତ୍ତାକୁ ନୁହେଁ, କେବଳ ମୁଖାଟିକୁହିଁ ସେ ଦେଖେ, ଭିତରର ପୁରୁଷଙ୍କୁ ନୁହେଁ । ସାଧାରଣ ମନୁଷ୍ୟଜନ୍ମର କ୍ଷେତ୍ରରେ ମାନବରୂପ ଗ୍ରହଣ କରୁଥିବା ବିଶ୍ୱଗତ ଭଗବତ୍ ସତ୍ତାର ପ୍ରକୃତିଭାବଟାହିଁ ମୁଖ୍ୟ ହୁଏ, କିନ୍ତୁ ଅବତାରଙ୍କ ମନୁଷ୍ୟ ଜନ୍ମବେଳେ ଈଶ୍ୱରଭାବହିଁ ହୁଏ ମୁଖ୍ୟ । ଗୋଟିକର କ୍ଷେତ୍ରରେ ଭଗବାନ୍ ମନୁଷ୍ୟ ପ୍ରକୃତିକୁ ନିଜର ଆଂଶିକ ସତ୍ତା ଉପରେ ଅଧିକାର ଓ କର୍ତ୍ତୃତ୍ୱ ବିସ୍ତାର କରିବାକୁ ଛାଡ଼ିଦିଅନ୍ତି, ଅନ୍ୟଟିର କ୍ଷେତ୍ରରେ ସ୍ୱୟଂ ଭଗବାନହିଁ ନିଜର ଅଂଶସତ୍ତା ଓ ପ୍ରକୃତିକୁ ଅଧିକାର କରନ୍ତି ଏବଂ ଦିବ୍ୟଭାବରେ ଏହାକୁ ପରିଚାଳିତ କରନ୍ତି । ଗୀତା କହେ ଯେ ଅବତାରଗ୍ରହଣ ସାଧାରଣ ମନୁଷ୍ୟଙ୍କ ପରି କ୍ରମବିବର୍ତ୍ତନ ବା ଊର୍ଦ୍ଧ୍ୱାରୋହଣ ଦ୍ୱାରା ହୁଏ ନାହିଁ ବା ଦିବ୍ୟଜନ୍ମଲାଭ ଦିଗରେ କ୍ରମ-ଅଭିବୃଦ୍ଧି ଦ୍ୱାରା ହୁଏ ନାହିଁ, ଅବତାରତ୍ୱର ଅର୍ଥ ହେଉଛି ଯେତେବେଳେ ଏକ ପ୍ରତ୍ୟକ୍ଷ ଅବତରଣ ଦ୍ୱାରା ଭଗବାନ୍ ମାନବୀୟତା ମଧ୍ୟକୁ ସାକ୍ଷାତ୍ ଭାବରେ ଓହ୍ଲାଇ ଆସନ୍ତି ଓ ମାନବୀୟ ଆକାର ଗ୍ରହଣ କରନ୍ତି ।

କିନ୍ତୁ ସେହି ଊର୍ଦ୍ଧ୍ୱାରୋହଣ ଓ ବିବର୍ତ୍ତନକୁ ସାହାଯ୍ୟ କରିବା ପାଇଁ ଯେ ଭଗବାନ୍ ଏହି ଅବତରଣକୁ ଗ୍ରହଣ କରିନିଅନ୍ତି, ଏହା ଗୀତାରେ ବେଶ୍ ସ୍ପଷ୍ଟଭାବରେ କୁହାଯାଇଛି । ଆମେ କହିପାରୁ ଯେ ଏହି ଅବତାର ଗ୍ରହଣ ଦ୍ୱାରା ମନୁଷ୍ୟ ସତ୍ତା ଭିତରେ ଭଗବାନଙ୍କର ପ୍ରକାଶର ଯେଉଁ ସମ୍ଭାବନା ଅଛି, ତାହାକୁ ଦୃଷ୍ଟାନ୍ତ ସ୍ୱରୂପ ଦେଖାଇ ଦିଆଯାଏ, ଯେପରିକି ମନୁଷ୍ୟ ଦେଖିପାରିବ ଏହା କିଭଳି ବିଷୟ ଏବଂ ନିଜେ ସେହି ଦିଗରେ ବଢ଼ିଉଠିବା ପାଇଁ ସାହସ କରିପାରିବ । ଆଉ ମଧ୍ୟ ଏହାର ଅନ୍ୟ ଏକ ଉଦ୍ଦେଶ୍ୟ ହେଉଛି ଭଗବାନଙ୍କର

ସେହି ଅଭିବ୍ୟକ୍ତିର ପ୍ରଭାବକୁ ପୃଥିବୀ-ପ୍ରକୃତି ଭିତରେ ସ୍ପନ୍ଦମାନ ରଖିଯିବା ଯେପରିକି ପାର୍ଥିବ ପ୍ରକୃତିର ଊର୍ଦ୍ଧ୍ୱଗାମୀ ପ୍ରୟାସ ସେହି ଦିବ୍ୟ ଅଭିବ୍ୟକ୍ତିର ଆତ୍ମା ଦ୍ୱାରା ପରିଚାଳିତ ହୁଏ । ଏହାର ଉଦ୍ଦେଶ୍ୟ ହେଲା ଦିବ୍ୟମାନବ ତା'ର ଏକ ଆଧ୍ୟାତ୍ମିକ ଛାଞ୍ଚ ରଖିଯିବା, ଯେପରିକି ଦିବ୍ୟଜୀବନକାମୀ ମାନବର ଆତ୍ମା ନିଜକୁ ସେହି ଛାଞ୍ଚରେ ଗଢ଼ିତୋଳେ । ଅବତାରତ୍ୱର ଉଦ୍ଦେଶ୍ୟ ହେଉଛି ମନୁଷ୍ୟକୁ ଏକ ଧର୍ମ ପ୍ରଦାନ କରିବା, କେବଳ ଏକ ସାଂପ୍ରଦାୟିକ ମତବାଦ ନୁହେଁ, କିନ୍ତୁ ଅନ୍ତର୍ଜୀବନ ଓ ବହିର୍ଜୀବନର ଏକ ପଦ୍ଧତି ଦେଇଯିବା, ଏକ ମାର୍ଗ, ଆତ୍ମଗଠନର ଏପରି ଏକ ନିୟମ ଓ ବିଧାନ ଦେଇଯିବା ଯାହାଦ୍ୱାରା କି ମନୁଷ୍ୟ ଦିବ୍ୟତ୍ୱ ଦିଗରେ ଅଭିବୃଦ୍ଧି ଲାଭ କରିପାରେ । ଆହୁରି ମଧ୍ୟ ଯେହେତୁ ଏହି ଅଭିବୃଦ୍ଧି, ଏହି ଊର୍ଦ୍ଧ୍ୱାରୋହଣ କେବଳ ଏକ ବିଚ୍ଛିନ୍ନ ଓ ବ୍ୟକ୍ତିଗତ ବ୍ୟାପାର ନୁହେଁ, କିନ୍ତୁ ଭଗବାନଙ୍କର ଅନ୍ୟ ସମସ୍ତ ଜଗତ୍-କର୍ମ ପରି ଏହା ଏକ ସମଷ୍ଟିଗତ ବ୍ୟାପାର ଓ ସମଗ୍ର ମାନବଜାତିର କଲ୍ୟାଣ ଓ ଉନ୍ନତି ହେଉଛି ଏହାର ଲକ୍ଷ୍ୟ । ତେଣୁ ଅବତାର-ଗ୍ରହଣର ଉଦ୍ଦେଶ୍ୟ ହେଲା ମାନବଜାତିର ଅଗ୍ରଗମନରେ ସାହାଯ୍ୟ କରିବା, ଗଭୀର ସଙ୍କଟ ସମୟରେ ଏହାକୁ ଏକତ୍ରକରି ରଖିବା, ଅଧୋଗାମୀ ଶକ୍ତିଗୁଡ଼ିକ ପ୍ରବଳ ହୋଇ ଉଠିବାବେଳେ ସେଗୁଡ଼ିକୁ ଧ୍ୱଂସକରିବା, ମନୁଷ୍ୟ-ପ୍ରକୃତି ଭିତରେ ଈଶ୍ୱରାଭିମୁଖୀ ଯେଉଁ ମହାନ୍ ଧର୍ମ ରହିଛି ତାହାକୁ ସୁରକ୍ଷିତ ବା ପୁନଃ ପ୍ରତିଷ୍ଠିତ କରିବା, ଯେତେ ଦୂର ଭବିଷ୍ୟତରେ ହେଲେ ମଧ୍ୟ ଭଗବତ୍ ରାଜ୍ୟ ପ୍ରତିଷ୍ଠା ଦିଗରେ ପଥ ପରିଷ୍କାର କରିବା, ଆଲୋକ ଓ ପୂର୍ଣ୍ଣତାର ସାଧକମାନଙ୍କ ପାଇଁ (ସାଧୂନାମ୍) ବିଜୟ ଆଣିଦେବା ଓ ଯେଉଁମାନେ ଅଶୁଭ ଓ ଅନ୍ଧକାରର ରାଜ୍ୟକୁ ଅତୁଟ ରଖିବାକୁ ଯୁଦ୍ଧ କରୁଛନ୍ତି ସେମାନଙ୍କୁ ପରାଜିତ କରିବା । ଏହିସବୁ ହେଲା ଅବତାର-ଗ୍ରହଣର ସର୍ବଜନବିଦିତ ଉଦ୍ଦେଶ୍ୟ; ଏବଂ ସାଧାରଣତଃ ଅବତାରଙ୍କର କାର୍ଯ୍ୟ ଦେଖିହିଁ ଲୋକମାନେ ତାଙ୍କୁ ବିଶିଷ୍ଟ ଆସନ ଦେବାକୁ ଚାହାନ୍ତି ଏବଂ ତାଙ୍କୁ ପୂଜା କରନ୍ତି । କେବଳ ଆଧ୍ୟାତ୍ମିକ ବ୍ୟକ୍ତିମାନେହିଁ ଦେଖିପାରନ୍ତି ଏହି ବାହ୍ୟ ଅବତାରତ୍ୱ ହେଉଛି ମାନବଜୀବନର ରୂପ ଭିତରେ ଅନ୍ତର୍ଯାମୀ ଶାଶ୍ୱତ ପରମେଶ୍ୱରଙ୍କର ଏକ ନିଦର୍ଶନ; ସେମାନଙ୍କର ମାନବୀୟ ମନ ଓ ମାନବୀୟ ଶରୀର ନେଇ ସେ ପ୍ରକଟ ହୋଇଛନ୍ତି ଏଇଥିପାଇଁ ଯେ ସେମାନେ ଯେପରି ତାଙ୍କ ସହିତ ଏକ ହୋଇଯାଇ ପାରିବେ ଓ ତାଙ୍କ ଦ୍ୱାରା ଅଧିକୃତ ହୋଇପାରିବେ । ବାହ୍ୟମାନବ ରୂପରେ ଖ୍ରୀଷ୍ଟ, କୃଷ୍ଣ ବା ବୁଦ୍ଧଙ୍କର ଯେଉଁ ଦିବ୍ୟ ଅଭିବ୍ୟକ୍ତି, ଏବଂ ମନୁଷ୍ୟର ନିଜ ମଧ୍ୟରେ ଭଗବାନଙ୍କର ଚିରନ୍ତନ ଅବତାରର ଯେଉଁ ଅଭିବ୍ୟକ୍ତି ତାହା ମୂଳରେ ରହିଛି ସେହି ଏକହିଁ ଗୂଢ଼ ସତ୍ୟ । ପୃଥିବୀରେ ବାହ୍ୟ ମାନବଜୀବନ ଭିତରେ ଯାହା ସଂଘଟିତ ହୋଇଛି, ତାହା ସମସ୍ତ ମନୁଷ୍ୟଙ୍କର ଆନ୍ତର ଜୀବନରେ ପୁନରାବୃତ୍ତ ହୋଇପାରେ ।

ଏହାହିଁ ହେଲା ଅବତାର-ଗ୍ରହଣର ଉଦ୍ଦେଶ୍ୟ । କିନ୍ତୁ ଏହାର ପ୍ରଣାଳୀ କ'ଣ ?

ପ୍ରଥମେ ଆମେ ଅବତାରତ୍ୱ ସମ୍ପର୍କରେ ଏକ ବୁଦ୍ଧିଗତ ବିଚାର ଓ ତା'ର ପ୍ରକୃତ ସ୍ୱରୂପକୁ ହ୍ରାସକରି ଦେଖାଉଥିବା ଏକ ଦୃଷ୍ଟିକୋଣ ନେଉ । ଏହି ପ୍ରକାର ବିଚାର ଅବତାରଙ୍କ ଭିତରେ କେବଳ ଦେଖିଥାଏ ସାଧାରଣ ମନୁଷ୍ୟଠାରୁ ଅନେକଗୁଣରେ ଅଧିକ ନୈତିକ, ବୌଦ୍ଧିକ ଓ କର୍ମଶକ୍ତି ଆଦି ଦିବ୍ୟତର ଗୁଣର ଏକ ଅସାଧାରଣ ପ୍ରକାଶ । ଏହି ଧାରଣାରେ କିଛିଟି ସତ୍ୟ ମଧ୍ୟ ରହିଛି । ଯେ ଅବତାର ସେ ମଧ୍ୟ ବିଭୂତି । ଶ୍ରୀକୃଷ୍ଣ ଯେକି ନିଜର ଦିବ୍ୟ ଅନ୍ତର୍ସତ୍ତାରେ ହେଉଛନ୍ତି ମାନବରୂପଧାରୀ ସ୍ୱୟଂ ଈଶ୍ୱର, ତାଙ୍କର ବାହ୍ୟ ମାନବସତ୍ତାରେ ସେ ମଧ୍ୟ ସେହି ଯୁଗର ନେତା, ବୃଷ୍ଣି-କୁଳର ପ୍ରଧାନ ପୁରୁଷ । ପ୍ରକୃତିର ଦୃଷ୍ଟିକୋଣରୁ ଦେଖିଲେ ଘଟଣାଟି ଏହିପରି, କିନ୍ତୁ ଆତ୍ମାର ଦୃଷ୍ଟିକୋଣରୁ ନୁହେଁ । ଭଗବାନ୍ ତାଙ୍କ ପ୍ରକୃତିର ଅନନ୍ତଗୁଣ ଭିତରଦେଇ ନିଜକୁ ପ୍ରକଟ କରନ୍ତି ଏବଂ ସେହିସବୁ ଗୁଣର ଶକ୍ତି ଓ କାର୍ଯ୍ୟ ଅନୁସାରେହିଁ ଏହି ପ୍ରକାଶର ଗଭୀରତାରେ ତାରତମ୍ୟ ଜଣାଯାଏ । ତେଣୁ ଭଗବାନଙ୍କର ବିଭୂତି ହେଉଛନ୍ତି ନୈର୍ବ୍ୟକ୍ତିକ ଭାବରେ ତାଙ୍କ ଗୁଣର ପ୍ରକଟ ଶକ୍ତି; ଜ୍ଞାନ, ଶକ୍ତି, ପ୍ରେମ, ସାମର୍ଥ୍ୟ ବା ଅନ୍ୟ ଯେକୌଣସି ରୂପରେ ଏହା ହେଉଛି ସେହି ଭଗବାନଙ୍କରହିଁ ବହିଃ ପ୍ରକାଶ । ଯେଉଁ ମନପ୍ରାଣର ସତ୍ତା ଓ ଆଧାର ଭିତରଦେଇ ଭଗବାନଙ୍କର ଏହି ଶକ୍ତି ପ୍ରକାଶିତ ହୁଏ ଓ ନିଜର ମହତ୍ କାର୍ଯ୍ୟ ସମ୍ପାଦନ କରେ ତାହାହିଁ ବିଭୂତି । ଏହି ଆନ୍ତର ଓ ବାହ୍ୟ କ୍ଷେତ୍ରରେ କୃତିତ୍ୱର ଅସାଧାରଣତା, ଦିବ୍ୟଗୁଣର ଏକ ମହତ୍ତର ଶକ୍ତି ଓ ଫଳପ୍ରଦ ସାମର୍ଥ୍ୟ – ଏହିସବୁ ହେଲା ବିଭୂତିର ଲକ୍ଷଣ । ମାନବ ବିଭୂତି ହେଉଛନ୍ତି ଭାଗବତ ସିଦ୍ଧିଲାଭ ଦିଗରେ ମାନବଜାତିର ପ୍ରୟାସର ଅଗ୍ରଣୀ ନେତା, କାର୍ଲାଇଲ୍ ଯାହାଙ୍କୁ ବୀର ବୋଲି କହନ୍ତି ସେ ସେହିପରି ଜଣେ ବୀର, ସେ ହେଉଛନ୍ତି ମନୁଷ୍ୟ ଭିତରେ ଭଗବାନଙ୍କର ଏକ ଶକ୍ତି । ଗୀତାରେ ଭଗବାନ୍ କହିଛନ୍ତି : ମୁଁ ହେଉଛି ବୃଷ୍ଣିବଂଶୀୟମାନଙ୍କ ଭିତରେ ବାସୁଦେବ (କୃଷ୍ଣ), ପାଣ୍ଡବମାନଙ୍କ ଭିତରେ ଧନଞ୍ଜୟ (ଅର୍ଜୁନ), ମୁନିମାନଙ୍କ ମଧ୍ୟରେ ବ୍ୟାସ, ଋଷି-କବିମାନଙ୍କ ଭିତରେ କବି ଉଶନା – ପ୍ରତ୍ୟେକଟି ଶ୍ରେଣୀରେ ଯେ ସର୍ବୋତ୍ତମ, ପ୍ରତ୍ୟେକଟି ଦଳରେ ଯେ ସର୍ବଶ୍ରେଷ୍ଠ, କୌଣସି ସମୂହର ବିଶିଷ୍ଟ ଆତ୍ମଶକ୍ତିକୁ ପ୍ରକଟ କରୁଥିବା ଗୁଣ ଓ କର୍ମର ଯେ ସବୁଠାରୁ ଶକ୍ତିଶାଳୀ ପ୍ରତିନିଧି ସେ ହେଉଛନ୍ତି ଈଶ୍ୱରଙ୍କର ବିଭୂତି । ସତ୍ତାର ଶକ୍ତିର ଏହିପରି ଉତ୍କର୍ଷତା ଭଗବତ୍ ପ୍ରକାଶର ଅଗ୍ରଗତିରେ ଏକ ଅତ୍ୟନ୍ତ ଆବଶ୍ୟକ ସୋପାନ । ପ୍ରତ୍ୟେକ ମହାନ୍ ପୁରୁଷ ଯେ ଆମର ସାଧାରଣ ସ୍ତରର ଉପରକୁ ଉଠିଯାଆନ୍ତି, ସେ କେବଳ ତାହା କରିବା ଦ୍ୱାରାହିଁ ସାଧାରଣ ମାନବକୁ ଉପରକୁ ଉଠାଇ ନିଅନ୍ତି, ଆମର ଦିବ୍ୟ ସମ୍ଭାବନାର ସେ ହେଉଛନ୍ତି ଜୀବନ୍ତ ପ୍ରତିଶ୍ରୁତି, ଭଗବାନଙ୍କର ଏକ ପ୍ରତିଶ୍ରୁତି, ଭାଗବତ ଜ୍ୟୋତିର ଏକ କିରଣଛଟା, ଭାଗବତ ଶକ୍ତିର ଏକ ଉଚ୍ଛ୍ୱାସ ।

ମହାମନୀଷୀ ଓ ବୀରପୁରୁଷମାନଙ୍କୁ ଦେବତା ବୋଲି ଭାବିବାର ଯେଉଁ ଏକ

ସ୍ୱାଭାବିକ ପ୍ରବୃତ୍ତି ମନୁଷ୍ୟ ଭିତରେ ରହିଛି ତାହା ପଛରେ ଏହାହିଁ ହେଉଛି ସତ୍ୟ । ଭାରତୀୟମାନଙ୍କ ମନରେ ଏହିପରି ଧାରଣାର ସଂସ୍କାର ଅତି ସ୍ପଷ୍ଟ; ସେମାନେ ବଡ଼ ବଡ଼ ସନ୍ଥ, ଆଚାର୍ଯ୍ୟ ଓ ଧର୍ମପ୍ରଚାରକମାନଙ୍କୁ ଅତି ସହଜରେ ଅଂଶାବତାର ବୋଲି ଭାବନ୍ତି । ଦାକ୍ଷିଣାତ୍ୟର ବୈଷ୍ଣବମାନଙ୍କ ଭିତରେ ଏ ଭାବଟି ଆହୁରି ପରିସ୍ଫୁଟ, ସେମାନଙ୍କର କେତେକ ସାଧୁପୁରୁଷମାନଙ୍କୁ ସେମାନେ ବିଷ୍ଣୁଙ୍କର ପ୍ରତୀକାତ୍ମକ ଜୀବନ୍ତ ଅସ୍ତ୍ରଶସ୍ତ୍ରର ଅବତାର ବୋଲି ବିଶ୍ୱାସ କରନ୍ତି – ପ୍ରକୃତରେ ସମସ୍ତ ମହାନ୍ ଆତ୍ମାଙ୍କର ତାହାହିଁ ଯଥାର୍ଥ ପରିଚୟ, କାରଣ ସେମାନେ ହେଉଛନ୍ତି ଊର୍ଦ୍ଧ୍ୱାଭିମୁଖୀ ଅଗ୍ରଗତି ଓ ସଂଗ୍ରାମରେ ଭଗବାନଙ୍କର ଅସ୍ତ୍ରସ୍ୱରୂପ । ଯେଉଁସବୁ ଆଧ୍ୟାତ୍ମିକ ମତବାଦ ଭଗବାନଙ୍କର ସତ୍ତା ଓ ପ୍ରକୃତି ଏବଂ ମାନବୀୟ ସତ୍ତା ଓ ପ୍ରକୃତି – ଏ ଦୁଇଟି ଭିତରେ କୌଣସି ଅଲଂଘ୍ୟ ବ୍ୟବଧାନ ଦେଖେ ନାହିଁ, ସେହିସବୁ ମତବାଦରେ ଉଲ୍ଲିଖିତ ଭାବ ସ୍ୱାଭାବିକ ଏବଂ ଅନିବାର୍ଯ୍ୟ; ଏହା ହେଉଛି ମାନବତା ଭିତରେ ଭଗବଦ୍ ସତ୍ତା ରହିଥିବାର ଉପଲବ୍ଧି । କିନ୍ତୁ ତଥାପି ବିଭୂତି ଅବତାର ନୁହନ୍ତି, ତା' ହୋଇଥିଲେ ଶ୍ରୀକୃଷ୍ଣ ଯେପରି ଅବତାର, ଅର୍ଜୁନ, ବ୍ୟାସ, ଉଶନା ସମସ୍ତେ ମଧ୍ୟ ସେହିପରି ଅବତାର ହୋଇଥା'ନ୍ତେ; ଯଦି ବି ସେମାନଙ୍କ ଅବତାରତ୍ୱର କ୍ଷମତା ଅପେକ୍ଷାକୃତ କମ୍ ହୋଇଥା'ନ୍ତା । କେବଳ ଭାଗବତ ଗୁଣ ରହିବା ଯଥେଷ୍ଟ ନୁହେଁ, ଭିତରେ ସ୍ୱୟଂ ଭଗବାନ୍ ଓ ପରମାତ୍ମା ରୂପେ ନିଜ ଦିବ୍ୟ ଉପସ୍ଥିତି ଦ୍ୱାରା ମାନବିକ ପ୍ରକୃତିକୁ ପରିଚାଳିତ କରୁଥିବାର ଆନ୍ତର ଚେତନା ରହିବା ଦରକାର । ଗୁଣସମୂହର ଉତ୍କର୍ଷ ସାଧନ ହେଉଛି ସମ୍ଭୂତିର ଏକ ଅଂଶ, 'ଭୂତଗ୍ରାମ', ସାଧାରଣ ଅଭିବ୍ୟକ୍ତି ଭିତରେ ଏକ ଊର୍ଦ୍ଧ୍ୱାରୋହଣ, କିନ୍ତୁ ଅବତାରଙ୍କ ଭିତରେ ଥାଏ ଏକ ବିଶେଷ ଅଭିବ୍ୟକ୍ତି, ଊର୍ଦ୍ଧ୍ୱରୁ ଏହା ଏକ ଦିବ୍ୟଜନ୍ମ, ସନାତନ ଓ ବିଶ୍ୱଗତ ଭଗବାନ୍ ଏକ ବ୍ୟକ୍ତିଗତ ମାନବୀୟ ଆକାର ଭିତରକୁ ଅବତରଣ କରି ଆସିଥା'ନ୍ତି, 'ଆତ୍ମାନମ୍ ସୃଜାମି' ଏବଂ କେବଳ ପରଦାର ଅନ୍ତରାଳରେ ନୁହେଁ, ବାହ୍ୟ ପ୍ରକୃତିର ମଧ୍ୟ ନିଜ ସ୍ୱରୂପ ସମ୍ପର୍କରେ ସଚେତନ ଥା'ନ୍ତି ।

ଏ ସମ୍ପର୍କରେ ଆଉ ଏକ ମଝିମଝିଆ ଧାରଣା ରହିଛି ଯାହାକି ଅବତାରତ୍ୱ ସମ୍ପର୍କରେ ଏକ ଗୂଢ଼ତର ଦୃଷ୍ଟିଭଙ୍ଗୀ ପୋଷଣ କରିଥାଏ । ଏହି ମତ ଅନୁସାରେ କୌଣସି ଏକ ମାନବ ଆତ୍ମା ନିଜ ଭିତରକୁ ଭଗବାନଙ୍କର ଅବତରଣ ପାଇଁ ଆବାହନ କରିଥାଏ ଏବଂ ଭାଗବତ ଚେତନା ଦ୍ୱାରା ହୁଏତ ଅଧିକୃତ ହୁଏ କିଂବା ତାହାର ଏକ ସଫଳ ପ୍ରତିଚ୍ଛାୟା ବା ଆଧାରରେ ପରିଣତ ହୁଏ । ଏହି ମତ ଆଧ୍ୟାତ୍ମିକ ଅନୁଭୂତିର କେତେକ ସତ୍ୟ ଉପରେ ପ୍ରତିଷ୍ଠିତ । ମନୁଷ୍ୟ ଭିତରେ ସଂଘଟିତ ଦିବ୍ୟଜନ୍ମ ଓ ତା'ର ଊର୍ଦ୍ଧ୍ୱାରୋହଣର ଅର୍ଥ ହେଉଛି ଭାଗବତ ଚେତନାରେ ମନୁଷ୍ୟର ଅଭିବୃଦ୍ଧି । ଏହି ଅଭିବୃଦ୍ଧି ତା'ର ସମ୍ପୂର୍ଣ୍ଣ ଚରମ ଅବସ୍ଥାରେ ପହଞ୍ଚିଲେ ସେହି ଭାଗବତ ଚେତନାରେ ମନୁଷ୍ୟର ସ୍ୱତନ୍ତ୍ର ସତ୍ତା ସମ୍ପୂର୍ଣ୍ଣ ଲୀନ ହୋଇଯାଏ ।

ମନୁଷ୍ୟର ଅନ୍ତରାତ୍ମା ନିଜର ବ୍ୟକ୍ତି-ସତ୍ତାକୁ ଏକ ଅନନ୍ତ ଓ ବିଶ୍ୱମୟ ସତ୍ତା ଭିତରେ ମିଶାଇଦିଏ ବା ଏକ ବିଶ୍ୱାତୀତ ପରମ ସତ୍ତାର ଉର୍ଦ୍ଧ୍ୱତା ଭିତରେ ନିଜକୁ ହଜାଇଦିଏ । ଏହା ଆତ୍ମା ସହିତ, ବ୍ରହ୍ମ ସହିତ ଏବଂ ଭଗବାନଙ୍କ ସହିତ ଏକ ହୋଇଯାଏ ବା ଯେପରି ଆହୁରି ଚରମ ଭାବରେ କୁହାଯାଇଥାଏ ଯେ ସେ ସ୍ୱୟଂ ହୋଇଉଠେ ସେହି ଅଦ୍ୱିତୀୟ ଆତ୍ମା, ବ୍ରହ୍ମ ଓ ଭଗବାନ୍ । ଗୀତାରେ ମଧ୍ୟ ଜୀବ, ବ୍ରହ୍ମ ହୋଇଯିବା ବିଷୟ 'ବ୍ରହ୍ମଭୂତ' ଏବଂ ତା' ଫଳରେ ସେ ଭଗବାନଙ୍କ ମଧ୍ୟରେ, ଶ୍ରୀକୃଷ୍ଣଙ୍କ ମଧ୍ୟରେ ବାସ କରିବା କଥା କୁହାଯାଇଛି । କିନ୍ତୁ ଲକ୍ଷ୍ୟ କରିବାକୁ ହେବ ଯେ ଜୀବ ସ୍ୱୟଂ ଭଗବାନ୍ ବା ପୁରୁଷୋତ୍ତମ ହୋଇଯିବା ବିଷୟ ଗୀତାରେ କେଉଁଠି କୁହାଯାଇ ନାହିଁ; ଯଦିଓ ଗୀତାରେ କୁହାଯାଇଛି ସେ ସ୍ୱୟଂ ଜୀବ, ସର୍ବଦାହିଁ ଈଶ୍ୱର, ଭଗବାନଙ୍କର ଅଂଶସତ୍ତା, ମମୈବାଂଶଃ । କାରଣ ଏହି ମହାମିଳନ, ଏହି ଶ୍ରେଷ୍ଠତମ ପରିଣତି ହେଉଛି ଉର୍ଦ୍ଧ୍ୱାରୋହଣର ଏକ ଅଂଶ ମାତ୍ର । ଯଦିଓ ପ୍ରତ୍ୟେକ ଜୀବ ଦିବ୍ୟଜନ୍ମ ଲାଭ କରିପାରେ କିନ୍ତୁ ତାହା ଭଗବାନଙ୍କର ଅବତରଣ ନୁହେଁ, ଅବତାରତ୍ୱ ନୁହେଁ, ତାହାକୁ ଅତି ବେଶୀରେ ବୌଦ୍ଧଧର୍ମର ଭାଷାରେ ବୁଦ୍ଧତ୍ୱଲାଭ ବୋଲି କୁହାଯାଇପାରେ । ଏହା ହେଉଛି ବର୍ତ୍ତମାନର ଜାଗତିକ ବ୍ୟକ୍ତିଭାବ ଭିତରୁ ବାହାରିଆସି ଜୀବର ଏକ ଅନନ୍ତ ଅତିଚେତନାରେ ଜାଗରଣ । ଏହା ନିଜ ସଙ୍ଗରେ ଅବତାରଙ୍କର ଆନ୍ତର ଚେତନା ବା ଅବତାରୋଚିତ କର୍ମ ଯେ ବହନ କରିବ, ଏପରି କିଛି କଥା ନାହିଁ ।

ଅନ୍ୟ ପକ୍ଷରେ ଭାଗବତ ଚେତନାରେ ଏହି ପ୍ରବେଶ ଫଳରେ ଏହା ମଧ୍ୟ ଘଟିପାରେ ଯେ ଭଗବାନ୍ ଆମ ସତ୍ତାର ମାନବୀୟ ଅଂଶରେ ପ୍ରବିଷ୍ଟ ବା ସମ୍ମୁଖକୁ ଆସି ପ୍ରକଟିତ ହୋଇପାରନ୍ତି ଓ ନିଜକୁ ମନୁଷ୍ୟର ପ୍ରକୃତି, କର୍ମ, ମନ ଓ ଏପରିକି ଦେହ ମଧ୍ୟରେ ଢାଳି ଦେଇପାରନ୍ତି; ଏବଂ ଏହାକୁ ଅନ୍ତତଃ ପକ୍ଷେ ଆଂଶିକ ଅବତାରତ୍ୱ ବୋଲି କୁହାଯାଇପାରେ । ଗୀତା କହେ ଯେ ଭଗବାନ୍ ହୃଦ୍‌ଦେଶରେ ବାସ କରୁଛନ୍ତି – ଏଠାରେ ଅବଶ୍ୟ ହୃଦୟର ଅର୍ଥ ହେଉଛି ସୂକ୍ଷ୍ମ ଶରୀରର ହୃଦୟ ଯାହାକି ସମସ୍ତ ଆବେଗ, ଇନ୍ଦ୍ରିୟାନୁଭୂତି ଓ ମାନସିକ ଚେତନାର ଗ୍ରନ୍ଥିସ୍ଥଳ ଏବଂ ଯେଉଁଠାରେ ମଧ୍ୟ ବ୍ୟକ୍ତି-ପୁରୁଷ ବାସ କରନ୍ତି – ଭଗବାନ୍ ଏଠାରେ ରହିଛନ୍ତି କିନ୍ତୁ ରହିଛନ୍ତି ପରଦାର ଅନ୍ତରାଳରେ ଓ ନିଜ ମାୟା ଦ୍ୱାରା ସମାବୃତ ହୋଇ । କିନ୍ତୁ ଉର୍ଦ୍ଧ୍ୱର ଏକ ସ୍ତର, ଯାହାକି ଆମରି ଭିତରର ଏକ ସ୍ତର ଅଥଚ ଯାହା ଆମର ବର୍ତ୍ତମାନର ସାଧାରଣ ଚେତନାର ଅତୀତ, ଯାହାକୁ ପ୍ରାଚୀନ ଦ୍ରଷ୍ଟାମାନେ ସ୍ୱର୍ଗ ବୋଲି କହୁଥିଲେ – ସେହି ସ୍ତରରେ ଈଶ୍ୱର ଓ ଜୀବ ଉଭୟ ମୂଳତଃ ଏକ ସତ୍ତା ରୂପେ ପ୍ରକାଶିତ । କେତେକ ମତବାଦର ପ୍ରତୀକ ଅନୁଯାୟୀ ଏହାକୁ ପିତା ଓ ପୁତ୍ର ବୋଲି କୁହାଯାଇଛି; ଏ ହେଉଛନ୍ତି ଭାଗବତ ପରମପୁରୁଷ ଓ ତାଙ୍କଠାରୁ ସମ୍ଭୂତ ଯେଉଁ ଦିବ୍ୟମାନବ ଉର୍ଦ୍ଧ୍ୱର ଭାଗବତ ପ୍ରକୃତି, ଭର୍ଜିନ ମଦର, ପରା ପ୍ରକୃତି, ପରା ମାୟା ଭିତରୁ ନିମ୍ନତର

ମାନବିକ ପ୍ରକୃତି ଭିତରେ ଜନ୍ମ ନେଇଛି* । ଖ୍ରୀଷ୍ଟିଆନ ଧର୍ମରେ ଅବତାରତ୍ୱର ଏହାହିଁ ଭିତର ତତ୍ତ୍ୱ ବୋଲି ମନେହୁଏ । ସେମାନଙ୍କର ତ୍ରିସତ୍ତା-ବାଦରେ ଯେ ପିତା ସେ ଊର୍ଦ୍ଧ୍ୱରେ; ଏହି ଅନ୍ତଃସ୍ୱର୍ଗରେ ରହିଛନ୍ତି; ପୁତ୍ର ହେଉଛନ୍ତି ଗୀତାର ମତାନୁଯାୟୀ ଜୀବଭୂତା ପରା ପ୍ରକୃତି ଅର୍ଥାତ୍ ଯେଉଁ ପରା ପ୍ରକୃତି ଜୀବଭାବ ଗ୍ରହଣ କରି ଦିବ୍ୟମାନବ ରୂପେ ପୃଥିବୀରେ ଅବତୀର୍ଣ୍ଣ, ଓ ପବିତ୍ର ଆତ୍ମା (Holy Spirit) ହେଉଛି ବିଶୁଦ୍ଧ ଆତ୍ମା ବା ବ୍ରହ୍ମ ଚୈତନ୍ୟ; ଏହି ବ୍ରହ୍ମ-ଚୈତନ୍ୟ ପିତା ଓ ପୁତ୍ର ବା ଈଶ୍ୱର ଓ ଜୀବ, ଏ ଦୁହିଁଙ୍କୁ ଏକ କରାଏ, ତାହା ଭିତର ଦେଇ ଉଭୟଙ୍କ ମଧ୍ୟରେ ସମ୍ପର୍କ ବିନିମୟ ହୁଏ, କାରଣ ଆମେ ଶୁଣୁ ଯେ ଯିଶୁଙ୍କ ମଧ୍ୟରେ ଏହି ପବିତ୍ର ଆତ୍ମା ଅବତରଣ କରିଥିଲା, ଏବଂ ଏହି ଅବତରଣ ଫଳରେହିଁ ଯିଶୁଙ୍କ ସାଧାରଣ ମାନବ ଶିଷ୍ୟମାନଙ୍କ ଭିତରେ ଊର୍ଦ୍ଧ୍ୱତର ଚେତନାର ଶକ୍ତିସବୁ ଆସିଯାଇଥିଲା ।

କିନ୍ତୁ ପୁରୁଷୋତ୍ତମଙ୍କର ଊର୍ଦ୍ଧ୍ୱତର ଦିବ୍ୟଚେତନା ସ୍ୱୟଂ ମଧ୍ୟ ମାନବତା ମଧ୍ୟରେ ଅବତରଣ କରିପାରେ ଏବଂ ଜୀବର ଚେତନା ତାହା ଭିତରେ ବିଲୀନ ହୋଇଯାଇପାରେ । ଶ୍ରୀ ଚୈତନ୍ୟଦେବଙ୍କର ସମସାମୟିକ ଲୋକମାନେ କହିଛନ୍ତି ଯେ ତାଙ୍କର ମଧ୍ୟ ମଝିରେ ମଝିରେ ଏହିପରି ଦିବ୍ୟ ଭାଗବତ ଆବେଶ ହେଉଥିଲା; ସେ ତାଙ୍କର ସାଧାରଣ ଚେତନାରେ ଭଗବାନଙ୍କର କେବଳ ଜଣେ ଭକ୍ତ ଓ ପ୍ରେମିକ ଥିଲେ ଏବଂ ତାଙ୍କୁ ଦେବତା ରୂପେ ପୂଜା କରିବାକୁ ପୂରା ବାରଣ କରୁଥିଲେ । କିନ୍ତୁ ଏହିସବୁ ଅସାମାନ୍ୟ ମୁହୂର୍ତ୍ତରେ ତାଙ୍କର ସମ୍ପୂର୍ଣ୍ଣ ଭାବାନ୍ତର ଘଟି ସେ ସ୍ୱୟଂ ଭଗବାନ୍ ହୋଇ ଯାଉଥିଲେ ଓ ସେହି ଦିବ୍ୟଭାବ ନେଇ ସମସ୍ତ କଥାବାର୍ତ୍ତା ଓ ଆଚରଣ କରୁଥିଲେ ଏବଂ ସେତେବେଳେ ତାଙ୍କ ଭିତରେ ଭାଗବତ ଜ୍ୟୋତିଃ, ପ୍ରେମ ଓ ଶକ୍ତିର ବିପୁଳ ପ୍ଲାବନ ଦେଖାଯାଉଥିଲା । ଏହିପରି ଅବସ୍ଥା ଯଦି କାହାଭିତରେ ସ୍ୱାଭାବିକ ଓ ସାଧାରଣ ଭାବରେ ବରାବର ରହେ ଓ ମାନୁଷୀ ଆଧାରଟି ଭାଗବତ ଉପସ୍ଥିତି ଓ ଭାଗବତ ଚେତନାର ଏକ ନିରନ୍ତର ଆଧାରମାତ୍ର ହୁଏ, ତା'ହେଲେ ଅବତାରତ୍ୱ ସମ୍ପର୍କରେ ଏହି ମଧ୍ୟବର୍ତ୍ତୀ ଧାରଣା ଅନୁସାରେ ଏହି ଅବସ୍ଥାକୁ ଅବତାର ବୋଲି କୁହାଯିବା ଉଚିତ । ଆମ ମାନବିକ ଧାରଣା ଦୃଷ୍ଟିରୁ ମଧ୍ୟ ଏହା ସମ୍ଭବ ବୋଲି ମନେ ହୋଇପାରେ, କାରଣ ମାନବ-ସତ୍ତା ନିଜ ପ୍ରକୃତିକୁ ଏପରି ଊର୍ଦ୍ଧ୍ୱକୁ ଉନ୍ନୀତ କରିପାରେ ଯେତେବେଳେ କି ସେ ଭାଗବତ ସତ୍ତା ସହ ନିଜର ଏକତ୍ୱ ଅନୁଭବ କରେ, ନିଜେ ଭଗବାନଙ୍କର ଚେତନା, ଜ୍ୟୋତିଃ, ଶକ୍ତି ଓ ପ୍ରେମର ଏକ ଆଧାର ମାତ୍ର ବୋଲି

* ବୌଦ୍ଧ ଧର୍ମର ଆଖ୍ୟାୟିକାରେ ବୁଦ୍ଧଙ୍କ ମା'ଙ୍କ ନାମ ଏହି ପ୍ରତୀକଟିକୁ ଖୁବ୍ ସ୍ପଷ୍ଟ କରିଛି । ଖ୍ରୀଷ୍ଟିଆନ ଧର୍ମରେ ଏହି ପ୍ରତୀକଟିକୁ ପୌରାଣିକ ରଚନାବଳୀ ଅନୁସାରେ ନାଜାରଥର ଯିଶୁଙ୍କ ପ୍ରକୃତ ମାନୁଷୀ ଜନନୀଙ୍କ ସାଥିରେ ଯୋଡ଼ି ଦିଆଯାଇଛି ।

ଅନୁଭବ କରେ ଓ ନିଜର ଇଚ୍ଛା ଓ ବ୍ୟକ୍ତିତ୍ୱକୁ ଭଗବାନଙ୍କର ଇଚ୍ଛା ଓ ସତ୍ତା ଭିତରେ ବିଲୀନ କରିଦେଇପାରେ । ଏହା ଏକ ସ୍ୱୀକୃତ ଆଧ୍ୟାତ୍ମିକ ଅବସ୍ଥା – ତା'ହେଲେ ତା'ର ଏକ ସ୍ୱାଭାବିକ ପ୍ରତ୍ୟୁତ୍ତର ରୂପେ ସେହି ଭାଗବତ ଇଚ୍ଛା, ସତ୍ତା, ଶକ୍ତି, ପ୍ରେମ, ଜ୍ୟୋତିଃ ଓ ଚେତନା ଯେ ମାନବଜୀବର ସମଗ୍ର ବ୍ୟକ୍ତିକୁ ଅଧିକାର କରିବ, ଏଥିରେ କିଛି ଅସମ୍ଭବ ନାହିଁ । ଏବଂ ଏହା କେବଳ ଦିବ୍ୟଜନ୍ମ ଓ ଦିବ୍ୟପ୍ରକୃତି ଲାଭକରିବା ଦିଗରେ ମନୁଷ୍ୟର ଆରୋହଣ ନୁହେଁ, ଏହା ମଧ୍ୟ ମାନବତା ଭିତରେ ଭାଗବତ ପୁରୁଷଙ୍କର ଏକ ଅବତରଣ, ଅବତାର-ଗ୍ରହଣ ।

ଗୀତା କିନ୍ତୁ ଏହା ଅପେକ୍ଷା ଅନେକ ଦୂର ଯାଇଛି । ଏହା ସ୍ପଷ୍ଟ ଭାବରେ ସ୍ୱୟଂ ଭଗବାନଙ୍କର ଜନ୍ମ ଗ୍ରହଣ କରିବା କଥା କହିଛି । ଶ୍ରୀକୃଷ୍ଣ ନିଜର ବହୁ ଅତୀତ ଜନ୍ମମାନଙ୍କ ବିଷୟରେ କହିଛନ୍ତି ଏବଂ ତାଙ୍କର ଭାଷାରେ ଏହା ସ୍ପଷ୍ଟକରି ଦେଇଛନ୍ତି । ଏହା କହିଲାବେଳେ ସେ କେବଳ ଭଗବାନଙ୍କୁ ଧାରଣ କରିବା ପାଇଁ ସମର୍ଥ ଏକ ଗ୍ରହଣକ୍ଷମ ମାନବ-ସତ୍ତାକୁ ସୂଚାଇ ନାହାନ୍ତି, ସେ ସ୍ୱୟଂ ଭଗବାନଙ୍କୁହିଁ ସୂଚାଇଛନ୍ତି । କାରଣ ସେ ସ୍ରଷ୍ଟାର ଭାଷାହିଁ ପ୍ରୟୋଗ କରିଛନ୍ତି ଏବଂ ପରେ ମଧ୍ୟ ଯେତେବେଳେ ତାଙ୍କର ଜଗତ୍-ସୃଷ୍ଟି ବିଷୟରେ କହିବେ, ସେତେବେଳେ ମଧ୍ୟ ସେ ଏହି ଭାଷାହିଁ ପ୍ରୟୋଗ କରିବେ । "ଯଦିଓ ମୁଁ ପ୍ରାଣୀମାନଙ୍କର ଅଜ ଅବିନାଶୀ ଈଶ୍ୱର, ତଥାପି ମୋର ପ୍ରକୃତିର କାର୍ଯ୍ୟର ଅଧିଷ୍ଠାତା ରୂପେ ମୁଁ ନିଜ ମାୟା ଦ୍ୱାରା ନିଜକୁ ସୃଷ୍ଟି କରେ ।"* ଏଠାରେ ଭଗବାନ୍ ଓ ମାନବଜୀବର ବା ପରମ ପିତା ଓ ତାଙ୍କ ପୁତ୍ର ଦିବ୍ୟମାନବର କୌଣସି କଥା ନାହିଁ, କେବଳ ଭଗବାନ୍ ଓ ତାଙ୍କର ପ୍ରକୃତି ବିଷୟହିଁ କୁହାଯାଇଛି । ସ୍ୱୟଂ ଭଗବାନ୍ ନିଜ ପ୍ରକୃତି ଦ୍ୱାରା ମାନବରୂପେ ଜନ୍ମ ଗ୍ରହଣ କରନ୍ତି, ମାନବର ଆକାର-ପ୍ରକାର ଭିତରକୁ ଭଗବତ୍ ଚେତନା ଓ ଭଗବତ୍ ଶକ୍ତି ନେଇ ଅବତରଣ କରି ଆସନ୍ତି, ଯଦିଓ ମାନବରୂପ ଓ ମାନବର ଆକାର-ପ୍ରକାର ଭିତର ଦେଇ କର୍ମ କରିବାକୁ ସ୍ୱୀକାର କରନ୍ତି, ତଥାପି ସେ ମାନବର ସେହି ଆକାର-ପ୍ରକାର ଭିତରକୁ ଭାଗବତ ଚେତନା ଓ ଭଗବତ୍ ଶକ୍ତି ନେଇ ଅବତରଣ କରିଥାଆନ୍ତି ଓ ଶରୀର ଭିତରେ ପ୍ରକୃତିର ସମସ୍ତ କ୍ରିୟାକୁ ସେ ଊର୍ଦ୍ଧ୍ୱସ୍ଥ ଓ ଅନ୍ତଃସ୍ଥିତ ଆତ୍ମାରୂପେ ଅଧିଷ୍ଠିତ ରହି (ଅଧିଷ୍ଠାୟ) ପରିଚାଳନା କରନ୍ତି । ସେ ସବୁସମୟରେହିଁ ଊର୍ଦ୍ଧ୍ୱରୁ ଶାସନ ଓ ପରିଚାଳନ କରନ୍ତି, ଏହି ଭାବରେହିଁ ଊର୍ଦ୍ଧ୍ୱରୁ ସେ ସମଗ୍ର ପ୍ରକୃତି ଓ ତଦନ୍ତର୍ଗତ ମନୁଷ୍ୟକୁ ପରିଚାଳିତ କରିବା ସଙ୍ଗେ ସଙ୍ଗେ ଭିତରୁ ମଧ୍ୟ ସର୍ବଦା ସମଗ୍ର ପ୍ରକୃତିକୁ ଶାସନ କରନ୍ତି, କିନ୍ତୁ ତାହା କରନ୍ତି ସ୍ୱୟଂ ଗୁପ୍ତ ରହି । କିନ୍ତୁ ଏଠାରେ ଅବତାରଙ୍କ କ୍ଷେତ୍ରରେ ପାର୍ଥକ୍ୟ ହେଉଛି ସେ

---

* ଅଜୋଽପି ସନ୍ନବ୍ୟୟାତ୍ମା ଭୂତାନାମୀଶ୍ୱରୋଽପି ସନ୍ ।
ପ୍ରକୃତିଂ ସ୍ୱାମଧିଷ୍ଠାୟ ସମ୍ଭବାମ୍ୟାତ୍ମମାୟୟା ।। ୪।୬

ଗୁପ୍ତରହି ବ୍ୟକ୍ତ ହୋଇଥାଆନ୍ତି, ଏବଂ ପ୍ରଭୁ ଓ ପରମ ଅଧିଷ୍ଠାତା ସେହି ଭାଗବତ ଉପସ୍ଥିତି ସମ୍ପର୍କରେ ପ୍ରକୃତି ମଧ୍ୟ ସଚେତନ ଥାଏ, ଏବଂ ଏ କ୍ଷେତ୍ରରେ ଊର୍ଦ୍ଧ୍ୱରୁ କୌଣସି ଗୋପନ ଇଚ୍ଛାଶକ୍ତି ଦ୍ୱାରା ନୁହେଁ, ସ୍ୱର୍ଗସ୍ଥ ପିତାଙ୍କ ଇଚ୍ଛାଶକ୍ତି ଦ୍ୱାରା ନୁହେଁ, ସ୍ୱୟଂ ଭଗବାନ୍ – ନିଜର ପ୍ରତ୍ୟକ୍ଷ ଓ ପ୍ରକଟ ଇଚ୍ଛାଶକ୍ତି ଦ୍ୱାରା ପ୍ରକୃତିକୁ ପରିଚାଳିତ କରନ୍ତି । ଏଠାରେ ଆଉ କୌଣସି ମନୁଷ୍ୟର ମଧ୍ୟସ୍ଥତାର ପ୍ରୟୋଜନ ନାହିଁ, କାରଣ ଏଠାରେ ଜୀବର କୌଣସି ପ୍ରକୃତିବିଶେଷକୁ ଅବଲମ୍ବନ କରି ନୁହେଁ, ସ୍ୱୟଂ ନିଜର ପ୍ରକୃତିକୁହିଁ ଆଶ୍ରୟ କରି 'ପ୍ରକୃତିମ୍ ସ୍ୱାମ୍', ସମସ୍ତ ଜଗତର ପ୍ରଭୁ ମାନବ-ଜନ୍ମ ଗ୍ରହଣ କରିଥାଆନ୍ତି ।

ଏହି ତତ୍ତ୍ୱ ଏକ କଠିନ ବିଷୟ; ମନୁଷ୍ୟର ସାଧାରଣ ଯୁକ୍ତିବୁଦ୍ଧି ପକ୍ଷରେ ଏହାକୁ ଗ୍ରହଣ କରିବା ସହଜ ନୁହେଁ । ଏହାର କାରଣ ମଧ୍ୟ ଖୁବ୍ ସ୍ପଷ୍ଟ, ଅବତାରଙ୍କର ମାନବତ୍ୱହିଁ ହେଉଛି ସେହି କାରଣ । ଅବତାରଙ୍କର ସବୁ ସମୟରେ ଦୁଇଟି ଭାବ ରହିଥାଏ, ଭାଗବତ ଭାବ ଓ ମାନବ ଭାବ; ଭଗବାନ୍ ମାନବପ୍ରକୃତିକୁ ତାହାର ସମସ୍ତ ବାହ୍ୟସୀମା ଓ ଅପୂର୍ଣ୍ଣତା ସହିତ ଗ୍ରହଣ କରିଥାଆନ୍ତି ଏବଂ ସେସବୁକୁ ଭାଗବତ ଚେତନା ଓ ଭାଗବତ ଶକ୍ତିର ପରିସର, ଉପାୟ ଓ ଯନ୍ତ୍ରରେ ପରିଣତ କରନ୍ତି, ଦିବ୍ୟ ଜନ୍ମ ଓ ଦିବ୍ୟ କର୍ମର ଏକ ଆଧାରରେ ପରିଣତ କରନ୍ତି । କିନ୍ତୁ ଏହା ଏହି ଭଳିହିଁ ହେବା ଉଚିତ, ତା' ନହେଲେ ଅବତାରଙ୍କର ଆଗମନର ଉଦ୍ଦେଶ୍ୟ ପୂରଣ ହେବ ନାହିଁ । କାରଣ ସେହି ଉଦ୍ଦେଶ୍ୟ ହେଉଛି ଠିକ୍ ଏହାହିଁ ଦେଖାଇ ଦେବା ଯେ ମାନବ-ଜନ୍ମ ଏହାର ସମସ୍ତ ସୀମିତତା ସତ୍ତ୍ୱେ ଦିବ୍ୟଜନ୍ମ ଓ ଦିବ୍ୟକର୍ମର ସହାୟ ଓ ଯନ୍ତ୍ର ହୋଇପାରେ, ଅଭିବ୍ୟକ୍ତ ଭାଗବତ ଚେତନା ସଙ୍ଗେ ମାନବ-ଚେତନା ସମ୍ପୂର୍ଣ୍ଣ ସମଞ୍ଜସ ହୋଇପାରେ, ଓ ଏହା ସେହି ଦିବ୍ୟଚେତନାର ଏକ ଆଧାରରେ ରୂପାନ୍ତରିତ ହୋଇପାରେ, ଏବଂ ଏହି ମାନବ-ଚେତନାର ଛାଞ୍ଚକୁ ରୂପାନ୍ତରିତ କରି ଓ ଏହାର ଆଲୋକ, ପ୍ରେମ, ଶକ୍ତି ଓ ଶୁଦ୍ଧତାର ସାମର୍ଥ୍ୟକୁ ଆହୁରି ବଢ଼ାଇ ଦେଇ ଏହାକୁ ଭାଗବତ ଚେତନାର ଆହୁରି ସମୀପବର୍ତ୍ତୀ କରାଯାଇପାରେ । ଆଉ ଏସବୁ କିପରି ସମ୍ପନ୍ନ କରାଯାଇପାରେ ତାହା ମଧ୍ୟ ଦେଖାଇ ଦେବା ହେଉଛି ଅବତାରଙ୍କର ଉଦ୍ଦେଶ୍ୟ । ଯଦି ଅବତାରଙ୍କୁ ସର୍ବଦା ପୂରାପୂରି ଏକ ଅସାଧାରଣ ଅଲୌକିକ ଢଙ୍ଗରେ କାର୍ଯ୍ୟ କରିବାକୁ ହୁଅନ୍ତା, ତେବେ ଏହି ଉଦ୍ଦେଶ୍ୟ ପୂର୍ଣ୍ଣ ହୁଅନ୍ତା ନାହିଁ । କେବଳ ଏକ ଅତିପ୍ରାକୃତ ବା ଅଲୌକିକ ଅବତାର ଏକ ଅର୍ଥହୀନ ଓ ଅସଙ୍ଗତି ବିଷୟ । ଅବଶ୍ୟ ଏହାର ଅର୍ଥ ନୁହେଁ ଯେ ଅବତାରମାନଙ୍କ ପାଇଁ ଅଲୌକିକ ଶକ୍ତି ପ୍ରୟୋଗ କରିବା ସମ୍ପୂର୍ଣ୍ଣ ନିଷିଦ୍ଧ ବା ଯିଶୁଖ୍ରୀଷ୍ଟଙ୍କର ଯେପରି ଅଲୌକିକ ଆରୋଗ୍ୟକାରିଣୀ ଶକ୍ତି ଥିଲା ବୋଲି କଥିତ ଅଛି ସେପରି କୌଣସି ଅଲୌକିକ କ୍ଷମତାର ପ୍ରୟୋଗ ରହିବ ନାହିଁ । କାରଣ ମଣିଷ-ପ୍ରକୃତି ପକ୍ଷେ ମଧ୍ୟ ଏହିପରି ଅସାଧାରଣ ଶକ୍ତିର ପ୍ରୟୋଗ ବେଶ୍ ସମ୍ଭବ । ତେଣୁ ସେପରି କିଛି

କଥା ନାହିଁ ଓ ତାହା ବିଷୟଟିର ମୂଳକଥା ନୁହେଁ, କିନ୍ତୁ ଯଦି ଅବତାରଙ୍କ ଜୀବନ ହୁଏ କେବଳ ଅଲୌକିକ ଘଟନାର ଆତସବାଜି ପ୍ରଦର୍ଶନ, ତେବେ ତା'ହେଲେ ମଧ୍ଯ ଚଳିବ ନାହିଁ । ଅବତାର ଜଣେ ଅଲୌକିକ ଶକ୍ତି ଦେଖାଉଥିବା ଐନ୍ଦ୍ରଜାଲିକ ପରି ଆସନ୍ତି ନାହିଁ, ସେ ଆସନ୍ତି ମାନବଜାତିର ଦିବ୍ୟନେତା ରୂପରେ ଏବଂ ଏକ ଦିବ୍ୟମାନବତାର ଆଦର୍ଶ ଦୃଷ୍ଟାନ୍ତ ରୂପରେ । ଏପରିକି ତାଙ୍କୁ ମାନବୋଚିତ ଦୁଃଖ ଓ ଶାରୀରିକ ଯନ୍ତ୍ରଣା ମଧ୍ୟ ଗ୍ରହଣ କରିବାକୁ ହୁଏ, ଏବଂ ଦେଖାଇ ଦେବାକୁ ହୁଏ ଯେ କିପରି ସେହି ଯନ୍ତ୍ରଣା ମଧ୍ୟ ମୁକ୍ତି ଓ ଉଦ୍ଧାରର ଉପାୟ ହୋଇପାରେ – ଯିଶୁଖ୍ରୀଷ୍ଟ ଏହାହିଁ କରିଥିଲେ; ଦ୍ୱିତୀୟତଃ ଏହା ମଧ୍ୟ ଦେଖାଇବାକୁ ହୁଏ ଯେ ମାନବପ୍ରକୃତିରେ ଅବତରିତ ଭାଗବତ ଆତ୍ମା ଏହିସବୁ ଦୁଃଖ-ଯନ୍ତ୍ରଣାକୁ ନିଜ ଉପରେ ଗ୍ରହଣ କରିଥିଲେ ମଧ୍ୟ ସେହି ମାନବ ପ୍ରକୃତିରେହିଁ ସେସବୁକୁ ଜୟ କରାଯାଇପାରେ । ବୁଦ୍ଧ ଏହାହିଁ କରିଥିଲେ । ଯେଉଁ ଯୁକ୍ତିବାଦୀ ଖ୍ରୀଷ୍ଟଙ୍କୁ ପ୍ରଶ୍ନ କରନ୍ତା "ତୁମେ ଯଦି ଈଶ୍ୱରଙ୍କ ପୁତ୍ର ହୋଇଥାଅ ତେବେ କ୍ରୁଶରୁ ଓହ୍ଲାଇ ଆସ" ବା ପାଣ୍ଡିତ୍ୟ ଦେଖାଇ କେହି ଯଦି କୁହନ୍ତା ଯେ ଅବତାର କେବେହେଲେ ଭଗବାନ୍ ନୁହନ୍ତି, କାରଣ ତାଙ୍କୁ ମଧ୍ୟ ମରିବାକୁ ପଡୁଛି ପୁଣି କୁକୁର ବିରାଡ଼ିଙ୍କ ପରି ରୋଗରେ ପଡ଼ି ମଧ୍ୟ ମରିବାକୁ ହେଉଛି, – ସେ ନିଜେ ଜାଣେ ନାହିଁ ସେ କ'ଣ କହୁଛି, କାରଣ ସେ ବିଷୟଟିର ମୂଳ କଥାଟିକୁ ମଧ୍ୟ ଧରିପାରି ନାହିଁ । ଦିବ୍ୟ ଆନନ୍ଦର ଅବତାର ଆସିବା ପୂର୍ବରୁ ଶୋକ ଓ ଦୁଃଖଭୋଗର ଅବତାର ଆସିବା ପ୍ରୟୋଜନ । ଅବତାରଙ୍କୁ ମାନବର ସୀମା ଓ ଅପୂର୍ଣ୍ଣତାକୁ ଗ୍ରହଣ କରିବାକୁ ହୁଏ, ଏହା ଦେଖାଇ ଦେବା ପାଇଁ ଯେ ସେଗୁଡ଼ିକୁ କିପରି ଅତିକ୍ରମ କରିବାକୁ ହେବ । ଏହା କିପରି ଭାବରେ ଓ କେତେଦୂର ପର୍ଯ୍ୟନ୍ତ ଅତିକ୍ରମ କରାଯିବ, ଏହା କେବଳ ଆନ୍ତର ଭାବରେ ହେବ ନା ବାହ୍ୟ ଭାବରେ ମଧ୍ୟ ହେବ, ତାହା ନିର୍ଭର କରେ ମାନବଜାତିର ଅଗ୍ରଗତିର ସ୍ତର ଉପରେ, ଏହା କୌଣସି ଅମାନୁଷୀ ଅଲୌକିକ ଘଟନା ଦ୍ୱାରା ସମ୍ପନ୍ନ କରାଯାଏ ନାହିଁ ।

ବର୍ତ୍ତମାନ ପ୍ରଶ୍ନ ଆସୁଛି ଯେ ଅବତାର କିପରି ଭାବରେ ଏହି ମାନବଦେହ ଓ ମନ ଗ୍ରହଣ କରନ୍ତି । ଏହି ପ୍ରଶ୍ନଟିହିଁ ବାସ୍ତବିକ କଠିନ ଏବଂ ମନୁଷ୍ୟର ବୁଦ୍ଧି ଏଠାରେ ନିଜର ସୀମିତତା ଯୋଗୁଁ ଇତସ୍ତତଃ ହେବାକୁ ଆରମ୍ଭ କରେ ଓ କୌଣସି କୂଳକିନାରା ପାଏ ନାହିଁ । କାରଣ ଏହି ଦେହ-ମନ ସହସା, ଏକ ସଙ୍ଗରେ ଏହିପରି ରୂପ ନେଇ ସୃଷ୍ଟ ହୋଇ ନାହିଁ; ଏହା ସୃଷ୍ଟ ହୋଇଛି ଏକପ୍ରକାରର ବିବର୍ତ୍ତନ ଦ୍ୱାରା, ଶାରୀରିକ ବା ଆଧ୍ୟାତ୍ମିକ ବା ଉଭୟବିଧ ବିବର୍ତ୍ତନ ଦ୍ୱାରା । ଅବଶ୍ୟ ଏହା ନିଃସନ୍ଦେହ ଯେ ଅବତାରଙ୍କର ଅବତରଣ, ଅନ୍ୟ ଦିଗରୁ ଦିବ୍ୟଜନ୍ମ ପରି ମୂଳତଃ ଏକ ଆଧ୍ୟାତ୍ମିକ ବ୍ୟାପାର । ଗୀତାର ବାକ୍ୟ 'ଆତ୍ମାନଂ ସୃଜାମି'ରେ ଏହାହିଁ ଦେଖାଇ ଦିଆଯାଇଛି, ଏହା ଆତ୍ମାର ଜନ୍ମ, ତଥାପି ଏହା ସହିତ ଯୁକ୍ତ

ଏକ ଶାରୀରିକ ଜନ୍ମ ତ ରହିଛି । ତା'ହେଲେ ଅବତାରଙ୍କର ଏହି ମାନବଦେହ ଓ ମନ କିପରି ସୃଷ୍ଟ ହେଲା ? ଆମେ ଯଦି ଧରିନେଉ ଯେ ଶରୀର ସବୁ ସମୟରେ ବଂଶାନୁକ୍ରମିକ ବିବର୍ତ୍ତନ ଦ୍ୱାରା ନିଶ୍ଚେତନ ପ୍ରକୃତି ଓ ତହିଁରେ ନିହିତ ପ୍ରାଣଶକ୍ତି ଦ୍ୱାରା ନିର୍ମିତ ହୁଏ ଓ ଏଥିରେ ବ୍ୟକ୍ତି-ଆତ୍ମାର କିଛି କରିବାର ନାହିଁ, ତା'ହେଲେ ତ ବିଷୟଟି ଖୁବ୍ ସହଜ ହୋଇଯାଇଛି । ଭଗବାନଙ୍କ ଅବତାର ପାଇଁ ଉପଯୁକ୍ତ ଏକ ଶାରୀରିକ ଓ ମାନସିକ ଦେହ କୌଣସି ପବିତ୍ର ଓ ମହତ୍ ବଂଶାନୁକ୍ରମରେ ତିଆରି ହୁଅନ୍ତା ଏବଂ ଅବତରଣ କରୁଥିବା ଭଗବାନ୍ ସେହି ଦେହକୁ ଗ୍ରହଣ କରୁଥାଆନ୍ତେ । କିନ୍ତୁ ଗୀତା ଅବତାରଙ୍କ ବିଷୟରେ କହିବାକୁ ଯାଇ ସେହି ଶ୍ଳୋକରେ ସାହସର ସହିତ ଅବତାରଙ୍କ ପୁନର୍ଜନ୍ମ ବିଷୟ ମଧ୍ୟ କହିଛି । ପୁନର୍ଜନ୍ମର ସାଧାରଣ ତତ୍ତ୍ୱ ଅନୁସାରେ ପୁନର୍ଜନ୍ମ ଗ୍ରହଣ କରୁଥିବା ଜୀବ ତା'ର ଅତୀତର ଆଧ୍ୟାତ୍ମିକ ଓ ମାନସିକ ବିବର୍ତ୍ତନ ଅନୁସାରେ ସ୍ୱୟଂ ନିଜର ମାନସିକ ଓ ଶାରୀରିକ ଦେହ ଠିକ୍ କରିନିଏ ଓ ପାଖାପାଖି ତାହାକୁ ତିଆରି କରିନିଏ ବୋଲି କୁହାଯାଇପାରେ । ଆତ୍ମାହିଁ ନିଜ ଶରୀର ତିଆରି କରିନିଏ, ଆତ୍ମା ସହିତ କୌଣସି ସମ୍ପର୍କ ରଖା ନଯାଇ ତାହା ନିମନ୍ତେ ଏକ ଶରୀର ତିଆରି କରିଦିଆଯାଏ ନାହିଁ । ତା'ହେଲେ କ'ଣ ଆମେ ବୁଝିବା ଯେ ଏକ ନିତ୍ୟ, ନିରନ୍ତର ଅବତାର ମାନବିକ ବିବର୍ତ୍ତନର ପ୍ରୟୋଜନୀୟତା ଓ ଗତି ଅନୁସାରେ ନିଜର ମାନସିକ ଓ ଶାରୀରିକ ଦେହକୁ ବିବର୍ତ୍ତିତ କରାଇନେଉଛନ୍ତି ଏବଂ ଏହି ଭାବରେ ଯୁଗେ ଯୁଗେ ଅବତୀର୍ଣ୍ଣ ହେଉଛନ୍ତି ? ଏହି ଧରଣର ଏକ ଭାବନେଇ କେହି କେହି ବିଷ୍ଣୁଙ୍କର ଦଶ ଅବତାରକୁ ବ୍ୟାଖ୍ୟା କରନ୍ତି । ପ୍ରଥମେ ନାନା ପଶୁ ଶରୀର, ତା'ପରେ ପଶୁମାନବ, ତା'ପରେ ବାମନ ମୂର୍ତ୍ତି, ତା'ପରେ ଦୁର୍ଦ୍ଧର୍ଷ ଆସୁରିକ ପ୍ରକୃତିର ମାନବ ପରଶୁଧାରୀ ରାମ, ତାଙ୍କ ପରେ ଦିବ୍ୟପ୍ରକୃତିର ମାନବ ମହତ୍ତର ରାମ, ତାଙ୍କ ପରେ ପ୍ରବୁଦ୍ଧ ଆଧ୍ୟାତ୍ମିକ ମାନବ ବୁଦ୍ଧ ଏବଂ କାଳଦୃଷ୍ଟିରୁ ବୁଦ୍ଧଙ୍କର ପୂର୍ବରୁ କିନ୍ତୁ ଆସନ ଦୃଷ୍ଟିରୁ, ଚୂଡାନ୍ତ ହେଲେ ପୂର୍ଣ୍ଣ ଦିବ୍ୟଭାବାପନ୍ନ-ମାନବ-ଶ୍ରୀକୃଷ୍ଣ – କାରଣ ଶେଷ ଅବତାର କଳ୍କୀ କେବଳ ଶ୍ରୀକୃଷ୍ଣଙ୍କ ଦ୍ୱାରା ଆରମ୍ଭ ହୋଇଥିବା କର୍ମକୁହିଁ ସମ୍ପନ୍ନ କରନ୍ତି, ପୂର୍ବର ଅବତାରମାନେ ଯେଉଁ ବିପୁଳ ସମ୍ଭାବନାମୟ ମହତ୍ ପ୍ରୟାସକୁ ପ୍ରସ୍ତୁତ କରିଯାଇଛନ୍ତି କଳ୍କୀ ତାହାକୁ ଶକ୍ତିଦେଇ ସିଦ୍ଧ କରନ୍ତି । ଆମର ଆଧୁନିକ ମନ ପାଇଁ ଏହାକୁ ଗ୍ରହଣ କରିବା କଷ୍ଟକର କିନ୍ତୁ ଗୀତାର ଭାଷା ଏହାହିଁ ବୁଝାଏ ବୋଲି ମନେ ହୁଏ । ଅଥବା ଗୀତା ଯେହେତୁ ଏହି ସମସ୍ୟାକୁ ସ୍ପଷ୍ଟଭାବରେ ସମାଧାନ କରି ନାହିଁ, ଆମେ ଏହାକୁ ଆମ ନିଜର ଅନ୍ୟ କୌଣସି ବାଟରେ ସମାଧାନ କରିପାରୁ, ଯଥା – ଅବତାର ଯେଉଁ ଶରୀର ଗ୍ରହଣ କରନ୍ତି ତାହା ଜୀବ ଦ୍ୱାରାହିଁ ନିର୍ମିତ ହୁଏ କିନ୍ତୁ ଜନ୍ମ ସମୟରେ ଅବତାର ତାହା ଗ୍ରହଣ କରନ୍ତି, ଅଥବା ଗୀତାରେ ଯେଉଁ ଚାରିମନୁଙ୍କ (ଚତ୍ୱାରଃ ମାନବଃ) କଥା କୁହାଯାଇଛି,

ଯେଉଁମାନେ ପ୍ରତ୍ୟେକ ମାନବର ମନ ଓ ଶରୀରର ଆଧାତ୍ମିକ ପିତା, ସେମାନଙ୍କ ଭିତରୁ ଜଣେ ଏହି ଶରୀର ପ୍ରସ୍ତୁତ କରିଥିବେ । କିନ୍ତୁ ଏହା ଆଧାତ୍ମିକ ରହସ୍ୟର ଏପରି ଗୂଢ଼ ବିଷୟ ଯାହାକି ଆଧୁନିକ ଯୁକ୍ତିବାଦୀ ମନ ବର୍ତ୍ତମାନ ଆଦୌ ଶୁଣିବାକୁ ପ୍ରସ୍ତୁତ ହେବ ନାହିଁ, କିନ୍ତୁ ଆମେ ଥରେ ଯେତେବେଳେ ଅବତାରତ୍ୱର ସତ୍ୟକୁ ଗ୍ରହଣ କରିନେଉଛୁ ତା'ର ଅର୍ଥ ହେଲା ଆମେ ରହସ୍ୟମୟ ସେହି କ୍ଷେତ୍ରରେ ପ୍ରବେଶ କରିସାରିଛୁ ଏବଂ ଆମେ ତା' ଭିତରେ ଥରେ ଯେତେବେଳେ ପ୍ରବେଶ କରିଛୁ ସେତେବେଳେ ତହିଁରେ ଦୃଢ଼ ପଦକ୍ଷେପ ନେଇ ଚାଲିବା ବାଞ୍ଛନୀୟ ।

ଏହାହିଁ ହେଲା ଗୀତାର ଅବତାର ତତ୍ତ୍ୱ । ଆମେ ଭଗବାନଙ୍କ ଅବତାରତ୍ୱର ସମ୍ଭାବନା ବିଷୟରେ ଯେପରି ଆଲୋଚନା କରିଥିଲୁ, ଅବତରଣର ପ୍ରଣାଳୀ ସମ୍ପର୍କରେ ମଧ୍ୟ ଆମକୁ ସେହିପରି ବିସ୍ତୃତ ଆଲୋଚନା କରିବାକୁ ପଡ଼ିଲା, କାରଣ ମଣିଷର ଯୁକ୍ତିବୁଦ୍ଧି, ଏ ସମ୍ପର୍କରେ ଯେଉଁସବୁ ପ୍ରଶ୍ନ ଉଠାଇପାରେ, ସେଗୁଡ଼ିକୁ ବିଚାରକୁ ନେଇ ତାହାର ସମ୍ମୁଖୀନ ହେବା ଦରକାର । ଏହା ସତ୍ୟ ଯେ ଗୀତାରେ ଅବତାରତ୍ୱର ଭୌତିକ ଦିଗଟି ଉପରେ ବିସ୍ତୃତ ଆଲୋଚନା ହୋଇ ନାହିଁ, କିନ୍ତୁ ଗୀତା-ଶିକ୍ଷାର କ୍ରମ ଭିତରେ ଏହାର ଏକ ନିର୍ଦ୍ଦିଷ୍ଟ ସ୍ଥାନ ଅଛି ଏବଂ ଗୀତାର ସମଗ୍ର ଯୋଜନାରେ ଏହା ନିହିତ ହୋଇ ରହିଛି । କାରଣ ଗୀତାର ସମଗ୍ର ନକ୍ସା ହେଲା ଅବତାର ଜଣେ ବିଭୂତିଙ୍କୁ, ମନୁଷ୍ୟତ୍ୱର ଚୂଡ଼ାନ୍ତ ଶିଖରରେ ପହଞ୍ଚିଥିବା ଜଣେ ବ୍ୟକ୍ତିଙ୍କୁ ଦିବ୍ୟଜନ୍ମ ଓ ଦିବ୍ୟକର୍ମ ଦିଗରେ ଆଗେଇ ନେଉଛନ୍ତି । ନିଃସନ୍ଦେହ ଭାବରେ ଏହା ସତ୍ୟ ଯେ ମାନବାତ୍ମାକୁ ନିଜ ଭିତରକୁ ଉଠାଇନେବା ପାଇଁ ଭଗବାନଙ୍କର ଆଭ୍ୟନ୍ତରୀଣ ଅବତରଣହିଁ ପ୍ରଧାନ କଥା, ଭିତରର ଖ୍ରୀଷ୍ଟ, କୃଷ୍ଣ ବା ବୁଦ୍ଧହିଁ ହେଉଛନ୍ତି ପ୍ରଧାନ କଥା । କିନ୍ତୁ ଠିକ୍ ଯେପରି ଆନ୍ତର ବିକାଶ ପାଇଁ ବାହ୍ୟ ଜୀବନର ପ୍ରଭୂତ ଗୁରୁତ୍ୱ ରହିଛି, ସେହିପରି ଏହି ମହାନ୍ ଆଧାତ୍ମିକ ଅଭିବ୍ୟକ୍ତି ପାଇଁ ବାହ୍ୟିକ ଅବତାରତ୍ୱର ପ୍ରୟୋଜନ କିଛି କମ୍ ଗୁରୁତ୍ୱପୂର୍ଣ୍ଣ ନୁହେଁ । ମାନସିକ ଓ ଶାରୀରିକ ପ୍ରତୀକର ପୂର୍ଣ୍ଣତା ଆନ୍ତର ସତ୍ୟର ବିକାଶ ପାଇଁ ସହାୟତା କରେ, ପରେ ଏହି ଆନ୍ତର ସତ୍ୟ ଆହୁରି ଅଧିକ ଶକ୍ତି ନେଇ ନିଜର ଏକ ଅଧିକ ପୂର୍ଣ୍ଣତର ରୂପରେ ବାହ୍ୟ ଜୀବନ ଭିତର ଦେଇ ନିଜକୁ ପ୍ରକାଶ କରେ । ଏହିପରି ଭାବରେ ଆଧାତ୍ମିକ ସତ୍ୟ ଓ ମାନସିକ ଶାରୀରିକ ରୂପ – ଏହି ଦୁଇଟି ଭିତରେ ପାରସ୍ପରିକ କ୍ରିୟା-ପ୍ରତିକ୍ରିୟା ଓ ଆଦାନପ୍ରଦାନ ନିରନ୍ତର ଚାଲିଛି ଏବଂ ଏହାରି ଭିତର ଦେଇ ମାନବତା ଭିତରେ ଭଗବାନଙ୍କର ଅଭିବ୍ୟକ୍ତି କେତେବେଳେ ନିଜକୁ ଗୋପନ କରି ବା କେତେବେଳେ ନିଜକୁ ପ୍ରକଟ କରି ନିଜ ଗତିପଥରେ ଆଗେଇ ଚାଲିଛି ।

# ୧୭

# ଦିବ୍ୟଜନ୍ମ ଓ ଦିବ୍ୟକର୍ମ

ଅବତାରଙ୍କ ଜନ୍ମପରି ସେ ଯେଉଁ କର୍ମ ପାଇଁ ଅବତାର ଗ୍ରହଣ କରନ୍ତି ତାହାର ମଧ୍ୟ ଦୁଇଟି ଭାବ ଓ ଦୁଇଟି ରୂପ ଥାଏ; ଗୋଟିଏ ବାହାରର, ଅନ୍ୟଟି ଭିତରର । କ୍ରିୟା ଓ ପ୍ରତିକ୍ରିୟା, ଉତ୍ଥାନ ଓ ପତନର ଏକ ଛନ୍ଦ ଭିତର ଦେଇ ଅଗ୍ରସର ହେବା ହେଉଛି ପ୍ରକୃତିର ନିୟମ; ଏହି ନିୟମ ସତ୍ତ୍ୱେ ମଧ୍ୟ ଯେଉଁ ଦିବ୍ୟଧର୍ମ ମାନବଜାତିର ଭଗବନ୍ମୁଖୀ ପ୍ରାୟ ସବୁ ନିଶ୍ଚିତ ପଶ୍ଚାଦପସରଣରୁ ରକ୍ଷାକରି ତାହାକୁ ନିଶ୍ଚିତ ଅଗ୍ରଗତି ପଥରେ ନେଇଯାଏ, ସେହି ଦିବ୍ୟଧର୍ମକୁ ରକ୍ଷା କରିବା ନିମିତ୍ତ ଓ ତାକୁ ପୁନର୍ଗଠନ କରିବା ନିମିତ୍ତ ବାହ୍ୟଜଗତ ଉପରେ ଯେଉଁ ଭଗବତ୍-ଶକ୍ତି କାର୍ଯ୍ୟ କରେ ତାହା ହେଉଛି ଅବତାରଙ୍କ କର୍ମର ବାହ୍ୟ ଦିଗ । ଅବତାରଙ୍କ କର୍ମର ଏକ ଭିତରର ଦିଗ ମଧ୍ୟ ରହିଛି; ତା' ହେଉଛି ଭଗବନ୍ମୁଖୀ ଚେତନାର ଦିବ୍ୟ ଶକ୍ତି ବ୍ୟକ୍ତିର ଆତ୍ମା ଓ ଜାତିର ଆତ୍ମା ଉପରେ କ୍ରିୟାକରେ ଯେପରିକି ମନୁଷ୍ୟ ଭିତରେ ଏହା ଭଗବାନଙ୍କ ନବ ନବ ପ୍ରକାଶକୁ ଗ୍ରହଣ କରିପାରିବ ଏବଂ ନିଜର ଊର୍ଦ୍ଧ୍ୱମୁଖୀ ଆତ୍ମ-ପ୍ରସ୍ଫୁଟନର ଶକ୍ତିରେ ସୁରକ୍ଷିତ, ପୁନରୁଜ୍ଜୀବିତ ଓ ସମୃଦ୍ଧ ହୋଇ ଉଠିବ । ଅବତାର କେବଳ ଏକ ମହାନ୍ ବାହ୍ୟକର୍ମ ପାଇଁ ଆସନ୍ତି ବୋଲି ସାଧାରଣ କର୍ମପ୍ରବଣ ମନୁଷ୍ୟ ଅନେକ ସମୟରେ ଯେଉଁ ଧାରଣା କରିଥାଏ, ତାହା ଠିକ୍ ନୁହେଁ । ବାହ୍ୟିକ କର୍ମ ଓ ଘଟଣାର କୌଣସି ନିଜସ୍ୱ ମୂଲ୍ୟ ନାହିଁ, ସେମାନଙ୍କର ପ୍ରକୃତ ମୂଲ୍ୟ ନିର୍ଭରକରେ ସେମାନେ ଯେଉଁ ଶକ୍ତିର ପ୍ରତିନିଧିତ୍ୱ କରନ୍ତି, ସେମାନେ ଯେଉଁ ଭାବର ପ୍ରତୀକ ହୋଇଉଠନ୍ତି ଏବଂ ଯାହାକୁ ସିଦ୍ଧ କରିବା ପାଇଁ ସେହି ଶକ୍ତି କାର୍ଯ୍ୟ କରେ ତାହା ଉପରେ ।

ଯେଉଁ ସଙ୍କଟ ସମୟରେ ଅବତାରଙ୍କର ଆବିର୍ଭାବ ହୁଏ, ତାହା ଯଦିଓ ବାହ୍ୟଦୃଷ୍ଟିରେ ଘଟନାବଳୀ ଓ ଜାଗତିକ ପରିବର୍ତ୍ତନର ଏକ ସଙ୍କଟ ରୂପେ ପ୍ରତୀତ ହୁଏ କିନ୍ତୁ ପ୍ରକୃତରେ ଏହାର ମୂଳ ସ୍ୱରୂପରେ ଓ ବାସ୍ତବ ଅର୍ଥରେ ଏହା ହେଉଛି ମାନବଜାତିର ଚେତନାରେହିଁ ଏକ ସଙ୍କଟ, ଯେତେବେଳେ ତାହାକୁ କୌଣସି ମହାନ୍ ପରିବର୍ତ୍ତନ ଭିତରଦେଇ ଯିବାକୁ ପଡ଼େ ବା କୌଣସି ନୂତନ ବିକାଶ ସାଧନ କରିବାକୁ ହୁଏ । ଏହି ପରିବର୍ତ୍ତନ ସାଧନ କରିବାକୁ ଏକ ଦିବ୍ୟଶକ୍ତି ଆବଶ୍ୟକ କିନ୍ତୁ ଏହି ଶକ୍ତିର ଧରଣ ବରାବର ହୁଏ ଏହା ଯେଉଁ ଚେତନାକୁ ମୂର୍ତ୍ତ କରୁଥାଏ ତାହାର କ୍ଷମତା ଅନୁଯାୟୀ । ତେଣୁ ମାନବ ମନ ଓ ଆତ୍ମାରେ

ଦିବ୍ୟଚେତନାର ଆବିର୍ଭାବ ଆବଶ୍ୟକ । ଅବଶ୍ୟ ଯେତେବେଳେ ମୁଖ୍ୟତଃ ବୁଦ୍ଧିଗତ ବା ବ୍ୟବହାରିକ କ୍ଷେତ୍ରରେ ପରିବର୍ତ୍ତନ ଆବଶ୍ୟକ ହୁଏ, ସେତେବେଳେ ଅବତାରଙ୍କର କୌଣସି ହସ୍ତକ୍ଷେପର ପ୍ରୟୋଜନ ନାହିଁ, ସେତେବେଳେ ଚେତନାର ଏକ ମହାନ୍ ଅଭ୍ୟୁତ୍ଥାନ ହୁଏ, ଶକ୍ତିର ଏକ ମହାନ୍ ପ୍ରକାଶ ହୁଏ, ଯାହାଫଳରେ ମନୁଷ୍ୟମାନେ କିଛିକାଳ ପାଇଁ ସେମାନଙ୍କର ସାଧାରଣ ଅବସ୍ଥାର ଉପରକୁ ଉଠିଯାଆନ୍ତି ଓ ଚେତନା ଏବଂ ଶକ୍ତିର ଏହି ଅଭ୍ୟୁଦୟ କେତେକ ଅସାଧାରଣ ବ୍ୟକ୍ତିଙ୍କ ଭିତରେ ଖୁବ୍ ଉତ୍ତୁଙ୍ଗ ସ୍ତରକୁ ଉଠିଯାଏ, ଏହିମାନେହିଁ ହେଉଛନ୍ତି ବିଭୂତି ଏବଂ ସାଧାରଣ କର୍ମକୁ ନେତୃତ୍ୱ ଦେଉଥିବା ଏମାନଙ୍କ କର୍ମ ଉଦ୍ଦିଷ୍ଟ ପରିବର୍ତ୍ତନ ପାଇଁ ଯଥେଷ୍ଟ ହୁଏ । ୟୁରୋପର ଧର୍ମସଂସ୍କାର (Reformation) ଓ ଫରାସୀ ବିପ୍ଳବ ଏହି ପ୍ରକାରହିଁ ଏକ ସଙ୍କଟ ଥିଲା, ସେଗୁଡ଼ିକ ମହାନ୍ ଆଧ୍ୟାତ୍ମିକ ଘଟଣା ନୁହେଁ, ବୁଦ୍ଧିଗତ ଓ ବ୍ୟବହାରିକ ପରିବର୍ତ୍ତନ ମାତ୍ର । ଗୋଟିଏ ହେଉଛି ଧର୍ମ-ଜଗତରେ ଓ ଅନ୍ୟଟି ସାମାଜିକ, ରାଜନୈତିକ ଭାବଧାରା ଓ ଆଦର୍ଶ କ୍ଷେତ୍ରରେ । ଏହା ଫଳରେ ସାଧାରଣ ଚେତନାରେ ଯେଉଁ ପରିବର୍ତ୍ତନ ଆସିଥିଲା ତାହା ମାନସିକ ଏବଂ ବ୍ୟବହାରିକ, କିନ୍ତୁ ତାହା ଆଧ୍ୟାତ୍ମିକ ପରିବର୍ତ୍ତନ ନୁହେଁ । କିନ୍ତୁ ଯେତେବେଳେ ସଙ୍କଟର ମୂଳରେ ରହିଥାଏ ଆଧ୍ୟାତ୍ମିକ ବୀଜ ଓ ହେତୁ, ସେତେବେଳେ ଏହାର ପ୍ରବର୍ତ୍ତକ ଓ ନେତା ରୂପେ ଏକ ମାନବୀୟ ମନ ଓ ଆତ୍ମାରେ ଭାଗବତ ଚୈତନ୍ୟର ପୂର୍ଣ୍ଣ ବା ଆଂଶିକ ପ୍ରକାଶ ହୁଏ । ଏହାହିଁ ଅବତାର ।

ଅବତାରଙ୍କର ବାହ୍ୟକର୍ମ ସମ୍ପର୍କରେ ଗୀତାରେ କୁହାଯାଇଛି 'ଧର୍ମ-ସଂସ୍ଥାପନାର୍ଥାୟ', ଯୁଗେ ଯୁଗେ, ଯେତେବେଳେ ଧର୍ମ ମଳିନ ହୋଇଯାଏ, ଅବସନ୍ନ ଓ ହୀନବଳ ହୁଏ ଏବଂ ଏହାର ବିପରୀତ ଅଧର୍ମ ପ୍ରବଳ ଓ ଅତ୍ୟାଚାରୀ ହୋଇ ମୁଣ୍ଡ ଉଠାଏ, ସେତେବେଳେ ଅବତାର ଆସନ୍ତି ଏବଂ ଧର୍ମକୁ ପୁଣି ଶକ୍ତିଶାଳୀ ଓ ସୁପ୍ରତିଷ୍ଠିତ କରନ୍ତି । ଏବଂ ଯେହେତୁ ଚିନ୍ତା ବା ବିଚାର ଭିତରେ ଯାହା ଧର୍ମାଧର୍ମ ରହିଥାଏ, ତାହା ସର୍ବଦା କର୍ମ ଭିତର ଦେଇ ଓ ସେଇ ବିଚାରର ଅନୁଗାମୀ ମନୁଷ୍ୟମାନଙ୍କ ଭିତର ଦେଇ ପ୍ରକଟିତ ହୁଏ, ତେଣୁ ସେତେବେଳେ ସବୁଠାରୁ ଲୌକିକ ଓ ବାହ୍ୟିକ ଦୃଷ୍ଟିରୁ ଅବତାରଙ୍କର କର୍ମ ହେଲା ଅଧର୍ମ ଓ ପ୍ରତିକ୍ରିୟାର ଅନ୍ଧକାରମୟ ରାଜତ୍ୱରେ ଉତ୍ପୀଡ଼ିତ ଧର୍ମର ଅନ୍ୱେଷକ ସାଧୁମାନଙ୍କୁ ପରିତ୍ରାଣ କରିବା ଓ ଅଧର୍ମର ସହାୟକ ଦୁଷ୍କୃତମାନଙ୍କୁ ବିନାଶ କରିବା* ।

---

* ଯଦା ଯଦା ହି ଧର୍ମସ୍ୟ ଗ୍ଲାନିର୍ଭବତି ଭାରତ ।
ଅଭ୍ୟୁତ୍ଥାନମଧର୍ମସ୍ୟ ତଦାତ୍ମାନଂ ସୃଜାମ୍ୟହମ୍ ॥
ପରିତ୍ରାଣାୟ ସାଧୂନାଂ ବିନାଶାୟ ଚ ଦୁଷ୍କୃତାମ୍ ।
ଧର୍ମସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ ॥ ୪।୭-୮

କିନ୍ତୁ ଏଠାରେ ଗୀତା ଯେଉଁ ଭାଷା ବ୍ୟବହାର କରିଛି, ତାହାର ଏପରି ସାଧାରଣ ଓ ସଂକୀର୍ଣ୍ଣ ବ୍ୟାଖ୍ୟା କରାଯାଇପାରେ ଯେ ଯେଉଁଥିରେ ଅବତାରତ୍ୱର ସମସ୍ତ ଆଧ୍ୟାତ୍ମିକ ଗଭୀର ଅର୍ଥ ନଷ୍ଟ ହୋଇଯିବ । ଧର୍ମ ଏକ ଏପରି ଶବ୍ଦ ଯେ ତାହାର ଯେଉଁ ତାତ୍ପର୍ଯ୍ୟ ରହିଛି ତାହା ନୈତିକ ଓ ବ୍ୟବହାରିକ, ପ୍ରାକୃତିକ ଓ ଦାର୍ଶନିକ ଏବଂ ଧାର୍ମିକ ଓ ଆଧ୍ୟାତ୍ମିକ । ଏଥିଭିତରୁ ଅନ୍ୟଗୁଡ଼ିକୁ ବାଦ୍‌ଦେଇ ଯେକୌଣସି ଗୋଟିଏ ଅର୍ଥରେ କେବଳ ନୈତିକ ବା କେବଳ ଦାର୍ଶନିକ ବା କେବଳ ଧାର୍ମିକ ଅର୍ଥରେ ଏହି ଧର୍ମ ଶବ୍ଦକୁ ବ୍ୟବହାର କରାଯାଇପାରେ । ନୈତିକ ଭାବରେ ଧର୍ମ ଶବ୍ଦର ଅର୍ଥ ହେଲା ସଦାଚାରର ନିୟମ, ଆଚରଣର ନୈତିକବିଧି ବା ଆହୁରି ଅଧିକ ବାହ୍ୟ ଓ ବ୍ୟବହାରିକ ଅର୍ଥରେ ସାମାଜିକ ଓ ରାଜନୈତିକ ନ୍ୟାୟ ବା କେବଳ ସାମାଜିକ ନିୟମର ପାଳନ । ଯଦି ଏହି ଅର୍ଥରେ ଧର୍ମ ଶବ୍ଦର ବ୍ୟବହାର ହୋଇଥାଏ ତା'ହେଲେ ଆମକୁ ବୁଝିବାକୁ ହେବ ଯେ ଯେତେବେଳେ ଅନାଚାର, ଅନ୍ୟାୟ ଓ ଅତ୍ୟାଚାରର ପ୍ରାଦୁର୍ଭାବ ହୁଏ ସେତେବେଳେ ସଦାଚାରୀମାନଙ୍କୁ ରକ୍ଷା କରିବାକୁ ଓ ଦୁରାଚାରୀମାନଙ୍କୁ ବିନାଶ କରିବାକୁ ଏବଂ ଅନ୍ୟାୟ-ଅତ୍ୟାଚାରକୁ ଧ୍ୱଂସ କରି ମନୁଷ୍ୟ ସମାଜରେ ପୁଣି ନୀତି-ନ୍ୟାୟର ଆସନକୁ ସୁପ୍ରତିଷ୍ଠିତ କରିବାକୁ ଅବତାର ଜନ୍ମଗ୍ରହଣ କରନ୍ତି ।

ଏହିପରି ଭାବରେ କୃଷ୍ଣାବତାରର ପ୍ରଚଳିତ ପୌରାଣିକ ବର୍ଣ୍ଣନା ହେଉଛି ଦୁର୍ଯ୍ୟୋଧନ ଓ ତାଙ୍କ ଭାଇମାନଙ୍କ ଭିତରେ ମୂର୍ତ୍ତ ହୋଇଥିବା କୌରବମାନଙ୍କର ଅନ୍ୟାୟ-ଅତ୍ୟାଚାରର ଭାର ପୃଥିବୀପକ୍ଷେ ଏପରି ଦୁର୍ବିସହ ହୋଇପଡ଼ିଲା ଯେ ପୃଥିବୀ ତା'ର ଭାର ଲାଘବ କରିବା ନିମନ୍ତେ ଭଗବାନଙ୍କୁ ଅବତାର ଗ୍ରହଣ କରିବା ପାଇଁ ପ୍ରାର୍ଥନା କଲା । ତେଣୁ ବିଷ୍ଣୁ ଶ୍ରୀକୃଷ୍ଣ ରୂପେ ଅବତୀର୍ଣ୍ଣ ହେଲେ, ଅତ୍ୟାଚାରିତ ପାଣ୍ଡବମାନଙ୍କୁ ଉଦ୍ଧାର କଲେ ଓ ଅନ୍ୟାୟପରାୟଣ କୌରବମାନଙ୍କୁ ବିନାଶ କଲେ । ବିଷ୍ଣୁଙ୍କର ପୂର୍ବ ଅବତାରମାନଙ୍କ ସମ୍ପର୍କରେ ମଧ୍ୟ ସେହିପରି କୁହାଯାଇଛି । ରାମ ଅବତୀର୍ଣ୍ଣ ହୋଇଥିଲେ ରାବଣର ଅନ୍ୟାୟ-ଅତ୍ୟାଚାରକୁ ଧ୍ୱଂସ କରିବାକୁ, ପରଶୁରାମ ଆସିଥିଲେ ଯୋଦ୍ଧା ଓ ଶାସକଗୋଷ୍ଠୀ କ୍ଷତ୍ରିୟମାନଙ୍କର ଅନ୍ୟାୟ ଉଚ୍ଛୃଙ୍ଖଳତାକୁ ବିନାଶ କରିବାକୁ ଓ ଦୈତ୍ୟ ବଳିର ଶାସନକୁ ବିନାଶ କରିବାକୁ ବାମନ ଅବତୀର୍ଣ୍ଣ ହୋଇଥିଲେ । କିନ୍ତୁ ପୌରାଣିକ ବର୍ଣ୍ଣନାରେ ପ୍ରସିଦ୍ଧ ଅବତାରଙ୍କର କାର୍ଯ୍ୟ କେବଳ ଏହି ବ୍ୟବହାରିକ, ନୈତିକ ଓ ସାମାଜିକ-ରାଜନୈତିକ ଦିଗଟି ଅବତାରତ୍ୱର ଉଦ୍ଦେଶ୍ୟ ଓ କାର୍ଯ୍ୟର ଏକ ଯଥାର୍ଥ ପରିଚୟ ଦେଉ ନାହିଁ । ଏଥିରେ ଅବତାରତ୍ୱର ଆଧ୍ୟାତ୍ମିକ ପ୍ରୟୋଜନ ବିଷୟ ସ୍ଥାନ ପାଇ ନାହିଁ, ଏବଂ ଯଦି ଏହିପରି ବାହ୍ୟ ପ୍ରୟୋଜନ ଓ କାର୍ଯ୍ୟକଳାପହିଁ ସବୁକଥା ହୁଅନ୍ତା, ତେବେ ଆମକୁ ବୁଦ୍ଧ ଓ ଖ୍ରୀଷ୍ଟଙ୍କୁ ଅବତାର ପର୍ଯ୍ୟାୟରୁ ବାଦ୍ ଦେଇଦେବାକୁ ପଡ଼ିବ, କାରଣ ଦୁଷ୍ଟମାନଙ୍କୁ ବିନାଶ

କରି ସାଧୁମାନଙ୍କୁ ପରିତ୍ରାଣ କରିବା ଏହାଙ୍କର ଆଦୌ କାର୍ଯ୍ୟ ନଥିଲା, ଏହାଙ୍କର କାର୍ଯ୍ୟ ଥିଲା ସମଗ୍ର ମାନବଜାତି ପାଇଁ ଏକ ନୂତନ ଆଧ୍ୟାତ୍ମିକ ବାଣୀ ଆଣିଦେବା । ଦିବ୍ୟବିକାଶ ଓ ଆଧ୍ୟାତ୍ମିକ ଉପଲବ୍ଧିର ଏକ ନୂତନ ବିଧାନ ଆଣିଦେବା । ଅନ୍ୟ ପକ୍ଷରେ ଆମେ ଯଦି ଧର୍ମ ଶବ୍ଦକୁ କେବଳ ଆଧ୍ୟାତ୍ମିକ ଅର୍ଥରେ ଗ୍ରହଣ କରୁ, ଯଦି ଧର୍ମ କହିଲେ ଆମେ ଆଧ୍ୟାତ୍ମିକ ଓ ଧର୍ମଜୀବନର ଏକ ନୀତି ବା ବିଧାନ ବୋଲି ବୁଝୁ, ତା'ହେଲେ ଆମେ ଅବଶ୍ୟ ଅବତାରତତ୍ତ୍ୱର ମୂଳ ସତ୍ୟଟିକୁ ଧରିପାରିବୁ କିନ୍ତୁ ଅବତାରଙ୍କର କାର୍ଯ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ବାଦ୍ ପଡ଼ିଯିବାର ବିପଦ ରହିଛି । ଭଗବାନଙ୍କର ଅବତାର-ଗ୍ରହଣର ଇତିହାସରେ ସବୁ ସମୟରେ ଆମେ ତାଙ୍କର ଦୁଇପ୍ରକାର କାର୍ଯ୍ୟ ଦେଖୁ ଏବଂ ଏପରି ହେବା ମଧ୍ୟ ଅନିବାର୍ଯ୍ୟ । କାରଣ ଅବତାର ମାନବଜୀବନରେ ଭଗବାନଙ୍କର କାର୍ଯ୍ୟର ଭାର ଗ୍ରହଣ କରନ୍ତି, ଜଗତରେ ଭଗବତ୍ ଇଚ୍ଛା ଓ ଭଗବତ୍ ଜ୍ଞାନର ଧାରା ଗ୍ରହଣ କରନ୍ତି, ଏବଂ ଏହି କାର୍ଯ୍ୟ ସବୁ ସମୟରେ ବାହ୍ୟ ତଥା ଆନ୍ତର ଉଭୟ ଭାବରେ ସିଦ୍ଧ ହୁଏ, ଆତ୍ମାରେ ଏକ ଆନ୍ତର ପ୍ରଗତି ଦ୍ୱାରା ଓ ଜୀବନରେ ଏକ ବାହ୍ୟ ପରିବର୍ତ୍ତନ ଦ୍ୱାରା ।

ଅବତାର ଖ୍ରୀଷ୍ଟ ଓ ବୁଦ୍ଧଙ୍କ ପରି ଜଣେ ମହାନ୍ ଆଧ୍ୟାତ୍ମିକ ଗୁରୁ ଓ ତ୍ରାଣକର୍ତ୍ତା ରୂପେ ଆସିପାରନ୍ତି, କିନ୍ତୁ ତାଙ୍କର ପାର୍ଥିବ ଜୀବନକାଳ ଶେଷ ହୋଇଯିବା ପରେ ତାଙ୍କର କାର୍ଯ୍ୟର ଫଳସ୍ୱରୂପ ଜାତିର କେବଳ ନୈତିକ ଜୀବନରେ ନୁହେଁ, ତାହାର ସାମାଜିକ ବାହ୍ୟଜୀବନ ଓ ଆଦର୍ଶରେ ମଧ୍ୟ ଗଭୀର ଓ ଶକ୍ତିଶାଳୀ ପରିବର୍ତ୍ତନ ସଂଘଟିତ ହୁଏ । ଅନ୍ୟ ପକ୍ଷରେ ସେ ମଧ୍ୟ ଦିବ୍ୟଜୀବନ, ଦିବ୍ୟବ୍ୟକ୍ତିତ୍ୱ ଓ ଶକ୍ତିର ଅବତାର ରୂପେ ବାହ୍ୟତଃ ଏକ ସାମାଜିକ, ନୈତିକ ଓ ରାଜନୈତିକ ଉଦ୍ଦେଶ୍ୟ ଓ କାର୍ଯ୍ୟ ସମ୍ପନ୍ନ କରିବା ପାଇଁ ଅବତୀର୍ଣ୍ଣ ହୋଇପାରନ୍ତି – ରାମ ଓ କୃଷ୍ଣଙ୍କ କାହାଣୀରେ ଯେପରି ଦର୍ଶାଯାଇଛି, କିନ୍ତୁ ତା'ହେଲେ ଏପରି ଅବତରଣ ସର୍ବଦା ଜାତିର ଆତ୍ମାରେ, ତାହାର ଆନ୍ତର ଜୀବନ ଓ ଆଧ୍ୟାତ୍ମିକ ନବଜନ୍ମ ନିମନ୍ତେ ଏକ ଚିରସ୍ଥାୟୀ ଶକ୍ତିରୂପେ କାର୍ଯ୍ୟକରେ । ଏହା ବଡ଼ ରହସ୍ୟର ବିଷୟ ଯେ ବୌଦ୍ଧଧର୍ମ ଓ ଖ୍ରୀଷ୍ଟଧର୍ମର ସ୍ଥାୟୀ, ଜୀବନ୍ତ ଓ ସାର୍ବଜନୀନ ଫଳ ହୋଇଛି ଏହାର ନୈତିକ, ସାମାଜିକ ଓ ବ୍ୟବହାରିକ ଆଦର୍ଶର କ୍ଷେତ୍ରରେ ଏବଂ ଏପରିକି ଯେଉଁସବୁ ଜାତି ଓ ଯୁଗ ଏହାର ଧାର୍ମିକ ଓ ଆଧ୍ୟାତ୍ମିକ ମତ, ସାଧନା ଓ ଅନୁଷ୍ଠାନ ଆଦିକୁ ପରିତ୍ୟାଗ କରି ଦେଇଛନ୍ତି, ସେମାନେ ମଧ୍ୟ ଏହାର ନୈତିକ, ସାମାଜିକ ଓ ବ୍ୟବହାରିକ ଆଦର୍ଶରେ ପ୍ରଭାବିତ ହୋଇଛନ୍ତି । ପରବର୍ତ୍ତୀ ସମୟରେ ହିନ୍ଦୁଧର୍ମ ବୁଦ୍ଧଙ୍କୁ, ତାଙ୍କର ସଂଘ ଓ ତାଙ୍କର ଧର୍ମକୁ ପ୍ରତ୍ୟାଖ୍ୟାନ କରିଥିଲେ ମଧ୍ୟ ଜାତିର ଜୀବନ ଓ ଚିନ୍ତାଧାରା ଉପରେ ବୌଦ୍ଧଧର୍ମର ସାମାଜିକ, ନୈତିକ ଆଦର୍ଶର ଯେଉଁ ଛାପ ରହିଛି, ଯେଉଁ ପ୍ରଭାବ ରହିଛି, ତାହାକୁ କେବେହେଲେ ପୋଛିଦେଇ ହେବ ନାହିଁ । ଆଉ ବର୍ତ୍ତମାନ ଆଧୁନିକ ଇଉରୋପ ଯଦିଓ

ଖାଲି ନାମକୁ ମାତ୍ର ଖ୍ରୀଷ୍ଟିଆନ ତଥାପି ତାହାର ମାନବଧର୍ମ ହେଉଛି ନୈତିକ ଓ ସାମାଜିକ କ୍ଷେତ୍ରରେ ଖ୍ରୀଷ୍ଟଧର୍ମର ଆଧ୍ୟାତ୍ମିକ ତତ୍ତ୍ୱସବୁରହିଁ ଅନ୍ୟ ନାମ, ଏବଂ ତାହାର ସାମ୍ୟ, ମୈତ୍ରୀ ଓ ସ୍ୱାଧୀନତାର ଆଦର୍ଶ ହେଉଛି ସାମାଜିକ, ରାଜନୈତିକ କ୍ଷେତ୍ରରେ ସେହି ଖ୍ରୀଷ୍ଟଧର୍ମର ଆଧ୍ୟାତ୍ମିକ ତତ୍ତ୍ୱସବୁରହିଁ ଅନ୍ୟନାମ । ବିଶେଷ କରି ଏହି ଆଦର୍ଶ ସେହିମାନଙ୍କ ଦ୍ୱାରା ଗୃହୀତ ହୋଇଛି, ଯେଉଁ ଲୋକମାନେ ତୀବ୍ରଭାବରେ ଖ୍ରୀଷ୍ଟଧର୍ମକୁ ଓ ତା'ର ଆଧ୍ୟାତ୍ମିକ ସାଧନାକୁ ଆକ୍ରମଣ କରିଥିଲେ ଓ ଯେଉଁ ଯୁଗ ମୁକ୍ତି ପାଇଁ ନିଜର ବୁଦ୍ଧିଗତ ପ୍ରୟାସରେ ଖ୍ରୀଷ୍ଟଧର୍ମକୁ ପରିତ୍ୟାଗ କରିବାକୁ ଚାହିଁଥିଲା । ଅନ୍ୟପକ୍ଷରେ ରାମ ଓ କୃଷ୍ଣଙ୍କ ଜୀବନ ଏକ ପ୍ରାଗୈତିହାସିକ ଅତୀତ ଯୁଗର ବିଷୟ, କେବଳ କାବ୍ୟ-କବିତା ଓ ପୌରାଣିକ କାହାଣୀ ଇରିଆରେହିଁ ଆମେ ସେ ବିଷୟରେ ଯାହାକିଛି ଜାଣୁ ଏବଂ ସେସବୁକୁ କେବଳ କାଳ୍ପନିକ ବୋଲି ମଧ୍ୟ ଧରାଯାଇପାରେ । କିନ୍ତୁ ଆମେ ସେସବୁକୁ କେବଳ କାଳ୍ପନିକ କାହାଣୀ ବୋଲି ଧରୁ ବା ଐତିହାସିକ ଘଟଣା ବୋଲି ଧରୁ ସେଥିରେ କିଛି ଯାଏ ଆସେ ନାହିଁ । କାରଣ ଜାତିର ଆନ୍ତର-ଚେତନା ଓ ମାନବ ଆତ୍ମାର ଜୀବନରେ ଏକ ଆଧ୍ୟାତ୍ମିକ ରୂପ, ଉପସ୍ଥିତି ଓ ପ୍ରଭାବ ହିସାବରେ ସେସବୁର ଏକ ଚିରସ୍ଥାୟୀ ଶାଶ୍ୱତ ମୂଲ୍ୟ ରହିଛି । ଅବତାରତ୍ୱ ହେଉଛି ଦିବ୍ୟଜୀବନ ଓ ଚେତନାର ଏକ ସତ୍ୟ, ଏହା କୌଣସି ବାହ୍ୟକର୍ମ ଭିତରେ ହୁଏତ ନିଜକୁ ପ୍ରକଟିତ କରିପାରେ, କିନ୍ତୁ ସେହି କର୍ମ ଶେଷ ହୋଇଯିବା ପରେ ଓ ତା'ର କାର୍ଯ୍ୟ ପୂରଣ ହୋଇଯିବା ପରେ ମଧ୍ୟ ଏହା ଏକ ଆଧ୍ୟାତ୍ମିକ ପ୍ରଭାବ ରୂପେ ସ୍ଥାୟୀ ହୋଇ ରହେ; କିଂବା ଏହା ନିଜକୁ ଏକ ଆଧ୍ୟାତ୍ମିକ ଶିକ୍ଷା ଓ ପ୍ରଭାବ ଭିତରେ ପ୍ରକଟିତ କରିପାରେ କିନ୍ତୁ ତା'ହେଲେ ସେହି ନୂତନ ଧର୍ମ ଓ ସାଧନାର ଉପଯୋଗିତା ଶେଷ ହୋଇଯିବା ପରେ ମଧ୍ୟ ମାନବଜାତିର ଚିନ୍ତା, ଭାବ ଓ ବାହ୍ୟ ଜୀବନରେ ଏହାର ଚିରସ୍ଥାୟୀ ପ୍ରଭାବ ରହେ ।

ତେଣୁ ଅବତାରଙ୍କର କର୍ମ ସମ୍ପର୍କରେ ଗୀତାର ବର୍ଣ୍ଣନାକୁ ଠିକ୍ ରୂପେ ବୁଝିବାକୁ ହେଲେ ଆମକୁ ଧର୍ମ ଶବ୍ଦର ପୂର୍ଣ୍ଣତମ, ଗଭୀରତମ ଓ ବ୍ୟାପକତମ ଅର୍ଥ ଗ୍ରହଣ କରିବାକୁ ପଡ଼ିବ । ଆମକୁ ବୁଝିବାକୁ ହେବ ଯେ ଧର୍ମ ହେଉଛି ସେହି ଆନ୍ତର ଓ ବାହ୍ୟବିଧାନ ଯାହାଦ୍ୱାରା ଭାଗବତ ସଙ୍କଳ୍ପ ଓ ପ୍ରଜ୍ଞା ମାନବଜାତିର ଆଧ୍ୟାତ୍ମିକ ବିବର୍ତ୍ତନକୁ ସାହାଯ୍ୟ କରେ ଏବଂ ଜାତିର ଜୀବନରେ ତାହାର ପରିବେଶ ଓ ପରିଣାମକୁ ରୂପ ଦିଏ । ଭାରତୀୟ ଧାରଣାରେ ଧର୍ମ କହିଲେ କେବଳ ଶୁଭ, ଔଚିତ୍ୟ, ସଦାଚାର, ନ୍ୟାୟ ଓ ନୈତିକତାକୁ ବୁଝାଏ ନାହିଁ । ଭାରତୀୟ ଦୃଷ୍ଟିକୋଣ ହେଲା, ଏକ ଦିବ୍ୟ ଭାଗବତ ତତ୍ତ୍ୱ କର୍ମର ନାନାରୂପ ଓ ନିୟମ ଭିତର ଦେଇ, ବାହ୍ୟ ଓ ଆନ୍ତର୍ଜୀବନର ନାନା ରୂପ ଭିତର ଦେଇ, ଜଗତର ନାନା ପ୍ରକାର ସମ୍ବନ୍ଧ ସ୍ଥାପନ ଭିତର ଦେଇ ନିଜକୁ କ୍ରିୟାଶୀଳ ଓ ସିଦ୍ଧ କରିଚାଲିଛି;

ସେହିଦିଗରୁ ମଣିଷର ଅନ୍ୟ ପ୍ରାଣୀମାନଙ୍କ ସହିତ, ପ୍ରକୃତି ଓ ଈଶ୍ୱରଙ୍କ ସହିତ ସମସ୍ତ ସମ୍ପର୍କ ଯେଉଁ ନିୟମ ଦ୍ୱାରା ପରିଚାଳିତ ହୁଏ ସେହି ସମଗ୍ର ଅନୁଶାସନହିଁ ଧର୍ମ । ଆମେ ଯାହାକୁ ଧରିଥାଉ ଏବଂ ଯେ ଆମର ଆନ୍ତର୍ଜୀବନ ଓ ବାହ୍ୟଜୀବନକୁ ଧାରଣ କରିଥାଏ ସେ ଉଭୟହିଁ ହେଉଛି ଧର୍ମ* । ଧର୍ମ ଶବ୍ଦର ପ୍ରାଥମିକ ଅର୍ଥ ହେଉଛି ଆମ ପ୍ରକୃତିର ମୂଳନିୟମ ଯାହାକି ଅଲକ୍ଷ୍ୟରେ ଆମର ସମସ୍ତ କର୍ମକୁ ନିୟମିତ କରିଥାଏ, ଏବଂ ଏହି ଅର୍ଥରେ ପ୍ରତ୍ୟେକଟି ଜୀବର ପ୍ରତ୍ୟେକଟି ଶ୍ରେଣୀ, ଜାତି, ବ୍ୟକ୍ତି ଓ ଗୋଷ୍ଠୀର ନିଜ ନିଜର ଧର୍ମ ରହିଛି । ଦ୍ୱିତୀୟତଃ ଆମ ଭିତରେ ଭାଗବତ ପ୍ରକୃତିକୁ ବିକଶିତ ଓ ବ୍ୟକ୍ତ କରିବାକୁ ହେବ, ଏବଂ ଏହି ଦୃଷ୍ଟିରୁ ଧର୍ମର ଅର୍ଥ ହେଉଛି ଆନ୍ତର କ୍ରିୟାର ସେହିସବୁ ବିଧାନ, ଯାହାଦ୍ୱାରା ଆମ ସତ୍ତା ମଧ୍ୟରେ ଭାଗବତ ପ୍ରକୃତିର ବିକାଶ ହୁଏ । ତୃତୀୟତଃ ଧର୍ମର ଅର୍ଥ ହେଉଛି ସେହି ବିଧାନ ଯାହାଦ୍ୱାରା ଆମର ବହିର୍ମୁଖୀ ଚିନ୍ତା, କର୍ମ ଓ ଆମର ପାରସ୍ପରିକ ସମ୍ବନ୍ଧକୁ ନିୟମିତ କରାଯାଇ, ଭାଗବତ ଲକ୍ଷ୍ୟ ଦିଗରେ ଆମ ନିଜର ତଥା ମାନବଜାତିର ବିକାଶକୁ ସର୍ବୋତ୍ତମ ଭାବରେ ସାହାଯ୍ୟ କରାଯାଏ ।

ଧର୍ମକୁ ସାଧାରଣତଃ ସନାତନ ଓ ଅପରିବର୍ତ୍ତନୀୟ ବୋଲି କୁହାଯାଇଥାଏ, ମୂଳନୀତି ଓ ଆଦର୍ଶରେ ଏହାମଧ୍ୟ ପ୍ରକୃତରେ ସେହିପରି, କିନ୍ତୁ ବାହ୍ୟରୂପ ଦିଗରୁ ଏହା ନିରନ୍ତର ପରିବର୍ତ୍ତିତ ଓ ବିକଶିତ ହୋଇ ଚାଲିଛି । କାରଣ ମନୁଷ୍ୟ ବର୍ତ୍ତମାନ ମଧ୍ୟ ସେହି ଆଦର୍ଶରେ ପହଞ୍ଚିପାରି ନାହିଁ ବା ତାହା ମଧ୍ୟରେ ବାସ କରିପାରି ନାହିଁ, ସେହି ଦିଗରେ ଉଣା-ଅଧିକେ ପୂର୍ଣ୍ଣ ଭାବରେ ଅଭୀପ୍ସା କରୁଛି ଓ ତାହାକୁ ଜାଣିବା ଓ ସିଦ୍ଧ କରିବା ଦିଗରେ ଆଗେଇ ଯାଉଛି, ଏବଂ ଏହି ବିକାଶ ଓ ଅଭିବୃଦ୍ଧିରେ ଯାହାକିଛି ଆମକୁ ଦିବ୍ୟଶୁଦ୍ଧି, ବିଶାଳତା, ଜ୍ୟୋତିଃ, ମୁକ୍ତି, ଶକ୍ତି, ସାମର୍ଥ୍ୟ, ଆନନ୍ଦ, ପ୍ରେମ, ଶୁଭ, ଐକ୍ୟ ଓ ସୌନ୍ଦର୍ଯ୍ୟ ଦିଗରେ ବଢ଼ି ଉଠିବା ପାଇଁ ସାହାଯ୍ୟ କରେ ତାହାହିଁ ଧର୍ମ । ଏହା ବିରୋଧରେ ଏହାକୁ ଅସ୍ୱୀକାର କରୁଥିବା ଏହାର ଅନ୍ଧକାରମୟ ଛାୟା ମଧ୍ୟ ଛିଡ଼ା ହୋଇଛି, ଯାହାକି ଏହାର ବିକାଶକୁ ପ୍ରତିରୋଧ କରେ, ଏହାର ବିଧାନର ଅନୁଗତ ନୁହେଁ, ଏହାର ଭାଗବତ ମୂଲ୍ୟର ରହସ୍ୟକୁ ସ୍ୱୀକାର କରି ନାହିଁ ବା ସ୍ୱୀକାର କରିବାର ଇଚ୍ଛା ରଖି ନାହିଁ ବରଂ ମନୁଷ୍ୟ ନିଜର ଅଗ୍ରଗତି ପଥରେ ଯାହାସବୁ ପରିତ୍ୟାଗ କରି ପଛରେ ଛାଡ଼ିଯିବା କଥା, ଏହା ସେହିସବୁ ବିକୃତି ଓ ବିରୋଧର ଅଶୁଦ୍ଧି, ସଂକୀର୍ଣ୍ଣତା, ବନ୍ଧନ, ଅନ୍ଧକାର, ଦୁର୍ବଳତା, ନୀଚତା, ଅସଙ୍ଗତି, ଦୁଃଖ, ଅନୈକ୍ୟ କୁତ୍ସିତତା ଓ କଠୋରତାର ଏକ ସାମ୍ମୁଖ୍ୟ ଛିଡ଼ା କରାଇଛି । ଏହାହିଁ ହେଉଛି ଅଧର୍ମ, ଯାହାକି ଧର୍ମର ପ୍ରତିଦ୍ୱନ୍ଦ୍ୱୀ ହୋଇ ତାହାକୁ ପରାଭୂତ କରିବା ପାଇଁ ଚାହୁଁଛି, ତାହାକୁ ପଛକୁ ଓ ନିମ୍ନକୁ ଟାଣିବାକୁ ଚାହୁଁଛି, ଏହାହିଁ ହେଉଛି ପ୍ରତିକ୍ରିୟାର

---

* 'ଧୃ' ଧାତୁରୁ ଧର୍ମ ଶବ୍ଦର ଉତ୍ପତ୍ତି ଓ ଏହାର ଅର୍ଥ ହେଉଛି ଧାରଣ କରିବା ।

4

ଶକ୍ତି ଯାହା ଅଶୁଭ, ଅଜ୍ଞାନ ଓ ଅନ୍ଧକାରର ପଥ ପ୍ରଶସ୍ତ କରେ । ଧର୍ମ ଓ ଅଧର୍ମ ଏହି ଦୁହିଁଙ୍କ ଭିତରେ ନିରନ୍ତର ଦ୍ୱନ୍ଦ୍ୱ ଓ ସଂଗ୍ରାମ ଚାଲିଛି । କେତେବେଳେ ଏ ପକ୍ଷର ବିଜୟ ହେଉଛି ତ କେତେବେଳେ ସେ ପକ୍ଷର ବିଜୟ ହେଉଛି, କେତେବେଳେ ଊର୍ଦ୍ଧ୍ୱଗାମୀ ଶକ୍ତିର ପ୍ରାଧାନ୍ୟ ଦେଖାଦେଉଛି ତ ଅନ୍ୟବେଳେ ନିମ୍ନଗାମୀ ଶକ୍ତିର ପ୍ରାଧାନ୍ୟ ଦେଖାଦେଉଛି । ବେଦରେ ଏହା ଦେବାସୁର ସଂଗ୍ରାମ ଅର୍ଥାତ୍ ଜ୍ୟୋତିଃ ଓ ଅବିଭାଜିତ ଆନନ୍ତ୍ୟ ଅଦିତିଙ୍କର ସନ୍ତାନ ଦେବତା ଏବଂ ଅନ୍ଧକାର ଓ ବିଭାଜନ ଦିତିର ସନ୍ତାନ ଅସୁରଙ୍କ ମଧ୍ୟରେ ସଂଗ୍ରାମର ରୂପକ ଭିତରେ ବର୍ଣ୍ଣିତ ହୋଇଛି । ଜୋରାଷ୍ଟ୍ରିଆନ ଧର୍ମରେ ଏହା ଆହୁରମାଜ୍‌ଦା ଓ ଅହ୍ରିମନ୍‌ଙ୍କ ଭିତରେ ସଂଗ୍ରାମ ରୂପରେ ବର୍ଣ୍ଣିତ ହୋଇଛି, ଏବଂ ପରବର୍ତ୍ତୀ ଧର୍ମରେ ମାନବଜୀବନ ଓ ମାନବ-ଆତ୍ମାକୁ ଅଧିକାର କରିବା ନିମନ୍ତେ ଈଶ୍ୱର ଓ ତାଙ୍କ ଦୂତ ଏବଂ ସଇତାନ ବା ଇବଲିସ୍ ଓ ତା'ର ଅନୁଚରଙ୍କ ମଧ୍ୟରେ ସଂଗ୍ରାମ ରୂପରେ ବର୍ଣ୍ଣିତ ହୋଇଛି ।

ଏହିସବୁ ବିଷୟହିଁ ଅବତାରଙ୍କ କର୍ମକୁ ନିରୂପିତ ଓ ନିର୍ଦ୍ଧାରିତ କରେ । ବୌଦ୍ଧଧର୍ମର ସାଧକ ତା'ର ମୁକ୍ତିର ବିରୋଧୀ ବିଷୟସବୁରୁ ରକ୍ଷା ପାଇବା ପାଇଁ ତିନିଟି ଶକ୍ତିର ଆଶ୍ରୟ ଗ୍ରହଣ କରେ – ଧର୍ମ, ସଂଘ ଓ ବୁଦ୍ଧ । ଖ୍ରୀଷ୍ଟିଆନ ଧର୍ମରେ ମଧ୍ୟ ଆମେ ଏହିପରି ଖ୍ରୀଷ୍ଟିଆନ ଜୀବନ ଧର୍ମ, ଚର୍ଚ୍ଚ ଓ ଖ୍ରୀଷ୍ଟ ଏହି ତିନିଟି ବିଷୟ ଦେଖିବାକୁ ପାଉ । ଏହି ତିନିଟି ବିଷୟ ଅବତାରଙ୍କ କର୍ମର ଅତ୍ୟନ୍ତ ପ୍ରୟୋଜନୀୟ ଉପାଦାନ । ସେ ଏକ ଧର୍ମ ଦିଅନ୍ତି, ଆତ୍ମ-ଅନୁଶାସନର ଏକ ଧାରା ଦିଅନ୍ତି ଯାହା ସାହାଯ୍ୟରେ ନିମ୍ନତର ଜୀବନରୁ ଉଚ୍ଚତର ଜୀବନ ଦିଗରେ ଉଠିଯାଇ ହୁଏ ଏବଂ ଏଥିରେ ବରାବର ସ୍ଥାନ ପାଇଥାଏ କର୍ମର ଯଥାର୍ଥ ନିୟମ ଏବଂ ଅନ୍ୟାନ୍ୟ ମନୁଷ୍ୟ ଓ ଜୀବମାନଙ୍କ ସହିତ ଆମର ସମ୍ପର୍କର ବିଧାନସବୁ ଏବଂ ଅଷ୍ଟାଙ୍ଗ ମାର୍ଗର ସାଧନା ବା ବିଶ୍ୱାସ, ପ୍ରେମ ଓ ପବିତ୍ରତାର ବିଧାନ ବା ଜୀବନରେ ଭାଗବତ ପ୍ରକୃତିକୁ ପ୍ରକାଶ କରୁଥିବା ଏହିପରି ଅନ୍ୟାନ୍ୟ ବିଷୟସବୁ । ତା'ପରେ ଯେହେତୁ ମନୁଷ୍ୟର ପ୍ରତ୍ୟେକ ପ୍ରବୃତ୍ତିର ବ୍ୟକ୍ତିକ ଓ ସାମୂହିକ ବିଭାବ ରହିଥାଏ, ଏବଂ ଯେଉଁ ଲୋକମାନେ ଗୋଟିଏ ମାର୍ଗ ଅନୁସରଣ କରନ୍ତି ସେମାନଙ୍କ ଭିତରେ ସ୍ୱାଭାବିକ ଭାବରେ ଏକ ଆଧ୍ୟାତ୍ମିକ ସାହଚର୍ଯ୍ୟ ଓ ଏକତା ଦେଖାଦିଏ, ତେଣୁ ଅବତାର ଏକ ସଂଘ-ପ୍ରତିଷ୍ଠା ଦିଗରେ କାର୍ଯ୍ୟ କରନ୍ତି, ଯାହାର ଅର୍ଥ ହେଉଛି ଯେଉଁମାନେ ତାଙ୍କର ଶିକ୍ଷା ଓ ବ୍ୟକ୍ତିତ୍ୱକୁ ଅନୁସରଣ କରି ଏକତ୍ରିତ ଓ ଆବଦ୍ଧ ହୋଇଥିଲେ ସେମାନଙ୍କ ଭିତରେ ସଖ୍ୟ ଓ ଏକତାର ସ୍ଥାପନ । ବୈଷ୍ଣବ ଧର୍ମରେ ମଧ୍ୟ ସେହି ତ୍ରୟୀ ରହିଛି, ଭାଗବତ, ଭକ୍ତ, ଭଗବାନ୍ – ବୈଷ୍ଣବମତ-ସମ୍ମତ ପ୍ରେମ ଓ ଭକ୍ତିର ଧର୍ମ ହେଉଛି 'ଭାଗବତ', ଯେଉଁମାନଙ୍କ ଭିତରେ ଏହି ଧର୍ମ ପ୍ରକାଶିତ ହୁଏ ସେହିମାନଙ୍କ ସମ୍ପ୍ରଦାୟ ହେଉଛି 'ଭକ୍ତ' ଓ ଯାହାଙ୍କର ସତ୍ତା ଓ ପ୍ରକୃତିରେ ପ୍ରେମର ଏହି ଦିବ୍ୟଧର୍ମର ପ୍ରତିଷ୍ଠା ଏବଂ ପୂର୍ଣ୍ଣ ପରିଣତି ସେହି ଦିବ୍ୟ ପ୍ରେମିକ

ଓ ପ୍ରେମାସ୍ପଦ ହେଲେ 'ଭଗବାନ୍'। ଅବତାର ଏହି ତୃତୀୟ ବିଷୟଟିର ପ୍ରତିନିଧି ଓ ବିଗ୍ରହ, ସେ ହେଉଛନ୍ତି ସେହି ଦିବ୍ୟ ବ୍ୟକ୍ତିତ୍ୱ, ସ୍ୱଭାବ ଓ ସତ୍ତା ଯେକି ଏହି ଧର୍ମ ଓ ସଂଘର ଆତ୍ମା; ସେ ନିଜ ଦ୍ୱାରାହିଁ ଏହି ଧର୍ମ ଓ ସଂଘକୁ ଅନୁପ୍ରାଣିତ କରନ୍ତି, ଜୀବିତ ରଖନ୍ତି ଏବଂ ମନୁଷ୍ୟମାନଙ୍କୁ ଆନନ୍ଦ ଓ ମୁକ୍ତି ଆଡ଼କୁ ଆକୃଷ୍ଟ କରନ୍ତି।

ଅନ୍ୟାନ୍ୟ ବିଶିଷ୍ଟ ଶିକ୍ଷା ଓ ସାଧନା ଅପେକ୍ଷା ଅଧିକ ଉଦାର ଓ ବହୁମୁଖୀ ଗୀତାର ଶିକ୍ଷାରେ ଏହି ତିନିଟି ଆହୁରି ବ୍ୟାପକ ଅର୍ଥ ଗ୍ରହଣ କରିଛି। ଏଠାରେ ଏକତାର ଅର୍ଥ ହେଲା ସବୁକିଛିକୁ ଆଲିଙ୍ଗନ କରୁଥିବା ବୈଦାନ୍ତିକ ଏକତା ଯାହାଦ୍ୱାରାକି ଆତ୍ମା ସମସ୍ତଙ୍କୁ ନିଜ ଭିତରେ ଦେଖେ ଓ ନିଜକୁ ସମସ୍ତଙ୍କ ଭିତରେ ଦେଖେ ଓ ନିଜକୁ ସମସ୍ତଙ୍କ ସହ ମିଶାଇ ଏକ କରିଦିଏ। ତେଣୁ ଏଠାରେ ଧର୍ମର ଅର୍ଥ ହେଲା ମନୁଷ୍ୟର ସମସ୍ତ ସମ୍ପର୍କକୁ ଏକ ଉଚ୍ଚତର ଭାଗବତ ଭାବ ଭିତରକୁ ଉଠାଇନେବା। ଏହି ଧର୍ମ-ସମାଜ ଜୀବନକୁ ଐକ୍ୟବଦ୍ଧ କରି ଧରି ରଖିଥିବା ପ୍ରତିଷ୍ଠିତ ନୈତିକ, ସାମାଜିକ ଓ ଧର୍ମସଂକ୍ରାନ୍ତୀୟ ବିଧାନସକଳ ସହ ଆରମ୍ଭ କରେ ଏବଂ ତହିଁରେ ବ୍ରହ୍ମଚେତନାର ଅନୁପ୍ରେରଣା ଦେଇ ସେସବୁକୁ ଆହୁରି ଉନ୍ନୀତ କରେ। ଏହା ଯେଉଁ ବିଧାନ ଦିଏ ତାହା ହେଉଛି ଏକତ୍ୱ ଓ ସମତାର ବିଧାନ, ଈଶ୍ୱରପ୍ରଣୋଦିତ ମୁକ୍ତି ଓ ନିଷ୍କାମ କର୍ମର ବିଧାନ, ଈଶ୍ୱର-ଜ୍ଞାନ ଓ ଆତ୍ମଜ୍ଞାନର ବିଧାନ, ଯାହାକି ସମସ୍ତ ପ୍ରକୃତି ଓ ସମସ୍ତ କର୍ମକୁ ଆଲୋକିତ କରି ନିଜ ଆଡ଼କୁ ଆକର୍ଷିତ କରେ ଏବଂ ଭଗବତ୍ ସତ୍ତା ଓ ଭଗବତ୍ ଚେତନା ଦିଗରେ ନେଇଯାଏ। ଏବଂ ଏହା ଦିଏ ଈଶ୍ୱର-ପ୍ରେମର ସେହି ବିଧାନ ଯାହାକି ଜ୍ଞାନ ଓ କର୍ମର ପରମଶକ୍ତି ଓ ଚରମସିଦ୍ଧି। ପ୍ରେମ ଓ ଭକ୍ତି ଦ୍ୱାରା ଭଗବାନଙ୍କୁ ପାଇବା ବିଷୟରେ ଗୀତା ଯେଉଁଠାରେ କହିଛି, ସେଠାରେ ଭଗବତ୍ ପ୍ରେମ ଓ ଭଗବଦନୁସନ୍ଧାନ ଭିତରେ ଭକ୍ତ ମାନଙ୍କର ପାରସ୍ପରିକ ସଖ୍ୟ ଓ ସହାୟତା କଥା ଆସିଛି; ଏହାହିଁ ହେଉଛି ସଂଘର ଭିତ୍ତି, କିନ୍ତୁ ଗୀତାର ଶିକ୍ଷାରେ ପ୍ରକୃତ ସଂଘ ହେଉଛି ସମଗ୍ର ମାନବସମାଜ। ସମଗ୍ର ପୃଥିବୀ ଏହି ଧର୍ମ ଦିଗରେହିଁ ଅଗ୍ରସର ହେଉଛି, ନିଜ ନିଜର କ୍ଷମତା ଅନୁସାରେ ପ୍ରତ୍ୟେକ ମାନବ ଏହି ପଥରେହିଁ ଚାଲିଛନ୍ତି, ''ଏହି ମୋର ମାର୍ଗକୁ ମନୁଷ୍ୟମାନେ ସର୍ବଭାବରେ ଅନୁସରଣ କରୁଛନ୍ତି'' (ମମ ବର୍ତ୍ତାନୁବର୍ତ୍ତନ୍ତେ ମନୁଷ୍ୟାଃ ପାର୍ଥ ସର୍ବଶଃ), ଏବଂ ସେହି ଭଗବତ୍ ଅନ୍ୱେଷକ ସାଧକ ଯେ ନିଜକୁ ସମସ୍ତଙ୍କ ସଙ୍ଗରେ ଏକ କରିଦେଇ ସେମାନଙ୍କର ସମସ୍ତ ସୁଖଦୁଃଖ, ସେମାନଙ୍କର ସମସ୍ତ ଜୀବନକୁ ନିଜର କରିନେବା ଦିଗରେ ଆଗେଇ ଚାଲିଛି, ଏବଂ ସେହି ମୁକ୍ତ ପୁରୁଷ ଯେ ସର୍ବଭୂତ ସହ ନିଜର ଏକତ୍ୱ ଉପଲବ୍ଧି କରିସାରିଛି, ସେ ସମସ୍ତ ମାନବଜାତିର ଜୀବନ ମଧ୍ୟରେ ବାସ କରେ, ମାନବଜାତିର ଏକ ଆତ୍ମା ନିମନ୍ତେ ସର୍ବଭୂତରେ ରହିଥିବା ଈଶ୍ୱରଙ୍କ ନିମନ୍ତେ ଜୀବନଧାରଣ କରେ; ଲୋକ ସଂଗ୍ରହ ନିମନ୍ତେ,

ସମସ୍ତଙ୍କୁ ନିଜ ନିଜର ଧର୍ମରେ ତଥା ଦିବ୍ୟଧର୍ମରେ ସ୍ଥିତ ରଖିବା ନିମନ୍ତେ ଓ ସମସ୍ତ ଅବସ୍ଥା ତଥା ସମସ୍ତ ପଥ ଭିତରଦେଇ ଭଗବାନଙ୍କ ଦିଗରେ ସେମାନଙ୍କର ଅଗ୍ରଗତି ଓ ବିକାଶକୁ ସୁରକ୍ଷିତ କରିବା ନିମନ୍ତେ କର୍ମ କରେ । କାରଣ ଏଠାରେ ଅବତାର ଯଦିଓ ଶ୍ରୀକୃଷ୍ଣଙ୍କ ନାମରୂପରେ ପ୍ରକଟ ହୋଇଛନ୍ତି କିନ୍ତୁ ସେ ତାଙ୍କ ମାନବଜନ୍ମର କେବଳ ଏହି ଏକମାତ୍ର ରୂପ ଉପରେ ସମସ୍ତ ଜୋର୍ ଦେଇ ନାହାନ୍ତି, କିନ୍ତୁ ଏହି ଅବତାର ଯାହାଙ୍କର ପ୍ରତିନିଧିତ୍ୱ କରୁଛନ୍ତି ସେହି ଭଗବାନ୍ ପୁରୁଷୋତ୍ତମଙ୍କ ଉପରେହିଁ ସମସ୍ତ ଜୋର୍ ଦେଇଛନ୍ତି । ସମସ୍ତ ଅବତାର ହେଉଛନ୍ତି ସେହି ପୁରୁଷୋତ୍ତମଙ୍କରହିଁ ମାନବ ଜନ୍ମ ଓ ମନୁଷ୍ୟ ଯେଉଁ ନାମ ଓ ରୂପ ଦ୍ୱାରା ଭଗବାନଙ୍କର ପୂଜା କରିଥାଏ ସେସମସ୍ତହିଁ ହେଉଛି ତାଙ୍କର ରୂପ । ଗୀତାରେ ଶ୍ରୀକୃଷ୍ଣ ଯେଉଁ ମାର୍ଗ ବିଷୟରେ କହିଛନ୍ତି, ସେହି ମାର୍ଗରେ ଗଲେହିଁ ମନୁଷ୍ୟ ପ୍ରକୃତ ଜ୍ଞାନ ଓ ପ୍ରକୃତ ମୁକ୍ତି ପାଇପାରେ ବୋଲି ଘୋଷିତ ହୋଇଛି ସତ କିନ୍ତୁ ଏହି ମାର୍ଗ ଅନ୍ୟ ମାର୍ଗସବୁକୁ ନିଜ ଭିତରୁ ବାଦ୍ ଦେଉ ନାହିଁ ବରଂ ଅନ୍ୟ ସମସ୍ତ ମାର୍ଗକୁ ଏହା ନିଜ ଭିତରେ ଅନ୍ତର୍ଭୁକ୍ତ କରୁଛି । କାରଣ ଭଗବାନ୍ ନିଜର ବିଶ୍ୱମୟତା ମଧ୍ୟରେ ସମସ୍ତ ଅବତାର, ସମସ୍ତ ଶିକ୍ଷା ଓ ସମସ୍ତ ଧର୍ମକୁ ଗ୍ରହଣ କରନ୍ତି ।

ଏହି ପୃଥିବୀ ଯେଉଁ ଯୁଦ୍ଧର ଏକ ରଙ୍ଗଭୂମି ସେହି ଯୁଦ୍ଧର ଦୁଇଟିଯାକ ବିଭାବ ଉପରେହିଁ ଗୀତା ଜୋର୍ ଦେଇଛି, ଗୋଟିଏ ହେଉଛି ଭିତରର ଯୁଦ୍ଧ, ଅନ୍ୟଟି ବାହାରର ଯୁଦ୍ଧ । ଭିତରର ଯୁଦ୍ଧରେ ଶତ୍ରୁମାନେ ରହିଛନ୍ତି ଭିତରେ, ବ୍ୟକ୍ତିର ନିଜ ଭିତରେହିଁ ସେମାନେ ଅଛନ୍ତି ଏବଂ କାମନା-ବାସନା, ଅଜ୍ଞାନ ଓ ଅହଂକାରକୁ ନିହତ କରିବାହିଁ ବିଜୟ । କିନ୍ତୁ ମାନବସମାଜରେ ଧର୍ମ ଅଧର୍ମ ଶକ୍ତି ଭିତରେ ଏକ ବାହାରର ଯୁଦ୍ଧ ମଧ୍ୟ ଚାଲିଛି । ଧର୍ମଶକ୍ତି ସମର୍ଥିତ ହେଉଛି ମନୁଷ୍ୟ ଭିତରେ ଥିବା ଦିବ୍ୟତା ଓ ଦେବୋପମ ପ୍ରକୃତି ଦ୍ୱାରା ଏବଂ ସେହିମାନଙ୍କ ଦ୍ୱାରା ଯେଉଁମାନେ ଏହି ଦିବ୍ୟତାର ପ୍ରତିନିଧି ଓ ମନୁଷ୍ୟ ଜୀବନରେ ଏହାକୁ ସିଦ୍ଧ କରିବା ପାଇଁ ଉଦ୍ୟମ କରୁଛନ୍ତି । ଅଧର୍ମ ଶକ୍ତି ସମର୍ଥିତ ହେଉଛି ଦୁର୍ଦ୍ଧାନ୍ତ ଅହଂର ବଶବର୍ତ୍ତୀ ଆସୁରିକ ଓ ରାକ୍ଷସ ପ୍ରକୃତି ଦ୍ୱାରା ଏବଂ ଯେଉଁମାନେ ଏହାର ପ୍ରତିନିଧି ଓ ଏହାର ତୃପ୍ତିବିଧାନ ଚାହୁଁଛନ୍ତି ସେହିସବୁ ଶକ୍ତିମାନଙ୍କ ଦ୍ୱାରା । ଏହାହିଁ ହେଉଛି ଦେବାସୁର ଯୁଦ୍ଧ, ଯାହାର ରୂପକ ଓ କାହାଣୀରେ ଭାରତର ପ୍ରାଚୀନ ସାହିତ୍ୟ ପରିପୂର୍ଣ୍ଣ । ମହାଭାରତର ଯୁଦ୍ଧ ଯେଉଁଥିରେ ଶ୍ରୀକୃଷ୍ଣ ହେଉଛନ୍ତି ମୁଖ୍ୟ ସୂତ୍ରଧର, ତାହାକୁ ଏହିପରି ଧର୍ମ ଓ ଅଧର୍ମ ଭିତରେ ଯୁଦ୍ଧର ଏକ ରୂପକ ବୋଲି ଧରାଯାଇଥାଏ । ଧର୍ମରାଜ୍ୟର ପ୍ରତିଷ୍ଠା ପାଇଁ ଯୁଦ୍ଧ କରୁଥିବା ପାଣ୍ଡବମାନେ ହେଉଛନ୍ତି ଦେବତାମାନଙ୍କର ସନ୍ତାନ ଓ ମନୁଷ୍ୟ ରୂପରେ ଦେବତାମାନଙ୍କର ଶକ୍ତି ଏବଂ ସେମାନଙ୍କ ପ୍ରତିପକ୍ଷମାନେ ହେଉଛନ୍ତି ଦାନବ ଶକ୍ତିର ଅବତାର, ଅସୁର । ଏହି ବାହାରର ଯୁଦ୍ଧରେ ମଧ୍ୟ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ସହାୟତା

କରିବା ପାଇଁ, ଦୁଷ୍ଟ ଓ ଅସୁରମାନଙ୍କ ରାଜତ୍ୱ ଓ ପ୍ରତିପତ୍ତିକୁ ଧ୍ୱଂସ କରିବା ପାଇଁ ସେମାନେ ପ୍ରତିନିଧିତ୍ୱ କରୁଥିବା ଶକ୍ତିକୁ ଖର୍ବ କରିବା ପାଇଁ ଏବଂ ଉତ୍‌ପୀଡ଼ିତ ଧର୍ମର ଆଦର୍ଶକୁ ପୁନର୍ସଂସ୍ଥାପନ କରିବା ପାଇଁ ଅବତାର ଆସନ୍ତି । ସେ ଆସନ୍ତି ମାନବସମାଜ ପାଇଁ ପୃଥିବୀରେ ସ୍ୱର୍ଗରାଜ୍ୟର ପ୍ରତିଷ୍ଠାକୁ ଆହୁରି ନିକଟତର କରାଇଦେବା ନିମନ୍ତେ ଏବଂ ତହିଁ ସଙ୍ଗେ ସଙ୍ଗେ ମଧ୍ୟ ବ୍ୟକ୍ତିଗତ ମାନବ-ଆତ୍ମା ମଧ୍ୟରେ ସ୍ୱର୍ଗରାଜ୍ୟର ନିର୍ମାଣ ନିମନ୍ତେ ।

ଅବତାରଙ୍କ ଆଗମନର ଆନ୍ତର ଫଳ ସେହିମାନେ ଲାଭ କରନ୍ତି ଯେଉଁମାନେ ଏଥିରୁ ଦିବ୍ୟଜନ୍ମ ଓ ଦିବ୍ୟ-କର୍ମର ପ୍ରକୃତ ମର୍ମ ବୁଝିପାରନ୍ତି; ଯେଉଁମାନେ ନିଜ ଚେତନାକୁ ସେହି ଅବତାରଙ୍କର ଚିନ୍ତା ଓ ଭାବରେ ପୂର୍ଣ୍ଣ କରନ୍ତି, ନିଜର ସମସ୍ତ ସତ୍ତା ସହ ସର୍ବତୋଭାବେ ତାଙ୍କର ଆଶ୍ରୟ ଗ୍ରହଣ କରନ୍ତି, 'ମନ୍ମୟା ମାମୁପାଶ୍ରିତାଃ' ଏବଂ ନିଜ ଜ୍ଞାନର ତପଃ ଶକ୍ତିରେ ପବିତ୍ର ହୋଇ ନିମ୍ନ ପ୍ରକୃତିର କବଳରୁ ମୁକ୍ତ ହୋଇ ଦିବ୍ୟସତ୍ତା ଓ ଦିବ୍ୟପ୍ରକୃତି ଲାଭ କରନ୍ତି, 'ମଦ୍‌ଭାବମାଗତାଃ' । ଅବତାର ଆସନ୍ତି ମଣିଷ ଭିତରେ ନିମ୍ନ ପ୍ରକୃତିର ଊର୍ଦ୍ଧ୍ୱରେ ରହିଥିବା ଦିବ୍ୟ-ପ୍ରକୃତିକୁ ପ୍ରକାଶ କରିଦେବା ପାଇଁ ଓ ଦେଖାଇ ଦେବା ପାଇଁ ଦିବ୍ୟକର୍ମର ପ୍ରକୃତ ସ୍ୱରୂପ କ'ଣ – ଯେଉଁ କର୍ମ କି ସ୍ୱାଧୀନ, ନିରହଙ୍କାର, ନିଃସ୍ୱାର୍ଥ, ନୈର୍ବ୍ୟକ୍ତିକ, ସାର୍ବଜନୀନ ଓ ଯାହା ଦିବ୍ୟଜ୍ଞାନ, ଦିବ୍ୟଶକ୍ତି ଓ ଦିବ୍ୟ ପ୍ରେମରେ ସର୍ବଦା ପରିପୂର୍ଣ୍ଣ । ସେ ଦିବ୍ୟବ୍ୟକ୍ତିତ୍ୱ ରୂପେ ଅବତୀର୍ଣ୍ଣ ହୁଅନ୍ତି ଯେଉଁ ବ୍ୟକ୍ତିତ୍ୱରେ ମନୁଷ୍ୟର ଚେତନା ପୂର୍ଣ୍ଣ ହୋଇଯିବ ଓ ତାହାର ସଂକୀର୍ଣ୍ଣ ଅହଂମୟ ବ୍ୟକ୍ତିତ୍ୱ ଦୂର ହୋଇଯିବ ଏବଂ ଅହଂରୁ ମୁକ୍ତ ହୋଇ ତା'ର ଚେତନା ଅନନ୍ତ ଓ ବିଶ୍ୱମୟ ହୋଇଉଠିବ ଏବଂ ଜନ୍ମ-ଚକ୍ରରୁ ମୁକ୍ତ ହୋଇ ଅମୃତତ୍ୱ ଲାଭ କରିବ । ସେ ଆସନ୍ତି ଭାଗବତ ଶକ୍ତି ଓ ପ୍ରେମ ରୂପରେ ଓ ମନୁଷ୍ୟମାନଙ୍କୁ ନିଜ ଆଡ଼କୁ ଆକର୍ଷଣ କରନ୍ତି, ଯେପରିକି ସେମାନେ ସେହି ପ୍ରେମ ଓ ଶକ୍ତିର ଆଶ୍ରୟ ନେଇ ପାରିବେ ଓ ସେମାନଙ୍କୁ ଆଉ ନିଜର ମାନୁଷୀ ଇଚ୍ଛାର କ୍ଷୁଦ୍ରତା ଓ ମାନବୀୟ ଭୟ ଓ କାମକ୍ରୋଧାଦିର ଦ୍ୱନ୍ଦ୍ୱ ସହ ପଡ଼ିରହିବାକୁ ହେବ ନାହିଁ ଏବଂ ଏହିସବୁ ଦୁଃଖ ଓ ଅଶାନ୍ତିରୁ ମୁକ୍ତ ହୋଇ ସେମାନେ ଯେପରି ଭଗବାନଙ୍କର ଶାନ୍ତି ଓ ଆନନ୍ଦ ମଧ୍ୟରେ ବାସକରି ପାରିବେ* । ଅବତାର କେଉଁ ନାମ ଓ କେଉଁ ରୂପ ନେଇ ଆସନ୍ତି ବା ଭଗବାନଙ୍କର କେଉଁ ବିଭାବକୁ ସମ୍ମୁଖରେ ରଖି ସେ ଅବତୀର୍ଣ୍ଣ ହୁଅନ୍ତି ସେଥିରେ ମୂଳତଃ କିଛି ଯାଏ ଆସେ ନାହିଁ । କାରଣ ମନୁଷ୍ୟମାନେ ନିଜ ନିଜର ସ୍ୱଭାବ ଅନୁଯାୟୀ ଭଗବାନଙ୍କ

---

* ଜନ୍ମ କର୍ମ ଚ ମେ ଦିବ୍ୟମେବଂ ଯୋ ବେତ୍ତି ତତ୍ତ୍ୱତଃ ।
ତ୍ୟକ୍ତ୍ୱା ଦେହଂ ପୁନର୍ଜନ୍ମ ନୈତି ମାମେତି ସୋଽର୍ଜୁନ ॥ ୪।୯
ବୀତରାଗଭୟକ୍ରୋଧା ମନ୍ମୟା ମାମୁପାଶ୍ରିତାଃ ।
ବହବୋ ଜ୍ଞାନତପସା ପୂତା ମଦ୍‌ଭାବମାଗତାଃ ॥ ୪।୧୦

ଦ୍ୱାରା ନିର୍ଦ୍ଦିଷ୍ଟ ପଥହିଁ ଅନୁସରଣ କରୁଛନ୍ତି ଏବଂ ତାହା ଶେଷରେ ତାଙ୍କୁ ଭଗବାନଙ୍କ ସମୀପରେ ପହଞ୍ଚାଇବ । ଆଉ ଭଗବାନଙ୍କର ଯେଉଁ ବିଭାବ ସେମାନଙ୍କ ପ୍ରକୃତିର ଅନୁକୂଳ ହୋଇଥାଏ, ସେ ଯେତେବେଳେ ସେମାନଙ୍କୁ ନେତୃତ୍ୱ ଦେବାକୁ ଆସନ୍ତି ସେତେବେଳେ ସେମାନେ ସେହି ବିଭାବ ଅନୁଯାୟୀ ପଥ ଅନୁସରଣ କରିବାହିଁ ସର୍ବୋତ୍ତମ । ମନୁଷ୍ୟ ଯେଉଁ ଭାବରେ ଭଗବାନଙ୍କୁ ଗ୍ରହଣ କରେ, ଭଲପାଏ ଓ ତାଙ୍କଠାରୁ ଆନନ୍ଦ ପାଏ, ଭଗବାନ୍ ମଧ୍ୟ ସେହି ଭାବରେ ମନୁଷ୍ୟକୁ ଗ୍ରହଣ କରନ୍ତି, ଭଲ ପାଆନ୍ତି ଓ ତା'ଠାରୁ ଆନନ୍ଦ ପାଆନ୍ତି, 'ଯେ ଯଥା ମାଂ ପ୍ରପଦ୍ୟନ୍ତେ ତାଂ ସ୍ତଥୈବ ଭଜାମ୍ୟହମ୍' ।

# ୧୮

# ଦିବ୍ୟକର୍ମୀ

ଗୀତାକଥିତ କର୍ମଯୋଗର ସମଗ୍ର ତତ୍ତ୍ୱ ହେଲା ଦିବ୍ୟଜନ୍ମ ଲାଭ କରିବା ଯାହାକି ଏକ ଊର୍ଦ୍ଧ୍ୱତର ଚେତନାରେ ଆତ୍ମାର ଦିବ୍ୟ ନବଜନ୍ମ ଏବଂ ସେହି ଦିବ୍ୟଜନ୍ମ ଲାଭ ପୂର୍ବରୁ ତାହାର ଉପାୟରୂପେ ଏବଂ ତାହା ଲାଭ ହେଲା ପରେ ତାହାର ପ୍ରକାଶରୂପେ ଦିବ୍ୟକର୍ମ କରିବା । କର୍ମର ସଂଜ୍ଞା ନିରୂପଣ କଲାବେଳେ ଗୀତା ଏପରି କୌଣସି ବାହ୍ୟ ଲକ୍ଷଣକୁ ନିର୍ଦ୍ଦେଶ କରି ନାହିଁ, ଯାହାକି କୌଣସି ବାହ୍ୟ ଦୃଷ୍ଟି ଦ୍ୱାରା ଚିହ୍ନା ଯାଇପାରେ ବା ସଂସାରରେ ପ୍ରଚଳିତ ଆଲୋଚନା-ସମାଲୋଚନାର ମାପକାଠିରେ ଯାହାର ବିଚାର କରାଯାଇପାରେ । ଏପରିକି ଯେଉଁସବୁ ମାନବିକ ବିଚାର-ବୁଦ୍ଧିର ଆଲୋକ ସାହାଯ୍ୟରେ ଲୋକମାନେ ନାନା ନୈତିକ ଆଚରଣ ବା ପାପ-ପୁଣ୍ୟର ପ୍ରଭେଦ କରି ନିଜର କର୍ତ୍ତବ୍ୟ ନିର୍ଦ୍ଧାରଣ କରିବାକୁ ଚେଷ୍ଟା କରନ୍ତି, ଗୀତା ଇଚ୍ଛାକୃତଭାବେ ସେହିସବୁକୁ ପ୍ରତ୍ୟାଖ୍ୟାନ କରିଛି । ଗୀତା ଦିବ୍ୟ-କର୍ମର ଯେଉଁସବୁ ଲକ୍ଷଣ କହିଛି – ସେସବୁ ଅତ୍ୟନ୍ତ ଗୂଢ଼ ଓ ଆତ୍ମିକ, ଯେଉଁସବୁ ଚିହ୍ନ ଦ୍ୱାରା ଦିବ୍ୟକର୍ମକୁ ଚିହ୍ନି ହେବ ସେସବୁ ବାହ୍ୟଦୃଷ୍ଟିର ଅତୀତ, ଆଧାତ୍ମିକ ଓ ସମସ୍ତ ନୈତିକ ବିଚାରର ଊର୍ଦ୍ଧ୍ୱରେ ।

ଦିବ୍ୟକର୍ମ ଆତ୍ମା ଭିତରୁ ଉଦ୍ଭୂତ ହୁଏ, ଓ କେବଳ ସେଇ ଆତ୍ମାର ଆଲୋକରେହିଁ ତାହାକୁ ଚିହ୍ନା ଯାଇପାରେ । ଗୀତା କହେ ଯେ 'କିଂ କର୍ମ କିମକର୍ମେତି କବୟୋଽପ୍ୟତ୍ର ମୋହିତାଃ', କେଉଁଟି କର୍ମ ଓ କେଉଁଟି ବା ଅକର୍ମ ଏ ବିଷୟରେ ଜ୍ଞାନୀମାନେ ମଧ୍ୟ ମୋହଗ୍ରସ୍ତ ଓ ବିଭ୍ରାନ୍ତ ହୋଇଥା'ନ୍ତି, କାରଣ ବ୍ୟବହାରିକ, ସାମାଜିକ, ନୈତିକ ଓ ବୁଦ୍ଧିଗତ ମାନଦଣ୍ଡ ନେଇ ବିଚାର କରୁଥିବାରୁ ସେମାନେ କେବଳ ବାହ୍ୟ ଦିଗକୁ ଧରି ପାର୍ଥକ୍ୟ ସୃଷ୍ଟି କରନ୍ତି, କିନ୍ତୁ ବିଷୟଟିର ମୂଳକୁ କେବେହେଲେ ଯା'ନ୍ତି ନାହିଁ ।

(ଅର୍ଥାତ୍) ''ମୁଁ ତୋତେ ସେହି କର୍ମର କଥା କହିବି, ଯାହା ଜାଣିଲେ ତୁ ସମସ୍ତ ଅଶୁଭ କର୍ମରୁ ମୁକ୍ତ ହେବୁ । କର୍ମ କ'ଣ ତାହା ବୁଝିବାକୁ ହେବ, ଭୁଲ୍ କର୍ମ କ'ଣ ତାହା ବୁଝିବାକୁ ହେବ, ଅକର୍ମ ବା ନିଷ୍କ୍ରିୟତା କ'ଣ ତାହା ବି ବୁଝିବାକୁ ହେବ, କର୍ମର ମାର୍ଗ ଅତ୍ୟନ୍ତ ଗହନ ଓ ଜଟିଳ* ।'' ଏ ସଂସାରରେ କର୍ମ ହେଉଛି ଏକ ଘୋର ଅରଣ୍ୟ ପରି

---

* ...ତତ୍ତେ କର୍ମ ପ୍ରବକ୍ଷ୍ୟାମି ଯଜ୍ଜ୍ଞାତ୍ୱା ମୋକ୍ଷ୍ୟସେଽଶୁଭାତ୍ ।। ୪।୧୬
କର୍ମଣୋ ହ୍ୟପି ବୋଦ୍ଧବ୍ୟଂ ବୋଦ୍ଧବ୍ୟଂ ଚ ବିକର୍ମଣଃ ।
ଅକର୍ମଣଶ୍ଚ ବୋଦ୍ଧବ୍ୟଂ ଗହନା କର୍ମଣୋ ଗତିଃ ।। ୪।୧୭

ଗହନ, ଯାହା ଭିତର ଦେଇ ଚାଲିଲାବେଳେ ମଣିଷକୁ ବାରଂବାର ଝୁଣ୍ଟିବାକୁ ହୁଏ, ସେ ପାରୁପର୍ଯ୍ୟନ୍ତ ଚେଷ୍ଟା କରୁଥାଏ ଚାଲିବାକୁ ତା' ସମୟର ପ୍ରଚଳିତ ଚିନ୍ତାଧାରାସବୁକୁ ଧରି, ତା' ନିଜ ବ୍ୟକ୍ତିତ୍ୱ ଓ ପରିବେଶର ନାନା ନୀତି ଓ ଆଦର୍ଶର ମାନଦଣ୍ଡକୁ ଧରି । ଏହିସବୁ ନୀତି ଓ ଆଦର୍ଶ ଗଠିତ ହୋଇଥାଏ ବିଭିନ୍ନ ଯୁଗର ଓ ବହୁ ବିଭିନ୍ନ ବ୍ୟକ୍ତିତ୍ୱ ତଥା ବିଭିନ୍ନ ସମାଜର ନାନା ଚିନ୍ତା ଓ ଆଦର୍ଶ ଆଦିର ନାନା ବିଭ୍ରାନ୍ତିକର ମିଶ୍ରଣ ଦ୍ୱାରା । ଏଗୁଡ଼ିକ ଅକ୍ଷୟ ଓ ସନାତନ ସତ୍ୟ ବୋଲି ନାନା ଦାବି ସତ୍ତ୍ୱେ ପ୍ରକୃତରେ କେବଳ ସାମୟିକ ଓ ଦେଶକାଳ ମଧ୍ୟରେ ସୀମାବଦ୍ଧ; ଏହି ନୀତି ଓ ଆଦର୍ଶଗୁଡ଼ିକ ଯଥାର୍ଥ ଯୁକ୍ତିବୁଦ୍ଧି ଓ ଜ୍ଞାନର କେବଳ ଅନୁକରଣ କରନ୍ତି, ପ୍ରକୃତରେ ଏଗୁଡ଼ିକ ବ୍ୟବହାରିକ ଓ ଯଥାର୍ଥ ଜ୍ଞାନ ଏବଂ ଯୁକ୍ତିବୁଦ୍ଧିଠାରୁ ଅନେକ ଦୂରରେ । ତେଣୁ ବିଜ୍ଞ ବ୍ୟକ୍ତିମାନେ ଏଗୁଡ଼ିକ ମଧ୍ୟରେ କୌଣସି ସ୍ଥାୟୀ ନୀତି ଓ ମୂଳ ସତ୍ୟର ଉଚ୍ଚତମ ଭିତ୍ତି ସନ୍ଧାନ କରି ନିଷ୍ଫଳ ହୋଇ ଶେଷରେ ଏହି ଚରମ ପ୍ରଶ୍ନ ଉଠାଇବାକୁ ବାଧ୍ୟ ହୁଅନ୍ତି ଯେ ସମସ୍ତ କର୍ମ ଏବଂ ସମସ୍ତ ଜୀବନ ଓ ସଂସାର କ'ଣ କେବଳ ଏକ ମିଥ୍ୟା ମାୟାର ଜାଲ ନୁହେଁ ? ସମସ୍ତ ପ୍ରକାର କର୍ମରୁ ନିବୃତ୍ତି, ଅକର୍ମ,– ଏହାହିଁ କ'ଣ କ୍ଲାନ୍ତ ଓ ମୋହମୁକ୍ତ ମାନବାତ୍ମାର ଶେଷ ଆଶ୍ରୟସ୍ଥଳ ନୁହେଁ ? କିନ୍ତୁ ଶ୍ରୀକୃଷ୍ଣ କହିଲେ, ଏ ବିଷୟରେ ଜ୍ଞାନୀମାନଙ୍କର ବି ମୋହ ଓ ବୁଦ୍ଧି-ବିଭ୍ରାଟ ଦେଖାଯାଏ । କାରଣ ନିଷ୍କ୍ରିୟତା ଦ୍ୱାରା ନୁହେଁ, କର୍ମ ଦ୍ୱାରାହିଁ ଜ୍ଞାନ ଓ ମୁକ୍ତି ଲାଭ କରାଯାଏ ।

ତା'ହେଲେ କ'ଣ ଏହାର ସମାଧାନ ? କ'ଣ ଓ କେଉଁ ପ୍ରକାରର ସେହି କର୍ମ, ଯାହାର ଆଚରଣ ଦ୍ୱାରା ଆମେ ଜୀବନର ସମସ୍ତ ଅଶୁଭରୁ ମୁକ୍ତି ପାଇବୁ, ଏହି ସଂଶୟ, ଏହି ଭ୍ରମ ଓ ଏହି ଶୋକରୁ ମୁକ୍ତ ହେବୁ ? ଏପରିକି ଆମର ଶୁଦ୍ଧତମ ଓ ମହତ୍ ଉଦ୍ଦେଶ୍ୟ-ପ୍ରଣୋଦିତ କର୍ମର ମଧ୍ୟ ଯେଉଁସବୁ ମିଶ୍ରିତ, ଅଶୁଦ୍ଧ ଓ ବ୍ୟର୍ଥତାମୟ ପରିଣାମ ଆସେ ସେଥିରୁ ଓ ସେହିପରି ଅସଂଖ୍ୟ ପ୍ରକାର ଅମଙ୍ଗଳ ଓ ଦୁଃଖଭୋଗରୁ କିପରି ମୁକ୍ତ ହେବୁ ? ଏହାର ଉତ୍ତର ହେଉଛି କର୍ମ ଓ କର୍ମ ଭିତରେ କୌଣସି ବାହ୍ୟ ପାର୍ଥକ୍ୟ କରିବା ଅନାବଶ୍ୟକ, ସଂସାର ପାଇଁ ପ୍ରୟୋଜନୀୟ କୌଣସି କର୍ମକୁ ମଧ୍ୟ ବର୍ଜନ କରିବା ଆବଶ୍ୟକ ନୁହେଁ, ଆମର ମାନବୀୟ କର୍ମର ଚତୁର୍ଦ୍ଦିଗରେ କୌଣସି ସୀମାରେଖା ବା ବାଡ଼ ଦେବା ଆବଶ୍ୟକ ନୁହେଁ, ବରଂ ବିପରୀତ ପକ୍ଷେ ସମସ୍ତ କର୍ମକୁହିଁ ଗ୍ରହଣ କରିବା ବାଞ୍ଛନୀୟ, ତେବେ ଭଗବାନଙ୍କ ସହିତ ଆତ୍ମାକୁ ଯୁକ୍ତ ରଖି ସକଳ କର୍ମ କରିବାକୁ ହେବ, 'ଯୁକ୍ତଃ କୃତ୍ସ୍ନକର୍ମକୃତ୍' । ଅକର୍ମ, ଅର୍ଥାତ୍ କର୍ମ ପରିତ୍ୟାଗ ପ୍ରକୃତ ପନ୍ଥା ନୁହେଁ, ଯେଉଁ ବ୍ୟକ୍ତି ଉଚ୍ଚତମ ବୁଦ୍ଧିର ଅନ୍ତର୍ଦୃଷ୍ଟି ଲାଭ କରିଛନ୍ତି, ସେ ବୁଝନ୍ତି ଯେ ଏହି ଅକର୍ମହିଁ ବାସ୍ତବରେ ଏକ ଅବିରାମ କର୍ମ, ଏହି ଅବସ୍ଥା ପ୍ରକୃତି ଓ ତା'ର ଗୁଣାବଳୀର ଅଧୀନ । ଯେଉଁ ବ୍ୟକ୍ତି ଶାରୀରିକ ନିଷ୍କ୍ରିୟତାର ପନ୍ଥା ନିଏ, ତା' ମନରେ ସେପର୍ଯ୍ୟନ୍ତ ଏହି ଭ୍ରମ ଥାଏ ଯେ ପ୍ରକୃତି

ନୁହେଁ, ସତେ ଯେପରି ସେହିଁ ନିଜେ କର୍ମ କରେ, ସେ ଜଡ଼ତାକୁ ମୁକ୍ତି ବୋଲି ଭୁଲ୍ କରେ, ସେ ଦେଖିପାରେ ନାହିଁ ଯେ ଯାହା ସବୁଠୁ ନିଷ୍କ୍ରିୟ ଅବସ୍ଥା ଏପରିକି କାଠ ପଥରଠାରୁ ଅଧିକ ଜଡ଼ ବୋଲି ମନେ ହୁଏ, ସେଠାରେ ମଧ୍ୟ ପ୍ରକୃତିର କର୍ମ ଚାଲିଥାଏ, ତା'ର ଅଧିକାର ଓ ବନ୍ଧନ ଅବ୍ୟାହତ ରହିଥାଏ । ପୁଣି ଅନ୍ୟ ଦିଗରେ ପୂର୍ଣ୍ଣ କର୍ମ-ସ୍ରୋତରେ ମଧ୍ୟ ଆତ୍ମା ତା'ର କର୍ମ ସକଳରୁ ମୁକ୍ତ ରହିଥାଏ, ସେ କର୍ତ୍ତା ନୁହେଁ ବା କୃତକର୍ମ ଦ୍ୱାରା ଆବଦ୍ଧ ନୁହେଁ । ପ୍ରକୃତିର ଗୁଣସବୁର ଅଧୀନରେ ନୁହେଁ, ଯେ କେବଳ ଆତ୍ମାର ମୁକ୍ତିରେ ବାସ କରେ ସେହିଁ କେବଳ କର୍ମରୁ ମୁକ୍ତି ପାଇଛି । ଏହାହିଁ ଗୀତା ଅତି ସ୍ପଷ୍ଟ ଭାବରେ ବ୍ୟକ୍ତ କରିଛି, ଯେତେବେଳେ ଏଥିରେ କୁହାଯାଇଛି – ଯେ କର୍ମ ମଧ୍ୟରେ ଅକର୍ମକୁ ଦେଖେ ଏବଂ ନିଷ୍କ୍ରିୟତା ମଧ୍ୟରେ ଯେ କର୍ମ ଚାଲୁଥିବାର ଦେଖେ ସେହିଁ ମନୁଷ୍ୟମାନଙ୍କ ମଧ୍ୟରେ ଯଥାର୍ଥରେ ବିଜ୍ଞ ଓ ବୁଦ୍ଧିମାନ୍* । ଗୀତାର ଏହି ମତ ସାଂଖ୍ୟର ପୁରୁଷ ଓ ପ୍ରକୃତିର ପ୍ରଭେଦ ଉପରେ ପ୍ରତିଷ୍ଠିତ, ମୁକ୍ତ ଓ ନିଷ୍କ୍ରିୟ ଆତ୍ମା ହେଉଛି ଚିରପ୍ରଶାନ୍ତ ଏବଂ କର୍ମ ମଧ୍ୟରେ ମଧ୍ୟ ଶୁଦ୍ଧ ଓ ନିଶ୍ଚଳ ଏବଂ ଚିରକ୍ରିୟାଶୀଳ । ପ୍ରକୃତି ତା'ର ଦୃଶ୍ୟମାନ କର୍ମସ୍ରୋତ ମଧ୍ୟରେ ଯେପରି କର୍ମ କରିଚାଲିଛି, ଜଡ଼ତା ଓ ନିଷ୍କ୍ରିୟତା ବୋଲି ଯାହା ମନେ ହୁଏ ସେତେବେଳେ ମଧ୍ୟ ତାହା ସେହିପରି କର୍ମ କରିଚାଲିଛି । ବୁଦ୍ଧିର ଚରମ ପ୍ରଚେଷ୍ଟା ଫଳରେ ଆମେ ଏହି ଜ୍ଞାନଲାଭ କରୁ, ତେଣୁ ଯେଉଁ ବ୍ୟକ୍ତି ଏହି ଜ୍ଞାନଲାଭ କରିଛି ସେହିଁ ପ୍ରକୃତରେ ବୁଦ୍ଧିମାନ୍ ଓ ବିଚାରକ୍ଷମ, 'ସ ବୁଦ୍ଧିମାନ୍ ମନୁଷ୍ୟେଷୁ'– ସେ ଏପରି ବିଭ୍ରାନ୍ତଚିନ୍ତାସମ୍ପନ୍ନ ବ୍ୟକ୍ତି ନୁହେଁ ଯେ ନିମ୍ନତର ଯୁକ୍ତିବୁଦ୍ଧିର ବାହ୍ୟ ଅନିଶ୍ଚିତ ଓ ଅସ୍ଥାୟୀ ପ୍ରଭେଦ ସମୂହ ଦ୍ୱାରା ଜୀବନ ଓ କର୍ମର ବିଚାର କରେ । ତେଣୁ ମୁକ୍ତ ବ୍ୟକ୍ତି କର୍ମକୁ ଭୟ କରେ ନାହିଁ, ସେ ସମସ୍ତ କର୍ମର ବୃହତ୍ ଓ ସାର୍ବଜନୀନ କର୍ମୀ, କୃତ୍ସ୍ନ-କର୍ମକୃତ୍; ଅନ୍ୟମାନଙ୍କ ପରି ସେ ପ୍ରକୃତିର ଅଧୀନ ହୋଇ କର୍ମ କରେ ନାହିଁ, ସେ କର୍ମକରେ ଆତ୍ମାର ନିଶ୍ଚଳ ନିରବତାରେ ପ୍ରତିଷ୍ଠିତ ହୋଇ ଓ ଭଗବାନଙ୍କ ସହିତ ଯୋଗରେ ପ୍ରଶାନ୍ତ ଭାବରେ ଯୁକ୍ତ ହୋଇ । ଭଗବାନହିଁ ହେଉଛନ୍ତି ତାହାର ସକଳ କର୍ମର ଅଧୀଶ୍ୱର, ସେ କେବଳ ମାଧ୍ୟମ ମାତ୍ର, ତା' ଭିତରଦେଇ ଏହି କର୍ମସବୁ ହେଉଥାଏ; ତାହାର ପ୍ରକୃତି ନିଜର ଅଧୀଶ୍ୱରଙ୍କ ସମ୍ବନ୍ଧରେ ସଚେତ ହୋଇ ତାଙ୍କର ପରିଚାଳନାର ଯନ୍ତ୍ରସ୍ୱରୂପ ଏହିସବୁ କର୍ମ ସମ୍ପାଦନ କରେ । ଏହି ଜ୍ଞାନର ପୂତ ଅଗ୍ନି-ଶିଖାରେ ତାହାର ସମସ୍ତ କର୍ମ ପୋଡ଼ି ଭସ୍ମ ହୋଇଯାଏ, ଏବଂ ତାହା ମନରେ ଏହି କର୍ମର କୌଣସି ଦାଗ ବା କଳଙ୍କ ଚିହ୍ନ ରହେ ନାହିଁ, ସମସ୍ତ କର୍ମ ଭିତରେ ସେହି ମନ ନୀରବ, ପ୍ରଶାନ୍ତ, ଅବିଚଳିତ, ଶୁଭ୍ର, ନିର୍ମଳ ଓ ଶୁଦ୍ଧ ରହିଥାଏ । କର୍ତ୍ତାର

---

* କର୍ମଣ୍ୟକର୍ମ ଯଃ ପଶ୍ୟେଦକର୍ମଣି ଚ କର୍ମ ଯଃ ।
ସ ବୁଦ୍ଧିମାନ୍ ମନୁଷ୍ୟେଷୁ ସ ଯୁକ୍ତଃ କୃତ୍ସ୍ନକର୍ମକୃତ୍ ॥ ୪।୧୮

ଅଭିମାନଶୂନ୍ୟ ହୋଇ, ଏହି ମୁକ୍ତିପ୍ରଦ ଜ୍ଞାନର ଆଲୋକରେ ସମସ୍ତ କର୍ମ କରିବା ଦିବ୍ୟକର୍ମୀର ପ୍ରଥମ ଲକ୍ଷଣ ।

ଦ୍ୱିତୀୟ ଲକ୍ଷଣଟି ହେଉଛି ବାସନାରୁ ମୁକ୍ତି, କାରଣ ଯେଉଁଠି ବ୍ୟକ୍ତିଗତ କର୍ତ୍ତୃତ୍ୱାଭିମାନ ନାହିଁ ସେଠାରେ ବାସନା ସମ୍ପୂର୍ଣ୍ଣ ଅସମ୍ଭବ, କାରଣ ସେଠାରେ ବାସନା କୌଣସି ଆହାର୍ଯ୍ୟ ନପାଇ, କୌଣସି ଅବଲମ୍ବନ ନପାଇ ଅବସନ୍ନ ହୋଇପଡ଼େ, କ୍ଷୀଣ ହୋଇ ଲୋପ ପାଇଯାଏ । ମୁକ୍ତ ବ୍ୟକ୍ତି ବାହ୍ୟତଃ ଅନ୍ୟ ଲୋକ ପରି ସମସ୍ତ କର୍ମ କରୁଥିଲା ଭଳି ମନେ ହୁଏ, ହୁଏତ ବ୍ୟାପକତର କ୍ଷେତ୍ରରେ ସେ ସାଧାରଣ ଲୋକ ଅପେକ୍ଷା ଅଧିକ ଦୃଢ଼ତର ସଙ୍କଳ୍ପ ଓ ଶକ୍ତିଶାଳୀ ପ୍ରବେଗ ସହିତ କର୍ମ କରେ, କାରଣ ଭଗବତ୍ ଇଚ୍ଛାର ମହତୀ ଶକ୍ତି ତା'ର ସକ୍ରିୟ ପ୍ରକୃତି ଭିତର ଦେଇ କ୍ରିୟା କରେ; କିନ୍ତୁ ତା'ର ସମୁଦାୟ କର୍ମ ଓ ଉଦ୍‌ଯୋଗରୁ ସମସ୍ତ ନିମ୍ନତର କାମନା-ବାସନା ଓ ନିମ୍ନତର ସଙ୍କଳ୍ପ ସମ୍ପୂର୍ଣ୍ଣ ଦୂରୀଭୂତ ହୋଇଥାଏ – 'ସର୍ବେ ସମାରମ୍ଭାଃ କାମ-ସଙ୍କଳ୍ପ-ବର୍ଜିତାଃ' । ସେ ତା'ର କର୍ମଫଳ ପ୍ରତି ସମସ୍ତ ଆସକ୍ତି ପରିତ୍ୟାଗ କରିଛି; ଯେତେବେଳେ ବ୍ୟକ୍ତି ଫଳ ପାଇଁ କର୍ମ କରେ ନାହିଁ, କର୍ମ କରେ ସକଳ କର୍ମର ଅଧୀଶ୍ୱର ଭଗବାନଙ୍କ କେବଳ ନୈର୍ବ୍ୟକ୍ତିକ ଯନ୍ତ୍ରରୂପେ, ସେତେବେଳେ ବାସନା କୌଣସି ସ୍ଥାନ ପାଇପାରେ ନାହିଁ, ଏପରିକି ଭଗବାନଙ୍କ କାର୍ଯ୍ୟକୁ ସଫଳ ଭାବେ କରିବାର ବାସନା ମଧ୍ୟ ତା'ର ରହେ ନାହିଁ କାରଣ ଫଳ ଭଗବାନଙ୍କର, କୌଣସି ବ୍ୟକ୍ତିଗତ ଇଚ୍ଛା ବା ଉଦ୍ୟମ ଦ୍ୱାରା ନୁହେଁ ସ୍ୱୟଂ ଭଗବାନଙ୍କ ଦ୍ୱାରାହିଁ ତାହା ନିର୍ଦ୍ଧାରିତ; ସେତେବେଳେ କୃତିତ୍ୱର ସହ କାର୍ଯ୍ୟ କରିବା ପାଇଁ ବା ଭଗବାନଙ୍କ ସନ୍ତୋଷବିଧାନ ହେଲା ଭଳି କାର୍ଯ୍ୟ କରିବା ପାଇଁ ମଧ୍ୟ ବାସନା ରହିବ ନାହିଁ, କାରଣ ସ୍ୱୟଂ ଭଗବାନହିଁ କର୍ମର କର୍ତ୍ତା, ତେଣୁ କ୍ଷୁଦ୍ର ମାନବିକ ବ୍ୟକ୍ତିତ୍ୱ ନୁହେଁ ତାଙ୍କର ଯେଉଁ ଶକ୍ତି ବ୍ୟକ୍ତି ଭିତରେ କାର୍ଯ୍ୟ କରୁଥାଏ, ସେଇହିଁ ସମସ୍ତ କୃତିତ୍ୱର ଅଧିକାରୀ । ମୁକ୍ତ ପୁରୁଷର ମାନୁଷୀ ମନ ଓ ଆତ୍ମା କିଛି ମଧ୍ୟ କରେ ନାହିଁ, 'ନ କିଞ୍ଚିତ୍ କରୋତି', ଯଦିଓ ସେ ତାହାର ପ୍ରକୃତି ଭିତର ଦେଇ କର୍ମରେ ନିଯୁକ୍ତ ହୁଏ, କିନ୍ତୁ ପ୍ରକୃତି, ଯେକି କାର୍ଯ୍ୟକାରିଣୀ ଶକ୍ତି ସେହି ଚୈତନ୍ୟମୟୀ ଭଗବତୀହିଁ ହୃଦୟରେ ଅଧିଷ୍ଠିତ ଭଗବାନଙ୍କ ଦ୍ୱାରା ପରିଚାଳିତ ହୋଇ ଏ କର୍ମ କରନ୍ତି ।

ଏହାର ଅର୍ଥ ନୁହେଁ ଯେ କର୍ମରେ ଆବଶ୍ୟକ ଲକ୍ଷ୍ୟ ଓ ତଦନୁରୂପ ଉପାୟ ପ୍ରତି ଯଥାର୍ଥ ଦୃଷ୍ଟି ରଖି କର୍ମକୁ ସାଫଲ୍ୟ ଓ ନିଖୁଣତାର ସହିତ ସମ୍ପନ୍ନ କରାଯିବ ନାହିଁ । ବରଂ ବିପରୀତ ପକ୍ଷେ, ଯୋଗଯୁକ୍ତ ହୋଇ ସ୍ଥିର ପ୍ରଶାନ୍ତି ସହ କର୍ମ କଲେ ତାହା ଯେପରି ସୁଚାରୁ ଭାବରେ ସମ୍ପନ୍ନ ହୋଇପାରିବ, ଆଶା ଓ ଆଶଙ୍କାରେ ଅନ୍ଧ ହୋଇ, ଅକ୍ଷମ ବୁଦ୍ଧିର ବିଚାରରେ ପଙ୍ଗୁ ଅତିବ୍ୟଗ୍ର ମାନୁଷୀ ଇଚ୍ଛାର ଅସ୍ଥିର ଚାଞ୍ଚଲ୍ୟ ସହ କର୍ମ କଲେ ତାହା

ସେପରି ନିଖୁଣ ହୋଇପାରିବ ନାହିଁ । ଅନ୍ୟତ୍ର ଗୀତାରେ କୁହାଯାଇଛି ଯୋଗ ହେଉଛି କର୍ମ କରିବାର ପ୍ରକୃତ କୌଶଳ, 'ଯୋଗଃ କର୍ମସୁ କୌଶଳମ୍' । କିନ୍ତୁ ଏହି ସକଳ କର୍ମ ନୈର୍ବ୍ୟକ୍ତିକ ଭାବରେ ସମ୍ପନ୍ନ ହୁଏ ବ୍ୟକ୍ତି-ପ୍ରକୃତି ଭିତର ଦେଇ କ୍ରିୟା କରୁଥିବା ଏକ ବିରାଟ ବିଶ୍ୱଜ୍ୟୋତିଃ ଓ ଶକ୍ତି ଦ୍ୱାରା । କର୍ମଯୋଗୀ ଜାଣେ ଯେ ତାହାକୁ ଯେଉଁ ଶକ୍ତି ଦିଆଯାଇଛି ତାହା ନିଶ୍ଚୟ ଭଗବତ୍-ନିର୍ଦ୍ଦିଷ୍ଟ ଫଳଲାଭର ଉପଯୋଗୀ ହେବ; ତାହାକୁ ଯେଉଁ କର୍ମ କରିବାକୁ ହେବ ତା' ପଛରେ ରହିଥିବା ଦିବ୍ୟଜ୍ଞାନ ସେ ଲାଭ କରିବ ଏବଂ ଏ ଦିଗରେ ତା'ର ସଙ୍କଳ୍ପ କର୍ମ ଓ ଲକ୍ଷ୍ୟରେ ଭଗବତ୍ ପ୍ରଜ୍ଞା ଦ୍ୱାରାହିଁ ସୂକ୍ଷ୍ମ ଭାବରେ ନିୟମିତ ହେବ । ତା'ର ଏ ସଙ୍କଳ୍ପ କୌଣସି ବ୍ୟକ୍ତିଗତ ଇଚ୍ଛା ବା କାମନାପ୍ରସୂତ ନୁହେଁ ଏହା ପଛରେ ତା'ର ନିଜର କୌଣସି ବ୍ୟକ୍ତିଗତ ଲକ୍ଷ୍ୟ ନାହିଁ, ଏହା ହେଉଛି ଭଗବତ୍ ଉଦ୍ଦେଶ୍ୟ ସାଧନ ନିମନ୍ତେ ଜ୍ଞାନମୟୀ ଦିବ୍ୟ ଚିତ୍ଶକ୍ତିର ଏକ ନୈର୍ବ୍ୟକ୍ତିକ ପ୍ରେରଣା । ଏହାର ଫଳାଫଳ ସାଧାରଣ ମନର ବିଚାର ଦୃଷ୍ଟିରୁ ସାଫଲ୍ୟମଣ୍ଡିତ ହୋଇପାରେ ଅଥବା ସେହି ମନ ଏହାକୁ ପରାଜୟ ଓ ବିଫଳତା ବୋଲି ବିଚାର କରିପାରେ କିନ୍ତୁ କର୍ମଯୋଗୀ ପାଇଁ ଏହା ବରାବର ସାଫଲ୍ୟମଣ୍ଡିତ, ବାହ୍ୟତଃ ଯାହା ମନେ ହେଉନା କାହିଁକି, ସମସ୍ତ ଜୟ-ପରାଜୟ, ଲାଭ-କ୍ଷତି ଭିତର ଦେଇ ତା'ର ନିଜର ଅଭିପ୍ରାୟ ନୁହେଁ ପରନ୍ତୁ ସକଳ କର୍ମ ଓ କର୍ମଫଳର ନିୟନ୍ତା ସର୍ବଜ୍ଞ ଭଗବାନଙ୍କ ଅଭିପ୍ରାୟହିଁ ସିଦ୍ଧ ହୁଏ; ସେ ବିଜୟ ଚାହିଁ ନାହିଁ, ସେ ଚାହିଁଛି ଭଗବତ୍ ଜ୍ଞାନ ଓ ସଙ୍କଳ୍ପର ସିଦ୍ଧି, ଯାହାକି କେତେବେଳେ ଆପାତ ବିଜୟ ଦ୍ୱାରା ନିଜର ଲକ୍ଷ୍ୟ ଓ ଇଚ୍ଛା ପୂରଣ କରେ, କେତେବେଳେ ବା ଆପାତ ପରାଜୟ ଦ୍ୱାରା ନିଜର ଲକ୍ଷ୍ୟକୁ ଅଧିକତର ଶକ୍ତିଶାଳୀ ଭାବରେ ପୂରଣ କରେ । ଅର୍ଜୁନଙ୍କୁ ଯୁଦ୍ଧ କରିବାକୁ ଯେଉଁ ଆଦେଶ ଦିଆଯାଇଛି, ସେଥିରେ ବିଜୟର ପ୍ରତିଶ୍ରୁତି ମଧ୍ୟ ରହିଛି, କିନ୍ତୁ ତାଙ୍କ ସମ୍ମୁଖରେ ଯଦି ନିଶ୍ଚିତ ପରାଜୟ ବି ଥା'ନ୍ତା ତଥାପି ତାଙ୍କୁ ଯୁଦ୍ଧ କରିବାକୁ ହୋଇଥା'ନ୍ତା । କାରଣ ଶକ୍ତିର ଯେଉଁ ବିରାଟ ଆୟୋଜନ ଭିତର ଦେଇ ଭଗବାନଙ୍କ ସଙ୍କଳ୍ପ ନିଶ୍ଚିତ ରୂପେ କାର୍ଯ୍ୟକାରୀ ହେବାକୁ ଯାଉଛି, ସେଥିରେ ଅର୍ଜୁନଙ୍କ ପାଇଁ ଏହି କର୍ମହିଁ ଉପସ୍ଥିତ କର୍ତ୍ତବ୍ୟ ରୂପେ ନିର୍ଦ୍ଧାରଣ କରି ଦିଆଯାଇଛି ।

ମୁକ୍ତ ପୁରୁଷର କୌଣସି ବ୍ୟକ୍ତିଗତ ଆଶା-ଆକାଙ୍କ୍ଷା ନାହିଁ, ବ୍ୟକ୍ତିଗତ ଅଧିକାରର ଭାବ ନେଇ ସେ କୌଣସି ବସ୍ତୁକୁ ଗ୍ରହଣ କରେ ନାହିଁ, ଭଗବତ୍ ଇଚ୍ଛା ତା' ପାଇଁ ଯାହା ଆଣିଦିଏ ସେ ତାହାହିଁ ଗ୍ରହଣ କରେ; ସେ କୌଣସି ବସ୍ତୁ ପ୍ରତି ଆସକ୍ତ ହୁଏ ନାହିଁ, କାହାରି ପ୍ରତି ତାହାର କୌଣସି ଈର୍ଷ୍ୟା ନଥାଏ; ତାହା ନିକଟକୁ ଯାହା ଆସେ, ସେ ତାହା ଗ୍ରହଣ କରେ କୌଣସି ବିତୃଷ୍ଣା ବା ଆସକ୍ତିକୁ ସ୍ଥାନ ନଦେଇ, ତାହା ନିକଟରୁ ମଧ୍ୟ ଯାହା ଚାଲିଯାଏ ସେ ତାହାକୁ ବସ୍ତୁ ଓ ଘଟନାର ସୁଅ ଭିତରକୁ ଭାସି ଚାଲିଯିବା ପାଇଁ ଛାଡ଼ିଦିଏ,

ସେଥିପାଇଁ କୌଣସି ଦୁଃଖ, ମନସ୍ତାପ ବା ହରାଇବାର ଭାବକୁ ପ୍ରଶ୍ରୟ ଦିଏ ନାହିଁ। ହୃଦୟ ଓ ଆତ୍ମା ଉପରେ ତା'ର ସମ୍ପୂର୍ଣ୍ଣ କର୍ତ୍ତୃତ୍ୱ ରହିଛି, ସେମାନେ ସବୁ ପ୍ରକାର ପ୍ରତିକ୍ରିୟା ଓ ଆବେଗରୁ ମୁକ୍ତ, ବାହ୍ୟ ବିଷୟର ସଂସ୍ପର୍ଶରେ ସେମାନଙ୍କ ଭିତରେ କୌଣସି ବିକ୍ଷୋଭ ସୃଷ୍ଟି ହୁଏ ନାହିଁ। ତା'ର କର୍ମ ବାସ୍ତବିକ୍ କେବଳ ଶାରୀରିକ, 'ଶାରୀରମ୍ କେବଲମ୍ କର୍ମ'; କାରଣ ବାକି ଅନ୍ୟସବୁ ଆସୁଛି ଉର୍ଦ୍ଧ୍ୱରୁ, ମାନବୀୟ ସ୍ତରରେ ତାହା ଉତ୍ପନ୍ନ ହୁଏ ନାହିଁ, ତାହା ଦିବ୍ୟପୁରୁଷୋତ୍ତମଙ୍କର ଇଚ୍ଛା, ଜ୍ଞାନ ଓ ଆନନ୍ଦର ପ୍ରତିଫଳନ ମାତ୍ର। ତେଣୁ ସେ କର୍ମ ଓ କର୍ମର ଉଦ୍ଦେଶ୍ୟ ସମ୍ପର୍କରେ କୌଣସି ଜୋର୍ ଦେଇ ତା'ର ମନ ଓ ହୃଦୟରେ ଏପରି କୌଣସି ପ୍ରତିକ୍ରିୟା ସୃଷ୍ଟି କରେ ନାହିଁ, ଯାହାକୁ ଆମେ ରିପୁ ଓ ପାପ ବୋଲି କହୁ। କାରଣ ପାପ ଆଦୌ ବାହାରର କର୍ମ ଭିତରେ ନଥାଏ, ଏହା ଥାଏ ସେହି କର୍ମ ସଙ୍ଗରେ ବା ତାହାର କାରଣ ସ୍ୱରୂପ ରହିଥିବା ବ୍ୟକ୍ତିଗତ ଇଚ୍ଛା, ମନ ଓ ହୃଦୟର ଅଶୁଦ୍ଧ ପ୍ରତିକ୍ରିୟା ଭିତରେ। ଯାହା ନୈର୍ବ୍ୟକ୍ତିକ, ଆଧ୍ୟାତ୍ମିକ, ତାହା ସବୁବେଳେ ଶୁଦ୍ଧ, ଅପାପବିଦ୍ଧମ୍, ଏହା ଦ୍ୱାରା ଅନୁଷ୍ଠିତ ସମସ୍ତ କର୍ମକୁ ଏହା ନିଜର ଅବିଚ୍ଛେଦ୍ୟ ଶୁଦ୍ଧତା ପ୍ରଦାନ କରେ। ଏହି ଆଧ୍ୟାତ୍ମିକ ନୈର୍ବ୍ୟକ୍ତିକତା ଦିବ୍ୟ କର୍ମୀର ତୃତୀୟ ଲକ୍ଷଣ। ସମସ୍ତ ମାନବାତ୍ମା ଯେଉଁମାନେ କୌଣସି ପ୍ରକାର ମହାନତା ଓ ପ୍ରସାରତା ଲାଭ କରିଛନ୍ତି, ସେମାନେ ଅନୁଭବ କରନ୍ତି ଯେ ସେମାନଙ୍କ ଭିତରେ ପ୍ରେମ, ଜ୍ଞାନ ଓ ସଙ୍କଳ୍ପର ଏକ ନୈର୍ବ୍ୟକ୍ତିକ ଶକ୍ତି କ୍ରିୟା କରୁଛି, କିନ୍ତୁ ସେମାନେ ସେମାନଙ୍କ ମାନବିକ ବ୍ୟକ୍ତିତ୍ୱର ଅହଂପ୍ରସୂତ ପ୍ରତିକ୍ରିୟାରୁ ମୁକ୍ତ ହୋଇ ନଥା'ନ୍ତି, ବେଳେବେଳେ ଯାହା ଖୁବ୍ ଭୀଷଣ ଆକାର ମଧ୍ୟ ଗ୍ରହଣ କରେ। କିନ୍ତୁ ମୁକ୍ତ ଆତ୍ମା ଏହି ସ୍ୱାଧୀନତା ଲାଭ କରିଥାଏ, କାରଣ ସେ ତା'ର ବ୍ୟକ୍ତିତ୍ୱକୁ ଲୀନ କରିଦେଇଛି ନୈର୍ବ୍ୟକ୍ତିକତା ଭିତରେ ଯେଉଁଠିକି ଏହା ଆଉ ତା'ର ନିଜର ହୋଇ ନାହିଁ, ପରମ ଦିବ୍ୟ ବ୍ୟକ୍ତି ପୁରୁଷୋତ୍ତମହିଁ ଏହାକୁ ଗ୍ରହଣ କରିଛନ୍ତି ଯେକି ସମସ୍ତ ସସୀମ ଗୁଣକୁ ଅସୀମ ଓ ଅବାଧ ଭାବରେ ବ୍ୟବହାର କରନ୍ତି କିନ୍ତୁ ନିଜେ କୌଣସି କିଛି ଦ୍ୱାରା ଆବଦ୍ଧ ନୁହନ୍ତି। ଯାହାର ଏହି ମୁକ୍ତିଲାଭ ହୋଇଛି ସେ ହୋଇଯାଇଛି ଆତ୍ମା, ସେ ଆଉ ପ୍ରକୃତିର ଗୁଣସମୂହର ସମଷ୍ଟିମାତ୍ର ନୁହେଁ; ପ୍ରକୃତିର କାର୍ଯ୍ୟ ପାଇଁ ବ୍ୟକ୍ତିତ୍ୱର ଯେଉଁ ଆଭାସ ଟିକକ ଅବଶିଷ୍ଟ ରହିଥାଏ, ତାହା କାହାରି ଦ୍ୱାରା ଆବଦ୍ଧ ନୁହେଁ, ତାହା ଏକ ବୃହତ୍, ନମନୀୟ, ବିଶ୍ୱବ୍ୟାପୀ ସତ୍ତା, ଅନନ୍ତର ଏକ ମୁକ୍ତ ଆଧାର, ପୁରୁଷୋତ୍ତମଙ୍କର ଏକ ଜୀବନ୍ତ ପ୍ରତିରୂପ।

ଏହି ଜ୍ଞାନ, ଏହି ବାସନାଶୂନ୍ୟତା ଓ ଏହି ନୈର୍ବ୍ୟକ୍ତିକତାର ଫଳ ହେଉଛି ଆତ୍ମା ଓ ପ୍ରକୃତିରେ ଏକ ପୂର୍ଣ୍ଣ ସମତା। ଦିବ୍ୟକର୍ମୀର ଚତୁର୍ଥ ଲକ୍ଷଣ ହେଉଛି ସମତା। ଗୀତା କହେ – ସେ ସମସ୍ତ ଦ୍ୱନ୍ଦ୍ୱ ଅତିକ୍ରମ କରିଛି, ସେ ଦ୍ୱନ୍ଦ୍ୱାତୀତ। ଆମେ ଦେଖିଛୁ ସେ ଚିତ୍ତରେ କୌଣସି ପ୍ରକାର ବିକ୍ଷୋଭକୁ ସ୍ଥାନ ନଦେଇ ବିଫଳତା ଓ ସଫଳତା, ଜୟ ଓ

ପରାଜୟ ଉଭୟକୁ ସମାନ ଦୃଷ୍ଟିରେ ଦେଖନ୍ତି, ଖାଲି ଏତିକି ନୁହେଁ ସେ ନିଜ ଭିତରେ ସବୁପ୍ରକାର ଦ୍ୱନ୍ଦ୍ୱକୁ ଅତିକ୍ରମ କରିଯାଇଛନ୍ତି, ସବୁ ଦ୍ୱନ୍ଦ୍ୱ ଭିତରେ ସମାଧାନ ଆଣିଛନ୍ତି । ଯେଉଁସବୁ ବାହ୍ୟ ଭେଦାଭେଦ ଦ୍ୱାରା ମନୁଷ୍ୟମାନେ ଦୁନିଆର ଘଟଣାବଳୀ ପ୍ରତି ନିଜର ମନୋଭାବ ସ୍ଥିର କରନ୍ତି, ଦିବ୍ୟକର୍ମୀ ନିକଟରେ ଏସବୁର ଅତ୍ୟନ୍ତ ଗୌଣ ଓ ନିମିତ୍ତମାତ୍ର ମୂଲ୍ୟ ଥାଏ । ସେ ସେଗୁଡ଼ିକୁ ଅସ୍ୱୀକାର କରେ ନାହିଁ କିନ୍ତୁ ସେସବୁର ଊର୍ଦ୍ଧ୍ୱରେ ଥାଏ । ମଙ୍ଗଳକର ଓ ଅମଙ୍ଗଳକର ଘଟଣାର ପାର୍ଥକ୍ୟ ଯାହାକି କାମନା-ବାସନାର ଅଧୀନରେ ଥିବା ମନୁଷ୍ୟ ପାଇଁ ଏତେ ବେଶୀ ଗୁରୁତ୍ୱପୂର୍ଣ୍ଣ, ବାସନାଶୂନ୍ୟ ହୃଦୟ ପାଇଁ ଶୁଭ ଅଶୁଭ ଉଭୟହିଁ ସମାନ ଭାବରେ ଆଦରଣୀୟ କାରଣ ସେମାନଙ୍କର ସମ୍ମିଶ୍ରଣ ଭିତରଦେଇହିଁ ସନାତନ ମଙ୍ଗଳର କ୍ରମବିକାଶଶୀଳ ରୂପ ଗଢ଼ାଯାଇଛି । ତାହାର ପରାଜୟ ନାହିଁ କାରଣ ତା' ପାଇଁ ସବୁକିଛି ଘଟଣା ପ୍ରକୃତିର କୁରୁକ୍ଷେତ୍ରରେ ଦିବ୍ୟଜୟ ଆଡ଼କୁହିଁ ଗତି କରୁଛି – ଏହି ଯେଉଁ 'ଧର୍ମକ୍ଷେତ୍ରେ କୁରୁକ୍ଷେତ୍ରେ' କର୍ମର ଏହି କ୍ଷେତ୍ର ଯାହା ମଧ୍ୟ ଧର୍ମର ବିକାଶର କ୍ଷେତ୍ର, ଏହାର ପ୍ରତ୍ୟେକଟି ଘଟଣା, ଯୁଦ୍ଧର ପ୍ରତ୍ୟେକଟି ଗତି, ଏହି ଯୁଦ୍ଧର ଅଧିନାୟକ, କର୍ମର ଅଧୀଶ୍ୱର ଓ ଧର୍ମର ନିୟନ୍ତା ଭଗବାନଙ୍କ ସର୍ବଦର୍ଶୀ ଦୃଷ୍ଟି ଦ୍ୱାରା ପୂର୍ବରୁହିଁ ସ୍ଥିରୀକୃତ ଓ ନିର୍ଦ୍ଧାରିତ ହୋଇଛି । ମଣିଷଙ୍କଠାରୁ ମିଳୁଥିବା କୌଣସି ସମ୍ମାନ ବା ଅପମାନ, କୌଣସି ନିନ୍ଦା ବା ପ୍ରଶଂସା ତାକୁ ବିଚଳିତ କରିପାରିବ ନାହିଁ, କାରଣ ତା' କର୍ମର ଅନ୍ୟ ଜଣେ ମହାନ୍ ସ୍ୱଚ୍ଛଦୃଷ୍ଟିସମ୍ପନ୍ନ ବିଚାରକ ଅଛନ୍ତି, ଅନ୍ୟ ଏକ ମାନଦଣ୍ଡ ରହିଛି, ତା' କର୍ମର ପ୍ରେରଣା କୌଣସି ସାଂସାରିକ ପୁରସ୍କାର ଉପରେ ଆଦୌ ନିର୍ଭର କରୁ ନାହିଁ । କ୍ଷତ୍ରିୟ ଅର୍ଜୁନ ସ୍ୱାଭାବିକ ଭାବରେ ଯଶଃ ଓ ଖ୍ୟାତିକୁ ମୂଲ୍ୟ ଦିଅନ୍ତି ଓ ଭୀରୁତାର ଅପବାଦ ଓ ଅସମ୍ମାନକୁ ମୃତ୍ୟୁଠାରୁ ଅଧିକ ମନ୍ଦ ବୋଲି ମନେ କରିବା ତାଙ୍କ ପକ୍ଷେ ଉଚିତ, କାରଣ ମର୍ଯ୍ୟାଦା ରକ୍ଷା କରିବା ଓ ଜଗତରେ ସାହସର ଆଦର୍ଶ ବଜାୟ ରଖିବା ତାଙ୍କ ଧର୍ମର ଏକ ଅଙ୍ଗ; କିନ୍ତୁ ମୁକ୍ତପୁରୁଷ ଅର୍ଜୁନଙ୍କ ପାଇଁ ଏସବୁ ବିଷୟକୁ ମୂଲ୍ୟ ଦେବାର ଆଦୌ କୌଣସି ପ୍ରୟୋଜନ ନାହିଁ, ତାଙ୍କୁ କେବଳ ଜାଣିବାକୁ ହେବ କ'ଣ ତାଙ୍କର କର୍ତ୍ତବ୍ୟମ୍ କର୍ମ, ପରମାତ୍ମା ତାଙ୍କଠାରୁ କେଉଁ କର୍ମ ଦାବି କରୁଛନ୍ତି, କେବଳ ସେହି କର୍ମ କରିବା ଓ ସମସ୍ତ ଫଳାଫଳକୁ କର୍ମର ପ୍ରଭୁ ଭଗବାନଙ୍କୁ ଅର୍ପଣ କରିଦେବାହିଁ ତାଙ୍କର କାମ । ଏପରିକି ସେ ପାପ-ପୁଣ୍ୟ ପ୍ରଭେଦର ଊର୍ଦ୍ଧ୍ୱକୁ ଉଠିଯାଇଛନ୍ତି, ଯେଉଁ ପ୍ରଭେଦକି ସେହିସବୁ ମନୁଷ୍ୟମାନଙ୍କ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, ଯେଉଁମାନେ ଅହଂକାରର କର୍ତ୍ତୃତ୍ୱକୁ ହ୍ରାସ କରିବା ପାଇଁ ଓ ନିଜ ରିପୁମାନଙ୍କ ପ୍ରଚଣ୍ଡ ଆକ୍ରମଣ ଓ ଗୁରୁଭାରକୁ ଲାଘବ କରିବା ପାଇଁ ସଂଗ୍ରାମ କରୁଛନ୍ତି । କିନ୍ତୁ ମୁକ୍ତପୁରୁଷ ଏହି ସଂଗ୍ରାମର ଊର୍ଦ୍ଧ୍ୱକୁ ଉଠିଯାଇଛନ୍ତି ଓ ତାଙ୍କର ଆସନ ସାକ୍ଷୀସ୍ୱରୂପ ପ୍ରବୁଦ୍ଧ ଆତ୍ମାର ପବିତ୍ରତାରେ ସୁପ୍ରତିଷ୍ଠିତ । ତାଙ୍କ ଭିତରୁ ସମସ୍ତ ପାପ ଖସି ପଡ଼ିଛି, ତାଙ୍କ

ପାଇଁ ସତ୍‌କର୍ମ କରି ଅଧିକ ପୁଣ୍ୟ ଅର୍ଜନ କରିବା ବା ଅସତ୍ କର୍ମ କରି ପୁଣ୍ୟ କ୍ଷୟ କରିବାର କୌଣସି ପ୍ରଶ୍ନ ନାହିଁ, ସେ ଯେଉଁ ଶିଖରକୁ ଆରୋହଣ କରିଛନ୍ତି ଓ ଯେଉଁ ଆସନରେ ସୁପ୍ରତିଷ୍ଠିତ ତା' ହେଉଛି ଅହଂଶୂନ୍ୟ ଦିବ୍ୟପ୍ରକୃତିର ଅପରିବର୍ତ୍ତନୀୟ ଅଖଣ୍ଡ ପବିତ୍ରତା । ସେଠାରେ ପାପ-ପୁଣ୍ୟବୋଧର କୌଣସି ସ୍ଥାନ ନାହିଁ, ସେଠାରେ ତାହା ଆଦୌ ପ୍ରଯୁଜ୍ୟ ହୋଇପାରିବ ନାହିଁ ।

ଅର୍ଜୁନ ଯେକି ତଥାପି ଅଜ୍ଞାନର କବଳରେ ରହିଛନ୍ତି, ତାଙ୍କ ହୃଦୟରେ ନ୍ୟାୟ ଓ ଧର୍ମ ପାଇଁ ପ୍ରେରଣା ଅନୁଭବ କରିପାରନ୍ତି ଓ ମନରେ ବିଚାର କରିପାରନ୍ତି ଯେ ଯୁଦ୍ଧରୁ ବିରତ ରହିବା ତାଙ୍କ ପକ୍ଷେ ପାପ ହେବ, କାରଣ ତା' ଫଳରେ ଅଧର୍ମ ଶକ୍ତିର ବିଜୟ ଯୋଗୁଁ ଦେଶ ଓ ଜାତିକୁ ଯେଉଁ ଦୁର୍ଭୋଗ, ଅନ୍ୟାୟ, ଅତ୍ୟାଚାର ଓ ମନ୍ଦକର୍ମ ଭୋଗିବାକୁ ପଡ଼ିବ ସେଥିରେ ତାଙ୍କର ଦାୟିତ୍ୱ ରହିବ । ଅଥବା ସେ ନିଜ ହୃଦୟରେ ହିଂସା ଓ ନରହତ୍ୟା ପ୍ରତି ବିତୃଷ୍ଣା ଅନୁଭବ କରିପାରନ୍ତି ଓ ମନରେ ବିଚାର କରିପାରନ୍ତି ଯେ ସମସ୍ତ ରକ୍ତପାତହିଁ ପାପ ଓ ତାହା କୌଣସି ଅବସ୍ଥାରେ ବି ସମର୍ଥନଯୋଗ୍ୟ ନୁହେଁ । ଏହି ଦୁଇପ୍ରକାର ମନୋଭାବହିଁ ମଣିଷର ବିଚାର ଆଗରେ ସମାନ ଭାବରେ ଯୁକ୍ତିଯୁକ୍ତ ଓ ନ୍ୟାୟସଙ୍ଗତ; ଏହା ଭିତରୁ କେଉଁଟିକୁ ତା'ର ମନ ଗ୍ରହଣ କରିବ ବା ଜଗତର ଦୃଷ୍ଟିରେ ଗ୍ରାହ୍ୟ ହେବ ତା' ନିର୍ଭର କରେ ବ୍ୟକ୍ତି ଉପରେ, କାଳ ଓ ପରିସ୍ଥିତି ଉପରେ । ଅଥବା ସେ କେବଳ ମର୍ଯ୍ୟାଦାବୋଧ ଓ ହୃଦୟର ପ୍ରେରଣାବଶତଃ ଅନୁଭବ କରିପାରୁଥା'ନ୍ତି ଯେ ଶତ୍ରୁମାନଙ୍କ ବିରୋଧରେ ବନ୍ଧୁମାନଙ୍କୁ ସାହାଯ୍ୟ କରିବା ଏବଂ ଅନ୍ୟାୟ ଓ ଅତ୍ୟାଚାର ବିରୋଧରେ ସତ୍ ଓ ନ୍ୟାୟର ପକ୍ଷ ନେବା ତାଙ୍କର କର୍ତ୍ତବ୍ୟ । କିନ୍ତୁ ମୁକ୍ତ ପୁରୁଷର ଦୃଷ୍ଟି ଏହିସବୁ ଆଦର୍ଶର ଦ୍ୱନ୍ଦ୍ୱକୁ ଅତିକ୍ରମ କରିଯାଇଥାଏ, ସେ କେବଳ ଦେଖନ୍ତି ଯେ ଧର୍ମର ରକ୍ଷା ପାଇଁ ବା ଧର୍ମର ବିକାଶ ପାଇଁ ଭଗବାନ୍ ତାଙ୍କଠାରୁ କ'ଣ ଦାବି କରନ୍ତି । ତାଙ୍କର ନିଜର କୌଣସି ବ୍ୟକ୍ତିଗତ ଲକ୍ଷ୍ୟ ନାହିଁ, କୌଣସି ବ୍ୟକ୍ତିଗତ ଭଲପାଇବା ବା ରାଗଦ୍ୱେଷର ସନ୍ତୋଷବିଧାନ ସେ ଚାହାନ୍ତି ନାହିଁ, ତାଙ୍କର କର୍ମ ଆଗରେ ସେ ଏପରି କୌଣସି କଠିନ ଅନମନୀୟ ନୀତି ବା ଆଦର୍ଶ ରଖି ନାହାନ୍ତି, ଯାହାକି ମାନବଜାତିର ନମନୀୟ ବିକାଶ ଓ ପ୍ରଗତିର ବାଧାସ୍ୱରୂପ ହେବ ବା ଅନନ୍ତର ଆହ୍ୱାନକୁ ଭ୍ରୂକ୍ଷେପ ନକରି ତା' ବିରୋଧରେ ଛିଡ଼ା ହେବ । ଜୟ କରିବାକୁ ବା ନିହତ କରିବାକୁ ତାଙ୍କର କେହି ବ୍ୟକ୍ତିଗତ ଶତ୍ରୁ ନାହିଁ, ସେ କେବଳ ଦେଖନ୍ତି ଯେ ତାଙ୍କ ବିରୋଧରେ ଯେଉଁମାନେ ଛିଡ଼ା ହୋଇଛନ୍ତି ସେମାନେ ପରିସ୍ଥିତି ଓ ଘଟଣାଚକ୍ରରେ ତାଙ୍କ ବିରୋଧରେ ଆନୀତ ହୋଇଛନ୍ତି ସେମାନଙ୍କର ବାଧା ଦ୍ୱାରା ନିୟତିର ଗତିକୁ ସାହାଯ୍ୟ କରିବାକୁ । ସେମାନଙ୍କ ବିରୋଧରେ ତାଙ୍କର କୌଣସି କ୍ରୋଧ ବା ବିଦ୍ୱେଷ ରହି ନପାରେ କାରଣ ଦିବ୍ୟ ପ୍ରକୃତିରେ ସେସବୁର କୌଣସି ସ୍ଥାନ

ନାହିଁ । ନିଜର ବିରୋଧୀକୁ ପଦାନତ ଓ ନିହତ କରିବା ପାଇଁ ଅସୁରର ଯେଉଁ ବାସନା ଥାଏ ବା ରାକ୍ଷସ ଭିତରେ ନରହତ୍ୟା ପାଇଁ ଯେଉଁ ଭୀଷଣ ରକ୍ତପିପାସା ଥାଏ, ସେସବୁ ତାଙ୍କର ଧୀର, ଶାନ୍ତ ଏବଂ ସର୍ବତୋମୁଖୀ ସହାନୁଭୂତି ଓ ଜ୍ଞାନ ପକ୍ଷରେ ସମ୍ପୂର୍ଣ୍ଣ ଅସମ୍ଭବ । କାହାକୁ ଆଘାତ କରିବାକୁ ସେ ଚାହାନ୍ତି ନାହିଁ, ବରଂ ଅନ୍ୟ ପକ୍ଷରେ ତାଙ୍କ ଭିତରେ ରହିଥାଏ ସମସ୍ତଙ୍କ ପ୍ରତି ଏକ ବିଶ୍ୱଜନୀନ ବନ୍ଧୁଭାବ ଓ କରୁଣା, 'ମୈତ୍ରଃ କରୁଣ ଏବ ଚ' । ଏହି କରୁଣା ହେଉଛି ମନୁଷ୍ୟମାନଙ୍କ ଉପରେ ଦିବ୍ୟପୁରୁଷଙ୍କର କରୁଣାଦୃଷ୍ଟି । ନିଜ ଭିତରେ ଯେ ସମସ୍ତ ଜୀବଙ୍କୁ ଆଶ୍ରୟ ଦେଇଥାଏ, ଏହା ସାଧାରଣ ମନୁଷ୍ୟୋଚିତ ଅନୁକମ୍ପା ନୁହେଁ ଯାହାକି ହୃଦୟ, ସ୍ନାୟୁ ଓ ରକ୍ତମାଂସରେ ବିକମ୍ପ ଓ ଦୌର୍ବଲ୍ୟ ରୂପରେ ଦେଖା ଦେଇଥାଏ । ସେ ମଧ୍ୟ ଶାରୀରିକ ଜୀବନକୁ ବଡ଼ କରି ଦେଖନ୍ତି ନାହିଁ, ତାଙ୍କର ଦୃଷ୍ଟି ଆତ୍ମାର ଜୀବନ ଉପରେ ନିବଦ୍ଧ, ଶରୀର-ଜୀବନକୁ ସେ କେବଳ ଯନ୍ତ୍ରର ମୂଲ୍ୟ ଦିଅନ୍ତି । ସେ ସହସା ହତ୍ୟା ଓ ସଂଘର୍ଷ ପାଇଁ ଅଗ୍ରସର ହୁଅନ୍ତି ନାହିଁ, କିନ୍ତୁ ଯଦି ଧର୍ମର ସ୍ରୋତ ଭିତରେ ଯୁଦ୍ଧ ଆସିଯାଏ ସେ ପଶ୍ଚାତ୍‌ପଦ ହୁଅନ୍ତି ନାହିଁ, ଉଦାର ସମତା ଓ ପୂର୍ଣ୍ଣଜ୍ଞାନର ସହିତ ସେ ଏହି ଧର୍ମ-ଯୁଦ୍ଧରେ ପ୍ରବୃତ୍ତ ହୁଅନ୍ତି ଏବଂ ଯେଉଁମାନଙ୍କ କ୍ଷମତା ଓ ପ୍ରଭୁତ୍ୱର ଆନନ୍ଦକୁ ତାଙ୍କୁ ଧ୍ୱଂସ କରିବାକୁ ପଡ଼େ, ଯେଉଁମାନଙ୍କର ଜୀବନ ଓ ଜୟର ମଉୋଲ୍ଲାସକୁ ତାଙ୍କୁ ଚୂର୍ଣ୍ଣ କରିବାକୁ ହୁଏ, ସେମାନଙ୍କ ପ୍ରତି ମଧ୍ୟ ତାଙ୍କର ଏ ସମସ୍ତ ସହାନୁଭୂତି ବରାବର ରହିଥାଏ ।

କାରଣ ସର୍ବତ୍ର ସେ ଦୁଇଟି ଜିନିଷ ଦେଖନ୍ତି, ସେ ଦେଖନ୍ତି ଭଗବାନ୍ ସର୍ବଭୂତରେ ସମାନ ଭାବରେ ବିରାଜିତ, କେବଳ ସୃଷ୍ଟିର ପରିବର୍ତ୍ତନଶୀଳ ଅବସ୍ଥାଚକ୍ରରେ ତାଙ୍କର ଏହି ବିବିଧ ଅଭିବ୍ୟକ୍ତି ସମାନ ନୁହେଁ । ମଣିଷ ପଶୁ ଭିତରେ, କୁକୁର ଭିତରେ, ଅସ୍ପୃଶ୍ୟ ଚଣ୍ଡାଳ ତଥା ବିଜ୍ଞ ଓ ମହତ୍ ବ୍ରାହ୍ମଣ ଭିତରେ, ସାଧୁ ତଥା ପାପୀ ଭିତରେ, ଉଦାସୀନ ବା ବନ୍ଧୁ ଓ ଶତ୍ରୁ ଭିତରେ, ଯେ ତାଙ୍କୁ ଭଲ ପାଏ ଓ ତାଙ୍କର ମଙ୍ଗଳ କରେ ତଥା ଯେ ତାଙ୍କୁ ଘୃଣା କରେ ଓ ତାଙ୍କର ଅନିଷ୍ଟ ପାଞ୍ଚେ – ସମସ୍ତଙ୍କ ଭିତରେ ସେ ନିଜକୁ ଦେଖନ୍ତି, ଭଗବାନଙ୍କୁ ଦେଖନ୍ତି ଏବଂ ସମସ୍ତଙ୍କ ପ୍ରତି ତାଙ୍କର ଅନ୍ତରରେ ସମାନ ଦୟା, ସମାନ ଦିବ୍ୟ ସୌହାର୍ଦ୍ଦ୍ୟ ରହିଥାଏ । ପରିସ୍ଥିତିବଶତଃ ସେ ହୁଏତ କାହାକୁ ବାହ୍ୟ ମିତ୍ରତାର ଆଲିଙ୍ଗନ ଦେଇପାରନ୍ତି ବା କାହା ସହିତ ବାହ୍ୟ ସଂଘର୍ଷରେ ରତ ହୋଇପାରନ୍ତି, କିନ୍ତୁ ତାହା କେବେହେଲେ ତାଙ୍କର ସମଦୃଷ୍ଟି, ଉନ୍ମୁକ୍ତ ହୃଦୟ ଓ ସମସ୍ତଙ୍କ ପ୍ରତି ସମାନ ଭଲପାଇବାକୁ ବ୍ୟାହତ କରେ ନାହିଁ । ତାଙ୍କର ସମସ୍ତ କର୍ମରେ ସେଇ ଏକ ଆତ୍ମାର ନୀତିହିଁ ରହିଥାଏ, ଥାଏ ପୂର୍ଣ୍ଣତମ ସମତା ଓ କର୍ମର ସେଇ ଏକହିଁ ନୀତି – ମାନବଜାତିକୁ କ୍ରମଶଃ ଭଗବାନଙ୍କ ଦିଗରେ ଆଗେଇ ନେବା ପାଇଁ ତାଙ୍କ ମଧ୍ୟରେ ଭଗବତ୍ ଇଚ୍ଛାର ପ୍ରେରଣା ।

ଦିବ୍ୟକର୍ମୀର ଆଉ ଏକ ଲକ୍ଷଣ ଯାହାକି ଦିବ୍ୟ ଚେତନାର ଏକ ମୂଳ ଗୁଣ, ତା' ହେଉଛି ପୂର୍ଣ୍ଣ ଆନ୍ତର ପ୍ରଶାନ୍ତି ଓ ଆନନ୍ଦ ଯାହାର ଉତ୍ପତ୍ତି ଓ ସ୍ଥାୟିତ୍ୱ ପୃଥିବୀର ଅନ୍ୟ କୌଣସି ବିଷୟ ଉପରେ ନିର୍ଭର କରେ ନାହିଁ । ଏହି ଆନନ୍ଦ ଓ ପ୍ରଶାନ୍ତି ଦିବ୍ୟକର୍ମୀର ସହଜାତ ଆତ୍ମାର ଚୈତନ୍ୟର ମୂଳ ଉପାଦାନ, ଦିବ୍ୟସତ୍ତାର ଏହାହିଁ ପ୍ରକୃତ ସ୍ୱରୂପ । ସାଧାରଣ ଲୋକ ତା'ର ଆନନ୍ଦ ପାଇଁ ବାହ୍ୟ ବିଷୟ ଉପରେ ନିର୍ଭର କରେ, ତେଣୁ ତା'ର କାମନା ରହିଛି, ତେଣୁ ତା'ର କ୍ରୋଧ ଓ ଆବେଗ, ସୁଖ ଓ ଦୁଃଖ, ହର୍ଷ ଓ ଶୋକ ରହିଛି, ତେଣୁ ସେ ସମସ୍ତ ଜିନିଷକୁ ସୌଭାଗ୍ୟ ଓ ଦୁର୍ଭାଗ୍ୟର ମାନଦଣ୍ଡରେ ବିଚାର କରେ । କିନ୍ତୁ ଏଥି ଭିତରୁ କୌଣସିଟା ବି ଦିବ୍ୟଆତ୍ମାକୁ ପ୍ରଭାବିତ କରେ ନାହିଁ, ଏହା କୌଣସି କିଛି ଉପରେ ନିର୍ଭର ନକରି ସର୍ବଦା ପରିତୃପ୍ତ ହୋଇ ରହିଥାଏ, 'ନିତ୍ୟତୃପ୍ତୋ ନିରାଶ୍ରୟଃ', କାରଣ ଏହାର ଆନନ୍ଦ, ଏହାର ଦିବ୍ୟସ୍ୱସ୍ତି, ଏହାର ସୁଖ ଓ ପ୍ରସନ୍ନ ଜ୍ୟୋତିଃ ସବୁକିଛି ଅନ୍ତରରେ ନିତ୍ୟ ବିରାଜମାନ, ତାହାର ନିଜର ଅଙ୍ଗୀଭୂତ, 'ଆତ୍ମରତିଃ, ଅନ୍ତଃସୁଖୋଽନ୍ତରା-ରାମସ୍ତଥାନ୍ତର୍ଜ୍ୟୋତିରେବ ଯଃ' । ସେ ବାହାର ବସ୍ତୁ ସବୁରେ ଯେଉଁ ଆନନ୍ଦ ପାଏ ତାହା ସେହି ବସ୍ତୁ ଯୋଗୁଁ ନୁହେଁ, ବା ଏପରି କୌଣସି ଜିନିଷ ପାଇଁ ନୁହେଁ ଯାହାକି ସେ ଏହିସବୁ ବସ୍ତୁରୁ ପାଇଛି ଅଥଚ ଯାହାକୁ ସେ ମଧ୍ୟ ହରାଇ ପାରିଥା'ନ୍ତା, ସେ ଆନନ୍ଦ ପାଏ ଏହି ବସ୍ତୁସବୁରେ ବିଦ୍ୟମାନ ଥିବା ଆତ୍ମା ଯୋଗୁଁ, ସେଗୁଡ଼ିକ ଭଗବାନଙ୍କୁ ପ୍ରକାଶ କରିଥିବା ଯୋଗୁଁ ଏବଂ ଏହିସବୁ ଜିନିଷ ଭିତରେ ଯାହା ନିତ୍ୟ ଓ ଯାହାକୁ କେବେ ବି ହରାଇ ହେବ ନାହିଁ ସେଇଥିରୁ ସେ ଆନନ୍ଦ ପାଏ । ଏସବୁର ବାହ୍ୟ ସ୍ପର୍ଶ ପ୍ରତି ତା'ର କୌଣସି ଆସକ୍ତି ନାହିଁ, ସେ ନିଜ ଭିତରୁ ଯେଉଁ ଆନନ୍ଦ ପାଏ ସେହି ଆନନ୍ଦହିଁ ସମସ୍ତ ବସ୍ତୁରୁ ପାଏ, କାରଣ ଏହାର ଆତ୍ମା ଓ ସେସବୁର ଆତ୍ମା ଏକ ଓ ଅଭିନ୍ନ, ସେ ସର୍ବଭୂତର ଆତ୍ମା ସହିତ ଏକାତ୍ମ ହୋଇଯାଇଛି, ବସ୍ତୁ ସବୁର ସମସ୍ତ ଭେଦ ମଧ୍ୟରେ ଯେଉଁ ଏକ ଓ ସମବ୍ରହ୍ମ ରହିଛି ସେ ତାହା ସହିତ ଯୁକ୍ତ ହୋଇଛି, 'ବ୍ରହ୍ମଯୋଗଯୁକ୍ତାତ୍ମା', 'ସର୍ବଭୂତାତ୍ମା-ଭୂତାତ୍ମା' । ସେ ପ୍ରୀତିକର ବସ୍ତୁର ସ୍ପର୍ଶରେ ଆନନ୍ଦିତ ହୁଏ ନାହିଁ ବା ଅପ୍ରୀତିକର ବସ୍ତୁର ସ୍ପର୍ଶରେ ଦୁଃଖିତ ହୁଏ ନାହିଁ, କୌଣସି ବସ୍ତୁର ବେଦନା, କୌଣସି ବନ୍ଧୁର କ୍ଷତ ବା କୌଣସି ଶତ୍ରୁର ବ୍ୟଥା ତାହାର ବାହ୍ୟ ପ୍ରସାରିତ ଦୃଷ୍ଟି ବା ଗ୍ରହଣଶୀଳ ହୃଦୟର ସ୍ଥୈର୍ଯ୍ୟକୁ ନଷ୍ଟ କରେ ନାହିଁ । ଏହି ଆତ୍ମା ଉପନିଷଦ୍ ଭାଷାରେ ଅବ୍ରଣମ୍, କ୍ଷତଶୂନ୍ୟ ବା ବ୍ୟଥାଶୂନ୍ୟ । ସକଳ ବସ୍ତୁରେ ତା'ର ସେହି ଏକ ଅକ୍ଷୟ ଆନନ୍ଦ ବିଦ୍ୟମାନ, 'ସୁଖମ୍ ଅକ୍ଷୟମ୍ ଅଶ୍ନୁତେ' ।

ଏଇ ସମତା, ନୈର୍ବ୍ୟକ୍ତିକତା, ଶାନ୍ତି, ଆନନ୍ଦ ଓ ମୁକ୍ତି କର୍ମ କରିବା ଓ ନ କରିବା ପରି ବାହ୍ୟ ଜିନିଷ ଉପରେ ନିର୍ଭର କରେ ନାହିଁ । ଗୀତା ବାରଂବାର ଆଭ୍ୟନ୍ତରୀଣ ଓ ବାହ୍ୟ ତ୍ୟାଗର ପ୍ରଭେଦ ଉପରେ ଜୋର୍ ଦେଇଛି, ଗୋଟିଏ ହେଉଛି ତ୍ୟାଗ ଓ ଅନ୍ୟଟି

ସନ୍ନ୍ୟାସ । ଗୀତା ମତରେ ପ୍ରଥମଟି ବିନା ଦ୍ୱିତୀୟଟି ମୂଲ୍ୟହୀନ, ଏପରିକି ଆଭ୍ୟନ୍ତରୀଣ ତ୍ୟାଗ ବିନା ଯଥାର୍ଥ ସନ୍ନ୍ୟାସ ପ୍ରାୟ ଅସମ୍ଭବ ଏବଂ ଯେଉଁଠାରେ ଏହି ଆଭ୍ୟନ୍ତରୀଣ ମୁକ୍ତି ଅଛି ସେଠାରେ ଏହି ବାହ୍ୟ ସନ୍ନ୍ୟାସର କୌଣସି ପ୍ରୟୋଜନ ନାହିଁ । ପ୍ରକୃତରେ ତ୍ୟାଗହିଁ ଯଥାର୍ଥ ଓ ଯଥୋଚିତ ସନ୍ନ୍ୟାସ । "ଯେ ଦ୍ୱେଷ କରନ୍ତି ନାହିଁ ବା ଆକାଙ୍କ୍ଷା କରନ୍ତି ନାହିଁ, ତାହାଙ୍କୁହିଁ ନିତ୍ୟ ସନ୍ନ୍ୟାସୀ ବୋଲି ଜାଣିବାକୁ ହେବ । ସମସ୍ତ ଦ୍ୱନ୍ଦ୍ୱରୁ ମୁକ୍ତ ଏହି ବ୍ୟକ୍ତି ଅନାୟାସରେ ଓ ଆନନ୍ଦରେ ସମସ୍ତ ପ୍ରକାର ବନ୍ଧନରୁ ମୁକ୍ତ ହୁଅନ୍ତି ।"[୧]

ବାହ୍ୟ ସନ୍ନ୍ୟାସର କଷ୍ଟଦାୟକ (ଦୁଃଖମାପ୍ତୁମ୍) ମାର୍ଗ ଅବଲମ୍ବନ କରିବା ସମ୍ପୂର୍ଣ୍ଣ ନିଷ୍ପ୍ରୟୋଜନ । ସମସ୍ତ କର୍ମ ତଥା କର୍ମଫଳକୁ ଯେ ତ୍ୟାଗ କରିବାକୁ ହେବ ଏହା ନିଃସନ୍ଦେହ କିନ୍ତୁ ବାହ୍ୟ ନୁହେଁ, ଏହା ହେବ ଅନ୍ତର୍ତ୍ୟାଗ, ପ୍ରକୃତିର ତାମସିକତା ନିକଟରେ ନୁହେଁ, ଯଜ୍ଞର ଅଧୀଶ୍ୱରଙ୍କୁ ଏହା ଅର୍ପଣ କରିବାକୁ ହେବ; ନୈର୍ବ୍ୟକ୍ତିକ ପରମ, ଯାହାଙ୍କ ଭିତରୁ ସମସ୍ତ କର୍ମ ଉତ୍ସାରିତ ହେଉଥିଲେ ମଧ୍ୟ ଯାହାଙ୍କର ଶାନ୍ତି ଅବିଚଳିତ ଥାଏ, ତାଙ୍କର ବିରାଟ ଶାନ୍ତି ଓ ଆନନ୍ଦ ଭିତରକୁ ଏହାକୁ ଅର୍ପଣ କରିବାକୁ ହେବ । ସମସ୍ତ କର୍ମକୁ ବ୍ରହ୍ମଙ୍କ ନିକଟରେ ସମର୍ପଣ କରିବାହିଁ ପ୍ରକୃତ କର୍ମସନ୍ନ୍ୟାସ । "ଯେ ଆସକ୍ତି ପରିତ୍ୟାଗ କରି ସମସ୍ତ କର୍ମ ବ୍ରହ୍ମରେ ପ୍ରତିଷ୍ଠିତ କରି ବା ବ୍ରହ୍ମକୁ ଭିତ୍ତିକରି କରନ୍ତି 'ବ୍ରହ୍ମଣ୍ୟାଧାୟ କର୍ମାଣି', ଜଳରେ ପଦ୍ମପତ୍ର ପରି କୌଣସି ପାପ ତାଙ୍କୁ ସ୍ପର୍ଶ କରେ ନାହିଁ ।"[୨] ତେଣୁ ଯୋଗୀମାନେ ପ୍ରଥମେ ଶରୀର, ମନ ଓ ବୁଦ୍ଧି ଦ୍ୱାରା ଏପରିକି କେବଳ କର୍ମେନ୍ଦ୍ରିୟ ଦ୍ୱାରା ସମସ୍ତ ଆସକ୍ତି ପରିତ୍ୟାଗ କରି ଆତ୍ମଶୁଦ୍ଧି ପାଇଁ କର୍ମ କରନ୍ତି, "ସଙ୍ଗଂ ତ୍ୟକ୍ତ୍ୱାତ୍ମଶୁଦ୍ଧୟେ" । କର୍ମଫଳ ପ୍ରତି ଆସକ୍ତି ପରିତ୍ୟାଗ କରିବା ଦ୍ୱାରା ବ୍ରହ୍ମ ସହିତ ଯୁକ୍ତ ହୋଇ ବ୍ୟକ୍ତି ବ୍ରହ୍ମନିଷ୍ଠାର ପରମ ଶାନ୍ତି ଲାଭ କରନ୍ତି; କିନ୍ତୁ ଯେଉଁ ବ୍ୟକ୍ତି ଏହିପରି ବ୍ରହ୍ମଯୁକ୍ତ ନୁହନ୍ତି ସେ କର୍ମଫଳରେ ଆସକ୍ତ ହୋଇ ବାସନାଜଡ଼ିତ କର୍ମରେ ଆବଦ୍ଧ ହୁଅନ୍ତି[୩] । ଏହି ପ୍ରତିଷ୍ଠା, ଶୁଦ୍ଧି ଓ ଶାନ୍ତି ଥରେ ଲାଭ କରିପାରିଲେ ଦେହୀ ଆତ୍ମା ତାହାର ପ୍ରକୃତିକୁ ସମ୍ପୂର୍ଣ୍ଣରୂପେ ବଶୀଭୂତ କରି

---

[୧] ଜ୍ଞେୟଃ ସ ନିତ୍ୟସଂନ୍ୟାସୀ ଯୋ ନ ଦ୍ୱେଷ୍ଟି ନ କାଙ୍କ୍ଷତି ।
ନିର୍ଦ୍ୱନ୍ଦ୍ୱୋ ହି ମହାବାହୋ ସୁଖଂ ବନ୍ଧାତ୍ ପ୍ରମୁଚ୍ୟତେ ।। ୫।୩

[୨] ବ୍ରହ୍ମଣ୍ୟାଧାୟ କର୍ମାଣି ସଙ୍ଗଂ ତ୍ୟକ୍ତ୍ୱା କରୋତି ଯଃ ।
ଲିପ୍ୟତେ ନ ସ ପାପେନ ପଦ୍ମପତ୍ରମିବାମ୍ଭସା ।। ୫।୧୦

[୩] କାୟେନ ମନସା ବୁଦ୍ଧ୍ୟା କେବଲୈରିନ୍ଦ୍ରିୟୈରପି ।
ଯୋଗିନଃ କର୍ମ କୁର୍ବନ୍ତି ସଙ୍ଗଂ ତ୍ୟକ୍ତ୍ୱାତ୍ମଶୁଦ୍ଧୟେ ।। ୫।୧୧
ଯୁକ୍ତଃ କର୍ମଫଳଂ ତ୍ୟକ୍ତ୍ୱା ଶାନ୍ତିମାପ୍ନୋତି ନୈଷ୍ଠିକୀମ୍ ।
ଅଯୁକ୍ତଃ କାମକାରେଣ ଫଲେ ସକ୍ତୋ ନିବଧ୍ୟତେ ।। ୫।୧୨

ଏବଂ ସମସ୍ତ କର୍ମକୁ ବାହ୍ୟ ଭାବରେ ନୁହେଁ, ଆନ୍ତର୍ଭାବରେ ମନ ଦ୍ୱାରା ପରିତ୍ୟାଗ କରି ନବଦ୍ୱାରବିଶିଷ୍ଟ ଶରୀର ରୂପକ ପୁରରେ ଅବସ୍ଥାନ କରେ, ସେ କୌଣସି କର୍ମ କରେ ନାହିଁ ବା କୌଣସି କର୍ମର କାରଣ ହୁଏ ନାହିଁ।[୧] କାରଣ ଏହି ଆତ୍ମାହିଁ ସମସ୍ତଙ୍କ ଭିତରେ ସେହି ଏକ ନୈର୍ବ୍ୟକ୍ତିକ ଆତ୍ମା, ସର୍ବବ୍ୟାପୀ ପରମେଶ୍ୱର, 'ପ୍ରଭୁ', 'ବିଭୁ', ଯେ ନୈର୍ବ୍ୟକ୍ତିକ ରୂପରେ ସଂସାରର କୌଣସି କର୍ମ କିଂବା ମନର କର୍ତ୍ତାଭାବକୁ ସୃଷ୍ଟି କରନ୍ତି ନାହିଁ, 'ନ କର୍ତ୍ତୃତ୍ୱଂ ନ କର୍ମାଣି', କିଂବା କର୍ମ ସହିତ କର୍ମଫଳର ସଂଯୋଗ ଅର୍ଥାତ୍ କାର୍ଯ୍ୟକାରଣ ଶୃଙ୍ଖଳ ମଧ ସେ ସୃଷ୍ଟି କରନ୍ତି ନାହିଁ। ମନୁଷ୍ୟ ଭିତରେ ଯେଉଁ ପ୍ରକୃତି ରହିଛି, ଯାହା ତାହାର ଆତ୍ମବିକାଶର ମୂଳଶକ୍ତି ସେହି ସ୍ୱଭାବହିଁ ସବୁ କରେ।[୨]

ଏହି ସର୍ବବ୍ୟାପୀ ନୈର୍ବ୍ୟକ୍ତିକ ସତ୍ତା କାହାର ପାପ-ପୁଣ୍ୟ ଗ୍ରହଣ କରେ ନାହିଁ, ଏହିସବୁ ପାପ-ପୁଣ୍ୟର ମୂଳରେ ଅଛି ଜୀବର ଅଜ୍ଞାନ, କର୍ତ୍ତାଭାବର ଅହଂକାର, ନିଜ ପରମ ସତ୍ତା ସମ୍ପର୍କରେ ଅଜ୍ଞାନ ପ୍ରକୃତିର କ୍ରିୟା ସହିତ ଜଡ଼ିତଭାବ। ଯେତେବେଳେ ଏହିସବୁ ଅନ୍ଧକାରମୟ ଆବରଣ ଭିତରୁ ତା'ର ଅନ୍ତରସ୍ଥ ଆତ୍ମଜ୍ଞାନ ମୁକ୍ତ ହୁଏ, ସେତେବେଳେ ସେହି ଜ୍ଞାନ ସୂର୍ଯ୍ୟ ପରି ତା'ର ଭିତରେ ଥିବା ଯଥାର୍ଥ ଆତ୍ମାକୁ ଉଦ୍ଭାସିତ କରେ, ସେତେବେଳେ ସେ ନିଜକୁ ପ୍ରକୃତିର ଯନ୍ତ୍ରସମୂହର ଊର୍ଦ୍ଧ୍ୱରେ ଅବସ୍ଥିତ ପରମାତ୍ମା ବୋଲି ଜାଣିପାରେ। ଶୁଦ୍ଧ, ଅନନ୍ତ, ଅଲଙ୍ଘ୍ୟ, ଅକ୍ଷର ସେହି ମୁକ୍ତ ଆତ୍ମାକୁ ଆଉ କୌଣସି କିଛି ସ୍ପର୍ଶ କରେ ନାହିଁ, ପ୍ରକୃତିର କ୍ରିୟା ଦ୍ୱାରା ଯେ ତାହାର କୌଣସି ପରିବର୍ତ୍ତନ ହୋଇପାରେ ତାହା ସେ କଳ୍ପନା ମଧ କରିପାରେ ନାହିଁ। ନିଜକୁ ସେହି ନୈର୍ବ୍ୟକ୍ତିକ ସତ୍ତା ସହିତ ସମ୍ପୂର୍ଣ୍ଣ ରୂପେ ଏକ କରିଦେଇ ସେ ପ୍ରକୃତି ଭିତରେ ପୁନର୍ବାର ଜନ୍ମ ହେବାର ବନ୍ଧନରୁ ନିଜକୁ ମୁକ୍ତ କରିଦେଇପାରେ।

ତଥାପି ଏହି ମୁକ୍ତି ତାହାର କର୍ମ କରିବା ଦିଗରେ କୌଣସି ବାଧା ସୃଷ୍ଟି କରେ ନାହିଁ। କେବଳ ସେ ଜାଣେ ଯେ ସେ କ୍ରିୟା କରୁ ନାହିଁ, ପ୍ରକୃତିର ଧାରା, ଗୁଣ ଓ ତ୍ରିଗୁଣାତ୍ମକ ଶକ୍ତିହିଁ କ୍ରିୟା କରିଯାଉଛି। "ତତ୍ତ୍ୱଜ୍ଞ ଲୋକ (ନିଷ୍କ୍ରିୟ ନୈର୍ବ୍ୟକ୍ତିକ ସତ୍ତାରେ) ଯୋଗଯୁକ୍ତ ହୋଇ ମନେ କରନ୍ତି ଯେ 'ମୁଁ କିଛି ବି କରୁ ନାହିଁ', ସେ ଯେତେବେଳେ ଦର୍ଶନ, ଶ୍ରବଣ, ସ୍ପର୍ଶ, ଘ୍ରାଣ, ଆହାର, ଗମନ, ନିଦ୍ରା, ଶ୍ୱାସ, କଥନ, ତ୍ୟାଗ, ଗ୍ରହଣ, ଚକ୍ଷୁ ଉନ୍ମୋଚନ ଓ ଚକ୍ଷୁନିମୀଳନ କରନ୍ତି ସେତେବେଳେ ସେ ଏହି ଧାରଣା କରନ୍ତି ଯେ

---

[୧] ସର୍ବକର୍ମାଣି ମନସା ସନ୍ନ୍ୟସ୍ୟାସ୍ତେ ସୁଖଂ ବଶୀ।
ନବଦ୍ୱାରେ ପୁରେ ଦେହୀ ନୈବ କୁର୍ବନ୍ନ କାରୟନ୍॥ ୫।୧୩

[୨] ନ କର୍ତ୍ତୃତ୍ୱଂ ନ କର୍ମାଣି ଲୋକସ୍ୟ ସୃଜତି ପ୍ରଭୁଃ।
ନ କର୍ମଫଳସଂଯୋଗଂ ସ୍ୱଭାବସ୍ତୁ ପ୍ରବର୍ତ୍ତତେ॥ ୫।୧୪

କେବଳ ଇନ୍ଦ୍ରିୟମାନେହିଁ ବିଷୟ ଉପରେ କ୍ରିୟା କରୁଛନ୍ତି ।''[୧] ସେ ଅକ୍ଷର, ଅବିକାରୀ ଆତ୍ମାରେ ନିରାପଦ ରହି ଗୁଣତ୍ରୟ କବଳର ଊର୍ଦ୍ଧ୍ୱରେ ବିରାଜମାନ କରନ୍ତି, ସେ ତ୍ରିଗୁଣାତୀତ, ସେ ସାତ୍ତ୍ୱିକ ନୁହନ୍ତି, ରାଜସିକ ଓ ତାମସିକ ନୁହନ୍ତି । ସେ ନିର୍ମଳ ଓ ଅବିକ୍ଷୁବ୍ଧ ଚିତ୍ତ ନେଇ କେବଳ ନିରୀକ୍ଷଣ କରନ୍ତି ତାଙ୍କ କର୍ମରେ ପ୍ରାକୃତିକ ଗୁଣ ଓ କ୍ରିୟାର କିପରି ପରିବର୍ତ୍ତନ ଚାଲିଛି, ଆଲୋକ ଓ ଆନନ୍ଦର, କର୍ମ ଓ ଶକ୍ତିର, ବିଶ୍ରାମ ଓ ଜଡ଼ତାର କିପରି ଛନ୍ଦମୟ ଲୀଳା ଚାଲିଛି । ଶାନ୍ତ ଆତ୍ମାର ଏହି ଊର୍ଦ୍ଧ୍ୱସ୍ଥିତି, ଦ୍ରଷ୍ଟାଭାବରେ ନିଜ କର୍ମକୁ ନିରୀକ୍ଷଣ କରିବା ଅଥଚ ସେଥିରେ ଜଡ଼ିତ ନହେବା, ଏହି ତ୍ରୈଗୁଣାତୀତ, ଦିବ୍ୟକର୍ମୀର ଆଉ ଏକ ମହତ୍ ଲକ୍ଷଣ । କିନ୍ତୁ କେବଳ ଏହି ଭାବରୁ ଏପରି ଏକ ମତବାଦର ଉଦ୍ଭବ ହୋଇପାରେ, ଯାହାର ଅର୍ଥ ହେଉଛି ପ୍ରକୃତିର କ୍ରିୟା ଯାନ୍ତ୍ରିକ ଭାବରେ ନିର୍ଦ୍ଧାରିତ ଓ ଆତ୍ମା ସମ୍ପୂର୍ଣ୍ଣ ଉଦାସୀନ ଓ ଦାୟିତ୍ୱହୀନ । କିନ୍ତୁ ଗୀତା ଏପରି ଅସମ୍ପୂର୍ଣ୍ଣ ଚିନ୍ତାଧାରାର ବିପଦକୁ ନିଜର ଜ୍ଞାନଦୀପ୍ତ ପୁରୁଷୋତ୍ତମ ତତ୍ତ୍ୱ ଦ୍ୱାରା ସଫଳ ଭାବରେ ଦୂର କରିଛି । ଗୀତାର ଏହି ମତରୁ ସ୍ପଷ୍ଟ ହୋଇଛି ଯେ ଶେଷ ଅବଧି ପ୍ରକୃତି ଯାନ୍ତ୍ରିକ ଭାବରେ ନିଜର କ୍ରିୟାକୁ ନିର୍ଦ୍ଧାରଣ କରେ ନାହିଁ, ପରମଙ୍କର ସଙ୍କଳ୍ପହିଁ ତାକୁ କାର୍ଯ୍ୟର ପ୍ରେରଣା ଦିଏ, ଯେ ପୂର୍ବରୁ ଧାର୍ତ୍ତରାଷ୍ଟ୍ରଗଣଙ୍କୁ ନିଧନ କରିଛନ୍ତି, ଅର୍ଜୁନ ଯାହାଙ୍କ କର୍ମର ମାନବୀୟ ଯନ୍ତ୍ର ମାତ୍ର, ସେହି ବିଶ୍ୱ-ଆତ୍ମା, ସେହି ସର୍ବାତୀତ ଈଶ୍ୱରହିଁ ପ୍ରକୃତିର କର୍ମର ଅଧୀଶ୍ୱର । ନୈର୍ବ୍ୟକ୍ତିକ ସତ୍ତା ଭିତରେ ସମସ୍ତ କର୍ମର ଉତ୍ସର୍ଗ, କର୍ତ୍ତାଭାବର ବ୍ୟକ୍ତିଗତ ଅହଂକାରରୁ ମୁକ୍ତ ହେବା ଲାଗି ଏକ ଉପାୟ ସତ, କିନ୍ତୁ ଶେଷ ଲକ୍ଷ୍ୟ ହେଉଛି ଆମର ସମସ୍ତ କର୍ମକୁ ସକଳର ପରମ ଅଧୀଶ୍ୱର ସେହି ସର୍ବଭୂତ ମହେଶ୍ୱରଙ୍କୁ ଅର୍ପଣ କରିବା । ଆତ୍ମା ସହିତ ଏକୀଭୂତ ଏକ ଚେତନା ନେଇ ମୋତେ ତୋର ସମସ୍ତ କର୍ମ ଅର୍ପଣ କରି, 'ମୟି ସର୍ବାଣି କର୍ମାଣି ସଂନ୍ୟସ୍ୟାଧ୍ୟାତ୍ମ-ଚେତସା'[୨], ବ୍ୟକ୍ତିଗତ ସମସ୍ତ ଆଶା ଆକାଙ୍କ୍ଷାରୁ ମୁକ୍ତ ହୋଇ, 'ମୁଁ' ଓ 'ମୋର' ଆଦି ସମସ୍ତ ଭାବକୁ ବର୍ଜନ କରି, ବିଗତଜ୍ୱର ହୋଇ ଯୁଦ୍ଧ କର, କର୍ମ କର ଓ ଜଗତରେ ମୋର ଇଚ୍ଛା ସମ୍ପାଦନ କର । ଭଗବାନହିଁ ସମସ୍ତ କର୍ମକୁ ଆରମ୍ଭ କରନ୍ତି, ପ୍ରେରଣା ଦିଅନ୍ତି, ସମ୍ପୂର୍ଣ୍ଣରୂପେ ନିର୍ଦ୍ଧାରଣ କରନ୍ତି, ମାନବ ଆତ୍ମା ବ୍ରହ୍ମ ଭିତରେ ନୈର୍ବ୍ୟକ୍ତିକ ଭାବରେ ଅବସ୍ଥାନ

---

[୧] ନୈବ କିଞ୍ଚିତ୍ କରୋମୀତି ଯୁକ୍ତୋ ମନ୍ୟେତ ତତ୍ତ୍ୱବିତ୍ ।
ପଶ୍ୟନ୍ ଶୃଣ୍ୱନ୍ ସ୍ପୃଶନ୍ ଜିଘ୍ରନ୍ ଅଶ୍ନନ୍ ଗଚ୍ଛନ୍ ସ୍ୱପନ୍ ଶ୍ୱସନ୍ ।। ୫।୮
ପ୍ରଲପନ୍ ବିସୃଜନ୍ ଗୃହ୍ଣନ୍ ଉନ୍ମିଷନ୍ ନିମିଷନ୍ନପି ।
ଇନ୍ଦ୍ରିୟାଣୀନ୍ଦ୍ରିୟାର୍ଥେଷୁ ବର୍ତ୍ତନ୍ତ ଇତି ଧାରୟନ୍ ।। ୫।୯

[୨] ମୟି ସର୍ବାଣି କର୍ମାଣି ସଂନ୍ୟସ୍ୟାଧ୍ୟାତ୍ମଚେତସା ।
ନିରାଶୀର୍ନିର୍ମମୋ ଭୂତ୍ୱା ଯୁଧ୍ୟସ୍ୱ ବିଗତଜ୍ୱରଃ ।। ୩।୩୦

କରି ଭଗବାନଙ୍କ ଶକ୍ତିର ଶୁଦ୍ଧ ଓ ନୀରବ ମାଧ୍ୟମ ମାତ୍ର ହୁଏ, ପ୍ରକୃତି ଭିତରେ ସେହି ଶକ୍ତିହିଁ ଦିବ୍ୟକର୍ମ ସମ୍ପାଦନ କରେ । ଏହି ପ୍ରକାର କର୍ମହିଁ ମୁକ୍ତ ଆତ୍ମାର କର୍ମ, ମୁକ୍ତସ୍ୟ କର୍ମ, କାରଣ କୌଣସି କର୍ମ ସେ ବ୍ୟକ୍ତିଗତ ପ୍ରବୃତ୍ତିବଶରେ କରେ ନାହିଁ, ସିଦ୍ଧ କର୍ମଯୋଗୀର କର୍ମ ଏହି ପ୍ରକାରର । ତା'ର ସମସ୍ତ କର୍ମ ମୁକ୍ତ ଆତ୍ମାରୁ ଉତ୍‌ଥିତ ହୁଏ ଏବଂ ଆତ୍ମାକୁ କୌଣସି ଭାବରେ ବିକୃତ ନକରି ଚାଲିଯାଏ, ଗଭୀର ସମୁଦ୍ରରେ ଢେଉସବୁ ଉଠି ପୁଣି ମିଳାଇଗଲା ପରି ଗଭୀର ଚେତନାର ସମୁଦ୍ର ଉପରେ ଏହିସବୁ ଢେଉ ଉଠି ପୁଣି ମିଳାଇଯାଏ ।

ଗତସଙ୍ଗସ୍ୟ ମୁକ୍ତସ୍ୟ ଜ୍ଞାନାବସ୍ଥିତଚେତସଃ ।<br>
ଯଜ୍ଞାୟାଚରତଃ କର୍ମ ସମଗ୍ରଂ ପ୍ରବିଲୀୟତେ ॥ ୪।୨୩

# ୧୯

# ସମତା

ଯେହେତୁ ମୁକ୍ତ ଆତ୍ମାର ଲକ୍ଷଣ ହେଉଛି ଜ୍ଞାନ, ବାସନା-ହୀନତା, ନୈର୍ବ୍ୟକ୍ତିକତା, ସମତା ଓ ସ୍ୱପ୍ରତିଷ୍ଠିତ ଆନ୍ତର ଶାନ୍ତି ଓ ଆନନ୍ଦ ଏବଂ ଗୁଣତ୍ରୟର ପାଶରୁ ମୁକ୍ତି ବା ଅନ୍ତତଃ ସେମାନଙ୍କ ଉପରେ କର୍ତ୍ତୃତ୍ୱ, ତେଣୁ ତା'ର ସମସ୍ତ କର୍ମରେ ଏହି ଭାବସବୁ ବରାବର ରହିବ । ଯେଉଁ ଅବିଚଳିତ ଶାନ୍ତି ଓ ସ୍ଥିରତା ନେଇ ମୁକ୍ତ ଆତ୍ମା ସଂସାରର ସମସ୍ତ ଆଘାତ, ସମସ୍ତ ଦ୍ୱନ୍ଦ୍ୱ ଓ ସଂଘାତର ସମ୍ମୁଖୀନ ହୁଏ ସେଥିପାଇଁ ପୂର୍ବୋକ୍ତ ଗୁଣଗୁଡ଼ିକ ନିତାନ୍ତ ପ୍ରୟୋଜନ । ସମସ୍ତ ପରିବର୍ତ୍ତନ ଭିତରେ ବ୍ରହ୍ମର ଯେଉଁ ସମତାପୂର୍ଣ୍ଣ ଅବିଚଳ ଭାବ, ତାହାରି ପ୍ରତିବିମ୍ବ ହେଲା ଏହି ସ୍ଥିରତା ଏବଂ ବିଶ୍ୱର ସମସ୍ତ ବହୁ ଭିତରେ ଅନ୍ତର୍ନିହିତ ହୋଇ ଚିରକାଳ ଯେଉଁ ଅଖଣ୍ଡ ଓ ନିରପେକ୍ଷ ଏକତ୍ୱ ରହିଛି ଏ ସ୍ଥିରତା ହେଉଛି ତାହାରି ଅଙ୍ଗ । କାରଣ ପୃଥିବୀର ଅସଂଖ୍ୟ ପାର୍ଥକ୍ୟ ଓ ବୈଷମ୍ୟ ଭିତରେ ଯଥାର୍ଥ ସମଭାବାପନ୍ନ ଓ ସମତାରକ୍ଷାକାରୀ ସଦ୍‌ବସ୍ତୁ ହେଲା ସେହି ପରମ ଏକତ୍ୱ, ଏବଂ ଆତ୍ମାର ସମତାହିଁ ହେଲା ଏକମାତ୍ର ପ୍ରକୃତ ସମତା । କାରଣ ଜଗତର ଅନ୍ୟାନ୍ୟ ବିଷୟରେ କେବଳ ସାଦୃଶ୍ୟ, ସାମଞ୍ଜସ୍ୟ ବା ଭାରସାମ୍ୟ ରହିପାରେ; କିନ୍ତୁ ଜଗତର ସର୍ବାପେକ୍ଷା ଶ୍ରେଷ୍ଠତମ ସାଦୃଶ୍ୟ ଥିବା ବସ୍ତୁମାନଙ୍କ ଭିତରେ ବି ଆମେ ଅସମତା ଓ ଅସାମଞ୍ଜସ୍ୟମୂଳକ ପାର୍ଥକ୍ୟ ଦେଖୁ । ଜଗତର ସାମଞ୍ଜସ୍ୟପୂର୍ଣ୍ଣ ଭାରସାମ୍ୟ ପ୍ରତିଷ୍ଠିତ ହୋଇପାରିବ କେବଳ ଅସମଭାରସମ୍ପନ୍ନ ବିଭିନ୍ନ ବସ୍ତୁ ଭିତରେ ପାରସ୍ପରିକ ସୁସମ୍ବନ୍ଧ ସ୍ଥାପନ କରିବା ଦ୍ୱାରା ।

ତେଣୁ ଗୀତାରେ କର୍ମଯୋଗର ଉପାଦାନମାନଙ୍କ ଭିତରେ ସମତା ଉପରେ ଏତେ ଗୁରୁତ୍ୱ ଦିଆଯାଇଛି । ମୁକ୍ତ ଆତ୍ମାର ଜଗତ୍ ସହିତ ମୁକ୍ତ ସମ୍ପର୍କର ମୂଳଚାବି ହେଲା ସମତା । ଯେପର୍ଯ୍ୟନ୍ତ ଆତ୍ମଜ୍ଞାନ, ବାସନାହୀନତା, ନୈର୍ବ୍ୟକ୍ତିକତା, ଆନନ୍ଦ ଓ ତ୍ରୈଗୁଣାତୀତ୍ୟ ଅବସ୍ଥାସବୁ ନିଜ ଭିତରେ ଆତ୍ମପ୍ରତ୍ୟାହୃତ ଓ ଆତ୍ମସମାହିତ ହୋଇ ନିଷ୍କ୍ରିୟ ଭାବରେ ରହିଥା'ନ୍ତି, ସେତେବେଳେ ସମତାର କୌଣସି ପ୍ରୟୋଜନ ନାହିଁ, କାରଣ ସେତେବେଳେ ଏହିସବୁ ଗୁଣଗୁଡ଼ିକୁ ଏପରି କୌଣସି ଅବସ୍ଥା ବା ବସ୍ତୁର ସମ୍ମୁଖୀନ ହେବାକୁ ପଡ଼େ ନାହିଁ ଯେଉଁଠି ସମତା ଓ ଅସମତା ଭିତରେ ଦ୍ୱନ୍ଦ୍ୱ ଓ ବିରୋଧର ସମସ୍ୟା ଉଠିବ । କିନ୍ତୁ ଯେଉଁ ମୁହୂର୍ତ୍ତରେ ଆତ୍ମା ପ୍ରକୃତିର କ୍ରିୟାରେ ନାନା ବହୁତ୍ୱ, ନାନା ବ୍ୟକ୍ତିତ୍ୱ, ବୈଷମ୍ୟ ଓ ଭେଦ ଆଦିର ସମ୍ମୁଖୀନ ହୁଏ, ସେତେବେଳେ ସେ ନିଜର ମୁକ୍ତ ଅବସ୍ଥାର ଏହିସବୁ ଗୁଣ ବା

ଲକ୍ଷଣଗୁଡ଼ିକୁ ସମତା ଭିତର ଦେଇହିଁ କ୍ରିୟାଶୀଳ ଓ ଅଭିବ୍ୟକ୍ତ କରାଏ । ଜ୍ଞାନ ହେଉଛି ପରମ ଏକଙ୍କ ସହିତ ଏକତ୍ୱର ଚେତନା, ତେଣୁ ବିଶ୍ୱର ବହୁ ସତ୍ତା ଓ ବସ୍ତୁ ସହିତ ସମ୍ପର୍କର କ୍ଷେତ୍ରରେ ଏହି ଜ୍ଞାନ ନିଜକୁ ଅଭିବ୍ୟକ୍ତ କରେ ସମସ୍ତଙ୍କ ସହ ଏକ ସମତାମୂଳକ ଏକତ୍ୱ ଦ୍ୱାରା । ନୈର୍ବ୍ୟକ୍ତିକତା ହେଉଛି ଜଗତରେ ବହୁ ବ୍ୟକ୍ତିତ୍ୱର ବିଭିନ୍ନତା ଭିତରେ ଏକ ଅପରିବର୍ତ୍ତନୀୟ ଆତ୍ମାର ଉତ୍କର୍ଷ, ତେଣୁ ପୃଥିବୀର ବିଭିନ୍ନ ବ୍ୟକ୍ତିତ୍ୱ ସହ ବ୍ୟବହାର କଲାବେଳେ ଏହା ସମସ୍ତଙ୍କ ସହିତ ନିରପେକ୍ଷ ଓ ସମ୍ପୂର୍ଣ୍ଣ ସମତାର ଭାବ ନେଇ ବ୍ୟବହାର ଭିତରେ ନିଜକୁ ଅଭିବ୍ୟକ୍ତ କରିବ, ଏହି ବ୍ୟବହାର ଅବସ୍ଥାଭେଦରେ ଓ ବିଭିନ୍ନ ବ୍ୟକ୍ତି ସହିତ ସମ୍ପର୍କଭେଦରେ ଯେତେ ବିଭିନ୍ନ ହେଲେ ମଧ୍ୟ ଏହାର ଭିତରର ଭାବ ବରାବର ସମ ଓ ନିରପେକ୍ଷ ରହିବ । ଯେପରି କୃଷ୍ଣ ଗୀତାରେ କହିଛନ୍ତି, ତାଙ୍କର ପ୍ରିୟ କେହି ନାହିଁ, ତାଙ୍କର ଘୃଣାଭାଜନ କେହି ନାହିଁ, ତାଙ୍କର ସମସ୍ତଙ୍କ ପ୍ରତି ସମଭାବ, ତଥାପି ଭକ୍ତ ତାଙ୍କର ବିଶେଷ କୃପା ଲାଭ କରେ, କାରଣ ସେ ତାଙ୍କ ସହିତ ଯେଉଁ ସମ୍ବନ୍ଧ ସ୍ଥାପନ କରିଥାଏ ତାହା ଅନ୍ୟମାନଙ୍କଠାରୁ ସ୍ୱତନ୍ତ୍ର, ଏବଂ ସମସ୍ତଙ୍କର ପ୍ରଭୁ ସେହି ନିରପେକ୍ଷ ଭଗବାନ୍ ଏକ ହେଲେ ମଧ୍ୟ ତାହାଙ୍କ ନିକଟକୁ ଯେ ଯେପରି ଭାବ ନେଇ ଆସେ, ସେ ତାକୁ ସେହିପରି ଭାବ ନେଇ ଗ୍ରହଣ କରନ୍ତି* । ବାସନାହୀନତା ହେଉଛି ଜଗତରେ ବିଭିନ୍ନ କାମ୍ୟ ବସ୍ତୁର ଯେଉଁ ଆକର୍ଷଣ ରହିଛି ତା' ଉପରେ ଅସୀମ ଆତ୍ମାର ଉତ୍କର୍ଷ । ଆତ୍ମାକୁ ଯେତେବେଳେ ଏହିସବୁ ବସ୍ତୁ ସମ୍ପର୍କରେ ଆସିବାକୁ ହୁଏ ସେତେବେଳେ ସେ ଏହି ବାସନାହୀନତାକୁ ଅଭିବ୍ୟକ୍ତ କରେ ଏକ ସମତାପୂର୍ଣ୍ଣ ନିରପେକ୍ଷ ଉଦାସୀନତାର ଭାବ ନେଇ ସେହି ବସ୍ତୁସବୁକୁ ଗ୍ରହଣ କରିବା ଦ୍ୱାରା କିଂବା ସମସ୍ତ ବସ୍ତୁ ପ୍ରତି ଏକ ସମତାପୂର୍ଣ୍ଣ ନିରପେକ୍ଷ ଓ ଅନାସକ୍ତ ଆନନ୍ଦ ଏବଂ ପ୍ରେମ ଦ୍ୱାରା । କାରଣ ଯେହେତୁ ଆତ୍ମାର ଏହି ଆନନ୍ଦ ସ୍ୱୟଂପ୍ରତିଷ୍ଠ ତେଣୁ କୌଣସି ବସ୍ତୁକୁ ପାଇବା ନ ପାଇବା ଉପରେ ଏହା ନିର୍ଭରଶୀଳ ନହୋଇ ନିଜ ସ୍ୱରୂପରେ ଅବିକ୍ଷୁବ୍ଧ ଓ ଅକ୍ଷୟ ହୋଇ ରହିଥାଏ । କାରଣ ଆତ୍ମାର ଆନନ୍ଦ ନିଜ ଭିତରେହିଁ ରହିଥାଏ, ଯଦି ଏହି ଆନନ୍ଦକୁ ବସ୍ତୁ ବା ଜୀବମାନଙ୍କ ସମ୍ପର୍କରେ ଆସିବାକୁ ହୁଏ ତେବେ କେବଳ ଏହି ଭାବରେହିଁ ଏହା ନିଜର ମୁକ୍ତ ଆଧ୍ୟାତ୍ମିକତାକୁ ଅଭିବ୍ୟକ୍ତ କରିପାରେ । ତ୍ରୈଗୁଣାତୀତ୍ୟ ହେଉଛି ପ୍ରକୃତିର ଗୁଣସମୂହର ଯେଉଁ ସ୍ୱଭାବତଃ ନିତ୍ୟଚଞ୍ଚଳ ଓ ଅସମ କ୍ରିୟା ରହିଛି ତା' ଉର୍ଦ୍ଧ୍ୱରେ ଅବିଚଳିତ ଆତ୍ମାର ଉତ୍କର୍ଷ । ଯଦି ଏହାକୁ ପ୍ରକୃତିର ଅସମ ଏବଂ ଦ୍ୱନ୍ଦ୍ୱପୂର୍ଣ୍ଣ କ୍ରିୟାର ସମ୍ପର୍କରେ ଆସିବାକୁ ହୁଏ, ଯଦି ମୁକ୍ତ ଆତ୍ମା ତା'ର ପ୍ରକୃତିକୁ କିଛି କର୍ମ କରିବାକୁ ଦିଏ ତେବେ ସମସ୍ତ କର୍ମ, ସମସ୍ତ ଫଳ ଓ ସମସ୍ତ

---

* ସମୋଽହଂ ସର୍ବଭୂତେଷୁ ନ ମେ ଦ୍ୱେଷ୍ୟୋଽସ୍ତି ନ ପ୍ରିୟଃ ।
ଯେ ଭଜନ୍ତି ତୁ ମାଂ ଭକ୍ତ୍ୟା ମୟି ତେ ତେଷୁ ଚାପ୍ୟହମ୍ ॥ ୯।୨୯

ଘଟନା ପ୍ରତି ଏକ ନିରପେକ୍ଷ ସମତା ଦ୍ୱାରାହିଁ ଏହା ନିଜର ଏହି ଉତ୍କର୍ଷକୁ ଅଭିବ୍ୟକ୍ତ କରିପାରେ ।

ସମତା ହେଉଛି ସାଧକର ଏକ ଲକ୍ଷଣ ଓ ତାହା ପାଇଁ ଏକ ପରୀକ୍ଷା ମଧ୍ୟ । ଯେଉଁଠି ଆତ୍ମାରେ ଅସମତାର ଭାବ ରହିଛି ସେଠି ବୁଝିବାକୁ ହେବ ପ୍ରକୃତିର ଗୁଣମାନଙ୍କର କିଛି ଅସମ ଖେଳା ରହିଛି, ବାସନାର ଖେଳା, ବ୍ୟକ୍ତିଗତ ଇଚ୍ଛା, ଅନୁଭୂତି ଓ କର୍ମର ଖେଳା, ହର୍ଷ-ବିଷାଦର ଖେଳା ରହିଛି ବା ସେହି ବିକ୍ଷୁବ୍ଧ ବା ବିକ୍ଷୋଭସୃଷ୍ଟିକାରୀ ଆନନ୍ଦର ଖେଳା ରହିଛି ଯାହାକି ଏକ ଯଥାର୍ଥ ଆଧ୍ୟାତ୍ମିକ ଆନନ୍ଦ ନୁହେଁ, ଏକ ମାନସିକ ସନ୍ତୋଷ ମାତ୍ର, ଯାହାକି ନିଜ ପଛେ ପଛେ ଅନିବାର୍ଯ୍ୟ ଭାବରେ ତାହାର ବିପରୀତ ପ୍ରତିକ୍ରିୟା ମାନସିକ ଅସନ୍ତୋଷ ନେଇଆସିଥାଏ । ଯେଉଁଠି ଆତ୍ମାର ଅସମତା ରହିଛି ସେଠି ଜ୍ଞାନରୁ ବିଚ୍ୟୁତି ରହିଛି, ସର୍ବବ୍ୟାପୀ ଓ ସର୍ବସମନ୍ୱୟକାରୀ ବ୍ରହ୍ମର ଏକତ୍ୱ, ବସ୍ତୁସକଳର ଏକତ୍ୱରେ ଦୃଢ଼ ପ୍ରତିଷ୍ଠାର ଅଭାବ ରହିଛି । ଏହି ସମତା ଦ୍ୱାରାହିଁ କର୍ମଯୋଗୀ ତା'ର ସମସ୍ତ କର୍ମ ଭିତରେ ଉପଲବ୍ଧି କରେ ଯେ ସେ ମୁକ୍ତ ।

ସମତାର ଏହି ଯେଉଁ ଆଧ୍ୟାତ୍ମିକ ସ୍ୱରୂପ ଦିଆଯାଇଛି, ଯାହା ନିଜର ସ୍ୱରୂପରେ ଖୁବ୍ ଉଚ୍ଚ, ବ୍ୟାପକ ଓ ସାର୍ବଜନୀନ, ତାହାହିଁ ଏ ସମ୍ପର୍କରେ ଗୀତାର ଶିକ୍ଷାକୁ ଏକ ବିଶିଷ୍ଟ ଆସନ ଦେଇଛି । କାରଣ ତା' ହୋଇନଥିଲେ, ମନ, ଅନୁଭବ ଓ ଚିତ୍ତବୃତ୍ତିର ଏକ ଅତ୍ୟନ୍ତ ବାଞ୍ଛନୀୟ ଅବସ୍ଥା, ଯେଉଁ ଅବସ୍ଥାରେ କି ଆମେ ମାନୁଷୀ ଦୁର୍ବଳତାରୁ ଉର୍ଦ୍ଧ୍ୱକୁ ଉଠିଯାଉ, ଏହି ସାମାନ୍ୟ ଶିକ୍ଷା ଯଦି ସମତା ହୋଇଥା'ନ୍ତା ତେବେ ଗୀତାରେ ତା'ର ଆଉ କୌଣସି ଚମତ୍କାରିତା ନଥା'ନ୍ତା । ଦାର୍ଶନିକ ଆଦର୍ଶ ହିସାବରେ ଓ ଜ୍ଞାନୀଜନୋଚିତ ସ୍ୱଭାବ ହିସାବରେ ସମତାକୁ ସବୁ ସମୟରେ ଏକ ଉଚ୍ଚପ୍ରଶଂସାର ସ୍ଥାନ ଦିଆହୋଇ ଆସିଛି । ଗୀତା ଅବଶ୍ୟ ଏହି ଦାର୍ଶନିକ ଆଦର୍ଶକୁ ଗ୍ରହଣ କରିଛି କିନ୍ତୁ ଏହାକୁ ଏପରି ଉର୍ଦ୍ଧ୍ୱକୁ ଉଠାଇ ନେଇଛି ଯେଉଁଠି ଆମେ ଆହୁରି ବ୍ୟାପକ, ମୁକ୍ତ ଓ ନିର୍ମଳତର ବାୟୁ ସେବନ କରୁ । ଇନ୍ଦ୍ରିୟାବେଗର ଘୂର୍ଣ୍ଣି ଭିତରୁ, ବାସନାର ବିକ୍ଷୋଭ ଭିତରୁ ଉଠିଯାଇ, – ଦେବତାଙ୍କର ସୁଖଶାନ୍ତି ନୁହେଁ – ପରମ ଆତ୍ମକର୍ତ୍ତୃତ୍ୱ ଲାଭ କରିଥିବା ସ୍ୱୟଂ ଭଗବାନଙ୍କର ଦିବ୍ୟଶାନ୍ତି ଓ ଆନନ୍ଦ ଲାଭ କରିବା ପାଇଁ ଆତ୍ମାର ଯେଉଁ ଆରୋହଣ, ତାହାର ମାତ୍ର ପ୍ରଥମ ଓ ଦ୍ୱିତୀୟ ଧାପ ହେଲା ଏହି ଷ୍ଟୋଇକ୍ (Stoic)* ସମତା ଓ ଦାର୍ଶନିକ ସମତା । ଷ୍ଟୋଇକ୍ ସମତାରେ ପ୍ରଧାନ କଥା ହେଉଛି ଚରିତ୍ର; କଠିନ ତପସ୍ୟା ଓ କଠୋର ସହିଷ୍ଣୁତା

---

* ଗ୍ରୀସ୍‌ର ଷ୍ଟୋଇକ୍ (Stoic) ସଂପ୍ରଦାୟର ମତାମତ ହେଉଛି ସୁଖ-ଦୁଃଖବୋଧ ହୃଦୟର ଦୁର୍ବଳତା ଛଡ଼ା ଆଉ କିଛି ନୁହେଁ, ଏହି ଦୁର୍ବଳତାକୁ ମନର ଜୋର୍‌ରେ ଜୟ କରିବାକୁ ହେବ ।

ଭିତରଦେଇ ଲାଭ ହେଉଥିବା ଆତ୍ମକର୍ତ୍ତୃତ୍ୱ ହେଉଛି ଏହାର ଭିତ୍ତି; ଦାର୍ଶନିକ ସମତା ହେଉଛି ଅଧିକ ସୁଖମୟ ଓ ଶାନ୍ତିମୟ, ଜ୍ଞାନ ଓ ଅନାସକ୍ତି ଦ୍ୱାରା ଓ ଆମ ପ୍ରକୃତିର ନାନା ବିକ୍ଷୋଭର ଊର୍ଦ୍ଧ୍ୱରେ ରହିଥିବା ଏକ ବୁଦ୍ଧିଯୁକ୍ତ ଉଦାସୀନତା (ଗୀତାର ଭାଷାରେ 'ଉଦାସୀନବଦାସୀନଃ') ଦ୍ୱାରା ମିଳୁଥିବା ଆତ୍ମକର୍ତ୍ତୃତ୍ୱ ଉପରେ ଏହି ଦାର୍ଶନିକ ସମତା ପ୍ରତିଷ୍ଠିତ । ଆଉ ମଧ୍ୟ ଏକ ଧର୍ମଭାବମୂଳକ ସମତା ବା ଖ୍ରୀଷ୍ଟିଆନ ସମତା ରହିଛି ଯାହାକି ଭଗବାନଙ୍କ ଇଚ୍ଛା ନିକଟରେ ସର୍ବଦା ମଥା ନତ କରି ତାହାକୁ ଗ୍ରହଣ କରିଯିବାର ଭାବ, ସର୍ବଦା ତାଙ୍କର ଇଚ୍ଛା ପ୍ରତି ସମ୍ପୂର୍ଣ୍ଣ ଆନୁଗତ୍ୟ ଓ ଆଧୀନ୍ୟର ଭାବକୁ ଗ୍ରହଣ କରେ । ଏହାହିଁ ହେଉଛି ଦିବ୍ୟ ଶାନ୍ତିଲାଭ ପାଇଁ ତିନୋଟି ପାହାଚ ବା ଉପାୟ, ବୀରୋଚିତଭାବେ ସବୁକିଛିକୁ ସହିପାରିବା, ଜ୍ଞାନୀଜନୋଚିତ ଉଦାସୀନତା ଅବଲମ୍ବନ କରିବା ଓ ଗଭୀର ଧର୍ମଭାବ ନେଇ ଭଗବାନଙ୍କ ଇଚ୍ଛା ନିକଟରେ ମଥା ପାତିଦେବା, ''ତିତିକ୍ଷା'', ''ଉଦାସୀନତା'', ''ନମଃ ବା ନତି'' । ଗୀତା ନିଜର ବିପୁଳ ସମନ୍ୱୟ ଭିତରେ ଏସବୁକୁ ଗ୍ରହଣ କରିଛି ଏବଂ ଊର୍ଦ୍ଧ୍ୱମୁଖୀ ଆତ୍ମାର ଗତି ଭିତରେ ଏସବୁକୁ ଏକତ୍ର ବୁଣିଚାଲିଛି, କିନ୍ତୁ ପ୍ରତ୍ୟେକଟିକୁ ଦେଇଛି ଏକ ଗଭୀରତର ଭିତ୍ତି, ଏକ ବ୍ୟାପକ ଦୃଷ୍ଟିକୋଣ, ଅଧିକତର ବ୍ୟାପକ ଓ ବିଶ୍ୱାତୀତ ତାତ୍ପର୍ଯ୍ୟ । କାରଣ ପ୍ରତ୍ୟେକଟିକୁ ଏହା ଆତ୍ମାର ମୂଲ୍ୟ ଦେଇଛି, ଏବଂ ଦେଇଛି ଆଧ୍ୟାତ୍ମିକ ସତ୍ତାର ଶକ୍ତି ଯାହାକି ଚରିତ୍ରବଳ, କଷ୍ଟକର ମାନସିକ ବିଚାର-ବୁଦ୍ଧି ଓ ହୃଦୟର ଆବେଗ ଆଦିର ବହୁ ଊର୍ଦ୍ଧ୍ୱରେ ଓ ଏସବୁଠାରୁ ବହୁଗୁଣରେ ମହତ୍ତର ।

ସାଧାରଣ ମାନବାତ୍ମା ତାହାର ପ୍ରକୃତି-ଜୀବନର ଅଭ୍ୟସ୍ତ ବିକ୍ଷୋଭସବୁରେ ଗୋଟାଏ ପ୍ରକାର ଆନନ୍ଦ ପାଏ, ଏହି ଆନନ୍ଦ ପାଉଥିବା ହେତୁ ଏବଂ ଏହି ଆନନ୍ଦ ପାଇ ନିମ୍ନପ୍ରକୃତିର ଅଶାନ୍ତ ଖେଳାସବୁରେ ସମ୍ମତି ଦେଉଥିବାରୁ, ଏହି ଖେଳା ଚିରକାଳ ଚାଲିଛି । କାରଣ ପ୍ରକୃତି ତାହାର ପ୍ରେମିକ ଓ ଭୋଗକର୍ତ୍ତା ପୁରୁଷର ଆନନ୍ଦ ପାଇଁ ନ ହେଲେ ବା ତାହାର ଅନୁମୋଦନ ନ ପାଇଲେ କିଛି ବି କରେ ନାହିଁ । ଆମେ ଏ ସତ୍ୟ ଧରିପାରୁ ନାହିଁ, କାରଣ ଯେତେବେଳେ ପ୍ରତିକୂଳ ବିକ୍ଷୋଭର ଆଘାତ ମିଳେ, ଦୁଃଖ, ଯନ୍ତ୍ରଣା, ନିରାନନ୍ଦ, ଦୁର୍ଭାଗ୍ୟ, ବ୍ୟର୍ଥତା, ପରାଜୟ, ନିନ୍ଦା ଓ ଅପମାନ ପ୍ରଭୃତି ଦ୍ୱାରା ଆକ୍ରାନ୍ତ ହୋଇ ଆମର ମନ ସେଇ ଆଘାତରୁ ପଛେଇ ଆସେ । ପୁଣି ଯେତେବେଳେ ଏହାର ବିପରୀତ ସୁଖମୟବିକ୍ଷୋଭର ସ୍ପର୍ଶ ମିଳେ ସେତେବେଳେ ସେହି ସୁଖ, ଆନନ୍ଦ, ନାନା ପ୍ରକାର ସନ୍ତୋଷ, ସୌଭାଗ୍ୟ, ସାଫଲ୍ୟ, ବିଜୟ, ଗୌରବ ଓ ପ୍ରଶଂସା ଆଡ଼କୁ ମନ ବ୍ୟଗ୍ର ଭାବରେ ଆଗେଇଯାଏ । କିନ୍ତୁ ମନର ଏହି ଦ୍ୱନ୍ଦ୍ୱସବୁର ପଶ୍ଚାତରେ ଜୀବନ-ଲୀଳାରେ ଆତ୍ମାର ଯେଉଁ ଆନନ୍ଦ ତାହା ସେହିପରି ଅକ୍ଷୁଣ୍ଣ ଓ ନିରବଚ୍ଛିନ୍ନ ରହିଥାଏ । ସେ ସତ୍ୟରେ କୌଣସି ବ୍ୟତିକ୍ରମ ହୁଏ ନାହିଁ । ଯୋଦ୍ଧା ତାହାର କ୍ଷତର ବେଦନାରୁ କୌଣସି

ଶାରୀରିକ ସୁଖ ପାଏ ନାହିଁ ବା ତାହାର ପରାଜୟରୁ କୌଣସି ମାନସିକ ତୃପ୍ତି ପାଏ ନାହିଁ, କିନ୍ତୁ ଯୁଦ୍ଧ କରିବାରେହିଁ ତା'ର ଆନନ୍ଦ, ଯାହା ତା' ପାଇଁ କେତେବେଳେ ହୁଏତ କ୍ଷତ ଓ ପରାଜୟ କେତେବେଳେ ଆନନ୍ଦ ଓ ବିଜୟ ଆଣିଦିଏ । ସେ ପରାଜୟର ଆଶଙ୍କା ଓ ବିଜୟର ଆଶା ଉଭୟଟାକୁହିଁ ଯୁଦ୍ଧର ଅଙ୍ଗରୂପେ ଗ୍ରହଣ କରେ ଓ ଯୁଦ୍ଧ ପଛରେହିଁ ଛୁଟିଚାଲେ ତା'ର ପ୍ରାଣର ଆନନ୍ଦ । ଏପରିକି ଯୁଦ୍ଧର କ୍ଷତ ତା' ପାଇଁ ଆଣିଦିଏ ଆନନ୍ଦ ଓ ଗର୍ବର ସ୍ମୃତି, ଯଦିଓ ବେଦନା ସମ୍ପୂର୍ଣ୍ଣ ଚାଲିଗଲା ପରେ ସେ ଏ ଆନନ୍ଦକୁ ପୂର୍ଣ୍ଣରୂପେ ଅନୁଭବ କରେ କିନ୍ତୁ ଅନେକ ସମୟରେ ଏହି ବେଦନା ଥିଲାବେଳେହିଁ ସେ ଆନନ୍ଦ ପାଏ ଓ ଏପରିକି ସେହି ବେଦନାହିଁ ତା'ର ଆନନ୍ଦ ପାଇଁ ଖାଦ୍ୟ ଯୋଗାଏ । ପରାଜୟ ତା' ପାଇଁ ଏହି ଆନନ୍ଦ ଓ ଗୌରବ ଆଣିଦିଏ ଯେ ସେ ତା'ଠାରୁ ଅଧିକ ବିକ୍ରମଶାଳୀ ପ୍ରତିପକ୍ଷ ବିରୋଧରେ ପ୍ରତିରୋଧ ପାଇଁ ଛିଡ଼ା ହେବାରେ ପଶ୍ଚାତ୍‌ପଦ ହୋଇ ନଥିଲା । କିଂବା ସେ ଯଦି ସଂକୀର୍ଣ୍ଣ ପ୍ରକୃତିର ଲୋକ ହୋଇଥାଏ ତେବେ ପରାଜୟ ଫଳରେ ଆସିଥିବା ଘୃଣା ଓ ପ୍ରତିହିଂସାର ଭାବ ମଧ୍ୟ ତା' ପାଇଁ ଆଣିଦିଏ ଏକ ପ୍ରକାର ଅନ୍ଧକାରମୟ କ୍ରୂର ଆନନ୍ଦ । ଏହି ଭାବରେହିଁ ଜୀବନର ବିଭିନ୍ନ ସାଧାରଣ ଖେଳାରେ ଆତ୍ମା ଆନନ୍ଦ ପାଇଥାଏ ।

ଜୀବନର ପ୍ରତିକୂଳ ଆଘାତସବୁରୁ ମନ ଏକ ଯନ୍ତ୍ରଣା ଓ ବିରାଗର ଭାବ ନେଇ ଅପସରି ଆସେ । ଏହା ହେଉଛି ଆତ୍ମରକ୍ଷାର ନୀତି ବା ଯୁଗୁପ୍‌ସାକୁ କାର୍ଯ୍ୟକାରୀ କରିବା ପାଇଁ ପ୍ରକୃତିର ଏକ କୌଶଳ । ଏହାର ଉଦ୍ଦେଶ୍ୟ ହେଉଛି ଆମ ସତ୍ତାର ଅସୁରକ୍ଷିତ ସ୍ନାୟବିକ ଶାରୀରିକ ଅଂଶସବୁକୁ ଅଯଥାରେ ନିଜର ଧ୍ୱଂସ ସାଧନ କଲା ଭଳି କୌଣସି କାର୍ଯ୍ୟରେ ଆଗେଇ ଯିବାକୁ ନଦେବା । ସେହିପରି ମନ ଜୀବନର ଅନୁକୂଳ ସ୍ପର୍ଶସବୁରୁ ଆନନ୍ଦ ପାଏ ଏବଂ ପ୍ରକୃତି ଏହି ରାଜସିକ ସୁଖର ପ୍ରଲୋଭନ ଦେଖାଇ ଜୀବ ଭିତରର ଶକ୍ତିକୁ ଜଡ଼ତା ଓ ତାମସିକତା ଭିତରୁ ଉଠାଇଆଣି ପୂରାପୂରି କର୍ମ, ବାସନା, ସଂଗ୍ରାମ ଓ ସାଫଲ୍ୟ ଆଦି ଦିଗରେ ପ୍ରବୃତ୍ତ କରେ ଏବଂ ଏସବୁ ପ୍ରତି ଜୀବର ଆସକ୍ତି ଭିତରଦେଇ ପ୍ରକୃତି ନିଜର ଉଦ୍ଦେଶ୍ୟ ସାଧନ କରିନିଏ । ଆମ ଭିତରର ଗୋପନ ଆତ୍ମା ଏହିସବୁ ସଂଗ୍ରାମ ଓ ଚେଷ୍ଟା ଭିତରୁ ଗୋଟାଏ ପ୍ରକାର ଆନନ୍ଦ ପାଏ, ଏପରିକି ବିପଦ ଓ ଦୁଃଖଭୋଗ ଭିତରୁ ମଧ୍ୟ ଏକ ପ୍ରକାର ଆନନ୍ଦ ପାଏ, ଅତୀତର ସ୍ମୃତି ଭିତରୁ ଏ ଆନନ୍ଦ ଆହୁରି ଅଧିକ ମିଳେ । କିନ୍ତୁ ଦ୍ୱନ୍ଦ୍ୱ ଓ ଦୁଃଖଭୋଗର ସମୟରେ ମଧ୍ୟ ଏହି ଆନନ୍ଦ ପଶ୍ଚାତରେ ରହିଥାଏ, ଏବଂ ଅନେକ ସମୟରେ ଆକ୍ରାନ୍ତ ମନର ସମ୍ମୁଖକୁ ଆସି ତାହାର ଆବେଗ ଆଦିକୁ ସମର୍ଥନ ଯୋଗାଏ । କିନ୍ତୁ ଆତ୍ମା ପାଇଁ ଯାହା ଆକର୍ଷଣୀୟ ତା' ହେଲା ସଂସାରର ସୁଖ-ଦୁଃଖ ମିଶ୍ରିତ ଯେଉଁ ଖେଳକୁ ଆମେ ଜୀବନ ବୋଲି କହୁ ସେଇ ଜୀବନର ସମସ୍ତ ସଂଗ୍ରାମ ଓ ବାସନା-କାମନା, ଆଶା-ଆକାଙ୍‌କ୍ଷା ଓ ତାହାର ଆକର୍ଷଣ ଓ ବିରାଗ, ତାହାର ପୁରସ୍କାର

ଓ ଦଣ୍ଡ ଆଦି ସମସ୍ତ ବୈଚିତ୍ର୍ୟମୟ ଖେଳା । ଆମ ଭିତରେ ଥିବା ରାଜସିକ ବାସନାମୟ ଆତ୍ମାକୁ ଏକ ବୈଚିତ୍ର୍ୟହୀନ ଆନନ୍ଦ ଭଲ ଲାଗେ ନାହିଁ । ଯେଉଁ ସାଫଲ୍ୟ ପାଇଁ ସଂଗ୍ରାମ କରିବାକୁ ପଡ଼େ ନାହିଁ, ଯେଉଁ ଆନନ୍ଦରେ ଦୁଃଖର ଛାୟା ନାହିଁ, ତାହା କିଛି ସମୟ ପରେ ଏହି ରାଜସିକ ଆତ୍ମା ପାଇଁ କ୍ଲାନ୍ତିକର ହୋଇପଡ଼େ, ତା' ପାଇଁ ଅରୁଚି ଓ ଅବସାଦ ନେଇଆସେ । ଆଲୋକର ପୂର୍ଣ୍ଣ ଉପଭୋଗ ପାଇଁ ଏହା ଏକ ଅନ୍ଧାକାରର ପୃଷ୍ଠଭୂମି ଦରକାର କରେ । ଏହି ରାଜସିକ ବାସନାମୟ ଆତ୍ମା ଯେଉଁ ପ୍ରକାର ସୁଖ ଚାହେଁ ଓ ଉପଭୋଗ କରେ, ତା'ର ସ୍ୱରୂପହିଁ ହେଉଛି ଏହିପରି; ଏହାର ମୂଳ ଧର୍ମ ହେଉଛି ଆପେକ୍ଷିକ ଏବଂ ଏହି ସୁଖ ନିର୍ଭର କରେ ତା'ର ବିପରୀତ ଦୁଃଖ ଅନୁଭୂତି ଉପରେ । ଏହି ଦ୍ୱନ୍ଦ୍ୱର ଖେଳାରୁ ଆତ୍ମା ଯେଉଁ ଆନନ୍ଦ ପାଏ ତାହାହିଁ ହେଉଛି ଜୀବନ-ଲୀଳାରେ ମନ ପାଉଥିବା ଆନନ୍ଦର ଗୂଢ଼ ରହସ୍ୟ ।

ମନକୁ ଯଦି କୁହାଯାଏ, ଏହିସବୁ ଗୋଳମାଳ ଭିତରୁ ବାହାରି ଆସି ଶୁଦ୍ଧ ଆନନ୍ଦାତ୍ମାର ଅବିମିଶ୍ର ଆନନ୍ଦ ଭିତରକୁ ଉଠିଯିବାକୁ, ତେବେ ମନ ତତ୍‌କ୍ଷଣାତ୍ ଏଥିରୁ ପଛେଇଯିବ । ଏହି ଆନନ୍ଦାତ୍ମାହିଁ ମନକୁ ତାହାର ସମସ୍ତ ସଂଗ୍ରାମରେ ଶକ୍ତି ଯୋଗାଇଥାଏ ଏବଂ ତାହାର ଅସ୍ତିତ୍ୱକୁ ସମ୍ଭବପର କରିଥାଏ । କିନ୍ତୁ ମନ ଏଥିରୁ ପଛେଇଯିବ କାରଣ ସେ ଏପରି ଏକ ଅସ୍ତିତ୍ୱରେ ବିଶ୍ୱାସ କରେ ନାହିଁ ବା ମନେକରେ ଯେ ଏହି ଉଚ୍ଚତର ଅସ୍ତିତ୍ୱ ଆଉ ଜୀବନ-ପଦବାଚ୍ୟ ହୋଇ ରହିବ ନାହିଁ । ସେ ଭାବେ ଯେ ନିଜ ଚାରିପାଖରେ ସଂସାରର ଯେଉଁ ବୈଚିତ୍ର୍ୟମୟ ଖେଳାରୁ ରସ ଗ୍ରହଣ କରିବା ପାଇଁ ସେ ଅଭ୍ୟସ୍ତ ତାହା ଏଥିରୁ ପାଇବ ନାହିଁ, ଏହା ହେବ ଏକ ରସହୀନ ଓ ସ୍ୱାଦହୀନ ଜୀବନ ବା ସେ ଅନୁଭବ କରେ ଯେ ଏହି ଅବସ୍ଥାରେ ପହଞ୍ଚିବା ତା' ପାଇଁ ଖୁବ୍ କଷ୍ଟକର ହେବ । କିଂବା ଊର୍ଦ୍ଧ୍ୱାରୋହଣ ପାଇଁ ଯେଉଁ କଠିନ ଉଦ୍ୟମ ଦରକାର ସେଥିପାଇଁ ସେ ପଶ୍ଚାତ୍‌ପଦ ହୁଏ, ଯଦିଓ ବାସ୍ତବରେ ବାସନା-ଆତ୍ମା ଯେଉଁସବୁ ଆଶା-ଆକାଙ୍କ୍ଷା ପୋଷଣ କରେ ସେଗୁଡ଼ିକ ପୂରଣ କରିବା ଯେତିକି କଷ୍ଟସାଧ, ତା' ଅପେକ୍ଷା ଆଧାତ୍ମିକ ପରିବର୍ତ୍ତନ କେବେହେଲେ ଅଧିକ କଷ୍ଟକର ନୁହେଁ, କିଂବା ନିଜର ବାସନା ଓ ଭୋଗର ତୃପ୍ତି ନିମନ୍ତେ ନାନା କ୍ଷଣସ୍ଥାୟୀ ବସ୍ତୁ ପଛରେ ଉନ୍ମତ୍ତ ଭାବରେ ଧାଇଁ ଧାଇଁ ବାସନା-ଆତ୍ମା ଯେତିକି ଶକ୍ତି ଓ ଉଦ୍ୟମ ବ୍ୟୟ କରେ ଆଧାତ୍ମିକ ଉନ୍ନତି ନିମନ୍ତେ ତା' ଅପେକ୍ଷା ଅଧିକ ଉଦ୍ୟମ ବା ଶ୍ରମ ସ୍ୱୀକାର କରିବାକୁ ହୁଏ ନାହିଁ । ତା'ର ଅନିଚ୍ଛାର ପ୍ରକୃତ କାରଣ ହେଉଛି – ତାକୁ ତା'ର ନିଜର ପରିସର ଓ ବାୟୁମଣ୍ଡଳ ଛାଡ଼ି ଏପରି ଊର୍ଦ୍ଧ୍ୱକୁ ଉଠିଯାଇ ଜୀବନର ଦୁର୍ଲଭତର ଓ ଶୁଦ୍ଧତାର ବାୟୁ ସେବନ କରିବା ପାଇଁ କୁହାଯାଏ ଯେ ଯାହାର ଆନନ୍ଦ ଓ ଶକ୍ତିକୁ ସେ ବୁଝିପାରେ ନାହିଁ, ଏପରିକି ତାହାକୁ ବାସ୍ତବ ସତ୍ୟ ବୋଲି ମଧ ଗ୍ରହଣ କରିବାକୁ ସେ ଅକ୍ଷମ । କେବଳ

ନିମ୍ନର ଅଶୁଦ୍ଧ ପ୍ରକୃତିର ଆନନ୍ଦ ସହିତ ସେ ପରିଚିତ ଓ ତାହାର ସ୍ୱାଦ ସେ ବୁଝିପାରେ । ଏହି ନିମ୍ନତର ତୃପ୍ତି ଯେ ନିଜର ସ୍ୱରୂପରେ ସମ୍ପୂର୍ଣ୍ଣ ମନ୍ଦ ଓ ମୂଲ୍ୟହୀନ ତା' ନୁହେଁ ବରଂ ଆମର ଭୌତିକ ସତ୍ତା ଯେଉଁ ତାମସିକ ଅଜ୍ଞାନ ଓ ଜଡ଼ତାର ଏକାନ୍ତ ଅଧୀନ ହୋଇ ରହିଥାଏ, ତା' ଭିତରୁ ଆମର ମାନବ ପ୍ରକୃତିର ଊର୍ଦ୍ଧ୍ୱଗାମୀ ବିବର୍ତ୍ତନ ପାଇଁ ଏହାର ଭୂମିକା ରହିଛି । ପରମ ଆତ୍ମଜ୍ଞାନ, ଶକ୍ତି ଓ ଆନନ୍ଦ ଅଭିମୁଖରେ ମନୁଷ୍ୟର ଊର୍ଦ୍ଧ୍ୱାରୋହଣର ଯେଉଁ ସ୍ତରବିନ୍ୟାସ ରହିଛି, ତା' ଭିତରୁ ଏହା ହେଉଛି ରାଜସିକ ସ୍ତର । କିନ୍ତୁ ଆମେ ଯଦି ଏହି ସ୍ତରରେ ଚିରକାଳ ପଡ଼ିରହୁ, ଗୀତାରେ ଯାହାକୁ 'ମଧ୍ୟମା ଗତିଃ' ବୋଲି କୁହାଯାଇଛି, ତେବେ ଆମର ଆରୋହଣ ଅସମାପ୍ତ ରହିଯିବ ଓ ଆତ୍ମାର ପୂର୍ଣ୍ଣ ବିକାଶ ଅସମ୍ପୂର୍ଣ୍ଣ ରହିଯିବ । ଆତ୍ମା ପାଇଁ ନିଜ ପୂର୍ଣ୍ଣ ସିଦ୍ଧିଲାଭର ପଥ ହେଉଛି ସାତ୍ତ୍ୱିକ ସତ୍ତା ଓ ପ୍ରକୃତି ଭିତର ଦେଇ ତ୍ରିଗୁଣାତୀତ ଅବସ୍ଥାକୁ ଉଠିଯିବା ।

ନିମ୍ନ ପ୍ରକୃତିର ସକଳ ବିକ୍ଷୋଭ ଭିତରୁ ବାହାରିଯିବା ପାଇଁ ଏକମାତ୍ର ନିଶ୍ଚିତ ପଥ ହେଉଛି ସମତା ଦିଗରେ ଆଗେଇଯିବା – ମନରେ ସମତା, ଭାବାବେଗରେ ସମତା ଓ ଆତ୍ମାରେ ସମତା । ତେବେ ମନେରଖିବା ଉଚିତ ଯେ ଯଦିଓ ଶେଷରେ ଆମକୁ ନିମ୍ନ ପ୍ରକୃତିର ତିନୋଟିଯାକ ଗୁଣର ଊର୍ଦ୍ଧ୍ୱକୁ ଉଠିଯିବାକୁ ହେବ, ତଥାପି ପ୍ରଥମ ଅବସ୍ଥାରେ ଆମକୁ ତିନିଟି ଗୁଣରୁ କୌଣସି ଗୋଟିକୁ ଆଶ୍ରୟ କରିହିଁ ଅଗ୍ରସର ହେବାକୁ ହେବ । ସମତାର ଆରମ୍ଭ ସାତ୍ତ୍ୱିକ ହୋଇପାରେ, ରାଜସିକ ବା ତାମସିକ ମଧ୍ୟ ହୋଇପାରେ; ମଣିଷ-ପ୍ରକୃତିରେ ତାମସିକ ସମତାର ବି ସମ୍ଭାବନା ଅଛି । ଏହି ସମତା ଖାଣ୍ଟି ତାମସିକ ହୋଇପାରେ, ଏକପ୍ରକାର ପ୍ରାଣିକ ପ୍ରକୃତି ରହିଛି, ଯାହାକି ନିଜର ଜଡ଼ତା ଯୋଗୁଁ ଜୀବନର ଆନନ୍ଦ ଉପଭୋଗରେ କୌଣସି ଆଗ୍ରହ ପ୍ରକାଶ କରେ ନାହିଁ, ଜୀବନର ଘାତପ୍ରତିଘାତ ପ୍ରତି ସମ୍ପୂର୍ଣ୍ଣ ଜଡ଼, ବୋଧଶକ୍ତିହୀନତାର ଭାବ ଗ୍ରହଣ କରେ । କିଂବା ଏହି ତାମସିକ ସମତା ଆସିପାରେ ଭାବାବେଗ ଓ କାମନାବାସନାରେ କ୍ଲାନ୍ତି ହେତୁ ଯାହାକି ହୁଏତ ଅତ୍ୟଧିକ ଉପଭୋଗ ଯୋଗୁଁ ଆସିପାରେ କିଂବା ବିପରୀତ ପକ୍ଷେ ନୈରାଶ୍ୟ, ବିରକ୍ତି, ଜୀବନର ଯନ୍ତ୍ରଣା ପ୍ରତି ଭୟ ବା ସଂସାର ପ୍ରତି ଏକପ୍ରକାର ଅବସାଦ, ଭୟ ଓ ବିରକ୍ତିରୁ ଏହି ଭାବ ଆସିଥାଇପାରେ । ଏପରି କ୍ଷେତ୍ରରେ ଏହା ଏକ ମିଶ୍ରିତ ରଜୋତାମସିକ ଭାବ, ତେବେ ଏହା ଭିତରେ ନିମ୍ନତର ତମୋଗୁଣରହିଁ ପ୍ରାଧାନ୍ୟ ରହିଥାଏ । କିଂବା ଏହି ତାମସିକତାରେ ସାତ୍ତ୍ୱିକ ଦିଗର ବି ପ୍ରଭାବ ରହିପାରେ, ବୁଦ୍ଧିଗତ ବିଚାରରେ ଦେଖାଯାଇପାରେ ଜୀବନର କାମନା-ବାସନା କେବେ ବି ପୂରଣ ହେବ ନାହିଁ, ଜୀବନ ଉପରେ ପ୍ରଭୁତ୍ୱ କରିବା ପାଇଁ ଆତ୍ମା ସମ୍ପୂର୍ଣ୍ଣ ଅସମର୍ଥ, ସମସ୍ତ ଜୀବନଟାହିଁ ଦୁଃଖପୂର୍ଣ୍ଣ ଓ

ଅନିତ୍ୟ, ଏଥିରେ କୌଣସି ଯଥାର୍ଥ ସତ୍ୟ ବା ଜ୍ଞାନ ବା ଆଲୋକ ବା ଆନନ୍ଦ କେଉଁଠି କିଛି ନାହିଁ; ଏହି ଭାବକୁ ସତ୍ତ୍ୱତାମସିକ ସମତା ବୋଲି କୁହାଯାଇପାରେ ଏବଂ ଏହା ପ୍ରକୃତପକ୍ଷେ ସମତା ନୁହେଁ, ଯଦିଓ ସମତା ଦିଗରେ ଏହା ନେଇଯାଇପାରେ – ଏହା ପ୍ରକୃତରେ ଏକପ୍ରକାର ଉଦାସୀନତା ଓ ସମାନଭାବରେ ସବୁକିଛି ପ୍ରତି ପରିତ୍ୟାଗର ଭାବ । ବସ୍ତୁତଃ ତାମସିକ ସମତା ପ୍ରକୃତିର ଯୁଗୁପ୍‌ସା ନୀତି ଓ ଆତ୍ମସଂରକ୍ଷଣ ପଦ୍ଧତିରହିଁ ପ୍ରସାରଣ । ଏହି ଆତ୍ମସଂରକ୍ଷଣମୂଳକ ପ୍ରତ୍ୟାହାରର ନୀତି କେତେକ ବିଶେଷ ଯନ୍ତ୍ରଣାଦାୟକ ବିଷୟର ପରିତ୍ୟାଗଠାରୁ ଆରମ୍ଭ କରି ସମସ୍ତ ପ୍ରକୃତି – ଜୀବନର ପରିତ୍ୟାଗ ପର୍ଯ୍ୟନ୍ତ ପ୍ରସାରିତ ହୋଇଥାଏ, ଯାହାର ପରିଣାମକି ଅନେକ କ୍ଷେତ୍ରରେ ହୋଇଥାଏ ଆତ୍ମାର ଆନନ୍ଦ ପରିବର୍ତ୍ତେ ଯନ୍ତ୍ରଣା ଓ ଆତ୍ମ-ପୀଡ଼ନ ।

କେବଳ ତାମସିକ ସମତାରେ ପ୍ରକୃତ ମୁକ୍ତି ନାହିଁ, କିନ୍ତୁ ଏହା ଏ ଦିଗରେ ଏକ ଶକ୍ତିଶାଳୀ ପ୍ରାରମ୍ଭିକ ପଦକ୍ଷେପ ହୋଇପାରେ ଯଦି ପ୍ରକୃତିର ଊର୍ଦ୍ଧ୍ୱରେ ରହିଥିବା ଅକ୍ଷର ଆତ୍ମାର ମହତ୍ତର ଅସ୍ତିତ୍ୱ, ସତ୍ୟତର ଶକ୍ତି ଓ ଉଚ୍ଚତର ଆନନ୍ଦର ଉପଲବ୍ଧି ଦ୍ୱାରା ଏହି ତାମସିକ ସମତାକୁ ସାତ୍ତ୍ୱିକ ସମତାରେ ପରିଣତ କରାଯାଇପାରେ । ଭାରତର ବୈରାଗ୍ୟ ମାର୍ଗ ଏହି ନୀତିହିଁ ଗ୍ରହଣ କରିଛି । ଏହି ଗତିବୃତ୍ତିର ସ୍ୱାଭାବିକ ଜୋର୍ ସନ୍ନ୍ୟାସ ଦିଗରେ, କର୍ମ ଓ ଜୀବନର ପରିତ୍ୟାଗ ଦିଗରେ । ଭିତରୁ ବାସନାର ପରିତ୍ୟାଗ କରି ସଂସାର ଭିତରେ ରହି ନିଷ୍କାମ କର୍ମ କରିବା ପାଇଁ ଗୀତାରେ ଯେଉଁ ଉପଦେଶ ଦିଆଯାଇଛି, ସେ ଦିଗରେ ଏହାର ବିଶେଷ ଜୋର୍ ନାହିଁ । ଅବଶ୍ୟ ଗୀତା ଏହି ପ୍ରକାର ଗତିବୃତ୍ତିକୁ ମଧ୍ୟ ତା'ର ଯଥାସ୍ଥାନ ଦେଇଛି । ସଂସାରର ଦୋଷ, ତ୍ରୁଟି, ଜନ୍ମ, ମୃତ୍ୟୁ, ଜରା, ବ୍ୟାଧି ଓ ଦୁଃଖର ଉପଲବ୍ଧିଜନିତ ବୈରାଗ୍ୟକୁ ଏକ ପ୍ରାରମ୍ଭିକ ପଦକ୍ଷେପରୂପେ ଗୀତା ଅନୁମତି ଦେଇଛି । ବୁଦ୍ଧଙ୍କ ସାଧନାର ଏହାହିଁ ଇତିହାସପ୍ରସିଦ୍ଧ ଆରମ୍ଭ-ବିନ୍ଦୁ, ଗୀତାର ଭାଷାରେ 'ଜନ୍ମ-ମୃତ୍ୟୁ-ଜରା-ବ୍ୟାଧି-ଦୁଃଖ-ଦୋଷାନୁଦର୍ଶନମ୍' (୧୩।୮) । ଏପରିକି ଜରା ଓ ମୃତ୍ୟୁରୁ ମୋକ୍ଷ ପ୍ରାପ୍ତିର ଉଦ୍ଦେଶ୍ୟରେ ଯେଉଁମାନେ ଆତ୍ମସଂଯମ ଅଭ୍ୟାସ କରିବାକୁ ଚାହାନ୍ତି, ଗୀତା ସେମାନଙ୍କୁ ମଧ୍ୟ ଗ୍ରହଣ କରିଛି, 'ଜରା-ମରଣ-ମୋକ୍ଷାୟ ମାମାଶ୍ରିତ୍ୟ ଯତନ୍ତି ଯେ' (୭।୨୯) । ତେବେ ଏଥିରୁ ଯଥାର୍ଥ କୌଣସି ଫଳଲାଭ କରିବାକୁ ହେଲେ ଏହା ସଙ୍ଗେ ସଙ୍ଗେ ଏକ ଉଚ୍ଚତର ଅବସ୍ଥାର ସାତ୍ତ୍ୱିକ ଉପଲବ୍ଧି ଆବଶ୍ୟକ ଏବଂ ଭଗବାନଙ୍କଠାରେ ଆଶ୍ରୟ ଗ୍ରହଣ ଓ ଆନନ୍ଦ ଲାଭ କରିବା ଆବଶ୍ୟକ, 'ମାମ୍ ଆଶ୍ରିତ୍ୟ' । ସେତେବେଳେ ଏହି ବୈରାଗ୍ୟ ଦ୍ୱାରା ଆତ୍ମା ଏକ ଉଚ୍ଚତର ଅବସ୍ଥାରେ ଉପନୀତ ହୁଏ ଓ ଗୁଣତ୍ରୟକୁ ଅତିକ୍ରମ କରି ଜନ୍ମ, ମୃତ୍ୟୁ, ଜରା ଓ ଦୁଃଖରୁ ମୁକ୍ତ ହୋଇ ନିଜର ସ୍ୱପ୍ରତିଷ୍ଠିତ ସତ୍ତାର

ଅମୃତତ୍ୱ ଉପଭୋଗ କରେ* । ଜୀବନର ଦୁଃଖ-ଯନ୍ତ୍ରଣାକୁ ଗ୍ରହଣ କରିବା ପାଇଁ ଯେଉଁ ତାମସିକ ଅନିଚ୍ଛା ତାହା ମନୁଷ୍ୟକୁ ଅଧୋଗାମୀ ଓ ଦୁର୍ବଳ କରିଦିଏ ଏବଂ ନିର୍ବିଶେଷରେ ସମସ୍ତଙ୍କୁ ସନ୍ନ୍ୟାସ ଓ ସଂସାର-ବୈରାଗ୍ୟ ଶିକ୍ଷା ଦେବାରେ ଏହି ବିପଦ ରହିଛି ଯେ ଏହା ଫଳରେ ଅଯୋଗ୍ୟ ଆତ୍ମାମାନଙ୍କ ଭିତରେ ତାମସିକ ଦୁର୍ବଳତା ଓ ତାମସିକ ବୈରାଗ୍ୟର ଉଦୟ ହୁଏ, ସେମାନଙ୍କ ବିଚାରରେ ବି ଭ୍ରାନ୍ତି ଆସେ, "ବୁଦ୍ଧିଭେଦମ୍ ଜନୟେତ୍" । ମଣିଷର ଆତ୍ମା ନିଜର କଲ୍ୟାଣ ପାଇଁ, ନିଜର ପରିସ୍ଥିତି ଉପରେ ପ୍ରଭୁତ୍ୱ ବିସ୍ତାର କରିବା ପାଇଁ ଯେଉଁ ରାଜସିକ ସଂଗ୍ରାମ ଦରକାର କରେ, ଉଦ୍ୟମର ଯେଉଁ ଶକ୍ତି, ଯେଉଁ ଅଭୀପ୍ସା, ଜୀବନ ପାଇଁ ଯେଉଁ ବିଶ୍ୱାସ ଓ ଉତ୍ସାହ ଦରକାର କରେ, ଏହା ସେସବୁକୁ ସ୍ତିମିତ କରିଦିଏ, କୌଣସି ଉଚ୍ଚତର ଲକ୍ଷ୍ୟ, ମହତ୍ତର ତପସ୍ୟା ଓ ବଳିଷ୍ଠତର ବିଜୟର ଲକ୍ଷ୍ୟ ଦିଗରେ ଏହା ଆତ୍ମାକୁ ଉନ୍ମୀଳିତ କରିପାରେ ନାହିଁ, ସେଥିପାଇଁ ତା'ର ସାମର୍ଥ୍ୟ ଆସି ନଥାଏ । କିନ୍ତୁ ଯେଉଁ ଆତ୍ମାମାନେ ଏଥିପାଇଁ ଯୋଗ୍ୟ ହୋଇଛନ୍ତି ସେମାନଙ୍କ ପାଇଁ ଏହି ଧରଣର ତାମସିକ ବୈରାଗ୍ୟ ଏକ ଆବଶ୍ୟକ ଆଧ୍ୟାତ୍ମିକ ଲକ୍ଷ୍ୟସାଧନ ଦିଗରେ ସହାୟକ ହୋଇପାରେ । ଉଚ୍ଚତର ସମ୍ଭାବନା ଦିଗରେ ସେମାନଙ୍କ ସାତ୍ତ୍ୱିକ ଉନ୍ମୀଳନ ପଥରେ ଅନ୍ତରାୟରୂପେ ସେମାନଙ୍କ ଭିତରେ ଯେଉଁ ରାଜସିକ ଆକର୍ଷଣ ଓ ନିମ୍ନତର ଜୀବନ ପ୍ରତି ବ୍ୟଗ୍ର ଆଗ୍ରହ ରହିଥାଏ ତାହାକୁ ଏହା ନଷ୍ଟ କରେ । ଏହି ବୈରାଗ୍ୟ ଫଳରେ ସେମାନେ ନିଜ ଭିତରେ ଯେଉଁ ଶୂନ୍ୟତା ସୃଷ୍ଟି କରିଥା'ନ୍ତି ସେଠାରେ ଆଶ୍ରୟ ଖୋଜିବାକୁ ଯାଇ ଭଗବାନଙ୍କର ଏହି ଆହ୍ୱାନ ଶୁଣନ୍ତି, "ଏହି ଅନିତ୍ୟ, ଅସୁଖ ଜଗତରେ ଯେଉଁମାନେ ରହିଛ, ଆସ, ମୋଠାରେ ଆନନ୍ଦଲାଭ କର ।" "ଅନିତ୍ୟମସୁଖଂ ଲୋକମିମଂ ପ୍ରାପ୍ୟ ଭଜସ୍ୱ ମାମ୍ ।"

ତଥାପି ଏହି ଧରଣର ସମତା ସଂସାରର ସମସ୍ତ ବସ୍ତୁ ପ୍ରତି ଏକ ସମାନ ବୈରାଗ୍ୟ ମାତ୍ର, ଏହା ଫଳରେ ଫଳ ହୁଏ ଉପେକ୍ଷା ଓ ଉଦାସୀନତା, ଏହା ମଧ୍ୟରେ ସେହି ଶକ୍ତି ନାହିଁ ଯାହାଦ୍ୱାରା ସଂସାରର ସମସ୍ତ ସୁଖ ଓ ଦୁଃଖର ସ୍ପର୍ଶକୁ କୌଣସି ଆସକ୍ତି ବା ବିକ୍ଷୋଭ ବିନା ଗ୍ରହଣ କରାଯାଇପାରେ, ଗୀତାର ସାଧନାରେ ଯାହା ଏକ ଅତି ଆବଶ୍ୟକ ଅଙ୍ଗ । ତେଣୁ ଯଦି ବି ଆମେ ତାମସିକ ବୈରାଗ୍ୟରୁ ସାଧନା ଆରମ୍ଭ କରୁ – ଯାହାକି ଆଦୌ ଆବଶ୍ୟକ ନୁହେଁ – ତେବେ ତାହାକୁ ଏକ ସ୍ଥାୟୀ ନୈରାଶ୍ୟବାଦରୂପେ ନୁହେଁ, ମହତ୍ତର ସାଧନା ଦିଗରେ ଏକ ପ୍ରାରମ୍ଭିକ ଅନୁପ୍ରେରଣା ରୂପରେହିଁ ଗ୍ରହଣ କରାଯାଇପାରେ । ଯଥାର୍ଥ ସାଧନା ଆରମ୍ଭ ହୁଏ ସେତିକିବେଳେ ଯେତେବେଳେ ଆମେ ପ୍ରଥମେ ଯେଉଁ ଜିନିଷସବୁରୁ କେବଳ ପଳାଇଯିବାକୁ ଚାହୁଁଥିଲୁ ସେଗୁଡ଼ିକ ଉପରେ ଆମର ଯଥାର୍ଥ ପ୍ରଭୁତ୍ୱ

---

* ଗୁଣାନେତାନତୀତ୍ୟ ତ୍ରୀନ୍ ଦେହୀ ଦେହସମୁଦ୍ଭବାନ୍ ।
ଜନ୍ମମୃତ୍ୟୁଜରାଦୁଃଖୈର୍ବିମୁକ୍ତୋଽମୃତମଶ୍ନୁତେ ॥ ୧୪।୨୦

ପ୍ରତିଷ୍ଠା କରୁ । ଏହିଠାରେ ଏକପ୍ରକାର ରାଜସିକ ସମତାର ସମ୍ଭାବନା ଅଛି; ଆତ୍ମକର୍ତ୍ତୃତ୍ୱ, ଆତ୍ମସଂଯମ ଓ ଆବେଗ-ଆସକ୍ତି ଏବଂ ଦୁର୍ବଳତାର ଉପରକୁ ଉଠିଯିବାରେ ଶକ୍ତିଶାଳୀ ଲୋକ ଯେଉଁ ଗର୍ବ ଅନୁଭବ କରେ ତାହା ଏହି ରାଜସିକ ସମତାର ନିମ୍ନତର ଅବସ୍ଥା । କିନ୍ତୁ ଷ୍ଟୋଇକ୍ ଆଦର୍ଶ ଏହି ମନୋଭାବରୁ ଆରମ୍ଭ କରି, ଏହାକୁ ଚାବିରୂପେ ବ୍ୟବହାର କରି ନିମ୍ନ ପ୍ରକୃତିର ସମସ୍ତ ଦୁର୍ବଳତାର ବଶ୍ୟତାରୁ ଆତ୍ମାକୁ ସମ୍ପୂର୍ଣ୍ଣରୂପେ ମୁକ୍ତ କରିବା ଦିଗରେ ଆଗେଇଯାଏ । ତାମସିକ ଅନ୍ତର୍ମୁଖୀ ବୈରାଗ୍ୟ ଯେପରି ଦୁଃଖ ଓ ବେଦନା ହାତରୁ ପ୍ରକୃତିର ଆତ୍ମରକ୍ଷଣ ବା ଯୁଗୁପ୍ସା ନୀତିରହିଁ ପ୍ରସାରଣ ସେହିପରି ରାଜସିକ ଊର୍ଦ୍ଧ୍ୱମୁଖୀ ଗତିବୃତ୍ତି ପ୍ରକୃତିର ଅନ୍ୟ ଏକ ନୀତିରହିଁ ପ୍ରସାରଣ ଯାହାକି ସଂଗ୍ରାମ ଓ ପ୍ରଚେଷ୍ଟାକୁ ଏବଂ ପ୍ରଭୁତ୍ୱ ଓ ଜୟ ଦିଗରେ ଜୀବନର ଅନ୍ତର୍ନିହିତ ପ୍ରବୃତ୍ତିକୁ ଗ୍ରହଣ କରେ, କିନ୍ତୁ ଯେଉଁ କ୍ଷେତ୍ରରେ କେବଳ ସମ୍ପୂର୍ଣ୍ଣ ଜୟ ସମ୍ଭବପର ଏହା ଯୁଦ୍ଧକୁ ସେହି କ୍ଷେତ୍ରକୁହିଁ ନେଇଯାଏ । ବିକ୍ଷିପ୍ତ ନାନା ବାହ୍ୟ ଲକ୍ଷ୍ୟ ଓ କ୍ଷଣସ୍ଥାୟୀ ସାଫଲ୍ୟ ପାଇଁ ସଂଗ୍ରାମ ନକରି ଏହା ଏକ ଆଧ୍ୟାତ୍ମିକ ସଂଗ୍ରାମ ଓ ଆନ୍ତର ବିଜୟ ଦ୍ୱାରା ସମଗ୍ର ପ୍ରକୃତି ଓ ପୃଥିବୀକୁ ଜୟ କରିବାକୁ ଚାହେଁ । ତାମସିକ ବୈରାଗ୍ୟ ସଂସାରର ଦୁଃଖ ଓ ସୁଖ ଉଭୟରୁ ପଳାଇଯିବାକୁ ଚାହେଁ କିନ୍ତୁ ରାଜସିକ ସାଧନା ସେଗୁଡ଼ିକର ସମ୍ମୁଖୀନ ହୋଇ ସେଗୁଡ଼ିକୁ ସହ୍ୟ କରିବା ପାଇଁ, ଜୟ କରିବା ପାଇଁ, ଓ ସେସବୁର ଊର୍ଦ୍ଧ୍ୱକୁ ଉଠିଯିବା ପାଇଁ ଚାହେଁ । ଷ୍ଟୋଇକ୍ ଆତ୍ମ-ସାଧନା, ବାସନା ଓ ଆବେଗକୁ ମଲ୍ଲବୀର ପରି ନିଜ ଆଲିଙ୍ଗନ ଭିତରକୁ ନେଇଆସି, ନିଜ ବାହୁ-ଚାପରେ ପିଷ୍ଟ ଓ ଚୂର୍ଣ୍ଣ-ବିଚୂର୍ଣ୍ଣ କରିଦିଏ ଠିକ୍ ଯେପରି ମହାଭାରତର ବୃଦ୍ଧ ଧୃତରାଷ୍ଟ୍ର ନିଜ ଆଲିଙ୍ଗନରେ ଲୌହଭୀମକୁ ଚୂର୍ଣ୍ଣୀଭୂତ କରି ଦେଇଥିଲେ । ଏହା ଶାରୀରିକ ଓ ମାନସିକ ବିକ୍ଷୋଭର କାରଣ, ସୁଖକର ଓ ଦୁଃଖକର ସମସ୍ତ ଆଘାତକୁ ସହ୍ୟ କରେ କିନ୍ତୁ ତାହାର ସମସ୍ତ ଫଳକୁ ଧ୍ୱଂସ କରିଦିଏ । ଏହି ସାଧନାର ପୂର୍ଣ୍ଣତା ଆସେ ଯେତେବେଳେ ଆତ୍ମା କୌଣସିଥିରେ କୌଣସି ପ୍ରକାର କ୍ଳେଶ ବା ଆକର୍ଷଣ ଅନୁଭବ ନକରି, କୌଣସି ପ୍ରକାର ଉତ୍ତେଜନା ବା ବ୍ୟଥା ଅନୁଭବ ନକରି, ସବୁକିଛିର ସ୍ପର୍ଶକୁ ସହ୍ୟ କରି ପାରେ । ଏହି ସାଧନା ଚାହେଁ ମଣିଷକୁ ତା'ର ପ୍ରକୃତିର ବିଜେତା ଓ ରାଜା ହେବା ପାଇଁ ।

ଗୀତା ଅର୍ଜୁନଙ୍କର କ୍ଷତ୍ରିୟ ସ୍ୱଭାବକୁ ଆହ୍ୱାନ ଜଣାଇ ପ୍ରଥମେ ଏହି ବୀରୋଚିତ ସାଧନା ବିଷୟରେହିଁ କହିଛି । କାମନାରୂପକ ପରମ ଶତ୍ରୁକୁ ଆକ୍ରମଣ କରି ତାହାକୁ ନିହତ କରିବା ପାଇଁ ତାଙ୍କୁ କୁହାଯାଇଛି । ସମତା ସମ୍ପର୍କରେ ଏହାର ଯେଉଁ ପ୍ରଥମ ବର୍ଣ୍ଣନା ତାହା ଷ୍ଟୋଇକ୍ ଦର୍ଶନର ସମତା । ''ଯାହାର ମନ ଦୁଃଖରେ ଅବିଚଳିତ ଓ ସୁଖରେ ସ୍ପୃହାହୀନ, ଯାହାଭିତରୁ ଆସକ୍ତି, କ୍ରୋଧ ଓ ଭୟ ଦୂର ହୋଇଯାଇଛି, ସେହିଭଳି ମୁନିଙ୍କୁହିଁ ସ୍ଥିତଧୀ କୁହାଯାଏ । ଯେ ସର୍ବ ବିଷୟରେ ସ୍ନେହଶୂନ୍ୟ, କୌଣସି ଶୁଭ ବା ଅଶୁଭ ଆସିଲେ ଯେ

ଆନନ୍ଦିତ ହୁଅନ୍ତି ନାହିଁ ବା ଦ୍ୱେଷ କରନ୍ତି ନାହିଁ, ତାହାଙ୍କର ବୁଦ୍ଧିହିଁ ଯଥାର୍ଥ ଜ୍ଞାନରେ ସୁପ୍ରତିଷ୍ଠିତ ।[୧] ଏକ ସ୍ଥୂଳ ଦୃଷ୍ଟାନ୍ତ ଦେଇ ଗୀତା ବୁଝାଇଛି ଯେ ଯଦି କେହି ଆହାରରୁ ନିବୃତ୍ତ ହୁଏ, ତେବେ ବସ୍ତୁ ସହିତ ଇନ୍ଦ୍ରିୟର ସଂସ୍ପର୍ଶ ହୁଏ ନାହିଁ, ତେବେ ଇନ୍ଦ୍ରିୟର ଯେଉଁ ଲାଳସା, ବା 'ରସ' ତାହା ରହିଯାଏ, ଯେତେବେଳେ କେବଳ ଇନ୍ଦ୍ରିୟ ବସ୍ତୁର ସଂସ୍ପର୍ଶରେ ଆସି ମଧ୍ୟ ବିଷୟରୁ, ଭୋଗର ଲାଳସାରୁ ନିଜକୁ ନିବୃତ୍ତ ରଖେ, ଭୋଗ ଓ ଆସ୍ୱାଦ ସୁଖର କାମନା ପରିତ୍ୟାଗ କରେ ସେତେବେଳେ ଆତ୍ମାର ଏକ ଉଚ୍ଚତମ ଅବସ୍ଥାରେ ପହୁଞ୍ଚାଯାଇଛି ବୋଲି କୁହାଯାଇପାରେ । ଆତ୍ମାର ବଶ୍ୟତା ସ୍ୱୀକାର କରିଥିବା ଏବଂ ଅନୁରାଗ-ବିରାଗରୁ ମୁକ୍ତ ମାନସିକ ଇନ୍ଦ୍ରିୟସବୁ ଦ୍ୱାରା ବିଷୟ ଉପରେ ବିଚରଣ କରିବା ଦ୍ୱାରାହିଁ ''ବିଷୟାନିନ୍ଦ୍ରିୟୈଶ୍ଚରନ୍'' ମନୁଷ୍ୟ ଆତ୍ମା ଓ ପ୍ରକୃତିର ଉଦାର ଓ ମଧୁର ସ୍ୱଚ୍ଛତା ଲାଭକରେ ଯେଉଁଠି କି ଉତ୍ତେଜନା ଓ ଶୋକ ଆଦିର କୌଣସି ସ୍ଥାନ ନାହିଁ[୨] । ସମସ୍ତ ବାସନାକୁ ଆତ୍ମାରେହିଁ ପ୍ରବେଶ କରିବାକୁ ହେବ ଠିକ୍ ଯେପରି ସମୁଦ୍ର ଭିତରକୁ ନଦୀଜଳ ପ୍ରବେଶ କରେ, ତଥାପି ଯେପରି ଏହା ଅବିଚଳ ରହେ ପରିପୂର୍ଣ୍ଣ ଅଥଚ କୌଣସି ବିକ୍ଷୋଭ ନାହିଁ : ଏହିପରିହିଁ ଶେଷରେ ସମସ୍ତ ବାସନା ପରିତ୍ୟାଗ କରିହେବ । ସମସ୍ତ ପ୍ରକାର କ୍ରୋଧ ଓ ଉତ୍ତେଜନାରୁ, ସମସ୍ତ ପ୍ରକାର ଭୟ ଓ ଆକର୍ଷଣରୁ ମୁକ୍ତ ରହିବା ଯେ ମୁକ୍ତ ଅବସ୍ଥା ପାଇଁ ଏକାନ୍ତ ପ୍ରୟୋଜନୀୟ ସର୍ତ୍ତ ତାହା ଉପରେ ବାରଂବାର ବିଶେଷ ଜୋର୍ ଦିଆଯାଇଛି, ଏବଂ ଏଥିପାଇଁ ଆମକୁ ଏମାନଙ୍କର ସମସ୍ତ ବେଗ ସହ୍ୟ କରିବାକୁ ହେବ, କିନ୍ତୁ ଏମାନଙ୍କର କାରଣର ସମ୍ମୁଖୀନ ନହେଲେ ତାହା ସମ୍ଭବ ନୁହେଁ । ''ଯେ ଏହି ସଂସାରରେ ଏହି ଦେହରେହିଁ କାମ କ୍ରୋଧର ବେଗ ସହ୍ୟ କରି ପାରନ୍ତି ସେଇହିଁ ପ୍ରକୃତ ଯୋଗୀ, ପ୍ରକୃତ ସୁଖୀ''[୩] । ଏଥିପାଇଁ ଉପାୟ ହେଉଛି 'ତିତିକ୍ଷା', ସହ୍ୟ କରିବାର ସଙ୍କଳ୍ପ ଓ ଶକ୍ତି । ''ବାହ୍ୟ ବସ୍ତୁ ସହିତ ଇନ୍ଦ୍ରିୟର ସଂସ୍ପର୍ଶହିଁ ଶୀତ, ଉଷ୍ଣ, ସୁଖ ଦୁଃଖର

---

[୧] ଦୁଃଖେଷ୍ୱନୁଦ୍‌ବିଗ୍ନମନାଃ ସୁଖେଷୁ ବିଗତସ୍ପୃହଃ ।
ବୀତରାଗଭୟକ୍ରୋଧଃ ସ୍ଥିତଧୀର୍ମୁନିରୁଚ୍ୟତେ ।। ୨।୫୬
ଯଃ ସର୍ବତ୍ରାନଭିସ୍ନେହସ୍ତତ୍ତତ୍ ପ୍ରାପ୍ୟ ଶୁଭାଶୁଭମ୍ ।
ନାଭିନନ୍ଦତି ନ ଦ୍ୱେଷ୍ଟି ତସ୍ୟ ପ୍ରଜ୍ଞା ପ୍ରତିଷ୍ଠିତା ।। ୨।୫୭

[୨] ରାଗଦ୍ୱେଷବିଯୁକ୍ତୈସ୍ତୁ ବିଷୟାନିନ୍ଦ୍ରିୟୈଶ୍ଚରନ୍ ।
ଆତ୍ମବଶ୍ୟୈର୍ବିଧେୟାତ୍ମା ପ୍ରସାଦମଧିଗଚ୍ଛତି ।। ୨।୬୪
ପ୍ରସାଦେ ସର୍ବଦୁଃଖାନାଂ ହାନିରସ୍ୟୋପଜାୟତେ ।... ୨।୬୫

[୩] ଶକ୍ନୋତୀହୈବ ଯଃ ସୋଢୁଂ ପ୍ରାକ୍‌ଶରୀରବିମୋକ୍ଷଣାତ୍ ।
କାମକ୍ରୋଧୋଦ୍‌ଭବଂ ବେଗଂ ସ ଯୁକ୍ତଃ ସ ସୁଖୀ ନରଃ ।। ୫।୨୩

କାରଣ; ଏଇ ସବୁ ସ୍ପର୍ଶ ଅନିତ୍ୟ, ଆସେ ଓ ଯାଏ, ଏଗୁଡ଼ିକୁ ସହ୍ୟ କରିବାକୁ ଶିକ୍ଷାକର । କାରଣ ଯେଉଁ ବ୍ୟକ୍ତି ଏହି ସମସ୍ତ ବାହ୍ୟ ବସ୍ତୁର ସଂସ୍ପର୍ଶରେ ବ୍ୟଥିତ ବା ବିଚଳିତ ହୁଏ ନାହିଁ, ଯେଉଁ ଧୀର ଓ ଜ୍ଞାନୀ ବ୍ୟକ୍ତି ସୁଖ ଓ ଦୁଃଖରେ ସମାନ, ସେହିଁ ଅମୃତତ୍ୱ ଲାଭର ଅଧିକାରୀ ହୁଅନ୍ତି''[୧] । ଯାହାର ଆତ୍ମା ସମଭାବାପନ୍ନ ସେ କୌଣସି ଘୃଣା ପ୍ରକାଶ ନକରି ଦୁଃଖ ସହ୍ୟ କରନ୍ତି, କୌଣସି ଉଲ୍ଲାସ ପ୍ରକାଶ ନକରି ସୁଖ ଗ୍ରହଣ କରନ୍ତି । ଏପରିକି ସହ୍ୟଶକ୍ତି ଦ୍ୱାରା ଶାରୀରିକ ଯନ୍ତ୍ରଣାକୁ ବି ଜୟ କରିବାକୁ ହେବ ଏବଂ ଏହା ମଧ୍ୟ ଷ୍ଟୋଇକ୍ ସାଧନାର ଏକ ଅଙ୍ଗ । ଜରା, ମୃତ୍ୟୁ, ଦୁଃଖଯନ୍ତ୍ରଣାରୁ ପଳାୟନ କରିବାକୁ ହେବ ନାହିଁ, ସେଗୁଡ଼ିକ ସ୍ୱୀକାର କରିବାକୁ ହେବ ଏବଂ ସେଥିପ୍ରତି ନିତାନ୍ତ ଉପେକ୍ଷା ଓ ଉଦାସୀନତା ନେଇ ସେଗୁଡ଼ିକୁ ଜୟ କରିବାକୁ ହେବ[୨] । ପ୍ରକୃତିର ନିମ୍ନତର ଖେଳାର ଛଦ୍ମବେଶ ଦେଖି ଭୟରେ ପଳାଇଯିବା ନୁହେଁ, ତାହାର ସମ୍ମୁଖୀନ ହୋଇ ତାହାକୁ ଜୟ କରିବାହିଁ ହେଉଛି ଶକ୍ତିମାନର ସହଜାତ ପ୍ରବୃତ୍ତି, ସେହିଁ ହେଉଛି ମନୁଷ୍ୟମାନଙ୍କ ମଧ୍ୟରେ ପୁରୁଷସିଂହ ('ପୁରୁଷର୍ଷଭ') । ଏହିପରି ଭାବେ ବାଧ୍ୟହୋଇ ପ୍ରକୃତି ନିଜର ଛଦ୍ମବେଶ ଦୂର କରିଦେବ ଏବଂ ମନୁଷ୍ୟକୁ ତା'ର ଯଥାର୍ଥ ସ୍ୱରୂପ ଦେଖାଇଦେବ ଯେ ସେ ହେଉଛି ମୁକ୍ତ ଆତ୍ମା, ପ୍ରକୃତିର ଅଧୀନ ଦାସମାତ୍ର ନୁହେଁ, ତା'ର ଅଧୀଶ୍ୱର ଓ ପ୍ରଭୁ, ସ୍ୱରାଟ୍, ସମ୍ରାଟ ।

କିନ୍ତୁ ଗୀତା ଏହି ଷ୍ଟୋଇକ୍ ସାଧନାକୁ, ଏହି ବୀରୋଚିତ ଦର୍ଶନକୁ କେବଳ ସେହି ସର୍ତ୍ତରେ ଗ୍ରହଣ କରିଛି ଯେଉଁ ସର୍ତ୍ତରେ ଗୀତା ତାମସିକ ବୈରାଗ୍ୟକୁ ମଧ୍ୟ ଗ୍ରହଣ କରିଛି – ଏହାର ଊର୍ଦ୍ଧ୍ୱରେ ରହିବା ଉଚିତ ଜ୍ଞାନର ସାତ୍ତ୍ୱିକ ଦୃଷ୍ଟି ଏବଂ ମୂଳରେ ଆତ୍ମୋପଲବ୍ଧିର ଲକ୍ଷ୍ୟ ଏବଂ ଏହାର ପଦକ୍ଷେପ ହେବା ଉଚିତ ଦିବ୍ୟ ଭଗବତ୍ ପ୍ରକୃତି ଲାଭ ଦିଗରେ ଏକ ଆରୋହଣ । ଯେଉଁ ଷ୍ଟୋଇକ୍ ସାଧନା ଆମ ମାନବ ପ୍ରକୃତିର ସାଧାରଣ ହୃଦୟବୃତ୍ତିଗୁଡ଼ିକୁ କେବଳ ପିଷ୍ଟ କରିଦିଏ, ଯଦିଓ ତାହା ଜୀବନ ସମ୍ପର୍କରେ ତାମସିକ କ୍ଳାନ୍ତି, ନିଷ୍ଫଳ ନୈରାଶ୍ୟ ଓ ବନ୍ଧ୍ୟା-ଜଡ଼ତାଠାରୁ କମ୍ ବିପଜ୍ଜନକ – କାରଣ ଅତି କମ୍‌ରେ ଏହା ଆତ୍ମାର ଶକ୍ତି ଓ ଆତ୍ମକର୍ତ୍ତୃତ୍ୱକୁ ବୃଦ୍ଧି କରେ – ତଥାପି ଏହାର ଫଳ ଅମିଶ୍ର ନୁହେଁ, କାରଣ ଏହା ପ୍ରକୃତ

---

[୧] ମାତ୍ରାସ୍ପର୍ଶାସ୍ତୁ କୌନ୍ତେୟ ଶୀତୋଷ୍ଣସୁଖଦୁଃଖଦାଃ ।
ଆଗମାପାୟିନୋଽନିତ୍ୟାସ୍ତାଂସ୍ତିତିକ୍ଷସ୍ୱ ଭାରତ ।। ୨।୧୪
ୟଂ ହି ନ ବ୍ୟଥୟନ୍ତ୍ୟେତେ ପୁରୁଷଂ ପୁରୁଷର୍ଷଭ ।
ସମଦୁଃଖସୁଖଂ ଧୀରଂ ସୋଽମୃତତ୍ୱାୟ କଳ୍ପତେ ।। ୨।୧୫

[୨] ଗୀତା କହେ 'ଧୀରସ୍ତତ୍ର ନ ମୁହ୍ୟତି', ସମର୍ଥ ଓ ଜ୍ଞାନୀ ପୁରୁଷ ସେସବୁ ଦ୍ୱାରା ବ୍ୟଥିତ ବିକ୍ଷୁବ୍ଧ ବା ବିଚଳିତ ହୁଅନ୍ତି ନାହିଁ। ତଥାପି ସେଗୁଡ଼ିକୁ ସ୍ୱୀକାର କରାହୁଏ କେବଳ ଜୟ କରିବା ପାଇଁ, 'ଜରାମରଣମୋକ୍ଷାୟ ଯତନ୍ତି' ।

ଆଧ୍ୟାତ୍ମିକ ମୁକ୍ତି ଆଣି ନଦେଇ କେବଳ ହୃଦୟହୀନତା ଓ ନିଷ୍ଠୁର ଉଦାସୀନତା ଆଣିଦେଇପାରେ । ଗୀତାର ସାଧନାରେ ଷ୍ଟୋଇକ୍ ସମତାକୁ ଏକ ଉପାଦାନ ହିସାବରେ ସ୍ୱୀକାର କରାଯାଇଛି କେବଳ ଏହି କାରଣରୁ ଯେ ସକଳ ମାନବ ସତ୍ତା ଭିତରେ ମୁକ୍ତ ଅବିଚଳିତ ଆତ୍ମାର ଉପଲବ୍ଧି (ପରଂ ଦୃଷ୍ଟ୍ୱା) ସହିତ ଏହାର ସମ୍ବନ୍ଧ ରହିଛି ଓ ଏହା ମଧ୍ୟ ଏହି ଉପଲବ୍ଧି ଦିଗରେ ଏବଂ ସେହି ନୂତନ ଆତ୍ମ-ସଚେତନତାରେ ସ୍ଥିତି ଲାଭ (ଏଷା ବ୍ରାହ୍ମୀ ସ୍ଥିତିଃ) ଦିଗରେ ସହାୟତା କରିପାରେ । "ବୁଦ୍ଧି ସାହାଯ୍ୟରେ ବୁଦ୍ଧିର ଉପରେ ଅବସ୍ଥିତ ପରମାତ୍ମାଙ୍କ ସମ୍ବନ୍ଧରେ ସଚେତନ ହୋଇ, ଆତ୍ମ-ଶକ୍ତିର ପ୍ରୟୋଗରେ ଆତ୍ମାକୁ ଦୃଢ଼ ଓ ନିଶ୍ଚଳ କର ଏବଂ ଏହି ଦୁର୍ନିବାର ଶତ୍ରୁ କାମନାକୁ ବିନାଶ କର ।"[୧] ନିବୃତ୍ତି ଓ ତାମସିକ ବୈରାଗ୍ୟ ତଥା ସଂଗ୍ରାମ ଓ ବିଜୟର ରାଜସିକ ଗତିବୃତ୍ତି ଉଭୟର ଯଥାର୍ଥତା ଅଛି ଯଦି ସେମାନେ ସାତ୍ତ୍ୱିକତା ଭିତରଦେଇ ଊର୍ଦ୍ଧ୍ୱସ୍ଥ ଆତ୍ମଜ୍ଞାନର ଲକ୍ଷ୍ୟ ଦିଗରେ ଚାଳିତ ହୁଅନ୍ତି, ତାହାହିଁ କେବଳ ବୈରାଗ୍ୟ ଓ ସଂଗ୍ରାମ ଉଭୟଟାର ଯାଥାର୍ଥ୍ୟ ଆଣିଦିଏ ।

ଯଥାର୍ଥ ଦାର୍ଶନିକ, ମନୀଷୀ ଓ ଆଜନ୍ମ ସାଧୁ ପ୍ରକୃତିର ବ୍ୟକ୍ତି ଖାଲି ଯେ ନିଜ ଆଦର୍ଶର ଚୂଡ଼ାନ୍ତ ସମର୍ଥନ ଲାଗି ଭିତରର ସତ୍ତ୍ୱଗୁଣ ଉପରେ ନିର୍ଭର କରେ ସେତିକି ନୁହେଁ, ସେ ମଧ୍ୟ ତା'ର ଆତ୍ମକର୍ତ୍ତୃତ୍ୱ ସାଧନ ଲାଗି ମୂଳରୁ ଏହି ସତ୍ତ୍ୱଗୁଣର ସାହାଯ୍ୟ ନିଏ । ସେ ସାତ୍ତ୍ୱିକ ସମତାରୁହିଁ ଆରମ୍ଭ କରେ । ସେ ମଧ୍ୟ ଲକ୍ଷ୍ୟ କରେ ଯେ ଏହି ବାହ୍ୟ ଓ ଜଡ଼ ଜଗତ୍ ପୂରା ଅନିତ୍ୟ, ବାସନାର ଯଥାର୍ଥ ତୃପ୍ତି ପାଇଁ ଓ ଯଥାର୍ଥ ଆନନ୍ଦ ପ୍ରଦାନ ପାଇଁ ଏହା ସମ୍ପୂର୍ଣ୍ଣ ଅସମର୍ଥ କିନ୍ତୁ ଏହା ଲକ୍ଷ୍ୟ କରି ତା' ଭିତରେ କୌଣସି ଶୋକ, ଭୟ ବା ନୈରାଶ୍ୟ ସୃଷ୍ଟି ହୁଏ ନାହିଁ । ସେ ଏ ସବୁକିଛିକୁ ଦେଖେ ଏକ ଶାନ୍ତ ବିଚାର-ବୁଦ୍ଧିର ଦୃଷ୍ଟି ନେଇ ଏବଂ ଏଥିପ୍ରତି କୌଣସି ବିରକ୍ତି ବା ବିଚଳତାକୁ ପ୍ରଶ୍ରୟ ନଦେଇ ସେ ନିଜର ଅଭୀଷ୍ଟ ନିର୍ଣ୍ଣୟ କରେ । "ବସ୍ତୁର ସଂସ୍ପର୍ଶରୁ ଯେଉଁସବୁ ଭୋଗ ସୁଖ ଉତ୍ପନ୍ନ ହୁଏ ସେଗୁଡ଼ିକ ପରିଣାମରେ ଦୁଃଖର କାରଣ ହୁଏ, ସେଗୁଡ଼ିକର ଆରମ୍ଭ ଅଛି ଏବଂ ଶେଷ ମଧ୍ୟ ଅଛି, ତେଣୁ ଯେ ଜ୍ଞାନୀ, ଯାହାର ବୁଦ୍ଧି ଜାଗ୍ରତ୍ ହୋଇଛି (ବୁଧଃ) ସେ ଏ ସବୁରେ ଆନନ୍ଦ ଲାଭ କରେ ନାହିଁ ।"[୨] "ତାହାର ଆତ୍ମା ବାହ୍ୟବସ୍ତୁର ସ୍ପର୍ଶ ପ୍ରତି ଅନାସକ୍ତ ରହେ, ସେ ନିଜ ଭିତରେହିଁ ନିଜ ଆନନ୍ଦର ସନ୍ଧାନ ପାଏ ।"[୩] ଗୀତା ଅନୁସାରେ ସେ ଦେଖିପାରନ୍ତି ଯେ

---

[୧] ଏବଂ ବୁଦ୍ଧେଃ ପରଂ ବୁଦ୍ଧ୍ୱା ସଂସ୍ତଭ୍ୟାତ୍ମାନମାତ୍ମନା ।
ଜହି ଶତ୍ରୁଂ ମହାବାହୋ କାମରୂପଂ ଦୁରାସଦମ୍ ।। ୩।୪୩

[୨] ଯେ ହି ସଂସ୍ପର୍ଶଜା ଭୋଗା ଦୁଃଖଯୋନୟ ଏବ ତେ ।
ଆଦ୍ୟନ୍ତବନ୍ତଃ କୌନ୍ତେୟ ନ ତେଷୁ ରମତେ ବୁଧଃ ।। ୫।୨୨

[୩] ବାହ୍ୟସ୍ପର୍ଶେଷ୍ୱସକ୍ତାତ୍ମା ବିନ୍ଦତ୍ୟାତ୍ମନି ଯଦ୍ ସୁଖମ୍ ।... ୫।୨୧

ସେ ନିଜେହିଁ ନିଜର ଶତ୍ରୁ ଏବଂ ନିଜେହିଁ ନିଜର ବନ୍ଧୁ, ତେଣୁ ସେ ସତର୍କ ରହନ୍ତି ଯେପରି କାମ, କ୍ରୋଧ ହାତରେ ନିଜ ସତ୍ତାକୁ ଛାଡ଼ିଦେଇ ଆତ୍ମଚ୍ୟୁତ ନ ହୁଅନ୍ତି, ''ନାତ୍ମାନମବସାଦୟେତ୍'', ଓ ଯେପରି ଅନ୍ତର୍ଶକ୍ତି ବଳରେ ସେହି କାରାଗାର ଭିତରୁ ନିଜକୁ ଉଦ୍ଧାର କରନ୍ତି, ''ଉଦ୍ଧରେଦାତ୍ମାନଂ'', କାରଣ ଯେ ନିମ୍ନତର ସତ୍ତାକୁ ଜୟ କରିଛି ସେ ତା'ର ଉଚ୍ଚତର ସତ୍ତାକୁ ପାଏ ନିଜର ପରମ ବନ୍ଧୁ ଓ ସହାୟକରୂପେ । ସେ ଜ୍ଞାନରେ ପରିତୃପ୍ତ ହୁଅନ୍ତି, ନିଜ ଇନ୍ଦ୍ରିୟସମୂହର ପ୍ରଭୁ ହୁଅନ୍ତି ଓ ସାତ୍ତ୍ୱିକ ସମତାକୁ ଆଶ୍ରୟ କରି ଯୋଗୀର ଆସନରେ ଆରୂଢ଼ ହୁଅନ୍ତି – କାରଣ ସମତାହିଁ ଯୋଗ, 'ସମତ୍ୱଂ ଯୋଗ ଉଚ୍ୟତେ' । ସେ ମୃତ୍ତିକା, ପ୍ରସ୍ତର ଓ ସୁବର୍ଣ୍ଣକୁ ସମାନ ଦୃଷ୍ଟିରେହିଁ ଦେଖନ୍ତି, ଶୀତ ଓ ଉଷ୍ଣରେ, ସୁଖ ଓ ଦୁଃଖରେ, ମାନ ଓ ଅପମାନରେ ସେ ରହନ୍ତି ସମ୍ପୂର୍ଣ୍ଣ ସମଭାବାପନ୍ନ ଓ ପ୍ରଶାନ୍ତ ।[୧] ଶତ୍ରୁ, ମିତ୍ର, ନିରପେକ୍ଷ ଓ ମଧ୍ୟସ୍ଥ ସମସ୍ତଙ୍କ ପ୍ରତି ତାଙ୍କର ସମଭାବ ରହିଥାଏ, କାରଣ ସେ ଦେଖନ୍ତି ଜୀବନର ପରିବର୍ତ୍ତନଶୀଳ ଅବସ୍ଥା ଭିତରୁ ସୃଷ୍ଟ ଏହି ସମ୍ବନ୍ଧସବୁ ନିତାନ୍ତ କ୍ଷଣସ୍ଥାୟୀ । ଏପରିକି ମଣିଷ ପାଣ୍ଡିତ୍ୟ, ଶୁଚିତା ଓ ପୁଣ୍ୟର ଦାବି ନେଇ ଯେଉଁ ଛୋଟ-ବଡ଼, ଉଚ୍ଚ ନୀଚ ବିଚାର କରନ୍ତି, ଜ୍ଞାନୀ ବ୍ୟକ୍ତି ସେଥିରେ ବିଭ୍ରାନ୍ତ ହୁଅନ୍ତି ନାହିଁ । ସମସ୍ତଙ୍କ ପ୍ରତି ସେ ସମଭାବାପନ୍ନ, ସେ ସାଧୁ ହେଉ ଅଥବା ଅସାଧୁ ହେଉ, ସେ ପୁଣ୍ୟବାନ୍, ବିଦ୍ୱାନ୍ ଓ ଉତ୍କୃଷ୍ଟ ବ୍ରାହ୍ମଣ ହେଉ ବା ପତିତ ଚଣ୍ଡାଳ ହେଉ, ସମସ୍ତଙ୍କ ପ୍ରତି ତାଙ୍କର ଭାବ ସମାନ । ଗୀତା ଏହିପରି ଭାବରେ ସାତ୍ତ୍ୱିକ ସମତାର ବର୍ଣ୍ଣନା କରିଛି ଏବଂ ଜଗତରେ ଯାହା ବିଜ୍ଞ ବ୍ୟକ୍ତିର ଶାନ୍ତ ଦାର୍ଶନିକ ସମତା ବୋଲି ପରିଚିତ ଏଥିରେ ତାହାର ସମସ୍ତ ସାରବସ୍ତୁ ସୁନ୍ଦର ଭାବରେ ସ୍ଥାନ ପାଇଛି ।

ତା'ହେଲେ ଏହି ସମତା ଓ ଗୀତାରେ ଯେଉଁ ବୃହତ୍ତର ସମତା ବିଷୟରେ କୁହାଯାଇଛି, ଏ ଦୁଇଟି ଭିତରେ ପାର୍ଥକ୍ୟ କେଉଁଠି ? ଚିନ୍ତା ଓ ବିଚାର ଦ୍ୱାରା ଯେଉଁ ଦାର୍ଶନିକ ଜ୍ଞାନ ମିଳେ, ତା' ସହିତ ଆଧ୍ୟାତ୍ମିକ ବୈଦାନ୍ତିକ ଐକ୍ୟ ଜ୍ଞାନର ଯେଉଁ ପାର୍ଥକ୍ୟ, ଏ ଦୁଇଟି ଭିତରେ ତାହାହିଁ ହେଉଛି ପାର୍ଥକ୍ୟ ଏବଂ ଗୀତାର ଶିକ୍ଷା ଆଧ୍ୟାତ୍ମିକ ବୈଦାନ୍ତିକ ଐକ୍ୟ ଜ୍ଞାନ ଉପରେହିଁ ପ୍ରତିଷ୍ଠିତ । ଦାର୍ଶନିକ ତା'ର ସମତା ରକ୍ଷା କରେ ବୁଦ୍ଧିର ଶକ୍ତି ଓ ମନର ବିଚାର ବିତର୍କର ଆଶ୍ରୟ ନେଇ କିନ୍ତୁ ସମତାର ଏହି ଭିତ୍ତି କେତେଦୂର ଦୃଢ଼ ସେ ସମ୍ପର୍କରେ ସନ୍ଦେହ ଉଠିପାରେ । କାରଣ ଯଦିଓ ସେ ସତତ ସଜାଗ ଦୃଷ୍ଟି ରଖିବା ଦ୍ୱାରା ବା ମନର ଅଭ୍ୟାସ ଦ୍ୱାରା ନିଜ ଉପରେ କିଛିଟା କର୍ତ୍ତୃତ୍ୱ ହାସଲ କରିଥାଏ କିନ୍ତୁ ବାସ୍ତବରେ ସେ ତା'ର ନିମ୍ନପ୍ରକୃତିରୁ ମୁକ୍ତ ନୁହେଁ, ନାନା ବାଟଦେଇ ନାନା ଭାବରେ ଏହି ନିମ୍ନପ୍ରକୃତି

[୧] ଜ୍ଞାନବିଜ୍ଞାନତୃପ୍ତାତ୍ମା କୂଟସ୍ଥୋ ବିଜିତେନ୍ଦ୍ରିୟଃ ।
ଯୁକ୍ତ ଇତ୍ୟୁଚ୍ୟତେ ଯୋଗୀ ସମଲୋଷ୍ଟାଶ୍ମକାଞ୍ଚନଃ ।। ୬।୮

ତା' ଉପରେ ପ୍ରଭାବ ବିସ୍ତାର କରେ ଏବଂ ତାହାକୁ ପ୍ରତ୍ୟାଖ୍ୟାନ ଓ ଦମନ କରାହୋଇଛି ବୋଲି ସେ ଯେକୌଣସି ମୁହୂର୍ତ୍ତରେ ସୁଯୋଗ ପାଇଲେ ଭୀଷଣ ପ୍ରତିଶୋଧ ନେଇପାରେ । କାରଣ ନିମ୍ନ ପ୍ରକୃତିର ଖେଳା ସବୁ ସମୟରେହିଁ ତ୍ରିଧା ଖେଳା ଏବଂ ସାତ୍ତ୍ୱିକ ମନୁଷ୍ୟକୁ କବଳିତ କରିବା ପାଇଁ ରାଜସିକ ଓ ତାମସିକ ଗୁଣ ସବୁବେଳେ ଜଗି ବସିଥା'ନ୍ତି । ''ଏପରିକି ସିଦ୍ଧି ଲାଭ ପାଇଁ ଯତ୍ନଶୀଳ ଜ୍ଞାନୀ ବ୍ୟକ୍ତିର ମନକୁ ମଧ୍ୟ ପ୍ରବଳ ଇନ୍ଦ୍ରିୟମାନେ ବଳପୂର୍ବକ ହରଣ କରନ୍ତି ।''[୧] ତେଣୁ ସମ୍ପୂର୍ଣ୍ଣ ରୂପେ ନିରାପଦ ହେବାକୁ ହେଲେ ସତ୍ତ୍ୱ ଗୁଣ ଅପେକ୍ଷା ଉଚ୍ଚତର କିଛି ଉପରେ, ବୁଦ୍ଧିଗତ ମନ ଅପେକ୍ଷା ଉଚ୍ଚତର କିଛି ଉପରେ ନିର୍ଭର କରିବାକୁ ହେବ, ତା' ହେଉଛି ଆତ୍ମା — ଏ ଆତ୍ମା ଦାର୍ଶନିକର ବୁଦ୍ଧିଗତ ଆତ୍ମା ନୁହେଁ, ଏ ହେଉଛି ଦିବ୍ୟ ଋଷିର ଆଧ୍ୟାତ୍ମିକ ଆତ୍ମା, ଯାହାକି ତ୍ରିଗୁଣାତୀତ । କେବଳ ଏକ ଉଚ୍ଚତର ଅଧ୍ୟାତ୍ମ-ପ୍ରକୃତି ଭିତରେ ଦିବ୍ୟଜନ୍ମ ଲାଭ କରିବା ଦ୍ୱାରାହିଁ ସବୁକିଛିକୁ ପୂର୍ଣ୍ଣ କରିହେବ ।

ଦାର୍ଶନିକର ସମତା ହେଉଛି ଷ୍ଟୋଇକ୍ ସାଧନାର ସମତା ପରି ବା ସଂସାରତ୍ୟାଗୀ ସନ୍ନ୍ୟାସୀର ସମତା ପରି ମଣିଷ ସହିତ ସମ୍ପର୍କହୀନ, ମଣିଷଠାରୁ ବହୁ ଦୂରରେ ଅନ୍ତରରେ ଏକ ନିର୍ଜନ ମୁକ୍ତି । କିନ୍ତୁ ଯେଉଁ ବ୍ୟକ୍ତି ଦିବ୍ୟ ଜନ୍ମ ଲାଭ କରିଛି, ସେ କେବଳ ନିଜ ଭିତରେ ନୁହେଁ ସମସ୍ତ ସତ୍ତା ଭିତରେ ଭଗବାନଙ୍କୁ ଦେଖେ । ସେ ସମସ୍ତଙ୍କ ସହ ନିଜର ଐକ୍ୟ ଉପଲବ୍ଧି କରିଛି, ତେଣୁ ତା'ର ସମତା ସହାନୁଭୂତି ଓ ଐକ୍ୟରେ ପରିପୂର୍ଣ୍ଣ । ସେ ସମସ୍ତଙ୍କୁ ନିଜ ସହ ଏକ ଓ ଅଭିନ୍ନ ଦେଖେ, ତେଣୁ କେବଳ ନିଜର ମୁକ୍ତି ପାଇଁ ବ୍ୟଗ୍ର ହୁଏ ନାହିଁ । ବରଂ ସେ ଅନ୍ୟମାନଙ୍କର ଦୁଃଖସୁଖର ବୋଝ ନିଜ ସ୍କନ୍ଧରେ ବହନ କରେ, ଯଦିଓ ସେ ନିଜେ ଏହିସବୁ ଦୁଃଖ-ସୁଖରେ ବିଚଳିତ ବା ବଶୀଭୂତ ହୁଏ ନାହିଁ । ଗୀତା ଏକାଧିକ ବାର କହିଛି ଯେ ସିଦ୍ଧ ଜ୍ଞାନୀ ଏକ ବ୍ୟାପକ ସମତାର ଭାବ ନେଇ ସମସ୍ତଙ୍କର ମଙ୍ଗଳ ଓ ହିତସାଧନାରେ ନିଯୁକ୍ତ ଥା'ନ୍ତି ଏବଂ ତାହାହିଁ ହୁଏ ତାଙ୍କର କର୍ମ ଓ ସେଇଥିରୁ ସେ ନିଜର ଆନନ୍ଦ ପା'ନ୍ତି, 'ସର୍ବଭୂତହିତେ ରତାଃ' । ଯଥାର୍ଥ ସିଦ୍ଧ ଯୋଗୀ କେବଳ ଆଧ୍ୟାତ୍ମିକ ନିଃସଙ୍ଗତାର ଗଜଦନ୍ତ ମିନାରରେ ବସି ଆତ୍ମା ଉପରେ ନିର୍ଜନ ଧ୍ୟାନରେ ନିମଗ୍ନ ରହନ୍ତି ନାହିଁ, କିନ୍ତୁ ଯେ 'ଯୁକ୍ତଃ କୃତ୍ସ୍ନକର୍ମକୃତ୍', ଜଗତର ମଙ୍ଗଳ ପାଇଁ, ଜଗତ ଭିତରେ ଯେଉଁ ଭଗବାନ୍ ରହିଛନ୍ତି ତାଙ୍କ ପାଇଁ ସେ ବହୁମୁଖୀ ନାନାବିଧ କର୍ମରେ ରତ ରହନ୍ତି । କାରଣ ସେ ଯେପରି ଜଣେ ଯୋଗୀ ଓ ଋଷି ସେହିପରି ମଧ୍ୟ ସେ ଜଣେ ଭକ୍ତ ଓ ଭଗବତ୍-ପ୍ରେମୀ, ସେ ଭଗବାନଙ୍କୁ ଯେଉଁଠାରେ ଦେଖନ୍ତି ସେଠାରେ ତାଙ୍କୁ ଭଲପା'ନ୍ତି ଏବଂ ସେ ସବୁଠାରେହିଁ ଭଗବାନଙ୍କୁ ଦେଖନ୍ତି, ଯାହାଙ୍କୁ ସେ ଭଲ ପା'ନ୍ତି ତାଙ୍କୁ ସେବା କରିବା ପାଇଁ

---

[୧] ଯତତୋ ହ୍ୟପି କୌନ୍ତେୟ ପୁରୁଷସ୍ୟ ବିପଶ୍ଚିତଃ ।
ଇନ୍ଦ୍ରିୟାଣି ପ୍ରମାଥୀନି ହରନ୍ତି ପ୍ରସଭଂ ମନଃ ।। ୨।୬୦

ସେ ବିମୁଖ ହୁଅନ୍ତି ନାହିଁ, ଆଉ ଏହି କର୍ମ ମଧ୍ୟ ତାଙ୍କୁ ଦିବ୍ୟ ମିଳନର ସୁଖରୁ ବଞ୍ଚିତ କରେ ନାହିଁ, କାରଣ ତାଙ୍କର ସମସ୍ତ କର୍ମ ନିଜର ଅନ୍ତରସ୍ଥ ସେଇ ପରମ ଏକଙ୍କ ଭିତରୁହିଁ ଉତ୍ଥିତ ହୁଏ ଏବଂ ସର୍ବଭୂତରେ ରହିଥିବା ସେହି ପରମ ଏକଙ୍କ ଉଦ୍ଦେଶ୍ୟରେହିଁ ତାଙ୍କର ସମସ୍ତ କର୍ମ ଚାଳିତ ହୁଏ । ଗୀତାର ସମତା ହେଉଛି ଏକ ବ୍ୟାପକ ସମନ୍ୱୟର ସମତା ଯେଉଁଥିରେ କି ସବୁକିଛି ଭଗବତ୍ ସତ୍ତା ଓ ଭଗବତ୍ ପ୍ରକୃତିର ପୂର୍ଣ୍ଣତା ଭିତରକୁ ଉତ୍ତୋଳିତ ହୁଏ ।

# ୨୦

# ସମତା ଓ ଜ୍ଞାନ

ଗୀତା-ଶିକ୍ଷାର ଏହି ମୂଳ ଅଂଶରେ ଯୋଗ ଓ ଜ୍ଞାନ, ଆତ୍ମାର ଉତ୍ତରଣ ଦିଗରେ ଦୁଇଟି ପକ୍ଷ ସଦୃଶ । ଯୋଗର ଅର୍ଥ ହେଉଛି ବାସନାଶୂନ୍ୟ ହୋଇ, ସମସ୍ତ ବସ୍ତୁ ଓ ଲୋକମାନଙ୍କ ପ୍ରତି ସମଭାବାପନ୍ନ ହୋଇ ପରମଙ୍କ ଉଦ୍ଦେଶ୍ୟରେ ଯଜ୍ଞ ସଦୃଶ କରାଯାଉଥିବା ଦିବ୍ୟକର୍ମ ଭିତର ଦେଇ ଭଗବାନଙ୍କ ସହ ମିଳନ, ଏବଂ ଜ୍ଞାନର ଅର୍ଥ ହେଉଛି ସେହି ଭିତ୍ତି ଯାହା ଉପରେ ଏହି ବାସନା-ଶୂନ୍ୟତା, ଏହି ସମତା ଓ ଏହି ଯଜ୍ଞର ଶକ୍ତି ପ୍ରତିଷ୍ଠିତ । ଏହି ଦୁଇଟି ପକ୍ଷ ପରସ୍ପରକୁ ଉଡ଼ିବାରେ ସାହାଯ୍ୟ କରନ୍ତି, ଏକତ୍ର କାମ କଲେ ମଧ୍ୟ ସୂକ୍ଷ୍ମଭାବରେ କ୍ରମାନ୍ୱୟ ଅଦଳ ବଦଳ କରି ଏ ଦୁଇଟି ପରସ୍ପରକୁ ସାହାଯ୍ୟ କରୁଥାଆନ୍ତି ଠିକ୍ ଯେପରି ମନୁଷ୍ୟର ଦୁଇଟି ଚକ୍ଷୁ ଏକାଠି ଦେଖିଲେ ମଧ୍ୟ କ୍ରମାନ୍ୱୟରେ ଅଦଳ-ବଦଳ କରି ଏହି ଦେଖିବା କ୍ରିୟାରେ ପରସ୍ପରକୁ ସାହାଯ୍ୟ କରନ୍ତି, ଯୋଗ ଓ ଜ୍ଞାନ ଏହିପରି ପରସ୍ପରକୁ ସାହାଯ୍ୟ କରନ୍ତି ଓ ନିଜର ଉପାଦାନର ପାରସ୍ପରିକ ବିନିମୟ ଦ୍ୱାରା ପରସ୍ପରକୁ ବର୍ଦ୍ଧିତ ଓ ପୁଷ୍ଟ କରନ୍ତି । କର୍ମ ଯେତିକି ଅଧିକରୁ ଅଧିକ ନିଷ୍କାମ, ସମବୁଦ୍ଧିସମ୍ପନ୍ନ ଓ ଯଜ୍ଞଭାବାପନ୍ନ ହୁଏ ଜ୍ଞାନ ମଧ୍ୟ ସେହି ଅନୁସାରେ ବର୍ଦ୍ଧିତ ହୁଏ ଓ ଜ୍ଞାନର ଅଭିବୃଦ୍ଧି ସଙ୍ଗେ ସଙ୍ଗେ ଆତ୍ମା ମଧ୍ୟ ନିଜ କର୍ମର ବାସନାଶୂନ୍ୟ ଯଜ୍ଞଭାବାପନ୍ନ ସମତାରେ ଆହୁରି ଦୃଢ଼ ରୂପେ ପ୍ରତିଷ୍ଠିତ ହୁଏ । ତେଣୁ ଗୀତା କହେ ଯେ, ଜ୍ଞାନଯଜ୍ଞ ହେଉଛି ସମସ୍ତ ପ୍ରକାର ଦ୍ରବ୍ୟଯଜ୍ଞ ଅପେକ୍ଷା ଶ୍ରେଷ୍ଠତର । "ଯଦି ତୁମେ ସମସ୍ତ ପାପୀମାନଙ୍କ ଅପେକ୍ଷା ଅଧିକ ପାପ କର ତା'ହେଲେ ମଧ୍ୟ ଜ୍ଞାନର ନୌକାରେ ସମୁଦାୟ ପାପ-ସମୁଦ୍ରକୁ ଅତିକ୍ରମ କରିଯିବ... । ପୃଥିବୀରେ ଜ୍ଞାନ ସଦୃଶ ପବିତ୍ରତା ଆଉ କିଛି ନାହିଁ ।"[୧] ଜ୍ଞାନ ଦ୍ୱାରା କାମନା ଏବଂ ତା'ର ପ୍ରଥମ ସନ୍ତାନ ପାପ ଧ୍ୱଂସ ହୁଏ । ମୁକ୍ତ ବ୍ୟକ୍ତି ସମସ୍ତ କର୍ମକୁ ଯଜ୍ଞ ରୂପେ କରିପାରେ କାରଣ ତାହାର ମନ, ହୃଦୟ ଓ ଆତ୍ମା, ଆତ୍ମଜ୍ଞାନରେ ସୁପ୍ରତିଷ୍ଠିତ ହେବା ଦ୍ୱାରା ସେ ଆସକ୍ତିରୁ ମୁକ୍ତ ହୋଇଛି, "ଗତସଙ୍ଗସ୍ୟ ଜ୍ଞାନାବସ୍ଥିତଚେତସଃ" ୪।୨୩ ।

---

[୧] ଅପି ଚେଦସି ପାପେଭ୍ୟଃ ସର୍ବେଭ୍ୟଃ ପାପକୃତ୍ତମଃ ।
ସର୍ବଂ ଜ୍ଞାନପ୍ଲବେନୈବ ବୃଜିନଂ ସନ୍ତରିଷ୍ୟସି ॥ ୪।୩୬

* * *

ନ ହି ଜ୍ଞାନେନ ସଦୃଶଂ ପବିତ୍ରମିହ ବିଦ୍ୟତେ ।... ୪।୩୮

ତାହାର ସମସ୍ତ କର୍ମ ସମ୍ପନ୍ନ ହେବା ମାତ୍ରେହିଁ ସମ୍ପୂର୍ଣ୍ଣ ରୂପେ ମିଳେଇଯାଏ, କୁହାଯାଇପାରେ ଯେ ବ୍ରହ୍ମସତ୍ତା ଭିତରେ ସମ୍ପୂର୍ଣ୍ଣରୂପେ ବିଲୀନ ହୋଇଯାଏ, 'ପ୍ରବିଲୀୟତେ'; ଆପାତତଃ କର୍ମୀର ଆତ୍ମା ଉପରେ ଏହା କୌଣସି ଦାଗ ବା ପ୍ରତିକ୍ରିୟାମୂଳକ ଫଳ ରଖିଯାଏ ନାହିଁ। ତାହାର ପ୍ରକୃତି ଭିତର ଦେଇ ଭଗବାନହିଁ ସେହି କର୍ମ ସମ୍ପନ୍ନ କରନ୍ତି, ତାହା ଆଉ ମନୁଷ୍ୟର ନିଜର ହୋଇ ରହେ ନାହିଁ, ସେ କେବଳ ଯନ୍ତ୍ର ମାତ୍ର । କର୍ମଟି ସେତେବେଳେ ପ୍ରକୃତିର ଶକ୍ତିରେ ଏବଂ ବ୍ରହ୍ମସତ୍ତାର ଉପାଦାନରେହିଁ ପରିଣତ ହୁଏ ।

ଏହି ଅର୍ଥରେହିଁ ଗୀତା କହିଛି ଯେ ଜ୍ଞାନରେହିଁ ସମସ୍ତ କର୍ମର ପୂର୍ଣ୍ଣତା, ସମାପ୍ତି ଓ ସାର୍ଥକତା ମିଳେ, "ସର୍ବଂ କର୍ମାଖିଳମ୍ ଜ୍ଞାନେ ପରିସମାପ୍ୟତେ" । "ପ୍ରଜ୍ୱଳିତ ଅଗ୍ନି ଯେପରି ତା'ର ଇନ୍ଧନକୁ ପୋଡ଼ି ଭସ୍ମରେ ପରିଣତ କରିଥାଏ, ସେହିପରି ଜ୍ଞାନାଗ୍ନି ସମସ୍ତ କର୍ମରାଶିକୁ ପୋଡ଼ି ଭସ୍ମସାତ୍ କରିଥାଏ ।"[୧] ଏହା ଦ୍ୱାରା ଆଦୌ ଏପରି ବୁଝାଯାଉ ନାହିଁ ଯେ ଯେତେବେଳେ ଜ୍ଞାନ ସମ୍ପୂର୍ଣ୍ଣ ହୁଏ ସେତେବେଳେ କର୍ମ ବନ୍ଦ ହୋଇଯାଏ । ଏହାର ପ୍ରକୃତ ଅର୍ଥ ଗୀତାରେ ସ୍ପଷ୍ଟ ହୋଇଛି ଯେତେବେଳେ ଏହା କହିଛି ଯେ ଜ୍ଞାନ ଦ୍ୱାରା ଯେ ସମସ୍ତ ସଂଶୟକୁ ନଷ୍ଟ କରିଛନ୍ତି ଏବଂ ଯୋଗ ଦ୍ୱାରା ସମସ୍ତ କର୍ମକୁ ସମର୍ପଣ କରିଛନ୍ତି ଏବଂ ଆତ୍ମାକୁ ଲାଭ କରିଛନ୍ତି, ଏପରି ବ୍ୟକ୍ତି ନିଜ କର୍ମ ଦ୍ୱାରା ବଦ୍ଧ ହୁଅନ୍ତି ନାହିଁ ।[୨] ଯାହାର ଆତ୍ମା ସର୍ବଭୂତର ଆତ୍ମା ହୋଇଯାଇଛି ସେ କର୍ମକରେ କିନ୍ତୁ ସେ କର୍ମ ତାହାକୁ ସ୍ପର୍ଶ କରେ ନାହିଁ, ସେ ସେହି କର୍ମପାଶରେ ଆବଦ୍ଧ ହୁଏ ନାହିଁ ବା ତା' ପାଇଁ ସେହି କର୍ମରୁ ଆତ୍ମାର ମୋହସୃଷ୍ଟିକାରୀ କୌଣସି ପ୍ରତିକ୍ରିୟା ଆସେ ନାହିଁ, "କୁର୍ବନ୍ନପି ନ ଲିପ୍ୟତେ" । ତେଣୁ ଗୀତା କହେ କର୍ମଯୋଗ ବାହ୍ୟ କର୍ମତ୍ୟାଗ ଅପେକ୍ଷା ଉତ୍କୃଷ୍ଟ,[୩] କାରଣ ଦେହବାନ୍ ଲୋକକୁ, ଶରୀର ଧାରଣ କରିଥିବା ପର୍ଯ୍ୟନ୍ତ କର୍ମ କରିବାକୁ ପଡ଼ିବହିଁ ପଡ଼ିବ, ତେଣୁ ତା' ପାଇଁ କର୍ମ-ସନ୍ନ୍ୟାସ କଷ୍ଟକର, କିନ୍ତୁ ତା' ପାଇଁ କର୍ମଯୋଗହିଁ ଯଥେଷ୍ଟ ଓ ଏହା ସହଜରେ ଓ ଦ୍ରୁତଭାବରେ ଆତ୍ମାକୁ ବ୍ରହ୍ମାଭିମୁଖରେ ନେଇ ଆସିପାରେ । ଆମେ ଦେଖିଛୁ ଯେ କର୍ମଯୋଗ ହେଉଛି ସମସ୍ତ କର୍ମ ଈଶ୍ୱରଙ୍କୁ ସମର୍ପଣ, ଯାହାର କି ଚୂଡ଼ାନ୍ତ ପରିଣତି ହେଉଛି ବାହାରେ ନୁହେଁ ଅନ୍ତରରେ, ଶାରୀରିକ ଭାବରେ ନୁହେଁ ଆଧ୍ୟାତ୍ମିକ ଭାବରେ ସମସ୍ତ କର୍ମକୁ ବ୍ରହ୍ମଭିତରେ ଓ ଈଶ୍ୱରଙ୍କ ସତ୍ତା ଭିତରେ ଅର୍ପଣ କରିବା, "ବ୍ରହ୍ମଣ୍ୟାଧାୟ କର୍ମାଣି

---

[୧] ଯଥୈଧାଂସି ସମିଦ୍ଧୋଽଗ୍ନିର୍ଭସ୍ମସାତ୍ କୁରୁତେଽର୍ଜୁନ ।
ଜ୍ଞାନାଗ୍ନିଃ ସର୍ବକର୍ମାଣି ଭସ୍ମସାତ୍ କୁରୁତେ ତଥା ।। ୪।୩୭

[୨] ଯୋଗସନ୍ନ୍ୟସ୍ତକର୍ମାଣଂ ଜ୍ଞାନସଂଛିନ୍ନସଂଶୟମ୍ ।
ଆତ୍ମବନ୍ତଂ ନ କର୍ମାଣି ନିବଧ୍ନନ୍ତି ଧନଞ୍ଜୟ ।। ୪।୪୧

[୩] ତୟୋସ୍ତୁ କର୍ମସଂନ୍ୟାସାତ୍ କର୍ମଯୋଗୋ ବିଶିଷ୍ୟତେ ।। ୫।୨

ମୟି ସଂନ୍ୟସ୍ୟ''। ଯେତେବେଳେ କର୍ମରାଶି ଏହିପରି ବ୍ରହ୍ମରେ ସଂନ୍ୟସ୍ତ ହୁଏ, ସେତେବେଳେ ଯନ୍ତ୍ରର କର୍ତ୍ତାଭାବ କିଛି ରହେ ନାହିଁ। ସେ କର୍ମ କରି ମଧ୍ୟ କିଛି କରେ ନାହିଁ, କାରଣ ସେ ଖାଲି ଯେ କର୍ମଫଳ ତ୍ୟାଗ କରିଛି ସେତିକି ନୁହେଁ, ସେ ସମସ୍ତ କର୍ମ ଓ ତାହାର ସମ୍ପାଦନସବୁକୁ ଈଶ୍ୱରଙ୍କୁ ସମର୍ପଣ କରିଛି। ସେତେବେଳେ ସ୍ୱୟଂ ଭଗବାନ୍ ତା'ଠାରୁ ତା' କର୍ମର ସମସ୍ତ ଭାର ତୋଳି ନିଅନ୍ତି ଏବଂ ପରମହିଁ ସେତେବେଳେ ହୁଅନ୍ତି କର୍ତ୍ତା, କର୍ମ ଓ ଫଳ।

ଗୀତା ଏହି ଯେଉଁ ଜ୍ଞାନ ବିଷୟରେ କହିଛି, ଏହା ମନର ବୁଦ୍ଧିଗତ କ୍ରିୟା ନୁହେଁ, ଏହା ହେଉଛି ସତ୍ୟର ଦିବ୍ୟ ସୂର୍ଯ୍ୟାଲୋକରେ ଉଦ୍ଭାସିତ ହୋଇ ସତ୍ତାର ଉଚ୍ଚତମ ଅବସ୍ଥା ଦିଗରେ ଏକ ପ୍ରୋଜ୍ଜ୍ୱଳ ଅଭିବୃଦ୍ଧି। ସେହି ସତ୍ୟ, ସେହି ସୂର୍ଯ୍ୟ ଆମ ଅଜ୍ଞାନର ଅନ୍ଧକାର ଭିତରେ ଲୁକ୍କାୟିତ ହୋଇ ରହିଛି, ଯାହା ସମ୍ପର୍କରେ ଋକ୍‌ବେଦ କହିଛି, ''ତତ୍ ସତ୍ୟମ୍ ସୂର୍ଯ୍ୟମ୍ ତମସି କ୍ଷିୟନ୍ତମ୍''। ଦ୍ୱନ୍ଦ୍ୱମୟ ଏହି ଅଶାନ୍ତ ନିମ୍ନ ପ୍ରକୃତିର ବହୁ ଊର୍ଦ୍ଧ୍ୱରେ ଆତ୍ମାର ଆକାଶରେ ଏହି ଅକ୍ଷର ବ୍ରହ୍ମ ବିରାଜିତ, ନିମ୍ନ ପ୍ରକୃତିର ପାପ-ପୁଣ୍ୟ ଦ୍ୱାରା ସ୍ପର୍ଶର ଅତୀତ ସେ, ଆମର ପାପର ଗ୍ଲାନି ବା ପୁଣ୍ୟର ଅଭିମାନ କୌଣସିଟିକୁ ସେ ଗ୍ରହଣ କରନ୍ତି ନାହିଁ, ଏଠିକାର ସୁଖ-ଦୁଃଖ-ସ୍ପର୍ଶର ଅତୀତ ସେ, ସାଫଲ୍ୟରେ ଆମର ଆନନ୍ଦ ପ୍ରତି ବା ବ୍ୟର୍ଥତାରେ ଆମର ଦୁଃଖ ପ୍ରତି ସେ ସମ୍ପୂର୍ଣ୍ଣ ଉଦାସୀନ, ସେ ସବୁକିଛିର ଈଶ୍ୱର, ପରମତମ, ସର୍ବବ୍ୟାପୀ, 'ପ୍ରଭୁ ବିଭୁ', ଶାନ୍ତ, ସମର୍ଥ, ଶୁଦ୍ଧ, ସର୍ବବସ୍ତୁରେ ସମାନ, ପ୍ରକୃତିର ମୂଳ, ସେ ଆମ କର୍ମର ପ୍ରତ୍ୟକ୍ଷ କର୍ତ୍ତା ନୁହନ୍ତି, କିନ୍ତୁ ପ୍ରକୃତି ଓ ତା'ର କର୍ମର ସେ ହେଉଛନ୍ତି ସାକ୍ଷୀ, ଆମେ କର୍ମର କର୍ତ୍ତା ବୋଲି ଆମ ଭିତରେ ଯେଉଁ ଭ୍ରମ ଉତ୍ପନ୍ନ ହୁଏ ତା' ସେ ଆଣି ଦେଇ ନାହାନ୍ତି, ନିମ୍ନ ପ୍ରକୃତିର ଅଜ୍ଞାନ ଭିତରୁହିଁ ଏହି ଭ୍ରମର ଉତ୍ପତ୍ତି। କିନ୍ତୁ ଏହି ମୁକ୍ତି, ପ୍ରଭୁତ୍ୱ ଓ ଶୁଦ୍ଧତା ଆମେ ଦେଖି ପାରୁ ନାହିଁ; ପ୍ରକୃତିର ଅଜ୍ଞାନତାରେ ଆମେମାନେ ମୋହଗ୍ରସ୍ତ, ତାହାହିଁ ଆମ ସତ୍ତା ଭିତରେ ଗୋପନ ରହିଥିବା ବ୍ରହ୍ମର ସନାତନ ଆତ୍ମଜ୍ଞାନକୁ ଆମଠାରୁ ଲୁକ୍କାୟିତ କରି ରଖିଛି। କିନ୍ତୁ ଯେ ଅକ୍ଲାନ୍ତ ଅଧ୍ୟବସାୟ ସହିତ ଜ୍ଞାନର ଅନ୍ୱେଷଣ କରେ, ତା' ନିକଟକୁ ଜ୍ଞାନ ଆସେ ଏବଂ ତା'ର ପ୍ରକୃତିର ଏହି ଅଜ୍ଞାନତା ଦୂର କରିଦିଏ, ବହୁ କାଳ ଧରି ଲୁକ୍କାୟିତ ସୂର୍ଯ୍ୟ ପୁଣି ପ୍ରକାଶ ହେଲା ପରି ଏହି ଜ୍ଞାନ ପ୍ରକାଶିତ ହୁଏ ଏବଂ ନିମ୍ନ ପ୍ରକୃତିର ଦ୍ୱନ୍ଦ୍ୱସକଳର ଊର୍ଦ୍ଧ୍ୱରେ ଅବସ୍ଥିତ ପରମ ସୁପ୍ରତିଷ୍ଠିତ ସତ୍ତାକୁ ଆମ ଦୃଷ୍ଟି ସମ୍ମୁଖରେ ପ୍ରକାଶ କରିଦିଏ, ''ଆଦିତ୍ୟବତ୍ ପ୍ରକାଶୟତି ତତ୍ ପରମ୍''।[୧] ଏକାଗ୍ର ଚିତ୍ତରେ ଦୀର୍ଘ ସାଧନା ଦ୍ୱାରା, ଆମର ସମଗ୍ର ସଚେତ ସତ୍ତାକୁ

[୧] ଜ୍ଞାନେନ ତୁ ତଦଜ୍ଞାନଂ ଯେଷାଂ ନାଶିତମାତ୍ମନଃ।
ତେଷାମାଦିତ୍ୟବଜ୍ଜ୍ଞାନଂ ପ୍ରକାଶୟତି ତତ୍ପରମ୍॥ ୫।୧୬

ତଦଭିମୁଖୀ କରିବା ଦ୍ୱାରା ତାହାକୁହିଁ ଆମର ସମଗ୍ର ଲକ୍ଷ୍ୟରେ ପରିଣତ କରି, ତାହାକୁହିଁ ଆମ ବୁଦ୍ଧି ଓ ବିଚାରର ଏକମାତ୍ର ବିଷୟ କରି ଏବଂ ଏହିପରି ଭାବରେ କେବଳ ଆମ ଭିତରେ ନୁହେଁ କିନ୍ତୁ ସର୍ବତ୍ର ତାହାହିଁ ଦେଖି, ଆମେ ତାହା ସହିତ ବୁଦ୍ଧି ଓ ଆତ୍ମାରେ ଏକ ହୋଇଯାଉ, "ତଦ୍ ବୁଦ୍ଧୟଃ ତଦାତ୍ମନଃ", ଜ୍ଞାନର ସଲିଳରେ[୧] ଆମ ନିମ୍ନ ପ୍ରକୃତିର ସମସ୍ତ ଅନ୍ଧକାର ଓ ଦୁଃଖ, ପାପ ଧୋଇ ହୋଇଯାଏ, "ଜ୍ଞାନନିର୍ଧୂତକଳ୍ମଷାଃ"[୨] ।

ଗୀତା କହେ ଯେ ଏହାର ଫଳ ହେଉଛି ସମସ୍ତ ବସ୍ତୁ ଓ ସମସ୍ତ ବ୍ୟକ୍ତିଙ୍କ ପ୍ରତି ଏକ ପୂର୍ଣ୍ଣ ସମତା; ତା'ହେଲେ କେବଳ ଆମେ ଆମର କର୍ମକୁ ପୂର୍ଣ୍ଣଭାବରେ ବ୍ରହ୍ମରେ ସମର୍ପଣ କରିପାରିବୁ । କାରଣ ବ୍ରହ୍ମ ହେଉଛି ସମସ୍ୱରୂପ, ସମମ୍ ବ୍ରହ୍ମ, ଏବଂ ଯେତେବେଳେ ଆମର ଏହି ପୂର୍ଣ୍ଣ ସମତା ଆସେ, "ସାମ୍ୟେ ସ୍ଥିତମ୍ ମନଃ", ଆମେ ଯେତେବେଳେ ବିଦ୍ୟା ଓ ସଂସ୍କୃତିସମ୍ପନ୍ନ ବ୍ରାହ୍ମଣ, ଗାଭୀ, ହସ୍ତୀ, ଶ୍ୱାନ ତଥା ଚଣ୍ଡାଳ – ଏ ସମସ୍ତଙ୍କୁ ସମାନ ଆଖିରେ ଦେଖୁ, ଏବଂ ସମସ୍ତଙ୍କୁ ଜାଣୁ ସେହି ଏକ ବ୍ରହ୍ମ ବୋଲି, ସେତେବେଳେ ଆମେ ସେହି ଏକତ୍ୱ ଭିତରେ ବାସ କରି ବ୍ରହ୍ମପରିହିଁ ଦେଖିପାରୁ ଯେ ଆମର ସମସ୍ତ କର୍ମ ପ୍ରକୃତି ଭିତରୁହିଁ ଉତ୍ପନ୍ନ ହେଉଛି, ସେତେବେଳେ ଆମର ଆଉ ଆସକ୍ତି, ପାପ ବା ବନ୍ଧନର କୌଣସି ଭୟ ରହିବ ନାହିଁ । ସେତେବେଳେ ଆଉ କୌଣସି ପାପ ଓ କାଳିମାର ପ୍ରଶ୍ନ ଉଠିପାରେ ନା, କାରଣ ସେତେବେଳେ ଆମେ କାମନା, କାମନାଜାତ କର୍ମ ଓ ପ୍ରତିକ୍ରିୟାରେ ପୂର୍ଣ୍ଣ ଅଜ୍ଞାନର ଅନ୍ତର୍ଗତ ସୃଷ୍ଟିକୁ ଅତିକ୍ରମ କରିସାରିଛୁ, 'ତୈର୍ଜିତଃ ସର୍ଗଃ', ଏବଂ ପରମ ଦିବ୍ୟ ପ୍ରକୃତିରେ ବାସ କରିବା ଫଳରେ ଆମ କର୍ମରେ ଆଉ କୌଣସି ଦୋଷ ବା ତ୍ରୁଟି ରହିପାରେ ନା, କାରଣ ଦୋଷତ୍ରୁଟି ଅଜ୍ଞାନପ୍ରସୂତ ଅସମତାରୁହିଁ ଉତ୍ପନ୍ନ । ସମବ୍ରହ୍ମ ହେଉଛି ନିର୍ଦୋଷ, 'ନିର୍ଦୋଷମ୍ ହି ସମମ୍ ବ୍ରହ୍ମ', ପାପପୁଣ୍ୟ, ଭଲମନ୍ଦ ବିଭ୍ରାନ୍ତିର ଊର୍ଦ୍ଧ୍ୱରେ, ସେହି ବ୍ରହ୍ମରେ ବାସ କରିବା ଦ୍ୱାରା ଆମେ ମଧ୍ୟ ପାପପୁଣ୍ୟ, ଭଲମନ୍ଦର ଊର୍ଦ୍ଧ୍ୱକୁ ଉଠିଯାଉ, ଆମେ ସେହି ନିଷ୍କଳଙ୍କ ନିର୍ମଳ ଶୁଦ୍ଧତା ଓ ସମଭାବ ନେଇ ସର୍ବଭୂତର ମଙ୍ଗଳକାମନାକୁହିଁ ଏକମାତ୍ର ଲକ୍ଷ୍ୟ ରଖି କର୍ମ କରୁ 'କ୍ଷୀଣକଳ୍ମଷାଃ; ସର୍ବଭୂତହିତେ ରତାଃ' । ଆମ ହୃଦୟସ୍ଥିତ ଈଶ୍ୱର ଅଜ୍ଞାନ ଅବସ୍ଥାରେ ମଧ୍ୟ ଆମ କାର୍ଯ୍ୟର କାରଣ, ତେବେ ତାଙ୍କ ମାୟା ଭିତର ଦେଇ, ଆମ ନିମ୍ନ ପ୍ରକୃତିର ଅହଂ ଭିତର ଦେଇ ସେ ଆମକୁ ପରିଚାଳିତ

---

[୧] ଋକ୍‌ବେଦ ସତ୍ୟର ସ୍ରୋତ୍ର ବିଷୟରେ କହିଛି ଯେ ଏହି ଜଳରେ ପୂର୍ଣ୍ଣଜ୍ଞାନ ବିଦ୍ୟମାନ, ଏହି ଜଳ ଦିବ୍ୟ ସୂର୍ଯ୍ୟାଲୋକରେ ପରିପୂର୍ଣ୍ଣ, ଋତସ୍ୟ ଧାରାଃ, ଆପୋ ବିଚେତସଃ, ସ୍ୱର୍ବତୀର୍ ଆପଃ । ଏଠାରେ ଯାହା ଉପମା, ବେଦରେ ତା ପ୍ରତ୍ୟକ୍ଷ ପ୍ରତୀକ ।

[୨] ତଦ୍‌ବୁଦ୍ଧୟସ୍ତଦାତ୍ମାନସ୍ତନ୍ନିଷ୍ଠାସ୍ତତ୍‌ପରାୟଣାଃ ।
ଗଚ୍ଛନ୍ତ୍ୟପୁନରାବୃତ୍ତିଂ ଜ୍ଞାନନିର୍ଧୂତକଳ୍ମଷାଃ ।। ୫।୧୭

କରନ୍ତି; ଏହି ନିମ୍ନ ପ୍ରକୃତିହିଁ ଆମ କର୍ମସମୂହର ଜଟିଳ ଜାଲ ସୃଷ୍ଟି କରେ ଏବଂ ସେସବୁର ଜଟିଳ ପ୍ରତିକ୍ରିୟାର ପ୍ରତିଘାତ ଆମ ଅହଂ ଉପରେ ଆଣିଦିଏ, ଯାହାକି ଆଭ୍ୟନ୍ତରୀଣଭାବେ ପାପ ଓ ପୁଣ୍ୟରୂପେ ଏବଂ ବାହ୍ୟିକଭାବେ ଦୁଃଖ ଓ ସୁଖରୂପେ, ଦୁର୍ଭାଗ୍ୟ ଓ ସୌଭାଗ୍ୟରୂପେ ଆମକୁ ଆଘାତ କରେ, ତାହାହିଁ ହେଉଛି କର୍ମର ବିରାଟ ଶୃଙ୍ଖଳା । କିନ୍ତୁ ଯେତେବେଳେ ଆମେ ଜ୍ଞାନ ଦ୍ୱାରା ମୁକ୍ତ ହେଉ, ସେତେବେଳେ ଭଗବାନ୍ ଆମ ହୃଦୟରେ ଆଉ ଲୁକ୍କାୟିତ ହୋଇ ନରହି ଆମର ପରମ ଆତ୍ମାରୂପେ ପ୍ରକଟିତ ହୁଅନ୍ତି, ଓ ଆମର ସମସ୍ତ କର୍ମର ଭାର ଗ୍ରହଣ କରନ୍ତି ଏବଂ ଜଗତକୁ ସାହାଯ୍ୟ କରିବା ପାଇଁ ଆମକୁ ନିର୍ଦୋଷ ଯନ୍ତ୍ରରୂପେ, ନିମିତ୍ତମାତ୍ରମ୍, ବ୍ୟବହାର କରନ୍ତି । ଜ୍ଞାନ ଓ ସମତାର ଏହାହିଁ ହେଲା ନିଗୂଢ଼ ମିଳନ, ବୁଦ୍ଧିରେ ଯାହା ଜ୍ଞାନ, ତାହାହିଁ ସ୍ୱଭାବରେ ସମତାରୂପେ ପ୍ରତିଫଳିତ ହୁଏ, ଚେତନାର ଉଚ୍ଚତର ଭୂମିରେ ଜ୍ଞାନ ହୁଏ ସତ୍ତାର ଜ୍ୟୋତିଃ ଏବଂ ସମତା ହୁଏ ପ୍ରକୃତିର ଉପାଦାନ ।

ଏହି ଜ୍ଞାନ ଶବ୍ଦଟି ଭାରତୀୟ ଦର୍ଶନ ଓ ଯୋଗଶାସ୍ତ୍ରରେ ବରାବର ପରମ ଆତ୍ମଜ୍ଞାନ ଅର୍ଥରେହିଁ ବ୍ୟବହୃତ ହୋଇଛି; ଏହାହିଁ ହେଉଛି ସେହି ଆଲୋକ ଯାହା ସାହାଯ୍ୟରେ ଆମେ ଆମର ଯଥାର୍ଥ ସତ୍ତା ଓ ସ୍ୱରୂପକୁ ଲାଭକରୁ; ଯେଉଁ ଜ୍ଞାନ ଦ୍ୱାରା ଆମେ ନାନା ତଥ୍ୟ ସଂଗ୍ରହ କରି ଆମର ବୁଦ୍ଧିର ଭଣ୍ଡାରକୁ ବୃଦ୍ଧିକରୁ ଏହା ସେହି ଜ୍ଞାନ ନୁହେଁ ବା କୌଣସି ବୈଜ୍ଞାନିକ, ମନସ୍ତାତ୍ତ୍ୱିକ, ନୈତିକ, ସୌନ୍ଦର୍ଯ୍ୟଗତ ବା ସାଂସାରିକ ବ୍ୟବହାରିକ ଜ୍ଞାନ ନୁହେଁ । ନିଃସନ୍ଦେହ ଭାବରେ ଏହିସବୁ ଜ୍ଞାନ ଆମର ବିକାଶରେ ସାହାଯ୍ୟ କରେ କିନ୍ତୁ ତାହା ଆମର ସାଧାରଣ ବିକାଶରେ ସାହାଯ୍ୟ କରେ ମାତ୍ର, ସତ୍ତାର ସ୍ୱରୂପଲାଭ ଦିଗରେ ନୁହେଁ । ଏସବୁ ଜ୍ଞାନ ସେତିକିବେଳେ କେବଳ ଯୋଗ-ଜ୍ଞାନର ଅନ୍ତର୍ଭୁକ୍ତ ହୁଏ, ଯେତେବେଳେ ଆମେ ପରମଙ୍କୁ, ଆତ୍ମାକୁ ଓ ଈଶ୍ୱରଙ୍କୁ ଉପଲବ୍ଧି କରିବା ଦିଗରେ ସେଗୁଡ଼ିକୁ ସହାୟକରୂପେ ବିନିଯୋଗ କରୁ – ଯେତେବେଳେ ଆମେ ଜଡ଼ ବିଜ୍ଞାନର ସାହାଯ୍ୟ ନେଇ ଜଗତର ବାହ୍ୟ ଘଟନାବଳୀ ଓ ପ୍ରକ୍ରିୟା ଭେଦ କରି ତାହାର ପଶ୍ଚାତରେ ତାହାର କାରଣ ସ୍ୱରୂପ ରହିଥିବା ସେହି ଏକ ସଦ୍‌ବସ୍ତୁର ସନ୍ଧାନ ପାଇବା ପାଇଁ, ଯେତେବେଳେ ଆମେ ମନୋବିଜ୍ଞାନର ସାହାଯ୍ୟ ନେଇ ଆମେ ନିଜକୁ ଜାଣିବା ପାଇଁ ଓ ନିମ୍ନତର ବିଷୟଠାରୁ ଉଚ୍ଚତର ବିଷୟର ପାର୍ଥକ୍ୟ ବୁଝି ଗୋଟିକୁ ବର୍ଜନ କରି ଅପରଟିରେ ପ୍ରତିଷ୍ଠିତ ହେବା ପାଇଁ, ଯେତେବେଳେ ଦାର୍ଶନିକ ଜ୍ଞାନକୁ ଆମେ ଏକ ଆଲୋକରୂପେ ବ୍ୟବହାର କରୁ ଜୀବନ ଓ ଜଗତର ମୂଳତତ୍ତ୍ୱଗୁଡ଼ିକ ଜାଣିବା ପାଇଁ ଓ ଯାହା ସନାତନ ଓ ଶାଶ୍ୱତ ତାହାକୁ ଆବିଷ୍କାର କରି ସେଥିରେ ବାସ କରିବା ପାଇଁ, ଯେତେବେଳେ ଆମେ ନୈତିକ ଜ୍ଞାନର ସାହାଯ୍ୟ ନେଇ ପାପ ଓ ପୁଣ୍ୟର ପାର୍ଥକ୍ୟ ବୁଝିପାରୁ ଓ ପାପକୁ ଦୂରକରି ପୁଣ୍ୟର ଊର୍ଦ୍ଧ୍ୱକୁ

ଉଠିଯାଇ ଦିବ୍ୟ ପ୍ରକୃତିର ନିର୍ମଳ ଶୁଦ୍ଧତାରେ ବାସକରୁ, ଯେତେବେଳେ ଆମେ ରସ ଓ ସୌନ୍ଦର୍ଯ୍ୟ ବିଜ୍ଞାନର ସାହାଯ୍ୟ ନେଇ ଭଗବାନଙ୍କର ଦିବ୍ୟ ସୌନ୍ଦର୍ଯ୍ୟର ସନ୍ଧାନ ପାଉ, ଯେତେବେଳେ ସାଂସାରିକ ଜ୍ଞାନର ସାହାଯ୍ୟରେ ଆମେ ଦେଖିପାରୁ ଭଗବାନ୍ ତାଙ୍କର ସୃଷ୍ଟ ଜୀବଗଣଙ୍କ ସହିତ କିପରି ଆଚରଣ କରୁଛନ୍ତି ଓ ତାହା ଜାଣି ସେହି ଜ୍ଞାନକୁ ମନୁଷ୍ୟ ଭିତରେ ଥିବା ଭଗବାନଙ୍କ ସେବାରେ ବିନିଯୋଗ କରୁ — ସେତେବେଳେ କେବଳ ଏହି ସମସ୍ତ ଜ୍ଞାନକୁ ଯୌଗିକ-ଜ୍ଞାନର ଅନ୍ତର୍ଭୁକ୍ତ ବୋଲି ଧରାଯାଇପାରେ । ତଥାପି ମଧ୍ୟ ଏହି ଜ୍ଞାନ ଏଗୁଡ଼ିକୁ କେବଳ ସହାୟତା ମାତ୍ର କରିପାରେ । ଯାହା ପ୍ରକୃତ ଜ୍ଞାନପଦବାଚ୍ୟ ତାହା ମନର ଅଗୋଚର, ମନରେ କେବଳ ତାହାର ଛାୟାମାତ୍ର ପଡ଼େ, ସେହି ଜ୍ଞାନର ପ୍ରକୃତ ବାସସ୍ଥଳୀ ହେଉଛି ଆତ୍ମା ।

ଏ ଜ୍ଞାନ ଆମେ କିପରି ଲାଭ କରିପାରିବୁ ସେ ସମ୍ପର୍କରେ ବୁଝାଇବାକୁ ଯାଇ ଗୀତା କହିଛି ଯେ, ଏଥିପାଇଁ ତତ୍ତ୍ୱଦର୍ଶୀ ଜ୍ଞାନୀଙ୍କଠାରୁ ପ୍ରଥମେ ଦୀକ୍ଷା ଗ୍ରହଣ କରିବାକୁ ହେବ, ଖାଲି ବିଚାର-ବୁଦ୍ଧି ଦ୍ୱାରା ଯେ ତତ୍ତ୍ୱ ଜାଣନ୍ତି ସେପରି ବ୍ୟକ୍ତି ନୁହେଁ, ଯେ ଜ୍ଞାନର ମୂଳସତ୍ୟକୁ ପ୍ରତ୍ୟକ୍ଷ କରିଛନ୍ତି ସେହିପରି ବ୍ୟକ୍ତିଙ୍କଠାରୁହିଁ ଦୀକ୍ଷା ଗ୍ରହଣ କରିବାକୁ ହେବ, "ଜ୍ଞାନିନସ୍ତତ୍ତ୍ୱଦର୍ଶିନଃ" । କିନ୍ତୁ ପ୍ରକୃତରେ ଏହି ଜ୍ଞାନ ଆମ ନିଜ ଭିତରୁହିଁ ଆସେ, "ଯେଉଁ ବ୍ୟକ୍ତି ଯୋଗ ଦ୍ୱାରା ସିଦ୍ଧ ହୁଅନ୍ତି, ସେ ଏହି ଜ୍ଞାନ ଯଥା ସମୟରେ ନିଜ ଆତ୍ମା ଭିତରୁହିଁ ସ୍ୱୟଂ ଲାଭ କରନ୍ତି"[୧] ଅର୍ଥାତ୍ ଏହା ତାଙ୍କ ଭିତରେ ବିକଶିତ ହୋଇଉଠେ ଏବଂ ସେ ବାସନାଶୂନ୍ୟତା, ସମତା ଓ ଭଗବତ୍ ଭକ୍ତିରେ ଯେପରି ବଢ଼ିଉଠନ୍ତି ଏହି ଜ୍ଞାନରେ ମଧ୍ୟ ସେହିପରି ବଢ଼ିଉଠନ୍ତି । କେବଳ ପରମ ଜ୍ଞାନ ସମ୍ପର୍କରେହିଁ ଏହି କଥା ପୂରା କୁହାଯାଇପାରେ, ମନୁଷ୍ୟର ବୁଦ୍ଧି ଯେଉଁ ଜ୍ଞାନ ସଞ୍ଚୟ କରେ ତାହା ବହୁ ଶ୍ରମ ଓ ଆୟାସ ସହକାରେ ଇନ୍ଦ୍ରିୟ ଓ ବିଚାର-ବୁଦ୍ଧି ଦ୍ୱାରା ବାହାରୁ ସଂଗ୍ରହ କରେ । କିନ୍ତୁ ପରମଜ୍ଞାନ, ଯାହାକି ସ୍ୱୟଂସ୍ଥିତ; ସଂବୋଧିମୂଳକ, ସ୍ୱାନୁଭୂତ ଓ ସ୍ୱପ୍ରକାଶ, ତାହା ଲାଭ କରିବାକୁ ହେଲେ, ମନ ଓ ଇନ୍ଦ୍ରିୟକୁ ବଶୀଭୂତ ଓ ସଂଯତ କରିବାକୁ ହେବ, 'ସଂୟତେନ୍ଦ୍ରିୟଃ', ଯେପରିକି ଆମେ ସେଗୁଡ଼ିକର ମୋହ ଓ ଭ୍ରାନ୍ତିର ଶିକାର ନ ହେଉ, ବରଂ ଆମ ମନ ଓ ଇନ୍ଦ୍ରିୟ ଯେପରି ସେହି ଜ୍ଞାନର ନିର୍ମଳ ଦର୍ପଣ ସ୍ୱରୂପ ହୁଏ, ଏବଂ ଯେଉଁ ପରମ ସତ୍ୟ ମଧ୍ୟରେ ସବୁକିଛି ରହିଛି ତାହା ସହିତ ଆମର ସମଗ୍ର ଚେତନ ସତ୍ତାକୁ ଏପରିଭାବେ ଯୁକ୍ତ କରି ଧରିବାକୁ ହେବ, 'ତତ୍ପରଃ', ଯେପରିକି ଆମ ଭିତରେ ତାହାର ଜ୍ୟୋତିର୍ମୟ ସ୍ୱପ୍ରତିଷ୍ଠା ଉଦ୍ଭାସିତ ହୋଇଉଠେ ।

ଶେଷରେ, ଆମର ଏପରି ଏକ ଶ୍ରଦ୍ଧା ଓ ବିଶ୍ୱାସ ରହିବା ଉଚିତ ଯାହାକୁ କି

---

[୧] ...ତତ୍ ସ୍ୱୟଂ ଯୋଗସଂସିଦ୍ଧଃ କାଲେନାତ୍ମନି ବିନ୍ଦତି ॥ ୪।୩୮

କୌଣସି ବୁଦ୍ଧିଗତ ସନ୍ଦେହ ବିଚଳିତ କରିପାରିବ ନାହିଁ, ''ଶ୍ରଦ୍ଧାବାନ୍ ଲଭତେ ଜ୍ଞାନମ୍'' । ''ଯେଉଁ ଅଜ୍ଞ ବ୍ୟକ୍ତିର ବିଶ୍ୱାସ ନାହିଁ, ଯାହାର ଆତ୍ମା ସଂଶୟଯୁକ୍ତ, ସେ ବିନଷ୍ଟ ହୁଏ, ସନ୍ଦେହାକୁଳ ଚିତ୍ତ ପାଇଁ ଇହଲୋକ ନାହିଁ କି ପରଲୋକ ନାହିଁ, କୌଣସି ସୁଖ ତା' ପାଇଁ ନାହିଁ ।[୧] ବସ୍ତୁତଃ ଏହା ସତ୍ୟ ଯେ ବିଶ୍ୱାସ ବିନା ଏ ଜଗତରେ ସ୍ଥାୟୀ ଭାବରେ କିଛି ଲାଭ କରାଯାଇ ପାରେନା ବା ଊର୍ଦ୍ଧ୍ୱଲୋକ ଲାଭ ପାଇଁ ମଧ୍ୟ କିଛି କରାଯାଇପାରେ ନାହିଁ । କେବଳ କୌଣସି ନିଶ୍ଚିତ ଭିତ୍ତି ବା ଦୃଢ଼ ଅବଲମ୍ବନକୁ ଆଶ୍ରୟ କରିପାରିଲେହିଁ ମନୁଷ୍ୟ ଇହଜଗତ୍ ଓ ପରଜଗତରେ ନାନା ସାଫଲ୍ୟ, ସନ୍ତୋଷ ଓ ଆନନ୍ଦ ପାଇପାରିବ, ନ ହେଲେ କେବଳ ସଂଶୟପୂର୍ଣ୍ଣ ମନ ଶୂନ୍ୟ ଭିତରେ ନିଜକୁ ହରାଇବସେ । ତଥାପି ନିମ୍ନସ୍ତରର ଜ୍ଞାନର କ୍ଷେତ୍ରରେ ସନ୍ଦେହ ଓ ସଂଶୟର ସାମୟିକ ଉପଯୋଗିତା ରହିଛି, କିନ୍ତୁ ଊର୍ଦ୍ଧ୍ୱତର ସ୍ତରରେ ଏଗୁଡ଼ିକ ବିଷମ ବାଧାସ୍ୱରୂପ, କାରଣ ସେଠାକାର ଗୂଢ଼ ରହସ୍ୟ ହେଲା ସେଠାରେ ଆଉ ସତ୍ୟ ଓ ମିଥ୍ୟା ଭିତରେ ବିଚାର କରି ଆଗେଇବାକୁ ହୁଏ ନାହିଁ, ସେଠାରେ ଅଗ୍ରଗତିର ପଥ ହେଲା ସ୍ୱତଃ ପ୍ରକାଶମାନ ସତ୍ୟର ନିରନ୍ତର ଅଧିକରୁ ଅଧିକ ଉପଲବ୍ଧି । ବୁଦ୍ଧିଗତ ଜ୍ଞାନରେ ସବୁବେଳେ ମିଥ୍ୟା ବା ଅପୂର୍ଣ୍ଣତାର ମିଶ୍ରଣ ରହିଥାଏ, ତେଣୁ ସେଗୁଡ଼ିକୁ ଦୂର କରିବା ପାଇଁ ସେହି କ୍ଷେତ୍ରରେ ସତ୍ୟକୁ ମଧ୍ୟ ସଂଶୟାତ୍ମକ ପ୍ରଶ୍ନ ଓ ପରୀକ୍ଷାର ସମ୍ମୁଖୀନ ହେବାକୁ ପଡ଼େ । କିନ୍ତୁ ଊର୍ଦ୍ଧ୍ୱସ୍ତରର ଜ୍ଞାନରେ ମିଥ୍ୟା ପ୍ରବେଶ କରିପାରେ ନାହିଁ, ଏବଂ ବୁଦ୍ଧିର କ୍ଷେତ୍ରରେ ନାନାପ୍ରକାର ମତାମତ ସହିତ ସମ୍ପର୍କରେ ଆସି ଯେଉଁ ସଂଶୟ ସୃଷ୍ଟି ହୁଏ ତାହା କେବଳ ମନର ପ୍ରଶ୍ନ ଓ ବିଚାର ଦ୍ୱାରା ଦୂରୀଭୂତ ହେବ ନାହିଁ, ସତ୍ୟର ଉପଲବ୍ଧିରେ ଅଗ୍ରସର ହେବା ଦ୍ୱାରାହିଁ ଏଗୁଡ଼ିକ ଆପଣା ଛାଏଁ ଖସିପଡ଼ିବ । ଲବ୍ଧଜ୍ଞାନରେ ଯାହାକିଛି ଅପୂର୍ଣ୍ଣତା ରହିଥାଏ ତାହା ଦୂର କରିବାକୁ ହେଲେ ଯାହା ଉପଲବ୍ଧ ହୋଇସାରିଛି ତାହାକୁ ମୂଳରୁ ସନ୍ଦେହ କଲେ ଚଳିବ ନାହିଁ; ଗଭୀରତର, ଉଚ୍ଚତର ଓ ବ୍ୟାପକତରଭାବେ ଆତ୍ମାରେ ବାସ କରି ଅଧିକତର ଓ ପୂର୍ଣ୍ଣତର ଉପଲବ୍ଧି ଦିଗରେ ଆଗେଇ ଯିବା ଦ୍ୱାରାହିଁ ଏହିସବୁ ଅପୂର୍ଣ୍ଣତା ଦୂର କରିହେବ । ଯାହା ଏପର୍ଯ୍ୟନ୍ତ ଉପଲବ୍ଧ ହୋଇ ନାହିଁ – ବିଶ୍ୱାସ ଦ୍ୱାରା ସେଥିପାଇଁ ପ୍ରସ୍ତୁତ ହେବାକୁ ହେବ, ସଂଶୟାତ୍ମକ ପ୍ରଶ୍ନ ଦ୍ୱାରା ନୁହେଁ । କାରଣ ବୁଦ୍ଧି ଦ୍ୱାରା ଏ ସତ୍ୟ ଲାଭ କରାଯାଏ ନାହିଁ, ଏବଂ ବିଚାର ଓ ତର୍କବୁଦ୍ଧିର ମନ ଯେଉଁସବୁ ଧାରଣାରେ ଜଡ଼ିତ ହୋଇ ପଡ଼ିଥାଏ ଅନେକ ସମୟରେ ଏହି ଜ୍ଞାନ ତା'ର ସମ୍ପୂର୍ଣ୍ଣ ବିପରୀତ । ଏହା ପ୍ରମାଣ କଲାଭଳି କୌଣସି ସତ୍ୟ ନାହିଁ, ଏହା ଏପରି ଏକ ସତ୍ୟ ଯାହାକୁ କି ଅନ୍ତରରେ ବାସ କରିବାକୁ ହେବ, ଏହା ଏପରି ଏକ ମହତ୍ତର ବାସ୍ତବତା ଯାହା ଭିତରକୁ

---

[୧] ଅଜ୍ଞଶ୍ଚାଶ୍ରଦ୍ଦଧାନଶ୍ଚ ସଂଶୟାତ୍ମା ବିନଶ୍ୟତି ।
ନାୟଂ ଲୋକୋଽସ୍ତି ନ ପରୋ ନ ସୁଖଂ ସଂଶୟାତ୍ମନଃ ।। ୪।୪୦

ଆମକୁ ବଢ଼ିଉଠିବାକୁ ହେବ । ପରିଶେଷରେ ଏହି ସତ୍ୟ ସ୍ୱୟଂସ୍ଥିତ, ଏବଂ ଯଦି ଆମେ ଆମ ଅଜ୍ଞାନର ମାୟାଜାଲରେ ବାସ କରୁ ନଥା'ନ୍ତୁ ତା' ହେଲେ ଏହା ଆପଣାଛାଏଁ ପ୍ରକଟ ହୋଇଥା'ନ୍ତା । ଯେଉଁ ସଂଶୟ ଓ ମୋହ ଆମକୁ ଏହି ସତ୍ୟକୁ ଦେଖିବା ଦିଗରେ ଓ ଅନୁସରଣ କରିବା ଦିଗରେ ବାଧାଦିଏ ତାହା ସେହି ଅଜ୍ଞାନରୁହିଁ ଆସିଥାଏ, ଇନ୍ଦ୍ରିୟ-ବିମୋହିତ ସ୍ୱମତବିମୂଢ଼ ମନ ଓ ହୃଦୟରୁ ଆସିଥାଏ, କାରଣ ଏମାନେ ଏକ ନିମ୍ନତର ବାହ୍ୟ ବ୍ୟବହାରିକ ସତ୍ୟରେ ବୁଡ଼ିରହିଛନ୍ତି, ତେଣୁ ଉଚ୍ଚତର ସତ୍ୟ ସମ୍ପର୍କରେ ସନ୍ଦିହାନ ହୁଅନ୍ତି, "ଅଜ୍ଞାନସମ୍ଭୂତଂ ହୃତ୍ସ୍ଥଂ ସଂଶୟମ୍" । ଗୀତା କହେ ଜ୍ଞାନର ଖଡ଼୍ଗ ଦ୍ୱାରା ଏହି ସଂଶୟ ଛେଦ କରିବାକୁ ହେବ, ଯେଉଁ ଜ୍ଞାନ ଦ୍ୱାରା ଉପଲବ୍ଧି ଆସିଥାଏ, ସେହି ଜ୍ଞାନ ଦ୍ୱାରା, ଏବଂ ସତତ ଯୋଗଯୁକ୍ତ ହୋଇ ଅର୍ଥାତ୍ ଯାହାକୁ ଜାଣିଲେ ସବୁ ଜାଣି ହୁଏ, "ଯସ୍ମିନ୍ ବିଜ୍ଞାତେ ସର୍ବଂ ବିଜ୍ଞାତମ୍", ସେହି ପରମ ପୁରୁଷଙ୍କ ସହ ନିତ୍ୟଯୁକ୍ତ ହୋଇ ବାସ କରିବା ଦ୍ୱାରା ଏହି ସଂଶୟସବୁକୁ ଉଚ୍ଛେଦ କରିବାକୁ ହେବ ।

ଆମେ ସେଠାରେ ଯେଉଁ ଉଚ୍ଚତର ଜ୍ଞାନ ଲାଭକରୁ, ତାହା ହେଉଛି ସେହି ଜ୍ଞାନ ଯାହାକି ସର୍ବଦା ବ୍ରହ୍ମରେ ବାସକରୁଥିବା ବ୍ରହ୍ମଜ୍ଞାନୀ ବ୍ୟକ୍ତି 'ବ୍ରହ୍ମବିଦ୍ ବ୍ରହ୍ମଣି ସ୍ଥିତଃ' ଲାଭ କରିଥାଏ ଓ ବସ୍ତୁସକଳକୁ ନିରନ୍ତର ସେହି ଜ୍ଞାନର ଦୃଷ୍ଟି ନେଇ ଦେଖୁଥାଏ । ତାହା ଅନ୍ୟ ସମସ୍ତକୁ ବାଦ୍ ଦେଇ କେବଳ ମାତ୍ର ବ୍ରହ୍ମର ଦର୍ଶନ, ଜ୍ଞାନ ବା ଚେତନା ନୁହେଁ, ତା'ହେଉଛି ସମସ୍ତ ବସ୍ତୁକୁ ବ୍ରହ୍ମ ଭିତରେ ଦେଖିବା ଓ ଆତ୍ମା ବୋଲି ଦେଖିବା । କାରଣ ଏହା କୁହାଯାଇଛି, ଯେଉଁ ଜ୍ଞାନ ଲାଭକଲେ ଆମେ ସେହି ସ୍ଥିତିରେ ପହଞ୍ଚୁ ଯେଉଁଠାରୁ କି ପୁନରାୟ ଆମ ମାନସିକ ପ୍ରକୃତିର ମୋହଜାଲ ଭିତରକୁ ଫେରି ଆସିବାକୁ ପଡ଼େ ନାହିଁ, "ସେହି ଜ୍ଞାନ ଦ୍ୱାରା ତୁମେ ତାହାକୁ ବାଦ୍ ନଦେଇ ସର୍ବଭୂତକୁହିଁ ଆତ୍ମା ଭିତରେ ଦେଖିବ ଏବଂ ପରେ ମୋ ଭିତରେ ଦେଖିବ" ।[୧] ଏହି ବିଷୟଟିକୁହିଁ ଗୀତା ଅନ୍ୟତ୍ର ଆହୁରି ବିସ୍ତାରିତଭାବେ କହିଛି ଯେ ସର୍ବତ୍ର ସମଦର୍ଶୀ ଯୋଗୀ ସର୍ବଭୂତରେ ଆତ୍ମାକୁ ଏବଂ ଆତ୍ମାରେ ସର୍ବଭୂତକୁ ଦର୍ଶନ କରନ୍ତି । "ଯେ ମୋତେ ସବୁଠାରେ ଦେଖନ୍ତି, ସମସ୍ତଙ୍କୁ ଓ ପ୍ରତ୍ୟେକଙ୍କୁ ମୋ ଭିତରେ ଦେଖନ୍ତି ମୁଁ ତାହାଙ୍କୁ କେବେ ହରାଏ ନାହିଁ ବା ସେ ମଧ୍ୟ ମୋତେ କେବେ ହରାନ୍ତି ନାହିଁ । ଯେ ଏକତ୍ୱରେ ପ୍ରତିଷ୍ଠିତ ହୋଇଛନ୍ତି ଏବଂ ସର୍ବଭୂତରେ ଅବସ୍ଥିତ ମୋତେହିଁ ଭଜନା କରନ୍ତି ସେ ଯେଉଁଠି ଥାଆନ୍ତୁ ବା ଯାହାବି କରନ୍ତୁ ନା କାହିଁକି ସେ ମୋ ମଧ୍ୟରେହିଁ ବାସ କରନ୍ତି, କର୍ମ କରନ୍ତି, ହେ ଅର୍ଜୁନ, ଯେ ସୁଖରେ ଦୁଃଖରେ ସମସ୍ତଙ୍କୁ ସର୍ବତ୍ର

---

[୧] ଯଜ୍ଜ୍ଞାତ୍ୱା ନ ପୁନର୍ମୋହମେବଂ ଯାସ୍ୟସି ପାଣ୍ଡବ ।
ଯେନ ଭୂତାନ୍ୟଶେଷେଣ ଦ୍ରକ୍ଷ୍ୟସ୍ୟାତ୍ମନ୍ୟଥୋ ମୟି ।। ୪।୩୫

ସମାନଭାବରେ ନିଜପରି ଦେଖନ୍ତି ମୁଁ ତାଙ୍କୁ ପରମଯୋଗୀ ବୋଲି ମନେକରେ ।''[୧] ଏହାହିଁ ହେଉଛି ଉପନିଷଦର ପ୍ରାଚୀନ ବୈଦାନ୍ତିକ ଜ୍ଞାନ, ଯାହାକି ଗୀତା ନିରନ୍ତର ଆମ ସମ୍ମୁଖରେ ରଖିଛି । ତେବେ ଏହି ଜ୍ଞାନର ଅନ୍ୟାନ୍ୟ ପରବର୍ତ୍ତୀ ବ୍ୟାଖ୍ୟା, ବିବୃତି ତୁଳନାରେ ଗୀତାର ଶ୍ରେଷ୍ଠତ୍ୱ ଏହିଠାରେ ଯେ ଗୀତା ଏହି ଜ୍ଞାନକୁ ଦିବ୍ୟଜୀବନ ଯାପନ ଦିଗରେ ଏକ ମହାନ୍ ବ୍ୟବହାରିକ ଦର୍ଶନରେ ପରିଣତ କରିଛି । ଏହି ଏକତ୍ୱ ଜ୍ଞାନ ଓ କର୍ମଯୋଗ ଭିତରେ ସମ୍ବନ୍ଧକୁ ଗୀତାରେ ବାରଂବାର ବିଶେଷ ଭାବରେ ଜୋର୍ ଦିଆଯାଇଛି ଓ ଦେଖାଇ ଦିଆଯାଇଛି ଯେ ଏହି ଐକ୍ୟର ଜ୍ଞାନହିଁ ସଂସାରରେ ମୁକ୍ତ ଭାବରେ କର୍ମ କରିବାର ଭିତ୍ତି । ଯେତେବେଳେହିଁ ଗୀତା ଜ୍ଞାନର କଥା କହିଛି ସେତେବେଳେ ଏହାର ଫଳ ସ୍ୱରୂପ ସମତାର କଥା କହିଛି ଏବଂ ଯେତେବେଳେହିଁ ସମତାର କଥା କହିଛି ସେତେବେଳେ ଏହି ସମତାର ଭିତ୍ତିସ୍ୱରୂପ ଜ୍ଞାନର କଥା କହିଛି । ଗୀତା ଯେଉଁ ସମତାର କଥା କହିଛି ତାହାର ଆରମ୍ଭ ଓ ଶେଷ ଆତ୍ମାର କେବଳ ଏକ ନିଶ୍ଚଳ ଅବସ୍ଥାରେ ନୁହେଁ ଯାହାକି କେବଳ ଆତ୍ମମୁକ୍ତିର ଉପଯୋଗୀ, ଏହି ସମତା ବରାବରହିଁ କର୍ମର ଭିତ୍ତି । ମୁକ୍ତପୁରୁଷର ଆତ୍ମାରେ ବ୍ରହ୍ମର ଶାନ୍ତି ହେଉଛି ଭିତ୍ତି ଓ ମୁକ୍ତ ପ୍ରକୃତିରେ ଈଶ୍ୱରଙ୍କର ବିରାଟ, ମୁକ୍ତ, ସମ ଓ ବିଶ୍ୱବ୍ୟାପୀ କର୍ମ ଯେଉଁ ଶକ୍ତି ବିକିରଣ କରେ ତାହା ସେହି ଶାନ୍ତିରୁ ଉତ୍ଥିତ ହୁଏ । ଏହି ଦୁଇଟିକୁ ଏକ କରିଦେବା ଦ୍ୱାରାହିଁ ଦିବ୍ୟକର୍ମ ଓ ଭଗବତ୍ ଜ୍ଞାନର ସମନ୍ୱୟ ହୁଏ ।

ଆମେ ଦେଖୁ ଯେ ଗୀତାର ଏହିସବୁ କଥା ଅନ୍ୟାନ୍ୟ ଦାର୍ଶନିକ, ନୈତିକ ଓ ଧର୍ମ ସମ୍ବନ୍ଧୀୟ ଶାସ୍ତ୍ରରେ ରହିଥିବା ଜୀବନାଦର୍ଶ ସହିତ ଅନେକ ମିଳିଗଲେ ମଧ୍ୟ ଗୀତା ଏସବୁକୁ କେଡ଼େ ଗଭୀର ଓ ବ୍ୟାପକ ଅର୍ଥ ପ୍ରଦାନ କରିଛି । ସହିଷ୍ଣୁତା, ଦାର୍ଶନିକ ଉଦାସୀନତା ଓ ନତି ହେଉଛି ସମତାର ତିନି ପ୍ରକାର ଭିତ୍ତି, ଗୀତାର ଜ୍ଞାନ ଏହିଗୁଡ଼ିକ ଯେ କେବଳ ଏକତ୍ର ଯୁକ୍ତ କରିଛି ଖାଲି ସେତିକି ନୁହେଁ, ଏଗୁଡ଼ିକୁ ଦେଇଛି ଅସୀମ ଗଭୀରତା ଓ ସୁମହାନ ତାତ୍ପର୍ଯ୍ୟ । ଷ୍ଟୋଇକ୍ ଜ୍ଞାନ ଜୋର୍ ଦିଏ ସହିଷ୍ଣୁତା ଓ ଧୈର୍ଯ୍ୟ ଦ୍ୱାରା ଆତ୍ମକର୍ତ୍ତୃତ୍ୱ ପାଇଁ ଆତ୍ମାର ଯେଉଁ ଶକ୍ତି ଅଛି ତା' ଉପରେ, ନିଜ ପ୍ରକୃତି ସହିତ ଯୁଦ୍ଧ କରିବା ଦ୍ୱାରାହିଁ ଏହି

---

[୧] ସର୍ବଭୂତସ୍ଥମାତ୍ମାନଂ ସର୍ବଭୂତାନି ଚାତ୍ମନି ।
ଈକ୍ଷତେ ଯୋଗଯୁକ୍ତାତ୍ମା ସର୍ବତ୍ର ସମଦର୍ଶନଃ ॥ ୬।୨୯
ଯୋ ମାଂ ପଶ୍ୟତି ସର୍ବତ୍ର ସର୍ବଂ ଚ ମୟି ପଶ୍ୟତି ।
ତସ୍ୟାହଂ ନ ପ୍ରଣଶ୍ୟାମି ସ ଚ ମେ ନ ପ୍ରଣଶ୍ୟତି ॥ ୬।୩୦
ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ॥ ୬।୩୧
ଆତ୍ମୌପମ୍ୟେନ ସର୍ବତ୍ର ସମଂ ପଶ୍ୟତି ଯୋଽର୍ଜୁନ ।
ସୁଖଂ ବା ଯଦି ବା ଦୁଃଖଂ ସ ଯୋଗୀ ପରମୋ ମତଃ ॥ ୬।୩୨

ସମତା ଲାଭ କରାଯାଏ, ସତତ ସଜାଗ ଦୃଷ୍ଟି ଦ୍ୱାରା ଓ ପ୍ରକୃତିର ସ୍ୱାଭାବିକ ବିଦ୍ରୋହସବୁକୁ ଆୟତ୍ତ କରିବା ଦ୍ୱାରାହିଁ ଏହି ସମତାକୁ ରକ୍ଷା କରାଯାଏ । ଏଥିରୁ ଏକ ମହତ ଶାନ୍ତି ଓ ଏକ ତାପସ ସୁଖ ମିଳେ ସତ କିନ୍ତୁ ଏହା ମୁକ୍ତ ଆତ୍ମାର ପରମ ଆନନ୍ଦ ନୁହେଁ । ମୁକ୍ତପୁରୁଷ କୌଣସି ନିୟମର ଅଧୀନରେ ରହି ନୁହେଁ, କିନ୍ତୁ ନିଜ ଦିବ୍ୟ ସତ୍ତାର ବିଶୁଦ୍ଧ, ସହଜ ଓ ସ୍ୱତଃସ୍ଫୂର୍ତ୍ତ ପୂର୍ଣ୍ଣତାରୁହିଁ ସେହି ଆନନ୍ଦ ଲାଭ କରିଥାଆନ୍ତି । ଯେତେବେଳେ କି ସେ ଯେଉଁଠି ଥାଆନ୍ତୁ ନା କାହିଁକି, ଯାହାବି କରନ୍ତୁ ନା କାହିଁକି ସେ ଭଗବାନଙ୍କ ମଧ୍ୟରେହିଁ ବାସ କରନ୍ତି ଓ କର୍ମ କରନ୍ତି, ‘‘ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ’’, କାରଣ ଏ କ୍ଷେତ୍ରରେ ଯେଉଁ ସିଦ୍ଧାବସ୍ଥା ଲାଭ କରାଯାଏ, ସେହି ଅବସ୍ଥା ଖାଲି ଯେ ପ୍ରାପ୍ତହୁଏ ସେତିକି ନୁହେଁ, ତାହା ମଧ୍ୟ ସର୍ବଦା ନିଜର ଅଧିକାର ଭିତରେ ରହିଥାଏ । ଏହି ଅବସ୍ଥାରେ ପ୍ରୟାସ କରିବାକୁ ହୁଏ ନାହିଁ, କାରଣ ଏହା ଜୀବର ସ୍ୱଭାବରେ ପରିଣତ ହୋଇଯାଏ । ଆମର ସାଧନାର ଏକ ପ୍ରାଥମିକ ଗତିବୃତ୍ତିରୂପେ ନିମ୍ନ ପ୍ରକୃତି ସହ ଯୁଦ୍ଧରେ ଧୈର୍ଯ୍ୟ ଓ ସହ୍ୟଶକ୍ତିର ଆବଶ୍ୟକତାକୁ ଗୀତା ସ୍ୱୀକାର କରିଛି କିନ୍ତୁ ଆମ ବ୍ୟକ୍ତିଗତ ପ୍ରଚେଷ୍ଟା ଦ୍ୱାରା କିଛିଟା କର୍ତ୍ତୃତ୍ୱ ଲାଭ ହେଲେ ମଧ୍ୟ, ପୂର୍ଣ୍ଣ କର୍ତ୍ତୃତ୍ୱର ମୁକ୍ତିଲାଭ ହୁଏ କେବଳ ଭଗବାନଙ୍କ ସହ ମିଳନ ଦ୍ୱାରା ଅର୍ଥାତ୍ ସେହି ଏକ ପରମ ପୁରୁଷଙ୍କ ଭିତରେ ନିଜ ବ୍ୟକ୍ତିତ୍ୱକୁ ନିମଜ୍ଜିତ କରିଦେଇ ତାହାଙ୍କ ମଧ୍ୟରେ ବାସକରିବା ଦ୍ୱାରା ଏବଂ ସେହି ଦିବ୍ୟ ଇଚ୍ଛା ଭିତରେ ନିଜର ସମସ୍ତ ଇଚ୍ଛାକୁ ହଜାଇଦେବା ଦ୍ୱାରା । ପ୍ରକୃତି ଓ ତା’ର କର୍ମର ଜଣେ ଦିବ୍ୟ ଅଧୀଶ୍ୱର ଅଛନ୍ତି, ସେ ପ୍ରକୃତି ଭିତରେ ବାସ କରୁଥିଲେ ମଧ୍ୟ ତାହାର ଊର୍ଦ୍ଧ୍ୱରେ ସେହିଁ ଆମର ଉଚ୍ଚତମ ସତ୍ତା ଏବଂ ଆମର ବିଶ୍ୱଗତ ଆତ୍ମା; ତାଙ୍କ ସହ ଏକ ହୋଇଯିବା ଅର୍ଥ ଆମେ ନିଜକୁ ଦିବ୍ୟତ୍ୱରେ ପରିଣତ କରିବା । ଭଗବାନଙ୍କ ସହ ଏକତ୍ୱଲାଭ କରିବା ଦ୍ୱାରା ଆମେ ଏକ ପରମ ମୁକ୍ତି ଓ ପରମ ପ୍ରଭୁତ୍ୱ ଭିତରେ ପ୍ରବେଶ କରୁ । ଷ୍ଟୋଇକ୍‌ମାନଙ୍କର ଆଦର୍ଶ କହେ ଯେ ସେହି ଜ୍ଞାନୀ ବ୍ୟକ୍ତିହିଁ ହେଉଛନ୍ତି ଯଥାର୍ଥରେ ରାଜା ଯେ ଆତ୍ମଜୟ ଦ୍ୱାରା ବାହ୍ୟ ପାରିପାର୍ଶ୍ୱିକ ଅବସ୍ଥା ଉପରେ ମଧ୍ୟ ପ୍ରଭୁତ୍ୱ ହାସଲ କରିଛନ୍ତି । ଏହି ଆଦର୍ଶ ସହିତ ବେଦାନ୍ତର ଆଦର୍ଶ ‘ସ୍ୱରାଟ ସମ୍ରାଟ’ର ବାହ୍ୟ ସାଦୃଶ୍ୟ ଥିଲେ ମଧ୍ୟ ପ୍ରକୃତରେ ଏହା ବେଦାନ୍ତ ଅପେକ୍ଷା ନିମ୍ନତର ସ୍ତରର । ଷ୍ଟୋଇକ୍ ଆଦର୍ଶରେ ପ୍ରଭୁତ୍ୱ ବଜାୟ ରଖାଯାଏ ଆତ୍ମା ଓ ପାରିପାର୍ଶ୍ୱିକ ଅବସ୍ଥା ଉପରେ ବଳ ପ୍ରୟୋଗ କରି କିନ୍ତୁ ଯୋଗୀର ଯେଉଁ ପୂର୍ଣ୍ଣ ମୁକ୍ତ ପ୍ରଭୁତ୍ୱ ତାହା ଦିବ୍ୟ ପ୍ରକୃତିର ଚିରନ୍ତନ ଈଶ୍ୱରତ୍ୱ ଭିତରେ ସହଜ ସ୍ୱାଭାବିକ ଭାବରେହିଁ ରହିଥାଏ, ଏହା ହେଉଛି ଦିବ୍ୟ ପ୍ରକୃତିର ବନ୍ଧନହୀନ ମୁକ୍ତ ବିଶ୍ୱସତ୍ତା ସହିତ ଯୁକ୍ତହେବା ଏବଂ ପରିଶେଷରେ ଦିବ୍ୟ ପ୍ରକୃତିର ସେହି ଉତ୍କର୍ଷତାରେ ଅବାଧ ଓ ମୁକ୍ତଭାବରେ ବାସ କରିବା ଯେଉଁ ଊର୍ଦ୍ଧ୍ୱସ୍ଥିତିରୁ ନିମ୍ନର ପ୍ରକୃତିକୁ ଯନ୍ତ୍ର ସ୍ୱରୂପ ବ୍ୟବହାର କରି କାର୍ଯ୍ୟ କରାଯାଏ । ସେ ସକଳ ବସ୍ତୁ

ଉପରେ ପ୍ରଭୁତ୍ୱଲାଭ କରନ୍ତି କାରଣ ସେ ସମସ୍ତ ବସ୍ତୁ ସହ ଏକାତ୍ମ ହୋଇ ଯାଇଛନ୍ତି । ପ୍ରାଚୀନ ରୋମୀୟ ସମାଜର ଗୋଟିଏ ଦୃଷ୍ଟାନ୍ତ ଦେଇ ଏହି ଷ୍ଟୋଇକ୍ ମୁକ୍ତିକୁ ବୁଝାଇ ଦିଆଯାଇପାରେ । ରୋମୀୟ ସମାଜରେ ଯେଉଁ କ୍ରୀତଦାସକୁ ତାହାର ଉତ୍ତମ କାର୍ଯ୍ୟ ପାଇଁ ମୁକ୍ତି ଦିଆଯାଉଥିଲା ସେ ମୁକ୍ତ ହେଲେ ମଧ୍ୟ ବସ୍ତୁତଃ ତା'ର ସ୍ୱାଧୀନତା ପାଇଁ ତାହାକୁ ତା'ର ପୂର୍ବ ପ୍ରଭୁର ଶକ୍ତି ଉପରେହିଁ ନିର୍ଭରଶୀଳ ରହିବାକୁ ପଡୁଥିଲା । ସେହିପରି ଷ୍ଟୋଇକ୍ ସାଧନାରେ ଯେଉଁ ମୁକ୍ତି ମିଳେ ତାହା ବ୍ୟକ୍ତିର ଉତ୍ତମ କାର୍ଯ୍ୟ ପାଇଁ ପ୍ରକୃତିର ଦୟାରୁହିଁ ମିଳିଥାଏ । କିନ୍ତୁ ଗୀତାର ମୁକ୍ତି ହେଉଛି ସ୍ୱାଧୀନତା ପାଇଁ ଜନ୍ମଗତ ଅଧିକାର ଥିବା ସ୍ୱାଧୀନ ବ୍ୟକ୍ତିର (free man) ମୁକ୍ତି । ଉଚ୍ଚତର ଦିବ୍ୟ ପ୍ରକୃତିରେ ଜନ୍ମଲାଭ କରିହିଁ ସେହି ଯଥାର୍ଥ ମୁକ୍ତିଲାଭ କରାଯାଏ, ତାହା ଦିବ୍ୟ ସତ୍ତାରେ ସ୍ୱପ୍ରତିଷ୍ଠିତ । ମୁକ୍ତ ପୁରୁଷ ଯାହାବି କରନ୍ତୁ, ଯେପରି ଭାବରେ ବି ଚଳନ୍ତୁ ସେ ଭଗବାନଙ୍କ ଭିତରେହିଁ ବାସ କରନ୍ତି, ସେ ହେଉଛନ୍ତି ଗୃହର ଆଦରର ସନ୍ତାନ, 'ବାଳବତ୍', ତାଙ୍କର ଭୁଲ୍ ହୋଇ ପାରେନା ବା ପତନ ହୋଇ ପାରେନା, କାରଣ ସେ ନିଜେ ଯାହା ଓ ଯାହା କରନ୍ତି ସେସବୁହିଁ ସିଦ୍ଧ, ପରମ ଆନନ୍ଦମୟ, ପରମ ପ୍ରେମମୟ, ପରମ ସୁନ୍ଦର । ସେ ଯେଉଁ ରାଜ୍ୟ ଭୋଗ କରନ୍ତି, 'ରାଜ୍ୟମ୍ ସମୃଦ୍ଧମ୍', ତାହା ଆନନ୍ଦ ଓ ମଧୁରତାର ରାଜ୍ୟ, ଯାହା ସମ୍ବନ୍ଧରେ ଗ୍ରୀକ୍ ଭାବୁକଙ୍କ ଗଭୀର ଭାଷାରେ କୁହାଯାଇପାରେ 'ସେ ରାଜ୍ୟ ହେଉଛି ଶିଶୁର ରାଜ୍ୟ' ('The kingdom is of the child') ।

ଦାର୍ଶନିକର ଜ୍ଞାନ ହେଉଛି ଐହିକ ଜୀବନର ଯଥାର୍ଥ ସ୍ୱରୂପର ଜ୍ଞାନ, ଏହି ଜ୍ଞାନ ବାହ୍ୟବସ୍ତୁର କ୍ଷଣଭଙ୍ଗୁରତା, ସାଂସାରିକ ଭେଦ, ବୈଷମ୍ୟର ନିରର୍ଥକତା ଓ ଆଭ୍ୟନ୍ତରୀଣ ସ୍ଥିରତା, ଶାନ୍ତି, ଜ୍ୟୋତିଃ ଓ ଆତ୍ମ-ନିର୍ଭରତାର ଶ୍ରେଷ୍ଠତ୍ୱ ବିଷୟରେ କହେ । ଏହା ହେଉଛି ଦାର୍ଶନିକ ଉଦାସୀନତାର ଏକ ସମତା, ଏହା ଏକ ଉଚ୍ଚ ସ୍ଥିରତା ଆଣିଦିଏ କିନ୍ତୁ ଏହାଦ୍ୱାରା ବୃହତ୍ତର ଆଧ୍ୟାତ୍ମିକ ଆନନ୍ଦ ଲାଭ କରି ହୁଏ ନାହିଁ । ଏହା ସଂସାରରୁ ବିଚ୍ଛିନ୍ନ ଏକ ମୁକ୍ତ ଅବସ୍ଥା, ଏହା ହେଉଛି ସେହି ଲ୍ୟୁକ୍ରେସିଆନ୍ (Lucretian) ଋଷିଙ୍କ ପରି ଏକ ଅବସ୍ଥା, ଯେକି ନିଜର ଶ୍ରେଷ୍ଠତ୍ୱ ନେଇ ପର୍ବତର ଉତ୍ତୁଙ୍ଗ ଶିଖରରେ ଛିଡ଼ା ହୋଇଥା'ନ୍ତି ଓ ଯେଉଁ ଭୟଙ୍କର ସମୁଦ୍ର କବଳରୁ ସେ ସ୍ୱୟଂ ଉଦ୍ଧାର ପାଇଥା'ନ୍ତି, ନିମ୍ନର ସେହି ଉତ୍ତାଳ-ତରଙ୍ଗ-ସଙ୍କୁଳ ସମୁଦ୍ରରେ ପଡ଼ି ଉବେଇ ଟୁବେଇ ହେଉଥିବା ଅନ୍ୟାନ୍ୟ ଲୋକମାନଙ୍କର ଦୁର୍ଦ୍ଦଶା ଦେଖୁଥା'ନ୍ତି । ଶେଷପର୍ଯ୍ୟନ୍ତ ଏହା ଏକ ବିଚ୍ଛିନ୍ନ ଉଦାସୀନ ଅବସ୍ଥା ଏବଂ ସଂସାର ପାଇଁ ଏହାର କୌଣସି ଫଳପ୍ରଦତା ନାହିଁ । ସାଧନାର ଏକ ପ୍ରାରମ୍ଭିକ ଗତିବୃତ୍ତି ହିସାବରେ ଏହି ଦାର୍ଶନିକ ଉଦାସୀନତାକୁ ଗୀତା ସ୍ୱୀକାର କରିଛି, କିନ୍ତୁ ଗୀତାରେ ଉଦାସୀନତାରେ ଯେଉଁ ଚରମରୂପ ଦିଆଯାଇଛି, ସେଥିରେ ଏହି ପୂର୍ବୋକ୍ତ ଦାର୍ଶନିକ ଉଦାସୀନତାର କୌଣସି

ସ୍ଥାନ ନାହିଁ । ଅବଶ୍ୟ ଉଦାସୀନବତ୍, ଊର୍ଦ୍ଧ୍ୱରେ ଆସୀନ ହେବାର ଏକ ଭାବ ଏ ଅବସ୍ଥାରେ ରହିଛି, କିନ୍ତୁ ଏହା ହେଉଛି ସେହିପରି, ଯେପରି ଭଗବାନ୍ ଊର୍ଦ୍ଧ୍ୱରେ ରହିଛନ୍ତି ଏବଂ ତାଙ୍କର ସଂସାରରେ କୌଣସି ପ୍ରୟୋଜନ ନଥିଲେ ମଧ୍ୟ ସେ ଯେପରି ସର୍ବଦା କର୍ମ କରୁଛନ୍ତି ଏବଂ ସର୍ବତ୍ର ବିଦ୍ୟମାନ ରହି ଜୀବମାନଙ୍କ ଶ୍ରମକୁ ଧାରଣ କରୁଛନ୍ତି, ସାହାଯ୍ୟ କରୁଛନ୍ତି ଓ ପଥ ଦେଖାଉଛନ୍ତି । ଏହି ସମତା ସର୍ବଭୂତ ସହ ଏକତ୍ୱ ଉପରେ ପ୍ରତିଷ୍ଠିତ । ଦାର୍ଶନିକ ସମତାର ଅଭାବ ଏହା ପୂରଣ କରେ; କାରଣ ଏହାର ଆତ୍ମା ହେଲା ଶାନ୍ତିର ଆତ୍ମା କିନ୍ତୁ ଏହା ମଧ୍ୟ ପ୍ରେମର ଆତ୍ମା । ଏହି ସମତାରେ ସର୍ବଭୂତଙ୍କୁ ନିର୍ବିଶେଷରେ ଭଗବାନଙ୍କ ମଧ୍ୟରେହିଁ ଦେଖାଯାଏ, ସର୍ବଭୂତର ଆତ୍ମା ସହିତ ଏକାତ୍ମ ହୋଇଯାଇ ହୁଏ, ତେଣୁ ସମସ୍ତଙ୍କ ପ୍ରତି ଏକ ପରମ ସହାନୁଭୂତିର ଅବସ୍ଥା ଆସେ । କାହାକୁ ମଧ୍ୟ ବାଦ୍ ଦିଆଯାଏ ନାହିଁ, 'ଅଶେଷେଣ', ଯେଉଁସବୁ ବସ୍ତୁ ଶୁଭ, ସୁନ୍ଦର ଓ ଆନନ୍ଦପ୍ରଦ ଖାଲି ସେହିସବୁ ବସ୍ତୁକୁ ଯେ ଗ୍ରହଣ କରାଯାଏ ତା' ନୁହେଁ, ଏହି ସାର୍ବଜନୀନ ଐକାନ୍ତିକ ସହାନୁଭୂତି ଓ ଆଧ୍ୟାତ୍ମିକ ଏକତ୍ୱରୁ କୌଣସି ବସ୍ତୁ, କୌଣସି ବ୍ୟକ୍ତିକୁ ମଧ୍ୟ ବାଦ୍ ଦିଆଯାଇ ପାରେନା, ସେ ଯେତେ ନୀଚ, ପତିତ, ଅପରାଧୀ ବା କୁତ୍ସିତ, କୁରୂପ ହେଉନା କାହିଁକି । ଏଠାରେ କେବଳ ଯେ ଘୃଣା, କ୍ରୋଧ ବା ହୃଦୟହୀନତାର ସ୍ଥାନ ନାହିଁ ଖାଲି ସେତିକି ନୁହେଁ, ଏଠାରେ ଉପେକ୍ଷା, ତାଚ୍ଛଲ୍ୟ ବା ଶ୍ରେଷ୍ଠତାର କୌଣସି ଗର୍ବ ପାଇଁ ମଧ୍ୟ ସ୍ଥାନ ନାହିଁ । ଅବଶ୍ୟ ମାନବର ଦ୍ୱନ୍ଦ୍ୱକ୍ଲିଷ୍ଟ ମନର ଅଜ୍ଞାନତା ପାଇଁ ରହିବ ଦିବ୍ୟ କରୁଣା, ତାହା ଭିତରେ ସମସ୍ତ ଆଲୋକ, ଶକ୍ତି ଓ ଆନନ୍ଦ ଢାଳି ଦେବା ପାଇଁ ରହିବ ଏକ ଦିବ୍ୟ ସଙ୍କଳ୍ପ, ଏହା ରହିବ ଆପାତଦୃଷ୍ଟ ମାନବ ପାଇଁ କିନ୍ତୁ ତା' ଭିତରେ ଯେଉଁ ଦିବ୍ୟ ଆତ୍ମା ରହିଛନ୍ତି ତାଙ୍କ ପାଇଁ ରହିବ ଏହାଠାରୁ ଅଧିକ କିଛି ଭକ୍ତି ଓ ପ୍ରେମ । କାରଣ ସମସ୍ତଙ୍କ ଭିତରୁ – ଯେପରି ସାଧୁ ଓ ସନ୍ଥଙ୍କ ଭିତରୁ ସେହିପରି ମଧ୍ୟ ଚୋର, ଚଣ୍ଡାଳ ଓ ପତିତା, ବାରାଙ୍ଗନାଙ୍କ ଭିତରୁ ସେହି ପରମ ପ୍ରିୟତମହିଁ ଚାହିଁ ରହିଛନ୍ତି ଏବଂ ଆମକୁ ଡାକି କହୁଛନ୍ତି – ''ଏହି ଯେ ମୁଁ'' । ''ସର୍ବଭୂତରେ ଅବସ୍ଥିତ ମୋତେ ଯେ ଭଲ ପାଏ'', – 'ସର୍ବଭୂତସ୍ଥିତଂ ଯୋ ମାଂ ଭଜତି' – ଦିବ୍ୟ ସାର୍ବଜନୀନ ପ୍ରେମର ଚରମ ପୂର୍ଣ୍ଣତା ଓ ଗଭୀରତାବ୍ୟଞ୍ଜକ ଏତେ ବଡ଼ ଶକ୍ତିଶାଳୀ ବାଣୀ ପୃଥିବୀର ଆଉ କେଉଁ ଦର୍ଶନ, କେଉଁ ଧର୍ମରେ କୁହାଯାଇଛି ?

ନତି ହେଉଛି ଏକପ୍ରକାର ଧାର୍ମିକ ସମତାର ଭିତ୍ତି – ଏହା ହେଉଛି ଭଗବାନଙ୍କ ଇଚ୍ଛା ନିକଟରେ ମୁଣ୍ଡ ପାତିଦେବା, ସଂସାରର ଦୁଃଖକଷ୍ଟକୁ ଧୈର୍ଯ୍ୟର ସହିତ ସହ୍ୟ କରିବା, ସବୁକିଛିକୁ ଧୀରସ୍ଥିର ଭାବରେ ମାନିନେବା । ଗୀତାରେ ଏହି ଭାବ ଆହୁରି ପୂର୍ଣ୍ଣତର ରୂପ ନେଇଛି ଯାହାହେଲା ଭଗବାନଙ୍କ ନିକଟରେ ସମଗ୍ର ସତ୍ତାର ପୂର୍ଣ୍ଣ ସମର୍ପଣ । ଏହା କେବଳ ଏକ ନିଷ୍କ୍ରିୟ ଆନୁଗତ୍ୟ ନୁହେଁ, ଏହା ଏକ ସକ୍ରିୟ ଆତ୍ମନିବେଦନ, ଏହା କେବଳ ସମସ୍ତ

ବସ୍ତୁ ଭିତରେ ରହିଥିବା ଭଗବତ୍ ଇଚ୍ଛାକୁ ଦେଖିପାରିବା ଓ ତାହାକୁ ଗ୍ରହଣ କରିନେବା ନୁହେଁ; ଏହା ହେଉଛି ନିଜର ସମସ୍ତ ଇଚ୍ଛା ବା ସଙ୍କଳ୍ପ ଶକ୍ତିକୁ ଭଗବାନଙ୍କୁ ଦେଇଦେବା ଯେପରିକି ସାଧକ ସମସ୍ତ କର୍ମର ପ୍ରଭୁ ଭଗବାନଙ୍କ ଯନ୍ତ୍ରରେ ପରିଣତ ହୁଏ । ଏହା କେବଳ ଭଗବାନଙ୍କର ଦାସରେ ପରିଣତ ହେବାର ନିମ୍ନତର ଭାବ ନେଇ ନୁହେଁ – ପ୍ରଥମାବସ୍ଥାରେ ଯାହା ବି ହେଉ ନା କାହିଁକି ଶେଷ ପର୍ଯ୍ୟନ୍ତ ଆମର ଚେତନା ଓ କର୍ମକୁ ଭଗବାନଙ୍କ ନିକଟରେ ଏପରି ପୂର୍ଣ୍ଣ ଭାବରେ ଦେଇଦେବାକୁ ହେବ ଯେପରିକି ଆମର ସତ୍ତା ତାଙ୍କ ସତ୍ତା ସହ ଏକ ହୋଇଯାଏ ଏବଂ ଆମର ନୈର୍ବ୍ୟକ୍ତିକ ପ୍ରକୃତି ହୋଇଉଠେ ତାଙ୍କର ଗୋଟିଏ ଯନ୍ତ୍ର ମାତ୍ର, ଆଉ କିଛି ନୁହେଁ । ସମସ୍ତ ଫଳ ଭଲ ଓ ମନ୍ଦ, ପ୍ରିୟ ଓ ଅପ୍ରିୟ, ଶୁଭ ଓ ଅଶୁଭ ସବୁକିଛିକୁ ଆମ କର୍ମର ପ୍ରଭୁ ଭଗବାନଙ୍କର ବୋଲି ଗ୍ରହଣ କରିବାକୁ ହେବ ଯାହାଫଳରେ ଶେଷରେ ଦୁଃଖ ଓ ଶୋକ କେବଳ ଯେ ସହ୍ୟ କରାହୁଏ ତାହା ନୁହେଁ, ତାହାକୁ ସମ୍ପୂର୍ଣ୍ଣ ରୂପେ ନିର୍ବାସିତ କରିଦିଆଯାଏ : ଚିତ୍ତରେ ପୂର୍ଣ୍ଣ ସମତା ପ୍ରତିଷ୍ଠିତ ହୁଏ । ସେତେବେଳେ ଯନ୍ତ୍ରର ବ୍ୟକ୍ତିଗତ ଇଚ୍ଛାର ଆଉ କୌଣସି ବୋଧ ରହେ ନାହିଁ, ସ୍ପଷ୍ଟ ଦେଖିହୁଏ ଯେ ସବୁକିଛି ପୂର୍ବରୁ ବିଶ୍ୱବିଧାତାଙ୍କର ସର୍ବଜ୍ଞ ଦୃଷ୍ଟିରେ ଓ ତାଙ୍କର ସର୍ବଶକ୍ତିମୟ ସଙ୍କଳ୍ପରେ ସ୍ଥିର ହୋଇସାରିଛି ଏବଂ ମଣିଷର ଅହଂକାର ସେହି ସଙ୍କଳ୍ପର କ୍ରିୟାରେ କୌଣସି ପରିବର୍ତ୍ତନ ଆଣିପାରିବ ନାହିଁ । ତେଣୁ ପରବର୍ତ୍ତୀ ଏକ ଅଧ୍ୟାୟରେ ଅର୍ଜୁନଙ୍କୁ ଏ ସମ୍ପର୍କରେ ଯଥାର୍ଥ ଭାବର ଚୂଡ଼ାନ୍ତ ରୂପ ନିର୍ଦ୍ଦେଶ କରାଯାଇଛି, ''ମୋର ଦିବ୍ୟ ଇଚ୍ଛା ଓ ଭବିଷ୍ୟତ୍ ଦୃଷ୍ଟିରେ ମୁଁ ପୂର୍ବରୁ ସବୁକିଛି କରି ରଖିଛି, ହେ ଅର୍ଜୁନ, ତୁମେ ବର୍ତ୍ତମାନ କେବଳ ନିମିତ୍ତମାତ୍ର ହୁଅ ।'' – 'ନିମିତ୍ତମାତ୍ରଂ ଭବ ସବ୍ୟସାଚିନ୍' । ଏହି ଭାବରୁ ଶେଷରେ ଭଗବାନଙ୍କ ସଙ୍କଳ୍ପ ସହ ବ୍ୟକ୍ତିଗତ ସଙ୍କଳ୍ପ ସମ୍ପୂର୍ଣ୍ଣ ରୂପେ ଯୁକ୍ତ ହୋଇଯାଏ ଏବଂ ଜ୍ଞାନର ଅଭିବୃଦ୍ଧି ସଙ୍ଗେ ସଙ୍ଗେ ଦିବ୍ୟ ଶକ୍ତି ଓ ଜ୍ଞାନ ପ୍ରତି ପୂର୍ଣ୍ଣ ଆନୁଗତ୍ୟ ସହ ଯନ୍ତ୍ର ନିର୍ଦ୍ଦୋଷ ଭାବରେ କ୍ରିୟା କରେ । ବିଶ୍ୱାତୀତ ଓ ବିଶ୍ୱମୟ ପୁରୁଷଙ୍କ ସହିତ ବ୍ୟକ୍ତିର ଏହି ପରମ ମିଳନ ଅବସ୍ଥାରେ ଆତ୍ମସମର୍ପଣର ପୂର୍ଣ୍ଣତମ, ଚରମତମ ଅବସ୍ଥା ପ୍ରତିଷ୍ଠିତ ହୁଏ, ମନ ହୋଇଉଠେ ଦିବ୍ୟ ଆଲୋକ ଓ ଶକ୍ତିର ଏକ ନମନୀୟ ଆଧାର ମାତ୍ର ଏବଂ ସକ୍ରିୟ ସତ୍ତା ଏହି ଦିବ୍ୟ ଆଲୋକ ଓ ଶକ୍ତିର ଏକ ମହାନ୍ ସମର୍ଥ ଯନ୍ତ୍ରରେ ପରିଣତ ହୁଏ ।

ଆମ ପ୍ରତି ଅନ୍ୟମାନଙ୍କର ବ୍ୟବହାର ସମ୍ପର୍କରେ ମଧ୍ୟ ସମତାଭାବ ରହିବ । ସେମାନେ ଆମ ପ୍ରତି ଯେପରି ବ୍ୟବହାର କଲେ ମଧ୍ୟ ତାହା ଆମ ଭିତରେ ଥିବା ଏହି ଆନ୍ତର ଏକତ୍ୱ, ପ୍ରେମ ଓ ସହାନୁଭୂତି ଭାବରେ କୌଣସି ପରିବର୍ତ୍ତନ ଆଣିବ ନାହିଁ, କାରଣ ଆମ ଭିତରେ ଏହି ଭାବର ଉଦୟ ହୋଇଥାଏ ସମସ୍ତଙ୍କ ଭିତରେ ସେହି ଏକ

ଆତ୍ମାକୁ, ସର୍ବଭୂତରେ ସେହି ପରମ ଭଗବାନଙ୍କୁ ପ୍ରତ୍ୟକ୍ଷ କରିବା ଦ୍ୱାରା । କିନ୍ତୁ ଏହାର ଅର୍ଥ ନୁହେଁ ଯେ ସେମାନେ ଯେପରି ବ୍ୟବହାର କଲେ ମଧ ସେମାନଙ୍କୁ ଓ ସେମାନଙ୍କର କର୍ମକୁ ନତ ହୋଇ ମାନିଯିବା ବା ନିଜେ ନିଷ୍କ୍ରିୟ ରହି କୌଣସି ପ୍ରତିରୋଧ କରିବ ନାହିଁ; ଏପରି ହୋଇପାରେନା । କାରଣ ଭଗବାନଙ୍କ ପ୍ରତି ଓ ତାଙ୍କର ବିଶ୍ୱସଙ୍କଳ୍ପ ପ୍ରତି ନିରନ୍ତର ଅନୁଗତ ରହି ତାହାର ଯନ୍ତ୍ରରୂପେ କାର୍ଯ୍ୟ କରିବାର ଅର୍ଥ ହେଉଛି, ସଂସାରରେ ସର୍ବତ୍ର ନାନା ବିରୋଧୀ ଶକ୍ତିମାନଙ୍କର ଯେଉଁ ସଂଘର୍ଷ ଚାଲିଛି, ତହିଁରେ ଭଗବତ୍ ବିଶ୍ୱସଙ୍କଳ୍ପ ବିରୋଧରେ ଯେଉଁସବୁ ବ୍ୟକ୍ତିଗତ ସଙ୍କଳ୍ପ ନିଜ ନିଜର କାମନାବାସନା ଓ ଅହଂକାରର ତୃପ୍ତି ଚାହୁଁଛି ତା' ବିରୋଧରେ ଛିଡ଼ା ହେବା । ତେଣୁ ଅର୍ଜୁନଙ୍କୁ ପ୍ରତିରୋଧ କରିବାକୁ, ଯୁଦ୍ଧ କରିବାକୁ ଓ ଜୟ କରିବାକୁ ଆଦେଶ ଦିଆଯାଇଛି, କିନ୍ତୁ ଦ୍ୱେଷ, ବ୍ୟକ୍ତିଗତ କାମନାବାସନା ଓ ବ୍ୟକ୍ତିଗତ ଶତ୍ରୁତା ଓ ବିରୋଧଭାବ ପରିହାର କରି ଏହି ଯୁଦ୍ଧ କରିବାକୁ ଆଦେଶ ଦିଆଯାଇଛି, କାରଣ ମୁକ୍ତ ପୁରୁଷଙ୍କ ପକ୍ଷରେ ଏହିସବୁ ଭାବ ସମ୍ପୂର୍ଣ୍ଣ ଅସମ୍ଭବ । ନୈର୍ବ୍ୟକ୍ତିକ ଭାବରେ ଲୋକସଂଗ୍ରହ ପାଇଁ, ଭଗବତ୍ ଲକ୍ଷ୍ୟର ମାର୍ଗରେ ଲୋକମାନଙ୍କୁ ପରିଚାଳିତ କରିବା ପାଇଁ କର୍ମ କରିବା – ଏହି ନୀତି ଭଗବାନଙ୍କ ସହିତ ଓ ବିଶ୍ୱପୁରୁଷଙ୍କ ସହିତ ଆତ୍ମାର ଏକତ୍ୱ ଭିତରୁହିଁ ସ୍ୱଭାବତଃ ଉଦ୍ଭୂତ ହୁଏ, କାରଣ ତାହାହିଁ ହେଉଛି ବିଶ୍ୱକର୍ମର ସମଗ୍ର ଅର୍ଥ ଓ ଲକ୍ଷ୍ୟ । ସର୍ବଜୀବମାନଙ୍କ ସହ ଆମର ଯେଉଁ ଏକତ୍ୱ ରହିଛି, ତାହା ସହିତ ଏହି ନୀତିର କୌଣସି ବିରୋଧ ନାହିଁ, ଏପରିକି ଯେଉଁମାନେ ଏଠାରେ ବିରୋଧୀ ଓ ଶତ୍ରୁ ରୂପରେ ଦେଖା ଦିଅନ୍ତି ସେମାନଙ୍କ କ୍ଷେତ୍ରରେ ମଧ ଏହା ପ୍ରଯୁଜ୍ୟ । କାରଣ ଭଗବତ୍ ଲକ୍ଷ୍ୟ ମଧ ସେମାନଙ୍କ ଲକ୍ଷ୍ୟ, ଯେହେତୁ ତାହାହିଁ ହେଉଛି ସମସ୍ତଙ୍କର ନିଗୂଢ଼ ଲକ୍ଷ୍ୟ, ଏପରିକି ସେମାନଙ୍କର ମଧ ଯେଉଁମାନଙ୍କର ବାହ୍ୟ ମନ ଅଜ୍ଞତା ଓ ଅହଂକାର ଦ୍ୱାରା ଚାଳିତ ହୋଇ ପଥଚ୍ୟୁତ ହୋଇଛି ଓ ନିଜର ଅନ୍ତର୍ପ୍ରେରଣାକୁ ପ୍ରତିରୋଧ କରୁଛି । ସେମାନଙ୍କୁ ପ୍ରତିରୋଧ ଓ ପରାଭୂତ କରିବା ଦ୍ୱାରାହିଁ ସେମାନଙ୍କର ସର୍ବୋତ୍କୃଷ୍ଟ ବାହ୍ୟିକ ସେବା କରାଯାଇପାରେ । ଏହି ଦୃଷ୍ଟି ଗ୍ରହଣ କରି ଗୀତା ସେହି ଧରଣର ସମତାର ଶିକ୍ଷା ଓ ସିଦ୍ଧାନ୍ତସବୁଠାରୁ ନିଜକୁ ଦୂରରେ ରଖିଛି ଯାହାକି ଅବାସ୍ତବ ଭାବରେ ସମ୍ପର୍କର ନାନା ବୈଷମ୍ୟ ଓ ବିଭିନ୍ନତାକୁ ଅସ୍ୱୀକାର କରେ ଓ ଜ୍ଞାନରହିତ ଏକ ଦୁର୍ବଳ ଅନୁକମ୍ପାର ଉପଦେଶ ଦିଏ । କିନ୍ତୁ ତାହା ସଙ୍ଗେ ସଙ୍ଗେ ଗୀତା ସମତାର ଯଥାର୍ଥ ଆଦର୍ଶ ଓ ଅସଲ ମୂଳ ଜିନିଷଟିକୁ ଅକ୍ଷୁଣ୍ଣ ରଖିଛି । ତା' ହେଉଛି ଆତ୍ମାରେ ସମସ୍ତଙ୍କ ସଙ୍ଗେ ଏକତ୍ୱ ରହିବ, ହୃଦୟରେ ସମସ୍ତଙ୍କ ପ୍ରତି ଶାନ୍ତ ସାର୍ବଜନୀନ ପ୍ରେମ, ସହାନୁଭୂତି ଓ କରୁଣା ରହିବ କିନ୍ତୁ ହସ୍ତ ମୁକ୍ତ ରହିବ ନୈର୍ବ୍ୟକ୍ତିକ ଭାବରେ ମଙ୍ଗଳ ଓ କଲ୍ୟାଣ ସାଧନ କରିବା ପାଇଁ – ଏହି କଲ୍ୟାଣ ଭଗବତ୍ ଯୋଜନାକୁ ବିଚାରରେ ନଆଣି ବା ତା'ର ବିରୋଧ କରି ଏ ବ୍ୟକ୍ତି ବା

ସେ ବ୍ୟକ୍ତିର ହିତସାଧନ ନୁହେଁ, ଏହା ହେଉଛି ସୃଷ୍ଟିର ସମଗ୍ର ଲକ୍ଷ୍ୟକୁ ଆଖି ଆଗରେ ରଖି ସମସ୍ତ ମଣିଷଜାତିକୁ ଶୁଭ ଓ ମୁକ୍ତି ପଥରେ ଆଗେଇନେବା, ଏହା ହେଉଛି ସର୍ବଭୂତର ସମଗ୍ର କଲ୍ୟାଣ ଓ ହିତସାଧନ ।

ଭଗବାନଙ୍କ ସହିତ ଏକତ୍ୱ, ସର୍ବଭୂତ ସହ ଏକତ୍ୱ, ସର୍ବତ୍ର ଚିରନ୍ତନ ଦିବ୍ୟ ଏକତ୍ୱର ଉପଲବ୍ଧି ଏବଂ ସେହି ଏକତ୍ୱ ଦିଗରେ ସମସ୍ତ ମାନବସମାଜକୁ ଆଗେଇ ନେଇଯିବା — ଏହାହିଁ ଜୀବନର ଧର୍ମ ବୋଲି ଗୀତା ଶିକ୍ଷା ଦେଇଛି । ଏହା ଅପେକ୍ଷା ଅଧିକ ମହାନ୍ ବ୍ୟାପକ ଓ ଗଭୀର ଶିକ୍ଷା ଆଉ କିଛି ହୋଇ ପାରେନା । ନିଜେ ମୁକ୍ତ ହୋଇ ସେହି ଏକତ୍ୱ ଭିତରେ ବାସ କରିବା, ସେହି ଲକ୍ଷ୍ୟ ଲାଭ କରିବାର ପଥରେ ଆଗେଇ ଯିବା ପାଇଁ ମାନବସମାଜକୁ ସାହାଯ୍ୟ କରିବା ଏବଂ ନିଜେ ସମସ୍ତ କର୍ମ ଭଗବାନଙ୍କ ଉଦ୍ଦେଶ୍ୟରେ ସମ୍ପାଦନ କରିବା ଓ ମନୁଷ୍ୟମାନଙ୍କୁ ମଧ୍ୟ ନିଜ ନିଜର କର୍ତ୍ତବ୍ୟ କର୍ମ ସମ୍ମତି ଓ ଆନନ୍ଦର ସହିତ ସମ୍ପନ୍ନ କରିବା ପାଇଁ ସାହାଯ୍ୟ କରିବା, 'କୃତ୍ସ୍ନକର୍ମକୃତ୍, ସର୍ବ-କର୍ମାଣି ଜୋଷୟନ୍' — ଦିବ୍ୟ କର୍ମର ଏହା ଅପେକ୍ଷା ଉଦାର ଓ ମହତ୍ ବିଧାନ ଆଉ କିଛି ହୋଇ ପାରେନା । ଏହି ମୁକ୍ତି ଓ ଏହି ଏକତ୍ୱ ହେଉଛି ଆମ ମାନବ-ପ୍ରକୃତିର ନିଗୂଢ଼ ଲକ୍ଷ୍ୟ ଏବଂ ମାନବଜାତିର ଜୀବନରେ ଏହାହିଁ ଅନ୍ତର୍ନିହିତ ଚରମ ଇଚ୍ଛା । ଏହି ଆଡ଼କୁହିଁ ମଣିଷକୁ ନିଜର ଯଥାର୍ଥ ସୁଖଲାଭ ପାଇଁ ଫେରିବାକୁ ପଡ଼ିବ, ଯେଉଁ ସୁଖକୁ ମଣିଷ ଆଜି ଖୋଜିବାରେ ଅସଫଳ ହେଉଛି । ଏହା ସମ୍ଭବ ହେବ ଯେତେବେଳେ ସକଳ ମନୁଷ୍ୟ ନିଜ ଭିତରେ ଓ ନିଜର ଚାରିଦିଗରେ ସମସ୍ତଙ୍କ ଭିତରେ, 'ସର୍ବେଷୁ', 'ସର୍ବତ୍ର', ଭଗବାନଙ୍କୁ ଦେଖିବା ପାଇଁ ଚକ୍ଷୁ ଓ ହୃଦୟକୁ ଉନ୍ମୁକ୍ତ କରିବେ ଏବଂ ଶିକ୍ଷା କରିବେ ଯେ ତାଙ୍କରି ମଧ୍ୟରେ ସେମାନେ ବାସ କରନ୍ତି ଏବଂ ଭେଦଜନକ ଏହି ନିମ୍ନ ପ୍ରକୃତି କେବଳ ଏକ କୃତ୍ରିମ ପ୍ରାଚୀର ମାତ୍ର ଯାହାକୁ ସେମାନଙ୍କୁ ଭାଙ୍ଗିଦେବାକୁ ହେବ ବା ଅତି ବେଶୀରେ ଏହା ଶୈଶବର ପାଠଶାଳା ମାତ୍ର ଯାହାକୁ ଟପି ସେମାନଙ୍କୁ ଆହୁରି ଆଗକୁ ଯିବାକୁ ହେବ ଯେପରିକି ସେମାନେ ନିଜର ପ୍ରକୃତିରେ ପ୍ରାପ୍ତବୟସ୍କ ଏବଂ ଆତ୍ମାରେ ମୁକ୍ତ ସ୍ୱାଧୀନ ହୋଇଉଠିବେ । ଯେଉଁ ଭଗବାନ୍ ଊର୍ଦ୍ଧ୍ୱରେ ରହିଛନ୍ତି ପୁଣି ମଣିଷ ଭିତରେ ଓ ଜଗତ୍ ଭିତରେ ମଧ୍ୟ ରହିଛନ୍ତି, ତାଙ୍କ ସହ ଏକାତ୍ମ ହୋଇଯିବାହିଁ ହେଉଛି ମୁକ୍ତିର ଅର୍ଥ, ଏହାହିଁ ହେଉଛି ପୂର୍ଣ୍ଣତାର ପରମ ରହସ୍ୟ ।

# ୨୧

# ପ୍ରକୃତିର ନିୟନ୍ତୃତ୍ୱ

କର୍ମ ଓ ଆତ୍ମଜ୍ଞାନର ଐକ୍ୟ ଫଳରେ ଆମେ ଯେତେବେଳେ ଉର୍ଦ୍ଧ୍ୱତନ ଆତ୍ମା ମଧ୍ୟରେ ବାସ କରିପାରୁ, ସେତେବେଳେ ଆମେ ପ୍ରକୃତିର ନିମ୍ନତର କର୍ମପଦ୍ଧତିର ଉପରକୁ ଉଠିଯାଉ । ଆମେ ଆଉ ପ୍ରକୃତି ଏବଂ ତା'ର ଗୁଣସମୂହର ଦାସ ହୋଇ ରହୁ ନାହିଁ, ଆମେ ପ୍ରକୃତିର ପ୍ରଭୁ ଈଶ୍ୱରଙ୍କ ସହ ଏକ ହୋଇ ପ୍ରକୃତିକୁ ଆମ ଭିତରେ ଥିବା ଭଗବତ୍ ଇଚ୍ଛାର ଉଦ୍ଦେଶ୍ୟସାଧନ ନିମନ୍ତେ ବିନିଯୋଗ କରୁ, ସେତେବେଳେ ଆମକୁ ଆଉ କର୍ମବନ୍ଧନର ଅଧୀନ ହୋଇ ରହିବାକୁ ପଡ଼େ ନାହିଁ । କାରଣ ଏହାହିଁ ହେଉଛି ଆମ ଭିତରେ ଥିବା ମହତ୍ତର ଆତ୍ମାଙ୍କ ସ୍ୱରୂପ, ଯେ ପ୍ରକୃତିର କର୍ମର ଅଧୀଶ୍ୱର ଏବଂ ତାହାର ପ୍ରତିକ୍ରିୟାସବୁର ବିକ୍ଷୁବ୍ଧ ଆଘାତ ତାଙ୍କୁ ସ୍ପର୍ଶ କରିପାରେ ନାହିଁ । ଅନ୍ୟ ପକ୍ଷରେ ପ୍ରକୃତି ଭିତରେ ଅଜ୍ଞାନ ଅବସ୍ଥାରେ ରହିଥିବା ଜୀବ, ସେହି ଅଜ୍ଞାନତା ଦ୍ୱାରାହିଁ ପ୍ରକୃତିର ଗୁଣସମୂହରେ ଆବଦ୍ଧ ହୁଏ, କାରଣ ସେ ନିଜକୁ ସ୍ୱଚ୍ଛନ୍ଦ ଭାବରେ ନିଜର ପ୍ରକୃତ ଆତ୍ମା ସହିତ, ପ୍ରକୃତିର ଉର୍ଦ୍ଧ୍ୱରେ ରହିଥିବା ଭଗବାନଙ୍କ ସହିତ ଏକ କରି ଦେଖେ ନାହିଁ, କିନ୍ତୁ ନିର୍ବୋଧ ଭାବରେ ଦୁଃଖର ସହ ନିଜକୁ ଅହଂବୁଦ୍ଧି ସହିତ ଏକ କରି ଦେଖେ । ଏହି ଅହଂବୁଦ୍ଧି ନିଜକୁ ଯେତେ ବଡ଼ ବୋଲି ଦେଖାଇଲେ ମଧ୍ୟ ବାସ୍ତବରେ ଏହା ପ୍ରକୃତିର କ୍ରିୟା ଭିତରେ ଏକ ନିମ୍ନତର ଅଙ୍ଗ, ଏକ ମାନସିକ ଗ୍ରନ୍ଥି ମାତ୍ର, ଏକ କ୍ଷୁଦ୍ର କେନ୍ଦ୍ର ମାତ୍ର, ଯାହାକୁ ଧରି ପ୍ରକୃତିର କାର୍ଯ୍ୟଧାରାର ଖେଳ ଚାଲିଥାଏ । ଏହି ଗ୍ରନ୍ଥିକୁ ଛିନ୍ନ କରିବା ଏବଂ ଅହଂକୁ ଆଉ ଆମ କର୍ମର କେନ୍ଦ୍ର ଓ ଭୋକ୍ତା ନକରି କେବଳ ଦିବ୍ୟ ପରମ ଆତ୍ମାଙ୍କଠାରୁ ସବୁକିଛି ଲାଭ କରିବା ଏବଂ ସବୁକିଛି ତାଙ୍କୁ ନିବେଦନ କରିବା – ଏହାହିଁ ହେଉଛି ପ୍ରକୃତିର ଗୁଣସମୂହର ସମସ୍ତ ଅସ୍ଥିର ବିକ୍ଷୋଭର ଉର୍ଦ୍ଧ୍ୱକୁ ଉଠିଯିବାର ପନ୍ଥା । କାରଣ ତା'ହେଲେ ଆମେ ସେହି ପରମ ଚେତନାରେ ବାସ କରିପାରିବୁ, ଅହଂବୁଦ୍ଧି ଯାହାର ଏକ ନିମ୍ନତର ରୂପ ଏବଂ ସେତେବେଳେ ଆମେ ଏକ ସମ ଓ ଏକୀଭୂତ ଦିବ୍ୟ ସଙ୍କଳ୍ପ ଓ ଶକ୍ତି ନେଇ କର୍ମ କରିପାରିବୁ । ଆମକୁ ଆଉ ଗୁଣସମୂହର ଅସମ ଖେଳ ଭିତରେ ରହିବାକୁ ହେବ ନାହିଁ, ଯେଉଁ ଖେଳ ହେଉଛି ଏକ ବିଭଗ୍ନ ଅନ୍ୱେଷଣ ଓ ପ୍ରୟାସ, ଏକ ବିକ୍ଷୋଭ ଓ ନିମ୍ନତର ମାୟା ।

ଯେଉଁସବୁ ସ୍ଥାନରେ ଗୀତା ଅହମାତ୍ମକ ଜୀବକୁ ପ୍ରକୃତିର ଅଧୀନ ବୋଲି ଜୋର

ଦେଇଛି, କେହି କେହି ସେଥିରୁ ଏପରି ବୁଝନ୍ତି ଯେ ଗୀତାର ମତରେ ବିଶ୍ୱଜଗତରେ ସବୁକିଛି ପ୍ରକୃତିର ଏକ ଅଲଂଘ୍ୟ ଯାନ୍ତ୍ରିକ ନିୟମ ଦ୍ୱାରା ନିର୍ଦ୍ଧାରିତ ହେଉଛି, ସ୍ୱାଧୀନ ଭାବରେ କିଛି କରିବାର କୌଣସି ଅବକାଶ ନାହିଁ । ଅବଶ୍ୟ ଗୀତା ଯେଉଁ ଭାଷା ବ୍ୟବହାର କରିଛି, ତାହା ଖୁବ୍ ଜୋର୍ ଦେଇ କୁହାଯାଇଥିବା ଭାଷା ଏବଂ ଯେପରି ଏହାହିଁ ଚରମ ସିଦ୍ଧାନ୍ତ ବୋଲି ମନେ ହେବ । କିନ୍ତୁ ଅନ୍ୟାନ୍ୟ ସ୍ଥାନ ପରି ଏଠାରେ ମଧ୍ୟ ଗୀତାର ବିଚାରକୁ ସମଗ୍ର ରୂପରେ ଗ୍ରହଣ କରିବାକୁ ହେବ, ଅନ୍ୟାନ୍ୟ ଅଂଶରୁ ବିଚ୍ଛିନ୍ନ କରି ସ୍ୱତନ୍ତ୍ର ଭାବରେ ଏହାର ଅର୍ଥ କଲେ ଚଳିବ ନାହିଁ । କାରଣ ପ୍ରତ୍ୟେକ ସତ୍ୟ ତାହା ସ୍ୱୟଂ ଯେତେ ବଡ଼ ସତ୍ୟ ହେଲେ ମଧ୍ୟ ଅନ୍ୟ ଯେଉଁସବୁ ସତ୍ୟ ତାହାକୁ ଏକସଙ୍ଗରେ ସୀମିତ ଓ ପରିପୂର୍ଣ୍ଣ କରୁଥାଏ ସେହି ସବୁଥିରୁ ତାହାକୁ ବିଚ୍ଛିନ୍ନ କଲେ ଚଳିବ ନାହିଁ, ତା'ହେଲେ ତାହା ବୁଦ୍ଧିକୁ ବାନ୍ଧି ପକାଉଥିବା ଏକ ପାଶ ପରି ହେବ ଏବଂ ତାହା ଏକ ବିଭ୍ରାନ୍ତିକର ଅନ୍ଧ ମତବାଦରେ ପରିଣତ ହେବ । କାରଣ ବାସ୍ତବରେ ପ୍ରତ୍ୟେକଟି ସତ୍ୟ ହେଉଛି ଏକ ସମଗ୍ର ଜଟିଳ ବୟନରେ ଗୋଟିଏ ଗୋଟିଏ ସୂତା ପରି ଏବଂ କୌଣସି ସୂତାଟିକୁ ଏହି ବୟନରୁ ବିଚ୍ଛିନ୍ନ କରିଦେଲେ ଚଳିବ ନାହିଁ । ଗୀତାରେ ପ୍ରତ୍ୟେକଟି ବିଷୟ ଏହିପରି ଗୋଟିଏ ଅନ୍ୟ ସାଥିରେ ଏକତ୍ର ବୁଣାଯାଇଛି, ତେଣୁ ଏହାର ପ୍ରତ୍ୟେକଟି ବିଷୟକୁ ସମଗ୍ର ସହିତ ତାହାର ସମ୍ପର୍କକୁ ମିଳାଇ ବୁଝିବାକୁ ହେବ । ସ୍ୱୟଂ ଗୀତା ମଧ୍ୟ 'ଅକୃସ୍ନବିତ୍' ଓ 'କୃସ୍ନବିତ୍'ଙ୍କ ମଧ୍ୟରେ ପାର୍ଥକ୍ୟ ଦେଖାଇଛି – 'ଅକୃସ୍ନବିତ୍' ହେଲେ ଯେଉଁମାନଙ୍କର ସମଗ୍ରର ଜ୍ଞାନ ନାହିଁ ଓ ଖଣ୍ଡ ସତ୍ୟ ଦ୍ୱାରା ବିଭ୍ରାନ୍ତ ହୁଅନ୍ତି ଏବଂ 'କୃସ୍ନବିତ୍' ହେଲେ ଯେଉଁ ଯୋଗୀମାନଙ୍କର ସମଗ୍ର ସତ୍ୟର ସମନ୍ୱୟମୂଳକ ଜ୍ଞାନ ଅଛି । ଯେଉଁ ପ୍ରଶାନ୍ତି ଓ ପୂର୍ଣ୍ଣଜ୍ଞାନର ସ୍ଥିତିକୁ ଉଠିଯିବା ଯୋଗୀର ଲକ୍ଷ୍ୟ, ସେଥିପାଇଁ ପ୍ରଥମେ ଆବଶ୍ୟକ ହେଉଛି ସମସ୍ତ ଜୀବନ ଓ ଅସ୍ତିତ୍ୱକୁ ଧୀର ଭାବରେ ଓ ସମଗ୍ର ରୂପରେ ଦେଖିବା ଏବଂ ଏହାର ଆପାତବିରୋଧୀ ସତ୍ୟସବୁ ଦ୍ୱାରା ବିଭ୍ରାନ୍ତ ନହେବା । ଆମର ଜଟିଳ ସତ୍ତାର ଗୋଟିଏ ପ୍ରାନ୍ତରେ ଆତ୍ମା ସହ ପ୍ରକୃତିର ସମ୍ପର୍କର ଗୋଟିଏ ବିଭାବ ହେଉଛି ଏକ ପ୍ରକାର ପୂର୍ଣ୍ଣ ସ୍ୱାଧୀନତା ଏବଂ ଏହାର ବିପରୀତ ପ୍ରାନ୍ତରେ ଏହାର ବିପରୀତ ବିଭାବଟି ହେଉଛି ପ୍ରକୃତିର ପୂର୍ଣ୍ଣ ନିୟନ୍ତୃତ୍ୱ । ଏବଂ ଏହାଛଡ଼ା ମଧ୍ୟ ବିକାଶଶୀଳ ମନରେ ଏହି ଦୁଇ ବିପରୀତ ସତ୍ୟର ଏକ ବିକୃତ ପ୍ରତିବିମ୍ବ ପଡ଼ିବା ଫଳରେ ଆତ୍ମାରେ ଏକପ୍ରକାର ଆଂଶିକ ଓ ଆପାତସ୍ୱାଧୀନତାର ଏକ ଆଭାସ ହୁଏ କିନ୍ତୁ ଏହି ସ୍ୱାଧୀନତାର କୌଣସି ବାସ୍ତବତା ନାହିଁ । ଆମେ ସାଧାରଣତଃ ଏହି ଶେଷ ଜିନିଷଟିକୁ ଊଣାଧିକେ ଭ୍ରାନ୍ତ ଭାବରେ ସ୍ୱାଧୀନ ଇଚ୍ଛାର ନାମ ଦେଇଥାଉ, କିନ୍ତୁ ଗୀତା ପୂର୍ଣ୍ଣ ମୁକ୍ତି ଓ ପ୍ରଭୁତ୍ୱ ବ୍ୟତୀତ ଅନ୍ୟ କୌଣସି କିଛିକୁ ସ୍ୱାଧୀନତା ବୋଲି ସ୍ୱୀକାର କରେ ନାହିଁ ।

ଆମକୁ ବରାବର ମନେ ରଖିବାକୁ ହେବ ଯେ ଆତ୍ମା ଓ ପ୍ରକୃତି ସମ୍ପର୍କରେ

ଗୀତାର ସମସ୍ତ ଶିକ୍ଷା ପଛରେ ଦୁଇଟି ମହାନ୍ ତତ୍ତ୍ୱ ରହିଛି – ଗୋଟିଏ ହେଲା ସାଂଖ୍ୟର ପୁରୁଷ-ପ୍ରକୃତି ତତ୍ତ୍ୱ ଯାହାକି ବେଦାନ୍ତର ପୁରୁଷତ୍ରୟ ତତ୍ତ୍ୱ ଦ୍ୱାରା ସଂଶୋଧିତ ଓ ପରିପୂର୍ଣ୍ଣ କରାଯାଇଛି ଏବଂ ଅନ୍ୟଟି ହେଲା ଦ୍ୱିବିଧ ପ୍ରକୃତିର ତତ୍ତ୍ୱ ଯାହାର ନିମ୍ନତର ରୂପ ହେଲା ତ୍ରିଗୁଣାତ୍ମିକା ମାୟା ଓ ଉଚ୍ଚତର ରୂପ ହେଲା ଦିବ୍ୟ ପ୍ରକୃତି ଏବଂ ଯଥାର୍ଥ ଅଧ୍ୟାତ୍ମ ପ୍ରକୃତି । ଏହାହିଁ ହେଉଛି ଚାବିକାଠି, ଯାହାଦ୍ୱାରା ଆମେ ସବୁକିଛିର ସମନ୍ୱୟ ଓ ଯଥାର୍ଥ ବ୍ୟାଖ୍ୟା ପାଉ; ଅନ୍ୟଥା ଆମକୁ ଗୀତାଶିକ୍ଷାର ଅନେକ ବିଷୟକୁ ପରସ୍ପର ବିରୋଧୀ ଓ ଅସମଞ୍ଜସ ବୋଲି ଛାଡ଼ି ଦେବାକୁ ପଡ଼ନ୍ତା । ପ୍ରକୃତରେ ଆମର ଚେତନାମୟ ଜୀବନର ବିଭିନ୍ନ ସ୍ତର ରହିଛି ଏବଂ ଗୋଟିଏ ସ୍ତରରେ ଯାହା ବାସ୍ତବ ସତ୍ୟ, ତାହାର ଉପରର ଏକ ସ୍ତରକୁ ଉଠିଗଲେ ତାହା ଆଉ ସତ୍ୟ ହୋଇ ରହେ ନାହିଁ, କାରଣ ସେତେବେଳେ ଏହା ସମ୍ପୂର୍ଣ୍ଣ ଭିନ୍ନରୂପ ଗ୍ରହଣ କରେ, ଉପରୁ ଆମେ ବିଷୟସବୁକୁ ଏକ ଅଧିକତର ସମଗ୍ର ଭାବରେ ଦେଖିବାକୁ ସମର୍ଥ ହେଉ । ଆଧୁନିକ ବୈଜ୍ଞାନିକ ଆବିଷ୍କାର ସ୍ପଷ୍ଟରୂପେ ଦେଖାଇ ଦେଇଛି ଯେ ମନୁଷ୍ୟ, ପଶୁ, ଉଦ୍ଭିଦ-ଜଗତ୍, ଏପରିକି ଧାତୁଦ୍ରବ୍ୟ ପର୍ଯ୍ୟନ୍ତ ସମସ୍ତଙ୍କ ଭିତରେ ଯେଉଁ ପ୍ରାଣମୟ ପ୍ରତିକ୍ରିୟା ରହିଛି, ତାହା ମୂଳତଃ ସମାନ । ତେଣୁ ଯଦି ପ୍ରତ୍ୟେକଙ୍କ ଭିତରେ ଏକ ପ୍ରକାର ସ୍ନାୟବିକ ଚେତନା ରହିଥାଏ ତେବେ ସେମାନଙ୍କର ସ୍ଥୂଳ ମନସ୍ତାତ୍ତ୍ୱିକ ଭିତ୍ତି ସମାନ ହେବା କଥା । ଅଥଚ ଯଦି ଏମାନେ ପ୍ରତ୍ୟେକେ ନିଜ ନିଜର ଅନୁଭୂତିସବୁର ଏକ ମାନସିକ ବିବରଣୀ ଦେଇପାରନ୍ତେ ତେବେ ଆମେ ସେଇ ସମାନ ପ୍ରତିକ୍ରିୟା, ସେଇ ସମାନ ପ୍ରକୃତିତତ୍ତ୍ୱର ଚାରିପ୍ରକାର ସମ୍ପୂର୍ଣ୍ଣ ଭିନ୍ନ ଓ ଅନେକାଂଶରେ ପରସ୍ପର ବିରୋଧୀ ବର୍ଣ୍ଣନା ପାଆନ୍ତୁ । କାରଣ ଆମେ ସତ୍ତାର ଯେତିକି ଉପରର ସ୍ତରକୁ ଉଠୁ ପ୍ରତ୍ୟେକ ଜିନିଷର ଅର୍ଥ ଓ ମୂଲ୍ୟ ସେହି ଅନୁପାତରେ ବଦଳିଯାଏ ଓ ସମ୍ପୂର୍ଣ୍ଣ ଏକ ଭିନ୍ନ ଦୃଷ୍ଟିଭଙ୍ଗୀ ନେଇ ସବୁକିଛିର ବିଚାର କରିବାକୁ ହୁଏ । ମାନବାତ୍ମାର ସ୍ତରସବୁ ସମ୍ବନ୍ଧରେ ମଧ୍ୟ ଠିକ୍ ସେହିପରି । ଆମର ସାଧାରଣ ମନ ନେଇ ଆମେ ଯାହାକୁ ଆମର ସ୍ୱାଧୀନ ଇଚ୍ଛା ବୋଲି କହୁଛୁ ଏବଂ ଏପରି କହିବା ପାଇଁ ମଧ୍ୟ କିଛିଟା ସୀମିତ ଯାଥାର୍ଥ୍ୟ ଅଛି, କିନ୍ତୁ ଯେଉଁ ଯୋଗୀ ଏହାର ଊର୍ଦ୍ଧ୍ୱକୁ ଉଠିଯାଇଛି, ଯାହା ପାଇଁ ଆମର ରାତ୍ରି ହେଉଛି ଦିବସ ପରି, ଏବଂ ଆମର ଦିବସ ହେଉଛି ରାତ୍ରି ପରି, ସେ ଯୋଗୀ ଏହାକୁ ସ୍ୱାଧୀନ ଇଚ୍ଛା ବୋଲି କହିବ ନାହିଁ, ସେ ଏହାକୁ ପ୍ରକୃତିର ଗୁଣସମୂହର ବଶ୍ୟତା ବୋଲିହିଁ ବିଚାର କରିବ । ସେ ସେହି ଏକହିଁ ବିଷୟକୁ ଦେଖେ କିନ୍ତୁ ସେ ତାହା ଦେଖେ ସମଗ୍ର ଜ୍ଞାନର ଅଧିକାରୀ 'କୃତ୍ସ୍ନବିତ୍'ର ଊର୍ଦ୍ଧ୍ୱତର ଦୃଷ୍ଟିକୋଣରୁ, କିନ୍ତୁ ଆମେ ଦେଖୁ ଆମର ଆଂଶିକ ଜ୍ଞାନର, 'ଅକୃତ୍ସ୍ନବିତ୍'ର ସୀମିତ ଦୃଷ୍ଟିନେଇ ଯାହାକି ଏକ ଅଜ୍ଞାନତା । ଆମେ ଯାହାକୁ ଆମର ସ୍ୱାଧୀନତା ବୋଲି କହି ଗର୍ବକରୁ ସେ ଦେଖେ ତାହା ଏକ ଦାସତ୍ୱ ।

ସର୍ବଦା ନିମ୍ନପ୍ରକୃତିର ଜାଲରେ ବଦ୍ଧ ହୋଇ ମଧ୍ୟ ଆମେ ଯେ ନିଜକୁ ସ୍ୱାଧୀନ ବୋଲି ବିଚାର କରୁ ତାହା ଏକ ଅଜ୍ଞାନତା ବୋଲି ଗୀତା ସ୍ପଷ୍ଟରୂପେ ଦେଖିଛି ଏବଂ ଏହି ଅଜ୍ଞାନ ଦାବିକୁ ଖଣ୍ଡନ କରିବାକୁ ଯାଇ ଗୀତା କହିଛି ଯେ ଏହି ସ୍ତରରେ ଅହଂରୂପୀ ଆତ୍ମା ବରାବର ପ୍ରକୃତିର ଗୁଣସମୂହର ଅଧୀନ । ଗୀତା କହିଛି "ଯଦିଓ ସମସ୍ତ କର୍ମ ପୂରାପୂରି ପ୍ରକୃତିର ଗୁଣସବୁର ଦ୍ୱାରାହିଁ ସମ୍ପନ୍ନ ହେଉଛି, ଅହଂଭାବ ଦ୍ୱାରା ବିମୂଢ଼ ଆତ୍ମା ମନେକରେ ଯେ ତାହାର 'ମୁଁ'ହିଁ ସେସବୁ କରୁଛି । କିନ୍ତୁ ଯେଉଁ ବ୍ୟକ୍ତି ଗୁଣ ଓ କର୍ମ ବିଭାଗର ପ୍ରକୃତ ତତ୍ତ୍ୱ ଜାଣେ ସେ ଉପଲବ୍ଧି କରେ ଯେ ବାସ୍ତବରେ ଗୁଣସମୂହହିଁ ପରସ୍ପର ଉପରେ କ୍ରିୟା-ପ୍ରତିକ୍ରିୟା କରୁଛନ୍ତି । ତେଣୁ ସେ ଆଉ ଆସକ୍ତି ବଶରେ ତାହା ମଧ୍ୟରେ ଆବଦ୍ଧ ହୋଇ ପଡ଼େ ନାହିଁ । ଯେଉଁମାନେ ଗୁଣସମୂହ ଦ୍ୱାରା ବିମୂଢ଼ ହୋଇପଡ଼ନ୍ତି, ସମଗ୍ରର ଜ୍ଞାନ ଯେଉଁମାନଙ୍କର ନାହିଁ, ସେମାନଙ୍କର ମନର ଧାରଣାସବୁକୁ ଯେପରି ସମଗ୍ର ଜ୍ଞାନଥିବା ବ୍ୟକ୍ତି ବିଚଳିତ ନକରେ । ତୁମର ସମସ୍ତ କର୍ମକୁ ମୋତେ ସମର୍ପଣ କରି କାମନା ଓ ଅହଂରୁ ମୁକ୍ତ ରହି ସମସ୍ତ ଶୋକ-ତାପରୁ ମୁକ୍ତ ହୋଇ ଯୁଦ୍ଧ କର ।"[୧] ଏଠାରେ ଚେତନାର ଦୁଇ ସ୍ତର ଭିତରେ, କର୍ମର ଦୁଇଟି ପ୍ରତିଷ୍ଠା ଭିତରେ ସ୍ପଷ୍ଟ ପାର୍ଥକ୍ୟ ଦେଖାଇ ଦିଆଯାଇଛି । ଗୋଟିଏ ସ୍ତରରେ ଆତ୍ମା ତାହାର ଅହଂଭାବାତ୍ମକ ପ୍ରକୃତିର ଜାଲରେ ବଦ୍ଧ ଏବଂ ନିଜ ପ୍ରକୃତିର ପ୍ରେରଣାର ଅଧୀନରେ ପରିଚାଳିତ ହୋଇ କାର୍ଯ୍ୟ କରୁଛି, ଯଦିଓ ନିଜର ସ୍ୱାଧୀନ ଇଚ୍ଛାରେ କାର୍ଯ୍ୟ କରୁଛି ବୋଲି ମନେ କରୁଛି କିନ୍ତୁ ବାସ୍ତବରେ ସେଥିରେ କୌଣସି ସ୍ୱାଧୀନ ଇଚ୍ଛା ନାହିଁ । ଅନ୍ୟ ଏକ ସ୍ତରରେ ଆତ୍ମା ମୁକ୍ତ, ସେ ଆଉ ନିଜକୁ ଅହଂ ସହିତ ଏକ କରି ଦେଖୁ ନାହିଁ; ପ୍ରକୃତିର ଊର୍ଦ୍ଧ୍ୱରେ ରହି ପ୍ରକୃତିର ବିଭିନ୍ନ କର୍ମକୁ ନିରୀକ୍ଷଣ କରୁଛି, ସମର୍ଥନ କରୁଛି ଓ ନିୟନ୍ତ୍ରଣ କରୁଛି ।

ଆମେ କହୁ ଆତ୍ମା ପ୍ରକୃତିର ଅଧୀନ କିନ୍ତୁ ଅନ୍ୟ ପକ୍ଷରେ ଗୀତା ଆତ୍ମା ଓ ପ୍ରକୃତିର ଗୁଣଧର୍ମର ବିଶ୍ଳେଷଣ କରିବାକୁ ଯାଇ କହିଛି ଯେ ପ୍ରକୃତି ହେଉଛି କାର୍ଯ୍ୟକାରିଣୀ ଶକ୍ତି ଏବଂ ଆତ୍ମା ହେଉଛି ସବୁ ସମୟରେ ପ୍ରଭୁ, ଈଶ୍ୱର । ଗୀତା ଏଠାରେ ଆତ୍ମା ଅହଂକାର ଦ୍ୱାରା ବିମୂଢ଼ ହୋଇଯିବା କଥା କହିଛି, 'ଅହଂକାରବିମୂଢ଼ାତ୍ମା' । କିନ୍ତୁ ପ୍ରକୃତ ବେଦାନ୍ତବାଦୀ ପାଇଁ ପ୍ରକୃତ ଆତ୍ମା ହେଉଛି ଭାଗବତ ସ୍ୱରୂପ, ଚିରମୁକ୍ତ ଓ ଆତ୍ମବିତ୍ । ତା'ହେଲେ ଏହି ଯେଉଁ ଆତ୍ମା ପ୍ରକୃତି ଦ୍ୱାରା ବିମୂଢ଼ ହୁଏ ଓ ପ୍ରକୃତିର ଅଧୀନ, ସେ ଆତ୍ମା କ'ଣ ? ଏହାର ଉତ୍ତର ହେଉଛି ଏଠାରେ ଆମେ ଆମ ନିମ୍ନତର ଜ୍ଞାନ ବା ମାନସିକ ଦୃଷ୍ଟିରେ ସାଧାରଣ ଭାଷାହିଁ ପ୍ରୟୋଗ କରୁଛୁ, ଆମେ କେବଳ ଆପାତ-ଆତ୍ମା ବିଷୟରେହିଁ କହୁଛୁ, ପ୍ରକୃତ

---

[୧] ମୟି ସର୍ବାଣି କର୍ମାଣି ସନ୍ନ୍ୟସ୍ୟାଧ୍ୟାତ୍ମଚେତସା ।
ନିରାଶୀର୍ନିର୍ମମୋ ଭୂତ୍ୱା ଯୁଧ୍ୟସ୍ୱ ବିଗତଜ୍ୱରଃ ॥ ୩।୩୦

ଆତ୍ମା ବା ଯଥାର୍ଥ ପୁରୁଷ ସମ୍ପର୍କରେ କହୁ ନାହୁଁ । ପ୍ରକୃତିରେ ଅହଂ ହେଉଛି ଅବଶ୍ୟମ୍ଭାବୀ ରୂପେ ପ୍ରକୃତିର ଅଧୀନ କାରଣ ଏହା ପ୍ରକୃତିରହିଁ ଏକ ଅଂଶ, ତା'ର ଯନ୍ତ୍ରର ଗୋଟିଏ ପ୍ରକ୍ରିୟା । କିନ୍ତୁ ଯେତେବେଳେ ମନୋଚେତନାରେ ରହିଥିବା ଆତ୍ମବୋଧ ନିଜକୁ ଏହି ଅହଂ ସହିତ ଏକ କରି ଦେଖେ ସେତେବେଳେ ଏହା ନିମ୍ନତର ଆତ୍ମା ବା ଅହଂ-ଆତ୍ମାର ଆଭାସ ସୃଷ୍ଟିକରେ । ଏବଂ ଏହିପରି ମଧ ଆମେ ଯାହାକୁ ସାଧାରଣତଃ ଅନ୍ତରାତ୍ମା ବୋଲି ଭାବୁ ତାହା ବାସ୍ତବରେ ପ୍ରାକୃତିକ ବ୍ୟକ୍ତିସତ୍ତା ମାତ୍ର, ଯଥାର୍ଥରେ ପୁରୁଷ ନୁହେଁ; ତାହା ହେଉଛି ଆମ ଭିତରେ ଥିବା ବାସନାତ୍ମା ଯାହାକି ପ୍ରକୃତିର କ୍ରିୟା ଭିତରେ ପଡୁଥିବା ପୁରୁଷ-ଚେତନାର ପ୍ରତିବିମ୍ବ ମାତ୍ର, ପ୍ରକୃତପକ୍ଷେ ଏହା ପ୍ରକୃତିର ଗୁଣତ୍ରୟରହିଁ ଗୋଟିଏ କ୍ରିୟା ତେଣୁ ପ୍ରକୃତିରହିଁ ଏକ ଅଂଶ । ଏହିପରି ଭାବରେ କୁହାଯାଇପାରେ ଯେ ଆମ ଭିତରେ ଦୁଇଟି ଆତ୍ମା ରହିଛି, ଗୋଟିଏ ହେଉଛି ପ୍ରାତିଭାସିକ ଆତ୍ମା ଯାହାକି କେବଳ ଅହଂ, ଏହା ହେଉଛି ଆମ ଭିତରେ ଥିବା ସେହି ମାନସିକ କେନ୍ଦ୍ର ଯେକି ପ୍ରକୃତିର ଏହି ପରିବର୍ତ୍ତନଶୀଳ କ୍ରିୟାକୁ, ଏହି ପରିବର୍ତ୍ତନଶୀଳ ବ୍ୟକ୍ତିସତ୍ତାକୁ ଗ୍ରହଣ କରି କହେ, ''ମୁଁ ହେଉଛି ଏହି ବ୍ୟକ୍ତିତ୍ୱ, ମୁଁ ହେଉଛି ଏହି ପ୍ରାକୃତିକ ସତ୍ତା, ମୁଁ ଏହି କର୍ମସବୁ କରୁଛି'', କିନ୍ତୁ ଏହି ପ୍ରାକୃତିକ ସତ୍ତା ପ୍ରକୃତି ଛଡ଼ା ଅନ୍ୟ କିଛି ନୁହେଁ, ଏହା ପ୍ରକୃତିର ଗୁଣସମୂହର ଏକ ସମବାୟ ମାତ୍ର । ଅପରଟିହିଁ ହେଉଛି ଆମର ଯଥାର୍ଥ ଆତ୍ମା, ବାସ୍ତବରେ ତାହାହିଁ ପ୍ରକୃତିର ଭର୍ତ୍ତା, ଭୋକ୍ତା ଓ ପ୍ରଭୁ, ତାହା ପ୍ରକୃତି ଭିତରେ ରୂପାନ୍ୱିତ ହେଲେ ମଧ ନିଜେ ପରିବର୍ତ୍ତନଶୀଳ ପ୍ରାକୃତିକ ସତ୍ତା ନୁହେଁ । ତେଣୁ ମୁକ୍ତିର ଉପାୟ ହେଉଛି ଏହି ବାସନାତ୍ମକ ଆତ୍ମାର କାମନା-ବାସନାସବୁରୁ ଏବଂ ଅହଂର ମିଥ୍ୟା ଆତ୍ମବୋଧରୁ ମୁକ୍ତ ହେବା । ତେଣୁ ଦିବ୍ୟଗୁରୁ କହିଲେ ବାସନା ଓ ଅହଂରୁ ମୁକ୍ତ ହୋଇ 'ନିରାଶୀଃ ନିର୍ମମୋ ଭୂତ୍ୱା', ତୁମର ଆତ୍ମାକୁ କାତରତାରୁ ମୁକ୍ତ କରି ଯୁଦ୍ଧ କର ।

ଆମ ସତ୍ତା ସମ୍ପର୍କରେ ଏହି ମତର ମୂଳ ହେଉଛି, ଆମ ପ୍ରକୃତି ସମ୍ବନ୍ଧରେ ସାଂଖ୍ୟର ପୁରୁଷ ପ୍ରକୃତି-ଯୁଗ୍ମତତ୍ତ୍ୱର ବିଶ୍ଳେଷଣ । ପୁରୁଷ ହେଉଛି ନିଷ୍କ୍ରିୟ, ଅକର୍ତ୍ତା ଏବଂ ପ୍ରକୃତି ହେଉଛି କ୍ରିୟାଶୀଳା, କର୍ତ୍ତ୍ରୀ । ପୁରୁଷ ହେଉଛି ଚେତନାର ଆଲୋକରେ ପରିପୂର୍ଣ୍ଣ ଏକ ସତ୍ତା, ପ୍ରକୃତି ହେଉଛି ଜଡ଼, ଯାନ୍ତ୍ରିକ, ତାହାର ସମସ୍ତ କ୍ରିୟାକୁ ଚେତନଶୀଳ ସାକ୍ଷୀ ପୁରୁଷରେ ପ୍ରତିବିମ୍ବିତ କରେ । ପ୍ରକୃତି ତାହାର ତ୍ରିଗୁଣର ଅସମତା ଭିତରେହିଁ କର୍ମ କରୁଛି ଏବଂ ଗୁଣସବୁ ନିରନ୍ତର ପରସ୍ପର ସହିତ ସଂଘର୍ଷ କରୁଛନ୍ତି, ମିଶ୍ରିତ ହେଉଛନ୍ତି ଓ ପରିବର୍ତ୍ତିତ ହେଉଛନ୍ତି ଏବଂ ପ୍ରକୃତି ତାହାର ଅହଂବୁଦ୍ଧିର କ୍ରିୟା ଦ୍ୱାରା ପୁରୁଷକୁ ଏହିସବୁ କର୍ମ ସହିତ ଏକାତ୍ମ କରାଇ ଦେଉଛି, ଏବଂ ଏହି ଭାବରେ ଏହା ଆତ୍ମାର ନୀରବ, ଚିରନ୍ତନ ଶାଶ୍ୱତ ସତ୍ତାରେ ଏକ ସକ୍ରିୟ, ପରିବର୍ତ୍ତନଶୀଳ କ୍ଷଣସ୍ଥାୟୀ ବ୍ୟକ୍ତିତ୍ୱବୋଧର ପ୍ରତୀତି ସୃଷ୍ଟି କରୁଛି,

ଅଶୁଦ୍ଧ ପ୍ରାକୃତିକ ଚେତନା, ଶୁଦ୍ଧ ଆତ୍ମଚେତନାକୁ ମେଘାଚ୍ଛନ୍ନ କରିଦିଏ, ମନ ଅହଂ ଓ ବ୍ୟକ୍ତି ସତ୍ତାରେ ଥିବା ପୁରୁଷକୁ ଭୁଲିଯାଏ ଏବଂ ଆମେ ଆମର ବିଚାରବୁଦ୍ଧିକୁ ଇନ୍ଦ୍ରିୟଗତ ମନ ଓ ଏହାର ବହିର୍ମୁଖୀ କ୍ରିୟାସବୁ ଦ୍ୱାରା ଏବଂ ପ୍ରାଣ ଓ ଦେହର କାମନା-ବାସନା ଦ୍ୱାରା ଭାସି ଯିବାକୁ ଛାଡ଼ି ଦେଉ । ଯେପର୍ଯ୍ୟନ୍ତ ପୁରୁଷ ଏହି କାର୍ଯ୍ୟକୁ ଅନୁମତି ଦେଉଥିବ ସେପର୍ଯ୍ୟନ୍ତ ଆମ ପ୍ରକୃତି-ସତ୍ତା ଉପରେ ଅହଂ, ବାସନା ଓ ଅଜ୍ଞାନର ଅଖଣ୍ଡ ରାଜୁତି ଚାଲୁଥିବ ।

କିନ୍ତୁ ଏହାହିଁ ଯଦି ସବୁ କଥା ହୋଇଥା'ନ୍ତା, ତେବେ ଏହାର ଏକମାତ୍ର ପ୍ରତିକାର ହୁଅନ୍ତା ଏହି ଅନୁମତିକୁ ପୂରାପୂରି ପ୍ରତ୍ୟାହାର କରି ଆଣିବା ଓ ଏହି ପ୍ରତ୍ୟାହାର ଫଳରେ ଆମର ସମଗ୍ର ପ୍ରକୃତିକୁ ଗୁଣତ୍ରୟର ଏକ ନିଶ୍ଚଳ ସାମ୍ୟାବସ୍ଥା ଭିତରେ ପଡ଼ିବାକୁ ଛାଡ଼ିଦେବା ବା ବାଧ କରିବା ଏବଂ ଏହି ଭାବରେ ସମସ୍ତ କର୍ମରୁ ସମ୍ପୂର୍ଣ୍ଣ ବିରତ ହେବା । କିନ୍ତୁ ଠିକ୍ ଏହି ପ୍ରତିକାରଟିକୁହିଁ ଗୀତା ବାରଂବାର ନିରୁତ୍ସାହିତ କରିଛି, ଯଦିଓ ନିଃସନ୍ଦେହ ରୂପେ ଏହା ଏକ ପ୍ରକାର ପ୍ରତିକାର କିନ୍ତୁ ଏହି ପ୍ରତିକାର ରୋଗ ସହିତ ରୋଗୀକୁ ମଧ୍ୟ ଶେଷ କରିଦିଏ । ବିଶେଷତଃ ଯଦି ଏହି ସତ୍ୟକୁ ଅଜ୍ଞାନୀ ବ୍ୟକ୍ତିମାନଙ୍କ ଉପରେ ଲଦି ଦିଆଯାଏ ସେମାନେ ଏକ ପ୍ରକାର ତାମସିକ ନିଷ୍କ୍ରିୟତାହିଁ ଅବଲମ୍ବନ କରିବେ । ସେମାନଙ୍କର ବିଚାରବୁଦ୍ଧି ଏକ ପ୍ରକାର ଭ୍ରାନ୍ତ ବିଭେଦ, ଏକ ମିଥ୍ୟା ବିରୋଧ, 'ବୁଦ୍ଧିଭେଦଃ'ରେ ପତିତ ହେବ, ସେମାନଙ୍କର କର୍ମପ୍ରବଣ ପ୍ରକୃତି ଏବଂ ସେମାନଙ୍କର ବୁଦ୍ଧି ପରସ୍ପର ବିରୋଧରେ ଛିଡ଼ା ହେବେ ଏବଂ କୌଣସି ସତ୍ୟ ଫଳ ଉତ୍ପନ୍ନ ନକରି ବିକ୍ଷୋଭ ଓ ବିଭ୍ରାନ୍ତିହିଁ ସୃଷ୍ଟି କରିବେ । ଏକ ମିଥ୍ୟା ଓ ଆତ୍ମ-ପ୍ରତାରଣାମୂଳକ କର୍ମଧାରା, 'ମିଥ୍ୟାଚାରଃ' ସୃଷ୍ଟି ହେବ, କିଂବା କେବଳ ତାମସିକ ଜଡ଼ତା, କର୍ମରୁ ବିରତି, ଜୀବନ ଓ କର୍ମ ପ୍ରତି ଅପ୍ରବୃତ୍ତି ଦେଖାଦେବ, ଯାହାକି ପ୍ରକୃତରେ ମୁକ୍ତି ନୁହେଁ ବରଂ ଗୁଣତ୍ରୟର ଭିତରୁ ନିକୃଷ୍ଟତମ ଗୁଣ, ଅଜ୍ଞାନ ଓ ଜଡ଼ତାର ଗୁଣ ତାମସରହିଁ ବଶ୍ୟତା ସ୍ୱୀକାର । କିଂବା ସେମାନେ ଆଦୌ କୌଣସି କଥା ବୁଝିବାକୁ ସକ୍ଷମ ହେବେ ନାହିଁ, ସେମାନେ ଏହି ମହତ୍ତର ଶିକ୍ଷାରେ ଦୋଷ ଦେଖିବେ, ଏହା ବିରୋଧରେ ସେମାନଙ୍କର ବର୍ତ୍ତମାନର ମାନସିକ ଅନୁଭୂତି, ସ୍ୱାଧୀନ ଇଚ୍ଛା ସମ୍ପର୍କରେ ସେମାନଙ୍କର ଅଜ୍ଞାନମୟ ଧାରଣାକୁ ଛିଡ଼ା କରାଇବେ, ନିଜର ଯୁକ୍ତି ପାଇଁ ମିଥ୍ୟା ସମର୍ଥନ ଖୋଜି ଅହଂ ଓ ବାସନାର ପ୍ରବଞ୍ଚନାରେ ଆହୁରି ମୋହଗ୍ରସ୍ତ ହେବେ ଏବଂ ନିଜର ଅଜ୍ଞାନତାକୁ ଆହୁରି ଗଭୀର ଓ ଦୃଢ଼ ସମର୍ଥନ ଜଣାଇ ନିଜ ମୁକ୍ତିର ସମସ୍ତ ସମ୍ଭାବନାକୁ ନଷ୍ଟ କରିବେ ।

ବାସ୍ତବରେ ଏହିସବୁ ଉଚ୍ଚତର ସତ୍ୟ, ଚେତନା ଓ ସତ୍ତାର କେବଳ ଉଚ୍ଚତର ଓ ବିଶାଳତର କ୍ଷେତ୍ରରେହିଁ ସହାୟକ ହୋଇପାରିବେ, କାରଣ ସେହିଠାରେହିଁ କେବଳ ସେମାନେ

ଅନୁଭୂତିରେ ସତ୍ୟ ହୋଇଉଠନ୍ତି ଓ ସେସବୁକୁ ଜୀବନରେ ଅନୁସରଣ କରିବା ସମ୍ଭବ ହୁଏ । ଏହିସବୁ ସତ୍ୟକୁ ନିମ୍ନରୁ ଦେଖିବା ଅର୍ଥ ସେସବୁକୁ ଭୁଲ୍ ଦେଖିବା, ଭୁଲ୍ ବୁଝିବା ଓ ସମ୍ଭବତଃ ସେସବୁର ଭୁଲ୍ ପ୍ରୟୋଗ କରିବା । ଏହା ଏକ ଉଚ୍ଚତର ସତ୍ୟ ଯେ ଭଲ ଓ ମନ୍ଦର ପ୍ରଭେଦ କେବଳ ଅହଂଭାବାପନ୍ନ ମାନବଜୀବନ ପାଇଁ ଉପଯୋଗୀ ଏକ ବ୍ୟବହାରିକ ନିୟମ ମାତ୍ର ଓ ଏହି ଧରଣର ମାନବଜୀବନ ପଶୁତ୍ୱରୁ ଦେବତ୍ୱର ସ୍ତରକୁ ଉଠିଯିବାର ଏକ ମଧ୍ୟବର୍ତ୍ତୀ ଅବସ୍ଥା ମାତ୍ର; କିନ୍ତୁ ଏକ ଉଚ୍ଚତର ସ୍ତରକୁ ଉଠିଗଲେ ଆମେ ଏହି ଭଲ ଓ ମନ୍ଦର ଊର୍ଦ୍ଧ୍ୱକୁ ଉଠିଯାଉ ଏବଂ ଭଗବାନ୍ ଯେପରି ଏହି ଦ୍ୱନ୍ଦ୍ୱର ଅତୀତ ଆମେ ମଧ୍ୟ ସେହିପରି ହୋଇଉଠୁ କିନ୍ତୁ ଯେଉଁଠି ଏହି ସତ୍ୟର କୌଣସି ବାସ୍ତବ ମୂଲ୍ୟ ନାହିଁ, ସେହି ନିମ୍ନତର ଚେତନାରୁ ଉପରକୁ ନଉଠି ଯେଉଁ ଅପରିପକ୍ୱ ମନ ଏହି ସତ୍ୟକୁ ଧରିବାକୁ ଯିବ, ସେ କେବଳ ନିଜର ଆସୁରିକ ପ୍ରବୃତ୍ତିକୁ ପ୍ରଶ୍ରୟ ଦେବା ପାଇଁ ଏହାକୁ ଏକ ସୁବିଧାଜନକ ଆଳ ରୂପେ ବ୍ୟବହାର କରିବ ଏବଂ ଭଲ ଓ ମନ୍ଦ ଭିତରେ ପାର୍ଥକ୍ୟକୁ ସମ୍ପୂର୍ଣ୍ଣ ଅସ୍ୱୀକାର କରି ନିମ୍ନତର ଭୋଗବିଳାସରେ ବୁଡ଼ି ନିଜ ଅଧଃପତନର ପଥ ପରିଷ୍କାର କରିବ । 'ସର୍ବଜ୍ଞାନବିମୂଢ଼ାନ୍ ନଷ୍ଟାନ୍ ଅଚେତସଃ' । ପ୍ରକୃତିର ନିୟନ୍ତୃତ୍ୱ ସମ୍ପର୍କରେ ମଧ୍ୟ ଏହି ପ୍ରଥା ପ୍ରଯୁଜ୍ୟ; ଏହାର ସତ୍ୟକୁ ଲୋକେ ଭୁଲ୍‌ଭାବେ ଦେଖିପାରନ୍ତି, ଉଦାହରଣସ୍ୱରୂପ ଯେତେବେଳେ ଲୋକେ କହନ୍ତି ମଣିଷକୁ ତା'ର ପ୍ରକୃତି ଯେପରି ଗଢ଼ିଛି ସେ ସେହିପରି ହୋଇଛି ଏବଂ ତା'ର ପ୍ରକୃତି ତାହାକୁ ଯାହା କରାଇବାକୁ ବାଧ୍ୟ କରିବ ତାହା କରିବା ଛଡ଼ା ତା'ର ଗତ୍ୟନ୍ତର ନାହିଁ । ଏହା ଗୋଟିଏ ଦୃଷ୍ଟିରୁ ସତ୍ୟ, କିନ୍ତୁ ଲୋକେ ଯେଉଁ ଅର୍ଥରେ ଏପରି କହନ୍ତି ସେ ଅର୍ଥରେ ଏହା ସତ୍ୟ ନୁହେଁ; ଏହାର ଅର୍ଥ ଏପରି ନୁହେଁ ଯେ ଅହଂରେ ରହି ମନୁଷ୍ୟ ଯେଉଁସବୁ କାର୍ଯ୍ୟ କରେ ସେ ସମ୍ପର୍କରେ ତାହାର କୌଣସି ଦାୟିତ୍ୱ ନାହିଁ ବା ସେଥିପାଇଁ ତାହାକୁ କୌଣସି ଫଳ ଭୋଗ କରିବାକୁ ପଡ଼ିବ ନାହିଁ କାରଣ ଅହଂରେ ରହିଥିବା ମନୁଷ୍ୟର ଇଚ୍ଛା ଅଛି, ବାସନା ଅଛି ଏବଂ ଯେତେଦିନ ପର୍ଯ୍ୟନ୍ତ ଏହା ନିଜର ଇଚ୍ଛା ଓ ବାସନାକାମନା ଅନୁସାରେ କାର୍ଯ୍ୟ କରୁଥିବ ତାହା ତା'ର ପ୍ରକୃତି ଅନୁଯାୟୀ ହେଲେ ମଧ୍ୟ ତାକୁ ନିଜର କର୍ମଫଳ ଭୋଗ କରିବାକୁ ପଡ଼ିବ । କୁହାଯାଇପାରେ ଯେ ସେ ଏକ ଜାଲରେ ପଡ଼ିଛି, ଏକ ଫାନ୍ଦରେ ପଡ଼ିଛି, ତାହାର ବର୍ତ୍ତମାନର ଅନୁଭୂତି ଓ ସୀମାବଦ୍ଧ ଜ୍ଞାନ ପାଇଁ ଯେତେ ଦୁର୍ବୋଧ, ଯୁକ୍ତିରହିତ, ଅନ୍ୟାୟ ଓ ଭୟଙ୍କର ମନେ ହେଲେ ମଧ୍ୟ ସେ ଫାନ୍ଦକୁ ସେ ନିଜେ ବାଛିଛି, ସେ ଜାଲକୁ ସେ ନିଜ ହାତରେହିଁ ବୁଣିଛି ।

ଅବଶ୍ୟ ଗୀତା ଏହା କହିଛି ଯେ ସମସ୍ତ ପ୍ରାଣୀହିଁ ନିଜ ନିଜର ପ୍ରକୃତି ଅନୁସରଣ କରନ୍ତି, ଏହାକୁ ନିଗ୍ରହ କରିଲେ କ'ଣ ହେବ । ଯଦି କେବଳ ଏହି କଥାଟିକୁହିଁ ନିଆଯାଏ ତା'ହେଲେ ମନେହେବ ଯେପରି ଆତ୍ମା ଉପରେ ପ୍ରକୃତିର ଏକ ଅଖଣ୍ଡ ସାର୍ବଭୌମ

ଆଧିପତ୍ୟ ବିଷୟରେହିଁ କୁହାଯାଇଛି ଯାହାକୁ କି ଅତିକ୍ରମ କରାଯାଇ ନପାରେ, ''ଏପରିକି ଜ୍ଞାନୀ ବ୍ୟକ୍ତି ମଧ୍ୟ ନିଜ ପ୍ରକୃତି ଅନୁସାରେ କର୍ମ କରେ ।'' ଏବଂ ଏହାରି ଉପରେ ଭିତ୍ତି କରି ଗୀତାରେ ଆମର ସ୍ୱଧର୍ମକୁ ବିଶ୍ୱସ୍ତ ଭାବରେ ଅନୁସରଣ କରିହିଁ କର୍ମ କରିବା କଥା କୁହାଯାଇଛି । ''ନିଜର ଧର୍ମ, ସ୍ୱଧର୍ମ ଯେତେ ଦୋଷଯୁକ୍ତ ହେଲେ ମଧ୍ୟ ତାହା ଉତ୍ତମ ଭାବରେ ଅନୁଷ୍ଠିତ କରିବା ପରଧର୍ମ ଅପେକ୍ଷା ଶ୍ରେୟସ୍କର । ସ୍ୱଧର୍ମରେ ରହି ମୃତ୍ୟୁ ବରଂ ଶ୍ରେୟସ୍କର କିନ୍ତୁ ପରଧର୍ମର ଅନୁସରଣ ବିପଜ୍ଜନକ'' ।[୧] କିନ୍ତୁ ଏହି ସ୍ୱଧର୍ମ କହିଲେ ଠିକ୍ କ'ଣ ବୁଝାଏ ତାହା ଜାଣିବା ପାଇଁ ଆମକୁ ଅପେକ୍ଷା କରିବାକୁ ହେବ ଗୀତାର ଶେଷ ଅଧ୍ୟାୟ ପର୍ଯ୍ୟନ୍ତ ଯେଉଁଠିକି ପୁରୁଷ, ପ୍ରକୃତି ଓ ଗୁଣତ୍ରୟ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଛି । କିନ୍ତୁ ନିଶ୍ଚିତ ଭାବରେ ଏହାର ଅର୍ଥ ଏହା ନୁହେଁ ଯେ ଆମେ ଯାହାକୁ ପ୍ରକୃତି ବୋଲି କହୁ ସେ ଯେକୌଣସି ପ୍ରେରଣା ଦେଉନା କାହିଁକି, ତାହା ଯେତେ ଅଶୁଭ ହେଲେ ମଧ୍ୟ ଆମକୁ ତାହା ଅନୁସରଣ କରିବାକୁ ହେବ । କାରଣ ଏହି ଦୁଇଟି ଶ୍ଳୋକର ମଝିରେ ଗୀତା ମଧ୍ୟ ଆଉ ଗୋଟିଏ ବିଧାନ ଦେଇଛି, ''ପ୍ରତ୍ୟେକଟି ଇନ୍ଦ୍ରିୟର ବିଷୟରେ ରାଗ ଓ ଦ୍ୱେଷ ଛପି ରହିଛନ୍ତି, ସେମାନଙ୍କ କବଳରେ ପତିତ ହୁଅ ନାହିଁ, ସେମାନେ ଆତ୍ମାର ପଥରେ ବିଘ୍ନକାରୀ'' ।[୨] ଏବଂ ଠିକ୍ ଏହା ପରେ ପରେ ଅର୍ଜୁନ ଯେତେବେଳେ ପ୍ରଶ୍ନ କରିଛନ୍ତି ଯେ ଯଦି ଆମର ପ୍ରକୃତିକୁ ଅନୁସରଣ କଲେ କିଛି ଦୋଷ ନାହିଁ, ତା'ହେଲେ ଆମ ଭିତରେ ସେଇ ଜିନିଷଟି କ'ଣ, ଯାହା ଆମକୁ ଆମ ଇଚ୍ଛା ଓ ଚେଷ୍ଟା ବିରୋଧରେ ଯେପରି ବଳପୂର୍ବକ ପାପରେ ପ୍ରବୃତ୍ତ କରାଏ । ସେତେବେଳେ ଦିବ୍ୟଗୁରୁ ଉତ୍ତର ଦେଇଛନ୍ତି ଯେ ତାହା ହେଉଛି କାମ ଏବଂ ତାହାର ସହଚର କ୍ରୋଧ, ଏମାନେ ହେଲେ ପ୍ରକୃତିର ଦ୍ୱିତୀୟ ଗୁଣ ବିକ୍ଷୋଭାତ୍ମକ ରଜୋଗୁଣର ସନ୍ତାନ । ଏହି କାମ ବା ବାସନା ଆତ୍ମାର ପରମ ଶତ୍ରୁ, ଏହାକୁ ହତ୍ୟା କରିବାକୁ ହେବ । ଗୀତା କହିଛି ପାପକର୍ମ ପରିତ୍ୟାଗ କରିବା ହେଲା ମୁକ୍ତି ପାଇଁ ପ୍ରଥମ ପ୍ରୟୋଜନ ଏବଂ ଗୀତା ବରାବର ଆତ୍ମକର୍ତ୍ତୃତ୍ୱ, ଆତ୍ମସଂଯମ, ମନ, ଇନ୍ଦ୍ରିୟ ଓ ସମଗ୍ର ନିମ୍ନତମ ପ୍ରକୃତିର ସଂଯମ ବିଷୟରେ ଜୋର୍ ଦେଇଛି ।

ତେଣୁ ଏଠାରେ ଦୁଇଟି ଭିତରେ ପ୍ରଭେଦ ବୁଝିବାକୁ ହେବ, ଗୋଟିଏ ହେଉଛି ପ୍ରକୃତିର ମୌଳିକ, ତାହାର ନିଜସ୍ୱ ଅବଶ୍ୟମ୍ଭାବୀ କ୍ରିୟା, ଯାହାକୁ ଦମନ, ନିଷ୍କେଷିତ ବା ନିଗ୍ରହ କରିବାରେ କୌଣସି ଲାଭ ନାହିଁ; ଅନ୍ୟଟି ହେଉଛି ପ୍ରକୃତି ପାଇଁ ଆକସ୍ମିକ ଓ

---

[୧] ଶ୍ରେୟାନ୍ ସ୍ୱଧର୍ମୋ ବିଗୁଣଃ ପରଧର୍ମାତ୍ ସ୍ୱନୁଷ୍ଠିତାତ୍ ।
ସ୍ୱଧର୍ମେ ନିଧନଂ ଶ୍ରେୟଃ ପରଧର୍ମୋ ଭୟାବହଃ ॥ ୩।୩୫

[୨] ଇନ୍ଦ୍ରିୟସ୍ୟେନ୍ଦ୍ରିୟସ୍ୟାର୍ଥେ ରାଗଦ୍ୱେଷୌ ବ୍ୟବସ୍ଥିତୌ ।
ତୟୋର୍ନ ବଶମାଗଚ୍ଛେତ୍ତୌ ହ୍ୟସ୍ୟ ପରିପନ୍ଥିନୌ ॥ ୩।୩୪

ତାହାର ପଥଚ୍ୟୁତିର ବିଭ୍ରାନ୍ତି ବା ବିକୃତିର ଗତିବୃତ୍ତି, ଯାହା ଉପରେ ନିଶ୍ଚିତ ରୂପେ ଆମକୁ ସଂଯମ ଆଣିବାକୁ ହେବ । ପୁଣି ନିଗ୍ରହ ଓ ସଂଯମ ଭିତରେ ମଧ୍ୟ ପାର୍ଥକ୍ୟ ରହିଛି । ଜୋର୍ କରି ଚାପିଦେବା ବା ଦମନ କରିବା ହେଉଛି ନିଗ୍ରହ ଏବଂ ଯଥାର୍ଥ ବିନିଯୋଗ ଓ ଯଥାର୍ଥ ପରିଚାଳନା ଦ୍ୱାରା ନିୟନ୍ତ୍ରଣ ହେଉଛି ସଂଯମ । ପ୍ରଥମଟି ହେଉଛି ଇଚ୍ଛାଶକ୍ତି ଦ୍ୱାରା ପ୍ରକୃତି ଉପରେ ଅତ୍ୟାଚାର, ଯାହାକି ଶେଷରେ ସତ୍ତାର ସ୍ୱାଭାବିକ ଶକ୍ତିଗୁଡ଼ିକୁ ଅବସନ୍ନ କରିଦିଏ, 'ଆତ୍ମାନମ୍ ଅବସାଦୟେତ୍', ଦ୍ୱିତୀୟଟି ହେଉଛି ଉର୍ଦ୍ଧ୍ୱତନ ଆତ୍ମା ଦ୍ୱାରା ନିମ୍ନତମ ଆତ୍ମାକୁ ନିୟନ୍ତ୍ରଣ କରିବା, ଯାହାକି ସଫଳ ଭାବରେ ଆମର ସ୍ୱାଭାବିକ ଶକ୍ତିସବୁକୁ ସେମାନଙ୍କର ଯଥାର୍ଥ କର୍ମ ଓ ଶ୍ରେଷ୍ଠତମ ଦକ୍ଷତା ପ୍ରଦାନ କରେ – 'ଯୋଗଃ କର୍ମସୁ କୌଶଳମ୍' । ସଂଯମର ଏହି ସ୍ୱରୂପ ଗୀତାର ଷଷ୍ଠ ଅଧ୍ୟାୟର ଆରମ୍ଭରେ ବେଶ୍ ସ୍ପଷ୍ଟ କରାଯାଇଛି, "ଆତ୍ମା ଦ୍ୱାରା ଆତ୍ମାକୁ ଉଦ୍ଧାର କରିବାକୁ ହେବ, ଆତ୍ମାକୁ କେବେହେଲେ ଭୋଗ ବା ଦମନ ଦ୍ୱାରା ଅବସନ୍ନ ବା ନିର୍ଜିତ ହେବାକୁ ଦେବ ନାହିଁ, କାରଣ ଆତ୍ମାହିଁ ଆତ୍ମାର ବନ୍ଧୁ, ପୁଣି ଆତ୍ମାହିଁ ଆତ୍ମାର ଶତ୍ରୁ । ସେହି ବ୍ୟକ୍ତି ପାଇଁ ଆତ୍ମା ହେଉଛି ବନ୍ଧୁ ଯାହା ଭିତରେ ନିମ୍ନତମ ଆତ୍ମା ଉର୍ଦ୍ଧ୍ୱତନ ଆତ୍ମା ଦ୍ୱାରା ବିଜିତ ହୋଇଛି, କିନ୍ତୁ ଯେଉଁ ବ୍ୟକ୍ତି ତା'ର ଉର୍ଦ୍ଧ୍ୱତନ ଆତ୍ମାକୁ ଲାଭ କରିପାରି ନାହିଁ ତାହା ପାଇଁ ତା'ର ନିମ୍ନତନ ଆତ୍ମା ଶତ୍ରୁପରି ଏବଂ ତାହା ମଧ୍ୟ ଶତ୍ରୁବତ୍ କାର୍ଯ୍ୟ କରେ ।" ଯେତେବେଳେ ବ୍ୟକ୍ତି ନିଜର ଆତ୍ମାକୁ ଜୟ କରିଛି ଏବଂ ପୂର୍ଣ୍ଣ ଆତ୍ମ-କର୍ତ୍ତୃତ୍ୱ ଓ ଆତ୍ମଲାଭର ପ୍ରଶାନ୍ତିରେ ପ୍ରତିଷ୍ଠିତ ହୋଇଛି, ସେତେବେଳେ ତାହା ମଧ୍ୟରେ ପରମ ଆତ୍ମା ତା'ର ମାନବ-ସତ୍ତାର ବାହ୍ୟ ଚେତନାରେ ମଧ୍ୟ ପ୍ରତିଷ୍ଠିତ ବା 'ସମାହିତ' ହୋଇଛନ୍ତି । ଅନ୍ୟ କଥାରେ କହିଲେ ନିମ୍ନତର ଆତ୍ମାକୁ ଉଚ୍ଚତର ଆତ୍ମା ଦ୍ୱାରା ଆୟତ୍ତ କରିବା ଓ ପ୍ରକୃତ ସତ୍ତାକୁ ଅଧ୍ୟାତ୍ମ ସତ୍ତା ଦ୍ୱାରା ଆୟତ୍ତ କରିବା ହେଉଛି ମନୁଷ୍ୟର ସିଦ୍ଧି ଓ ମୁକ୍ତିର ପନ୍ଥା ।

ତେଣୁ ଆମେ ଏଠାରେ ଦେଖିଲୁ ପ୍ରକୃତିର ନିୟନ୍ତୃତ୍ୱ କେତେ ବେଶୀ ପରିମିତ ଏବଂ ଏହାର ଅର୍ଥ ଓ ପରିସରର ନିର୍ଦ୍ଦିଷ୍ଟ ସୀମା କ'ଣ । ପ୍ରକୃତିର ଅଧୀନତାରୁ ମୁକ୍ତ ହୋଇ କିପରି ତାହା ଉପରେ ପ୍ରଭୁତ୍ୱ ବିସ୍ତାର କରାଯାଇପାରେ ତାହା ଆମେ ସବୁଠୁ ସ୍ପଷ୍ଟ ରୂପେ ଦେଖିପାରିବୁ ଯଦି ଆମେ ଅଧଃରୁ ଉର୍ଦ୍ଧ୍ୱ ପର୍ଯ୍ୟନ୍ତ ପ୍ରକୃତିର ସ୍ତର-ବିନ୍ୟାସରେ ଗୁଣସମୂହର କ୍ରିୟାକୁ ପର୍ଯ୍ୟବେକ୍ଷଣ କରୁ । ସବୁଠୁ ନିମ୍ନରେ ଯେଉଁ ଅସ୍ତିତ୍ୱ ରହିଛି ସେଥିରେ ତମୋଗୁଣରହିଁ ପୂର୍ଣ୍ଣ ଆଧିପତ୍ୟ, ତାହାର ସତ୍ତାମାନେ ଏପର୍ଯ୍ୟନ୍ତ ଆତ୍ମ-ଚେତନାର ଆଲୋକ ଲାଭ କରି ନାହାନ୍ତି, ସେମାନେ ସମ୍ପୂର୍ଣ୍ଣ ଭାବରେ ପ୍ରକୃତିର ପ୍ରବାହରେ ଚାଳିତ ହୁଅନ୍ତି । ପରମାଣୁ ଭିତରେ ମଧ୍ୟ ଗୋଟାଏ ପ୍ରକାର ଇଚ୍ଛାଶକ୍ତି ରହିଛି କିନ୍ତୁ ଆମେ ସ୍ପଷ୍ଟ ଦେଖୁ ଯେ ତାହା ସ୍ୱାଧୀନ ଇଚ୍ଛା ନୁହେଁ, କାରଣ ଏହା ଯନ୍ତ୍ରବତ୍ ଏବଂ ପରମାଣୁଟି ଏହି

ଇଚ୍ଛା ଶକ୍ତିର ଅଧିକାରୀ ନୁହେଁ ବରଂ ଏହି ଇଚ୍ଛାଶକ୍ତି ଦ୍ୱାରା ପରମାଣୁଟି ଅଧିକୃତ । ଏଠାରେ ଯେଉଁ ବୁଦ୍ଧି ରହିଛି ଯାହାକି ପ୍ରକୃତି ଭିତରେ ବୁଦ୍ଧି ଓ ସଙ୍କଳ୍ପର ଉପାଦାନ ତାହା ସାଂଖ୍ୟ ଯେପରି କହିଛି ସ୍ପଷ୍ଟତଃ ଓ ବାସ୍ତବତଃ ଠିକ୍ ସେହିପରି ଜଡ଼, ତାହା ଏକ ସମ୍ପୂର୍ଣ୍ଣ ଯାନ୍ତ୍ରିକ, ଏପରିକି ସମ୍ପୂର୍ଣ୍ଣ ନିଶ୍ଚେତନ ତତ୍ତ୍ୱ, ଯାହା ଭିତରେ ଚେତନ ଆତ୍ମାର ଜ୍ୟୋତିଃ ସମ୍ମୁଖକୁ ଆସିବା ପାଇଁ କୌଣସି ପ୍ରୟାସ କରି ନାହିଁ, ପରମାଣୁ କୌଣସି ବୁଦ୍ଧି ବା ଇଚ୍ଛାଶକ୍ତି ସମ୍ପର୍କରେ ସଚେତନ ନୁହେଁ; ଜଡ଼ତା ଓ ଅଜ୍ଞାନର ତତ୍ତ୍ୱ ତମୋଗୁଣହିଁ ଏହାକୁ ଅଧିକାର କରିଛି, ନିଜ ଭିତରେ ରଜୋଗୁଣକୁ ଧରି ରଖିଛି, ସତ୍ତ୍ୱଗୁଣକୁ ଆବୃତ କରି ଲୁଚାଇ ରଖିଛି ଓ ଅବାଧ ପ୍ରଭୁତ୍ୱର ଲୀଳା ଚଳାଇଛି । ଅସ୍ତିତ୍ୱର ଏହି ରୂପକୁ ନେଇ ପ୍ରକୃତି ଏକ ବିରାଟ ଶକ୍ତିର ସହ କାର୍ଯ୍ୟ କରାଉଛି ସତ କିନ୍ତୁ ଏକ ନିର୍ବୋଧ ଯନ୍ତ୍ରଭଳି, 'ଯନ୍ତ୍ରାରୂଢ଼ମ୍ ମାୟୟା' । ଏହାର ଉପରର ସ୍ତର ହେଉଛି ଉଦ୍ଭିଦ ଜଗତ୍ ଯେଉଁଠାରେ କି ରଜୋଗୁଣ ସମ୍ମୁଖଭାଗକୁ ଆସିପାରିଛି ଓ ନିଜର ସଙ୍ଗରେ ଆଣିଛି ଜୀବନୀଶକ୍ତି ଓ ସ୍ନାୟବିକ ପ୍ରତିକ୍ରିୟାର ସାମର୍ଥ୍ୟ, ଯାହାକି ଆମ ଭିତରେ ଆନନ୍ଦ ଓ ଯନ୍ତ୍ରଣାରୂପେ ଅନୁଭୂତ ହୁଏ । କିନ୍ତୁ ଏଠାରେ ସତ୍ତ୍ୱଗୁଣ ସମ୍ପୂର୍ଣ୍ଣ ଆବଦ୍ଧ ହୋଇ ରହିଛି, ତାହା ଏପର୍ଯ୍ୟନ୍ତ ଆଗକୁ ଆସି, ସଚେତ ବୁଦ୍ଧି ଓ ଇଚ୍ଛାଶକ୍ତିର ଆଲୋକ ଜାଗ୍ରତ୍ କରିଦେଇ ନାହିଁ, ଏପର୍ଯ୍ୟନ୍ତ ବି ସବୁକିଛି ଯନ୍ତ୍ରବତ୍, ଅବଚେତନ ଓ ଅର୍ଦ୍ଧଚେତନ ହୋଇ ରହିଛି, ରଜଃ ଅପେକ୍ଷା ତମଃହିଁ ଶକ୍ତିଶାଳୀ ଓ ଉଭୟେ ମିଳି ସତ୍ତ୍ୱକୁ ବନ୍ଦୀ କରି ରଖିଛନ୍ତି ।

ପଶୁମାନଙ୍କ ମଧ୍ୟରେ ଯଦିଓ ତମଃ ଖୁବ୍ ଶକ୍ତିଶାଳୀ, ଯଦିଓ ଆମେ ପଶୁମାନଙ୍କୁ ତାମସିକ ସୃଷ୍ଟିର, 'ତାମସ୍ ସର୍ଗ'ର ଅନ୍ତର୍ଗତ ବୋଲି କହିପାରୁ, ତଥାପି ଏଠାରେ ରଜୋଗୁଣ ତମୋଗୁଣ ଅପେକ୍ଷା ଅଧିକ ଶକ୍ତିଶାଳୀ, ଏହା ନିଜ ସଙ୍ଗରେ ଜୀବନର ପୂର୍ବାପେକ୍ଷା ଅଧିକ ବିକଶିତ ଶକ୍ତି ଓ ବାସନା, ପ୍ରାଣାବେଗ ଓ ଦୁଃଖ ସୁଖର ଶକ୍ତି ନେଇ ଆସିଥାଏ । ଏଠାରେ ସତ୍ତ୍ୱଗୁଣର ଆବିର୍ଭାବ ହୋଇଥାଏ, କିନ୍ତୁ ତାହା ନିମ୍ନତର କ୍ରିୟାର ଅଧୀନ ହୋଇ ରହିଥାଏ ତଥାପି ଏହା ଏସବୁକୁ ପ୍ରଦାନ କରିଥାଏ ସଚେତନ ମନର ପ୍ରଥମ ଆଲୋକ, ଏକ ଯାନ୍ତ୍ରିକ ଅହଂବୋଧ, ସଚେତ ସ୍ମୃତି, ଏକ ପ୍ରକାର ଚିନ୍ତାଶକ୍ତି, ବିଶେଷ କରି ପଶୁସୁଲଭ ସହଜାତ ପ୍ରବୃତ୍ତି ଓ ବୋଧର ଏକ ଆଶ୍ଚର୍ଯ୍ୟକର ଶକ୍ତି । କିନ୍ତୁ ଏପର୍ଯ୍ୟନ୍ତ ବୁଦ୍ଧି ଚେତନାର ପୂର୍ଣ୍ଣ ଆଲୋକ ଲାଭ କରି ନାହିଁ, ତେଣୁ ପଶୁକୁ ତା'ର କାର୍ଯ୍ୟ ପାଇଁ ଦାୟୀ କରାଯାଏ ନାହିଁ । ଯେପରି ପରମାଣୁକୁ ତା'ର ଅନ୍ଧଗତି ପାଇଁ ବା ଅଗ୍ନିକୁ ତା'ର ପୋଡ଼ି ଗ୍ରାସ କରିଦେବାର କ୍ରିୟା ପାଇଁ ବା ଝଡ଼କୁ ତା'ର ଧ୍ୱଂସକ୍ରିୟା ପାଇଁ ଦୋଷ ଦିଆଯାଏ ନାହିଁ, ସେହିପରି ବାଘକୁ ସେ ପ୍ରାଣୀମାନଙ୍କୁ ମାରି ଖାଇଯାଉଛି ବୋଲି ତା' ଉପରେ କୌଣସି ଦୋଷାରୋପ କରାଯାଇପାରେ ନାହିଁ । ଯଦି ସେ ଏ ପ୍ରଶ୍ନର ଉତ୍ତର ଦେଇପାରନ୍ତା ତେବେ

ସେ ନିଶ୍ଚୟ ମଣିଷ ପରି କୁହନ୍ତା ଯେ ତାହାର ସ୍ୱାଧୀନ ଇଚ୍ଛା ରହିଛି, ନିଜ ଭିତରେ କର୍ତ୍ତାର ଅହଂବୋଧ ନେଇ କହନ୍ତା ''ମୁଁ ମାରେ, ମୁଁ ଖାଏ ।'' କିନ୍ତୁ ଆମେ ସ୍ପଷ୍ଟରୂପେ ଦେଖିପାରୁ ଯେ ପ୍ରକୃତରେ ବାଘ ନୁହେଁ, ବାଘ ଭିତରେ ଥିବା ପ୍ରକୃତିହିଁ ହତ୍ୟା କରେ, ବାଘ ଭିତରେ ଥିବା ପ୍ରକୃତିହିଁ ଗ୍ରାସ କରେ ଏବଂ ଯଦି ଏହା ହତ୍ୟା କରିବା ବା ଗ୍ରାସ କରିବାରୁ ବିରତ ହୁଏ ତେବେ ତାହା କ୍ଷୁଧାର ତୃପ୍ତିଯୋଗୁଁ ବା ଭୟ ବା ଆଳସ୍ୟ ହେତୁ, ଯାହାକି ତା' ଭିତରେ ପ୍ରକୃତିରହିଁ ଅନ୍ୟ ଏକ ଗୁଣ, ତମୋଗୁଣର କ୍ରିୟା । ବାଘ ଭିତରେ ପ୍ରକୃତିହିଁ ଯେପରି ହତ୍ୟା କରିଥାଏ, ସେହିପରି ତା' ଭିତରେ ସେହି ପ୍ରକୃତିହିଁ ହତ୍ୟା-କାର୍ଯ୍ୟରୁ ବିରତ ହୋଇଥାଏ । ତା' ଭିତରେ ଯେଉଁ ଆତ୍ମା ରହିଛି ତାହାର ସ୍ୱରୂପ ଯାହା ହେଉନା କାହିଁକି ତାହା ନିଷ୍କ୍ରିୟ ଭାବରେ ପ୍ରକୃତିର କ୍ରିୟାକୁହିଁ ସମର୍ଥନ କରିଥାଏ, ତାହା ପ୍ରକୃତିର ପ୍ରବେଗ ଓ କ୍ରିୟାବେଳେ ଯେତିକି ନିଷ୍କ୍ରିୟ, ତା'ର ଆଳସ୍ୟ ଓ ଅକର୍ମଣ୍ୟ ବେଳେ ମଧ୍ୟ ସେତିକି ନିଷ୍କ୍ରିୟ । ପରମାଣୁ ପରି ପଶୁ ମଧ୍ୟ ତା'ର ପ୍ରକୃତିର ଯାନ୍ତ୍ରିକ କ୍ରିୟା ଦ୍ୱାରାହିଁ କାର୍ଯ୍ୟ କରେ, ଅନ୍ୟ କୌଣସି ପ୍ରକାରେ ନୁହେଁ; 'ସଦୃଶଂ ଚେଷ୍ଟତେ ସ୍ୱସ୍ୟାଃ ପ୍ରକୃତେଃ' ଯେପରି ଏକ ଯନ୍ତ୍ର ଉପରେ ଚଢ଼ାହୋଇଛି, ''ଯନ୍ତ୍ରାରୂଢ଼ୋ ମାୟୟା'' ।

ଯାହେଉ, କିନ୍ତୁ ମନୁଷ୍ୟ ମଧ୍ୟରେ ଅନ୍ତତଃ ଅନ୍ୟ ଏକ ଧରଣର କ୍ରିୟା ଅଛି, ତା'ର ଏକ ସ୍ୱାଧୀନ ଆତ୍ମା, ଏକ ସ୍ୱାଧୀନ ଇଚ୍ଛା ରହିଛି, ଏକ ଦାୟିତ୍ୱବୋଧ ରହିଛି । ତା' ଭିତରେ ମାୟାର ଯାନ୍ତ୍ରିକ କ୍ରିୟାଠାରୁ ଭିନ୍ନ, ପ୍ରକୃତିଠାରୁ ଭିନ୍ନ, ଅନ୍ୟ ଏକ ଯଥାର୍ଥ କର୍ତ୍ତା ତ ରହିଛି ? ଏହିପରି ମନେହୁଏ, କାରଣ ମନୁଷ୍ୟ ଭିତରେ ଏକ ସଚେତନ ବୁଦ୍ଧି ସାକ୍ଷୀ ପୁରୁଷର ଜ୍ୟୋତିରେ ପରିପୂର୍ଣ୍ଣ । ମନେହୁଏ ସେହି ପୁରୁଷ ଏହି ବୁଦ୍ଧିର ସାହାଯ୍ୟରେ ସବୁକିଛି ଦେଖନ୍ତି, ବୁଝନ୍ତି, କୌଣସି ବିଷୟ ପାଇଁ ଅନୁମତି ଦିଅନ୍ତି ବା ନିଷେଧ କରନ୍ତି, ସମ୍ମତ ହୁଅନ୍ତି ବା ଅସମ୍ମତ ହୁଅନ୍ତି, ମନେହୁଏ ଯା'ହେଉ ଶେଷରେ ଏଇଥର ପୁରୁଷ ପ୍ରକୃତିର ପ୍ରଭୁ ହେବାକୁ ଆରମ୍ଭ କରିଛି । ମଣିଷ ଗୋଟିଏ ବ୍ୟାଘ୍ର ବା ଝଡ଼ ବା ଅଗ୍ନିଭଳି ନୁହେଁ; ସେ କାହାକୁ ହତ୍ୟା କରି ଏହି ଯୁକ୍ତି ଦେଖାଇପାରିବ ନାହିଁ ଯେ, ''ମୁଁ ମୋର ପ୍ରକୃତି ଅନୁସାରେହିଁ ଏପରି କରିଛି'', ସେ ଏପରି କରିପାରିବ ନାହିଁ ମଧ୍ୟ, କାରଣ ତା'ର ପ୍ରକୃତି ବ୍ୟାଘ୍ର, ଝଡ଼ ବା ଅଗ୍ନିର ପ୍ରକୃତି ନୁହେଁ, ତେଣୁ ସେମାନଙ୍କର କର୍ମର ନୀତି ବା ସ୍ୱଧର୍ମ ତା'ର ସ୍ୱଧର୍ମ ନୁହେଁ । ତା'ର ଏକ ସଚେତନ ବୁଦ୍ଧି ରହିଛି, ଏବଂ ସେହି ସଚେତନ ବୁଦ୍ଧିରେ ବିଚାର କରିହିଁ ସେ ତା'ର କାର୍ଯ୍ୟ କରିବ । ଯଦି ସେ ସେପରି ନକରେ, ଯଦି ସେ ନିଜର ଅନ୍ଧ ପ୍ରବୃତ୍ତି ଦ୍ୱାରା ଚାଳିତ ହୋଇ ପ୍ରାଣାବେଗରେ ଅନ୍ଧ ହୋଇ କାର୍ଯ୍ୟ କରେ, ତା'ହେଲେ ତା'ର ସତ୍ତାର ଧର୍ମ ଯଥାର୍ଥ ଭାବରେ ଅନୁଷ୍ଠିତ ହେଲା ନାହିଁ; 'ସ୍ୱଧର୍ମଃ ସୁ-ଅନୁଷ୍ଠିତଃ', ସେ ନିଜର ପୂର୍ଣ୍ଣ ମନୁଷ୍ୟତ୍ୱର ଯୋଗ୍ୟ କର୍ମ କଲା ନାହିଁ, ପଶୁଭଳିହିଁ ଆଚରଣ

କଲା । ଏହା ଅବଶ୍ୟ ସତ୍ୟ ଯେ ରଜୋଗୁଣ ବା ତମୋଗୁଣ ତା'ର ବୁଦ୍ଧିକୁ କବଳିତ କରିନିଏ ଓ ସେ ଯେତେବେଳେ କୌଣସି କର୍ମ କରେ ବା କୌଣସି କର୍ମରୁ ବିରତ ହୁଏ ସେତେବେଳେ ତାହା ସେଥିପାଇଁ ଆବଶ୍ୟକ ସମର୍ଥନ ଯୋଗାଏ । କିନ୍ତୁ ତଥାପି କର୍ମ କରିବାର ଆଗରୁ ହେଉ ବା ପରେ ହେଉ, ଏହି ବୁଦ୍ଧିର ସମର୍ଥନ ନେବାକୁ ବା ଅନ୍ତତଃ ପକ୍ଷେ ବୁଦ୍ଧିକୁ ଜଣାଇବାକୁ ତ ହୁଏ । ତା' ଛଡ଼ା ମନୁଷ୍ୟ ମଧ୍ୟରେ ସତ୍ତ୍ୱଗୁଣ ଜାଗ୍ରତ୍ । ତାହା କେବଳ ବୁଦ୍ଧିଗତ ସଙ୍କଳ୍ପ ରୂପେ କାର୍ଯ୍ୟ କରେ ନାହିଁ, ତାହା ମଧ୍ୟ ଆଲୋକ ପାଇଁ, ଯଥାର୍ଥ ଜ୍ଞାନ ପାଇଁ ଓ ସେହି ଜ୍ଞାନ ଅନୁସାରେ କର୍ମ କରିବା ପାଇଁ ଅଭୀପ୍ସା କରେ; ଅନ୍ୟମାନଙ୍କ ଜୀବନ ଓ ଦାବିକୁ ସହାନୁଭୂତି ସହ ବିବେଚନା କରେ, ଭିତରର ସାତ୍ତ୍ୱିକତା ଦ୍ୱାରା ସୃଷ୍ଟ ହୋଇଥିବା ନିଜ ପ୍ରକୃତିର ଉଚ୍ଚତମ ଧର୍ମକୁ ଜାଣିବା ପାଇଁ ଓ ତାହାକୁ ଅନୁସରଣ କରିବା ପାଇଁ ଚେଷ୍ଟା କରେ ଏବଂ ମହତ୍ତ୍ୱ, ଜ୍ଞାନ ଓ ସହାନୁଭୂତି ନିଜ ସଙ୍ଗରେ ଯେଉଁ ମହତ୍ତର ଶାନ୍ତି ଓ ଆନନ୍ଦ ନେଇ ଆସେ ତାହାର ଯଥାର୍ଥ ବୋଧ ରୂପରେ କ୍ରିୟା କରେ । ମନୁଷ୍ୟ ଊଣା-ଅଧିକେ ଅସମ୍ପୂର୍ଣ୍ଣ ଭାବରେ ଜାଣେ ଯେ ନିଜର ସାତ୍ତ୍ୱିକ ପ୍ରକୃତି ଦ୍ୱାରା ନିଜର ରାଜସିକ ଓ ତାମସିକ ପ୍ରକୃତିକୁ ଶାସନ କରିବାକୁ ହେବ ଏବଂ ତା'ର ସାଧାରଣ ମନୁଷ୍ୟତ୍ୱର ପୂର୍ଣ୍ଣତା ପାଇଁ ଏହାହିଁ ପନ୍ଥା ।

କିନ୍ତୁ ସାତ୍ତ୍ୱିକ ପ୍ରକୃତିର ପ୍ରାଧାନ୍ୟ ରହିଥିବା ଅବସ୍ଥାକୁ କ'ଣ ସ୍ୱାଧୀନତା କୁହାଯିବ ? ମନୁଷ୍ୟ ଭିତରେ ଏହି ଇଚ୍ଛା କ'ଣ ସ୍ୱାଧୀନ ଇଚ୍ଛା ? ଏକ ଉଚ୍ଚତର ଚେତନାର ଦୃଷ୍ଟିରୁ ଗୀତା ଏହା ଅସ୍ୱୀକାର କରୁଛି, କାରଣ କେବଳ ଚେତନାର ସେହି ଉଚ୍ଚତର ଅବସ୍ଥାରେହିଁ ଯଥାର୍ଥ ସ୍ୱାଧୀନତା ସମ୍ଭବପର । ବୁଦ୍ଧି ହେଉଛି ପ୍ରକୃତିରହିଁ ଏକ ଯନ୍ତ୍ର ଏବଂ ଯେତେବେଳେ ଏହା କ୍ରିୟା କରେ, ଏପରିକି ସର୍ବଶ୍ରେଷ୍ଠ ସାତ୍ତ୍ୱିକ ଭାବ ନେଇ କ୍ରିୟାକଲାବେଳେ ମଧ୍ୟ ସେହି କ୍ରିୟା ପ୍ରକୃତରେ ପ୍ରକୃତି ଦ୍ୱାରାହିଁ ହୁଏ ଏବଂ ଆତ୍ମା ଯନ୍ତ୍ରାରୂଢ଼ ପରି ମାୟା ଦ୍ୱାରାହିଁ ଚାଳିତ ହେଉଥାଏ । ସେ ଯାହାହେଉ, ଆମେ ଯାହାକୁ ଇଚ୍ଛାର ସ୍ୱାଧୀନତା ବୋଲି କହୁ ତାହାର ଦଶଭାଗରୁ ନଅ ଭାଗହିଁ ମିଥ୍ୟା କଳ୍ପନା ମାତ୍ର, ସେହି ଇଚ୍ଛା କୌଣସି ନିର୍ଦ୍ଦିଷ୍ଟ ମୁହୂର୍ତ୍ତରେ ତା'ର ନିଜର ସ୍ୱୟଂସିଦ୍ଧ କ୍ରିୟା ଦ୍ୱାରା ସୃଷ୍ଟ ବା ନିର୍ଦ୍ଧାରିତ ହୁଏ ନାହିଁ, ତାହା ନିର୍ଦ୍ଧାରିତ ହୁଏ ଆମର ଅତୀତ, ଆମର ପରମ୍ପରା, ଆମର ଶିକ୍ଷା, ପରିବେଶ ଓ ସେହି ସମଗ୍ର ଜଟିଳ ବିଷୟସବୁ ଦ୍ୱାରା, ଯାହାକୁ ଆମେ 'କର୍ମ' ବୋଲି କହୁ । ଏହି କର୍ମ ହେଉଛି ଆମ ଉପରେ ଓ ଜଗତ୍ ଉପରେ ହୋଇ ସାରିଥିବା ପ୍ରକୃତିର ସମଗ୍ର ଅତୀତ କ୍ରିୟା, ଯାହାକି ପ୍ରତ୍ୟେକ ବ୍ୟକ୍ତି ମଧ୍ୟରେ କେନ୍ଦ୍ରୀଭୂତ ହୋଇ ରହିଛି ଏବଂ କୌଣସି ନିର୍ଦ୍ଦିଷ୍ଟ ମୁହୂର୍ତ୍ତରେ ସେ ବ୍ୟକ୍ତି କ'ଣ ହେବ ତା'ର ଇଚ୍ଛା କ'ଣ ହେବ, ତାହା ନିର୍ଦ୍ଧାରିତ କରିଦେଉଛି ଏବଂ ଯେତେଦୂର ବିଶ୍ଳେଷଣ କରି ଦେଖାଯାଏ ସେହି ମୁହୂର୍ତ୍ତରେ ସେହି ବ୍ୟକ୍ତିର କାର୍ଯ୍ୟ

କ'ଣ ହେବ ତାହା ମଧ୍ୟ ଏହି କର୍ମହିଁ ନିର୍ଦ୍ଧାରଣ କରିଦେଉଛି । ଅହଂ ସବୁବେଳେ ନିଜକୁ ଏହି କର୍ମ ସହିତ ଏକ କରି ଦେଖେ ଏବଂ କହେ 'ମୁଁ କାର୍ଯ୍ୟ କରୁଛି', 'ମୁଁ ଇଚ୍ଛା କରୁଛି', 'ମୁଁ ଦୁଃଖ ଭୋଗୁଛି', କିନ୍ତୁ ସେ ଯଦି ନିଜକୁ ଚାହିଁ ଦେଖନ୍ତା ଏବଂ ବୁଝନ୍ତା ଯେ ସେ କିପରି ଗଠିତ ହୋଇଛି, ପଶୁ କ୍ଷେତ୍ରରେ ଯେପରି, ମନୁଷ୍ୟ କ୍ଷେତ୍ରରେ ମଧ୍ୟ ସେହିପରି କହିବାକୁ ବାଧ୍ୟ ହୁଅନ୍ତା ଯେ, ''ପ୍ରକୃତି ମୋ ଭିତରେ ଏହା କରାଉଅଛି'', 'ପ୍ରକୃତି ମୋ ଭିତରେ ଇଚ୍ଛା କରୁଛି', ଏବଂ ଯଦି ସେ ଏହି ପ୍ରକୃତିକୁ ''ମୋ ପ୍ରକୃତି'' ବୋଲି କହେ, ତେବେ ତାହାର ଅର୍ଥ ହେଉଛି, ''ଏହି ବ୍ୟକ୍ତିଗତ ଜୀବଟି ମଧ୍ୟରେ ପ୍ରକୃତି ନିଜ ସିଦ୍ଧାନ୍ତ ଅନୁଯାୟୀ କାର୍ଯ୍ୟକରୁଛି'' । ଜୀବନର ଏହି ବିଭାବଟିର ତୀବ୍ର ଉପଲବ୍ଧି ଫଳରେହିଁ ବୌଦ୍ଧମାନଙ୍କୁ କହିବାକୁ ପଡ଼ିଥିଲା ଯେ ସବୁକିଛି ହେଉଛି କେବଳ କର୍ମ, ଆତ୍ମାର କୌଣସି ଅସ୍ତିତ୍ୱ ନାହିଁ, ଆତ୍ମାର ଧାରଣା କେବଳ ଅହଂବୁଦ୍ଧିର ଏକ ଭ୍ରମ । ଅହଂ ଯେତେବେଳେ ଭାବେ ଯେ, ''ମୁଁ ଏହି ପୁଣ୍ୟ କର୍ମଟି କରିବା ପାଇଁ ପସନ୍ଦ କରିଛି ଓ ସ୍ଥିର କରିଛି ଏବଂ ସେହି ପାପକର୍ମଟିକୁ ନ କରିବା ପାଇଁ ସ୍ଥିର କରିଛି'', ସେତେବେଳେ ପ୍ରକୃତରେ ସେ ନିଜକୁ କେବଳ ସତ୍ତ୍ୱଗୁଣର ଏକ ପ୍ରଧାନ ତରଙ୍ଗ ବା ଧାରା ସହିତ ଏକ ବୋଲି ବିଚାର କରିଛି କିନ୍ତୁ ଯେଉଁ ଲୋକ ନିଜେ ପସନ୍ଦ କରି ଏପରି ସ୍ଥିର କରିଛି ବୋଲି ମନେ କରେ, ପ୍ରକୃତରେ ତା'ର ଅବସ୍ଥା ହେଉଛି ଠିକ୍ ସେହିପରି ଯେପରି ଘୂରୁଥିବା କୌଣସି ଚକ ଉପରେ ବସିଥିବା ମାଛିଟିଏ ବା ସେହି ଯନ୍ତ୍ରର କୌଣସି ଅଂଶ ଭାବନ୍ତା ତା'ର ଇଚ୍ଛା ବା ପସନ୍ଦ ଅନୁଯାୟୀ ଏହି ଚକ ଏପରି ଘୂରୁଛି । ଏହି ଭାବରେହିଁ ପ୍ରକୃତି ବୁଦ୍ଧିକୁ ନିଜର ଉପକରଣ କରି କୌଣସି ଗୋଟିଏ ଧରଣର କାମ ଅପେକ୍ଷା ଅଧିକ ପସନ୍ଦପୂର୍ବକ ଅନ୍ୟ ଏକ ଧରଣର କର୍ମ କରିବାକୁ ସ୍ଥିର କରାଇନିଏ । ସାଂଖ୍ୟ କହେ ନିଷ୍କ୍ରିୟ ସାକ୍ଷୀପୁରୁଷର ଆନନ୍ଦ ପାଇଁ ପ୍ରକୃତିହିଁ ଆମ ଭିତରେ ନିଜକୁ ରୂପାୟିତ କରୁଛି ଓ ସଙ୍କଳ୍ପ କରୁଛି ।

ଯଦିଓ ସାଂଖ୍ୟର ଏହି ଚରମପନ୍ଥୀ ଉକ୍ତିର ସଂଶୋଧନ ଆବଶ୍ୟକ (ପରେ ଦେଖିବା କେଉଁ ଭାବରେ ଏହି ସଂଶୋଧନ ପ୍ରୟୋଜନ) ତଥାପି ଆମ ବ୍ୟକ୍ତିଗତ ଇଚ୍ଛାର ସ୍ୱାଧୀନତା – ଯଦି ଆମେ ଏହାକୁ ସ୍ୱାଧୀନତାର ନାମ ଦେଉ – ନିତାନ୍ତ ଆପେକ୍ଷିକ, ଅତ୍ୟନ୍ତ କ୍ଷୁଦ୍ର, ଏହାକୁ ନିର୍ଦ୍ଧାରିତ କରୁଥିବା ଅନ୍ୟାନ୍ୟ ଅନେକ ଉପାଦାନ ସହ ଏହା ମିଶ୍ରିତ । ଏହାର ପ୍ରବଳତମ ଶକ୍ତିକୁ ମଧ୍ୟ ପ୍ରକୃତ ପ୍ରଭୁତ୍ୱ ବୋଲି କୁହାଯାଇପାରିବ ନାହିଁ । ଏହା ଉପରେ କେବେହେଲେ ଏପରି ଭରସା କରାଯାଇପାରିବ ନାହିଁ ଯେ ଏହା ପରିସ୍ଥିତି ବା ଘଟନାସ୍ରୋତର ଶକ୍ତିଶାଳୀ ଢେଉକୁ ପ୍ରତିରୋଧ କରି ଛିଡ଼ାହୋଇ ପାରିବ, କିଂବା ପ୍ରକୃତିର ଅନ୍ୟାନ୍ୟ ସ୍ରୋତ ଯାହା ଏହାକୁ ଦବାଇଦିଏ ବା ଏହାକୁ ବଦଳାଇ ଦିଏ ବା ଏହା ସହିତ ମିଶିଯାଏ ବା ଅନ୍ତତଃ ଏହାକୁ ସୂକ୍ଷ୍ମ ଭାବରେ ପ୍ରତାରିତ କରେ, ସେସବୁ ବିରୋଧରେ

ଏହା ଛିଡ଼ାହୋଇ ପାରିବ । ଏପରିକି ଆମର ସବୁଠୁ ସାତ୍ତ୍ୱିକ ଇଚ୍ଛା ମଧ୍ୟ ରାଜସିକ ଓ ତାମସିକ ଗୁଣସବୁ ଦ୍ୱାରା ଏପରି ଭାବରେ ପ୍ରଭାବିତ, ମିଶ୍ରିତ ଓ ପ୍ରତାରିତ ହୋଇଥାଏ ଯେ ତାହାକୁ କେବଳ ଆଂଶିକ ଭାବେ ସାତ୍ତ୍ୱିକ ବୋଲି କୁହାଯିବ, ଏବଂ କୌଣସି ମନୋବିଜ୍ଞାନୀର ନିର୍ମମ ଦୃଷ୍ଟି ମନୁଷ୍ୟର ସର୍ବୋତ୍କୃଷ୍ଟ କର୍ମରେ ମଧ୍ୟ ଏପରି ଆତ୍ମପ୍ରବଞ୍ଚନାର ଉପାଦାନ ଧରିପାରେ ଯାହାକି ମନୁଷ୍ୟର ଅଜ୍ଞାତସାରରେ ଏପରିକି ନିର୍ଦୋଷ ଭାବରେ ମନୁଷ୍ୟର ମନକୁ ଅଧିକାର କରିଥାଏ ଓ ତାହାକୁ ମନୁଷ୍ୟ ନିଜ ପାଖରୁ ଲୁଚାଇ ରଖିଥାଏ । ଆମେ ଯେତେବେଳେ ଭାବୁ ଯେ ଆମେ ପୂରା ସ୍ୱାଧୀନ କାର୍ଯ୍ୟ କରୁଛୁ, ସେତେବେଳେ ଆମ କର୍ମର ପଶ୍ଚାତରେ ଏପରିସବୁ ଶକ୍ତି ଲୁଚି ରହିଥାଆନ୍ତି, ଯେଉଁଗୁଡ଼ିକୁ ଆମର ଅତ୍ୟନ୍ତ ସତର୍କ ଆତ୍ମନିରୀକ୍ଷଣ ମଧ୍ୟ ଧରିପାରେ ନାହିଁ । ଆମେ ଯେତେବେଳେ ଭାବୁ ଆମେ ଅହଂରୁ ମୁକ୍ତ ହୋଇଛୁ, ସେତେବେଳେ କିନ୍ତୁ ଅହଂ ରହିଥାଏ, ପ୍ରଚ୍ଛନ୍ନ ଓ ଗୁପ୍ତ ଭାବରେ – ପାପୀର ମନରେ ଯେପରି ସାଧୁର ମନରେ ମଧ୍ୟ ସେହିପରି ରହିଥାଏ । ଯେତେବେଳେ ଆମର ଦୃଷ୍ଟି ଖୋଲିଯାଏ ଓ ଆମେ ଆମର କର୍ମ ଓ କର୍ମର ପ୍ରକୃତ ଉତ୍ସକୁ ଦେଖିପାରୁ ସେତେବେଳେ ଆମେ ଗୀତା ସଙ୍ଗରେ କଣ୍ଠ ମିଳାଇ କହିବାକୁ ବାଧ୍ୟ ହେବୁ ଯେ 'ଗୁଣାଃ ଗୁଣେଷୁ ବର୍ତନ୍ତେ', ପ୍ରକୃତରେ ଗୁଣସକଳହିଁ ଗୁଣସକଳ ଉପରେ କ୍ରିୟା କରୁଛନ୍ତି ।

ଏହି କାରଣରୁ ସତ୍ତ୍ୱଗୁଣର ଅଧିକ ପ୍ରାଧାନ୍ୟ ଥିବା ଅବସ୍ଥାକୁ ସ୍ୱାଧୀନତା ବୋଲି କୁହାଯାଇପାରିବ ନାହିଁ । ଏହାର କାରଣ ଦର୍ଶାଇ ଗୀତା କହୁଛି ଯେ ଅନ୍ୟାନ୍ୟ ଗୁଣମାନଙ୍କ ପରି ସତ୍ତ୍ୱ ମଧ୍ୟ ବନ୍ଧନ କରେ, ସେହିପରି ଅହଂ ଓ ବାସନା ଦ୍ୱାରାହିଁ ବନ୍ଧନ କରେ, ଯଦିଓ ସେ ବାସନା ଅପେକ୍ଷାକୃତ ମହତ୍ ଓ ସେ ଅହଂ ଅଧିକ ଶୁଦ୍ଧ – କିନ୍ତୁ ଯେକୌଣସି ରୂପରେ ହେଲେ ମଧ୍ୟ ଯେପର୍ଯ୍ୟନ୍ତ ଏହି ଦୁହେଁ ସତ୍ତାକୁ ଅଧିକାର କରି ରହିଛନ୍ତି, ସେପର୍ଯ୍ୟନ୍ତ ସ୍ୱାଧୀନତା ନାହିଁ । ଯେ ପୁଣ୍ୟବାନ୍, ଯେ ଜ୍ଞାନୀ ତା'ର ମଧ୍ୟ ପୁଣ୍ୟ ଓ ଜ୍ଞାନର ଅହଂ ଅଛି ଏବଂ ସେ ଏହି ସାତ୍ତ୍ୱିକ ଅହଂକୁ ତୃପ୍ତ କରିବାକୁ ଚାହେଁ, ସେ ନିଜ ସକାଶେହିଁ ପୁଣ୍ୟ ଓ ଜ୍ଞାନ ଚାହେଁ । କେବଳ ଯେତେବେଳେ ଆଉ ଆମେ ଆମ ଅହଂକୁ ତୃପ୍ତ କରିବାକୁ ଚାହିଁବୁ ନାହିଁ, ଆମ ଭିତରେ ଥିବା କ୍ଷୁଦ୍ର ସୀମିତ 'ମୁଁ' ଅର୍ଥାତ୍ ଅହଂରେ ଆଉ ରହି ଚିନ୍ତା କରିବୁ ନାହିଁ ବା ସଙ୍କଳ୍ପ କରିବୁ ନାହିଁ, ସେତେବେଳେହିଁ ଯଥାର୍ଥ ସ୍ୱାଧୀନତା ଆସିବ । ଅନ୍ୟ କଥାରେ କହିଲେ ସ୍ୱାଧୀନତା, ଉଚ୍ଚତମ ଆତ୍ମକର୍ତ୍ତୃତ୍ୱ ଆରମ୍ଭ ହୁଏ କେବଳ ସେତିକିବେଳେ ଯେତେବେଳେ ଆମେ ପ୍ରକୃତ ଆତ୍ମାର ଉର୍ଦ୍ଧ୍ୱରେ ସେହି ପରମ ଆତ୍ମାକୁ ଦେଖିପାରୁ ଓ ଧରିପାରୁ, ଅହଂ ହେଉଛି ଯାହାର ଏକ ବାଧକ ଆବରଣ ଓ ଅନ୍ଧ ଛାୟା । ତାହା କେବଳ ସେତିକିବେଳେ ସମ୍ଭବ, ଯେତେବେଳେ ପ୍ରକୃତିର ଉର୍ଦ୍ଧ୍ୱରେ ଅବସ୍ଥିତ ସେହି ଏକ ଆତ୍ମାକୁ ଆମ ଭିତରେ ଦେଖିପାରିବୁ ଓ ଆମର ବ୍ୟକ୍ତିଗତ ସତ୍ତାକୁ, ଚେତନା ଓ ସତ୍ତାରେ ତାହା

ସହିତ ଏକ କରିଦେଇପାରିବୁ ଏବଂ ଆମର ବ୍ୟକ୍ତିଗତ କାର୍ଯ୍ୟକାରିଣୀ ପ୍ରକୃତିକୁ ସେହି ପରମ ଇଚ୍ଛାର ଏକ ଯନ୍ତ୍ରରେ ପରିଣତ କରିଦେଇପାରିବୁ ଏକମାତ୍ର ଯେଉଁ ଇଚ୍ଛାହିଁ ପ୍ରକୃତରେ ସ୍ୱାଧୀନ । ସେଥିପାଇଁ ଆମକୁ ଗୁଣତ୍ରୟର ବହୁ ଊର୍ଦ୍ଧ୍ୱକୁ ଉଠିବାକୁ ପଡ଼ିବ, ତ୍ରିଗୁଣାତୀତ ହୋଇଯିବାକୁ ପଡ଼ିବ, କାରଣ ସେହି ଆତ୍ମା ମଧ୍ୟ ସାତ୍ତ୍ୱିକ ଗୁଣର ଊର୍ଦ୍ଧ୍ୱରେ । ଆମକୁ ତାହା ମଧ୍ୟକୁ ଉଠିଯିବାକୁ ହେବ ସତ୍ତ୍ୱ ଭିତର ଦେଇ, କିନ୍ତୁ ସତ୍ତ୍ୱକୁ ଅତିକ୍ରମ କରିଯିବା ପରେହିଁ କେବଳ ଆମେ ତାକୁ ଲାଭ କରିପାରିବୁ । ଆମେ ଅହଂ ଭିତରୁହିଁ ସେ ଦିଗରେ ଅଗ୍ରସର ହେବୁ, କିନ୍ତୁ ଅହଂକୁ ପରିତ୍ୟାଗ କରିବା ଦ୍ୱାରାହିଁ ଆମେ ତହିଁରେ ପହଞ୍ଚିପାରିବୁ । ବାସନାମାନଙ୍କ ମଧ୍ୟରୁ ସବୁଠାରୁ ମହତ୍, ଉଚ୍ଚ, ଆବେଗମୟ, ବିପୁଳ ଓ ଉଲ୍ଲାସମୟ ବାସନା ଦ୍ୱାରାହିଁ ଆମେ ତାହା ପ୍ରତି ଆକୃଷ୍ଟ ହେଉ, କିନ୍ତୁ ଆମେ ତହିଁରେ ନିଶ୍ଚିତ ନିରାପଦ ଭାବରେ ସେତେବେଳେ ବାସ କରିପାରିବୁ ଯେତେବେଳେ ଆମ ଭିତରୁ ସମସ୍ତ ବାସନା ଖସିପଡ଼ିବ । ଗୋଟାଏ ଅବସ୍ଥାରେ ଆମକୁ ଏପରିକି ମୁକ୍ତିର ବାସନା ଭିତରୁ ମଧ୍ୟ ନିଜକୁ ମୁକ୍ତ କରିବାକୁ ହେବ ।

୨୨

# ତ୍ରିଗୁଣାତୀତ

ପ୍ରକୃତିର ନିୟନ୍ତୃତ୍ୱ କେତେଦୂର ପର୍ଯ୍ୟନ୍ତ ବିସ୍ତୃତ ତାହା ଆମେ ଦେଖିଲୁ, ଏହି ନିୟନ୍ତୃତ୍ୱର ଅର୍ଥ ହେଉଛି ଆମେ ଯେଉଁ ଅହଂ ଚେତନାରୁ କାର୍ଯ୍ୟକରୁ ତାହା ନିଜେ ପ୍ରକୃତିର କ୍ରିୟାର ଏକ ଯନ୍ତ୍ରମାତ୍ର, ତେଣୁ ପ୍ରକୃତିର ନିୟନ୍ତ୍ରଣରୁ ତାହା ମୁକ୍ତ ହୋଇପାରିବ ନାହିଁ, ଅହଂର ଇଚ୍ଛା ଏପରି ଏକ ଇଚ୍ଛା ଯାହାକି ପ୍ରକୃତି ଦ୍ୱାରାହିଁ ନିର୍ଦ୍ଧାରିତ; ଆମ ଭିତରେ ପ୍ରକୃତି ତା'ର ନିଜର ଅତୀତ କ୍ରିୟା ଓ ଆତ୍ମ-ପରିବର୍ତ୍ତନସମୂହ ଦ୍ୱାରା ଯେପରି ଗଠିତ ହୋଇଛି, ଏହି ଇଚ୍ଛା ସେହି ପ୍ରକୃତିରହିଁ ଏକ ଅଂଶ ଏବଂ ଆମ ଭିତରେ ଏହିପରି ଭାବରେ ଗଠିତ ପ୍ରକୃତି ଦ୍ୱାରା, ଏହିପରି ଭାବରେ ଗଠିତ ଇଚ୍ଛା ଦ୍ୱାରାହିଁ ଆମର ବର୍ତ୍ତମାନର କର୍ମ ନିର୍ଦ୍ଧାରିତ । କେତେକେ କହିଥାଆନ୍ତି ଯେ ଆମେ ଯେତେବେଳେ ସର୍ବପ୍ରଥମେ କାମଟିଏ ଆରମ୍ଭ କରୁ ତାହାକୁ ବରାବର ଆମର ସ୍ୱାଧୀନ ଇଚ୍ଛା ଦ୍ୱାରାହିଁ ବାଛି ନେଇଥାଉ । ପରେ ଯାହା ଘଟେ ତାହା ସେହି ପ୍ରାରମ୍ଭ କର୍ମ ଦ୍ୱାରାହିଁ ଯେତେ ନିର୍ଦ୍ଧାରିତ ହେଲେ ମଧ, ସେହି କାମଟିକୁ ପ୍ରଥମେ ଆରମ୍ଭ କରିବାର କ୍ଷମତା ପାଇଁ ଏବଂ ଆମ ଭବିଷ୍ୟତ୍ ଉପରେ ସେହି କର୍ମର ପରିଣାମ ପାଇଁ ଆମେହିଁ ଦାୟୀ ରହୁ । କିନ୍ତୁ ପ୍ରକୃତିରେ ଏପରି ପ୍ରଥମ କର୍ମ କେଉଁଠି ଅଛି ଯାହା ପଛରେ କି ତାହାକୁ ନିର୍ଦ୍ଧାରଣ କରୁଥିବା ଅତୀତ ନାହିଁ ? ଆମ ପ୍ରକୃତିରେ କେଉଁଠି ସେହି ବର୍ତ୍ତମାନ ଅବସ୍ଥା ରହିଛି ଯାହାକି ସାମଗ୍ରିକ ଭାବରେ ଓ ଟିକିନିଖି ଭାବରେ ଆମର ଅତୀତ ପ୍ରକୃତିର କର୍ମର ପରିଣାମ ନୁହେଁ ? ଆମର ଏହି ସ୍ୱାଧୀନ କର୍ମାରମ୍ଭର ଧାରଣା ହୋଇଥାଏ କାରଣ ଆମେ ପ୍ରତ୍ୟେକ ମୁହୂର୍ତ୍ତରେ ନିଜର ବର୍ତ୍ତମାନଠାରୁ ଭବିଷ୍ୟତ୍ ଆଡ଼କୁ ଚାହିଁ ଜୀବନଯାପନ କରୁ, ଆମର ବର୍ତ୍ତମାନଠାରୁ ସର୍ବଦା ଅତୀତକୁ ଚାହିଁ ଜୀବନ କଟାଉ ନାହିଁ । ତେଣୁ ଆମ ମନରେ ବର୍ତ୍ତମାନ ଓ ତା'ର ପରିଣାମଗୁଡ଼ିକ ଅତ୍ୟନ୍ତ ଜୀବନ୍ତ ଓ ସ୍ପଷ୍ଟ ହୁଏ କିନ୍ତୁ ଏହି ବର୍ତ୍ତମାନ ଯେ ସର୍ବଥା ଆମର ଅତୀତରହିଁ ପରିଣାମ ସେହି ସମ୍ପର୍କରେ ଆମର ଧାରଣା ଖୁବ୍ ଅସ୍ପଷ୍ଟ ରହିଥାଏ, ଅତୀତକୁ ଆମେ ଦେଖୁ ଯେପରି ତାହା ପୁରା ମୃତ ଓ ତାହାର କାର୍ଯ୍ୟ ଶେଷ ହୋଇଯାଇଛି । ଆମେ ଏପରି କଥାକହୁ ଓ କାର୍ଯ୍ୟକରୁ ଯେପରିକି ପୂରାପୂରି ଏକ ଶୁଦ୍ଧ ଓ ନବୀନ ମୁହୂର୍ତ୍ତରେ ନିଜକୁ ନେଇ ଯାହା ଇଚ୍ଛା ତାହା କରିବା ପାଇଁ ଆମେ ସମ୍ପୂର୍ଣ୍ଣ ସ୍ୱାଧୀନ ଏବଂ ଆମ ନିଜ ଭିତରୁ ସମ୍ପୂର୍ଣ୍ଣ ସ୍ୱାଧୀନ ଇଚ୍ଛା ଓ ପସନ୍ଦ ପ୍ରୟୋଗ କରି ତାହା କରିବା ପାଇଁ ବା ନ କରିବା ପାଇଁ ବାଛି ନେଇପାରୁ । କିନ୍ତୁ

ପ୍ରକୃତରେ ଆମର ନିଜର ଏପରି ଅଖଣ୍ଡ ସ୍ୱାଧୀନତା ନାହିଁ ବା ଆମର ପସନ୍ଦର ମଧ୍ୟ ଏହି ସ୍ୱାଧୀନତା ନାହିଁ ।

ଅବଶ୍ୟ ନିଶ୍ଚିତ ଭାବରେ ଆମ ଭିତରେ ରହିଥିବା ଇଚ୍ଛାକୁ ବରାବର କେତେଗୁଡ଼ିଏ ସମ୍ଭାବନା ଭିତରୁ ଗୋଟିକୁ ବାଛି ନେବାକୁ ପଡ଼ିଥାଏ, କାରଣ ପ୍ରକୃତି ବରାବର ଏହି ଭାବରେହିଁ କାର୍ଯ୍ୟ କରେ । ଏପରିକି ଆମର ନିଷ୍କ୍ରିୟତାକୁ, କୌଣସି ପ୍ରକାର ଇଚ୍ଛା କରିବା ପାଇଁ ଅସ୍ୱୀକାରକୁ ମଧ୍ୟ ଗୋଟାଏ ପ୍ରକାର ବାଛିବା ବୋଲି କୁହାଯିବ, ଆମ ଭିତରେ କ୍ରିୟା କରୁଥିବା ପ୍ରକୃତିରହିଁ ଏକ ଇଚ୍ଛା ବୋଲି କୁହାଯିବ; କାରଣ ଏପରିକି ଏକ ପରମାଣୁ ମଧ୍ୟରେ ବି ଗୋଟିଏ ପ୍ରକାରର ଇଚ୍ଛା ବରାବର କ୍ରିୟା କରୁଛି । ସମୁଦାୟ ପ୍ରଭେଦଟା ହେଉଛି, ପ୍ରକୃତି ଭିତରେ ଯେଉଁ ଇଚ୍ଛା କ୍ରିୟା କରୁଛି ତା' ସହିତ ଆମେ କେତେଦୂର ନିଜକୁ ଯୁକ୍ତକରୁ । ଆମେ ଯେତେବେଳେ ତା' ସହିତ ନିଜକୁ ଯୁକ୍ତକରୁ ସେତେବେଳେ ଆମେ ତାହାକୁ ଆମ ନିଜର ଇଚ୍ଛା ବୋଲି ମନେକରୁ ଏବଂ କହୁ ଏହା ସ୍ୱାଧୀନ ଇଚ୍ଛା ଏବଂ ଭାବୁ ଆମେ ନିଜେ ଏହି କର୍ମ କରୁଛୁ, ଏହା ଭୁଲ୍ ହେଉ ବା ନହେଉ, ଏହା ଏକ ଭ୍ରମ ହେଉ ବା ନହେଉ, ଆମର ଏହି 'ନିଜ ଇଚ୍ଛା'ର ଧାରଣା, ଏହି 'ନିଜ କର୍ମ'ର ଧାରଣା ଯେ ସମ୍ପୂର୍ଣ୍ଣ ନିଷ୍ଫଳ ବା ଏହାର ଯେ କୌଣସି ଉପଯୋଗିତା ନାହିଁ, ଏପରି ନୁହେଁ; ପ୍ରତ୍ୟେକ ଜିନିଷର କିଛି ନା କିଛି ଫଳ ଓ ଉପଯୋଗିତା ରହିଛି । ଏହା ହେଉଛି ଆମ ଚେତନ ସତ୍ତାର ସେହି ପ୍ରକ୍ରିୟା ଯାହା ଦ୍ୱାରା ଆମ ଭିତରେ ପ୍ରକୃତି ତାହାର ଅନ୍ତରସ୍ଥ ନିଗୂଢ଼ ପୁରୁଷଙ୍କର ଉପସ୍ଥିତି ସମ୍ପର୍କରେ ଅଧିକରୁ ଅଧିକ ସଜାଗ ଓ ସଚେତ ହୁଏ ଏବଂ ସେହି ଜ୍ଞାନ ବୃଦ୍ଧି ଫଳରେ କର୍ମର ଏକ ମହତ୍ତର ସମ୍ଭାବନା ଦିଗରେ ନିଜକୁ ଉନ୍ମୋଚିତ କରେ, ଅହଂଧାରଣା ଓ ବ୍ୟକ୍ତିଗତ ଇଚ୍ଛାର ସାହାଯ୍ୟରେହିଁ ସେ ତା'ର ନିଜର ଉଚ୍ଚତର ସମ୍ଭାବନାରେ ଉନ୍ନୀତ ହୁଏ, ତାମସିକ ପ୍ରକୃତିର ସମ୍ପୂର୍ଣ୍ଣ ନିଶ୍ଚେଷ୍ଟତା ଭିତରୁ ବା ନିଶ୍ଚେଷ୍ଟତାର ପ୍ରାଧାନ୍ୟ ଭିତରୁ ବାହାରି ଆସି ରାଜସିକ ପ୍ରକୃତିର ଆବେଗ ଓ ସଂଗ୍ରାମ ଭିତରକୁ ଉନ୍ନୀତ ହୁଏ, ଏବଂ ରାଜସିକ ପ୍ରକୃତିର ଆବେଗ ଓ ସଂଗ୍ରାମ ଭିତରୁ ବାହାରି ଆସି ସାତ୍ତ୍ୱିକ ପ୍ରକୃତିର ମହତ୍ତର ଜ୍ୟୋତିଃ, ଆନନ୍ଦ ଓ ପବିତ୍ରତା ମଧ୍ୟକୁ ଉନ୍ନୀତ ହୁଏ । ପ୍ରାକୃତ ମାନବ ନିଜ ଉପରେ ଯେଉଁ ଆପେକ୍ଷିକ ଆତ୍ମକର୍ତ୍ତୃତ୍ୱ ଲାଭ କରେ, ତା' ହେଉଛି ତାହାର ପ୍ରକୃତିର ନିମ୍ନତର ସମ୍ଭାବନାଗୁଡ଼ିକ ଉପରେ ତା'ର ଉଚ୍ଚତର ସମ୍ଭାବନାସବୁର ଆଧିପତ୍ୟ; ଏବଂ ତା' ଭିତରେ ଏହା ସମ୍ପନ୍ନ ହୁଏ ଯେତେବେଳେ ନିମ୍ନତର ଗୁଣସବୁକୁ ବଶୀଭୂତ କରିବା ପାଇଁ ଓ ସେମାନଙ୍କ ଉପରେ ଆଧିପତ୍ୟ ବିସ୍ତାର ପାଇଁ ଉଚ୍ଚତର ଗୁଣସବୁ ଯେଉଁ ସଂଗ୍ରାମ ଚଳାଇ ଥାଆନ୍ତି ସେହି ସଂଗ୍ରାମ ସହିତ ସେ ଯେତେବେଳେ ନିଜକୁ ବା ନିଜର ଅହଂକୁ ଯୁକ୍ତ କରେ । ସ୍ୱାଧୀନ ଇଚ୍ଛାର ବୋଧ, ଭ୍ରାନ୍ତ ହେଉ ବା ନହେଉ ତାହା ପ୍ରକୃତିର କର୍ମରେ

ଏକ ଆବଶ୍ୟକ ଯନ୍ତ୍ର, ମନୁଷ୍ୟର ବିକାଶ ଓ ପ୍ରଗତି ସମୟରେ ତା’ ପାଇଁ ଏହା ପ୍ରୟୋଜନୀୟ ଏବଂ ସେ ଏକ ଉଚ୍ଚତର ସତ୍ୟ ପାଇଁ ପ୍ରସ୍ତୁତ ହେବା ପୂର୍ବରୁ ଏହାକୁ ଛାଡ଼ିଦେବା ତାହା ପାଇଁ ଅତ୍ୟନ୍ତ ମାରାତ୍ମକ ହେବ । ଯଦି ଏହା କୁହାଯାଏ (ଯେପରି କୁହାଯାଇଥାଏ) ଯେ ପ୍ରକୃତି ନିଜର ବିଧାନକୁ ପୂରଣ କରିବା ପାଇଁ ମନୁଷ୍ୟକୁ ଭ୍ରମରେ ପକାଇଥାଏ, ଏବଂ ଏକ ବ୍ୟକ୍ତିଗତ ସ୍ୱାଧୀନ ଇଚ୍ଛାର ଧାରଣା ଏହି ଭ୍ରମମାନଙ୍କ ମଧ୍ୟରେ ସର୍ବାପେକ୍ଷା ପ୍ରବଳ ଭ୍ରମ, ତେବେ ଏହା ମଧ୍ୟ କୁହାଯିବା ଉଚିତ ଯେ ଏହି ଭ୍ରମ ତା’ର ମଙ୍ଗଳ ପାଇଁ ଏବଂ ଏହା ବ୍ୟତୀତ ସେ ନିଜର ପୂର୍ଣ୍ଣ ସମ୍ଭାବନାସମୂହରେ ଉନ୍ନୀତ ହୋଇପାରିବ ନାହିଁ ।

କିନ୍ତୁ ଏହା ପୂରାପୂରି ଏକ ଭ୍ରମ ନୁହେଁ, ଏହା କେବଳ ଦୃଷ୍ଟିକୋଣରେହିଁ ଭୁଲ୍, ଯେଉଁ ବିଷୟକୁ ଯେଉଁ ସ୍ଥାନ ଦିଆଯିବା ଉଚିତ ତହିଁରେ ଭୁଲ୍ । ଅହଂ ଭାବେ ଯେ ସେ ହେଉଛି ପ୍ରକୃତ ଆତ୍ମା, ଏବଂ ଏପରି କର୍ମ କରେ ଯେପରିକି ସେହିଁ ହେଉଛି ସମସ୍ତ କର୍ମର ପ୍ରକୃତ କେନ୍ଦ୍ର ଏବଂ ସବୁକିଛି ଯେପରି କେବଳ ତାହାରି ଲାଗିହିଁ ରହିଛି । ଏହିଠାରେହିଁ ସେ ବିଷୟସବୁକୁ ଯଥାଯଥ ବିଚାର କରିବାରେ ଓ ଯଥାସ୍ଥାନରେ ରଖିବାରେ ଭୁଲ୍ କରେ । ଏପରି ଭାବିବାରେ କିଛି ଭୁଲ୍ ନାହିଁ ଯେ ଆମ ଭିତରେ, ଆମ ପ୍ରକୃତିର ଏହି କର୍ମ ଭିତରେ ଏପରି କିଛି ଅଛି ବା ଏପରି କେହି ଅଛି, ଯେ କି ସେହି ପ୍ରକୃତିର ସମସ୍ତ କର୍ମର ଯଥାର୍ଥ କେନ୍ଦ୍ର ଏବଂ ତାହାରି ପାଇଁହିଁ ସବୁକିଛି ରହିଛି; କିନ୍ତୁ ତାହା ଅହଂ ନୁହେଁ, ତାହା ହେଉଛି ଆମ ହୃଦୟ ଭିତରେ ନିଗୂଢ଼ ଭାବରେ ରହିଥିବା ଈଶ୍ୱର, ଭାଗବତ ପୁରୁଷ, ଏବଂ ତାଙ୍କର ସତ୍ତାର ଅଂଶସ୍ୱରୂପ ଜୀବ – ଏହା ଅହଂଠାରୁ ସମ୍ପୂର୍ଣ୍ଣ ପୃଥକ୍ । ଅହଂବୋଧର ଆତ୍ମମ୍ଭରିତା ହେଉଛି ଆମ ମନରେ ସେହି ସତ୍ୟର ଏକ ବିକୃତ ଓ ଭଗ୍ନଛାୟା, ଯେଉଁ ସତ୍ୟର ଯଥାର୍ଥ ରୂପ ହେଉଛି ଏହା ଯେ ଆମ ଭିତରେ ଏକ ପ୍ରକୃତ ଆତ୍ମା ରହିଛି, ଯେ କି ସବୁକିଛିର ପ୍ରଭୁ, ଏବଂ ଯାହା ପାଇଁ ଓ ଯାହାର ଆଦେଶରେ ପ୍ରକୃତି ନିଜର କର୍ମରେ ଲାଗି ରହିଛି । ସେହିପରି ସ୍ୱାଧୀନ ଇଚ୍ଛା ସମ୍ପର୍କରେ ଅହଂର ଧାରଣା ମଧ୍ୟ ସେହି ସତ୍ୟର ଏକ ବିକୃତ ଓ ଅସ୍ଥାନନ୍ୟସ୍ତ ବୋଧ, ଯେଉଁ ସତ୍ୟର ରୂପ ହେଉଛି ଏହି ଯେ ଆମ ଭିତରେ ଏକ ମୁକ୍ତଆତ୍ମା ରହିଛି ଏବଂ ପ୍ରକୃତିର ଇଚ୍ଛା ଏହି ଆତ୍ମାର ଇଚ୍ଛାର ଏକ ପରିବର୍ତ୍ତିତ ଓ ଆଂଶିକ ପ୍ରତିବିମ୍ବ । ଏହା ପରିବର୍ତ୍ତିତ ଓ ଆଂଶିକ, କାରଣ ଏହି ଇଚ୍ଛା କ୍ଷଣ କ୍ଷଣ ପରିବର୍ତ୍ତିତ ହେଉଥିବା କାଳର ଭିତରେ ରହିଛି ଏବଂ ପରିବର୍ତ୍ତନର ଏପରି ଏକ ନିରନ୍ତର ଧାରା ଭିତରେ ନୂଆ ନୂଆ ରୂପ ନେଇ କର୍ମ କରୁଛି, ଯେତେବେଳେ କି ଏହା ନିଜର ପୂର୍ବ ରୂପର ବହୁଭାଗ ଭୁଲିଯାଉଛି ଓ ଭବିଷ୍ୟତର ପରିଣତି ଓ ଲକ୍ଷ୍ୟ ସମ୍ପର୍କରେ ସମ୍ପୂର୍ଣ୍ଣ ସଚେତ ରହିପାରୁ ନାହିଁ । କିନ୍ତୁ ଆମର ଅନ୍ତରରେ ଯେଉଁ ଦିବ୍ୟ ଇଚ୍ଛା ରହିଛି, ତାହା

କାଳର ମୁହୂର୍ତ୍ତସବୁର ଊର୍ଦ୍ଧ୍ୱରେ ଏବଂ ତାହା ଏ ସମସ୍ତ କିଛିକୁ ଜାଣେ ଏବଂ ଆମେ କହିପାରୁ ଯେ ଏହି ଅନ୍ତରସ୍ଥ ଦିବ୍ୟ ଇଚ୍ଛା ଓ ଦିବ୍ୟଜ୍ଞାନ ପୂର୍ଣ୍ଣ ଅତିମାନସ ଜ୍ୟୋତିଃ ନେଇ ଯେଉଁ ଭବିଷ୍ୟ ଦୃଷ୍ଟି କରିଥାଏ, ଆମ ଭିତରେ ପ୍ରକୃତିର କର୍ମ ହେଉଛି, ପ୍ରାକୃତ ଓ ଅହଂଭାବମୟ ଅଜ୍ଞାନର ଦୁରୂହ ପରିସ୍ଥିତି ଭିତରେ ସେଇଟିକୁ କାର୍ଯ୍ୟରେ ପରିଣତ କରିବାର ପ୍ରଚେଷ୍ଟା ।

କିନ୍ତୁ ଆମର ପ୍ରଗତି ଭିତରେ ଏପରି ଏକ ସମୟ ନିଶ୍ଚୟ ଆସିବ, ଯେତେବେଳେ ଆମେ ଆମ ସତ୍ତାର ପ୍ରକୃତ ସତ୍ୟ ଦିଗରେ ଆଖି ଖୋଲିବା ପାଇଁ ପ୍ରସ୍ତୁତ ହେବୁ ଏବଂ ସେତେବେଳେ ଆମ ଭିତରୁ ଆମର ଅହଂଭାବମୟ ସ୍ୱାଧୀନ ଇଚ୍ଛାର ଭ୍ରମ ନିଶ୍ଚୟ ଦୂରୀଭୂତ ହୋଇଯିବ । ଅହଂଭାବାତ୍ମକ ସ୍ୱାଧୀନ ଇଚ୍ଛାର ଧାରଣାକୁ ପ୍ରତ୍ୟାଖ୍ୟାନ କରିବା ଅର୍ଥ କର୍ମର ଅବସାନ ନୁହେଁ, କାରଣ ପ୍ରକୃତିହିଁ କର୍ମର କର୍ତ୍ତ୍ରୀ ଏବଂ ତା'ର କ୍ରମବିବର୍ତ୍ତନର ପ୍ରକ୍ରିୟାରେ ଏହି ଅହଂଭାବାତ୍ମକ ଇଚ୍ଛାରୂପୀ ଯନ୍ତ୍ରଟି ଉଦ୍ଭବ ଓ ଉପଯୋଗ ହେବା ପୂର୍ବରୁ ସେ ଯେପରି କର୍ମ କରୁଥିଲା, ଏହି ଯନ୍ତ୍ରଟିକୁ ପରିତ୍ୟାଗ କଲାପରେ ମଧ୍ୟ ସେ ସେହିପରି କର୍ମ କରିବ । ଏପରିକି ଯେଉଁ ମନୁଷ୍ୟ ଏହି ଯନ୍ତ୍ରଟିକୁ ପରିତ୍ୟାଗ କରିଛି ତା' ଭିତରେ ପ୍ରକୃତି ଆହୁରି ମହତ୍ତର କର୍ମର ବିକାଶ କରିବା ସମ୍ଭବ ହୋଇପାରେ । କାରଣ ସେହି ବ୍ୟକ୍ତିର ମନ ଆହୁରି ଭଲ ଭାବରେ ଜାଣିପାରିବ ଅତୀତର ଆତ୍ମବିକାଶ ଦ୍ୱାରା ତା'ର ପ୍ରକୃତି ବର୍ତ୍ତମାନ କିପରି ଅବସ୍ଥାରେ ପହଞ୍ଚିଛି ଓ ଆହୁରି ଭଲ ଭାବରେ ବୁଝିପାରିବ କେଉଁ କେଉଁ ପାରିପାର୍ଶ୍ୱିକ ଶକ୍ତି ତାହା ଉପରେ କ୍ରିୟା କରି ତା'ର ବିକାଶର ସହାୟକ ବା ବାଧକ ହୋଇଛନ୍ତି ଏବଂ ତା'ମଧ୍ୟରେ ଅନ୍ତର୍ନିହିତ ଯେଉଁସବୁ ମହତ୍ତର ସମ୍ଭାବନା ରହିଛି, ଯେଉଁଗୁଡ଼ିକ ଏପର୍ଯ୍ୟନ୍ତ ପ୍ରକଟିତ ହୋଇ ନାହାନ୍ତି ଅଥଚ ପ୍ରକଟ ହେବା ପାଇଁ ସମର୍ଥ, ସେସମସ୍ତ ବିଷୟରେ ଉକ୍ତ ବ୍ୟକ୍ତି ଅଧିକତର ସଚେତ ହୋଇପାରେ । ଏବଂ ଯେଉଁସବୁ ମହତ୍ତର ସମ୍ଭାବନା ସେ ଦେଖିପାରେ ସେ ସବୁଥିପାଇଁ ଆତ୍ମପୁରୁଷର ଅନୁମୋଦନ ଏହିପରି ଅହଂଶୂନ୍ୟ ମନ ଭିତରେ ଆହୁରି ଅବାଧରେ ଆସିପାରେ ଏବଂ ପ୍ରକୃତି ତରଫରୁ ସେହି ଅନୁମୋଦନକୁ ଉତ୍ତର ଦେବା ଦିଗରେ, ତା'ର ଫଳସ୍ୱରୂପ ସେହି ସମ୍ଭାବନାଗୁଡ଼ିକୁ ଅଧିକ ବିକଶିତ ଓ କାର୍ଯ୍ୟକାରୀ କରିବା ଦିଗରେ ପ୍ରକୃତିର ଉଦ୍ୟମ ପାଇଁ ଏହି ଅହଂଶୂନ୍ୟ ମନ ଏକ ଅବାଧତର ଯନ୍ତ୍ର ହୋଇପାରେ । କିନ୍ତୁ ସ୍ୱାଧୀନ ଇଚ୍ଛାର ଏହି ବର୍ଜନ ଯେପରି କେବଳ ଏକ ଭାଗ୍ୟବାଦରେ ବା ପ୍ରକୃତିର ନିୟନ୍ତୃତ୍ୱବାଦରେ ପରିଣତ ନହୁଏ, ଯାହାର କି ଆମର ଅନ୍ତରସ୍ଥ ପ୍ରକୃତ ଆତ୍ମା ସମ୍ପର୍କରେ କୌଣସି ଦୃଷ୍ଟି ନାହିଁ । କାରଣ ତା' ହେଲେ କେବଳ ଅହଂହିଁ ଆମ ଆତ୍ମା ବୋଲି ଆମର ମନରେ ଏକ ଧାରଣା ରହିଯିବ ଏବଂ ଯେହେତୁ ଅହଂହିଁ ବରାବର ପ୍ରକୃତିର ଯନ୍ତ୍ରମାତ୍ର, ଆମେ ବରାବର ଅହଂ ଦ୍ୱାରା ଚାଳିତ ହୋଇ କର୍ମ କରିବୁ ଓ ଆମର ଇଚ୍ଛା ପ୍ରକୃତିର ଯନ୍ତ୍ରମାତ୍ର ହୋଇ ରହିବ । କେବଳ ଏହି ଧାରଣା କୌଣସି ପ୍ରକୃତ ପରିବର୍ତ୍ତନ

ଆଣିବ ନାହିଁ, କେବଳ ଆମର ବୁଦ୍ଧିଗତ ଦୃଷ୍ଟିଭଙ୍ଗୀରେ ତାହା ସାମାନ୍ୟ କିଛି ପରିବର୍ତ୍ତନ ଆଣିପାରେ । ସେ କ୍ଷେତ୍ରରେ ଆମେ କେବଳ ଏହି ବ୍ୟବହାରିକ ସତ୍ୟଟିକୁ ମାନିନେବୁ ଯେ ଆମର ଅହଂସତ୍ତା ଓ ତାହାର କର୍ମ ପ୍ରକୃତି ଦ୍ୱାରା ନିର୍ଦ୍ଧାରିତ ହେଉଛି; ଆମେ ଆମର ଅଧୀନତାକୁ ଦେଖିପାରିବୁ କିନ୍ତୁ ଆମ ଭିତରେ ସମସ୍ତ ଗୁଣ ଓ କ୍ରିୟାର ଊର୍ଦ୍ଧ୍ୱରେ ଯେଉଁ ଅଜ୍ଞାତ ଆତ୍ମା ରହିଛି ତାହାକୁ ଦେଖିପାରିବୁ ନାହିଁ, ଆମ ଭିତରେ ମୁକ୍ତିର ଦ୍ୱାର କେଉଁଠି ରହିଛି, ତାହା ଆମେ ଦେଖିପାରିବୁ ନାହିଁ । କେବଳ ପ୍ରକୃତି ଓ ଅହଂ ଆମର ସମୁଦାୟ ସତ୍ତା ନୁହେଁ, ଆମ ଭିତରେ ମୁକ୍ତ ଆତ୍ମା ଓ ପୁରୁଷ ମଧ୍ୟ ରହିଛି ।

କିନ୍ତୁ ପୁରୁଷର ଏହି ସ୍ୱାଧୀନତାର ସ୍ୱରୂପ କ'ଣ ? ପ୍ରଚଳିତ ସାଂଖ୍ୟ ଦର୍ଶନର ପୁରୁଷ ତା'ର ମୂଳ ସତ୍ତାରେ ସ୍ୱାଧୀନ; କିନ୍ତୁ ସେ ନିଷ୍କ୍ରିୟ, 'ଅକର୍ତ୍ତା' ବୋଲିହିଁ ସ୍ୱାଧୀନ । ସେ ନିଜର ନିଷ୍କ୍ରିୟ ଆତ୍ମା ଉପରେ କର୍ମର ଛାୟା ପକାଇବା ପାଇଁ ପ୍ରକୃତିକୁ ଯେଉଁ ଅନୁମତି ଦିଏ ତାହା ଫଳରେ ସେ ବାହ୍ୟତଃ ଗୁଣସମୂହର କ୍ରିୟା ଦ୍ୱାରା ଆବଦ୍ଧ ହୋଇପଡ଼େ ଏବଂ ଯେପର୍ଯ୍ୟନ୍ତ ସେ ପ୍ରକୃତିଠାରୁ ନିଜକୁ ବିଯୁକ୍ତ କରି ନ ନେଇଛି ଓ ପ୍ରକୃତିର କ୍ରିୟା ବନ୍ଦ ନ ହୋଇଯାଇଛି ସେପର୍ଯ୍ୟନ୍ତ ତା'ର ସ୍ୱାଧୀନତା ଫେରିପାଏ ନାହିଁ । ତା'ହେଲେ ଯଦି କୌଣସି ବ୍ୟକ୍ତି ନିଜ ଭିତରୁ 'ମୁଁ କର୍ତ୍ତା', 'ମୋର କର୍ମ' ଏହି ଭାବକୁ ଦୂର କରିଦିଏ, ଏବଂ ଯଦି ଗୀତାର ଉପଦେଶ ଅନୁସାରେ ସେ ନିଜକୁ ଏହି ଭାବରେ ପ୍ରତିଷ୍ଠିତ କରେ ଯେ ସେ ନିଜେ ହେଉଛି ଅକର୍ତ୍ତା, 'ଆତ୍ମାନମ୍ ଅକର୍ତାରମ୍' ଏବଂ ବିଚାର କରେ ଯେ କର୍ମସବୁ ତା'ର ନିଜର ନୁହନ୍ତି, ସେଗୁଡ଼ିକ ପ୍ରକୃତିର କର୍ମ ଓ ପ୍ରକୃତିର ଗୁଣତ୍ରୟର ଖେଳା, ତା'ହେଲେ ଏହାର ଫଳ କ'ଣ ସେହି ଅନୁରୂପ ହେବ ନାହିଁ ? ସାଂଖ୍ୟର ପୁରୁଷ ହେଉଛି ଅନୁମନ୍ତା, କିନ୍ତୁ ସେ କେବଳ ନିଷ୍କ୍ରିୟ ଅନୁମତି ଦିଏ, କର୍ମଟା ସମଗ୍ର ଭାବରେ ପ୍ରକୃତିର; ମୂଳତଃ ସେ ହେଉଛି ସାକ୍ଷୀ ପୁରୁଷ ଓ ଭର୍ତ୍ତା, ଜଗତ୍‌ପ୍ରଭୁଙ୍କର ନିୟାମକ ସକ୍ରିୟ ଚେତନା ନୁହେଁ । ସେ ହେଉଛି ସେହି ପୁରୁଷ ଯେ ଦେଖେ, ଗ୍ରହଣ କରେ ଯେପରି କୌଣସି ଦର୍ଶକ ଦେଖୁଥିବା ନାଟକର ବିଷୟବସ୍ତୁକୁ ଗ୍ରହଣ କରେ । କିନ୍ତୁ ଯେଉଁ ପୁରୁଷ ନିଜେ ନାଟକଟିକୁ ସଂଯୋଜିତ କରେ ଓ ନିଜ ସତ୍ତାରେ ଅଭିନୀତ ହେଉଥିବାର ଦେଖେ ଓ ତାହାକୁ ନିୟନ୍ତ୍ରଣ କରେ, ସାଂଖ୍ୟର ପୁରୁଷ ତାହା ନୁହେଁ । ତେଣୁ ସେ ଯଦି ଅନୁମତିଟି ପ୍ରତ୍ୟାହାର କରିନିଏ, ଯେଉଁ କର୍ତ୍ତା ଭାବର ଭ୍ରାନ୍ତି ଫଳରେ ନାଟକଟି ଚାଲୁଛି ସେ ଯଦି ସେହି ଭ୍ରାନ୍ତିକୁ ଗ୍ରହଣ କରିବାକୁ ଅସ୍ୱୀକାର କରେ ତେବେ ସେ ଆଉ ଭର୍ତ୍ତା ହୋଇ ରହିବ ନାହିଁ ଏବଂ କର୍ମଟି ବନ୍ଦ ହୋଇଯିବ, କାରଣ କେବଳ ସାକ୍ଷୀ ଚୈତନ୍ୟମୟ ପୁରୁଷର ଆନନ୍ଦ ପାଇଁହିଁ ପ୍ରକୃତି ସେହି କର୍ମ କରୁଥିଲା । ଏବଂ କେବଳ ସେହି ପୁରୁଷକୁ ଆଶ୍ରୟ କରିହିଁ ସେ ଏହି କର୍ମକୁ ଚଳାଇ ରଖିପାରେ । ତେଣୁ ଏହା ସ୍ପଷ୍ଟ ଯେ ପୁରୁଷ ଓ ପ୍ରକୃତିର ସମ୍ପର୍କ ସମ୍ବନ୍ଧରେ ଗୀତାର

ଧାରଣା ସାଂଖ୍ୟଠାରୁ ଭିନ୍ନ, କାରଣ ସେହି ଏକହିଁ ପ୍ରକ୍ରିୟା ସମ୍ପୂର୍ଣ୍ଣ ଭିନ୍ନ ପରିଣାମ ଆଣି ଦେଉଛି । ସାଂଖ୍ୟର କ୍ଷେତ୍ରରେ ପରିଣାମ ହେଉଛି କର୍ମର ସମ୍ପୂର୍ଣ୍ଣ ବିରତି କିନ୍ତୁ ଗୀତାର କ୍ଷେତ୍ରରେ ପରିଣାମ ହେଉଛି ଏକ ମହାନ୍, ନିଃସ୍ୱାର୍ଥପର, ନିଷ୍କାମ, ଦିବ୍ୟକର୍ମ । ସାଂଖ୍ୟରେ ପୁରୁଷ ଓ ପ୍ରକୃତି ଦୁଇଟି ସମ୍ପୂର୍ଣ୍ଣ ପୃଥକ୍ ବସ୍ତୁ, କିନ୍ତୁ ଗୀତାରେ ସେମାନେ ହେଲେ ସେହି ଏକ ସ୍ୱୟଂପ୍ରତିଷ୍ଠ ସତ୍ତାର ଦୁଇଟି ବିଭାବ, ଦୁଇଟି ଶକ୍ତି, ପୁରୁଷ ଓ ପ୍ରକୃତି । ପୁରୁଷ କେବଳ ଅନୁମନ୍ତା ନୁହେଁ, ସେ ମଧ୍ୟ ପ୍ରକୃତିର ପ୍ରଭୁ, ପ୍ରକୃତି ଭିତର ଦେଇ ସେ ଜଗତ୍-ଲୀଳା ଉପଭୋଗ କରୁଛି, ପ୍ରକୃତି ଭିତର ଦେଇ ଭଗବତ୍ ଇଚ୍ଛା ଓ ଜ୍ଞାନକୁ ଏପରି ଏକ ବ୍ୟବସ୍ଥାରେ କାର୍ଯ୍ୟକାରୀ କରୁଛି ଯେଉଁ ବ୍ୟବସ୍ଥା ତାହାର ଅନୁମତି ଦ୍ୱାରା ବିଧୃତ ହୋଇଛି, ତାହାର ସର୍ବବ୍ୟାପୀ ଉପସ୍ଥିତି ଉପରେ ତିଷ୍ଠି ରହିଛି, ତାହାରି ସତ୍ତାରେ ବିଦ୍ୟମାନ ରହିଛି, ତାହାର ସତ୍ତାର ଧର୍ମ ଓ ସେଥିରେ ଅନ୍ତର୍ନିହିତ ତାହାର ସଚେତ ସଙ୍କଳ୍ପ ଦ୍ୱାରା ନିୟନ୍ତ୍ରିତ ହେଉଛି । ଏହି ପୁରୁଷକୁ ଜାଣିବା, ତାହାର ଆହ୍ୱାନର ଉତ୍ତର ଦେବା, ତାହାର ଦିବ୍ୟସତ୍ତା ଓ ପ୍ରକୃତିରେ ବାସ କରିବା – ଏହାହିଁ ହେଉଛି ଅହଂ ଓ ତାହାର କ୍ରିୟାରୁ ନିବୃତ୍ତ ହେବାର ହେତୁ । ତା'ହେଲେ ଯାଇ ମନୁଷ୍ୟ ନିମ୍ନ ତ୍ରିଗୁଣ ପ୍ରକୃତିର ଉର୍ଦ୍ଧ୍ୱକୁ ଉଠି ଉଚ୍ଚତର ଭାଗବତ ପ୍ରକୃତି ଲାଭ କରିପାରିବ ।

ଯେଉଁ ପ୍ରକ୍ରିୟା ଦ୍ୱାରା ଏହି ଉତ୍ତରଣ ସଂସାଧିତ ହୋଇଥାଏ, ତାହା ପ୍ରକୃତି ସହିତ ପୁରୁଷର ଜଟିଳ ସମ୍ବନ୍ଧରୁହିଁ ଉଦ୍ଭୂତ, ଗୀତାର ତ୍ରିବିଧ ପୁରୁଷର ତତ୍ତ୍ୱ ଉପରେ ଏହା ଆଧାରିତ । ଯେଉଁ ପୁରୁଷ ପ୍ରକୃତିର କର୍ମ, ତାହାର ପରିବର୍ତ୍ତନ ଓ ତାହାର କ୍ରମାନ୍ୱୟ ବିକାଶକୁ ଅନୁପ୍ରାଣିତ କରିଥାଏ, ସେ ହେଉଛି କ୍ଷରପୁରୁଷ, ମନେ ହୋଇଥାଏ ଏହା ପ୍ରକୃତିର ପରିବର୍ତ୍ତନ ସଙ୍ଗରେ ପରିବର୍ତ୍ତିତ ହେଉଛି, ତା'ର ଗତି ସଙ୍ଗରେ ଗତି କରୁଛି, ଏହା ହେଉଛି ସେହି ପୁରୁଷ ଯେ କି ପ୍ରକୃତିର କର୍ମର ନିରନ୍ତର କ୍ରିୟା ଦ୍ୱାରା ନିଜ ବ୍ୟକ୍ତିତ୍ୱରେ ଯେଉଁ ପରିବର୍ତ୍ତନସବୁ ହୁଏ ତାହାକୁ ନିଜର ସତ୍ତାର ପରିବର୍ତ୍ତନ ବୋଲି ଅନୁସରଣ କରିଥାଏ; ଏଠାରେ ପ୍ରକୃତି ହେଉଛି କ୍ଷର, କାଳ ଭିତରେ ଏହା ଏକ ଅବିରାମ ଗତି ଓ ପରିବର୍ତ୍ତନ, ଏକ ନିରନ୍ତର ବିବର୍ତ୍ତନ । କିନ୍ତୁ ଏହି ପ୍ରକୃତି ପୁରୁଷରହିଁ କାର୍ଯ୍ୟକାରିଣୀ ଶକ୍ତି ଭିନ୍ନ ଆଉ କିଛି ନୁହେଁ, କାରଣ ପୁରୁଷର ସ୍ୱରୂପ ଯାହା, ପ୍ରକୃତି ତାହାହିଁ ହେବ, ପୁରୁଷର ବିବର୍ତ୍ତନର ଯେଉଁସବୁ ସମ୍ଭାବନା ଅଛି ସେ କେବଳ ତାହାରି ଅନୁଯାୟୀହିଁ କ୍ରିୟା କରିବ, ପୁରୁଷର ସତ୍ତାର ବିବର୍ତ୍ତନକୁହିଁ ସେ ପ୍ରକଟ କରେ ଓ ରୂପାୟିତ କରେ । ପ୍ରକୃତିର କର୍ମ ପୁରୁଷର ସ୍ୱଭାବ ଦ୍ୱାରା, ତା'ର ଆତ୍ମବିବର୍ତ୍ତନର ବିଧାନ ଦ୍ୱାରାହିଁ ନିର୍ଦ୍ଧାରିତ ହୁଏ, ଯଦିଓ ଅନେକ ସମୟରେ ମନେ ହୁଏ କର୍ମହିଁ ସ୍ୱଭାବକୁ ନିର୍ଦ୍ଧାରଣ କରୁଛି, ଏପରି ମନେ ହେବାର କାରଣ ହେଉଛି ପ୍ରକୃତି ହେଉଛି ବିବର୍ତ୍ତନର ଯନ୍ତ୍ର ଓ କାର୍ଯ୍ୟକାରିଣୀ ଶକ୍ତି । ଆମେ ଯାହା, ଆମେ

ସେହି ଅନୁସାରେହିଁ କାର୍ଯ୍ୟକରୁ ଏବଂ ଆମର କର୍ମ ଦ୍ୱାରା ନିଜର ବିକାଶ ସାଧନ କରୁ, ନିଜର ସ୍ୱରୂପକୁ ପ୍ରକଟ କରୁ । ପ୍ରକୃତିହିଁ ହେଉଛି କର୍ମ, ପରିବର୍ତ୍ତନ, ବିବର୍ତ୍ତନ, ଏବଂ ପ୍ରକୃତିହିଁ ସେହି ଶକ୍ତି ଯାହା ଏସବୁକୁ କାର୍ଯ୍ୟରେ ପରିଣତ କରେ । କିନ୍ତୁ ପୁରୁଷ ହେଉଛି ସେହି ସଚେତ ସତ୍ତା, ଯାହା ଭିତରୁ ଏହି ଶକ୍ତି ଉଦ୍ଭୂତ ହୋଇଛି, ଯାହାର ଚେତନାର ଜ୍ୟୋତିର୍ମୟ ଉପାଦାନରୁହିଁ ପ୍ରକୃତି ତା'ର ପରିବର୍ତ୍ତନଶୀଳ ଇଚ୍ଛାକୁ ଆହରଣ କରିଛି ଏବଂ ତା'ର କର୍ମ ଭିତର ଦେଇ ସେଇ ଇଚ୍ଛା ଓ ତା'ର ପରିବର୍ତ୍ତନସବୁକୁ ପ୍ରକଟ କରୁଛି । ଏହି ପୁରୁଷ ଏକ ଏବଂ ବହୁ ମଧ୍ୟ, ଏହା ହେଉଛି ସେହି ଏକ ପ୍ରାଣସତ୍ତା ଯାହା ଭିତରୁ ସମସ୍ତ ପ୍ରାଣ ସୃଷ୍ଟ ହୋଇଛି ଓ ଏହାହିଁ ସମସ୍ତ ପ୍ରାଣୀ, ଏହାହିଁ ହେଉଛି ବିଶ୍ୱସତ୍ତା ଏବଂ ଏହାହିଁ ହେଉଛି ବିଶ୍ୱର ସମସ୍ତ ସତ୍ତା, 'ସର୍ବଭୂତାନି' କାରଣ ଏ ସମସ୍ତହିଁ ହେଉଛି ସେହି ଏକ; ଏହି ସମସ୍ତ ବହୁ ଅସଂଖ୍ୟ ପୁରୁଷ ସେମାନଙ୍କର ମୂଳ ସତ୍ତାରେ ସେହି ଏକ ଅଦ୍ୱିତୀୟ ପୁରୁଷ, 'ଏକମେବାଦ୍ୱିତୀୟମ୍' । କିନ୍ତୁ ପ୍ରକୃତି ମଧ୍ୟରେ ଅହଂବୋଧର ଯେଉଁ ଯନ୍ତ୍ର ରହିଛି, ଯାହାକି ସେହି ପ୍ରକୃତିର କ୍ରିୟାରହିଁ ଏକ ଅଂଶ, ତାହା ମନକୁ ପ୍ରବୃତ୍ତ କରେ ସେହି ମୁହୂର୍ତ୍ତର ସୀମାବଦ୍ଧ ବିବର୍ତ୍ତନ ସହିତ, ଏବଂ ନିର୍ଦ୍ଦିଷ୍ଟ ଦେଶ ଓ କାଳରେ ପ୍ରକୃତିର ଯେଉଁ ସକ୍ରିୟ ଚେତନାର ସମଷ୍ଟି ଥାଏ ତା' ସହିତ, ଏବଂ ପ୍ରକୃତିର ଅତୀତ କର୍ମ ସମଷ୍ଟିର ମୁହୂର୍ତ୍ତକୁ ମୁହୂର୍ତ୍ତ ଯେଉଁ ଫଳ ଉତ୍ପନ୍ନ ହେଉଛି ତାହା ସହିତ ପୁରୁଷର ଚେତନା ଏକ ବୋଲି ଧାରଣା କରିବା ପାଇଁ । ଏହା ସମ୍ଭବପର ଯେ ସ୍ୱୟଂ ପ୍ରକୃତି ଭିତରେ ଏହି ସମସ୍ତ ଜୀବ ବା ସତ୍ତାମାନଙ୍କର ଏକ ପ୍ରକାର ଏକତ୍ୱ ଉପଲବ୍ଧି କରାଯାଇପାରେ ଏବଂ ଏହି ଜ୍ଞାନଲାଭ କରାଯାଇପାରେ ଯେ ବିଶ୍ୱପ୍ରକୃତିର ସମଗ୍ର କର୍ମ ଭିତରେ ଏକ ବିଶ୍ୱପୁରୁଷହିଁ ଅଭିବ୍ୟକ୍ତ ଏବଂ ପ୍ରକୃତି ପୁରୁଷଙ୍କୁ ଅଭିବ୍ୟକ୍ତ କରୁଛି ଏବଂ ପୁରୁଷହିଁ ପ୍ରକୃତି ହୋଇଛି । କିନ୍ତୁ ଏହି ଜାଣିବା ହେଉଛି କେବଳ ବିରାଟ ବିଶ୍ୱ-ବିବର୍ତ୍ତନକୁ ଜାଣିବା ଯାହା ମିଥ୍ୟା ବା ଅସତ୍ ନୁହେଁ; କିନ୍ତୁ କେବଳ ଏହାର ଜ୍ଞାନ ଆମକୁ ଆମର ଆତ୍ମା ସମ୍ପର୍କରେ ଯଥାର୍ଥ ଜ୍ଞାନ ଦେଇପାରିବ ନାହିଁ କାରଣ ଆମର ପ୍ରକୃତ ଆତ୍ମା ସର୍ବଥା ଏ ସମସ୍ତ ଅପେକ୍ଷା ଆହୁରି ଅଧିକ କିଛି ଏବଂ ଏ ସମସ୍ତ ଉର୍ଦ୍ଧ୍ୱରେ ଆହୁରି କିଛି ।

କାରଣ ପ୍ରକୃତିରେ ଅଭିବ୍ୟକ୍ତ ଏବଂ ତାହାର କର୍ମରେ ବଦ୍ଧ ଯେଉଁ ପୁରୁଷ ରହିଛି, ତାହାର ଉର୍ଦ୍ଧ୍ୱରେ ପୁରୁଷର ଆଉ ଏକ ସ୍ଥିତି ରହିଛି, ତାହା କେବଳ ଏକ ସ୍ଥିତି, ଆଦୌ କ୍ରିୟା ନୁହେଁ । ତାହାହିଁ ହେଉଛି ନୀରବ, ଅକ୍ଷର, ସର୍ବବ୍ୟାପୀ, ସ୍ୱୟଂସ୍ଥିତ, ନିଶ୍ଚଳ ଆତ୍ମା, ସର୍ବଗତମ୍ ଅଚଳମ୍, ତାହା ବିବର୍ତ୍ତନଗତ ସତ୍ତା ନୁହେଁ, ତାହା ଅପରିବର୍ତ୍ତନୀୟ ଅକ୍ଷର ସତ୍ତା । କ୍ଷର ଭାବରେ ପୁରୁଷ ପ୍ରକୃତିର କର୍ମରେ ଜଡ଼ିତ, ତେଣୁ ଏହା କାଳର ସ୍ରୋତରେ, ବିବର୍ତ୍ତନର ତରଙ୍ଗରେ କେନ୍ଦ୍ରୀଭୂତ, ଯେପରିକି ନିଜକୁ ତାହା ଭିତରେ ସମ୍ପୂର୍ଣ୍ଣ ହରାଇ

ଦେଇଛି, କିନ୍ତୁ ପ୍ରକୃତରେ ତାହା ନୁହେଁ, ବିବର୍ତ୍ତନର ପ୍ରବାହକୁ ଅନୁସରଣ କରିବା ଫଳରେ କେବଳ ସେହିପରି ଜଣାଯାଏ । ଅକ୍ଷର ଭାବରେ ପ୍ରକୃତି ପୁରୁଷର ନୀରବତା ଓ ବିଶ୍ରାନ୍ତି ଲାଭ କରେ, ତେଣୁ ପୁରୁଷ ନିଜର ଅକ୍ଷର ସତ୍ତା ବିଷୟରେ ଅବଗତ ହୁଏ । କ୍ଷର ହେଉଛି ସାଂଖ୍ୟୋକ୍ତ ପୁରୁଷର ସେହି ଅବସ୍ଥା, ଯେତେବେଳେ ଏହା ପ୍ରକୃତିର ଗୁଣ ସମୂହର ବିଭିନ୍ନ କ୍ରିୟାକୁ ନିଜ ଭିତରେ ପ୍ରତିଫଳିତ କରିଥାଏ ଏବଂ ନିଜକୁ ସଗୁଣ ବ୍ୟଷ୍ଟିପୁରୁଷ ବୋଲି ଜାଣିଥାଏ । ଅକ୍ଷର ହେଉଛି ସାଂଖ୍ୟୋକ୍ତ ପୁରୁଷର ସେହି ଅବସ୍ଥା ଯେତେବେଳେ ଏହି ଗୁଣଗୁଡ଼ିକ ସାମ୍ୟାବସ୍ଥା ପ୍ରାପ୍ତ ହୁଅନ୍ତି ଏବଂ ପୁରୁଷ ନିଜକୁ ନିର୍ଗୁଣ ଓ ନୈର୍ବ୍ୟକ୍ତିକ ବୋଲି ଜାଣେ । ତେଣୁ କ୍ଷରପୁରୁଷ ନିଜକୁ ପ୍ରକୃତିର କର୍ମ ସହିତ ଯୁକ୍ତ କରିଥିବାରୁ କର୍ମର କର୍ତ୍ତା ବୋଲି ମନେ ହେଉଥିଲାବେଳେ, ଅକ୍ଷରପୁରୁଷ ନିଜକୁ ପ୍ରକୃତିର ଗୁଣ ସମୂହର କ୍ରିୟାରୁ ଅଲଗା କରିଦେଇ ନିଷ୍କ୍ରିୟ, ଅକର୍ତ୍ତା ଓ ସାକ୍ଷୀମାତ୍ର ହୋଇ ରହେ । ମନୁଷ୍ୟର ଆତ୍ମା ଯେତେବେଳେ କ୍ଷରର ଭାବ ଗ୍ରହଣ କରେ, ସେତେବେଳେ ବ୍ୟକ୍ତିକତାର ଖେଳା ସହିତ ଏହା ନିଜକୁ ଏକ କରି ଦେଖେ ଏବଂ ତତ୍ପରତାର ସହିତ ପ୍ରକୃତିରେ ରହିଥିବା ଅହଂଭାବ ଦ୍ୱାରା ନିଜର ଆତ୍ମଜ୍ଞାନକୁ ଆଚ୍ଛାଦିତ କରିଦିଏ । ତେଣୁ ନିଜକୁ କର୍ମସବୁର ଅହଂମୟ କର୍ତ୍ତା ବୋଲି ମନେ କରେ; ଯେତେବେଳେ ସେ ଅକ୍ଷର ଭାବରେ ଆରୂଢ଼ ହୁଏ, ସେତେବେଳେ ସେ ନିଜକୁ ନୈର୍ବ୍ୟକ୍ତିକ ଭାବ ସହ ଏକ କରି ଦେଖେ ଏବଂ ପ୍ରକୃତିକୁହିଁ କର୍ମର କର୍ତ୍ତ୍ରୀ ବୋଲି ଓ ନିଜକୁ ନିଷ୍କ୍ରିୟ, ସାକ୍ଷୀ ବୋଲି, 'ଅକର୍ତାରମ୍' ବୋଲି ଜାଣେ । ମଣିଷର ମନକୁ ଏହି ଦୁଇଟି ଭାବ ମଧ୍ୟରୁ କୌଣସି ଗୋଟିଏ ଆଡ଼କୁ ଝୁଙ୍କିବାକୁ ହୋଇଥାଏ, ଏ ଦୁଇଟି ଭିତରୁ ଗୋଟିକୁ ଗ୍ରହଣ କଲେ ସେଠାରେ ଅପରଟିର ଆଉ କୌଣସି ସ୍ଥାନ ନାହିଁ – ଏହି ପ୍ରକାର ଏକ ଭାବ ନେଇ ମଣିଷର ମନ ଏହାକୁ ଗ୍ରହଣ କରିଥାଏ । ହୁଏତ ସେ କ୍ଷରଭାବ ନେଇ ଗୁଣ ଓ ବ୍ୟକ୍ତିକ କର୍ମର ଧାରାରେ ପ୍ରକୃତି ଦ୍ୱାରା ଆବଦ୍ଧ, ନହେଲେ ସେ ଅକ୍ଷର ନୈର୍ବ୍ୟକ୍ତିକ ସତ୍ତାରେ ପ୍ରକୃତିର କ୍ରିୟାରୁ ସମ୍ପୂର୍ଣ୍ଣ ମୁକ୍ତ ।

କିନ୍ତୁ ପୁରୁଷର ସ୍ଥିତି ଓ ଅକ୍ଷରତ୍ୱ ଏବଂ ପ୍ରକୃତି ମଧ୍ୟରେ ଏହାର କର୍ମ ଓ କ୍ଷରତ୍ୱ – ଏ ଦୁଇଟି ବସ୍ତୁତଃ ଏକ ସଙ୍ଗରେ ବିଦ୍ୟମାନ । କିନ୍ତୁ ଏ ଦୁଇଟିର ପରସ୍ପର ବିରୋଧିତାର କୌଣସି ସମାଧାନ ମିଳନ୍ତା ନାହିଁ ବା ଏହାର ସମାଧାନ ପାଇଁ ମାୟାବାଦ ବା ସତ୍ତାର ଦ୍ୱୈତତା ଓ ବିଭକ୍ତତାକୁ ଗ୍ରହଣ କରୁଥିବା କୌଣସି ତତ୍ତ୍ୱର ଆଶ୍ରୟ ନେବାକୁ ପଡ଼ନ୍ତା, ଯଦି ପୁରୁଷର ଏପରି ଏକ ପରମ ସତ୍ତା ନଥା'ନ୍ତା, ଯାହାର ଏ ଦୁହେଁ ହେଉଛନ୍ତି ପରସ୍ପର ବିପରୀତ ଦୁଇଟି ବିଭାବ ମାତ୍ର, କିନ୍ତୁ ସ୍ୱୟଂ ସେହି ସତ୍ତା ଏ ଦୁଇଟି ଭିତରୁ କୌଣସିଟି ଦ୍ୱାରା ସୀମିତ ନୁହେଁ । ଆମେ ଦେଖିଛୁ ଗୀତା ଏହି ସତ୍ୟ ପୁରୁଷୋତ୍ତମ ତତ୍ତ୍ୱରେହିଁ ପାଇଛି । ପରମପୁରୁଷ ହେଉଛନ୍ତି ଈଶ୍ୱର, ଭଗବାନ୍, ସର୍ବଜୀବଙ୍କର ପ୍ରଭୁ, 'ସର୍ବଭୂତ-ମହେଶ୍ୱର' ।

ସେ ତାଙ୍କର ନିଜର ସକ୍ରିୟା ପ୍ରକୃତି – ଗୀତାର ଭାଷାରେ 'ସ୍ୱାମ୍ ପ୍ରକୃତିମ୍'କୁ ଜୀବ ମଧ୍ୟରେ ପ୍ରକଟ କରିଛନ୍ତି ଓ ତାହା ପ୍ରକଟିତ ହେଉଛି ପ୍ରତ୍ୟେକ ଜୀବର ସ୍ୱଭାବ ଅନୁସାରେ, ତାହାର ଅନ୍ତର୍ନିହିତ ଭାଗବତ ସତ୍ତାର ଧର୍ମ ଅନୁସାରେ, ଯେଉଁ ଧର୍ମର ମୂଳଧାରାଗୁଡ଼ିକୁ ପ୍ରତ୍ୟେକ ଜୀବକୁହିଁ ଅନୁସରଣ କରିବାକୁ ହେବ । କିନ୍ତୁ ଏହା ଅହଂଭାବାତ୍ମକ ପ୍ରକୃତି ଭିତରେ ଓ ତ୍ରିଗୁଣର ପରସ୍ପର ଉପରେ ଚାଲିଥିବା ଜଟିଳ ଖେଳା (ଗୁଣାଃ ଗୁଣେଷୁ ବର୍ତନ୍ତେ) ଭିତରେ ପ୍ରକଟିତ ହେଉଛି । ଏହାହିଁ ହେଉଛି ତ୍ରିଗୁଣମୟୀ ମାୟା, ମନୁଷ୍ୟ ପକ୍ଷରେ ଏହି ମାୟା ଅତିକ୍ରମ କରିବା ଅତ୍ୟନ୍ତ ଦୁରୂହ – ଦୁରତ୍ୟୟା, ତଥାପି ତ୍ରିଗୁଣର ଊର୍ଦ୍ଧ୍ୱକୁ ଯାଇ ମନୁଷ୍ୟ ଏହାକୁ ଅତିକ୍ରମ କରିପାରେ । କାରଣ ଯଦିଓ ଏ ସମସ୍ତକୁ ଈଶ୍ୱର ତାଙ୍କର କ୍ଷର ଭାବରେ, ତାଙ୍କ ପ୍ରକୃତି-ଶକ୍ତିର ସାହାଯ୍ୟରେ ସମ୍ପନ୍ନ କରୁଛନ୍ତି, ତଥାପି ତାଙ୍କର ଅକ୍ଷର ଭାବରେ ଏ ସମସ୍ତ ତାଙ୍କୁ ସ୍ପର୍ଶ କରୁ ନାହିଁ । ସେ ସମ୍ପୂର୍ଣ୍ଣ ନିର୍ଲିପ୍ତ, ଉଦାସୀନ ରହି ସମସ୍ତଙ୍କୁ ସମଭାବରେ ଦେଖନ୍ତି, ସେ ସମସ୍ତଙ୍କ ଭିତରେ ପ୍ରସାରିତ ଅଥଚ ସମସ୍ତଙ୍କର ଊର୍ଦ୍ଧ୍ୱରେ ରହିଛନ୍ତି । ତିନିଟିଯାକ ଅବସ୍ଥାରେ ସେ ସ୍ୱାମୀ, ସର୍ବୋଚ୍ଚ ଅବସ୍ଥାରେ ସେ ପରମେଶ୍ୱର, ଅକ୍ଷର ଭାବରେ ସେ ସର୍ବାଧ୍ୟକ୍ଷ, ସର୍ବବ୍ୟାପୀ ନୈର୍ବ୍ୟକ୍ତିକ ସତ୍ତା, ପ୍ରଭୁ ଏବଂ ବିଭୁ ଏବଂ କ୍ଷର ଭାବରେ ସେ ସର୍ବଗତ ଦିବ୍ୟସଙ୍କଳ୍ପ ଓ ସର୍ବତ୍ର ବିଦ୍ୟମାନ ସକ୍ରିୟ ଈଶ୍ୱର । ଯେତେବେଳେ ସେ ନିଜ ବ୍ୟକ୍ତିକତାର ଖେଳ ପ୍ରକଟ କରୁଥାଆନ୍ତି ସେତେବେଳେ ମଧ୍ୟ ସେ ତାଙ୍କର ନୈର୍ବ୍ୟକ୍ତିକତାରେ ମୁକ୍ତ ରହିଥାଆନ୍ତି; ସେ କେବଳ ନିର୍ଗୁଣ ନୁହନ୍ତି ବା କେବଳ ସଗୁଣ ନୁହନ୍ତି, ସେ ଏହି ଦୁଇ ବିଭାବ ନେଇ ଏକ ଓ ଅଦ୍ୱୈତ ସତ୍ତା, ଉପନିଷଦ୍ ଭାଷାରେ ସେ ନିର୍ଗୁଣୋ ଗୁଣୀ । କେତେବେଳେ କ'ଣ ସଂଘଟିତ ହେବ, ତାହା ଘଟିବା ପୂର୍ବରୁ ମଧ୍ୟ ସେସବୁକୁ ସେ ସଙ୍କଳ୍ପ କରି ରଖିଛନ୍ତି – ଯେପରି ସେପର୍ଯ୍ୟନ୍ତ ଜୀବିତ ଥିବା ଧାର୍ତ୍ତରାଷ୍ଟ୍ରମାନଙ୍କ ସମ୍ପର୍କରେ ସେ କହିଲେ ମୁଁ ଏମାନଙ୍କୁ ପୂର୍ବରୁହିଁ ମାରି ସାରିଛି, (ମୟୈବୈତେ ନିହତାଃ ପୂର୍ବମେବ) – ପ୍ରକୃତି ଦ୍ୱାରା ସମ୍ପାଦିତ ସମସ୍ତ କର୍ମ କେବଳ ତାଙ୍କର ସଂକଳ୍ପର ଫଳ, ତଥାପି ପଶ୍ଚାତରେ ବିଦ୍ୟମାନ ତାଙ୍କର ନୈର୍ବ୍ୟକ୍ତିକତା ଯୋଗୁଁ ସେ ତାଙ୍କର କର୍ମ ଦ୍ୱାରା ବଦ୍ଧ ନୁହନ୍ତି, 'କର୍ତାରମ୍ ଅକର୍ତାରମ୍' ।

କିନ୍ତୁ ବ୍ୟକ୍ତିସତ୍ତା ରୂପେ ମନୁଷ୍ୟ ନିଜର ଅଜ୍ଞାନତା ଯୋଗୁଁ କର୍ମ ଓ ବିବର୍ତ୍ତନ ସହ ନିଜକୁ ଏକ କରି ଦେଖେ ଓ ମନେ କରେ ତାହାହିଁ ତା'ର ସମୁଦାୟ ଆତ୍ମା, ତାହା ଯେ ତା'ର ଆତ୍ମାର ଏକ ଶକ୍ତି ଓ ତାହା ଆତ୍ମାରୁ ନିସୃତ, ଏହି ଜ୍ଞାନ ତା'ର ରହେ ନାହିଁ ଏବଂ ଏହିପରି ଭାବରେ ସେ ଅହଂଭାବ ଦ୍ୱାରା ବିମୂଢ଼ ହୋଇପଡ଼େ । ସେ ମନେ କରେ, ସେ ଓ ଅନ୍ୟମାନେହିଁ ସମସ୍ତ କର୍ମ କରୁଛନ୍ତି, ସେ ଦେଖିପାରେ ନାହିଁ ଯେ ବାସ୍ତବରେ ପ୍ରକୃତିହିଁ ସବୁକିଛି କରୁଛି ଏବଂ ସେ ନିଜର ଅଜ୍ଞାନତା ଓ ଆସକ୍ତି ଫଳରେ ପ୍ରକୃତିର କର୍ମକୁ ଭୁଲ୍

ଭାବରେ ଦେଖୁଛି ଓ ବିକୃତ କରି ଦେଉଛି । ସେ ଗୁଣମାନଙ୍କର ଦାସ, କେତେବେଳେ ତମୋଗୁଣର ନିସ୍ତେଜ ଜଡ଼ତା ତାକୁ ପକାଇ ରଖିଛି ତ କେତେବେଳେ ରଜୋଗୁଣର ପ୍ରବଳ ଝଟିକା ତାକୁ ଉଡ଼ାଇ ନେଉଛି ବା କେତେବେଳେ ସତ୍ତ୍ୱଗୁଣର ଆଂଶିକ ଆଲୋକ ତାକୁ ସୀମିତ କରି ଦେଉଛି, ସେ ନିଜକୁ ତା'ର ପ୍ରକୃତି-ମନଠାରୁ ଆଦୌ ଅଲଗା କରିପାରେ ନାହିଁ; କିନ୍ତୁ କେବଳ ସେହି ପ୍ରକୃତି-ମନହିଁ ଗୁଣସବୁ ଦ୍ୱାରା ପରିବର୍ତ୍ତିତ ହେଉଥାଏ । ସେ ତେଣୁ ସୁଖ, ଦୁଃଖ, ହର୍ଷ, ଶୋକ, କାମ, କ୍ରୋଧ, ଆସକ୍ତି ଓ ଘୃଣା ଆଦିର ବଶୀଭୂତ ହୁଏ, ତାହାର କୌଣସି ସ୍ୱାଧୀନତା ନାହିଁ ।

ତେଣୁ ମୁକ୍ତ ହେବାକୁ ହେଲେ ତାହାକୁ ପ୍ରକୃତିର କର୍ମ ଭିତରୁ ଫେରିଯାଇ ଅକ୍ଷର ଭାବରେ ପ୍ରତିଷ୍ଠିତ ହେବାକୁ ହେବ, ସେତେବେଳେ ସେ ଗୁଣସମୂହର ଊର୍ଦ୍ଧ୍ୱକୁ ଉଠି ତ୍ରିଗୁଣାତୀତ ହେବ । ନିଜର ଅକ୍ଷର ବ୍ରହ୍ମ, ଅପରିବର୍ତ୍ତନୀୟ ପୁରୁଷ ବୋଲି ଜାଣି, ସେ ନିଜକୁ ଏକ ଅକ୍ଷର ନିର୍ଗୁଣ ସତ୍ତା ବୋଲି, ଆତ୍ମା ବୋଲି ଜାଣିବ, ପ୍ରକୃତିର କର୍ମକୁ ଶାନ୍ତ ଭାବରେ ଦେଖିଯିବ, ନିରପେକ୍ଷ ଭାବରେ ତାହାକୁ ସମର୍ଥନ କରିବ, କିନ୍ତୁ ନିଜେ ସ୍ଥିର, ଉଦାସୀନ, ଅଲିପ୍ତ, ଅଚଳ ଓ ଶୁଦ୍ଧ ରହିବ, ସେ ସର୍ବଭୂତ ସହିତ ସେମାନଙ୍କ ଆତ୍ମାରେ ଏକୀଭୂତ କିନ୍ତୁ ପ୍ରକୃତି ଓ ତା'ର କାର୍ଯ୍ୟାବଳୀ ସହିତ ଏକୀଭୂତ ନୁହେଁ । ଏହି ଆତ୍ମା ଯଦିଓ ନିଜ ଉପସ୍ଥିତି ଦ୍ୱାରା ପ୍ରକୃତିକୁ କର୍ମ କରିବାର ଅଧିକାର ଦେଉଛି, ଯଦିଓ ନିଜର ସର୍ବବ୍ୟାପୀ ସତ୍ତା ଦ୍ୱାରା ସେସବୁକୁ ଧାରଣ କରି ରହିଛି ଓ ସମର୍ଥନ କରୁଛି, ଅର୍ଥାତ୍ ଯଦିଓ ସେ ପ୍ରଭୁ ଓ ବିଭୁ, ତଥାପି ସେ ନିଜେ କର୍ମ ସୃଷ୍ଟି କରେ ନାହିଁ, କର୍ତ୍ତୃତ୍ୱର ଭାବ ସୃଷ୍ଟି କରେ ନାହିଁ ବା କର୍ମ ସହିତ ଫଳର ସଂଯୋଗ ସୃଷ୍ଟି କରେ ନାହିଁ,* କିନ୍ତୁ ପ୍ରକୃତି କିପରି କ୍ଷର ଭାବରେ ଏହି ସବୁକୁ ସମ୍ପନ୍ନ କରୁଛି 'ସ୍ୱଭାବସ୍ତୁ ପ୍ରବର୍ତତେ' ତାହା କେବଳ ଦେଖୁଥାଏ । ଏହା ସଂସାରର ଏହି ଜନ୍ମ ଭିତରକୁ ଆସିଥିବା କୌଣସି ପ୍ରାଣୀର ପାପ ବା ପୁଣ୍ୟକୁ ନିଜର ବୋଲି ଗ୍ରହଣ କରେ ନାହିଁ 'ନାଦତ୍ତେ କସ୍ୟଚିତ୍ ପାପଂ ନ ଚୈବ ସୁକୃତଂ ବିଭୁଃ', ସେ ବରାବର ନିଜର ଆଧ୍ୟାତ୍ମିକ ନିର୍ମଳତାରେ ରହିଥାଏ । ଅଜ୍ଞାନତାରେ ବିମୂଢ଼ ଅହଂ କେବଳ ଏସବୁ ବିଷୟକୁ ନିଜ ଉପରେ ଆରୋପ କରିଥାଏ, କାରଣ ସେ କର୍ତ୍ତାର ଦାୟିତ୍ୱକୁ ନିଜ ଉପରକୁ ନେଇଥାଏ ଏବଂ ବାସ୍ତବରେ ସେ ଯେ ଏକ ମହତ୍ତର ଶକ୍ତିର ଯନ୍ତ୍ର ତାହା ନଭାବି ନିଜେ କର୍ତ୍ତା ସାଜିବାକୁ ପସନ୍ଦ କରିଥାଏ, 'ଅଜ୍ଞାନେନାବୃତଂ ଜ୍ଞାନଂ ତେନ ମୁହ୍ୟନ୍ତି ଜନ୍ତବଃ' । ନିର୍ଗୁଣ ନୈର୍ବ୍ୟକ୍ତିକ ଆତ୍ମାକୁ ଫେରିଯାଇ ଜୀବ ମହତ୍ତର ଆତ୍ମଜ୍ଞାନ ଲାଭ କରେ ଏବଂ ପ୍ରକୃତିର କର୍ମ-ବନ୍ଧନରୁ ମୁକ୍ତ ହୁଏ, ପ୍ରକୃତିର ଗୁଣସକଳ ତାହାକୁ ସ୍ପର୍ଶ କରନ୍ତି ନାହିଁ,

---

* ନ କର୍ତ୍ତୃତ୍ୱଂ ନ କର୍ମାଣି ଲୋକସ୍ୟ ସୃଜତି ପ୍ରଭୁଃ ।
ନ କର୍ମଫଳସଂଯୋଗଂ ସ୍ୱଭାବସ୍ତୁ ପ୍ରବର୍ତ୍ତତେ ।। ୫।୧୪

ତାହାର ଶୁଭ-ଅଶୁଭ ଓ ସୁଖ-ଦୁଃଖର ଭ୍ରାନ୍ତିରୁ ସେ ମୁକ୍ତ ହୁଏ । ପ୍ରାକୃତ ସତ୍ତା, ମନ, ପ୍ରାଣ, ଦେହ ତଥାପି ରହିଥାଏ, ପ୍ରକୃତି ତଥାପି କାର୍ଯ୍ୟ କରୁଥାଏ, କିନ୍ତୁ ଅନ୍ତର୍ସତ୍ତା ସେସବୁ ସହିତ ଆଉ ନିଜକୁ ଏକ କରି ଦେଖେ ନାହିଁ ବା ପ୍ରାକୃତ ସତ୍ତାରେ ଗୁଣମାନଙ୍କର ଖେଳ ଚାଲୁଥିବାବେଳେ ସେ ଆନନ୍ଦିତ ହୁଏ ନାହିଁ ବା ଶୋକ କରେ ନାହିଁ । ସେ ହେଉଛି ସକଳ ବିଷୟର ଦ୍ରଷ୍ଟା, ସ୍ଥିର ମୁକ୍ତ ଅକ୍ଷର ଆତ୍ମା ।

ଏହାହିଁ କ'ଣ ଚରମ ଅବସ୍ଥା, ଚୂଡ଼ାନ୍ତ ସମ୍ଭାବନା, ଶ୍ରେଷ୍ଠତମ ରହସ୍ୟ ? ତା' ହୋଇପାରେନା, କାରଣ ଏହା ଏକ ମିଶ୍ରିତ ବା ବିଭକ୍ତ ଅବସ୍ଥା, ପୂର୍ଣ୍ଣ ସମନ୍ୱୟର ଅବସ୍ଥା ନୁହେଁ, ଏକ ଦ୍ୱିବିଧ ସତ୍ତାର ଅବସ୍ଥା, ଏକୀଭୂତ ସତ୍ତାର ଅବସ୍ଥା ନୁହେଁ । ମୁକ୍ତି ରହିଛି କେବଳ ଆତ୍ମାରେ, କିନ୍ତୁ ପ୍ରକୃତିରେ ରହିଛି ଅପୂର୍ଣ୍ଣତା, ଏହା କେବଳ ଏକ ଅବସ୍ଥା ହୋଇପାରେ । ତା'ହେଲେ, ଏହାର ଊର୍ଦ୍ଧ୍ୱରେ ଆଉ କ'ଣ ଅଛି ? ଗୋଟିଏ ସମାଧାନ ହେଉଛି ସନ୍ନ୍ୟାସୀମାନଙ୍କର, ଯେଉଁମାନେ ପ୍ରକୃତିକୁ ଓ କର୍ମକୁ ସମ୍ପୂର୍ଣ୍ଣ ବର୍ଜନ କରନ୍ତି, ଅନ୍ତତଃ କର୍ମକୁ ଯେତେଦୂର ପର୍ଯ୍ୟନ୍ତ ତ୍ୟାଗ କରିବା ସମ୍ଭବ, ଯାହାଫଳରେ ଏକ ଅବିମିଶ୍ର ଅଖଣ୍ଡ ମୁକ୍ତି ଲାଭ କରାଯାଇପାରିବ, କିନ୍ତୁ ଏହି ସମାଧାନକୁ ଗୀତା ସ୍ୱୀକାର କଲେ ମଧ୍ୟ, ଏହାକୁ ପସନ୍ଦ କରେ ନାହିଁ । ଗୀତା ମଧ୍ୟ ସମସ୍ତ କର୍ମ ତ୍ୟାଗ କରିବାକୁ କହିଛି, 'ସର୍ବକର୍ମାଣି ସଂନ୍ୟସ୍ୟ' କିନ୍ତୁ ସେ ତ୍ୟାଗ ହେଉଛି ଭିତରେ ବ୍ରହ୍ମକୁ ଅର୍ପଣ । କ୍ଷରରେ ବ୍ରହ୍ମ ପ୍ରକୃତିର କର୍ମକୁ ପୂରାପୂରି ସମର୍ଥନ କରେ, କିନ୍ତୁ ଅକ୍ଷର ଭାବରେ ବ୍ରହ୍ମ କର୍ମକୁ ସମର୍ଥନ କଲେ ମଧ୍ୟ ନିଜକୁ ସେ କର୍ମଠାରୁ ପୃଥକ୍ ରଖେ, ନିଜର ମୁକ୍ତିକୁ ଅକ୍ଷୁଣ୍ଣ ରଖେ । ଅକ୍ଷର ଭାବରେ ବ୍ରହ୍ମ ସହ ଯୁକ୍ତ ହୋଇ ବ୍ୟକ୍ତି-ପୁରୁଷ ମୁକ୍ତ ଓ ପ୍ରକୃତିର କର୍ମରୁ ପୃଥକ୍ ରହେ କିନ୍ତୁ କ୍ଷରଭାବରେ ବ୍ରହ୍ମ ସହ ଯୁକ୍ତ ହୋଇ ସେ କର୍ମକୁ ସମର୍ଥନ ଦିଏ କିନ୍ତୁ ତହିଁରେ ଆବଦ୍ଧ ହୁଏ ନାହିଁ । ସେ ଏହା ସର୍ବୋତ୍ତମ ଭାବରେ କରିପାରିବ ଯେତେବେଳେ ସେ ଦେଖିବ ଯେ ଉଭୟଟାହିଁ ହେଉଛି ଏକ ପୁରୁଷୋତ୍ତମଙ୍କର ଦୁଇଟି ବିଭାବ । ପୁରୁଷୋତ୍ତମ ସର୍ବଭୂତରେ ଗୁପ୍ତ ଈଶ୍ୱର ରୂପେ ବିରାଜମାନ କରି ପ୍ରକୃତିକୁ ନିୟନ୍ତ୍ରଣ କରନ୍ତି ଏବଂ ତାଙ୍କର ଇଚ୍ଛାରେ ପ୍ରକୃତି ସ୍ୱଭାବନିୟତ ହୋଇ କର୍ମସବୁ ସମ୍ପନ୍ନ କରେ, ସେ ଇଚ୍ଛା ଆଉ ଜୀବର ଅହଂଭାବ ଦ୍ୱାରା ବିକୃତ ନୁହେଁ ବା ସ୍ୱରୂପଭ୍ରଷ୍ଟ ନୁହେଁ । ସେତେବେଳେ ବ୍ୟକ୍ତିପୁରୁଷ ଦିବ୍ୟଭାବାପନ୍ନ ପ୍ରକୃତିସତ୍ତାକୁ ଭଗବତ୍ ଇଚ୍ଛାର ଏକ ଯନ୍ତ୍ର କରିଦିଏ, 'ନିମିତ୍ତମାତ୍ରମ୍' । କର୍ମ ଭିତରେ ବି ସେ ରହିଥାଏ ତ୍ରିଗୁଣାତୀତ, ଗୁଣସବୁର ଊର୍ଦ୍ଧ୍ୱରେ ଏବଂ ଗୁଣସବୁରୁ ମୁକ୍ତ, ନିସ୍ତ୍ରୈଗୁଣ୍ୟ ଏବଂ ଆରମ୍ଭରେ ଗୀତା ଯେଉଁ ଆଦେଶ ଦେଇଥିଲା 'ନିସ୍ତ୍ରୈଗୁଣ୍ୟୋ ଭବାର୍ଜୁନ' ଅବଶେଷରେ ତାହାକୁ ସେ ପୂର୍ଣ୍ଣରୂପେ ପାଳନ କରେ । ଅବଶ୍ୟ ତଥାପି ସେ ଠିକ୍ ବ୍ରହ୍ମପରି ଗୁଣସବୁର ଭୋକ୍ତା; କିନ୍ତୁ ସେଗୁଡ଼ିକ ଦ୍ୱାରା ଆଉ ସୀମାବଦ୍ଧ ନୁହେଁ, 'ନିର୍ଗୁଣଂ

ଗୁଣଭୋକ୍ତୃ ଚ', ବ୍ରହ୍ମପରି ସେ ମଧ୍ୟ ଅନାସକ୍ତ, ଯଦିଓ ବ୍ରହ୍ମପରି ସବୁକିଛିର ଭର୍ତ୍ତାହୋଇ ରହିଥାଏ, 'ଅସକ୍ତମ୍ ସର୍ବଭୃତ୍' । କିନ୍ତୁ ତା' ମଧ୍ୟରେ ଗୁଣସମୂହର କ୍ରିୟା ସମ୍ପୂର୍ଣ୍ଣ ପରିବର୍ତ୍ତିତ ହୋଇଯାଇଥାଏ, ସେମାନେ ସେମାନଙ୍କର ଅହଂମୂଳକ ସ୍ୱରୂପ ଓ ପ୍ରତିକ୍ରିୟାର ଊର୍ଦ୍ଧ୍ୱକୁ ଉନ୍ନୀତ ହୋଇଥାଆନ୍ତି । ସେ ନିଜର ସମଗ୍ର ସତ୍ତାକୁ ପୁରୁଷୋତ୍ତମଙ୍କ ଭିତରେ ଏକୀଭୂତ କରିଛି, ସେ ଭାଗବତ ସତ୍ତା ଓ ଉଚ୍ଚତର ଭାଗବତ ପ୍ରକୃତିକୁ ପ୍ରାପ୍ତ ହୋଇଛି, ମଦ୍‌ଭାବ, ଏପରିକି ତାହାର ମନ ଓ ପ୍ରାକୃତ ଚେତନାକୁ ବି ଭଗବାନଙ୍କ ସହ ଯୁକ୍ତ କରିଛି, ମନ୍ମନା ମଚ୍ଚିତ୍ତଃ । ଏହି ରୂପାନ୍ତରହିଁ ପ୍ରକୃତିର ଚରମ ବିକାଶ ଏବଂ ଦିବ୍ୟଜନ୍ମର ପରମ ସିଦ୍ଧି, 'ରହସ୍ୟମ୍ ଉତ୍ତମମ୍' । ଯେତେବେଳେ ଏହା ସଂସାଧିତ ହୁଏ, ସେତେବେଳେ ଜୀବ ନିଜକୁ ପ୍ରକୃତିର ପ୍ରଭୁ ବୋଲି ଜାଣିପାରେ ଏବଂ ଭଗବତ୍ ଜ୍ୟୋତିର ଏକ ଜ୍ୟୋତିଃ ହୋଇ ଏବଂ ଭାଗବତ ଇଚ୍ଛାର ଏକ ଇଚ୍ଛା ହୋଇ ନିଜର ପ୍ରକୃତିର କାର୍ଯ୍ୟାବଳୀକୁ ଦିବ୍ୟକର୍ମରେ ପରିଣତ କରିପାରେ ।

## ୨୩

# ନିର୍ବାଣ ଓ ସଂସାରରେ କାର୍ଯ୍ୟ

ସମଗ୍ର ସତ୍ତାର ଏକ ଯୋଗ ଦ୍ୱାରା ଜୀବର ପୁରୁଷୋତ୍ତମଙ୍କ ସଙ୍ଗେ ମିଳନହିଁ ହେଉଛି ଗୀତାର ସମ୍ପୂର୍ଣ୍ଣ ଶିକ୍ଷା । କେବଳ ଜ୍ଞାନ-ମାର୍ଗକୁ ଅନୁସରଣ କରୁଥିବା ସଂକୀର୍ଣ୍ଣତର ମତମାନଙ୍କର କେବଳ ଅକ୍ଷରପୁରୁଷଙ୍କ ସଙ୍ଗେ ଯେଉଁ ମିଳନ ବିଷୟ କୁହାଯାଇଥାଏ, ଏହା ତାହା ନୁହେଁ । ସେଇଥି ପାଇଁ ଗୀତା ଜ୍ଞାନ ଓ କର୍ମର ସମନ୍ୱୟସାଧନ କଲାପରେ ଏହି ଜ୍ଞାନ ଓ କର୍ମ ସହିତ ସମନ୍ୱିତ ପ୍ରେମ ଓ ଭକ୍ତିକୁହିଁ ଉତ୍ତମ ରହସ୍ୟରେ ପହଞ୍ଚିବା ପାଇଁ ଶ୍ରେଷ୍ଠତମ ମାର୍ଗ ବୋଲି ଦେଖାଇଛି । ଯଦି କେବଳ ଅକ୍ଷର ପୁରୁଷଙ୍କ ସଙ୍ଗେ ମିଳନହିଁ ଏକମାତ୍ର ରହସ୍ୟ ବା ଶ୍ରେଷ୍ଠତମ ରହସ୍ୟ ହୋଇ ଥାଆନ୍ତା, ତେବେ କର୍ମ, ଜ୍ଞାନଯୁକ୍ତ ଭକ୍ତି ଓ ପ୍ରେମର ଏହି ସାଧନା ସମ୍ଭବ ହୁଅନ୍ତା ନାହିଁ, କାରଣ ସେ କ୍ଷେତ୍ରରେ ସାଧନାର ଏକ ବିଶେଷ ଅବସ୍ଥାରେ ପ୍ରେମ ଓ ଭକ୍ତି ପାଇଁ ସମସ୍ତ ଆନ୍ତର ଭିତ୍ତି, କର୍ମ ପାଇଁ ସମସ୍ତ ଆନ୍ତର ଭିତ୍ତି ପରି ସମ୍ପୂର୍ଣ୍ଣ ବିଧ୍ୱସ୍ତ ଓ ବିଲୁପ୍ତ ହୋଇଯାଆନ୍ତା । କେବଳ ଅକ୍ଷର ପୁରୁଷଙ୍କ ସଙ୍ଗରେ ସମ୍ପୂର୍ଣ୍ଣ ଓ ଅନନ୍ୟ ମିଳନର ଅର୍ଥ ହେଉଛି କ୍ଷରଭାବର ସମ୍ପୂର୍ଣ୍ଣ ବିଲୋପ, କେବଳ ଏହାର ସାଧାରଣ ଓ ନିମ୍ନତର କ୍ରିୟା ନୁହେଁ, ଏକେବାରେ ଏହାର ମୂଳର ବିଲୋପ, ଯାହାକିଛି ଏହାର ଅସ୍ତିତ୍ୱକୁ ସମ୍ଭବ କରିଛି, କେବଳ ଏହାର ଅଜ୍ଞାନାବସ୍ଥାର କର୍ମ ନୁହେଁ, ଏହାର ଜ୍ଞାନାବସ୍ଥାର କର୍ମସମେତ ସବୁକିଛିର ସମ୍ପୂର୍ଣ୍ଣ ବିଲୋପ । ଏହାର ଅର୍ଥ ହେବ ମନୁଷ୍ୟ ଓ ଭଗବାନଙ୍କ ମଧ୍ୟରେ ଚେତନାର ପ୍ରତିଷ୍ଠା ଓ କର୍ମ ମଧ୍ୟରେ ଯେଉଁ ପାର୍ଥକ୍ୟ ରହିଛି ଓ ଯାହା ଫଳରେ କ୍ଷରଭାବର ଲୀଳା ସମ୍ଭବ ହେଉଛି ସେ ସବୁର ବିଲୋପ । କାରଣ ସେତେବେଳେ କ୍ଷରର କର୍ମ ହେବ ସମ୍ପୂର୍ଣ୍ଣ ଅଜ୍ଞାନର ଖେଳ । କାରଣ ସେତେବେଳେ ତହିଁରେ ଆଉ ଭାଗବତ ସତ୍ୟର କୌଣସି ମୂଳ ବା ଭିତ୍ତି ରହିବ ନାହିଁ । କିନ୍ତୁ ଅନ୍ୟପକ୍ଷରେ ଯୋଗ ଦ୍ୱାରା ପୁରୁଷୋତ୍ତମଙ୍କ ସଙ୍ଗେ ମିଳନର ଅର୍ଥ ହେଉଛି ଆମର ସ୍ୱୟଂସ୍ଥିତ ସତ୍ତାରେ ତାଙ୍କ ସହିତ ଆମର ଅଭେଦ ଏକତ୍ୱର ଉପଲବ୍ଧି ଓ ଆସ୍ୱାଦନ ସଙ୍ଗେ ସଙ୍ଗେ କ୍ରିୟାଶୀଳ ସତ୍ତାରେ ତାଙ୍କ ସହିତ ଆମର ବିଶେଷ ଭେଦତ୍ୱର ଉପଲବ୍ଧି ଓ ଆସ୍ୱାଦନ । ଏହି ଭେଦତ୍ୱ ଦିବ୍ୟ କର୍ମର ଖେଳାରେ ତିଷ୍ଠି ରହିଥାଏ । ଦିବ୍ୟ ପ୍ରେମ ଦ୍ୱାରା ପ୍ରରୋଚିତ ଓ ପୂର୍ଣ୍ଣତାପ୍ରାପ୍ତ ଦିବ୍ୟ ପ୍ରକୃତି ଦ୍ୱାରା ଅନୁଷ୍ଠିତ ଦିବ୍ୟକର୍ମରେ ଏହି ବିଶେଷ ଭେଦତ୍ୱ ସ୍ଥାୟୀ ରହିବା ଫଳରେ ଏବଂ ଆତ୍ମାରେ ଭଗବତ୍ ଉପଲବ୍ଧି ସହିତ ସାମଞ୍ଜସ୍ୟ ରଖି ଜଗତରେ ଭଗବତ୍ ଉପଲବ୍ଧି ଫଳରେ

ମୁକ୍ତ ପୁରୁଷ ପକ୍ଷେ କର୍ମ ଓ ଭକ୍ତି ସମ୍ଭବ ହୁଏ, ଖାଲି ସମ୍ଭବ ନୁହେଁ, ତା'ର ସିଦ୍ଧ ସ୍ୱଭାବ ପାଇଁ ଅନିବାର୍ଯ୍ୟ ହୋଇଉଠେ ।

କିନ୍ତୁ ଅକ୍ଷର ଆତ୍ମାର ସୁଦୃଢ଼ ଉପଲବ୍ଧି ଭିତର ଦେଇହିଁ ଭଗବତ୍ ମିଳନର ସିଧା ରାସ୍ତା । ଏହାହିଁ ପ୍ରଥମ ପ୍ରୟୋଜନ ବୋଲି ଗୀତା ବିଶେଷ ଜୋର୍ ଦେଇଥିବାରୁ ଏବଂ ଏହାପରେହିଁ କେବଳ କର୍ମ ଓ ଭକ୍ତି ସେମାନଙ୍କର ପୂର୍ଣ୍ଣ ଦିବ୍ୟସାର୍ଥକତା ଲାଭ କରିବେ ବୋଲି କୁହାଯାଇଥିବାରୁ, ଗୀତାର ପ୍ରକୃତ ଅର୍ଥ ବୁଝିବାରେ ଆମର ଭୁଲ୍ ହୁଏ । କାରଣ ଗୀତାରେ ଯେଉଁସବୁ ଶ୍ଳୋକରେ ଏହା ଉପରେ ବିଶେଷ ଜୋର୍ ଦିଆଯାଇଛି ଆମେ ଯଦି କେବଳ ସେହି ଶ୍ଳୋକଗୁଡ଼ିକୁ ନେଉ କିନ୍ତୁ ପୂର୍ବାପର ଚିନ୍ତାଧାରା ଓ ଯେଉଁ ସମଗ୍ର ବିଚାର ଉପରେ ସେଗୁଡ଼ିକୁ ଛିଡ଼ା କରାଯାଇଛି ତାହାକୁ ଲକ୍ଷ୍ୟ କରିବାରେ ଅବହେଳା କରୁ, ତେବେ ଆମେ ସହଜରେ ଏହି ସିଦ୍ଧାନ୍ତରେ ପହଞ୍ଚି ଯାଇପାରୁ ଯେ ବାସ୍ତବରେ ଗୀତା ଏହି ଶିକ୍ଷା ଦେଉଛି ଯେ କର୍ମହୀନ ଲୟହିଁ ଜୀବର ଚରମ ଗତି ଏବଂ କର୍ମ ହେଉଛି ସେହି ନିଶ୍ଚଳ ଅକ୍ଷର ବ୍ରହ୍ମରେ ସ୍ଥିର ଶାନ୍ତିଲାଭ ଦିଗରେ ସାଧନାର ଏକ ପ୍ରାଥମିକ ଉପାୟ ମାତ୍ର । ପଞ୍ଚମ ଅଧ୍ୟାୟର ଶେଷ ଆଡ଼କୁ ଏବଂ ସମଗ୍ର ଷଷ୍ଠ ଅଧ୍ୟାୟରେ ଗୀତା ଏହି ପ୍ରୟୋଜନ ଉପରେ ଖୁବ୍ ବ୍ୟାପକ ଓ ତୀବ୍ରଭାବରେ ଜୋର୍ ଦେଇଛି । ସେଠାରେ ଆମେ ଏପରି ଏକ ଯୋଗର ବର୍ଣ୍ଣନା ପାଉ, ପ୍ରଥମ ଦୃଷ୍ଟିରେ ମନେ ହେବ ଯେପରିକି ସେ ଯୋଗର କର୍ମ ସହିତ କୌଣସି ସମ୍ପର୍କ ନାହିଁ, ତାହା ସହିତ କର୍ମ ସମ୍ପୂର୍ଣ୍ଣ ଅସଙ୍ଗତ ଏବଂ ଯୋଗୀ ଯେଉଁ ପରମ ପଦ ଲାଭ କରନ୍ତି, ତାହାର ବର୍ଣ୍ଣନା କରି 'ନିର୍ବାଣ' ଶବ୍ଦଟି ବାରଂବାର ବ୍ୟବହୃତ ହୋଇଛି ।

ଏହି ଅବସ୍ଥାର ଲକ୍ଷଣ ହେଉଛି ଏକ ନୀରବ ଆତ୍ମନିର୍ବାଣର ପରମ ଶାନ୍ତି, 'ଶାନ୍ତିଂ ନିର୍ବାଣ-ପରମାମ୍'; ଏବଂ ଏହା ଯେ ସତ୍ତାର ଏକ ଆନନ୍ଦମୟ ନେତି ଓ ବିଲୋପ ଭିତରେ ବୌଦ୍ଧଧର୍ମର ନିର୍ବାଣ ନୁହେଁ, ଏହା ହେଉଛି ପୂର୍ଣ୍ଣସତ୍ତା ଭିତରେ ଅଂଶସତ୍ତାର ବେଦାନ୍ତ ମାର୍ଗର ଲୟ, ଯେପରି ଏହାହିଁ ସ୍ପଷ୍ଟ ଭାବରେ ବୁଝାଇବା ପାଇଁ ଗୀତା ବରାବର 'ବ୍ରହ୍ମନିର୍ବାଣ' ଶବ୍ଦ ପ୍ରୟୋଗ କରିଛି, ଯାହାର ଅର୍ଥ ହେଉଛି ବ୍ରହ୍ମରେ ନିର୍ବାଣ । ଏଠାରେ ନିଶ୍ଚିତ ଭାବରେ ବ୍ରହ୍ମ କହିଲେ ଅକ୍ଷର ବ୍ରହ୍ମକୁହିଁ ବୁଝାଇବା ପରି ମନେହୁଏ, ଅନ୍ତତଃ ପକ୍ଷେ ମୁଖ୍ୟତଃ ଅନ୍ତରସ୍ଥ ସେହି କାଳାତୀତ ଆତ୍ମାକୁ ଲକ୍ଷ୍ୟ କରାଯାଇଛି, ଯାହା ପ୍ରକୃତିର ବାହ୍ୟ ଭାଗରେ ନିହିତ ରହିଥିଲେ ମଧ୍ୟ, ସେଥିରେ କୌଣସି ଅଂଶ ଗ୍ରହଣ ନକରି ପ୍ରତ୍ୟାହୃତ ହୋଇ ରହିଥାଏ । ତା'ହେଲେ ଆମକୁ ଦେଖିବାକୁ ହେବ ଏଠାରେ ଗୀତାର ଶିକ୍ଷା ପ୍ରକୃତରେ କେଉଁ ଦିଗରେ ଯାଉଛି ଏବଂ ବିଶେଷ କରି ଏହି ଯେଉଁ ଶାନ୍ତି କଥା କୁହାଯାଉଛି ତାହା କ'ଣ ସମ୍ପୂର୍ଣ୍ଣ କର୍ମହୀନ ବିରତିର ଶାନ୍ତି, ଅକ୍ଷରରେ ଆତ୍ମ ନିର୍ବାଣର ଅର୍ଥ କ'ଣ କ୍ଷରର ସମସ୍ତ ଜ୍ଞାନ ଓ ଚେତନାର ଓ କ୍ଷରର ସମସ୍ତ କର୍ମର ସମ୍ପୂର୍ଣ୍ଣ ବର୍ଜନ ? ବସ୍ତୁତଃ ଆମେ

ଏପରି ଧାରଣାରେ ଅଭ୍ୟସ୍ତ ଯେ ନିର୍ବାଣ ସଙ୍ଗରେ ସଂସାରରେ କୌଣସି ପ୍ରକାର କର୍ମ ବା ଅସ୍ତିତ୍ୱର କଥାହିଁ ସମ୍ପୂର୍ଣ୍ଣ ଅସଙ୍ଗତ ଏବଂ ଆମେ ଏହିପରି ଯୁକ୍ତିକୁ ସମର୍ଥନ କରିପାରୁ ଯେ ଏହି ନିର୍ବାଣ ଶବ୍ଦର ପ୍ରୟୋଗହିଁ ଯଥେଷ୍ଟ ଏବଂ ଏହାଦ୍ୱାରା ପ୍ରଶ୍ନଟିର ଚୂଡ଼ାନ୍ତ ମୀମାଂସା ହୋଇଯାଉଛି । କିନ୍ତୁ ଆମେ ଯଦି ବୌଦ୍ଧମତକୁ ଗଭୀର ଭାବରେ ଅଧ୍ୟୟନ କରୁ ତେବେ ଏପରିକି ବୌଦ୍ଧମାନଙ୍କ ପାଇଁ ମଧ୍ୟ ନିର୍ବାଣ ସହିତ କର୍ମ ଓ ସଂସାରର ଏହିପରି ପୂର୍ଣ୍ଣ ବିରୋଧ ଓ ଅସାମଞ୍ଜସ୍ୟ କେତେଦୂର ରହିଥିଲା ସେ ବିଷୟରେ ସନ୍ଦେହ ଆସେ । ଆମେ ଯଦି ଗୀତାର ଶିକ୍ଷାକୁ ଗଭୀର ଭାବରେ ଦେଖୁ ତେବେ ଦେଖିବାକୁ ପାଇବୁ ଯେ ଏହି ଧରଣର ବିରୋଧ ବେଦାନ୍ତର ମହାନ ଶିକ୍ଷାର ଅନ୍ତର୍ଭୁକ୍ତ ନୁହେଁ ।

ବ୍ରହ୍ମଜ୍ଞାନୀ ଯେକି ବ୍ରହ୍ମଚେତନା ମଧ୍ୟକୁ ଉତ୍‌ଥିତ ହୋଇଛନ୍ତି, 'ବ୍ରହ୍ମବିଦ୍ ବ୍ରହ୍ମଣି ସ୍ଥିତଃ', ତାଙ୍କର ପୂର୍ଣ୍ଣ ସମତା ବିଷୟରେ କହିସାରିବା ପରେ ଗୀତା ପରବର୍ତ୍ତୀ ନଅଟି ଶ୍ଳୋକରେ ବ୍ରହ୍ମଯୋଗ ଓ ବ୍ରହ୍ମରେ ନିର୍ବାଣ ସମ୍ପର୍କରେ ନିଜର ବିଚାରକୁ ବିସ୍ତାରିତ ରୂପେ ବ୍ୟକ୍ତ କରିଛି । ନିଜର ବକ୍ତବ୍ୟ ଆରମ୍ଭ କରି ଏହା କହିଛି, ''ଯେତେବେଳେ ଜୀବ ଆଉ ବାହ୍ୟବସ୍ତୁର ସ୍ପର୍ଶରେ ଆସକ୍ତ ନୁହେଁ, ସେତିକିବେଳେହିଁ ମନୁଷ୍ୟ ଆତ୍ମାରେ ଯେଉଁ ସୁଖ ରହିଛି ତାହା ଲାଭ କରେ, ଏହିପରି ବ୍ୟକ୍ତିହିଁ ଅକ୍ଷୟ ସୁଖ ଲାଭ କରେ, କାରଣ ତା'ର ଆତ୍ମା ବ୍ରହ୍ମ ସହିତ ଯୋଗ ଦ୍ୱାରା ଯୁକ୍ତ ।''[୧] ଗୀତା କହେ ଯେ କାମନା, ବାସନା ଓ କ୍ରୋଧ, ଦ୍ୱେଷ ଆଦିର ଆକ୍ରମଣରୁ ମୁକ୍ତ ହେବାକୁ ହେଲେ ପ୍ରଥମ ଆବଶ୍ୟକତା ହେଉଛି ଅନାସକ୍ତି, ଏବଂ ଏହି ମୁକ୍ତି ବିନା ଯଥାର୍ଥ ସୁଖ ସମ୍ପୂର୍ଣ୍ଣ ଅସମ୍ଭବ । ଏହି ସୁଖ ଏବଂ ଏହି ସମତା ମନୁଷ୍ୟକୁ ଏହି ଶରୀରରେ ରହିହିଁ ଆଣିବାକୁ ପଡ଼ିବ; ଶରୀର ତ୍ୟାଗ ପରେହିଁ କେବଳ ପୂର୍ଣ୍ଣ ମୁକ୍ତିଲାଭ କରାଯାଏ, ଏହିପରି ଏକ ଧାରଣାର ବଶବର୍ତ୍ତୀ ହୋଇ ଯେପରି ନିମ୍ନ ପ୍ରକୃତିର ଦାସତ୍ୱକୁ ଲେଶମାତ୍ର ବରଦାସ୍ତ କରା ନଯାଏ, ତାହା ଦେଖିବାକୁ ହେବ । ପୂର୍ଣ୍ଣତମ ଅଧ୍ୟାତ୍ମ ମୁକ୍ତି ଏହି ପୃଥିବୀ ଉପରେହିଁ ଲାଭ କରିବାକୁ ହେବ ଏବଂ ମନୁଷ୍ୟର ଏହି ଜୀବନରେହିଁ 'ପ୍ରାକ୍ ଶରୀର-ବିମୋକ୍ଷଣାତ୍' ତାହା ଅଧିଗତ ଓ ଭୋଗ କରିବାକୁ ହେବ । ଏହାପରେ ଗୀତା କହୁଛି, ''ଯେ ଆନ୍ତର ସୁଖ ଅନ୍ତରାରାମ ଓ ଅନ୍ତରାଲୋକ ଲାଭ କରିଛନ୍ତି ସେହି ଯୋଗୀ ବ୍ରହ୍ମ ହୋଇଉଠନ୍ତି ଓ ବ୍ରହ୍ମ ଭିତରେ ଆତ୍ମନିର୍ବାଣ ଲାଭ କରନ୍ତି, 'ବ୍ରହ୍ମ-ନିର୍ବାଣମ୍' ''[୨] । ଏଠାରେ ଅତି ସ୍ପଷ୍ଟ ଭାବରେ ନିର୍ବାଣର ଅର୍ଥ ହେଲା

---

[୧] ବାହ୍ୟସ୍ପର୍ଶେଷ୍ୱସକ୍ତାତ୍ମା ବିନ୍ଦତ୍ୟାତ୍ମନି ଯତ୍ ସୁଖମ୍ ।
ସ ବ୍ରହ୍ମଯୋଗଯୁକ୍ତାତ୍ମା ସୁଖମକ୍ଷୟମଶ୍ନୁତେ ॥ ୫।୨୧

[୨] ଯୋଽନ୍ତଃସୁଖୋଽନ୍ତରାରାମସ୍ତଥାନ୍ତର୍ଜ୍ୟୋତିରେବ ଯଃ ।
ସ ଯୋଗୀ ବ୍ରହ୍ମନିର୍ବାଣଂ ବ୍ରହ୍ମଭୂତୋଽଧିଗଚ୍ଛତି ॥ ୫।୨୪

ସେହି ଉଚ୍ଚତର ଆଧ୍ୟାତ୍ମିକ ଓ ଆନ୍ତର ସତ୍ତାରେ ଅହଂର ବିଲୋପ, ଯେଉଁ ସତ୍ତା ଚିରଦିନ ଦେଶ ଓ କାଳର ଅତୀତ, କାର୍ଯ୍ୟକାରଣର ଶୃଙ୍ଖଳରେ ବା କ୍ଷର ଜଗତର ପରିବର୍ତ୍ତନସବୁରେ ବଦ୍ଧ ନୁହେଁ, ଯେ ଆତ୍ମାନନ୍ଦମୟ, ଆତ୍ମଜ୍ୟୋତିରେ ପରିପୂର୍ଣ୍ଣ ଓ ଶାଶ୍ୱତ ଶାନ୍ତିରେ ସୁପ୍ରତିଷ୍ଠିତ । ଯୋଗୀ ଆଉ ଅହଂ ହୋଇ ରହେ ନାହିଁ, ମନ ଓ ଶରୀର ଦ୍ୱାରା ସୀମିତ କ୍ଷୁଦ୍ର ବ୍ୟକ୍ତିଟିଏ ହୋଇ ରହେ ନାହିଁ, ସେ ସ୍ୱୟଂ ବ୍ରହ୍ମ ହୋଇଉଠେ, ତା'ର ପ୍ରାକୃତ ସତ୍ତାରେ ନିହିତ ହୋଇ ଯେଉଁ ଶାଶ୍ୱତ ଆତ୍ମା ରହିଛି ତାହାର ଅକ୍ଷର ଭାଗବତ ସ୍ୱରୂପ ସହିତ ସେ ଚେତନାରେ ଏକ ହୋଇଯାଏ ।

କିନ୍ତୁ ଏହା କ'ଣ ସମସ୍ତ ବିଶ୍ୱଚେତନାରୁ ଦୂରକୁ ଚାଲିଯାଇ ସମାଧିର କୌଣସି ଗଭୀର ନିଦ୍ରାରେ ପ୍ରବେଶ କରିବା କିଂବା ଏହା କ'ଣ ଏକ ପ୍ରସ୍ତୁତି କ୍ରିୟା ଯାହା ଫଳରେ ପ୍ରାକୃତ ସତ୍ତା ଓ ବ୍ୟକ୍ତି ସତ୍ତା ଏପରି ଏକ ଅଖଣ୍ଡ ଆତ୍ମା ଭିତରେ ଲୟ ବା ମୋକ୍ଷ ଲାଭ କରିବ, ଯେଉଁ ଆତ୍ମା କି ସର୍ବଦା ଓ ସମ୍ପୂର୍ଣ୍ଣ ରୂପେ ପ୍ରକୃତି ତଥା ତା'ର କ୍ରିୟାର ଅତୀତ ? ଆମେ ନିର୍ବାଣ ଭିତରେ ପ୍ରବେଶ କରିବା ପୂର୍ବରୁ କ'ଣ ବିଶ୍ୱଚେତନାରୁ ନିଜକୁ ଏପରି ପ୍ରତ୍ୟାହାର କରିନେବା ଆବଶ୍ୟକ ନା ଗୀତୋକ୍ତ ବାକ୍ୟ ଅନୁସାରେ ଯାହା ବୁଝାଯାଏ ଯେ ନିର୍ବାଣ ଏପରି ଏକ ଅବସ୍ଥା ଯାହାକି ବିଶ୍ୱଚେତନା ସହିତ ଏକ ସଙ୍ଗରେ ରହିପାରେ ଏପରିକି ନିଜ ଭାବରେ ଏହାକୁ ନିଜର ଅନ୍ତର୍ଗତ କରିପାରେ । ଏହି ଶେଷଟିହିଁ ଯଥାର୍ଥ ବୋଲି ମନେ ହୁଏ, କାରଣ ପର ଶ୍ଳୋକରେହିଁ ଗୀତା କହିଛି ଯେ, "ସେହି ଋଷିମାନେହିଁ ବ୍ରହ୍ମନିର୍ବାଣ ଲାଭ କରନ୍ତି ଯେଉଁମାନଙ୍କ ଭିତରୁ ପାପର ସମସ୍ତ ଦାଗ ପୋଛି ହୋଇଯାଇଛି, ସଂଶୟର ସମସ୍ତ ଗ୍ରନ୍ଥି ଛିନ୍ନ ହୋଇଯାଇଛି, ଯେଉଁମାନେ ଆତ୍ମ-କର୍ତ୍ତୃତ୍ୱ ଲାଭ କରିଛନ୍ତି ଓ ସର୍ବଦା ସମସ୍ତ ପ୍ରାଣିଗଣଙ୍କର କଲ୍ୟାଣରେ ଯେଉଁମାନେ ବ୍ରତୀ, 'ସର୍ବଭୂତହିତେ ରତାଃ' "[୧] । ଏହାର ଅର୍ଥ ତ ପ୍ରାୟ ଏହିପରି ହୋଇଯାଉଛି ଯେ ଏହି ଅବସ୍ଥା ଲାଭ କରିବାହିଁ ନିର୍ବାଣ ଲାଭ । କିନ୍ତୁ ପରର ଶ୍ଳୋକଟି ଖୁବ୍ ସ୍ପଷ୍ଟ ଓ ନିଷ୍ପତ୍ତିମୂଳକ, "ଯେଉଁ ଯତିମାନେ (ଯେଉଁମାନେ ଯୋଗ ଓ ତପସ୍ୟା ଦ୍ୱାରା ଆତ୍ମଜୟର ସାଧନା କରନ୍ତି) କାମ ଓ କ୍ରୋଧରୁ ମୁକ୍ତ ହୋଇଛନ୍ତି ଓ ଆତ୍ମ-କର୍ତ୍ତୃତ୍ୱ ଲାଭ କରିଛନ୍ତି, ସେମାନଙ୍କ ପାଇଁ ବ୍ରହ୍ମନିର୍ବାଣ, ସେମାନଙ୍କ ଚତୁଃପାର୍ଶ୍ୱରେ ରହିଛି, ସେମାନଙ୍କୁ ଘେରି ରହିଛି, ସେମାନେ ସେଥିରେହିଁ ବାସ କରନ୍ତି, କାରଣ ସେମାନେ ଆତ୍ମାର ଜ୍ଞାନଲାଭ କରିଛନ୍ତି[୨] ।" ଅର୍ଥାତ୍ ଆତ୍ମାର

---

[୧] ଲଭନ୍ତେ ବ୍ରହ୍ମନିର୍ବାଣମୃଷୟଃ କ୍ଷୀଣକଲ୍ମଷାଃ ।
ଛିନ୍ନଦ୍ୱୈଧା ଯତାତ୍ମାନଃ ସର୍ବଭୂତହିତେ ରତାଃ ।। ୫।୨୫

[୨] କାମକ୍ରୋଧବିଯୁକ୍ତାନାଂ ଯତୀନାଂ ଯତଚେତସାମ୍ ।
ଅଭିତୋ ବ୍ରହ୍ମନିର୍ବାଣଂ ବର୍ତ୍ତତେ ବିଦିତାତ୍ମନାମ୍ ।। ୫।୨୬

ଜ୍ଞାନଲାଭ କରିବା ଓ ଆତ୍ମାରେ ପ୍ରତିଷ୍ଠିତ ହେବାର ଅର୍ଥହିଁ ନିର୍ବାଣରେ ଅବସ୍ଥାନ କରିବା । ଏହା ସ୍ପଷ୍ଟ ରୂପେ ନିର୍ବାଣତତ୍ତ୍ୱର ଏକ ବ୍ୟାପକ ପ୍ରସାରଣ । ଇନ୍ଦ୍ରିୟାବେଗର ସମସ୍ତ କଳୁଷରୁ ମୁକ୍ତି, ସମତ୍ୱବୁଦ୍ଧିର ଆତ୍ମକର୍ତ୍ତୃତ୍ୱ, ଯାହା ଉପରେ ଏହି ମୁକ୍ତି ପ୍ରତିଷ୍ଠିତ ହୋଇଥାଏ, 'ସର୍ବଭୂତେଷୁ' ସମସ୍ତ ପ୍ରାଣୀଙ୍କ ପ୍ରତି ସମଭାବ, ସମସ୍ତଙ୍କ ପାଇଁ ଏକ କଲ୍ୟାଣମୟ ପ୍ରେମ, ଏବଂ ଯେଉଁ ସଂଶୟ ଓ ଅଜ୍ଞାନ ଆମକୁ ସର୍ବ-ଐକ୍ୟକାରୀ ଭଗବାନଙ୍କଠାରୁ ବିଚ୍ଛିନ୍ନ କରି ରଖିଥାଏ, ତା'ର ସମ୍ପୂର୍ଣ୍ଣ ବିନାଶ, ଏବଂ ଆମ ଭିତରେ ଓ ସମସ୍ତଙ୍କ ଭିତରେ ଯେଉଁ ଏକ ଅଦ୍ୱିତୀୟ ଆତ୍ମା ରହିଛି ତାହାର ଜ୍ଞାନ – ସ୍ପଷ୍ଟତଃ ଏହିଗୁଡ଼ିକହିଁ ହେଉଛି ନିର୍ବାଣଲାଭର ସର୍ତ୍ତ, ଏହିଗୁଡ଼ିକ ନେଇହିଁ ନିର୍ବାଣ ଅବସ୍ଥା ଲାଭ ହୁଏ, ଏହିଗୁଡ଼ିକହିଁ ନିର୍ବାଣର ଉପାଦାନ, ଗୀତାର ଶ୍ଳୋକରେ ଏହାହିଁ ପ୍ରତିପାଦନ କରାଯାଇଛି ।

ଏହିପରି ଭାବରେ ନିର୍ବାଣ ସ୍ପଷ୍ଟତଃ ସଂସାର ଚେତନା ଓ ସଂସାରର କର୍ମ ସହିତ ସମ୍ପୂର୍ଣ୍ଣ ସୁସଙ୍ଗତ । କାରଣ ଯେଉଁସବୁ ଋଷି ଏହା ଲାଭ କରିଥା'ନ୍ତି, ସେମାନେ ଏହି କ୍ଷର ଜଗତରେ ଭଗବାନଙ୍କ ସମ୍ପର୍କରେ ସଚେତନ ହୋଇଥା'ନ୍ତି, କର୍ମ ଭିତର ଦେଇ ତାଙ୍କ ସହ ଘନିଷ୍ଠ ଭାବରେ ଯୁକ୍ତ ହୋଇଥା'ନ୍ତି । ସେମାନେ ସର୍ବଭୂତଙ୍କ ହିତସାଧନରେ 'ସର୍ବଭୂତହିତେ' ଲାଗି ପଡ଼ିଥା'ନ୍ତି । ସେମାନେ କ୍ଷରପୁରୁଷର ଅନୁଭୂତିସବୁକୁ ତ୍ୟାଗ କରି ନଥା'ନ୍ତି, ସେମାନେ ସେଗୁଡ଼ିକୁ ଦିବ୍ୟଭାବାପନ୍ନ କରିଥା'ନ୍ତି, କାରଣ ଗୀତା କହୁଛି ଯେ କ୍ଷରହିଁ ହେଉଛି ସର୍ବଭୂତ, ସର୍ବଭୂତାନି, ଏବଂ ସମସ୍ତଙ୍କର କଲ୍ୟାଣ ସାଧନ କରିବା ପ୍ରକୃତିର କ୍ଷରତା ଭିତରେ ଏକ ଦିବ୍ୟ କର୍ମ । ଜଗତରେ ଏହି ପ୍ରକାର କର୍ମ କରିବାର ବ୍ରହ୍ମରେ ବାସ କରିବା ସହିତ କୌଣସି ଅସଙ୍ଗତି ନାହିଁ, ବରଂ ଏହା ହେଉଛି ତା'ର ଅନିବାର୍ଯ୍ୟ ସର୍ତ୍ତ ଓ ବାହ୍ୟ ପରିଣାମ । କାରଣ ଆମେ ଯେଉଁ ବ୍ରହ୍ମରେ ନିର୍ବାଣ ଲାଭ କରୁ, ଯେଉଁ ଆଧ୍ୟାତ୍ମିକ ଚେତନାରେ ଆମେ ଆମର ପୃଥକ୍ ଅହଂଚେତନାର ବିଲୋପ ସାଧନ କରୁ, ତାହା ଯେ କେବଳ ଆମରି ଭିତରେ ରହିଛି ତାହା ନୁହେଁ, ତାହା ଏ ସମସ୍ତ ଅସ୍ତିତ୍ୱ ଭିତରେହିଁ ରହିଛି, ତାହା ଯେ କେବଳ ଜଗତର ଘଟନାବଳୀଠାରୁ ଦୂରରେ ଓ ଉର୍ଦ୍ଧ୍ୱରେ ରହିଛି ତାହା ନୁହେଁ, ତାହା ଏସବୁକୁ ଆଚ୍ଛନ୍ନ କରି, ଏହା ଭିତରେ ବ୍ୟାପ୍ତ ହୋଇ ରହିଛି, ଏସବୁକୁ ଧାରଣ କରି ଏହା ଭିତରେ ପ୍ରସାରିତ ହୋଇ ରହିଛି । ତେଣୁ ବ୍ରହ୍ମରେ ନିର୍ବାଣର ଅର୍ଥ ହେଉଛି ସମସ୍ତ ମିଥ୍ୟା ଓ ଭେଦଭାବର କାରଣ ସେହି ସୀମିତ ଓ ପୃଥକାତ୍ମକ ଚେତନାର ବିଲୋପ ବା ବିନାଶ ଯେଉଁ ଚେତନା କି ତ୍ରିଗୁଣାତ୍ମିକା ନିମ୍ନତର ମାୟା ଦ୍ୱାରା ସୃଷ୍ଟ ହୋଇ ଜୀବନର କେବଳ ବାହ୍ୟ ସ୍ତରରେହିଁ ରହିଥାଏ । ଆଉ ନିର୍ବାଣ ଭିତରେ ପ୍ରବେଶର ଅର୍ଥ ହେଉଛି ସେହି ସତ୍ୟ ଓ ଐକ୍ୟସାଧନକାରୀ ଚେତନା ଭିତରେ ପ୍ରବେଶ, ଯେଉଁ ଚେତନା ସମଗ୍ର ସୃଷ୍ଟିର ହୃଦ୍‌ସ୍ଥଳ ଓ ଆଧାର, ଯାହା ମଧ୍ୟରେ ସୃଷ୍ଟି ବିଧୃତ ହୋଇଛି ଓ ଯାହା ହେଉଛି ସୃଷ୍ଟିର ସମଗ୍ର ମୂଳ,

ଶାଶ୍ୱତ ଓ ଚରମ ସତ୍ୟ । ଆମେ ଯେତେବେଳେ ନିର୍ବାଣ ଲାଭକରୁ, ନିର୍ବାଣ ମଧ୍ୟରେ ପ୍ରବେଶ କରୁ, ସେତେବେଳେ ତାହା କେବଳ ଆମରି ଭିତରେ ରହି ନଥାଏ, ତାହା ଆମର ଚତୁର୍ଦ୍ଦିଗରେ ବିଦ୍ୟମାନ ଥାଏ, 'ଅଭିତୋ ବର୍ତତେ', କାରଣ ଏହି ବ୍ରହ୍ମଚେତନା ଯେ କେବଳ ଆମର ଅନ୍ତର ମଧ୍ୟରେ ଗୁପ୍ତ ଭାବରେ ରହିଛି ତାହା ନୁହେଁ, ଏହା ମଧ୍ୟ ସେହି ବ୍ରହ୍ମଚେତନା ଯାହା ମଧ୍ୟରେ ଆମେ ବାସ କରୁଛୁ । ଆମେ ଆମର ଆନ୍ତର ସ୍ୱରୂପରେ ଯେଉଁ ଆତ୍ମା, ଏହା ସେହି ଆତ୍ମା, ଆମ ବ୍ୟଷ୍ଟିସତ୍ତାର ପରମାତ୍ମା, କିନ୍ତୁ ତାହା ସଙ୍ଗେ ସଙ୍ଗେ ମଧ୍ୟ ଆମେ ଆମର ବାହ୍ୟ ସ୍ୱରୂପରେ ଯାହା, ଏହା ମଧ୍ୟ ସେହି ଆତ୍ମା, ବିଶ୍ୱର ପରମ ଆତ୍ମା, ସର୍ବଭୂତର ଆତ୍ମା । ସେହି ଆତ୍ମାରେ ବାସ କରି ଆମେ ସମସ୍ତଙ୍କ ମଧ୍ୟରେ ବାସ କରୁ, ସେତେବେଳେ ଆଉ କେବଳ ଆମର ଅହଂମୂଳକ ସତ୍ତାରେ ବାସ କରୁ ନାହିଁ, ସେହି ଆତ୍ମା ସହିତ ଏକତ୍ୱ ଲାଭ କରିବା ଦ୍ୱାରା ସମଗ୍ର ବିଶ୍ୱର ସବୁକିଛି ସହିତ ଐକ୍ୟବୋଧ ଆମ ସତ୍ତାର ସ୍ୱଭାବ ହୋଇପଡ଼େ, ତାହାହିଁ ହୁଏ ଆମର ସକ୍ରିୟ ଚେତନାର ମୂଳ ପ୍ରତିଷ୍ଠା, ଏବଂ ଆମର ସମସ୍ତ କର୍ମର ମୂଳ ପ୍ରେରଣା ।

କିନ୍ତୁ ଠିକ୍ ଏହା ପରେ ପରେ ଆମେ ଗୀତାରେ ଏପରି ଦୁଇଟି ଶ୍ଳୋକ ପାଉ ଯାହାକି ଏହି ସିଦ୍ଧାନ୍ତଠାରୁ ଆମକୁ ଦୂରକୁ ନେଇଯାଉଥିଲା ପରି ମନେହୁଏ । ''ନିଜ ଭିତରୁ ସମସ୍ତ ବାହ୍ୟ ସ୍ପର୍ଶକୁ ବହିଷ୍କୃତ କରି ଦୃଷ୍ଟିକୁ ଭ୍ରୂଦ୍ୱୟ ମଧ୍ୟରେ ଏକାଗ୍ର କରି, ଏବଂ ନାସିକା ମଧ୍ୟରେ ସଞ୍ଚରଣ କରୁଥିବା ପ୍ରାଣ ଓ ଅପାନବାୟୁକୁ ସମାନ କରି, ସମସ୍ତ ଇନ୍ଦ୍ରିୟ, ମନ ଓ ବୁଦ୍ଧିକୁ ସଂଯତ କରି ମୋକ୍ଷପରାୟଣ ମୁନି ନିଜ ଭିତରୁ ଇଚ୍ଛା, କ୍ରୋଧ ଓ ଭୟକୁ ଦୂର କରିଦେଇ ସର୍ବଦା ମୁକ୍ତ ରହେ ।'' ଏଠାରେ କୁହାଯାଉଥିବା ଯୋଗର ପ୍ରଣାଳୀରେ ଏପରି ଏକ ବିଷୟ ଅଣାଯାଇଛି ଯାହାକି କର୍ମଯୋଗଠାରୁ ସମ୍ପୂର୍ଣ୍ଣ ପୃଥକ୍ ବୋଲି ମନେହୁଏ ଏବଂ ଏପରିକି ବିଚାର ଓ ଧ୍ୟାନ ଦ୍ୱାରା ସାଧିତ ବିଶୁଦ୍ଧ ଜ୍ଞାନଯୋଗଠାରୁ ମଧ୍ୟ ଭିନ୍ନ ବୋଲି ମନେହୁଏ । ଏହାର ବିଶେଷ ଲକ୍ଷଣଗୁଡ଼ିକ ରାଜଯୋଗର କାୟିକ-ମାନସିକ ସାଧନାକୁ ସୂଚିତ କରୁଛି । ଏଠାରେ ମନର ସମସ୍ତ ବୃତ୍ତିକୁ ଜୟ କରିବା, ଅର୍ଥାତ୍ 'ଚିତ୍ତବୃତ୍ତିନିରୋଧ', ଶ୍ୱାସପ୍ରଶ୍ୱାସର ଆୟତ୍ତ ଅର୍ଥାତ୍ ପ୍ରାଣାୟାମ ଏବଂ ଇନ୍ଦ୍ରିୟ ଓ ଦୃଷ୍ଟିକୁ ଭିତରକୁ ଆକର୍ଷଣ ଅର୍ଥାତ୍ ପ୍ରତ୍ୟାହାର ବିଷୟରେ କୁହାଯାଇଛି । ଏହିସବୁ ପ୍ରଣାଳୀଗୁଡ଼ିକହିଁ ସମାଧିର ଆନ୍ତର ଲୟ ଦିଗରେ ନେଇଯାଏ; ଏ ସମସ୍ତର ଲକ୍ଷ୍ୟ ହେଉଛି ମୋକ୍ଷ ଏବଂ ସାଧାରଣ ଭାଷାରେ ମୋକ୍ଷର ଅର୍ଥ କେବଳ ଭେଦାତ୍ମକ ଅହଂ ଚେତନାର ବର୍ଜନ ନୁହେଁ, ଏହାର ଅର୍ଥ ହେଉଛି ସମଗ୍ର ସକ୍ରିୟ ଚେତନାରହିଁ ବର୍ଜନ, ଉଚ୍ଚତମ ବ୍ରହ୍ମରେ ଆମର ସମଗ୍ର ସତ୍ତାର ବିଲୟ । ତା'ହେଲେ ଆମକୁ କ'ଣ ବୁଝିବାକୁ ହେବ ଯେ ଗୀତା ଲୟ ଦ୍ୱାରା ମୋକ୍ଷଲାଭର ଚରମ ଉପାୟ ରୂପେ ଏହି ପ୍ରକ୍ରିୟାଟିକୁ ଦେଉଛି ନା କେବଳ ବହିର୍ମୁଖୀ ମନକୁ ଜୟକରିବା ପାଇଁ

ଏକ ବିଶେଷ ଉପାୟ ଓ ଶକ୍ତିଶାଳୀ ସହାୟକ ରୂପେ ଏହି ପ୍ରକ୍ରିୟାଟି ଦିଆଯାଇଛି ? ଏହାହିଁ କ'ଣ ଚୂଡ଼ାନ୍ତ, ଚରମ ଓ ଶେଷକଥା ? ଏହାକୁ ଉଭୟ ରୂପରେ ଗ୍ରହଣ କରାଯିବା ପାଇଁ ମଧ୍ୟ କାରଣ ରହିଛି, ଏହାକୁ ଏକ ବିଶେଷ ଉପାୟ, ଏକ ସହାୟ ରୂପେ ଏବଂ ତହିଁ ସଙ୍ଗେ ସଙ୍ଗେ ମଧ୍ୟ ଏକ ଚରମଗତିର ଦ୍ୱାର ରୂପେ ଗ୍ରହଣ କରାଯାଇପାରେ କିନ୍ତୁ ସେ ଗତି ଲୟ ନୁହେଁ, ତାହା ହେଉଛି ବିଶ୍ୱାତୀତ ସତ୍ତା ଭିତରକୁ ଉତ୍ତରଣ । କାରଣ ଏଠାରେ ଏହି ଅଂଶରେ ଏହାହିଁ ଶେଷକଥା ନୁହେଁ, ଶେଷକଥାଟି, ଚରମ ଓ ଚୂଡ଼ାନ୍ତ କଥାଟି କୁହାଯାଇଛି ପରବର୍ତ୍ତୀ ଏକ ଶ୍ଳୋକରେ ଯାହାକି ଏହି ଅଧ୍ୟାୟର ଶେଷ ଶ୍ଳୋକ, "ମନୁଷ୍ୟ ଯେତେବେଳେ ମୋତେ ସମସ୍ତଙ୍କ ଯଜ୍ଞ ଓ ତପସ୍ୟାର ଭୋକ୍ତା, ସମସ୍ତ ଜଗତର ମହାନ ଈଶ୍ୱର ଏବଂ ସମସ୍ତ ଜୀବକୁଳର ସୁହୃଦ୍ ବୋଲି ଜାଣିପାରେ, ସେତେବେଳେ ସେ ଶାନ୍ତି ଲାଭକରେ" ।[୧] ଏଠାରେ ପୁଣି କର୍ମଯୋଗର ଶକ୍ତି ବିଷୟ ଆସୁଛି; ନିର୍ବାଣର ଶାନ୍ତିଲାଭ ପାଇଁ ସର୍ବରୂପେ ସକ୍ରିୟ ବ୍ରହ୍ମର ଜ୍ଞାନ ଓ ବିଶ୍ୱପୁରୁଷଙ୍କ ସମ୍ବନ୍ଧରେ ଜ୍ଞାନ ଉପରେ ଜୋର୍ ଦିଆଯାଉଛି ।

ଏଠାରେ ଆମେ ପୁଣି ଗୀତାର ସେହି ମହାନ୍ ତତ୍ତ୍ୱ ପୁରୁଷୋତ୍ତମ ତତ୍ତ୍ୱକୁ ଫେରି ଯାଉଛୁ, ଯଦିଓ, ଏହି ପୁରୁଷୋତ୍ତମ ନାମଟି ଗୀତାର ଶେଷଭାଗ ପୂର୍ବରୁ ଉଲ୍ଲେଖ କରାଯାଇ ନାହିଁ ତଥାପି ଶ୍ରୀକୃଷ୍ଣ ଯେଉଁଠି ଯେଉଁଠି ଅହଂ (ମୁଁ), ମାଂ (ମୋତେ) ଆଦି କଥା ବ୍ୟବହାର କରିଛନ୍ତି ସେଠାରେ ସେ ଏହି ପୁରୁଷୋତ୍ତମ ଅର୍ଥରେହିଁ କହିଛନ୍ତି, ଯେଉଁ ଭଗବାନ୍ ଆମର କାଳାତୀତ ଅକ୍ଷର ସତ୍ତାରେ ଅଦ୍ୱିତୀୟ ଏକ ଆତ୍ମା ରୂପେ ରହିଛନ୍ତି, ପୁଣି ଯେ ଜଗତରେ, ସମସ୍ତ ଅସ୍ତିତ୍ୱରେ ଓ ସମସ୍ତ କର୍ମରେ ମଧ୍ୟ ବିରାଜମାନ କରୁଛନ୍ତି, ଯେ ନିଷ୍କଳ ନୀରବତା ଓ ଶାନ୍ତିର ଅଧୀଶ୍ୱର ପୁଣି ଶକ୍ତି ଓ କର୍ମର ମଧ୍ୟ ପ୍ରଭୁ, ଯେ ଏଠାରେ ଏହି ମହାଯୁଦ୍ଧରେ ସାରଥି ରୂପେ ଅବତୀର୍ଣ୍ଣ, ଯେ ବିଶ୍ୱାତୀତ, ପରମାତ୍ମା, ଯେ ସମଗ୍ର ଓ ପୁଣି ପ୍ରତ୍ୟେକ ଜୀବ ସତ୍ତାର ପ୍ରଭୁ, ଶ୍ରୀକୃଷ୍ଣ ବରାବର ସେହି ଭଗବାନଙ୍କ ଅର୍ଥରେହିଁ 'ମୁଁ' ଓ 'ମୋତେ' ଆଦି କଥା କହିଛନ୍ତି । ସେହିଁ ସମସ୍ତ ଯଜ୍ଞର ଓ ସମସ୍ତ ତପସ୍ୟାର ଭୋକ୍ତା, ତେଣୁ ମୁକ୍ତିକାମୀ ମାନବ ସମସ୍ତ କର୍ମକୁ ଯଜ୍ଞ ଓ ତପସ୍ୟା ରୂପେ କରିବ, ସେ ସମସ୍ତ ଜଗତର ଅଧୀଶ୍ୱର, ସର୍ବଲୋକ ମହେଶ୍ୱର, ଯେ କି ଏହି ପ୍ରକୃତିରେ ଓ ଏହି ଭୂତସକଳଙ୍କ ଭିତରେ ପ୍ରକଟିତ, ତେଣୁ ମୁକ୍ତପୁରୁଷକୁ ମଧ୍ୟ ଜଗତର ମନୁଷ୍ୟମାନଙ୍କୁ ଯଥାଯଥ ଭାବରେ ନିୟନ୍ତ୍ରଣ କରିବା ପାଇଁ ଓ ଯଥାର୍ଥ ମାର୍ଗ ପ୍ରଦର୍ଶନ କରିବା ପାଇଁ ଲୋକ ସଂଗ୍ରହ ପାଇଁ କର୍ମ କରିବାକୁ ପଡ଼ିବ । ସେ ସର୍ବଜୀବଙ୍କର ସୁହୃଦ୍, ତେଣୁ ଯେଉଁ ଋଷି ନିଜ ମଧ୍ୟରେ ଓ ଚତୁର୍ଦ୍ଦିଗରେ ନିର୍ବାଣ ଲାଭ କରିଛନ୍ତି, ସେ ସର୍ବଦା ସମସ୍ତ ପ୍ରାଣୀମାନଙ୍କର ମଙ୍ଗଳ

---

୧ ଭୋକ୍ତାରଂ ଯଜ୍ଞତପସାଂ ସର୍ବଲୋକମହେଶ୍ୱରମ୍ ।
ସୁହୃଦଂ ସର୍ବଭୂତାନାଂ ଜ୍ଞାତ୍ୱା ମାଂ ଶାନ୍ତିମୃଚ୍ଛତି ॥ ୫।୨୯

ସାଧନାରେ ନିଯୁକ୍ତ ରହିଥାଆନ୍ତି – ଯେପରି ମହାଯାନ ବୌଦ୍ଧ ମତରେ ନିର୍ବାଣର ଶ୍ରେଷ୍ଠ ଲକ୍ଷଣ ହେଉଛି ବିଶ୍ୱର ପ୍ରାଣୀମାନଙ୍କ ପ୍ରତି କରୁଣାର ଭାବନେଇ କର୍ମ କରିବା । ତେଣୁ ଯେତେବେଳେ ସେ ତାଙ୍କର କାଳାତୀତ ଅକ୍ଷର ସତ୍ତାରେ ଭଗବାନଙ୍କ ସହ ଏକତ୍ୱ ଉପଲବ୍ଧି କରିଛନ୍ତି, ସେତେବେଳେ ପ୍ରକୃତିରେ ଲୀଳାର ସମସ୍ତ ସମ୍ବନ୍ଧକୁ ମଧ୍ୟ ନିଜ ଭିତରେ ଗ୍ରହଣ କରିଛନ୍ତି ବୋଲି ତାଙ୍କ ପକ୍ଷରେ ମନୁଷ୍ୟଙ୍କ ପ୍ରତି ଦିବ୍ୟପ୍ରେମ ଓ ଭଗବାନଙ୍କ ପ୍ରତି ପ୍ରେମ ଓ ଭକ୍ତି ସମ୍ଭବ ହୁଏ ।

ଗୀତାର ଏହିସବୁ ଶ୍ଳୋକର ଏହାହିଁ ଯେ ପ୍ରକୃତ ଅର୍ଥ ତାହା ଆହୁରି ସ୍ପଷ୍ଟ ହୁଏ ଯେତେବେଳେ ଆମେ ଷଷ୍ଠ ଅଧ୍ୟାୟର ଅର୍ଥ ଗଭୀର ଭାବରେ ଦେଖୁ, ଏହି ଷଷ୍ଠ ଅଧ୍ୟାୟଟି ହେଉଛି ପଞ୍ଚମ ଅଧ୍ୟାୟର ଶେଷ ଶ୍ଳୋକଗୁଡ଼ିକର ବିସ୍ତୃତ ବ୍ୟାଖ୍ୟା ଓ ତହିଁରେ ନିହିତଥିବା ଭାବର ପୂର୍ଣ୍ଣ ବିକାଶ । ଏହାହିଁ ଦେଖାଉଛି ଗୀତା ଏହି ଶ୍ଳୋକଗୁଡ଼ିକ ଉପରେ କେତେ ଅଧିକ ଗୁରୁତ୍ୱ ଆରୋପ କରିଛି । ତେଣୁ ଆମେ ଯେତେଦୂର ସମ୍ଭବ ସଂକ୍ଷେପରେ ଏହି ଷଷ୍ଠ ଅଧ୍ୟାୟର ବିଷୟବସ୍ତୁକୁ ଆଲୋଚନା କରିବା । ପ୍ରଥମରୁ ଦିବ୍ୟଗୁରୁ ସନ୍ନ୍ୟାସର ମୂଳତତ୍ତ୍ୱ ସମ୍ପର୍କରେ ପୁନଃ ପୁନଃ ଘୋଷଣା କରିଥିବା ନିଜର ମତକୁ ପୁଣିଥରେ କହି ତାଙ୍କର ବକ୍ତବ୍ୟ ଆରମ୍ଭ କରିଛନ୍ତି ଯେ ପ୍ରକୃତ ସନ୍ନ୍ୟାସ ବାହାରର ତ୍ୟାଗ ନୁହେଁ, ତାହା ଭିତରର ତ୍ୟାଗ – ଏହା ଖୁବ୍ ତାତ୍ପର୍ଯ୍ୟପୂର୍ଣ୍ଣ "ଯେ ଫଳକୁ ଆଶ୍ରୟ ନକରି ନିଜର କର୍ତ୍ତବ୍ୟ କର୍ମ କରିଯାଏ, ସେହିଁ ସନ୍ନ୍ୟାସୀ, ସେହିଁ ଯୋଗୀ, ଯେ ଯଜ୍ଞର ଅଗ୍ନି ପ୍ରଜ୍ୱଳିତ କରେ ନାହିଁ ଓ କର୍ମ କରେ ନାହିଁ ସେ ଯୋଗୀ ନୁହେଁ । ଯାହାକୁ ଲୋକେ ସନ୍ନ୍ୟାସ ବୋଲି କହନ୍ତି ତାହାକୁହିଁ ପ୍ରକୃତରେ ଯୋଗ ବୋଲି ଜାଣ, କାରଣ ଯେ ମନର ବାସନାମୂଳକ ସଙ୍କଳ୍ପକୁ ତ୍ୟାଗ ନ କରିଛି ସେ କେବେହେଲେ ଯୋଗୀ ହୋଇପାରିବ ନାହିଁ ।" କର୍ମ କରିବାକୁ ହେବ, କିନ୍ତୁ କେଉଁ ଉଦ୍ଦେଶ୍ୟରେ ଏବଂ କେଉଁ କ୍ରମରେ ? ଯୋଗରୂପକ ଶିଖର ଆରୋହଣ କଲାବେଳେ କର୍ମ କରିବାକୁ ହେବ କାରଣ ସେତେବେଳେ କର୍ମହିଁ କାରଣ, କାହାର କାରଣ ? ଆତ୍ମସିଦ୍ଧିର, ମୁକ୍ତିର, ବ୍ରହ୍ମନିର୍ବାଣର କାରଣ । ଭିତରେ ଆନ୍ତର ସନ୍ନ୍ୟାସର ଏକନିଷ୍ଠ ସାଧନା ସହ କର୍ମ କଲେ, ଏହି ସିଦ୍ଧି, ଏହି ମୁକ୍ତି ଓ ବାସନାତ୍ମକ ମନ, ଅହଂ ଏବଂ ନିମ୍ନପ୍ରକୃତି ଉପରେ ଏହି ବିଜୟ ସହଜରେ ହାସଲ କରିହୁଏ ।

କିନ୍ତୁ ଯେତେବେଳେ ଜଣେ ଶିଖରକୁ ଉଠିସାରିଛି, ସେତେବେଳେ କର୍ମ ଆଉ କାରଣ ହୋଇ ରହେ ନାହିଁ; କର୍ମ ଦ୍ୱାରା ଲାଭ କରାଯାଇଥିବା ଆତ୍ମକର୍ତ୍ତୃତ୍ୱ ଓ ଆତ୍ମଜୟର ଶାନ୍ତିହିଁ ସେତେବେଳେ ହୁଏ କାରଣ । କାହାର ପୁଣି କାରଣ ? ଆତ୍ମାରେ ଓ ବ୍ରହ୍ମ ଚେତନାରେ ସ୍ଥିର ପ୍ରତିଷ୍ଠାର କାରଣ ଏବଂ ସେହି ପୂର୍ଣ୍ଣ ସମତାର କାରଣ ଯେଉଁଥିରେ ମୁକ୍ତ ମାନବର ଦିବ୍ୟକର୍ମ ସମ୍ପାଦିତ ହୁଏ । "ସେତେବେଳେ ଜଣେ ଇନ୍ଦ୍ରିୟ ବିଷୟରେ ବା କର୍ମରେ ଆସକ୍ତ ହୁଏ ନାହିଁ, ଏବଂ ମନ ଭିତରୁ ସମସ୍ତ ବାସନାତ୍ମକ ସଙ୍କଳ୍ପ ତ୍ୟାଗ କରିଥାଏ, ସେତିକିବେଳେ

କେବଳ କୁହାଯାଇପାରେ ଯେ ସେ ଯୋଗ-ଶିଖରରେ ଆରୋହଣ କରିଛି ।''[୧] ଆମେ ଇତିପୂର୍ବରୁ ଜାଣିଛୁ ଯେ ଏହି ଭାବ ନେଇହିଁ ମୁକ୍ତ ମାନବ କର୍ମ କରେ, ସେ କର୍ମ କରେ ସମସ୍ତ ଆସକ୍ତି ଓ ବାସନାକୁ ପରିତ୍ୟାଗ କରି ଏବଂ ଅହଂଭାବାତ୍ମକ ବ୍ୟକ୍ତିଗତ ଇଚ୍ଛା ଓ ବାସନାର ଜନକ ସମସ୍ତ ମାନସିକ ଲିପ୍‌ସାକୁ ପରିତ୍ୟାଗ କରି । ସେ ତା'ର ନିମ୍ନତର ଆତ୍ମାକୁ ଜୟ କରି ସାରିଛି, ସେହି ପୂର୍ଣ୍ଣତମ ଶାନ୍ତିରେ ପହଞ୍ଚି ସାରିଛି ଯେଉଁଠିକି ତା'ର ଉଚ୍ଚତମ ଆତ୍ମା ତାହା ନିକଟରେ ପ୍ରକାଶିତ ହୋଇ ରହିଛି; ସେହି ଉଚ୍ଚତମ ଆତ୍ମା ନିଜର ସତ୍ତାରେ ସର୍ବଦା ସମାହିତ, ସମାଧିସ୍ଥ, କେବଳ ନିଜ ଚେତନାର ଅନ୍ତର୍ଲୀନ ଅବସ୍ଥାର ସମାଧିରେ ନୁହେଁ, କିନ୍ତୁ ସର୍ବଦାହିଁ, ମନର ଜାଗ୍ରତ୍-ଅବସ୍ଥାରେ ମଧ୍ୟ ଯେତେବେଳେ କାମନା ବାସନା ଓ ଅଶାନ୍ତିର କାରଣ ରହିଥାଏ, ସୁଖ-ଦୁଃଖ, ଶୀତ-ଉଷ୍ଣ, ମାନ-ଅପମାନ ଆଦି ସମସ୍ତ ଦ୍ୱନ୍ଦ୍ୱର ସମ୍ମୁଖୀନ ହେବାକୁ ହୋଇଥାଏ, ଶୀତୋଷ୍ଣ-ସୁଖ-ଦୁଃଖେଷୁ ତଥା ମାନାପମାନୟୋଃ । ଏହି ଉଚ୍ଚତର ଆତ୍ମା ହେଉଛି ଅକ୍ଷର, କୂଟସ୍ଥ ଯାହା କି ପ୍ରାକୃତ ସତ୍ତାର ସମସ୍ତ ପରିବର୍ତ୍ତନ ଓ ବିକ୍ଷୋଭର ଊର୍ଦ୍ଧ୍ୱରେ ଅବସ୍ଥିତ, ଏବଂ ଯୋଗୀକୁ ସେତିକିବେଳେହିଁ ଯୋଗଯୁକ୍ତ କୁହାଯାଏ ଯେତେବେଳେ ସେ ମଧ୍ୟ ଏହାରି ପରି କୂଟସ୍ଥ ହୁଅନ୍ତି, ଯେତେବେଳେ ସେ ସମସ୍ତ ବାହ୍ୟ ଦୃଶ୍ୟ ଓ ପରିବର୍ତ୍ତନର ଊର୍ଦ୍ଧ୍ୱକୁ ଉଠିଯାଆନ୍ତି, ସେ ଯେତେବେଳେ ଆତ୍ମଜ୍ଞାନରେ ପରିତୃପ୍ତ ହୁଅନ୍ତି ଓ ଯେତେବେଳେ ସେ ସମସ୍ତ ବସ୍ତୁ, ସମସ୍ତ ଘଟଣା ଓ ସମସ୍ତ ବ୍ୟକ୍ତିଙ୍କ ପ୍ରତି ସମଭାବାପନ୍ନ ହୁଅନ୍ତି ।

କିନ୍ତୁ ଏହି ଯୋଗ ଲାଭ କରିବା ସହଜ ନୁହେଁ, ଅର୍ଜୁନ ପରେ ଏହାହିଁ ସୂଚିତ କରିଥିଲେ, କାରଣ ଚଞ୍ଚଳ ମନ ବାହ୍ୟବସ୍ତୁସବୁର ଆକ୍ରମଣ ଫଳରେ ଏହିସବୁ ଉଚ୍ଚ ଶିଖରରୁ ସର୍ବଦା ସ୍ଖଳିତ ହୋଇପାରେ ଏବଂ ଶୋକ, ଆବେଗ, ବିକ୍ଷୋଭ ଓ ଅସମତାର ଦୃଢ଼ କବଳରେ ପୁଣି ପତିତ ହୋଇପାରେ । ତେଣୁ ଗୀତା ଆମକୁ ଜ୍ଞାନ ଓ କର୍ମର ସାଧାରଣ ପଦ୍ଧତି ସଙ୍ଗକୁ ରାଜଯୋଗର ଏକ ବିଶିଷ୍ଟ ଧ୍ୟାନ-ପ୍ରକ୍ରିୟା ମଧ୍ୟ ଦେବାକୁ ଅଗ୍ରସର ହୋଇଥିବା ପରି ମନେହୁଏ, ଏହା ମନ ଏବଂ ତା'ର ସମୁଦାୟ କ୍ରିୟାକୁ ସମ୍ପୂର୍ଣ୍ଣ ଭାବରେ ଆୟତ୍ତ କରିବା ପାଇଁ ଅଭ୍ୟାସର ଏକ ଶକ୍ତିଶାଳୀ ପଦ୍ଧତି । ଏହି ପଦ୍ଧତିରେ କୁହାଯାଇଛି ଯେ ଯୋଗୀକୁ ସଦାସର୍ବଦା ଆତ୍ମା ସହିତ ଯୁକ୍ତ ରହିବା ପାଇଁ ଅଭ୍ୟାସ କରିବାକୁ ହେବ, ଯେପରିକି ଏହାହିଁ ତା'ର ସାଧାରଣ ଚେତନା ହୋଇଉଠେ । ମନ ଭିତରୁ ସମସ୍ତ ପ୍ରକାର ବାସନା ଓ ରିପୁର ଚିନ୍ତା ଦୂର କରି, ସମଗ୍ର ସତ୍ତା ଓ ଚେତନାରେ ଆତ୍ମସଂଯମ ଆଣି ତାହାକୁ ନିର୍ଜନ ସ୍ଥାନରେ ଏକାକୀ ଉପବେଶନ କରିବାକୁ ହେବ । ''ଏକ ପବିତ୍ର ସ୍ଥାନରେ

---

[୧] ଯଦା ହି ନେନ୍ଦ୍ରିୟାର୍ଥେଷୁ ନ କର୍ମସ୍ୱନୁଷଜ୍ଜତେ ।
ସର୍ବସଙ୍କଳ୍ପସନ୍ନ୍ୟାସୀ ଯୋଗାରୂଢସ୍ତଦୋଚ୍ୟତେ ॥ ୬।୪

ସେ ନିଜର ସ୍ଥିର ଆସନ ପାତିବେ, ଏହା ଯେପରି ଅତି ଉଚ୍ଚ ବା ଅତି ନୀଚ ନହୁଏ, ବସ୍ତ୍ର, ମୃଗଚର୍ମ ଓ କୁଶ ଦ୍ୱାରା ସେହି ଆସନକୁ ଆବୃତ କରି ତା' ଉପରେ ଉପବେଶନ କରିବେ, ମନକୁ ଏକାଗ୍ର କରି ଏବଂ ମନର ଓ ଇନ୍ଦ୍ରିୟମାନଙ୍କର କ୍ରିୟାକୁ ସଂଯତ କରି ଆତ୍ମ ଶୁଦ୍ଧି ନିମନ୍ତେ ଯୋଗ ଅଭ୍ୟାସ କରିବେ।'' ରାଜଯୋଗର ପଦ୍ଧତି ଅନୁଯାୟୀ ତାଙ୍କର ଶରୀରକୁ ସିଧା ଓ ସ୍ଥିର ରଖିବାକୁ ହେବ, ଦୃଷ୍ଟିକୁ ଭିତରକୁ ଆକର୍ଷଣ କରି ଭ୍ରୂଦ୍ୱୟ ମଧ୍ୟରେ ସ୍ଥିର ରଖିବାକୁ ହେବ, ଦୃଷ୍ଟି ଯେପରି ଦିଗମାନଙ୍କ ଆଡ଼କୁ ନଯାଏ । ମନକୁ ପ୍ରଶାନ୍ତ ଓ ଭୟମୁକ୍ତ କରି ରଖିବାକୁ ହେବ, ବ୍ରହ୍ମଚର୍ଯ୍ୟର ବ୍ରତ ପାଳନ କରିବାକୁ ହେବ, ଏହିପରି ଭାବରେ ସଂଯତ ସମଗ୍ର ଚିତ୍ତବୃତ୍ତିକୁ ଭଗବାନଙ୍କ ପ୍ରତି ଉନ୍ମୁଖ ଓ ଅନୁଗତ ରଖିବାକୁ ହେବ, ଯେପରିକି ଚେତନାର ନିମ୍ନତର କର୍ମ ଉଚ୍ଚତର ଶାନ୍ତିରେ ନିମଜ୍ଜିତ ହୋଇଯାଏ । କାରଣ ନିର୍ବାଣର ନିଶ୍ଚଳ ଶାନ୍ତିଲାଭହିଁ ହେଉଛି ଏହି ସାଧନାର ଲକ୍ଷ୍ୟ । ''ଏହି ଭାବରେ ମନର ସଂଯମ ଦ୍ୱାରା ଯୋଗ ଅଭ୍ୟାସ କରି ଯୋଗୀ ନିର୍ବାଣର ପରମ ଶାନ୍ତି ଲାଭ କରନ୍ତି, ମୋ ଭିତରେହିଁ ସେହି ପରମ ଶାନ୍ତିର ଭିତ୍ତି, 'ଶାନ୍ତିଂ ନିର୍ବାଣପରମାଂ ମତ୍‌ସଂସ୍ଥାମ୍' ।''[୧]

ନିର୍ବାଣର ଏହି ଶାନ୍ତି ସେତିକିବେଳେ ଲାଭ କରାଯାଏ; ଯେତେବେଳେ ସମଗ୍ର ମାନସ ଚେତନା ପୂର୍ଣ୍ଣରୂପେ ସଂଯତ ହୋଇ ଏବଂ କାମନା-ବାସନାରୁ ମୁକ୍ତ ହୋଇ ଆତ୍ମାରେ ସ୍ଥିର ହୋଇ ରହିଛି ଏବଂ ଯେତେବେଳେ ନିର୍ବାତ ନିଷ୍କମ୍ପ ଦୀପ-ଶିଖା ପରି ମନ ନିଜର ଅସ୍ଥିର କ୍ରିୟାରୁ ନିବୃତ୍ତ ହୋଇଛି ଓ ନିଜର ବହିର୍ମୁଖୀ ଗତିରୁ ବିରତ ହୋଇଛି । ସେତେବେଳେ ମନର ନୀରବ ନିଶ୍ଚଳତା ଭିତରେ ଅନ୍ତର ମଧ୍ୟରେ ଆତ୍ମାକୁ ଦେଖାଯାଏ, ଏହା ଆତ୍ମାକୁ ମନର ବିକୃତ ଭାବରେ ଦେଖିବା ନୁହେଁ, ଏହା ଆତ୍ମାରେହିଁ ଆତ୍ମାକୁ ଦେଖିବା । ମନ ଦ୍ୱାରା ଆତ୍ମାର ଯେଉଁ ଆଂଶିକ ଓ ମିଥ୍ୟା ରୂପ ଅହଙ୍କାର ଭିତର ଦେଇ ଆମ ଆଗରେ ଦେଖାଯାଏ, ଏହା ସେପରି ଦେଖିବା ନୁହେଁ, ଏହା ହେଉଛି ଆତ୍ମାର ଆତ୍ମୋପଲବ୍ଧି, ଆତ୍ମାର ସ୍ୱପ୍ରକାଶ । ସେତେବେଳେ ଜୀବ ତୃପ୍ତ ହୋଇଯାଏ ଏବଂ ତାହାର ନିଜସ୍ୱ ଅବିମିଶ୍ର ନିରତିଶୟ ପରମ ଆନନ୍ଦ ଅନୁଭବ କରେ, ଏହି ଆନନ୍ଦ ମନ ଓ ଇନ୍ଦ୍ରିୟାନୁଭୂତିର ଅଧୀନ ଅସ୍ୱଚ୍ଛ ସୁଖ ନୁହେଁ, ଏହା ଅନ୍ତରର ଏକ ପ୍ରଶାନ୍ତ ନିର୍ମଳ ଆନନ୍ଦ ଯେଉଁଥିରେ ମନର କୌଣସି ବିକ୍ଷୋଭ ନାହିଁ ଏବଂ ନିଜ ସତ୍ତାର ଆଧ୍ୟାତ୍ମିକ ସତ୍ୟରୁ ବିଚ୍ୟୁତ ହେବାର କୌଣସି ଆଶଙ୍କା ନାହିଁ । ମାନସିକ ଦୁଃଖର କୌଣସି ଭୟଙ୍କର ଆକ୍ରମଣ ମଧ୍ୟ ଏହାକୁ ବିଚଳିତ

---

[୧] ପ୍ରଶାନ୍ତାତ୍ମା ବିଗତଭୀର୍ବ୍ରହ୍ମଚାରିବ୍ରତେ ସ୍ଥିତଃ ।
ମନଃ ସଂଯମ୍ୟ ମଚ୍ଚିତ୍ତୋ ଯୁକ୍ତ ଆସୀତ ମତ୍ପରଃ ।। ୬।୧୪
ଯୁଞ୍ଜନ୍ନେବଂ ସଦାତ୍ମାନଂ ଯୋଗୀ ନିୟତମାନସଃ ।
ଶାନ୍ତିଂ ନିର୍ବାଣପରମାଂ ମତ୍‌ସଂସ୍ଥାମଧିଗଚ୍ଛତି ।। ୬।୧୫

କରିପାରେ ନାହିଁ, କାରଣ ଆମର ମାନସିକ ଦୁଃଖ କେବଳ ବାହାରୁହିଁ ଆସେ, ସେଗୁଡ଼ିକ କେବଳ ବାହ୍ୟସ୍ପର୍ଶର ପ୍ରତିକ୍ରିୟା, କିନ୍ତୁ ଏହି ଆତ୍ମାର ସୁଖ ହେଉଛି ଏକ ଆନ୍ତର ସ୍ୱପ୍ରତିଷ୍ଠ ଆନନ୍ଦ ଓ ସେହିମାନେହିଁ ଏହି ଆନନ୍ଦର ଅଧିକାରୀ ଯେଉଁମାନେ ଆଉ ବାହ୍ୟ ସ୍ପର୍ଶ ଦ୍ୱାରା ଜାତ ହେଉଥିବା ମନର ଅସ୍ଥିର ପ୍ରତିକ୍ରିୟାର ଦାସତ୍ୱ ଗ୍ରହଣ କରନ୍ତି ନାହିଁ । ଏହା ହେଉଛି ଦୁଃଖ ସହିତ ସମସ୍ତ ସଂଯୋଗକୁ ଦୂର କରିଦେବା, ଶୋକ ସହିତ ମନର ସମସ୍ତ ସମ୍ପର୍କ ଛିନ୍ନ କରିଦେବା, 'ଦୁଃଖ-ସଂଯୋଗ-ବିୟୋଗମ୍' । ସୁଦୃଢ଼ ଭାବରେ ଏହି ଅବିଚ୍ଛେଦ୍ୟ ଆଧ୍ୟାତ୍ମିକ ଆନନ୍ଦଲାଭହିଁ ଯୋଗ, ଏହାହିଁ ଦିବ୍ୟମିଳନ, ଲାଭ ଭିତରେ ଏହାହିଁ ଶ୍ରେଷ୍ଠତମ ଲାଭ, ଏହା ଏପରି ଏକ ସମ୍ପଦ ଯାହା ଆଗରେ ଅନ୍ୟ ସମସ୍ତ ସଂପଦ ତୁଚ୍ଛ ଓ ମୂଲ୍ୟହୀନ । ତେଣୁ କୌଣସି ପ୍ରକାର ନିରୁତ୍ସାହ, ବାଧାବିଘ୍ନ ବା ବିଫଳତା ପାଖରେ ହାର ନମାନି ଏହି ଯୋଗକୁ ଦୃଢ଼ଭାବରେ ଅଭ୍ୟାସ କରିବାକୁ ହେବ ଯେପର୍ଯ୍ୟନ୍ତ ମୁକ୍ତି ଲାଭ ହୋଇ ନାହିଁ, ଯେପର୍ଯ୍ୟନ୍ତ ନିର୍ବାଣର ଆନନ୍ଦ ଚିରସ୍ଥାୟୀ ଭାବରେ କରଗତ ହୋଇ ନାହିଁ ।

ଏଠାରେ ପ୍ରଧାନ ଜୋର୍ ଦିଆଯାଇଛି ଅନୁଭାବାତ୍ମକ ମନକୁ ନୀରବ କରିଦେବା ଉପରେ; ଏହି ମନରେ କାମନା-ବାସନା ଓ ଇନ୍ଦ୍ରିୟମାନଙ୍କର କ୍ରିୟା ଚାଲୁଥାଏ, ଇନ୍ଦ୍ରିୟଗୁଡ଼ିକ ବାହ୍ୟସ୍ପର୍ଶକୁ ଗ୍ରହଣ କରନ୍ତି ଓ ଆମର ଚିରାଚରିତ ଭାବାବେଗମୟ ପ୍ରତିକ୍ରିୟା ନେଇ ସେଗୁଡ଼ିକର ପ୍ରତ୍ୟୁତ୍ତର ଦିଅନ୍ତି । କିନ୍ତୁ ମାନସିକ ଚିନ୍ତାକୁ ମଧ୍ୟ ସ୍ୱୟଂସ୍ଥିତ ସତ୍ତାର ନୀରବତା ଭିତରେ ସ୍ଥିର ଓ ନୀରବ କରିଦେବାକୁ ହେବ । ପ୍ରଥମତଃ ବାସନାମୂଳକ ସଂକଳ୍ପରୁ ଉଦ୍ଭୂତ ସମସ୍ତ କାମନାକୁ ସମ୍ପୂର୍ଣ୍ଣ ରୂପେ ପରିତ୍ୟାଗ କରିବାକୁ ହେବ, ଏଥିରେ କୌଣସି ବ୍ୟତିକ୍ରମ ବା ବାଦ୍‌ବାକି ରଖିଲେ ଚଳିବ ନାହିଁ । ଇନ୍ଦ୍ରିୟମାନଙ୍କୁ ମନ ଦ୍ୱାରା ଏପରି ଭାବରେ ସଂଯତ କରି ଧରି ରଖିବାକୁ ହେବ ସେମାନେ ଯେପରି ସେମାନଙ୍କର ଚିରାଚରିତ ବିଶୃଙ୍ଖଳ ଓ ଚଞ୍ଚଳ ଅଭ୍ୟାସବଶତଃ ଚତୁର୍ଦ୍ଦିଗକୁ ଧାବମାନ ନ ହୁଅନ୍ତି, କିନ୍ତୁ ଏହାପରେ ମନକୁ ମଧ୍ୟ ବୁଦ୍ଧି ଦ୍ୱାରା ଧରିବାକୁ ହେବ ଓ ଅନ୍ତର୍ମୁଖୀ କରିବାକୁ ହେବ । ସ୍ଥିରତାରେ ପ୍ରତିଷ୍ଠିତ ବୁଦ୍ଧି ଦ୍ୱାରା ମନର କ୍ରିୟାକୁ ଧୀରେ ଧୀରେ ବନ୍ଦ କରିଦେବାକୁ ହେବ ଏବଂ ମନକୁ ଊର୍ଦ୍ଧ୍ୱତର ଆତ୍ମାରେ ନିବଦ୍ଧ କରି କୌଣସି କିଛି ବିଷୟରେ ଚିନ୍ତା କରିବାକୁ ହେବ ନାହିଁ । ଚଞ୍ଚଳ ଓ ଅସ୍ଥିର ମନ ଯେତେବେଳେ ଯେଉଁ ଦିଗରେ ପ୍ରଧାବିତ ହେବ, ସଙ୍ଗେ ସଙ୍ଗେ ତାହାକୁ ଆୟତ୍ତ କରିବାକୁ ହେବ ଏବଂ ଆତ୍ମାର ଅଧୀନରେ ଫେରାଇ ଆଣିବାକୁ ହେବ । ଯେତେବେଳେ ମନ ସମ୍ପୂର୍ଣ୍ଣ ରୂପେ ଶାନ୍ତ ଓ ନୀରବ ହେବ, ସେତେବେଳେ ଯୋଗୀ ବ୍ରହ୍ମଭୂତ ଆତ୍ମାର ଉଚ୍ଚତମ ନିଷ୍କଳଙ୍କ ବିକ୍ଷୋଭହୀନ ଆନନ୍ଦ ଅନୁଭବ କରିବ । ''ଏହିପରି ଭାବରେ ରିପୁ-ବିକ୍ଷୋଭର ଗ୍ଲାନିରୁ ମୁକ୍ତ ହୋଇ ଓ ସର୍ବଦା ନିଜକୁ ଯୋଗଯୁକ୍ତ ରଖି ଯୋଗୀ ସହଜରେ ଓ ଆନନ୍ଦରେ ବ୍ରହ୍ମସଂସ୍ପର୍ଶରୂପକ ଅପାର ଆନନ୍ଦ ଉପଭୋଗ କରନ୍ତି ।''

ତଥାପି ଏହାର ଫଳ ସ୍ୱରୂପ ଜୀବିତାବସ୍ଥାରେ ଏପରି ନିର୍ବାଣଲାଭ ହୁଏ ନାହିଁ, ଯେଉଁଥିରେ କି ସଂସାରର ସମସ୍ତ କର୍ମ, ସାଂସାରିକ ଜୀବମାନଙ୍କ ସହିତ ସମସ୍ତ ସମ୍ପର୍କ ସମ୍ପୂର୍ଣ୍ଣ ରୂପେ ଦୂର ହୋଇଯିବା ସମ୍ଭବ ହେବ । ପ୍ରଥମେ ମନେ ହୋଇପାରେ ଯେ ଏହିପରି ହେବାହିଁ ଉଚିତ । ଯେତେବେଳେ ସମସ୍ତ ବାସନା ଓ ରିପୁର ବିକ୍ଷୋଭ ବନ୍ଦ ହୋଇଯାଇଛି, ଯେତେବେଳେ ମନକୁ ଆଉ ଚିନ୍ତା ଭିତରେ ନିକ୍ଷିପ୍ତ ହେବା ପାଇଁ ଛାଡ଼ି ଦିଆଯାଉ ନାହିଁ, ଯେତେବେଳେ ଏହି ନୀରବ ଓ ନିର୍ଜନ ସାଧନା ଓ ଯୋଗାଭ୍ୟାସ ସତ୍ତାର ଏକ ଧର୍ମ ହୋଇଯାଇଛି, ସେତେବେଳେ ଆଉ କେଉଁ କର୍ମ ବା ବାହ୍ୟସ୍ପର୍ଶମୟ ଅନିତ୍ୟ ସଂସାର ସହିତ ଆଉ କେଉଁ ସମ୍ବନ୍ଧ ରହିପାରେ ? ଅବଶ୍ୟ ଏହା ନିଃସନ୍ଦେହ ଯେ ଯୋଗୀ ଆଉ କିଛିଦିନ ଏହି ଶରୀର ଧାରଣ କରି ରହେ କିନ୍ତୁ ତା' ପାଇଁ ଏଣିକି ନିର୍ଜନ ଗୁହା, ପର୍ବତଶିଖର ଓ ଅରଣ୍ୟହିଁ ଯୋଗ୍ୟତମ ସ୍ଥାନ ଓ ଏକମାତ୍ର ସମ୍ଭାବ୍ୟ ପରିବେଶ ଯେଉଁଠିକି ସେ ତା'ର ଜୀବନ ଅତିବାହିତ କରିପାରେ ଓ ନିରନ୍ତର ସମାଧିରେ ମଗ୍ନ ରହିବା ତା'ର ଏକମାତ୍ର ଆନନ୍ଦ ଓ କର୍ମ ହୋଇପାରେ । କିନ୍ତୁ ପ୍ରଥମତଃ ଯେତେବେଳେ ଏହି ଏକାନ୍ତ ଯୋଗ ସାଧନା କରାଯାଏ, ସେତେବେଳେ ଅନ୍ୟ ସମସ୍ତ କର୍ମ ପରିତ୍ୟାଗ କରିବା ପାଇଁ ଗୀତା ଉପଦେଶ ଦେଉ ନାହିଁ । ଗୀତା କହେ ଯେ ଯେଉଁ ବ୍ୟକ୍ତି ଆହାର-ବିହାର, ନିଦ୍ରା ଓ କର୍ମ ଆଦିକୁ ସମ୍ପୂର୍ଣ୍ଣ ରୂପେ ପରିତ୍ୟାଗ କରିଛି, ଏ ଯୋଗ ତା' ପାଇଁ ନୁହେଁ ବା ଯେଉଁ ବ୍ୟକ୍ତି ପ୍ରାଣ ଓ ଦେହର ଏହିସବୁ ବିଷୟରେ ଅତ୍ୟଧିକ ବୁଡ଼ି ରହିଛି ତା' ପାଇଁ ମଧ ଏ ଯୋଗ ନୁହେଁ । ନିଦ୍ରା ଓ ଜାଗରଣ, ଆହାର-ବିହାର, କର୍ମ-ପ୍ରଚେଷ୍ଟା ଆଦି ସବୁହିଁ 'ଯୁକ୍ତ' ହେବା ଉଚିତ । ଏହାର ସାଧାରଣତଃ ଏପରି ଅର୍ଥ କରାଯାଇଥାଏ ଯେ ସବୁକିଛିକୁ ପରିମିତ, ନିୟନ୍ତ୍ରିତ ଓ ଯଥାଯଥ ମାତ୍ରାରେ ଅନୁଷ୍ଠିତ କରାଯିବା ଉଚିତ ଏବଂ ତାହାହିଁ ଏହାର ପ୍ରକୃତ ତାତ୍ପର୍ଯ୍ୟ ହୋଇପାରେ । କିନ୍ତୁ ସେ ଯାହା ହେଉ, ଯେତେବେଳେ ଯୋଗ ସିଦ୍ଧ ହୁଏ, ଏସବୁକୁ ଅନ୍ୟ ଏକ ଅର୍ଥରେ 'ଯୁକ୍ତ' ହେବାକୁ ହେବ, ଏବଂ ଏହି ବ୍ୟାପକ ଅର୍ଥରେହିଁ ଏ ଶବ୍ଦଟି ଗୀତାର ଅନ୍ୟାନ୍ୟ ସ୍ଥାନରେ ବ୍ୟବହୃତ ହୋଇଛି । ସମସ୍ତ ଅବସ୍ଥାରେ, ଜାଗରଣରେ ବା ନିଦ୍ରାରେ, ଆହାର-ବିହାର ଓ କର୍ମରେ ଯୋଗୀ ନିରନ୍ତର ଭଗବାନଙ୍କ ସହ ଯୁକ୍ତ ହୋଇ ରହିବ ଏବଂ ଯୋଗୀ ସବୁକିଛି କରିବ ଏହି ଜ୍ଞାନ ସହ ଯେ ଭଗବାନହିଁ ଆତ୍ମା, ଭଗବାନହିଁ ସବୁ, ଏବଂ ତାଙ୍କରି ମଧ୍ୟରେହିଁ ତା'ର ଜୀବନ ଓ କର୍ମକୁ ସେ ଧାରଣ କରିଛନ୍ତି । ବାସନା, ଅହଂ ଓ ବ୍ୟକ୍ତିଗତ ସଙ୍କଳ୍ପ ଏବଂ ମନର ଚିନ୍ତାସବୁ କର୍ମର ପ୍ରେରଣା ଯୋଗାଏ କେବଳ ନିମ୍ନ ପ୍ରକୃତିରେ । କିନ୍ତୁ ଯେତେବେଳେ ଅହଂ ଲୋପ ହୋଇଯାଇଛି ଏବଂ ଯୋଗୀ ବ୍ରହ୍ମ ହୋଇଉଠିଛନ୍ତି, ଯେତେବେଳେ ସେ ଏକ ପରାତ୍ପର ଓ ବିଶ୍ୱମୟ ଚେତନାରେ ବାସ କରୁଛନ୍ତି ଓ ସ୍ୱୟଂ ସେହି ଚେତନାରେ ପରିଣତ ହୋଇଛନ୍ତି,

ସେତେବେଳେ ତାହାରି ଭିତରୁହିଁ କର୍ମ ସ୍ୱତଃସ୍ଫୂର୍ତ୍ତ ଭାବରେ ଉଦ୍ଭୂତ ହୁଏ, ତାହାରି ଭିତରୁହିଁ ମାନସିକ ଚିନ୍ତା ଅପେକ୍ଷା ଉଚ୍ଚତର ଜ୍ୟୋତିର୍ମୟ ଜ୍ଞାନ ଉଦ୍ଭୂତ ହୁଏ ଓ ତାହାରି ଭିତରୁହିଁ ବ୍ୟକ୍ତିଗତ ସଙ୍କଳ୍ପଠାରୁ ଭିନ୍ନ ଓ ବହୁ ଗୁଣରେ ଶକ୍ତିଶାଳୀ ଏକ ଶକ୍ତି ଆସି ଯୋଗୀ ପାଇଁ କର୍ମ ସମ୍ପନ୍ନ କରିଯାଏ ଓ ତାହାର ଫଳ ଆଣିଦିଏ । ସେତେବେଳେ ବ୍ୟକ୍ତିଗତ କର୍ମ ଆଉ ନାହିଁ, ସବୁ କର୍ମ ବ୍ରହ୍ମ ଭିତରକୁ ନିଆଯାଇଛି ଓ ଭଗବାନଙ୍କ ଦ୍ୱାରା ଗୃହୀତ ହୋଇଛି, 'ମୟି ସଂନ୍ୟସ୍ୟ କର୍ମାଣି' ।

କାରଣ ଏହି ଆତ୍ମୋପଲବ୍ଧିର ସ୍ୱରୂପ ସମ୍ପର୍କରେ ଏବଂ ଭେଦାତ୍ମକ ଅହଂଭାବାପନ୍ନ ମନ ତଥା ତାହାର ଚିନ୍ତା, ଅନୁଭୂତି ଓ କର୍ମର ପ୍ରେରଣାସବୁର ବ୍ରହ୍ମଚେତନାରେ ନିର୍ବାଣ ଦ୍ୱାରା ଯୋଗର ଯେଉଁ ଫଳଲାଭ ହୁଏ[୧], ସେ ସମ୍ପର୍କରେ ଗୀତା ଯେତେବେଳେ ବର୍ଣ୍ଣନା କରିଛି, ସେତେବେଳେ ତହିଁରେ ବିଶ୍ୱଚେତନାକୁ ମଧ୍ୟ ଅନ୍ତର୍ଭୁକ୍ତ କରାଯାଇଛି, ଯଦିଓ ତାହାକୁ ଏକ ନୂତନ ଧରଣର ଦୃଷ୍ଟିରେ ଉନ୍ନୀତ କରାଯାଇଛି । ''ଯେଉଁ ବ୍ୟକ୍ତିର ଆତ୍ମା ଯୋଗଯୁକ୍ତ, ସେ ସର୍ବଭୂତରେ ଆତ୍ମାକୁହିଁ ଦେଖେ ଏବଂ ଆତ୍ମା ଭିତରେ ସର୍ବଭୂତଙ୍କୁ ଦେଖେ, ସେ ସମସ୍ତକିଛିକୁ ଏକ ସମଦୃଷ୍ଟି ନେଇହିଁ ଦେଖେ ।''[୨] ସେ ଯାହାକିଛି ଦେଖେ ତାହା ନିକଟରେ ସବୁହିଁ ଆତ୍ମା, ସବୁହିଁ ତାହାର ଆତ୍ମା, ସବୁହିଁ ଭଗବାନ୍ । କିନ୍ତୁ ସେ ଯଦି କ୍ଷରର ପରିବର୍ତ୍ତନଶୀଳତା ଭିତରେ ବାସ କରେ ତା'ହେଲେ କ'ଣ ଏପରି ବିପଦ ନାହିଁକି ସେ ଏଇ କଠିନ ଯୋଗର ସମସ୍ତ ଫଳକୁ ହରାଇ ବସିବ, ଆତ୍ମାକୁ ହରାଇ ପୁଣି ମନ ଭିତରକୁ ଖସି ଆସିବ, ଭଗବାନ୍ ତାହାକୁ ହରାଇବେ ଓ ସଂସାର ତାକୁ ପୁଣି ଗ୍ରାସ କରିବ, ସେ ଭଗବାନଙ୍କୁ ହରାଇ ତାଙ୍କ ସ୍ଥାନରେ ପୁଣି ଅହଂ ଓ ନିମ୍ନ ପ୍ରକୃତିକୁହିଁ ଲାଭ କରିବ ? ଗୀତା କହେ 'ନା ଏପରି କୌଣସି ବିପଦ ନାହିଁ' । ''ଯେଉଁ ବ୍ୟକ୍ତି ସର୍ବତ୍ର ମୋତେ ଦେଖେ ଏବଂ ସବୁକିଛି ମୋ ଭିତରେ ଦେଖେ, ମୁଁ ତାହାକୁ ହରାଏ ନାହିଁ ବା ସେ ମଧ୍ୟ ମୋତେ ହରାଏ ନାହିଁ ।''[୩] କାରଣ ନିର୍ବାଣର ଏହି ପ୍ରଶାନ୍ତି ଯଦିଓ ଅକ୍ଷର ଦ୍ୱାରା ଲାଭ କରାଯାଏ, ତଥାପି ଏହା ପୁରୁଷୋତ୍ତମଙ୍କର ସତ୍ତାରେହିଁ ପ୍ରତିଷ୍ଠିତ 'ମତ୍‌ସଂସ୍ଥାମ୍' ଏବଂ ପରିବ୍ୟାପ୍ତ, ଭଗବାନ୍ ଓ ବ୍ରହ୍ମ ଜଗତ୍ ଭିତରେ ମଧ୍ୟ ପରିବ୍ୟାପ୍ତ, ଯଦିଓ ଏହା ଜଗତର ଅତୀତ ତଥାପି ଏହା ନିଜର ସେହି ଜଗଦାତୀତ ଅବସ୍ଥାରେ ଆବଦ୍ଧ ନୁହେଁ । ଆମକୁ

---

୧ ...ଯୋଗକ୍ଷେମଂ ବହାମ୍ୟହମ୍ ॥ ୯।୨୨

୨ ସର୍ବଭୂତସ୍ଥମାତ୍ମାନଂ ସର୍ବଭୂତାନି ଚାତ୍ମନି ।
ଈକ୍ଷତେ ଯୋଗଯୁକ୍ତାତ୍ମା ସର୍ବତ୍ର ସମଦର୍ଶନଃ ॥ ୬।୨୯

୩ ଯୋ ମାଂ ପଶ୍ୟତି ସର୍ବତ୍ର ସର୍ବଂ ଚ ମୟି ପଶ୍ୟତି ।
ତସ୍ୟାହଂ ନ ପ୍ରଣଶ୍ୟାମି ସ ଚ ମେ ନ ପ୍ରଣଶ୍ୟତି ॥ ୬।୩୦

ଦେଖିବାକୁ ହେବ ସମସ୍ତକିଛିହିଁ ସେ ଏବଂ ସେହି ଦୃଷ୍ଟିରେହିଁ ସମ୍ପୂର୍ଣ୍ଣ ଭାବରେ ବାସ କରିବାକୁ ହେବ ଓ କର୍ମ କରିବାକୁ ହେବ, ତାହାହିଁ ଯୋଗର ପୂର୍ଣ୍ଣତମ ଫଳ ।

କିନ୍ତୁ ଆଦୌ କର୍ମ କରିବ କାହିଁକି ? ନିଜର ନିର୍ଜନତାରେ ବସିରହି ଯଦି ଇଚ୍ଛା ହେଲା ଜଗତକୁ କେବଳ ଚାହିଁ ଦେଖିବ, ବ୍ରହ୍ମ ମଧ୍ୟରେ, ଭଗବାନଙ୍କ ମଧ୍ୟରେ ତାହା ରହିଥିବାର ଦେଖିବ କିନ୍ତୁ ତହିଁରେ କୌଣସି ପ୍ରକାର ଭାଗ ନେବ ନାହିଁ, ତହିଁରେ ବିଚରଣ କରିବ ନାହିଁ, ବାସ କରିବ ନାହିଁ, କର୍ମ କରିବ ନାହିଁ, ଆନ୍ତର ସମାଧିରେ ରହି କେବଳ ସାଧାରଣ ଭାବରେ ବାସ କରିବ, ଏହାହିଁ କ'ଣ ଅଧିକତର ନିରାପଦ ନୁହେଁ ? ଏଇ ଉଚ୍ଚତମ ଆଧ୍ୟାତ୍ମିକ ଅବସ୍ଥାର ତାହାହିଁ ନିୟମ ବିଧି ବା ଧର୍ମ ହେବା ଉଚିତ ନୁହେଁ କି ? ଗୀତା ପୁଣି କହେ 'ନା, କାରଣ ମୁକ୍ତ ଯୋଗୀ ପାଇଁ ଅନ୍ୟ କୌଣସି ବିଧି, ବିଧାନ, ଧର୍ମ ନାହିଁ, ଭଗବାନଙ୍କ ମଧ୍ୟରେ ବାସ କରିବା, ଭଗବାନଙ୍କୁ ଭଲ ପାଇବା ଏବଂ ସର୍ବଭୂତ ସହ ଏକ ହୋଇଯିବା ଏହାହିଁ ମୁକ୍ତ ଯୋଗୀ ପାଇଁ ଏକମାତ୍ର ସହଜ ବିଧି । ତା'ର ସ୍ୱାଧୀନତା ଅଖଣ୍ଡ, ତାହା ଆପେକ୍ଷିକ ନୁହେଁ, ତାହା ସ୍ୱୟଂପ୍ରତିଷ୍ଠ, ଅନ୍ୟ କୌଣସି ଆଚରଣବିଧି, ଜୀବନ-ବିଧାନ ବା କୌଣସି ସୀମା ଉପରେ ତାହା ନିର୍ଭର କରେ ନାହିଁ । ତା'ର କୌଣସି ପ୍ରକାର ଯୋଗ-ପଦ୍ଧତିର ପ୍ରୟୋଜନ ନାହିଁ, କାରଣ ସେ ବର୍ତ୍ତମାନ ନିରନ୍ତର ଯୋଗଯୁକ୍ତ । "ଯେଉଁ ଯୋଗୀ ଏକତ୍ୱରେ ପ୍ରତିଷ୍ଠିତ ହୋଇଥାଏ ଏବଂ ସର୍ବଭୂତରେ ମୋତେହିଁ ଭଲପାଏ, ସେ ଯେଉଁଠି ରହିଥାଉନା କାହିଁକି, ଯେଉଁ କର୍ମ କରୁନା କାହିଁକି, ସେ ମୋରି ମଧ୍ୟରେହିଁ ବାସ କରେ ଓ କର୍ମ କରେ* ।" ସେତେବେଳେ ସଂସାର-ପ୍ରେମ ଆଧ୍ୟାତ୍ମଭାବାପନ୍ନ ହୋଇ ଇନ୍ଦ୍ରିୟାନୁଭୂତିରୁ ଆତ୍ମାନୁଭୂତିରେ ପରିଣତ ହୁଏ, ତାହା ପ୍ରତିଷ୍ଠିତ ହୁଏ ଭଗବତ୍ ପ୍ରେମ ଉପରେ ଏବଂ ସେହି ପ୍ରେମରେ କୌଣସି ପ୍ରକାର ବିପଦ ବା କୌଣସି ପ୍ରକାର ଦୋଷର ପ୍ରଶ୍ନ ନାହିଁ । ନିମ୍ନ ପ୍ରକୃତିରୁ ବାହାରି ଆସିବା ପାଇଁ ଅନେକ ସମୟରେ ସଂସାର ପ୍ରତି ଭୟ ବା ବିତୃଷ୍ଣା ଆବଶ୍ୟକ ହୋଇପାରେ, କାରଣ ବସ୍ତୁତଃ ଆମ ନିଜର ଅହଂ ପ୍ରତି ଭୟ ଓ ବିତୃଷ୍ଣା ସଂସାରରେ ନିଜକୁ ପ୍ରତିଫଳିତ କରେ । କିନ୍ତୁ ଜଗତ୍ ଭିତରେ ଭଗବାନଙ୍କୁ ଦେଖିଲେ ଆଉ କିଛି ପ୍ରତି ଭୟ ରହେ ନାହିଁ, ଏହାର ଅର୍ଥ ହେଉଛି ଭଗବାନଙ୍କ ସତ୍ତା ମଧ୍ୟରେ ସମସ୍ତଙ୍କୁ ଆଲିଙ୍ଗନ କରିବା, ସମସ୍ତଙ୍କୁ ଭଗବାନ୍ ବୋଲି ଦେଖିଲେ ଆଉ କିଛି ପ୍ରତି ଘୃଣା ବା ଦ୍ୱେଷ ରହେ ନାହିଁ, ଏହାର ଅର୍ଥ ହେଉଛି ଜଗତ୍ ଭିତରେ ଭଗବାନଙ୍କୁ ଓ ଭଗବାନଙ୍କ ଭିତରେ ଜଗତକୁ ଭଲ ପାଇବା ।

କିନ୍ତୁ ଅନ୍ତତଃ ନିମ୍ନ ପ୍ରକୃତିର ବିଷୟସବୁକୁ ତ ପରିତ୍ୟାଗ କରିବାକୁ ହେବ ।

---

* ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।। ୬।୩୧

ଏହିଗୁଡ଼ିକୁ ଅତିକ୍ରମ କରିବା ପାଇଁ ତ ଯୋଗୀକୁ ଏତେ କଷ୍ଟ କରିବାକୁ ହୁଏ ! ନା, ତାହା ମଧ୍ୟ ନୁହେଁ; ଆତ୍ମ-ଦର୍ଶନର ସମତା ଭିତରେ ସବୁକିଛିକୁ ଆଲିଙ୍ଗନ କରାହୁଏ । ''ହେ ଅର୍ଜୁନ, ଯେଉଁ ବ୍ୟକ୍ତି ଆତ୍ମାର ଭାବ ନେଇ ସବୁକିଛିକୁ ସମଦୃଷ୍ଟିରେ ଦେଖେ, ତାହା ଦୁଃଖ ହେଉ ଅଥବା ସୁଖ ହେଉ; ତାହାକୁ ମୁଁ ଶ୍ରେଷ୍ଠ ଯୋଗୀ ବୋଲି ମନେକରେ* ।'' ଏହାର ଅର୍ଥ ଏପରି ଆଦୌ ବୁଝାଉ ନାହିଁ ଯେ ସେ ସ୍ୱୟଂ ଦୁଃଖରହିତ ଅଧ୍ୟାତ୍ମ ଆନନ୍ଦରୁ ଚ୍ୟୁତ ହେବେ ଏବଂ ସାଂସାରିକ ଦୁଃଖ ଭୋଗ କରିବେ – ତାହା ପରର ଦୁଃଖ ଭିତରେ ହେଲେ ବି । ପ୍ରକୃତ କଥା ହେଉଛି ସେ ନିଜେ ଯେଉଁ ଦ୍ୱନ୍ଦ୍ୱର ଖେଳାକୁ ଛାଡ଼ି ଆସିଛନ୍ତି ଓ ଅତିକ୍ରମ କରିଛନ୍ତି ଅନ୍ୟମାନଙ୍କ ଭିତରେ ସେହିସବୁ ଦ୍ୱନ୍ଦ୍ୱର ଖେଳ ଚାଲୁଥିବାର ଦେଖିଲେ ମଧ୍ୟ ସେ ସମସ୍ତଙ୍କ ଭିତରେ ନିଜର ଆତ୍ମାକୁ ଦେଖିବେ; ସମସ୍ତଙ୍କ ଭିତରେ ଭଗବାନଙ୍କୁ ଦେଖିବେ ଏବଂ ସେହିସବୁ ବାହ୍ୟ ଦୃଶ୍ୟରେ ବିଚଳିତ ବା ବିଭ୍ରାନ୍ତ ନହୋଇ ସେମାନଙ୍କୁ ସାହାଯ୍ୟ କରିବାକୁ, ସେମାନଙ୍କ ଦୁଃଖ ଦୂର କରିବାକୁ ସର୍ବଭୂତର କଲ୍ୟାଣ-ସାଧନରେ ନିଜକୁ ନିୟୋଜିତ କରିବାକୁ, ସେମାନଙ୍କୁ ଅଧ୍ୟାତ୍ମ ଆନନ୍ଦ ଦିଗରେ ବାଟ କଢ଼ାଇ ନେବାକୁ ଏବଂ ଭଗବାନଙ୍କ ଅଭିମୁଖରେ ଜଗତର ଅଗ୍ରଗତି ପାଇଁ କାମ କରିବାକୁ ସେ ଆଗେଇ ଆସିବେ । ଏହି ସଂସାରରେ ସେ ଯେତେଦିନ ବଞ୍ଚି ରହିବେ, ଏହି ଭାବରେହିଁ ସେ ଦିବ୍ୟ ଜୀବନ ଯାପନ କରିବେ । ଯେଉଁ ଭଗବତ୍-ପ୍ରେମୀ ଏହା କରିପାରିବେ, ଏହିପରି ଭାବରେ ସେ ସମସ୍ତଙ୍କୁ ଭଗବାନଙ୍କ ଭିତରେ ଆଲିଙ୍ଗନ କରି ପାରିବେ, ନିମ୍ନପ୍ରକୃତି ଓ ତ୍ରିଗୁଣାତ୍ମିକା ମାୟାର ଖେଳାକୁ ଶାନ୍ତଭାବରେ ଦେଖିପାରିବେ ଏବଂ ବିକ୍ଷୁବ୍ଧ ନହୋଇ ବା ଆଧ୍ୟାତ୍ମିକ ଏକତ୍ୱର ଉଚ୍ଚତା ଓ ଶକ୍ତିରୁ ବିଚ୍ୟୁତ ବା ବିଚଳିତ ନହୋଇ ସେହି ତ୍ରିଗୁଣାତ୍ମିକା ମାୟାର ଖେଳ ମଧ୍ୟରେ ସେସବୁ ଉପରେ କ୍ରିୟା କରିପାରିବେ । ଭଗବତ୍ ଦର୍ଶନର ବିଶାଳତାରେ ମୁକ୍ତ, ଭଗବତ୍ ପ୍ରକୃତିର ସାମର୍ଥ୍ୟରେ ମଧୁର, ମହାନ୍ ଓ ଜ୍ୟୋତିର୍ମୟ ସେହି ବ୍ୟକ୍ତିଙ୍କୁ ଶ୍ରେଷ୍ଠତମ ଯୋଗୀ ବୋଲି କୁହାଯାଇପାରେ । ସେହି ବ୍ୟକ୍ତିହିଁ ପ୍ରକୃତରେ ସୃଷ୍ଟିକୁ ଜୟ କରିଛନ୍ତି, 'ଜିତଃ ସର୍ଗଃ' ।

ଗୀତା ଅନ୍ୟ ସବୁଠି ପରି ଏଠାରେ ମଧ୍ୟ ଭକ୍ତିକୁହିଁ ଯୋଗର ଚରମ ପରାକାଷ୍ଠା ବୋଲି କହିଛି, 'ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ' – ଏହାକୁହିଁ ଗୀତା-ଶିକ୍ଷାର ଶେଷ ଓ ସାରକଥା ବୋଲି କୁହାଯାଇପାରେ, ଯେ ଭଗବାନଙ୍କୁ ସମସ୍ତଙ୍କ ଭିତରେ ଭଲପାଏ ଏବଂ ଯାହାର ଆତ୍ମା ଭଗବତ୍ ଏକତ୍ୱ ଉପରେ ପ୍ରତିଷ୍ଠିତ ସେ ଯେଉଁଠି ଥାଉନା କାହିଁକି, ଯେଉଁ କର୍ମ କରୁନା କାହିଁକି, ସେ ଭଗବାନଙ୍କ ଭିତରେହିଁ ବାସକରେ ଓ କର୍ମ

---

* ଆତ୍ମୌପମ୍ୟେନ ସର୍ବତ୍ର ସମଂ ପଶ୍ୟତି ଯୋଽର୍ଜୁନ ।
ସୁଖଂ ବା ଯଦି ବା ଦୁଃଖଂ ସ ଯୋଗୀ ପରମୋ ମତଃ ॥ ୬।୩୨

କରେ । ଅର୍ଜୁନଙ୍କର ଏକ ପ୍ରଶ୍ନର ଉତ୍ତର ଦେଇ ଦିବ୍ୟଗୁରୁ ଏହି କଥାଟି ଉପରେ ଆହୁରି ଅଧିକ ଜୋର୍ ଦେଇଛନ୍ତି । ଅର୍ଜୁନ ଯେତେବେଳେ ସଂଶୟ ପ୍ରକାଶ କରିଛନ୍ତି ଯେ ଏହି କଠିନ ଯୋଗ ମନୁଷ୍ୟର ଚଞ୍ଚଳ ମନ ପାଇଁ ଆଦୌ କିପରି ସମ୍ଭବପର ହେବ, ସେତେବେଳେ ଦିବ୍ୟଗୁରୁ ଏହି ପ୍ରସଙ୍ଗକୁ ଫେରି ଆସିଛନ୍ତି ଓ ଏ ସମ୍ପର୍କରେ ତାଙ୍କର ଚୂଡ଼ାନ୍ତ ଉକ୍ତି ବ୍ୟକ୍ତ କରିଛନ୍ତି, "ଯୋଗୀ ତପସ୍ୱୀଠାରୁ ଶ୍ରେଷ୍ଠ, ଜ୍ଞାନୀଠାରୁ ଶ୍ରେଷ୍ଠ, କର୍ମୀଠାରୁ ଶ୍ରେଷ୍ଠ, ତେଣୁ ହେ ଅର୍ଜୁନ ତୁମେ ଯୋଗୀ ହୁଅ ।"[୧] ଯୋଗୀ କର୍ମ, ଜ୍ଞାନ ଓ ତପସ୍ୟା ଦ୍ୱାରା ବା ଅନ୍ୟ ଯେକୌଣସି ଉପାୟ ଦ୍ୱାରା କେବଳ ଆଧ୍ୟାତ୍ମିକ ଜ୍ଞାନ ପାଇଁ ଜ୍ଞାନ ବା ଶକ୍ତି ପାଇଁ ଶକ୍ତି ବା ଅନ୍ୟ କୌଣସି କିଛି ଚାହାନ୍ତି ନାହିଁ; ସେ ଅଭୀପ୍ସା କରନ୍ତି ଓ ଲାଭ କରନ୍ତି କେବଳ ଭଗବାନଙ୍କ ସହ ଯୋଗ ବା ମିଳନ । କାରଣ ତାହା ମଧ୍ୟରେହିଁ ଅନ୍ୟ ସବୁକିଛି ରହିଛି, ଏବଂ ତାହାରି ମଧ୍ୟରେ ଅନ୍ୟ ସବୁକିଛି ନିଜ ନିଜର ସୀମାର ଊର୍ଦ୍ଧ୍ୱକୁ ଉନ୍ନୀତ ହୋଇ ଦିବ୍ୟତମ ସାର୍ଥକତା ଲାଭ କରନ୍ତି । କିନ୍ତୁ ପୁଣି ଯୋଗୀମାନଙ୍କ ମଧ୍ୟରେ ଭକ୍ତହିଁ ଶ୍ରେଷ୍ଠତମ । "ଯୋଗୀମାନଙ୍କ ଭିତରେ ଯେଉଁ ବ୍ୟକ୍ତି ତାହାର ସମଗ୍ର ଅନ୍ତରାତ୍ମାକୁ ମୋତେ ସମର୍ପଣ କରି ଦେଇଛି ଓ ମୋତେ ଶ୍ରଦ୍ଧା ଓ ପ୍ରେମର ସହିତ ଭଜନା କରୁଛି, 'ଶ୍ରଦ୍ଧାବାନ୍ ଭଜତେ' ମୋ ମତରେ ସେହି ବ୍ୟକ୍ତିହିଁ ମୋ ସହିତ ଯୋଗରେ ସର୍ବାପେକ୍ଷା ଅଧିକ ଯୁକ୍ତ ।"[୨] ଏହାହିଁ ହେଉଛି ଗୀତାର ପ୍ରଥମ ଛଅ ଅଧ୍ୟାୟର ଶେଷ କଥା ଏବଂ ଏହାରି ଭିତରେହିଁ ଗୀତାର ଅବଶିଷ୍ଟ ଅଂଶର ବୀଜ ନିହିତ ଅଛି, ଯାହାକି ବର୍ତ୍ତମାନ ପର୍ଯ୍ୟନ୍ତ କୁହାଯାଇ ନାହିଁ ଏବଂ ଯାହା କେଉଁଠି ମଧ୍ୟ ପୂର୍ଣ୍ଣ ଭାବରେ କୁହାଯାଇ ନାହିଁ; କାରଣ ତାହା ସର୍ବଦାହିଁ କେତେକାଂଶରେ ଏକ ଗୂଢ଼ ରହସ୍ୟ ପରି ରହିଯାଇଛି 'ରହସ୍ୟମ୍', ତାହାହିଁ ଶ୍ରେଷ୍ଠତମ ଆଧ୍ୟାତ୍ମିକ ରହସ୍ୟ ଏବଂ ଦିବ୍ୟ ନିଗୂଢ଼ ତତ୍ତ୍ୱ ।

---

୧ ତପସ୍ୱିଭ୍ୟୋଽଧିକୋ ଯୋଗୀ ଜ୍ଞାନିଭ୍ୟୋଽପି ମତୋଽଧିକଃ ।
କର୍ମିଭ୍ୟଶ୍ଚାଧିକୋ ଯୋଗୀ ତସ୍ମାଦ୍ ଯୋଗୀ ଭବାର୍ଜୁନ ।। *୬।୪୬*

୨ ଯୋଗିନାମପି ସର୍ବେଷାଂ ମଦ୍‌ଗତେନାନ୍ତରାତ୍ମନା ।
ଶ୍ରଦ୍ଧାବାନ୍ ଭଜତେ ଯୋ ମାଂ ସ ମେ ଯୁକ୍ତତମୋ ମତଃ ।। *୬।୪୭*

# ୨୪

# କର୍ମଯୋଗର ସାରତତ୍ତ୍ୱ

ଗୀତାର ପ୍ରଥମ ଛଅଟି ଅଧ୍ୟାୟରେ ଗୀତା-ଶିକ୍ଷାର ଏକ ପ୍ରକାର ପ୍ରାଥମିକ ପରିଚୟ ଦିଆଯାଇଛି; ବାକି ଅଂଶତକ ଅର୍ଥାତ୍ ବାକି ଦ୍ୱାଦଶ ଅଧ୍ୟାୟ ହେଉଛି ଏହି ଛ' ଅଧ୍ୟାୟରେ ଅସମ୍ପୂର୍ଣ୍ଣ ରହିଥିବା କେତେକ ବିଷୟର ବିଶଦ ବ୍ୟାଖ୍ୟା । ଏଥିରେ ସେଗୁଡ଼ିକୁ ମୂଳ ବିଷୟସଂବଳିତ ବ୍ୟାପକ ଆଲୋଚନାର ସଙ୍କେତ ବା ସୂଚନା ରୂପେ ରଖାଯାଇଥିଲେ ମଧ୍ୟ ସେଗୁଡ଼ିକର ନିଜସ୍ୱ ଗୁରୁତ୍ୱ ଖୁବ୍ ବେଶୀ, ତେଣୁ ଗୀତାର ଅନ୍ୟ ଦୁଇଭାଗରେ ସେଗୁଡ଼ିକୁ ବିଶଦଭାବରେ ଆଲୋଚନା କରିବାକୁ ରଖାଯାଇଛି । ଗୀତା ଯଦି ଏପରି ଏକ ମହାନ୍ ଲିଖିତ ଶାସ୍ତ୍ର ହୋଇ ନଥା'ନ୍ତା, ଯାହାର ଶିକ୍ଷାକୁ ତା'ର ଶେଷ ପର୍ଯ୍ୟନ୍ତ ନେବାକୁହିଁ ହେବ, ଯଦି ପ୍ରକୃତରେ ଜଣେ ଜୀବିତ ଗୁରୁ ତାଙ୍କ ଶିଷ୍ୟକୁ ଦେଇଥିବା ଏହା ଏପରି ଏକ ଉପଦେଶ ହୋଇ ଥାଆନ୍ତା ଯାହାକି ଶିଷ୍ୟ ଯେତେବେଳେ ଅଧିକ ଗ୍ରହଣ କରିବାକୁ ସକ୍ଷମ ହୁଅନ୍ତେ ଏବଂ ସେଇ ଅନୁସାରେ ଯଥାସମୟରେ ପୁନରାରମ୍ଭ ହେବାକୁ ରହିଥା'ନ୍ତା, ତା'ହେଲେ ଗୁରୁ ଷଷ୍ଠ ଅଧ୍ୟାୟର ଶେଷରେ ହୁଏତ ରହିଯାଇ କହିଥା'ନ୍ତେ, "ପ୍ରଥମେ ଏତିକି ସାଧନ କର, ଏତିକିହିଁ ଉପଲବ୍ଧି କରିବାକୁ ତୁମକୁ ଅନେକ କିଛି କରିବାକୁ ହେବ; ଏହାରି ଭିତରୁହିଁ ତୁମେ ତୁମର କାର୍ଯ୍ୟ ପାଇଁ ଖୁବ୍ ପ୍ରଶସ୍ତ ଭିତ୍ତି ପାଇବ; ଯେତେବେଳେ କିଛି ବାଧାବିଘ୍ନ ବା ସମସ୍ୟା ଦେଖାଦେବ ସେତେବେଳେ ଆପେ ଆପେ ସେଗୁଡ଼ିକର ସମାଧାନ ହୋଇଯିବ ବା ତୁମ ପାଇଁ ମୁଁ ସେଗୁଡ଼ିକର ସମାଧାନ କରିଦେବି । କିନ୍ତୁ ବର୍ତ୍ତମାନ ପାଇଁ ମୁଁ ଯେତିକି କହୁଛି ସେତକ ତୁମ ଜୀବନରେ କାର୍ଯ୍ୟକାରୀ କର, ଏହି ଭାବକୁ ନେଇହିଁ କର୍ମ କର ।" ଏହା ଅବଶ୍ୟ ସତ୍ୟ ଯେ ଏଠାରେ ଏପରି ଅନେକ କଥା ଅଛି ଯେ ପରବର୍ତ୍ତୀ ଅଂଶରେ ଯାହା କୁହାଯାଇଛି ସେହି ଆଲୋକରେ ନ ଦେଖିଲେ ସେଗୁଡ଼ିକର ଅର୍ଥ ଏତେ ସ୍ପଷ୍ଟ ହେବ ନାହିଁ । ଆଶୁ ସମସ୍ୟାର ସମାଧାନ ପାଇଁ ଓ ଭୁଲ୍ ବୁଝିବାର ଆଶଙ୍କାକୁ ଦୂରକରିବା ପାଇଁ ମୋତେ ମଧ୍ୟ ଏଠାରେ ପରବର୍ତ୍ତୀ ଅଂଶର ଅନେକ କଥା ଆଗରୁ କହିବାକୁ ହେଉଛି । ଉଦାହରଣ ସ୍ୱରୂପ ପୁରୁଷୋତ୍ତମ ତତ୍ତ୍ୱକୁ ବାରଂବାର କହିବାକୁ ପଡୁଛି, କାରଣ ଏହି ତତ୍ତ୍ୱର ଅବତାରଣା ବିନା ଆତ୍ମା, କର୍ମ ଏବଂ କର୍ମର ଅଧୀଶ୍ୱରଙ୍କ ସମ୍ପର୍କରେ ଅନେକ ଅସ୍ପଷ୍ଟତା ଦୂରକରିବା ଅସମ୍ଭବ ହୋଇଥାଆନ୍ତା । କିନ୍ତୁ ଗୀତା ଇଚ୍ଛାକରିହିଁ ପ୍ରଥମରୁ ଏ ବିଷୟରେ କହି ନାହିଁ, କାରଣ ମାନବଶିଷ୍ୟର ମନ ସେପର୍ଯ୍ୟନ୍ତ ଏହିସବୁ ମହାନ୍‌ତତ୍ତ୍ୱକୁ ଧାରଣ

କରିବା ପାଇଁ ଯଥେଷ୍ଟ ପ୍ରସ୍ତୁତ ହୋଇ ନାହିଁ, ତେଣୁ ଏପରି ଆଶଙ୍କା ହୋଇଛି ଯେ ଏହି ଅପରିପକ୍ୱ ଅବସ୍ଥାରେ ସେସବୁର ଅବତାରଣା ହୁଏତ ତା'ର ପ୍ରାଥମିକ ସାଧନାର ଦୃଢ଼ତାକୁ ମଧ୍ୟ ବିଚଳିତ କରିଦେଇ ପାରେ ।

ଗୁରୁ ଯଦି ତାଙ୍କର ଶିକ୍ଷାକୁ ଏହିଠାରେ ସ୍ଥଗିତ ରଖିଥାଆନ୍ତେ ସ୍ୱୟଂ ଅର୍ଜୁନ ମଧ୍ୟ ଆପତ୍ତି ଉଠାଇଥାଆନ୍ତେ ଯେ, ''ଆପଣ ବାସନା ଓ ଆସକ୍ତିର ବିନାଶ ସମ୍ବନ୍ଧରେ, ସମତା ସମ୍ବନ୍ଧରେ, ଇନ୍ଦ୍ରିୟମାନଙ୍କୁ ଜୟ କରିବା ଓ ମନକୁ ନିଶ୍ଚଳ କରିବା ସମ୍ବନ୍ଧରେ କାମକ୍ରୋଧାଦିରୁ ମୁକ୍ତ ନୈର୍ବ୍ୟକ୍ତିକ କର୍ମ ତଥା ଯଜ୍ଞାର୍ଥେ କର୍ମ ସମ୍ପର୍କରେ ଏବଂ ବାହ୍ୟିକ ତ୍ୟାଗ ଅପେକ୍ଷା ଆଭ୍ୟନ୍ତରୀଣ ତ୍ୟାଗର ବାଞ୍ଛନୀୟତା ସମ୍ପର୍କରେ ଅନେକ କଥା ବୁଝାଇଲେ ଏବଂ ଏଗୁଡ଼ିକୁ କାର୍ଯ୍ୟରେ ଆଚରଣ କରିବା ମୋ ପାଇଁ ଯେତେ କଠିନ ହେଲେ ମଧ୍ୟ ମୁଁ ଏସବୁକୁ ବୁଦ୍ଧି ଦ୍ୱାରା ବୁଝିପାରିଛି । କିନ୍ତୁ ଆପଣ ଏହା ବି କହିଛନ୍ତି ଯେ କର୍ମରେ ରତ ଥିଲାବେଳେ ମଧ୍ୟ ଗୁଣସବୁର ଊର୍ଦ୍ଧ୍ୱକୁ ଉଠିଯିବାକୁ ହେବ, କିନ୍ତୁ ଗୁଣ କି ଭାବରେ କାର୍ଯ୍ୟକରେ ତାହା ଆପଣ କହି ନାହାନ୍ତି, ମୁଁ ତାହା ନ ଜାଣିବା ପର୍ଯ୍ୟନ୍ତ ମୋ ପକ୍ଷରେ ସେଗୁଡ଼ିକୁ ଲକ୍ଷ୍ୟ କରିବା ଓ ତା' ଊର୍ଦ୍ଧ୍ୱକୁ ଉଠିଯିବା କଷ୍ଟସାଧ୍ୟ ହେବ । ତାହାଛଡ଼ା ଆପଣ ମଧ୍ୟ ଭକ୍ତିକୁ ଯୋଗର ଶ୍ରେଷ୍ଠତମ ଅଙ୍ଗ ବୋଲି କହିଛନ୍ତି କିନ୍ତୁ ଆପଣ କର୍ମ ଓ ଜ୍ଞାନ ସମ୍ପର୍କରେ ଅନେକ କଥା କହିଥିଲେ ମଧ୍ୟ ଭକ୍ତି ସମ୍ପର୍କରେ ଅତି ସାମାନ୍ୟ କିଛି କହିଛନ୍ତି ବା ପ୍ରାୟ କିଛି କହି ନାହାନ୍ତି । ଏବଂ ଏହି ଭକ୍ତି, ଏହି ଶ୍ରେଷ୍ଠତମ ବସ୍ତୁ କାହାକୁ ଅର୍ପଣ କରାଯିବ ? ନିଶ୍ଚିତ ରୂପେ ନିଷ୍କ୍ରିୟ ନୈର୍ବ୍ୟକ୍ତିକ ଆତ୍ମାକୁ ନୁହେଁ, ଏହା ଅର୍ପିତ ହେବ ଆପଣଙ୍କୁ, ଯେ ହେଉଛନ୍ତି ଈଶ୍ୱର । ତା'ହେଲେ ମୋତେ କୁହନ୍ତୁ ଆପଣ କିଏ, କ'ଣ ? କାରଣ ଯେହେତୁ ଭକ୍ତି ଆତ୍ମଜ୍ଞାନ ଅପେକ୍ଷା ବି ଶ୍ରେଷ୍ଠ, ତେଣୁ ଅକ୍ଷର ବ୍ରହ୍ମ ଅପେକ୍ଷା ଆହୁରି ଶ୍ରେଷ୍ଠ ଆପଣ କିଏ ? ଏହି ଅକ୍ଷର ବ୍ରହ୍ମ ତ କ୍ଷର ପ୍ରକୃତି ଓ କର୍ମର ଜଗତ୍ ଅପେକ୍ଷା ଶ୍ରେଷ୍ଠ, ଯେପରି ଜ୍ଞାନ କର୍ମଠାରୁ ଶ୍ରେଷ୍ଠ । ଏହି ତିନିଟି ଜିନିଷ ମଧ୍ୟରେ ସମ୍ପର୍କ କ'ଣ ? କର୍ମ, ଜ୍ଞାନ ଓ ଭଗବତ୍ ପ୍ରେମ ଭିତରେ କ'ଣ ସମ୍ପର୍କ ? ପ୍ରକୃତିସ୍ଥ ପୁରୁଷ, ଅକ୍ଷରପୁରୁଷ ଏବଂ ଯେ ଏକ ସଙ୍ଗରେ ସମସ୍ତଙ୍କର ଆତ୍ମା ଏବଂ ଜ୍ଞାନ, ଭକ୍ତି ଓ କର୍ମର ପ୍ରଭୁ ଓ ଅଧୀଶ୍ୱର, ଯେଉଁ ପରମ ଭଗବାନ୍ ଏହି ମହାଯୁଦ୍ଧ ଓ ଧ୍ୱଂସଲୀଳାରେ ମୋ ସଙ୍ଗରେ ରହିଛନ୍ତି, ଯେ ଏହି ଘୋର ଭୀଷଣ କର୍ମରେ ମୋ ରଥରେ ସାରଥି ରୂପେ ବିରାଜମାନ – ଏସବୁ ମଧ୍ୟରେ ସମ୍ପର୍କ କ'ଣ ?'' ଏହିସବୁ ପ୍ରଶ୍ନର ଉତ୍ତର ଦେବା ପାଇଁ ଗୀତାର ବାକି ଅଂଶଗୁଡ଼ିକ ଲିଖିତ, ପ୍ରକୃତରେ ବୁଦ୍ଧି ପାଇଁ ଏକ ସନ୍ତୋଷଜନକ ମୀମାଂସା ଦେବାକୁ ହେଲେ ଏହି ପ୍ରଶ୍ନଗୁଡ଼ିକୁ ପକାଇ ନରଖି ଅବିଳମ୍ବେ ଆଲୋଚନା କରିବାକୁ ହେବ ଏବଂ ତାହାର ସମାଧାନ ଦେବାକୁ ହେବ । କିନ୍ତୁ ପ୍ରକୃତ ସାଧନା-ପଥରେ ଅନେକ ଜିନିଷ ତ୍ୟାଗ କରି, ସ୍ତର ପରେ ସ୍ତର

ଅତିକ୍ରମ କରି କ୍ରମଶଃ ଅଗ୍ରସର ହେବାକୁ ହୁଏ, ବାସ୍ତବରେ ତା'ପରେ ଯାଇ ଅନେକ ବଡ଼ ବଡ଼ ବିଷୟ ଦେଖାଦିଅନ୍ତି ଓ ସେଗୁଡ଼ିକ ଆପେ ଆପେ ସ୍ୱୟଂ ସମାଧିତ ହୁଅନ୍ତି ଆମେ ଯେଉଁ ଆଧ୍ୟାତ୍ମିକ ଉପଲବ୍ଧିରେ ଅଗ୍ରଗତି କରିଥାଉଁ ତାହାରି ଆଲୋକରେ । ଗୀତା କେତେକାଂଶରେ ଆଧ୍ୟାତ୍ମିକ ଅନୁଭୂତିରେ ଏହି ଧାରାକୁହିଁ ଅନୁସରଣ କରିଛି ଏବଂ କର୍ମ ଓ ଜ୍ଞାନର ଏକ ବ୍ୟାପକ ପ୍ରାଥମିକ ଭିତ୍ତି ସ୍ଥାପନ କରିଛି ଯେଉଁଥିରେ କି ଏପରି ଏକ ଉପାଦାନ ରହିଛି ଯାହାକି ଭକ୍ତି ଓ ମହତ୍ତର ଜ୍ଞାନ ଦିଗରେ ବାଟ କଢ଼ାଇ ଆଗେଇ ନେଲେ ମଧ୍ୟ ପୂରାପୂରି ପହୁଞ୍ଚାଇ ଦେଇ ନାହିଁ । ଗୀତାର ପ୍ରଥମ ଛ' ଅଧ୍ୟାୟ ଆମ ଆଗରେ ସେହି ଭିତ୍ତିକୁ ଉପସ୍ଥାପିତ କରିଛି ।

ଆମେ ତା'ହେଲେ ଏଇଠାରେ ଟିକେ ଅଟକିଯାଇ ଯେଉଁ ମୂଳ ସମସ୍ୟା ନେଇ ଗୀତାର ଆରମ୍ଭ ତାହା ଏହି ଅଧ୍ୟାୟଗୁଡ଼ିକରେ କେତେଦୂର ସମାଧାନ ହୋଇଛି ତା'ର ଆଲୋଚନା କରିବା । ଏଠାରେ ପୁଣିଥରେ କହିଦେବା ଉଚିତ ହେବ ଯେ କେବଳ ସେହି ସମସ୍ୟାଟିର ସମାଧାନ ପାଇଁ ଜଗତର ସ୍ୱରୂପ ସମ୍ପର୍କରେ ଏବଂ ସାଧାରଣ ଜୀବନ ସ୍ଥାନରେ ଅଧ୍ୟାତ୍ମ ଜୀବନର ପ୍ରତିଷ୍ଠା ସମ୍ପର୍କରେ ସମଗ୍ର ପ୍ରଶ୍ନର ବିଚାର ନ ହୋଇଥିଲେ ଚଳିଥା'ନ୍ତା । ବ୍ୟବହାରିକ ଦିଗରୁ ବା ନୈତିକ ଭିତ୍ତି ଦିଗରୁ ବା ବୁଦ୍ଧିଗତ ବା ଆଦର୍ଶଗତ ଦୃଷ୍ଟିଭଙ୍ଗୀରୁ ବା ଏ ସମସ୍ତ ଦିଗକୁ ଏକତ୍ରିତ ଭାବରେ ବିବେଚନା କରି ଗୋଟିଏ ମୀମାଂସାରେ ପହଞ୍ଚିଲେ ହୋଇଥା'ନ୍ତା । ବାସ୍ତବିକ ଏହାହିଁ ସମସ୍ୟାର ସମାଧାନ ସମ୍ପର୍କରେ ଆମର ଆଧୁନିକ ପଦ୍ଧତି ଅନୁଯାୟୀହିଁ ହୋଇଥା'ନ୍ତା । କିନ୍ତୁ କେବଳ ଏହି ସମସ୍ୟାଟିକୁ ଧରିଲେ ପ୍ରଥମତଃ ଏହି ପ୍ରଶ୍ନଟି ଉଠେ ଯେ ଅର୍ଜୁନ କେଉଁ ବିଧାନ ଦ୍ୱାରା ନିଜର କର୍ତ୍ତବ୍ୟ ଅକର୍ତ୍ତବ୍ୟ ନିରୂପଣ କରିବେ ? ହତ୍ୟା ସମ୍ପର୍କରେ ବ୍ୟକ୍ତିଗତ ପାପର ଯେଉଁ ନୈତିକ ପ୍ରଶ୍ନ ଉଠେ ଅର୍ଜୁନ ତାହାଦ୍ୱାରା ଚାଳିତ ହେବେ ନା ସେହି ସମାନ ଭାବେ ଦେଶ ପ୍ରତି, ସମାଜ ପ୍ରତି ଯେଉଁ କର୍ତ୍ତବ୍ୟ ରହିଛି, ସେହି ନୈତିକ କର୍ତ୍ତବ୍ୟ ବୋଧ ଦ୍ୱାରା ଚାଳିତ ହୋଇ ନ୍ୟାୟକୁ ରକ୍ଷା କରିବା ପାଇଁ, ଅନ୍ୟାୟ ଅତ୍ୟାଚାରର ଶକ୍ତି ବିରୋଧରେ ଛିଡ଼ା ହେବା ପାଇଁ ସମସ୍ତ ମହତ୍ ବ୍ୟକ୍ତିଙ୍କର ବିବେକ ଯାହା ଦାବି କରେ ତାହା ଅନୁସରଣ କରିବେ ? ଏହି ଯୁଗରେ ବର୍ତ୍ତମାନ ମୁହୂର୍ତ୍ତରେ ଆମ ନିଜ ଆଗରେ ଏହି ପ୍ରଶ୍ନହିଁ ଉଠିଥାଏ ଏବଂ ନାନା ଭାବରେ ନାନା ଦିଗରୁ ଏହାର ସମାଧାନ କରାଯାଇପାରେ ଏବଂ ବର୍ତ୍ତମାନ ଆମେ ଏହାର ସମାଧାନ ସେହି ଭାବରେହିଁ କରୁ । ଏ ସମ୍ପର୍କରେ ରହିଥିବା ବିଭିନ୍ନ ପ୍ରକାର ସମାଧାନ ଭିତରୁ ଗୋଟିଏ ବା ଅନ୍ୟଟିକୁ ଗ୍ରହଣ କରୁ, କିନ୍ତୁ ଏସମସ୍ତ ସମାଧାନ ଆମ ସାଧାରଣ ଜୀବନ ଓ ଆମ ସାଧାରଣ ମାନୁଷୀ ମନର ଦୃଷ୍ଟିରୁହିଁ ହୋଇଥାଏ । ଏ ସମ୍ପର୍କରେ ପ୍ରଶ୍ନଟି ହେଉଛି ଏକ ପକ୍ଷରେ ଆମର ବ୍ୟକ୍ତିଗତ ବିବେକ ଓ ଅନ୍ୟପକ୍ଷରେ ସମାଜ ଓ ରାଷ୍ଟ୍ର ପ୍ରତି ଆମର

କର୍ତ୍ତବ୍ୟ ଭିତରେ ପ୍ରଶ୍ନ, ଏକ ପକ୍ଷରେ ଏକ ଆଦର୍ଶଗତ ନୈତିକତା ଓ ଅନ୍ୟପକ୍ଷରେ କାର୍ଯ୍ୟକ୍ଷେତ୍ରରେ ଉପଯୋଗୀ ଏକ ବ୍ୟବହାରିକ ନୈତିକତା ଭିତରେ ପ୍ରଶ୍ନ, ଏକ ପକ୍ଷରେ "ଆତ୍ମାର ଶକ୍ତି" ଓ ଅନ୍ୟ ପକ୍ଷରେ ବର୍ତ୍ତମାନ ସମସ୍ତ ଜୀବନ ଯେ ଆତ୍ମା ହୋଇ ଉଠି ନାହିଁ ଓ ନ୍ୟାୟ ପାଇଁ, ସତ୍ୟ ପାଇଁ ଯୁଦ୍ଧରେ ଅସ୍ତ୍ର ଧାରଣ କରିବା ଯେ ସମୟ ସମୟରେ ଅନିବାର୍ଯ୍ୟ ହୋଇଉଠେ ଏହି କଠୋର ସତ୍ୟକୁ ସ୍ୱୀକାର କରିବା ଭିତରେ ପ୍ରଶ୍ନ । ଏସବୁ ପ୍ରଶ୍ନର ଯେଉଁ ସମାଧାନ ମିଳିବ ସେଗୁଡ଼ିକ ହେବ ବୁଦ୍ଧି, ପ୍ରକୃତି ବା ହୃଦୟର ଭାବ ଦିଗରୁ, ସେଗୁଡ଼ିକ ନିର୍ଭର କରିବେ ବ୍ୟକ୍ତିଗତ ଦୃଷ୍ଟିଭଙ୍ଗୀ ଉପରେ ବା ଅତି ବେଶିରେ ସେଗୁଡ଼ିକ ହୋଇପାରେ ଆମ ଆଗରେ ଉପସ୍ଥିତ ହୋଇଥିବା ସମସ୍ୟାର ସମ୍ମୁଖୀନ ହେବା ପାଇଁ ଆମ ପାଇଁ ସବୁଠୁ ଉପଯୋଗୀ ବାଟ । ଆମ ପାଇଁ ଉପଯୋଗୀ କାରଣ ଆମ ପ୍ରକୃତିର ଓ ନୈତିକ ତଥା ବୁଦ୍ଧିଗତ ବିକାଶର ଯେଉଁ ସ୍ତରରେ ଆମେ ପହଞ୍ଚିଛୁ ତାହାର ଉପଯୋଗୀ, ଅର୍ଥାତ୍ ଆମେ ଯେତିକିଟି ଆଲୋକ ପାଇଛୁ ସେହି ଅନୁଯାୟୀ ସାଧମତେ ଆମେ ସେତିକିଣ କରିପାରୁ । କିନ୍ତୁ ଏହି ଭାବରେ କୌଣସି ଚୂଡ଼ାନ୍ତ ସମାଧାନରେ ପହଞ୍ଚି ହେବ ନାହିଁ । କାରଣ ଏହିସବୁ ସମାଧାନ ଆମ ସାଧାରଣ ମନରୁହିଁ ଆସିଛି, ଯେଉଁ ମନ କି ଆମ ସତ୍ତାର ନାନା ବୃତ୍ତିର ଏକ ଜଟିଳ ଜାଲ, ଏବଂ ଏହିସବୁ ଗତିବୃତ୍ତି ଭିତରୁ ସେ କୌଣସି ଗୋଟିକୁ ନିର୍ବାଚନ କରିଥାଏ ବା ସେଗୁଡ଼ିକ ଭିତରେ ସାମଞ୍ଜସ୍ୟ ଆଣିଥାଏ । ଆମ ଭିତରେ ରହିଛି ଆମର ବିଚାର ବୁଦ୍ଧି, ଆମର ନୈତିକ ବୋଧ, ଆମର କର୍ମ-ପ୍ରେରଣା, ଆମର ପ୍ରାଣର ପ୍ରବୃତ୍ତି ଓ ଆମର ହୃଦୟବୃତ୍ତି ଏବଂ ସେହିସବୁ ଦୁର୍ଲଭ ଜିନିଷ ଯାହାକୁ ଆମେ ଆତ୍ମାର ସହଜାତ ବୃତ୍ତି ବା ଚୈତ୍ୟ ପ୍ରେରଣା ବୋଲି କହୁ — ଏହିସବୁର ଭିତରେ ସମାଧାନ ପାଇଁ ମନକୁ ତା'ର ନିର୍ବାଚନ କରିବାକୁ ପଡ଼େ ବା ଏଗୁଡ଼ିକ ଭିତରେ ସାମଞ୍ଜସ୍ୟ ଆଣିବାକୁ ହୋଇଥାଏ । ଗୀତା ସ୍ୱୀକାର କରେ ଯେ ଏହି ଭାବରେ କୌଣସି ଚରମ ମୀମାଂସା ହୋଇ ପାରିବ ନାହିଁ, କେବଳ ଏକ ଆଶୁ, ବ୍ୟବହାରିକ ସମାଧାନ ହୋଇପାରେ । ପ୍ରଥମେ ଅର୍ଜୁନଙ୍କ ଆଗରେ ସେହି ଯୁଗର ସର୍ବଶ୍ରେଷ୍ଠ ଆଦର୍ଶ ଦୃଷ୍ଟିରୁ ଏହିପରି ଏକ ବ୍ୟବହାରିକ ସମାଧାନ ରଖାଯାଇଛି କିନ୍ତୁ ଅର୍ଜୁନଙ୍କର ତାହାକୁ ଗ୍ରହଣ କରିବା ଭଳି ମତିଗତି ନ ଥିଲା, ବାସ୍ତବରେ ଅର୍ଜୁନ ଯେ ଏହି ଧରଣର ଏକ ସମାଧାନରେ ସନ୍ତୁଷ୍ଟ ହୁଅନ୍ତୁ ଦିବ୍ୟଗୁରୁଙ୍କର ଇଚ୍ଛା ମଧ୍ୟ ଏହା ନ ଥିଲା । ଏହାପରେ ଗୀତା ଏହି ପ୍ରଶ୍ନର ସମାଧାନ କରିବାକୁ ଏକ ସମ୍ପୂର୍ଣ୍ଣ ଭିନ୍ନ ଦୃଷ୍ଟିକୋଣ ଓ ସମ୍ପୂର୍ଣ୍ଣ ଭିନ୍ନ ଉତ୍ତର ଦିଗରେ ଅଗ୍ରସର ହୋଇଛି ।

ଗୀତାର ସମାଧାନ ହେଉଛି ଆମର ସାଧାରଣ ସତ୍ତା ଓ ସାଧାରଣ ମନର ଊର୍ଦ୍ଧ୍ୱକୁ ଉଠିଯାଇ, ଆମର ବୌଦ୍ଧିକ ଓ ନୈତିକ ସଂଶୟର ଊର୍ଦ୍ଧ୍ୱକୁ ଉଠିଯାଇ ଏପରି ଏକ ଚେତନା ଲାଭ କରିବା ଯେଉଁଠିକି ସତ୍ତାର ଧର୍ମ ହେଉଛି ଅଲଗା ଏବଂ ସେଇଥିପାଇଁ ଆମର କର୍ମର

ଦୃଷ୍ଟିକୋଣ ମଧ୍ୟ ଅଲଗା । ସେଠାରେ ବ୍ୟକ୍ତିଗତ କାମନା-ବାସନା ଓ ବ୍ୟକ୍ତିଗତ ଭାବାବେଗ ଆଉ କର୍ମକୁ ନିୟନ୍ତ୍ରିତ କରେ ନାହିଁ, ସେଠାରେ ସମସ୍ତ ଦ୍ୱନ୍ଦ୍ୱର ଅବସାନ ହୁଏ, ସେଠାରେ କର୍ମ ଆଉ ଆମର ନିଜର କର୍ମ ହୋଇ ରହେ ନାହିଁ, ତେଣୁ ସେଠାରେ ବ୍ୟକ୍ତିଗତ ପୁଣ୍ୟ ଓ ବ୍ୟକ୍ତିଗତ ପାପବୋଧକୁ ଅତିକ୍ରମ କରାଯାଏ, ସେଠାରେ ବିଶ୍ୱଗତ ନୈର୍ବ୍ୟକ୍ତିକ ଭାଗବତ ସତ୍ତାହିଁ ଆମ ଭିତର ଦେଇ ଜଗତରେ ତାହାର ଉଦ୍ଦେଶ୍ୟ ସମ୍ପନ୍ନ କରେ । ସେଠାରେ ସ୍ୱୟଂ ଆମେମାନେ ମଧ୍ୟ ଏକ ନୂତନ ଓ ଦିବ୍ୟଜନ୍ମ ଲାଭ କରି ସେହି ଦିବ୍ୟ ସତ୍ତାର ସତ୍ତାରେ, ସେହି ଦିବ୍ୟ ଚେତନାର ଚେତନାରେ, ସେହି ଦିବ୍ୟ ଶକ୍ତିର ଶକ୍ତିରେ, ସେହି ଦିବ୍ୟ ଆନନ୍ଦର ଆନନ୍ଦରେ ପରିଣତ ହେଉ ଏବଂ ସେତେବେଳେ ଆମେ ଆଉ ଆମର ନିମ୍ନତର ପ୍ରକୃତିରେ ବାସ କରୁ ନାହିଁ, ଆମର ନିଜର କୌଣସି କର୍ମ କରିବାର ନଥାଏ, ଅନୁସରଣ କରିବାକୁ ନିଜର କୌଣସି ବ୍ୟକ୍ତିଗତ ଲକ୍ଷ୍ୟ ନଥାଏ, କିନ୍ତୁ ଯଦି ଆମେ ଆଦୌ କର୍ମ କରୁ (ଏକମାତ୍ର ଏହି ସମସ୍ୟା ଓ ପ୍ରଶ୍ନଟି ବାକି ରହିଯାଇଥାଏ) ତା'ହେଲେ ଆମେ କେବଳ ଭାଗବତ କର୍ମହିଁ କରୁ, ଆମର ବାହ୍ୟ ପ୍ରକୃତି ଏ କର୍ମର କାରଣ ହୁଏ ନାହିଁ, କେବଳ ତାହାର ଶାନ୍ତ ଯନ୍ତ୍ର ମାତ୍ର ହୁଏ, ସେହି କର୍ମର ପ୍ରେରଣା ଆଉ ବାହ୍ୟ ପ୍ରକୃତିରୁ ଆସେ ନାହିଁ, କାରଣ ପ୍ରେରଣା-ଶକ୍ତିର ଉତ୍ସ ରହିଥାଏ ଆମର ଊର୍ଦ୍ଧ୍ୱରେ, ଆମ କର୍ମର ଅଧୀଶ୍ୱରଙ୍କ ଇଚ୍ଛା ଭିତରେ । ଏବଂ ଏହାକୁହିଁ ଆମ ନିକଟରେ ଯଥାର୍ଥ ସମାଧାନ ହିସାବରେ ଉପସ୍ଥାପିତ କରାଯାଇଛି; କାରଣ ଏହାହିଁ ଆମକୁ ଆମ ସତ୍ତାର ଯଥାର୍ଥ ସତ୍ୟ ଦିଗରେ ଫେରାଏ, ଏବଂ ଆମ ସତ୍ତାର ଯଥାର୍ଥ ସତ୍ୟ ଅନୁଯାୟୀ ଜୀବନ ଯାପନ କରିବାହିଁ ଶ୍ରେଷ୍ଠତମ ସମାଧାନ ଓ ଆମ ଜୀବନର ସମସ୍ୟାସବୁର ଏକମାତ୍ର ସମ୍ପୂର୍ଣ୍ଣ ସତ୍ୟ ସମାଧାନ । ଆମର ମାନସିକ ଓ ପ୍ରାଣିକ ବ୍ୟକ୍ତିତ୍ୱ ହେଉଛି ଆମର ପ୍ରାକୃତ ଜୀବନର ଏକ ସତ୍ୟ କିନ୍ତୁ ତାହା ଅଜ୍ଞାନର ସତ୍ୟ ଏବଂ ଏହା ସହିତ ଯାହାକିଛି ସଂଶ୍ଳିଷ୍ଟ ତାହା ମଧ୍ୟ ଏହି ସ୍ତରର ଏକ ସତ୍ୟ – ଅଜ୍ଞାନ ଭିତରେ କର୍ମ ପାଇଁ ବ୍ୟବହାରିକ ଭାବରେ ଉପଯୋଗୀ, କିନ୍ତୁ ଯେତେବେଳେ ଆମେ ଆମ ସତ୍ତାର ପ୍ରକୃତ ସତ୍ୟକୁ ଫେରିଯାଉ ସେତେବେଳେ ଆଉ ତାହାର କୌଣସି ମୂଲ୍ୟ ନଥାଏ । କିନ୍ତୁ ଆମେ କିପରି ନିଃସନ୍ଦେହ ଭାବରେ ନିଶ୍ଚିତ ହୋଇ ପାରିବୁ ଯେ ଏହାହିଁ ହେଉଛି ସତ୍ୟ ? ଯେପର୍ଯ୍ୟନ୍ତ ଆମେ ଆମର ସାଧାରଣ ମାନସିକ ଅନୁଭୂତି ଭିତରେ ସନ୍ତୁଷ୍ଟ ରହିଥିବୁ ସେପର୍ଯ୍ୟନ୍ତ ଆମେ କେବେହେଲେ ଏ ବିଷୟରେ ନିଃସନ୍ଦିଗ୍ଧ ହୋଇ ପାରିବୁ ନାହିଁ । କାରଣ ଆମର ସାଧାରଣ ମାନସିକ ଅନୁଭୂତି ସମ୍ପୂର୍ଣ୍ଣ ରୂପେ ଏହି ଅଜ୍ଞାନମୟ ନିମ୍ନପ୍ରକୃତିର ଅନ୍ତର୍ଗତ । ଆମେ ଏହି ମହତ୍ତର ସତ୍ୟକୁ ଜାଣିପାରିବୁ କେବଳ ସେହି ସତ୍ୟରେ ବାସ କରିବା ଦ୍ୱାରା, ଅର୍ଥାତ୍ ଯୋଗ ଦ୍ୱାରା ମାନସିକ ଅନୁଭୂତିକୁ ଅତିକ୍ରମ କରି ଆଧ୍ୟାତ୍ମିକ ଉପଲବ୍ଧିରେ ପ୍ରବେଶ କରିବା ଦ୍ୱାରା । କାରଣ

ଆଧ୍ୟାତ୍ମିକ ଉପଲବ୍ଧି ଅନୁସାରେ ଜୀବନ ଯାପନ କରିବା ଯେପରିକି ଶେଷ ପର୍ଯ୍ୟନ୍ତ ଆମେ ଆଉ ମନ ନରହି ଆତ୍ମା ହୋଇଉଠୁ, ଯେପରିକି ଆମର ବର୍ତ୍ତମାନ ପ୍ରକୃତିର ଅପୂର୍ଣ୍ଣତାରୁ ମୁକ୍ତ ହୋଇ ଆମେ ଆମର ସତ୍ୟ ଓ ଦିବ୍ୟ ସତ୍ତାରେ ବାସକରୁ, ଏହାହିଁ ହେଉଛି ଯୋଗର ଚରମ ଅର୍ଥ ।

ଆମ ସତ୍ତାର କେନ୍ଦ୍ରର ଏହି ଉର୍ଦ୍ଧ୍ୱାୟନ ଏବଂ ତାହାର ଫଳସ୍ୱରୂପ ଆମର ସମଗ୍ର ଜୀବନ ଓ ଚେତନାର ରୂପାନ୍ତର ଏବଂ ତା' ସହିତ ଆମ କର୍ମର ସମଗ୍ର ଭାବ ଓ ଉଦ୍ଦେଶ୍ୟର ପରିବର୍ତ୍ତନ (ଯଦିଓ ଅନେକ ସମୟରେ ସେହି କର୍ମର ବାହ୍ୟରୂପ ଠିକ୍ ପୂର୍ବପରି ରହିଥାଏ) – ଏହାହିଁ ହେଉଛି ଗୀତାର କର୍ମଯୋଗର ସାରତତ୍ତ୍ୱ । ତୁମ ସତ୍ତାର ପରିବର୍ତ୍ତନ କର, ଆତ୍ମା ମଧ୍ୟରେ ନୂତନ ଜନ୍ମଗ୍ରହଣ କର ଏବଂ ସେହି ନବଜନ୍ମ ଲାଭ କରି ସେହିସବୁ କର୍ମ କରିବାକୁ ଅଗ୍ରସର ହୁଅ ଯାହା କରିବା ପାଇଁ ତୁମର ଅନ୍ତରସ୍ଥ ଆତ୍ମା ତୁମକୁ ନିଯୁକ୍ତ କରିଛନ୍ତି – ଏହାହିଁ ଗୀତାର ବାର୍ତ୍ତାର ମର୍ମକଥା । କିଂବା ଅନ୍ୟ ଭାବରେ ଆହୁରି ଗଭୀର ଓ ଅଧିକତର ଆଧ୍ୟାତ୍ମିକ ତତ୍ତ୍ୱର ବ୍ୟଞ୍ଜନା ଦେଇ କୁହାଯାଇପାରେ ଯେ ଏଠାରେ ତୁମକୁ ଯେଉଁ କର୍ମ କରିବାକୁ ହୁଏ, ତାହାକୁହିଁ ତୁମର ଅନ୍ତରସ୍ଥ ଆଧ୍ୟାତ୍ମିକ ନବଜନ୍ମ ଓ ଦିବ୍ୟଜନ୍ମ ପାଇଁ ସାଧନାର ଉପାୟରେ ପରିଣତ କର ଏବଂ ସ୍ୱୟଂ ଦିବ୍ୟ ହୋଇଯାଇ ଭଗବାନଙ୍କ ଯନ୍ତ୍ରରୂପେ ଲୋକସଂଗ୍ରହ ପାଇଁ ଦିବ୍ୟ କର୍ମ କରି ଚାଲ । ତେଣୁ ଏଠାରେ ଦୁଇଟି କଥାକୁ ସ୍ପଷ୍ଟ ଭାବରେ ଥୋଇବାକୁ ହେବ ଏବଂ ସ୍ପଷ୍ଟ ଭାବରେ ଧାରଣ କରିବାକୁ ହେବ । ଗୋଟିଏ ହେଉଛି ଏହି ଉର୍ଦ୍ଧ୍ୱାୟନ ଓ ଏହି ନବ ଦିବ୍ୟଜନ୍ମ ପାଇଁ ପରିବର୍ତ୍ତନର ପନ୍ଥା ଓ ଅନ୍ୟଟି ହେଉଛି କର୍ମର ସ୍ୱରୂପ ବରଂ କୁହାଯାଇପରେ ସେହି ଭାବ, ଯାହାକୁ ନେଇ କର୍ମ କରିବାକୁ ହେବ, କାରଣ କର୍ମର ବାହ୍ୟ ସ୍ୱରୂପରେ ଆଦୌ କୌଣସି ପରିବର୍ତ୍ତନର ଆବଶ୍ୟକତା ନାହିଁ, ଯଦିଓ ବାସ୍ତବରେ ଏହାର ଲକ୍ଷ୍ୟ ଏବଂ ପରିସର ସମ୍ପୂର୍ଣ୍ଣ ପରିବର୍ତ୍ତିତ ହୋଇଯାଏ । କିନ୍ତୁ ଏହି ଦୁଇଟି ଜିନିଷ କାର୍ଯ୍ୟତଃ ଏକ ଓ ଅଭିନ୍ନ, କାରଣ ଗୋଟିକର ବ୍ୟାଖ୍ୟା କଲେ ତାହାଦ୍ୱାରାହିଁ ଅନ୍ୟଟିର ବ୍ୟାଖ୍ୟା ହୋଇଯାଏ । ଆମ କର୍ମର ଭାବ ଆମ ସତ୍ତାର ସ୍ୱଭାବରୁ ଏବଂ ତାହାର ଯେଉଁ ଆଭ୍ୟନ୍ତରୀଣ ଭିତ୍ତି ପଡ଼ିଥାଏ ତହିଁରୁ ଉଦ୍ଭବ ହୁଏ, କିନ୍ତୁ ଏହି ସ୍ୱଭାବ ମଧ୍ୟ ଆମର କର୍ମର ଧାରା ଓ ତାହାର ଆଧ୍ୟାତ୍ମିକ ପ୍ରଭାବ ଦ୍ୱାରା ପରିବର୍ତ୍ତିତ ହୁଏ । ଆମ କର୍ମର ଭାବରେ ଏକ ଅତିବଡ଼ ପରିବର୍ତ୍ତନ ଆମ ସତ୍ତାର ସ୍ୱଭାବକୁ ପରିବର୍ତ୍ତିତ କରିଦିଏ ଓ ତା'ର ଆଭ୍ୟନ୍ତରୀଣ ଭିତ୍ତିକୁ ମଧ୍ୟ ବଦଳାଇ ଦିଏ, ସଚେତନ ଶକ୍ତିର ଯେଉଁ କେନ୍ଦ୍ରରୁ ଆମେ କାର୍ଯ୍ୟ କରିଥାଉ, ଏହା ତାହାକୁ ମଧ୍ୟ ପରିବର୍ତ୍ତିତ କରିଦିଏ । କେତେକ ଲୋକ ଯେପରି କହନ୍ତି ଯଦି ଜୀବନ ଓ କର୍ମ ସେହିପରି ସମ୍ପୂର୍ଣ୍ଣ ରୂପେ ମିଥ୍ୟା ଓ ମାୟା ହୋଇଥା'ନ୍ତି, ଯଦି କର୍ମ ଓ ଜୀବନ ସହିତ ଆତ୍ମାର କିଛି ସମ୍ପର୍କ ନ ଥା'ନ୍ତା, ତା'ହେଲେ ଏହା ଏପରି

ହୋଇ ନଥା'ନ୍ତା; କିନ୍ତୁ ଆମ ଭିତରେ ଅନ୍ତରାତ୍ମା ନିଜକୁ ଜୀବନ ଓ କର୍ମ ଦ୍ୱାରାହିଁ ବିକଶିତ କରେ, କର୍ମ ଦ୍ୱାରା ଯେତେଟା ନୁହେଁ ବରଂ ଆମ ଅନ୍ତରାତ୍ମାର କର୍ମର ଆନ୍ତର ଶକ୍ତିର ଧାରାହିଁ ଆତ୍ମା ସହିତ ଏହାର ସମ୍ପର୍କକୁ ନିର୍ଣ୍ଣୀତ କରେ । ମହତ୍ତର ଆତ୍ମୋପଲବ୍ଧି ପାଇଁ ଏକ ବାସ୍ତବ ଉପାୟ ରୂପେ ଏହାହିଁ ହେଉଛି କର୍ମଯୋଗର ସାର୍ଥକତା ।

ଆମେ ଏହି ଭିତ୍ତି ଉପରୁ ଆରମ୍ଭ କରିଥିଲୁ ଯେ ମନୁଷ୍ୟର ବର୍ତ୍ତମାନର ଆଭ୍ୟନ୍ତରୀଣ ଜୀବନ ପ୍ରାୟ ସମ୍ପୂର୍ଣ୍ଣ ଭାବରେ ତାହାର ଦୈହିକ ଓ ପ୍ରାଣିକ ପ୍ରକୃତି ଉପରେ ନିର୍ଭର କରିଥାଏ, କେବଳ ମାନସିକ ଶକ୍ତିର ସୀମିତ କ୍ରିୟା ଦ୍ୱାରା ଏହାର ଊର୍ଦ୍ଧ୍ୱକୁ ଉନ୍ନୀତ ହୋଇଥାଏ – କିନ୍ତୁ ତାହାର ଜୀବନର ସମ୍ପୂର୍ଣ୍ଣ ସମ୍ଭାବନା ଏତିକିରେ ସୀମିତ ନୁହେଁ, ଏପରିକି ତା'ର ବର୍ତ୍ତମାନର ପ୍ରକୃତ ଜୀବନର ସବୁକିଛି କେବଳ ଏତିକି ନୁହେଁ । ତା' ଭିତରେ ଏକ ଗୋପନ ଆତ୍ମା ରହିଛି ଓ ତା'ର ବର୍ତ୍ତମାନର ପ୍ରକୃତି ସେହି ଆତ୍ମାରହିଁ ଏକ ବାହ୍ୟରୂପ ବା ଏକ ଆଂଶିକ ସକ୍ରିୟ ପ୍ରକାଶ । ଗୀତା ବରାବର ଆତ୍ମାର ଏହି ସକ୍ରିୟ ପ୍ରକାଶର ବାସ୍ତବତାକୁ ଗ୍ରହଣ କରିଛି ବୋଲି ମନେହୁଏ ଏବଂ ଏହା କେବଳ ଏକ ମିଥ୍ୟା ମାୟା ବୋଲି ଚରମପନ୍ଥୀ ବେଦାନ୍ତବାଦୀମାନଙ୍କ କଠୋର ମତକୁ ଗୀତା ଗ୍ରହଣ କରି ନାହିଁ, ସେପରି ମତ ସମସ୍ତ କର୍ମ ଓ ସକ୍ରିୟତା ମୂଳରେ କୁଠାରାଘାତ କରେ । ଏହି ବିଷୟରେ ନିଜର ଦାର୍ଶନିକ ମତକୁ ରୂପ ଦେବା ପାଇଁ (ଅନ୍ୟ ଭାବରେ ମଧ୍ୟ ଏହା କରାଯାଇ ପାରିଥା'ନ୍ତା) ଗୀତା ସାଂଖ୍ୟର ଆତ୍ମା ଓ ପ୍ରକୃତି ଭିତରେ ପାର୍ଥକ୍ୟକୁହିଁ ଗ୍ରହଣ କରିଛି । ଏକ ଶକ୍ତି (ପୁରୁଷ) ଜାଣେ, ସହଯୋଗ କରେ ଓ ସୂଚନା ଦିଏ ଏବଂ ଅନ୍ୟଏକ ଶକ୍ତି (ପ୍ରକୃତି) କର୍ମ କରେ ଓ ଯନ୍ତ୍ରର, ମାଧ୍ୟମର ଓ ପଦ୍ଧତିର ନାନା ବୈଚିତ୍ର୍ୟକୁ ରୂପଦିଏ । ଏହା ସାଂଖ୍ୟର ମୁକ୍ତ ଓ ଅକ୍ଷର ପୁରୁଷକୁ ନେଇ ତାହାକୁ ବେଦାନ୍ତ ଭାଷାରେ ଅଦ୍ୱିତୀୟ ଅକ୍ଷର ସର୍ବବ୍ୟାପୀ ଆତ୍ମା ବା ବ୍ରହ୍ମ ବୋଲି କହିଛି ଏବଂ ପ୍ରକୃତିବଦ୍ଧ ପୁରୁଷଠାରୁ ଏହାର ପ୍ରଭେଦ ଦେଖାଇଛି । ଏହି ପ୍ରକୃତିବଦ୍ଧ ପୁରୁଷହିଁ ହେଉଛି କ୍ଷର ଓ କ୍ରିୟାଶୀଳ ସତ୍ତା, ବସ୍ତୁସବୁର ବହୁ-ଆତ୍ମା ଏବଂ ବିଭିନ୍ନତା ଓ ବ୍ୟକ୍ତିତ୍ୱର ଭିତ୍ତି । ତା'ହେଲେ ପ୍ରକୃତିର ଏହି କ୍ରିୟାର ସ୍ୱରୂପ କ'ଣ ?

ଏହା ହେଉଛି ପ୍ରକ୍ରିୟାର ଏକ ଶକ୍ତି, ଯାହାକୁ ଆମେ ପ୍ରକୃତି ବୋଲି କହୁ ଏବଂ ନିଜ କ୍ରିୟାର ତିନିଟି ମୂଳଭାବ ଅର୍ଥାତ୍ ତିନିଟି ଗୁଣର ପରସ୍ପର ଉପରେ କ୍ରିୟା ହେଉଛି ଏହାର ପଦ୍ଧତି । ଏହାର ଆଧାର କ'ଣ ? ପ୍ରକୃତିର ଯନ୍ତ୍ର ବା କରଣସମୂହର କ୍ରମବିକାଶ ଦ୍ୱାରା ସୃଷ୍ଟ ସତ୍ତାର ଜଟିଳ ଗଠନହିଁ ହେଲା ଏହାର ଆଧାର; ପୁରୁଷର ଅନୁଭୂତିରେ ପ୍ରକୃତିର କ୍ରିୟା ଏଠାରେ ଯେଉଁ ଭାବରେ ପ୍ରତିଫଳିତ ହୁଏ, ତଦନୁସାରେ ଆମେ ସେଗୁଡ଼ିକୁ ଯଥାକ୍ରମେ ବୁଦ୍ଧି ଓ ଅହଂଭାବ, ମନ, ଇନ୍ଦ୍ରିୟଗଣ ଓ ଜଡ଼ଶକ୍ତିର ରୂପସମୂହର ଭିତ୍ତିର

ଉପାଦାନ ପଞ୍ଚମହାଭୂତକୁ ଉଲ୍ଲେଖ କରିପାରୁ । ଏସବୁ ଯନ୍ତ୍ରବତ୍, ପ୍ରକୃତିର ଏକ ଜଟିଳ 'ଯନ୍ତ୍ର' ଏବଂ ଆମର ଆଧୁନିକ ଦୃଷ୍ଟିଭଙ୍ଗୀରୁ କୁହାଯାଇପାରେ ଯେ ସେଗୁଡ଼ିକ ସମସ୍ତେ ଜଡ଼ଶକ୍ତି ଭିତରେ ନିହିତ ଓ ନିବର୍ତ୍ତିତ ହୋଇ ରହିଛନ୍ତି ଏବଂ ପ୍ରକୃତିସ୍ଥ ଆତ୍ମା ଯେତେବେଳେ ଗୋଟିଏ ଗୋଟିଏ ଯନ୍ତ୍ରର ଉର୍ଦ୍ଧ୍ୱମୁଖୀ ବିବର୍ତ୍ତନ ଦ୍ୱାରା ନିଜ ସତ୍ତା ସମ୍ବନ୍ଧରେ ସଚେତ ହୋଇଉଠେ ସେତେବେଳେ ଜଡ଼ଶକ୍ତି ଭିତରେ ଏମାନେ ମଧ୍ୟ କ୍ରମଶଃ ପ୍ରକଟିତ ହୁଅନ୍ତି, କିନ୍ତୁ ଏମାନଙ୍କ ଅଭିବ୍ୟକ୍ତିର କ୍ରମ ହେଉଛି ପୂର୍ବୋକ୍ତ କ୍ରମର ବିପରୀତ ଯଥା — ପ୍ରଥମେ ଜଡ଼ ପଦାର୍ଥ, ତା'ପରେ ଇନ୍ଦ୍ରିୟାନୁଭୂତି, ତା'ପରେ ମନ, ତା'ପରେ ବୁଦ୍ଧି ଓ ଶେଷରେ ଆଧ୍ୟାତ୍ମିକ ଚେତନା । ବୁଦ୍ଧି ଯେ କି ପ୍ରଥମେ କେବଳ ପ୍ରକୃତିର କ୍ରିୟାସମୂହରେହିଁ ନିବିଷ୍ଟ ଥାଏ, ପରେ ସେଗୁଡ଼ିକର ଯଥାର୍ଥ ସ୍ୱରୂପକୁ ଧରିପାରେ ଏବଂ ଦେଖିପାରେ ଯେ ସେଗୁଡ଼ିକ କେବଳ ତ୍ରିଗୁଣରହିଁ ଖେଳ ଏବଂ ତା' ଭିତରେ ପୁରୁଷ ଆବଦ୍ଧ ହୋଇ ପଡ଼ିଛି, ସେ ପୁରୁଷକୁ ଏ ସକଳ କ୍ରିୟାଠାରୁ ପୃଥକ୍ ବୋଲି ଦେଖିପାରେ ଏବଂ ସେତେବେଳେ ପୁରୁଷ ନିଜକୁ ଏହା ଭିତରୁ ମୁକ୍ତ କରିବା ପାଇଁ ଏବଂ ନିଜର ମୂଳ ମୁକ୍ତସ୍ୱରୂପ ଓ ଅକ୍ଷର ସତ୍ତାକୁ ଫେରିଯିବା ପାଇଁ ସୁଯୋଗ ଲାଭକରେ । ବେଦାନ୍ତର ଭାଷାରେ ସେତେବେଳେ ସେ ଆତ୍ମାକୁ ଦେଖେ, ସତ୍ତାକୁ ଦେଖେ, ଆଉ ପ୍ରକୃତିର କରଣସମୂହ ଓ କ୍ରିୟାସମୂହ ସଙ୍ଗରେ, ପ୍ରକୃତିର ସମ୍ଭୂତି ସଙ୍ଗରେ ନିଜକୁ ଏକ କରି ଦେଖେ ନାହିଁ, ସେ ତାହାର ସତ୍ୟ ଆତ୍ମା ଓ ସତ୍ତା ସହିତ ନିଜକୁ ଏକ ବୋଲି ଦେଖେ ଏବଂ ନିଜର ଅକ୍ଷର ଅଧ୍ୟାତ୍ମ ଓ ସ୍ୱୟଂପ୍ରତିଷ୍ଠ ସତ୍ତାକୁ ଫେରିପାଏ । ଗୀତା ଅନୁସାରେ ସେତେବେଳେ ସେ ଏହି ଅଧ୍ୟାତ୍ମ ଆତ୍ମପ୍ରତିଷ୍ଠା ଭିତରେ ରହି ମୁକ୍ତଭାବରେ ନିଜ ସତ୍ତାର ପ୍ରଭୁ ଓ ଈଶ୍ୱରରୂପେ ନିଜର ସମ୍ଭୂତି ବା ବିବର୍ତ୍ତନର କର୍ମକୁ ସମର୍ଥନ କରିପାରେ ।

ଏହିସବୁ ଦାର୍ଶନିକ ପ୍ରଭେଦ ଯେଉଁ ମନସ୍ତାତ୍ତ୍ୱିକ ତଥ୍ୟଗୁଡ଼ିକ ଉପରେ ପ୍ରତିଷ୍ଠିତ (ତାହାକୁହିଁ ଆମେ ଦର୍ଶନଶାସ୍ତ୍ର କହୁ ଯାହା ଜୀବନର ମନସ୍ତାତ୍ତ୍ୱିକ ଓ ସ୍ଥୂଳ ବିଷୟସବୁର ସୂକ୍ଷ୍ମ ତାତ୍ପର୍ଯ୍ୟକୁ ଏବଂ ଚରମ ସତ୍ୟ ସହ ସେଗୁଡ଼ିକର ଯେକୌଣସି ସମ୍ବନ୍ଧକୁ ବିଚାରବୁଦ୍ଧି ଜରିଆରେ ଆମ ଆଗରେ ଉପସ୍ଥାପନ କରେ ।) କେବଳ ସେହି ମନସ୍ତାତ୍ତ୍ୱିକ ତଥ୍ୟଗୁଡ଼ିକୁ ଲକ୍ଷ୍ୟକରି କୁହାଯାଇପାରେ ଯେ ଆମେ ଦୁଇପ୍ରକାର ଜୀବନଯାପନ କରିପାରୁ । ଗୋଟିଏ ହେଲା ଜୀବର ଜୀବନ ଯାହାକି ନିଜର ସକ୍ରିୟ ପ୍ରକୃତିର କାର୍ଯ୍ୟସବୁରେ ନିମଗ୍ନ, ଯାହାକି ନିଜର ଆନ୍ତର ତଥା ସ୍ଥୂଳ ବାହ୍ୟ ଉପକରଣ ଓ ଯନ୍ତ୍ରସବୁ ସହିତ ନିଜକୁ ଏକ କରି ଦେଖେ, ସେଗୁଡ଼ିକ ଦ୍ୱାରା ସୀମିତ ହୁଏ, ନିଜର ସେହି ବ୍ୟକ୍ତିତ୍ୱ ଦ୍ୱାରା ଆବଦ୍ଧ ହୁଏ ଓ ପ୍ରକୃତିର ଅଧୀନ ହୋଇଥାଏ, ଅନ୍ୟଟି ହେଲା ଆତ୍ମାର ଜୀବନ ଯାହାକି ଏସବୁର ଉର୍ଦ୍ଧ୍ୱରେ ବ୍ୟାପକ, ନୈର୍ବ୍ୟକ୍ତିକ, ବିଶ୍ୱମୟ, ମୁକ୍ତ, ଅସୀମ ଓ ବିଶ୍ୱାତୀତ, ଯେ କି ଅନନ୍ତ ସମତାର ସହିତ

ନିଜର ପ୍ରାକୃତ ସତ୍ତା ଓ କର୍ମକୁ ଧାରଣ କରିଥାଏ କିନ୍ତୁ ନିଜର ମୁକ୍ତି ଓ ଆନନ୍ତ୍ୟ ଦ୍ୱାରା ଏସବୁକୁ ଅତିକ୍ରମ କରି ରହିଥାଏ । ଆମେ ଆମର ପ୍ରାକୃତ ସତ୍ତାରେ ବାସ କରିପାରୁ କିଂବା ଆମର ମହତ୍ତର ଅଧ୍ୟାତ୍ମ ସତ୍ତାରେ ବାସ କରିପାରୁ । ଏହାହିଁ ହେଉଛି ପ୍ରଥମ ମହାନ୍ ପ୍ରଭେଦ ଯାହା ଉପରେ ଗୀତାର କର୍ମଯୋଗ ପ୍ରତିଷ୍ଠିତ ।

ତେଣୁ ସମଗ୍ର ପ୍ରଶ୍ନ ଓ ସମଗ୍ର ପଦ୍ଧତିଟି ହେଉଛି ଆମର ବର୍ତ୍ତମାନର ପ୍ରାକୃତ ସତ୍ତାର ସୀମାଭିତରୁ ଅନ୍ତଃପୁରୁଷକୁ ମୁକ୍ତ କରିବା । ଆମର ପ୍ରାକୃତ ଜୀବନରେ ପ୍ରଥମ ଓ ପ୍ରଧାନ ବିଷୟ ହେଲା ଆମେ ଜଡ଼ ପ୍ରକୃତିର ରୂପ ଓ ବସ୍ତୁର ବାହ୍ୟସ୍ପର୍ଶର ଅଧୀନ ହୋଇଥାଉ । ଏହି ରୂପ ଓ ସ୍ପର୍ଶସବୁ ଇନ୍ଦ୍ରିୟମାନଙ୍କ ଜରିଆରେ ଆମ ପ୍ରାଣ ସମ୍ମୁଖକୁ ଆସନ୍ତି ଏବଂ ଆମର ପ୍ରାଣ ମଧ୍ୟ ସେହି ଇନ୍ଦ୍ରିୟମାନଙ୍କ ଜରିଆରେ ତୁରନ୍ତ ସେସବୁକୁ ଧରିବା ପାଇଁ ସେଗୁଡ଼ିକ ସହ ସମ୍ବନ୍ଧ ସ୍ଥାପନ ପାଇଁ ଧାବିତ ହୁଏ, ସେଥିପାଇଁ କାମନା କରେ, ଆସକ୍ତ ହୋଇପଡ଼େ ଓ ଫଳଲାଭର ଆକାଂକ୍ଷା କରେ । ମନ ମଧ୍ୟ ତା'ର ସମସ୍ତ ଆଭ୍ୟନ୍ତରୀଣ ଅନୁଭୂତି, ପ୍ରତିକ୍ରିୟା, ଭାବାବେଗ ଓ ଚିନ୍ତା, ପ୍ରତ୍ୟକ୍ଷ ଏବଂ ଅନୁଭବର ଅଭ୍ୟସ୍ତ ଧାରାସବୁ ନେଇ ଇନ୍ଦ୍ରିୟମାନଙ୍କର ଏହିସବୁ କାର୍ଯ୍ୟର ଅନୁଗମନ କରେ । ବୁଦ୍ଧି ମଧ୍ୟ ମନ ଦ୍ୱାରା ଭାସିଯାଇ ଏହି ଇନ୍ଦ୍ରିୟଗତ ଜୀବନ ହାତରେ ନିଜକୁ ଛାଡ଼ିଦିଏ । ଏହା ଏପରି ଏକ ଜୀବନ ଯେଉଁଥିରେ କି ଅନ୍ତର୍ସତ୍ତା ବସ୍ତୁସବୁର ବାହ୍ୟରୂପର ଅଧୀନ ହୋଇପଡ଼େ, ଏବଂ ମୁହୂର୍ତ୍ତକ ପାଇଁ ମଧ୍ୟ ପ୍ରକୃତରେ ଏସବୁର ଊର୍ଦ୍ଧ୍ୱକୁ ଉଠିପାରେ ନାହିଁ, ଏବଂ ଏସବୁର ଆମ ଉପରେ ଯେଉଁ କ୍ରିୟା ହୁଏ ଏବଂ ଆମ ଭିତରେ ତାହାର ଯେଉଁ ଆନ୍ତର ପରିଣାମ ଓ ପ୍ରତିକ୍ରିୟାସବୁ ହୁଏ ସେହି ବୃତ୍ତର ପରିଧିରୁ ଆମ ଅନ୍ତର୍ସତ୍ତା ବାହାରକୁ ବାହାରିପାରେ ନାହିଁ । ଏହା ସେଗୁଡ଼ିକୁ ଅତିକ୍ରମ କରିପାରେ ନାହିଁ । କାରଣ ଅହଂବୋଧ ବଳବତ୍ତର ରହିଥାଏ, ଏବଂ ଏହି ଅହଂବୋଧ ଦ୍ୱାରାହିଁ ବୁଦ୍ଧି ଆମର ମନ, ଇଚ୍ଛା, ଇନ୍ଦ୍ରିୟ ଓ ଶରୀର ଉପରେ ପ୍ରକୃତିର ଯେଉଁ କ୍ରିୟାଚାଲେ ତାହାଠାରୁ ଅନ୍ୟର ମନ, ଇଚ୍ଛା, ସ୍ନାୟୁମଣ୍ଡଳ ଓ ଶରୀର ଉପରେ ଚାଲୁଥିବା ପ୍ରକୃତିର କ୍ରିୟାକୁ ଭିନ୍ନକରି ଦେଖେ । ଆମ ପାଇଁ ଜୀବନର ଅର୍ଥ ହେଲା ପ୍ରକୃତି ଆମର ଅହଂ ଉପରେ କି ଭାବରେ କ୍ରିୟା କରୁଛି ଓ ଆମର ଅହଂ ତାହାର ସ୍ପର୍ଶ ପ୍ରତି କି ଭାବରେ ଉତ୍ତର ଦେଉଛି । ଆମେ ଆଉ ଅଧିକ କିଛି ଜାଣୁ ନାହିଁ, ଆମେ ସ୍ୱୟଂ ଏହା ଅପେକ୍ଷା ଅଧିକ କିଛି ବୋଲି ମନେହୁଏ ନାହିଁ, ସ୍ୱୟଂ ଆତ୍ମା ସମ୍ପର୍କରେ ବି ମନେହୁଏ ଏହା ଯେପରି କେବଳ ମନ, ଇଚ୍ଛା, ହୃଦୟବୃତ୍ତି ଓ ସ୍ନାୟବିକ କ୍ରିୟା-ପ୍ରକ୍ରିୟାର ଏକ ସ୍ୱତନ୍ତ୍ର ଗଠନ ମାତ୍ର । ଆମେ ଆମର ଏହି ଅହଂକୁ ଆହୁରି ବିସ୍ତୃତ କରିପାରୁ, ପରିବାର, ବଂଶ, ଶ୍ରେଣୀ, ଦେଶ, ଜାତି ବା ଏପରିକି ମାନବସମାଜର ଅହଂ ସଙ୍ଗରେ ନିଜକୁ ଏକ କରି ଦେଖିପାରୁ । କିନ୍ତୁ ତଥାପି ଏହି ଛଦ୍ମବେଶରେ ଅହଂହିଁ ଆମର କର୍ମର

ମୁକ୍ତ ହୋଇ ରହିଥାଏ, କେବଳ ବାହ୍ୟ ବସ୍ତୁ ସଙ୍ଗରେ ନିଜର ଏହିସବୁ ବ୍ୟାପକ ସମ୍ବନ୍ଧ ଓ ବ୍ୟବହାର ଦ୍ୱାରା ଏହା ନିଜର ସ୍ୱତନ୍ତ୍ର ସତ୍ତା ପାଇଁ ଅଧିକତର ତୃପ୍ତି ଲାଭ କରେ ।

ତଥାପି ଏ ଅବସ୍ଥାରେ ଆମ ଭିତରେ ପ୍ରାକୃତ ସତ୍ତାର ଇଚ୍ଛାହିଁ କାର୍ଯ୍ୟ କରୁଥାଏ, ଯାହାକି ନିଜ ବ୍ୟକ୍ତିତ୍ୱର ବିଭିନ୍ନ ଦିଗକୁ ତୃପ୍ତ କରିବା ପାଇଁ ବାହ୍ୟ ଜଗତର ସ୍ପର୍ଶସବୁକୁ ଗ୍ରହଣ କରିବାକୁ ଚାହୁଁଥାଏ ଏବଂ ଏହି ଧରଣର କ୍ରିୟା ଭିତରେ ଯେଉଁ ଇଚ୍ଛା ରହିଥାଏ, ତା' ହେଉଛି ଆମର କର୍ମ ଓ ତା'ର ଫଳାଫଳ ପ୍ରତି କାମନା, ଆବେଗ, ଆସକ୍ତିର ଇଚ୍ଛା । ଏହାହିଁ ହେଉଛି ଆମ ଭିତରେ ପ୍ରାକୃତ ଇଚ୍ଛା । ଏହାକୁ ଆମେ ଆମର ବ୍ୟକ୍ତିଗତ ଇଚ୍ଛା ବୋଲି କହୁ, କିନ୍ତୁ ଆମର ଅହଂର ବ୍ୟକ୍ତିତ୍ୱ ହେଉଛି ପ୍ରକୃତିର ସୃଷ୍ଟି, ଏହା ଆମର ମୁକ୍ତ ଆତ୍ମା ବା ସ୍ୱାଧୀନ ସତ୍ତା ନୁହେଁ ବା ହୋଇପାରେ ନା । ସମୁଦାୟଟା ହେଉଛି ପ୍ରକୃତିର ଗୁଣର କ୍ରିୟା । ଏହା ତାମସିକ କ୍ରିୟା ହୋଇପାରେ ଏବଂ ସେ କ୍ଷେତ୍ରରେ ଆମର ବ୍ୟକ୍ତିତ୍ୱ ହୁଏ ଜଡ଼, ତାମସିକ, ତାହା ବସ୍ତୁସବୁର ଯାନ୍ତ୍ରିକ ଗତାନୁଗତିକ ଧାରାର ଅଧୀନ ହୁଏ ଏବଂ ସେହିଥିରେହିଁ ସନ୍ତୋଷ ଲାଭ କରେ, ଅଧିକତର ସ୍ୱାଧୀନ କର୍ମ ଓ ପ୍ରଭୁତ୍ୱ ଦିଗରେ କୌଣସି ଦୃଢ଼ ପ୍ରୟାସ କରିବା ପାଇଁ ଏହା ଅସମର୍ଥ । କିଂବା ଏହା ରାଜସିକ କ୍ରିୟା ମଧ୍ୟ ହୋଇପାରେ, ସେ କ୍ଷେତ୍ରରେ ଆମର ବ୍ୟକ୍ତିତ୍ୱ ହୁଏ ଅସ୍ଥିର ଓ କର୍ମପ୍ରବଣ, ଯାହାକି ପ୍ରକୃତି ଉପରେ ନିଜକୁ ନିକ୍ଷେପ କରେ ଏବଂ ନିଜର ପ୍ରୟୋଜନ ଓ କାମନାବାସନାର ପୂରଣ ଦିଗରେ ତାହାକୁ ଲଗାଇବା ପାଇଁ ଚେଷ୍ଟା କରେ, କିନ୍ତୁ ବୁଝିପାରେ ନାହିଁ ଯେ ତାହାର ଆପାତ ପ୍ରଭୁତ୍ୱ ଏକ ଦାସତ୍ୱ ମାତ୍ର, କାରଣ ତାହାର ପ୍ରୟୋଜନ ଓ ବାସନା-କାମନା ପ୍ରକୃତିର ପ୍ରୟୋଜନ ଓ ବାସନା-କାମନା ଏବଂ ଆମେ ଯେପର୍ଯ୍ୟନ୍ତ ସେସବୁର ଅଧୀନ ହୋଇଥିବୁ ଆମର କୌଣସି ସ୍ୱାଧୀନତା ସମ୍ଭବ ନୁହେଁ । କିଂବା ଏହା ମଧ୍ୟ ସାତ୍ତ୍ୱିକ ଗୁଣର କ୍ରିୟା ହୋଇପାରିଥାଏ, ସେ କ୍ଷେତ୍ରରେ ଆମର ବ୍ୟକ୍ତିତ୍ୱ ହୁଏ ଜ୍ଞାନସମୃଦ୍ଧ, ଯାହାକି ବିଚାରବୁଦ୍ଧିର ଅନୁସରଣ କରି ଜୀବନଯାପନ କରିବାକୁ ଚାହେଁ ବା ସତ୍ୟ, ଶିବ, ସୁନ୍ଦରର କୌଣସି ଆଦର୍ଶକୁ ସିଦ୍ଧ କରିବାକୁ ଚାହେଁ । କିନ୍ତୁ ଏହି ବିଚାରବୁଦ୍ଧି ମଧ୍ୟ ପ୍ରକୃତିର ବାହ୍ୟରୂପର ଅଧୀନ ଏବଂ ଏହି ଆଦର୍ଶସବୁ ମଧ୍ୟ ଆମ ବ୍ୟକ୍ତିତ୍ୱର ପରିବର୍ତ୍ତନଶୀଳ ଭାବ ଛଡ଼ା ଅଧିକ କିଛି ନୁହେଁ, ଏବଂ ଏସବୁଥିରେ ଆମେ ଶେଷ ପର୍ଯ୍ୟନ୍ତ କୌଣସି ନିଶ୍ଚିତ ନୀତି ବା ସ୍ଥାୟୀ ତୃପ୍ତି ଲାଭ କରିପାରୁ ନାହିଁ । ଏ ଅବସ୍ଥାରେ ମଧ୍ୟ ଆମେ ପରିବର୍ତ୍ତନର ଚକ୍ରରେ ଘୂର୍ଣ୍ଣିତ ହେଉଥାଉ ଏବଂ ଆମ ଅହଂ ଭିତରଦେଇ ଏପରି ଏକ ଶକ୍ତିର ବଶ୍ୟତାକୁ ମାନି ନେଇ ଆମକୁ ଘୂରିବାକୁ ପଡୁଥାଏ, ଯାହାକି ଆମ ଭିତରେ ଅଛି ଏବଂ ଏସମସ୍ତ ଭିତରେ ମଧ୍ୟ ଅଛି କିନ୍ତୁ ଆମେ ସ୍ୱୟଂ ସେହି ଶକ୍ତି ନୋହୁଁ ବା ସେହି ଶକ୍ତି ସହିତ ଆମର କୌଣସି ମେଳ ବା ସମ୍ପର୍କ ନାହିଁ । ଏ ଅବସ୍ଥାରେ ମଧ୍ୟ କୌଣସି ଯଥାର୍ଥ ସ୍ୱାଧୀନତା ବା ପ୍ରଭୁତ୍ୱ ନାହିଁ ।

ତଥାପି ସ୍ୱାଧୀନତା ସମ୍ଭବ । ସେଥିପାଇଁ ପ୍ରଥମେ ଆମ ଇନ୍ଦ୍ରିୟ ଉପରେ ବାହ୍ୟ ଜଗତର ଯେଉଁ କ୍ରିୟା ତାହା ଭିତରୁ ଆମକୁ ନିଜ ଭିତରକୁ ଅପସରି ଆସିବାକୁ ହେବ । ଅର୍ଥାତ୍ ଆମକୁ ଅନ୍ତର୍ମୁଖୀ ହୋଇ ବାସ କରିବାକୁ ହେବ, ଏବଂ ଇନ୍ଦ୍ରିୟମାନେ ସ୍ୱଭାବତଃ ବାହ୍ୟ ବିଷୟ ପ୍ରତି ଯେଉଁ ଅନୁଧାବନ କରନ୍ତି ସେମାନଙ୍କୁ ସେଥିରୁ ନିବୃତ୍ତ କରି ଧରିରଖିବା ପାଇଁ ସକ୍ଷମ ହେବାକୁ ହେବ । ଇନ୍ଦ୍ରିୟମାନଙ୍କ ଉପରେ ପ୍ରଭୁତ୍ୱ, ଯେଉଁସବୁ ବସ୍ତୁ ପାଇଁ ସେମାନେ ଲାଳାୟିତ ସେସବୁ ବିନା ରହିପାରିବାର ସାମର୍ଥ୍ୟ – ଏହାହିଁ ହେଉଛି ଯଥାର୍ଥ ଅଧ୍ୟାତ୍ମ ଜୀବନର ପ୍ରଥମ ସର୍ତ୍ତ । କେବଳ ଏହିପରି ଭାବରେ ଆମେ ଅନୁଭବ କରିବାକୁ ଆରମ୍ଭ କରିବା ଯେ ଆମ ଭିତରେ ଏକ ଆତ୍ମା ଅଛି; ବାହ୍ୟ ବସ୍ତୁର ସ୍ପର୍ଶ ଗ୍ରହଣ କରି ମନର ଯେଉଁ ବିକାର ହୁଏ ତା'ଠାରୁ ସେ ଆତ୍ମା ସମ୍ପୂର୍ଣ୍ଣ ପୃଥକ୍, ଏହି ଆତ୍ମା ନିଜର ଗଭୀରତର ସତ୍ତାରେ ଏପରି ଏକ ସ୍ୱରୂପ ଲାଭକରେ ଯାହାକି ସ୍ୱପ୍ରତିଷ୍ଠ, ଅକ୍ଷର, ପ୍ରଶାନ୍ତ, ଆତ୍ମବଶ, ଗମ୍ଭୀର ଓ ସ୍ଥିର ସୁମହାନ୍, ତାହା ନିଜେ ନିଜର ପ୍ରଭୁ ଏବଂ ବାହ୍ୟ ପ୍ରକୃତିର ଇତସ୍ତତଃ ବ୍ୟଗ୍ର ଧାବନରେ ସମ୍ପୂର୍ଣ୍ଣ ଅବିଚଳିତ କିନ୍ତୁ ଯେତେଦିନ ପର୍ଯ୍ୟନ୍ତ ଆମେ ବାସନାର ଅଧୀନ ହୋଇଥିବୁ, ସେତେଦିନ ପର୍ଯ୍ୟନ୍ତ ଆମେ ଏହାକୁ ଉପଲବ୍ଧି କରିପାରିବୁ ନାହିଁ । କାରଣ ଏହି ବାସନାହିଁ ହେଉଛି ଆମ ସମଗ୍ର ବାହ୍ୟ ଜୀବନର ମୂଳ ତତ୍ତ୍ୱ, ଯାହାକି ଇନ୍ଦ୍ରିୟଗତ ଜୀବନରେହିଁ ସନ୍ତୁଷ୍ଟ ରହିଥାଏ ଏବଂ ରିପୁମାନଙ୍କ ଖେଳରେହିଁ ସର୍ବଦା ମତ୍ତ ରହିଥାଏ । ତେଣୁ ଆମକୁ ଏହି ବାସନାର କବଳରୁ ମୁକ୍ତ ହେବାକୁ ହେବ ଏବଂ ପ୍ରାକୃତ ସତ୍ତାର ଏହି ପ୍ରବୃତ୍ତି ନଷ୍ଟ ହୋଇଗଲେ ଏହାର ନାନା ମନୋବିକାର ଆବେଗ ଓ କାମ, କ୍ରୋଧ ଆଦି ଚିତ୍ତାବେଗ ସବୁ ମଧ୍ୟ ଶାନ୍ତ ହୋଇଯିବେ । କାରଣ ଲାଭ ଓ କ୍ଷତିରେ, ସଫଳତା ଓ ବିଫଳତାରେ, ପ୍ରିୟ ଓ ଅପ୍ରିୟର ସ୍ପର୍ଶ ଆଦିରେ ସୁଖ ଓ ଦୁଃଖବୋଧର ଯେଉଁ ଅନୁଭୂତି ହୋଇଥାଏ ତାହା ଆମର ଅନ୍ତର ଭିତରୁ ଦୂର ହୋଇଯିବ । ସେତେବେଳେ ଲାଭ ହେବ ଏକ ପ୍ରଶାନ୍ତ ସମତା ଏବଂ ଯେହେତୁ ସେତେବେଳେ ମଧ୍ୟ ଆମକୁ ଜୀବନଧାରଣ କରି ସଂସାରରେ ବାସ କରିବାକୁ ହେବ ଓ କର୍ମ କରିବାକୁ ହେବ ଏବଂ ଯେହେତୁ ଆମର ପ୍ରକୃତି ହେଉଛି ଏପରି ଯେ କର୍ମ କରିଲେହିଁ ଫଳର ଆକାଙ୍କ୍ଷାରେ କର୍ମ କରାହୁଏ, ତେଣୁ ଆମକୁ ସେହି ପ୍ରକୃତିକୁ ପରିବର୍ତ୍ତନ କରିବାକୁ ହେବ ଏବଂ ଫଳରେ କୌଣସି ଆସକ୍ତି ନରଖି କର୍ମ କରିବାକୁ ହେବ, ତା' ନହେଲେ ବାସନା ଏବଂ ବାସନାର ସମସ୍ତ ପରିଣତି ସେହିପରି ରହିଯିବ । କିନ୍ତୁ ଆମେ କିପରି ଭାବରେ ଆମ ଭିତରେ ଏହି କର୍ମର କର୍ତ୍ତା-ଭାବମୂଳକ ପ୍ରକୃତିକୁ ପରିବର୍ତ୍ତନ କରିପାରିବୁ ? କର୍ମକୁ ଅହଂ ଓ ବ୍ୟକ୍ତିସତ୍ତାଠାରୁ ପୃଥକ୍ କରିବାକୁ ହେବ, ବୁଦ୍ଧି ଦ୍ୱାରା ଦେଖିବାକୁ ହେବ ଯେ ଏସବୁ ହେଉଛି ପ୍ରକୃତିର ଗୁଣର ଖେଳା ଏବଂ ଆମର ଅନ୍ତରାତ୍ମାକୁ ଏହି ଖେଳରୁ ପୃଥକ୍ କରିବାକୁ

ହେବ । ପ୍ରଥମେ ତାହାକୁ ପ୍ରକୃତିର କର୍ମସବୁର ଦ୍ରଷ୍ଟାରେ ପରିଣତ କରିବାକୁ ହେବ ଏବଂ ଏହି ସମସ୍ତ କର୍ମକୁ ସେହି ଶକ୍ତି ହାତରେ ଛାଡ଼ି ଦେବାକୁ ହେବ ଯେଉଁ ଶକ୍ତି ପ୍ରକୃତରେ ଏହିସବୁ କର୍ମର ପଶ୍ଚାତରେ ରହିଛି, ପ୍ରକୃତି ମଧ୍ୟରେ ରହିଥିବା ସେହି ଶକ୍ତି ଆମ ଅପେକ୍ଷା ମହତ୍ତର, ତାହା ଆମର ବ୍ୟକ୍ତିସତ୍ତା ନୁହେଁ, ତାହା ହେଉଛି ସମଗ୍ର ବିଶ୍ୱର ପ୍ରଭୁ । କିନ୍ତୁ ମନ ଏସବୁ କରିବାକୁ ଦେବ ନାହିଁ, ଏହାର ସ୍ୱଭାବ ହେଉଛି ଇନ୍ଦ୍ରିୟମାନଙ୍କ ପଛରେ ଦଉଡ଼ିବା ଏବଂ ବୁଦ୍ଧି ଓ ଇଚ୍ଛାଶକ୍ତିକୁ ନିଜ ସଙ୍ଗରେ ଟାଣିନେବା । ତେଣୁ ଏଥିପାଇଁ ଆମକୁ ମନକୁ ସ୍ଥିର ଓ ନୀରବ କରିବା ପାଇଁ ଶିଖିବାକୁ ହେବ । ଆମକୁ ସେହି ପୂର୍ଣ୍ଣତମ ଶାନ୍ତି ଓ ନିସ୍ତବ୍ଧ ସ୍ଥିରତା ଲାଭ କରିବାକୁ ହେବ, ଯେଉଁଥିରେ ଆମେ ଆମ ଭିତରେ ଥିବା ସେହି ପ୍ରଶାନ୍ତ ନିଶ୍ଚଳ, ଆନନ୍ଦମୟ ଆତ୍ମାକୁ ଜାଣିପାରିବୁ, ଯେଉଁ ଆତ୍ମା ବସ୍ତୁମାନଙ୍କର ସ୍ପର୍ଶରେ ଚିର ଅକ୍ଷତ, ଚିର ଅବିଚଳିତ, ଯେ ନିଜ ଭିତରେହିଁ ନିଜେ ପୂର୍ଣ୍ଣ, ନିଜ ଭିତରେହିଁ ନିଜର ଚିରନ୍ତନ ତୃପ୍ତିଲାଭ କରେ ।

ଏହି ଆତ୍ମାହିଁ ହେଉଛି ଆମର ସ୍ୱପ୍ରତିଷ୍ଠ ସତ୍ତା । ଏହା ଆମର ବ୍ୟକ୍ତିଗତ ଅସ୍ତିତ୍ୱ ଦ୍ୱାରା ସୀମାବଦ୍ଧ ନୁହେଁ । ଏହା ସର୍ବଭୂତରେ ଏକ, ସର୍ବବ୍ୟାପୀ, ସମସ୍ତ ବସ୍ତୁ ପ୍ରତି ସମାନ, ନିଜର ଆନନ୍ତ୍ୟ ଭିତରେ ସମଗ୍ର ବିଶ୍ୱଲୀଳାକୁ ଧାରଣ କରିଛି, କିନ୍ତୁ କୌଣସି ସସୀମ ବସ୍ତୁ ଦ୍ୱାରା ସୀମିତ ନୁହେଁ ବା ପ୍ରକୃତି ଓ ବ୍ୟକ୍ତିତ୍ୱର ପରିବର୍ତ୍ତନରେ ଏହା ନିଜେ ପରିବର୍ତ୍ତିତ ହୁଏ ନାହିଁ । ଯେତେବେଳେ ଏହି ଆତ୍ମା ଆମ ଭିତରେ ପ୍ରକାଶିତ ହୁଏ, ଆମେ ଯେତେବେଳେ ଏହାର ଶାନ୍ତି ଓ ନିସ୍ତବ୍ଧତା ଅନୁଭବ କରୁ, ସେତେବେଳେ ଆମେ ଏହି ଆତ୍ମା ହୋଇଉଠି ପାରୁ, ଆମେ ଆମର ଅନ୍ତଃପୁରୁଷକୁ ପ୍ରକୃତି ମଧ୍ୟରେ ତାହାର ନିମ୍ନତର ଅବସ୍ଥାରୁ ଉତ୍ତୋଳିତ କରି ତାହାକୁ ଆତ୍ମା ମଧ୍ୟରେ ପୁନଃପ୍ରତିଷ୍ଠିତ କରିପାରୁ । ଆମେ ଏହା କରିପାରୁ ଆମେ ଯେଉଁସବୁ ବିଷୟ ଲାଭ କରିଥାଉ ସେହି ଶାନ୍ତି, ସମତା, ବିକ୍ଷୋଭହୀନ ନୈର୍ବ୍ୟକ୍ତିକତା ଆଦିର ଶକ୍ତି ଦ୍ୱାରା । କାରଣ ଆମେ ଯେତେ ଯେତେ ଏହିସବୁ ବିଷୟରେ ବର୍ଦ୍ଧିତ ହେଉଥାଉ, ନିଜ ଭିତରେ ଏଗୁଡ଼ିକର ଅଧିକ ପୂର୍ଣ୍ଣତା ସାଧନ କରିଥାଉ ଓ ଆମର ସମସ୍ତ ପ୍ରକୃତିକୁ ଏସବୁର ଅଧୀନ କରିଦେଉ, ଆମେ ସେତେ ସେତେ ଏହି ଶାନ୍ତି, ସମ, ବିକ୍ଷୋଭହୀନ, ନୈର୍ବ୍ୟକ୍ତିକ, ସର୍ବବ୍ୟାପୀ ଆତ୍ମା ହୋଇଉଠୁ । ଆମର ଇନ୍ଦ୍ରିୟସବୁ ସେହି ନିସ୍ତବ୍ଧତା ଲାଭକରନ୍ତି ଏବଂ ଆମ ଉପରେ ବାହ୍ୟ ଜଗତର ସ୍ପର୍ଶସବୁକୁ ପରମ ଶାନ୍ତିର ସହ ଗ୍ରହଣ କରନ୍ତି; ଆମର ମନ ଏହି ନିସ୍ତବ୍ଧତା ଲାଭ କରେ ଏବଂ ତାହା ପ୍ରଶାନ୍ତ ବିଶ୍ୱସାକ୍ଷୀ ହୋଇଉଠେ; ଆମର ଅହଂ ଏହି ନୈର୍ବ୍ୟକ୍ତିକ ସତ୍ତା ଭିତରେ ବିଲୀନ ହୋଇଯାଏ । ଆମେ ସ୍ୱୟଂ ଏହି ଯେଉଁ ଆତ୍ମା ହୋଇଉଠିଥାଉ, ସେହି ଆତ୍ମା ଭିତରେ ସମସ୍ତଙ୍କୁ ଦେଖୁ ଏବଂ ସମସ୍ତ ଭିତରେ ଏହି ଆତ୍ମାକୁ ଦେଖୁ ଏବଂ ସର୍ବଭୂତ ସହ ସେମାନଙ୍କ ଅଧ୍ୟାତ୍ମ ସତ୍ତାରେ ଆମେ

ଏକ ହୋଇଯାଉ । ଏହି ଅହଂଶୂନ୍ୟ ଶାନ୍ତି ଓ ନୈର୍ବ୍ୟକ୍ତିକତା ମଧ୍ୟରେ କର୍ମ କଲେ, ସେ କର୍ମ ଆଉ ଆମର କର୍ମହୋଇ ରହେ ନାହିଁ; ସେଗୁଡ଼ିକର କୌଣସି ପ୍ରତିକ୍ରିୟା ଆମକୁ ଆଉ ବଦ୍ଧ ବା ବିଚଳିତ କରେ ନାହିଁ । ପ୍ରକୃତି ଓ ତା'ର ଗୁଣସମୂହ ସେମାନଙ୍କର କର୍ମର ଜାଲ ବୁଣି ଚାଲନ୍ତି କିନ୍ତୁ ତା' ଆମର ଦୁଃଖରହିତ ସ୍ୱପ୍ରତିଷ୍ଠ ଶାନ୍ତିରେ କୌଣସି ବ୍ୟାଘାତ ଘଟାଏ ନାହିଁ । ସବୁକିଛି ସେହି ସମ ସର୍ବମୟ ବ୍ରହ୍ମରେ ଅର୍ପିତ ହୋଇଥାଏ ।

କିନ୍ତୁ ଏଠାରେ ଦୁଇଟି ଅସୁବିଧା ରହିଯାଉଛି । ପ୍ରଥମତଃ ଯେପରିକି ଏହି ଶାନ୍ତ, ଅକ୍ଷର ଆତ୍ମା ଓ ପ୍ରକୃତିର କର୍ମ – ଏହି ଦୁହିଁଙ୍କ ଭିତରେ ଏକ ବିରୋଧ ଥିଲା ପରି ମନେହୁଏ । ଥରେ ଆମେ ଏହି ଅକ୍ଷର ଆତ୍ମସତ୍ତା ଭିତରେ ପ୍ରବେଶ କରି ସାରିଲେ ତେଣିକି କର୍ମର ଅସ୍ତିତ୍ୱ କିପରି ସମ୍ଭବ ହେବ ବା ଆଉ କର୍ମ ଚାଲିବ କିପରି ? ସେଥିରେ କର୍ମର ସେହି ଇଚ୍ଛା କେଉଁଠି ଅଛି ଯାହାଦ୍ୱାରା ଆମର ପ୍ରକୃତିର କର୍ମ ସମ୍ଭବପର ? ଯଦି ଆମେ ସାଂଖ୍ୟ ଅନୁସାରେ କହୁ ଯେ ପ୍ରକୃତିରେହିଁ କର୍ମ ରହିଛି, ଆତ୍ମାରେ ନୁହେଁ; ତଥାପି ପ୍ରକୃତିରେ ତ ସେଥିପାଇଁ ଏକ ପ୍ରେରଣା ରହିବା ଆବଶ୍ୟକ ଏବଂ ପୁରୁଷକୁ ଅନୁରାଗ, ଅହଂ ଓ ଆସକ୍ତି ଦ୍ୱାରା ତା'ର କର୍ମ ମଧ୍ୟକୁ ଟାଣି ନେବା ପାଇଁ ପ୍ରକୃତିର କ୍ଷମତା ରହିବା ଆବଶ୍ୟକ । କିନ୍ତୁ ଯେତେବେଳେ ଏହିସବୁ ଜିନିଷ ଆଉ ଆତ୍ମାର ଚେତନାରେ ନିଜକୁ ପ୍ରତିଫଳିତ କରିପାରନ୍ତି ନାହିଁ, ସେତେବେଳେ ଆଉ ପ୍ରକୃତିର ଶକ୍ତି ନ ଥାଏ ଏବଂ ତହିଁ ସଙ୍ଗେ ସଙ୍ଗେ କର୍ମର ପ୍ରେରଣା ମଧ୍ୟ ବନ୍ଦ ହୋଇଯାଏ । କିନ୍ତୁ ଗୀତା ଏହି ମତ ଗ୍ରହଣ କରେ ନାହିଁ, ବସ୍ତୁତଃ ଏହି ମତ ଅନୁସାରେ ଅନେକ ପୁରୁଷଙ୍କର ଅସ୍ତିତ୍ୱକୁ ଗ୍ରହଣ କରିବାକୁ ହୁଏ, କେବଳ ଏକ ବିଶ୍ୱପୁରୁଷ ନୁହେଁ; ତା' ନହେଲେ କୌଣସି ଜୀବର ପୃଥକ୍ ଆତ୍ମାର ଅନୁଭୂତି ବା ଲକ୍ଷ ଲକ୍ଷ ଜୀବ ବଦ୍ଧ ହୋଇଥିଲା ବେଳେ ଗୋଟିଏ ଜୀବର ପୃଥକ୍ ମୁକ୍ତିକୁ ବୁଝିବା ଆଦୌ ସମ୍ଭବପର ହୁଅନ୍ତା ନାହିଁ । ପ୍ରକୃତି ଏକ ସ୍ୱତନ୍ତ୍ର ତତ୍ତ୍ୱ ନୁହେଁ, ତା' ହେଉଛି ବିଶ୍ୱସୃଷ୍ଟି ପାଇଁ ପ୍ରବୃତ୍ତ ପରମଙ୍କରହିଁ ଶକ୍ତି । କିନ୍ତୁ ପରମ ଯଦି କେବଳ ଏହି ଅକ୍ଷର ଆତ୍ମା ହୋଇଥା'ନ୍ତେ ଏବଂ ଜୀବ କେବଳ ଏପରି ଗୋଟିଏ ବସ୍ତୁ ହୋଇଥା'ନ୍ତା ଯାହାକି ତାଙ୍କଠାରୁ ବାହାରି, ତାଙ୍କ ଶକ୍ତି ଭିତରେ ଆବିର୍ଭୂତ ହୋଇଛି, ତା'ହେଲେ ଯେଉଁ ମୁହୂର୍ତ୍ତରେ ସେ ପ୍ରତ୍ୟାବୃତ୍ତ ହୋଇ ଆତ୍ମାରେ ନିଜର ପ୍ରତିଷ୍ଠା ଲାଭ କରନ୍ତା, ସେହି ମୁହୂର୍ତ୍ତରେ ସବୁକିଛି ବନ୍ଦ ହୋଇଯାଆନ୍ତା, କେବଳ ରହନ୍ତା ପରମ ଐକ୍ୟ ଓ ପରମ ନିସ୍ତବ୍ଧତା । ଦ୍ୱିତୀୟତଃ ଯଦି କୌଣସି ଗୂଢ଼ ରହସ୍ୟମୟ ଭାବରେ ତଥାପି କର୍ମ ଚାଲନ୍ତା, ତା'ହେଲେ ଯେହେତୁ ଆତ୍ମା ସମସ୍ତ ବସ୍ତୁ ପ୍ରତି ସମଭାବାପନ୍ନ ତେଣୁ ଆଦୌ କର୍ମ ହେଲା କି ନାହିଁ, ତା' ସଙ୍ଗରେ କିଛି ସମ୍ପର୍କ ନ ଥା'ନ୍ତା ବା ଯଦିବି କର୍ମ ଅନୁଷ୍ଠିତ ହୁଅନ୍ତା, ତେବେ କେଉଁ କର୍ମ କରାହେଲା ତା' ସଙ୍ଗରେ ବି କିଛି ସମ୍ପର୍କ ନଥା'ନ୍ତା । ତା'ହେଲେ ଏହି ମହାଘୋର

ଭୟଙ୍କର କର୍ମ କରିବାକୁ ପୁନଃ ପୁନଃ ଆଦେଶ କାହିଁକି ? ଏହି ରଥ, ଏହି ଯୁଦ୍ଧ, ଏହି ଯୋଦ୍ଧା, ଏହି ଦିବ୍ୟସାରଥି କାହିଁକି ?

ଗୀତା ଏହାର ଉତ୍ତରରେ ଦେଖାଇଛି ଯେ ଆତ୍ମାଠାରୁ ପରମ ଅକ୍ଷର ମହତ୍ତର, ଅଧିକତର ବ୍ୟାପକ, ଯିଏକି ଏକାଧାରରେ ଏହି ଆତ୍ମା ଏବଂ ପ୍ରକୃତିର କର୍ମର ଅଧୀଶ୍ୱର । କିନ୍ତୁ ସେ ପ୍ରକୃତିର କର୍ମକୁ ପରିଚାଳନା କରନ୍ତି ଶାଶ୍ୱତ ଶାନ୍ତି, ସମତା ତଥା କର୍ମ ଓ ବ୍ୟକ୍ତିତ୍ୱଠାରୁ ଊର୍ଦ୍ଧ୍ୱତର ଏକ ଭାବ ନେଇ ଯେଉଁ ଭାବଗୁଡ଼ିକ କି ଅକ୍ଷରର ଅନ୍ତର୍ଗତ । ଆମେ କହିପାରୁ ଯେ ଏହାହିଁ ହେଉଛି ସତ୍ତାର ସେହି ପ୍ରତିଷ୍ଠା (poise) ଯାହାଭିତରୁ ସେ କର୍ମର ପରିଚାଳନା କରନ୍ତି ଏବଂ ଏହି ପ୍ରତିଷ୍ଠାରେ ଗଢ଼ିଉଠିବା ଦ୍ୱାରାହିଁ ଆମେ ତାଙ୍କର ସତ୍ତାରେ ଓ ଦିବ୍ୟ କର୍ମର ପ୍ରତିଷ୍ଠାରେ ଗଢ଼ିଉଠିବୁ । ଅକ୍ଷରର ଏହି ପ୍ରତିଷ୍ଠା ଭିତରୁହିଁ ସେ ପ୍ରକୃତିରେ ତାଙ୍କ ସତ୍ତାର ସଙ୍କଳ୍ପ ଓ ଶକ୍ତିରୂପେ ବହିର୍ଗତ ହୁଅନ୍ତି, ସମଗ୍ର ସୃଷ୍ଟିରେ ନିଜକୁ ଅଭିବ୍ୟକ୍ତ କରନ୍ତି, ପୃଥିବୀରେ ମନୁଷ୍ୟ ରୂପେ ଜନ୍ମ ନିଅନ୍ତି, ମନୁଷ୍ୟଙ୍କ ହୃଦୟରେ ବିରାଜମାନ କରନ୍ତି, ଅବତାର ରୂପରେ ମନୁଷ୍ୟ ମଧ୍ୟରେ ଦିବ୍ୟଜନ୍ମ ରୂପେ ନିଜକୁ ପ୍ରକଟ କରନ୍ତି ଏବଂ ମନୁଷ୍ୟ ଯେତେବେଳେ ତାଙ୍କର ସତ୍ତାରେ ଗଢ଼ିଉଠେ, ସେ ଏହି ଦିବ୍ୟଜନ୍ମରେହିଁ ଗଢ଼ିଉଠେ । ଆମ କର୍ମର ଏହି ଅଧୀଶ୍ୱରଙ୍କ ଉଦ୍ଦେଶ୍ୟରେ ଯଜ୍ଞ ରୂପେହିଁ ଆମକୁ କର୍ମ କରିବାକୁ ହେବ, ଏବଂ ଆତ୍ମାରେ ବିକଶିତ ହୋଇ ଉଠିବା ଦ୍ୱାରା ଆମ ସତ୍ତାରେ ତାଙ୍କ ସହିତ ଏକତ୍ୱ ଉପଲବ୍ଧି କରିବାକୁ ହେବ, ଏବଂ ଆମ ବ୍ୟକ୍ତିତ୍ୱକୁ ଦେଖିବାକୁ ହେବ ପ୍ରକୃତିରେ ତାଙ୍କରି ଏକ ଆଂଶିକ ଅଭିବ୍ୟକ୍ତି ରୂପେ । ସତ୍ତାରେ ତାଙ୍କ ସହିତ ଏକ ହୋଇ ଆମେ ବିଶ୍ୱର ସମସ୍ତ ଜୀବଙ୍କ ସହ ଏକ ହୋଇଉଠିବା ଏବଂ ଦିବ୍ୟକର୍ମ କରିବା, ଆମ ନିଜର କର୍ମରୂପେ ନୁହେଁ ବରଂ ଲୋକପାଳନ ଓ ଲୋକସଂଗ୍ରହ ନିମନ୍ତେ ଆମ ଭିତରେ ତାଙ୍କର କର୍ମରୂପେ ।

ଏହାକୁ ସମ୍ପନ୍ନ କରିବାହିଁ ହେଲା ପ୍ରଧାନ କଥା, ଏବଂ ଥରେ ଏଇଟି ସମ୍ପନ୍ନ ହେଲେ ଅର୍ଜୁନଙ୍କ ଆଗରେ ଯେଉଁସବୁ ସମସ୍ୟା ଦେଖା ଦେଇଛି ତାହା ଦୂର ହୋଇଯିବ । ସମସ୍ୟାଟି ସେତେବେଳେ ଆଉ ଆମର ବ୍ୟକ୍ତିଗତ କର୍ମର ସମସ୍ୟା ହୋଇ ରହିବ ନାହିଁ, କାରଣ ଯାହା ନେଇ ଆମର ବ୍ୟକ୍ତିତ୍ୱ ଗଠିତ ତାହା ସେତେବେଳେ ସାମୟିକ ଓ ଅଧସ୍ତନ ବସ୍ତୁ ହୋଇପଡ଼େ । ସେତେବେଳେ ପ୍ରଶ୍ନଟି ହେଉଛି ଆମ ଭିତର ଦେଇ ବିଶ୍ୱରେ ଭଗବାନଙ୍କ ଇଚ୍ଛା କ୍ରିୟା କରିବାର ପ୍ରଶ୍ନ । ତାହା ବୁଝିବାକୁ ହେଲେ ଆମକୁ ବୁଝିବାକୁ ହେବ ଏହି ପରମ ପୁରୁଷ ସ୍ୱୟଂ କିଏ, ଓ ପ୍ରକୃତି ଭିତରେ ତାଙ୍କର ସ୍ୱରୂପ କ'ଣ, ପ୍ରକୃତିର କର୍ମ କ'ଣ ଏବଂ ତାହାର ଲକ୍ଷ୍ୟ କ'ଣ, ପ୍ରକୃତି ଭିତରେ ଥିବା ପୁରୁଷ ଓ ଏହି ପରମ ପୁରୁଷଙ୍କ ଭିତରେ ଯେଉଁ ଅନ୍ତରଙ୍ଗ ସମ୍ବନ୍ଧ, ଯାହାର ଭିତ୍ତି ହେଲା ଜ୍ଞାନଯୁକ୍ତ ଭିତ୍ତି, ତାହାର ସ୍ୱରୂପ କ'ଣ । ଏହିସବୁ ପ୍ରଶ୍ନ ଉପରେହିଁ ଗୀତାର ଅବଶିଷ୍ଟ ଅଂଶରେ ଆଲୋଚନା କରାଯାଇଛି ।